


শ্রীঅরবিন্দ

বেদরহস্য
(পূর্বার্দ্ধ)

নবজ্যোতি কার্য্যালয়, শ্রীঅরবিন্দ আশ্রম
পণ্ডিচেরী

ବେଦରହସ୍ୟ (ପୂର୍ବାର୍ଦ୍ଧ) (ଓଡ଼ିଆ)
ଶ୍ରୀଅରବିନ୍ଦଙ୍କ 'The Secret of the Veda' (ପ୍ରଥମ ଓ ଦ୍ୱିତୀୟ ଭାଗର ଓଡ଼ିଆ ଅନୁବାଦ)

ଅନୁବାଦ (ପ୍ରଥମ ଭାଗ) : ଚକ୍ରଧର ଦାଶ (ଜଟଣୀ, ଓଡ଼ିଶା)
ଅନୁବାଦ (ଦ୍ୱିତୀୟ ଭାଗ) : ମଧୁସୂଦନ ମହାପାତ୍ର (ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ)

ପ୍ରଥମଭାଗର ମୁଦ୍ରଣ ୨୦୧୭
ପ୍ରଥମ ପରିବର୍ଦ୍ଧିତ ସଂସ୍କରଣ (ପ୍ରଥମ ଓ ଦ୍ୱିତୀୟ ଭାଗ) ୨୦୨୩

ISBN 978-93-5210-291-4

Rs. 500

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ୨୦୧୭, ୨୦୨୩

ପ୍ରକାଶକ
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

Vedarahasya (Purvardha) (Odia)
The Secret of the Veda (Parts One and Two) by Sri Aurobindo

Part One translated by Chakradhara Dash (Jatani, Odisha)
Part Two translated by Madhusudan Mohapatra
(Sri Aurobindo Ashram, Pondicherry)

Part One published in 2017
First enlarged edition of Parts One and Two in 2023

© Sri Aurobindo Ashram Trust 2017, 2023

Published by Navajyoti Publication
A unit of Sri Aurobindo Ashram Publication Department
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

ସୂଚନା

ଶ୍ରୀଅରବିନ୍ଦଙ୍କ The Secret of the Veda, CWSA, Vol. 15 ଗ୍ରନ୍ଥର ଓଡ଼ିଆ ଅନୁବାଦ ପ୍ରୟାସରେ ୨୦୧୭ ମସିହାରେ ଆମେ ''ବେଦରହସ୍ୟ (ପ୍ରଥମ ଭାଗ)'' ପ୍ରକାଶ କରିଥିଲୁ । ଜଟଣୀ ନିବାସୀ ଵଚକ୍ରଧର ଦାଶ ଥିଲେ ଏହାର ଅନୁବାଦକ ଏବଂ ''ନବଜ୍ୟୋତି'' (ତ୍ରୈମାସିକ) ପତ୍ରିକାରେ ୨୦୦୫ ଫେବ୍ରୁଆରୀରୁ ୨୦୧୪ ନଭେମ୍ବର ପର୍ଯ୍ୟନ୍ତ ଏହା ଧାରାବାହିକ ଭାବେ ପ୍ରକାଶ ପାଇଥିଲା । ପୁସ୍ତକଟି ଖୁବ୍ ଶୀଘ୍ର ବିକ୍ରୀତ ହୋଇଯିବାରୁ ଏହା ଦ୍ୱିତୀୟ ମୁଦ୍ରଣ ଅପେକ୍ଷାରେ ଥିଲା । ଇତି ମଧ୍ୟରେ ଏହାର ଦ୍ୱିତୀୟ ଭାଗର ଅନୁବାଦ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଯାଇଛି, ଏବଂ ଏହା ''ନବଜ୍ୟୋତି''ରେ ୨୦୧୫ ଫେବ୍ରୁଆରୀରୁ ୨୦୨୧ ଫେବ୍ରୁଆରି ସଂଖ୍ୟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ପ୍ରକାଶ ପାଇ ଆସିଥିଲା । ପ୍ରଥମ ମୁଦ୍ରଣ ବେଳେ ଆମେ ମଧ୍ୟ ଏହାର ସାମାନ୍ୟ ସୂଚନା ଦେଇଥିଲୁ । ସେହି ଦୃଷ୍ଟିରୁ ଏହା ଅବଶ୍ୟ ଏକ ଖୁସିର ବିଷୟ ଯେ ଏହି ପରିବର୍ଦ୍ଧିତ ସଂସ୍କରଣରେ ପାଠକମାନେ ପ୍ରଥମ ଓ ଦ୍ୱିତୀୟ ଭାଗକୁ ଏକ ସଙ୍ଗେ ଅଧ୍ୟୟନ କରିବାର ସୁଯୋଗ ଲାଭ କରିବେ ।

ପ୍ରକାଶ ଥାଉ କି, ଦ୍ୱିତୀୟ ଭାଗର ସମାପ୍ତି ପରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ — ''...ଏଥିରେ ମୋର ଲକ୍ଷ୍ୟ ଥିଲା ସଂକ୍ଷେପରେ ଯେତେଦୂର ସମ୍ଭବ... ପ୍ରକୃତ ଉଦାହରଣ ସହିତ ବେଦରହସ୍ୟକୁ ସ୍ପଷ୍ଟ କରିବା...'' ଅର୍ଥାତ୍ ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ପ୍ରଥମ ଭାଗର ୨୩ଟି ଅଧ୍ୟାୟରେ ପ୍ରବନ୍ଧାକାରରେ ସେ ବେଦର ନୂତନ ଆଧ୍ୟାତ୍ମିକ ତତ୍ତ୍ୱ ଯାହା ଅଭିବ୍ୟକ୍ତ କରିଛନ୍ତି ତାହାକୁ କେତେକ ନିର୍ବାଚିତ ସୂକ୍ତ ମଧ୍ୟରେ ପ୍ରମାଣସିଦ୍ଧ କରିବା । ସ୍ଥାନେ ସ୍ଥାନେ ସେ ସାୟଣାଚାର୍ଯ୍ୟଙ୍କ ମତକୁ ନେଇ ମଧ୍ୟ ମତାମତ ଦେଇଛନ୍ତି । ସେହି ହେତୁ ଏହି ପ୍ରକାଶନରେ ପ୍ରଥମ ଭାଗ ସହିତ ଦ୍ୱିତୀୟ ଭାଗର ଅବସ୍ଥିତି ଜରୁରି ଥିଲା ଏବଂ ତାହା ବର୍ତ୍ତମାନ ସମ୍ପନ୍ନ ହୋଇଛି ।

ଏହି ଦ୍ୱିତୀୟ ଭାଗରେ ସମୁଦାୟ ୧୩ଟି ବୈଦିକ ସୂକ୍ତର ଅନୁବାଦ ଓ ଭାଷ୍ୟ ରହିଛି । ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ଓଡ଼ିଆ ଅନୁବାଦ କରିବା ବେଳେ ଅନୁବାଦକ ମନ୍ତ୍ରାଂଶଗୁଡ଼ିକୁ ବନ୍ଧନୀ ମଧ୍ୟରେ ସ୍ଥାନିତ କରିଛନ୍ତି ଏବଂ ତାହା ଅନ୍ୱୟ କ୍ରମରେ ରହିଛି । ବେଦର ଗବେଷକଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହେବ ।

— ପ୍ରକାଶକ

ସୂଚୀପତ୍ର

(ପ୍ରଥମ ଭାଗ)

ବିଷୟ						ପୃଷ୍ଠା
ପ୍ରଥମ ଅଧ୍ୟାୟ						
	ସମସ୍ୟା ଓ ତାହାର ସମାଧାନ	...	...	...	...	୧
ଦ୍ୱିତୀୟ ଅଧ୍ୟାୟ						
	ବେଦତତ୍ତ୍ୱ : ଏକ ସିଂହାବଲୋକନ		...	...	...	୧୦
ତୃତୀୟ ଅଧ୍ୟାୟ						
	ଆଧୁନିକ ମତ	...	...	...	...	୨୮
ଚତୁର୍ଥ ଅଧ୍ୟାୟ						
	ଆଧ୍ୟାତ୍ମିକ ସିଦ୍ଧାନ୍ତର ଆଧାର	...	...	...	...	୪୦
ପଞ୍ଚମ ଅଧ୍ୟାୟ						
	ବେଦର ଭାଷାତାତ୍ତ୍ୱିକ ପଦ୍ଧତି	...	...	...	...	୫୬
ଷଷ୍ଠ ଅଧ୍ୟାୟ						
	ଅଗ୍ନି ଓ ସତ୍ୟ	...	...	...	...	... ୬୭
ସପ୍ତମ ଅଧ୍ୟାୟ						
	ମିତ୍ରାବରୁଣ ଓ ସତ୍ୟ	...	...	...	...	... ୮୦
ଅଷ୍ଟମ ଅଧ୍ୟାୟ						
	ଅଶ୍ୱିନୌ – ଇନ୍ଦ୍ର – ବିଶ୍ୱଦେବାଃ		...	...	...	୯୧
ନବମ ଅଧ୍ୟାୟ						
	ସରସ୍ୱତୀ ଓ ତାଙ୍କ ସହଚାରିଣୀବୃନ୍ଦ		...	...	...	୧୦୫
ଦଶମ ଅଧ୍ୟାୟ						
	ସମୁଦ୍ର ଓ ନଦୀମାନଙ୍କ ରୂପକଳ୍ପ		...	...	...	୧୧୬
ଏକାଦଶ ଅଧ୍ୟାୟ						
	ସପ୍ତନଦୀ	...	...	...	...	... ୧୨୭

ଦ୍ୱାଦଶ ଅଧ୍ୟାୟ

ଉଷାଙ୍କ ଗୋଯୂଥ ୧୪୫

ତ୍ରୟୋଦଶ ଅଧ୍ୟାୟ

ଉଷା ଓ ସତ୍ୟ ୧୫୫

ଚତୁର୍ଦ୍ଦଶ ଅଧ୍ୟାୟ

ଗୋ ଏବଂ ଆଙ୍ଗିରସ ଉପାଖ୍ୟାନ ୧୬୨

ପଞ୍ଚଦଶ ଅଧ୍ୟାୟ

ନିଖୋଜ ସୂର୍ଯ୍ୟ ଓ ନିଖୋଜ ଗୋବୃନ୍ଦ ୧୭୭

ଷୋଡ଼ଶ ଅଧ୍ୟାୟ

ଅଙ୍ଗିରସ ଋଷିବୃନ୍ଦ ୧୯୦

ସପ୍ତଦଶ ଅଧ୍ୟାୟ

ସପ୍ତଶୀର୍ଷୀ ଧୀ, ସ୍ୱର୍ ଓ ଦଶଗ୍ୱ ଋଷିବୃନ୍ଦ ୨୦୭

ଅଷ୍ଟାଦଶ ଅଧ୍ୟାୟ

ମାନୁଷ ପିତୃଗଣ ୨୨୩

ଊନବିଂଶ ଅଧ୍ୟାୟ

ପିତୃଗଣଙ୍କ ବିଜୟ ୨୩୯

ବିଂଶ ଅଧ୍ୟାୟ

ସ୍ୱର୍ଗଶୁନୀ ସରମା ୨୫୫

ଏକବିଂଶ ଅଧ୍ୟାୟ

ଅନ୍ଧକାରର ସନ୍ତାନଗଣ ୨୭୨

ଦ୍ୱାବିଂଶ ଅଧ୍ୟାୟ

'ଦସ୍ୟୁ'ମାନଙ୍କ ଉପରେ ବିଜୟ ୨୮୪

ତ୍ରୟୋବିଂଶ ଅଧ୍ୟାୟ

ସିଦ୍ଧାନ୍ତଗୁଡ଼ିକର ସାର ୨୯୮

(ଦ୍ୱିତୀୟ ଭାଗ)

ବିଷୟ — ପୃଷ୍ଠା

ଅଧ୍ୟାୟ — ୧

ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦ ୩୦୯
(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୭୦, ଋଷି : ଅଗସ୍ତ୍ୟ ମୈତ୍ରାବରୁଣି)

ଅଧ୍ୟାୟ — ୨

ଜ୍ୟୋତିର୍ଦ୍ଦାତା ଇନ୍ଦ୍ର ୩୧୪
(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୪, ଋଷି : ମଧୁଚ୍ଛନ୍ଦା ବୈଶ୍ୱାମିତ୍ର)

ଅଧ୍ୟାୟ — ୩

ଇନ୍ଦ୍ର ଓ ତାଙ୍କର ବିଚାରଶକ୍ତିଗଣ ୩୨୬
(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୭୧, ଋଷି : ଅଗସ୍ତ୍ୟ ମୈତ୍ରାବରୁଣି)

ଅଧ୍ୟାୟ — ୪

ଅଗ୍ନି : ତେଜୋମୟ କ୍ରତୁ ୩୩୯
(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୭୭, ଋଷି : ପରାଶର ଶାକ୍ତ୍ୟ)

ଅଧ୍ୟାୟ — ୫

ସୂର୍ଯ୍ୟ ସବିତା — ସ୍ରଷ୍ଟା ଓ ପୋଷକ ୩୫୧
(ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୧, ଋଷି : ଗୋତମ ରାହୂଗଣ)

ଅଧ୍ୟାୟ — ୬

ଦିବ୍ୟ ଉଷା ୩୬୨
(ଋଗ୍‌ବେଦ : ମଣ୍ଡଳ - ୩, ସୂକ୍ତ : ୬୧, ଋଷି : ବିଶ୍ୱାମିତ୍ର)

ଅଧ୍ୟାୟ – ୭

ଭଗ ସବିତା, ଯେ ଭୋକ୍ତା – ତାଙ୍କ ଉଦ୍ଦେଶ୍ୟରେ ... ୩୭୦
(ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୨, ଋଷି : ଶ୍ୟାବାଶ୍ୱ ଆତ୍ରେୟ)

ଅଧ୍ୟାୟ – ୮

ବାୟୁ, ପ୍ରାଣଶକ୍ତିମାନଙ୍କ ଦେବତା ୩୭୯
(ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୮, ଋଷି : ବାମଦେବ)

ଅଧ୍ୟାୟ – ୯

ବୃହସ୍ପତି, ଆତ୍ମାର ଶକ୍ତି ୩୯୦
(ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ)

ଅଧ୍ୟାୟ – ୧୦

ଅଶ୍ୱିନୌ, ଆନନ୍ଦର ଦେବଦ୍ୱୟ ୪୦୫
(ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୫, ଋଷି : ବାମଦେବ)

ଅଧ୍ୟାୟ – ୧୧

ଋଭୁଗଣ – ଅମୃତତ୍ୱର ଶିଳ୍ପିଗଣ ୪୧୮
(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୨୦, ଋଷି : ମେଧାତିଥି କାଣ୍ୱ)

ଅଧ୍ୟାୟ – ୧୨

ବିଷ୍ଣୁ – ସର୍ବବ୍ୟାପୀ ଦେବ ୪୨୬
(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୫୪, ଋଷି : ଦୀର୍ଘତମାଃ ଔଚଥ୍ୟ)

ଅଧ୍ୟାୟ – ୧୩

ସୋମ, ଆନନ୍ଦ ଓ ଅମୃତତ୍ୱର ଅଧିଷ୍ଠିତ ଦେବ ... ୪୩୭
(ଋଗ୍‌ବେଦ : ମଣ୍ଡଳ - ୯, ସୂକ୍ତ : ୮୩ : ଋଷି : ପବିତ୍ର ଆଙ୍ଗିରସଃ)

❖

ପ୍ରଥମ ଅଧ୍ୟାୟ

ସମସ୍ୟା ଓ ତାହାର ସମାଧାନ

ବେଦରେ କୌଣସି ରହସ୍ୟ ଅଛି କି, ଅଥବା ଏପର୍ଯ୍ୟନ୍ତ ଆବିଷ୍କାର ପାଇଁ କୌଣସି ରହସ୍ୟ ରହିଯାଇଛି କି ?

ପ୍ରଚଳିତ ଧାରଣା ହେଲା, ସେଇ ପୁରାତନ ରହସ୍ୟର ମର୍ମ ଉଦ୍‌ଘାଟିତ ହୋଇଯାଇଛି ଓ ତାହାକୁ ସମସ୍ତଙ୍କ ଦୃଷ୍ଟି ସମକ୍ଷରେ ବିମୋଚିତ କରିଦିଆ ଯାଇଛି, କିଂବା କୁହାଯାଇପାରେ ବେଦରେ କେବେ ବି କୌଣସି ରହସ୍ୟ ନ ଥିଲା । ବେଦର ସୂକ୍ତ-ସମୂହ ହେଉଛି ଏକ ଆଦିମ ଓ ତଥାପି ବର୍ବର ଭାବରେ ବଞ୍ଚୁଥିବା ଜାତିର ବଳିପୂଜା ପ୍ରଭୃତି ସମ୍ବନ୍ଧୀୟ ରଚନା, ଯେଉଁଥିରେ ଯଜ୍ଞୋତ୍ସବ ଓ ଶାନ୍ତୀକରଣ ବିଧିକୁ କେନ୍ଦ୍ରରେ ରଖି ପ୍ରାକୃତିକ ମହାଶକ୍ତିମାନଙ୍କୁ ଜଣେ ଜଣେ ବ୍ୟକ୍ତିଭାବେ ସମ୍ବୋଧନ କରାଯାଇଛି ଏବଂ ସେଥିରେ ପୂରି ରହିଛି ଅର୍ଦ୍ଧଗଠିତ ଅବ୍ୟବସ୍ଥିତ ନାନା ରୂପକଥା ଓ ଗଢ଼ି ଉଠୁଥିବା ଜ୍ୟୋତିର୍ବିଦ୍ୟା-ସମ୍ବନ୍ଧୀୟ ଉପକଥାମାନ । କେବଳ ଅନ୍ତିମ ଭାଗସ୍ଥ ସୂକ୍ତମାନଙ୍କରେ ଗଭୀର ମନସ୍ତାତ୍ତ୍ୱିକ ଓ ନୈତିକ ଧାରଣାର ପ୍ରଥମ ଆବିର୍ଭାବ ଦେଖିବାକୁ ମିଳୁଥିବାରୁ କେହି କେହି ମନେ କରନ୍ତି, ଏର ସବୁ ସୂକ୍ତରେ ଖୋଲାଖୋଲି ନିନ୍ଦା କରାଯାଇଥିବା 'ଦସ୍ୟୁ' ଓ 'ବେଦବିଦ୍ୱେଷୀ' ଦ୍ରାବିଡ଼ମାନଙ୍କଠାରୁ ସେସବୁକୁ ଗ୍ରହଣ କରାଯାଇଛି । ଯେଉଁ ସୂତ୍ରରୁ ଆସିଥାଉ ପଛକେ ସେଗୁଡ଼ିକ ହେଉଛନ୍ତି ପରବର୍ତ୍ତୀ କାଳର ବୈଦାନ୍ତିକ ବିଚାରର ମୂଳବୀଜ । ଏର ଆଧୁନିକ ମତବାଦ ଗ୍ରହଣ କରେ ଯେ ମନୁଷ୍ୟର ତ୍ୱରିତ ବିବର୍ତ୍ତନ ଘଟିଛି ଏବେକାର ଅସଭ୍ୟମାନଙ୍କ ଭିତରୁ । ଟିକିନିଖି ଭାବରେ କରାଯାଉଥିବା ଏକ ଅନୁସନ୍ଧାନ-ନିଃସୃତ ଦୃଢ଼ ତଥ୍ୟଗୁଡ଼ିକ ଦ୍ୱାରା ଏହା ସମର୍ଥିତ ହୋଇଛି ଓ ବହୁସଂଖ୍ୟକ ତଥାକଥିତ ବିଜ୍ଞାନମତ ଏହାକୁ ପରିପୁଷ୍ଟ କରିଛନ୍ତି; ଦୁର୍ଭାଗ୍ୟବଶତଃ ଏଇ ବିଜ୍ଞାନମାନ ଏବେ ବି ଅପରିପକ୍ୱ ଓ ଏମାନଙ୍କର ପ୍ରଣାଳୀଗୁଡ଼ିକ ଅସ୍ଥିର ଓ ସିଦ୍ଧାନ୍ତଗୁଡ଼ିକ ପରିବର୍ତ୍ତନଶୀଳ । ସେଇ ତଥ୍ୟଗୁଡ଼ିକର ଉତ୍ସସ୍ଥଳ ହେଉଛି — ତୁଳନାତ୍ମକ ଭାଷାବିଜ୍ଞାନ, ତୁଳନାତ୍ମକ ପୁରାଣଗାଥା ଏବଂ ତୁଳନାତ୍ମକ ଧର୍ମବିଚାର ।

ଏହି ଅଧ୍ୟାୟଗୁଡ଼ିକରେ ଏହି ସମସ୍ତ ପୁରାତନ ସମସ୍ୟା ସମ୍ପର୍କରେ ଗୋଟିଏ ନୂତନ ଦୃଷ୍ଟିକୋଣ ଉପସ୍ଥାପନ କରିବା ମୋର ଉଦ୍ଦେଶ୍ୟ । ପ୍ରଚଳିତ ସମାଧାନଗୁଡ଼ିକର ବିରୋଧରେ କୌଣସି ନେତିବାଚକ ଓ ଖଣ୍ଡନାତ୍ମକ ପ୍ରଣାଳୀ ଅବଲମ୍ବନ କରିବା ମୋର ଉଦ୍ଦେଶ୍ୟ

ନୁହେଁ । କେବଳ ବ୍ୟାପକତର ଭିତ୍ତି ଉପରେ ପ୍ରତିଷ୍ଠିତ ଗୋଟିଏ ନିର୍ଦ୍ଦିଷ୍ଟ ଗଠନମୂଳକ ଓ ଏକପ୍ରକାର ପରିପୂରକ ତାତ୍ତ୍ୱିକ ପ୍ରକଳ୍ପ ମୁଁ ଉପସ୍ଥାପନ କରିବି, ଯାହା ପ୍ରସଙ୍ଗତଃ ପ୍ରାଚୀନ ଚିନ୍ତାଧାରା ଓ ଧର୍ମବିଶ୍ୱାସ ସମ୍ବନ୍ଧୀୟ ଇତିହାସର ଗୋଟିଏ ବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ କିଛି ଆଲୋକପାତ କରିବ । ସାଧାରଣ ଗବେଷଣା-ତତ୍ତ୍ୱମାନଙ୍କରେ ସେଗୁଡ଼ିକର ସମାଧାନ ଯଥେଷ୍ଟ ଭାବରେ ହୋଇପାରି ନାହିଁ ।

ଇଉରୋପୀୟ ବିଦ୍ୱାନ୍‌ମାନଙ୍କ ଆକଳନ ଅନୁସାରେ ପ୍ରକୃତ ଓ ଏକମାତ୍ର ବେଦ ବୋଲି କୁହାଯାଉଥିବା ଋଗ୍‌ବେଦରେ ଆମେ ଯେଉଁ ଯାଜ୍ଞିକ ସୂକ୍ତସମୂହର କଳେବର ଦେଖିବାକୁ ପାଉ ଏହାର ଭାଷା ଏତେ ପୁରୁଣା ଯେ ତାହାକୁ ଭେଦିବା ପାଇଁ ଆମକୁ ବହୁ ଅସାଧ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ବେଦର ଭାଷା ଏପରିସବୁ ପ୍ରାଚୀନ ଧରଣର ବାକ୍ୟଗଠନ ତଥା ପ୍ରାଚୀନ ପଦାବଳୀରେ ଭରା ଯାହା ପରବର୍ତ୍ତୀ ସମୟର ଭାଷାରେ ଦେଖିବାକୁ ମିଳେ ନାହିଁ ଏବଂ ସେଗୁଡ଼ିକର ଅର୍ଥକୁ ଯୁକ୍ତିଯୋଗ୍ୟ ଅନୁମାନ ସାହାଯ୍ୟରେ ତଥାପି ସଂଶୟ ରଖିହିଁ ସ୍ୱୀକାର କରିବାକୁ ହୋଇଥାଏ । ଏଥିରେ ଏପରି ବହୁତ ଶବ୍ଦ ରହିଛି ଯାହା ଉଚ୍ଚାଙ୍ଗ ସଂସ୍କୃତ ରଚନାରେ ସମାନ ଭାବରେ ଦେଖିବାକୁ ମିଳେ । କିନ୍ତୁ ଏଗୁଡ଼ିକ ଯେଉଁ ତାତ୍ପର୍ଯ୍ୟ ବହନ କରୁଛନ୍ତି, ମନେହୁଏ ପରବର୍ତ୍ତୀ ସାହିତ୍ୟିକ ଭାଷାରେ ଏଗୁଡ଼ିକ ତା' ଅପେକ୍ଷା ଭିନ୍ନ ଏକ ତାତ୍ପର୍ଯ୍ୟ ବହନ କରେ ଅଥବା ଅନ୍ତତଃ ସେହି ଅର୍ଥକୁ ସ୍ୱୀକାର କରେ । ଏବଂ କେତେଗୁଡ଼ିଏ ଅତି ପ୍ରଚଳିତ ବହୁଭାବସୂଚକ ଶବ୍ଦ (multitude of vocables) ଏଥିରେ ରହିଛି ଯାହାକି ଅର୍ଥବୋଧ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ, ସେଗୁଡ଼ିକର ଅସମ୍ବନ୍ଧିତ ତାତ୍ପର୍ଯ୍ୟର ସଂଖ୍ୟା ଗଣନା କଲେ ଆମକୁ ଆଶ୍ଚର୍ଯ୍ୟ ଲାଗିବ ଏବଂ ଆମର ରୁଚି ଅନୁସାରେ ଆମେ ଯଦି ସେଥିରୁ ଅର୍ଥ ବାଛିପାରୁ, ତେବେ ସମଗ୍ର ଅଧ୍ୟାୟ, ସମ୍ପୂର୍ଣ୍ଣ ସୂକ୍ତ, ଏପରିକି ବେଦର ସଂପୂର୍ଣ୍ଣ ଭାବକୁ ଏହା ଏକ ଭିନ୍ନ ରଙ୍ଗରେ ରଞ୍ଜିତ କରିବାରେ ସମର୍ଥ ହେବ । ହଜାର ହଜାର ବର୍ଷ ମଧ୍ୟରେ ଏହି ସୁପ୍ରାଚୀନ ସୂକ୍ତଗୁଡ଼ିକର ଅର୍ଥ ନିର୍ଣ୍ଣୟ କରିବା ନିମନ୍ତେ ଅନ୍ତତଃ ତିନୋଟି ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା କରାଯାଇଛି । ସେଗୁଡ଼ିକରୁ ପ୍ରତ୍ୟେକଟିର ପ୍ରଣାଳୀ ଓ ସିଦ୍ଧାନ୍ତ ଅନ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏହା ମଧ୍ୟରୁ ଗୋଟିଏ ହେଉଛି ପ୍ରାଗୈତିହାସିକ ଯୁଗର 'ବ୍ରାହ୍ମଣ' ଓ 'ଉପନିଷଦ' ଗ୍ରନ୍ଥଗୁଡ଼ିକ, ଏଥିରେ ଏହାର ଅସମ୍ପୂର୍ଣ୍ଣ ଅଭିବ୍ୟକ୍ତି ଦେଖିବାକୁ ମିଳେ । ଅନ୍ୟଟି ହେଉଛି ଭାରତୀୟ ବିଦ୍ୱାନ୍ ସାୟଣଙ୍କର ପାରମ୍ପରିକ ବିଚାର-ସମ୍ବଳିତ ସମଗ୍ର ଭାଷ୍ୟ । ଏବଂ ଶେଷରେ, ଆମରି ଯୁଗରେ ଉପଲବ୍ଧ ଇଉରୋପୀୟ ବିଦ୍ୱାନ୍‌ମାନଙ୍କର ବହୁ ଆୟାସସାଧ୍ୟ ତୁଳନା ଓ ଅନୁମାନ ଉପରେ ପ୍ରତିଷ୍ଠିତ ବ୍ୟାଖ୍ୟା । ଏ ଉଭୟ ବ୍ୟାଖ୍ୟାର ରୀତି ପ୍ରାୟ ସମାନ । ଏମାନଙ୍କ ସିଦ୍ଧାନ୍ତସମୂହ ଏହି ଅତି ପ୍ରାଚୀନ ସୂକ୍ତଗୁଡ଼ିକ ଉପରେ ଅତିଶୟ ଅସଙ୍ଗତି ଓ

ଅର୍ଥଦାରିଦ୍ର୍ୟର ଏକ ସ୍ପଷ୍ଟ ଚିହ୍ନ ଅଙ୍କନ କରିଛି । ସ୍ୱାଭାବିକ ଭାବରେ ହେଉ ବା ଅନୁମାନ ଦ୍ୱାରା ବଳପୂର୍ବକ ହେଉ, ଭିନ୍ନ ଏକ ମାର୍ଗରେ ମନ୍ତ୍ରଗୁଡ଼ିକର ଗୋଟିଏ ଭଲ ଅର୍ଥ କିଂବା ଏକ ସଙ୍ଗତ ଅର୍ଥ କରାଯାଇପାରେ । ତା'ଫଳରେ ଯେଉଁ ବାଗ୍‌ବିନ୍ୟାସର ଶୈଳୀ ପ୍ରକାଶ ପାଏ ତା'ର ରୀତି ଯଦି ହୁଏ ଆଡ଼ମ୍ବରପୂର୍ଣ୍ଣ, ଅଯଥା ଅଥଚ ମନୋହର ବିଶ୍ଳେଷଣରେ ମଣ୍ଡିତ, ଏବଂ ଅଳଙ୍କାର-ବୈଚିତ୍ର୍ୟ ଓ ଶବ୍ଦବାହୁଲ୍ୟର ବିସ୍ମୟକର ସ୍ଥିତି ମଧ୍ୟରେ ସ୍ୱଳ୍ପ ଅର୍ଥ-ପ୍ରକାଶକ ତେବେ ଅନ୍ତତଃ ବୁଦ୍ଧିଗମ୍ୟ ବେଦବାକ୍ୟମାନ ଗଠନ କରାଯାଇପାରେ । କିନ୍ତୁ ସୂକ୍ତଗୁଡ଼ିକୁ ସମଗ୍ରଭାବରେ ପାଠକଲେ ମନେହେବ ଆମେ ଏଭଳି ଲେଖକମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଛୁ, ଯେଉଁମାନେ ଅନ୍ୟାନ୍ୟ ଜାତିର ପ୍ରାଚୀନ ଲେଖକଙ୍କ ପରି ସୁସଙ୍ଗତ ଓ ସ୍ୱାଭାବିକ ଭାଷା ବ୍ୟବହାର କରିବାକୁ ବା ସୁସଂଲଗ୍ନ ଚିନ୍ତା କରିବାକୁ ଅସମର୍ଥ । ସଂକ୍ଷିପ୍ତ ଓ ସରଳ ଋକ୍‌ଗୁଡ଼ିକ ବ୍ୟତୀତ ଅନ୍ୟ ସବୁଠାରେ ସେମାନଙ୍କ ଭାଷା ଦୁର୍ବୋଧ ବା ଅସ୍ପଷ୍ଟ ଏବଂ ପ୍ରକାଶିତ ଭାବନାସବୁ ମଧ୍ୟ ପରସ୍ପର ଅସମ୍ବନ୍ଧିତ । ବ୍ୟାଖ୍ୟାକାରଙ୍କୁ ଯେପରି ସେଗୁଡ଼ିକୁ ବଳପୂର୍ବକ ଏକତ୍ର ମିଳାଇ ନେଇ ଗୋଟିଏ ପୂର୍ଣ୍ଣରୂପ ଦେବାକୁ ହୋଇଛି । ଯେଉଁ ଅଂଶଟିକୁ ନେଇ ସେ କାର୍ଯ୍ୟ କରିଛନ୍ତି, ତା'ର ବ୍ୟାଖ୍ୟା ପରିବର୍ତ୍ତେ ତାଙ୍କୁ କୌଣସି ଏକ ମିଥ୍ୟା ଉଦ୍‌ଭାବନ-ପ୍ରଣାଳୀ ଅବଲମ୍ବନ କରିବାକୁ ହୋଇଛି । ମନେହୁଏ ସେ ଅର୍ଥ ପ୍ରକାଶ ପାଇଁ ସେତେ ଚେଷ୍ଟା କରୁ ନାହାନ୍ତି ଯେତେ ସେ ଖାପ ଖାଉ ନ ଥିବା ଉପାଦାନକୁ ହାତୁଡ଼ିରେ ପିଟିପିଟି କୌଣସି ମତେ ତାହାର ଗୋଟିଏ ଆକୃତି ଓ ପୂର୍ବାପର ସଙ୍ଗତି ଉପସ୍ଥାପନ କରିବାକୁ ଉଦ୍ୟମ କରୁଛନ୍ତି ।

ତଥାପି ତଥାକଥିତ ଏଇ ଅମାର୍ଜ୍ଜିତ ଓ ବର୍ବରଜାତିର ରଚନାଗୁଡ଼ିକ ସମଗ୍ର ସାହିତ୍ୟ-ଇତିହାସରେ ସର୍ବାଧିକ ଗୌରବମୟ ସୌଭାଗ୍ୟ ଲାଭ କରିଛନ୍ତି । ଏଗୁଡ଼ିକ ଜଗତର ସମୃଦ୍ଧତମ ଓ ଗଭୀରତମ ଧର୍ମ ମଧ୍ୟରୁ କେବଳ ଅଳ୍ପ କେତେକ ଧର୍ମର ନୁହେଁ, ପରନ୍ତୁ ଏହାର ସୂକ୍ଷ୍ମତମ ତାତ୍ତ୍ୱିକ ଦର୍ଶନଗୁଡ଼ିକ ମଧ୍ୟରୁ କେତେକଙ୍କର ମୂଳ ଉତ୍ସରୂପେ ପ୍ରସିଦ୍ଧି ଲାଭ କରିଛନ୍ତି । ସହସ୍ର ସହସ୍ର ବର୍ଷର ସ୍ଥିରୀକୃତ ପରମ୍ପରା, ବ୍ରାହ୍ମଣ ଓ ଉପନିଷଦ, ତନ୍ତ୍ର ଓ ପୁରାଣ, ଶ୍ରେଷ୍ଠ ଦାର୍ଶନିକ ସମ୍ପ୍ରଦାୟଗୁଡ଼ିକର ସିଦ୍ଧାନ୍ତ ସମୂହ ଏବଂ ସନ୍ଥ ଓ ମୁନିମାନଙ୍କର ଶିକ୍ଷା ମଧ୍ୟରେ ଯାହାକିଛି ପ୍ରାମାଣିକ ଓ ସତ୍ୟ, ଏଗୁଡ଼ିକ ସେସବୁର ଉତ୍ସ ଓ ମାନଦଣ୍ଡ ବୋଲି ସମ୍ମାନର ସହ ସ୍ୱୀକୃତ ହୋଇଛନ୍ତି । ଏଗୁଡ଼ିକୁ 'ବେଦ' ଅର୍ଥାତ୍ ଜ୍ଞାନ ବୋଲି ଅଭିହିତ କରାଯାଇଥିଲା — ମନୁଷ୍ୟର ମନ ଯେଉଁ ଉଚ୍ଚତମ ଆଧ୍ୟାତ୍ମିକ ସତ୍ୟର ଜ୍ଞାନ ଗ୍ରହଣ କରିବାକୁ ସମର୍ଥ, ତାହାରହିଁ ନାମ ବେଦ । କିନ୍ତୁ ଯଦି ଆମେ ସାୟଣଙ୍କ ମତ ବା ଆଧୁନିକ ମତ ଅନୁସାରେ ତଥାକଥିତ ବ୍ୟାଖ୍ୟାଗୁଡ଼ିକୁ ସ୍ୱୀକାର କରୁ, ତେବେ ଏଇ ମହତ୍ତ୍ୱପୂର୍ଣ୍ଣ ଓ ପବିତ୍ର ଖ୍ୟାତି ସବୁକିଛି ଏକ ବୃହତ୍ ଉପନ୍ୟାସରେ ପର୍ଯ୍ୟବସିତ ହେବ । ସୂକ୍ତଗୁଡ଼ିକ ମଧ୍ୟ, ଅନ୍ୟ

ପକ୍ଷରେ, ହେବେ ଅନ୍ଧ ଅଶିକ୍ଷିତ ଓ ଜଡ଼ବାଦୀ ଅସଭ୍ୟମାନଙ୍କର, ଯେଉଁମାନେ ଏକେବାରେ ବାହ୍ୟ ଲାଭ ଓ ଭୋଗପ୍ରଭୃତି ସହିତ କେବଳ ସମ୍ପର୍କିତ ଅତି ପ୍ରାଥମିକ ନୈତିକ ଧାରଣା ଓ ଧାର୍ମିକ ମନୋବାଞ୍ଛାଗୁଡ଼ିକ ବ୍ୟତୀତ ଅନ୍ୟ ସବୁ ବିଷୟରେ ଅଜ୍ଞ, ସେଇମାନଙ୍କର ନାନା ଅଜ୍ଞାନ-ସଂସ୍କାରପୂର୍ଣ୍ଣ କପୋଳକଳ୍ପିତ ସାଧାସିଧା ଗାଥା । ବେଦ ବିଷୟରେ ସେମାନଙ୍କର ଏପର୍ଯ୍ୟନ୍ତ ଯେଉଁ ସାଧାରଣ ଭାବ ରହିଆସିଛି ତା' ସହ ଅତ୍ୟନ୍ତ ଅସଙ୍ଗତ ବୋଧ ହେଉଥିବା ବେଦର ମଧ୍ୟେ ମଧ୍ୟେ କେତୋଟି ସୂକ୍ତ ଏହି ସମଗ୍ର ଧାରଣାର ବିଲୋପ ସାଧନ କରିପାରିବ ନାହିଁ । ପରବର୍ତ୍ତୀ କାଳର ଧର୍ମ ଓ ଦର୍ଶନ-ସମୂହର ପ୍ରକୃତ ଭିତ୍ତି ବା ଉତ୍ସ ହେଉଛି ଉପନିଷଦ; ସେଥିରେ ସେତେବେଳେ ବେଦର କର୍ମକାଣ୍ଡଭିତ୍ତିକ ଭୌତିକ ସୁଖବାଦ ବିରୋଧରେ ଦାର୍ଶନିକ ଓ ଚିନ୍ତାଶୀଳ ମନର ବିଦ୍ରୋହ ପ୍ରକାଶ ପାଇଛି ବୋଲି ମନେକରାଯାଏ ।

କିନ୍ତୁ ବିଭ୍ରାନ୍ତିକର ଇଉରୋପୀୟ ସମାନ୍ତରାଳ ମତ ଦ୍ୱାରା ସମର୍ଥିତ ଏଇ ଧାରଣାରୁ ବିଶେଷ କିଛି ତଥ୍ୟ ମିଳେ ନାହିଁ । ଉପନିଷଦର ସାରତତ୍ତ୍ୱରେ ଥିବା ଏପରି ଗଭୀର ଓ ଚରମ ବିଚାର, ଏପରି ସୂକ୍ଷ୍ମ ଓ ବିଶଦ ଅଧ୍ୟାତ୍ମ ବିଦ୍ୟା କେବେ ବି କୌଣସି ଏକ ଶୂନ୍ୟଗର୍ଭରୁ ଜନ୍ମ ନେଇ ନାହିଁ । ନିଜର ପ୍ରଗତି- ପଥରେ ମନୁଷ୍ୟର ମନ ଜ୍ଞାନରୁ ଜ୍ଞାନ ମଧ୍ୟକୁ ଆଗେଇ ଚାଲେ, ଅଥବା ଯେଉଁ ଜ୍ଞାନ ଅସ୍ପଷ୍ଟ ହୋଇଯାଇଛି ଏବଂ ଯା' ଉପରେ ଏକ ଆସ୍ତରଣ ପଡ଼ିଯାଇଛି, ତାକୁ ପୁନରୁଜ୍ଜୀବିତ ଓ ବ୍ୟାପକ କରେ, ଅଥବା ପୁରାତନ ଅସଂପୂର୍ଣ୍ଣ ସୂତ୍ରକୁ ଅବଲମ୍ବନ କରି ନୂତନର ଆବିଷ୍କାର କରେ । ଉପନିଷଦ ତତ୍ତ୍ୱର ପୂର୍ବରୁ ଯେ ଆହୁରି ଏକ ମହାନ୍ ତତ୍ତ୍ୱ ଥିଲା, ଏଇ ତଥ୍ୟ ବେଦତତ୍ତ୍ୱ-ନିରୂପକ ସାଧାରଣ ସନ୍ଦର୍ଭଗୁଡ଼ିକର କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଏଇ ଶୂନ୍ୟସ୍ଥାନକୁ ଦୂର କରିବା ନିମନ୍ତେ ଗୋଟିଏ ଆନୁମାନିକ ତଥ୍ୟର ଅବତାରଣା କରାଯାଇଛି ଯେ, ବହିରାଗତ ଆକ୍ରାନ୍ତା ବର୍ବର ଆର୍ଯ୍ୟମାନେ ସୁସଭ୍ୟ ଦ୍ରାବିଡ଼ମାନଙ୍କଠାରୁ ଏଇ ସମସ୍ତ ତତ୍ତ୍ୱ ଗ୍ରହଣ କରିଥିଲେ,— ଏହି ଅନୁମାନଟି ଅନ୍ୟ ଆନୁମାନିକ ବ୍ୟାଖ୍ୟା ଦ୍ୱାରା ସମର୍ଥିତ । ପ୍ରକୃତରେ ପଞ୍ଜାବ ମଧ୍ୟ ଦେଇ ଆର୍ଯ୍ୟମାନଙ୍କ ଆକ୍ରମଣର ସମସ୍ତ କଥା କେବଳ ଭାଷାତତ୍ତ୍ୱ-ବିତ୍‌ମାନଙ୍କର ଏକ କାଳ୍ପନିକ କାହାଣୀ ହୋଇପାରେ ବୋଲି ବର୍ତ୍ତମାନ ସନ୍ଦେହ ଜ୍ଞାତ ହେଉଛି ।

ବର୍ତ୍ତମାନ ବିଚାର୍ଯ୍ୟ ବିଷୟ ହେଉଛି, ପ୍ରାଚୀନ ଇଉରୋପରେ ବୁଦ୍ଧିବାଦୀ ଦର୍ଶନଗୁଡ଼ିକର ଆବିର୍ଭାବ ପୂର୍ବରୁ ରହସ୍ୟବାଦୀମାନଙ୍କ ଗୁହ୍ୟ ସିଦ୍ଧାନ୍ତ ପ୍ରଚଳିତ ଥିଲା; ଅର୍‌ଫିକ୍ (Orphic) ଓ ଇଲ୍ୟୁସିନୀୟ (Eleusinian) ରହସ୍ୟବାଦ ମାନସିକତାର ଅତି ଉର୍ବର ଭୂମି ପ୍ରସ୍ତୁତ କରିଥିଲା, ଯେଉଁଥିରୁ କି ପିଥାଗୋରସ୍ ଓ ପ୍ଲାଟୋଙ୍କ ପରି ଦାର୍ଶନିକଙ୍କର ଉତ୍ପତ୍ତି ହୋଇଥିଲା । ଭାରତରେ ପରବର୍ତ୍ତିକାଳୀନ ଚିନ୍ତାର ଅଗ୍ରଗତି

ପଶ୍ଚାତରେ ସେହି ସମାନ ଧରଣର ଏକ ଉଦ୍‌ଗମସ୍ଥଳ ଥିବା କଥା ଖୁବ୍ ସମ୍ଭବ। ଉପନିଷଦମାନଙ୍କରେ ଚିନ୍ତାର ଯେଉଁ ରୂପ ଓ ପ୍ରତୀକମାନ ଆମେ ଦେଖୁ ତାହାର ଓ ବ୍ରାହ୍ମଣ-ଗ୍ରନ୍ଥଗୁଡ଼ିକର ଅଧିକାଂଶ ମର୍ମକଥା ଏଇପରି ଏକ ଯୁଗର ସୂଚନା ଦିଏ ଯେ, ସେଇସବୁ ଗ୍ରୀକ୍ ରହସ୍ୟବାଦୀଙ୍କ ଶିକ୍ଷାରେ ଯେପରି ଘଟିଥିଲା, ଭାରତରେ ମଧ୍ୟ ଏପରି ଏକ ଯୁଗ ଆସିଥିଲା, ଯେଉଁ ସମୟରେ ଏ ଜାତିର ଚିନ୍ତାଧାରା ଗୂଢ଼ ଶିକ୍ଷାର ରୂପ ବା ଛନ୍ଦ ରୂପକୁ ଗ୍ରହଣ କରିଥିଲା।

ବର୍ତ୍ତମାନ ଉପଲବ୍ଧ ବ୍ୟାଖ୍ୟାଗୁଡ଼ିକରେ ଯେଉଁ ଗୋଟିଏ ଶୂନ୍ୟସ୍ଥାନ ରହିଯାଇଛି, ତାହା ହେଉଛି — ବେଦରେ ଥିବା ଦୃଶ୍ୟମାନ ପ୍ରକୃତି-ଦେବତାମାନଙ୍କର ବାହ୍ୟ-ଉପାସନା ଏବଂ ଗ୍ରୀକ୍‌ମାନଙ୍କର ବିକାଶପ୍ରାପ୍ତ ଧର୍ମ, ତଥା ଉପନିଷଦ ଓ ପୁରାଣମାନଙ୍କରେ କଥିତ ଦେବତାଙ୍କର କାର୍ଯ୍ୟକଳାପ ସହିତ ସଂଶ୍ଳିଷ୍ଟ ମନୋବୈଜ୍ଞାନିକ ଓ ଆଧ୍ୟାତ୍ମିକ ଧାରଣା,— ଏ ଦୁଇଟି ମଧ୍ୟରେ ଭେଦ ସୃଷ୍ଟି କରିଥିବା ଏକ ଖାଇ। ଯେହେତୁ ଧରାତଳର ମଣିଷ ବାହ୍ୟରୁ ଅନ୍ତର ଅଭିମୁଖେ ଯାତ୍ରା କରେ, ସେଇ ପରିପ୍ରେକ୍ଷୀରେ, ବର୍ତ୍ତମାନ ପାଇଁ ଏହି ବ୍ୟାଖ୍ୟାକୁ ଆମେ ମାନିନେଇ ପାରୁ ଯେ ତଦାନୀନ୍ତନ ମାନବକୃତ ଧର୍ମର ପୂର୍ଣ୍ଣ ବୁଦ୍ଧିଗମ୍ୟ ଗଠନଟି ହେଉଛି ସ୍ୱାଭାବିକ ଭାବେ ବାହ୍ୟ-ପ୍ରକୃତି-ଶକ୍ତିମାନଙ୍କର ପୂଜା, ଯେଉଁଥିରେ ତା' ନିଜ ସତ୍ତାରେ ଦେଖୁଥିବା ଚେତନା ଓ ବ୍ୟକ୍ତିତ୍ୱକୁ ସେ ଆରୋପ କରିଛି।

ଏହା ସ୍ୱୀକୃତ ଯେ, ବେଦରେ ଅଗ୍ନି ହେଉଛନ୍ତି ବହ୍ନି, ସୂର୍ଯ୍ୟ ହେଉଛନ୍ତି ରବି, ପର୍ଜନ୍ୟ ହେଉଛନ୍ତି ଜଳପୂର୍ଣ୍ଣ ମେଘ, ଉଷା ହେଉଛନ୍ତି ପ୍ରାତଃ; ଅନ୍ୟ କେତେକ ଦେବତାଙ୍କ ଭୌତିକ ସୃଷ୍ଟି ବା କ୍ରିୟା ଯଦିବା ସେତେ ସ୍ପଷ୍ଟ ନୁହେଁ, ତେବେ ଭାଷାତାତ୍ତ୍ୱିକ ଅନୁମାନ ବା କୁଶଳ କଳ୍ପନା ଦ୍ୱାରା ସେଇ ଅସ୍ପଷ୍ଟତାକୁ ନିର୍ଦ୍ଦିଷ୍ଟ ରୂପ ଦେବା ସହଜ। କିନ୍ତୁ ଯେତେବେଳେ ଆମେ ଗ୍ରୀକ୍ ଉପାସନା ବିଷୟରେ ବିଚାର କରୁ — ଯାହା ଆଧୁନିକ ସମୟକ୍ରମ ନିରୂପଣ ବିଚାରଦୃଷ୍ଟିରୁ ବେଦର ସମୟଠାରୁ ବେଶୀ ପରବର୍ତ୍ତୀ ନୁହେଁ — ସେତେବେଳେ ଗୋଟିଏ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ପାଉ ଯେ ଦେବତାମାନଙ୍କର ଭୌତିକ ଗୁଣମାନ ଅପସୃତ ହୋଇଯାଇଛି କିଂବା ସେଗୁଡ଼ିକ ଆଧ୍ୟାତ୍ମିକ ଧାରଣାର ଅନୁବର୍ତ୍ତୀ ହୋଇଯାଇଛନ୍ତି। ଉଦାହରଣ ସ୍ୱରୂପ, ମହାଶକ୍ତିଶାଳୀ ଅଗ୍ନିର ଦେବତା ପରିଣତ ହୋଇଛନ୍ତି ଏକ ପଙ୍ଗୁ ଶ୍ରମ-ଦେବତାରେ; ସୂର୍ଯ୍ୟ ବା ଆପୋଲୋ ପରିଣତ ହୋଇଛନ୍ତି କାବ୍ୟ ଓ ଦିବ୍ୟ ବାଙ୍ମୟ ପ୍ରେରଣାର ଅଧିଷ୍ଠାତୃ-ଦେବତାରେ; ସାଧାରଣତଃ 'ଉଷା'ଦେବୀଙ୍କ ସହିତ ଅଭେଦ ବୋଲି ମନେ କରାଯାଉଥିବା 'ଏଥିନୀ' ଦେବୀ ତାଙ୍କର ସମସ୍ତ ଭୌତିକ ଓ ପ୍ରାକୃତିକ କ୍ରିୟାକଳାପକୁ ଭୁଲିଯାଇ ପରିଣତ ହୋଇଛନ୍ତି ଜ୍ଞାନମୟୀ, ଶକ୍ତିମୟୀ ତଥା ଶୁଦ୍ଧ ପ୍ରଜ୍ଞାର ଦେବୀ ରୂପେ। ତା' ଛଡ଼ା, ଯୁଦ୍ଧ, ପ୍ରେମ ଓ ସୌନ୍ଦର୍ଯ୍ୟ ପ୍ରଭୃତି ଅନ୍ୟ ଦେବତାଙ୍କର ସମସ୍ତ ଭୌତିକ

କ୍ରିୟାକଳାପ, ଯଦି କିଛି ସେତେବେଳେ ରହିଥିଲା, ସେସବୁ ଅପସରି ଯାଇଛି । ଏକଥା କହିବା ବାହୁଲ୍ୟ ଯେ, ମନୁଷ୍ୟ ସଭ୍ୟତାର ପ୍ରଗତି ସହିତ ଏପରି ପରିବର୍ତ୍ତନ ଘଟିବା ଅନିବାର୍ଯ୍ୟ : କିନ୍ତୁ ଯେଉଁ ପ୍ରକ୍ରିୟା ଫଳରେ ଏ ପରିବର୍ତ୍ତନ ଘଟିଛି ତାହାର ଅନୁସନ୍ଧାନ ଓ ସ୍ପଷ୍ଟୀକରଣ ଆବଶ୍ୟକ । ପୁରାଣରେ ଆମେ ଆଂଶିକ ଭାବରେ ଦେଖୁ ଯେ ଅନ୍ୟ କେତେକ ନାମ ରୂପ ଓ ଗୁଣକୁ ଅନ୍ୟ ଦେବତାଙ୍କ ସ୍ଥାନରେ ପ୍ରଯୁକ୍ତ କରିବା ଦ୍ୱାରା ଠିକ୍ ଏଇ କ୍ରାନ୍ତି ଆସିଛି; କିନ୍ତୁ ଗ୍ରୀକ୍ ପୁରାଣରେ ଯେପରି ଘଟିଛି ଏଠାରେ ମଧ୍ୟ ସେଇ ଅସ୍ପଷ୍ଟତା ଆଂଶିକ ଭାବେ ଦେଖାଦେଇଛି । ସରସ୍ୱତୀ ନଦୀ କାବ୍ୟଶିଳ୍ପ (Muse) ଓ ଜ୍ଞାନର ଅଧିଷ୍ଠାତ୍ରୀ ଦେବୀରେ ପରିଣତ ହୋଇଛନ୍ତି । ବେଦର ବିଷ୍ଣୁ ଓ ରୁଦ୍ର ହୋଇଛନ୍ତି ବର୍ତ୍ତମାନ ଶ୍ରେଷ୍ଠ ଦେବତା ତଥା ଏକ ଦିବ୍ୟ ତ୍ରୟୀର ଦୁଇଟି ଅଙ୍ଗ, ସେମାନେ ପୃଥକ୍ ପୃଥକ୍ ଯଥାକ୍ରମେ ବିଶ୍ୱର ସ୍ଥିତି ଓ ଧ୍ୱଂସ ପ୍ରକ୍ରିୟାର ସ୍ୱରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ଈଶୋପନିଷଦରେ ସ୍ୱୟଂପ୍ରକାଶମାନ ଜ୍ଞାନର ଦେବତା ରୂପେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରାଯାଇଛି ଏବଂ ତାଙ୍କ କାର୍ଯ୍ୟ ଫଳରେ ଆମେ ସର୍ବୋଚ୍ଚ ସତ୍ୟରେ ଉପନୀତ ହେବା ସମ୍ଭବ ବୋଲି କୁହାଯାଇଛି । ହଜାର ହଜାର ବର୍ଷ ହେଲା ପ୍ରତ୍ୟେକ ବ୍ରାହ୍ମଣ ଦୈନିକ ଉପାସନାରେ ଯେଉଁ ଗାୟତ୍ରୀ ମନ୍ତ୍ର ଜପ କରି ଆସୁଛନ୍ତି ସେଇ ପବିତ୍ର ବୈଦିକ ବିଧିଟି ଭିତରେ ମଧ୍ୟ ସୂର୍ଯ୍ୟଙ୍କର ଏଇ କ୍ରିୟା ପ୍ରକାଶ ପାଇଛି । ଲକ୍ଷ୍ୟ କରିବାର କଥା ଯେ ଏଇ ଜପବିଧିର ମନ୍ତ୍ରଟି ଋଗ୍-ବେଦର ଋଷି ବିଶ୍ୱାମିତ୍ରଙ୍କ ଗୋଟିଏ ସୂକ୍ତରୁ[୧] ନିଆଯାଇଛି । ଉକ୍ତ (ଈଶ) ଉପନିଷଦରେ ଅଗ୍ନିଙ୍କୁ ଏକାନ୍ତ ନୈତିକ ସଂସ୍କାରଗତ କର୍ମର ସମ୍ପାଦକ ପାପହାରୀ ପବିତ୍ରକାରୀ ଓ ଶୁଭପଥରେ ଦିବ୍ୟ ଆନନ୍ଦ ଦିଗରେ ମାନବାତ୍ମାର ପରିଚାଳକ ରୂପେ ଆବାହନ କରାଯାଇଛି, ଏବଂ ମନେ ହୁଏ ସେ ଓ ସଂକଳ୍ପ ଉଭୟେ ଅଭିନ୍ନ ଓ ସେ ହେଉଛନ୍ତି ମନୁଷ୍ୟର ସକଳ କର୍ମର କାରଣ । ଅନ୍ୟାନ୍ୟ ଉପନିଷଦରେ ଦେବତାମାନେ ହେଉଛନ୍ତି ସ୍ପଷ୍ଟତଃ ଇନ୍ଦ୍ରିୟ-କ୍ରିୟାର ପ୍ରତୀକ । 'ସୋମ' ନାମକ ଯେଉଁ ଲତାରୁ ବୈଦିକ ଯଜ୍ଞ ନିମନ୍ତେ ରହସ୍ୟମୟ ମଦିରା ଦୋହନ କରାଯାଉଥିଲା ସେଇ ସୋମ ଯେ କେବଳ ଚନ୍ଦ୍ର-ଦେବତାରେ ପରିଣତ ହୋଇଛନ୍ତି ସେତିକି ନୁହେଁ, ସେ ପୁଣି ନିଜକୁ ମାନବ ସତ୍ତା ମଧ୍ୟରେ ମନ ରୂପେ ଅଭିବ୍ୟକ୍ତ କରିଛନ୍ତି । ଏହି ପରିବର୍ତ୍ତନଗୁଡ଼ିକ କେତେକ କାଳପର୍ଯ୍ୟାୟ ମଧ୍ୟଦେଇ ଘଟିଥିବାର ଅନୁମାନ କରାଯାଏ — ସ୍ଥୂଳ ଜଡ଼ ପୂଜାର ଯେଉଁ ଆଦିଯୁଗ ଥିଲା ଅଥବା ବେଦପ୍ରଭାବରେ ସୃଷ୍ଟ ସକଳ ପ୍ରାଣକ୍ଷେତ୍ରରେ ଦେବଗଣଙ୍କୁ ଆରୋପ କରିବାର ଯେଉଁ ଯୁଗ ଥିଲା ତା'ର ପରବର୍ତ୍ତୀ, ଏବଂ ଦେବଗଣ ଯେତେବେଳେ ଗଭୀର ମନୋବୈଜ୍ଞାନିକ କ୍ରିୟାକଳାପ ସହ ସଂଯୁକ୍ତ

---

୧ "ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋ ନଃ ପ୍ରଚୋଦୟାତ୍ ॥"
(ଋଗ୍ବେଦ, ୩।୬୨।୧୦)

ହୋଇଗଲେ ସେଇ ବିକଶିତ ପୌରାଣିକ ଗାଥାଯୁଗର ପୂର୍ବବର୍ତ୍ତୀ — ଏହି ଉଭୟର ମଧ୍ୟଭାଗରେ ଏକ ରହସ୍ୟବାଦୀ ଯୁଗ ଥିବାର ଅନୁମାନ କରାଯାଏ । ଗଢ଼ି ଉଠିଥିବା କଥାବସ୍ତୁ ଅନୁସାରେ ଦେଖିଲେ ବୈଦିକ ଋଷିମାନଙ୍କ ଧର୍ମରେ ପ୍ରକୃତିବାଦୀ ତତ୍ତ୍ୱ ସହିତ ଆମେ ଯେଉଁ ଅନନ୍ୟ ଭାବରେ ଲାଗି ରହିଛୁ, ତା' ଫଳରେ ଦୁଇଟି ଯୁଗ ମଧ୍ୟରେ ଏକ ବ୍ୟବଧାନ ଆସିଛି ବା ସୃଷ୍ଟି ହୋଇଛି ।

ମୋ ମତରେ, ଏଇ ବ୍ୟବଧାନ ଆମ ଦ୍ୱାରାହିଁ ସୃଷ୍ଟ ହୋଇଛି, ପ୍ରାଚୀନ ପବିତ୍ର ରଚନାଗୁଡ଼ିକରେ ପ୍ରକୃତରେ ଏହାର ଚିହ୍ନ ନାହିଁ । ମୁଁ ଏହି ତତ୍ତ୍ୱପ୍ରକଳ୍ପ ଉପସ୍ଥାପନ କରିବାକୁ ଚାହୁଁଛି ଯେ, ମାନବ-ଚିନ୍ତନର ପ୍ରାରମ୍ଭ-ଯୁଗରୁ ଏଯାଏ ଋଗ୍‌ବେଦହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ପ୍ରାମାଣିକ ସଂହିତାରୂପେ ବିଦ୍ୟମାନ, ଇତିହାସୋକ୍ତ 'ଇଲ୍ୟୁସିନୀୟ' ଓ 'ଅର୍ଫିକ୍' ରହସ୍ୟବାଦ ହେଉଛି ସେହି ତତ୍ତ୍ୱର କ୍ଷୟପ୍ରାପ୍ତ ଅବଶେଷ ମାତ୍ର, ଏବଂ ସେହି ଯୁଗରେ ମନୁଷ୍ୟଜାତିର ଆଧ୍ୟାତ୍ମିକ ଓ ମନସ୍ତାତ୍ତ୍ୱିକ ଜ୍ଞାନକୁ ଗୁପ୍ତ ରଖିବାର କାରଣ ନିର୍ଦ୍ଧାରଣ କରିବା କଷ୍ଟକର ହେଲେ ବି, ଏକଥା ବୁଝା ପଡୁଛି ଯେ, ସ୍ଥୂଳ ଓ ଭୌତିକ ରୂପ ଓ ପ୍ରତୀକଗୁଡ଼ିକର ଏକ ପରଦା ପଛରେ ଏହି ଅର୍ଥକୁ ଗୁପ୍ତ କରି ରଖିବା ଦ୍ୱାରା ଅନଧିକାରୀଙ୍କଠାରୁ ଏହାକୁ ରକ୍ଷା କରାଯାଇ ପାରିଛି ଓ ଗୁରୁ-ଅନୁଶାସିତଙ୍କଠାରେ ଏହା ବ୍ୟକ୍ତ ହୋଇ ପାରିଛି । ପବିତ୍ରତା, ଆତ୍ମଜ୍ଞାନର ଗୋପନୀୟତା ଓ ପ୍ରକୃତ ଦୈବତ ଜ୍ଞାନ ପ୍ରାପ୍ତି — ଏସବୁ ଥିଲା ଗୂହ୍ୟଜ୍ଞାନ ପ୍ରାପ୍ତି ପାଇଁ ବିଶିଷ୍ଟ ନିୟମ । ସେମାନେ ମନେକରୁଥିଲେ ଯେ ସାଧାରଣ ମନୁଷ୍ୟ ମନ ଏଇ ଗଭୀର ଜ୍ଞାନ ଗ୍ରହଣ କରିବାକୁ ଅସମର୍ଥ, ଏପରିକି ସେମାନଙ୍କ ପାଇଁ ଏହା ବିପଜ୍ଜନକ । ଆଉ କିଛି ନ ହେଉ ପଛକେ, ଯେଉଁମାନଙ୍କର ମନୋଭାବ ଅଶୁଦ୍ଧ ଓ ଅମାର୍ଜିତ, ସେମାନଙ୍କ ନିକଟରେ ପ୍ରକାଶିତ ହେଲେ ଏହା ବିକୃତ ହେବା ସଙ୍ଗେ ସଙ୍ଗେ ଏହାର ଅପପ୍ରୟୋଗ ହେବାର ଯଥେଷ୍ଟ ଆଶଙ୍କା ଥିଲା । ତେଣୁ ସେମାନେ ଅନଧିକାରୀ ସାଧାରଣ ବ୍ୟକ୍ତି ନିମନ୍ତେ ଫଳଦାୟକ କିନ୍ତୁ ଅସମ୍ପୂର୍ଣ୍ଣ ବାହ୍ୟ ପୂଜା-ପଦ୍ଧତିକୁ ଏବଂ ଦୀକ୍ଷିତମାନଙ୍କ ନିମନ୍ତେ ଆନ୍ତର ସାଧନ ପଦ୍ଧତିକୁ ଅନୁମୋଦନ କରିଥିଲେ । ଆଉ ମଧ୍ୟ ସେମାନେ ସେମାନଙ୍କ ଭାଷାକୁ ଏପରି ଶବ୍ଦ ଓ ଚିତ୍ରର ଆବରଣ ଦ୍ୱାରା ଆବୃତ କରି ରଖୁଥିଲେ ଯାହାକି ସମାନ ଭାବରେ ନିର୍ବାଚିତ ବ୍ୟକ୍ତିଙ୍କ ନିକଟରେ ଆଧ୍ୟାତ୍ମିକ ଅର୍ଥ ଓ ସାଧାରଣ ଉପାସକ-ମଣ୍ଡଳୀ ନିକଟରେ ସ୍ଥୂଳ ଅର୍ଥ ପ୍ରକାଶ କରୁଥିଲା । ଏଇ ରୀତି ଅନୁସାରେ ବୈଦିକ ମନ୍ତ୍ରଗୁଡ଼ିକର ଧାରଣା ଓ ରଚନା ହୋଇଥିଲା । ସେଇ ମନ୍ତ୍ରଗୁଡ଼ିକର ସାଧନ-ପଦ୍ଧତି ଓ ପୂଜା ଅନୁଷ୍ଠାନଗୁଡ଼ିକ ଥିଲା, ପ୍ରକାଶ୍ୟରେ, ସେତେବେଳେ ପ୍ରଚଳିତ ଥିବା ସାଧାରଣ ଧର୍ମର ସର୍ବଦେବ-ବାଦୀ ପ୍ରକୃତି ଉପାସନା, ଆଉ ଗୁପ୍ତଭାବରେ, ସେଇ ପବିତ୍ର ମନ୍ତ୍ରଗୁଡ଼ିକ ଥିଲେ ଆଧ୍ୟାତ୍ମିକ ଅନୁଭୂତି ତଥା ଜ୍ଞାନ ଓ ଆତ୍ମବିକାଶର ଏକ ମନସ୍ତାତ୍ତ୍ୱିକ ଶୃଙ୍ଖଳାର

ଫଳପ୍ରଦ ପ୍ରତୀକ – ଯାହା ଥିଲା ତଦାନୀନ୍ତନ ମଣିଷଜାତିର ପରମସିଦ୍ଧି । ସାୟଣଙ୍କ ଦ୍ୱାରା ସ୍ୱୀକୃତ ବାହ୍ୟ ବିଧିବିଧାନଯୁକ୍ତ କର୍ମକାଣ୍ଡୀୟ ବ୍ୟବସ୍ଥାର ଏକ ବିଶେଷତ୍ୱ ଥାଇପାରେ; ଏବଂ ଇଉରୋପୀୟ ବିଦ୍ୱାନ୍‌ମାନଙ୍କ ଦ୍ୱାରା ଆବିଷ୍କୃତ ସର୍ବସାଧାରଣ-ଗ୍ରାହ୍ୟ ପ୍ରକୃତିଧର୍ମୀ ଧାରଣାଗୁଡ଼ିକୁ ମଧ୍ୟ ସ୍ୱୀକାର କରାଯାଇପାରେ; କିନ୍ତୁ ଏହାର ପଶ୍ଚାତରେ ବେଦର ସର୍ବଦା ଯଥାର୍ଥ ରହସ୍ୟ ରହି ଆସିଛି ଏବଂ ଏପର୍ଯ୍ୟନ୍ତ ବି ରହସ୍ୟ ଗୁପ୍ତ ହୋଇ ରହିଛି – ସେହି ଗୁହ୍ୟ-ବଚନଗୁଡ଼ିକୁ – 'ନିଣ୍ୟା ବଚାଂସି'[୨] – ଜ୍ଞାନପ୍ରବୁଦ୍ଧ ଶୁଦ୍ଧାତ୍ମାମାନଙ୍କ ନିମନ୍ତେ କଥିତ ହୋଇଥିଲା । ବୈଦିକ ଶବ୍ଦଗୁଡ଼ିକର ତାତ୍ପର୍ଯ୍ୟ, ବୈଦିକ ପ୍ରତୀକଗୁଡ଼ିକର ଅର୍ଥ ଓ ଦେବତାମାନଙ୍କ ମନସ୍ତାତ୍ତ୍ୱିକ କ୍ରିୟାସମୂହ ନିର୍ଦ୍ଧାରଣ ପୂର୍ବକ ବେଦର ଏଇ ଅପେକ୍ଷାକୃତ କମ୍ ସ୍ପଷ୍ଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଅର୍ଥକୁ ପୃଥକ୍ କରିବା କଷ୍ଟ, ମାତ୍ର ଏହା ଅତ୍ୟନ୍ତ ଆବଶ୍ୟକ କାର୍ଯ୍ୟ । ଏହି ଅଧ୍ୟାୟଗୁଡ଼ିକ ଓ ଏଥିସହିତ ଦିଆ ଯାଉଥିବା ଅନୁବାଦ ହେଉଛି ତାହାର ଏକ ପ୍ରସ୍ତୁତି ମାତ୍ର ।

ଏହି ପ୍ରକଳ୍ପଟି ଯଦି ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ଆମର ତିନୋଟି କ୍ଷେତ୍ରରେ ଲାଭ ହେବ । ପ୍ରଥମଟି ହେଉଛି : ଉପନିଷଦ୍‌ର ଯେଉଁ ଅଂଶଗୁଡ଼ିକ ଏପର୍ଯ୍ୟନ୍ତ ଅବୋଧ ହୋଇ ରହିଅଛି ବା ଉତ୍ତମରୂପେ ବୋଧଗମ୍ୟ ହୋଇ ନାହିଁ, ସେଗୁଡ଼ିକୁ, ଏବଂ ପୁରାଣଗୁଡ଼ିକର ମୌଳିକ ଉତ୍ସ ସମ୍ବନ୍ଧରେ ଅନେକ ତଥ୍ୟକୁ ଏହା ସରଳ ତଥା ସଫଳଭାବରେ ସ୍ପଷ୍ଟ କରିଦେବ । ଦ୍ୱିତୀୟଟି ହେଉଛି : ଏହା ଭାରତର ସମସ୍ତ ପ୍ରାଚୀନ ପରମ୍ପରାର ମୂଲ୍ୟକୁ ଯୁକ୍ତିଯୁକ୍ତ ଭାବରେ ବୁଝାଇ ଦେଇପାରିବ ଓ ପ୍ରମାଣସିଦ୍ଧ କରିବ; କାରଣ, ଏହି ଗମ୍ଭୀର ସତ୍ୟ ମଧ୍ୟରେ ଆମେ ଦେଖିବାକୁ ପାଇବା ଯେ ବେଦାନ୍ତ, ପୁରାଣ, ତନ୍ତ୍ର, ବିଭିନ୍ନ ଦର୍ଶନ ଓ ଶ୍ରେଷ୍ଠ ଭାରତୀୟ ଧର୍ମଗୁଡ଼ିକ ସେମାନଙ୍କ ମୂଳ-ଉତ୍ସରେ ବୈଦିକ ସତ୍ୟ ସହ ସଂଯୁକ୍ତ ହୋଇ ରହିଛନ୍ତି । ସେମାନଙ୍କ ମୂଳବୀଜରେ କିଂବା ପ୍ରାରମ୍ଭିକ ଏପରିକି ଆଦିମ ରୂପଗୁଡ଼ିକରେ ପରବର୍ତ୍ତୀ ଭାରତୀୟ ବିଚାରର ଆଧାରଭୂତ ସିଦ୍ଧାନ୍ତଗୁଡ଼ିକୁ ଆମେ ସେଥିରେ ଦେଖିବାକୁ ପାଇବା । ଏହିପରି ଭାବରେ ଭାରତୀୟ କ୍ଷେତ୍ରରେ 'ତୁଳନାତ୍ମକ ଧର୍ମ'ର ଏକ ସମୃଦ୍ଧ ଗବେଷଣା ପାଇଁ ଏକ ସ୍ୱାଭାବିକ ପ୍ରାରମ୍ଭବିନ୍ଦୁ ଯୋଗାଇଦେଇ ହେବ । ପ୍ରମାଣବିହୀନ ଅନୁମାନଗୁଡ଼ିକର ଅଥବା ଅସମ୍ଭବ ଲାଗୁଥିବା ଅର୍ଥପରିବର୍ତ୍ତନ ଆଦି ମଧ୍ୟରେ ଏଣେତେଣେ ଘୂରି ବୁଲିବା ଓ ଅବୋଧ ଅବସ୍ଥାନ୍ତରଗୁଡ଼ିକର ଉତ୍ତରଦାୟୀ ହେବା ଅପେକ୍ଷା ଏଥିରୁ ଆମେ ଯୁକ୍ତିବୁଦ୍ଧିକୁ ସନ୍ତୋଷ କରୁଥିବା ଏକ ସ୍ୱାଭାବିକ ତଥା ପ୍ରଗତିଶୀଳ ବିକାଶର ସୂତ୍ର ପାଇପାରିବା । ପ୍ରସଙ୍ଗକ୍ରମେ ଅନ୍ୟାନ୍ୟ ପ୍ରାଚୀନ ଜାତିର ପ୍ରାରମ୍ଭିକ ଅନୁଷ୍ଠାନ, ମିଥ୍ ବା ପୁରାଣର ଅସ୍ପଷ୍ଟତା ଉପରେ ମଧ୍ୟ କିଛି ଆଲୋକପାତ କରିବା ସମ୍ଭବ ହେବ ।

---

୨ (ଋଗ୍‌ବେଦ, ୪।୩।୧୬)

ଶେଷରେ : ବୈଦିକ ରଚନାଗୁଡ଼ିକରେ ଥିବା ସମସ୍ତ ଅସଙ୍ଗତିକୁ ବ୍ୟାଖ୍ୟା କରାଯାଇପାରିବ ଓ ସେଗୁଡ଼ିକ ଦୂର ହୋଇଯିବେ । ସ୍ଥୂଳ ଦୃଷ୍ଟିରୁ ଦେଖିଲେ ସେଗୁଡ଼ିକର ଯାହାକିଛି ସ୍ଥିତି ରହିଛି, କିନ୍ତୁ ଏକଥା ନିଶ୍ଚିତ ଯେ ଏକ ଆଭ୍ୟନ୍ତରୀଣ ତାତ୍ପର୍ଯ୍ୟ ମଧ୍ୟରେ ସେଗୁଡ଼ିକର ପ୍ରକୃତ ଅର୍ଥର ସୂତ୍ର ପାଇବାକୁ ହେବ । ସେଇ ସୂତ୍ରଟି ଥରେ ମିଳିଗଲେ ସୂକ୍ତଗୁଡ଼ିକ ଯେ ଯୁକ୍ତିଯୁକ୍ତ ଓ ଅଙ୍ଗାଙ୍ଗିଭାବେ ଜଡ଼ିତ ପୂର୍ଣ୍ଣ ଅବୟବ ଏବଂ ସେଗୁଡ଼ିକର ଭାଷାଶୈଳୀ ଆମ ଆଧୁନିକ ଚିନ୍ତାପ୍ରଣାଳୀ ଓ ପ୍ରକାଶଭଙ୍ଗୀର ଅନୁରୂପ ନ ହେଲେ ମଧ୍ୟ ସେମାନଙ୍କ ନିଜସ୍ୱ ଶୈଳୀ ଅନୁସାରେ ଯେ ଯଥାର୍ଥ ଓ ସୁନିର୍ଦ୍ଦିଷ୍ଟ ଏକଥା ସ୍ପଷ୍ଟ ହୋଇଯିବ । ଆଉ ମଧ୍ୟ ଦେଖାଯିବ ଯେ ଶବ୍ଦବାହୁଲ୍ୟ ନୁହେଁ, ଶବ୍ଦର ସଂଯମ (ସଂକ୍ଷେପଣ), ଅର୍ଥର ଦାରିଦ୍ର୍ୟ ନୁହେଁ, ବ୍ୟଞ୍ଜନାର ଆତିଶଯ୍ୟ ହେଉଛି ତାହାର ଦୋଷ । ଏ ଦୃଷ୍ଟିରୁ ଦେଖିଲେ ବେଦ କେବଳ ବର୍ବରତାର ଏକ ଚିତ୍ତାକର୍ଷକ ସ୍ମୃତି-ଅବଶେଷ ନୁହେଁ, ବରଂ ଜଗତର ପ୍ରାଚୀନ ଧର୍ମଶାସ୍ତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ସ୍ଥାନ ଅଧିକାର କରିବାକୁ ଯୋଗ୍ୟ ।

ଦ୍ୱିତୀୟ ଅଧ୍ୟାୟ

ବେଦତତ୍ତ୍ୱ : ଏକ ସିଂହାବଲୋକନ

ବେଦ ତା'ହେଲେ ଆମ ବୁଦ୍ଧିପ୍ରବଣ ଦର୍ଶନମାନଙ୍କ ରଚନାକାଳ ଠାରୁ ବହୁ ଆଗଯୁଗର ଏକ ରଚନା । ସେହି ଆଦିଯୁଗର ଚିନ୍ତା ଆମ ଯୁକ୍ତି-ନ୍ୟାୟ-ଧର୍ମୀ ଚିନ୍ତା-ପ୍ରଣାଳୀ ଅପେକ୍ଷା ଏକ ଭିନ୍ନ ମାର୍ଗରେ ଗତି କରୁଥିଲା ଓ ସେ ଯୁଗର ଭାଷା ମଧ୍ୟ ଏପରି ଏକ ପଦ୍ଧତିରେ ବ୍ୟକ୍ତ ହେଉଥିଲା ଯାହା ଆମର ଆଧୁନିକ କହିବା ଅଭ୍ୟାସ ବା ପ୍ରକାଶଭଙ୍ଗୀରେ ଆଦୌ ପ୍ରୟୋଗ ନାହିଁ । ସେତେବେଳର ପ୍ରାଜ୍ଞ ବ୍ୟକ୍ତି ସାଧାରଣ ପ୍ରତ୍ୟକ୍ଷ-ଜ୍ଞାନର ଓ ମଣିଷର ନିତ୍ୟକାର୍ଯ୍ୟାବଳୀର ଉର୍ଦ୍ଧ୍ୱସ୍ତରରେ ରହିଥିବା ସମସ୍ତ ଜ୍ଞାନ ଲାଭ କରିବାକୁ ଅନ୍ତରର ଅନୁଭୂତି ଓ ସମ୍ବୋଧିର ସଂକେତ ଉପରେ ନିର୍ଭର କରୁଥିଲା । ଜ୍ଞାନୋଦ୍ଭାସନ ଥିଲା ସେମାନଙ୍କର ଉଦ୍ଦେଶ୍ୟ, ତର୍କ-ସମ୍ମତ ସିଦ୍ଧାନ୍ତ ନୁହେଁ; ସତ୍ୟଦ୍ରଷ୍ଟା ହେବା ଥିଲା ସେମାନଙ୍କର ଆଭିମୁଖ୍ୟ, ଜଣେ ନିଛକ୍ ବିଶ୍ଳେଷକ ହେବା ନୁହେଁ । ଭାରତୀୟ ପରମ୍ପରା ବେଦ ଉପରିର ଏହି ମୌଳିକତାକୁ ଅତ୍ୟନ୍ତ ନିଷ୍ଠାର ସହିତ ରକ୍ଷା କରି ଆସିଛି । ଜଣେ ଋଷି ବ୍ୟକ୍ତିଗତ ଭାବରେ ସୂକ୍ତ-ରଚୟିତା ନ ଥିଲେ, ବରଂ ଏକ ସନାତନ ସତ୍ୟ ଓ ଅପୌରୁଷେୟ ଜ୍ଞାନର 'ଦ୍ରଷ୍ଟା' ଥିଲେ । ବେଦର ଭାଷାହିଁ 'ଶ୍ରୁତି' ଅର୍ଥାତ୍ ଆମ ବୁଦ୍ଧି ଦ୍ୱାରା ରଚିତ ଏହା ଏକ ଛନ୍ଦୋମୟୀ ରଚନା ନୁହେଁ, କିନ୍ତୁ ଶ୍ରୁତ ହୋଇଛି, ଅର୍ଥାତ୍ ଏହା ସେହି ଦିବ୍ୟ-ବାଣୀ, ଯାହାକି ଅନନ୍ତ ମଧ୍ୟରୁ ସ୍ପନ୍ଦିତ ହୋଇ ମନୁଷ୍ୟର ଆଭ୍ୟନ୍ତରୀଣ ଶ୍ରବଣ ମଧ୍ୟକୁ ଅବତରଣ କରିଥିଲା — ଯେଉଁ ମନୁଷ୍ୟ ଅପୌରୁଷେୟ ଜ୍ଞାନଲାଭ ନିମନ୍ତେ ନିଜକୁ ଯୋଗ୍ୟ କରିଛି ତାହାରି ଅନ୍ତର ମଧ୍ୟକୁ । 'ଦୃଷ୍ଟି' ଓ 'ଶ୍ରୁତି' (ଦର୍ଶନ ତଥା ଶ୍ରବଣ) ହେଉଛନ୍ତି ଦୁଇଟି ବୈଦିକ ଶବ୍ଦ । ସୂକ୍ତଗୁଡ଼ିକର ଗୂଢ଼ ପାରିଭାଷିକ ତତ୍ତ୍ୱ ଅନୁସାରେ ଏଦୁଇଟି ଶବ୍ଦ ଏବଂ ତତ୍‌ସମ୍ପର୍କୀୟ ଅନ୍ୟାନ୍ୟ ସମଜାତୀୟ ଶବ୍ଦ ସ୍ୱୟଂପ୍ରକାଶମାନ ଜ୍ଞାନ ଓ ଅନ୍ତଃପ୍ରେରଣାର (ଅନ୍ତଃଶ୍ରବଣର) ବିଷୟଗୁଡ଼ିକର ଅର୍ଥ ପ୍ରକାଶ କରନ୍ତି ।

ବୈଦିକ ଧାରଣା ଅନୁସାରେ ପ୍ରକାଶମାନ ଜ୍ଞାନରେ ଅଲୌକିକ ବା ଅତି-ପ୍ରାକୃତ ବୋଲି କୌଣସି ସୂଚନା ନାହିଁ । ଏଇ ଶକ୍ତିଗୁଡ଼ିକର ପ୍ରୟୋଗକାରୀ ଋଷି ପ୍ରଗତିଶୀଳ ଆତ୍ମାନୁଶୀଳନ ଦ୍ୱାରା ଏଇ ଜ୍ଞାନ ଲାଭ କରୁଥିଲେ । ସ୍ୱୟଂ ଜ୍ଞାନ ଥିଲା ଏକ ଯାତ୍ରା ଏବଂ ଶେଷରେ ଲକ୍ଷ୍ୟସ୍ଥଳରେ ଉପନୀତ ହେବା, ଅଥବା ଆବିଷ୍କାର ଓ ଜୟ କରିବା; ପରିଶେଷରେ ଜ୍ଞାନର ପ୍ରକାଶ ଘଟୁଥିଲା ଏବଂ ପ୍ରଜ୍ଞାଲୋକ ପ୍ରାପ୍ତି ଥିଲା ଅନ୍ତିମ ବିଜୟର ପୁରସ୍କାର । ସତ୍ୟ-ପଥରେ ଆତ୍ମାର ଏଇ ଯାତ୍ରା ବା ଅଗ୍ରଗତିର ବର୍ଣ୍ଣନା ବେଦରେ ଅବିଚ୍ଛିନ୍ନ

ଭାବରେ ଚିତ୍ରିତ ହୋଇଅଛି । ଆତ୍ମା ଏଇ ପଥରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ତା'ର ଉତ୍ତରଣ ମଧ୍ୟ ହୋଇଥାଏ ଏବଂ ତା' ଆତ୍ମହାର ସମ୍ମୁଖରେ ଶକ୍ତି ଓ ଆଲୋକର ନୂତନ କ୍ଷେତ୍ରମାନ ଉନ୍ମୁକ୍ତ ହୁଏ; ଏହା ନିଜର ବୀରତ୍ୱପୂର୍ଣ୍ଣ ପ୍ରଚେଷ୍ଟା ଦ୍ୱାରା ପ୍ରଶସ୍ତତର ଆଧ୍ୟାତ୍ମିକ ସମ୍ପଦରାଜିକୁ ଅଧିକାର କରେ ।

ଐତିହାସିକ ଦୃଷ୍ଟିକୋଣରୁ, ମନୁଷ୍ୟଜାତିର ସାମୂହିକ ପ୍ରଗତିର ଏକ ବିଶେଷ ଯୁଗରେ ବିଶିଷ୍ଟ ସାଧନା ଦ୍ୱାରା ଲବ୍ଧ ମହାନ୍ ଅଗ୍ରଗତିର ଏକ ବିବରଣ ସଂଗ୍ରହ ରୂପେ ଋଗ୍‌ବେଦକୁ ପରିଗଣିତ କରାଯାଇପାରେ । ଏହାର ଗୂହ୍ୟାର୍ଥ ତଥା ବାହ୍ୟାର୍ଥ ଦୃଷ୍ଟିରୁ ଏହା ହେଉଛି ଆନ୍ତର ଓ ବାହ୍ୟ ଯଜ୍ଞ ରୂପକ 'କର୍ମ'ର 'ସଂହିତା'; ପ୍ରକୃତିବଶ ବା ପଶୁସ୍ତରୀୟ ମାନବ ପକ୍ଷେ ଅଭେଦ୍ୟ ସେଇସବୁ ଚିନ୍ତା ଓ ଅନୁଭୂତିର ସ୍ତରକୁ ମାନବାତ୍ମା ଯେତେ ଯେତେ ଆବିଷ୍କାର କରୁଥାଏ ଓ ତହିଁରେ ଅଧିରୂଢ଼ ହେଉଥାଏ, ତା'ର ସେହି ସଂଗ୍ରାମ ଓ ଜୟର ଏହା ହେଉଛି ସ୍ତୋତ୍ରାବଳି, ମାନବ ସ୍ତୁତି କରୁଛି ମର୍ତ୍ୟ ମଧ୍ୟରେ କ୍ରିୟାରତ ଦିବ୍ୟଜ୍ୟୋତି, ଶକ୍ତି ଓ କରୁଣାକୁ । ଅତଏବ ବୁଦ୍ଧିଗତ ବା କାଳ୍ପନିକ ବିଚାରର ମର୍ମ ଲିପିବଦ୍ଧ କରିବା ଋଗ୍‌ବେଦର ଆଦୌ ଏକ ପ୍ରଚେଷ୍ଟା ନୁହେଁ ବା ସେଥିରେ ଆଦିମଯୁଗୀୟ ଧର୍ମର ଅର୍ଥଶୂନ୍ୟ କୁସଂସ୍କାରସମ୍ବଳିତ କୌଣସି ରୂଢ଼ ମତବାଦ ନାହିଁ । ଅନୁଭୂତିର ସମାନତାରୁ ତଥା ଉପଲବ୍ଧ ଜ୍ଞାନର ଅପୌରୁଷେୟତାରୁହିଁ ନିରନ୍ତର ପୁନରାବୃତ୍ତିଶୀଳ ଧାରଣାଗୁଡ଼ିକର ଏକ ସୁନିର୍ବନ୍ଧ କଳେବର ଓ ସୁନିର୍ଦ୍ଦିଷ୍ଟ ଏକ ପ୍ରତୀକାତ୍ମିକା ଭାଷା ଗଢ଼ି ଉଠିଥାଏ; ପୂର୍ବଜ ମାନବଙ୍କର ଏଇ ଭାଷାରେ ସମ୍ଭବତଃ ଏହି ଧାରଣାଗୁଡ଼ିକ ଥିଲେ ତାହାର ଅନିବାର୍ଯ୍ୟ ରୂପ, କାରଣ ଏଥିରେ ଯେଉଁ ବାସ୍ତବିକତା ରହିଛି ଏବଂ ତଦାନୀନ୍ତନ ମାନବଜାତିର ସାଧାରଣ ମନ ପକ୍ଷରେ ପ୍ରକାଶ କରିବା ଅସମ୍ଭବ ଏପରି ଗୂହ୍ୟ-ସଂକେତସବୁକୁ ବ୍ୟକ୍ତ କରିବାର ଯେଉଁ ଶକ୍ତି ଏଥିରେ ଅଛି — ଏହି ଉଭୟର ଏକତ୍ରାବସ୍ଥାନ ହେତୁ ଏହାହିଁ ଥିଲା ଏକମାତ୍ର ସମର୍ଥ ଭାଷା । ସମାନ ପାରିଭାଷିକ ଶବ୍ଦର, ଅଳଙ୍କାରର ଏବଂ ପ୍ରାୟ ସମାନ ବାକ୍ୟାଂଶଗୁଡ଼ିକରେ ଏକହିଁ ଭାବରାଶିର ପୁନରାବୃତ୍ତି ସୂକ୍ତ ପରେ ସୂକ୍ତଗୁଡ଼ିକରେ ଆମେ ଦେଖିବାକୁ ପାଉଁ; ଆଉ ମଧ୍ୟ ତା' ସହିତ କୌଣସି କାବ୍ୟିକ ମୌଳିକତାର ଅନ୍ୱେଷଣ ତଥା ଚିନ୍ତାର ବୈଚିତ୍ର୍ୟ ଓ ଭାଷାର ନବୀନତ୍ୱ ପ୍ରଭୃତି ଦାବି ପ୍ରତି ସଂପୂର୍ଣ୍ଣ ଉଦାସୀନତା ଦେଖିବାକୁ ମିଳେ । ପବିତ୍ର ଓ ସ୍ୱତନ୍ତ୍ର ଭାବେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଏଇ ରଚନାଶୈଳୀକୁ ଭିନ୍ନ ପ୍ରକାରର କିଛି କରିବା ପାଇଁ ଏଇ ରହସ୍ୟବାଦୀ କବିମାନଙ୍କୁ କଳାତ୍ମକ ସୌଷ୍ଠବ, ବାଗାଡ଼ମ୍ବର ବା ସୌନ୍ଦର୍ଯ୍ୟର ଅନ୍ୱେଷଣ ପ୍ରଭୃତି ଆକୃଷ୍ଟ କରି ନାହିଁ । ଅନ୍ୟ ପକ୍ଷରେ, ସେମାନଙ୍କ ପାଇଁ ଏ ରଚନା ଥିଲା ଏକ ପ୍ରକାର ଦିବ୍ୟ ବୀଜଗଣିତ ଯାହା ଜ୍ଞାନର ଶାଶ୍ୱତ ସୂତ୍ରକୁ ଦୀକ୍ଷିତ ଶିଷ୍ୟମାନଙ୍କଠାରେ ପରମ୍ପରାକ୍ରମେ ସଂଚାରିତ କରିଦେଉ ଥିଲା ।

ବସ୍ତୁତଃ ସୂକ୍ତଗୁଡ଼ିକର ଛାନ୍ଦସିକ ରୂପ ତ୍ରୁଟିଶୂନ୍ୟ, ସେମାନଙ୍କ ଗଠନରୀତିରେ ନିହିତ ଅଛି ଏକ ଅବିଚ୍ଛିନ୍ନ ସୂକ୍ଷ୍ମତା, ଦକ୍ଷ କଳାକୁଶଳତା, ରଚନାଶୈଳୀ ଓ କାବ୍ୟିକ ସ୍ୱରୂପର ବିପୁଳ ବିବିଧତା । ଏଗୁଡ଼ିକ ନିର୍ବସ୍ତ୍ର ଅମାର୍ଜିତ ବର୍ବର ଓ ଆଦିମ କାରିଗରମାନଙ୍କର କୃତି ନୁହେଁ । ବରଂ ଏହା ହେଉଛି ଆତ୍ମ-ନିରୀକ୍ଷକ ଅନ୍ତଃପ୍ରେରଣାର ଶକ୍ତିଶାଳୀ ଅଥଚ ସୁସଂଚାଳିତ ଗତିଛନ୍ଦରେ ଗଢ଼ି ଚାଲିଥିବା ଏକ ପରମ ଓ ସଚେତନ କଳାର ଶ୍ୱାସବାୟୁ ପରି ଜୀବନ୍ତ ଅଭିବ୍ୟକ୍ତି । ତଥାପି, ପରସ୍ପର ପାର୍ଥକ୍ୟ ନ ରଖି ଏକ ନିର୍ଦ୍ଦିଷ୍ଟ ରୂପରେଖ ମଧ୍ୟରେ ଏଇସବୁ ମହାର୍ଘ ଦାନକୁ ପ୍ରକାଶ କରିବାର ଇଚ୍ଛାକୃତ କର୍ଷଣ କରାଯାଇଛି ଏବଂ ରଚନାର ଉପାଦାନଗୁଡ଼ିକ ପ୍ରାୟ ସବୁକ୍ଷେତ୍ରରେ ଏକାଭଳି । ପ୍ରକାଶନକଳା ଋଷିମାନଙ୍କ ପକ୍ଷରେ ଭାବ-ପ୍ରକାଶର ଏକ ସାଧନ ବା ଉପାୟ ମାତ୍ର ଥିଲା ସିନା ସେମାନଙ୍କର ତାହା ଲକ୍ଷ୍ୟ ନ ଥିଲା । ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଅତ୍ୟନ୍ତ ବ୍ୟାବହାରିକ, ପ୍ରାୟତଃ ଏହା ଥିଲା ଉପଯୋଗିତାବାଦର ସର୍ବୋତ୍ତମ ଅର୍ଥରେ ଏକ ଉପଯୋଗିତାବାଦ । ସୂକ୍ତ-ରଚୟିତା ଋଷିମାନଙ୍କ ପକ୍ଷରେ ସୂକ୍ତହିଁ ଥିଲା ତାଙ୍କ ନିଜର ତଥା ଅନ୍ୟମାନଙ୍କର ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଏକ ମାଧ୍ୟମ । ମନ୍ତ୍ର ତାଙ୍କ ଆତ୍ମା ମଧ୍ୟରୁ ଉତ୍ଥିତ ହୋଇ ମନଃ-ଶକ୍ତିରେ ପରିଣତ ହେଉଥିଲା, ତାହା ଥିଲା ତାଙ୍କ ଅନ୍ତର୍ଜୀବନ-ଇତିହାସର ଗୁରୁତ୍ୱପୂର୍ଣ୍ଣ ଏପରିକି ସଂକଟଜନକ ମୁହୂର୍ତ୍ତରେ ଆତ୍ମ-ଅଭିବ୍ୟକ୍ତିର ବାହନ । ତାଙ୍କ ଅନ୍ତଃସ୍ଥିତ ଦେବତାଙ୍କୁ ଅଭିବ୍ୟକ୍ତ କରିବାରେ, ଅଶୁଭର ପ୍ରକାଶକକୁ, ଭକ୍ଷକକୁ ବିନାଶ କରିବାରେ ଏହା ତାଙ୍କୁ ସାହାଯ୍ୟ କରୁଥିଲା । ସିଦ୍ଧି-ପ୍ରୟାସୀ ଆର୍ଯ୍ୟ-ଋଷିଙ୍କ ହାତରେ ଏହା ଏକ ଅସ୍ତ୍ରରେ ପରିଣତ ହେଉଥିଲା । ଆଉ ମଧ୍ୟ ସାନୁ ଉପରେ ଅବସ୍ଥିତ 'ଆବରକ' (ବୃତ୍ର) ବିରୋଧରେ, ମାର୍ଗମଧ୍ୟସ୍ଥ 'ବୃକ' ବିରୋଧରେ, ନଦୀତୀରବର୍ତ୍ତୀ ଦସ୍ୟୁ ବିରୋଧରେ ଇନ୍ଦ୍ରଙ୍କ ବଜ୍ର ପରି ଏହା ଝଲସି ଉଠୁଥିଲା ।

ବୈଦିକ ଭାବଧାରାର ଅପରିବର୍ତ୍ତନୀୟ ଯଥାଯଥତାକୁ, ଯଦି ତା'ର ଗଭୀରତା, ପ୍ରାଚୁର୍ଯ୍ୟ ଓ ସୂକ୍ଷ୍ମତା ସହ ବିଚାର କରାଯାଏ, ତେବେ ମନରେ ଆଗ୍ରହୋଦ୍ଦୀପକ କେତେକ ଆନୁମାନିକ ବିଷୟ ଜାଗ୍ରତ ହୁଏ । କାରଣ ଯଥାର୍ଥତାର ଭିତ୍ତିରେ ଆମେ ଏପରି ତର୍କ କରିପାରୁ ଯେ ଚିନ୍ତା ଓ ମନସ୍ତାତ୍ତ୍ୱିକ ଅଭିଜ୍ଞତାର ପ୍ରାରମ୍ଭିକ ଅବସ୍ଥାରେ, ଅଥବା ଏପରିକି ସେଗୁଡ଼ିକର ପ୍ରଗତି ଓ ବିସ୍ତୃତିକାଳରେ ଏପ୍ରକାର ରୂପର ଅପରିବର୍ତ୍ତନୀୟତା ତଥା ବିଷୟବସ୍ତୁର ସାରବତ୍ତା ଉଦ୍ଭବ ହେବା ସମ୍ଭବ ନୁହେଁ । ଆମ ପାଇଁ ତା'ହେଲେ ଏପରି ଅନୁମାନ କରିବା ସ୍ୱାଭାବିକ ଯେ ଆମର ଏହି ବାସ୍ତବ ସଂହିତାଟି ଏକ ଯୁଗାବସାନର ସୂଚନା ଦେଉଛି, ତା'ର ପ୍ରାରମ୍ଭିକ ଅବସ୍ଥାର ନୁହେଁ କି ପରବର୍ତ୍ତୀ ଉତ୍ତରୋତ୍ତର କ୍ରମବିକାଶ ସମୟର ବି ନୁହେଁ । ଏହା ମଧ୍ୟ ହୋଇପାରେ ଯେ ଏଇ ସଂହିତାର ସର୍ବପ୍ରାଚୀନ ସୂକ୍ତସମୂହ ଅପେକ୍ଷାକୃତ ଆଧୁନିକ ବିକାଶର କିଂବା ଆହୁରି ଅଧିକ ପ୍ରାଚୀନ ଗୀତିଧର୍ମୀ ପ୍ରଜ୍ଞାବାଣୀର

ଏକ ସଂସ୍କରଣ — ଆହୁରି ପ୍ରାଚୀନ ଭାଷାର ଅଧିକ ସାବଲୀଳ ଓ ନମନୀୟ ଆଙ୍ଗିକ ଆଶ୍ରିତ । ଆଧୁନିକ ବିକାଶ ବା ରୂପାନ୍ତରରଂ କିଂବା ଏପରି ବି ହୋଇପାରେ ଯେ ବେଦମନ୍ତ୍ରଗୁଡ଼ିକର ବିଶାଳ ସମାହାର ସ୍ୱରୂପ ଏ-ସଂହିତାଟି ହେଉଛି ଆର୍ଯ୍ୟମାନଙ୍କର ସମୃଦ୍ଧ ପ୍ରାଚୀନତର ବାଙ୍ମୟ ରଚନାବଳୀରୁ ବ୍ୟାସଦେବଙ୍କ ଦ୍ୱାରା ନିର୍ବାଚିତ ଗୋଟିଏ ସଂଚୟନ ମାତ୍ର । ସାଧାରଣତଃ ବିଶ୍ୱାସ କରାଯାଏ ଯେ ଆମ ପରମ୍ପରାର ଏଇ ଋଷି ମହାନ୍ ସଂକଳକ କୃଷ୍ଣ ଦ୍ୱୈପାୟନ (ବ୍ୟାସ) ଏହା କରିଥିଲେ । କଳିଯୁଗର ପ୍ରାରମ୍ଭ ଓ କ୍ରମକ୍ଷୀୟମାଣ ଆଲୋକର ସନ୍ଧ୍ୟାରୂପକ ଶତାବ୍ଦୀଗୁଡ଼ିକ ଉପରେ ଓ ଆଗତପ୍ରାୟ ଅନ୍ତିମ ତାମସୀ ଅବସ୍ଥା ଉପରେ ସେ ତାଙ୍କ ଦୃଷ୍ଟି ନିକ୍ଷେପ କରିଥିଲେ । ସମ୍ଭବତଃ ପୂର୍ବପୁରୁଷମାନଙ୍କ ଭାସ୍ୱର ଉଷାରାଜିର ସେଇ ସମ୍ଯୋଧିଯୁଗଗୁଡ଼ିକର ଏହି ବାଣୀ-ସଂକଳନଟିକୁ ସେମାନଙ୍କ ଭବିଷ୍ୟତ ଦାୟାଦମାନଙ୍କ ପାଇଁ ଏକ ବିଶେଷ ଅବଦାନ ସ୍ୱରୂପ ରଖିଯାଇଛନ୍ତି; ସେମାନଙ୍କ ବଂଶଧର ଏଇ ମାନବଜାତି ନିଜ ଚେତନାସ୍ତରରେ ସେତେବେଳକୁ ନିମ୍ନତର ସ୍ତର ଆଡ଼କୁ ଓ ସହଜତର ତଥା ସୁରକ୍ଷିତ ପ୍ରାପ୍ତିଗୁଡ଼ିକ ଦିଗରେ ମୁହାଁଇ ଥିବାର ସେ ଦେଖିଥିଲେ । ସେଇ ସୁରକ୍ଷାଟି ଥିଲା ସେମାନଙ୍କ ଭୌତିକ ଜୀବନର ତଥା ମନୀଷାର ଓ ବିବେକର, ଅଥଚ ସମ୍ଭବତଃ ଏହା ଥିଲା ଆପାତପ୍ରତୀୟମାନ ସୁରକ୍ଷା ମାତ୍ର ।

କିନ୍ତୁ ଏଇସବୁ ହେଉଛି କାଳ୍ପନିକ ବା ଆନୁମାନିକ ତଥ୍ୟ । ଏକଥା ନିଶ୍ଚିତ ଯେ ମାନବସଭ୍ୟତାର ଆବର୍ତ୍ତନଚକ୍ରର ଧର୍ମ ଯାହା, ସେହି ଅନୁସାରେ ବେଦର ପ୍ରାଚୀନ ପରମ୍ପରା କ୍ରମଶଃ ଅସ୍ପଷ୍ଟ ହୋଇ ଉଠିଛି ଓ ବେଦର ପ୍ରାଧାନ୍ୟ କ୍ଷୟ ହୋଇ ହୋଇ ଆସିଛି — ଘଟଣା-ପ୍ରବାହରେ ଏହା ପୂରାପୂରି ପ୍ରମାଣିତ । ଭାରତୀୟ ଆଧ୍ୟାତ୍ମିକତାର ପରବର୍ତ୍ତୀ ଯୁଗ, ମହାନ୍ ବୈଦାନ୍ତିକ ଯୁଗ, ଆରମ୍ଭ ହେବାର ବହୁ ପୂର୍ବରୁ ଏଇ ଅସ୍ପଷ୍ଟତା ବହୁତ ବଢ଼ି ଯାଇଥିଲା; ସେହି ଯୁଗରେ ପ୍ରାଚୀନ ଜ୍ଞାନକୁ ରକ୍ଷା କରିବାକୁ ବା ଅନ୍ତତଃ ପୁନରୁଦ୍ଧାର କରିବାକୁ ଅଦମ୍ୟ ପ୍ରଚେଷ୍ଟା କରାଯାଇଥିଲା । ତା' ଛଡ଼ା ବୋଧହୁଏ ଆଉ ଅଧିକ କିଛି କରିବା ସମ୍ଭବ ନ ଥିଲା । କାରଣ ବୈଦିକ ଋଷିମାନଙ୍କ 'ପଦ୍ଧତି' ଏପରି ଏକ ଅନୁଭୂତି ଉପରେ ଆଧାରିତ ଥିଲା ଯାହାକୁ ପାଇବା ସାଧାରଣ ମନୁଷ୍ୟ ପକ୍ଷରେ କଷ୍ଟସାଧ୍ୟ, ଏବଂ ଯେଉଁ ମାନସିକ ଶକ୍ତିମାନଙ୍କ ସାହାଯ୍ୟରେ ତାହା ବିକଶିତ ହୋଇଥିଲା ସେଗୁଡ଼ିକ ଆମ ଅଧିକାଂଶଙ୍କ ଭିତରେ ପ୍ରାରମ୍ଭିକ ଅବସ୍ଥାରେ ଅଛି ଓ ଅସଂପୂର୍ଣ୍ଣ ଭାବରେ ବିକଶିତ; ଏବଂ ଯେତେବେଳେ ଅବା ସକ୍ରିୟ ହୁଏ ସେତେବେଳେ ମଧ୍ୟ ଏହା ଥାଏ ମିଶ୍ରିତ ଓ ତା'ର

---

[୧] ବେଦ ସ୍ୱୟଂ ସର୍ବଦା ପ୍ରାଚୀନ ଓ ଆଧୁନିକ ଋଷିମାନଙ୍କ କଥା ଉଲ୍ଲେଖ କରିଛି (ପୂର୍ବେଭିଃ ନୂତନୈଃ) । ପ୍ରାଚୀନ ଅର୍ଥାତ୍ ଏତେ ପୁରାତନ ଯେ ସେମାନଙ୍କୁ ଏକପ୍ରକାର ଅର୍ଦ୍ଧଦେବତା, ଜ୍ଞାନର ଆଦି-ପ୍ରତିଷ୍ଠାତା ବୋଲି କୁହାଯାଇଛି ।

କାର୍ଯ୍ୟ କ୍ଷେତ୍ରରେ ବି ଅନିୟମିତ । ଥରେ ସତ୍ୟାନୁସନ୍ଧାନର ପ୍ରାରମ୍ଭିକ ତୀବ୍ରତା ଅତିକ୍ରାନ୍ତ ହୋଇଗଲେ କ୍ଲାନ୍ତି ଓ ଶିଥିଳତାର ଯୁଗ ଆସିବା ନିଶ୍ଚିତ । ସେତେବେଳେ ପ୍ରାଚୀନ ସତ୍ୟଗୁଡ଼ିକ ଅଂଶତଃ ନଷ୍ଟ ହୋଇଯାଏ । ଥରେ ନଷ୍ଟ ହୋଇଗଲେ ଆଉ ପ୍ରାଚୀନ ସୂତ୍ରଗୁଡ଼ିକର ଅର୍ଥ ଉଦ୍ଧାର କରିବା ସହଜସାଧ୍ୟ ହୁଏ ନାହିଁ; କାରଣ ସେହି ସମସ୍ତ ସୂକ୍ତ ଇଚ୍ଛାକୃତଭାବେ କୂଟାର୍ଥବୋଧକ ଭାଷାକୁ ଆଶ୍ରୟ କରିଥିଲା ।

ସୂତ୍ରଟି ଥରେ ମିଳିଗଲେ ଗୋଟିଏ ଅବୋଧ ଭାଷାକୁ ଠିକ୍ ଭାବରେ ବୁଝିବା ସମ୍ଭବ ହୋଇଯାଏ, ଯେଉଁଠାରେ ଉଦ୍ଦେଶ୍ୟମୂଳକ ଭାବରେ କୂଟାର୍ଥବ୍ୟଞ୍ଜକ ଶବ୍ଦ ପ୍ରୟୋଗ କରାଯାଇଥାଏ ତାହା ରହସ୍ୟକୁ ଦୃଢ଼ ଓ ସଫଳତାର ସହିତ ବହନ କରୁଥାଏ, କାରଣ ଏଥିରେ ଏପରିସବୁ ପ୍ରଲୋଭନ ଓ ରହସ୍ୟାତ୍ମକ ସଙ୍କେତ ଭରି ରହିଥାଏ ଯାହା ବାଟ ଭୁଲେଇ ଦିଏ । ସୁତରାଂ ଭାରତୀୟ ମନ ଯେତେବେଳେ ପୁଣି ଥରେ ବେଦାର୍ଥ ପ୍ରକାଶ କରିବା ଦିଗରେ ସଚେଷ୍ଟ ହେଲା, ସେତେବେଳେ ସେ କାର୍ଯ୍ୟଟି ହେଲା କଠିନ ଏବଂ ତହିଁରୁ ଯେଉଁ ସଫଳତା ମିଳିଲା ତାହା ମଧ୍ୟ ହେଲା ଆଂଶିକ ମାତ୍ର । ସେ ସମୟରେ ମଧ୍ୟ ଜ୍ଞାନାଲୋକର ଉତ୍ସ ଏକ ହୋଇ ରହିଥିଲା, ଅର୍ଥାତ୍ ସେଇମାନଙ୍କୁ ପାରମ୍ପରିକ ଜ୍ଞାନ ପ୍ରଦାନ କରାଯାଉଥିଲା ଯେଉଁମାନେ ବୈଦିକ ମନ୍ତ୍ରଗୁଡ଼ିକୁ ମୁଖସ୍ଥ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ବ୍ୟାଖ୍ୟା କରୁଥିଲେ ଅଥବା ଯେଉଁମାନେ ବୈଦିକ କର୍ମକାଣ୍ଡର ପୌରୋହିତ୍ୟ କରୁଥିଲେ, ସେଇମାନଙ୍କୁ । ଏ ଦୁଇଟି କାମ ପ୍ରଥମେ ଏକତ୍ର ରହିଥିଲା, କାରଣ ସେଇ ଆଦି ଯୁଗରେ ପୁରୋହିତ ଥିଲେ ଉଭୟ ଆଚାର୍ଯ୍ୟ ଓ ଋଷି । କିନ୍ତୁ ପୂର୍ବରୁହିଁ ଏଇ ଆଲୋକର ସ୍ୱଚ୍ଛତା ଅସ୍ପଷ୍ଟ ହୋଇଯାଇଥିଲା; ବିଖ୍ୟାତ ପୁରୋହିତଗଣ ଯେଉଁସବୁ ପବିତ୍ର ଧର୍ମ-ବାକ୍ୟଗୁଡ଼ିକୁ ଆବୃତ୍ତି କରୁଥିଲେ ସେମାନଙ୍କର ମଧ୍ୟ ସେଗୁଡ଼ିକର ଶକ୍ତି ଓ ଅର୍ଥ ସମ୍ବନ୍ଧରେ ଜ୍ଞାନ ଥିଲା ଅତି ଅସଂପୂର୍ଣ୍ଣ ଏବଂ ତାହାରି ଦ୍ୱାରାହିଁ ସେମାନେ ଯଜ୍ଞାଦି ଅନୁଷ୍ଠାନ କରୁଥିଲେ । କାହିଁକି ନା ବୈଦିକ ଉପାସନାର ବାହ୍ୟ ଆକାରସବୁ ଆନ୍ତର ଜ୍ଞାନ ଉପରେ ଏକ ଘନ ଆବରଣରେ ପରିଣତ ହୋଇ ଯାଇଥିଲା ଏବଂ ଏକଦା ସେମାନେ ଯାହାକୁ ରକ୍ଷା କରିବାକୁ ଉଦ୍ଦିଷ୍ଟ ଥିଲେ, ତାହାରିହିଁ ଶ୍ୱାସରୋଧ କରିବାରେ ପ୍ରବୃତ୍ତ ହେବାକୁ ଲାଗିଲେ । ଏଥିପୂର୍ବରୁହିଁ କାଳ୍ପନିକ କାହାଣୀ ଓ ଯଜ୍ଞାନୁଷ୍ଠାନିକ ବିଧିବିଧାନର ଏକ ସମାହାର ରୂପେ ବେଦ ପରିଗଣିତ ହୋଇ ସାରିଥିଲା । ପ୍ରତୀକାତ୍ମକ ଯଜ୍ଞ-ପୂଜାବିଧିର ପଶ୍ଚାତରେ ଥିବା ଏହାର ଶକ୍ତି ହ୍ରାସ ପାଇବାକୁ ଆରମ୍ଭ କରିଥିଲା ଏବଂ ରହସ୍ୟାତ୍ମକ କାହାଣୀଗୁଡ଼ିକରୁ ମଧ୍ୟ ଜ୍ଞାନାଲୋକ ଅସ୍ତମିତ ହେବାକୁ ଲାଗିଥିଲା ଓ ସେଗୁଡ଼ିକ କେବଳ ଏକ ଆପାତତଃ ଗୂଢ଼ାର୍ଥବିହୀନ ବିକୃତ ସାଧାରଣ କଥା ରୂପେ ରହିଯାଇଥିଲା ।

ବ୍ରାହ୍ମଣ ଓ ଉପନିଷଦଗୁଡ଼ିକ ଶକ୍ତିଶାଳୀ ଏକ ପୁନରୁତ୍ଥାନର ବିଷୟସବୁକୁ ବହନ

କରେ, ଯାହାକି ପୂଜାଶାସ୍ତ୍ର ଓ ଯଜ୍ଞାନୁଷ୍ଠାନ ଆଦିକୁ ଏକ ନୂତନ ଆଧ୍ୟାତ୍ମିକ ଜ୍ଞାନ ଓ ଅଭିଜ୍ଞତାର ଆରମ୍ଭ ବିନ୍ଦୁ ରୂପେ ଗ୍ରହଣ କରିଥିଲା । ଏଇ ଗତିଧାରାର ଥିଲା ଦୁଇଟି ପରିପୂରକ ଦିଗ । ପ୍ରଥମଟି ହେଉଛି ବାହ୍ୟ ବିଧିବିଧାନର ସଂରକ୍ଷଣ ଓ ଦ୍ୱିତୀୟଟି ହେଉଛି ବୈଦିକ ମର୍ମର ପୁନଃ ପରିପ୍ରକାଶ । ବ୍ରାହ୍ମଣ ଶାସ୍ତ୍ରଗୁଡ଼ିକ[୨] ପ୍ରଥମଟିର ଓ ଉପନିଷଦଗୁଡ଼ିକ ଦ୍ୱିତୀୟଟିର ପ୍ରତିନିଧିତ୍ୱ କରୁଥିଲେ ।

ବୈଦିକ ପୂଜାନୁଷ୍ଠାନଗୁଡ଼ିକର ଟିକିନିଖି ବିଧିବିଧାନ, ସେଗୁଡ଼ିକର ପଛଦାୟକ ସର୍ତ୍ତମାନ, ସେମାନଙ୍କର ବିଭିନ୍ନ ଅଂଶ, କ୍ରିୟାଧାରା ଓ ପ୍ରୟୋଗର ପ୍ରତୀଚ୍ଛାର୍ଥ ଓ ଉଦ୍ଦେଶ୍ୟ, ଯଜ୍ଞବିଧିରେ ପ୍ରଯୁକ୍ତ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଗୁଡ଼ିକର ଗୂଢ଼ାର୍ଥ, ଅସ୍ପଷ୍ଟ ପରୋକ୍ଷ ସଙ୍କେତସବୁର ପୁନଃ-ସଂସ୍ଥାପନ, ପ୍ରାଚୀନ ଗାଥା ଓ ପରମ୍ପରାଗୁଡ଼ିକର ସ୍ମରଣ — ଏସମସ୍ତର ନିରୂପଣ ତଥା ସଂରକ୍ଷଣ କରିବା ଥିଲା ବ୍ରାହ୍ମଣ ଶାସ୍ତ୍ରଗୁଡ଼ିକର ପ୍ରୟାସ । ବ୍ରାହ୍ମଣ ଶାସ୍ତ୍ରରେ ଥିବା ଅନେକ କାହାଣୀ ନିଶ୍ଚିତରୂପେ ବୈଦିକ ସୂକ୍ତମାନଙ୍କର ଉତ୍ତରକାଳର ରଚନା । ବୋଧଗମ୍ୟ ହେଉ ନ ଥିବା ତତ୍ତ୍ୱଗୁଡ଼ିକୁ ବୁଝାଇବା ନିମନ୍ତେ ସେଗୁଡ଼ିକ ଉଦ୍ଭାବିତ ହୋଇ ଥିଲେ, ଆଉ କେତେକ କାହାଣୀ ଥିଲା ପ୍ରାଚୀନ ପ୍ରତୀକବାଦୀଙ୍କ ଦ୍ୱାରା ପ୍ରଯୁକ୍ତ ମୂଳ ରୂପକ ଓ କାହାଣୀର ଅଂଶ, ଅଥବା ସୂକ୍ତ ରଚନାକାଳରେ ଘଟୁଥିବା ବାସ୍ତବିକ ଐତିହାସିକ ପରିସ୍ଥିତିମାନଙ୍କ ସ୍ମୃତି । ମୌଖିକ ପରମ୍ପରାଲବ୍ଧ ଜ୍ଞାନହିଁ ତତ୍ତ୍ୱଟିକୁ ସର୍ବଦା ଅସ୍ପଷ୍ଟତା ଭିତରେ ରଖେ । ଏକ ନୂତନ ପ୍ରତୀକବାଦକୁ ଆଉ ଏକ ଅର୍ଦ୍ଧଲୁପ୍ତ ପ୍ରତୀକବାଦ ଉପରେ ପ୍ରୟୋଗ ଜଣେ ତାହା ତାକୁ ପ୍ରକାଶ ନ କରି ବରଂ ଆବୃତ କରିଦିଏ । ସୁତରାଂ ବ୍ରାହ୍ମଣ ଗ୍ରନ୍ଥଗୁଡ଼ିକ ନାନା ଚିତ୍ତାକର୍ଷକ ସଙ୍କେତରେ ପୂର୍ଣ୍ଣ ଥିଲେ ମଧ୍ୟ ଆମ ଗବେଷଣାରେ ସେଗୁଡ଼ିକ ଖୁବ୍ କମ୍ ସାହାଯ୍ୟ କରନ୍ତି । ଆହୁରି ମଧ୍ୟ ଯେତେବେଳେ ସେମାନେ ବେଦର ଭିନ୍ନ ଭିନ୍ନ ଅଂଶର ଅବିକଳ ଶାବ୍ଦିକ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି, ସେତେବେଳେ ବି ସେଇ ଅର୍ଥ ନିରୂପଣରେ ସେମାନେ ନିରାପଦ ଦିଗ୍‌ଦର୍ଶକ ହୋଇପାରି ନାହାନ୍ତି ।

ଉପନିଷଦର ଋଷିମାନେ ଅନ୍ୟ ଏକ ପଦ୍ଧତି ଅନୁସରଣ କରିଛନ୍ତି । ସେମାନେ ଅଭିନିବେଶ ତଥା ଆଧ୍ୟାତ୍ମିକ ଅନୁଭୂତି ସାହାଯ୍ୟରେ ଲୁପ୍ତ ବା ଅନ୍ତୋନୁଖ ଜ୍ଞାନର ପୁନରୁଦ୍ଧାର କରିବାର ଆକାଙ୍କ୍ଷା ରଖିଥିଲେ ଏବଂ ପ୍ରାଚୀନ ମନ୍ତ୍ରଗୁଡ଼ିକୁ ସହାୟକ ରୂପେ ବା ନିଜ ସମ୍ବୋଧି ଓ ଅନ୍ତର୍ଦର୍ଶନର ପ୍ରମାଣ ରୂପେ ବ୍ୟବହାର କରୁଥିଲେ କିଂବା ବେଦବାଣୀକୁ ଧୀ ଓ ସୂକ୍ଷ୍ମଦୃଷ୍ଟିର ବୀଜରୂପେ ଗ୍ରହଣ କରି ପୁରାତନ ସତ୍ୟକୁ ନୂତନ ରୂପ ଦେଇ

---

୨ ବାସ୍ତବରେ ଏଇ ଅଧ୍ୟାୟସ୍ଥ ଏଇସବୁ ତଥା ଅନ୍ୟ ମନ୍ତବ୍ୟମାନ ହେଉଛନ୍ତି କେତେଜ ପ୍ରଧାନ ପ୍ରବୃତ୍ତିର ସଂକ୍ଷିପ୍ତ ଓ ସାରଭୂତ ଆଲୋଚନା । ଉଦାହରଣ ସ୍ୱରୂପ ବ୍ରାହ୍ମଣ ଗ୍ରନ୍ଥଗୁଡ଼ିକରେ ସେମାନଙ୍କ ନିଜସ୍ୱ ତାତ୍ତ୍ୱିକ ଅଧ୍ୟାୟମାନ ରହିଛି ।

ପୁନରୁଜ୍ଜୀବିତ କରୁଥିଲେ । ସେମାନେ ଯାହା ପାଇଥିଲେ, ତାକୁ ତାଙ୍କ ସମୟର ବୋଧଭାଷା ଅପେକ୍ଷା ଅଧିକ ସହଜବୋଧ ଭାବରେ ଏକ ଭିନ୍ନ ପରିଭାଷାରେ ପ୍ରକାଶ କରିଥିଲେ । ଗୋଟିଏ ଦିଗରେ ଦେଖିଲେ ସେମାନଙ୍କ ବେଦଚର୍ଚ୍ଚା ସଂପୂର୍ଣ୍ଣ ନିଃସ୍ୱାର୍ଥ ନ ଥିଲା । ପୁନଶ୍ଚ ବୈଦିକ ଶବ୍ଦଗୁଡ଼ିକର ବାସ୍ତବ ରଚନା ଭିତରେ ଯେଉଁ ଆଭିମୁଖ୍ୟ ରହିଛି ଓ ବୈଦିକ ବାକ୍ୟଗୁଡ଼ିକରେ ଯେଉଁ ନିର୍ଦ୍ଦିଷ୍ଟ ଭାବ ରହିଛି, ସେଠାରେ ଉପନୀତ ହେବା ସକାଶେ ପଣ୍ଡିତମାନଙ୍କର ଯେଉଁ ବିବେଚନାପୂର୍ଣ୍ଣ ଆଗ୍ରହ ଥାଏ, ସେମାନେ ତାହାରି ଦ୍ୱାରା ପ୍ରେରିତ ହୋଇ ନ ଥିଲେ । ସେମାନେ ଭାଷାଗତ ସତ୍ୟ ଅପେକ୍ଷା ଅନ୍ୟ ଏକ ଉଚ୍ଚତର ସତ୍ୟର ଅନ୍ୱେଷଣ କରୁଥିଲେ ଏବଂ ଯେଉଁ ଜ୍ଞାନ ପାଇଁ ସେମାନେ ପ୍ରୟାସରତ ଥିଲେ, ତାହାର ପ୍ରକାଶ ନିମନ୍ତେ ଶବ୍ଦମାନଙ୍କୁ ବ୍ୟଞ୍ଜନା ରୂପେ ବ୍ୟବହାର କରୁଥିଲେ । ଶବ୍ଦଗୁଡ଼ିକର ବ୍ୟୁତ୍ପତ୍ତିଗତ ଅର୍ଥ ହୁଏତ ସେମାନଙ୍କୁ ଜଣା ନ ଥିଲା କିଂବା ସେମାନେ ତାହା ଜାଣିଶୁଣି ଉପେକ୍ଷା କରୁଥିଲେ ଏବଂ ଅନେକ ସମୟରେ ଅକ୍ଷର ଧ୍ୱନିର ପ୍ରତୀକାତ୍ମକ ବ୍ୟୁତ୍ପତ୍ତିମୂଳକ ପଦ୍ଧତିକୁ ପ୍ରୟୋଗ କରିଥିବା ହେତୁ ସେଗୁଡ଼ିକୁ ବୁଝିବା କଷ୍ଟସାଧ୍ୟ ଥିଲା । ଏଇ କାରଣରୁ ଉପନିଷଦ୍‌ମାନ ପ୍ରାଚୀନ ଋଷିମାନଙ୍କର ପ୍ରଧାନ ପ୍ରଧାନ ଚିନ୍ତା ଓ ତତ୍ତ୍ୱାନୁସନ୍ଧାନ ବିଷୟରେ ଆଲୋକପାତ କରୁଥିବା ହେତୁ ସେଗୁଡ଼ିକ ଅତି ମୂଲ୍ୟବାନ୍; ତଥାପି ଯେଉଁ ମନ୍ତ୍ରଗୁଡ଼ିକୁ ସେଥିରେ ଉଦ୍ଧୃତ କରାଯାଇଛି ସେଗୁଡ଼ିକର ଅବିକଳ ଅର୍ଥ ନିର୍ଣ୍ଣୟ କରିବାରେ ବ୍ରାହ୍ମଣ-ଶାସ୍ତ୍ରମାନଙ୍କ ପରି ଏଥିରୁ (ଉପନିଷଦରୁ) ମଧ୍ୟ ଅତ୍ୟଳ୍ପ ସାହାଯ୍ୟ ଆମକୁ ମିଳେ । ବେଦବ୍ୟାଖ୍ୟା କରିବା ଅପେକ୍ଷା ବେଦାନ୍ତର ପ୍ରତିଷ୍ଠା କରିବା ଥିଲା ସେମାନଙ୍କର ପ୍ରକୃତ କାର୍ଯ୍ୟ ।

କାରଣ ଏଇ ବିରାଟ ଆନ୍ଦୋଳନ ଜନ୍ମ ନେଲା ଚିନ୍ତା ଓ ଆଧ୍ୟାତ୍ମିକତାର ନବୀନ ଓ ଅଧିକତର ସ୍ଥାୟି-ଶକ୍ତିପୂର୍ଣ୍ଣ ଏକ ବିବୃତି ରୂପେ — ବେଦର ପରିଣତି ଘଟିଲା ଆସି ବେଦାନ୍ତରେ । ଏଥିରେ ଦୁଇଟି ମୁଖ୍ୟ ପ୍ରବୃତ୍ତିର ପ୍ରଭାବ ପଡ଼ିବାରୁ ପ୍ରାଚୀନ ବୈଦିକ ଭାବନା ଓ ସଂସ୍କୃତିର ସଂହତି ବିଭକ୍ତ ହୋଇଗଲା । ପ୍ରଥମତଃ ଯଜ୍ଞାନୁଷ୍ଠାନ ଓ ମନ୍ତ୍ରର ଉପଯୋଗିତାକୁ ଅର୍ଥାତ୍, କର୍ମକାଣ୍ଡକୁ ଅଧିକାଧିକ ଗୌଣ କରିଦେଇ ଏହା ବିଶୁଦ୍ଧତର ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦିଗରେ ପ୍ରବୃତ୍ତ ହେଲା । ବାହ୍ୟ ଓ ଆନ୍ତର, ଅର୍ଥାତ୍, ଭୌତିକ ଓ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ପ୍ରାଚୀନ ରହସ୍ୟବାଦିଗଣଙ୍କ ଦ୍ୱାରା ସଂରକ୍ଷିତ ଭାରସାମ୍ୟ ଓ ସମନ୍ୱୟ ସ୍ଥାନଚ୍ୟୁତ ଓ ଇତସ୍ତତଃ ହୋଇଗଲା । ଶେଷରେ ଉଭୟ ମଧ୍ୟରେ ଏକ ନୂତନ ସାମଞ୍ଜସ୍ୟ ଓ ସମନ୍ୱୟ ସ୍ଥାପିତ ହୋଇ ତାହା କଠୋର ତପଶ୍ଚର୍ଯ୍ୟା ଓ ସନ୍ନ୍ୟାସ ଦିଗରେ ଢଳି ପଡ଼ିଲା । ବୌଦ୍ଧ ଧର୍ମରେ ଏଇ ପ୍ରବଣତାର ଆତିଶଯ୍ୟ ଦ୍ୱାରା ନିଜେ ସ୍ଥାନଚ୍ୟୁତ ଓ ଅସ୍ତବ୍ୟସ୍ତ ହୋଇ ପଡ଼ିବା ପର୍ଯ୍ୟନ୍ତ ଏହା ତିଷ୍ଠି ରହିଥିଲା । ଯଜ୍ଞ ଓ

ପ୍ରତୀକାତ୍ମକ ଅନୁଷ୍ଠାନ କ୍ରମଶଃ ଅଧିକ ନିଷ୍ପ୍ରୟୋଜନୀୟ, ଏପରିକି କେବଳ ଏକ ଭାର ରୂପେ ବଞ୍ଚି ରହିଲା; ତଥାପି, ଯାହା ସଚରାଚର ଘଟେ, ଏହା ଯାନ୍ତ୍ରିକ ଓ ନିଷ୍ଫଳ ହେବା ଦ୍ୱାରା ପରିଣାମ ଏପରି ହେଲା ଯେ ସେଇ ଅନୁଷ୍ଠାନ ଭିତରେ ଯେତେଗୁଡ଼ିଏ ସବୁଠାରୁ ବାହ୍ୟ ଉପଚାର ଥିଲା, ସେଗୁଡ଼ିକୁ ଗୁରୁତ୍ୱ ଦେଇ ତା'ର ଅତିରଞ୍ଜନ କରାଗଲା, ନିର୍ବିଚାରରେ ସେଗୁଡ଼ିକର ଟିକିନିଖି ବିଧି-ବିଧାନକୁ ଜାତୀୟ ମନର ସେଇ ଅଂଶଟି ଉପରେ ବଳପୂର୍ବକ ଲଦି ଦିଆଗଲା ଯାହା ଏପର୍ଯ୍ୟନ୍ତ ବି ସେଇଥିରେ ଲାଖି ରହିଛି । ବେଦ ଓ ବେଦାନ୍ତ ମଧ୍ୟରେ ଏକ ତୀକ୍ଷ୍ଣ ଓ ବ୍ୟବହାରଗତ ପାର୍ଥକ୍ୟ ଉତ୍ପନ୍ନ ହେଲା ଯାହା ତତ୍ତ୍ୱତଃ ସଂପୂର୍ଣ୍ଣ ସ୍ୱୀକୃତ ନ ହେଲେ ମଧ୍ୟ କାର୍ଯ୍ୟକାରୀ ହେଲା । ଏହି ବିଭାଜନକୁ ଏକ ସୂତ୍ରଭାବରେ ବ୍ୟକ୍ତ କରାଯାଇପାରେ — ପୁରୋହିତଙ୍କ ପାଇଁ ବେଦ, ତପସ୍ୱୀଙ୍କ ପାଇଁ ବେଦାନ୍ତ ।

ବୈଦାନ୍ତିକ ଆନ୍ଦୋଳନର ଦ୍ୱିତୀୟ ପ୍ରବଣତା ଥିଲା, ବାସ୍ତବ ଉପଲବ୍ଧି ଓ ଜାତ୍ୟଭିମାନ ଅଳଂକାରମୟ ଯେଉଁ ପ୍ରତୀକାତ୍ମକ ଭାଷା ମଧ୍ୟରେ ରହସ୍ୟବାଦୀମାନେ ନିଜର ଭାବକୁ ପ୍ରଚ୍ଛନ୍ନ କରି ରଖିଥିଲେ, ସେଥିରୁ ତାହାକୁ କ୍ରମଶଃ ମୁକ୍ତ କରିବା ଓ ତା' ସ୍ଥାନରେ ଏକ ସ୍ପଷ୍ଟତର ବିବରଣ ଓ ଆହୁରି ଅଧିକ ଦାର୍ଶନିକ ଭାଷାର ଉପଯୋଗ କରିବା । ଏଇ ପ୍ରବଣତାର ପୂର୍ଣ୍ଣ ବିକାଶହିଁ କ୍ରମଶଃ କେବଳ ବୈଦିକ ଯଜ୍ଞର ନୁହେଁ, ବୈଦିକ ମନ୍ତ୍ରଗୁଡ଼ିକର ଉପଯୋଗିତାକୁ ମଧ୍ୟ ବନ୍ଦ କରିଦେଲା । ଭାଷାରେ ଧୀରେ ଧୀରେ ସ୍ପଷ୍ଟ ଓ ସରଳ ହୋଇ ଉଠୁଥିବା ଉପନିଷଦଗୁଡ଼ିକ ଭାରତୀୟ ଉଚ୍ଚତମ ଚିନ୍ତନର ମୁଖ୍ୟ ସ୍ରୋତରେ ପରିଣତ ହେଲେ ଏବଂ ସେମାନେ ବଶିଷ୍ଠ ଓ ବିଶ୍ୱାମିତ୍ରଙ୍କର ଅନ୍ତଃପ୍ରେରିତ ମନ୍ତ୍ରର ସ୍ଥାନ ଗ୍ରହଣ କଲେ ।[୩] ଶିକ୍ଷାର ଅନିବାର୍ଯ୍ୟ ଆଧାର ଉପରେ ବେଦର ଆବଶ୍ୟକତା କ୍ରମେ ଅଳ୍ପରୁ ଅଳ୍ପତର ହୋଇ ଆସିବା ହେତୁ, ତାହାକୁ ଆଉ ଯଥାର୍ଥ ଉତ୍ସାହ ଓ ମନୀଷାର ସହ ପାଠକରାଗଲା ନାହିଁ । ସେମାନଙ୍କର ପ୍ରତୀକାତ୍ମକ ଭାଷା ଅବ୍ୟବହୃତ ହୋଇଯିବା ଫଳରେ ଏବଂ ନୂତନ ବଂଶଧରମାନଙ୍କ ଚିନ୍ତା-ପ୍ରଣାଳୀ ମଧ୍ୟ ବୈଦିକ ପୂର୍ବପୁରୁଷଙ୍କ ଧାରାଠାରୁ ଭିନ୍ନ ହୋଇଯିବାରୁ ତା'ର ଆଭ୍ୟନ୍ତରୀଣ ଅର୍ଥର ଅବଶେଷ ମଧ୍ୟ ଅପସୃତ ହୋଇଗଲା । ଦିବ୍ୟ ଅନ୍ତର୍ଜ୍ଞାନର ଯୁଗ କ୍ଷୟ ହୋଇ ଯାଉଥିଲା ଓ ବୌଦ୍ଧିକ ଯୁଗର ପ୍ରଥମ ଅରୁଣୋଦୟ ଘଟୁଥିଲା ।

ବୌଦ୍ଧ ମତବାଦ ଏହି ବିପ୍ଳବକୁ ପୂର୍ଣ୍ଣ କଲା ଓ କେବଳ ଅତ୍ୟାଦ୍ଭୁତ

---

[୩] ପୁନଶ୍ଚ ଏହି ଉକ୍ତିଟି ପ୍ରଧାନ ପ୍ରବୃତ୍ତିକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏକ ବିଶ୍ଳେଷଣଗତ ସୀମାର ଅଧୀନସ୍ଥତାକୁ ସୂଚିତ କରୁଛି । ବେଦକୁ ମଧ୍ୟ ପ୍ରାମାଣ୍ୟ ରୂପେ ମାନ୍ୟତା ଦିଆଗଲା, କିନ୍ତୁ ସାମଗ୍ରିକ ଭାବରେ ଦେଖିଲେ ଉପନିଷଦଗୁଡ଼ିକ ହୋଇ ଉଠିଲେ ଜ୍ଞାନର ଗ୍ରନ୍ଥ, ବେଦ ହୋଇଗଲା କର୍ମକାଣ୍ଡର ଗ୍ରନ୍ଥ ।

ଉତ୍ସବାଡ଼ମ୍ବରଗୁଡ଼ିକୁ ତଥା ଚିରାଚରିତ କେତେକ ରୂଢ଼ି ପ୍ରଥାକୁ ଛାଡ଼ି ପ୍ରାଚୀନ ଜଗତର ଅନ୍ୟ କ୍ରିୟାକର୍ମସବୁକୁ ଏହା ବାଦ୍ ଦେଲା । ଏହା ବୈଦିକ ଯଜ୍ଞାନୁଷ୍ଠାନକୁ ଲୋପ କରିଦେବାକୁ ଚାହିଁଲା ଏବଂ ସାଂସ୍କୃତିକ ଭାଷା ସ୍ଥାନରେ ଲୋକପ୍ରିୟ ଦେଶଜ ଭାଷା ବ୍ୟବହାର କରିବାକୁ ଲାଗିଲା । ଯଦିବା ପୌରାଣିକ ସମ୍ପ୍ରଦାୟ ମଧ୍ୟରେ ହିନ୍ଦୁଧର୍ମର ପୁନର୍ଜାଗରଣ ଘଟିବା ଯୋଗୁଁ ବୌଦ୍ଧଧର୍ମର ଉଦ୍ଦିଷ୍ଟ କାର୍ଯ୍ୟଟିର ପରିସମାପ୍ତି ଆହୁରି କେତେ ଶତାବ୍ଦୀ ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା, ତଥାପି ଏଇ ବିଳମ୍ବନରୁ ସ୍ୱୟଂ ବେଦର କିଛି ଲାଭ ହେଲା ନାହିଁ । ନୂତନ ଧର୍ମ (ବୌଦ୍ଧ ଧର୍ମ)ର ଲୋକପ୍ରିୟତାକୁ ପ୍ରତିରୋଧ କରିବା ପାଇଁ ଶ୍ରଦ୍ଧାସ୍ପଦ ଅଥଚ କଷ୍ଟବୋଧ ବିଷୟଗୁଡ଼ିକ ବଦଳରେ ଅପେକ୍ଷାକୃତ ଆଧୁନିକ ସରଳ ସଂସ୍କୃତରେ ଶାସ୍ତ୍ର-ରଚନା କରିବା ଆବଶ୍ୟକ ହେଲା । ପୁରାଣର ପ୍ରଚଳନ ଫଳରେ ବେଦ ଜନସାଧାରଣଙ୍କ ପାଖରୁ ଦୂରେଇ ଗଲା ଓ ନୂତନ ଧାର୍ମିକ ବିଧି-ବିଧାନ ପ୍ରାଚୀନ ଅନୁଷ୍ଠାନମାନଙ୍କର ସ୍ଥାନ ଗ୍ରହଣ କଲା । ବେଦ ଯେପରି ଋଷିମାନଙ୍କଠାରୁ ପୁରୋହିତମାନଙ୍କ ଅଧିକାରକୁ ଆସି ଯାଇଥିଲା, ବର୍ତ୍ତମାନ ସେଇପରି ଏହା ପୁରୋହିତମାନଙ୍କଠାରୁ ପଣ୍ଡିତମାନଙ୍କ ଅଧିକାରକୁ ଆସିବାକୁ ଆରମ୍ଭ କଲା ଏବଂ ସେହି ସଂରକ୍ଷଣ ମଧ୍ୟରେ ରହସ୍ୟାର୍ଥର ଶେଷ ଅଙ୍ଗଚ୍ଛେଦର ଓ ଯଥାର୍ଥ ମର୍ଯ୍ୟାଦା ଓ ପବିତ୍ରତାର ଅନ୍ତିମ ହ୍ରାସର ବେଦନା ଏହାକୁ ସହ୍ୟ କରିବାକୁ ପଡ଼ିଲା ।

ପ୍ରାକ୍-ଖ୍ରୀଷ୍ଟୀୟ ଶତାବ୍ଦୀଗୁଡ଼ିକର ଆରମ୍ଭରୁ ଭାରତୀୟ ବିଦ୍ୱାନ୍‌ମାନେ ସୂକ୍ତଗୁଡ଼ିକ ଉପରେ ଯେଉଁ ତତ୍ତ୍ୱବିଚାର କରିଛନ୍ତି, ତାହା ଯେ କେବଳ ଏକ ବିଫଳତାର ବିବରଣୀ, ସେପରି ନୁହେଁ । ବରଂ ବେଦର ପ୍ରକୃତ ରହସ୍ୟ ଅପସୃତ ହୋଇଯିବା ପରେ ଓ ସୂକ୍ତଗୁଡ଼ିକ ଜୀବନ୍ତ ଶାସ୍ତ୍ର ରୂପେ ବ୍ୟବହୃତ ହେବା ବନ୍ଦ ହୋଇଯିବା ପରେ ପଣ୍ଡିତମାନଙ୍କର ଗବେଷଣାପୂର୍ଣ୍ଣ ଅଧ୍ୟବସାୟ ଓ ରକ୍ଷଣଶୀଳ ପରମ୍ପରା ଯୋଗୁଁ ବେଦର କୌଣସି ମତେ ରକ୍ଷା ହୋଇଛି, ଏଥିପାଇଁ ଆମେ ସେମାନଙ୍କ ନିକଟରେ ଋଣୀ । ଆଉ ମଧ୍ୟ ବେଦର ହୃତ ରହସ୍ୟର ପୁନରୁଦ୍ଧାର କରିବାକୁ ବିଦ୍ୱାନ୍‌ମାନଙ୍କର ଦୁଇ ହଜାର ବର୍ଷ ବ୍ୟାପୀ ପ୍ରାଚୀନ ପରମ୍ପରା ପ୍ରତି ଅନୁରାଗ ଓ ଶ୍ରଦ୍ଧା ହେତୁ ଆମେ କେତୋଟି ଅମୂଲ୍ୟ ସହାୟକ ବସ୍ତୁ ଲାଭ କରିଛୁ, ତନ୍ମଧ୍ୟରୁ ଗୋଟିଏ ହେଉଛି ବେଦର ଶୁଦ୍ଧ-ପାଠ, ଯେଉଁଥିରେ ବେଦମନ୍ତ୍ର ଉଚ୍ଚାରଣର ପୁଙ୍ଖାନୁପୁଙ୍ଖ ରୀତିନୀତି ନିର୍ଦ୍ଧାରିତ ହୋଇ ରହିଛି; ତା' ସହିତ ଅଛି ୟାସ୍କଙ୍କ ମହତ୍ତ୍ୱପୂର୍ଣ୍ଣ ଶବ୍ଦ କୋଷ 'ନିରୁକ୍ତ' ଓ ସାୟଣଙ୍କର ମହାନ୍ ଭାଷ୍ୟ, ଏହି ଭାଷ୍ୟଟି ନିଜର ଅନେକ ଓ ଅଧିକାଂଶ କ୍ଷେତ୍ରରେ ଆଶ୍ଚର୍ଯ୍ୟକର ତ୍ରୁଟି ବହନ କରିବା ସତ୍ତ୍ୱେ ବର୍ତ୍ତମାନ ମଧ୍ୟ ବିଦ୍ୱାନ୍‌ମାନଙ୍କ ପକ୍ଷରେ ସୌଷ୍ଠବ ବେଦାଧ୍ୟୟନ ପ୍ରଣାଳୀ ନିର୍ମାଣରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ପ୍ରଥମ ଓ ଅନିବାର୍ଯ୍ୟ ପଦକ୍ଷେପ ରୂପେ ବିବେଚିତ ହୋଇ ଆସୁଛି ।

ପଣ୍ଡିତ ବର୍ଗ

ଯେଉଁ ମୂଳ ବେଦସଂହିତା ବର୍ତ୍ତମାନ ଆମର ହସ୍ତଗତ ହୋଇଛି, ତାହା ଦୁଇ ହଜାରରୁ ଅଧିକ ବର୍ଷ ହେଲା ଅବିକୃତ ଅବସ୍ଥାରେ ରହିଛି । ଆମେ ଯେତେଦୂର ଜାଣୁ, ଏହାର ରଚନାକାଳ ଗ୍ରୀକ୍ ସଭ୍ୟତାର ପ୍ରସ୍ଫୁଟନ କାଳର ସମସାମୟିକ ହେଲେ ମଧ୍ୟ ଏହାର ଆରମ୍ଭ ହୋଇଥିଲା ତା'ର ବହୁକାଳ ପୂର୍ବରୁ, ଯାହା ଥିଲା ଭାରତୀୟ ମନୀଷାର ସେହି ମହାନ୍ ଯୁଗ ଏବଂ ଯା'ର ଭିତ୍ତି ଉପରେ ଦେଶର ପ୍ରାଚୀନ ଉତ୍କୃଷ୍ଟ ସାହିତ୍ୟରେ ବର୍ଣ୍ଣିତ ସଂସ୍କୃତି ଓ ସଭ୍ୟତା ଗଢ଼ି ଉଠିଥିଲା । ଆମକୁ ଜଣା ନାହିଁ ଆମର ଏହି ମୂଳବେଦର ସମୟ ଆହୁରି କେତେ ପୂର୍ବକୁ ନିଆଯାଇପାରେ । ଏପରି କେତେକ ବିଚାର୍ଯ୍ୟ ବିଷୟ ଅଛି, ଯାହାର ପ୍ରମାଣରୁ ଆମେ କହିପାରିବୁ ଯେ ଏହା ଅତ୍ୟନ୍ତ ପ୍ରାଚୀନ ହୋଇଥାଇପାରେ । ମନ୍ତ୍ରକାଣ୍ଡିର ଅବିକୃତତା ପ୍ରତ୍ୟେକ ପଦାଂଶର ନିର୍ଦୋଷତା, ମନ୍ତ୍ରୋଚ୍ଚାରଣର ପ୍ରତ୍ୟେକ ଅଂଶରେ ଶୁଦ୍ଧତା — ଏସବୁ ବୈଦିକ ଯାଜ୍ଞିକମାନଙ୍କ ପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା । କାରଣ ଟିକିନିଖି ତ୍ରୁଟିଶୂନ୍ୟତା ଉପରେ ଯଜ୍ଞର ସଫଳତା ନିର୍ଭର କରୁଥିଲା । ବ୍ରାହ୍ମଣଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ 'ତ୍ୱଷ୍ଟା'ଙ୍କ କାହାଣୀକୁ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ । ସେଥିରେ କୁହାଯାଇଛି, ତ୍ୱଷ୍ଟାଙ୍କ ପୁତ୍ରକୁ ଇନ୍ଦ୍ର ବଧ କରିବାରୁ ସେ ପୁତ୍ରବଧର ପ୍ରତିଶୋଧ-ସାଧନ-ସମର୍ଥ କୌଣସି ବ୍ୟକ୍ତିକୁ ଜନ୍ମଦେବା ଉଦ୍ଦେଶ୍ୟରେ ଗୋଟିଏ ଯଜ୍ଞ କରେ । କିନ୍ତୁ ସେହି ଯଜ୍ଞାନୁଷ୍ଠାନ ସମୟରେ ମନ୍ତ୍ରୋଚ୍ଚାରଣ-ଗତ ଦୋଷ ହେତୁ ଏପରି ଜଣେ ବ୍ୟକ୍ତିଙ୍କର ଜନ୍ମ ଘଟିଲା ଯେ କି ଇନ୍ଦ୍ରହନ୍ତା ହେବା ପରିବର୍ତ୍ତେ ଇନ୍ଦ୍ରଙ୍କ ଦ୍ୱାରା ନିହତ ହେବେ ବୋଲି ଉଦ୍ଦିଷ୍ଟ ହେଲେ । ପ୍ରାଚୀନ ଭାରତୀୟମାନଙ୍କର ଅଦ୍ଭୁତ ଅବିକଳ ସ୍ମୃତି ଶକ୍ତିର କଥା ବିଶ୍ୱବିଶ୍ରୁତ । ଆଜିର ମହାଭାରତ ଯେପରି ନାନା ସଂସ୍କରଣ ମଧ୍ୟଦେଇ ଆସି ସେଇ ପ୍ରାଚୀନ କୁରୁବଂଶୀୟ ମହାକାବ୍ୟର ସ୍ଥାନ ନେଇଛି, ବେଦ କ୍ଷେତ୍ରରେ କିନ୍ତୁ ସେପରି ହୋଇ ନାହିଁ — ନିଜର ପବିତ୍ରତା ହେତୁ ଏଥିରେ କୌଣସି ପ୍ରକାର ପ୍ରକ୍ଷେପଣ, ପରିବର୍ତ୍ତନ କିଂବା ସମୟୋପଯୋଗୀ ସଂସ୍କରଣ ହୋଇ ନାହିଁ । ସୁତରାଂ ଏହା କଦାପି ଅସମ୍ଭାବ୍ୟ ନୁହେଁ ଯେ ମହାମନୀଷୀ ଓ ବେଦସଂକଳୟିତା ବ୍ୟାସ ସାରତତ୍ତ୍ୱ ଦୃଷ୍ଟିରୁ ସଂହିତାକୁ ଯେପରି ଭାବେ ସଜ୍ଜିତ କରିଥିଲେ, ବର୍ତ୍ତମାନ ତାହା ଅବିକଳ ସେଇ ଭାବରେ ଦେଖିବାକୁ ମିଳୁଛି ।

ମୋର କହିବାର ଉଦ୍ଦେଶ୍ୟ, ବେଦର ସାର ଉପାଦାନରେ — ବର୍ତ୍ତମାନର ଲିପିବଦ୍ଧ ବେଦର କଳେବର ବିଷୟରେ ନୁହେଁ । ଉତ୍କୃଷ୍ଟ ସଂସ୍କୃତ ଭାଷାରେ ଥିବା ଛନ୍ଦୋପ୍ରକରଣଠାରୁ ବୈଦିକ ଛନ୍ଦୋପ୍ରକରଣ ବହୁଭାବରେ ଭିନ୍ନ, ବିଶେଷତଃ ସାହିତ୍ୟିକ ଭାଷାରେ ଯେଉଁ ସନ୍ଧି ନିୟମକୁ ଏତେ ବିଶିଷ୍ଟ ସ୍ଥାନ ଦିଆଯାଏ, ଅର୍ଥାତ୍ ଭିନ୍ନ ଭିନ୍ନ ଶବ୍ଦକୁ ବର୍ଣ୍ଣଭିତ୍ତିରେ ସଂଯୋଜନ

କରାଯାଏ, ସେହି ନିୟମକୁ ସେମାନେ ସ୍ୱକୀୟ ପଦ୍ଧତିରେ ପ୍ରୟୋଗ କରିଛନ୍ତି । ଗୋଟିଏ ଜୀବନ୍ତ ଭାଷାରେ ଯାହା ସ୍ୱାଭାବିକ ଭାବରେ ଘଟିଥାଏ — ବୈଦିକ ଋଷିମାନେ ଏ କ୍ଷେତ୍ରରେ ଧରାବନ୍ଧା ନିୟମ ଅପେକ୍ଷା ନିଜର ଶ୍ରୁତିକୁ ଅଧିକ ଅନୁସରଣ କରୁଥିଲେ; ବେଳେ ବେଳେ ସେମାନେ ବିଭିନ୍ନ ଶବ୍ଦର ସନ୍ଧି କରୁଥିଲେ ତ ବେଳେବେଳେ ସେଗୁଡ଼ିକ ଅଯୁକ୍ତ ରଖିଦେଉଥିଲେ, କିନ୍ତୁ ବେଦକୁ ଲିପିବଦ୍ଧ ରୂପ ଦେବା ବେଳକୁ ଶ୍ରୁତିସୁଖକର ସନ୍ଧିନିୟମଗୁଡ଼ିକ ଭାଷା ଉପରେ ଅଧିକରୁ ଅଧିକ ଅବାଧ ପ୍ରଭାବ ବିସ୍ତାର କରି ସାରିଥିଲା ଏବଂ ଯେତେଦୂର ସମ୍ଭବ ମନ୍ତ୍ରଗୁଡ଼ିକ ସେହି ନିୟମ ଅନୁସାରେ ବୈୟାକରଣମାନଙ୍କ ଦ୍ୱାରା ଲିଖିତ ହୋଇଥିଲେ । ଯାହା ବି ହେଉ, ଏଥି ସହିତ ସେମାନେ 'ପଦପାଠ' ନାମକ ଅନ୍ୟ ଏକ ପାଠ ଦେଇଥିଲେ, ଯେଉଁଥିରେ ସନ୍ଧିଗୁଡ଼ିକୁ ବାଦ୍ ଦେଇ ପ୍ରକୃତପଦ ତଥା ବିଭିନ୍ନ ପଦକୁ ପୃଥକ୍ ପୃଥକ୍ କରି ପୁଣି ଲେଖାଯାଉଥିଲା, ଏପରିକି ସମସ୍ତ (ସମାସ) ପଦଗୁଡ଼ିକର ଶବ୍ଦଗୁଡ଼ିକୁ ମଧ୍ୟ ପୃଥକ୍ ପୃଥକ୍ ସୂଚିତ କରାଯାଉଥିଲା ।

ପ୍ରାଚୀନ ସ୍ମର୍ତ୍ତା (ବେଦକୁ ଶୁଣିଶୁଣି ମନେ ରଖୁଥିବା ବ୍ୟକ୍ତି)ମାନଙ୍କ ବେଦଭକ୍ତିକୁ ବିଶେଷ ଭାବରେ ପ୍ରଶଂସା କରିବାର କାରଣ ଏହା ଯେ, ଏଇ ପଦ୍ଧତି ଫଳରେ ଯେଉଁ ବିଶୃଙ୍ଖଳା ସହଜରେ ଦେଖାଦେଇଥା'ନ୍ତା, ତା' ବଦଳରେ ବେଦ-ସଂହିତାକୁ ବୈଦିକ ଛନ୍ଦ-ଶାସ୍ତ୍ରର ମୌଳିକ ସଂଗତି ମଧ୍ୟରେ ସବୁବେଳେ ଅତି ସହଜରେ ରଖାଯାଇପାରିଛି । ପଦପାଠର ଅବିକଳତା ଅଥବା ଯଥାର୍ଥ ନିର୍ଣ୍ଣୟ ଉପରେ ପ୍ରଶ୍ନ ଉଠିବାର ଖୁବ୍ କମ୍ ଉଦାହରଣ ରହିଛି ।

ତେବେ, ଆମ ପ୍ରକଳ୍ପର ଭିତ୍ତି ସ୍ୱରୂପ ଏହି ଯେଉଁ ବେଦଗ୍ରନ୍ଥ ଆମକୁ ପ୍ରାପ୍ତ ହୋଇଛି, ଯାହାକୁ ଆମେ ନିଃସଂଶୟରେ ଗ୍ରହଣ କରିପାରୁ ଏବଂ ଯଦିବା ଏଥିରେ କେଉଁଠି କିପରି କିଛି ସନ୍ଦେହ ବା ତ୍ରୁଟି ପରିଲକ୍ଷିତ ହୁଏ, ତଥାପି ୟୁରୋପର କୌଣସି କୌଣସି ଗ୍ରନ୍ଥକୁ ଯେପରି ମନଇଚ୍ଛା ସଂଶୋଧନ କରିବାରେ ଶାସ୍ତ୍ରଜ୍ଞମାନେ ନିଜକୁ ନିୟୋଜିତ କରିଥା'ନ୍ତି ଏଠାରେ ସେପରି ଆବଶ୍ୟକ ହୁଏନା । ପ୍ରଥମତଃ ଏହି ଯେଉଁ ଅମୂଲ୍ୟ ସୁବିଧାଟି ଆମକୁ ଲବ୍ଧ ହୋଇଛି ସେଥିପାଇଁ ଭାରତୀୟ ଶିକ୍ଷା ପ୍ରତି ଆମେ ଯେତେ କୃତଜ୍ଞ ହେଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ ।

ଅନ୍ୟ କେତେକ ବିଷୟ ଦୃଷ୍ଟିରୁ, ଯେଉଁସବୁ ଅଂଶରେ ପ୍ରାଚୀନତମ ପରମ୍ପରା ଦୃଢ଼ ଓ ସୁନିଶ୍ଚିତ ନ ଥିଲା, ସେହି ବୈଦିକ ସୂକ୍ତଗୁଡ଼ିକୁ ସେମାନଙ୍କ ନିଜନିଜ ଋଷିମାନଙ୍କ ନାମରେ ଆରୋପିତ କରିବା କ୍ଷେତ୍ରରେ ପଣ୍ଡିତମାନଙ୍କର ବିଚାରଧାରାକୁ ନିଃସନ୍ଦେହରେ ଅନୁସରଣ କରିବା ହୁଏତ ନିରାପଦ ହୋଇ ନ ପାରେ । କିନ୍ତୁ ଏସବୁ ଏତେ ଗୁରୁତର କଥା ନୁହେଁ । ମୋ ମତରେ ସୂକ୍ତଗୁଡ଼ିକ ଯେ ଅଧିକାଂଶ ସ୍ଥଳରେ ସେମାନଙ୍କ ଯଥାର୍ଥ କ୍ରମ

ଅନୁସାରେ ଓ ସେମାନଙ୍କ ଅବିକଳ ପୂର୍ଣ୍ଣରୂପରେ ସଜ୍ଜିତ ହୋଇଛନ୍ତି ସେଥିରେ ସନ୍ଦେହର ଅବକାଶ ନାହିଁ । ଯଦିବା ସେଥିରେ କୌଣସି ବ୍ୟତିକ୍ରମ ରହିଥିବାର ଜଣାଯାଏ, ତେବେ ସଂଖ୍ୟା ଓ ଗୁରୁତ୍ୱ ଦୃଷ୍ଟିରୁ ସେଗୁଡ଼ିକୁ ଉପେକ୍ଷା କରାଯାଇପାରେ । ଆମେ ଠିକ୍ ଭାବରେ ବୁଝି ନ ପାରିବା ହେତୁ ମନ୍ତ୍ରଗୁଡ଼ିକ ଆମକୁ ଅସଂଲଗ୍ନ ପରି ବୋଧହୁଏ । ପ୍ରକୃତ ସୂତ୍ରଟି ଥରେ ମିଳିଗଲେ ଆମେ ଦେଖିବା ଯେ ଏଗୁଡ଼ିକ ହେଉଛନ୍ତି ଅଖଣ୍ଡ ଭାବେ ପୂର୍ଣ୍ଣ, ଏବଂ ଏମାନଙ୍କର ଭାଷା ଓ ଛନ୍ଦ ଭଳି ଚିନ୍ତାର ଗଠନ-ପରିପାଟୀରେ ମଧ୍ୟ ଏମାନେ ଅତି ପ୍ରଶଂସନୀୟ ।

ବେଦ-ବ୍ୟାଖ୍ୟା ପାଇଁ ଆମେ ପ୍ରବୃତ୍ତ ହେଲାବେଳେ, ଭାରତୀୟ ପଣ୍ଡିତମାନେ ଏହା ଉପରେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ସେଥିରୁ ଆମେ ଯେତେବେଳେ ସାହାଯ୍ୟ ନେବାକୁ ଯାଉଁ, ସେତେବେଳେ ଅନେକ ବିଷୟରେ ଅଧିକରୁ ଅଧିକ ସଂକୋଚ ଅବଲମ୍ବନ କରିବାକୁ ବାଧ ହେଉ । କାରଣ, ଏପରିକି ପଣ୍ଡିତମାନେ ଯେତେବେଳେ ବେଦ-ବ୍ୟାଖ୍ୟା କରିବାକୁ ଆରମ୍ଭ କଲେ, ତା'ର ବହୁକାଳ ଆଗରୁ ବେଦର ଯଜ୍ଞବାଦୀ ମତ ପ୍ରାଧାନ୍ୟ ଲାଭ କରି ସାରିଥିଲା ଏବଂ ଶବ୍ଦର ମୌଳିକ ଅର୍ଥ, ମନ୍ତ୍ରରେ ବ୍ୟବହୃତ ପଦ, ପରୋକ୍ଷ ସଂକେତ, ଚିନ୍ତାର ଗଠନ-ସୂତ୍ର ପ୍ରଭୃତି ବହୁକାଳ ପୂର୍ବରୁ ଅପସୃତ ବା ଅସ୍ପଷ୍ଟ ହୋଇଯାଇଥିଲା; ପଣ୍ଡିତମାନଙ୍କଠାରେ ମଧ୍ୟ ସେହି ସମ୍ବୋଧି ବା ଆଧ୍ୟାତ୍ମିକ ଅନୁଭୂତି ଆଉ ରହିଲା ନାହିଁ, ଯାହା ସେହି ହୃତ ରହସ୍ୟକୁ ଅନ୍ତତଃ ଆଂଶିକ ରୂପେ ଉଦ୍ଧାର କରିପାରିଥା'ନ୍ତା । ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ, ବିଶେଷତଃ ଯେତେବେଳେ ଏକ ଅତି ବିଚକ୍ଷଣ ପାଣ୍ଡିତ୍ୟପୂର୍ଣ୍ଣ ମନ ଏହାର ସହଗାମୀ ହୁଏ, ସେତେବେଳେ ଏହା ଯେପରି ଏକ ମାର୍ଗ-ଦର୍ଶକ ହୁଏ ସେଇପରି କେତେକ କ୍ଷେତ୍ରରେ ଆବଦ୍ଧକାରୀ ଏକ କଠୋର ଜାଲରେହିଁ ପରିଣତ ହୁଏ ।

ୟାସ୍କଙ୍କ ନିରୁକ୍ତ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସହାୟକ, କିନ୍ତୁ ସେଥିରେ ଆମକୁ ପରସ୍ପର ସଂପୂର୍ଣ୍ଣ ଭିନ୍ନ ମୂଲ୍ୟ ରଖିଥିବା ଦୁଇ ପ୍ରକାର ଉପାଦାନ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିବାକୁ ହେବ । ୟାସ୍କ ଯେତେବେଳେ ଜଣେ ନିଘଣ୍ଟୁ-ରଚୟିତା ହିସାବରେ ପ୍ରାଚୀନ ବୈଦିକ ପଦଗୁଡ଼ିକର ବିଭିନ୍ନ ଅର୍ଥ ପ୍ରଦାନ କରୁଛନ୍ତି, ସେତେବେଳେ ତାଙ୍କର ପ୍ରାମାଣିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ତାଙ୍କଠାରୁ ଆମେ ଯେଉଁ ସାହାଯ୍ୟ ପାଉଁ, ତାହାର ମହତ୍ତ୍ୱକୁ ପ୍ରଥମଶ୍ରେଣୀୟ ମର୍ଯ୍ୟାଦା ଦିଆଯିବ । କିନ୍ତୁ ଏପରି ମନେ କରିବା ଠିକ୍ ନୁହେଁ ଯେ ଶବ୍ଦଗୁଡ଼ିକର ସମସ୍ତ ପ୍ରାଚୀନ ରହସ୍ୟାର୍ଥ ତାଙ୍କୁ ଜଣାଥିଲା, କାରଣ ସମୟର ଗତି ଓ ଯୁଗର ପରିବର୍ତ୍ତନ ଫଳରେ ବହୁତ ଅର୍ଥ ଲୁପ୍ତ ହୋଇ ଯାଇଥିଲା ଏବଂ ଏକ ବିଜ୍ଞାନସମ୍ମତ ଭାଷାତତ୍ତ୍ୱ ଅଭାବରୁ ସେହି ଅର୍ଥଗୁଡ଼ିକୁ ପୁଣି ପାଇବା ସମ୍ଭବ ନ ଥିଲା । କିନ୍ତୁ ପରମ୍ପରା

ମଧ୍ୟରେ ବହୁତ କିଛି ସୁରକ୍ଷିତ ହୋଇ ରହିଥିଲା । ଯେଉଁସବୁ ସ୍ଥାନରେ ୟାସ୍କ ବୈୟାକରଣମାନଙ୍କ ବୁଦ୍ଧିକୌଶଳକୁ ଅବଲମ୍ବନ ନ କରି ସେହି ପରମ୍ପରା ଅନୁସରଣ କରୁଛନ୍ତି ଏବଂ ଶବ୍ଦଗୁଡ଼ିକର ଯେଉଁ ଅର୍ଥ ସେ ଦେଉଛନ୍ତି, ତାହା ଯଦିଓ ମୂଳପାଠର ମନ୍ତ୍ରଟି କ୍ଷେତ୍ରରେ ପ୍ରଯୋଜ୍ୟ ହୋଇ ନ ଥାଇପାରେ ତଥାପି ଯୁକ୍ତିଯୁକ୍ତ ଭାଷାତତ୍ତ୍ୱ ଦୃଷ୍ଟିରୁ ତାହାକୁ ଯେତେଦୂର ସମ୍ଭବ ସ୍ୱୀକାର କରାଯାଇପାରେ । କିନ୍ତୁ ଶବ୍ଦତାତ୍ତ୍ୱିକ ୟାସ୍କ ନିଘଣ୍ଟୁକାର ୟାସ୍କଙ୍କ ସମପର୍ଯ୍ୟାୟଭୁକ୍ତ ନୁହନ୍ତି । ବିଜ୍ଞାନ-ସମ୍ମତ ବ୍ୟାକରଣ ଭାରତୀୟ ପଣ୍ଡିତମାନଙ୍କ ଦ୍ୱାରା ପ୍ରଥମେ ବିକଶିତ ହୋଇଛି, କିନ୍ତୁ ଆଧୁନିକ ଗବେଷଣା ଏକ ସୁବ୍ୟବସ୍ଥିତ ଭାଷାତତ୍ତ୍ୱର ସୂତ୍ରପାତ କରିଥିବାରୁ, ତା' ନିକଟରେ ଆମ୍ଭେମାନେ ଋଣୀ । ପ୍ରାଚୀନ ଶବ୍ଦତତ୍ତ୍ୱବିତ୍‌ମାନଙ୍କ-ଠାରୁ ଆରମ୍ଭ କରି ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ୟୁରୋପରେ ହେଉ ବା ଭାରତରେ ହେଉ ବୈୟାକରଣମାନେ ଖାଲି ଯେଉଁ ବୁଦ୍ଧିକୌଶଳର ପ୍ରଣାଳୀ ପ୍ରୟୋଗ କରିଛନ୍ତି, ତା'ଠାରୁ ଅଧିକ କଳ୍ପନାବିଳାସ ଓ ସ୍ୱେଚ୍ଛାଚାର ଆଉ କିଛି ନାହିଁ । ଯେତେବେଳେ ୟାସ୍କ ଏହି ପଦ୍ଧତିଗୁଡ଼ିକୁ ଅନୁସରଣ କରନ୍ତି, ସେତେବେଳେ ଆମେ ତାଙ୍କଠାରୁ ସଂପୂର୍ଣ୍ଣ ବିଯୁକ୍ତ ହେବାକୁ ବାଧ ହେଉ । ଅନେକ ବିଶିଷ୍ଟ ମନ୍ତ୍ରର ବ୍ୟାଖ୍ୟା-ପ୍ରସଙ୍ଗରେ ପରବର୍ତ୍ତୀ କାଳର ସାୟଣଙ୍କ ବ୍ୟାଖ୍ୟା ଅପେକ୍ଷା ତାଙ୍କ ବ୍ୟାଖ୍ୟାକୁ ଅଧିକ ବିଶ୍ୱସନୀୟ ବା ପ୍ରାମାଣିକ ରୂପେ ଗ୍ରହଣ କରିବା ମଧ୍ୟ ସମ୍ଭବ ନୁହେଁ ।

କୁହାଯାଇପାରେ ଯେ, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରାମାଣିକ ତତ୍ତ୍ୱମାନଙ୍କ ସହ ୟାସ୍କଙ୍କ ନିରୁକ୍ତ ଯେଉଁ ମୌଳିକ ତଥା ଜୀବନ୍ତ ପାଣ୍ଡିତ୍ୟପୂର୍ଣ୍ଣ କାର୍ଯ୍ୟର ଶୁଭାରମ୍ଭ କରିଥିଲା, ସାୟଣଙ୍କ ଭାଷ୍ୟ ସେହି ଯୁଗଟିର ପରିସମାପ୍ତି ଘଟାଇଲା । ଯେତେବେଳେ ଭାରତୀୟ ମନ ତା'ର ପ୍ରାଗୈତିହାସିକ ଯୁଗର ପ୍ରାପ୍ତିଗୁଡ଼ିକୁ ଉପାଦାନ ରୂପେ ଏକତ୍ର ସଜାଇ ମୌଳିକତାର ଏକ ନବୀନ ପ୍ରସ୍ଫୁଟନ ରୂପେ ପ୍ରାରମ୍ଭିକ ଉତ୍ସାହରେ ଜାଗି ଉଠିଥିଲା ସେତେବେଳେ ଏଇ ନିଘଣ୍ଟୁଟି ସଂକଳିତ ହୋଇଥିଲା; ସାୟଣଙ୍କର ଭାଷ୍ୟଟି ହେଉଛି ଏହି ଧରଣର କାର୍ଯ୍ୟର ଅନ୍ତିମ କୃତି — ତାଙ୍କର ଏହି ମହାନ୍ ଅବଦାନଟି ଆମକୁ ପ୍ରାପ୍ତ ହୋଇଛି ମୁସଲମାନ ଆକ୍ରମଣର ଆଘାତରେ ଏହି ପ୍ରାଚୀନ ସଂସ୍କୃତିଟି ସ୍ଥାନଚ୍ୟୁତ ହୋଇ ଆଞ୍ଚଳିକ ସ୍ତରରେ ଖଣ୍ଡ-ବିଖଣ୍ଡିତ ହୋଇଯିବା ପୂର୍ବରୁ ଦକ୍ଷିଣ ଭାରତକୁ ତା'ର ଶେଷ ଆଶ୍ରୟସ୍ଥଳ ଓ କେନ୍ଦ୍ରରୂପେ ଗ୍ରହଣ କରିଥିବା ସମୟର ବୈଦିକ ପରମ୍ପରା ଦ୍ୱାରା । ସେହି ସମୟରୁ ଏଯାଏ ଏ ଦିଗରେ ବହୁତ ବଳଶାଳୀ ମୌଳିକ ପ୍ରଚେଷ୍ଟା ହୋଇଛି, ଏବଂ ନବୀନ ରଚନା ଓ ନୂତନ ସଂଯୋଜନା ପାଇଁ ଇତସ୍ତତଃ ଅନେକ ଉଦ୍ୟମ କରାଯାଇଛି, କିନ୍ତୁ ଏତାଦୃଶ ସାର୍ବଜନୀନ, ବିଶାଳ ଓ ଦୀର୍ଘସ୍ଥାୟୀ କୃତି ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ ।

ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଏହି ଅତୀତର ମହାନ୍ ସମ୍ପତ୍ତିଟିର ପ୍ରଭାବଶାଳୀ

ଗୁଣାବଳୀ ଅତ୍ୟନ୍ତ ସ୍ପଷ୍ଟ । ତାଙ୍କ ସମୟର ଶ୍ରେଷ୍ଠ କୁଶଳୀ ବିଦ୍ୱାନ୍‌ମାନଙ୍କ ସାହାଯ୍ୟରେ ସାୟଣଙ୍କ ଦ୍ୱାରା ରଚିତ ଏହି କାର୍ଯ୍ୟଟି ପାଣ୍ଡିତ୍ୟର ସାଧାତୀତ ପରିଶ୍ରମର ପ୍ରତିନିଧିତ୍ୱ କରେ ଯାହାକି ସେସମୟରେ ଗୋଟିଏ ଏକକ ମସ୍ତିଷ୍କ ପକ୍ଷରେ ଏହାଠୁ ବଳି ଅଧିକ କିଛି କରିବା ବୋଧହୁଏ ସମ୍ଭବ ନ ଥିଲା । ତଥାପି ଏହା ଉପରେ ଏକ ସଂଯୋଜନାତ୍ମକ ମନର ସୁସ୍ପଷ୍ଟ ଚିହ୍ନ ଦେଖିବାକୁ ମିଳେ । ପୁଙ୍ଖାନୁପୁଙ୍ଖ ଭାବେ ବିବେଚନା କଲେ ଯଦିଓ ଏଥିରେ ବହୁ ଅସଙ୍ଗତି ଦେଖିବାକୁ ମିଳେ, ତା'ସତ୍ତ୍ୱେ ସାମଗ୍ରିକ ଦୃଷ୍ଟିରୁ ଦେଖିଲେ କାର୍ଯ୍ୟଟି ମଧ୍ୟରେ ସଂଗତି ରହିଛି । ଏହା ଏକ ବୃହତ୍ ପରିକଳ୍ପନା, ଅଥଚ ଏହାର କାର୍ଯ୍ୟପଦ୍ଧତି ଅତି ସରଳ; ଏହାର ରଚନାଶୈଳୀ ପ୍ରାଞ୍ଜଳ, ପରିଚ୍ଛନ୍ନ ଓ ଏପରି ସାହିତ୍ୟିକ ସୁଷମାରେ ଶୋଭିତ ଯାହା ଅନ୍ୟାନ୍ୟ ଭାରତୀୟ ପାରମ୍ପରିକ ଭାଷ୍ୟପଦ୍ଧତି ମଧ୍ୟରେ ମିଳିବା ପ୍ରାୟ ଅସମ୍ଭବ । କୌଣସିଠାରେ ବିଦ୍ୟାଭିମାନର ପ୍ରକାଶ ନାହିଁ; ମୂଳପାଠ୍ଯ କଠିନତାର ସମାଧାନ କରିବାକୁ ଯେଉଁ ସଂଘର୍ଷ ଦେଖାଦେଇଛି, ତାକୁ ଚାତୁର୍ଯ୍ୟର ଆବରଣ ମଧ୍ୟରେ ପ୍ରଚ୍ଛନ୍ନ କରାଯାଇଛି ଏବଂ ତା'ସହିତ ରହିଛି ତୀକ୍ଷ୍ଣତାର ତଥା ନିଶ୍ଚିତତାର ଏକ ବାତାବରଣ ଅଥଚ ଉଦାର ପ୍ରାମାଣିକତାର ଏକ ଆବେଶ, ଯାହା ବିରୁଦ୍ଧ ମତବାଦୀମାନଙ୍କୁ ମଧ୍ୟ ପ୍ରଭାବିତ କରେ । ୟୁରୋପର ପ୍ରଥମ ବେଦବିତ୍‌ମାନେ ବିଶେଷତଃ ସାୟଣଙ୍କ ବ୍ୟାଖ୍ୟା ଯୁକ୍ତିଯୁକ୍ତ ବୋଲି ତାକୁ ବହୁତ ପ୍ରଶଂସା କରିଛନ୍ତି ।

ତଥାପି ବେଦର ବାହ୍ୟାର୍ଥ ନିର୍ଦ୍ଧାରଣ କ୍ଷେତ୍ରରେ ମଧ୍ୟ ସାୟଣଙ୍କ ପଦ୍ଧତିକୁ ଅଥବା ତାଙ୍କ ପ୍ରଦର୍ଶିତ ଅର୍ଥ-ନିଷ୍ପତ୍ତିଗୁଡ଼ିକୁ ସବୁଠାରୁ ବଡ଼ ସଂକୋଚ ନ ରଖି ଗ୍ରହଣ କରିବା ସମ୍ଭବ ନୁହେଁ । ଭାଷା ଓ ବାକ୍ୟରଚନା ପଦ୍ଧତିରେ ସେ ଯେ କେବଳ ନିଜ ଧାରାରେ ଅଦଳବଦଳ କରିବାର ସ୍ୱାତନ୍ତ୍ର୍ୟକୁ ବିନିଯୋଗ କରିଛନ୍ତି, ଯାହା ଅନାବଶ୍ୟକ ଓ ବେଳେବେଳେ ଅବିଶ୍ୱସନୀୟ ମଧ୍ୟ, ସେତିକି ନୁହେଁ, ସାଧାରଣ ବୈଦିକ ପରିଭାଷାଗୁଡ଼ିକୁ ଏବଂ ଏପରିକି ସ୍ଥିରୀକୃତ ବୈଦିକ ସୂତ୍ରଗୁଡ଼ିକର ଅର୍ଥ କରିବା ବେଳେ ମଧ୍ୟ ତାଙ୍କ ଭାଷ୍ୟରେ ସେ ବହୁ ସ୍ଥାନରେ ଆଶ୍ଚର୍ଯ୍ୟଜନକ ଅସାମଞ୍ଜସ୍ୟ ଦ୍ୱାରା ଅର୍ଥନିଷ୍ପତ୍ତିରେ ଉପନୀତ ହୋଇଛନ୍ତି । ଯେଉଁସବୁ ସାଧନକୁ ନେଇ ସେ ଏ କାର୍ଯ୍ୟ କରୁଥିଲେ ସେଥିରେ ଏ ଧରଣର ଟିକିନିଖି ବିବରଣୀ ଦେବାରେ ଦୋଷ ରହିବା ଅନିବାର୍ଯ୍ୟ । କିନ୍ତୁ ସାୟଣଙ୍କ ପଦ୍ଧତିର କେନ୍ଦ୍ରୀୟ ଦୋଷଟି ହେଲା ସେ ସର୍ବଦା ଯଜ୍ଞୀୟ ବିଚାରଧାରା ମଧ୍ୟରେ ବହୁଭାବରେ ଆବିଷ୍ଟ ଥିଲେ ଓ ତାହାକୁ ଏକ ସ୍ଥିର ସିଦ୍ଧାନ୍ତ ରୂପେ ଗ୍ରହଣ କରି ବେଦର ଅର୍ଥକୁ ନିରବଚ୍ଛିନ୍ନ ଭାବେ ବଳପୂର୍ବକ ସେହି ସଂକୀର୍ଣ୍ଣ ଛାଞ୍ଚରେ ପକାଇବାକୁ ଚାହୁଁଥିଲେ । ଫଳରେ ଏହି ପ୍ରାଚୀନ ଧର୍ମଗ୍ରନ୍ଥର ବାହ୍ୟ ଅର୍ଥ ପାଇବା ପାଇଁ ତାଙ୍କୁ ଅନେକ ମହାନ୍ ଅର୍ଥଦ୍ୟୋତକ ତଥା ଗୁରୁତ୍ୱପୂର୍ଣ୍ଣ ସାଂକେତିକ ସୂତ୍ରଗୁଡ଼ିକଠାରୁ ବଞ୍ଚିତ ହେବାକୁ ପଡ଼ିଛି — ଏହାର ଆନ୍ତର ଅର୍ଥ ନିରୂପଣର

ସମସ୍ୟାଟି ମଧ୍ୟ ବାହ୍ୟାର୍ଥର ସମସ୍ୟାଟି ପରି ଚିତ୍ତ ଆକର୍ଷଣ କରେ । ପରିଣାମତଃ ଋଷିମାନଙ୍କର, ସେମାନଙ୍କ ଚିନ୍ତାର, ସେମାନଙ୍କ ଆଚାର-ବ୍ୟବହାରର, ସେମାନଙ୍କ ଅନ୍ତୀପ୍ସାର ଉପସ୍ଥାପନ ଏତେ ସଂକୀର୍ଣ୍ଣ ଓ ଦାରିଦ୍ର୍ୟଲାଞ୍ଛିତ ହୋଇଛି ଯେ, ଆମେ ଯଦି ଏହି ଭାଷ୍ୟକୁ ଗ୍ରହଣ କରିନେଉ ତେବେ ଏହାର ଅର୍ଥ ଏପରି ବୁଝାଇବ ଯେ ବେଦ ପ୍ରତି, ଏହାର ପବିତ୍ର ପ୍ରାମାଣିକତା ପ୍ରତି, ଏହାର ଦିବ୍ୟ ପ୍ରସିଦ୍ଧି ପ୍ରତି ଯେଉଁ ପ୍ରାଚୀନ ପୂଜ୍ୟଭାବ ରହିଆସିଛି, ତାହାକୁ ବୁଝିବା ଚିନ୍ତାଶୀଳ ମନ ପକ୍ଷେ ଏକାନ୍ତ ଅସମ୍ଭବ, ଅଥବା କେବଳ ଏତିକି ବୁଝାଇହେବ ଯେ ଏହା ଏକ ମୌଳିକ ଭ୍ରାନ୍ତିରୁ ସୃଷ୍ଟି ହୋଇଥିବା ଅନ୍ଧ ତଥା ଅପ୍ରଶ୍ନବାଚୀ ପରମ୍ପରା ପ୍ରତି ଶ୍ରଦ୍ଧା ମାତ୍ର ।

ଏହି ଭାଷ୍ୟରେ ବିଭିନ୍ନ ଦିଗ ଓ ଉପାଦାନ ରହିଛି ସତ, କିନ୍ତୁ ସେଗୁଡ଼ିକ ହେଉଛନ୍ତି ଏହାର ମୁଖ୍ୟ ଭାବଧାରାର ଅଧୀନସ୍ଥ ବା ଅଙ୍ଗ । ତଥାପି ଜୀବିତ ଅତୀତର ଅବଶେଷ ଓ ପ୍ରାୟଶଃ ପରସ୍ପରବିରୋଧୀ ଅନୁମାନ ଓ ପରମ୍ପରାର ଏକ ବିଶାଳ ସମୁଦାୟକୁ ନେଇ ସାୟଣଙ୍କୁ ଓ ତାଙ୍କ ସହାୟକମାନଙ୍କୁ କାର୍ଯ୍ୟ କରିବାକୁ ହୋଇଥିଲା । ତନ୍ମଧ୍ୟରୁ କେତେକକୁ ସେମାନେ ନିୟମତଃ ସ୍ୱୀକୃତି ଦେଇଥିଲେ ଏବଂ ଆଉ କେତେକକୁ ଗୌଣ ସ୍ୱୀକୃତି ଦେଇ ରଖିବାକୁ ବାଧ ହୋଇଥିଲେ । ଏହା ମଧ୍ୟ ସମ୍ଭବ ଯେ, ପୂର୍ବରୁ ବେଦାର୍ଥରେ ରହିଆସିଥିବା ଅନିଶ୍ଚୟତା ଓ ଏପରିକି ଅସ୍ତବ୍ୟସ୍ତତା ମଧ୍ୟରୁ ଏକ ଦୃଢ଼ ଆକାର ଓ ସଙ୍ଗତିବିଶିଷ୍ଟ ଭାଷ୍ୟ ଗଢ଼ିତୋଳିବାରେ ସାୟଣଙ୍କର ଯେଉଁ ଦକ୍ଷତା ଥିଲା, ତାହାହିଁ ତାଙ୍କ କୃତିଟିକୁ ମହାନ୍ ଓ ଦୀର୍ଘକାଳ ପର୍ଯ୍ୟନ୍ତ ନିର୍ବିବାଦ୍ୟ ପ୍ରାମାଣିକ କରି ଗଢ଼ିତୋଳିଛି ।

ଯାହା ଆମ ପାଇଁ ସବୁଠୁ ଅଧିକ କୌତୂହଳର ବିଷୟ, ଅର୍ଥାତ୍ ଶ୍ରୁତିର ଯେଉଁସବୁ ପ୍ରାଚୀନ ଆଧ୍ୟାତ୍ମିକ, ଦାର୍ଶନିକ ବା ମନସ୍ତାତ୍ତ୍ୱିକ ବ୍ୟାଖ୍ୟା କରାଯାଇଛି ଏବଂ ଯାହା ହେଉଛି ତା'ର ପବିତ୍ରତାର ଯଥାର୍ଥ ଆଧାର, ତାହାରି ସହ ସାୟଣଙ୍କୁ ପ୍ରଥମତଃ ସଂବ୍ୟବହାର କରିବା ଉଚିତ ଥିଲା । ଏଗୁଡ଼ିକ ଯେତିକି ପରିମାଣରେ ପ୍ରଚଳିତ ଅଥବା ରକ୍ଷଣଶୀଳ[୪] ଚିନ୍ତାଧାରା ମଧ୍ୟରେ ପ୍ରବେଶ କରିଥିଲା, ସାୟଣ ସେଗୁଡ଼ିକୁ ସେତିକି ଗ୍ରହଣ କରିଥିଲେ; କିନ୍ତୁ ଏଗୁଡ଼ିକ ତାଙ୍କ ଗ୍ରନ୍ଥରେ ଥିଲେ ଏକ ବ୍ୟତିକ୍ରମ ରୂପେ ଏବଂ ପରିମାଣ ଓ ମହତ୍ତ୍ୱ

---

୪ ଶ୍ରୀଅରବିନ୍ଦ ଏଠାରେ "Orthodox" ଶବ୍ଦ ପ୍ରୟୋଗ କରିଥିବାରୁ ନିମ୍ନମତେ ଏହାର ସ୍ପଷ୍ଟୀକରଣ ଦେଇଛନ୍ତି :

"ମୁଁ ଏଠାରେ ଏହି ଶବ୍ଦଟିକୁ ହାଲୁକା ଭାବରେ ବ୍ୟବହାର କରିଛି । Orthodox ଓ Heterodox ଶବ୍ଦଦୁଇଟିର ୟୁରୋପୀୟ ବା ସାମ୍ପ୍ରଦାୟିକ କ୍ଷେତ୍ରରେ ଯେଉଁ ଅର୍ଥ କରାଯାଏ ଭାରତରେ ଏହାର ପ୍ରୟୋଗରେ କିଛି ଯାଥାର୍ଥ୍ୟ ନାହିଁ, କାରଣ ଏଠାରେ ମନ୍ତବ୍ୟ-ପ୍ରକାଶରେ ସର୍ବଦା ସ୍ୱାଧୀନତା ଥିଲା ।"

ଦୃଷ୍ଟିରୁ ଅତି ନଗଣ୍ୟ । ସ୍ୱଳ୍ପ ପ୍ରଚଳିତ ଆଧାତ୍ମିକ ଅର୍ଥକୁ ପ୍ରସଙ୍ଗତଃ ସ୍ଥାନେ ସ୍ଥାନେ ସେ ନୈମିତ୍ତିକ ଭାବେ ଉଲ୍ଲେଖ ଅଥବା ଅନୁମୋଦନ କରିଛନ୍ତି । ଉଦାହରଣ ସ୍ୱରୂପ, ସେ ଉଲ୍ଲେଖ କରିଛନ୍ତି ଯେ 'ବୃତ୍ର' ମନୁଷ୍ୟଠାରୁ ତା' କାମନାର ଓ ଆତ୍ମହାର ଲକ୍ଷ୍ୟପ୍ରାପ୍ତିକୁ ଅବରୁଦ୍ଧ କରି ରଖେ । ବୃତ୍ର ଶବ୍ଦର ଏହା ଏକ ପ୍ରାଚୀନ ମନସ୍ତାତ୍ତ୍ୱିକ ବ୍ୟାଖ୍ୟା । ସାୟଣ ଏ ଅର୍ଥର ଉଲ୍ଲେଖ କରିଛନ୍ତି କିନ୍ତୁ ଏହାକୁ ସ୍ୱୀକାର କରି ନାହାନ୍ତି । ତାଙ୍କ ନିକଟରେ ବୃତ୍ର ହେଲା ଶତ୍ରୁ ବା ଭୌତିକ ମେଘ-ଅସୁର : ଯିଏ ଜଳରାଶିକୁ ଅବରୋଧ କରେ ଓ ବୃଷ୍ଟିଦେବତା ଯାହାକୁ ଅସ୍ତ୍ର-ବିଦ୍ଧ କରନ୍ତି ।

ଦ୍ୱିତୀୟ ଉପାଦାନଟି ପୁରାଣ-ଆଖ୍ୟାନକ-ସମ୍ବନ୍ଧୀୟ, ଯାହାକୁ ପୌରାଣିକ ବୋଲି ପୂର୍ବରୁ କୁହାଯାଇଛି,— ଅର୍ଥାତ୍ ପୁରାଣର ପ୍ରାତିପାଦିକ ସତ୍ୟଟି ହେଉଛି, ଏଥିରେ ସେହି ଗଭୀରତର ଅର୍ଥ ଓ ପ୍ରତୀକାତ୍ମକ ବିଷୟବସ୍ତୁକୁ ବାଦ୍ ଦେଇ ଦେବତାମାନଙ୍କର ରୂପକ ଓ କଥାନକଗୁଡ଼ିକୁ ବାହ୍ୟ ଆକାର ଦେବା ।[୫]

ତୃତୀୟ ଉପାଦାନଟି ହେଲା : ଲୋକପ୍ରସିଦ୍ଧ ପ୍ରାଚୀନ କାହାଣୀ ଓ ଐତିହାସିକ ତଥ୍ୟ — ବେଦର ଅସ୍ପଷ୍ଟ ବର୍ଣ୍ଣନା-ଗୁଡ଼ିକର ଟୀକା କରିବା ବେଳେ ବ୍ରାହ୍ମଣଗ୍ରନ୍ଥଗୁଡ଼ିକରେ ବା ତା' ପରବର୍ତ୍ତୀ କାଳର ପରମ୍ପରାଗୁଡ଼ିକରେ ଦିଆଯାଇଥିବା ରାଜା ଓ ଋଷିମାନଙ୍କ ଆଖ୍ୟାନ । ସାୟଣ କୁଣ୍ଠିତ ଭାବରେ ଏହି ଉପାଦାନଟି ସହ ସଂବ୍ୟବହାର କରିଛନ୍ତି । ବେଳେବେଳେ ସେ ଏଗୁଡ଼ିକୁ ସୂକ୍ତଗୁଡ଼ିକର ପ୍ରକୃତ ତତ୍ତ୍ୱାର୍ଥ ବୋଲି ସ୍ୱୀକାର କରିଛନ୍ତି; କେତେକ କ୍ଷେତ୍ରରେ ଅନ୍ୟ ଏକ ବୈକଳ୍ପିକ ଅର୍ଥ ମଧ୍ୟ ଦେଇଛନ୍ତି ଯେଉଁଥିରେ କି ତାଙ୍କର ବୌଦ୍ଧିକ ସହାନୁଭୂତି ସ୍ପଷ୍ଟରୂପେ ବାରି ହୁଏ । କିନ୍ତୁ ସେପରି ସ୍ଥଳେ ସେ ଏ ଉଭୟର ପ୍ରାମାଣିକତା ନିରୂପଣରେ ଦୋଦୁଲ୍ୟମାନ ହୋଇଛନ୍ତି ।

ବେଦର ପ୍ରକୃତିବାଦୀ ଟୀକା-ଉପାଦାନଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ । ସେଥିରେ କେବଳ ଯେ ଇନ୍ଦ୍ର, ମରୁତ୍, ତ୍ରିତ-ଅଗ୍ନି, ସୂର୍ଯ୍ୟ, ଉଷା ପ୍ରଭୃତିଙ୍କର ପାରମ୍ପରିକ ଆତ୍ମ-ପରିଚୟ ଦିଆଯାଇଛି ସେତିକି ନୁହେଁ, କିନ୍ତୁ ଆମେ ଦେଖୁ ମିତ୍ରଙ୍କୁ ଦିବସ ସହିତ, ବରୁଣଙ୍କୁ ରାତ୍ରି ସହିତ, ଅର୍ଯ୍ୟମା ଓ ଭଗଙ୍କୁ ସୂର୍ଯ୍ୟଙ୍କ ସହିତ, ଋଭୁମାନଙ୍କୁ ସୂର୍ଯ୍ୟକିରଣ ସହିତ ତାଦାତ୍ମ୍ୟ କରାଯାଇଛି । ୟୁରୋପୀୟ ପାଣ୍ଡିତ୍ୟ ଯାହାକୁ ଅତ୍ୟନ୍ତ ପ୍ରାଧାନ୍ୟ ଦିଏ, ବେଦର ସେହି ଜଡ଼ ଓ ପ୍ରାକୃତିକ ବ୍ୟାଖ୍ୟାନର ବୀଜ ଆମେ ଏହିଠାରେ ଦେଖିବାକୁ ପାଉ । ପ୍ରାଚୀନ

---

[୫] ପୁରାଣ ଓ ଐତିହାସିକ ମହାକାବ୍ୟଗୁଡ଼ିକ ସେମାନଙ୍କର ଆଧୁନିକ ସ୍ୱରୂପରେ ବିକାଶ ଘଟିବାର ବହୁ ପୂର୍ବରୁ ପୁରାଣ (ଆଖ୍ୟାନ ଓ ଉପାଖ୍ୟାନ) ଓ ଇତିହାସ (ଐତିହାସିକ ଘଟଣାଗୁଡ଼ିକର କ୍ରମସଂକଳନ) ବୈଦିକ ସଂସ୍କୃତିର ଅଙ୍ଗୀଭୂତ ଥିଲେ ବୋଲି ଅନୁମାନ କରିବା ପଛରେ ଏହାହିଁ କାରଣ ।

ଭାରତୀୟ ପଣ୍ଡିତମାନେ ନିଜ କଳ୍ପନାରେ ସେମାନଙ୍କ ପରି ଏତେ ସ୍ୱାଧୀନତା ବା ଏତେ କ୍ରମବଦ୍ଧ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାର ଉପଯୋଗ କରି ନାହାନ୍ତି । ତଥାପି ସାୟଣଙ୍କ ଭାଷ୍ୟରେ ଥିବା ଏହି ଉପାଦାନଟି ହେଉଛି ୟୁରୋପୀୟ ତୁଳନାତ୍ମକ ପୁରାଣ-ତାତ୍ତ୍ୱିକ ବିଜ୍ଞାନର ଯଥାର୍ଥ ଜନ୍ମଦାତା ।

କିନ୍ତୁ ତାଙ୍କ ଭାଷ୍ୟରେ କର୍ମକାଣ୍ଡୀୟ ବିଚାର ପରିବ୍ୟାପ୍ତ ହୋଇ ରହିଛି ଓ ଏହାହିଁ ତା'ର ମୂଳ ସ୍ୱର, ଯାହା ମଧ୍ୟରେ ଅନ୍ୟ ସମସ୍ତ ସ୍ୱର ମିଶିଯାଇ ନିଜର ସତ୍ତା ହରାଇଛନ୍ତି । ଦାର୍ଶନିକ ସମ୍ପ୍ରଦାୟମାନଙ୍କ ନିର୍ଣ୍ଣୟ ଅନୁସାରେ, ସୂକ୍ତଗୁଡ଼ିକ ଜ୍ଞାନର ସର୍ବୋଚ୍ଚ ପ୍ରାମାଣ୍ୟ ରୂପେ ବିବେଚିତ ହେଲେ ମଧ୍ୟ ସେମାନେ ମୁଖ୍ୟତଃ ଓ ମୂଳତଃ କର୍ମକାଣ୍ଡ ସହ — କର୍ମ ସହ ସମ୍ପର୍କିତ, କର୍ମ କହିଲେ ପ୍ରଧାନ ରୂପେ ବୈଦିକ ଯଜ୍ଞର ଆନୁଷ୍ଠାନିକ ରୀତି-ନୀତି ପାଳନକୁହିଁ ବୁଝାଉଥିଲା । ସାୟଣ ସର୍ବଦା ଏହି ବିଚାରର ଆଲୋକକୁ ମୂଳ କରି ଅଧ୍ୟବସାୟ କରିଛନ୍ତି, ବୈଦିକ ଭାଷାକୁ ସେ ଏହି ଛାଞ୍ଚରେ ପକାଇ ବୁଝାଇଛନ୍ତି । ଏହାର ବିଶେଷ ଗୁଣ-ପ୍ରକର୍ଷକ ଶବ୍ଦଗୁଡ଼ିକୁ କର୍ମକାଣ୍ଡୀୟ ତାତ୍ପର୍ଯ୍ୟାର୍ଥ ଦିଗରେ ଘୂରାଇ ଦେଇଛନ୍ତି — ଅନ୍ନ, ପୁରୋହିତ, ଦାତା, ଧନ, ସ୍ତୁତି, ପ୍ରାର୍ଥନା, ଯଜ୍ଞାନୁଷ୍ଠାନ ଓ ବଳି ଇତ୍ୟାଦି ।

ସଂପଦ (ରୟି) ଓ ଅନ୍ନ ହେଉଛନ୍ତି ସବୁଠୁ ପ୍ରଧାନ;— କାରଣ ଯଜ୍ଞର ଲକ୍ଷ୍ୟଭାବେ ନାନାଦି ଅଧିକାରତ୍ୱ, ବଳ, ଶକ୍ତି, ଅପତ୍ୟ, ଦାସ, ରତ୍ନ, ବାଜି, ଗୋ, ବିଜୟ, ଶତ୍ରୁର ବଧ ଓ ଲୁଣ୍ଠନ, ପ୍ରତିଦ୍ୱନ୍ଦ୍ୱୀ ଓ ଅନିଷ୍ଟକାମୀ ନିନ୍ଦୁକର ବିନାଶ ପ୍ରଭୃତି ସବୁଠୁ ଅଧିକ ଅହଂଧର୍ମୀ ଓ ଭୌତିକ ବିଷୟଗୁଡ଼ିକର ପ୍ରାପ୍ତି ସେଥିରେ ପ୍ରସ୍ତାବିତ ହୋଇଛି । ଏହି ଅର୍ଥରେ ବ୍ୟାଖ୍ୟା କରାଯାଇଥିବା ସୂକ୍ତ ପରେ ସୂକ୍ତ ପାଠ କଲେ ବେଦ ପ୍ରତି ଗୀତାର ଯେଉଁ ଆପାତପ୍ରତୀୟମାନ ଭାବଗତ ଅସଙ୍ଗତି ଦେଖାଯାଏ ତାହାର କାରଣ କ୍ରମଶଃ ସ୍ପଷ୍ଟ ଓ ବୋଧଗମ୍ୟ ହୁଏ । ଏ ଅସଙ୍ଗତି ହେଉଛି — ଗୀତା ସର୍ବଦା ବେଦକୁ ଦିବ୍ୟଜ୍ଞାନ[୬] ବୋଲି ସମ୍ମାନ ଦେଇଥିଲେ ମଧ୍ୟ ଅନୁଦାର ବେଦବାଦୀମାନଙ୍କୁ[୭] ଏହା କହି ଦୃଢ଼ଭାବରେ ନିନ୍ଦା କରିଛି ଯେ ସେମାନଙ୍କର ପୁଷ୍ପିତ ବାକ୍ୟ କେବଳ ଐହିକ ସମ୍ପଦ, ଶକ୍ତି ଓ ଭୋଗ ଅର୍ଥରେ ପର୍ଯ୍ୟବସିତ ।

ବେଦର ସମସ୍ତ ସମ୍ଭାବ୍ୟ ଅର୍ଥ-ନିରୂପଣ ମଧ୍ୟରୁ ଏହି ନିମ୍ନତମ ଅର୍ଥଟି ହେଉଛି ବେଦର ଚରମ ଓ ପ୍ରମାଣ-ଭିତ୍ତିକ ବନ୍ଧନ, ଯାହା ସାୟଣଙ୍କ ଭାଷ୍ୟର ସବୁଠୁ ଦୁର୍ଭାଗ୍ୟପୂର୍ଣ୍ଣ ଫଳ । ଯଜ୍ଞୀୟ ବ୍ୟାଖ୍ୟାର ଏହି ପ୍ରାଧାନ୍ୟ ଭାରତବର୍ଷକୁ ତା'ର ସର୍ବଶ୍ରେଷ୍ଠ ବାଙ୍ମୟର (ବେଦର) ଜୀବନ୍ତ ଉପଯୋଗରୁ ଓ ଉପନିଷଦର ଯଥାର୍ଥ ମର୍ମ ଉଦ୍‌ଘାଟନରୁ ବଞ୍ଚିତ କରି

---

୬ ଗୀତା, ପଞ୍ଚଦଶ ଅଧ୍ୟାୟ, ଶ୍ଲୋକ - ୧୫ ।

୭ ଦ୍ୱିତୀୟ ଅଧ୍ୟାୟ, ଶ୍ଲୋକ - ୪୨ ।

ରଖିଥିଲା । ପ୍ରାଚୀନକାଳରୁ ରହି ଆସିଥିବା ଭ୍ରାନ୍ତ ଅବଧାରଣା ଉପରେ ସାୟଣଙ୍କ ଭାଷ୍ୟ ଶେଷ ସିଦ୍ଧାନ୍ତ-ଗତ ଏକ ମୋହର ଲଗାଇ ବାନ୍ଧି ଦେଇଛି, ଆଜକୁ ବହୁ ଶତାବ୍ଦୀ ବିତିଯାଇଥିଲେ ମଧ୍ୟ ଯାହାକୁ ଭାଙ୍ଗିବା ସମ୍ଭବ ହୋଇ ନାହିଁ । ଆଉ ମଧ୍ୟ ଯେତେବେଳେ ଅନ୍ୟ ଏକ ସଭ୍ୟତା ବେଦକୁ ଆବିଷ୍କାର କଲା ଓ ତାହାକୁ ଅଧ୍ୟୟନ କରିବାରେ ନିଜକୁ ଅଭିନିବିଷ୍ଟ କଲା, ସେତେବେଳେ ଏଇ ଭାଷ୍ୟର ନିର୍ଦ୍ଦେଶଗୁଡ଼ିକ ହେଲେ ୟୁରୋପୀୟ ମାନସରେ ଅଭିନବ ଦୋଷ ସୃଷ୍ଟି କରିବାର ଜନକ ।

ଯାହା ବି ହେଉ, ସାୟଣଙ୍କ ଭାଷ୍ୟ ଏପରି ଏକ ଚାବି ଯାହା ବେଦର ଗଭୀରତର ଅର୍ଥ ଉପରେ ଦ୍ୱୈତମୁଦ ପକାଇ ଦେଇଛି, ତଥାପି ବେଦଜ୍ଞାନଲାଭର ପ୍ରବେଶକକ୍ଷକୁ ଖୋଲିବା ପାଇଁ ଏହା ଅପରିହାର୍ଯ୍ୟ । ଏହାର ଯେଉଁ ଉପଯୋଗିତା ରହିଛି, ତା'ର ସ୍ଥାନ ଗ୍ରହଣ କରିବା ପାଇଁ ୟୁରୋପୀୟ ପାଣ୍ଡିତ୍ୟର ସମସ୍ତ ବିଶାଳ ପ୍ରୟାସ ଯୋଗ୍ୟ ହୋଇ ପାରି ନାହିଁ । ପ୍ରତିପଦକ୍ଷେପରେ ଆମେ ଯେପରି ଏହା ଅପେକ୍ଷା ଏକ ଭିନ୍ନ ମତ ପୋଷଣ କରିବାକୁ ବାଧ ହେଉ, ଏହାର ଉପଯୋଗ କରିବାକୁ ମଧ୍ୟ ସେଇପରି ପ୍ରତିପଦରେ ବାଧ ହେଉ । ବେଦ ମଧ୍ୟକୁ ପ୍ରବେଶ କରିବା ପାଇଁ ଏହା ହେଉଛି ଏକ ଆବଶ୍ୟକ ଲଙ୍ଘନ-ପଟ୍ଟିକା, ବା ଏକ ପାବଚ୍ଛ ଶ୍ରେଣୀ । ବେଦର ଗଭୀର ପ୍ରଦେଶ ମଧ୍ୟକୁ ଆମେ ଯଦି ପ୍ରବେଶ କରିବାକୁ ଚାହୁଁ ତେବେ ଏହାକୁ ପଛରେ ଛାଡ଼ିଦେଇ ଯିବାକୁ ହେବ ।

ତୃତୀୟ ଅଧ୍ୟାୟ

ଆଧୁନିକ ମତ

ବେଦର କର୍ମକାଣ୍ଡୀୟ ବ୍ୟାଖ୍ୟା ଉପରେ ସାୟଣ ଯେଉଁ ଅନ୍ତିମ ପ୍ରାମାଣିକତାର ମୁଦ ଲଗାଇ ଦେଇଥିଲେ, ତା'ର ବହୁ ଶତାବ୍ଦୀ ପରେ ଗୋଟିଏ ବିଦେଶୀ ସଂସ୍କୃତିର କୌତୂହଳ ତାହାକୁ ଭାଙ୍ଗିଦେଲା । ବେଦ ପରି ଏକ ପ୍ରାଚୀନ ଧର୍ମଗ୍ରନ୍ଥ ଆସି ଏପରି ଏକ ପାଣ୍ଡିତ୍ୟର ହସ୍ତଗତ ହେଲା ଯିଏ କଠିନ ପରିଶ୍ରମୀ, ଅନୁମାନ କ୍ଷେତ୍ରରେ ଦୁଃସାହସୀ, କାଳ୍ପନିକ ଜଗତରେ ଉଡ଼ିବାରେ ଦକ୍ଷ, ନିଜ ପ୍ରାପ୍ତ ଆଲୋକ ଉପରେ ଆସ୍ଥାବାନ୍, ତଥାପି ପ୍ରାଚୀନ ରହସ୍ୟବାଦୀ କବିମାନଙ୍କର ପ୍ରକାଶ ଭଙ୍ଗୀକୁ ବୁଝିବାରେ ସେ ସଂପୂର୍ଣ୍ଣ ଅସମର୍ଥ; କାରଣ ପ୍ରାଚୀନ କାଳର ଜୀବନ ଚରିତ୍ର ପ୍ରତି ଏହାର ଆଦୌ ସହାନୁଭୂତି ନ ଥିଲା କିଂବା ବୈଦିକ ଉପମା ଓ ରୂପକ-କାହାଣୀ ମଧ୍ୟରେ ଯେଉଁ ଚିନ୍ତାସମୂହ ଲୁକ୍କାୟିତ ହୋଇ ରହିଛି, ତାହାର ବ୍ୟାଖ୍ୟା କରିବାକୁ ସେମାନଙ୍କ ବୌଦ୍ଧିକ ଓ ଆଧ୍ୟାତ୍ମିକ ପରିବେଶରେ କୌଣସି ଯୋଗସୂତ୍ର ନ ଥିଲା । ଏଣୁ ଏହାର ଦ୍ୱିବିଧ ପରିଣତି ଘଟିଲା — ଗୋଟିଏ ପକ୍ଷରେ ବେଦ ବ୍ୟାଖ୍ୟାରେ ଦେଖା ଦେଉଥିବା ସମସ୍ୟାମାନଙ୍କ ଉପରେ ଏକ ଅଧିକତର ପୁଙ୍ଖାନୁପୁଙ୍ଖ ଓ ସତର୍କ ତଥା ଅଧିକତର ମୁକ୍ତ ଭାବେ ଅର୍ଥ-ନିରୂପଣ ପ୍ରଭୃତି ଆରମ୍ଭ ହେଲା ଏବଂ ଅନ୍ୟପକ୍ଷରେ ଏମାନଙ୍କର ଆପାତ-ପ୍ରତୀୟମାନ ସ୍ଥୂଳ ଅର୍ଥର ଅତିରଞ୍ଜନ ଘଟିଲା, କିନ୍ତୁ ଏହାର ଯଥାର୍ଥ ଆଭ୍ୟନ୍ତରୀଣ ରହସ୍ୟ ପୂର୍ଣ୍ଣରୂପେ ଅସ୍ପଷ୍ଟ ରହିଗଲା ।

ଅନୁମାନର ବଳିଷ୍ଠତା ଏବଂ ଅର୍ଥ-ଆବିଷ୍କାର ଓ ଉଦ୍ଭାବନର କ୍ଷେତ୍ରରେ ସ୍ୱାଧୀନତା ଥିବା ସତ୍ତ୍ୱେ ୟୁରୋପର ବୈଦିକ ପାଣ୍ଡିତ୍ୟ ସର୍ବଦା ସାୟଣଙ୍କ ଭାଷ୍ୟ ମଧ୍ୟରେ ଥିବା ପାରମ୍ପରିକ ଉପାଦାନକୁ ନିଜର ଭିତ୍ତିରୂପେ ସବୁ କ୍ଷେତ୍ରରେ ଅବଲମ୍ବନ କରିଛନ୍ତି ଏବଂ ସମସ୍ୟାଟିକୁ ନେଇ ସର୍ବଥା ସ୍ୱତନ୍ତ୍ର ଭାବେ ସମାଧାନର ପ୍ରୟାସ କରି ନାହାନ୍ତି । ସେମାନେ ସାୟଣଙ୍କ ଭାଷ୍ୟ ଓ ବ୍ରାହ୍ମଣ-ଗ୍ରନ୍ଥମାନଙ୍କ ମଧ୍ୟରେ ଅନ୍ୱେଷଣ କରି ଯାହା ପାଇଛନ୍ତି, ତାକୁ ଆଧୁନିକ ମତ ଓ ଆଧୁନିକ ଜ୍ଞାନର ଆଲୋକ ଦ୍ୱାରା ବିକଶିତ କରାଇଛନ୍ତି । ଭାଷାବିଜ୍ଞାନ, ପୁରାଣତତ୍ତ୍ୱ ଓ ଇତିହାସରେ ପ୍ରୟୋଗ କରାଯାଇଥିବା ତୁଳନାତ୍ମକ ପଦ୍ଧତିରୁ ନିଷ୍ପାସିତ ପ୍ରତିଭାସମ୍ପନ୍ନ ତୁଳନାତ୍ମକ କଳ୍ପନାକୁ ମାଧ୍ୟମ କରି, ବଳିଷ୍ଠ ଅନୁମାନ ସାହାଯ୍ୟରେ ବିଦ୍ୟମାନ ତଥ୍ୟର ସୁଦୂର ସମ୍ପ୍ରସାରଣକୁ ମାଧ୍ୟମ କରି, ବିକ୍ଷିପ୍ତ ଭାବରେ ପ୍ରାପ୍ତ ସଂକେତଗୁଡ଼ିକୁ ଆଣି ଏକତ୍ର କରିବା ଦ୍ୱାରା ସେମାନେ ବୈଦିକ ପୁରାଣବିଦ୍ୟା, ବୈଦିକ ଇତିହାସ ଓ ବୈଦିକ

ସଭ୍ୟତା ସମ୍ବନ୍ଧରେ ଏକ ସମଗ୍ର ପରିକଳ୍ପ ନିର୍ମାଣ କରିଛନ୍ତି । ଏହି ମତଟି ନିଜର ପୁଙ୍ଖାନୁପୁଙ୍ଖ ବିଚାର ଦ୍ୱାରା ସମସ୍ତଙ୍କୁ ମୁଗ୍ଧ କରେ ସତ, କିନ୍ତୁ ଆପାତ-ପ୍ରତୀୟମାନ ନିଶ୍ଚୟାତ୍ମକ ପ୍ରଣାଳୀ ଦ୍ୱାରା ଏକ ବାସ୍ତବତାକୁ ଲୁଚାଇ ରଖେ ଯେ ଜବରଦସ୍ତି ଆରୋପ କରାଯାଇଥିବା ଏହି ସୌଧଟିର ଅଧିକାଂଶ ଭାଗ ବାଲୁକାମୟ ଭିତ୍ତି ଉପରେ ଆଶ୍ରିତ ।

ବେଦସଂପର୍କୀୟ ଆଧୁନିକ ମତ — ଯେଉଁଥି ପାଇଁ ସାୟଣଙ୍କୁ ଦାୟୀ କରାଯାଇପାରେ — ଏହି ଧାରଣାରୁ ଆରମ୍ଭ ହୋଇଛି ଯେ ବେଦ ହେଉଛି ଆଦିମ ତଥା ବହୁଳାଂଶରେ ବର୍ବର ସମାଜର ଏକ ସ୍ତୁତିମାଳା । ସେହି ସମାଜର ନୈତିକ ଓ ଧାର୍ମିକ ଚିନ୍ତା ଥିଲା ଅସଂସ୍କୃତ ଏବଂ ସାମାଜିକ ଗଠନ ଥିଲା ଅମାର୍ଜିତ ଓ ତାକୁ ଘେରି ରହିଥିବା ବିଶ୍ୱଟି ସମ୍ବନ୍ଧରେ ତା'ର ଦୃଷ୍ଟିକୋଣ ଥିଲା ଅତ୍ୟନ୍ତ ଶିଶୁସୁଲଭ । ଯେଉଁ କର୍ମକାଣ୍ଡୀୟ ଯଜ୍ଞବାଦକୁ ସାୟଣ ଦିବ୍ୟଜ୍ଞାନର ଏକ ଅଙ୍ଗରୂପେ ତଥା ରହସ୍ୟମୟ ଭାବରେ ଫଳଦାୟକ ଦେବକାର୍ଯ୍ୟ ବୋଲି ସ୍ୱୀକାର କରିଛନ୍ତି ତାକୁ ୟୁରୋପୀୟ ପାଣ୍ଡିତ୍ୟ ଗ୍ରହଣ କଲା କାଳ୍ପନିକ ଅଧିମାନବୀୟ ବ୍ୟକ୍ତିତ୍ୱମାନଙ୍କ ତୁଷ୍ଟି ନିମନ୍ତେ ଉତ୍ସର୍ଗିତ ଆଦିମ ବର୍ବରମାନଙ୍କ ଦ୍ୱାରା ବଳିଦାନ ପ୍ରକ୍ରିୟାର ଏକ ବିସ୍ତୃତ ବିବରଣୀ ରୂପେ ଏବଂ ସେମାନଙ୍କ ମତରେ ସେହି ପରାକ୍ରମୀ ବ୍ୟକ୍ତିମାନେ ହିତକାରୀ ବା ଅନିଷ୍ଟକାରୀ ହୁଅନ୍ତି ସେମାନଙ୍କର ପୂଜା ବା ଉପେକ୍ଷା ଅନୁସାରେ । ସେଇସବୁ ଅସଭ୍ୟଜାତିଗୁଡ଼ିକର ପ୍ରାରମ୍ଭିକ ଇତିକଥା, ଆଚାର-ବ୍ୟବହାର ଓ ଜାତିଗତ ବିଧିବ୍ୟବସ୍ଥାଗୁଡ଼ିକର ମୂଳ ଖିଅକୁ ଧରିନେବାର ଜିଦ୍‌ରେ ସାୟଣଙ୍କ ଦ୍ୱାରା ସ୍ୱୀକୃତ ଇତିବୃତ୍ତମୂଳକ ଉପାଦାନକୁ ୟୁରୋପୀୟ ପାଣ୍ଡିତ୍ୟ ତୁରନ୍ତ ଜାବୁଡ଼ି ଧରିଲା ଏବଂ ସୂକ୍ତଗୁଡ଼ିକରେ ଥିବା ଅସ୍ପଷ୍ଟ ଅନ୍ତଃକଥାମାନଙ୍କର ସଙ୍କେତକୁ ଅଭିନବ ଅର୍ଥ ଓ ନୂଆ ବର୍ଣ୍ଣନା ଦେଇ ସ୍ପଷ୍ଟ କରିବାକୁ ଲାଗିଲା । ବେଦ ବର୍ଣ୍ଣିତ ପ୍ରାକୃତିକ ଉପାଦାନ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା । ବୈଦିକ ଦେବତାମାନଙ୍କର ବାହ୍ୟଗୁଣାବଳୀ ସହ କେତେକ ପ୍ରକୃତି-ଶକ୍ତିଙ୍କର ସ୍ପଷ୍ଟ ତଦ୍ରୂପତାହିଁ ଆର୍ଯ୍ୟ ପୌରାଣିକ ଉପାଖ୍ୟାନଗୁଡ଼ିକର ତୁଳନାତ୍ମକ ଅଧ୍ୟୟନର ଆରମ୍ଭ-ବିନ୍ଦୁ ଭାବେ ବ୍ୟବହୃତ ହେଲା; ଅଳ୍ପ କେତେକ ଗୌଣ ଦେବତାଙ୍କୁ ସୂର୍ଯ୍ୟଙ୍କ ଶକ୍ତି ବୋଲି କହି ତାହାକୁହିଁ ଆଦିମପୁରାଣ ରଚନାରୀତିର ସୂତ୍ର ବୋଲି ସ୍ୱୀକାର କରାଗଲା ଏବଂ ତୁଳନାତ୍ମକ ପୁରାଣବିଦ୍ୟାର ସୂର୍ଯ୍ୟ ଓ ତାରକାମଣ୍ଡଳୀୟ ଦେବ-କଥା ପ୍ରତିଷ୍ଠା ଲାଭ କଲା । ଏହି ନୂତନ ଆଲୋକର ବୈଦିକ ସ୍ତୋତ୍ରମାଳାକୁ ଜ୍ୟୋତିର୍ବିଦ୍ୟାର ଏକ ବିଶେଷ ଉପାଦାନ ସହ ବାହ୍ୟ ପ୍ରକୃତିର ଅର୍ଦ୍ଧ ଅନ୍ଧବିଶ୍ୱାସ-ଯୁକ୍ତ ତଥା ଅର୍ଦ୍ଧ-କବିକଳ୍ପିତ ରୂପକ କଥା ରୂପେ ବ୍ୟାଖ୍ୟା କରାଗଲା । ଅବଶିଷ୍ଟ ଭାଗଟିକୁ ମଧ୍ୟ କୁହାଗଲା ଅଂଶତଃ ସମସାମୟିକ ଐତିହାସିକ କଥା, ଅଂଶତଃ ବଳିପୂଜାଦି-ଅନୁଷ୍ଠାନର ସୂତ୍ର ଓ ନୀତିନିୟମ ଯାହା ଆଦୌ ରହସ୍ୟମୟ ନୁହେଁ ବରଂ ଆଦିମସ୍ତରୀୟ ଓ ଅନ୍ଧବିଶ୍ୱାସରେ ଭରା ।

ଆଦିମ ମାନବଜାତିର ଜୀବନଧାରା ଓ ଏବେ ନିକଟ ଅତୀତରେ ଅସଭ୍ୟରୁ ସଭ୍ୟତ୍ୱକୁ ଉନ୍ନୀତ ହୋଇଥିବା ମାନବ ସଂସ୍କୃତି, ଯାହା ଉନବିଂଶ ଶତାବ୍ଦୀରେ ଏପରିକି ବର୍ତ୍ତମାନ ମଧ୍ୟ ପ୍ରଭାବଶାଳୀ, ତା'ସହ ପୂର୍ଣ୍ଣତଃ ସାମଞ୍ଜସ୍ୟ ରକ୍ଷା କରି ବୈଜ୍ଞାନିକ ମତ ଉପସ୍ଥାପନ ପୂର୍ବକ ଏଇ ବ୍ୟାଖ୍ୟାଟି ରଚିତ ହୋଇଛି । କିନ୍ତୁ ଆମ ଜ୍ଞାନର ଅଭିବୃଦ୍ଧି ଫଳରେ ଏହି ପ୍ରଥମ ତଥା କ୍ଷିପ୍ରଗତିରେ ସର୍ବସାଧାରଣରେ ବ୍ୟାପି ଯାଇଥିବା ସିଦ୍ଧାନ୍ତଟିର ଭିତ୍ତି ଅତିମାତ୍ରାରେ ଦୋହଲିଯାଇଛି । ବର୍ତ୍ତମାନ ଆମେ ଜାଣୁଛୁ ଯେ ବହୁ ସହସ୍ର ବର୍ଷ ପୂର୍ବେ ଚୀନ, ମିଶର, ଖାଲଦୀୟ ଓ ଏସିରିଆରେ ଉଚ୍ଚକୋଟୀର ସଭ୍ୟତା ବିଦ୍ୟମାନ ଥିଲା, ଏବଂ ଏସୀୟ ଓ ଭୂମଧ୍ୟ-ସାଗରୀୟ ଜାତିମାନଙ୍କ ମଧ୍ୟରେ ଗ୍ରୀସ୍ ଓ ଭାରତ ମଧ୍ୟ ସାଧାରଣ ଉନ୍ନତ ସଂସ୍କୃତିର ବ୍ୟତିକ୍ରମ ନ ଥିଲେ ବୋଲି ବର୍ତ୍ତମାନ ସମସ୍ତେ ସ୍ୱୀକାର କରିବାକୁ ଆରମ୍ଭ କରିଛନ୍ତି; ଅର୍ଥାତ୍, ସେମାନେ ତଥାକଥିତ ସେଇ ଆର୍ଯ୍ୟଜାତିର ଅନ୍ତର୍ଭୁକ୍ତ ଥିଲେ ଏବଂ ହୋମରଙ୍କ କାବ୍ୟରେ, ପ୍ରାଚୀନ ନରୱେର ଲୋକ-ଗାଥାରେ ଏବଂ ପୁରାତନ 'ଗଲ୍' ଓ 'ଟିଉଟନ୍' ସଭ୍ୟତା ବିଷୟରେ ରୋମାନ୍‌ମାନଙ୍କ ଦ୍ୱାରା ବର୍ଣ୍ଣିତ ବିବରଣୀରେ ଆର୍ଯ୍ୟଜାତୀୟ 'ଗ୍ରୀକ୍', 'କେଲ୍‌ଟ୍' 'ଜର୍ମାନ୍' ପ୍ରଭୃତି ଜାତିଗୁଡ଼ିକର ସଂସ୍କୃତିକୁ ଯେପରି ଚିତ୍ରଣ କରାଯାଇଛି, ଏହି ଜାତିଟିର ସଂସ୍କୃତି ମଧ୍ୟ ସେଇ ସମାନ ସ୍ତରୀୟ ଥିଲା । ଏଥିରୁ ଏ ମତବାଦର ସୃଷ୍ଟି ହୋଇଛି ଯେ ଏ ଆର୍ଯ୍ୟଜାତିଗୁଡ଼ିକ ଉତ୍ତରାଞ୍ଚଳର ବର୍ବର ଥିଲେ ଓ ସେମାନେ ତାଙ୍କର ଶୀତପ୍ରଧାନ ଅଞ୍ଚଳରୁ ଆସି ଭୂମଧ୍ୟସାଗରୀୟ ୟୁରୋପ ଓ ଦ୍ରାବିଡ଼-ଅଧ୍ୟୁଷିତ ଭାରତର ପ୍ରାଚୀନ ଓ ସମୃଦ୍ଧ ସଭ୍ୟତା ମଧ୍ୟକୁ ଜବରଦସ୍ତି ପ୍ରବେଶ କରିଥିଲେ ।

କିନ୍ତୁ ବେଦରେ ଯେଉଁ ସୂଚନାଗୁଡ଼ିକୁ ଭିତ୍ତି କରି ନିକଟ ଅତୀତରେ ଘଟିଯାଇଥିବା ଆର୍ଯ୍ୟ-ଆକ୍ରମଣ ବିଷୟକ ମତ ଗଢ଼ି ଉଠିଛି ତା'ର ପରିମାଣ ଅତି ଅଳ୍ପ ଓ ସେଗୁଡ଼ିକର ମର୍ମାର୍ଥ ମଧ୍ୟ ଅନିଶ୍ଚିତ । ଏପରି ଏକ ଆକ୍ରମଣର କୌଣସି ଘଟଣା ଘଟିଥିବା କଥା ବେଦରେ ଉଲ୍ଲେଖ ନାହିଁ । ଆର୍ଯ୍ୟ ଓ ଅନାର୍ଯ୍ୟ ମଧ୍ୟରେ ଥିବା ତଥାକଥିତ ପାର୍ଥକ୍ୟକୁ ଭିତ୍ତି କରି କେତେ କ'ଣ କଥା ଗଢ଼ାଯାଇଛି । ହେଲେ ବାସ୍ତବ ପ୍ରମାଣ ଦୃଷ୍ଟିରୁ ମନେ ହୁଏ ତାହା ଜାତିଗତ ପାର୍ଥକ୍ୟ ନୁହେଁ, ବରଂ ସାଂସ୍କୃତିକ ।[୧] ଏକ ନିର୍ଦ୍ଦିଷ୍ଟ ଉପାସନା ବା ଆଧ୍ୟାତ୍ମିକ

---

୧ ଦୃଢ଼ତାର ସହ କୁହାଯାଇଛି ଯେ ଶ୍ୱେତାଙ୍ଗ ଓ ଉନ୍ନତନାସା 'ଆର୍ଯ୍ୟ'ମାନଙ୍କ ତୁଳନାରେ 'ଦସ୍ୟୁ'ମାନେ କୃଷ୍ଣବର୍ଣ୍ଣ ଓ ନାସିକାହୀନ । କିନ୍ତୁ ପ୍ରଥମ ପାର୍ଥକ୍ୟଟି ନିଶ୍ଚୟ ଆର୍ଯ୍ୟ ଦେବତା ଓ ଦାସ-ଶକ୍ତିମାନଙ୍କ ପ୍ରତି ଯଥାକ୍ରମେ ଆଲୋକ ଓ ଅନ୍ଧକାର ଅର୍ଥରେ ପ୍ରୟୋଗ କରାଯାଇଛି । 'ଅନାସ' ଶବ୍ଦର ଅର୍ଥ 'ନାସାବିହୀନ' ନୁହେଁ, ଯଦି ବି ତାହା ସମ୍ଭବ ହୋଇଥାଏ, ତଥାପି ଦ୍ରାବିଡ଼ମାନଙ୍କ ପ୍ରତି ତାହା ଆଦୌ ପ୍ରଯୁଜ୍ୟ ନୁହେଁ । କାରଣ ଦାକ୍ଷିଣାତ୍ୟର ନାସିକା ଉତ୍ତରଖଣ୍ଡର ଶୁଣ୍ଡତୁଲ୍ୟ ଯେକୌଣସି ଆର୍ଯ୍ୟ-ନାସିକା ପରି ଉତ୍କୃଷ୍ଟ ବୋଲି ନିଜେ ପ୍ରମାଣ ଦେଇପାରେ ।

ଦୃଷ୍ଟିହିଁ ଆର୍ଯ୍ୟମାନଙ୍କର ବିଶିଷ୍ଟ ଲକ୍ଷଣ ବୋଲି ବୈଦିକ ସୂକ୍ତଗୁଡ଼ିକର ଭାଷାରେ ସ୍ପଷ୍ଟରୂପେ ଶଂସିତ ହୋଇଛି,— ଦିବ୍ୟ ଜ୍ୟୋତିଃଙ୍କର ଓ ଜ୍ୟୋତିଃ-ଶକ୍ତିମାନଙ୍କର ଉପାସନା ଏବଂ ସତ୍ୟ-ସଂବର୍ଧକ ଆଦର୍ଶ ଉପରେ ପ୍ରତିଷ୍ଠିତ ଆତ୍ମଶୃଙ୍ଖଳା ଓ ଅମରତ୍ୱ ଲାଭ ନିମନ୍ତେ ଅଭୀପ୍ସା — ଋତମ୍ ଓ ଅମୃତମ୍ । ଜାତିଗତ ପ୍ରଭେଦର କୌଣସି ବିଶ୍ୱାସଯୋଗ୍ୟ ସୂଚନା ସେଥିରେ ନାହିଁ । ବର୍ତ୍ତମାନ ଭାରତରେ ବାସ କରୁଥିବା ଜାତିମାନଙ୍କ ମଧ୍ୟରୁ ମୁଖ୍ୟ ଭାଗ ଉତ୍ତର ଅକ୍ଷାଂଶର ଆହୁରି ଉପରୁ, ଏପରିକି, ଶ୍ରୀଯୁକ୍ତ ତିଳକଙ୍କ ବିଚାର ଅନୁସାରେ, ଉତ୍ତରମେରୁ ଅଞ୍ଚଳରୁ ଆଗତ ଏକ ନୂତନଜାତିର ବଂଶଧର ହୋଇଥିବା କଥା ହୁଏତ ସର୍ବଥା ସମ୍ଭବ ହୋଇଥାଇ ପାରେ, କିନ୍ତୁ ବେଦରେ ଏ ବିଷୟରେ କିଛି ପ୍ରମାଣ ନାହିଁ । ଠିକ୍ ଯେପରି ଏ ଦେଶର ଜାତିବଂଶଗତ ଆକୃତିରେ[୨] ଏପରି କୌଣସି ପାର୍ଥକ୍ୟ ନାହିଁ ଯେଉଁଥିରୁ ପ୍ରମାଣ କରିହେବ ଯେ ଏହି ଅବତରଣଟି (ଆଗମନ) ବୈଦିକ ସୂକ୍ତରଚନା କାଳର ସମସାମୟିକ ଅଥବା ସଭ୍ୟ ଦ୍ରାବିଡ଼ ଉପଦ୍ୱୀପରେ ମୁଷ୍ଟିମେୟ ଗୌରବର୍ଣ୍ଣ ବର୍ବରମାନଙ୍କର ଧୀର ଅନୁପ୍ରବେଶ ଘଟିଥିଲା ।

ଯଦି ଧରିନିଆଯାଏ ଯେ କେଲ୍‌ଟ୍, ଟିଉଟନ୍, ଗ୍ରୀକ୍ ଓ ଭାରତୀୟ ଆଦି ଆର୍ଯ୍ୟ ସଂସ୍କୃତିଗୁଡ଼ିକ ଗୋଟିଏ ମୂଳ ସଂସ୍କୃତିର ପ୍ରତିନିଧିତ୍ୱ କରୁଛନ୍ତି, ତଥାପି ଏ ସଂପର୍କରେ ଯେଉଁ ତଥ୍ୟ ବା ପ୍ରମାଣମାନ ଆମ ନିକଟରେ ଅଛି, ସେଥିରୁ ଏଇପରି ଏକ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ସମ୍ଭବ ନୁହେଁ ଯେ ଆଦିମ ସଂସ୍କୃତିଗୁଡ଼ିକ ପ୍ରକୃତରେ ଅବିକଶିତ ଓ ଜଙ୍ଗଲୀ ଥିଲେ । ସେହିସବୁ ସଂସ୍କୃତିର ବାହ୍ୟଜୀବନରେ ଓ ଜୀବନର ସଂଗଠନ ମଧ୍ୟରେ ଥିବା ଏକ ଉଚ୍ଚାଙ୍ଗ ଶୁଦ୍ଧି ଓ ମହାନ୍ ସରଳତା ଯୋଗୁଁ, ପୂଜିତ ଦେବତାମାନଙ୍କ ପ୍ରତି ଥିବା ସେମାନଙ୍କ ଧାରଣାରେ ଓ ସେମାନଙ୍କ ସହିତ ନିଜର ସଂପର୍କରେ ଏକ ସ୍ଥିର ନିଶ୍ଚିତ ଦୃଢ଼ତା ଓ ସ୍ପଷ୍ଟ ମାନବୀୟ ଘନିଷ୍ଠତା ଯୋଗୁଁ ଆର୍ଯ୍ୟସଂସ୍କୃତି ଥିଲା ବାହ୍ୟତଃ ଅଧିକ ଆଡ଼ମ୍ବରପୂର୍ଣ୍ଣ ଓ ଜଡ଼ବାଦୀ ମିଶରୀୟ-ଖାଲଦୀୟ ସଭ୍ୟତାଠାରୁ ତଥା ତା'ର ଗୁହ୍ୟବାଦୀ ଧର୍ମଠାରୁ ସଂପୂର୍ଣ୍ଣ ଭିନ୍ନ । କିନ୍ତୁ ଏଇ ବୈଶିଷ୍ଟ୍ୟଗୁଡ଼ିକ ଏକ ଉନ୍ନତ ଆନ୍ତର ସଂସ୍କୃତି ସହ କୌଣସି ଅସଙ୍ଗତି ରଖୁ ନାହିଁ, ବରଂ ଅନ୍ୟପକ୍ଷରେ, ବହୁସ୍ଥଳରେ ଦେଖିବାକୁ ମିଳୁଥିବା ଏକ ମହାନ୍ ଆଧ୍ୟାତ୍ମିକ ପରମ୍ପରାର ଚିହ୍ନଗୁଡ଼ିକ ସାଧାରଣ ମତକୁ ବେପ୍ରମାଣ କରିଦେଉଛି । ପ୍ରାଚୀନ

---

୨ ଭାରତରେ ପ୍ରାଚୀନ ଶବ୍ଦତତ୍ତ୍ୱର ଭିତ୍ତି ଉପରେ ଗଢ଼ି ଉଠିଥିବା ପାର୍ଥକ୍ୟଗୁଡ଼ିକ ସହିତ ଓ ଏଇସବୁ ପୂର୍ବ ପ୍ରଚଳିତ ଆନୁମାନିକ ତଥ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ ରିସ୍‌ଲେ ମହୋଦୟଙ୍କ ଅନୁମାନ ସହିତ ଆମେ ଭାରତୀୟମାନେ ମୁଖ୍ୟତଃ ପରିଚିତ । କିନ୍ତୁ ଏକ ଉନ୍ନତତର ଜାତି-ବିଜ୍ଞାନହିଁ ଭାଷାଗତ ସମସ୍ତ ପରୀକ୍ଷା-ନିରୀକ୍ଷାକୁ ଅସ୍ୱୀକାର କରେ ଓ ସମଗ୍ର ଭାରତ-ଉପଦ୍ୱୀପରେ ଯେ ଏକ ସମପ୍ରକୃତିଜ ଜାତି ବାସ କରନ୍ତି ଏହି ଧାରଣାଟି ଉପରେ ଜୋର୍ ଦେଇଥାଏ ।

କେଲ୍‌ଟ୍ ସଂସ୍କୃତିର ଜାତିଗୁଡ଼ିକ କେତେକ ଉଚ୍ଚତମ ଦାର୍ଶନିକ ଚିନ୍ତାର ଅଧିକାରୀ ଥିଲେ, ସେହି ପ୍ରାଚୀନ ରହସ୍ୟବାଦ ଓ ସମ୍ବୋଧିଗତ ବିକାଶର ଯେଉଁ ନିଷ୍ପାଦନଗୁଡ଼ିକୁ ସେମାନେ ଏବେ ମଧ୍ୟ ସାଇତି ରଖିଛନ୍ତି ଏବଂ ସେହି ଚିହ୍ନକୁ ନିଜେ ବହନ କରୁଛନ୍ତି ସେଥିରୁ ଜଣାଯାଏ ଯେ ଏଭଳି ଦୀର୍ଘସ୍ଥାୟୀ ପରିଣାମମାନ ନିଷ୍ପାଦନ କରିପାରିଥିବା ଉକ୍ତ ସଂସ୍କୃତିଟି ସେ ଯୁଗରେ ବହୁକାଳ ବ୍ୟାପୀ ଅବସ୍ଥାନ କରିଥିଲା ଓ ଅତ୍ୟନ୍ତ ସୁବିକଶିତ ଥିଲା । ଏହା ମଧ୍ୟ ସମ୍ଭବ ହୋଇପାରେ ଯେ, ଅର୍ଫିକ୍ ଓ ଇଲିଉସିନିୟାନ୍ ପ୍ରଭାବ ଦ୍ୱାରା ହେଲେନୀୟ ଜୀବନାଦର୍ଶ ସେଇ ସମାନ ଛାଞ୍ଚରେ ଗଢ଼ାଯାଇଥିଲା ଏବଂ ଗ୍ରୀକ୍ ପୁରାଣ-ଗାଥା, ଯେପରି ଭାବରେ ଆମେ ଆଜି ତା'କୁ ପାଇଛୁ ଏବଂ ସେଥିରେ ଯେପରି ସୂକ୍ଷ୍ମ ମନସ୍ତାତ୍ତ୍ୱିକ ସଂକେତ ପରିପୂର୍ଣ୍ଣ ହୋଇ ରହିଛି, ସେଥିରୁ କୁହାଯାଇପାରେ ଯେ ଏହା ହେଉଛି ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଅର୍ଫିକ୍ ଶିକ୍ଷାର ଅବଦାନ । ଯଦି ଏକଥା ପ୍ରମାଣ କରିଦିଆ ଯାଇପାରେ ଯେ ବୈଦିକ ଯୁଗର ପୂର୍ବପୁରୁଷମାନେ ଆମ ଭିତରେ ଯେଉଁ ପ୍ରବୃତ୍ତି ଓ ବିଚାରର ବୀଜ ବପନ କରି ଯାଇଛନ୍ତି, ଭାରତୀୟ ସଭ୍ୟତାରେ ସେସବୁ ଆଜି ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇ ରହିଛି, ତେବେ ସେହି ସିଦ୍ଧାନ୍ତଟି ଏଠାକାର ସର୍ବସାଧାରଣ ପରମ୍ପରା ସହିତ ପୂର୍ଣ୍ଣ ସମଞ୍ଜସ ଓ ସୁସଙ୍ଗତ ହେବ । ଏଇସବୁ ପ୍ରାଚୀନ ସଂସ୍କୃତିଗୁଡ଼ିକର ଅସାଧାରଣ ପ୍ରାଣବତ୍ତା ଆଜି ବି ଆମ ପାଇଁ ଆଧୁନିକ ମୁଖ୍ୟ ମାନବ-ଶ୍ରେଣୀର, ତା' ପ୍ରବୃତ୍ତିଗତ ମୁଖ୍ୟ ଉପାଦାନର, ତା' ଚିନ୍ତାଗତ ପ୍ରଧାନ ପ୍ରବଣତାର, କଳା ଓ ଧର୍ମର ଯେପରି ନୀତିନିର୍ଦ୍ଧାରକ ହୋଇ ରହିଛି, ତାହା କଦାପି କୌଣସି ଆଦିମ ବର୍ବରତାରୁ ଉଦ୍ଭବ ହୋଇ ନ ଥାଇପାରେ । ଏମାନେ ହେଉଛନ୍ତି ଏକ ଗଭୀର ତଥା ମହାଶକ୍ତିଶାଳୀ ପ୍ରାଗୈତିହାସିକ ବିକାଶର ପରିଣାମ ।

ତୁଳନାତ୍ମକ ପୁରାଣ-ବିଜ୍ଞାନ ଦ୍ୱାରା ମାନବ ପ୍ରଗତିର ଏଇ ପ୍ରାରମ୍ଭିକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥାଟି ଅବହେଳିତ ହେବା ହେତୁ ମନୁଷ୍ୟର ପାରମ୍ପରିକ ଚଳଣିର ତାତ୍ପର୍ଯ୍ୟ ବିକୃତ ହୋଇଯାଇଛି । ଏହି ତଥ୍ୟଟି ନିଜର ମତକୁ ଏପରି ଏକ ଆଧାର ଉପରେ ପ୍ରତିଷ୍ଠା କରିଛି, ଯାହା ଆଦିମ ଅସଭ୍ୟଯୁଗ ଏବଂ ପ୍ଲାଟୋ ଅଥବା ଉପନିଷଦ୍ ଯୁଗର ମଧ୍ୟବର୍ତ୍ତୀ କୌଣସି ବିଷୟ ପ୍ରତି ଆଦୌ ଦୃଷ୍ଟି ଦେଇ ନାହିଁ । ଏ ମତଟି ଧରିନେଇଛି ଯେ — ଉଷାକାଳ, ରାତ୍ରି ଓ ସୂର୍ଯ୍ୟ ପ୍ରଭୃତି ଅଦ୍ଭୁତ ବସ୍ତୁଙ୍କ ସମ୍ବନ୍ଧରେ ହଠାତ୍ ସଚେତନ ହୋଇ ଉଠିଥିବା ଓ ସ୍ଥୂଳ ବନ୍ୟ କଳ୍ପନା ସାହାଯ୍ୟରେ ସେଗୁଡ଼ିକର ସ୍ଥିତିକୁ ବର୍ଣ୍ଣନା କରିବାକୁ ଚେଷ୍ଟା କରୁଥିବା ଅସଭ୍ୟ ବର୍ବରମାନଙ୍କର ଆଶ୍ଚର୍ଯ୍ୟବୋଧର ଭିତ୍ତିରେହିଁ ପ୍ରାଚୀନ ଧର୍ମଗୁଡ଼ିକ ଗଢ଼ା ହୋଇଛନ୍ତି । ଏହି ଶିଶୁସୁଲଭ ଆଶ୍ଚର୍ଯ୍ୟବୋଧରୁ ସତେ ଯେପରି ଗୋଟିଏ ଲମ୍ବା ପାଦ ପକାଇ ଏକାଥରକେ ଆମେ ଗ୍ରୀକ୍ ଦାର୍ଶନିକ ଓ ବୈଦାନ୍ତିକ ଋଷିମାନଙ୍କର ନିଗୂଢ଼ ସିଦ୍ଧାନ୍ତ ନିକଟରେ ଆସି ଉପସ୍ଥିତ ହୋଇଯାଇଛୁ । ତୁଳନାତ୍ମକ ପୌରାଣିକ ବିଜ୍ଞାନର ସୃଷ୍ଟି ହୋଇଛି ହେଲେନୀୟ

ସଂସ୍କୃତି-ଗବେଷକମାନଙ୍କର ଅହେଲେନୀୟ ବିଷୟଗୁଡ଼ିକର ବ୍ୟାଖ୍ୟାନ ମଧରୁ । କିନ୍ତୁ ଏ ବ୍ୟାଖ୍ୟାନ ଏପରି ଏକ ବିଚାରକ୍ଷେତ୍ର, ଯାହା ସ୍ୱୟଂ ଗ୍ରୀକ୍-ମାନସ ବିଷୟରେ ଏକ ଭ୍ରାନ୍ତ ଧାରଣାକୁ ଭିତ୍ତିକରି ପ୍ରତିଷ୍ଠିତ । ଏହାର ପଦ୍ଧତି ହେଉଛି ଏକ ଧୈର୍ଯ୍ୟଶୀଳ ବିଜ୍ଞାନସମ୍ମତ ଗବେଷଣା ଅପେକ୍ଷା କବିକଳ୍ପନା-ବିଳାସୀ ଉଦ୍ଭାବନୀ ଶକ୍ତିର ଖେଳ ଖେଳିବା ।

ଆମେ ଯଦି ଏଇ ପଦ୍ଧତିର ପରିଣାମ ପ୍ରତି ଦୃଷ୍ଟି ଦେଉ, ତେବେ ଦେଖିବୁ ଯେ ଏଥିରେ ଥିବା ମନଗଢ଼ା ଚିତ୍ରଗୁଡ଼ିକରେ ଓ ସେଗୁଡ଼ିକର ବ୍ୟାଖ୍ୟାନର କୌଣସି ସ୍ଥାନରେ ଧାରାବାହିକତା ଓ ସଙ୍ଗତି ନାହିଁ । ବିସ୍ତାରିତ ଭାବେ ବର୍ଣ୍ଣନାର ଏହା ଏପରି ଏକ ସମୁଦାୟ ଯେଉଁଥିରେ କଳ୍ପନାମାନ ପରସ୍ପର ଆଡ଼କୁ ଧାବମାନ, ସନ୍ଦିଗ୍ଧ ଭାବେ ଗୋଟିଏ ଅନ୍ୟଟିର ମାର୍ଗ-ରୋଧକ, ପରସ୍ପର ଅସହମତ ଅଥଚ ଛନ୍ଦାଛନ୍ଦି; ଆମ ଜ୍ଞାନର ଏକମାତ୍ର ସାଧନରୂପେ ଥିବା କାଳ୍ପନିକ ସଂଯୋଜନାଗୁଡ଼ିକର ଅନୁଜ୍ଞାପତ୍ର ଉପରେ ଏମାନେ ନିଜ ନିଜର ପ୍ରାମାଣିକତା ନିର୍ଭର କରନ୍ତି । ଏକ ଉନ୍ନତମାନରେ ରଖି ଏହି ଅସଂଗତିକୁ ସତ୍ୟର ମର୍ଯ୍ୟାଦା ଦିଆଯାଇଛି; କାରଣ, ପ୍ରଖ୍ୟାତ ପଣ୍ଡିତମାନେ ଗମ୍ଭୀରଭାବେ ଯୁକ୍ତି କରନ୍ତି ଯେ ଅଧିକ ଯୁକ୍ତିସିଦ୍ଧ ଓ ସୁଶୃଙ୍ଖଳ ସିଦ୍ଧାନ୍ତରେ ପହଞ୍ଚିପାରୁଥିବା କୌଣସି ପଦ୍ଧତିକୁ ତା'ର ସେହି ସଂଗତି ଯୋଗୁଁ ଅପ୍ରାମାଣିକ ଓ ଅବିଶ୍ୱାସ୍ୟ ବୋଲି ବିଚାର କରିବାକୁ ହୋଇଥାଏ, ଧରି ନିଆଯାଏ ଯେ, ବିକ୍ଷିପ୍ତତାହିଁ ଆଦିମ ପୌରାଣିକ ଗାଥା-ରଚନା-ଯୋଗ୍ୟତାର ଏକ ନିର୍ବିବାଦ୍ୟ ତତ୍ତ୍ୱ । କିନ୍ତୁ ସେପରି ସ୍ଥଳେ ତୁଳନାତ୍ମକ ପୌରାଣିକ ବିଜ୍ଞାନର ସିଦ୍ଧାନ୍ତରେ ଏପରି କିଛି ନିର୍ଦ୍ଦିଷ୍ଟ ବନ୍ଧନ ରହିବ ନାହିଁ ଏବଂ ଗୋଟିଏ ମତର ଔଚିତ୍ୟ ପରି ଅନ୍ୟଟିର ମଧ୍ୟ ଔଚିତ୍ୟ ରହିଛି; କାରଣ ଅସଙ୍ଗତିର ଗୋଟିଏ ନିର୍ଦ୍ଦିଷ୍ଟ ସମୁଦାୟଟିଏ ଭିନ୍ନ ଭାବରେ ଗଠିତ ଅନ୍ୟ ଏକ ଅସଙ୍ଗତିର ସମୁଦାୟ ଅପେକ୍ଷା କାହିଁକି ଯେ ଅଧିକ ପ୍ରମାଣସିଦ୍ଧ ଭାବେ ଗୃହୀତ ହେବ, ତା'ର କୌଣସି ଯଥାର୍ଥତା ନାହିଁ ।

ତୁଳନାତ୍ମକ ଦେବତତ୍ତ୍ୱର ଆନୁମାନିକ ବିଚାରରେ ଏପରି ବହୁତ କିଛି ଅଛି ଯାହା ଅତିପ୍ରୟୋଜନୀୟ ସତ କିନ୍ତୁ ତା'ର ଅଧିକାଂଶ ସିଦ୍ଧାନ୍ତ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ହେବା ସକାଶେ ତାକୁ ଅଧିକ ଧୈର୍ଯ୍ୟଶୀଳ ଓ ସଙ୍ଗତିପୂର୍ଣ୍ଣ ପ୍ରଣାଳୀର ପ୍ରୟୋଗ କରିବାକୁ ହେବ ଏବଂ ନିଜକୁ ଏକ ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ଧର୍ମ-ବିଜ୍ଞାନର ଅଂଶରୂପେ ସଂଗଠନ କରିବାକୁ ହେବ । ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଆମର ଧର୍ମବିଶ୍ୱାସର ଆଧୁନିକ ପଦ୍ଧତିକୁ ଗଠନ କରୁଥିବା ଧାରଣାଗୁଡ଼ିକ ଯେପରି ସୁସଙ୍ଗତ, ପ୍ରାଚୀନ ଧର୍ମଗୁଡ଼ିକୁ ଅନ୍ତତଃ ସେହିପରି ସଙ୍ଗତିପୂର୍ଣ୍ଣ ଭିତ୍ତି ଉପରେ ରଖାଯାଇ ଗଢ଼ା ହୋଇଥିଲା । ଆମକୁ ଆହୁରି ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଧାର୍ମିକ ସମ୍ପ୍ରଦାୟ ଓ ଦାର୍ଶନିକ ଚିନ୍ତାର ପ୍ରାରମ୍ଭିକ ପଦ୍ଧତିଠାରୁ ପରବର୍ତ୍ତୀ କାଳର ପଦ୍ଧତି ପର୍ଯ୍ୟନ୍ତ ଏଗୁଡ଼ିକର ଯେଉଁ କ୍ରମିକ ବିକାଶ

ଘଟିଛି, ତାହା ସଂପୂର୍ଣ୍ଣ ଭାବେ ବୁଦ୍ଧିଗମ୍ୟ । ଏହି ମନୋଭାବ ନେଇ ଆମ ପାଖରେ ଥିବା ତଥ୍ୟସାମଗ୍ରୀର ବ୍ୟାପକ ଓ ଗଭୀର ଅଧ୍ୟୟନ ଦ୍ୱାରା ତଥା ମନୁଷ୍ୟର ଚିନ୍ତା ଓ ବିଶ୍ୱାସର ଯଥାର୍ଥ କ୍ରମବିକାଶ-ତତ୍ତ୍ୱ ଆବିଷ୍କାର ଦ୍ୱାରା ଆମେ ଏବିଷୟରେ ପ୍ରକୃତ ଜ୍ଞାନ ଲାଭ କରିପାରିବୁ । କେବଳ ଗ୍ରୀକ୍ ଓ ସଂସ୍କୃତ ଭାଷାରେ ପ୍ରଦତ୍ତ ନାମର ଅଭିନ୍ନତା ପ୍ରତିପାଦନ ଦ୍ୱାରା ଓ 'ହେରାକ୍ଲ'ର ଚିତା ହେଉଛି ଅସ୍ତଗାମୀ ସୂର୍ଯ୍ୟଙ୍କ ପ୍ରତୀକ ଅଥବା ଗ୍ରୀସ୍‌ର ପାରିସ୍ ଓ ହେଲେନ୍ ହେଉଛନ୍ତି ବୈଦିକ 'ସରମା' ଓ 'ପଣି'ଙ୍କର ଅପଭ୍ରଂଶ — ଏହି ପ୍ରାଜ୍ଞ ଆବିଷ୍କାରଟି କଳ୍ପନାପ୍ରବଣ ମନପକ୍ଷରେ ଆକର୍ଷଣୀୟ ଚିତ୍ତବିନୋଦନ ହୋଇପାରେ, କିନ୍ତୁ ସେଗୁଡ଼ିକ କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଆଦୌ ସହାୟକ ନୁହେଁ, ଏପରିକି ସେଗୁଡ଼ିକ ଯଦି ଠିକ୍ ବୋଲି ପ୍ରମାଣିତ ହୁଅନ୍ତି ବି । ସେଗୁଡ଼ିକର ତ୍ରୁଟିଶୂନ୍ୟତା ମଧ୍ୟ ସନ୍ଦେହମୁକ୍ତ ନୁହେଁ, କାରଣ ଯେଉଁ ଆଂଶିକ ଓ କାଳ୍ପନିକ ପଦ୍ଧତି ଦ୍ୱାରା ସୂର୍ଯ୍ୟମଣ୍ଡଳୀୟ ଓ ନକ୍ଷତ୍ରମଣ୍ଡଳୀୟ ଦେବ-ଗାଥାର ତତ୍ତ୍ୱ ଗଢ଼ି ଉଠିଛି, ତା'ର ଦୋଷଟି ହେଲା — ତାହାକୁ ସହଜରେ ଓ ବିଶ୍ୱସନୀୟ ଭାବରେ ଯେକୌଣସି ମାନବୀୟ ପରମ୍ପରା, ବିଶ୍ୱାସ ଅଥବା ଏପରିକି ବାସ୍ତବିକ ଐତିହାସିକ ଘଟଣା କ୍ଷେତ୍ରରେ ମଧ୍ୟ ସମାନ ଭାବେ ପ୍ରୟୋଗ କରାଯାଇପାରେ ।[୩] ଏହି ପ୍ରଣାଳୀ ଅନୁସରଣ କରି ଆମେ କେଉଁଠି କେଉଁ ସତ୍ୟକୁ ଧରିପାରିଛୁ ଅଥବା କେବଳ ଏକ ବୁଦ୍ଧିଚାତୁର୍ଯ୍ୟର କୌଣସି ବଚନକୁ ଶୁଣି ଚାଲିଛୁ ଏ ବିଷୟରେ କଦାପି ନିଶ୍ଚିତ ହୋଇପାରିବୁ ନାହିଁ ।

ତୁଳନାତ୍ମକ ଭାଷା-ବିଜ୍ଞାନର ସାହାଯ୍ୟ ପ୍ରକୃତରେ ନିଆଯାଇ ପାରନ୍ତା, କିନ୍ତୁ ସେହି ବିଜ୍ଞାନ ତା'ର ବର୍ତ୍ତମାନ ଅବସ୍ଥାରେ ଆମର ଖୁବ୍ କମ୍ ସହାୟତା କରିପାରେ । ଉନବିଂଶ ଶତାବ୍ଦୀ ପୂର୍ବରୁ ଭାଷା-ବିଜ୍ଞାନ ଯେପରି ଥିଲା, ବର୍ତ୍ତମାନ ତା'ଠାରୁ ପ୍ରଭୂତ ଅଗ୍ରଗତି ଘଟିଛି । ଏହା କେବଳ କପୋଳ-କଳ୍ପନା ପରିବର୍ତ୍ତେ ଏକ ଶୃଙ୍ଖଳା ଓ ବିଧିବଦ୍ଧ ପ୍ରଣାଳୀର ଭାବ ପ୍ରବର୍ତ୍ତନ କରାଇଛି; ଏବଂ ଭାଷାର ଶବ୍ଦରୂପ-ପ୍ରକରଣ ଓ ଶବ୍ଦ- ବ୍ୟୁତ୍ପତ୍ତିରେ କ'ଣ ସମ୍ଭବ ବା ସମ୍ଭବ ନୁହେଁ ସେ ବିଷୟରେ ମଧ୍ୟ ଅଧିକ ଯଥାର୍ଥ ଜ୍ଞାନ ଆମକୁ ଦେଇଛି । ଭାଷାର ଅବକ୍ଷୟ-ନିୟାମକ କେତେକ ନିୟମ ଏହା ପ୍ରତିଷ୍ଠା କରିଛି ଏବଂ ଭିନ୍ନ ଭିନ୍ନ ତଥା ସଜାତୀୟ ଭାଷାମାନଙ୍କରେ ତତ୍‌ସମ କିଂବା ତତ୍-ସଂପର୍କୀୟ ଅନ୍ୟ ଶବ୍ଦଗୁଡ଼ିକ ଯେପରି ଦୃଶ୍ୟମାନ ହୋଇଛନ୍ତି, ସେଗୁଡ଼ିକୁ ଚିହ୍ନିବାରେ ଏହା ପଥପ୍ରଦର୍ଶନ କରେ । କିନ୍ତୁ ଏହାର କାର୍ଯ୍ୟାବଳୀର ଏଇଠି ସମାପ୍ତି । ଏହାର ଜନ୍ମ ସମୟରେ ପୋଷଣ କରାଯାଇଥିବା

---

[୩] ଉଦାହରଣ ସ୍ୱରୂପ : ଜଣେ ମହାବିଦ୍ୱାନ୍ ଦୃଢ଼ତାର ସହ ଆମକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଖ୍ରୀଷ୍ଟ ଓ ତାଙ୍କ ବାରଜଣ ଧର୍ମଦୂତ ହେଉଛନ୍ତି ଯଥାକ୍ରମେ ସୂର୍ଯ୍ୟ ଓ ବାରମାସ । ନେପୋଲିଅନ୍‌ଙ୍କ ଜୀବନଚିତ୍ର ହେଉଛି ସମସ୍ତ ପୁରାଣଗାଥା ବା ଇତିହାସ ମଧ୍ୟରେ ଥିବା ସବୁଠୁ ଉତ୍ତମ ସୂର୍ଯ୍ୟଗାଥା ।

ଉଚ୍ଚ ଆଶାଗୁଡ଼ିକ ଏହାର ପରିଣତ ଅବସ୍ଥାରେ ମଧ୍ୟ ପୂର୍ଣ୍ଣ ହୋଇ ନାହିଁ । ଏହା କୌଣସି ଭାଷା- ବିଜ୍ଞାନ ପ୍ରତିଷ୍ଠା କରିପାରି ନାହିଁ, ଏବଂ ତଥାପି ଏବେ ବି ଆମେ ଏହା କହିବାକୁ ବାଧ ହେଉଛୁ ଯାହା ବହୁ ଦଶନ୍ଧି ବ୍ୟାପୀ ଆନ୍ତରିକ ପ୍ରୟାସ ପରେ ଜଣେ ପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ତାଙ୍କର ଖେଦମୂଳକ ବିବୃତିରେ କହିବାକୁ ବାଧ ହୋଇଥିଲେ — ''ଆତ୍ମମାନଙ୍କ ତୁଚ୍ଛ କଳ୍ପନାମୂଳକ ବିଜ୍ଞାନ'' । କିନ୍ତୁ କଳ୍ପନାମୂଳକ ବିଜ୍ଞାନ ତ ଆଦୌ ବିଜ୍ଞାନ ନୁହେଁ । ସୁତରାଂ ଅଧିକ ଯଥାଯଥ ଓ ତନ୍ନ ତନ୍ନ ଜ୍ଞାନର ଗବେଷକମାନେ ''ତୁଳନାତ୍ମକ ଭାଷା- ବିଜ୍ଞାନ''କୁ ବିଜ୍ଞାନ ବୋଲି ନାମ ଦେବାକୁ ଏକେବାରେ ଅସ୍ୱୀକାର କରିଛନ୍ତି ଏବଂ ଭବିଷ୍ୟତରେ ଏହା ଯେ ଏକ ଭାଷା- ବିଜ୍ଞାନ ହୋଇପାରିବ, ତାହାର ସମ୍ଭାବନାକୁ ମଧ୍ୟ ଅଗ୍ରାହ୍ୟ କରିଛନ୍ତି ।

ପ୍ରକୃତରେ, ଭାଷା-ବିଜ୍ଞାନରୁ ମିଳିଥିବା ସିଦ୍ଧାନ୍ତ-ମାନଙ୍କରେ କୌଣସି ଯଥାର୍ଥ ନିଶ୍ଚୟତା ଏଯାଏ ଉପଲବ୍ଧ ହୋଇ ନାହିଁ, କାରଣ ଯେଉଁ ଗୋଟିଏ ବା ଦୁଇଟି ନିୟମର ପ୍ରୟୋଗ କରାଯାଇଛି, ତାକୁ ଛାଡ଼ି ଅନ୍ୟ କୌଣସିଠାରେ ଏହାର ନିଶ୍ଚିତ ଭିତ୍ତି ନାହିଁ । କାଲି ଆମେ ସମସ୍ତେ ବୁଝିଯାଇଥିଲୁ ଯେ 'ବରୁଣ' ଓ ଗ୍ରୀକ୍‌ମାନଙ୍କର ସ୍ୱର୍ଗ 'ଉରାନସ୍' (Ouranos) ଅଭିନ୍ନ; ବର୍ତ୍ତମାନ ଆମକୁ କୁହାଯାଉଛି ଯେ ଏଇ ଅଭିନ୍ନତାର ତଥ୍ୟଟି ଭାଷା-ବିଜ୍ଞାନର ଏକ ଭ୍ରାନ୍ତି; ଆସନ୍ତାକାଲି ତାହା ପୁନଃ ପ୍ରତିଷ୍ଠିତ ବି ହୋଇପାରେ । ଗୋଟିଏ ବୈଦିକ ବାକ୍ୟାଂଶ ''ପରମେ ବ୍ୟୋମନ୍''କୁ ଆମ ଭିତରୁ ଅଧିକାଂଶ ଅନୁବାଦ କରିବେ ''ଉଚ୍ଚତମ ସ୍ୱର୍ଗରେ'' ବୋଲି । କିନ୍ତୁ ଶ୍ରୀ ଟି. ପରମଶିବ ଆୟାର୍ ତାଙ୍କର ଜ୍ଞାନଦୀପ୍ତ ଓ ଆଶ୍ଚର୍ଯ୍ୟକର ଗ୍ରନ୍ଥ "The Riks" (ମନ୍ତ୍ରମାଳା)ରେ କହିଛନ୍ତି ଯେ ଏଇ ବାକ୍ୟାଂଶଟିର ଅର୍ଥ ''ନିମ୍ନତର ଗହ୍ୱରରେ''; କାରଣ 'ବ୍ୟୋମନ୍'ର ଅର୍ଥ : ବିଖଣ୍ଡନ, ବିଦାରଣ (ଫାଟ); ଆକ୍ଷରିକ ଅର୍ଥରେ ଅରକ୍ଷିତ ଅବସ୍ଥା (ଖମା); ଏବଂ ସେ ଯେଉଁ ଯୁକ୍ତି ପ୍ରୟୋଗ କରିଛନ୍ତି ତାହା ଆଧୁନିକ ପଣ୍ଡିତମାନଙ୍କ ଢଙ୍ଗର ଏତେ ପାଖାପାଖି ଯେ ''ଅରକ୍ଷିତ ଅବସ୍ଥା''ର ଅର୍ଥ କଦାପି ବିଦାରଣ ବା ଫାଟ ହୋଇପାରେ ନାହିଁ ଓ ମନୁଷ୍ୟର ଭାଷା ଯେ ଏଇ ସମସ୍ତ ନିୟମର ଭିତ୍ତି ଉପରେ ଗଠିତ ହୋଇ ନାହିଁ, ଭାଷାବିଜ୍ଞାନୀମାନେ ଏପରି କହି ତାହାକୁ ଅମାନ୍ୟ କରିପାରିବେ ନାହିଁ । କାରଣ ଯେଉଁ ସବୁ ନିୟମର ଭିତ୍ତିରେ ଭାଷା ଗଠିତ ହୋଇଥିଲା, ଅଥବା କୁହାଯାଇପାରେ ଧୀରେ ଧୀରେ ପଲ୍ଲବିତ ହୋଇ ଉଠିଥିଲା, ଭାଷା-ବିଜ୍ଞାନ ସେହି ନିୟମଗୁଡ଼ିକୁ ଆବିଷ୍କାର କରିପାରି ନାହିଁ, ଏବଂ ଅନ୍ୟପକ୍ଷରେ ତାହା ଉଦ୍ଭଟ କଳ୍ପନା ଓ ବୁଦ୍ଧି କୌଶଳରୂପୀ ପୁରାତନ ଭାବର ଏକ ପର୍ଯ୍ୟାପ୍ତ ପରିମାଣକୁ ସାଇତି କରି ରଖିଛି ଏବଂ ଏହା ଠିକ୍ ସେହିପ୍ରକାର ସଂଶୟାକ୍ରାନ୍ତ ଅନୁମାନର ହଟ୍ଟମଟ୍ଟରେ ପରିପୂର୍ଣ୍ଣ । କିନ୍ତୁ, ତା'ହେଲେ ଆମେ ଏଇ ସିଦ୍ଧାନ୍ତରେ ଉପନୀତ ହେଉଛୁ ଯେ ବେଦରେ ଥିବା ''ପରମେ ବ୍ୟୋମନ୍'' ଉଚ୍ଚତମ ସ୍ୱର୍ଗକୁ କିଂବା ନିମ୍ନତମ ଗହ୍ୱରକୁ

ସୂଚିତ କରୁଛି କି ନାହିଁ, ତାହା ନିର୍ଣ୍ଣୟ କରିବାରେ ଆମକୁ ଏହା କୌଣସି ସାହାଯ୍ୟ କରୁ ନାହିଁ। ଏକଥା ସ୍ପଷ୍ଟ ଯେ ଏତେ ଅପୂର୍ଣ୍ଣ ହୋଇ ରହିଥିବା ଭାଷା-ବିଜ୍ଞାନ ଏକ ବୁଦ୍ଧିଦୀପ୍ତ ସହାୟକ ହୋଇପାରେ, କିନ୍ତୁ ତାହା ବେଦାର୍ଥ ନିରୂପଣରେ କଦାପି ନିଶ୍ଚିତ ପଥପ୍ରଦର୍ଶକ ହୋଇପାରିବ ନାହିଁ।

ଆମକୁ ଏକଥା ସ୍ୱୀକାର କରିବାକୁ ହେବ ଯେ ଇଉରୋପୀୟ ପାଣ୍ଡିତ୍ୟ ବେଦ ଉପରେ ଯେଉଁ ପର୍ଯ୍ୟାଲୋଚନା କରିଛି, ତାହା ଇଉରୋପୀୟ ବିଜ୍ଞାନର ଅଗ୍ରଗତି ସହିତ ସଂପର୍କିତ ହୋଇଥିବାରୁ ସାଧାରଣ ଲୋକଙ୍କ ମନରେ ଅତିରିକ୍ତ ମର୍ଯ୍ୟାଦା ଲାଭ କରିଛି। କିନ୍ତୁ ପ୍ରକୃତ ସତ୍ୟଟି ହେଲା, ଗୋଟିଏ ଦିଗରେ ଧୈର୍ଯ୍ୟଶୀଳ, ସୂକ୍ଷ୍ମାତିସୂକ୍ଷ୍ମଦର୍ଶୀ ଓ ଯଥାଯଥ ଭୌତିକ ବିଜ୍ଞାନ ଏବଂ ଅନ୍ୟ ଦିଗରେ ଚମତ୍କାର କିନ୍ତୁ ଅପରିପକ୍ୱ ବିଜ୍ଞାନଶିକ୍ଷାର ଶାଖାମାନ, ଯାହା ଉପରେ କି (ପାଶ୍ଚାତ୍ୟ) ବୈଦିକ ପାଣ୍ଡିତ୍ୟ ନିର୍ଭର କରିଛି — ଏ ଦୁଇଟି ମଧ୍ୟରେ ବିରାଟ ବ୍ୟବଧାନ ରହିଛି। ତେଣେ ଯଥାର୍ଥ ଭୌତିକ ବିଜ୍ଞାନ ତା'ର ଭିତ୍ତି ସମ୍ବନ୍ଧରେ ଯତ୍ନବାନ୍, ସର୍ବସାଧାରଣ କରିବାରେ ମଚ୍ଛର ଅଥଚ ସିଦ୍ଧାନ୍ତରେ ଅତ୍ୟନ୍ତ ଦୃଢ଼; ଏଣେ ତଥାକଥିତ ବିଜ୍ଞାନ ଅତି ଅଳ୍ପ ତଥ୍ୟର ଭିତ୍ତି ଉପରେ ବିଶାଳ ଓ ବ୍ୟାପକ ସିଦ୍ଧାନ୍ତଗୁଡ଼ିକୁ ଗଢ଼ିବାକୁ ଏବଂ ନିଃସନ୍ଦିଗ୍ଧ ସୂଚନାଗୁଡ଼ିକର ଅଭାବ ପୂରଣ କରିବାକୁ ଅତିଶୟ ଅନୁମାନ ଓ କଳ୍ପନାର ସାହାଯ୍ୟ ନେବାକୁ ବାଧ ହୋଇଛି। ଏହାର ପ୍ରାରମ୍ଭ ଖୁବ୍ ଚିତ୍ତାକର୍ଷକ କିନ୍ତୁ କୌଣସି ନିଶ୍ଚିତ ସିଦ୍ଧାନ୍ତରେ ଏଯାଏ ଏହା ଉପନୀତ ହୋଇପାରି ନାହିଁ। ଏହା ବିଜ୍ଞାନ-ପଥରେ ଅସଜ୍ଜଡ଼ା ମଞ୍ଜାର ଢେରା ସଦୃଶ, କିନ୍ତୁ ଏବେ ବି ଯଥାର୍ଥ ବିଜ୍ଞାନ ହୋଇପାରି ନାହିଁ।

ଏଥିରୁ ଆମେ ଏଇ ନିଷ୍କର୍ଷରେ ପହଞ୍ଚିବା ଯେ ବର୍ତ୍ତମାନ ମଧ୍ୟ ବେଦାର୍ଥ-ନିର୍ଣ୍ଣୟର ସମସ୍ତ ପ୍ରଶ୍ନ ଏକ ଉନ୍ମୁକ୍ତ କ୍ଷେତ୍ରରୂପେ ରହିଛି, ଏବଂ ଏହି ସମସ୍ୟା ଉପରେ ଆଲୋକପାତ କରିପାରୁଥିବା ଯେ କୌଣସି ସାହିତ୍ୟକୃତିକୁ ସାଦରେ ସ୍ୱାଗତ କରାଯାଇପାରେ। ଏଇ ପରିପ୍ରେକ୍ଷୀରେ ଭାରତୀୟ ପଣ୍ଡିତମାନଙ୍କର ତିନୋଟି କୃତି ଆମକୁ ମିଳିଛି। ତନ୍ମଧ୍ୟରୁ ଦୁଇଟି ଇଉରୋପୀୟ ଗବେଷଣାର ଧାରା ବା ପଦ୍ଧତିର ଅନୁସରଣ କରିଛି; ଯଦି ସେଗୁଡ଼ିକ ସୁପ୍ରତିଷ୍ଠିତ ହୁଅନ୍ତି ତେବେ ଅନେକ ନୂତନ ସିଦ୍ଧାନ୍ତର ଦ୍ୱାର ଉଦ୍‌ଘାଟିତ ହୋଇପାରେ ଓ ସୂକ୍ତଗୁଡ଼ିକର ବାହ୍ୟାର୍ଥ ସମ୍ବନ୍ଧରେ ଥିବା ଆମ ବିଚାରରେ ବହୁ ପରିବର୍ତ୍ତନ ଘଟିପାରେ। ଶ୍ରୀଯୁକ୍ତ ତିଳକ ତାଙ୍କର "Arctic Home in the Vedas" (ବେଦରେ ଉତ୍ତର-ମେରୁର ସ୍ଥାନ) ଗ୍ରନ୍ଥରେ ଇଉରୋପୀୟ ଗବେଷକମାନଙ୍କର ସିଦ୍ଧାନ୍ତଗୁଡ଼ିକୁ ସ୍ୱୀକାର କରିଛନ୍ତି, କିନ୍ତୁ ବୈଦିକ 'ଉଷା' ଓ ବୈଦିକ 'ଗୋ'ର ରୂପକଳ୍ପର ଏବଂ ସୂକ୍ତମାନଙ୍କ ମଧ୍ୟରେ ଥିବା ଜ୍ୟୋତିର୍ବିଦ୍ୟାର ବିବରଣୀକୁ ନୂତନ ଭାବରେ ତର୍ଜମା କରିବା ଦ୍ୱାରା ଅନ୍ତତଃ ସେ ଏକ ଦୃଢ଼ ଅନୁମାନକୁ ଯୁକ୍ତିସିଦ୍ଧ କରିପାରିଛନ୍ତି ଯେ ଆର୍ଯ୍ୟ-ଜାତି ସମୁଦାୟ ସେଇ ତୁଷାର

ଯୁଗରେ ଉତ୍ତର-ମେରୁ ଅଞ୍ଚଳରୁ ଅବତରଣ କରିଥିଲେ । ଶ୍ରୀ ଟି. ପରମଶିବ ଆୟାର୍ ତଥାପି ଅଧିକତର ସାହସିକ ଏକ ଭିନ୍ନ ପଥରେ ଗତି କରି ପ୍ରମାଣ କରିବା ପାଇଁ ପ୍ରୟାସ କରିଛନ୍ତି ଯେ ପୂରା ଋଗ୍‌ବେଦ ହେଉଛି ପାର୍ଥିବ ବିବର୍ତ୍ତନରେ ଦୀର୍ଘକାଳ ଧରି ଚାଲିଥିବା ତୁଷାର କ୍ଷୟର ଅନ୍ତେ ଆମ ଗ୍ରହର ନବଜନ୍ମ ସମ୍ବନ୍ଧୀୟ ଭୌଗୋଳିକ ଘଟଣାର ଏକ ଆଳଙ୍କାରିକ ଉପସ୍ଥାପନା । ଶ୍ରୀଯୁକ୍ତ ଆୟାରଙ୍କ ଯୁକ୍ତି ଓ ସିଦ୍ଧାନ୍ତଗୁଡ଼ିକ ସମଗ୍ର ରୂପେ ମାନିନେବା କଠିନ, କିନ୍ତୁ ସେ ଅନ୍ତତଃ ବୈଦିକ ଗାଥାରେ ସେହି ମହାନ୍ ଅହିବୃତ୍ର ଓ ସପ୍ତସିନ୍ଧୁ ବିମୋଚନ ବିଷୟ ଉପରେ ନୂତନ ଆଲୋକପାତ କରିଛନ୍ତି । ସୂକ୍ତଗୁଡ଼ିକର ଭାଷା ଦ୍ୱାରା ସିଦ୍ଧ ହେଉ ନ ଥିବା ପ୍ରଚଳିତ ମତ ଅପେକ୍ଷା ତାଙ୍କ ବ୍ୟାଖ୍ୟା ଅନେକ ପରିମାଣରେ ସଂଗତିପୂର୍ଣ୍ଣ ଓ ସମ୍ଭାବ୍ୟ । ଶ୍ରୀଯୁକ୍ତ ତିଳକଙ୍କ ଗ୍ରନ୍ଥ ସହିତ ଏହାକୁ ଏକତ୍ର ବିଚାର କଲେ ଏହି ପୁସ୍ତକଟି ଉକ୍ତ ପ୍ରାଚୀନ ଶାସ୍ତ୍ର ବେଦର ଏକ ନୂତନ ବାହ୍ୟାର୍ଥ ପ୍ରତିପାଦନର ସୂତ୍ରପାତ କରିବ ଏବଂ ତଦ୍ଦ୍ୱାରା ଏ ପର୍ଯ୍ୟନ୍ତ ଅବ୍ୟାଖ୍ୟେୟ ଅନେକ ବିଷୟର ବ୍ୟାଖ୍ୟା ସମ୍ଭବ ହେବ ଏବଂ ସେହି ପୁରାତନ ଆର୍ଯ୍ୟ ଜଗତର ବାସ୍ତବ ଭୌଗୋଳିକ ପରିବେଶକୁ ନ ହେଲେ ମଧ୍ୟ ଏକ ମୂଳ ପାର୍ଥିବ ଉଦ୍‌ଗମ ବିଷୟକୁ ଆମ ପାଇଁ ନୂତନ ଭାବେ ରୂପାୟିତ କରିବ ।

ତୃତୀୟ ଭାରତୀୟ ବୈଦିକ କୁଡିଟି କାଳ ଦୃଷ୍ଟିରୁ ପୁରୁଣା ହେଲେ ବି ମୋର ବର୍ତ୍ତମାନ ଅଭିପ୍ରେତ ବେଦତତ୍ତ୍ୱର ଅଧିକ ନିକଟବର୍ତ୍ତୀ । ସେଇଟି ହେଉଛି, ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦଙ୍କର ଅତି ପ୍ରଶଂସନୀୟ ପ୍ରୟାସ ଯେଉଁଥିରେ ସିଏ ବେଦକୁ ଏକ ଜୀବନ୍ତ ଧର୍ମଗ୍ରନ୍ଥରୂପେ ପୁନଃପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ କରିଥିଲେ । ଦୟାନନ୍ଦଙ୍କ ଭାଷ୍ୟର ଆଧାର ଥିଲା ନିରୁକ୍ତରୁ ଲାଭ କରିଥିବା ପ୍ରାଚୀନ ଭାରତୀୟ ଭାଷା-ବିଜ୍ଞାନର ସ୍ୱଚ୍ଛନ୍ଦ ବ୍ୟବହାର । ସେ ନିଜେ ଜଣେ ବିରାଟ ସଂସ୍କୃତ ପଣ୍ଡିତ ଥିବାରୁ ତାଙ୍କରି ତତ୍ତ୍ୱ ସାମଗ୍ରୀଗୁଡ଼ିକୁ ଆଶ୍ଚର୍ଯ୍ୟଜନକ ଦକ୍ଷତା ଓ ସ୍ୱାତନ୍ତ୍ର୍ୟର ସହ ଉପଯୋଗ କରିଥିଲେ, ବିଶେଷତଃ ସାୟଣ ପ୍ରାଚୀନ ସଂସ୍କୃତ ଭାଷାର ଅନନ୍ୟତା ସମ୍ବନ୍ଧରେ ଯାହା କହିଛନ୍ତି — ''ଧାତୁଗୁଡ଼ିକ ଅନେକାର୍ଥକ'' — ଦୟାନନ୍ଦ ଏହାର ସୃଜନଶୀଳ ପ୍ରୟୋଗ କରିଛନ୍ତି । ଏହି ସୂତ୍ରର ଯଥାର୍ଥ ଅନୁସରଣ କରିବା ହେଉଛି ବୈଦିକ ଋଷିମାନଙ୍କର ଅସାଧାରଣ ଭାଷା-ପଦ୍ଧତିକୁ ବୁଝିବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ଦୟାନନ୍ଦକୃତ ସୂକ୍ତାର୍ଥଗୁଡ଼ିକ ଯେଉଁ ଭାବଧାରାରେ ଗଢ଼ି ଉଠିଛି, ସେଇଟି ହେଲା : ବେଦ ହେଉଛି ଧାର୍ମିକ, ନୈତିକ ଓ ବୈଜ୍ଞାନିକ ସତ୍ୟର ଏକ ପୂର୍ଣ୍ଣାଙ୍ଗ ପ୍ରକାଶ । ଏକେଶ୍ୱରବାଦ ହେଉଛି ବେଦର ଧାର୍ମିକ ଶିକ୍ଷା ଓ ବୈଦିକ ଦେବତାମାନେ ହେଉଛନ୍ତି ସେଇ 'ଏକଦେବ'ଙ୍କର ବିଭିନ୍ନ ବର୍ଣ୍ଣନାତ୍ମକ ନାମ; ବିଶ୍ୱ-ପ୍ରକୃତି ମଧ୍ୟରେ ସେମାନଙ୍କ କାର୍ଯ୍ୟ ଆମେ ଯେପରି ଦେଖୁଛୁ, ସେଇଭାବେ ଏଇ ଦେବଗଣ ହେଉଛନ୍ତି ସମାନ ସମୟରେ

'ଏକଦେବ'ଙ୍କ ଶକ୍ତିରାଜିର ସୂଚକ, ଏବଂ ବେଦଗୁଡ଼ିକର ଅର୍ଥକୁ ଯଦି ଠିକ୍ ଭାବରେ ବୁଝାଯାଇପାରେ, ତେବେ ଆମେ ସେହିସବୁ ବୈଜ୍ଞାନିକ ସତ୍ୟଗୁଡ଼ିକୁ ଲାଭ କରିବୁ ଯାହା ଆଧୁନିକ ଗବେଷଣା ଏବେ ଆବିଷ୍କାର କରିଛି ।

ଏପରି ଏକ ସିଦ୍ଧାନ୍ତ ପ୍ରତିଷ୍ଠା କରିବା ବାସ୍ତବିକ ଅତ୍ୟନ୍ତ କଷ୍ଟକର । ଅବଶ୍ୟ ସ୍ୱୟଂ ଋଗ୍ବେଦର ଉକ୍ତି ହେଲା[୪] ଦେବତାମାନେ ବିଶ୍ୱ-ପୁରୁଷଙ୍କର ବିଭିନ୍ନ ନାମ ଓ ପ୍ରକାଶ, ଯେ କି ନିଜ ସ୍ୱରୂପରେ ବିଶ୍ୱକୁ ଅତିକ୍ରମ କରି ରହିଛନ୍ତି; କିନ୍ତୁ ସୂକ୍ତଗୁଡ଼ିକର ଭାଷାରୁ ଆମେ ଉପଲବ୍ଧି କରିବାକୁ ବାଧ ଯେ କେବଳ ବିଭିନ୍ନ ନାମ ନୁହେଁ, ଦେବତାମାନେ ସେହି 'ଏକଦେବ'ଙ୍କର ନାନାରୂପ, ଶକ୍ତି ଓ ବ୍ୟଷ୍ଟିଗତ ପ୍ରକାଶ । ବେଦର ଏକେଶ୍ୱର ବାଦ ମଧ୍ୟରେ ଅଦ୍ୱୈତବାଦ, ସର୍ବେଶ୍ୱରବାଦ ଓ ବିଶ୍ୱଗତ ବହୁଦେବବାଦ ଅନ୍ତର୍ଭୁକ୍ତ ଏବଂ ତାହା ଆଦୌ ଆଧୁନିକ ସରଳ ଓ ତୀତ୍ତ୍ୱିକ ଈଶ୍ୱରବାଦ ନୁହେଁ । ଯଦି ଆମେ ବେଦର ମନ୍ତ୍ରଗୁଡ଼ିକ ସହିତ ଭୀଷଣ ସଂଘର୍ଷ କରିବାରେ ଲାଗିପଡୁ ତେବେ ଆମେ ତା' ଉପରେ କେବଳ ଏକ ଅଳ୍ପ ଉଟିକ ରୂପକୁ ଜବରଦସ୍ତି ଲଦିଦେଇ ପାରିବା ।

ପ୍ରାଚୀନ ଜାତିମାନେ ଭୌତିକ ବିଜ୍ଞାନ କ୍ଷେତ୍ରରେ ଆମର ବର୍ତ୍ତମାନ ଅନୁମାନଠାରୁ ଅଧିକ ଅଗ୍ରସର ହୋଇଥିଲେ ବୋଲି ସ୍ୱୀକାର କରିବାକୁ ହେବ । ବର୍ତ୍ତମାନ ଆମେ ଜାଣିବାକୁ ପାଇଛୁ ଯେ ମିଶର ଓ ଖାଲଦୀୟ ଅଧିବାସୀମାନେ ଏପରି ବହୁତ ବିଷୟ ଆବିଷ୍କାର କରିଥିଲେ, ଯାହା ମଧ୍ୟରୁ ଅନେକ କିଛି ଏବେକାର ବିଜ୍ଞାନ ଦ୍ୱାରା ପୁନରାବିଷ୍କୃତ ହୋଇଛି, ଏବଂ ଆହୁରି ଅନେକର ଆବିଷ୍କାର ଅଦ୍ୟାବଧି ହୋଇ ନାହିଁ । ପ୍ରାଚୀନ ଭାରତୀୟମାନେ କିଛି ଛୋଟକାଟ ଜ୍ୟୋତିର୍ବିତ୍ ନ ଥିଲେ ଏବଂ ସେମାନେ କୁଶଳୀ ଚିକିତ୍ସକ ମଧ୍ୟ ଥିଲେ, ଆହୁରି ମଧ୍ୟ ହିନ୍ଦୁ ଔଷଧ-ବିଦ୍ୟାର ଓ ରସାୟନ ବିଜ୍ଞାନର ମୂଳତତ୍ତ୍ୱ ବିଦେଶାଗତ ବୋଲି ଆଦୌ ମନେ ହୁଏ ନାହିଁ । ଏହା ମଧ୍ୟ ସମ୍ଭବ ଯେ ସେମାନେ ଭୌତିକ ଜ୍ଞାନର ଅନ୍ୟାନ୍ୟ ଶାଖାରେ ସେଇ ଆଦି ଯୁଗରେ ମଧ୍ୟ ଉନ୍ନତ ଥିଲେ । କିନ୍ତୁ ସ୍ୱାମୀ ଦୟାନନ୍ଦ ଯେଉଁସବୁ ପରମ, ପୂର୍ଣ୍ଣ ବୈଜ୍ଞାନିକ ତଥ୍ୟ ପ୍ରକାଶକୁ ପ୍ରତିପାଦନ କରିଛନ୍ତି ତାହାକୁ ପ୍ରମାଣସିଦ୍ଧ କରିବା ଅତ୍ୟନ୍ତ କଠିନ ।

ଯେଉଁ ମୂଳଧାରଣାକୁ ଭିତ୍ତି କରି ମୁଁ ମୋ ଗବେଷଣା ପରିଚାଳନା କରିବି, ତାହା ହେଉଛି — ବେଦର ଦୁଇଟି ବିଭାବ ରହିଛି ଏବଂ ଦୁଇଟିଯାକ ଖୁବ୍ ଘନିଷ୍ଠରୂପେ ସମ୍ବନ୍ଧିତ ହୋଇଥିଲେ ମଧ୍ୟ ଉଭୟଙ୍କୁ ପରସ୍ପରଠାରୁ ପୃଥକ୍ ରଖିବାକୁ ହେବ । ଋଷିମାନେ ନିଜ ଜ୍ଞାନର ସାରକୁ ଗୋଟିଏ ସମାନ୍ତରାଳ ଧାରାରେ ବିନ୍ୟସ୍ତ କରିଥିଲେ ଯାହା ଅନୁସାରେ ଏକହିଁ ଦେବ ବିଶ୍ୱପ୍ରକୃତିର ବାହ୍ୟ ତଥା ଆଭ୍ୟନ୍ତର ଉଭୟଗତ ଶକ୍ତି ଅଟନ୍ତି, ଆଉ ମଧ୍ୟ

---

୪ ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣୋ ଗରୁତ୍ମାନ୍ ।
ଏକଂ ସଦ୍ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ୟମଂ ମାତରିଶ୍ୱାନମାହୁଃ ॥ (ଋ. ୧।୧୬୪।୪୬)

ସେମାନେ ଏପରି ଏକ ଦ୍ୱିବିଧ ତାତ୍ପର୍ଯ୍ୟ ମଧ୍ୟଦେଇ ତାହା ପ୍ରକାଶ କରିଥିଲେ ଯଦ୍ଦ୍ୱାରା ଏକହିଁ ବାକ୍ୟ ଉଭୟ ରୂପର ଦେବତାଙ୍କ ଉପାସନାରେ ଉପଯୋଗ୍ୟ ହେଉଥିଲା । କିନ୍ତୁ ବାହ୍ୟ ଅର୍ଥଠାରୁ ଆତ୍ମିକ ଅର୍ଥ ଅଧିକ ପ୍ରଧାନ ଓ ଅଧିକ ବ୍ୟାପକ, ସୁସମଞ୍ଜିତ ଓ ସଂଗତିପୂର୍ଣ୍ଣ । ଆତ୍ମିକ ଜ୍ଞାନୋଦୟ ଓ ଆତ୍ମୋନ୍ନତି ଥିଲା ବେଦର ମୌଳିକ ଉଦ୍ଦେଶ୍ୟ । ସୁତରାଂ ପ୍ରଥମେ ଏହି ତତ୍ତ୍ୱର ପୁନଃପ୍ରତିଷ୍ଠା ଅବଶ୍ୟ କରଣୀୟ ।

ଏହି କାର୍ଯ୍ୟରେ ପ୍ରାଚୀନ ଓ ଆଧୁନିକ ପ୍ରତ୍ୟେକ ବ୍ୟାଖ୍ୟା-ପଦ୍ଧତି ଅପରିହାର୍ଯ୍ୟ ଭାବରେ ସହାୟକ ଅଟନ୍ତି । ସାୟଣ ଓ ୟାସ୍କ ବାହ୍ୟ ପ୍ରତୀକଗୁଡ଼ିକର କର୍ମକାଣ୍ଡୀୟ ରୂପରେଖ ଏବଂ ସେଗୁଡ଼ିକରେ ଥିବା ପରମ୍ପରାଗତ ତଥ୍ୟ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସ୍ପଷ୍ଟୀକରଣର ଏକ ବିଶାଳ ଭଣ୍ଡାର ଆମକୁ ଯୋଗାଇ ଦେଇ ଯାଇଛନ୍ତି । ଉପନିଷଦଗୁଡ଼ିକ ପୂର୍ବତନ ଋଷିମାନଙ୍କର ଆତ୍ମିକ ଓ ଦାର୍ଶନିକ ଚିନ୍ତାର ମୂଳସୂତ୍ରଗୁଡ଼ିକୁ ପ୍ରଦାନ କରିଛନ୍ତି ଏବଂ ଯେଉଁ ପଦ୍ଧତିରେ ସେମାନେ ଆଧ୍ୟାତ୍ମିକ ଉପଲବ୍ଧି ଓ ସମ୍ବୋଧି ଲାଭ କରିଥିଲେ ସେ ବିଷୟରେ ନିଜସ୍ୱ ପ୍ରଣାଳୀକୁ ମଧ୍ୟ ସେମାନେ ଆମ ପାଇଁ ରଖିଯାଇଛନ୍ତି । ଇଉରୋପୀୟ ପାଣ୍ଡିତ୍ୟ ତୁଳନାତ୍ମକ ଗବେଷଣାର ଏକ ସମାଲୋଚନାମୂଳକ ପ୍ରଣାଳୀ ଯୋଗାଇ ଦେଇଛି, ଯଦିଓ ଏହାକୁ ପୂର୍ଣ୍ଣ ରୂପେ ରୂପାୟିତ କରିବାର କାମ ବାକି ରହିଛି, ତଥାପି ବର୍ତ୍ତମାନ ଉପଲବ୍ଧ ହେଉଥିବା ବସ୍ତୁଗୁଡ଼ିକର ବୁଦ୍ଧିସାଧନ କରିବାରେ ଏହା ସମର୍ଥ ଏବଂ ପରିଶେଷରେ ଏକ ବୈଜ୍ଞାନିକ ନିଶ୍ଚୟତା ଓ ଦୃଢ଼ଯୁକ୍ତିର ଭିତ୍ତି ସ୍ଥାପନ କରିବାକୁ ସମର୍ଥ ହେବ ଯାହାର କି ଏବେ ବି ଅଭାବ ଅଛି । ଦୟାନନ୍ଦ ଋଷିମାନଙ୍କ ଭାଷାରହସ୍ୟ ଉଦ୍‌ଘାଟନର ସୂତ୍ର ପ୍ରଦାନ କରିଛନ୍ତି ଏବଂ ବୈଦିକ ଧର୍ମରେ ଯେଉଁ କେନ୍ଦ୍ରୀୟ ବିଚାର ରହିଥିଲା,— ସେହି ଏକ ପରମ-ପୁରୁଷଙ୍କର ଅସଂଖ୍ୟ ନାମ ଓ ରୂପକୁ ବହନ କରୁଥିବା ବହୁଦେବ, ତାଙ୍କରି ଐକ୍ୟର ବହୁ ବିଭାବ, ତାହାରି ଉପରେ ସେ ପୁନର୍ବାର ଗୁରୁତ୍ୱ ଦେଇଛନ୍ତି ।

ମଧ୍ୟକାଳୀନ ଅତୀତରୁ ଏତେ ସହାୟତା ନେଇ ଆମେ ସେଇ ସୁଦୂର ଅତୀତକୁ ପୁନର୍ନିର୍ମାଣ କରିବାରେ ହୁଏତ ସଫଳ ହୋଇ ପାରିବା ଏବଂ ବୈଦିକ ତୋରଣ ମଧ୍ୟ ଦେଇ ପ୍ରାଗୈତିହାସିକ ସେଇ ପ୍ରଜ୍ଞା ଓ ସତ୍ୟଗୁଡ଼ିକ ମଧ୍ୟକୁ ପ୍ରବେଶ କରିପାରିବା ।

ଚତୁର୍ଥ ଅଧ୍ୟାୟ

ଆଧ୍ୟାତ୍ମିକ ସିଦ୍ଧାନ୍ତର ଆଧାର

ବେଦାର୍ଥ ନିରୂପଣର ଯେକୌଣସି ପରିକଳ୍ପନା ନିଶ୍ଚିତ ଓ ସାରବାନ୍ ହୋଇ ଅଗ୍ରସର ହେବ, ଯଦି ତାହା ସର୍ବଦା ବେଦର ଭାଷାଗତ ଆଧାର ମଧ୍ୟରୁହିଁ ସ୍ପଷ୍ଟରୂପେ ଉଦ୍ଭୂତ ହୋଇଥାଏ । ଏପରିକି ଏହାର ସାରବସ୍ତୁର ସମଗ୍ର ଉପାଦାନଟି ହେଉଛି ଆମକୁ ଅର୍ଥ-ଆବିଷ୍କାର କରିବାକୁ ଥିବା ନାନା ପ୍ରତୀକ ଓ ରୂପକମାନଙ୍କର ଏକ ସମାବେଶ, ତଥାପି ସୂକ୍ତଗୁଡ଼ିକରେ ପରିସ୍ଫୁଟ ହୋଇଥିବା ଭାଷାରେ ସେଗୁଡ଼ିକର ସ୍ପଷ୍ଟ ସୂଚନା ଥିବା ଆବଶ୍ୟକ, ଯାହା ଆମକୁ ସେଦିଗରେ ବାଟ କଢ଼ାଇନେବ । ନଚେତ୍ ପ୍ରତୀକଗୁଡ଼ିକ ବହୁ-ଅର୍ଥବୋଧକ ହୋଇଥିବାରୁ ଆମ କ୍ଷେତ୍ରରେ ଏପରି ବିପଦ ହୁଏତ ଘଟିପାରେ ଯେ ଋଷିମାନଙ୍କର ମନୋନୀତ ବାହ୍ୟ ଚିତ୍ରଗୁଡ଼ିକର ପ୍ରକୃତ ତାତ୍ପର୍ଯ୍ୟ ଆବିଷ୍କାର ନ କରି ଆମେ ନିଜ କଳ୍ପନା ଓ ପସନ୍ଦ ମୁତାବକ ଅନ୍ୟ ଏକ ପଦ୍ଧତି ପ୍ରତିଷ୍ଠା କରି ବସିବୁ । ସେପରି କ୍ଷେତ୍ରରେ ଆମର ମତ ଯେତେ ଉଦ୍ଭାବନଶୀଳ ଓ ସଂପୂର୍ଣ୍ଣ ହେଲେ ମଧ୍ୟ ଏହା ଶୂନ୍ୟରେ ନିର୍ମିତ ଏକ ପ୍ରାସାଦ ପରି ଅତି ଚକ୍‌ମକ୍, ଅଥଚ ହେବ ଅବାସ୍ତବ ଅଥବା ଦୁର୍ବଳ ।

ଏଣୁ ପ୍ରତୀକ ଓ ରୂପକଗୁଡ଼ିକୁ ଛାଡ଼ିଦେଲେ ବେଦ ଯେ ବର୍ବର ଓ ଆଦିମ ମାନବକୃତ, ଏହି ବିଚାର ଅପେକ୍ଷା ଏହାର ଏକ ଉଚ୍ଚତର ଅର୍ଥ ରହିଛି ବୋଲି ଆମେ ଯେଉଁ ଅବଧାରଣା କରୁଛୁ, ତାହାର ସତ୍ୟତା ପ୍ରମାଣ କରିବା ପାଇଁ ସୂକ୍ତଗୁଡ଼ିକର ସ୍ପଷ୍ଟ ଭାଷାରେ ଆତ୍ମିକ ଭାବଧାରାଗୁଡ଼ିକର ଯଥେଷ୍ଟ ସାରବତ୍ତା ଅଛି କି ନାହିଁ, ତାହା ନିର୍ଦ୍ଧାରଣ କରିବା ଆମର ପ୍ରଥମ କର୍ତ୍ତବ୍ୟ । ତା'ପରେ ସୂକ୍ତଗୁଡ଼ିକର ଅନ୍ତର୍ଗତ ରହସ୍ୟର ପ୍ରମାଣ ବଳରେ ଯେତେଦୂର ସମ୍ଭବ ପ୍ରତ୍ୟେକ ପ୍ରତୀକ ବା ରୂପକର ବ୍ୟାଖ୍ୟାକୁ ଏବଂ ପ୍ରତ୍ୟେକ ଦେବତାଙ୍କର ପ୍ରକୃତ ଗୁଣାତ୍ମିକା କ୍ରିୟାକୁ ଜାଣିବା । ଆଉ ମଧ୍ୟ ଆମକୁ ଦେଖିବାକୁ ହେବ ଯେ ବେଦର ପ୍ରତ୍ୟେକ ନିର୍ଦ୍ଦିଷ୍ଟ ପରିଭାଷାର ଅର୍ଥ ଦୃଢ଼ ହେଉଥିବ କିନ୍ତୁ ଯଥେଚ୍ଛ ପରିବର୍ତ୍ତିତ ହେଉ ନ ଥିବ ଏବଂ ତାହା ଯେପରି ଭାଷା-ବିଜ୍ଞାନର ପ୍ରତିଷ୍ଠିତ ପ୍ରମାଣ ଉପରେ ଉତ୍ତମ ରୂପେ ଆଧାରିତ ହେଉଥିବ ଓ ଯେଉଁ ଯେଉଁ ସ୍ଥାନରେ ସେଗୁଡ଼ିକ ପ୍ରଯୁକ୍ତ ହୋଇଛନ୍ତି, ସେଠାରେ ସେହି ସେହି ଅଂଶ ସହିତ ସେମାନେ ସ୍ୱାଭାବିକ ସଙ୍ଗତି ରକ୍ଷା କରୁଥିବେ । କାରଣ, ପୂର୍ବରୁ ଆମେ ଯେପରି କହିଛୁ, ସୂକ୍ତଗୁଡ଼ିକର ଭାଷା ହେଉଛି ଏକ ସ୍ଥିର ଓ ଅପରିବର୍ତ୍ତନୀୟ ଭାଷା । ଏହା ଏପରି ଏକ ବାଣୀ ଯାହା ଅତି ଯତ୍ନର ସହିତ ସଂରକ୍ଷିତ

ଓ ଅତ୍ୟନ୍ତ ବିବେଚନାର ସହିତ ସମ୍ମାନିତ ହୋଇ ଆସିଛି, ଏବଂ ସର୍ବଦା ଏହା ଏକ ଔପଚାରିକ ଧର୍ମମତ ଓ କର୍ମକାଣ୍ଡକୁ ଅଥବା ପାରମ୍ପରିକ ଜୀବନ-ସିଦ୍ଧାନ୍ତକୁ ଓ ନିରବଚ୍ଛିନ୍ନ ଆନ୍ତର ଅନୁଭୂତିକୁ ସତତ ପ୍ରକାଶ କରୁଛି । ବୈଦିକ ଋଷିମାନଙ୍କ ଭାଷା ଯଦି ମୁକ୍ତ ଓ ପରିବର୍ତ୍ତନୀୟ ହୋଇଥା'ନ୍ତା, ସେମାନଙ୍କର ଚିନ୍ତାସମୂହ ଯଦି ସ୍ୱତଃ ପରିବର୍ତ୍ତନୀୟ, ଅସ୍ଥିର ଓ ଅନିଶ୍ଚିତ ହୋଇଥା'ନ୍ତା, ତେବେ ସେମାନଙ୍କ ପାରିଭାଷିକ ଶବ୍ଦର ଅର୍ଥ କଲାବେଳେ ଆମେ ସେଥିରେ ଯେଉଁ ନିଜ ସୁବିଧାଜନକ ମାର୍ଗରେ ଅର୍ଥ କରିବାର ଅଧିକାର ଜାହିର କରୁ ଓ ଅସଙ୍ଗତି ଆରୋପ କରୁ ତଥା ସେମାନଙ୍କ ବିଭିନ୍ନ ତତ୍ତ୍ୱ ମଧ୍ୟରେ ଆମେ ଯେଉଁ ପାରସ୍ପରିକ ସମ୍ବନ୍ଧ ଦେଖିବାକୁ ପାଉ, ସେସବୁକୁ ସମର୍ଥନ ବା ସହ୍ୟ କରିବା ହୁଏତ ସମ୍ଭବ ହୁଅନ୍ତା । କିନ୍ତୁ ସୂକ୍ତଗୁଡ଼ିକ ସ୍ୱତଃ ଏହାର ବିପରୀତ ସାକ୍ଷ୍ୟ ପ୍ରଦାନ କରନ୍ତି । ଏଣୁ ଆମର ଏହା ଦାବି କରିବା ଅଧିକାର ରହିଛି କି ବ୍ୟାଖ୍ୟାକାର ସେହି ସମାନ ବିଶ୍ୱସ୍ତତା ଓ ସତର୍କତା ରକ୍ଷାକରିବା ଉଚିତ ଯେ, ସେ ବ୍ୟାଖ୍ୟା କରିବାକୁ ଚାହୁଁଥିବା ମୂଳ ବିଷୟଟିରେ ଯେପରି ଏହାକୁ ଠିକ୍ ଭାବେ ରକ୍ଷା କରାଯାଇଛି । ଏକଥା ସ୍ପଷ୍ଟ ଯେ ବୈଦିକ ଧର୍ମର ବିଭିନ୍ନ ମତ ଓ ସଯତ୍ନଲାଳିତ ବୈଦିକ ପରିଭାଷାଗୁଡ଼ିକ ମଧ୍ୟରେ ଏକ ଅବିଚ୍ଛେଦ୍ୟ ସମ୍ବନ୍ଧ ରହିଆସିଛି; ଅର୍ଥନିରୂପଣରେ ଥିବା ଅସଙ୍ଗତି ଓ ଅନିଶ୍ଚିତତାରୁ ଏହା ପ୍ରମାଣିତ ହେବ ଯେ ସ୍ୱୟଂ ବେଦଗତ ପ୍ରମାଣ ଆଦୌ ବିଭ୍ରାନ୍ତିକର ନୁହେଁ, ବରଂ ପ୍ରକୃତ ସଂପର୍କ ଆବିଷ୍କାର କରିବାରେ ବ୍ୟାଖ୍ୟାକାର ବିଫଳ ହୋଇଛନ୍ତି ।

ଅତ୍ୟନ୍ତ ସାବଧାନତା ଓ ମନୋଯୋଗ ସହିତ ଏହି ପ୍ରାରମ୍ଭିକ କାର୍ଯ୍ୟ କରିସାରିବା ପରେ, ଯେ କୌଣସି ପ୍ରସଙ୍ଗରେ ସରଳ ଓ ସ୍ୱାଭାବିକ ଭାବରେ ଖାପଖାଇ ପାରୁଥିବା ଆମ ଦ୍ୱାରା ନିର୍ଦ୍ଧାରିତ ଅର୍ଥର ଅବଲମ୍ବନରେ ସୂକ୍ତଗୁଡ଼ିକୁ ଭାଷାନ୍ତର କରି ଯଦି ଦେଖାଇ ଦିଆଯାଇ ପାରେ, ପୂର୍ବରୁ ଯାହା ଅସ୍ପଷ୍ଟ ମନେ ହେଉଥିଲା, ଯଦି ଏହି ଅର୍ଥଗୁଡ଼ିକ ତାହାକୁ ସ୍ପଷ୍ଟ କରିଦେଇ ପାରନ୍ତି ଏବଂ ଯେଉଁଠାରେ କେବଳ ଅସଙ୍ଗତି ବୋଲି ବୋଧ ହେଉଥିଲା, ସେଠାରେ ବୋଧଗମ୍ୟତା ଓ ସୁସ୍ପଷ୍ଟ ସଙ୍ଗତି ଯଦି ସୃଷ୍ଟି କରାଯାଇପାରେ; ସୂକ୍ତଗୁଡ଼ିକ ଯଦି ସେମାନଙ୍କର ସମଗ୍ର ରୂପରେ ଗୋଟିଏ ସ୍ପଷ୍ଟ ଓ ସୁସମନ୍ୱିତ ଅର୍ଥ ପ୍ରଦାନ କରନ୍ତି ଏବଂ ଋକ୍‌ଗୁଡ଼ିକ ଯଦି କ୍ରମସଂପର୍କଯୁକ୍ତ ଚିନ୍ତାର ସଙ୍ଗତ କ୍ରମପର୍ଯ୍ୟାୟ ବୋଲି ଦେଖାଇଦେଇ ପାରନ୍ତି, ଏବଂ ଏସବୁର ଫଳ ଯଦି ଏକ ଗଭୀର ସୁଶୃଙ୍ଖଳ ପ୍ରାଚୀନ ବୈଚାରିକ ସିଦ୍ଧାନ୍ତଗୁଡ଼ିକର ସମାହାର ହୋଇପାରେ, ତେବେ ଆମର ପ୍ରମେୟଟି ଅନ୍ୟ ଭାଷ୍ୟଗୁଡ଼ିକ ସହିତ ସମପର୍ଯ୍ୟାୟର ବୋଲି ପରିଗଣିତ ହେବ ଓ ଯେଉଁଠାରେ ସେମାନେ ଏହାର ବିରୋଧରେ ଯା'ନ୍ତି ସେଠାରେ ଏହା ସେମାନଙ୍କର ସମ୍ମୁଖୀନ ହୋଇପାରିବ ଏବଂ ଯେଉଁଠାରେ ଏହା ସହ ସେମାନଙ୍କର ସାମ୍ୟ ଅଛି, ସେଠାରେ ସେମାନଙ୍କୁ ପୂର୍ଣ୍ଣାଙ୍ଗ

କରିବାର ଅଧିକାର ଏହାକୁ ମିଳିବ। ଆହୁରି ମଧ୍ୟ ଯଦି ଏହା ଜାଣିବାକୁ ମିଳେ ଯେ ବେଦରେ ଏଇଭାବେ ପ୍ରକାଶିତ ଆଶୟ ଓ ସିଦ୍ଧାନ୍ତ ସମୂହ ପରବର୍ତ୍ତୀ କାଳର ଭାରତୀୟ ବିଚାରଧାରା ଓ ଧାର୍ମିକ ଅନୁଭୂତିର ପ୍ରାଚୀନ ରୂପ ତଥା ବେଦାନ୍ତ ଓ ପୁରାଣର ଜନ୍ମଦାତା, ତଥାପି ଆମ ପ୍ରମେୟଟିର ନିଶ୍ଚିତ ସମ୍ଭାବ୍ୟତାରେ କୌଣସି ହ୍ରାସ ଘଟିବ ନାହିଁ, ବରଂ ତା'ର ଯଥାର୍ଥତା ଦୃଢ଼ଭାବେ ପ୍ରତିପାଦିତ ହେବ।

ଏପରି ଏକ ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ପ୍ରୟାସ ପାଇଁ ଏଇ ସଂକ୍ଷିପ୍ତ ଓ ତତ୍ତ୍ୱମୂଳକ ଅଧ୍ୟାୟଗୁଡ଼ିକର ପରିସର ଯଥେଷ୍ଟ ନୁହେଁ। ଏହି ଅଧ୍ୟାୟଗୁଡ଼ିକର ଉଦ୍ଦେଶ୍ୟ ହେଲା ମୋତେ ଯେଉଁ ରହସ୍ୟର ସୂତ୍ର ମିଳିଛି, ତାହାକୁ ଅନୁସରଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କ ସମ୍ମୁଖରେ ସେହି ପଥ ଓ ତାହାର ମୁଖ୍ୟ ମୁଖ୍ୟ ଦିଗ୍‌ପରିବର୍ତ୍ତନଗୁଡ଼ିକୁ ସୂଚାଇ ଦେବା,— ଏବଂ ଏଥିରୁ ମୋତେ ଯେଉଁ ସୁଫଳ ମିଳିଛି, ଯେଉଁ ପ୍ରଧାନ ସୂଚନାଗୁଡ଼ିକ ଦ୍ୱାରା ବେଦ ସ୍ୱୟଂ ଆମକୁ ସେହି ପରିଣାମରେ ପହଞ୍ଚାଇବାକୁ ସହାୟତା କରେ, ସେଗୁଡ଼ିକୁ ମଧ୍ୟ ସୂଚିତ କରିବା। ଏବଂ ପ୍ରଥମତଃ ଏହା ଉଚିତ ହେବ ଯେ, ଏହି ତତ୍ତ୍ୱଟି କିପରି ମୋ ମନରେ ଜନ୍ମନେଲା ତାହାକୁ ସ୍ପଷ୍ଟଭାବରେ କହିଦେବା, ଯାହାଫଳରେ ମୁଁ ଯେଉଁ ମାର୍ଗ ଅବଲମ୍ବନ କରିଛି, ପାଠକେ ତାହା ଆହୁରି ଭଲଭାବରେ ବୁଝିପାରିବେ କିଂବା, କେଉଁ ପୂର୍ବାକର୍ଷଣ ବା ବ୍ୟକ୍ତିଗତ ଅଭିରୁଚି ଏଇ କଠିନ ସମସ୍ୟା ସମାଧାନରେ ଚିନ୍ତାର ଯଥାର୍ଥ ପ୍ରୟୋଗକୁ ପ୍ରଭାବିତ ଅଥବା ସୀମିତ କରିଥାଇପାରେ, ସେ ଯଦି ଇଚ୍ଛା କରନ୍ତି, ତାହା ମଧ୍ୟ ପରୀକ୍ଷା କରି ଦେଖିପାରିବେ।

ବେଦାଧ୍ୟୟନ କରିବା ପୂର୍ବରୁ ମୁଁ ମଧ୍ୟ ଅଧିକାଂଶ ଶିକ୍ଷିତ ଭାରତୀୟଙ୍କ ପରି ପ୍ରାଚୀନ ସୂକ୍ତଗୁଡ଼ିକର ଧାର୍ମିକ, ଐତିହାସିକ ଓ ଆଦି-ମାନବିକ ଅର୍ଥ ସମ୍ବନ୍ଧରେ ଇଉରୋପୀୟ ବିଦ୍ୱାନ୍‌ମାନଙ୍କର ସିଦ୍ଧାନ୍ତଗୁଡ଼ିକୁ ବିନା ପରୀକ୍ଷାରେ ସ୍ୱୀକାର କରିନେଇଥିଲି। ପରିଣାମତଃ ଆଧୁନିକ ଭାବାପନ୍ନ ହିନ୍ଦୁମତକୁ ପୁଣି ଅନୁସରଣ କରି ଉପନିଷଦଗୁଡ଼ିକୁ ହିନ୍ଦୁ-ଦର୍ଶନ ଓ ଧର୍ମର ସର୍ବପ୍ରାଚୀନ ଉତ୍ସ, ପ୍ରକୃତ ବେଦ ଓ ଜ୍ଞାନଶାସ୍ତ୍ର ବୋଲି ମନେ କରୁଥିଲି। ଆଧୁନିକ ଅନୁବାଦରୁ ଏହି ଗହନ ଜ୍ଞାନ-ଗ୍ରନ୍ଥ ଋଗ୍‌ବେଦ ସମ୍ବନ୍ଧରେ ମୁଁ ଯାହା ଜାଣିଥିଲି, ସେହି ଅନୁସାରେ ମୋ ପାଇଁ ବେଦ ଥିଲା ଆମ ଜାତୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ, କିନ୍ତୁ ଚିନ୍ତନର ଇତିହାସ କିଂବା ଏକ ଜୀବନ୍ତ ଆଧ୍ୟାତ୍ମିକ ଅନୁଭୂତି ଦୃଷ୍ଟିରୁ ଏଇ ଶାସ୍ତ୍ରର ମୂଲ୍ୟ ଓ ଗୁରୁତ୍ୱ ବିଶେଷ କିଛି ନ ଥିଲା।

ଭାରତୀୟ ଯୋଗ-ପଦ୍ଧତି ଅନୁଯାୟୀ ଆତ୍ମୋନ୍ନତିର କେତେକ ବିଶେଷ ମାର୍ଗ ଅନୁସରଣ କରିବା ସମୟରେ ବୈଦିକ ଚିନ୍ତା ସହିତ ମୋର ପ୍ରଥମ ଓ ପରୋକ୍ଷ ସଂଯୋଗ ସ୍ଥାପିତ ହେଲା। ମୋ ଅଜ୍ଞାତରେ ସେଗୁଡ଼ିକ ସ୍ୱତଃପ୍ରବୃତ୍ତ ଭାବରେ, କିନ୍ତୁ ଆମ

ପୂର୍ବପୁରୁଷମାନଙ୍କ ଦ୍ୱାରା ଅନୁସୃତ ଅଥଚ ଏବେ ପ୍ରାୟ ଅନନୁସୃତ, ସେଇ ପୁରାତନ ପଥ ଆଡ଼କୁ ଗତି କରିବାକୁ ଲାଗିଥିଲା । ଏହି ସମୟରେ କେତେକ ଆତ୍ମିକ ଅନୁଭୂତି ସହ ସଂଲଗ୍ନ ପ୍ରତୀକାତ୍ମକ କିଛି ନାମର ସଂଯୋଜନା ମୋ ମନରେ ଉଙ୍କିମାରିବାକୁ ଲାଗିଲା, ଯେଉଁମାନେ ସ୍ୱତଃ ନିୟମିତ ରୂପେ ଆସୁଥିଲେ; ଏବଂ ସମ୍ବୋଧିମୟ ବୁଦ୍ଧିର ଚତୁଃଶକ୍ତି ମଧ୍ୟରୁ ସତ୍ୟାଭିବ୍ୟକ୍ତ, ଅନ୍ତଃପ୍ରେରଣା ଓ ସମ୍ବୋଧିର ପ୍ରତିନିଧି-ସ୍ୱରୂପ ଯଥାକ୍ରମେ ଇଳା, ସରସ୍ୱତୀ ଓ ସରମା ନାମକ ତିନି ଦେବୀଶକ୍ତିଙ୍କର ରୂପକଳ୍প ପ୍ରକାଶିତ ହେଲେ । ଏମାନଙ୍କ ମଧ୍ୟରୁ ଦୁଇଜଣ ବୈଦିକ ଦେବୀଙ୍କ ନାମ ବୋଲି ମୋତେ ବିଶେଷ ଭାବରେ ଜଣା ନ ଥିଲା, ବରଂ ତାହା ପ୍ରଚଳିତ ହିନ୍ଦୁଧର୍ମ ବା ପ୍ରାଚୀନ ପୌରାଣିକ ଗାଥା ସହିତ ସଂପର୍କିତ ଥିଲା, ଯଥା : ସରସ୍ୱତୀ, ବିଦ୍ୟାର ଦେବୀ; ଇଳା, ଚନ୍ଦ୍ରବଂଶର ଜନନୀ । ସରମା ଅବଶ୍ୟ ମୋର ଯଥେଷ୍ଟ ପରିଚିତା ଥିଲେ, ଯାହା ବି ହେଉ, ମୋ ମନରେ ତାଙ୍କର ଯେଉଁ ରୂପଟି ଭାସି-ଉଠିଲା ତା' ସହିତ ମୁଁ ବୈଦିକ ସ୍ୱର୍ଗଶୁନୀର କୌଣସି ସଂପର୍କ ସ୍ଥାପନ କରିପାରୁ ନ ଥିଲି, କାରଣ ମୋ ସ୍ମୃତିରେ ସେଇ ରୂପଟି ଆର୍ଗାଇଭ୍ ହେଲେନ୍ (Argive Helen) ଙ୍କ ସହିତ ସଂଶ୍ଳିଷ୍ଟ ଥିଲା, ଯିଏ କି ହୃତ-ଗୌରୂପୀ ଆଲୋକପୁଞ୍ଜର ଅନ୍ୱେଷଣ ନିମନ୍ତେ ତମଃଶକ୍ତିମାନଙ୍କର ଗୁହା ମଧ୍ୟରେ ପ୍ରବେଶ କରୁଥିବା ପ୍ରାକୃତିକ ଉଷାର ପ୍ରତିନିଧିତ୍ୱ କରୁଥିଲେ । ଭୌତିକ ଆଲୋକ ଏଠାରେ ଆନ୍ତର ଜ୍ୟୋତିଃର ପ୍ରତିନିଧିତ୍ୱ କରୁଛି — ଥରେ ଏଇ ରହସ୍ୟସୂତ୍ରଟି ଆବିଷ୍କାର କଲେ ଅଳ୍ପେଶରେ ଜାଣିହେବ ଯେ ସରମା ହୋଇପାରନ୍ତି ସମ୍ବୋଧି ଏବଂ ସେ ଅବଚେତନ ମନର ଅନ୍ଧକାରାଚ୍ଛନ୍ନ ଗୁହା ମଧ୍ୟରେ ପ୍ରବେଶ କରୁଛନ୍ତି ସେଠାରେ ବନ୍ଦୀ ହୋଇ ରହିଥିବା ଉଜ୍ଜ୍ୱଳ ଜ୍ଞାନରଶ୍ମିର ମୁକ୍ତି ପାଇଁ ମାର୍ଗ ପ୍ରସ୍ତୁତ କରିବାକୁ । କିନ୍ତୁ ସେତେବେଳେ ରହସ୍ୟ-ସୂତ୍ରଟି ପାଇ ନ ଥିବାରୁ ମୁଁ ପ୍ରତୀକର ସାଦୃଶ୍ୟ ନ ବୁଝି କେବଳ ନାମ-ସାଦୃଶ୍ୟକୁ କଳ୍ପନାରେ ଧରିନେବାକୁ ବାଧ ହୋଇଥିଲି ।

ଦକ୍ଷିଣ ଭାରତରେ ରହିବା ଅବସରରେ ମୋର ମନ ବେଦ ପ୍ରତି ପ୍ରଥମ କରି ବିଶେଷ ଭାବେ ଆକୃଷ୍ଟ ହେଲା । ଦୁଇଟି ବିଷୟ ମୋ ମନ ମଧ୍ୟକୁ ଜବରଦସ୍ତି ପ୍ରବେଶ କଲେ : ଉତ୍ତରର ଆର୍ଯ୍ୟ ଓ ଦକ୍ଷିଣର ଦ୍ରାବିଡ଼ମାନଙ୍କ ମଧ୍ୟରେ ଥିବା ଜାତିଗତ ପାର୍ଥକ୍ୟ ବିଷୟରେ ପୂର୍ବରୁ କୁହାଯାଇଥିବା କଥାରେ ମୋର ବିଶ୍ୱାସ ଉପରେ ପ୍ରଥମେ କଠୋର ଆଘାତ ଲାଗିଲା । ଆର୍ଯ୍ୟ ଓ ଦ୍ରାବିଡ଼ମାନଙ୍କ ଶାରୀରିକ ଲକ୍ଷଣ ମଧ୍ୟରେ ଥିବା ଆନୁମାନିକ ପ୍ରଭେଦ ଓ ସଂସ୍କୃତଧର୍ମୀ ଉତ୍ତରଭାରତୀୟ ଭାଷା ଏବଂ ସଂସ୍କୃତ-ଅପ୍ରଧାନ ଦକ୍ଷିଣ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଥିବା ଅପେକ୍ଷାକୃତ ଅଧିକ ଅସାମଞ୍ଜସ୍ୟ ଉପରେ ମୋର ଏଇ ପାର୍ଥକ୍ୟବୋଧଟି ଆଧାରିତ ଥିଲା । ଅବଶ୍ୟ ପରବର୍ତ୍ତୀ କାଳର ମତଗୁଡ଼ିକ ବିଷୟରେ ମୁଁ ଜାଣିଥିଲି, ଯେଉଁଥିରେ ଏପରି ଧାରଣା କରାଯାଇଛି ଯେ ଭାରତୀୟ

ଉପଦ୍ୱୀପରେ ଗୋଟିଏ ମିଶ୍ରିତ ଜାତି, ଦ୍ରାବିଡ଼ ଅଥବା ଭାରତ-ଆଫଗାନ୍ ଜାତି ବାସ କରନ୍ତି; କିନ୍ତୁ ମୁଁ ଏପର୍ଯ୍ୟନ୍ତ ଏଇସବୁ ବିଚାର ଉପରେ ବେଶୀ କିଛି ଗୁରୁତ୍ୱ ଦେଇ ନ ଥିଲି । ଯାହା ବି ହେଉ, ଦକ୍ଷିଣ ଭାରତରେ ରହିବାର ଅଳ୍ପକାଳ ମଧ୍ୟରେ ମୁଁ ଏହା ଜାଣି ଅଭିଭୂତ ହୋଇଥିଲି ଯେ ତାମିଳ ଜାତି ମଧ୍ୟରେ ଉତ୍ତରଦେଶୀୟ ବା ''ଆର୍ଯ୍ୟ'' ଜାତିର ରୂପରଙ୍ଗର ବ୍ୟାପକ ଛାପ ରହିଛି । ଯେଉଁ ଆଡ଼କୁ ଚାହିଁଲେ ବି ମୋର ମନେହେଲା ଯେ କେବଳ ବ୍ରାହ୍ମଣମାନଙ୍କ ମଧ୍ୟରେ ନୁହେଁ, କିନ୍ତୁ ସବୁ ବର୍ଣ୍ଣ ଓ ସବୁଶ୍ରେଣୀ ମଧ୍ୟରେ, ମହାରାଷ୍ଟ୍ର, ଗୁଜୁରାଟ, ହିନ୍ଦୁସ୍ଥାନ, ଏପରିକି ମୋର ନିଜ ପ୍ରଦେଶ ବଙ୍ଗର ବନ୍ଧୁମାନଙ୍କ ଚିରପରିଚିତ ମୁଖ, ଚେହେରା ଓ ରୂପର ସାଦୃଶ୍ୟ ରହିଛି । ପୂର୍ବରୁ ମୋ ମନରେ ଏପରି ଧାରଣା ଥିଲା ଯେ, ଉତ୍ତରର ସମସ୍ତ ଉପଜାତିମାନଙ୍କର ଗୋଟିଏ ବିରାଟ ସେନା ଦକ୍ଷିଣ ଭାରତକୁ ଆସିଥିଲା ଏବଂ ସେଠାରେ ପୂର୍ବରୁ ଅଧିକାର କରି ରହିଥିବା କୌଣସି ଏକ ଅଧିବାସୀ ଜନତାକୁ ନିଜ ମଧ୍ୟରେ ମିଶାଇ ନେଇଥିଲା । ଦକ୍ଷିଣ-ଭାରତୀୟ ଶରୀରାକୃତି ବିଷୟରେ ମୋର ଏକ ସାଧାରଣ ଧାରଣା ରହିଥିଲା ସତ, କିନ୍ତୁ ଏଠାକାର ଅଧିବାସୀ ଲୋକମାନଙ୍କର ମୁଖାକୃତିକୁ ଲକ୍ଷ୍ୟ କଲେ ସେ ସମ୍ବନ୍ଧରେ ଦୃଢ଼ ଭାବେ ନିଶ୍ଚିତ ହେବା ଅସମ୍ଭବ । ପରିଶେଷରେ ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ ଯାହାକିଛି ସମ୍ମିଶ୍ରଣ ହୋଇଥାଉ ବା ଯାହାକିଛି ଆଞ୍ଚଳିକ ପାର୍ଥକ୍ୟ ପ୍ରକାଶିତ ହୋଇଥାଉ, ସାରା ଭାରତରେ ସମସ୍ତ ବିଭିନ୍ନତାର ପଶ୍ଚାତରେ ବର୍ତ୍ତମାନ ମଧ୍ୟ ଏକ ଶାରୀରିକ ଓ ସାଂସ୍କୃତିକ ଐକ୍ୟ[୧] ରହିଛି । ଅବଶିଷ୍ଟ ପାର୍ଥକ୍ୟଗୁଡ଼ିକୁ ନୃ-ତାତ୍ତ୍ୱିକ ମନୋବିଜ୍ଞାନର[୨] ଆନୁମାନିକ ସିଦ୍ଧାନ୍ତ ଅଧିକରୁ ଅଧିକ ପ୍ରକାଶ କରିଛି ।

କିନ୍ତୁ ଭାଷାବିଜ୍ଞାନୀମାନେ ଆର୍ଯ୍ୟ ଓ ଦ୍ରାବିଡ଼ ଜାତି ମଧ୍ୟରେ ଯେଉଁ ତୀବ୍ର ପାର୍ଥକ୍ୟ ସୃଷ୍ଟି କରିଛନ୍ତି, ସେ ବିଷୟରେ କ'ଣ କୁହାଯିବ ? ଏହା ସଂପୂର୍ଣ୍ଣ ଲୋପ ପାଇଯିବ । ଯଦି କୌଣସି ଆର୍ଯ୍ୟ-ଆକ୍ରମଣ ବିଷୟ ସ୍ୱୀକାର କରିବାକୁ ହୁଏ, ତେବେ ଧରିନେବାକୁ ହେବ

---

[୧] 'ଜାତି' (Race) ଶବ୍ଦଟିକୁ ପ୍ରୟୋଗ କରିବାକୁ ମୁଁ ଇଚ୍ଛା କଲି ନାହିଁ, କାରଣ ଜାତି କହିଲେ ସାଧାରଣତଃ ଯାହା କଳ୍ପନା କରାଯାଏ ତାଠାରୁ ତାହାର ସଂଜ୍ଞାନିରୂପଣ କରିବା ଅନେକ ବେଶୀ ଅସ୍ପଷ୍ଟ ଓ କଠିନ । ସେ ବିଷୟରେ କିଛି ସିଦ୍ଧାନ୍ତ ନେବାକୁ ହେଲେ ଏବେର ସର୍ବସାଧାରଣ ମନରେ ଯେଉଁ ତୀବ୍ର ଭେଦ ପ୍ରଚଳିତ, ତାହା ଆମର କୌଣସି କାମରେ ଲାଗିବ ନାହିଁ ।

[୨] ମନରେ ସବୁବେଳେ ଭାବନାଟିଏ ଆସେ ଯେ ନୃତାତ୍ତ୍ୱିକ ମନୋବିଜ୍ଞାନର ପ୍ରାମାଣିକତା କ'ଣ । ନୃତାତ୍ତ୍ୱିକ ମନୋବିଜ୍ଞାନର କେବଳ ମାତ୍ର ଦୃଢ଼ ଆଧାରଟି ହେଲା — ମଣିଷର କପାଳ ବଂଶ-ପରମ୍ପରାନୁକ୍ରମେ ଅପରିବର୍ତ୍ତିତ ରହେ, — ଏହି ସିଦ୍ଧାନ୍ତ ଉପରେ ବି ଆଜି ପ୍ରଶ୍ନ ଉଠିଛି । ଯଦି ଏହା ଅସିଦ୍ଧ ଘୋଷିତ ହୁଏ, ତେବେ ଏହା ସହ ଉକ୍ତ ସମଗ୍ର ବିଜ୍ଞାନଟିର ମଧ୍ୟ ଅସ୍ତିତ୍ୱ ରହିବ ନାହିଁ ।

ଯେ ଏହି ଆକ୍ରମଣ ସମସ୍ତ ଭାରତକୁ ପ୍ଲାବିତ କରିଥିଲା ଓ ସମଗ୍ର ଜାତିର ଶାରୀରିକ ଗଠନକୁ ଅଳ୍ପ-ବହୁତେ ପରିବର୍ତ୍ତନ କରିଥିଲା । କିଂବା ଏହା ମଧ୍ୟ ହୋଇପାରେ ଯେ ତାହା ଥିଲା ଏକ ଅପେକ୍ଷାକୃତ କମ୍ ସଭ୍ୟଜାତିର କେତେକ ଛୋଟ ଛୋଟ ଗୋଷ୍ଠୀବଦ୍ଧ ଅନୁପ୍ରବେଶ ବା ଆକସ୍ମିକ ଆକ୍ରମଣ, ଯେଉଁମାନେ ମୂଳ ଅଧିବାସୀମାନଙ୍କ ସହିତ ସଂପୂର୍ଣ୍ଣରୂପେ ମିଶିଯାଇଥିଲେ । ତେଣୁ ଏପରି କଳ୍ପନା କରାଯାଇପାରେ ଯେ ବଡ଼ ବଡ଼ ନଗରନିର୍ମାତା, ଦୂର ଦେଶ-ବିଦେଶର ବଣିକ ଏବଂ ମାନସିକ ଓ ଆଧାମ୍ବିକ ସଂସ୍କୃତିବିହୀନ ହୋଇ ନ ଥିବା ଏପରି ଏକ ସଭ୍ୟଜାତି ଦ୍ୱାରା ଅଧ୍ୁଷିତ ଏଇ ବିସ୍ତୃତ ଉପଦ୍ୱୀପକୁ ପ୍ରବେଶ କରି ସେମାନେ ନିଜର ଧର୍ମ, ଭାଷା, ଚିନ୍ତା ରୀତିନୀତିକୁ ଏମାନଙ୍କ ଉପରେ ଲଦି ଦେବାକୁ ସମର୍ଥ ହୋଇଥିଲେ । ଆକ୍ରମଣକାରୀମାନଙ୍କ ଏକ ଉନ୍ନତ ମାନର ସଂଗଠିତ ଭାଷା, ଅଧିକ ମହାନ୍ ସୃଜନଶକ୍ତିସମ୍ପନ୍ନ ମନ ଓ ଏକ ଅଧିକତର ପ୍ରତ୍ୟୁତ୍ପନ୍ନ ଧାର୍ମିକ ବିଧି ଓ ଭାବବୋଧ ଥିଲେହିଁ ଏପରି ଏକ ଚମତ୍କାରିତା ହୁଏତ ସମ୍ଭବ ହୋଇପାରେ ।

ଆହୁରି ମଧ୍ୟ, ଜାତିଗୁଡ଼ିକର ଯେ ସମ୍ମିଶ୍ରଣ ଘଟିଛି — ଏଇ ମତଟି ଭାଷାଗତ ପାର୍ଥକ୍ୟ ଦ୍ୱାରା ସର୍ବଦା ସମର୍ଥିତ ହୋଇଆସିଛି । କିନ୍ତୁ ଏ ବିଷୟରେ ମୋର ମଧ୍ୟ ପୂର୍ବଗଠିତ ଧାରଣାଗୁଡ଼ିକୁ ବିଚଳିତ ଓ ବିଭ୍ରାନ୍ତ ହେଲା । କାରଣ ତାମିଲ୍ ଭାଷାରେ ଏପରି ଅନେକ ଶବ୍ଦ ଅଛି ଯାହା ସାଧାରଣ ଦୃଷ୍ଟିରୁ ସଂସ୍କୃତର ରୂପ ଓ ଚରିତ୍ରଠାରୁ ଅତ୍ୟନ୍ତ ଭିନ୍ନ ବୋଧହୁଏ, କିନ୍ତୁ ପରୀକ୍ଷା କରି ଦେଖିଲି ଯେ ସଂସ୍କୃତ ଓ ତା'ର ଦୂର ସଂପର୍କୀୟା ଭଗିନୀ ଲାଟିନ୍ ଓ ସମୟେ ସମୟେ ଗ୍ରୀକ୍ ଓ ସଂସ୍କୃତ ମଧ୍ୟରେ ନୂତନ ସମ୍ବନ୍ଧ ସ୍ଥାପନ କରିବାକୁ ଯାଇ ଶୁଦ୍ଧ ତାମିଲ୍ ବୋଲି ମନେକରାଯାଉଥିବା ଅନେକ ଶବ୍ଦ ବା ଶବ୍ଦଗୋଷ୍ଠୀ ଦ୍ୱାରା ମୁଁ ନିରନ୍ତର ପରିଚାଳିତ ହେଉଛି । କେତେବେଳେ ମଧ୍ୟ ଗୋଟିଏ ତାମିଲ୍ ଶବ୍ଦରୁ କେବଳ ସମ୍ବନ୍ଧର ସୂଚନା ମିଳିବା ସହିତ ପରସ୍ପର ସମ୍ବନ୍ଧ ବିଶିଷ୍ଟ ଏକ ଶବ୍ଦଗୋଷ୍ଠୀ ମଧ୍ୟରେ ଲୁପ୍ତ ହୋଇଯାଇଥିବା ଯୋଗସୂତ୍ରର ପ୍ରମାଣ ମିଳୁଛି । ଆଉ ମଧ୍ୟ ବର୍ତ୍ତମାନ ଯାହା ଆର୍ଯ୍ୟ ଭାଷାମାନଙ୍କର ମୌଳିକ ନିୟମ, ଉତ୍ସ ଏବଂ ଯାହାକୁ ଆର୍ଯ୍ୟଭାଷାର ଭ୍ରୂଣାବସ୍ଥା ବୋଲି କୁହାଯାଇପାରେ, ତାହା ମୁଁ ଏଇ ତାମିଲ୍ ଭାଷା ମଧ୍ୟରେ ପ୍ରଥମ କରି ଦେଖିବାକୁ ପାଇଲି । ମୁଁ ଅବଶ୍ୟ କୌଣସି ନିଶ୍ଚିତ ସିଦ୍ଧାନ୍ତ ସ୍ଥାପନ କଲାଭଳି ପରୀକ୍ଷା ନିରୀକ୍ଷା କରିବାକୁ ସମର୍ଥ ହୋଇ ନାହିଁ, କିନ୍ତୁ ନିଶ୍ଚିତଭାବେ ମୋର ବୋଧ ହେଲା, ଦ୍ରାବିଡ଼ ଓ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଥିବା ମୌଳିକ ସଂପର୍କ ଯାହା ଅନୁମାନ କରାଯାଏ, ତା'ଠାରୁ ଏହା ଥିଲା ଅଧିକ ନିକଟ ଓ ଅଧିକ ବ୍ୟାପକ ଏବଂ ଏ ଉଭୟ ଯେ ଏକ ଲୁପ୍ତ ଆଦିମ ଭାଷାରୁ ଉଦ୍ଭୂତ ହୋଇଥିବା ଦୁଇଟି ଭିନ୍ନ ଭାଷା-ପରିବାର, ଏପରି ଏକ ସମ୍ଭାବନାର ମଧ୍ୟ ସୂଚନା ମିଳିଲା । ଯଦି ତାହା ହୁଏ, ତେବେ ବୈଦିକ ସୂକ୍ତରେ ବ୍ୟାପି ରହିଥିବା ବିଭିନ୍ନ ସୂଚନାଗୁଡ଼ିକୁ ଦ୍ରାବିଡ଼

ଭାରତରେ ଆର୍ଯ୍ୟମାନଙ୍କ ଆକ୍ରମଣର ଏକମାତ୍ର ଅବଶିଷ୍ଟ ସାକ୍ଷୀ ବୋଲି ଗ୍ରହଣ କରିହେବ ।

ସୁତରାଂ ଦ୍ୱିଗୁଣ ଉତ୍ସାହର ସହ ମୁଁ ପ୍ରଥମଥର ପାଇଁ ମୂଳ ବେଦ-ଅଧ୍ୟୟନ କରିବାକୁ ଆରମ୍ଭ କଲି, ଅବଶ୍ୟ ଆରମ୍ଭରେ ପୁଙ୍ଖାନୁପୁଙ୍ଖ ରୂପେ ବା ଗଭୀର ଭାବରେ ଅଧ୍ୟୟନ କରିବା ମୋର ଉଦ୍ଦେଶ୍ୟ ନ ଥିଲା । ''ଆର୍ଯ୍ୟ'' ଓ ''ଦସ୍ୟୁ'' — ଏମାନଙ୍କ ବିଷୟରେ ବେଦସୂଚିତ ଜାତିଗତ ପାର୍ଥକ୍ୟ ଏବଂ ବେଦର ଦସ୍ୟୁଗଣ ଓ ଆଦିମ ଭାରତୀୟମାନେ, ଏ ଉଭୟେ ଯେ ସମାନ — ଏହି ବିଷୟଟି ମୋତେ ଏତେ ନିରର୍ଥକ ବୋଧହେଲା ଯେ, ମୋର ପୂର୍ବକଳ୍ପିତ ନିରର୍ଥକତାଠାରୁ ଏହା ଯଥେଷ୍ଟ ଅଧିକ ବୋଲି ବୁଝିବାକୁ ମୋତେ ବେଶୀ ସମୟ ଲାଗିଲା ନାହିଁ । କିନ୍ତୁ ଏହି ପ୍ରାଚୀନ ସୂକ୍ତମାନଙ୍କ ମଧ୍ୟରେ ଉପେକ୍ଷିତ ଅବସ୍ଥାରେ ଥିବା ଗଭୀର ଆତ୍ମିକ ଭାବ ଓ ଅନୁଭୂତିର ଆବିଷ୍କାର ମୋ ପାଇଁ ଥିଲା ଅତି ଆଗ୍ରହୋଦ୍ଦୀପକ ବିଷୟ । ଆହୁରି ମଧ୍ୟ ମୋ ଦୃଷ୍ଟି ସମ୍ମୁଖରେ ଏହି ତତ୍ତ୍ୱର ଗୁରୁତ୍ୱ ସେତିକିବେଳେ ବଢ଼ିବାକୁ ଲାଗିଲା ଯେତେବେଳେ ପ୍ରଥମେ ବେଦମନ୍ତ୍ରଗୁଡ଼ିକ ମୋ ନିଜ ଆତ୍ମିକ ଅନୁଭୂତିଗୁଡ଼ିକୁ ସ୍ପଷ୍ଟ ଓ ଯଥାଯଥ ଭାବେ ପ୍ରଦୀପ୍ତ କଲେ, ଯାହାକି ପୂର୍ବରୁ ମୋ ମଧ୍ୟରେ କିଛି ମାତ୍ରାରେ ସଂଶ୍ଳିଷ୍ଟ ୟୁରୋପୀୟ ମନସ୍ତତ୍ତ୍ୱରୁ ଅଥବା ଯୋଗ ଓ ବେଦାନ୍ତ ଶାସ୍ତ୍ର ମଧ୍ୟରୁ ମୋତେ ଯଥେଷ୍ଟ ସ୍ପଷ୍ଟୀକରଣ ମିଳି ନ ଥିଲା; ଏବଂ ଦ୍ୱିତୀୟତଃ ଉପନିଷଦରେ ଯେଉଁ ଅନୁଚ୍ଛେଦ ଓ ତତ୍ତ୍ୱଗୁଡ଼ିକ ମୋ ପାଇଁ ଅସ୍ପଷ୍ଟ ଥିଲେ, ପୂର୍ବେ ଯାହାର ଠିକ୍ ଅର୍ଥ ମୁଁ ଧରିପାରୁ ନ ଥିଲି, ସେମାନେ ସେଇ ଅନୁଚ୍ଛେଦଗୁଡ଼ିକର ଅର୍ଥ ମୋ ସମ୍ମୁଖରେ ଉଦ୍ଭାସିତ କଲେ ଏବଂ ଯୁଗପତ୍ ଭାବେ ପୁରାଣଗୁଡ଼ିକ ବିଷୟରେ ମଧ୍ୟ ନୂତନ ଜ୍ଞାନ ପ୍ରଦାନ କଲେ ।

ସାୟଣଙ୍କ ଭାଷ୍ୟ ବିଷୟରେ ମୋର ଅଜ୍ଞତାହିଁ ଥିଲା ମୋର ସୌଭାଗ୍ୟ, ଯେଉଁଥିପାଇଁ ଏହି ନିଷ୍କର୍ଷରେ ଉପନୀତ ହେବାକୁ ମୋତେ ସାହାଯ୍ୟ ମିଳିଲା । କାରଣ ବେଦର ଅନେକ ସାଧାରଣ ଓ ପ୍ରଚଳିତ ଶବ୍ଦର ସ୍ୱାଭାବିକ ଓ ଆତ୍ମିକ ଅର୍ଥ ଆରୋପ କରିବାରେ ମୋର ସ୍ୱାଧୀନତା ରହିଲା, ଉଦାହରଣ ସ୍ୱରୂପ, **ଧୀ** — ଚିନ୍ତା ବା ବୋଧଶକ୍ତି, **ମନସ୍** — ମନ, **ମତି** — ଚିନ୍ତା, ସଂବେଦନ ବା ମାନସିକ ସ୍ତର, **ମନୀଷା** — ବୁଦ୍ଧି, **ରତମ୍** — ସତ୍ୟ, ଇତ୍ୟାଦି; ଆହୁରି ମଧ୍ୟ **କବି** — ଦ୍ରଷ୍ଟା, **ମନୀଷୀ** — ଭାବୁକ, **ବିପ୍ର**, **ବିପଶ୍ଚିତ୍** — ପ୍ରବୁଦ୍ଧମନା ପ୍ରଭୃତି ବହୁ ସଦୃଶ ଶବ୍ଦମାନଙ୍କର ଯଥାର୍ଥ ପ୍ରତିଚ୍ଛାୟା ମୁଁ ଆବିଷ୍କାର କରିପାରିଲି; **ଦକ୍ଷ** ଓ **ଶ୍ରବସ୍** ଶବ୍ଦର ଅର୍ଥ ସାୟଣଙ୍କ ମତରେ ଯଥାକ୍ରମେ ବୀର୍ଯ୍ୟ ଓ ଧନ, ଅନ୍ନ ବା ଯଶଃ, ଇତ୍ୟାଦି; ସେଗୁଡ଼ିକର ଆତ୍ମିକ ଅର୍ଥକୁ ଅଧିକ ଅଧ୍ୟୟନପୂର୍ବକ ସିଦ୍ଧ କରିବାକୁ ସାହସ କରିପାରିଲି । ଏଇସବୁ ଶବ୍ଦର ସ୍ୱାଭାବିକ ସଂଜ୍ଞା ନିରୂପଣ କରିବାର ଆମ ଅଧିକାର ଉପରେ ବେଦର ଆତ୍ମିକ ଭାଷ୍ୟ-ରଚନା ନିର୍ଭର କରୁଛି ।

ଧୀ, ରତମ୍ ପ୍ରଭୃତି ଶବ୍ଦ ଉପରେ ସାୟଣଙ୍କର ଅର୍ଥ ଅତ୍ୟନ୍ତ ପରିବର୍ତ୍ତନଶୀଳ । ରତମ୍ ହେଉଛି ଯେକୌଣସି ଆତ୍ମିକ ବା ଆଧାତ୍ମିକ ଭାଷ୍ୟରଚନାରେ ପ୍ରାୟ ମର୍ମଶବ୍ଦ, କିନ୍ତୁ ତା'ର ଅର୍ଥକୁ କେତେବେଳେ ସେ ସତ୍ୟ, ପୁଣି ଅଧିକାଂଶ ସମୟରେ ଯଜ୍ଞ, ଏପରିକି କେତେକ ସ୍ଥାନରେ ଜଳ ବୋଲି କରିଛନ୍ତି । ଆତ୍ମିକ ଭାଷ୍ୟରେ ଏହାକୁ ସର୍ବଦା 'ସତ୍ୟ' ଅର୍ଥରେ କେବଳ ନିଆଯାଏ । ସେହିପରି, ସାୟଣ ଧୀ ଶବ୍ଦକୁ ବୁଦ୍ଧି, ପ୍ରାର୍ଥନା, କର୍ମ, ଅନ୍ନ ଇତ୍ୟାଦି ଅର୍ଥରେ ନେଇଛନ୍ତି । କିନ୍ତୁ ଆତ୍ମିକ ଭାଷ୍ୟରେ ଅନବରତ ଏହାର ଅର୍ଥ ହେଉଛି 'ଚିନ୍ତନ' ବା 'ବୋଧ' । ବେଦର ଅନ୍ୟ ନିର୍ଦ୍ଦିଷ୍ଟ ଶବ୍ଦାର୍ଥଗୁଡ଼ିକ ପ୍ରତି ମଧ୍ୟ ଏଇ ପଦ୍ଧତି ପ୍ରୟୋଜ୍ୟ । ଆହୁରି ମଧ୍ୟ ଶବ୍ଦମାନଙ୍କ ମଧ୍ୟରେ ଥିବା ଛାୟା (shade) ଓ ବିଶେଷତ୍ୱଗୁଡ଼ିକୁ ବିଲୋପ କରି ସେଗୁଡ଼ିକର ଅତ୍ୟନ୍ତ ସ୍ଥୂଳ ସାଧାରଣ ଅର୍ଥ କରିବା ହେଉଛି ସାୟଣଙ୍କର ଏକ ପ୍ରବୃତ୍ତି । ମାନସିକ କ୍ରିୟାର ଦ୍ୟୋତକ ସମସ୍ତ ବିଶେଷଣ ପଦର ଅର୍ଥ ତାଙ୍କ ମତରେ 'ବୁଦ୍ଧି ବିଚାର'ର ଅନ୍ତର୍ଗତ । ଆଉ ମଧ୍ୟ ବେଦରେ ଭରି ରହିଥିବା ଶକ୍ତିବୋଧକ ନାନାବିଧ ବ୍ୟଞ୍ଜନାତ୍ମକ ଶବ୍ଦର ଅର୍ଥ ବ୍ୟାପକ ଭାବରେ 'ବଳ' ବୋଲି ଧାରଣା କରି ତାକୁ ସଂକୁଚିତ କରାଯାଇଛି । ବିପରୀତ ପକ୍ଷେ, ସେମାନଙ୍କ ସାଧାରଣ ଅର୍ଥରେ ଶବ୍ଦଗୁଡ଼ିକ ପରସ୍ପର ଯେତେ ନିକଟତର ହୋଇଥା'ନ୍ତୁ ପଛକେ, ସେମାନଙ୍କ ଅର୍ଥର ପ୍ରକୃତ କାନ୍ତି ଓ ଯଥାଯଥ ପାରସ୍ପରିକ ସଂପର୍କ ନିର୍ଣ୍ଣୟ କରିବା ସହ ସେଗୁଡ଼ିକର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରି ମୁଁ ବିଶେଷ ଭାବରେ ପ୍ରଭାବିତ ହୋଇଥିଲି । ବୈଦିକ ଋଷିମାନେ ଯେ କାବ୍ୟକଳାରେ ବ୍ୟୁତ୍ପନ୍ନ ଅନ୍ୟ କବିମାନଙ୍କ ଭଳି ଶବ୍ଦମାନଙ୍କର ଉପଯୁକ୍ତ ସମ୍ବନ୍ଧକୁ ଅନୁଭବ ନ କରି ଓ ବାଚନିକ ସଙ୍ଗତିରେ ସେମାନଙ୍କୁ ଯଥାର୍ଥ ଓ ଉଚିତ ଶକ୍ତି ନ ଦେଇ ସେଗୁଡ଼ିକର ଭେଦାଭେଦ ବିଚାର ନ କରି ଏଣୁତେଣୁ ପ୍ରୟୋଗ କରୁଥିଲେ, ଆମର ଏପରି ଅନୁମାନ କରିନେବାର କାରଣ କ'ଣ, ମୁଁ ତାହା ଦେଖିପାରୁ ନାହିଁ ।

ମୋ ନୀତି ଅନୁସରଣ କରି ଦେଖିଲି ଯେ ପଦ ଓ ଉପବାକ୍ୟଗୁଡ଼ିକର ସରଳ, ସ୍ୱାଭାବିକ ଓ ପ୍ରତ୍ୟକ୍ଷ ଅର୍ଥ ତ୍ୟାଗ ନ କରି କେବଳ କେତେକ ଭିନ୍ନ ଭିନ୍ନ ରକ୍‌ର ନୁହେଁ, ପରନ୍ତୁ ବହୁ ପୂର୍ଣ୍ଣାଙ୍ଗ ସୂକ୍ତର ଅଦୃଷ୍ଟପୂର୍ବ ବିରାଟ ଭାବ-ଭାଷାର କଳେବର ରହିଛି, ଏହା ବେଦର ସମଗ୍ର ପ୍ରକୃତିକୁ ପରିବର୍ତ୍ତନ କରିଦେଲା । ତା'ପରେ ବୋଧ ହେଲା ଏହି ମହାନ୍ ଜ୍ଞାନ-ଗ୍ରନ୍ଥ ମଧ୍ୟରେ ବିଚାର ଓ ଆଧାତ୍ମିକ ଅନୁଭୂତିର ମହାର୍ଘତମ ସୁବର୍ଣ୍ଣ ସ୍ରୋତ ପ୍ରବାହିତ ହେଉଛି, ଯାହା ଏହାର ଅଧିକାଂଶ ସୂକ୍ତର କେବେ କେବେ ଛୋଟ ଛୋଟ ଧାରା ମଧ୍ୟରେ ତ କେତେବେଳେ ବୃହତ୍ତର ସ୍ରୋତ ମଧ୍ୟରେ ଦୃଶ୍ୟମାନ । ଆହୁରି ମଧ୍ୟ ଏଥିରେ ଅନେକ ଶବ୍ଦ ଅଛି ଯେଉଁଗୁଡ଼ିକ ସରଳ ଓ ସାଧାରଣ ଅର୍ଥ ପ୍ରକାଶକ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରସଙ୍ଗାନୁକ୍ରମେ ଆତ୍ମିକ ଅର୍ଥ-ସମ୍ପଦ ପ୍ରକାଶ କରିଥା'ନ୍ତି, ବେଦରେ ଏପରି

ଆହୁରି ଅନେକ ଶବ୍ଦ ଭରି ରହିଛି, ଯେଉଁଗୁଡ଼ିକର ଅର୍ଥ ଯୁଗପତ୍ ବାହ୍ୟ ତଥା ଭୌତିକ ଭାବେ କରାଯାଇପାରେ, ନତୁବା ବେଦର ସାଧାରଣ ଅଭିପ୍ରାୟ ବିଷୟରେ ଆମର ଯେଉଁ ଧାରଣା ରହିଛି, ତଦନୁଯାୟୀ ଆମେ ତା'ର ଗୂଢ଼ ତଥା ଆତ୍ମିକ ଅର୍ଥ ବି ଦେଇପାରିବା । ଉଦାହରଣସ୍ୱରୂପ **ରାୟେ, ରଯି, ରାଧସ୍, ରତ୍ନ** ପ୍ରଭୃତି ଶବ୍ଦଗୁଡ଼ିକୁ ଆଶୟଗତ ଓ ବିଷୟଗତ ଉଭୟ ଜାଗାରେ ପ୍ରୟୋଗ କଲେ ଅର୍ଥ ଗୋଟିଏ ପକ୍ଷରେ ହେବ କେବଳ ଭୌତିକ ସମୃଦ୍ଧି ଓ ଧନସମ୍ପଦ ଅଥବା ଅନ୍ୟପକ୍ଷରେ ଆନ୍ତର ଆନନ୍ଦ ଓ ପ୍ରାଚୁର୍ଯ୍ୟ; **ଧନ, ବାଜ, ପୋଷ** ପ୍ରଭୃତି ଶବ୍ଦଗୁଡ଼ିକର ଅର୍ଥ ହୁଏତ ବୈଷୟିକ ଧନ, ପ୍ରାଚୁର୍ଯ୍ୟ ଓ ପୁଷ୍ଟି ହୋଇପାରେ ଅଥବା ଆନ୍ତରିକ ତଥା ବାହ୍ୟ ସମ୍ପଦ ବି ହୋଇପାରେ, ଯେଉଁଗୁଡ଼ିକ ବ୍ୟକ୍ତିର ଜୀବନ-କ୍ଷେତ୍ରରେ ସମୃଦ୍ଧ ଓ ବିକଶିତ ହୋଇ ଉଠନ୍ତି । ଆଧ୍ୟାତ୍ମିକ ଆନନ୍ଦକୁ ବୁଝାଇବାକୁ ଉପନିଷଦରେ **ରାୟ** ଶବ୍ଦର ବ୍ୟବହାର କରାଯାଇଛି ଓ ସେ ସମ୍ବନ୍ଧରେ ଋଗ୍ବେଦରୁ ଗୋଟିଏ ଉଦ୍ଧୃତି ଦିଆଯାଇଛି; ତେବେ ମୂଳବେଦରେ ତା'ର ଏଇ ଅର୍ଥ କାହିଁକି କରା ନ ଯିବ ? ଯେଉଁସବୁ ପ୍ରସଙ୍ଗରେ ଅନ୍ୟ ସମସ୍ତ ଶବ୍ଦ ଆତ୍ମିକ ଅର୍ଥ-ବୋଧକ ହୋଇଥା'ନ୍ତି ସେଇସବୁ କ୍ଷେତ୍ରରେ **ବାଜ** ବାରଂବାର ପ୍ରୟୋଗ କରାଯାଇଛି ଏବଂ ସେହି ପ୍ରସଙ୍ଗରେ ପାର୍ଥିବ ଧନ-ସମ୍ପଦ ଅର୍ଥଟି ସଜାତୀୟ ବିଚାରର ସମଗ୍ରତାରେ ଏକ ପ୍ରଚଣ୍ଡ କର୍କଶ ଅସଙ୍ଗତି ଆଣିଦିଏ । ଏଣୁ ସାଧାରଣ ବୁଦ୍ଧିର ଦାବି ହେଉଛି ଏଇସବୁ ଶବ୍ଦ ବେଦରେ ଯେ ଆନ୍ତର ବ୍ୟଞ୍ଜନା ସହ ପ୍ରୟୋଗ କରାଯାଇଛି, ଏହି ମତଟିକୁ ସ୍ୱୀକାର କରିବା ଉଚିତ ।

କିନ୍ତୁ ଯଦି ଏହାକୁ ସଙ୍ଗତିପୂର୍ଣ୍ଣ ଭାବେ କରାଯାଏ, ତେବେ ତତ୍କ୍ଷଣାତ୍ କେବଳ ପୂରା ଋକ୍‌ର ବା ସୂକ୍ତାଂଶର ନୁହେଁ, ସମଗ୍ର ସୂକ୍ତ ମଧ୍ୟ ଏକ ଆତ୍ମିକ ଆଭାରେ ରଞ୍ଜିତ ହୋଇଉଠିବ । କୌଣସି ଶବ୍ଦ ବା ବାକ୍ୟାଂଶକୁ ବାଦ୍ ନ ଦେଇ ଏହି ରୂପାନ୍ତର ପ୍ରାୟଶଃ ପୂର୍ଣ୍ଣତା ଲାଭ କରିବାର ଗୋଟିଏ ମାତ୍ର ସର୍ତ୍ତ — ବୈଦିକ ଯଜ୍ଞରେ ଥିବା ପ୍ରତୀକାତ୍ମକ ତାତ୍ପର୍ଯ୍ୟକୁ ସ୍ୱୀକାର କରିବା । ଗୀତାରେ **ଯଜ୍ଞ** ଶବ୍ଦଟି ଦେବତାମାନଙ୍କ ବା ପରମଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ ସମସ୍ତ ବାହ୍ୟ ବା ଆନ୍ତର କର୍ମର ପ୍ରତୀକଭାବେ ବ୍ୟବହୃତ ହୋଇଛି । ଏତାଦୃଶ ପ୍ରତୀକମୂଳକ ବ୍ୟବହାର କ'ଣ ପରବର୍ତ୍ତୀ କାଳର କୌଣସି ଦାର୍ଶନିକ ବୌଦ୍ଧିକତାରୁ ଜାତ ନା ତାହା ଯଜ୍ଞର ବୈଦିକ ବିଚାରଧାରା ମଧ୍ୟରେ ପ୍ରଥମରୁ ଅନ୍ତର୍ନିହିତ ଥିଲା ? ମୁଁ ଦେଖିଲି, ବେଦରେ ଏପରି ଅନେକ ସୂକ୍ତ ରହିଛି ଯେଉଁଥିରେ ଯଜ୍ଞ ବା ଯଜ୍ଞବଳିର ଧାରଣାଟି ସୁସ୍ପଷ୍ଟ ପ୍ରତୀକାତ୍ମକ ଭାବେ ବ୍ୟକ୍ତ ହୋଇଛି, ଓ ଅନ୍ୟ ସୂକ୍ତଗୁଡ଼ିକରେ ପ୍ରତୀକର ଆବରଣ ଅତ୍ୟନ୍ତ ସ୍ୱଚ୍ଛ । ତେବେ ପ୍ରଶ୍ନ ଉଠୁଛି ଯେ ପୂର୍ବର ଅନ୍ଧବିଶ୍ୱାସପୂର୍ଣ୍ଣ ଆଚାରବିଧି ମଧ୍ୟରୁ ଉଦ୍ଭୂତ ଏହା ଏକ ଆଦି ପ୍ରତୀକବାଦ କି ଯାହା ପରବର୍ତ୍ତିକାଳର ଋଷିମାନଙ୍କ ରଚନାରେ କ୍ରମେ ବିକଶିତ ହୋଇଛି ଅଥବା କୁହାଯାଇପାରେ କେବେ କଦାଚିତ୍

ପ୍ରକାଶ ପାଇଥିବା ଯଜ୍ଞ-ତାତ୍ପର୍ଯ୍ୟର ଏହା ଏକ ସ୍ପଷ୍ଟତର ପ୍ରତିପାଦନ, ଯାହାକୁ ଅଧିକାଂଶ ସୂକ୍ତ ଅଳ୍ପାଧିକ ଯତ୍ନର ସହିତ ବାହ୍ୟ ନାମ-ରୂପର ଆଚ୍ଛାଦନ ତଳେ ଘୋଡ଼େଇ ରଖିଛନ୍ତି । ଆମେ ପ୍ରଥମ ବିବୃତିଟିକୁ ନିଃସନ୍ଦେହରେ ମାନି ନିଅନ୍ତୁ ଯଦି ବେଦରେ ଆତ୍ମିକ ଭାବପୂର୍ଣ୍ଣ ଅନୁଚ୍ଛେଦଗୁଡ଼ିକର ଅନବଚ୍ଛିନ୍ନ ଉପସ୍ଥିତି ଘଟି ନ ଥା'ନ୍ତା । କିନ୍ତୁ ବିପରୀତ ପକ୍ଷେ ସମଗ୍ର ସୂକ୍ତାବଳୀ ମୋ ସମକ୍ଷରେ ଆତ୍ମିକ ଅର୍ଥରେ ଭରି ଉଠିଲେ ଯାହା ଋକ୍ ପରେ ଋକ୍‌କୁ ଅନୁଧ୍ୟାନ କଲେ ଦେଖାଯାଏ, ସେମାନେ ପୂର୍ଣ୍ଣ ତଥା ଅର୍ଥୋଦ୍ଦୀପକ ସଙ୍ଗତି ମଧ୍ୟରେ ତାହା ଧରି ରଖିଛନ୍ତି, ଏବଂ ତାହା ଅବୋଧ ହେବାର ଏକମାତ୍ର କାରଣ ହେଉଛି 'ଯଜ୍ଞ' ଶବ୍ଦଟିର ବ୍ୟବହାର ଅଥବା 'ହବିଃ' ଅଥବା ବେଳେ ବେଳେ ଯଜ୍ଞ-ନିର୍ବାହକ 'ପୁରୋହିତ' ରୂପେ କୌଣସି ମନୁଷ୍ୟ ବା ଦେବତାଙ୍କ ପ୍ରସଙ୍ଗର ଅବତାରଣା । ମୁଁ ଦେଖିଛି, ଯଦି ଏଇ ଶବ୍ଦଗୁଡ଼ିକରେ ପ୍ରତୀକାତ୍ମକ ଅର୍ଥ-ବିନ୍ୟାସ କରାଯାଉଛି, ତେବେ ବିଚାର ଶୃଙ୍ଖଳା ଅଧିକ ପୂର୍ଣ୍ଣ, ଅଧିକ ଅର୍ଥୋଦ୍ଦୀପକ ଓ ଅଧିକ ସଙ୍ଗତ ଭାବେ ଅଗ୍ରଗତି କରୁଛି ଏବଂ ତଦ୍ଦ୍ୱାରା ସମଗ୍ର ସୂକ୍ତର ତାତ୍ପର୍ଯ୍ୟ ଉତ୍ତମ ଭାବେ ପୂର୍ଣ୍ଣାଙ୍ଗ ହୋଇଉଠୁଛି । ତେଣୁ ମୁଁ ଅନୁଭବ କଲି ଯେ ମୋର ଏଇ ପ୍ରକଳ୍ପକୁ ଆଗକୁ ନେଇଯିବା ଏବଂ ବୈଦିକ ଯଜ୍ଞବିଧିଗୁଡ଼ିକର ପ୍ରତୀକାର୍ଥକୁ ଏଥିସହ ସାମିଲ କରିବା ଦୃଢ଼ ସମାଲୋଚନାର ପ୍ରତ୍ୟେକ ଦୃଷ୍ଟିକୋଣରୁ ଯୁକ୍ତିସଙ୍ଗତ ।

ତଥାପି ଏଠାରେ ପ୍ରଥମ ପ୍ରକୃତ କାଠିନ୍ୟ ଆସି ପହଞ୍ଚିଲା ବେଦର ଆତ୍ମିକ ଅର୍ଥ ନିଷ୍ପାଦନ କ୍ଷେତ୍ରରେ । ମୁଁ ଏପର୍ଯ୍ୟନ୍ତ ଏ କ୍ଷେତ୍ରରେ ପଦ ଓ ବାକ୍ୟମାନଙ୍କର ବାହ୍ୟ ଅର୍ଥ ଉପରେ ପର୍ଯ୍ୟବସିତ, ନିର୍ଦ୍ୱନ୍ଦ୍ୱରେ ସିଧାସଳଖ ଓ ସ୍ୱାଭାବିକ ପ୍ରଣାଳୀରେ ଅଗ୍ରସର ହେଉଥିଲି । ବର୍ତ୍ତମାନ ମୁଁ ଏପରି ଏକ ତତ୍ତ୍ୱର ସନ୍ଧାନ ପାଇଛି ଯେଉଁଥିରେ ଗୋଟିଏ ହିସାବରେ ବାହ୍ୟ ଅର୍ଥକୁ ଅତିକ୍ରମ କରିଯିବାକୁ ପଡୁଛି ଏବଂ ଏହା ଏପରି ଏକ ପଦ୍ଧତି, ଯେଉଁଥିରେ ପ୍ରତ୍ୟେକ ସମାଲୋଚକ ଓ ବିବେକୀ ମନ ନିଜକୁ ସର୍ବଦା ଦ୍ୱିଧାଗ୍ରସ୍ତ ବୋଧ କରେ । ଆଉ ମଧ୍ୟ ଯଥାସାଧ୍ୟ ଯେତେ ଯତ୍ନର ସହ ସମ୍ପାଦନ କଲେ ମଧ୍ୟ ପ୍ରକୃତ ସୂତ୍ର ଓ ଯୁକ୍ତିସଙ୍ଗତ ଅର୍ଥକୁ କେହି ପାଇପାରିଛି ବୋଲି ସବୁବେଳେ ନିଶ୍ଚିତ ହୋଇପାରିବ ନାହିଁ ।

ଦେବତା ଓ ମନ୍ତ୍ର, ଏ ଦୁଇଟିକୁ ବର୍ତ୍ତମାନ ପାଇଁ ବାଦ୍ ଦେଲେ ବୈଦିକ ଯଜ୍ଞର ତିନୋଟି ଅଙ୍ଗ ଅଛି, ଯଥା : ଯଜମାନ, ହବିଃ ଓ ହବିଃଦାନର ଫଳ । ଦେବତାମାନଙ୍କ ପ୍ରତି ଉତ୍ସର୍ଗିତ କର୍ମକୁ ଯଦି 'ଯଜ୍ଞ' କୁହାଯାଏ, ତେବେ 'ଯଜମାନ'ର ଅର୍ଥ କର୍ମର ସମ୍ପାଦକ ବୋଲି ମୁଁ ଗ୍ରହଣ ନ କରି ରହିପାରୁ ନାହିଁ । ବାହ୍ୟ ବା ଆନ୍ତର କର୍ମ ଯଦି ଯଜ୍ଞ ହେଲା, ତେବେ ଯଜମାନ ହେଉଛି ସେହି କର୍ମର ସମ୍ପାଦକ ଆତ୍ମା ବା କର୍ମ କରୁଥିବା ବ୍ୟକ୍ତିତ୍ୱ । ପରନ୍ତୁ ଆହୁରି ଅନ୍ୟାନ୍ୟ ଯାଜକମାନେ ବି ରହିଥିଲେ, ଯଥା : *ହୋତା, ଋତ୍ୱିକ୍, ପୁରୋହିତ,*

ବ୍ରହ୍ମା ଓ ଅଧ୍ୱର୍ଯୁ ଇତ୍ୟାଦି । ବେଦର ପ୍ରତୀକବାଦ ଅନୁସାରେ ସେମାନଙ୍କ ଭୂମିକା କ'ଣ ଥିଲା ? ଯଦି ଥରେ ଆମେ ଯଜ୍ଞକୁ ଏକ ପ୍ରତୀକାତ୍ମକ ଅର୍ଥ ଦେଇ ଭାବିବାକୁ ଆରମ୍ଭ କରୁ ତେବେ ଯଜ୍ଞାନୁଷ୍ଠାନର ପ୍ରତ୍ୟେକ ଅଙ୍ଗର ମଧ୍ୟ ପ୍ରତୀକାତ୍ମକ ମୂଲ୍ୟ ଆମ କଳ୍ପନାରେ ଆସିବା ଉଚିତ । ମୁଁ ଦେଖିଛି, ଦେବତାମାନଙ୍କୁ ଅନବରତ ଯଜ୍ଞର ଯାଜ୍ଞକ ବୋଲି କୁହାଯାଇଛି ଏବଂ ଅନେକ ଅନୁଚ୍ଛେଦରେ ଏକ ଅମାନବ ପ୍ରଭୁ ବା ଶକ୍ତିଙ୍କର କଥା କୁହାଯାଇଛି — ଯେଉଁମାନେ ଥିଲେ ଯଜ୍ଞର ପରିଚାଳକ । ଆଉ ମଧ୍ୟ ମୁଁ ଲକ୍ଷ୍ୟ କଲି ଯେ ସମଗ୍ର ବେଦରେ ଆମ ବ୍ୟକ୍ତିତ୍ୱର ଉପାଦାନଗୁଡ଼ିକୁ ଅନବରତ ବ୍ୟକ୍ତିରୂପ ଦିଆଯାଇଛି । ମୋତେ କେବଳ ଏହି ନିୟମଟିକୁ ପ୍ରତିଲୋମ ଭାବରେ ପ୍ରୟୋଗ କରିବାକୁ ହେଲା ଏବଂ କଳ୍ପନା କରିବାକୁ ହେଲା ଯେ ବାହ୍ୟତଃ ଯେଉଁ ଯେଉଁମାନଙ୍କୁ ଯାଜ୍ଞକ ବ୍ୟକ୍ତି ବୋଲି ଉପସ୍ଥାପନ କରାଯାଇଛି, ଅନ୍ତର୍ଗତ କ୍ରିୟାରେ ସେମାନେ ହେଉଛନ୍ତି ଅମାନବ ପ୍ରଭୁ ବା ଶକ୍ତିର ଚିତ୍ର ବା ଆମ ବ୍ୟକ୍ତିତ୍ୱର ଏକ ଉପାଦାନ । ଆଉ ବାକି ରହିଲା ଯାଜ୍ଞକମାନଙ୍କର ବିଭିନ୍ନ କାର୍ଯ୍ୟର ଆତ୍ମିକ ତାତ୍ପର୍ଯ୍ୟ ନିର୍ଣ୍ଣୟ କରିବା । ଏ ପ୍ରସଙ୍ଗରେ ମୁଁ ଦେଖିବାକୁ ପାଇଲି ଯେ ସ୍ୱୟଂ ବେଦ ଏ ବିଷୟରେ ଭାଷା-ତାତ୍ତ୍ୱିକ ସୂଚନା ଦେବା ସହ ତା' ଉପରେ ଜୋର ଦେଇଛି, ଉଦାହରଣ ସ୍ୱରୂପ, 'ପୁରୋହିତ' ଶବ୍ଦଟିକୁ ନିଆଯାଉ, ତାହାକୁ ପୁରୋ-ହିତ ଅର୍ଥାତ୍ ଯିଏ ସମ୍ମୁଖରେ ପ୍ରତିନିଧିତ୍ୱ କରୁଛନ୍ତି — ''ସମ୍ମୁଖରେ ବିଦ୍ୟମାନ''— ଏବଂ ଏହାଙ୍କୁ ଅଗ୍ନିଙ୍କ ସହିତ ବାରଂବାର ସଂପର୍କିତ କରାଯାଇଛି, ଯେଉଁ ଅଗ୍ନି ହେଉଛନ୍ତି ମାନବର ଅନ୍ତର୍ଗତ ଦିବ୍ୟ ସଂକଳ୍ପ ବା ଶକ୍ତିର ପ୍ରତୀକ, ଯିଏ କି ସକଳ ଆତ୍ମଦାନର କ୍ରିୟାକୁ ସଂଚାଳନ କରନ୍ତି ।

ଯଜ୍ଞର ହବିଃକୁ ବୁଝିବା ଆହୁରି କଷ୍ଟକର ଥିଲା । ଯଦି ପ୍ରସଙ୍ଗ କ୍ରମେ ସୋମରସର କଥା କେଉଁଠି କେଉଁଠି ଆସିଛି, ତା'ର ଉପଯୋଗ, ତା'ର ପ୍ରଭାବ ଏବଂ ତାହାର ସମାର୍ଥକ ଶବ୍ଦଗୁଡ଼ିକର ଭାଷାତାତ୍ତ୍ୱିକ ସୂଚନା ଦ୍ୱାରା ତାହା ନିଜର ତାତ୍ପର୍ଯ୍ୟକୁ ପ୍ରତିପାଦନ କରିଛି, ତେବେ ଯଜ୍ଞରେ ବ୍ୟବହୃତ *'ଘୃତମ୍'* ଶବ୍ଦଟି କ'ଣ ସୂଚନା ଦେଉଛି ? ବେଦରେ ଏ ଶବ୍ଦଟି ଯେପରି ଭାବରେ ବ୍ୟବହୃତ ହୋଇଛି, ସେଥିରେ ତା' ନିଜ ପ୍ରତୀକାତ୍ମକ ତାତ୍ପର୍ଯ୍ୟ ଉପରେ ସେ ନିରନ୍ତର ଜୋର୍ ଦେଇଛି । ଉଦାହରଣ ସ୍ୱରୂପ, ଘୃତ ସ୍ୱର୍ଗରୁ ବିନ୍ଦୁ ବିନ୍ଦୁ ହୋଇ ଝରିପଡୁଛି, କିଂବା ଇନ୍ଦ୍ରଙ୍କ ଅଶ୍ୱରୁ ଝରିପଡୁଛି ବା ମନରୁ କ୍ଷରିତ ହେଉଛି — କହିବାବେଳେ ଘୃତର ଅର୍ଥ କ'ଣ ହୋଇପାରେ ? ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଯଦି ଘିଅ ଅର୍ଥକୁ ବୁଝାଉଥିବା ଘୃତ ଏକ ପ୍ରତୀକମାତ୍ର ନ ହୋଇ, ଏହାର ଅର୍ଥକୁ ଅତ୍ୟନ୍ତ ଶିଥିଳ ଭାବେ ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଇଥିଲା ଏବଂ ତେଣୁ ଏହାର ବାହ୍ୟାର୍ଥକୁ ଅଧିକାଂଶ ସମୟରେ ପୂରାପୂରି ବା ଅଂଶତଃ ଭାବୁକର ମନରୁ ବାଦ୍ ଦେଇଦେବା ଉଚିତ, ଏପରି

କଥାକୁ ସ୍ୱୀକାର କରିବା ହେବ ଏକ ନିରାଟ ନିରର୍ଥକ ବ୍ୟାପାର । ଅବଶ୍ୟ ନିଜର ସୁବିଧା ଅନୁସାରେ ଶବ୍ଦଗୁଡ଼ିକର ଅର୍ଥ ପରିବର୍ତ୍ତନ ସମ୍ଭବ ଥିଲା, ଯେପରି ''ଘୃତ'' ଅର୍ଥ କେତେବେଳେ ଲାବଣି, କେବେ ଜଳ; ''ମନସ୍'' ଅର୍ଥ କେତେବେଳେ ମନ, କେବେ ଅନ୍ନ ଓ କେବେ ପିଷ୍ଟକ । କିନ୍ତୁ ମୁଁ ଦେଖିଲି, ଘୃତର ବ୍ୟବହାର ନିରବଚ୍ଛିନ୍ନ ଭାବରେ ଚିନ୍ତା ବା ମନ ସହ ସଂପର୍କିତ, ଏବଂ ସେଇଭଳି ବେଦରେ ''ଦ୍ୟୌଃ'' ହେଉଛି ମନର ପ୍ରତୀକ, ''ଇନ୍ଦ୍ର'' ହେଉଛନ୍ତି ଜ୍ୟୋତିର୍ମୟ ମନର ଏବଂ ତାଙ୍କ ଅଶ୍ୱଯୁଗଳ ସେଇ ମନୋବୃତ୍ତିର ଦ୍ୱୈତଶକ୍ତି ସୂଚକ, ଏବଂ ଏପରିକି ବେଦ ସମୟେ ସମୟେ ସ୍ପଷ୍ଟ ରୂପେ କହିଛି ଦେବତାମାନଙ୍କ ପ୍ରତି ଶୁଦ୍ଧୀକୃତ ଘୃତରୂପେ ବୁଦ୍ଧିକୁ (ମନୀଷା) ଆହୁତି ଦେବାକୁ — ''ଘୃତଂ ନ ପୂତଂ ମନୀଷାମ୍''[୩]। ''ଘୃତ'' ଶବ୍ଦର ଭାଷାତାତ୍ତ୍ୱିକ ବ୍ୟଞ୍ଜନା ମଧ୍ୟରେ ସମୃଦ୍ଧ ବା ଉଷ୍ମ ଉଜ୍ଜ୍ୱଳତାର ଅର୍ଥଟି ମଧ୍ୟ ଅନ୍ୟତମ । ଏହି ସୂଚନାଗୁଡ଼ିକ ସହିତ ମୋ ଭାବନାର ମେଳ ଥିବାରୁ ମୋର ଘୃତର ଏକ ଆତ୍ମିକ ଅର୍ଥ ନିର୍ଦ୍ଧାରଣ କରିବା ଯୁକ୍ତିସଙ୍ଗତ ବୋଲି ଅନୁଭବ କଲି । ଆହୁରି ମଧ୍ୟ ଦେଖିଲି ଯେ ଏହି ନିୟମ ଓ ପଦ୍ଧତି ଯଜ୍ଞର ଅନ୍ୟାନ୍ୟ ଅଙ୍ଗ ପ୍ରତି ମଧ୍ୟ ପ୍ରଯୋଜ୍ୟ ।

ହବିଃଦାନର ଫଳଗୁଡ଼ିକ ସ୍ୱରୂପତଃ ଥିଲା ସଂପୂର୍ଣ୍ଣ ଭୌତିକ, ଯଥା : ଗୋ, ଅଶ୍ୱ, ସ୍ୱର୍ଣ୍ଣ, ସନ୍ତାନ, ଜନ, ଶାରୀରିକ ସାମର୍ଥ୍ୟ, ଯୁଦ୍ଧଜୟ ପ୍ରଭୃତି । ଏହିଠାରେହିଁ ଅସୁବିଧାଟି ଘନେଇ ଆସିଲା । ମୁଁ ପୂର୍ବରୁ ଦେଖି ସାରିଥିଲି ଯେ ବୈଦିକ ''ଗୋ'' ଏକ ଅତ୍ୟନ୍ତ ରହସ୍ୟମୟ ପ୍ରାଣୀ ଏବଂ ଏହା କୌଣସି ପାର୍ଥିବ ପଶୁପଲକୁ ବୁଝାଏ ନାହିଁ । ''ଗୋ'' ଶବ୍ଦ ଗାଭୀ ତଥା ଜ୍ୟୋତିଃ ଉଭୟାର୍ଥକ, ଏବଂ ଅନେକ ସୂକ୍ତାଂଶରେ ସ୍ପଷ୍ଟତଃ ଏହାର ଅର୍ଥ ଜ୍ୟୋତିଃ; ଏପରିକି ଯେଉଁଠାରେ ଗାଭୀ-ଅର୍ଥକୁ ଚିତ୍ରଣ କରାଯାଇଛି, ସେଠାରେ ମଧ୍ୟ । ଆମେ ସୂର୍ଯ୍ୟଙ୍କ ଗୋ — ହୋମରଙ୍କ ହିଲିଅସ୍ ସ୍ଥିତ ଗାଈ — ଓ ଉଷାଙ୍କ ଗୋ-ପଲ ବିଷୟରେ ଆଲୋଚନା କଲାବେଳେ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଏ । ଆତ୍ମିକ ଦୃଷ୍ଟିରୁ ଦେଖିଲେ ଭୌତିକ ଆଲୋକ — ଏହା ଜ୍ଞାନର ବିଶେଷତଃ ଦିବ୍ୟଜ୍ଞାନର ପ୍ରତୀକରୂପେ ଉପଯୁକ୍ତ ଭାବେ ବ୍ୟବହୃତ ହୋଇପାରେ । କିନ୍ତୁ କେବଳ ସମ୍ଭାବନା ଉପରେ ପ୍ରତିଷ୍ଠିତ ଏହାକୁ କିପରି ପରୀକ୍ଷିତ ଓ ପ୍ରମାଣସିଦ୍ଧ କରାଯାଇ ପାରିବ ? ମୁଁ ଦେଖିଲି ଯେ, ଏପରି ଅନେକ ଅନୁଚ୍ଛେଦ ରହିଛି ଯେଉଁଠି ସେଗୁଡ଼ିକର ପାରିପାର୍ଶ୍ୱିକ ପ୍ରସଙ୍ଗଗୁଡ଼ିକ ଆତ୍ମପରକ ଏବଂ କେବଳ 'ଗୋ' ଶବ୍ଦର ବଳାତ୍-ଅନୁପ୍ରବେଶୀ ଭୌତିକ ଚିତ୍ରଗୁଡ଼ିକ ଏଠାରେ ମଝିରେ ମଝିରେ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି । ପରିପୂର୍ଣ୍ଣ ରୂପର ସ୍ରଷ୍ଟା (ସୁରୂପକୃତ୍ନୁ)[୪] ହିସାବରେ

---

[୩] ଋ.ବେ. ୧।୧୧୦।୬ ଏବଂ ୩।୨।୧।

[୪] ଏହି ଉକ୍ତିଟି ଋଗ୍ବେଦର ୧ମ ମଣ୍ଡଳ ୪ର୍ଥ ସୂକ୍ତ ଉପରେ ଆଧାରିତ । — ଅନୁବାଦକ

ଇନ୍ଦ୍ରଙ୍କୁ ସୋମପାନ କରିବାକୁ ଆହ୍ୱାନ କରାଯାଇଛି, ସୋମପାନ ପରେ ସେ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ''ଗୋ ଦାନ'' କରନ୍ତି (ଗୋଦାଃ); ସେତେବେଳେ ଆମେ ତାଙ୍କର ସବୁଠୁ ଅନ୍ତରଙ୍ଗ ଅଥବା ପରମ ସୁମତି ଲାଭ କରୁ, ତା'ପରେ ଆମେ ତାଙ୍କୁ ପ୍ରଶ୍ନ କରୁ ଏବଂ ତା' ଉପରେ ତାଙ୍କର ସ୍ପଷ୍ଟ ବିବେଚନା ଆମର ପରମ କଲ୍ୟାଣ ସାଧନ କରେ। ଏଥିରୁ ସ୍ପଷ୍ଟ ରୂପେ ଜଣାଯାଏ ଯେ, ଏଭଳି ଏକ ଉଦ୍ଧୃତିରେ 'ଗୋ'ର ଅର୍ଥ କୌଣସି ଭୌତିକ ଗାଈପଇ ହୋଇ ନ ପାରେ ଅଥବା ପାର୍ଥିବ *ଜ୍ୟୋତିଃ* ପ୍ରଦାନ କରିବା ଅର୍ଥଟିର ମଧ୍ୟ କୌଣସି ପ୍ରାସଙ୍ଗିକତା ନାହିଁ। ଅନ୍ତତଃ ଗୋଟିଏ ଉଦାହରଣରେ ବୈଦିକ ଗୋ-ଶବ୍ଦରେ ତତ୍ତ୍ୱପୂର୍ଣ୍ଣ ପ୍ରତୀକାତ୍ମକତା ମୋ ମନରେ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇଥିଲା। ତା'ପରେ ବେଦର ଅନ୍ୟାନ୍ୟ ଅଂଶରେ ପ୍ରଯୁକ୍ତ ଗୋ-ଶବ୍ଦରେ ଏହି ପ୍ରତୀକାର୍ଥକୁ ପ୍ରୟୋଗ କରି ଦେଖିଲି ଯେ ସବୁକ୍ଷେତ୍ରରେ ଏହାଦ୍ୱାରା ଉତ୍କୃଷ୍ଟ ଅର୍ଥ ନିଷ୍ପନ୍ନ ହେଉଛି ଓ ପ୍ରସଙ୍ଗ ସହିତ ଯେତେଦୂର ସମ୍ଭବ ଉତ୍ତମ ସଙ୍ଗତି ରକ୍ଷା କରିହେଉଛି।

ବେଦରେ ଗୋ ଓ ଅଶ୍ୱ ନିରନ୍ତର ପାଖାପାଖି ରହିଛନ୍ତି। ଉଷା — ଗୋମତୀ ଓ ଅଶ୍ୱବତୀ ରୂପେ ବର୍ଣ୍ଣିତା। ଆଉ ମଧ୍ୟ କୁହାଯାଇଛି, ଉଷା ଯଜମାନକୁ ଅଶ୍ୱ ଓ ଗୋଧନ ପ୍ରଦାନ କରନ୍ତି। ପ୍ରାକୃତିକ ଉଷାକୁ ନେଇ ଆମେ ଯଦି ଅର୍ଥ କରୁ ତେବେ ''ଗୋମତୀ''ର ଅର୍ଥ ହେଲା ସେ ଆଲୋକ ସହିତ ସଂଯୁକ୍ତା ବା ସେ କିରଣଗୁଡ଼ିକୁ ନେଇ ଆସୁଛନ୍ତି ଏବଂ ଉଷା ହେଉଛି ମାନବମନରେ ଜ୍ଞାନୋଦ୍ଭାସର ଏକ ଚିତ୍ର। ସୁତରାଂ ''ଅଶ୍ୱବତୀ'' ପଦର ଭୌତିକ ଅଶ୍ୱ ଅର୍ଥ ନିର୍ଦ୍ଦେଶ କରିବା ଆଦୌ ସମୀଚୀନ ନୁହେଁ; ଏହାର ମଧ୍ୟ ନିଶ୍ଚୟ ଏକ ଆତ୍ମିକ ତାତ୍ପର୍ଯ୍ୟ ରହିଛି। ବୈଦିକ ଅଶ୍ୱବିଷୟକ ଅଧ୍ୟୟନରୁ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ, ଗୋ ଓ ଅଶ୍ୱ — ଜ୍ୟୋତିଃ ଓ ବଳ, ଚେତନା ଓ ଶକ୍ତି — ଦୁଇଟି ସହଗାମୀ ଭାବନାର ପ୍ରତିନିଧିତ୍ୱ କରୁଛନ୍ତି, ଉଭୟେ ହେଉଛନ୍ତି ବୈଦିକ ଓ ବୈଦାନ୍ତିକ ମାନସ ନିକଟରେ ଜୀବନର ସମସ୍ତ କ୍ରିୟାର ଯୁଗଳ ବା ଯୁଗ୍ମ ବିଭାବ।

ତେଣୁ, ଜଣାଗଲା ଯେ ବୈଦିକ ଯଜ୍ଞର ଦୁଇଟି ମୁଖ୍ୟ ଫଳ — ଗୋଧନ ଓ ଅଶ୍ୱଧନ — ଥିଲେ ଯଥାକ୍ରମେ ମାନସିକ ଜ୍ଞାନ-ଭାସ୍ୱରତାର ଓ ପ୍ରାଣିକ ଶକ୍ତିପ୍ରାଚୁର୍ଯ୍ୟର ପ୍ରତୀକ। ଏହାର ପରିଣାମ ସ୍ୱରୂପ, ବୈଦିକ କର୍ମର ଏହି ଦୁଇ ମୁଖ୍ୟ ଫଳ ସହିତ ଅନ୍ୟ ଯେଉଁ ଫଳଗୁଡ଼ିକ ନିରନ୍ତର ସଂଯୁକ୍ତ, ସେଗୁଡ଼ିକର ମଧ୍ୟ ଆତ୍ମିକ ଅର୍ଥ ଦେବାରେ ସାମର୍ଥ୍ୟ ରହିଛି। କେବଳ ବାକି ରହିଲା ସେମାନଙ୍କର ଯଥାର୍ଥ ଅଭିପ୍ରାୟକୁ ନିର୍ଣ୍ଣୟ କରିବା।

ବୈଦିକ ପ୍ରତୀକବାଦରେ ଆଉ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ହେଉଛି ଲୋକ(world)ଗୁଡ଼ିକର ସଂସ୍ଥିତି ଓ ଦେବତାମାନଙ୍କ କ୍ରିୟାବଳି। ବୈଦିକ ଧାରଣାର ବ୍ୟାହୃତି-ଗୁଡ଼ିକରେ ''ଲୋକ''ଗୁଡ଼ିକର ପ୍ରତୀକାତ୍ମିକା ସୂଚନା ମୁଁ ପାଇଲି, ଯଥା : ମନ୍ତ୍ରଷ୍ଟ

ଓଁ ଭୂର୍ଭୁବଃ ସ୍ୱଃ – ଏହି ତିନୋଟି ପ୍ରତୀକାତ୍ମକ ଶବ୍ଦର ଏବଂ ''ଋତମ୍''ର ତାତ୍ତ୍ୱିକ ଅର୍ଥ ସହିତ ସମ୍ପର୍କ ଥିବା ଚତୁର୍ଥ ବ୍ୟାହୃତି ''ମହସ୍''ର । ଋଷିମାନେ ''ପୃଥିବୀ'', ''ଅନ୍ତରୀକ୍ଷ'' ବା ମଧ୍ୟବର୍ତ୍ତୀ ଲୋକ ''ଦ୍ୟୌଃ'' ବା ସ୍ୱର୍ଗ –ବିଶ୍ୱର ଏହି ତିନୋଟି ବିଭାଗ ବିଷୟରେ କହିଛନ୍ତି; କିନ୍ତୁ ଗୋଟିଏ ମହତ୍ତର ସ୍ୱର୍ଗ ବା ''ବୃହତ୍-ଦ୍ୟୌଃ'' ମଧ୍ୟ ରହିଛି, ଯାହାକୁ ବ୍ୟାପ୍ତ ଲୋକ ବା ''ବୃହତ୍'' ଓ ସ୍ଥାନେ ସ୍ଥାନେ ''ମହୋ ଅର୍ଣଃ'' ବା ବିରାଟ ସଲିଳ ବୋଲି ବର୍ଣ୍ଣନା କରାଯାଇଛି । ଏହି ବୃହତ୍‌କୁ ''ଋତଂ ବୃହତ୍'' ବା ''ସତ୍ୟମ୍-ଋତଂ-ବୃହତ୍'' ରୂପକ ପରିଭାଷାରେ ବର୍ଣ୍ଣନା କରାଯାଏ । ପୌରାଣିକ ବିଚାର ଅନୁସାରେ ଏହି ଚାରି ଲୋକ ସହିତ ଅନ୍ୟ ତିନି ଲୋକ – ଜନ, ତପଃ ଓ ସତ୍ୟ – ଯାହା ହିନ୍ଦୁ ଧର୍ମୀୟ ସୃଷ୍ଟିତତ୍ତ୍ୱର ପରମ ଲୋକତ୍ରୟ – ମିଶି ଲୋକସଂସ୍ଥାନଟି ପରିପୂର୍ଣ୍ଣ ହୋଇଛି । ବେଦରେ ମଧ୍ୟ ନାମ ସୂଚିତ ହୋଇ ନ ଥିଲେ ବି ଉଚ୍ଚତମ ତିନିଲୋକର କଥା ଆମେ ଦେଖିବାକୁ ପାଉ । କିନ୍ତୁ ବୈଦାନ୍ତିକ ଓ ପୌରାଣିକ ଲୋକସଂସ୍ଥାନରେ ଜୀବନର ସାତଟି ଆତ୍ମିକ ତତ୍ତ୍ୱ ବା ରୂପକୁ ସୂଚିତ କରୁଛି, ଯଥା : ସତ୍, ଚିତ୍, ଆନନ୍ଦ, ବିଜ୍ଞାନ, ମନଃ, ପ୍ରାଣ ଓ ଅନ୍ନ । ଏବେ କେନ୍ଦ୍ରୀୟ ତତ୍ତ୍ୱ, ମହଃତତ୍ତ୍ୱ, ମହଃଜଗତ୍, ''ବିଜ୍ଞାନ'' ହେଉଛି ବସ୍ତୁଗୁଡ଼ିକର ସତ୍ୟ, ଯାହାକି ବିରାଟ ''ବୃହତ୍''ର ତତ୍ତ୍ୱ, ବୈଦିକ ''ଋତମ୍'' ସହିତ ସମାନ, ଏବଂ ଯୁଗପତ୍ ପୌରାଣିକ ପଦ୍ଧତିରେ ଆରୋହ-କ୍ରମରେ ମହଃ ପରେ ଜନଲୋକହିଁ ଆସେ, ଯାହା ହେଉଛି ଆନନ୍ଦମୟ, ଦିବ୍ୟସୁଖର ଲୋକ, ବେଦରେ ମଧ୍ୟ ''ଋତମ୍''– ସତ୍ୟ, ଉର୍ଦ୍ଧ୍ୱସ୍ଥ ''ମୟଃ'' ବା ଆନନ୍ଦ ଦିଗରେ ପ୍ରଚୋଦିତ କରୁଛି । ତେଣୁ ଆମେ ଯୁକ୍ତିସଙ୍ଗତ ଭାବେ ନିଶ୍ଚିତ ହୋଇପାରୁ ଯେ ଦୁଇଟି ପଦ୍ଧତି ମଧ୍ୟରେ ସାମ୍ୟ ରହିଛି ଏବଂ ଅନ୍ତର୍ବ୍ୟାପ୍ତ ଚେତନାରେ ବିଦ୍ୟମାନ ସପ୍ତତତ୍ତ୍ୱ ନିଜକୁ ସ୍ଥୂଳ ସପ୍ତ ଜଗତରେ ରୂପାୟିତ କରିଥିବା ଧାରଣା ଉପରେ ଉଭୟେ ଆଧାରିତ । ଏହି ସୂତ୍ରକୁ ଅବଲମ୍ବନ କରି ଚେତନାର ଆତ୍ମିକ ସ୍ତରଗୁଡ଼ିକ କିପରି ବୈଦିକ ଲୋକସଂସ୍ଥାନ ସହ ସମ୍ପର୍କିତ ତାହା ଆବିଷ୍କାର କରିବାକୁ ସମର୍ଥ ହେଲି । ଏବଂ ସମଗ୍ର ବୈଦିକ ଲୋକ-ସଂସ୍ଥାନ ମୋ ମାନସ ପଟରେ ସ୍ପଷ୍ଟ ହୋଇଗଲା ।

ଏହି ଅନୁଭୂତିଟି ଏତେ ପରିମାଣରେ ସିଦ୍ଧ ହୋଇ ଯାଇଥିଲା ଯେ ଅନ୍ୟ ସମସ୍ତ ବିଷୟ ସ୍ୱାଭାବିକ ଓ ଅନିବାର୍ଯ୍ୟ ରୂପେ ସ୍ପଷ୍ଟ ହୋଇ ଉଠିଲେ । ମୁଁ ଦେଖିସାରିଥିଲି ଯେ ମିଥ୍ୟା ବଦଳରେ ସତ୍ୟକୁ, ବିଭାଜିତ ଓ ସୀମିତ ସତ୍ତା ପରିବର୍ତ୍ତେ ପୂର୍ଣ୍ଣାଙ୍ଗତା ଓ ଅସୀମତା ମଧ୍ୟକୁ ଉନ୍ନୀତ ହେବା ଦ୍ୱାରା ମାନବାତ୍ମାର ମୃତ୍ୟୁସ୍ଥିତିରୁ ଅମୃତତ୍ୱକୁ ଉତ୍ତୀର୍ଣ୍ଣ ହେବା ପ୍ରକ୍ରିୟା ଥିଲା ବୈଦିକ ଋଷିମାନଙ୍କର କେନ୍ଦ୍ରୀୟ ବିଚାର । ମୃତ୍ୟୁ ହେଉଛି ମନ ଓ ପ୍ରାଣ ଅନ୍ତର୍ଭୁକ୍ତ ଜଡ଼ର ଏକ ମର୍ତ୍ତ୍ୟ ଅବସ୍ଥା; ଅମରତ୍ୱ ହେଉଛି ଅନନ୍ତ ସତ୍ତା, ଚେତନା ଓ ଆନନ୍ଦର ଅବସ୍ଥା । ଦ୍ୟୌଃ ଓ ପୃଥିବୀ, ମନ ଓ ଶରୀର, ଏ ଦୁଇସ୍ତର ବା ''ରୋଦସୀ''କୁ ଅତିକ୍ରମ

କରି ମନୁଷ୍ୟ ସତ୍ୟ ବା ''ମହସ୍''ର ଆନନ୍ତ୍ୟ ମଧ୍ୟକୁ ତଥା ଦିବ୍ୟ ଆନନ୍ତ୍ୟ ମଧ୍ୟକୁ ଉନ୍ନୀତ ହୁଏ । ଏହା ହେଲା ପୂର୍ବ ପୁରୁଷ ବା ପ୍ରାଚୀନ ଋଷିମାନଙ୍କର ଆବିଷ୍କୃତ ''ମହାପଥ'' ।

ମୁଁ ଦେଖିଲି, ଦେବତାମାନେ ଜ୍ୟୋତିଃର, ଅଦିତିଙ୍କର, ଅସୀମତାର ପୁତ୍ର ବୋଲି ବର୍ଣ୍ଣିତ; କୌଣସି ବ୍ୟତିକ୍ରମ ବିନା ସେମାନେ ମନୁଷ୍ୟକୁ ସମୃଦ୍ଧ କରୁଥିବାର, ତା' ନିକଟକୁ ଜ୍ୟୋତିଃ ବହନ କରି ଆଣୁଥିବାର, ତା' ଉପରେ ''ଆପଃ''ର ପୂର୍ଣ୍ଣତାକୁ ଓ ସ୍ୱର୍ଗର ପ୍ରାଚୁର୍ଯ୍ୟକୁ ବର୍ଷଣ କରୁଥିବାର, ତା' ମଧ୍ୟରେ ସତ୍ୟର ବିକାଶ ଓ ଦିବ୍ୟଲୋକସମୂହ ଗଠନ କରୁଥିବାର, ସମସ୍ତ ଆକ୍ରମଣ ସତ୍ତ୍ୱେ ତାକୁ ମହାନ୍ ଲକ୍ଷ୍ୟ, ସମଗ୍ର ସୁଖ ଓ ବିଶୁଦ୍ଧ ଆନନ୍ଦ ଦିଗରେ ନେଇଯାଉ ଥିବାର ବର୍ଣ୍ଣନା କରାଯାଇଛି । ସେମାନଙ୍କର ପୃଥକ୍ ପୃଥକ୍ କାର୍ଯ୍ୟ, ଗୁଣବ୍ୟଞ୍ଜକ ସଂଜ୍ଞା, ସେମାନଙ୍କ ସହିତ ସଂପୃକ୍ତ ରୂପକଥାର ଆତ୍ମିକ ତାତ୍ପର୍ଯ୍ୟ, ଉପନିଷଦ୍ ଓ ପୁରାଣମାନଙ୍କରେ ରହିଥିବା ବିଭିନ୍ନ ସୂଚନା ଓ ଗ୍ରୀକ୍ ରୂପକ କାହାଣୀର ନୈମିତ୍ତିକ ଉପକଥାଗୁଡ଼ିକ, ଏସବୁର ବର୍ଣ୍ଣନାରେ ସେମାନଙ୍କର ବିଭିନ୍ନ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁଟିତ ହୋଇ ଉଠିଛି । ଅନ୍ୟପକ୍ଷରେ ଯେଉଁ ଦୈତ୍ୟମାନେ ଦେବତାମାନଙ୍କ ବିରୁଦ୍ଧାଚରଣ କରୁଥିଲେ ସେମାନେ ସମସ୍ତେ ବିଭାଜନ ଓ ସୀମିତତାର ଶକ୍ତି । ଏବଂ ସେମାନଙ୍କ ନାମରୁ ଜଣାଯାଏ, ସେମାନେ ହେଉଛନ୍ତି ଆଚ୍ଛାଦକ, ବିଦାରକ, ଭକ୍ଷକ, ଅବରୋଧକ, ଦ୍ୱୈଧୀଭାବର ସ୍ରଷ୍ଟା, ବିଘ୍ନକାରୀ ଶକ୍ତିଗଣ, ସେମାନେ ସତ୍ତାର ନିରାବୃତ ଓ ଏକୀଭୂତ ପୂର୍ଣ୍ଣତା ବିରୋଧରେ କାର୍ଯ୍ୟ କରନ୍ତି । ଏମାନେ ହେଲେ — *ବୃତ୍ରଗଣ, ପଣିଗଣ, ଅତ୍ରିଗଣ, ରାକ୍ଷସଗଣ, ଶମ୍ବର, ବଳ, ନମୂଚି* ପ୍ରଭୃତି — ଏମାନେ ଦ୍ରାବିଡ଼ୀୟ ରାଜା ବା ଦ୍ରାବିଡ଼ୀୟ ଦେବଗଣ ନୁହନ୍ତି ଯଦିଓ ଆଧୁନିକ ମନ ତା'ର ଅତିରଞ୍ଜିତ ଐତିହାସିକ ଜ୍ଞାନରେ ଏପରି ହୋଇଥିବ ବୋଲି ଅନୁମାନ କରେ; ଆମ ପୂର୍ବପୁରୁଷମାନଙ୍କର ଧାର୍ମିକ ଓ ନୈତିକ ନିୟମବଦ୍ଧ କାର୍ଯ୍ୟାବଳି ସକାଶେ ଏଗୁଡ଼ିକ ହେଉଛନ୍ତି ଅଧିକ ଉପଯୋଗୀ ପ୍ରାଚୀନ ଧାରଣାର ସୂଚକ । ଉଚ୍ଚତର ଶ୍ରେୟଃ ଓ ନିମ୍ନତର କାମନା-ବାସନାର ଶକ୍ତିମାନଙ୍କ ମଧ୍ୟରେ ଚାଲିଥିବା ସଂଗ୍ରାମର ଏମାନେ ପ୍ରତୀକ ଅଟନ୍ତି, ଏବଂ ଋଗ୍‌ବେଦରେ ଏହି ବିଚାରଧାରା ଏବଂ ଜରୁଥ୍ରୁଷ୍ଟ ଧର୍ମଶାସ୍ତ୍ରରେ ଅପେକ୍ଷାକୃତ କମ୍ ଆତ୍ମିକ ସୂକ୍ଷ୍ମବିଚାର ଓ ଅଧିକ ପ୍ରତ୍ୟକ୍ଷ ନୈତିକତା ସହିତ ଶୁଭ ଓ ଅଶୁଭ ମଧ୍ୟରେ ଏହି ସମାନ ବିରୋଧିତା ଅନ୍ୟଭାବେ ପ୍ରକାଶିତ ହୋଇଛି, ଆମର ପ୍ରାଚୀନ ପ୍ରତିବେଶୀ ତଥା ଜ୍ଞାତିମାନେ ଏହି ଆର୍ଯ୍ୟ-ସଂସ୍କୃତିର ସାଧାରଣ ମୌଳିକ ଶୃଙ୍ଖଳାରୁ ସମ୍ଭବତଃ ପ୍ରସୃତ ହୋଇଥିଲେ ।

ଶେଷରେ ଦେଖିଲି ଯେ ବେଦର ପ୍ରଣାଳୀବଦ୍ଧ ପ୍ରତୀକବାଦହିଁ ଦେବତାମାନଙ୍କ ସମ୍ବନ୍ଧୀୟ ପୌରାଣିକ ଗାଥା ଓ ପ୍ରାଚୀନ ଋଷିମାନଙ୍କ ସହିତ ସେମାନଙ୍କ ସମ୍ବନ୍ଧ ମଧ୍ୟକୁ ସମ୍ପ୍ରସାରିତ ହୋଇଛି । ଏହି ଗାଥାମାନଙ୍କ ମଧ୍ୟରୁ, ସବୁର ନ ହେଲେ ବି କେତେକର,

ସମ୍ଭବତଃ ମୂଳ ଉତ୍ସ ଥିଲା ପ୍ରକୃତିଗତ ଓ ଜ୍ଯୋତିଷ-ଶାସ୍ତ୍ର-ସମ୍ବନ୍ଧୀୟ; କିନ୍ତୁ ଯଦି ତାହା ହୋଇଥାଏ ତେବେ ସେମାନଙ୍କର ମୂଳଭାବ ଏକ ଆତ୍ମିକ ପ୍ରତୀକାତ୍ମକତା ଦ୍ୱାରା ପୂର୍ତ୍ତି କରାଯାଇଥିଲା । ଥରେ ବୈଦିକ ପ୍ରତୀକବାଦର ଅର୍ଥ ଜଣାପଡ଼ିଗଲେ ତା'ପରେ ଏହି ପୁରାଣ-କଥାର ଆଧାତ୍ମିକ ତାତ୍ପର୍ଯ୍ୟ ସ୍ପଷ୍ଟ ଓ ଅନିବାର୍ଯ୍ୟ ହୋଇଯାଏ । ବେଦର ପ୍ରତ୍ୟେକ ଅଙ୍ଗ ଅନ୍ୟ ଅଙ୍ଗଗୁଡ଼ିକ ସହିତ ଅଚ୍ଛେଦ୍ୟ ଭାବେ ସମ୍ବନ୍ଧିତ ଏବଂ ଥରେ ଅର୍ଥନିରୂପଣର ଏକ ବିଶେଷ ନୀତିକୁ ଗ୍ରହଣ କରିନେଲେ ସେହି ରଚନାଗୁଡ଼ିକର ସ୍ୱକୀୟ ପ୍ରକୃତି ତା'ର ଯୌକ୍ତିକତାର ଶେଷସୀମା ପର୍ଯ୍ୟନ୍ତ ଅଗ୍ରସର ହେବାକୁ ବାଧ କରିଥାଏ । ଏକ ସୂକ୍ଷ୍ମ ହସ୍ତରେ ସେଗୁଡ଼ିକର ସାମଗ୍ରୀକୁ ନିପୁଣତାର ସହ ସମାୟୋଜିତ କରାଯାଇଛି, ଆମେ ସେମାନଙ୍କର ବିନିଯୋଗ କରିବା ବେଳେ ଯେକୌଣସି ଅସାମଞ୍ଜସ୍ୟ ସେମାନଙ୍କର ତାତ୍ପର୍ଯ୍ୟ ଓ ସୁସଂଗତ ଚିନ୍ତାର ଛନ୍ଦକୁ ନଷ୍ଟଭ୍ରଷ୍ଟ କରିଦିଏ ।

ଏହିଭଳି ଭାବେ, ଆଦି କାଳରେ ରଚିତ ଏହି ଋକ୍‌ଗୁଡ଼ିକ ଯେପରି ଭାବେ ଆବିର୍ଭୂତ ହୋଇଥିଲେ, ମୋ ମନରେ ସେହିପରି ଅଭିବ୍ୟକ୍ତ ହେଲେ; ବେଦ, ଯାହା ମହାନ୍ ଆଦିଧର୍ମର ପରମ ବିଚାରଗ୍ରନ୍ଥ, ତାହା ଅତି ଗମ୍ଭୀର ଆତ୍ମିକ ସାଧନାରେ ସଜ୍ଜିତ ହୋଇ ରହିଛି,— ଏହା ଏପରି ଏକ ପରମ ଜ୍ଞାନଗ୍ରନ୍ଥ ଯାହାର ଚିନ୍ତା ଭ୍ରାନ୍ତ ନୁହେଁ କିଂବା ଏହାର ସାରତତ୍ତ୍ୱ ଏକ ଅବିକଶିତ ଅବସ୍ଥାର ନୁହେଁ, ଏହା କୌଣସି ପରସ୍ପର ବିରୁଦ୍ଧ ବା ବାର୍ବରିକ ଉପାଦାନଗୁଡ଼ିକର ଏକ ଅପମିଶ୍ରଣ ନୁହେଁ, ପରନ୍ତୁ ଏହା ସମଗ୍ରଭାବେ ଏକ, ନିଜ ସଂକଳ୍ପ ଓ ଅଭିପ୍ରାୟରେ ପୂର୍ଣ୍ଣ ଓ ଆତ୍ମସଚେତନ, ଅନ୍ୟ ଏକ ଓ ଭୌତିକ ଅର୍ଥର ଆଚ୍ଛାଦନରେ ଅବଗୁଣ୍ଠିତ,— କେବେ ଏହି ଆଚ୍ଛାଦନଟି ବହଳ ତ କେବେ ପୁଣି ସ୍ୱଚ୍ଛ,— ତଥାପି କ୍ଷଣକ ପାଇଁ ବି ନିଜର ଉଚ୍ଚ ଆଧାତ୍ମିକ ଲକ୍ଷ୍ୟ ଓ ପ୍ରବୃତ୍ତିରୁ ଦୃଷ୍ଟି ହଟାଇ ନାହିଁ ।

ପଞ୍ଚମ ଅଧ୍ୟାୟ

ବେଦର ଭାଷାତାତ୍ତ୍ୱିକ ପଦ୍ଧତି

ସବଳ ଓ ସୁରକ୍ଷିତ ଭାଷାବିଜ୍ଞାନ ଉପରେ ବେଦଭାଷ୍ୟ ଆଧାରିତ ନ ହେଲେ ତାହା ସାରବାନ୍ ହେବ ନାହିଁ; ଅପର ପକ୍ଷେ, ଅବୋଧ-ଅର୍ଥବାନ୍ ତଥା ଅତି ପ୍ରାଚୀନ ଭାଷାର ଏକମାତ୍ର ଅବଶିଷ୍ଟ ପ୍ରାମାଣିକ ନଥିରୂପକ ଏହି ଜ୍ଞାନଗ୍ରନ୍ଥଟି ଏକ ବିଶେଷ ଭାଷାବୈଜ୍ଞାନିକ ସଂକଟ ଆଣି ଉପାସ୍ଥାପନ କରେ, ଭାରତୀୟ ପଣ୍ଡିତମାନଙ୍କର ପାରମ୍ପରିକ ତଥା ଅଧିକାଂଶତଃ କଳ୍ପନାପ୍ରସୂତ ଅର୍ଥ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା ଯେକୌଣସି ସମୀକ୍ଷକ ପାଇଁ ଅସମ୍ଭବ । ଆଧୁନିକ ଭାଷା-ବିଜ୍ଞାନ ଅଧିକ ଦୃଢ଼ ଓ ବିଜ୍ଞାନସମ୍ମତ ଭିତ୍ତି ଗଠନ ନିମନ୍ତେ ଉଦ୍ୟମ କରୁଛି, କିନ୍ତୁ ଏ ପର୍ଯ୍ୟନ୍ତ ସଫଳ ହୋଇ ନାହିଁ ।

ବେଦର ଆତ୍ମିକ ବ୍ୟାଖ୍ୟାରେ ପ୍ରଧାନତଃ ଦୁଇଟି କାଠିନ୍ୟ ରହିଛି, ଯାହାକି କେବଳ ସନ୍ତୋଷଜନକ ଭାଷାତାତ୍ତ୍ୱିକ ବ୍ୟୁତ୍ପତ୍ତି ଦ୍ୱାରା ସମାହିତ ହୋଇପାରେ । ଏଇପରି ଧାରାରେ ବ୍ୟାଖ୍ୟାଟିକୁ ସାମ୍ପାଦନ କରିବାକୁ ହେଲେ ବେଦର ବହୁସଂଖ୍ୟକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାତ୍ମକ ପରିଭାଷାର ଅନେକ ନୂତନ ଅର୍ଥ ସ୍ୱୀକାର କରିବାକୁ ହେବ,— ଉଦାହରଣ ସ୍ୱରୂପ **ଉତି, ଅବସ୍ ଓ ବୟସ୍** । ଆମେ ଯଥାର୍ଥ ରୂପେ ଦାବି କରିପାରୁ ଯେ ଏହି ନୂତନ ଅର୍ଥ ନିଷ୍ପାଦନହିଁ ଏକ ପରୀକ୍ଷାକୁ ସଫଳରୂପେ ସମ୍ମୁଖୀନ ହୋଇପାରେ; ପ୍ରତ୍ୟେକ ପ୍ରସଙ୍ଗରେ ସେଗୁଡ଼ିକ ଖାପ ଖାଇପାରେ, ଅର୍ଥକୁ ସ୍ପଷ୍ଟ କରିଦିଏ ଏବଂ ବେଦ ପରି ଏକ ସୁବିହିତ ଅବୟବ ବିଶିଷ୍ଟ ଗ୍ରନ୍ଥରେ ଗୋଟିଏ ଶବ୍ଦର ବିଭିନ୍ନ ଅର୍ଥ ଦେବାର ଆବଶ୍ୟକତାରୁ ଆମକୁ ମୁକ୍ତି ଦିଏ । ପରନ୍ତୁ ଏହି ପରୀକ୍ଷା ଯଥେଷ୍ଟ ନୁହେଁ । ଏହା ସହିତ ଭାଷାତତ୍ତ୍ୱର ଏପରି ଏକ ଭିତ୍ତି ଆବଶ୍ୟକ, ଯାହା ନୂତନ ଅର୍ଥର ସ୍ପଷ୍ଟୀକରଣ କେବଳ ଯେ ଦେବ ସେତିକି ନୁହେଁ ବରଂ ଏକା ଶବ୍ଦର କିପରି ଏତେଗୁଡ଼ିଏ ବିଭିନ୍ନ ଅର୍ଥ ସମ୍ଭବ ହୋଇଛି, ଆତ୍ମିକ ତାତ୍ପର୍ଯ୍ୟାର୍ଥ ନିଷ୍ପାଦନରେ ଏଥିରେ ଯେଉଁ ଅର୍ଥ ସଂଶ୍ଳିଷ୍ଟ, ପ୍ରାଚୀନ ବୈୟାକରଣମାନେ ଏହାର ଯେଉଁ ଅର୍ଥ ନିର୍ଣ୍ଣୟ କରିଛନ୍ତି ଏବଂ ପରବର୍ତ୍ତୀ ସଂସ୍କୃତ ଭାଷାରେ ଏଥି ମଧ୍ୟରୁ ଯଦି କୌଣସି ଅର୍ଥ ରହିଥାଏ, ଏ ସମସ୍ତର ସ୍ପଷ୍ଟ ଉତ୍ତର ଦେବାକୁ ଏହା ସମର୍ଥ ହେବ । କିନ୍ତୁ ବର୍ତ୍ତମାନ ଆମକୁ ଯେତିକି ଜ୍ଞାନ ମିଳିଛି, ଆମର ଭାଷାବୈଜ୍ଞାନିକ ନିଷ୍ପତ୍ତି ନିମନ୍ତେ ତା' ଅପେକ୍ଷା ଅଧିକ ବିଜ୍ଞାନସମ୍ମତ ଏକ ଭିତ୍ତି ଯଦି ଆମକୁ ନ ମିଳେ, ତେବେ ସହଜରେ ଏହା କରିବା ସମ୍ଭବ ହେବ ନାହିଁ ।

ଦ୍ୱିତୀୟତଃ ଆମ୍ନିକ ଅର୍ଥନିର୍ଣ୍ଣୟ ଅଧିକାଂଶ ସମୟରେ ପ୍ରଧାନ ଶବ୍ଦଗୁଡ଼ିକର ଦ୍ୱିବିଧାର୍ଥ-ପ୍ରୟୋଗ ଉପରେ ନିର୍ଭର କରେ, ଯେଉଁଗୁଡ଼ିକ କି ଗୁହ୍ୟବିଦ୍ୟାରେ ବୀଜଶବ୍ଦ । ଏହି ଭାଷାଳଙ୍କାରଟି ସଂସ୍କୃତ ସାହିତ୍ୟରେ ଚିରାଚରିତ ଭାବେ ପ୍ରଯୁକ୍ତ ଏବଂ ପରବର୍ତ୍ତୀ କାଳର ସର୍ବମାନ୍ୟ ଗ୍ରନ୍ଥମାନଙ୍କରେ ସମୟେ ସମୟେ ଅତିରିକ୍ତ ରଚନା-କୌଶଳ ସହିତ ମଧ୍ୟ ପ୍ରଯୁକ୍ତ ହୋଇଛି; ଏହାକୁ **ଶ୍ଳେଷ** ବା ଦ୍ୱ୍ୟର୍ଥକ ଅଳଂକାର କୁହାଯାଏ । କିନ୍ତୁ ଏହାର କୃତ୍ରିମତା ଆମକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ କରିଦିଏ ଯେ ଏହି କାବ୍ୟିକ କୌଶଳଟି ନିଶ୍ଚୟ ପରବର୍ତ୍ତୀ ତଥା ଅନ୍ୟ ଏକ ଆଧୁନିକତମ ସଂସ୍କୃତିର ଅନ୍ତର୍ଗତ ଥିଲା । ଗୋଟିଏ ଅତି ପ୍ରାଚୀନ ଗ୍ରନ୍ଥରେ ଏହି ଅଳଂକାରର ନିରନ୍ତର ଉପସ୍ଥିତିର କାରଣ ସମ୍ବନ୍ଧରେ କ'ଣ ସ୍ପଷ୍ଟୀକରଣ ଦିଆଯାଇପାରେ ? ଆଉ ମଧ୍ୟ ବୈଦିକ ଭାଷା-ପ୍ରୟୋଗରେ ଏହାରିହିଁ ବିଶେଷ ଧରଣର ବହୁଳ ବ୍ୟବହାର ଦେଖାଯାଏ, ଗୋଟିଏ ଶବ୍ଦର ଯେତେଗୁଡ଼ିଏ ଅର୍ଥ ସମ୍ଭବ ହୋଇପାରେ ସେସବୁକୁ ଭରିଦେବା ନିମନ୍ତେ ସଂସ୍କୃତ ଧାତୁମାନଙ୍କର ''ଅନେକାର୍ଥକତା''କୁ ଇଚ୍ଛାକୃତ ଭାବେ ପ୍ରୟୋଗ କରାଯାଇଛି, ଏହାରି ଯୋଗୁଁହିଁ ଆମ ଆଖିପଡ଼ିବା ମାତ୍ରେ ସମସ୍ୟାଟିର କାଠିନ୍ୟ ଅସାଧାରଣ ଭାବେ ବୃଦ୍ଧିପାଏ । ଉଦାହରଣ ସ୍ୱରୂପ ଅଶ୍ୱ ଶବ୍ଦ, ଏହା ସାଧାରଣତଃ ଘୋଟକ ଅର୍ଥସୂଚକ, ବେଦରେ ଏହା ପ୍ରାଣ ଅର୍ଥରେ, ସ୍ନାୟବିକ ଶକ୍ତି, ଶ୍ୱାସବାୟୁ, ଅର୍ଦ୍ଧପ୍ରାଣିକ-ଅର୍ଦ୍ଧମାନସିକ କ୍ରିୟାମ୍ନିକା ଶକ୍ତିର ପ୍ରତୀକ ରୂପେ ବ୍ୟବହୃତ ହୋଇଛି ଯାହାକି ମନ ଓ ଜଡ଼କୁ ସଂଯୋଜିତ କରେ । ଏହାର ଧାତୁ ଅନ୍ୟ ଅର୍ଥମାନଙ୍କ ସହ ପ୍ରାଣିକ ପ୍ରବେଗ, ଶକ୍ତି, ଅଧିକାର, ଭୋଗ ଇତ୍ୟାଦି ଭାବର ଅର୍ଥ ବୁଝାଇବାକୁ ସମର୍ଥ ଏବଂ ପ୍ରାଣିକ ଶକ୍ତିର ମୂଳପ୍ରବୃତ୍ତିଗୁଡ଼ିକୁ ସୂଚିତ କରିବା ନିମନ୍ତେ ଏହି ସମସ୍ତ ଅର୍ଥ ଜୀବନ-ଅଶ୍ୱର ଚିତ୍ର ମଧ୍ୟରେ ସନ୍ନିବେଶିତ ହୋଇଥିବାର ଦେଖିବାକୁ ମିଳେ । ପୂର୍ବଜ ଆର୍ଯ୍ୟମାନଙ୍କର ଭାଷା ଯଦି ଆମ ଆଧୁନିକ ଭାଷାର ନିୟମଗୁଡ଼ିକ ମାନି ଚଳୁଥାଆନ୍ତା ବା ଭାଷାବିକାଶର ସମାନ ସ୍ତରରେ ଥା'ନ୍ତା, ତେବେ ଭାଷାର ଏ ପ୍ରକାର ବ୍ୟବହାର ସମ୍ଭବ ହୋଇ ନ ଥା'ନ୍ତା । କିନ୍ତୁ ପ୍ରାଚୀନ ଆର୍ଯ୍ୟଭାଷା ବୈଦିକ ଋଷିମାନଙ୍କ ଦ୍ୱାରା ଯେପରି ବ୍ୟବହୃତ ହୋଇଛି, ଆମେ ଯଦି ଅନୁମାନ କରୁଥାଉ ଯେ ସେଥିରେ କିଛି ବିଶେଷତ୍ୱ ରହିଛି ବୋଲି, ଯଦ୍ଦ୍ୱାରା ଶବ୍ଦଗୁଡ଼ିକ ଥିଲେ ଅଧିକ ଜୀବନ୍ତ, ପାରମ୍ପରିକ ଧାରଣାମାନଙ୍କର କେବଳ ପ୍ରତୀକ ମାତ୍ର ନୁହେଁ, ସେଗୁଡ଼ିକ ପରବର୍ତ୍ତୀ କାଳରେ ବ୍ୟବହୃତ ଆମ ଭାଷାଠାରୁ ଅଧିକ ସ୍ୱଚ୍ଛନ୍ଦଭାବରେ ଅର୍ଥରୁ ଅର୍ଥାନ୍ତରକୁ ଗତିକରି ପାରୁଥିଲେ, ତେବେ ଆମେ ଦେଖିବାକୁ ପାଇବା ଯେ ଏଇ ଶବ୍ଦତନ୍ତୁଗୁଡ଼ିକ ଏହାର ବିନ୍ୟାସକାରୀଠାରେ କଦାପି କୃତ୍ରିମ ବା ଜବରଦସ୍ତି ଯୋଡ଼ା-ଯୋଡ଼ି ହୋଇଥିବା ଭଳି ନ ଥିଲେ, ପରନ୍ତୁ ଅନ୍ୟ ପକ୍ଷରେ ଏଗୁଡ଼ିକ ଥିଲେ ସାଧାରଣ ବ୍ୟକ୍ତି ବୁଝିପାରୁ ନ ଥିବା ଆମ୍ନିକ ଧାରଣାଗୁଡ଼ିକୁ ବ୍ୟକ୍ତ କରିବାକୁ ଉତ୍ସୁକ ମଣିଷମାନଙ୍କଠାରେ ଆପେ ନିଜକୁ

ବ୍ୟକ୍ତ କରୁଥିବା ଏକ ସଙ୍ଗେ ନୂତନ, ସଂକ୍ଷିପ୍ତ ଓ ପର୍ଯ୍ୟାପ୍ତ ସୂତ୍ର ବାକ୍ୟ । ଏବଂ ସୂକ୍ତଗୁଡ଼ିକରେ ନିହିତ ଅର୍ଥକୁ ଅପକ୍ୱ ବୁଦ୍ଧିଧାରୀ ମଣିଷଙ୍କଠାରୁ ଗୁପ୍ତ କରି ରଖିବାକୁ ଏହା ଉଦ୍ଦିଷ୍ଟ ଥିଲା । ମୋର ବିଶ୍ୱାସ, ଏହାହିଁ ଯଥାର୍ଥ ଉତ୍ତର; ମୋର ମନେହୁଏ, ଆର୍ଯ୍ୟ ଭାଷା ବିକାଶର ଗବେଷଣା ଦ୍ୱାରା ଏକଥା ପ୍ରମାଣ କରିହେବ ଯେ ଏହି ଭାଷା ପ୍ରକୃତରେ ଏପରି ଏକ ଅବସ୍ଥା ମଧ୍ୟଦେଇ ଆସିଛି ଯେଉଁଗୁଡ଼ିକର ଲୌକିକ ବ୍ୟବହାରରେ ରହିଛି ସରଳ, ନିର୍ଦ୍ଦିଷ୍ଟ ଓ ଭୌତିକ ଅର୍ଥ ଏବଂ ଅନ୍ୟପକ୍ଷରେ ରହସ୍ୟମୟ ଓ ତାତ୍ତ୍ୱିକ ପ୍ରୟୋଗ ପାଇଁ ସେଗୁଡ଼ିକ ବିଶେଷ ଅନୁକୂଳ ।

ପୂର୍ବରୁ ମୁଁ କହିଛି, ତାମିଳ ଶବ୍ଦମାନଙ୍କର ପ୍ରାଥମିକ ଗବେଷଣାରୁ ମୁଁ ପ୍ରାଚୀନ ସଂସ୍କୃତ ଭାଷାର ମୂଳ ଓ ତା'ର ଗଠନର ସୂଚନା ପାଇଥିଲି; ଏଇ ସୂତ୍ର ଅନୁସରଣ କରି ମୁଁ ଏତେଦୂର ଅଗ୍ରସର ହୋଇଗଲି ଯେ ଆର୍ଯ୍ୟ ଓ ଦ୍ରାବିଡ଼ ଭାଷାର ସମ୍ବନ୍ଧ ଅନ୍ୱେଷଣରୂପକ ମୋର ଅତି ଆଗ୍ରହର ବିଷୟଟିକୁ ମୁଁ ଭୁଲିଗଲି ଏବଂ ସ୍ୱୟଂ ମାନବ-ଭାଷାର ଉତ୍ସ ଓ ବିକାଶର ପଦ୍ଧତି ଭଳି ତତୋଽଧିକ ଚିତ୍ତାକର୍ଷକ ବିଷୟର ଗବେଷଣାରେ ମଗ୍ନ ହୋଇଗଲି । ମୋତେ ଲାଗେ ଯେ ଭାଷା-ବିଜ୍ଞାନୀମାନଙ୍କର ସେଇ ତଥାକଥିତ ବିଷୟକୁ ନେଇ ବ୍ୟାପୃତ ରହିବା ଅପେକ୍ଷା ଏହି ମହାନ୍ ତତ୍ତ୍ୱାନ୍ୱେଷଣର କାର୍ଯ୍ୟଟି ଯେକୌଣସି ଯଥାର୍ଥ ଭାଷା-ବିଜ୍ଞାନର ପ୍ରଥମ ତଥା କେନ୍ଦ୍ରୀୟ ଲକ୍ଷ୍ୟ ହେବା ଉଚିତ ।

ଆଧୁନିକ ଭାଷା-ବିଜ୍ଞାନ ଜନ୍ମନେବା ସମୟରେ ସେଥିପ୍ରତି ପ୍ରଥମେ ଯେଉଁସବୁ ଆଶା ରଖାଯାଇଥିଲା ତାହା ବିଫଳ ହେବାରୁ, ତାହାର ଫଳମାନ ଅତି ସାମାନ୍ୟ ହୋଇଥିବାରୁ ଓ ତାହାର ସ୍ୱଭାବ ଏକ ''ତୁଚ୍ଛ ଅନୁମାନଧର୍ମୀ ବିଜ୍ଞାନ''ରେ ପର୍ଯ୍ୟବସିତ ହେବାରୁ ଭାଷାବିଜ୍ଞାନର ବିଚାର ଏବେ ଉପେକ୍ଷିତ ହୋଇଛି ଏବଂ ଅତି ସାମାନ୍ୟ ଯୁକ୍ତିକୁ ଭିତ୍ତି କରିଥିବାରୁ ତା'ର ସମ୍ଭାବନା ମଧ୍ୟ ସମ୍ପୂର୍ଣ୍ଣ ଅସ୍ୱୀକୃତ ହୋଇଛି । ଏହାକୁ ଯେ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯିବ, ଏଥିରେ ସହମତ ହେବା ଅସମ୍ଭବ ବୋଲି ମୋର ମନେ ହୁଏ । ଆଧୁନିକ ବିଜ୍ଞାନ ଯଦି କୌଣସି ବିଷୟରେ ସଗର୍ବେ ପ୍ରତିଷ୍ଠା ଅର୍ଜନ କରିଥାଏ, ତାହା ହେଉଛି ସମସ୍ତ ପାର୍ଥିବବସ୍ତୁର ଇତିହାସରେ କ୍ରମବିବର୍ତ୍ତନର ନିୟମ ଓ ପଦ୍ଧତିର ରାଜତ୍ୱକୁ ସେ ଫେରାଇ ଆଣିପାରିଛି । ଭାଷାର ଗଭୀରତର ସ୍ୱଭାବ ଯା'ହେଉ ପଛେ, ମାନବୀୟ ଭାଷାରୂପେ ତା'ର ବାହ୍ୟ ରୂପ ଓ ବିକାଶ କ୍ଷେତ୍ରରେ ଏହା ଏକ ଜୀବନ୍ତ ବସ୍ତୁ, ଏକ ସଂବୃଦ୍ଧି ଓ ଜାଗତିକ କ୍ରମବିକାଶ । ଅବଶ୍ୟ ଏହା ଭିତରେ ଏକ ଅବିରଳ ଆତ୍ମିକ ଉପାଦାନ ରହିଛି, ସେହି କାରଣରୁ ଏହା ସମ୍ପୂର୍ଣ୍ଣ ଭୌତିକ ସର୍ଜନା ଅପେକ୍ଷା ଅଧିକ ସ୍ୱଚ୍ଛନ୍ଦ, ନମନୀୟ ଓ ପରିସ୍ଥିତି ସହ ସଚେତନ ଭାବେ ସମାନୁକୂଳ; ଏହାର ରହସ୍ୟ ଭେଦ କରିବା ବି ଆହୁରି କଠିନ, ବିଶ୍ଳେଷଣ ପାଇଁ ଏହାର ଉପାଦାନଗୁଡ଼ିକ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଓ କମ୍

ତୀକ୍ଷ୍ଣ ପ୍ରଣାଳୀ ଆବଶ୍ୟକ କରନ୍ତି । କିନ୍ତୁ ମାନସିକ ବସ୍ତୁରେ ଯେଉଁ ନିୟମ ଓ ପ୍ରକ୍ରିୟା ଥାଏ, ତାହା ଭୌତିକ ବସ୍ତୁର ଅସ୍ଥିରତା ଓ ପରିବର୍ତ୍ତନଶୀଳତାଠାରୁ କିଛି କମ୍ ନୁହେଁ, ଯଦିବା ବାହ୍ୟତଃ ଏଥିରେ ତାହା ଅଧିକ ଦୃଶ୍ୟମାନ ହୋଇଥାଏ । ଭାଷାର ଉତ୍ପତ୍ତି ଓ ବିକାଶ ନିଶ୍ଚିତ ଭାବରେ ବିଧି ଓ ପଦ୍ଧତି ଦ୍ୱାରା ନିୟନ୍ତ୍ରିତ ହୋଇଥିବ । ଏଣୁ ଆବଶ୍ୟକ ସମ୍ପର୍କ ସୂତ୍ର ଓ ଯଥେଷ୍ଟ ଉପାଦାନ ମିଳିଲେ ଏସବୁକୁ ଆବିଷ୍କାର କରିବା ସମ୍ଭବ ହେବ । ମୋର ମନେହୁଏ ସଂସ୍କୃତ ଭାଷାରେ ଏ ସୂତ୍ର ନିଶ୍ଚୟ ମିଳିବ, କାରଣ ଏଥିରେ ଗବେଷଣା ନିମନ୍ତେ ଆବଶ୍ୟକ ଉପାଦାନ ପ୍ରସ୍ତୁତ ହୋଇ ରହିଛି ।

ଭାଷା ବିଜ୍ଞାନର ଯେଉଁ ତ୍ରୁଟି ଏ ଦିଗରେ ଅଧିକ ସନ୍ତୋଷଜନକ ଫଳାଫଳରେ ବାଧକ ହୋଇଛି ତା' ହେଲା, ଭାଷାର ବାହ୍ୟଶବ୍ଦରୂପ-ବିଜ୍ଞାନ ମାଧ୍ୟମରେ ଶବ୍ଦାର୍ଥ ନିରୂପଣରେ ଏବଂ ଏହାର ଆତ୍ମିକ ଅଂଶଗୁଡ଼ିକରେ ମଧ୍ୟ ସେହି ସମାନ ଭାବରେ ସିଦ୍ଧପଦମାନଙ୍କର ବାହ୍ୟ ସଂଯୋଜନାଗୁଡ଼ିକ ସହ ଓ ସଜାତୀୟ ଭାଷାମାନଙ୍କରେ ଥିବା ବିଭକ୍ତି-ପ୍ରତ୍ୟୟଗୁଡ଼ିକୁ ନେଇ ସର୍ବଦା ବ୍ୟାପୃତ ରହିବା । କିନ୍ତୁ ବିଜ୍ଞାନର ପ୍ରକୃତ ପଦ୍ଧତିଟି ହେଲା ବିଷୟର ମୂଳକୁ, ତା'ର ଆଦିତତ୍ତ୍ୱ ମଧ୍ୟକୁ ତଥା ମୂଳ ଉପାଦାନ ଓ ସୁଗୁପ୍ତ ବିଧାନ ମଧ୍ୟରେ ଆସି ପହଞ୍ଚିବା । ସ୍ଥୂଳ ପ୍ରକ୍ରିୟାରୁ କେବଳ ସ୍ଥୂଳ ଓ ଉପରଠାଉରିଆ ଫଳହିଁ ମିଳେ । ବସ୍ତୁଗୁଡ଼ିକର ବାସ୍ତବ ସତ୍ୟସ୍ୱରୂପ ଗଭୀରତାକୁ ସର୍ବୋତ୍ତମ ରୂପେ ଆବିଷ୍କାର କରିବାର ମାଧ୍ୟମ ହେଉଛି ବାହ୍ୟ ଘଟଣା ଦ୍ୱାରା ଲୁଚ୍ଛାୟିତ ବିଷୟର ଗଭୀରକୁ ପ୍ରବେଶ କରିବା, ଆହୁରି ମଧ୍ୟ ଅତୀତର ସେହି ବିକାଶ ମଧ୍ୟକୁ ପ୍ରବେଶ କରିବା ଯାହାର ସୁସିଦ୍ଧରୂପଗୁଡ଼ିକ କେବଳ ପ୍ରଚ୍ଛନ୍ନ ତଥା ବିକ୍ଷିପ୍ତ ସୂଚନାଗୁଡ଼ିକୁ ଉପସ୍ଥାପନ କରନ୍ତି, ଅଥବା ସେହି ସମ୍ଭାବନା ମଧ୍ୟକୁ ପ୍ରବେଶ କରିବା ଯାହା ମଧ୍ୟରୁ ଆସୁଥିବା ଆମ ଦେଖା ବାସ୍ତବତା ହେଉଛି କେବଳ ଏକ ସଂକୀର୍ଣ୍ଣ ଚୟନ । ମାନୁଷୀ ଭାଷାର ପ୍ରାଚୀନ ରୂପଗୁଡ଼ିକ ପ୍ରତି ତଦନୁରୂପ ଏକ ପ୍ରଣାଳୀ ପ୍ରୟୋଗ କଲେ ଆମେ ଏକ ଯଥାର୍ଥ ଭାଷାବିଜ୍ଞାନ ପାଇପାରିବା ।

ଉକ୍ତ ବିଷୟ ନେଇ ପ୍ରୟାସ କରିଥିବା ମୋର କାର୍ଯ୍ୟର ଫଳକୁ ଏଠାରେ ସ୍ୱୟଂସଂକ୍ଷିପ୍ତ ତଥା ଅନ୍ୟ ଏକ ଅଭିପ୍ରାୟକୁ ନେଇ ରଚିତ ଏଇ ପ୍ରବନ୍ଧମାଳାରେ ବ୍ୟକ୍ତ କରିବା ଏକେବାରେ ଅସମ୍ଭବ ।[୧] ତେଣୁ ମୁଁ ବୈଦିକ ତତ୍ତ୍ୱ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ଥିବା ଗୋଟିଏ ବା ଦୁଇଟି କଥାର ସଂକ୍ଷିପ୍ତ ସୂଚନା ଏଠାରେ ଦେବି ଏବଂ ସେଗୁଡ଼ିକୁ ଏଠାରେ ଉଲ୍ଲେଖ କରିବାରେ ମୋର ଏକମାତ୍ର ଅଭିପ୍ରାୟ ହେଉଛି, ମୋର ପାଠକମାନେ ଏପରି ମନେ ନ କରନ୍ତୁ ଯେ

---

୧ ଏ ବିଷୟ ନେଇ ପରିଚର୍ଚ୍ଚା କରିବା ପାଇଁ ଅନ୍ୟ ଏକ ଲେଖା ଲେଖିବାର ମୋର ଏକ ଯୋଜନା ଅଛି – "The Origins of Aryan Speech"(ଆର୍ଯ୍ୟ ଭାଷାର ମୂଳ ଉତ୍ସ) । (The Complete Works of Sri Aurobindo, Vol. 14)

କେତେକ ବୈଦିକ ଶବ୍ଦର ଗୃହୀତ ଅର୍ଥକୁ ସ୍ୱୀକାର ନ କରି ମୁଁ ବୁଦ୍ଧିକୌଶଳପୂର୍ଣ୍ଣ ଅନୁମାନର ସ୍ୱାଧୀନତାକୁ ଉପଭୋଗ କରିବାର ସୁଯୋଗ ନେଉଛି ଯାହାକି ଆଧୁନିକ ଭାଷାବିଜ୍ଞାନର ଯୁଗପତ୍ ମହା ଆକର୍ଷଣ ଓ ସବୁଠାରୁ ଉଦ୍‌ବେଗଜନକ ଦୁର୍ବଳତା ମଧ୍ୟରୁ ଗୋଟିଏ ।

ମୋର ଅନୁସନ୍ଧିତ୍ସା ପ୍ରଥମେ ମୋତେ ଏହି ପ୍ରତ୍ୟୟ ଆଣିଦେଲା ଯେ ଶବ୍ଦଗୁଡ଼ିକ କୃତ୍ରିମଭାବେ ନିର୍ମିତ ବସ୍ତୁ ନୁହନ୍ତି, ପରନ୍ତୁ ପାଦପ ଓ ପଶୁମାନଙ୍କ ଭଳି ବିକଶମାନ ନିର୍ଦ୍ଦିଷ୍ଟ ବୀଜଧ୍ୱନିକୁ ଆଧାର କରିଥିବା ଧ୍ୱନିର ଜୀବନ୍ତ ଅଭିବୃଦ୍ଧି । ସେହି ବୀଜଧ୍ୱନିମାନଙ୍କ ମଧ୍ୟରୁ ଅଳ୍ପକେତେକ ପ୍ରାରମ୍ଭିକ ମୂଳଶବ୍ଦ ନିଜ ନିଜର ଅନେକ ସନ୍ତାନ-ସନ୍ତତି ସହ ବିକଶିତ ହୁଅନ୍ତି । ସେମାନଙ୍କର ପୁଣି ଧାରାବାହିକ ଉତ୍ତର ପୁରୁଷ ଆସନ୍ତି ଓ ସେମାନେ ନିଜର ଗୋଷ୍ଠୀ, ବଂଶ, ପରିବାର ଓ ନିର୍ବାଚିତ ଗଣରେ ନିଜକୁ ବ୍ୟବସ୍ଥିତ କରନ୍ତି ଏବଂ ପ୍ରତ୍ୟେକର ଥାଏ ଏକ ସାଧାରଣ ଶବ୍ଦଭଣ୍ଡାର ଓ ଏକ ସାଧାରଣ ମନସ୍ତାତ୍ତ୍ୱିକ ଇତିହାସ । କାରଣ, ଭାଷାବିକାଶର ଅଧିଷ୍ଠାପକ ତତ୍ତ୍ୱ ହେଉଛି ସଂଯୋଜନା — କେତେକ ସାଧାରଣ ପ୍ରତୀକାର୍ଥ ବା, ବରଂ କୁହାଯାଇପାରେ କେତେକ ବ୍ୟବହାରିକ ଉପଯୋଗିତା ଏବଂ ଉଚ୍ଚାରଣଗତ ଧ୍ୱନି ସହ ନିହିତ ଏକ ସଂଗତ ଅର୍ଥ ଯାହା ଆଦିମ ମନୁଷ୍ୟର ସ୍ନାୟୁକେନ୍ଦ୍ରିତ ମନ ଦ୍ୱାରା ଗଢ଼ି ଉଠିଥିଲା । ସଂଯୋଜନାର ଏହି ପଦ୍ଧତି କୌଣସି ଅର୍ଥରେ କୃତ୍ରିମ ନ ଥିଲା, ବରଂ ତାହା ଥିଲା ସ୍ୱାଭାବିକ ସରଳ ଓ ନିର୍ଦ୍ଧାରିତ ମନସ୍ତାତ୍ତ୍ୱିକ ନିୟମ ଦ୍ୱାରା ନିୟନ୍ତ୍ରିତ ।

ଆମେ ଯାହାକୁ ଶବ୍ଦାର୍ଥ ବୋଲି କହୁ ତାହାକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ ଭାଷା ଧ୍ୱନିଗୁଡ଼ିକ ନିଜ ପ୍ରାରମ୍ଭିକ ଅବସ୍ଥାରେ ବ୍ୟବହୃତ ହେଉ ନ ଥିଲେ, ବରଂ ସେଗୁଡ଼ିକ ଥିଲେ କେତେକ ସାଧାରଣ ଇନ୍ଦ୍ରିୟାନୁଭୂତିର ଓ ଭାବାବେଗିକ ମୂଲ୍ୟନିହିତ ସମଧର୍ମୀ ଶବ୍ଦରାଜି । ମନୁଷ୍ୟର ବୁଦ୍ଧି ନୁହେଁ, ବରଂ ଇନ୍ଦ୍ରିୟଜ୍ଞାନହିଁ ଭାଷାରଚନା କରିଥିଲା । ବୈଦିକ ପ୍ରତୀକ ବ୍ୟବହାର କରି କହିହେବ : ଅଗ୍ନି ଓ ବାୟୁ ମାନବୀୟ ଭାଷାର ଆଦ୍ୟ ଶିଳ୍ପୀ ଥିଲେ; ଇନ୍ଦ୍ର ନୁହନ୍ତି । ପ୍ରାଣ ଓ ଇନ୍ଦ୍ରିୟଗତ କାର୍ଯ୍ୟାବଳିରୁ ମନର ସମୁତ୍ଥାନ ଘଟିଛି; ଇନ୍ଦ୍ରିୟସଂଯୋଗ ଓ ଇନ୍ଦ୍ରିୟଗତ ପ୍ରତିକ୍ରିୟାକୁ ଭିତ୍ତି କରି ମଣିଷ ଭିତରେ ବୁଦ୍ଧି ନିଜକୁ ଗଠନ କରିଛି । ଏକ ଅନୁରୂପ ପ୍ରଣାଳୀ ଦ୍ୱାରା ଭାଷାର ବୌଦ୍ଧିକ ବ୍ୟବହାର ମଧ୍ୟ ଇନ୍ଦ୍ରିୟଗତ ଆବେଗାତ୍ମକ ମନରୁ ନିଷ୍ପନ୍ନ ଏକ ସ୍ୱାଭାବିକ ବିଧାନ ଅନୁସାରେ ବିକଶିତ ହୋଇଛି । ଶବ୍ଦରାଜି, ଯାହା ମୂଳତଃ ଥିଲେ ଅସ୍ପଷ୍ଟ ଇନ୍ଦ୍ରିୟାନୁଭବଜାତ ଅର୍ଥରେ ପୂର୍ଣ୍ଣ ପ୍ରାଣିକ ନିଃସରଣ, ସେଗୁଡ଼ିକ କ୍ରମେ ବୁଦ୍ଧିସମ୍ମତ ଅର୍ଥର ନିର୍ଦ୍ଦିଷ୍ଟ ପ୍ରତୀକରୂପେ ବିକଶିତ ହୋଇଛନ୍ତି ।

ଫଳସ୍ୱରୂପ, ପ୍ରଥମେ କୌଣସି ଶବ୍ଦ ଏକ ନିର୍ଦ୍ଦିଷ୍ଟ ଅର୍ଥ ସହିତ ସଂଯୁକ୍ତ ନ ଥିଲା । ସେମାନଙ୍କର ଏକ ସାଧାରଣ ସ୍ୱଭାବ ବା ଗୁଣ ଥିଲା, ସେମାନଙ୍କର ନାନା ପ୍ରୟୋଗ-ସାମର୍ଥ୍ୟ ଥିବା ହେତୁ ବହୁ ସଂଖ୍ୟକ ସମ୍ଭାବ୍ୟ ନିହିତାର୍ଥ ମଧ୍ୟ ଥିଲେ । ଏବଂ ଏହି ଗୁଣ ଓ

ଏହାର ଫଳମାନ ଅନେକ ସଦୃଶ ପଦ ସହିତ ମିଶି ବ୍ୟବହୃତ ହେଲେ । ଅତଏବ ପ୍ରଥମେ ଶବ୍ଦବଂଶ, ଶବ୍ଦ-ପରିବାରଗୁଡ଼ିକ, ଗୋଷ୍ଠୀଗତ ପଦ୍ଧତି ମଧ୍ୟରେ ବଢ଼ିଉଠିଲେ, ଯେଉଁ ଗୋଷ୍ଠୀଗୁଡ଼ିକର ଥିଲା ସମ୍ଭାବ୍ୟ ତଥା ସିଦ୍ଧ ଅର୍ଥରାଜିର ଏକ ସର୍ବସାଧାରଣ ଶବ୍ଦଭଣ୍ଡାର ଏବଂ ସେହି ଅର୍ଥ ସମସ୍ତଙ୍କର ଅଧିକାରଭୁକ୍ତ ଥିଲା; ସେମାନଙ୍କର ବ୍ୟକ୍ତିତ୍ୱ କୌଣସି ଗୋଟିଏ ଅର୍ଥ-ପ୍ରକାଶର ଏକଚାଟିଆ ଅଧିକାରୀ ହେବା ଅପେକ୍ଷା ବରଂ ସମାନ ଅର୍ଥ ବା ବିଚାରଗୁଡ଼ିକର ପ୍ରକାଶ-ଛାୟା ବହନ କରିବାରେ ନିହିତ ଥିଲା । ଭାଷାର ପ୍ରାଚୀନ ଇତିହାସ ଥିଲା ଶବ୍ଦର ଏହି ଗୋଷ୍ଠୀଗତ ଜୀବନ ମଧ୍ୟରୁ ବାହାରି ଗୋଟିଏ ବା ଏକାଧିକ ବୌଦ୍ଧିକ ଅର୍ଥକୁ ସମ୍ବଳ କରି ବ୍ୟକ୍ତିଗତ ସମ୍ପତ୍ତିର ଏକ ନିୟମ ପଦ୍ଧତି ପର୍ଯ୍ୟନ୍ତ ଯାତ୍ରା କରିବା । ଶବ୍ଦାର୍ଥ-ବିଭାଜନର ନୀତି ପ୍ରଥମେ ଅନିଶ୍ଚିତ ଅବସ୍ଥାରେ ଥିଲା, ପରେ ଶବ୍ଦ-ପରିବାରଗଣ ଓ ଶେଷରେ ଏକକ ଶବ୍ଦମାନ ସେମାନଙ୍କର ସ୍ୱତନ୍ତ୍ର ଜୀବନ ଆରମ୍ଭ କରିବା ପର୍ଯ୍ୟନ୍ତ ରୂଢ଼ରୁ ରୂଢ଼ତର ହେବାକୁ ଲାଗିଲେ । ଭାଷାର ସମଗ୍ର ସ୍ୱାଭାବିକ ବିକାଶର ଅନ୍ତିମ ଅବସ୍ଥା ସେତିକିବେଳେ ଆସେ ଯେତେବେଳେ ଶବ୍ଦର ଜୀବନ ତା'ର ଦ୍ୟୋତକ ଅର୍ଥର ପ୍ରାଣ ଉପରେ ପୂରାପୂରି ନିର୍ଭରଶୀଳ ହୋଇଯାଏ । କାରଣ ଭାଷାର ପ୍ରାଥମିକ ଅବସ୍ଥାରେ ଶବ୍ଦ ଏତେ ଜୀବନ୍ତ ଥାଏ ଯେ ଏପରିକି ତା'ର ଅର୍ଥଠାରୁ ଏହା ଅଧିକ ଜୀବନ୍ତ ଶକ୍ତି ବୋଲି ପ୍ରତୀତ ହୁଏ; ଧ୍ୱନିହିଁ ଅର୍ଥନିର୍ଣ୍ଣୟ କରେ । ଭାଷା-ବିକାଶର ଅନ୍ତିମ ସ୍ତରରେ ଏଇ ସ୍ଥିତିଗୁଡ଼ିକ ଓଲଟି ଯାଇଛି — ଅର୍ଥ ହୋଇଯାଇଛି ସର୍ବମୁଖ୍ୟ ଓ ଧ୍ୱନି ହୋଇଯାଇଛି ଗୌଣ ।

ଭାଷାର ପ୍ରାରମ୍ଭିକ ଇତିହାସର ଆଉ ଏକ ବିଶିଷ୍ଟ ଲକ୍ଷଣ ହେଉଛି, ପ୍ରଥମେ ଶବ୍ଦର ବିଶେଷ ଧରଣର ଅର୍ଥମାନଙ୍କର ଏକ ସ୍ୱଳ୍ପ-ସଞ୍ଚୟ ଥାଏ, ଏବଂ ଏହି ଅର୍ଥଗୁଡ଼ିକ ତାହାର ସମ୍ଭାବ୍ୟତମ ସାଧାରଣ ଅର୍ଥ ଓ ପ୍ରଚଳିତ ଅର୍ଥ ଭାବେ ଖୁବ୍ ବାସ୍ତବ ହୋଇଥା'ନ୍ତି, ଯଥା : ଆଲୋକ, ଗତି, ସ୍ୱର୍ଣ, ଦ୍ରବ୍ୟ, ବିସ୍ତୃତି, ଶକ୍ତି ଓ ବେଗ ପ୍ରଭୃତି । ପରେ କ୍ରମଶଃ ଚିନ୍ତାର ବୈଚିତ୍ର୍ୟ ଓ ଅର୍ଥର ନିର୍ଦ୍ଦିଷ୍ଟତା ବଢ଼ି ବଢ଼ି ଚାଲେ । ଏଇ ବୃଦ୍ଧି ସାମାନ୍ୟରୁ ବିଶେଷ ଦିଗରେ, ଅନିର୍ଦ୍ଦିଷ୍ଟତାରୁ ନିର୍ଦ୍ଦିଷ୍ଟତା ଦିଗରେ, ଭୌତିକରୁ ମାନସିକ ଦିଗରେ ମୂର୍ତ୍ତରୁ ଅମୂର୍ତ୍ତ ଦିଗରେ, ସଦୃଶ ବସ୍ତୁ ସମୂହର ଇନ୍ଦ୍ରିୟଲବ୍ଧ ଅନୁଭୂତିର ପ୍ରାଚୁର୍ଯ୍ୟମୟ ଅଭିବ୍ୟକ୍ତିରୁ ସଦୃଶ ବସ୍ତୁ, ସଂବେଦନା ଓ କ୍ରିୟାଗୁଡ଼ିକର ସୁନିର୍ଦ୍ଦିଷ୍ଟ ପାର୍ଥକ୍ୟ ପ୍ରକାଶର ଅଭିମୁଖେ ଗତି କରେ । ଅର୍ଥସବୁର ପାରସ୍ପରିକ ସାହଚର୍ଯ୍ୟର ପ୍ରକ୍ରିୟା ଦ୍ୱାରା ଏହି ଅଗ୍ରଗତି ସାଧିତ ହୋଇଥାଏ ଯାହା ସବୁବେଳେ ସମାନ, ସର୍ବଦା ଏହାର ପୁନଃପୌନିକ ପ୍ରତ୍ୟାଗମନ ଘଟିଥାଏ ଏବଂ ଏଥିରେ ଆଦୌ ସନ୍ଦେହ ନାହିଁ ଯେ, ବିକାଶର ନିର୍ଦ୍ଧାରିତ ସ୍ୱାଭାବିକ ପଦ୍ଧତି ରୂପକ ପରିଚ୍ଛଦକୁ ଏହା ନିଜ ପରିଧାନ କରିବାର କାରଣ ହେଉଛି ଭାଷାକୁ ବ୍ୟକ୍ତ କରୁଥିବା ମନୁଷ୍ୟର ପରିବେଶ ଓ ତା'ର ବାସ୍ତବିକ ଅଭିଜ୍ଞତା । ଏବଂ ପ୍ରକୃତରେ ପଦ୍ଧତି କହିଲେ

ବୁଝାଏ କ'ଣ – ଏହା ଏକ ପ୍ରକ୍ରିୟା ଯାହାକି ବସ୍ତୁଗୁଡ଼ିକର ପ୍ରକୃତି ଦ୍ୱାରା ଏଗୁଡ଼ିକର ପରିସର ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମିତ ହୋଇଛି ଏବଂ ଏସବୁର କାର୍ଯ୍ୟ ଏକ ଧରାବନ୍ଧା ଅଭ୍ୟାସରେ ପରିଣତ ହୋଇଯାଇଛି – ଏହାହିଁ ତ ?

ଭାଷାର ଏହି ଅତୀତ ଇତିହାସରୁ ଏପରି କେତେକ ପରିଣାମ ମିଳିଛି, ଯେଉଁଗୁଡ଼ିକ ବେଦାର୍ଥ ନିରୂପଣ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଥମାବସ୍ଥାରେ ଯେଉଁ ପଦ୍ଧତିଗୁଡ଼ିକର ଜ୍ଞାନକୁ ଆଧାର କରି ସଂସ୍କୃତଭାଷାରେ ଧ୍ୱନି ଓ ଅର୍ଥର ସମ୍ବନ୍ଧ ସ୍ୱୟଂ ଗଠିତ ହୋଇଥିଲା, ସେଗୁଡ଼ିକୁ ଜାଣିବା ଦ୍ୱାରା ଓ ଏଇ ଭାଷାଗତ ଶବ୍ଦ-ପରିବାରର ସତର୍କ ଓ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଦ୍ୱାରା ପୃଥକ୍ ପୃଥକ୍ ଶବ୍ଦମାନଙ୍କର ଅତୀତ ଇତିହାସକୁ ବହୁ ପରିମାଣରେ ପୁନରୁଦ୍ଧାର କରିବା ସମ୍ଭବ ହୋଇପାରେ । ଶବ୍ଦମାନେ ବହନ କରୁଥିବା ପ୍ରକୃତ ଅର୍ଥର ଯଥାଯଥ କାରଣ ନିର୍ଣ୍ଣୟ କରାଯାଇପାରେ, ଭାଷା-ବିକାଶର ବିଭିନ୍ନ ଅବସ୍ଥା ମଧ୍ୟଦେଇ କିପରି ଭାବରେ ସେଗୁଡ଼ିକୁ ଗଠନ କରାଯାଇଥିଲା, ତାହା ଦେଖାଇ ଦିଆଯାଇପାରେ, ଭିନ୍ନ ଭିନ୍ନ ତାତ୍ପର୍ଯ୍ୟାର୍ଥର ପାରସ୍ପରିକ ସମ୍ପର୍କକୁ ପ୍ରତିଷ୍ଠା କରାଯାଇପାରେ ଏବଂ ସେମାନଙ୍କ ଅର୍ଥ-ତାତ୍ପର୍ଯ୍ୟରେ ଅତି ବିରାଟ ପାର୍ଥକ୍ୟ ଏପରିକି ବେଳେବେଳେ ସିଧା ବୈପରୀତ୍ୟ ରହିଥିବା ସତ୍ତ୍ୱେ ସେମାନେ ଗୋଟିଏ ଶବ୍ଦରେ ଆସି କିପରି ସଂଲଗ୍ନ ହେଲେ ତାହାକୁ ମଧ୍ୟ ବ୍ୟାଖ୍ୟା କରିବା ସମ୍ଭବ । ଏକ ନିଶ୍ଚିତ ଓ ବିଜ୍ଞାନ-ସମ୍ମତ ଭିତ୍ତିରେ ଶବ୍ଦମାନଙ୍କର ଲୁପ୍ତ ଅର୍ଥଗୁଡ଼ିକୁ ପୁନରୁଦ୍ଧାର କରିବା ସମ୍ଭବ ଏବଂ ପ୍ରାଚୀନ ଆର୍ଯ୍ୟଭାଷା ଯେଉଁସବୁ ଦୃଷ୍ଟ ନିୟମ ସାହଚର୍ଯ୍ୟରେ ଗଢ଼ି ଉଠିଥିଲା ତାହାର ପୁନରାବେଦନ ଦ୍ୱାରା ଏହାକୁ ପ୍ରମାଣସିଦ୍ଧ କରିବା ଏବଂ ସ୍ୱୟଂ ଶବ୍ଦଟି ମଧ୍ୟରେ ନିହିତ ଗୁପ୍ତ ସାକ୍ଷ୍ୟ ଏବଂ ଏହାର ଆସନ୍ନ ସଜାତୀୟ ଶବ୍ଦର ପରିପୋଷକ ତଥ୍ୟକୁ ପ୍ରମାଣସିଦ୍ଧ କରିବା ସମ୍ଭବ । ଏଇପରି ଭାବରେ ବୈଦିକ ଭାଷାର ଶବ୍ଦମାନଙ୍କ ସମ୍ବନ୍ଧରେ ଏକେବାରେ ଭାସମାନ ଓ ଆନୁମାନିକ ଆଧାର ପରିବର୍ତ୍ତେ ଏକ ସୁଦୃଢ଼ ଓ ନିର୍ଭରଯୋଗ୍ୟ ଭିତ୍ତି ଉପରେ ଆମେ ଆସ୍ଥାର ସହିତ କାର୍ଯ୍ୟ କରିପାରିବା ।

ସ୍ୱଭାବତଃ, ଏହାର ଏପରି ଅର୍ଥ ନୁହେଁ ଯେ, ଗୋଟିଏ ବୈଦିକ ଶବ୍ଦର କୌଣସି ଏକ ସମୟରେ ହୁଏତ ବା ନିଶ୍ଚିତତଃ ଏକ ନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟାର୍ଥ ଥିଲା ଓ ଆମେ ସେଇ ଅର୍ଥକୁ ସୁରକ୍ଷିତ ଭାବେ ବେଦର ମୂଳପାଠରେ ପ୍ରୟୋଗ କରିପାରୁ । ସେପରି ନ କରି, ଆମେ ସେଗୁଡ଼ିକର ଏକ ସଙ୍ଗତ ଅର୍ଥ ନିରୂପଣ କରୁ ଓ ତାହାହିଁ ଯେ ବେଦର ପ୍ରକୃତ ଅର୍ଥ, ତାହାରି ଅବସ୍ଥିତିଗତ ସ୍ପଷ୍ଟ ସମ୍ଭାବନାକୁ ଆମେ ସାବ୍ୟସ୍ତ କରିଥାଉ । ତା'ପରେ ଯାହା ଅବଶିଷ୍ଟ ରହେ, ତାହା ହେଉଛି, ଅନୁଚ୍ଛେଦଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ ବେଳେ ଯେଉଁଠାରେ ସେହି ଶବ୍ଦଗୁଡ଼ିକ ଆସନ୍ତି, ସନ୍ଦର୍ଭ ସହ ସେଠାରେ ତାହା ଖାପ ଖାଉଛି କି ନାହିଁ, ତାହା ଦେଖିବା । ମୁଁ ନିରବଚ୍ଛିନ୍ନ ଭାବରେ ଦେଖିଛି, ଏହିପରି ପୁନରୁଦ୍ଧାର

କରାଯାଇଥିବା ଅର୍ଥ ଯେଉଁ ଯେଉଁ ସ୍ଥଳରେ ପ୍ରୟୋଗ କରାଯାଏ, ସେହି ସେହି ଅଂଶକୁ ତାହା ଆଲୋକିତ କରେ ଓ ଅନ୍ୟପକ୍ଷରେ ବେଦର ଯେଉଁ ଅଂଶରେ ଯେଉଁ ଅର୍ଥ ଆବଶ୍ୟକ ହୁଏ ଶବ୍ଦଟିର ଇତିହାସ ଆମକୁ ଠିକ୍ ସେହି ସ୍ଥାନରେ ପହଞ୍ଚାଇ ଦିଏ । ଏହା ସମ୍ପୂର୍ଣ୍ଣ ନିଶ୍ଚୟତା ଦୃଷ୍ଟିରୁ ନ ହେଲେ ମଧ୍ୟ ନୈତିକ ବିବେଚନାର ନିଶ୍ଚୟତା ନିମନ୍ତେ ପର୍ଯ୍ୟାପ୍ତ ଭିତ୍ତି ବୋଲି କହିବାକୁ ହେବ ।

ଦ୍ୱିତୀୟତଃ ଭାଷାର ଏକ ବିଶେଷ ବୈଶିଷ୍ଟ୍ୟ ହେଲା, ପ୍ରାରମ୍ଭିକ ଅବସ୍ଥାରେ ଗୋଟିଏ ଶବ୍ଦ ବହୁ ଅର୍ଥକୁ ବହନ କରିବାର ଯୋଗ୍ୟତା ରଖିଥାଏ ଓ ଗୋଟିଏ ଅର୍ଥର ପ୍ରକାଶ ପାଇଁ ବହୁ ଶବ୍ଦର ବ୍ୟବହାର ହୁଏ । ପରେ ଏହି ଅଳଂକାର-ବହୁଳତା କମିବାକୁ ଲାଗିଛି । ଅର୍ଥନିର୍ଦ୍ଦିଷ୍ଟତାର ବର୍ଦ୍ଧମାନ ଆବଶ୍ୟକତା ତଥା ଅର୍ଥସଂଯମନ ପାଇଁ ବୁଦ୍ଧି ଏଥିରେ ହସ୍ତକ୍ଷେପ କରିଛି । ଶବ୍ଦମାନଙ୍କର ଅର୍ଥବହନ ଶକ୍ତି କ୍ରମେ କ୍ରମେ ହ୍ରାସ ପାଇଛି; ଏବଂ ସମାନ ଏକ ଭାବକୁ ପ୍ରକାଶ କରିବାକୁ ଅନେକ ଅତିରିକ୍ତ ଶବ୍ଦର ଓ ଗୋଟିଏ ଶବ୍ଦ ପାଇଁ ଅର୍ଥର ସମଧିକ ବୈଚିତ୍ର୍ୟର ଭାର କ୍ରମେ କ୍ରମେ କମ୍ ସହନୀୟ ହୋଇ ଉଠିଛି । ଏହିପରି ଘଟଣାକ୍ରମରେ, ଏତେ ବେଶୀ କଠୋର ନ ହେଲେ ବି ପ୍ରଭୂତ ପରିମାଣରେ ପରିମିତତା, ଯାହା ଥିଲା ଅର୍ଥ-ବୈଚିତ୍ର୍ୟର ମର୍ଯ୍ୟାଦାପୂର୍ଣ୍ଣ ବୈଭବ ପାଇଁ ଏକ ଦାବି, ତାହାହିଁ ହୋଇଗଲା ଭାଷାର ସର୍ବଶେଷ ନିୟମ । ମାତ୍ର ସଂସ୍କୃତ ଭାଷା ଏହି ବିକାଶର ଶେଷ ପର୍ଯ୍ୟାୟରେ କେବେ ହେଲେ ଠିକ୍ ଭାବେ ଉପନୀତ ହୋଇପାରି ନାହିଁ; ଏହା ଖୁବ୍ ଶୀଘ୍ର ପ୍ରାକୃତ ଉପଭାଷାମାନଙ୍କ ମଧ୍ୟରେ ବିଲୀନ ହୋଇଯାଇଛି, ଏପରିକି ଏହାର ଆଧୁନିକତମ ଓ ଶ୍ରେଷ୍ଠ ସାହିତ୍ୟିକ ରୂପ ମଧ୍ୟ ସେହି ସମାନ ଗୋଟିଏ ଶବ୍ଦ ଅନେକାର୍ଥ-ବୈଚିତ୍ର୍ୟରେ ସମୃଦ୍ଧ ଏବଂ ସମାନର୍ଥକ ଶବ୍ଦର ଅତିରିକ୍ତ ଐଶ୍ୱର୍ଯ୍ୟରେ ପରିପ୍ଲାବିତ ହୋଇଅଛି, ଏହି କାରଣରୁ, ଆଳଂକାରିକ ପ୍ରୟୋଗ ନିମନ୍ତେ ଏହାର ଅସାଧାରଣ ସାମର୍ଥ୍ୟ ରହିଛି, ବିଶେଷତଃ ଶ୍ଳେଷାଳଂକାର ନିମନ୍ତେ,— ଅନ୍ୟ ଯେ କୌଣସି ଭାଷାରେ ଯାହା କରିବା କଠିନ ହୁଅନ୍ତା, ବଳପୂର୍ବକ କଲେ ନୈରାଶ୍ୟଜନକ ଭାବେ କୃତ୍ରିମ ହୁଅନ୍ତା ।

ବୈଦିକ ସଂସ୍କୃତ ଆହୁରି ପୂର୍ବବର୍ତ୍ତୀ ଭାଷାବିକାଶର ସ୍ତରକୁ ସୂଚିତ କରେ । ଏପରିକି ଏହାର ବାହ୍ୟ ରୂପରେଖରେ ମଧ୍ୟ ଏହା ଅନ୍ୟ ଯେକୌଣସି ପ୍ରତିଷ୍ଠିତ ଭାଷା ଅପେକ୍ଷା କମ୍ ଧରାବନ୍ଧା; ଏହା ଆକାର ଓ ବ୍ୟୁତ୍ପତ୍ତିର ବିବିଧ ପ୍ରାଚୁର୍ଯ୍ୟରେ ପୂର୍ଣ୍ଣ; ଏହା ତରଳ ବସ୍ତୁ ପରି ଦ୍ରବଣୀୟ ଓ ଚଳମାନ, ତଥାପି କାରକ ବିଭକ୍ତି ଓ କ୍ରିୟାର କାଳପ୍ରୟୋଗ ବିଷୟରେ ଏହା ଅତ୍ୟନ୍ତ ସୂକ୍ଷ୍ମ । ଏବଂ ଏହାର ମନସ୍ତାତ୍ତ୍ୱିକ ତଥା ଆତ୍ମିକ ଦୃଷ୍ଟିରୁ ଏହା ଏପର୍ଯ୍ୟନ୍ତ ଦୃଢ଼ଭାବେ ବଦ୍ଧ ହୋଇଯାଇ ନାହିଁ, ବୌଦ୍ଧିକ ଅର୍ଥ-ନିର୍ଦ୍ଦିଷ୍ଟତାର ରୂଢ଼ ଆକୃତିମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ କଠିନ ହୋଇଯାଇ ନାହିଁ । ବୈଦିକ ଋଷିମାନଙ୍କ ନିକଟରେ ଶବ୍ଦ ହେଉଛି ସବୁକିଛି

ସତ୍ତ୍ୱେ ଏକ ସଜୀବ ବସ୍ତୁ, ଯାହା ଶକ୍ତିମାନ୍, ସୃଜନଶୀଳ ଓ ଗଠନଧର୍ମୀ । ଏହା ଏପର୍ଯ୍ୟନ୍ତ ଭାବର ଏକ ପାରମ୍ପରିକ ରୀତିରେ ଗଢ଼ିଆସିଥିବା ଅର୍ଥର ପ୍ରତୀକ ମାତ୍ର ନୁହେଁ; କିନ୍ତୁ ଏହା ସ୍ୱୟଂ ଅର୍ଥଗୁଡ଼ିକର ଜନକ ଓ ରୂପଦାତା । ଏହା ତା' ନିଜ ମଧ୍ୟରେ ମୂଳଧାତୁର ସ୍ମୃତିକୁ ବହନ କରୁଛି ଓ ନିଜ ଇତିହାସ ବିଷୟରେ ଏବେ ବି ସଚେତନ ।

ଋଷିମାନଙ୍କ ଶବ୍ଦ (ବାକ୍) ପ୍ରୟୋଗ ପ୍ରାଚୀନ ମନସ୍ତତ୍ତ୍ୱ ଦ୍ୱାରା ନିୟନ୍ତ୍ରିତ ଥିଲା । ଇଂରାଜୀରେ ଯେତେବେଳେ ଆମେ ଉଲ୍‌ଫ (Wolf-ବୃକ) ବା କାଓ (Cow-ଧେନୁ) ଶବ୍ଦ ବ୍ୟବହାର କରୁ ସେତେବେଳେ ଏହାକୁ ଆମେ ଏକ ନିର୍ଦ୍ଦିଷ୍ଟ ପଶୁର ଅର୍ଥରେ ବୁଝିଥାଉ; ଭାଷାର କେଉଁ ଅଜଣା କାଳରୁ ପାରମ୍ପରିକ ରୀତି ବ୍ୟତୀତ ଅର୍ଥବୋଧ ନିମନ୍ତେ ଏହି ନିର୍ଦ୍ଦିଷ୍ଟ ଧ୍ୱନିଗୁଡ଼ିକ ଏଠାରେ ଯେ କାହିଁକି ବ୍ୟବହୃତ, ତା'ର ଅନ୍ୟ କୌଣସି କାରଣ ସମ୍ବନ୍ଧରେ ଆମେ ସଚେତନ ନୋହୁ ଏବଂ ରଚନାଶୈଳୀର ଏକ କୃତ୍ରିମ ଉପାୟକୁ ଛାଡ଼ିଦେଲେ ଆମେ ଏ ଧ୍ୱନିଟିକୁ ଅନ୍ୟ କୌଣସି ଅର୍ଥରେ ବା ଉଦ୍ଦେଶ୍ୟରେ ବ୍ୟବହାର କରିପାରୁ ନା । କିନ୍ତୁ ବୈଦିକ ଋଷିଙ୍କ ନିକଟରେ ବୃକ(ଗଧିଆ) ଅର୍ଥ ବିଦାରକ, ଏଣୁ ଏହାର ଅନ୍ୟାନ୍ୟ ପ୍ରୟୋଗ ମଧ୍ୟରେ ଏହା ବୃକକୁ ବୁଝାଏ; ସେହିପରି 'ଧେନୁ' ଅର୍ଥ ଥିଲା ପୁଷ୍ଟିକାରିଣୀ, ପାଳୟିତ୍ରୀ, ଅତଏବ ଏହାର ଅର୍ଥ ଗାଭୀ । କିନ୍ତୁ ମୌଳିକ ଓ ପ୍ରଚଳିତ ଅର୍ଥହିଁ ପ୍ରଧାନ ହୋଇଥାଏ, ନିଷ୍ପନ୍ନ ଓ ସୁନିର୍ଦ୍ଦିଷ୍ଟ ଅର୍ଥଟି ଗୌଣ ହୋଇଯାଏ । ଏହି କାରଣରୁ ସୂକ୍ତକାରଙ୍କ ପାଇଁ ଏହି ସାମାନ୍ୟ ଶବ୍ଦଗୁଡ଼ିକୁ ଅତ୍ୟନ୍ତ ନମନୀୟତା ସହିତ ବ୍ୟବହାର କରିବା ସମ୍ଭବ ହୋଇପାରିଛି, କେତେବେଳେ ଗଧିଆ ବା ଗାଈର ରୂପକକୁ ନିଜ ସମ୍ମୁଖରେ ରଖୁଥିଲେ ତ, କେତେବେଳେ ଅନ୍ୟ ଏକ ସାଧାରଣ ଅର୍ଥକୁ ଏହାରି ରଙ୍ଗରେ ରଞ୍ଜିତ କରୁଥିଲେ; ସମୟେ ସମୟେ ସେମାନେ ଯେଉଁ ଆଧ୍ୟାତ୍ମିକ ଧାରଣା ଉପରେ ମନୋନିବେଶ କରୁଥିଲେ ତା'ର କେବଳ ଏକ ପାରମ୍ପରିକ ବା ରୂଢ଼ିଗତ ଛାୟାରୂପେ ଏହାକୁ ରଖୁଥିଲେ, କେତେବେଳେ ଅବା ରୂପକଟି ଦୃଷ୍ଟିପଥରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଉଥିଲା । ବୈଦିକ ପ୍ରତୀକବାଦର ବିଶେଷ ଧରଣର ରୂପକଗୁଡ଼ିକୁ ଋଷିମାନେ ଯେଉଁଭଳି ବ୍ୟବହାର କରିଛନ୍ତି, ପ୍ରାଚୀନ ଭାଷାର ଏହି ମନସ୍ତାତ୍ତ୍ୱିକ ଆଲୋକରେହିଁ ଆମକୁ ସେସବୁକୁ ବୁଝିବାକୁ ହେବ — ଏପରିକି ସେଇ ରୂପକଗୁଡ଼ିକ ଅତ୍ୟନ୍ତ ପ୍ରଚଳିତ ଓ ମୂର୍ତ୍ତ ହୋଇଥିଲେ ମଧ୍ୟ । ଏହିପରି ଭାବେ 'ଘୃତମ୍' ଓ ପବିତ୍ର ମାଦକ 'ସୋମ' ତଥା ଆହୁରି ଅନେକ ଶବ୍ଦ ବ୍ୟବହୃତ ହୋଇଥିଲେ ।

ଅଧିକନ୍ତୁ ଗୋଟିଏ ଶବ୍ଦର ବିଭିନ୍ନ ଅର୍ଥ ମଧ୍ୟରେ ମାନସିକବିଚାର ଯେଉଁସବୁ ବିଭେଦର ପ୍ରାଚୀର ସୃଷ୍ଟି କରିଥାଏ, ତାହା ଆଧୁନିକ ଭାଷାରେ ଯେତେ ପରିମାଣରେ ଦେଖାଯାଏ ତା' ଅପେକ୍ଷା ବେଦଭାଷାରେ ଯଥେଷ୍ଟ କମ୍ ଥିଲା । ଇଂରାଜୀରେ ଏକାଧିକ

ଜାହାଜର ସମଷ୍ଟି ଅର୍ଥରେ 'fleet'(ଫ୍ଲୀଟ୍) ଓ ଦ୍ରୁତଗତି ଅର୍ଥରେ ମଧ୍ୟ 'fleet'(ଫ୍ଲୀଟ୍) ଶବ୍ଦ ବ୍ୟବହାର କରାଯାଏ, ଅଥଚ ଏ ଦୁଇଟି ସ୍ୱତନ୍ତ୍ର ଶବ୍ଦ; କାରଣ ଯେତେବେଳେ ଆମେ ପ୍ରଥମ ଅର୍ଥରେ 'ଫ୍ଲୀଟ୍' ଶବ୍ଦଟି ବ୍ୟବହାର କରୁ, ସେତେବେଳେ ଜାହାଜର ଗତିର ଦ୍ରୁତତାର କଥା ଭାବୁନା ଓ ଯେତେବେଳେ ଦ୍ୱିତୀୟ ଅର୍ଥରେ ତା'ର ପ୍ରୟୋଗ କରୁ ସେତେବେଳେ ସମୁଦ୍ର ବକ୍ଷରେ ଦ୍ରୁତବେଗରେ ଗତି କରୁଥିବା ଜାହାଜଗୁଡ଼ିକର ଚିତ୍ର ବିଷୟ ସ୍ମରଣ କରୁ ନା । କିନ୍ତୁ ବେଦର ଭାଷା-ପ୍ରୟୋଗ ନିର୍ଦ୍ଦିଷ୍ଟଭାବେ ଏହି ଉଭୟକୁ ସ୍ଥାନଦେବାରେ ଉପଯୁକ୍ତ ଥିଲା । ଉପଭୋଗ ଅର୍ଥକୁ ବୁଝାଉଥିବା 'ଭଗ' ଓ ଅଂଶ-ବିଭାଜନକୁ ବୁଝାଉଥିବା 'ଭାଗ' ଶବ୍ଦ ବୈଦିକ ମାନସ ପକ୍ଷରେ ପୃଥକ୍ ଶବ୍ଦ ନ ଥିଲା, ତାହା ଥିଲା ଗୋଟିଏ ଶବ୍ଦ ଯାହା ଦୁଇଟି ଭିନ୍ନ ଭିନ୍ନ ପ୍ରୟୋଗରେ ବିକଶିତ ହୋଇଥିଲା । ଅତଏବ ଦୁଇଟି ମଧ୍ୟରୁ ଗୋଟିଏ ଅର୍ଥରେ ଏହାକୁ ପ୍ରୟୋଗ କରିବା ବେଳେ ମନ ଭିତରେ ଅନ୍ୟ ଅର୍ଥଟିକୁ ରଖି ଅର୍ଥଟିର ବାଚ୍ୟାର୍ଥକୁ ଶୋଭିତ କରିବାକୁ ବା ସେହି ଏକ ସମୟରେ ଉଭୟ ଅର୍ଥକୁ ସମାନ ଭାବେ ବହୁ ଅର୍ଥବୋଧକ ଏକ ରୂପକ ଭାବେ ତାହାର ପ୍ରୟୋଗ କରିବା ଋଷିମାନଙ୍କ ପକ୍ଷେ ସହଜସାଧ୍ୟ ଥିଲା । ''ଚନସ୍'' ଶବ୍ଦର ଅର୍ଥ ହେଉଛି ଅନ୍ନ, କିନ୍ତୁ ତାହା ''ଭୋଗ'' ଓ ''ସୁଖ'' ଅର୍ଥକୁ ମଧ୍ୟ ବୁଝାଏ; ଏଣୁ ସାଧାରଣ ମନ ବୁଝିବା ଭଳି ଯଜ୍ଞରେ ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କେବଳ ଅନ୍ନ ଅର୍ଥରେ ଋଷି ଏହି ଶବ୍ଦଟି ବ୍ୟବହାର କରିଛନ୍ତି, କିନ୍ତୁ ମନ୍ତ୍ରସାଧକମାନଙ୍କ ନିକଟରେ ଏହାର ଅର୍ଥ ଥିଲା ଆନନ୍ଦ, ଦୈହିକ ଚେତନା ମଧ୍ୟରେ ପ୍ରବେଶ କରୁଥିବା ଦିବ୍ୟାନନ୍ଦର ଉଲ୍ଲାସ ଓ ସେହି ଏକ ସମୟରେ ସୋମରସର ପ୍ରତୀକ, ଯାହା ଯୁଗପତ୍ ଦେବତାମାନଙ୍କର ଭୁଜ୍ୟ ଓ ଆନନ୍ଦର ବେଦବିହିତ ପ୍ରତୀକ ।

ଆମେ ଦେଖୁ ବୈଦିକ ସୂକ୍ତଗୁଡ଼ିକର ବାଣୀରେ ପ୍ରାୟ ସର୍ବତ୍ର ଏହିପରି ଭାଷା ପ୍ରୟୋଗର ପ୍ରାଧାନ୍ୟ ରହିଛି । ପ୍ରାଚୀନ ରହସ୍ୟବାଦୀଙ୍କ ପାଇଁ ଏହା ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏକ ପ୍ରୟୋଗ-କୌଶଳ, ଯାହା ଦ୍ୱାରା ସେମାନଙ୍କ କାର୍ଯ୍ୟର କାଠିନ୍ୟକୁ ସେମାନେ ଅତିକ୍ରମ କରିପାରିଛନ୍ତି । ସାଧାରଣ ଉପାସକ କ୍ଷେତ୍ରରେ ଅଗ୍ନିର ଅର୍ଥ କେବଳ ବୈଦିକ ଅଗ୍ନି-ଦେବତା, ଅଥବା ହୁଏତ ଏହାର ଅର୍ଥ ଭୌତିକ ପ୍ରକୃତିରେ କ୍ରିୟାରତ ତାପ ଓ ଆଲୋକର ଏକ ତତ୍ତ୍ୱ, ଅଥବା ସବୁଠୁ ଜ୍ଞାନହୀନମାନଙ୍କ କ୍ଷେତ୍ରରେ ଏହା ହୁଏତ ଏକ ଅତିମାନବିକ ବ୍ୟକ୍ତିତ୍ୱ, ''ଧନଦାତା'' (ରତ୍ନଧା) ମାନଙ୍କ ମଧ୍ୟରୁ ଜଣେ ଯିଏ କି ମନୁଷ୍ୟର କାମନାଗୁଡ଼ିକୁ ପୂରଣ କରନ୍ତି । କିନ୍ତୁ ଯେଉଁମାନେ ପରମପୁରୁଷଙ୍କର ଆତ୍ମିକ କ୍ରିୟାକଳାପର ଗଭୀରତର ଧାରଣାକୁ ବୁଝିବାରେ ସମର୍ଥ ସେମାନଙ୍କ ନିକଟରେ ଏହି ଦେବତା କିପରି ବ୍ୟକ୍ତ ହେବେ ? ଶବ୍ଦଟି ସ୍ୱୟଂ ଏହାର ସମାଧାନ କରିଦେଇଛି । କାରଣ ଅଗ୍ନିର ଅର୍ଥ ବଳବାନ୍, ଯିଏ ପ୍ରଭାସ୍ୱର, ଏପରିକି ଶକ୍ତି ଓ ତେଜଃ । ସୁତରାଂ ଏହି ଶବ୍ଦଟି ଯେଉଁ ଯେଉଁ ସ୍ଥାନରେ

ଆସେ, ମନ୍ତ୍ରସାଧକମାନଙ୍କ ପାଇଁ ସେଠାରେ ଏହାକୁ ବିନା ଦ୍ୱିଧାରେ ଏକ ଜ୍ୟୋତିର୍ମୟ ଶକ୍ତିର ଧାରଣାରେ ସ୍ମରଣ କରାଯାଇପାରେ, ଯେଉଁ ଶକ୍ତି କି ଭୁବନସମୂହକୁ ଗଠନ କରେ ଓ ମନୁଷ୍ୟକୁ ପରମୋଚ୍ଚ ମଧକୁ ଉତ୍ତୀର୍ଣ୍ଣ କରେ ଏବଂ ଯାହା ମହତ୍ କର୍ମର ସମ୍ପାଦକ ଓ ମନୁଷ୍ୟକୃତ ଯଜ୍ଞର ପୁରୋହିତ ।

ଅଥବା ଦେବତାମାନେ ଏକହିଁ ବିଶ୍ୱଦେବଙ୍କର ବିଭିନ୍ନ ବ୍ୟକ୍ତିତ୍ୱ — ଏ ଧାରଣା ଶ୍ରୋତାମନରେ କିପରି ସ୍ଥାନଲାଭ କରିବ ? ଦେବତାମାନଙ୍କ ନାମଗୁଡ଼ିକର ଅର୍ଥ ଆମକୁ ସ୍ମରଣ କରାଇଦିଏ ଯେ ଏଗୁଡ଼ିକ ହେଉଛନ୍ତି କେବଳ ଗୁଣବ୍ୟଞ୍ଜକ ଶବ୍ଦରାଜି, ତାତ୍ପର୍ଯ୍ୟବୋଧକ ନାମ ଓ ବର୍ଣ୍ଣନା, କିନ୍ତୁ କୌଣସି ବ୍ୟକ୍ତିବୋଧକ ସଂଜ୍ଞା ନୁହେଁ । 'ମିତ୍ର' ପ୍ରେମ ଓ ସଙ୍ଗତିର ଦେବତା, 'ଭଗ' ଭୋଗର ଅଧିପ, ସୂର୍ଯ୍ୟ ପ୍ରକାଶର ଅଧିପତି, ବରୁଣ ହେଉଛନ୍ତି ସର୍ବବ୍ୟାପକ ବୃହତ୍ ଏବଂ ଜଗତକୁ ଧାରଣ କରି ସର୍ବାଙ୍ଗସୁନ୍ଦର କରୁଥିବା ଭଗବାନଙ୍କର ବିଶୁଦ୍ଧତା । ଋଷି ଦୀର୍ଘତମାଃ କହିଛନ୍ତି, ''**ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି**'' ଅର୍ଥାତ୍ ''ସେଇ ସଦ୍‌ବସ୍ତୁ ଏକ, କିନ୍ତୁ ବିପ୍ର ବା ଜ୍ଞାନୀମାନେ ତାଙ୍କୁ ବିଭିନ୍ନ ରୂପେ ପ୍ରକାଶ କରିଥା'ନ୍ତି । ସେମାନେ ତାହାଙ୍କୁ ଇନ୍ଦ୍ର, ବରୁଣ, ମିତ୍ର, ଅଗ୍ନି, ଯମ, ମାତରିଶ୍ୱା ନାମରେ କହନ୍ତି'' । (ଋ.୧।୧୬୪।୪୬) ବୈଦିକ ଜ୍ଞାନର ପ୍ରାରମ୍ଭିକ ଯୁଗରେ ମନ୍ତ୍ରସାଧକ ପାଇଁ ଏପ୍ରକାର ସ୍ପଷ୍ଟ ବିବୃତିର କୌଣସି ପ୍ରୟୋଜନ ନ ଥିଲା । ଦେବତାମାନଙ୍କ ନାମଗୁଡ଼ିକ ତାଙ୍କ ନିକଟକୁ ସେମାନଙ୍କର ସ୍ୱକୀୟ ତାତ୍ପର୍ଯ୍ୟ ବହନ କରି ଆଣୁଥିଲେ ଏବଂ ସେ ଯେଉଁ ମୌଳିକ ମହାନ୍ ସତ୍ୟକୁ ନିଜ ମଧରେ ନିରନ୍ତର ଧାରଣ କରୁଥିଲେ ତାହାକୁ ନାମଗୁଡ଼ିକ ପୁନଃ ସ୍ମରଣ କରାଇ ଦେଉଥିଲେ ।

କିନ୍ତୁ ପରବର୍ତ୍ତୀ ଯୁଗରେ ଋଷିମାନଙ୍କ ଦ୍ୱାରା ପ୍ରଯୁକ୍ତ ଏହି ପଦ୍ଧତିଟି ବୈଦିକ ଜ୍ଞାନରକ୍ଷାର ପରିପନ୍ଥୀ ହୋଇଗଲା । କାରଣ ଭାଷା ତାହାର ନିଜ ସ୍ୱଭାବକୁ ବଦଳାଇଦେଲା, ପ୍ରାରମ୍ଭକାଳୀନ ନମନୀୟତାକୁ ପରିତ୍ୟାଗ କଲା, ପୁରାତନ ପ୍ରଚଳିତ ଅର୍ଥଗୁଡ଼ିକୁ ନିଜ ଉପରୁ ଉତାରି ଦେଲା; ଶବ୍ଦର ବ୍ୟାପକତା ସଂକୁଚିତ ହୋଇଗଲା ଏବଂ ଏହା ବାହ୍ୟ ଓ ବାସ୍ତବ ଅର୍ଥ ମଧରେ ନିବଦ୍ଧ ହୋଇ ରହିଲା । ଆନନ୍ଦର ସ୍ୱର୍ଗୀୟ ଆସବ ଭୌତିକ ଆହୁତି ମଧରେ ବିଲୁପ୍ତ ହୋଇଗଲା, ଘୃତର ପ୍ରତୀକଟି କେବଳ ପୌରାଣିକ ଦେବତାଙ୍କ ପରିତର୍ପଣ ପାଇଁ ନିବେଦିତ ବସ୍ତୁ ବୋଲି ମନେ ରଖାଗଲା, ଜ୍ୱାଳା, ମେଘ ଓ ଝଞ୍ଝା ପ୍ରଭୃତି ଦେବଗଣଙ୍କର (ଅଗ୍ନି, ପର୍ଜନ୍ୟ ଓ ମରୁତ୍ ଆଦି ଦେବତାଙ୍କର) ଭୌତିକ ଜଡ଼ଶକ୍ତି ଓ ବାହ୍ୟ ଦୀପ୍ତି ବ୍ୟତୀତ ଅନ୍ୟକିଛି ତାତ୍ପର୍ଯ୍ୟ ରହିଲା ନାହିଁ; ଅକ୍ଷରାର୍ଥ ବଞ୍ଚିରହିଲା ସତ୍ୟ, କିନ୍ତୁ ତା'ର ଆତ୍ମା ବିସ୍ମୃତ ହୋଇଗଲା; ବୈଦିକ ସିଦ୍ଧାନ୍ତ ରୂପକ ପିଣ୍ଡଟି ପଡ଼ିରହିଲା ସତ, କିନ୍ତୁ ଜ୍ଞାନରୂପକ ଆତ୍ମା ତା'ର ଆବରଣଟିକୁ ତ୍ୟାଗ କରି ପଳାୟନ କଲା ।

ଷଷ୍ଠ ଅଧ୍ୟାୟ

ଅଗ୍ନି ଓ ସତ୍ୟ

ଋଗ୍‌ବେଦର ସମସ୍ତ ଭାଗ ମଧ୍ୟରେ ଏକାତ୍ମକତା ରହିଛି । ଏହାର ଦଶଟି ମଣ୍ଡଳ ମଧ୍ୟରୁ ଯେକୌଣସିଟିକୁ ଦେଖିଲେ ବି ସେଇ ସମାନ ତତ୍ତ୍ୱ, ସମାନ ଭାବନା, ସମାନ ଚିତ୍ର ଓ ସମାନ ବାକ୍ୟାଂଶ ଆମେ ଦେଖିବାକୁ ପାଉ । ଋଷିମାନେ ଏକହିଁ ସତ୍ୟର ଦ୍ରଷ୍ଟା ଓ ତାହାକୁ ପ୍ରକାଶ କରିବା ପାଇଁ ସେମାନେ ସମାନ ଧରଣର ଭାଷା ବ୍ୟବହାର କରିଛନ୍ତି । ସ୍ୱଭାବ ଓ ବ୍ୟକ୍ତିତ୍ୱରେ ସେମାନେ ପରସ୍ପରଠାରୁ ପୃଥକ୍ । ବୈଦିକ ପ୍ରତୀକ-ବ୍ୟବସ୍ଥାକୁ କିପରି ଆହୁରି ସମୃଦ୍ଧ, ସୂକ୍ଷ୍ମ ଓ ଗଭୀର ଭାବରେ ପ୍ରୟୋଗ କରାଯାଇ ପାରିବ ସେବିଷୟରେ ସେମାନଙ୍କ ମଧ୍ୟରୁ କେତେ ଜଣ ପ୍ରବୃତ୍ତ ଥିଲେ; ଅନ୍ୟମାନେ ନିଜର ଆଧ୍ୟାତ୍ମିକ ଅନୁଭୂତିର କଥାକୁ ଆହୁରି ନିରାଡ଼ମ୍ବର ଓ ସରଳ ଭାଷାରେ ପ୍ରକାଶ କରିଛନ୍ତି, ଏଥିରେ ବିଚାରର ଉର୍ବରତା, କାବ୍ୟିକ ରୂପକ ଅଥବା ବ୍ୟଞ୍ଜନାର ଗାମ୍ଭୀର୍ଯ୍ୟ ଓ ପୂର୍ଣ୍ଣତା ଅପେକ୍ଷାକୃତ କମ୍ । ଅଧିକାଂଶ ସ୍ଥାନରେ ଦେଖାଯାଏ ଯେ ଏକହିଁ ଋଷିଙ୍କର ପଦ୍ୟାବଳି ପ୍ରକାଶଭଙ୍ଗୀରେ ପରସ୍ପର ପୃଥକ୍ — ଏଗୁଡ଼ିକର ରଚନାଭଙ୍ଗୀ ଅତିଶୟ ସରଳତାଠୁ ଆରମ୍ଭ କରି ସବୁଠୁ କୌତୂହଳପ୍ରଦ କାବ୍ୟ-ଗୌରବରେ ସମୃଦ୍ଧ । କିଂବା ସେହି ଏକହିଁ ସୂକ୍ତରେ ଏହି କାବ୍ୟଗୌରବର ଉତ୍କର୍ଷ ଓ ଅପକର୍ଷ ରହିଛି; ଯଜ୍ଞର ଅତି ସାଧାରଣ ପାରମ୍ପରିକ ପ୍ରତୀକଠାରୁ ଆରମ୍ଭ କରି ଏହା ଅତି ସଘନ ଓ ଜଟିଳ ଭାବନା ମଧ୍ୟକୁ ଉନ୍ନୀତ ହୋଇ ଆସିଛି । କେତେକ ସୂକ୍ତର ଭାଷା ସରଳ ଓ ଆଧୁନିକ-ପ୍ରାୟ; ଅନ୍ୟଗୁଡ଼ିକ ପ୍ରଥମରୁ ନିଜର ବିଚିତ୍ର ଅସ୍ପଷ୍ଟ ରୂପରେ ଆମକୁ ଭ୍ରାନ୍ତ କରିଦିଅନ୍ତି । କିନ୍ତୁ ପ୍ରକାଶଭଙ୍ଗୀର ଏଇସବୁ ପାର୍ଥକ୍ୟ ଯୋଗୁଁ ଆଧ୍ୟାତ୍ମିକ ଅନୁଭୂତିଗତ ଐକ୍ୟରେ ଆଦୌ କିଛି ହାନି ପହଞ୍ଚି ନାହିଁ, କିଂବା ନିର୍ଦ୍ଧାରିତ ସଂଜ୍ଞା ଓ ସାଧାରଣ ସୂତ୍ରଗୁଡ଼ିକର ପାର୍ଥକ୍ୟ ଯୋଗୁଁ ଏଗୁଡ଼ିକ ଜଟିଳ ହୋଇଯାଇ ନାହିଁ । ମେଧାତିଥି କାଣ୍ୱଙ୍କର ଗୀତିମୟ ସ୍ପଷ୍ଟତାରେ ଯେପରି ଜ୍ଞାନର ଦୃଢ଼ ଆଧାର ରହିଛି, ଠିକ୍ ସେଇପରି ଦୀର୍ଘତମା ଔଚଥ୍ୟଙ୍କର ଗଭୀର ଓ ରହସ୍ୟମୟ ରଚନାଭଙ୍ଗୀରେ ତାହା ବିଦ୍ୟମାନ, ବଶିଷ୍ଠଙ୍କ ସମତାପୂର୍ଣ୍ଣ ସମନ୍ୱୟଭାବ ମଧ୍ୟରେ ଏହା ଯେପରି, ବିଶ୍ୱାମିତ୍ରଙ୍କର ଶକ୍ତିଶାଳୀ ଓ ତେଜୋମୟ ସୂକ୍ତମାନଙ୍କ ମଧ୍ୟରେ ମଧ୍ୟ ଠିକ୍ ସେଇପରି, ଏବଂ ମନ୍ତ୍ରସାଧକମାନଙ୍କ ପବିତ୍ର ବିଧିସମୂହ ପ୍ରତି ଏଥିରେ ସମାନ ଐକାନ୍ତିକ ନିଷ୍ଠା ଦେଖିବାକୁ ମିଳେ ।

ବୈଦିକ ରଚନାବଳିର ଏହି ବିଶେଷତ୍ୱ ଦୃଷ୍ଟିରୁ ଫଳ ଏହି ଯେ, ମୋ ପ୍ରଦର୍ଶିତ

ବ୍ୟାଖ୍ୟା-ପଦ୍ଧତିକୁ ଅନୁସରଣ କରି ବେଦର ଦଶଟି ମଣ୍ଡଳରୁ ବିଭିନ୍ନ ସୂକ୍ତ ଚୟନ କରି ଅଥବା କେବଳ ଜଣେ ଋଷିଙ୍କର ସୂକ୍ତର ଏକ ଅଳ୍ପ ଅଂଶକୁ ନେଇ ପରୀକ୍ଷା କଲେ ସେହି ସମାନ ଭାବେ ସ୍ପଷ୍ଟ ବ୍ୟାଖ୍ୟା କରିହେବ । ମୋ ଦ୍ୱାରା ଉପସ୍ଥାପିତ ଭାଷ୍ୟକୁ ସମୀକ୍ଷକମାନଙ୍କ ସମସ୍ତ ସମ୍ଭାବ୍ୟପ୍ରଶ୍ନର ଉର୍ଦ୍ଧ୍ୱକୁ ନେବା ଯଦି ମୋ ଅଭିପ୍ରାୟ ହୁଏ, ତେବେ ଏହା ଉପରେ ତନ୍ନ ତନ୍ନ ଭାବେ କେତେ ନା କେତେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ସାରା ଦଶଟି ମଣ୍ଡଳର ସମୀକ୍ଷା କରିବା ଏକାନ୍ତ ଅପରିହାର୍ଯ୍ୟ ହେବ । ଏହାକୁ ପ୍ରମାଣସିଦ୍ଧ କରିବା ପାଇଁ ବୈଦିକ ପରିଭାଷା ''ଋତମ୍''ରେ ମୁଁ ଯେଉଁ 'ସତ୍ୟ' ବୋଲି ଅର୍ଥ ବିନ୍ୟାସ କରିଛି ଅଥବା ''ଗୋ'' ଶବ୍ଦରେ 'ଜ୍ୟୋତିଃ'ରୂପକ ପ୍ରତୀକାର୍ଥ ମୁଁ ଯେପରି ଦେଇଛି, ଏସବୁକୁ ନିଦର୍ଶନ ରୂପେ ନିଆଯାଇପାରେ, ଏବଂ ଯେଉଁ ସୂକ୍ତରେ 'ସତ୍ୟ'ର ଅର୍ଥ ଅଥବା ''ଗୋ'ର କଳ୍ପନା ମୁଖ୍ୟ ବା ଗୌଣ ଭାବେ ଆସିଛି, ସେସବୁକୁ ଉଦ୍ଧୃତ କରି ସେଠାରେ ମୋର ପ୍ରକଳ୍ପକୁ ଏଇସବୁ ଶବ୍ଦର ଅର୍ଥ ତଥା ପ୍ରସଙ୍ଗକୁ ଉପସ୍ଥାପନାପୂର୍ବକ ପ୍ରତିଷ୍ଠା କରିବାକୁ ହେବ । ଅଥବା ବେଦବର୍ଣ୍ଣିତ ଇନ୍ଦ୍ରଙ୍କୁ ଯଦି ମୁଁ ପ୍ରମାଣସିଦ୍ଧ କରିବାକୁ ଚାହିଁବି ଯିଏ ନିଜର ଆତ୍ମିକ କ୍ରିୟାତ୍ମକତାରେ ହେଉଛନ୍ତି ପ୍ରକୃତରେ ଜ୍ୟୋତିଃମନର ଅଧିପତି, ଏହି ମନକୁ ବେଦରେ ''ଦ୍ୟୌଃ'' ବା ସ୍ୱର୍ଲୋକ ବୋଲି ଅଭିହିତ କରି ତା'ର ତିନୋଟି ଜ୍ୟୋତିର୍ଲୋକ ତ୍ରିସ୍ୱର୍ଗ, ''ରୋଚନା'', ରହିଛି ବୋଲି କୁହାଯାଇଛି, ତାହାରି ଅଧିପତି ହେଲେ ଇନ୍ଦ୍ର, ତେବେ ମୋତେ ସେହିପ୍ରକାରେ ବେଦରେ ଇନ୍ଦ୍ରଙ୍କୁ ସମ୍ବୋଧିତ ଯେଉଁ ଯେଉଁ ସୂକ୍ତରାଜି ଓ ସୂକ୍ତାଂଶମାନ ରହିଛି, ଯେଉଁଥିରେ ବୈଦିକ ଲୋକସଂସ୍ଥାନର ସ୍ପଷ୍ଟ ଉଲ୍ଲେଖ ଅଛି, ସେଗୁଡ଼ିକୁ ମୋତେ ପରୀକ୍ଷା କରିବାକୁ ହେବ । ଆଉ ମଧ୍ୟ ବେଦର ଅନ୍ତର୍ଭାବନାମାନ ଏତେ ପରିମାଣରେ ପରସ୍ପର ସହ ଜଡ଼ିତ ଓ ପରସ୍ପର ନିର୍ଭରଶୀଳ ଯେ ଅନ୍ୟାନ୍ୟ ଦେବତାମାନଙ୍କର ତଥା ଋତ-ସତ୍ୟର ତତ୍ତ୍ୱ ସହିତ ସଂଯୁକ୍ତ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆତ୍ମିକ ପରିଭାଷାଗୁଡ଼ିକର ଏବଂ ଯେଉଁ ମାନସିକ ଜ୍ଞାନଦୀପ୍ତି ମଧ୍ୟଦେଇ ମନୁଷ୍ୟ ସେଥିରେ ଉପନୀତ ହୁଏ ସେଗୁଡ଼ିକର ଭେଦାଭେଦ ପରୀକ୍ଷା ବିନା ପୂର୍ବୋକ୍ତ ପରୀକ୍ଷାଟି ମଧ୍ୟ ଯଥେଷ୍ଟ ହୋଇପାରିବ ନାହିଁ । ମୋ ଭାଷ୍ୟର ଯାଥାର୍ଥ୍ୟ ପ୍ରତିପାଦନ ପାଇଁ ଏପରି ଏକ ଗ୍ରନ୍ଥର ଆବଶ୍ୟକତା ମୁଁ ସ୍ୱୀକାର କରୁଛି ଏବଂ ଆଶା କରୁଛି ଯେ ବୈଦିକ ସତ୍ୟ, ବୈଦିକ ଦେବତା ଓ ବୈଦିକ ପ୍ରତୀକମାନଙ୍କ ସମ୍ବନ୍ଧରେ ନାନା ଅନୁଶୀଳନ ମାଧ୍ୟମରେ ତାହାକୁ କାର୍ଯ୍ୟାନ୍ୱିତ କରିବି । କିନ୍ତୁ ଏଇ ଅଭିପ୍ରାୟକୁ ଚରିତାର୍ଥ କରିବା ପାଇଁ ଯେଉଁ ଶ୍ରମ କରିବାର ଅଛି, ତାହା ବର୍ତ୍ତମାନର ପ୍ରକଳ୍ପ-ପରିସରଠାରୁ ଅଲଗା । ଏହି ଲେଖାଗୁଡ଼ିକ କେବଳ ମୋ ଭାଷ୍ୟ-ପଦ୍ଧତିର ଏକ ନିଦର୍ଶନ ନିମନ୍ତେ ତଥା ମୋ ସିଦ୍ଧାନ୍ତ ପ୍ରୟୋଗ କଲେ ପରିଣାମ କ'ଣ ହେଉଛି, ତାହାରି ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ ମଧ୍ୟରେ ସୀମିତ ।

ମୋ ଦ୍ୱାରା ପ୍ରଦର୍ଶିତ ଭାଷ୍ୟ-ପଦ୍ଧତିର ଯାଥାର୍ଥ୍ୟକୁ ପ୍ରତିପାଦନ କରିବା ପାଇଁ ମୋର ପ୍ରସ୍ତାବ ହେଉଛି – ପ୍ରଥମ ମଣ୍ଡଳର ପ୍ରାରମ୍ଭିକ ଏଗାରଟି ସୂକ୍ତକୁ ନିଆଯାଉ, ଏବଂ ଏହା ଦ୍ୱାରା ଦେଖାଇ ଦିଆଯାଇପାରେ ଯେ କେତେକ ନିର୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ସୂକ୍ତଗୁଚ୍ଛର ଅଥବା ଏକକ ସୂକ୍ତର କିପରି ଆଧାତ୍ମିକ ଭାଷ୍ୟର କିଛି କେନ୍ଦ୍ରୀୟ ବିଚାର ଉଦ୍ଭାସିତ ହେଉଛି ଏବଂ ମନ୍ତ୍ରଗୁଚ୍ଛଗୁଡ଼ିକର ପାରିପାର୍ଶ୍ୱିକ ସଙ୍ଗତି ଓ ସୂକ୍ତଗୁଡ଼ିକର ପରିକଳ୍ପନା କିପରି ଏଇ ଗଭୀରତର ଚିନ୍ତାଧାରାର ଆଲୋକରେ ସଂପୂର୍ଣ୍ଣ ନୂତନ ରୂପ ଧାରଣ କରୁଛି ।

ଋଗ୍‌ବେଦ ସଂହିତାକୁ ଆମେ ଯେଉଁ ରୂପରେ ପାଇଛୁ, ତାହା ଦଶଟି ମଣ୍ଡଳରେ ସଜ୍ଜିତ । ଏଇ ସଜ୍ଜୀକରଣରେ ଦ୍ୱିବିଧ ନିୟମ ଦେଖାଯାଏ । ଛଅଟି ମଣ୍ଡଳରେ ଜଣେମାତ୍ର ଋଷିଙ୍କର ବା ଗୋଟିଏ ଋଷିବଂଶର ସୂକ୍ତରାଜି ଅନ୍ତର୍ଭୁକ୍ତ । ଏଇ ଭାବେ ଦେଖିଲେ, ଦ୍ୱିତୀୟ-ମଣ୍ଡଳରେ ପ୍ରଧାନତଃ ଗୃତ୍ସମଦଙ୍କ ସୂକ୍ତଗୁଡ଼ିକୁ ରଖାଯାଇଛି । ସେଇପରି ତୃତୀୟ ଓ ସପ୍ତମ ମଣ୍ଡଳ ଯଥାକ୍ରମେ ଖ୍ୟାତନାମା ବିଶ୍ୱାମିତ୍ର ଓ ବଶିଷ୍ଠଙ୍କର, ଚତୁର୍ଥରେ ବାମଦେବଙ୍କର ଓ ଷଷ୍ଠରେ ଭରଦ୍ୱାଜଙ୍କର ସୂକ୍ତଗୁଡ଼ିକ ସନ୍ନିବେଶିତ । ପଞ୍ଚମ ମଣ୍ଡଳ ଅତ୍ରି-ବଂଶର ସୂକ୍ତରେ ପୂର୍ଣ୍ଣ । ଏହି ପ୍ରତ୍ୟେକ ମଣ୍ଡଳରେ ଅଗ୍ନିଙ୍କୁ ସମ୍ବୋଧିତ ସୂକ୍ତଗୁଡ଼ିକ ପ୍ରଥମେ ଏକତ୍ର ସଂକଳିତ ଏବଂ ତା'ପରେ ରହିଛି ଇନ୍ଦ୍ରଦୈବତ ସୂକ୍ତରାଜି; ବୃହସ୍ପତି, ସୂର୍ଯ୍ୟ, ଋଭୁଗଣ, ଉଷା ପ୍ରଭୃତିଙ୍କୁ ଆବାହନର ସହ ଘଟିଛି ମଣ୍ଡଳସମାପ୍ତି । ସମଗ୍ର ନବମ ମଣ୍ଡଳରେ ସୋମ ଦେବତାଙ୍କ ଉଦ୍ଦେଶ୍ୟରେ ରଚିତ ସୂକ୍ତରାଜି ସଂକଳିତ । ପ୍ରଥମ, ଅଷ୍ଟମ ଓ ଦଶମ ମଣ୍ଡଳଗୁଡ଼ିକ ବିଭିନ୍ନ ଋଷିଙ୍କ ଦ୍ୱାରା ରଚିତ ସୂକ୍ତର ସଂଗ୍ରହ, ପ୍ରତ୍ୟେକ ଋଷିଙ୍କର ସୂକ୍ତରାଜିକୁ ସାଧାରଣତଃ ସେମାନଙ୍କ ଦେବତା-କ୍ରମ ଅନୁଯାୟୀ ବିନ୍ୟାସ କରାଯାଇଛି; ପ୍ରଥମେ ଅଗ୍ନି, ତା'ପରେ ଇନ୍ଦ୍ର ଓ ତା'ପରେ ଅନ୍ୟାନ୍ୟ ଦେବତା । ଏହିପରି ପ୍ରଥମ ମଣ୍ଡଳର ଆରମ୍ଭରେ ବିଶ୍ୱାମିତ୍ରଙ୍କ ପୁତ୍ର ମଧୁଚ୍ଛନ୍ଦାଙ୍କର ଦଶଟି ସୂକ୍ତ ସ୍ଥାନ ପାଇଛି । ଏକାଦଶ ସୂକ୍ତଟିରେ ମଧୁଚ୍ଛନ୍ଦାଙ୍କ ପୁତ୍ର ଜେତୃଙ୍କ ନାମ ଆରୋପିତ । ଏହି ଶେଷ ସୂକ୍ତଟି ରଚନାଶୈଳୀ, ପ୍ରକାଶ-ଭଙ୍ଗୀ ଓ ଭାବଦିଗରୁ ପୂର୍ବ ଦଶଟି ସୂକ୍ତ ସହିତ ସମାନ, ଏବଂ ଭାବ ଓ ଭାଷା ଦୃଷ୍ଟିରୁ ଏହି ସମସ୍ତ ସୂକ୍ତକୁ ଏକତ୍ର ଗୋଟିଏ ମାତ୍ର ସୂକ୍ତ-ସ୍ତବକ ରୂପେ ଗ୍ରହଣ କରାଯାଇ ପାରେ ।

ଏହି ବୈଦିକ ସୂକ୍ତଗୁଡ଼ିକର କ୍ରମବିନ୍ୟାସରେ ଚିନ୍ତା-ବିକାଶର ଯେ ଗୋଟିଏ ନିର୍ଦିଷ୍ଟ ନିୟମ ନାହିଁ, ଏମିତି ନୁହେଁ । ପ୍ରଥମ ମଣ୍ଡଳଟି ଏପରି ସୁନ୍ଦର ଭାବରେ ସୁବିନ୍ୟସ୍ତ ହୋଇଛି ଯେ, ନିର୍ଦିଷ୍ଟ କେତେଜଣ ଋଷିଙ୍କର କଣ୍ଠସ୍ୱର ମଧ୍ୟଦେଇ ବେଦର ସାଧାରଣ ବିଚାରମାନ ନାନାବିଧ ଉପାଦାନ ସହ ପ୍ରସ୍ଥାପିତ ପ୍ରତୀକମାନଙ୍କର ଆବରଣ ତଳେ କ୍ରମେ କ୍ରମେ ସ୍ୱୟଂ ଉନ୍ମୋଚିତ ହୋଇଛି; ଏହି ଋଷିଗଣଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଉଚ୍ଚଶ୍ରେଣୀର ଭାବୁକ ଓ ପାବନ ଗାୟକ ଏବଂ, ସେମାନଙ୍କ ମଧ୍ୟରୁ କେତେଜଣ ବୈଦିକ ପରମ୍ପରାରେ ସବୁଠୁ

ପ୍ରସିଦ୍ଧ ନାମଧାରୀ । ଏପରିକି ଅତ୍ୟନ୍ତ ପ୍ରକୀର୍ଣ୍ଣ ସୂକ୍ତମାନଙ୍କର ରଚୟିତା ଋଷିମାନଙ୍କର ନାମ ସନ୍ନିବେଶିତ ଦଶମ ବା ଅନ୍ତିମ ମଣ୍ଡଳଟି କୌଣସି ଆକସ୍ମିକ ଘଟଣା ନୁହେଁ, ଯେଉଁଥିରେ ବୈଦିକ ଚିନ୍ତାର ଚରମ ବିକାଶ ଦେଖିବାକୁ ମିଳେ ଏବଂ ଏହାର କେତେକ ସୂକ୍ତର ଭାଷା ଅତ୍ୟନ୍ତ ଆଧୁନିକ । ଏଇ ମଣ୍ଡଳରେହିଁ ପୁରୁଷଯଜ୍ଞ ଓ ସୃଷ୍ଟିବିଷୟକ ମହାନ୍ ସୂକ୍ତଦ୍ୱୟ ବିଦ୍ୟମାନ । ଆଧୁନିକ ପଣ୍ଡିତମାନେ ମନେ କରନ୍ତି ଯେ ଏଇଠାରେହିଁ ସେମାନେ ବେଦାନ୍ତ ଦର୍ଶନ ବା ବ୍ରହ୍ମବାଦର ଉତ୍ପତ୍ତିସ୍ଥଳକୁ ଆବିଷ୍କାର କରନ୍ତି ।

ସେ ଯାହା ବି ହେଉ, ବୈଦିକ ସମସ୍ୱରତାର ପ୍ରଥମ ମୌଳିକ ଛନ୍ଦ ଋଗ୍‌ବେଦର ଆରମ୍ଭରେ ବିଶ୍ୱାମିତ୍ରଙ୍କର ପୁତ୍ର-ପୌତ୍ରାଦିଙ୍କ ସୂକ୍ତଗୁଡ଼ିକରେ ଯେପରି ପ୍ରଶଂସନୀୟ ଭାବେ ରହିଛି ତାହା ଆମର ଦୃଷ୍ଟି ଆକର୍ଷଣ କରେ । ଅଗ୍ନିଙ୍କ ଉଦ୍ଦେଶ୍ୟରେ ନିବେଦିତ ପ୍ରଥମ ସୂକ୍ତରେ ସତ୍ୟର ଯେଉଁ କେନ୍ଦ୍ରୀୟ ଭାବନାକୁ ସୂଚିତ କରାଯାଇଛି, ଦ୍ୱିତୀୟ ଓ ତୃତୀୟ ସୂକ୍ତରେ ଇନ୍ଦ୍ରଙ୍କୁ ଅନ୍ୟ ଦେବତାମାନଙ୍କ ସହିତ ଆବାହନ କରାଯାଉଥିବା ବେଳେ ସେହି ଭାବନା ଆହୁରି ଦୃଢ଼ ହୋଇ ଉଠିଛି । କେବଳ ଇନ୍ଦ୍ରଙ୍କୁ ଦେବତା ରୂପେ ଗ୍ରହଣ କରାଯାଇଥିବା ଅବଶିଷ୍ଟ ଆଠଟି ସୂକ୍ତରେ, ଇନ୍ଦ୍ର ଓ ମରୁତ୍ ଉଭୟଙ୍କ ପ୍ରତି ଉଦ୍ଦିଷ୍ଟ କେବଳ ଗୋଟିଏ ସୂକ୍ତ ବ୍ୟତୀତ, 'ସୋମ' ଓ 'ଗୋ'ର ପ୍ରତୀକ ତଥା ଆବରକ 'ବୃତ୍ର' ଏବଂ ଆଲୋକ ଦିଗରେ ମଣିଷକୁ ଆଗେଇ ନେବାରେ ଓ ତା'ର ପ୍ରଗତି-ପଥରୁ ପ୍ରତିବନ୍ଧକଗୁଡ଼ିକୁ ହଟାଇ ଦେବାରେ 'ଇନ୍ଦ୍ର' ଯେଉଁ ମହାନ୍ ଭୂମିକା ଗ୍ରହଣ କରିଛନ୍ତି, ତା'ର ପ୍ରତୀକ ଆମେ ଦେଖିବାକୁ ପାଉ । ସୁତରାଂ ବେଦର ଆତ୍ମିକ ତାତ୍ପର୍ଯ୍ୟ ନିମନ୍ତେ ଏଇ ସୂକ୍ତଗୁଡ଼ିକ ନିର୍ଣ୍ଣାୟକ ଗୁରୁତ୍ୱ ବହନ କରନ୍ତି ।

ଅଗ୍ନିଙ୍କ ପ୍ରତି ଉଦ୍ଦିଷ୍ଟ ସୂକ୍ତଟିର ପଞ୍ଚମଠାରୁ ଅଷ୍ଟମ ଏ ଚାରୋଟି ମନ୍ତ୍ର ଯଦି ପ୍ରତୀକର ଆବରଣରୁ ମୁକ୍ତ ହୋଇଯାଏ, ତେବେ ସେଥିରେ ଆତ୍ମିକ ଆଶୟ ଅତି ଦୃଢ଼ତା ଓ ସ୍ପଷ୍ଟତା ସହ ପ୍ରତିଭାତ ହୁଏ :

ଅଗ୍ନିର୍ହୋତା କବିକ୍ରତୁଃ ସତ୍ୟଶ୍ଚିତ୍ରଶ୍ରବସ୍ତମଃ ।
ଦେବୋ ଦେବେଭିରା ଗମତ୍ ॥
ୟଦଙ୍ଗ ଦାଶୁଷେ ତ୍ୱମଗ୍ନେ ଭଦ୍ରଂ କରିଷ୍ୟସି ।
ତବେତତ୍ ସତ୍ୟମଙ୍ଗିରଃ ॥
ଉପ ତ୍ୱାଗ୍ନେ ଦିବେଦିବେ ଦୋଷାବସ୍ତର୍ଧିୟା ବୟମ୍ ।
ନମୋ ଭରନ୍ତ ଏମସି ॥
ରାଜନ୍ତମଧ୍ୱରାଣାଂ ଗୋପାମୃତସ୍ୟ ଦୀଦିବିମ୍ ।
ବର୍ଧମାନଂ ସ୍ୱେ ଦମେ ॥ (ଋ.ବେ. ୧।୧।୫-୮)

ଉକ୍ତ ସୂକ୍ତାଂଶରେ ଆମେ ପାରିଭାଷିକ ଶବ୍ଦର ଏପରି ଏକ ପର୍ଯ୍ୟାୟ ପାଉ

ଯେଉଁଗୁଡ଼ିକ ଆତ୍ମିକ ଅର୍ଥର ସିଧା ପ୍ରକାଶକ ବା ସ୍ପଷ୍ଟତଃ ସେହି ଅର୍ଥ ପ୍ରକାଶ ପାଇଁ ସମର୍ଥ ଏବଂ ସମୁଦାୟ ପ୍ରକରଣ ଉପରେ ଏହା ଅନୁରଞ୍ଜିତ ହୋଇଉଠେ । ତା' ସତ୍ତ୍ୱେ ସାୟଣ ଏକାନ୍ତ ଭାବେ ଏହାର କର୍ମକାଣ୍ଡୀୟ ବ୍ୟାଖ୍ୟା ଉପରେ ଜୋର୍ ଦେଇଛନ୍ତି ଏବଂ ସେ କିପରି ଭାବରେ ଏଇ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ତାହା ଦେଖିବାକୁ ଭାରି ମଜା ଲାଗେ । ପ୍ରଥମ ବାକ୍ୟାଂଶରେ ଥିବା 'କବି' ଶବ୍ଦର ଅର୍ଥ ଦ୍ରଷ୍ଟା; 'କ୍ରତୁ' ଶବ୍ଦର ଅର୍ଥ ଯଦି ଯଜ୍ଞ-କର୍ମ ବୋଲି ଗ୍ରହଣ କରାଯାଏ, ତେବେ ମନ୍ତ୍ରାଂଶଟିର ଅର୍ଥ ହେବ —''ହୋତା ଅଗ୍ନି, ଯିଏ ଦ୍ରଷ୍ଟାଙ୍କ କର୍ମ ବା ଅନୁଷ୍ଠାନକୁ ସମ୍ପାଦନ କରନ୍ତି ।'' ଏହିପରି ଅର୍ଥର ଏକ ଦିକ୍-ପରିବର୍ତ୍ତନ ଦ୍ୱାରା ଯଜ୍ଞକୁ ଏକ ପ୍ରତୀକାତ୍ମକ ସ୍ୱରୂପ ଦେବା ସଙ୍ଗେ ସଙ୍ଗେ ବେଦକୁ ଗଭୀରଭାବେ ବୁଝିବା ପାଇଁ ଏହା ବୀଜତତ୍ତ୍ୱ ରୂପେ କାର୍ଯ୍ୟ କରିବାରେ ସ୍ୱୟଂ ପର୍ଯ୍ୟାପ୍ତ । ସାୟଣ ଅନୁଭବ କରିଛନ୍ତି ଯେ ଏହି ବାଧାକୁ ଯେକୌଣସି ଉପାୟରେ ତାଙ୍କର ଦୂର କରିବାର ଅଛି, ତେଣୁ ସିଏ 'କବି' ଶବ୍ଦର 'ଦ୍ରଷ୍ଟା' ଅର୍ଥଟି ଛାଡ଼ି ଅନ୍ୟ ଏକ ଅସ୍ୱାଭାବିକ ଅର୍ଥ କରିଛନ୍ତି ।[୧] ସେ ବୁଝାଇଛନ୍ତି ଯେ ଅଗ୍ନି ହେଲେ 'ସତ୍ୟ', କାରଣ ସେ ଯଜ୍ଞର ଯଥାର୍ଥ ଫଳ-ପ୍ରଦାତା । ସାୟଣ 'ଶ୍ରବସ୍'ର ଅର୍ଥ କରିଛନ୍ତି 'ଯଶ', ଅଗ୍ନିଙ୍କର ଅଛି ନିରତିଶୟ ଓ ବହୁବିଧ କୀର୍ତ୍ତି । ପଦଟିର ସମ୍ପଦ ବୋଲି ଅର୍ଥ କରିଥିଲେ ଆହୁରି ଭଲ ହୋଇଥାନ୍ତା, କାରଣ ସେଥିରେ 'ସତ୍ୟ' ଅର୍ଥ କରିବା ଜନିତ ଅସଙ୍ଗତି ରହି ନ ଥା'ନ୍ତା । ଏହି ଅର୍ଥ ଗ୍ରହଣ କଲେ ଉକ୍ତ ପଞ୍ଚମ ମନ୍ତ୍ରର ଅର୍ଥ ହେବ —''ହୋତା ଅଗ୍ନି ଯିଏ ଅନୁଷ୍ଠାନରେ ସକ୍ରିୟ, ଯିଏ ସତ୍ୟ (ଯଜ୍ଞଫଳଦାନରେ) — କାରଣ ଏଇ ବିବିଧ ବିଭବହିଁ ତାଙ୍କରି, ସେହି ଦେବତା ଦେବତାମାନଙ୍କ ସହିତ ଆସନ୍ତୁ ।''

ଷଷ୍ଠ ମନ୍ତ୍ର ସମ୍ବନ୍ଧରେ କହିଲେ, ଭାଷ୍ୟକାର (ସାୟଣ) ଏକ ଅତି ଅବାନ୍ତର ତଥା ଅସମ୍ବନ୍ଧ ଅର୍ଥ-ବିନ୍ୟାସ କରିଛନ୍ତି ଏବଂ ସେଥିରେ ଭାବନାର ଗତିରେ ଏପରି ମାମୁଲି ଏକ ମୋଡ଼ ଆଣିଛନ୍ତି ଯାହା ଦ୍ୱାରା ମନ୍ତ୍ରଟିର ପ୍ରବାହ ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହୋଇଛି । ତାଙ୍କର ଅନୁବାଦ — ''ସେଇ ଶୁଭସମ୍ପଦ (ବିବିଧ ସଂପଦ ରୂପରେ), ଯାହା ତୁମେ ହବି-ଦାତା ନିମନ୍ତେ ସାଧନ କରିବ, ତାହାହିଁ ତୁମରି । ହେ ଅଙ୍ଗିରା, ଏହା ସତ୍ୟ ।'' କହିବାକୁ ଗଲେ, ଏଇ ତଥ୍ୟ ସମ୍ବନ୍ଧରେ କୌଣସି ସନ୍ଦେହର ଅବକାଶ ନାହିଁ, କାରଣ ଯଦି ହବିଦାତାଙ୍କୁ ସମ୍ପଦ ଦାନ କରି ଅଗ୍ନି ତାଙ୍କର ମଙ୍ଗଳ କରନ୍ତି, ତେବେ ସେ ଏହାର ପ୍ରତିଦାନ ସ୍ୱରୂପ ଅଗ୍ନିଙ୍କ ଉଦ୍ଦେଶ୍ୟରେ ନୂତନ ଯଜ୍ଞ ସମ୍ପାଦନ କରିବେ, ଏବଂ ଏହିପରି ଭାବରେ ଯଜ୍ଞ-ସାଧକର ହିତହିଁ ଉକ୍ତ ଦେବତାଙ୍କ ହିତରେ ପରିଣତ ହୋଇଥାଏ । ଏଠାରେ ତା'ହେଲେ

---

୧ ''କବିଶବ୍ଦୋଽତ୍ର କ୍ରାନ୍ତବଚନୋ ନ ତୁ ମେଧାବିନାମ'' (''ଏଠାରେ କବି ଶବ୍ଦର ଅର୍ଥ କ୍ରାନ୍ତ ବଚନ, ମେଧାବୀ ଅର୍ଥରେ ନୁହେଁ ।'') — ସାୟଣ ।

ଏପରି ଅନୁବାଦ କଲେ ଅଧିକ ଭଲ ହେବ —''ହେ ଅଙ୍ଗିରା, ତୁମେ ହବିଦାତାଙ୍କ ନିମନ୍ତେ ଯେଉଁ ମଙ୍ଗଳ କରିବ, ତାହାହିଁ ତୁମର ସେଇ ସତ୍ୟ'', କାରଣ ଏପରି ଅନୁବାଦ କରିବା ଦ୍ୱାରା ଆମେ ଏକ ସରଳ ଅର୍ଥ ପାଇବା ସଙ୍ଗେ ସଙ୍ଗେ ଯଜ୍ଞାଗ୍ନିଙ୍କର ବିଶେଷଣ ରୂପେ ପ୍ରୟୋଗ କରାଯାଇଥିବା 'ସତ୍ୟ' ଶବ୍ଦଟିର ଏକ ସ୍ପଷ୍ଟ ଅର୍ଥ ମଧ୍ୟ ପାଇ ପାରୁଛୁ । ଏହାହିଁ ଅଗ୍ନିଙ୍କର ସତ୍ୟ ଯେ ସେ ହବିଦାତାଙ୍କୁ ପ୍ରତିଦାନରେ ନିଶ୍ଚିତ ଭାବରେ ମଙ୍ଗଳ ପ୍ରଦାନ କରନ୍ତି ।

ସପ୍ତମ ମନ୍ତ୍ରରେ ''ଆମେ ନମସ୍କାର ସହ ଆସୁଛୁ''— ବାକ୍ୟାଂଶଟି ବ୍ୟତୀତ କର୍ମକାଣ୍ଡୀୟ ବ୍ୟାଖ୍ୟାରେ ଅନ୍ୟ କୌଣସି ଅସୁବିଧା ନାହିଁ । ସାୟଣଙ୍କ ଅର୍ଥରେ ଏଠାରେ ''ଭରନ୍ତଃ'' ଅର୍ଥକୁ କେବଳ ''କରିବା'' ବୁଝାଉଛି, ଏବଂ ଏହି ଋକ୍‌ର ଅନୁବାଦ ସେ କରିଛନ୍ତି —''ଆମେ ଦିନ ପରେ ଦିନ, ଅହୋରାତ୍ର, ତୁମରି ଭାବନା ସହିତ ନମସ୍କାର କରି କରି ତୁମ ନିକଟକୁ ଆସୁଛୁ ।'' ଅଷ୍ଟମ ମନ୍ତ୍ରରେ ସେ ''ଋତସ୍ୟ'' ପଦଟିକୁ ''ସତ୍ୟସ୍ୟ'' ଅର୍ଥରେ ଗ୍ରହଣ କରିଛନ୍ତି ଏବଂ ଏହାକୁ ଯଜ୍ଞାନୁଷ୍ଠାନର ଯଥାର୍ଥ ଫଳ ବୋଲି ବ୍ୟାଖ୍ୟା କରିଛନ୍ତି । ଯଥା ''ଯେ ଭାସ୍ୱର, ଯେ ଯଜ୍ଞର ରକ୍ଷକ, ଯେ ସର୍ବଦା ସେଗୁଡ଼ିକର ସତ୍ୟଫଳକୁ (ଅର୍ଥାତ୍ ସେଗୁଡ଼ିକର ଅବଶ୍ୟମ୍ଭାବୀ ଫଳକୁ) ପ୍ରକାଶ କରୁଛ, ଯିଏ ସ୍ୱଗୃହରେ ବୃଦ୍ଧିଶୀଳ, ସେଇ ତୁମକୁ । '' ଆଉ ମଧ୍ୟ , 'ଋତମ୍'କୁ ଯଜ୍ଞ ଅର୍ଥରେ ଗ୍ରହଣ କରିଥିଲେ ଅଧିକ ଭଲ ଓ ସରଳ ହୋଇଥା'ନ୍ତା, ଏବଂ ସେହି ଅର୍ଥରେ ଅନୁବାଦ କଲେ — ''ଯଜ୍ଞ ମଧ୍ୟରେ ଦେଦୀପ୍ୟମାନ, ଯିଏ ଅନୁଷ୍ଠାନର ରକ୍ଷକ, ଯିଏ ଚିର ଜ୍ୟୋତିର୍ମୟ, ସ୍ୱୀୟ ଗୃହରେ ଯିଏ ବୃଦ୍ଧିଶୀଳ, ସେଇ ତୁମକୁ ।'' ଭାଷ୍ୟକାରଙ୍କ ମତରେ ଅଗ୍ନିଙ୍କର ''ସ୍ୱଧାମ'' ହେଉଛି ଯଜ୍ଞଶାଳା ଓ ବସ୍ତୁତଃ ଏହାକୁ ସଂସ୍କୃତରେ ପ୍ରାୟ ''ଅଗ୍ନିଗୃହ'' କୁହାଯାଏ ।

ଏଣୁ ଆମେ ଦେଖୁଛୁ, ଯେଉଁ ଅଂଶଟି ପ୍ରଥମ ଦୃଷ୍ଟିପାତରେ ଆତ୍ମିକ ତାତ୍ପର୍ଯ୍ୟର ପ୍ରଚୁର ସମ୍ପଦରେ ଭରା ବୋଲି ପ୍ରତୀତ ହୋଇଛି, ତାହାକୁ ସାମାନ୍ୟ କିଛି ବଦଳା ବଦଳି କରିଦେଲେ ସେଥିରୁ ପୂରାପୂରି ଗାମ୍ଭୀର୍ଯ୍ୟଶୂନ୍ୟ କେବଳ ଏକ କର୍ମକାଣ୍ଡୀୟ ଅର୍ଥ ପ୍ରକାଶ ପାଉଛି । ତଥାପି ଯେତେ ନିପୁଣତାର ସହ ତାହା କରାଯାଉ ନା କାହିଁକି, ସେଥିରେ ଏପରି ତ୍ରୁଟି ଓ ଛିଦ୍ର ରହିଯାଏ ଯାହା ଦ୍ୱାରା ଏହି ଅର୍ଥର କୃତ୍ରିମତା ଧରା ପଡ଼ିଯାଏ । ''କବି''ର ସ୍ୱାଭାବିକ ଅର୍ଥ ସମଗ୍ର ବେଦରେ ବରାବର ସଂଶ୍ଳିଷ୍ଟ ହୋଇ ରହିଛି, ତାକୁ ସମ୍ପୂର୍ଣ୍ଣ କାଢ଼ିଦେଇ ଏକ ଅବାସ୍ତବ ଅର୍ଥକୁ ସେଥିରେ ଆରୋପ କରିବାକୁ ହୋଇଛି । ବେଦରେ ପରସ୍ପର ଘନିଷ୍ଠ ରୂପେ ସଂଯୁକ୍ତ ''ସତ୍ୟ'' ଓ ''ଋତ'' ଶବ୍ଦଦ୍ୱୟକୁ ହୁଏତ ଆମକୁ ବିଯୁକ୍ତ କରିବାକୁ ହୋଇଛି, ଅଥବା 'ଋତ' ଶବ୍ଦର ଏକ ବାଧବାଧକ ଅର୍ଥ ଦେବାକୁ ହୋଇଛି । ଆଉ ମଧ୍ୟ ଋଷିମାନଙ୍କର ଏଇ ଭାଷା ଯେଉଁସବୁ ସ୍ୱାଭାବିକ ଭାବ-ପ୍ରେରଣା ଆମ ଉପରେ ପ୍ରଭାବ ପକାଇଥିଲା, ସେସବୁକୁ ଆମେ ବେଦର ଆମୂଳଚୂଳ ଉପେକ୍ଷା କରିଛୁ ।

ଆସ, ଏହା ବଦଳରେ ବର୍ତ୍ତମାନ ଆମେ ଏକ ବିପରୀତ ସିଦ୍ଧାନ୍ତର ଅନୁସରଣ କରିବା ଏବଂ ଅନ୍ତଃ-ପ୍ରେରଣା-ଲବ୍ଧ ଏଇ ଜ୍ଞାନଗ୍ରନ୍ଥର ଶବ୍ଦଗୁଡ଼ିକୁ ପୂର୍ଣ୍ଣ ଆତ୍ମିକ ମୂଲ୍ୟ ଦେବା । ସଂସ୍କୃତରେ ''କ୍ରତୁ''ର ଅର୍ଥ କର୍ମ ବା କ୍ରିୟା ଏବଂ ବିଶେଷ ଭାବରେ ଯଜ୍ଞୋଦ୍ଦିଷ୍ଟ କର୍ମ; କିନ୍ତୁ ଏହାର ଅର୍ଥ ମଧ୍ୟ କର୍ମ-ସାଧକ ସାମର୍ଥ୍ୟ ବା ବଳ (ଗ୍ରୀକ୍ – କ୍ରତୋସ୍, kratos) । ମନସ୍ତାତ୍ତ୍ୱିକ ଦିଗରୁ ବିଚାର କଲେ ଏଇ କର୍ମସାଧକ ସାମର୍ଥ୍ୟ ହେଲା ସଂକଳ୍ପ । ଶବ୍ଦଟିର ଅର୍ଥ ମନ ବା ବୁଦ୍ଧି ମଧ୍ୟ ହୋଇପାରେ; ଏବଂ ସାୟଣ ସ୍ୱୀକାର କରିଛନ୍ତି ଯେ 'କ୍ରତୁ'ର ଅର୍ଥ ମନନ ବା ଜ୍ଞାନ ହୋଇପାରେ । 'ଶ୍ରବସ୍'ର ଆକ୍ଷରିକ ଅର୍ଥ ଶ୍ରବଣ ଏବଂ ଏହି ମୁଖ୍ୟ ତାତ୍ପର୍ଯ୍ୟରୁ ଏହାର ଦ୍ୱିତୀୟ ଅର୍ଥ ହୋଇଛି 'ଯଶଃ' । କିନ୍ତୁ ଆତ୍ମିକ ଦୃଷ୍ଟିରୁ ଦେଖିଲେ ସଂସ୍କୃତରେ ଶୁଣିବା ଭାବରୁ ଆଉ ଗୋଟିଏ ଅର୍ଥ ଆସିଥାଏ, ଯାହା ଶ୍ରବଣ, ଶ୍ରୁତି, ଶ୍ରୁତ ପ୍ରଭୃତି ପଦ ମଧ୍ୟରେ ଦେଖିବାକୁ ମିଳେ,— ତେଣୁ ଶ୍ରବସ୍‌ର ଅର୍ଥ ଅନ୍ତଃପ୍ରେରିତ ଜ୍ଞାନ ବା ଅନ୍ତଃ-ପ୍ରେରଣାଲବ୍ଧ ଜ୍ଞାନ । ଦୃଷ୍ଟି ଓ ଶ୍ରୁତି, ଯାହାକୁ ଅନ୍ୟ ଭାଷାରେ କହିଲେ ଦର୍ଶନ ଓ ଶ୍ରବଣ, ଦିବ୍ୟପ୍ରକାଶ ଓ ଆନ୍ତର-ପ୍ରେରଣା, ଏଇ ଦୁଇଶକ୍ତି ହେଉଛନ୍ତି ଅତିମାନସିକ ଶକ୍ତିର ଦୁଇ ପ୍ରଧାନ ସାମର୍ଥ୍ୟ, ଯାହା ବୈଦିକ ସତ୍ୟ ବା 'ଋତମ୍'ର ଆଶୟଗତ ଅର୍ଥର ଅନ୍ତର୍ଗତ । ବୈଦିକ ଶବ୍ଦକୋଷ-ପ୍ରଣେତାମାନେ 'ଶ୍ରବସ୍'ର ଏଇ ଅର୍ଥ ସହ ପରିଚିତ ନୁହନ୍ତି, କିନ୍ତୁ ସୂକ୍ତର ଅର୍ଥ କଲାବେଳେ ଏହାର ଅର୍ଥ ଐଶୀ ବେଦବାଣୀ ବୋଲି ଗ୍ରହଣ କରନ୍ତି । ଏହା ସ୍ପଷ୍ଟ ସୂଚନା ଦିଏ ଯେ, ଏକଦା ଏହା କୌଣସି କିଛିର, ବେଦବାଣୀର ବା ଜ୍ଞାନର, ଐଶୀପ୍ରେରଣାର ଭାବକୁ ବୁଝାଉଥିଲା । ତେଣୁ ଆମର ଅନ୍ତତଃ ଅସ୍ଥାୟୀ ଭାବରେ ଏଇ ସୂକ୍ତାଂଶରେ ଏହି ତାତ୍ପର୍ଯ୍ୟକୁ ନେଇପାରିବାର ଅଧିକାର ରହିଛି; କାରଣ 'ଯଶଃ' ବୋଲି ଅନ୍ୟ ଅର୍ଥଟି ସମଗ୍ରଭାବେ ଏଠାରେ ଅସଂଲଗ୍ନ ଓ ଅର୍ଥହୀନ ବୋଧହୁଏ । ପୁଣି, 'ନମସ୍' ଶବ୍ଦରେ ମଧ୍ୟ ଏକ ମନସ୍ତାତ୍ତ୍ୱିକ ଅର୍ଥକୁ ପ୍ରକାଶ କରିବା ସାମର୍ଥ୍ୟ ରହିଛି; କାରଣ ଏହାର ଆକ୍ଷରିକ ଅର୍ଥ, ନତ ହେବା, ଅର୍ଥାତ୍ ଦେବତାମାନଙ୍କ ସମୀପରେ ଭକ୍ତିର ସହିତ ଏକ ବିନମ୍ରଭାବ, ଯାହା ଶରୀରର ଭୂମିଷ୍ଠ ପ୍ରଣାମ ମାଧ୍ୟମରେ ପ୍ରଦର୍ଶନ କରାଯାଏ । ସୁତରାଂ ଋଷି ଯେତେବେଳେ 'ଧୀ' ଦ୍ୱାରା ଅଗ୍ନିଙ୍କ ନିକଟକୁ ନମସ୍କାର ବହନ କରିବା କଥା କହୁଛନ୍ତି ସେତେବେଳେ ଆମର ଆଉ କୌଣସି ସନ୍ଦେହ ରହେ ନା ଯେ ସେ 'ନମସ୍' ପଦଟିରେ ଆନ୍ତର ପ୍ରଣତିର ମନସ୍ତାତ୍ତ୍ୱିକ ଅର୍ଥ, ଉକ୍ତ ଦେବତାଙ୍କ ପ୍ରତି ଆନୁଗତ୍ୟ ଓ ସମର୍ପଣ, ବିନ୍ୟାସ କରୁଛନ୍ତି ।

ତା'ହେଲେ ଉକ୍ତ ଚାରୋଟି ମନ୍ତ୍ରର ଏଇ ଅର୍ଥ ଆମେ ପାଉ :—

''ଯେଉଁ ଅଗ୍ନି ସମର୍ପଣର ପୁରୋହିତ, କର୍ମ ପ୍ରତି ଯାହାଙ୍କର ରହିଛି ଦ୍ରଷ୍ଟାର ସଂକଳ୍ପ, ଯିଏ ସତ୍ୟ ଓ ବିଚିତ୍ର ଆନ୍ତର ପ୍ରେରଣାରେ ସମୃଦ୍ଧତମ, ସେହି ଦେବତା ଦେବତାମାନଙ୍କ ସହିତ ଆସନ୍ତୁ ।

"ହେ ଅଙ୍ଗିରଃ, ଯେଉଁ ମଙ୍ଗଳ ତୁମେ ହବିଦାତା ନିମନ୍ତେ ସୃଷ୍ଟି କରିବ, ତାହା ତୁମରିହିଁ ସେହି ସତ୍ୟ ।

"ହେ ଅଗ୍ନି, ଦିନ ପରେ ଦିନ, ରାତ୍ରିରେ ଓ ଆଲୋକରେ ଆମେ ଆମର ଭାବନା ସହ ସମର୍ପଣକୁ ବହନ କରି ତୁମ ନିକଟକୁ ଆସୁଛୁ ।

"ଯଜ୍ଞମାନଙ୍କରେ ଯିଏ ଦୀପ୍ତିମନ୍ତ (ଅଥବା ଯିଏ ଯଜ୍ଞର ନାୟକ), ସତ୍ୟର ଓ ସତ୍ୟ-ଜ୍ୟୋତିଃର ଯିଏ ରକ୍ଷକ, ନିଜ ଧାମରେ ଯିଏ ବୃଦ୍ଧିପ୍ରାପ୍ତ ହେଉଛ, ସେଇ ତୁମ ନିକଟକୁ (ଆମେ ଆସୁଛୁ) ।"

ଏହି ଅନୁବାଦରେ ଗୋଟିଏ ତ୍ରୁଟି ରହିଛି ଯେ ସତ୍ୟ ଓ ଋତ ଉଭୟର ଅର୍ଥ ରୂପେ ଗୋଟିଏ ଶବ୍ଦ ବ୍ୟବହାର କରିବାକୁ ହୋଇଛି, କିନ୍ତୁ ସତ୍ୟମ୍-ଋତମ୍-ବୃହତ୍‌ର ଯେଉଁ ସୂତ୍ର ଆମେ ଦେଖୁ, ସେହି ଅନୁଯାୟୀ ବୈଦିକ ମାନସରେ ଏହି ଦୁଇଟି ଶବ୍ଦର ଅର୍ଥରେ ନିର୍ଦ୍ଦିଷ୍ଟ ଅନ୍ତର ରହିଥିଲା ।

ତେବେ ଯାହାଙ୍କ ଉଦ୍ଦେଶ୍ୟରେ ଏତେ ରହସ୍ୟମୟ ଓ ଉଦ୍ଦୀପ୍ତ ଭାଷା ବ୍ୟବହୃତ ହୋଇଛି ଏବଂ ଯାହାଙ୍କୁ ଏତେ ବିରାଟ ଓ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଭାର ଅର୍ପଣ କରାଯାଇଛି ସେହି ଅଗ୍ନିଦେବତା କିଏ ? କିଏ ଏହି ସତ୍ୟର ରକ୍ଷକ, ତାଙ୍କର କର୍ମ ଓ ଜ୍ୟୋତିଃ ମଧ୍ୟରେ କିଏ ସେଇ ଭାସ୍ୱର ? କାହାର କର୍ମ-ସଂକଳ୍ପ ବହୁବିଧ ଅନ୍ତଃପ୍ରେରଣା ଦ୍ୱାରା ନିୟନ୍ତ୍ରିତ ଦିବ୍ୟପ୍ରଜ୍ଞାର ଦ୍ରଷ୍ଟା-ସଂକଳ୍ପକୁ ବହନ କରେ ? କେଉଁ ସତ୍ୟର ସେ ରକ୍ଷକ ? ଏବଂ ଯେଉଁ ଦାତା ସର୍ବଦା ଦିବସ ତଥା ରାତ୍ରିରେ ମନନପୂର୍ବକ ନିଜ ଯଜ୍ଞାହୁତି ରୂପେ ନମଃ ଓ ଆତ୍ମ-ସମର୍ପଣ ବହନ କରି ତାଙ୍କ ନିକଟକୁ ଆସନ୍ତି, ତାଙ୍କ ପାଇଁ ସେ କେଉଁ ମଙ୍ଗଳ ବିଧାନ କରନ୍ତି ? ଏହା କ'ଣ ସ୍ୱର୍ଣ୍ଣ, ଅଶ୍ୱ ଓ ଗୋଧନ, ଯାହାଙ୍କୁ ସେ ନେଇ ଆସନ୍ତି, କିଂବା ଏହା କ'ଣ କୌଣସି ଦିବ୍ୟତର ସମ୍ପଦରାଜି ?

ବାହ୍ୟ ଯଜ୍ଞାଗ୍ନି ଏଇ ସମସ୍ତ କାର୍ଯ୍ୟ ସାଧନ କରିବାକୁ ସକ୍ଷମ ନୁହେଁ କିଂବା ଏହା କଦାପି ଭୌତିକ ଉତ୍ତାପ ବା ଆଲୋକର କୌଣସି ବାସ୍ତବ ଶିଖା ବା ତତ୍ତ୍ୱ ହୋଇ ନ ପାରେ । ତଥାପି ଯଜ୍ଞାଗ୍ନିକୁ ପ୍ରତୀକ ରୂପେ ସର୍ବତ୍ର ଅନୁସରଣ କରାଯାଇଛି । ଏହା ସ୍ପଷ୍ଟ ଯେ ଆମ ସମ୍ମୁଖରେ ଏକ ରହସ୍ୟମୟ ପ୍ରତୀକବାଦ ବିଦ୍ୟମାନ ଯେଉଁଥିରେ ଅଗ୍ନି, ଯଜ୍ଞ, ପୁରୋହିତ ହେଉଛନ୍ତି ଏକ ଗଭୀରତର ଶିକ୍ଷାର ବାହ୍ୟ ନାମ ରୂପ, ଅଥଚ ଏଗୁଡ଼ିକ ଏପରି ରୂପକ ଯାହାକୁ ସର୍ବଦା ସମ୍ମୁଖରେ ରଖିବା ଓ ଧାରଣ କରିବା ଆବଶ୍ୟକ ବୋଲି ମନେ କରାଯାଉଥିଲା ।

ଉପନିଷଦମାନଙ୍କର ପ୍ରାଚୀନ ବୈଦାନ୍ତିକ ଶିକ୍ଷାକୁ ପର୍ଯ୍ୟବେକ୍ଷଣ କଲେ ଆମେ **ସତ୍ୟର** ଏପରି ଏକ ଧାରଣା ଦେଖୁ, ଯାହା ବେଦର ମନ୍ତ୍ରମାନଙ୍କ ମଧ୍ୟରୁ ଗୃହୀତ ସୂତ୍ର

ସାହାଯ୍ୟରେ ଅଧିକାଂଶ ସମୟରେ ପ୍ରକାଶ କରାଯାଏ, ଯଥା – **ସତ୍ୟମ୍, ଋତମ୍, ବୃହତ୍** – ସତ୍ୟ, ସତ୍ୟର ବିଧାନ ଓ ବିରାଟ; ଆମେ ଆଗରୁ ଏହା ଉଦ୍ଧୃତ କରିଥିଛୁ। ବେଦରେ ଏଇ ସତ୍ୟକୁ ଆନନ୍ଦର ଅଭିମୁଖୀ, ଅମରତ୍ୱର ଅଭିମୁଖୀ ଏକ ପଥ ବୋଲି ଅଭିହିତ କରାଯାଇଛି। ଉପନିଷଦରେ କୁହାଯାଇଛି – ଜ୍ଞାନୀ ବା ଦ୍ରଷ୍ଟା, ଋଷି ବା କବି, ଏହି ସତ୍ୟପଥ ଦେଇ ଊର୍ଦ୍ଧ୍ୱଲୋକକୁ ଉତ୍ତୀର୍ଣ୍ଣ ହୁଅନ୍ତି। ଅନୃତ ମଧରୁ ମୃତ୍ୟୁ-ନିୟତ ଅବସ୍ଥା ମଧରୁ ଏକ ଅମୃତମୟ ଜୀବନ ମଧକୁ ତାଙ୍କର ଉତ୍ତରଣ ଘଟେ। ସୁତରାଂ ବେଦ ଓ ବେଦାନ୍ତ ଉଭୟ ମଧରେ ଯେଉଁ ଜିଜ୍ଞାସା ଉପରେ ସମାନ ଅବଧାରଣା ରହିଛି, ତାହାକୁ ମାନିନେବାରେ ଆମର ଅଧିକାର ଅଛି।

ଏହି ଆତ୍ମିକ ଅବଧାରଣା କୌଣସି ମର୍ତ୍ତ୍ୟ ସଂବେଦନଲବ୍ଧ ଜ୍ଞାନ ବା ବାହ୍ୟ ରୂପଗତ ସତ୍ୟ ନୁହେଁ, ବରଂ ଦୈବୀ ସାରତତ୍ତ୍ୱର ସତ୍ୟ। ଏହା **ସତ୍ୟମ୍**, ସତ୍ତାଗତ ସତ୍ୟ; ନିଜର କ୍ରିୟାତ୍ମିକତା ମଧରେ ଏହା **ଋତମ୍**, ସତ୍ୟଧର୍ମ, ମନ ଓ ଶରୀର ଉଭୟର ଉଚିତ କ୍ରିୟାକୁ ନିୟମିତ କରୁଥିବା ଦୈବୀ ସତ୍ତାର ସତ୍ୟ; ଏହା **ବୃହତ୍**, ଯାହା ଅନନ୍ତ ମଧରୁ ସିଧା ଓ ଅବିକୃତ ଭାବେ ନିଃସୃତ ଜାଗତିକ ସତ୍ୟ। ଏହାର ଅନୁରୂପ ଚେତନା ମଧ ବୃହତ୍, ବିଶାଳ, ଯାହାକି ସୀମାବଦ୍ଧତା ଉପରେ ପ୍ରତିଷ୍ଠିତ ଇନ୍ଦ୍ରିୟମାନସିକ ଚେତନାର ବିପରୀତ ସ୍ତର। ଗୋଟିକୁ ଅଭିହିତ କରାଯାଏ ଭୂମା, ମହତ୍; ଅନ୍ୟଟି ଅଳ୍ପ, କ୍ଷୁଦ୍ର। ଏହି ଅତିମାନସ ବା ସତ୍ୟ-ଚେତନାର ଅନ୍ୟ ନାମ ମହସ୍ – ଏହା ମଧ ମହତ୍, ବିରାଟ୍ ଅର୍ଥ-ପ୍ରକାଶକ। ମିଥ୍ୟାପୂର୍ଣ୍ଣ ଇନ୍ଦ୍ରିୟ-ସଂବେଦୀ ଜ୍ଞାନ ଓ ପ୍ରତୀତି (ଅନୃତମ୍ – ଅସତ୍ୟ ବା ମାନସିକ ଓ ଦୈହିକ କ୍ରିୟାରେ 'ସତ୍ୟମ୍'ର ଭ୍ରାନ୍ତ ପ୍ରୟୋଗ) ପାଇଁ ସେଗୁଡ଼ିକର କରଣରୂପେ ଆମର ଯେପରି ଇନ୍ଦ୍ରିୟଚୟ, ଇନ୍ଦ୍ରିୟମାନସ (ମନସ୍) ଏବଂ ସେଗୁଡ଼ିକର ସାକ୍ଷାତ୍ ପ୍ରମାଣ ଉପରେ କାର୍ଯ୍ୟରତ ବୁଦ୍ଧି-ବିଚାର ପ୍ରଭୃତି ଅଛନ୍ତି, ସେଇପରି ସତ୍ୟଚେତନା ପାଇଁ ଅନୁରୂପ ଗୁଣଧାରୀ ଶକ୍ତିଚୟ ଅଛନ୍ତି, ଯଥା – ଦୃଷ୍ଟି : ସତ୍ୟର ସାକ୍ଷାତ୍ ଦର୍ଶନ, ଶ୍ରୁତି : ସତ୍ୟର ବାଣୀକୁ ସାକ୍ଷାତ୍ ଶ୍ରବଣ ଓ ବିବେକ : ସତ୍ୟବିଧାନର ସାକ୍ଷାତ୍ ଅବିକୃତ ବିବେଚନ। ଯିଏ ଏହି ସତ୍ୟ-ଚେତନାର ଅଧିକାରୀ ବା ଏହି ଶକ୍ତିମାନଙ୍କ ପ୍ରତି ଉନ୍ମୁକ୍ତ, ସିଏ **ଋଷି** ବା **କବି**, ମୁନି ବା ଦ୍ରଷ୍ଟା। **ସତ୍ୟ** ଓ ଋତର ଏଇସବୁ ଅବଧାରଣାକୁ ବେଦର ଏହି ପ୍ରଥମ ସୂକ୍ତରେ ପ୍ରୟୋଗ କରିବାର ଅଛି।

ବେଦରେ ଅଗ୍ନିଙ୍କୁ ସର୍ବଦା ଶକ୍ତି ଓ ଆଲୋକ, ଏହି ଦୁଇ ବିଭାବ ରୂପେ ଉପସ୍ଥାପନ କରାଯାଇଛି। ଜଗତ୍ ସମୂହର ଗଠନକର୍ତ୍ତା ସେ ହେଉଛନ୍ତି ଦିବ୍ୟଶକ୍ତି, ସର୍ବଦା ପୂର୍ଣ୍ଣଜ୍ଞାନ ସହିତ କ୍ରିୟାରତ ସେ ହେଉଛନ୍ତି ଏକ ଶକ୍ତି, କାରଣ ସେ **ଜାତବେଦଃ** – ସମସ୍ତଙ୍କର ଜନ୍ମ ବିଷୟରେ ଜ୍ଞାତା, **ବିଶ୍ୱାନି ବୟୁନାନି ବିଦ୍ୱାନ୍**, ସମସ୍ତ ଅଭିବ୍ୟକ୍ତି ବା ଘଟଣାର ଜ୍ଞାତା

ଅଥବା ଦିବ୍ୟପ୍ରଜ୍ଞାର ସମସ୍ତ ରୂପ ଓ କ୍ରିୟାକଳାପର ଅଧିକାରୀ । ଆଉ ମଧ୍ୟ ବାରଂବାର କୁହାଯାଇଛି ଯେ ଦେବତାମାନେ ଅଗ୍ନିଙ୍କୁ ମର୍ତ୍ୟଙ୍କ ମଧ୍ୟରେ ଅମର୍ତ୍ତ୍ୟ ରୂପେ, ମନୁଷ୍ୟ ମଧ୍ୟରେ ଦିବ୍ୟଶକ୍ତି ରୂପେ, ସିଦ୍ଧିଦାୟକ ବଳବୀର୍ଯ୍ୟ ରୂପେ ପ୍ରତିଷ୍ଠିତ କରିଛନ୍ତି, ଯାହାଙ୍କ ମାଧ୍ୟମରେ ସେମାନେ ନିଜର କର୍ମ-ସାଧନ କରୁଛନ୍ତି । ଯଜ୍ଞକୁ ଏକ ପ୍ରତୀକ କହିବା ପଶ୍ଚାତରେ ଏହି କର୍ମ ବିଦ୍ୟମାନ ।

ସୁତରାଂ ଆତ୍ମିକ ଦୃଷ୍ଟିକୋଣରୁ ଆମେ ଅଗ୍ନିଙ୍କୁ ଦିବ୍ୟସଂକଳ୍ପ ବୋଲି ଗ୍ରହଣ କରିପାରୁ ଯାହା ଦିବ୍ୟପ୍ରଜ୍ଞା ଦ୍ୱାରା ସଂପୂର୍ଣ୍ଣ ଅନୁପ୍ରାଣିତ ଏବଂ ବସ୍ତୁତଃ ସେ ଏହା ସହିତ ଏକୀଭୂତ, ଯେ କି ଋତଚିତ୍‌ର କାର୍ଯ୍ୟକାରିଣୀ ବା ଫଳଦାୟିନୀ ବା ପ୍ରଭାବିନୀ ଶକ୍ତି । **କବିକ୍ରତୁ** ଶବ୍ଦରେ ଏହି ଆଶୟ ରହିଛି, ଯାହାଙ୍କର ରହିଛି ଦ୍ରଷ୍ଟାଙ୍କର ସକ୍ରିୟ ସଂକଳ୍ପ ଓ ଶକ୍ତି,— ଅର୍ଥାତ୍ ଯିଏ ଋତଚିତ୍‌ରୁ ଆଗତ ଜ୍ଞାନ, ଯେଉଁ ଜ୍ଞାନରେ କି କୌଣସି ଭ୍ରାନ୍ତ ପ୍ରୟୋଗ ବା ପ୍ରମାଦ ନାହିଁ, ତା' ଦ୍ୱାରା କାର୍ଯ୍ୟ କରନ୍ତି । ଏହା ପରେ ଯେଉଁ ବିଶେଷଣଗୁଡ଼ିକ ଏଥିରେ ପ୍ରୟୋଗ କରାଯାଇଛି, ତଦ୍ଦ୍ୱାରା ଏଇ ବ୍ୟାଖ୍ୟା ପ୍ରତିପାଦିତ ହୁଏ । ଅଗ୍ନି ''ସତ୍ୟ'', ତାଙ୍କ ସତ୍ତାରେ ସେ ସତ୍ୟ; ତାଙ୍କ ନିଜ ସତ୍ୟ ଓ ବସ୍ତୁଗୁଡ଼ିକର ସାର ସତ୍ୟ ଉପରେ ତାଙ୍କର ପୂର୍ଣ୍ଣ ଅଧିକାର ରହିଛି ଏବଂ ଶକ୍ତିର ସମସ୍ତ କ୍ରିୟାରେ ଓ ଗତିବୃତ୍ତିରେ ତାହାର ଯଥାର୍ଥ ପ୍ରୟୋଗ ନିମନ୍ତେ ଅଧିକାର ସେଇଥିରୁହିଁ ତାଙ୍କୁ ମିଳିଛି । ସେ ସତ୍ୟ ତଥା ଋତ ଉଭୟର ଅଧିକାରୀ । ଆଉ ମଧ୍ୟ ସେ **ଚିତ୍ରଶ୍ରବସ୍ତମଃ**; ଯଥାର୍ଥ କର୍ମସାଧନର ସାମର୍ଥ୍ୟ-ପ୍ରଦାୟକ ଯେଉଁ ଋତମ୍, ସେଇଥିରୁ ଅତ୍ୟନ୍ତ ଦୀପ୍ତ ଓ ବିବିଧ ଅନ୍ତଃପ୍ରେରଣାର ପୂର୍ଣ୍ଣତା ଉତ୍ସାରିତ ହୁଏ । କାରଣ, ଏଇ ବିଶେଷଣଗୁଡ଼ିକ ହୋତା ଅଗ୍ନିଙ୍କର — **ହୋତା**, ଯଜ୍ଞର ଯାଜକ, ଯିଏ ଯଜ୍ଞରେ ହବିଃ ଅର୍ପଣ କରନ୍ତି । ଏହି କାରଣରୁ, ଯଜ୍ଞର ପ୍ରତୀକ କର୍ମ (କର୍ମ ବା ଅପସ୍) ମଧ୍ୟରେ ନିହିତ ସତ୍ୟରେ ଅଗ୍ନିଙ୍କ ଶକ୍ତି ପ୍ରୟୋଗ ହେତୁ ସେ ମାନବ-ଆବାହନର ପାତ୍ର ହୋଇଛନ୍ତି । ଏହା ବାହ୍ୟ କର୍ମକାଣ୍ଡରେ ଯଜ୍ଞୀୟ ଅଗ୍ନିର ଗୁରୁତ୍ୱ ଭଳି ଆନ୍ତର କ୍ରିୟାରେ 'ଜ୍ୟୋତିଃ'- 'ତେଜଃ'-ସମନ୍ୱିତ ଏଇ ଆଭ୍ୟନ୍ତରୀଣ ଶକ୍ତିର ବି ଅନୁରୂପ ଗୁରୁତ୍ୱ ରହିଛି, ଯାହା ଦ୍ୱାରା, ମର୍ତ୍ତ୍ୟ ଓ ଅମର୍ତ୍ତ୍ୟ ମଧ୍ୟରେ ସଂପର୍କ ରହେ ଓ ଆଦାନପ୍ରଦାନ ହୋଇଥାଏ । ଅନ୍ୟତ୍ର ଅଗ୍ନିଙ୍କୁ ବାରଂବାର ଦୂତ ରୂପେ, ଏଇ ସଂପର୍କ ଓ ଦାନ-ପ୍ରତିଗ୍ରହଣର ମାଧ୍ୟମ ରୂପେ ବର୍ଣ୍ଣନା କରାଯାଇଛି ।

ତେବେ, ଆମେ ଦେଖିବା ଯେଉଁ ଅଗ୍ନିଙ୍କୁ ଯଜ୍ଞରେ ଆବାହନ କରାଯାଏ, ତାଙ୍କ ସାମର୍ଥ୍ୟ କ'ଣ । ''**ଦେବୋ ଦେବେଭିରାଗମତ୍**''— ''ଦେବତାମାନଙ୍କ ସହିତ ସେହି ଦେବ ଆଗମନ କରନ୍ତୁ ।'' ''ଦେବୋ ଦେବେଭିଃ'' ମଧ୍ୟରେ ଦେବ ଶବ୍ଦର ପୁନରୁକ୍ତି ଦ୍ୱାରା ଦେବତ୍ୱର କେଉଁ ଭାବ ଉପରେ ଜୋର୍ ଦିଆଯାଇଛି, ତାହା ଆମର ବୋଧଗମ୍ୟ ହୋଇଯାଏ ଯେତେବେଳେ ଆମେ ମନେ ପକାଇବା ଯେଉଁଠି ଅଗ୍ନିଙ୍କର ଏକ ସ୍ଥିରସିଦ୍ଧ

ବର୍ଣ୍ଣନା ରହିଛି — ମନୁଷ୍ୟ ମଧ୍ୟରେ ସେ ଦେବତା, ମର୍ତ୍ତ୍ୟ ମଧ୍ୟରେ ସେ ଅମର୍ତ୍ତ୍ୟ, ଦିବ୍ୟ-ଅତିଥି । ''ଅନ୍ୟ ସମସ୍ତ ଦିବ୍ୟଶକ୍ତିଙ୍କ ସହ ସେହି ଦିବ୍ୟଶକ୍ତିଙ୍କର ଆଗମନ ହେଉ''— ଏହି ଅନୁବାଦ ଦ୍ୱାରା ଆମେ ଏହାର ସଂପୂର୍ଣ୍ଣ ଆତ୍ମିକ ନିହିତାର୍ଥ ଦେଇପାରୁ । କାରଣ ବେଦର ବାହ୍ୟ ଅର୍ଥରେ ଦେବତାମାନେ ହେଲେ ବ୍ୟକ୍ତିଭାବ ଆରୋପ କରାଯାଇଥିବା ଭୌତିକ ପ୍ରକୃତିର ବିଶ୍ୱାତ୍ମକ ଶକ୍ତିରାଜି; କିନ୍ତୁ ଯେକୌଣସି ଆନ୍ତର ଅର୍ଥ ଦୃଷ୍ଟିରୁ ସେମାନେ ହେଉଛନ୍ତି 'ସଂକଳ୍ପ', 'ମନସ୍' ପ୍ରଭୃତି ପ୍ରକୃତିର ଆନ୍ତର କାର୍ଯ୍ୟ-କଳାପରେ କ୍ରିୟାରାଜିର ବିଶ୍ୱଶକ୍ତିଚୟ । କିନ୍ତୁ ବେଦରେ ଥିବା 'ମନୁଷ୍ୱତ୍' ଶବ୍ଦ, ଏହି ମହାଶକ୍ତିମାନଙ୍କର ମାନୁଷୀ ବା ମାନସିକ କ୍ରିୟା, ଏବଂ ଦିବ୍ୟକ୍ରିୟା ମଧ୍ୟରେ ସର୍ବଦା ଏକ ପାର୍ଥକ୍ୟ ଅଛି । ମନେହୁଏ, ଦେବତାମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଆନ୍ତର ଯଜ୍ଞରେ ସେମାନଙ୍କ ମାନସିକ କ୍ରିୟାର ଯଥୋଚିତ ବିନିଯୋଗ ଦ୍ୱାରା ମନୁଷ୍ୟ ସେସବୁକୁ ସେମାନଙ୍କର ସତ୍ୟ ପ୍ରକୃତିରେ ବା ଦିବ୍ୟ ପ୍ରକୃତିରେ ପରିବର୍ତ୍ତିତ କରିପାରେ ଏବଂ ଏହା ଫଳରେ ମର୍ତ୍ତ୍ୟ ହୋଇପାରେ ଅମର୍ତ୍ତ୍ୟ । ପ୍ରଥମେ ମନୁଷ୍ୟ ବା ମାନୁଷୀ ଶକ୍ତିଗୁଡ଼ିକର ପ୍ରତିନିଧି ହୋଇଥିବା 'ଋଭୁଗଣ' ସୁକର୍ମ ଦ୍ୱାରା — **ସୁକୃତ୍ୟୟା, ସ୍ୱପସ୍ୟୟା** — ଦିବ୍ୟ ଓ ଅମର ଶକ୍ତିଗଣରେ ପରିଣତ ହୋଇପାରିଥିଲେ । ଦିବ୍ୟଶକ୍ତିଙ୍କ ନିକଟରେ ମଣିଷର ନିରନ୍ତର ଆତ୍ମ-ନିବେଦନ ଓ ମନୁଷ୍ୟ ମଧ୍ୟରେ ଦିବ୍ୟଶକ୍ତିର ନିରନ୍ତର ଅବତରଣ,— ମନେହୁଏ ଏହାକୁହିଁ ପ୍ରତୀକାତ୍ମକ ଭାବରେ ଯଜ୍ଞ ବୋଲି କୁହାଯାଇଛି ।

ଏହିପରି ଭାବରେ ଲବ୍ଧ ଅମରତ୍ୱକୁ ପୂର୍ଣ୍ଣାଙ୍ଗ ସତ୍ୟ ଓ ସତ୍ୟକ୍ରିୟା ଉପରେ, ଅର୍ଥାତ୍ **ସତ୍ୟମ୍, ଋତମ୍** ଉପରେ ଆଧାରିତ ଏକ ପରମ ସୁଖ ବା ଆନନ୍ଦର ଅବସ୍ଥା ବୋଲି ବୁଝାଯାଇଛି । ମୋ ମତରେ, ପରବର୍ତ୍ତୀ ମନ୍ତ୍ରଟିକୁ : ''ହେ ଅଗ୍ନି, ଯେଉଁ ମଙ୍ଗଳ (ସୁଖ) ତୁମେ ହବିଃଦାତା ନିମନ୍ତେ ସୃଷ୍ଟି କରିବ ତାହା ତୁମରହିଁ ସତ୍ୟ ।'' ଏହି ଅର୍ଥରେ ବୁଝିବାକୁ ହେବ । ଅନ୍ୟ କଥାରେ କହିଲେ, ଏହି ସତ୍ୟର ମର୍ମ ହେଉଛି, ଯାହା ଅଗ୍ନିଙ୍କ ସ୍ୱଭାବ, ଅଶୁଭରୁ ମୁକ୍ତି, ପୂର୍ଣ୍ଣ ମଙ୍ଗଳ ଓ ସୁଖର ଅବସ୍ଥା — ଯାହାକୁ ଋତ ନିଜ ମଧ୍ୟରେ ବହନ କରୁଥାଏ, ଏବଂ ଦିବ୍ୟ ପୁରୋହିତରୂପେ ଅଗ୍ନିଙ୍କ କ୍ରିୟା ଦ୍ୱାରା ମରଣଶୀଳ ମାନବ ମଧ୍ୟରେ ଏହି ଅବସ୍ଥା ସୃଷ୍ଟି ହେବା ସୁନିଶ୍ଚିତ । **ଭଦ୍ରମ୍**ର ଅର୍ଥ ହେଉଛି ଯାହାକିଛି ମଙ୍ଗଳ, ଶୁଭ, ସୁଖଦାୟକ; ଏଣୁ ଏହା କୌଣସି ଗଭୀର ତାତ୍ପର୍ଯ୍ୟ ବହନ କରୁ ନାହିଁ । କିନ୍ତୁ ବେଦରେ ଏହାକୁ 'ଋତମ୍' ପରି ଏକ ବିଶେଷ ଅର୍ଥରେ ପ୍ରୟୋଗ କରାଯାଇ ଥିବାର ଦେଖାଯାଏ । ଗୋଟିଏ ମନ୍ତ୍ରରେ (ଋ. ବେ. ୫।୮୨।୪-୫)[୨] ଏହାକୁ ଅଶୁଭସ୍ୱପ୍ନର (ଦୁଃସ୍ୱପ୍ନ୍ୟମ୍) ବିପରୀତ ବୋଲି କୁହାଯାଇଛି — ଯାହା ଋତମ୍ ନୁହେଁ ତାହା ମିଥ୍ୟା-

---

୨ ... ପ୍ରଜାବତ୍ ସାବୀଃ ସୌଭଗମ୍ । ପରା ଦୁଃସ୍ୱପ୍ନ୍ୟଂ ସୁବ ॥୪॥

... ଦୁରିତାନି ପରା ସୁବ । ୟଦ୍ଭଦ୍ରଂ ତନ୍ନ ଆ ସୁବ ॥୫॥

ଚେତନା, 'ଦୁରିତମ୍', ମିଥ୍ୟାଚରଣ ଅର୍ଥାତ୍ ସମସ୍ତ ଅଶୁଭ ଓ କଷ୍ଟଭୋଗ । ତେଣୁ 'ଭଦ୍ରମ୍'ର ସମାର୍ଥକ ଶବ୍ଦ ହେଲା 'ସୁବିତମ୍' ଅର୍ଥାତ୍ ସତ୍ୟାଚରଣ, ଏହାର ଅର୍ଥ, ସତ୍ୟ ଓ ଋତ ଅବସ୍ଥାର ଅନ୍ତର୍ଗତ ସମସ୍ତ ମଙ୍ଗଳ ଓ ପରମ ସୁଖ । ଏହି ପରମ ସୁଖ — 'ମୟସ୍', ଏବଂ ସତ୍ୟଚେତନାର ପ୍ରତିନିଧିସ୍ୱରୂପ ଦେବତାମାନେ 'ମୟୋଭୁବଃ' ରୂପେ ବର୍ଣ୍ଣିତ ହୋଇଛନ୍ତି, ଅର୍ଥାତ୍ ଯେଉଁମାନେ ନିଜ ସତ୍ତାରେ ଆନନ୍ଦକୁ ବହନ କରି ଆଣନ୍ତି ବା ଧାରଣ କରନ୍ତି । ଏଥିରୁ ଜଣାଯାଏ ଯେ ବେଦକୁ ଯଦି ଠିକ୍ ଭାବେ ବୁଝାଯାଇପାରେ ତେବେ ଦେଖିବା ଏହାର ପ୍ରତ୍ୟେକ ଅଂଶ ଅନ୍ୟ ସମସ୍ତ ଅଂଶ ଉପରେ ଆଲୋକପାତ କରୁଛି । କେବଳ ଯେତେବେଳେ ଆମେ ଏହାର ଆବରଣକୁ ଭେଦି ନ ପାରି ଭ୍ରାନ୍ତ ହୋଇଯାଉ ସେତିକିବେଳେ ଆମେ ଏଥିରେ ଅସଙ୍ଗତି ଦେଖୁ ।

ପରବର୍ତ୍ତୀ ମନ୍ତ୍ରରେ ଫଳପ୍ରସୂ ଯଜ୍ଞର ଅବସ୍ଥା ବିଷୟରେ କୁହାଯାଇଥିବା ମନେହୁଏ । ଶରଣାଗତି, ଆରାଧନା ଓ ଆତ୍ମ-ସମର୍ପଣ ସହିତ ମାନବସ୍ଥ ମନ ଦିନ ପରେ ଦିନ, ରାତ୍ରିର ଅନ୍ଧକାରରେ ଏପରିକି ଦିନର ଆଲୋକରେ ବି, ଅଗ୍ନିରୂପୀ ଦିବ୍ୟ ସଂକଳ୍ପ ଓ ଦିବ୍ୟ ପ୍ରଜ୍ଞାଙ୍କ ନିକଟରେ ଅନବରତ ଆଶ୍ରୟ ଗ୍ରହଣକୁ ଏହା ବୁଝାଉଛି । ନିଶା ଓ ଦିବା, **ନକ୍ତୋଷସା**, ମଧ୍ୟ ବେଦରେ ଅନ୍ୟ ଦେବତାଙ୍କ ପରି ପ୍ରତୀକାର୍ଥକ, ଏବଂ ଏହାର ଅର୍ଥ ଦୀପ୍ତ ହେଉ ବା ତମସାବୃତ ହେଉ, ଚେତନାର ସମସ୍ତ ଅବସ୍ଥାରେ ଦିବ୍ୟ ନିୟନ୍ତ୍ରଣ ନିକଟରେ ସମସ୍ତ କ୍ରିୟାର ନିରନ୍ତର ପ୍ରପତ୍ତି ଓ ଆନୁଗତ୍ୟର ଔଚିତ୍ୟ ରହିଛି ବୋଲି ମନେ ହୁଏ ।

କାରଣ, ଦିନ ହେଉ ବା ରାତି ହେଉ ଯଜ୍ଞମାନଙ୍କ ମଧ୍ୟରେ ଅଗ୍ନି ପ୍ରଦୀପ୍ତ, ମାନବର ଅନ୍ତର୍ଗତ, 'ସତ୍ୟମ୍' ଓ 'ଋତମ୍'ର ସେ ରକ୍ଷକ ଏବଂ ସେ ଏହାକୁ ଅନ୍ଧକାର-ଶକ୍ତିମାନଙ୍କଠାରୁ ରକ୍ଷା କରନ୍ତି; ସେ ଏହାର ଚିରଜ୍ୟୋତିଃ, ମନର ତମସାବୃତ ଏପରିକି ଶତ୍ରୁ-ଅବରୁଦ୍ଧ ସକଳ ଅବସ୍ଥା ମଧ୍ୟରେ ପ୍ରଜ୍ୱଳିତ ହୋଇ ଯିଏ ରହିଛନ୍ତି । ଅଷ୍ଟମ ମନ୍ତ୍ରରେ ଏହିପରି ଯେଉଁସବୁ ଭାବନା ସଂକ୍ଷିପ୍ତ ଭାବରେ ସୂଚିତ ତାହା ଋଗ୍-ବେଦର ସମସ୍ତ ଅଗ୍ନିସୂକ୍ତରେ ନିରନ୍ତର ଦେଖିବାକୁ ମିଳେ ।

ଶେଷରେ ଅଗ୍ନିଙ୍କ ସମ୍ପର୍କରେ କୁହାଯାଇଛି ଯେ, ସେ ନିଜ ଧାମରେ ବୃଦ୍ଧି ପାଉଛନ୍ତି । ଅଗ୍ନିଙ୍କ ଧାମ କହିଲେ ବୈଦିକ ଗୃହସ୍ଥର ଅଗ୍ନି ଗୃହ ବୋଲି ଯେଉଁ ବ୍ୟାଖ୍ୟା ବୁଝାଏ, ସେଥିରେ ଆମେ ସନ୍ତୁଷ୍ଟ ହୋଇପାରିବୁ ନାହିଁ । ଅନ୍ୟ ବ୍ୟାଖ୍ୟା ନିମନ୍ତେ ସ୍ୱୟଂ ବେଦ ମଧ୍ୟରେହିଁ ଆମକୁ ଅନ୍ୱେଷଣ କରିବାକୁ ହେବ । ପ୍ରଥମ ମଣ୍ଡଳର ୭୫ ତମ ସୂକ୍ତରେ ଆମେ ଏହା ଦେଖିବାକୁ ପାଉ :

> ''ଯଜ୍ଞା ନୋ ମିତ୍ରାବରୁଣା ଯଜ୍ଞା ଦେବାନ୍ ଋତଂ ବୃହତ୍ ।
> ଅଗ୍ନେ ଯକ୍ଷି ସ୍ୱଂ ଦମମ୍ ॥'' (ଋ. ବେ. ୧।୭୫।୫)

"ହେ ଅଗ୍ନି, ତୁମେ ଆମ ପାଇଁ ମିତ୍ର ଓ ବରୁଣଙ୍କ ଉଦ୍ଦେଶ୍ୟରେ ଯଜ୍ଞ କର, ଦେବତାମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ କର, ସତ୍ୟ ଓ ବୃହତ୍ ଉଦ୍ଦେଶ୍ୟରେ ଯଜ୍ଞ କର, ତୁମ ନିଜ ଧାମ ଉଦ୍ଦେଶ୍ୟରେ ଯଜ୍ଞ କର।"

ଏଠାରେ ମନେହୁଏ 'ଋତଂ ବୃହତ୍' ଓ 'ସ୍ୱଂ ଦମମ୍'ରେ ଯଜ୍ଞର ଲକ୍ଷ୍ୟ ବିଷୟଟି ପ୍ରକାଶିତ ହୋଇଛି ଏବଂ ଦେବଗଣଙ୍କ ଦିଗରେ ଯାତ୍ରୀ ଯଜ୍ଞ ତଥା ସ୍ୱୟଂ ମାନବ ଯିଏ ସତ୍ୟ, ଆଲୋକ ବା ପରମସୁଖ ଦିଗରେ ଜଣେ ଯାତ୍ରୀ ବୋଲି ଯେଉଁ ରୂପକଳ୍ପ ବେଦରେ ବର୍ଣ୍ଣିତ, ତା' ସହ ଏହାର ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି। ଏଣୁ ଏହା ସ୍ପଷ୍ଟ ଯେ ସତ୍ୟ, ବୃହତ୍ ଓ ଅଗ୍ନିଙ୍କର ସ୍ୱଧାମ ଏସବୁ ଗୋଟିଏ ବିଷୟ। ଅଗ୍ନି ଓ ଅନ୍ୟ ଦେବତାଙ୍କ ସମ୍ବନ୍ଧରେ ପ୍ରାୟଶଃ କୁହାଯାଏ ଯେ, ସେମାନେ ସତ୍ୟ ମଧ୍ୟରେ ଜାତ ହୋଇଛନ୍ତି ବିସ୍ତୃତି ବା ବୃହତ୍ ମଧ୍ୟରେ ବାସ କରୁଛନ୍ତି। ତା' ହେଲେ ଆମେ ଉଦ୍ଧୃତ କରିଥିବା ଉପରୋକ୍ତ ଅଂଶର ଏହି ଅର୍ଥ ହେବ ଯେ, ମନୁଷ୍ୟ ମଧ୍ୟରେ ଦିବ୍ୟସଂକଳ୍ପ ଓ ଶକ୍ତିରୂପୀ ଅଗ୍ନି ନିଜର ଯଥାର୍ଥ କ୍ଷେତ୍ର ସତ୍ୟ-ଚେତନା (ଋତ) ମଧ୍ୟରେ ବା ନିଜର ଯଥାର୍ଥ କ୍ଷେତ୍ରରେହିଁ ବୃଦ୍ଧି ପାଉଛନ୍ତି, ସେଠାରେ ମିଥ୍ୟାର ସୀମାଗୁଡ଼ିକ "**ଉରୌ ଅନିବାଧେ**" – ବିସ୍ତୃତି ଓ ଅସୀମତା ମଧ୍ୟରେ ବିଲୁପ୍ତ ହୋଇ ଯାଇଛନ୍ତି।

ଏହିପରି ଭାବରେ ବେଦର ପ୍ରଥମ ସୂକ୍ତର ଏହି ଚାରୋଟି ମନ୍ତ୍ରରେ ବୈଦିକ ଋଷିମାନଙ୍କ ପ୍ରଧାନ ଭାବଧାରାଗୁଡ଼ିକର ପ୍ରଥମ ନିଦର୍ଶନ ଆମେ ଦେଖିବାକୁ ପାଉ,– ଏକ ଅତିମାନସିକ ତଥା ଦିବ୍ୟ ଋତଚିତ୍‌ର ପ୍ରତ୍ୟୟ, ମର୍ତ୍ତ୍ୟ ମିଥ୍ୟାମାନସରୁ ମନୁଷ୍ୟକୁ ଉତ୍ତୋଳିତ କରିବା ପାଇଁ ସତ୍ୟ-ଶକ୍ତିରୂପୀ ଦେବତାମାନଙ୍କୁ ଆବାହନ, ଏହି ସତ୍ୟ ମଧ୍ୟରେ ଓ ସତ୍ୟ ଦ୍ୱାରା ଏକ ପୂର୍ଣ୍ଣ ଆନନ୍ଦ ଓ ଶୁଭ ଅବସ୍ଥା ପ୍ରାପ୍ତି ଏବଂ ମର୍ତ୍ତ୍ୟ ମାନବ ନିଜେ ଯାହା ଓ ତା'ର ଯାହା ଅଛି, ସେସବୁକୁ ଅମରଙ୍କଠାରେ ଦିବ୍ୟପୂର୍ଣ୍ଣତାର ଉପକରଣ ରୂପେ ଆନ୍ତର ଉତ୍‌ସର୍ଜ୍ଜନ ଓ ସମର୍ପଣ। ବୈଦିକ ଭାବନାର ଅବଶିଷ୍ଟ ବିଷୟସବୁ ଏକତ୍ର ନିଜ ନିଜ ଆଧ୍ୟାତ୍ମିକ ବିଭାବ ସହ ଏଇସବୁ କେନ୍ଦ୍ରୀୟ ଭାବନାକୁ ଘେରି ରହିଛନ୍ତି।

ସପ୍ତମ ଅଧ୍ୟାୟ

ମିତ୍ରାବରୁଣ ଓ ସତ୍ୟ

ବେଦର ସର୍ବପ୍ରଥମ ସୂକ୍ତରେ ଥିବା 'ସତ୍ୟ'ର ଧାରଣା ଯାହା ଆମକୁ ମିଳିଲା, ତାହା ଯଦି ଆମ ଅବଧାରିତ ତତ୍ତ୍ୱକୁ ପ୍ରକୃତରେ ନିଜ ମଧ୍ୟରେ ବହନ କରୁଥାଏ ଏବଂ ଅମୃତତ୍ୱ ତଥା ପରମାନନ୍ଦ-ପ୍ରାପ୍ତିର ସର୍ତ୍ତସ୍ୱରୂପ ଅତିମାନସ-ଚେତନାର ଅବଧାରଣାକୁ ପରିପୁଷ୍ଟ କରୁଥାଏ ଏବଂ ବୈଦିକ ଋଷିଙ୍କର ଏହା ଯଦି ପ୍ରମୁଖ ଭାବଧାରା ହୋଇଥାଏ, ତେବେ ବ୍ୟାଖ୍ୟାନ୍ତର ପାଇଁ ତଥା ଆତ୍ମିକ ଭାଷ୍ୟ ନିମନ୍ତେ ନିର୍ଭରଯୋଗ୍ୟ ଏକ କେନ୍ଦ୍ରସ୍ଥଳ ରୂପେ ଅନ୍ୟ ସମସ୍ତ ସୂକ୍ତରେ ତାହା ବାରଂବାର ଆସିଥିବାର ଆମେ ନିଶ୍ଚିତ ରୂପେ ଦେଖିବାକୁ ପାଇବା । ଠିକ୍ ତା'ର ପର ସୂକ୍ତରେ ଇନ୍ଦ୍ର ଓ ବାୟୁଙ୍କୁ ସମ୍ବୋଧିତ ମଧୁଚ୍ଛନ୍ଦାଙ୍କର ଦ୍ୱିତୀୟ ସୂକ୍ତରେ ସ୍ପଷ୍ଟ ତଥା ଏଥର ଅଧିକତର ବେଶ୍ ଅକାଟ୍ୟ ଆତ୍ମିକ ଇଙ୍ଗିତରେ ଭରା ଏକ ଚରଣ ଆମେ ଦେଖୁ ଯେଉଁଥିରେ ଅଗ୍ନିସୂକ୍ତ ଅପେକ୍ଷା ଅଧିକ ବଳୀୟାନ୍ 'ଋତ'-ତତ୍ତ୍ୱ ସ୍ଥାନ ଗ୍ରହଣ କରିଛି । ଏଇ ସୂକ୍ତର ଅନ୍ତିମ ତିନୋଟି ମନ୍ତ୍ର ଉକ୍ତ ତତ୍ତ୍ୱକୁ ବହନ କରେ —

ମିତ୍ରଂ ହୁବେ ପୂତଦକ୍ଷଂ ବରୁଣଂ ଚ ରିଶାଦସମ୍ ।
ଧିୟଂ ଘୃତାଚୀଂ ସାଧନ୍ତା ॥
ଋତେନ ମିତ୍ରାବରୁଣା ଋତାବୃଧା ଋତସ୍ପୃଶା ।
କ୍ରତୁଂ ବୃହନ୍ତମ୍ ଆଶାଥେ ॥
କବୀ ନୋ ମିତ୍ରାବରୁଣା ତୁବିଜାତା ଉରୁକ୍ଷୟା ।
ଦକ୍ଷଂ ଦଧାତେ ଅପସମ୍ ॥ (ଋ. ୧।୨।୭-୯)

ଏହି ଚରଣର ପ୍ରଥମ ମନ୍ତ୍ରରେ ଥିବା 'ଦକ୍ଷ' ଶବ୍ଦର ଅର୍ଥ ସାୟଣ ସାଧାରଣତଃ ବଳ ବା ବୀର୍ଯ୍ୟ ବୋଲି କହିଛନ୍ତି, ମାତ୍ର ଏହାର ଏକ ଆତ୍ମିକ ଅର୍ଥ ବ୍ୟକ୍ତ କରିବାର ଯୋଗ୍ୟତା ରହିଛି, ସେଇପରି ଗୁରୁତ୍ୱପୂର୍ଣ୍ଣ 'ଘୃତ' ଶବ୍ଦ 'ଘୃତାଚୀ' ମଧ୍ୟରେ ଏକ ବିଶେଷଣ ରୂପେ ବ୍ୟବହୃତ ଏବଂ ଉକ୍ତ ଲକ୍ଷଣୀୟ ବାକ୍ୟାଂଶଟି ହେଉଛି —''ଧିୟଂ ଘୃତାଚୀମ୍'' । ମନ୍ତ୍ରଟିର ଶବ୍ଦାନୁସାରୀ ଅନୁବାଦ ଏଇପରି କରାଯାଇପାରେ —''ପବିତ୍ରୀକୃତ ବୀର୍ଯ୍ୟବାନ୍ (ଶୁଦ୍ଧୀକୃତ ବିବେକବାନ୍) ସେହି ମିତ୍ରଙ୍କୁ ଏବଂ ଶତ୍ରୁ-ବିନାଶକ ବରୁଣଙ୍କୁ, ଯିଏ ବୁଦ୍ଧିଦୀପ୍ତ ବୋଧିର ସିଦ୍ଧିକର୍ତ୍ତା (ଅଥବା, ପୂର୍ଣ୍ଣତା-ସାଧକ), ଏଇ ଉଭୟଙ୍କୁ ମୁଁ ଆବାହନ କରୁଛି ।''

ଦ୍ୱିତୀୟ ମନ୍ତ୍ରରେ ରହିଛି ତ୍ରିବାର ଉଚ୍ଚାରିତ 'ଋତ', ତା'ପରେ ଆସିଛି 'ବୃହତ୍' ଓ

'କ୍ରତୁ', ବେଦର ଆତ୍ମିକ ବ୍ୟାଖ୍ୟାରେ ଏଇ ଦୁଇ ଶବ୍ଦ ଉପରେ ଆମେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଛୁ। ଏଠାରେ 'କ୍ରତୁ'ର ଅର୍ଥ ଯଜ୍ଞକର୍ମ ବା ଫଳପ୍ରସୂ-ଶକ୍ତି ହୋଇପାରେ। ପ୍ରଥମ ଅର୍ଥର ସମର୍ଥନରେ ସେହି ସମାର୍ଥକ ଚରଣ ଆମେ ଅନ୍ୟତ୍ର ଦେଖିବାକୁ ପାଉ, ଯେଉଁଥିରେ ସତ୍ୟ ଦ୍ୱାରା ଏକ ମହାନ୍ ଯଜ୍ଞ ପ୍ରାପ୍ତ ହେବାକୁ ବା ଭୋଗ କରିବାକୁ ବରୁଣ ଓ ମିତ୍ରଙ୍କୁ ନିବେଦନ କରାଯାଇଛି —"କ୍ରତୁନା ୟଜ୍ଞମାଶାଥେ" (ଋ-୧।୧୫।୬)। କିନ୍ତୁ ଏଇ ସମାନ୍ତରାଳ ବ୍ୟାଖ୍ୟା କୌଣସି ଚରମ ସିଦ୍ଧାନ୍ତ ନୁହେଁ; କାରଣ ଗୋଟିଏ ଅର୍ଥରେ ଦେଖିଲେ ଏଥିରେ ଯେପରି ବସ୍ତୁତଃ ସ୍ୱୟଂ ଯଜ୍ଞ-ବିଷୟକ ତଥ୍ୟ କୁହାଯାଇଛି, ସେଇପରି ଏହାକୁ ଅନ୍ୟ ଅର୍ଥରେ ଦେଖିଲେ ଏହା ଯଜ୍ଞ-ଫଳ-ଦାୟକ ଶକ୍ତିକୁ ବା ବଳକୁ ବୁଝାଉଛି। ଆକ୍ଷରିକ ଭାବରେ ମନ୍ତ୍ରଟିର ଏଇଭଳି ଅନୁବାଦ କରାଯାଇପାରେ, "ଋତ-ବର୍ଦ୍ଧକ ଋତସ୍ପର୍ଶୀ ହେ ମିତ୍ରାବରୁଣ, ଋତ ଦ୍ୱାରା ତୁମେ ଏକ ମହାନ୍ କର୍ମ ବା ଏକ ବିରାଟ (ଫଳପ୍ରସୂ) ଶକ୍ତି ଭୋଗକର (ଅଥବା ପ୍ରାପ୍ତକର)"।

ଶେଷରେ ତୃତୀୟ ମନ୍ତ୍ରରେ ପୁଣି ଥରେ 'ଦକ୍ଷ' ଶବ୍ଦର ବ୍ୟବହାର ହୋଇଛି। 'ଦ୍ରଷ୍ଟା' ଅର୍ଥବୋଧକ 'କବି' ଶବ୍ଦ ବିଷୟରେ ଆଗରୁ ଆମେ କହିସାରିଛୁ ଯାହା ସହିତ ଋଷି ମଧୁଚ୍ଛନ୍ଦା କର୍ମ ବା ସଂକଳ୍ପ ଅର୍ଥ-ବୋଧକ 'କ୍ରତୁ' ଶବ୍ଦକୁ ଯୋଗ କରିଛନ୍ତି; ଆମେ ସତ୍ୟର ଆଶୟଗତ ଅର୍ଥ କହିସାରିଛୁ ଏବଂ ଏଠାରେ 'ଉରୁକ୍ଷୟା'ର ପ୍ରୟୋଗ ମଧ୍ୟ ଆମେ ଦେଖୁଛୁ, 'ଉରୁ' ଅର୍ଥାତ୍ ବିସ୍ତୃତ ତଥା ବିରାଟ୍, ଏହା ବୋଧହୁଏ 'ବୃହତ୍' ଶବ୍ଦ ସହ ସମାନ, ଅଗ୍ନିଙ୍କର ସ୍ୱଗୃହ-ସ୍ୱରୂପ ଋତଚିତ୍ର ଜଗତ୍ ବା ସ୍ତରକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ। ମୁଁ ମନ୍ତ୍ରଟିର ଶବ୍ଦାନୁସାରୀ ଅନୁବାଦ ଏହିପରି କରୁଛି — "ବହୁଜ୍ଞାତ, ବିଶାଳଭବନସ୍ଥ, ମିତ୍ରାବରୁଣ ଆମ ପାଇଁ କାର୍ଯ୍ୟସାଧିକା ଶକ୍ତି (ବା ବିବେକ) ଧାରଣ କରନ୍ତି।"

ଏଥିରୁ ସହଜରେ ସ୍ପଷ୍ଟ ହେବ ଯେ ଦ୍ୱିତୀୟ ସୂକ୍ତର ଏହି ମନ୍ତ୍ରଗୁଚ୍ଛରେ ନିର୍ଦ୍ଦିଷ୍ଟ ଭାବେ ଭାବଧାରାଗୁଡ଼ିକର ସେହି ସମାନ କ୍ରମ ତଥା ଅନେକତଃ ସମାନ ଧରଣର ପ୍ରକାଶଭଙ୍ଗୀ ଆମେ ଦେଖିବାକୁ ପାଉ ଠିକ୍ ଯେପରି ପ୍ରଥମ ସୂକ୍ତରେ ଆମ ତତ୍ତ୍ୱକୁ ପ୍ରତିଷ୍ଠା କରୁଥିବା ବେଳେ ସେଇ ମନ୍ତ୍ରଗୁଚ୍ଛରେ ଦେଖିବାକୁ ମିଳିଥିଲା। କିନ୍ତୁ ଉଭୟ ସ୍ଥାନରେ ପ୍ରୟୋଗ ପୃଥକ୍ ଏବଂ ଶୁଦ୍ଧୀକୃତ ବିବେକ, ସମୁଜ୍ଜ୍ୱଳ ବୁଦ୍ଧି, "ଧିୟଂ ଘୃତାଚୀମ୍" ଓ ଯଜ୍ଞକର୍ମରେ ସତ୍ୟର କ୍ରିୟା, 'ଅପସ୍', ପ୍ରଭୃତିରୁ ଋଷିମାନଙ୍କର କେନ୍ଦ୍ରୀୟ ଭାବନା ଉପରେ ଅଧିକ ଆଲୋକପାତ କରୁଥିବା କେତେକ ନୂତନ ନିର୍ଦ୍ଦିଷ୍ଟ ଯାଥାତଥ୍ୟତାର ସୂଚନା ମିଳେ।

ଏହି ସୂକ୍ତାଂଶରେ କେବଳ 'ଦକ୍ଷ' ଶବ୍ଦର ଆଶୟଗତ ଅର୍ଥ ଯେ କ'ଣ, ସେ ସମ୍ବନ୍ଧରେ ବାସ୍ତବରେ ସଂଶୟ ସୃଷ୍ଟି ହୁଏ, ସାୟଣ 'ବଳ' ବୋଲି ତା'ର ଅର୍ଥ କରିଛନ୍ତି।

ଉକ୍ତ ଶବ୍ଦଟି ଯେଉଁ ଧାତୁରୁ ନିଷ୍ପନ୍ନ, ତାହା ଏହାର ସମଧର୍ମୀ ଧାତୁ ସଦୃଶ, ଯଥା : ଦଶ୍, ଦିଶ୍, ଦହ୍ ପ୍ରଭୃତି; ଏଗୁଡ଼ିକର ସ୍ୱାଭାବିକ ଅର୍ଥ ମୂଳତଃ ଆକ୍ରାମକ ରୂପେ ବଳ ପ୍ରୟୋଗ କରିବା ଏବଂ ଏହି କାରଣରୁ ଯେକୌଣସି ପ୍ରକାର କ୍ଷତି ଘଟାଇବା, କିନ୍ତୁ ବିଶେଷତଃ ଏହାର ଅର୍ଥ – ବିଭାଜନ, ଛେଦନ, ପେଷଣ ଓ ସମୟେ ସମୟେ ଜ୍ୱଳନାର୍ଥକ । ବଳ ବା ବୀର୍ଯ୍ୟବାଚକ ଅନେକ ଶବ୍ଦର ପ୍ରାରମ୍ଭିକ ଅର୍ଥ ଥିଲା ଆଘାତ ଦେବାର ଶକ୍ତି, ଯୋଦ୍ଧା ଓ ହତ୍ୟାକାରୀର ଆକ୍ରମଣାତ୍ମକ ବଳ, ଆଦିମ ମନୁଷ୍ୟ ନିଜ ଉତ୍ତରାଧିକାର-ସୂତ୍ରରେ ଯେଉଁ ଜଗତରେ ବାସ କରିବାକୁ ଜନ୍ମ ନେଇଛି, ହିଂସା ଓ ଶାରୀରିକ ବଳ ଦ୍ୱାରା ନିଜ ପାଇଁ ସେଥିରେ ଏକ ସ୍ଥାନ ବ୍ୟବସ୍ଥା କରିପାରିବା ଥିଲା ସବୁଠୁ ମର୍ଯ୍ୟାଦାର ବିଷୟ, ସାଧାରଣ ସଂସ୍କୃତ ଭାଷାରେ ଶକ୍ତିବାଚକ ଶବ୍ଦ 'ବଳମ୍'ରେ ଏହି ସମ୍ପର୍କ ଥିବାର ଦେଖିବାକୁ ମିଳେ, ଗ୍ରୀକ୍ ଭାଷାରେ ସେହି ସମାନ ଶବ୍ଦଗୋଷ୍ଠୀରେ 'ବଲୋ' (balo) ରହିଛି ଯାହାର ଅର୍ଥ – ମୁଁ ଆଘାତ କରୁଛି ଏବଂ 'ବେଲୋସ୍' (belos) ହେଉଛି ଏକ ଶସ୍ତ୍ର । ଏହି 'ବଳ' ଅର୍ଥଟି ମଧ୍ୟ 'ଦକ୍ଷ' ଶବ୍ଦର ମୌଳିକ ଅର୍ଥ ।

କିନ୍ତୁ ଭାଷାବିକାଶର ମନସ୍ତତ୍ତ୍ୱରେ ଏଇ ବିଭାଗୀକରଣ ରୂପକ ଧାରଣାଟି ଏକ ଭିନ୍ନ ବିଚାରକ୍ରମ ଆଡ଼କୁ ଗତିକଲା; କାରଣ ମନୁଷ୍ୟ ଯେତେବେଳେ ମାନସିକ ବିଚାରଗୁଡ଼ିକ ପାଇଁ ଶବ୍ଦ ପାଇବାକୁ ଇଚ୍ଛା କଲା ସେତେବେଳେ ଶାରୀରିକ କ୍ରିୟାର ରୂପଗୁଡ଼ିକୁ ମାନସିକ କ୍ରିୟାରେ ପ୍ରୟୋଗ କରିବା ଥିଲା ତା' ପାଇଁ ସବୁଠୁ ନିକଟତମ ପଦ୍ଧତି । ଏହି ଭାବେ ସ୍ଥୂଳ ବିଭାଜନ ବା ପୃଥକୀକରଣର ଧାରଣା ବ୍ୟବହୃତ ହେଲା ଓ ତାହା ମାନସିକ ବିଭେଦ ରୂପେ ପରିବର୍ତ୍ତିତ ହୋଇଗଲା । ମନେହୁଏ ପ୍ରଥମେ ଏହା ଦର୍ଶନେନ୍ଦ୍ରିୟ ଦ୍ୱାରା ଭେଦାଭେଦ ନିରୂପଣ ଅର୍ଥ ନିମନ୍ତେ ପ୍ରଯୁକ୍ତ ହୋଇ ପରେ ମାନସିକ ପୃଥକୀକରଣ ପ୍ରକ୍ରିୟା ସ୍ୱରୂପ ବିବେଚନ ଓ ନିର୍ଣ୍ଣୟର କ୍ଷେତ୍ରକୁ ଆସିଗଲା । ଉଦାହରଣ ସ୍ୱରୂପ 'ବିଦ୍' ଧାତୁକୁ ସଂସ୍କୃତରେ ଆବିଷ୍କାର କରିବା ବା ଜାଣିବା ଅର୍ଥରେ ପ୍ରୟୋଗ କରାଯାଏ, ଗ୍ରୀକ୍ ଓ ଲାଟିନ୍ ଭାଷାରେ ଏହା ଦେଖିବା ଅର୍ଥକୁ ବୁଝାଏ । 'ଦୃଶ୍' ଧାତୁ ପ୍ରଥମେ ବିଦାରଣ କରିବା, ଛିନ୍ନ କରିବା, ପୃଥକ୍ କରିବାକୁ ବୁଝାଉଥିଲା; ଦେଖିବା-ଅର୍ଥବୋଧକ 'ପଶ୍' ଧାତୁର ମୂଳ ମଧ୍ୟ ଏହା ଥିଲା । ଏ ବିଷୟରେ ବିଶେଷ ମାର୍ଗଦର୍ଶକ, ସମାର୍ଥକ ତିନୋଟି ଧାତୁ ଅଛି, ଯଥା : ପିସ୍ – ଆଘାତ କରିବା, କ୍ଷତ କରିବା, ବଳବାନ୍ ହେବା; ପିଷ୍ – ଆଘାତ କରିବା, କ୍ଷତିକରିବା, ବଳଶାଳୀ ହେବା, ଚୂର୍ଣ୍ଣ କରିବା, ରଗଡ଼ିବା; ଏବଂ ପିଶ୍ – ରୂପ ଦେବା, ଆକାର ଦେବା, ସଂଗଠନ କରିବା, ମୂଳ ଅବୟବରେ ଆସି ମିଳେଇଯିବା, – ଏହି ସମସ୍ତ ଅର୍ଥ ମୌଳିକ ପୃଥକୀକରଣ, ବିଭାଜନ, ବିଖଣ୍ଡୀକରଣ ପ୍ରଭୃତି ଅର୍ଥକୁ ଖୋଲିଦେଉଛି, – ସେଥିରୁ ନିଷ୍ପନ୍ନ ପ୍ରକୃତି-ପ୍ରତ୍ୟୟାନ୍ତ ଶବ୍ଦଗୁଡ଼ିକ, ଯଥା : ପିଶାଚ ଓ

ପିଶୁନ; ଏହାର ଏକପକ୍ଷରେ କଠୋର, କ୍ରୂର, ଦୁଷ୍ଟ, ବିଶ୍ୱାସଘାତକ, ନିନ୍ଦୁକ ପ୍ରଭୃତି ଅର୍ଥ ଆଘାତ ଅର୍ଥରୁ ଆସିଛି ଏବଂ ତା' ସଙ୍ଗେ ଅନ୍ୟ ପ୍ରଭେଦାତ୍ମକ ଅର୍ଥରୁ ''ସୂଚକ, ପ୍ରକାଶକ, ପ୍ରଦର୍ଶକ, ସ୍ପଷ୍ଟକାରୀ'' ପ୍ରଭୃତି ଅର୍ଥ ଆସିଛି । ସେହିପରି 'କ୍ରି' ଧାତୁର ଅର୍ଥ ଆଘାତ କରିବା, ବିଭାଗ କରିବା, ବିକ୍ଷିପ୍ତ କରିବା; ଏହି ଅର୍ଥ ଗ୍ରୀକ୍ 'କ୍ରିନୋ' (Krino) ଶବ୍ଦରେ ରହିଛି — ମୁଁ ବିଶ୍ଳେଷଣ କରେ, ବାଛିନିଏ, ବିଚାର କରେ, ସିଦ୍ଧାନ୍ତ କରେ । ଦକ୍ଷ ଶବ୍ଦର ଇତିବୃତ୍ତ ମଧ୍ୟ ଏଇପରି, ଏହା 'ଦଶ୍' ଧାତୁର ସମଗୋତ୍ରୀୟ, ଲାଟିନ୍‌ରେ ଏଥିରୁ 'ଦୋସେଓ' (doceo) — ମୁଁ ଶିକ୍ଷା ଦିଏ ଓ ଗ୍ରୀକ୍‌ରେ 'ଡୋକେଓ' (dokeo) — ମୁଁ ଚିନ୍ତା କରେ, ବିଚାର କରେ, ହିସାବ କରେ, ଏବଂ 'ଡୋକାଜୋ' (dokazo) — ମୁଁ ନିରୀକ୍ଷଣ କରେ, ମୋର ମତ ପ୍ରଭୃତି ଆସିଛି । ସେହିପରି ଅନ୍ୟ ଏକ ସମଧର୍ମୀ 'ଦିଶ୍' ଧାତୁ, ଯାହାର ଅର୍ଥ ସୂଚିତ କରିବା, ଶିକ୍ଷା ଦେବା, ଉପଦେଶ ଦେବା; ଗ୍ରୀକ୍‌ରେ ଏହା 'ଡ଼େଇକ୍‌ନୁମି' (deiknumi) । ଦକ୍ଷ ଶବ୍ଦଟି ଗ୍ରୀକ୍ 'ଦୋକ୍ସା'(doxa), ମତ, ସିଦ୍ଧାନ୍ତ, ସହିତ ପ୍ରାୟ ସମାନ; ଏବଂ 'ଦେକ୍ସିଓସ୍' (dexious)ର ଅର୍ଥ ଚତୁର, କୁଶଳୀ, ଦକ୍ଷହସ୍ତ । ସଂସ୍କୃତରେ 'ଦକ୍ଷ୍' ଧାତୁର ଅର୍ଥ ଆଘାତ କରିବା, ବଧ କରିବା ଓ କୁଶଳୀ ହେବା, ସମର୍ଥ ହେବା; ବିଶେଷଣ ପଦ 'ଦକ୍ଷ'ର ଅର୍ଥ ଚତୁର, କୁଶଳୀ, ସକ୍ଷମ, ଯୋଗ୍ୟ, ଜାଗ୍ରତ୍, ମନୋଯୋଗୀ; 'ଦେକ୍ସିଓସ୍' ପରି 'ଦକ୍ଷିଣ'ର ଅର୍ଥ ଚତୁର, କୁଶଳୀ, ଦକ୍ଷହସ୍ତ, ଏବଂ ଆହତ କରିବା ଅର୍ଥରୁ ଆସିଥିବା 'ଶକ୍ତି' ତଥା 'ଦୁଷ୍ଟତା' ଅର୍ଥ ସହ ବିଶେଷ୍ୟ ପଦ 'ଦକ୍ଷ' ଶବ୍ଦଟି ତା'ର ପରିବାରଭୁକ୍ତ ଅନ୍ୟ ଶବ୍ଦ ଭଳି ମାନସିକ ସାମର୍ଥ୍ୟ ବା ଯୋଗ୍ୟତାକୁ ବୁଝାଏ । ମନ ଓ ମାନସିକ ଅବବୋଧ ଅର୍ଥରେ 'ଦଶା' ଶବ୍ଦକୁ ତୁଳନା କରାଯାଇପାରେ । ଏହି ସମସ୍ତ ପ୍ରମାଣ ଏକତ୍ର ମିଳାଇ ଦେଖିଲେ ସ୍ପଷ୍ଟତଃ ମନେହେବ ଯେ 'ଦକ୍ଷ' କୌଣସି ସମୟରେ ବିବେଚନା, ସତ୍ୟାସତ୍ୟ ନିର୍ଣ୍ଣୟ, ନିର୍ଣ୍ଣାୟକ ବିଚାରଶକ୍ତି ପ୍ରଭୃତି ଅର୍ଥକୁ ବୁଝାଇଥିଲା ଏବଂ ମାନସିକ ବିଭାଜନ ଗତ ଅର୍ଥରୁ ଏହି ମାନସିକ ସାମର୍ଥ୍ୟ ରୂପକ ଅର୍ଥ ନିଷ୍ପନ୍ନ ହୋଇଛି, ଦୈହିକ ବଳର ଧାରଣାଟି ଯେ ମାନସିକ ଶକ୍ତିକୁ ରୂପାନ୍ତରିତ ହୋଇଛି ଏବଂ ଏହି ପ୍ରକାରେ ଅର୍ଥଟି ନିଷ୍ପନ୍ନ ହୋଇଛି — ଏହା ଠିକ୍ ନୁହେଁ ।

ବେଦରେ ଥିବା 'ଦକ୍ଷ' ଶବ୍ଦର ତିନୋଟି ଅର୍ଥ ଆମେ ପାଉ — ସାଧାରଣତଃ ଶକ୍ତି, ମାନସିକ ବଳ କିଂବା ବିଶେଷତଃ ବିଚାରଶକ୍ତି, ବିବେକ । ଦକ୍ଷ ନିରବଚ୍ଛିନ୍ନ ଭାବରେ 'କ୍ରତୁ' ସହିତ ସମ୍ପର୍କିତ, ଋଷିମାନେ ଉଭୟକୁ ଏକସଙ୍ଗେ କାମନା କରନ୍ତି — ଦକ୍ଷାୟ କ୍ରତ୍ୱେ[୧], ଏହାର ସରଳ ଅର୍ଥ ''ସାମର୍ଥ୍ୟ ଓ ଫଳଦାୟିନୀ ଶକ୍ତି'' କିଂବା ''ସଂକଳ୍ପ ଓ ବିବେକ'' । ଯେଉଁ ସୂକ୍ତାଂଶର ସମଗ୍ର ପୂର୍ବାପର ସମ୍ପର୍କ ମାନସିକ କ୍ରିୟାବଳୀ ଉପରେ

---

[୧] ଋ. ବେଦ ୧।୧୧୧।୨, ୪।୩୭।୨, ୫।୪୩।୫

ସନ୍ନିବେଶିତ, ସେଇସବୁ କ୍ଷେତ୍ରରେ ଉକ୍ତ ଶବ୍ଦଟି ଅହରହ ଦେଖିବାକୁ ମିଳେ । ଶେଷରେ ଅଛନ୍ତି ଦକ୍ଷଶକ୍ତିର ବିଗ୍ରହରୂପିଣୀ ଦକ୍ଷିଣା ଦେବୀ ଯେକି ଉକ୍ତ ଶବ୍ଦର ସ୍ତ୍ରୀ-ବାଚକ, ଦକ୍ଷ ସ୍ୱୟଂ ଜଣେ ଦେବତା ଓ ପରେ ପୁରାଣରେ କଥିତ ପ୍ରଜାପତିମାନଙ୍କ ମଧ୍ୟରୁ ସେ ଜଣେ ତଥା ପ୍ରାଣୀମାନଙ୍କର ଆଦିପିତା — ଆଉ ମଧ୍ୟ ଆମେ ଦେଖୁ ଯେ 'ଦକ୍ଷିଣା' ଜ୍ଞାନର ଅଭିବ୍ୟକ୍ତି ସହିତ ସମ୍ପର୍କିତ ଏବଂ ସମୟେ ସମୟେ ଜ୍ୟୋତିଃ-ବାହିନୀ ଦିବ୍ୟ ଉଷାଙ୍କ ସହିତ ପ୍ରାୟ ଏକୀଭୂତା । ଆହୁରି ମଧ୍ୟ ମୁଁ ଏହି ସୂଚନା ଦେବାକୁ ଚାହେଁ ଯେ ଦକ୍ଷିଣା ହେଲେ ସୁପ୍ରସିଦ୍ଧା ଇଳା, ସରସ୍ୱତୀ ଓ ସରମାଙ୍କ ପରି ଜଣେ ଦେବୀ, ଏଇମାନେହିଁ 'ଋତମ୍' ବା ଋତଚିତ୍‌ର ଚାରି ଗୁଣକୁ ପ୍ରତିନିଧିତ୍ୱ କରନ୍ତି । **ଇଳା** : ସତ୍ୟଦୃଷ୍ଟି ବା ଅନ୍ତଃପ୍ରକାଶ, **ସରସ୍ୱତୀ** : ସତ୍ୟଶ୍ରୁତି, ଦିବ୍ୟପ୍ରେରଣା ଓ ଦିବ୍ୟବାକ୍, **ସରମା** : ସମ୍ବୋଧି, **ଦକ୍ଷିଣା** : ସମ୍ବୋଧିଲବ୍ଧ ଜ୍ଞାନର ନିରୂପଣକାରୀ ବିବେକ । ତେଣୁ 'ଦକ୍ଷ' ଅର୍ଥ — ମନୋଭୂମିରେ ମାନସିକ ନିର୍ଣ୍ଣୟ ହେଉ ବା ଋତ ସ୍ତରରେ ସମ୍ବୋଧିଜାତ ବିବେକ ହେଉ, ବିବେଚନାକୁହିଁ ବୁଝାଏ ।

ଯେଉଁ ତିନି ମନ୍ତ୍ରକୁ ନେଇ ଆମେ ଏଠାରେ ଆଲୋଚନା କରୁଛୁ, ସେଗୁଡ଼ିକ ଗୋଟିଏ ସୂକ୍ତର ଶେଷାଂଶ, ଯାହାର ପ୍ରଥମ ତିନି ଋକ୍ ବାୟୁଙ୍କ ଉଦ୍ଦେଶ୍ୟରେ ଓ ପରବର୍ତ୍ତୀ ତିନିଟି ଇନ୍ଦ୍ର ଓ ବାୟୁଙ୍କ ପ୍ରତି ଉଦ୍ଦିଷ୍ଟ । ସେହିପରି ପରେ ଆମେ ଦେଖିବା ଯେ ଆତ୍ମିକ ଭାଷ୍ୟରେ ଇନ୍ଦ୍ର ମନଃଶକ୍ତିର ପ୍ରତିନିଧି । ଇନ୍ଦ୍ରିୟ ଶବ୍ଦ ତାଙ୍କରି ନାମରୁହିଁ ନିଷ୍ପନ୍ନ । 'ସ୍ୱର୍' ଇନ୍ଦ୍ରଙ୍କର ସ୍ୱଧାମ ଏବଂ ଏହା 'ସୂର' ଓ 'ସୂର୍ଯ୍ୟ' ଶବ୍ଦର ସଗୋତ୍ରୀୟ ହୋଇଥିବାରୁ 'ସ୍ୱର୍' ଅର୍ଥ ସୂର୍ଯ୍ୟ ବା ଜ୍ୟୋତିର୍ମୟ, ଯାହା ବୈଦିକ ବ୍ୟାହୃତିମାନଙ୍କ ମଧ୍ୟରୁ ତୃତୀୟ ବ୍ୟାହୃତିର ସୂଚନା ରୂପେ ବ୍ୟବହୃତ ଏବଂ ବୈଦିକ ଲୋକସଂସ୍ଥାନର ତୃତୀୟ ଲୋକ ଯାହା ଶୁଦ୍ଧ ଓ ଅବିକୃତ ମନୋଲୋକ, ସେହି ତତ୍ତ୍ୱ ସହିତ ସମ୍ପର୍କିତ । ମନରେ ଉଦୟଲାଭ କରୁଥିବା ଋତ-ଜ୍ୟୋତିଃକୁ ସୂର୍ଯ୍ୟ ପ୍ରତିନିଧିତ୍ୱ କରନ୍ତି; ସେହି ଜ୍ୟୋତିଃକୁ ପ୍ରତ୍ୟକ୍ଷ ଭାବେ ଗ୍ରହଣ କରୁଥିବା ମାନସଚେତନାର ସ୍ତରକୁ 'ସ୍ୱର୍' କୁହାଯାଏ । ଅନ୍ୟ ପକ୍ଷରେ, ବାୟୁ ସର୍ବଦା ପ୍ରାଣ ଅଥବା ଜୀବନଶକ୍ତି ସହିତ ସମ୍ବନ୍ଧିତ, ଯେଉଁ ପ୍ରାଣଶକ୍ତି କି ମନୁଷ୍ୟ ମଧ୍ୟରେ ଇନ୍ଦ୍ର-ଶାସିତ ମାନସିକ ଶକ୍ତି ସମୂହର ଅବଲମ୍ବନ ରୂପକ ସ୍ନାୟବିକ କ୍ରିୟାମାନଙ୍କୁ ସଂଚାଳିତ କରେ । ଏ ଦୁହିଁଙ୍କ ସଂଯୋଗରେ ମନୁଷ୍ୟର ସାଧାରଣ ମାନସିକତା ଗଠିତ ହୁଏ । ସୂକ୍ତଟିରେ ଏହି ଦେବତା ଦୁହିଁଙ୍କୁ ସୋମପାନ ପାଇଁ ଆସିବାକୁ ଆହ୍ୱାନ କରାଯାଇଛି । 'ଋତ' ବା 'ସତ୍ୟ' ମଧ୍ୟ ଦେଇ ଅତିମାନସ ଚେତନାରୁ ଯେଉଁ ଆନନ୍ଦ ବା ସତ୍ତାଗତ ଦିବ୍ୟ ଆନନ୍ଦ — ତାହାର ଯେଉଁ ଉନ୍ମାଦକ ସ୍ରୋତ, ମନ ମଧ୍ୟକୁ ପ୍ରବାହିତ ହୋଇଆସେ — ସୋମରସ ତାହାର ପ୍ରତୀକ; ବେଦରେ ଏହାର ପ୍ରଚୁର ଦୃଷ୍ଟାନ୍ତ ଅଛି, ବିଶେଷତଃ ସୋମଦେବତାଙ୍କୁ

ସମ୍ବୋଧନ କରି ରଚିତ ଶତାଧିକ ସୂକ୍ତ ନବମ ମଣ୍ଡଳରେ ସଂକଳିତ ହୋଇଛି । ଯଦି ଏହି ଗୂଢ଼ାର୍ଥଗୁଡ଼ିକୁ ଆମେ ଗ୍ରହଣ କରୁ, ତେବେ ସହଜରେ ସୂକ୍ତଟିର ଆତ୍ମିକ ତାତ୍ପର୍ଯ୍ୟପୂର୍ଣ୍ଣ ଅନୁବାଦ କରି ପାରିବା ।

ଇନ୍ଦ୍ର ଓ ବାୟୁ ସୋମରସର ପ୍ରବାହ ଆଡ଼କୁ ଚେତନା ମଧ୍ୟରେ (ଚେତଥଃ) ଜାଗ୍ରତ୍ ହୋଇଛନ୍ତି; ଅର୍ଥାତ୍ ମନୁଷ୍ୟର ମାନସିକତାରେ ଏକତ୍ର କ୍ରିୟାଶୀଳ ମନଃଶକ୍ତି ଓ ପ୍ରାଣଶକ୍ତିକୁ ଊର୍ଦ୍ଧ୍ୱରୁ ନିଃସୃତ ଏହି ଆନନ୍ଦ, ଏହି ଅମୃତ, ଏହି ସୁଖ ଓ ଅମରତ୍ୱର ପ୍ରବାହ ସମ୍ବନ୍ଧରେ ଜାଗ୍ରତ୍ ହେବାକୁ ଅଛି । ଏହି ଉଭୟ ଶକ୍ତି ଏଗୁଡ଼ିକୁ ମାନସିକ ଓ ସ୍ନାୟବିକ ବଳର ପୂର୍ଣ୍ଣପ୍ରାଚୁର୍ଯ୍ୟ ମଧ୍ୟରେ ଗ୍ରହଣ କରନ୍ତି (ଚେତଥଃ ସୁତାନାଂ ବାଜିନୀବସୂ — ଋ.୧।୨।୫) । ଏହି ଭାବେ ପ୍ରାପ୍ତ ଆନନ୍ଦ ମର୍ତ୍ତ୍ୟ ମଧ୍ୟରେ ଅମର ଚେତନାକୁ ନିର୍ମାଣ କରି ଏକ ନୂତନ କ୍ରିୟାଧାରା ସୃଷ୍ଟିକରେ ଏବଂ ଏହି ନୂତନ କ୍ରିୟାଗୁଡ଼ିକୁ ଚିନ୍ତାର ସହଯୋଗରେ ସତ୍ୱର ପୂର୍ଣ୍ଣତା ପ୍ରଦାନ କରିବା ପାଇଁ ଇନ୍ଦ୍ର ଓ ବାୟୁଙ୍କୁ ଏଠାକୁ ଆସିବାକୁ ନିମନ୍ତ୍ରଣ କରାଯାଏ । —''ଆୟାତମ୍ ଉପ ନିଷ୍କୃତଂ ମଘ୍ଵୁ ... ଧିୟା''— (ଋ.୧।୨।୬) । କାରଣ 'ଧୀ' ହେଉଛି ଚିନ୍ତାଶକ୍ତି, ବୁଦ୍ଧି ବା ବୋଧସାମର୍ଥ୍ୟ । ଇନ୍ଦ୍ର ଓ ବାୟୁଙ୍କ ସଂଯୁକ୍ତ କ୍ରିୟା ଦ୍ୱାରା ପ୍ରଦର୍ଶିତ ସ୍ୱାଭାବିକ ମାନସିକତା ଏବଂ ଋତମ୍ ବା ଋତଚିତ୍, ଏହି ଉଭୟର ମଧ୍ୟବର୍ତ୍ତିନୀ ହେଉଛି ଏହି 'ଧୀ' ।

ଠିକ୍ ଏହି ସ୍ଥଳରେ ବରୁଣ ଓ ମିତ୍ରଙ୍କର ଅନୁପ୍ରବେଶ ଘଟେ ଓ ଆମ ଆଲୋଚ୍ୟ ବିଷୟଟିର ଆରମ୍ଭ ହୁଏ । ଆତ୍ମିକ ଗୂଢ଼ସୂତ୍ର ନ ପାଇଲେ ସୂକ୍ତର ପ୍ରଥମ ଓ ଶେଷ ଅଂଶ ମଧ୍ୟରେ ଅର୍ଥାତ୍ ମିତ୍ରାବରୁଣ ଏବଂ ଇନ୍ଦ୍ରବାୟୁଙ୍କ ମଧ୍ୟରେ ଥିବା ସମ୍ପର୍କ ବେଶୀ ସ୍ପଷ୍ଟ ହୁଏ ନାହିଁ, ଉକ୍ତ ଗୂଢ଼ ସୂତ୍ରଟି ମିଳିଲେ ଉଭୟ ସମ୍ପର୍କ ସ୍ପଷ୍ଟ ହୋଇଯାଏ; ବସ୍ତୁତଃ ସେମାନେ ପରସ୍ପର ନିର୍ଭରଶୀଳ । କାରଣ, ସୂକ୍ତର ପ୍ରଥମାଂଶର ବିଷୟବସ୍ତୁ ପ୍ରଥମେ ପ୍ରାଣଶକ୍ତିର ପ୍ରସ୍ତୁତି ଉପରେ ଆଧାରିତ ଯାହାକୁ ବାୟୁଦେବତା ପ୍ରତିନିଧିତ୍ୱ କରୁଛନ୍ତି, ସୂକ୍ତର ପ୍ରାରମ୍ଭିକ ତିନି ମନ୍ତ୍ରରେ କେବଳ ତାଙ୍କୁ ଆବାହନ କରାଯାଇଛି । ତା'ପରେ, ମାନସିକତାର ପ୍ରତିନିଧିତ୍ୱ କରୁଥିବା ଇନ୍ଦ୍ର ଓ ବାୟୁ ଯୁଗ୍ମଦେବଙ୍କୁ ମନୁଷ୍ୟ ମଧ୍ୟରେ ଋତ-ଚିତ୍‌ର କ୍ରିୟା ସମ୍ପାଦନ କରିବାକୁ ଆହ୍ୱାନ କରାଯାଇଛି; ଶେଷାଂଶରେ ବୁଦ୍ଧିକୁ ପୂର୍ଣ୍ଣକରିବା ଓ ତା' କାର୍ଯ୍ୟର ସମ୍ପ୍ରସାରଣ ନିମନ୍ତେ ମନ ଉପରେ ଋତର ଯେଉଁ କ୍ରିୟା ହୋଇଥାଏ, ସେହି କ୍ରିୟା ବିଷୟରେ କୁହାଯାଇଛି । ଉକ୍ତ ଚାରିଦେବତାଙ୍କ ମଧ୍ୟରୁ ବରୁଣ ଓ ମିତ୍ର ଦେବଦ୍ୱୟ ହେଉଛନ୍ତି ମନୁଷ୍ୟର ମନ ଓ ସ୍ୱଭାବ ମଧ୍ୟରେ ଥିବା ସତ୍ୟକ୍ରିୟାର ପ୍ରତିନିଧି ।

ବେଦର ଶୈଳୀ ଦୃଷ୍ଟିରୁ ଦେଖିଲେ, ଯେତେବେଳେ କୌଣସି ଏକ ଚିନ୍ତା ମଧ୍ୟରୁ ଅନ୍ୟ ଏକ ଚିନ୍ତାତତ୍ତ୍ୱ ବିକଶିତ ହୋଇଉଠୁଥାଏ, ଏଇଭଳି ମଧ୍ୟବର୍ତ୍ତୀ ଏକ ସଂକ୍ରମଣ

ଅବସ୍ଥାରେ ପୂର୍ବତତ୍ତ୍ୱର ସମାପ୍ତିରେ ଥିବା ଏକ ମହତ୍ତ୍ୱପୂର୍ଣ୍ଣ ଶବ୍ଦକୁ ନୂତନ ଗତିଛନ୍ଦରେ ବାରଂବାର ପୁନରୁକ୍ତି କରାଯାଉଥାଏ ଏବଂ ତା ମଧ୍ୟରେ ପୂର୍ବ ତତ୍ତ୍ୱର ସମ୍ପର୍କ ବାରଂବାର ସୂଚିତ ହେଉଥାଏ । ଏହାକୁ ପ୍ରତିଧ୍ୱନି ଦ୍ୱାରା ଅର୍ଥାଭିବ୍ୟକ୍ତିର ନ୍ୟାୟ ବୋଲି କୁହାଯାଇପାରେ, ସୂକ୍ତଗୁଡ଼ିକରେ ଏହି ଶୈଳୀ ପରିବ୍ୟାପ୍ତ ଏବଂ ଏହା ସମସ୍ତ ଋଷିଙ୍କର ରଚନାରେ ଏକ ସାଧାରଣ ରୀତିଗତ ବୈଶିଷ୍ଟ୍ୟ । ଏଠାରେ ସଂଯୋଜକ ଶବ୍ଦ ହେଉଛି 'ଧୀ', ବୁଦ୍ଧି ବା ଚିନ୍ତାଶକ୍ତି । ସାଧାରଣତଃ ଅଧିକ ପ୍ରଚଳିତ ଶବ୍ଦ 'ମତି'ଠାରୁ 'ଧୀ' ଭିନ୍ନ । 'ମତି'ର ଅର୍ଥ ମାନସିକତା ବା ସାଧାରଣ ଅର୍ଥରେ ମାନସ-କ୍ରିୟା ଏବଂ କେତେବେଳେ ଚିନ୍ତା ତ କେତେବେଳେ ଭାବ, କେତେବେଳେ ବି ସମଗ୍ର ମନୋମୟ ସ୍ଥିତିକୁ ବୁଝାଏ । କିନ୍ତୁ 'ଧୀ' ଅର୍ଥ ଚିନ୍ତାବୃତ୍ତି ବା ବୁଦ୍ଧି; ତା' ନିକଟକୁ ଯାହାସବୁ ଆସେ, ତାହାକୁ ସେ ବୋଧ ରୂପେ ସାଇତି ରଖେ, ସେସବୁର ସ୍ୱରୂପ ନିର୍ଣ୍ଣୟ କରେ,[୨] ଯଥା ସ୍ଥାନରେ ସ୍ଥାପନ କରେ ଅଥବା ପ୍ରାୟଶଃ ବୁଦ୍ଧିର କ୍ରିୟା ଅଥବା ନିର୍ଦ୍ଦିଷ୍ଟ କୌଣସି ଚିନ୍ତା ବା ଚିନ୍ତାବଳିକୁ ସୂଚିତ କରେ । ଚିନ୍ତା ଦ୍ୱାରା ସ୍ନାୟବିକ (ପ୍ରାଣିକ) ମାନସିକତାକୁ ପୂର୍ଣ୍ଣାଙ୍ଗ କରିବା ନିମନ୍ତେ 'ନିଷ୍କୃତମ୍ ... ଧିୟା', ଇନ୍ଦ୍ର ଓ ବାୟୁଙ୍କୁ ଆହ୍ୱାନ କରାଯାଇଛି । କିନ୍ତୁ ଋତ-ଚିତ୍ ସହିତ ଯୁକ୍ତ ହୋଇ ଆଦାନ-ପ୍ରଦାନ କରିବାକୁ ସମର୍ଥ ହେବା ପୂର୍ବରୁ ସାଧନ ସ୍ୱରୂପ ଏହି ଚିନ୍ତାଶକ୍ତି ସଂସିଦ୍ଧ, ସମୃଦ୍ଧ ଓ ପରିଶୁଦ୍ଧ ହେବାର ଅଛି । ତେଣୁ ସତ୍ୟର ଶକ୍ତିସ୍ୱରୂପ ମିତ୍ରାବରୁଣଙ୍କୁ ଏଠାରେ ଆବାହନ କରାଯାଇଛି, ''ଯିଏ ଅତି ଉଜ୍ଜ୍ୱଳ ଚିନ୍ତାଶକ୍ତିକୁ ସଂସିଦ୍ଧ କରୁଛନ୍ତି'' —''ଧିୟଂ ଘୃତାଚୀଂ ସାଧନ୍ତା'' ।

ଏକ ବିଶେଷଣ ରୂପେ ପରିବର୍ତ୍ତିତ ହୋଇଥିବା ଘୃତ ଶବ୍ଦର ପ୍ରୟୋଗ ଏହିଠାରେହିଁ ପ୍ରଥମେ ହୋଇଛି, ଏବଂ ବୁଦ୍ଧି ଅର୍ଥରେ ପ୍ରଯୁକ୍ତ ବୈଦିକ 'ଧୀ'ର ବିଶେଷଣ ରୂପେ ଏହାର ପ୍ରୟୋଗ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଅନ୍ୟାନ୍ୟ ସୂକ୍ତାଂଶରେ ମଧ୍ୟ ମନସ୍ ଓ ମନୀଷା ଶବ୍ଦ ଦୁଇଟି ସହିତ ବା ବୌଦ୍ଧିକ କ୍ରିୟା ସୂଚକ କୌଣସି ପ୍ରସଙ୍ଗରେ ଉକ୍ତ ଶବ୍ଦଟିର ନିରବଚ୍ଛିନ୍ନ ବ୍ୟବହାର ଆମେ ଦେଖୁ । 'ଘୃ' ଧାତୁ ଅଗ୍ନି ବା ଗ୍ରୀଷ୍ମକାଳୀନ ସୂର୍ଯ୍ୟଙ୍କ ପରି ତୀବ୍ର ଉଜ୍ଜ୍ୱଳତା ବା ତାପର ଭାବ ପ୍ରକାଶ କରେ । ଶବ୍ଦଟିର ଅର୍ଥ ମଧ୍ୟ ସିଞ୍ଚନ ବା ଅଭ୍ୟଞ୍ଜନ କରିବା (ଗ୍ରୀକ୍-କ୍ରିଓ, Chrio) । ଯେକୌଣସି ତରଳ ଜିନିଷକୁ, ବିଶେଷତଃ ଉଜ୍ଜ୍ୱଳ ଘନ ତରଳ ପଦାର୍ଥକୁ ବୁଝାଇବାର ସାମର୍ଥ୍ୟ ଏହି ଶବ୍ଦଟିର ରହିଛି । ବୈଦିକ ଋଷିମାନେ ଏଇ ଦୁଇଟି ମିଶ୍ରିତ ସମ୍ଭାବ୍ୟ ଅର୍ଥର ସୁଯୋଗ ନେଇ ଉକ୍ତ ଶବ୍ଦଟିର ବାହ୍ୟତଃ ଯଜ୍ଞ-ଘୃତ ରୂପକ ଅର୍ଥ ଓ ଆନ୍ତର ଭାବରେ ମେଧା ବା ମସ୍ତିଷ୍କ ଶକ୍ତିର ସମୃଦ୍ଧ ଓ ଉଦ୍ଦୀପ୍ତ ଅବସ୍ଥା ବା କ୍ରିୟାରୂପକ ଅର୍ଥ ସୂଚିତ କରିଛନ୍ତି, ଯାହାକି ପ୍ରକାଶମୟ ଚିନ୍ତାର ଭିତ୍ତି ବା ମର୍ମ । ସୁତରାଂ 'ଧିୟଂ ଘୃତାଚୀମ୍'ର ଅର୍ଥ ଏପରି ଏକ ବୁଦ୍ଧି ଯାହା ସମୃଦ୍ଧ ଓ ଉଜ୍ଜ୍ୱଳ ମାନସିକ କ୍ରିୟାରେ ପରିପୂର୍ଣ୍ଣ ।

---

୨ 'ଧୀ' ଧାତୁର ଅର୍ଥ ଧାରଣ ବା ସ୍ଥାପନ ।

ବୁଦ୍ଧିର ଏହି ଅବସ୍ଥାକୁ ସମ୍ପୂର୍ଣ୍ଣ ବା ସୁସିଦ୍ଧ କରୁଥିବା ଦୁଇ ଦେବତା ବରୁଣ ଓ ମିତ୍ରଙ୍କର ବୈଶିଷ୍ଟ୍ୟକୁ ପ୍ରତିପାଦନ କରିବା ସକାଶେ ଦୁଇଟି ଭିନ୍ନ ଭିନ୍ନ ବିଶେଷଣ ବ୍ୟବହାର କରାଯାଇଛି । ମିତ୍ର ହେଉଛନ୍ତି ପୂତଦକ୍ଷ – ଶୁଦ୍ଧୀକୃତ ବିଚାରବୁଦ୍ଧି ସମ୍ପନ୍ନ, ଓ ବରୁଣ ହେଉଛନ୍ତି ରିଶାଦସ – ଯିଏ ସମସ୍ତ ଆଘାତକାରୀ ବା ଶତ୍ରୁମାନଙ୍କୁ ଧ୍ୱଂସ କରନ୍ତି । କେବଳ ଶୋଭାବୃଦ୍ଧି ପାଇଁ କୌଣସି ବିଶେଷଣର ପ୍ରୟୋଗ ବେଦରେ ଦେଖାଯାଏ ନାହିଁ । ପ୍ରତ୍ୟେକ ଶବ୍ଦପ୍ରୟୋଗ କିଛି ବ୍ୟକ୍ତ କରିବା ପାଇଁ, ଅର୍ଥରେ କିଛି ବୃଦ୍ଧି ଆଣିବା ପାଇଁ ଓ ଯେଉଁ ବାକ୍ୟରେ ତାହା ବ୍ୟବହୃତ, ତା'ର ଭାବ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କରିବା ପାଇଁ । ଏବିଷୟରେ ଦୁଇଟି ବାଧା ଅଛି, ଯାହା ଋତଚିତ୍‌ର ନିର୍ଦୋଷ ଓ ଦେଦୀପ୍ୟମାନ ଦର୍ପଣ ହେବାରେ ବୁଦ୍ଧିକୁ ନିଷେଧ କରେ; ପ୍ରଥମଟି ହେଉଛି ସତ୍ୟ ମଧ୍ୟରେ ବିଭ୍ରାନ୍ତି-ସୃଷ୍ଟିକାରୀ ବିଚାର ବା ବିବେକର ଅମାର୍ଜ୍ଜିତତା, ଦ୍ୱିତୀୟଟି ହେଉଛି ସତ୍ୟ-ଚେତନାର ପୂର୍ଣ୍ଣ ପ୍ରୟୋଗକୁ ସୀମିତ କରିଦେବା ଦ୍ୱାରା ଅଥବା ତାହାକୁ ବ୍ୟାହତ କରୁଥିବା ବୈଚାରିକ ସମ୍ବନ୍ଧ ଓ ସଂଗତିକୁ ଭାଙ୍ଗିଦେବା ହେତୁ ଜାତ ନାନା କାରଣ ଓ ପ୍ରଭାବ ସତ୍ୟର ବିକାଶରେ ବ୍ୟାଘାତ ସୃଷ୍ଟି କରନ୍ତି ଏବଂ ଏହାର ବିଷୟସବୁ ପରିଣାମତଃ ଦାରିଦ୍ର୍ୟ ତଥା ମିଥ୍ୟାରେ ଭରି ଉଠନ୍ତି । ଲୋକସଂସ୍ଥାନ ମଧ୍ୟରେ ସଂଗତି ରଚନାକାରୀ ତଥା ମନୁଷ୍ୟ ମଧ୍ୟରେ ତା'ର ପ୍ରତିଶୀଳ ପୂର୍ଣ୍ଣତା ସମ୍ପାଦକ ଋତଚିତ୍ ମଧ୍ୟରୁ ଦେବଗଣ ଠିକ୍ ଯେପରି ବିଶ୍ୱଗତ ଶକ୍ତି ରୂପେ ଅବତରଣ କରନ୍ତି, ଠିକ୍ ସେହିପରି ଏହିସବୁ ଲକ୍ଷ୍ୟର ପ୍ରତିକୂଳରେ କାର୍ଯ୍ୟ କରୁଥିବା ବିରୋଧିନୀ ଶକ୍ତିମାନେ ମଧ୍ୟ ରହିଥା'ନ୍ତି, ଦସ୍ୟୁଗଣ ତଥା ବୃତ୍ରବୃନ୍ଦ ନାମରେ ସେମାନେ ପରିଚିତ, ସେମାନଙ୍କ ଉଦ୍ଦେଶ୍ୟ ବିଘଟନ, ସୀମିତୀକରଣ, ଅବରୋଧ ଓ ଅସ୍ୱୀକୃତି । ବେଦରେ ବରୁଣ ସର୍ବଦା ବ୍ୟାପକତା ଓ ପବିତ୍ରତା ଗୁଣଯୁକ୍ତ ବୋଲି ବର୍ଣ୍ଣିତ; ସୁତରାଂ ବରୁଣ ଯେତେବେଳେ ମନୁଷ୍ୟ ମଧ୍ୟରେ ସତ୍ୟର ଏକ ସଚେତନ ଶକ୍ତି ରୂପେ ସ୍ଥାନ ଗ୍ରହଣ କରନ୍ତି, ସେତେବେଳେ ଯାହାସବୁ ସ୍ୱଭାବ ମଧ୍ୟକୁ ଦୋଷ, ପାପ ଓ ଅଶୁଭ ବହନ କରି ଆଣେ ଓ ତା' ଦ୍ୱାରା ସ୍ୱଭାବ ସୀମିତ ଓ ଆହତ ହୁଏ ସେସବୁ ତାଙ୍କ ସମ୍ପର୍କରେ ଆସିବା ଫଳରେ ବିନଷ୍ଟ ହୋଇଯା'ନ୍ତି । ତାଙ୍କୁ ରିଶାଦସ କୁହାଯାଏ, ଅର୍ଥାତ୍ ଅଭିବୃଦ୍ଧିକୁ ପ୍ରତିହତ କରିବାକୁ ଚାହୁଁଥିବା ଶତ୍ରୁମାନଙ୍କୁ ସେ ବିନାଶ କରନ୍ତି । ବରୁଣଙ୍କ ପରି 'ମିତ୍ର' ହେଉଛନ୍ତି ଜ୍ୟୋତିଃ ଓ ସତ୍ୟର ଏକ ଶକ୍ତି, ବିଶେଷତଃ ବେଦୋକ୍ତ ଆନନ୍ଦର, 'ମୟସ୍'ର, ସେ ହେଉଛନ୍ତି ଆଧାର, ପ୍ରେମ, ସୁଖ ଓ ସୁସଂଗତିର ପ୍ରତୀକ । ବରୁଣଙ୍କ ବିଶୁଦ୍ଧି ସାହାଯ୍ୟରେ କାର୍ଯ୍ୟ କରୁଥିବା ମିତ୍ରଦେବ ସେହି ବିଶୁଦ୍ଧିକୁ ବିବେକ ମଧ୍ୟରେ ସଂଚାରିତ କରିଦେଇ ଏହାକୁ ସମସ୍ତ ଅସଂଗତି ଓ ବିଭ୍ରାନ୍ତିରୁ ମୁକ୍ତ କରି ଦିଅନ୍ତି ଏବଂ ଦୃଢ଼ ଓ ଜ୍ୟୋତିର୍ମୟ ବୁଦ୍ଧିର ଯଥାର୍ଥ କାର୍ଯ୍ୟଧାରା ସ୍ଥାପନ କରିବାକୁ ସମର୍ଥ ହୁଅନ୍ତି ।

ଏହି ପ୍ରଗତି ଫଳରେ ସତ୍ୟ-ଚେତନା ବା ଋତ ମନୁଷ୍ୟର ମାନସଚେତନା ମଧ୍ୟରେ କାର୍ଯ୍ୟ କରିବାକୁ ସମର୍ଥ ହୁଏ । ମାଧ୍ୟମ ରୂପେ ଋତକୁ ସାଙ୍ଗରେ ନେଇ, **ଋତେନ**, ମନୁଷ୍ୟ ମଧ୍ୟରେ ଋତର କ୍ରିୟାକୁ ବର୍ଦ୍ଧିତ କରି, **ଋତାବୃଧା**, ଋତକୁ ସ୍ୱର୍ଶ କରି ବା ସେଥିରେ ଉପନୀତ ହୋଇ ଅର୍ଥାତ୍ ମାନସ ଚେତନାକୁ ଋତ-ଚିତ୍‌ର ସାର୍ଥକ ସଂସ୍ପର୍ଶରେ ଆସିବାକୁ ତଥା ଋତଚିତ୍‌କୁ ନିଜସ୍ୱ କରିବାକୁ ସକ୍ଷମ କରି, **ଋତସ୍ପୃଶା**, ମିତ୍ରାବରୁଣ ଏକ ବିପୁଳ ଫଳପ୍ରସବିନୀ ସଂକଳ୍ପଶକ୍ତିର ଉପଯୋଗ ଓ ଭୋଗ କରିବାକୁ ସମର୍ଥ ହୁଅନ୍ତି, **କ୍ରତୁଂ ବୃହନ୍ତମ୍ ଆଶାଥେ** । କାରଣ ସଂକଳ୍ପ ହେଉଛି ଆନ୍ତର ଯଜ୍ଞର ମୁଖ୍ୟ ସଫଳ କାର୍ଯ୍ୟ-କର୍ତ୍ତା, କିନ୍ତୁ ଏହା ସତ୍ୟସଙ୍ଗତ ସଂକଳ୍ପ ହୋଇଥିବାରୁ ବିଶୁଦ୍ଧି ଓ ବିବେକଶକ୍ତି ଦ୍ୱାରା ପରିଚାଳିତ ହୋଇଥାଏ । ସଂକଳ୍ପ ଯେତେଯେତେ ଋତଚିତ୍‌ର ବିଶାଳତା ମଧ୍ୟରେ ପ୍ରବେଶ କରେ, ସେତେସେତେ ତାହା ସ୍ୱତଃ ବ୍ୟାପକ ଓ ବିଶାଳ ହୋଇଉଠେ ଏବଂ ତା' ଦୃଷ୍ଟିର ସୀମିତତା ମଧ୍ୟରୁ ତଥା ତା କାର୍ଯ୍ୟସିଦ୍ଧିରେ ଆସୁଥିବା ହାନିକର ପ୍ରତିରୋଧୀମାନଙ୍କଠାରୁ ସେ ମୁକ୍ତ ହେବାକୁ ଲାଗେ । ତାହା କୌଣସି ବାଧା ବା ସୀମିତତାର ପ୍ରାଚୀର ନ ଥିବା ପ୍ରଶସ୍ତତା ମଧ୍ୟରେ, **ଉରୌ ଅନିବାଧେ**, କାର୍ଯ୍ୟ କରିବାକୁ ଲାଗେ ।

ଏହିଭଳି ଭାବରେ ବୈଦିକ ଋଷିଗଣ ସବୁବେଳେ ଗୁରୁତ୍ୱ ଦେଇ ଆସିଥିବା ଦୁଇ ଅପରିହାର୍ଯ୍ୟ ତତ୍ତ୍ୱକୁ, ଆଲୋକ ଓ ଶକ୍ତିକୁ ପ୍ରାପ୍ତ ହୋଇଥା'ନ୍ତି — ଆଲୋକ : ଜ୍ଞାନ ମଧ୍ୟରେ କ୍ରିୟାଶୀଳ ସତ୍ୟର ଜ୍ୟୋତିଃ, **ଧିୟଂ ଘୃତାଚୀମ୍**; ଶକ୍ତି : ଫଳପ୍ରସୂ ଓ ସଜ୍ଞାନ ସଂକଳ୍ପ ମଧ୍ୟରେ କ୍ରିୟାଶୀଳ ସତ୍ୟର ଶକ୍ତି, **କ୍ରତୁଂ ବୃହନ୍ତମ୍** । ଏହାର ପରିଣାମ ସ୍ୱରୂପ ସୂକ୍ତର ଶେଷ ମନ୍ତ୍ରରେ ଦେଖାଇ ଦିଆଯାଇଛି ଯେ ନିଜ ସତ୍ୟର ସମ୍ପୂର୍ଣ୍ଣ ବୋଧ ମଧ୍ୟରେ ମିତ୍ରାବରୁଣ କାର୍ଯ୍ୟ କରୁଛନ୍ତି, **କବୀ ତୁବିଜାତା ଉରୁକ୍ଷୟା** । ପୂର୍ବରୁ କୁହାଯାଇଛି, 'କବି' ଅର୍ଥ ଋତଚିତ୍-ସମ୍ପନ୍ନ ବ୍ୟକ୍ତି ଓ ଯେ ଏହି ଚେତନାର ସତ୍ୟଦୃଷ୍ଟି, ଅନ୍ତଃପ୍ରେରଣା, ସମ୍ବୋଧି ଓ ବିବେକ ପ୍ରଭୃତି ଗୁଣର ଉପଯୋଗ କରନ୍ତି । 'ତୁବିଜାତା' ଅର୍ଥ ବହୁ ଗୁଣରେ ଜାତ, କାରଣ ତୁବିର ମୌଳିକ ଅର୍ଥ ବଳ ବା ଶକ୍ତି ହେଲେ ମଧ୍ୟ ଫରାସୀ ଶବ୍ଦ ଫୋର୍ସ (Force) ପରି ବାହୁଲ୍ୟ ଅର୍ଥରେ ବ୍ୟବହାର କରାଯାଏ । କିନ୍ତୁ ବେଦରେ ଦେବତାମାନଙ୍କ ଜନ୍ମ କହିଲେ ପ୍ରକଟ ହେବା ଅର୍ଥକୁ ବୁଝାଏ; ଅତଏବ 'ତୁବିଜାତା'ର ଅର୍ଥ ''ନାନାରୂପରେ ଓ ନାନା କର୍ମରେ ବହୁଭାବରେ ପ୍ରକଟନ'' । 'ଉରୁକ୍ଷୟା' ଅର୍ଥ ବିଶାଳତା ମଧ୍ୟରେ ବାସ କରିବା, ଏହି ଭାବଟି ସୂକ୍ତମାନଙ୍କରେ ବହୁଳ ଭାବରେ ଦେଖାଯାଏ, 'ଉରୁ' ବୃହତ୍‌ର ସମାର୍ଥକ ଓ ଋତଚିତ୍‌ର ଅସୀମ ସ୍ୱାତନ୍ତ୍ର୍ୟର ସୂଚକ । ଏହି ଭାବରେ ଋତର କ୍ରିୟାନ୍ୱୟନ ଜନିତ ଫଳ ଆମକୁ ମିଳିଥାଏ, ଯଥା : ମନୁଷ୍ୟ ଆଧାରରେ ବିଶାଳତା ଓ ଶୁଦ୍ଧତାର ତଥା ଆନନ୍ଦ ଓ ସଂଗତିର ଶକ୍ତିମାନେ ଅଭିବ୍ୟକ୍ତି ଲାଭ କରନ୍ତି — ଏହି ଅଭିବ୍ୟକ୍ତି ହୋଇଥାଏ

ନାନା ରୂପରାଜିରେ ସମୃଦ୍ଧ, ଗତର ବିଶାଳତା ମଧ୍ୟରେ ଆସୀନ, ଏବଂ ଏହା ଅତିମାନସିକ ଶକ୍ତିର ବିଶେଷଣଗୁଡ଼ିକୁ ଉପଯୋଗ କରୁଥାଏ ।

ନିଜ କାର୍ଯ୍ୟ କରୁଥିବା ବେଳେ ସତ୍ୟଶକ୍ତିଗୁଡ଼ିକର ଏହି ଅଭିବ୍ୟକ୍ତିହିଁ ବିବେକକୁ ଅଧିକାର କରେ ବା ଏହାକୁ ସୁଦୃଢ଼ କରେ — **ଦକ୍ଷଂ ଦଧାତେ ଅପସମ୍ ।** ସତ୍ୟ ଶକ୍ତିସ୍ୱରୂପ ସତ୍ୟବୋଧ ସାହାଯ୍ୟରେ ଏବେ ଶୁଦ୍ଧୀକୃତ ତଥା ଆଧୃତ ବିବେକ କାର୍ଯ୍ୟ କରେ ଏବଂ ଚିନ୍ତା ଓ ସଂକଳ୍ପକୁ ସେମାନଙ୍କ କର୍ମ ଓ କର୍ମଫଳ ମଧ୍ୟରେ ଦେଖା ଦେଉଥିବା ସମସ୍ତ ଦୋଷ ଓ ବିଭ୍ରାନ୍ତିରୁ ମୁକ୍ତ କରେ, ଯଦ୍ଦ୍ୱାରା ସେମାନେ ଇନ୍ଦ୍ର ଓ ବାୟୁଙ୍କ କାର୍ଯ୍ୟଧାରାକୁ ନିର୍ଦୋଷଭାବେ ସମ୍ପାଦନ କରିବେ ।

ଏହି ସୂକ୍ତଚରଣରେ ଥିବା ଶବ୍ଦଗୁଡ଼ିକର ଆମେ ଯେଉଁ ବିଶ୍ଳେଷଣ କରିଛୁ ତା'ର ସମର୍ଥନ ନିମନ୍ତେ ଚତୁର୍ଥ ମଣ୍ଡଳସ୍ଥ ଦଶମ ସୂକ୍ତର ଗୋଟିଏ ମନ୍ତ୍ର ଏଠାରେ ଉଦ୍ଧାର କରୁଛୁ —

ଅଧା ହ୍ୟଗ୍ନେ କ୍ରତୋ ଭଦ୍ରସ୍ୟ ଦକ୍ଷସ୍ୟ ସାଧୋଃ ।
ରଥୀର୍ଗତସ୍ୟ ବୃହତୋ ବଭୂଥ ॥ (ଋ. ୪ ।୧୦।୨)

''ତା'ପରେ, ପ୍ରକୃତରେ, ହେ ଅଗ୍ନି, ତୁମେ ହୁଅ ଶୁଭ ସଂକଳ୍ପର, ପୂର୍ଣ୍ଣତା ସମ୍ପାଦକ ବିବେଚନାର ଓ ବିରାଟରୂପୀ ସତ୍ୟର ସାରଥି ।'' ପ୍ରଥମ ମଣ୍ଡଳର ପ୍ରଥମ ସୂକ୍ତରେ ଯେଉଁ ଭାବାର୍ଥ ଥିଲା, ଏଠାରେ ମଧ୍ୟ ସେହି ସମାନ ଭାବ ଅଛି, ''କବିକ୍ରତୁଃ'' ହେଉଛି ଋତ-ଚେତନାର ସ୍ୱାଭାବିକ ଫଳଦାୟିନୀ ସଂକଳ୍ପଶକ୍ତି ଏବଂ ତାହା ଏକ ଆନନ୍ଦମୟ ସ୍ଥିତିରେ ''ଶ୍ରେୟଃ'', ଭଦ୍ରମ୍, ସମ୍ପାଦନ କରେ । ଦ୍ୱିତୀୟ ସୂକ୍ତର ଅନ୍ତିମ ''**ଦକ୍ଷମ୍ ଅପସମ୍**'' ବାକ୍ୟାଂଶ, ଯାହାର ଅର୍ଥ : ମନୁଷ୍ୟ ମଧ୍ୟରେ ଆନ୍ତର କାର୍ଯ୍ୟର (ଅପସମ୍) ପୂର୍ଣ୍ଣତାଦାୟକ ତଥା ସଂସାଧକ ବିବେକ (ଦକ୍ଷମ୍), ଏବଂ ଏବେ କୁହାଯାଉଥିବା ''ଦକ୍ଷସ୍ୟ ସାଧୋଃ'' ବାକ୍ୟାଂଶର ଅର୍ଥ ମଧ୍ୟରେ ସାମାନ୍ୟ ଭିନ୍ନତା ଦେଖିବାକୁ ମିଳେ । ସାମର୍ଥ୍ୟ ଓ ଜ୍ଞାନ, ସଂକଳ୍ପ ଓ ବିବେକ, 'କ୍ରତୁ' ଓ 'ଦକ୍ଷ' ଏ ଦୁଇ କ୍ରିୟାର ମିଳନ ଫଳରେ ବୃହତ୍ ସତ୍ୟର ଉପଲବ୍ଧି ହୁଏ । ସମାନ ଚିନ୍ତନ ଓ ପରିଭାଷାର ଏବଂ ଚିନ୍ତାଗୁଡ଼ିକ ମଧ୍ୟରେ ରହିଥିବା ସମାନ ସମ୍ପର୍କର ଏହି ପୌନଃପୁନିକ ଉପସ୍ଥାପନ ଦ୍ୱାରା ବୈଦିକ ସୂକ୍ତଗୁଡ଼ିକ ପରସ୍ପରର ଅନୁରୂପତାକୁ ପ୍ରତିପାଦନ କରନ୍ତି । ଯଦି କବି, କ୍ରତୁ, ଦକ୍ଷ, ଭଦ୍ରମ୍, ଋତମ୍ ପ୍ରଭୃତି ଶବ୍ଦ ଏକ ସ୍ଥାୟୀ ପରିଭାଷା ଦେବା ନିମନ୍ତେ ସୁନିର୍ଦିଷ୍ଟ ତତ୍ତ୍ୱାର୍ଥଯୁକ୍ତ ଏକ ସୁସଙ୍ଗତ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ହୋଇ ନ ଥା'ନ୍ତେ, ତେବେ ଏହା କଦାପି ସମ୍ଭବ ହୁଅନ୍ତା ନାହିଁ । ସ୍ୱୟଂ ମନ୍ତ୍ରଗୁଡ଼ିକ ଯେଉଁ ଆଭ୍ୟନ୍ତରୀଣ ପ୍ରମାଣ ଦେଉଛନ୍ତି, ତାହା ଏହି ନିଷ୍କର୍ଷରେ ଉପନୀତ କରାଏ ଯେ ଉକ୍ତ ଅର୍ଥଗୁଡ଼ିକ ଆତ୍ମିକ ଭାବ-ସମ୍ପନ୍ନ । କାରଣ ତା' ହୋଇ ନ ଥିଲେ ପରିଭାଷାଗୁଡ଼ିକ ମଧ୍ୟରେ ସ୍ଥିର ମୂଲ୍ୟ ନ ଥା'ନ୍ତା କି ସେଗୁଡ଼ିକର ନିର୍ଦିଷ୍ଟ ଅର୍ଥ ଓ ଆବଶ୍ୟକ

ପାରସ୍ପରିକ ସମ୍ବନ୍ଧ ରହି ନ ଥା'ନ୍ତା, ଏବଂ ସେମାନଙ୍କର ନିଜ ନିଜ ସମ୍ବନ୍ଧ କ୍ଷେତ୍ରରେ ଅବିରତ ପୁନରାବୃତ୍ତିକୁ ଆକସ୍ମିକ ତଥା ଅକାରଣ ବା ଉଦ୍ଦେଶ୍ୟହୀନ ବୋଲି ମନେ କରାଯାଉଥା'ନ୍ତା ।

ତେବେ ଆମେ ଦେଖୁଛୁ ଯେ ପ୍ରଥମ ସୂକ୍ତର ଦିଶା-ନିର୍ଦ୍ଦେଶକ ଭାବଗୁଡ଼ିକ ଦ୍ୱିତୀୟ ସୂକ୍ତରେ ମଧ୍ୟ ରହିଛି । ବେଦର କେନ୍ଦ୍ରୀୟ ଧାରଣା ହେଲା : ସବୁକିଛି ଅତିମାନସ ବା ଋତଚିତ୍ ମଧ୍ୟରେ ଆଧାରିତ, ଯେଉଁ ଦିଗରେ କି ମନୁଷ୍ୟର କ୍ରମଶଃ ପୂର୍ଣ୍ଣତା ଲାଭ କରୁଥିବା ମାନସ ସର୍ବଦା ଏହାହିଁ ତା'ର ପୂର୍ଣ୍ଣତା ଓ ଲକ୍ଷ୍ୟ ବୋଲି ସିଦ୍ଧ କରିବାକୁ ଉଦ୍ୟମ କରୁଛି । ପ୍ରଥମ ସୂକ୍ତରେ ଏହି ବିଷୟଟି ଯଜ୍ଞର ଉଦ୍ଦେଶ୍ୟ ଓ ଅଗ୍ନିଙ୍କର ବିଶିଷ୍ଟ କାର୍ଯ୍ୟ ବୋଲି ଅଭିହିତ ହୋଇଛି । ଦ୍ୱିତୀୟ ସୂକ୍ତରେ ମନୁଷ୍ୟର ଅସଂସ୍କୃତ ମାନସର ପ୍ରସ୍ତୁତି ବିଷୟ ସୂଚିତ ହୋଇଛି, ଯାହା ଇନ୍ଦ୍ର-ବାୟୁ ଓ ମିତ୍ରବରୁଣଙ୍କ ଦ୍ୱାରା ଆନନ୍ଦର ଶକ୍ତି ତଥା ସତ୍ୟର କ୍ରମବିକାଶ ମାଧ୍ୟମରେ ସାଧିତ ହୋଇଥାଏ ।

ଆମେ ସମ୍ପୂର୍ଣ୍ଣ ଋଗ୍‌ବେଦ ଉପରେ ଦୃଷ୍ଟିପାତ କଲେ ଜାଣିପାରିବା ଯେ ଏହା କ୍ରିୟାତ୍ମକ ରୂପରେ ଯେଉଁ ଏକ ଦ୍ୱୈତ ବିଷୟବସ୍ତୁକୁ ନିରନ୍ତର ବିବିଧ ରୂପେ ପ୍ରକାଶ କରୁଛି ତାହା ହେଉଛି — ମନୁଷ୍ୟର ଆଧାରଗତ ମନ ଓ ଦେହର ପ୍ରସ୍ତୁତି ଏବଂ ସତ୍ୟ ଓ ଆନନ୍ଦର ପ୍ରାପ୍ତି ତଥା ବିକାଶ ଫଳରେ ତା' ମଧ୍ୟରେ ଦେବତ୍ୱର ବା ଅମରତ୍ୱର ସିଦ୍ଧି ।

ଅଷ୍ଟମ ଅଧ୍ୟାୟ

ଅଶ୍ୱିନୌ — ଇନ୍ଦ୍ର — ବିଶ୍ୱଦେବାଃ

ମଧୁଚ୍ଛନ୍ଦାଙ୍କ ତୃତୀୟ ସୂକ୍ତଟି ସୋମ-ଯଜ୍ଞ ବିଷୟକ ପୁଣି ଏକ ସୂକ୍ତ । ପୂର୍ବବର୍ତ୍ତୀ ଦ୍ୱିତୀୟ ସୂକ୍ତ ପରି ଏହା ମଧ୍ୟ ତ୍ରିପଦା ରୀତିରେ ରଚିତ — ଚାରି ଚରଣରେ ବିଭକ୍ତ ଏହି ସୂକ୍ତରେ ଯଥାକ୍ରମେ ପ୍ରଥମଟି ଅଶ୍ୱିନ(ଅଶ୍ୱୀ)ଦ୍ୱୟଙ୍କୁ ସମ୍ବୋଧିତ, ଦ୍ୱିତୀୟଟି ଇନ୍ଦ୍ରଙ୍କୁ, ତୃତୀୟଟି ବିଶ୍ୱଦେବଙ୍କୁ ଓ ଚତୁର୍ଥଟି ଦେବୀ ସରସ୍ୱତୀଙ୍କୁ । ଏହି ସୂକ୍ତର ଅନ୍ତିମ ସୋପାନରେ ସରସ୍ୱତୀଙ୍କୁ ଆବାହନ କରା ଯାଇଥିବା ସ୍ପଷ୍ଟ ଆତ୍ମିକାର୍ଥ-ବ୍ୟଞ୍ଜକ ସୂକ୍ତ-ଚରଣଟିଏ ଆମେ ଦେଖୁ, ଏବଂ ବେଦର ଗୂଢ଼ ବିଷୟ ବୁଝିବା ପାଇଁ ଆମକୁ ସାହାଯ୍ୟ କରିଥିବା ପୂର୍ବ ସୂକ୍ତଗୁଡ଼ିକର ବିଚାର ଅପେକ୍ଷା ଏଥିରେ ବହୁ ଗୁଣରେ ଅଧିକ ସ୍ପଷ୍ଟତା ରହିଛି ।

କିନ୍ତୁ ଏହି ପୂରା ସୂକ୍ତଟି ଆତ୍ମିକ ବ୍ୟଞ୍ଜନାରେ ପୂର୍ଣ୍ଣ ଏବଂ ମାନବ-ଆଧାରରୁ ଆତ୍ମାର ତିନି ମୁଖ୍ୟ ଅଭିଳାଷକୁ, ଯଥା : 'ଧୀ' ଏବଂ ଏହାର ବିବେଚନଶୀଳ ବିଜୟୋଲ୍ଲାସକ ପ୍ରକାଶ, 'କର୍ମ' ଏବଂ ଏହାର ଶେଷ ପରମ ସର୍ବସିଦ୍ଧିକାମୀ ବଳଶାଳିତା, 'ଭୋଗ' ଏବଂ ଏହାର ଉଚ୍ଚତମ ଆଧ୍ୟାତ୍ମିକ ଆନନ୍ଦ,— ଏମାନଙ୍କ ମଧ୍ୟରେ ଅତି ନିବିଡ଼ ସମ୍ପର୍କ ଏପରିକି ତାଦାତ୍ମ୍ୟ ପ୍ରତିଷ୍ଠା କରି ତାହାକୁ ପୂର୍ଣ୍ଣାଙ୍ଗ କରିବାକୁ ଋଷିମାନେ ଯେଉଁ ଆକାଙ୍କ୍ଷା କରିଥିଲେ, ତାହା ଦେଖିବାକୁ ମିଳେ । ଆମ ସତ୍ତାରେ ସାଧାରଣ ଇନ୍ଦ୍ରିୟଭୋଗ ପରିବର୍ତ୍ତେ ଦିବ୍ୟ ଆନନ୍ଦ ପ୍ରତିଷ୍ଠାର ପ୍ରତୀକ ହେଉଛି ସୋମରସ । ଆମର ବୌଦ୍ଧିକ କ୍ରିୟାକୁ ଦିବ୍ୟାୟିତ କରିବା ଫଳରେ ଏହି ପ୍ରତିଷ୍ଠାପନ ସାଧିତ ହୁଏ, ଏବଂ ଏହା ଯେତେ ଅଗ୍ରଗତି କରେ, ଯେଉଁ କ୍ରିୟା ଦ୍ୱାରା ଏହାର ପ୍ରତିଷ୍ଠା ହୋଇଥିଲା ସେହି କ୍ରିୟାର ସେତେ ପରିମାଣରେ ବୃଦ୍ଧି ପାଇବାରେ ଏହା ସାହାଯ୍ୟ କରେ । 'ଗୋ', 'ଅଶ୍ୱ' ଓ 'ସୋମରସ' ହେଉଛନ୍ତି ତ୍ରିବିଧ ଯଜ୍ଞର ପ୍ରତୀକାତ୍ମକ ରୂପ । ଗୋଦୁଗ୍ଧରୁ ଉତ୍ପନ୍ନ 'ଘୃତ'ର ଆହୁତି, 'ଅଶ୍ୱମେଧ' ଅର୍ଥାତ୍ ଅଶ୍ୱର ଆହୁତି, ସୋମରସର ଆହୁତି । ଆହୁରି ମଧ୍ୟ ଅପେକ୍ଷାକୃତ କମ୍ ଗୁରୁତ୍ୱ ଦିଆଯାଇଥିବା ସମ୍ଭବତଃ ଦେହ ତଥା 'ଭୂତ'ର ଆହୁତିର ପ୍ରତୀକ ପୁରୋଡ଼ାଶ (ପିଷ୍ଟକ) ଆହୁତିର କଥା ରହିଛି ।

ପ୍ରାଚୀନ ଭୂମଧ୍ୟସାଗର ଅଞ୍ଚଳର ପୌରାଣିକ କାହାଣୀରେ ବର୍ଣ୍ଣିତ କ୍ୟାଷ୍ଟର୍ ଓ ପଲିଡ଼ିଉସ୍‌ଙ୍କ ଅନୁରୂପ ଅଶ୍ୱିନୌ ବା ଯୁଗ୍ମ ଅଶ୍ୱିଦେବଙ୍କ ଆବାହନରୁ ଆମର ଆଲୋଚନା ଆରମ୍ଭ କରିବା । ତୁଳନାତ୍ମକ ପୁରାଣବିତ୍‌ମାନେ କଳ୍ପନା କରନ୍ତି ଯେ ସେମାନେ ହେଉଛନ୍ତି

ଆକାଶମଣ୍ଡଳର ଯୋଡ଼ି ତାରା, ଯେଉଁମାନେ କି କୌଣସି କାରଣରୁ ସ୍ୱର୍ଗର ଅନ୍ୟ ତାରାଗଣଙ୍କ ଅପେକ୍ଷା ଅଧିକ ଭାଗ୍ୟବାନ୍ ଥିଲେ ଓ ଆର୍ଯ୍ୟମାନଙ୍କ ଅର୍ଚ୍ଚନାର ବିଶେଷ ପାତ୍ର ଥିଲେ। ସେ ଯାହାହେଉ, ଆମର ଆଲୋଚ୍ୟ ସୂକ୍ତରେ ଏହା କିପରି ଭାବରେ ବର୍ଣ୍ଣିତ ହୋଇଛି, ତାହା ଦେଖିବା। ସେ ଦୁହେଁ ପ୍ରଥମେ ''ଦ୍ରବତ୍‌ପାଣି ଶୁଭସ୍ପତି ପୁରୁଭୁଜା'' ରୂପେ ବର୍ଣ୍ଣିତ ହୋଇଛନ୍ତି। ଅର୍ଥାତ୍ ଅଶ୍ୱିନଦ୍ୱୟ କ୍ଷିପ୍ରପଦ, ଶୁଭଦେବତା, ବହୁଭୋକ୍ତା। 'ରକ୍ଷ' ଓ 'ଚନ୍ଦ୍ର' ପରି 'ଶୁଭ' ଶବ୍ଦ ଆଲୋକ ବା ଭୋଗର ତାତ୍ପର୍ଯ୍ୟ ବହନ କରେ। କିନ୍ତୁ ସୂକ୍ତର ଏହି ଅଂଶରେ 'ପୁରୁଭୁଜା' ଅର୍ଥ 'ବହୁଭୋକ୍ତା' ବିଶେଷଣଟି 'ଚନସ୍ୟତମ୍' ଅର୍ଥ 'ଆନନ୍ଦ ଲାଭ କର' କ୍ରିୟା ସହିତ ସମ୍ବନ୍ଧିତ। ତେଣୁ ଏହାକୁ ମଙ୍ଗଳ ଓ ସୁଖ ଅର୍ଥରେ ନେବାକୁ ପଡ଼ିବ।

ତା'ପରେ ଯୁଗ୍ମ ଦେବତା ଅଶ୍ୱିନଙ୍କର ବର୍ଣ୍ଣନା ଏହି ଭାବେ ହୋଇଛି – ''ପୁରୁଦଂସସା ନରା ଶବୀରୟା ଧିୟା ଧିଷ୍ଣ୍ୟା''– ''ଅଶ୍ୱିଦ୍ୱୟ ହୋଇଛନ୍ତି ଦୁଇ ଦିବ୍ୟାତ୍ମା (ନରା), ବିବିଧ କର୍ମ ସମ୍ପାଦକ (ପୁରୁଦଂସସା), 'ଧୀ' ବା ବିଚାରର ଧାରକ (ଧିଷ୍ଣ୍ୟା),'' ଯେକି ''ଶକ୍ତିମତୀ ଧୀ ଦ୍ୱାରା (ଶବୀରୟା ଧିୟା)'' ମନ୍ତ୍ରର ବାଣୀକୁ ଗ୍ରହଣ କରି ଆମୋଦିତ ହୁଅନ୍ତି। ବେଦରେ 'ନୃ' କେବଳ ମନୁଷ୍ୟାର୍ଥରେ ନୁହେଁ, ଦେବତା ଓ ମାନବ ଉଭୟ ଅର୍ଥରେ ବ୍ୟବହୃତ ହୁଏ; ମୁଁ ଭାବେ, ପ୍ରଥମେ ଏହାର ଅର୍ଥ ଥିଲା ସମର୍ଥ ବା କର୍ମଠ ଏବଂ ପରେ ଏହା ପୁରୁଷ ବା ପୁଂଦେବତାଙ୍କ ଅର୍ଥରେ ବ୍ୟବହୃତ ହୋଇଛି – ଅର୍ଥାତ୍ ଦେବଗଣ ହେଲେ ସକ୍ରିୟ ଦିବ୍ୟ ବ୍ୟକ୍ତିତ୍ୱ ବା ଶକ୍ତି, 'ପୁରୁଷ', ଏବଂ ସେମାନଙ୍କ ଶକ୍ତିସ୍ୱରୂପା ଦେବୀମାନଙ୍କର, 'ଗ୍ନାଃ'ମାନଙ୍କର, ପ୍ରତିଲୋମ। ଋଷିମାନଙ୍କ ମନରେ ସେତେବେଳେ ମଧ୍ୟ ଉକ୍ତ ଶବ୍ଦଟିର ମୌଳିକ ଅର୍ଥର ଅଧିକାଂଶ ଭାଗ ରହିଥିଲା, ଉଦାହରଣ ସ୍ୱରୂପ ସାମର୍ଥ୍ୟବୋଧକ 'ନୃମ୍ଣା' ଶବ୍ଦରେ ଏବଂ ଦୈବୀଶକ୍ତିମାନଙ୍କ ମଧ୍ୟରେ ସର୍ବାଧିକ ସାମର୍ଥ୍ୟବତୀ ''ନୃତମା ନୃଣାମ୍'' ବାକ୍ୟାଂଶରେ ଏହି ଭାବ ଆମେ ଦେଖୁ। 'ଶବସ୍' ଓ ତା'ର ବିଶେଷଣ 'ଶବୀର' ଶବ୍ଦ ଆମକୁ ଶକ୍ତିର ଧାରଣା ଦିଏ କିନ୍ତୁ ଉକ୍ତ ଶବ୍ଦଟି ଜ୍ୟୋତିଃ ବା ଆଲୋକ ରୂପକ ଆହୁରି ଦୂରବର୍ତ୍ତୀ ଅର୍ଥ ସହ ସର୍ବଦା ସଂଶ୍ଳିଷ୍ଟ, ସୁତରାଂ 'ଶବୀର' ହେଉଛି 'ଧୀ'ର ବହୁ ଉପଯୁକ୍ତ ବିଶେଷଣ, ଅର୍ଥାତ୍ ଦୀପ୍ତି ବା ବିଦ୍ୟୁତ୍‌ପ୍ରଭା ବୁଦ୍ଧି। 'ଧୀଷଣା' ଅର୍ଥ ବୁଦ୍ଧି ବା ବୋଧଶକ୍ତି 'ଧିଷ୍ଣ୍ୟା' ସହିତ ସମ୍ପର୍କିତ ଏବଂ ସାୟଣ ତା'ର ବାଖ୍ୟା କରିଛନ୍ତି 'ବୁଦ୍ଧିମନ୍ତୌ'– ଦୁଇ ବୁଦ୍ଧିମାନ୍।

ଆହୁରି ମଧ୍ୟ ଅଶ୍ୱିଦ୍ୱୟଙ୍କ ସମ୍ବନ୍ଧରେ କୁହାଯାଉଛି – ସେ ଦୁହେଁ 'ଦସ୍ରା ନାସତ୍ୟା ରୁଦ୍ରବର୍ତ୍ତନୀ', ଅର୍ଥାତ୍ ''ସଫଳ କର୍ମୀ (ଦସ୍ରା), ଗତିର ଶକ୍ତି (ନାସତ୍ୟା), ତାଙ୍କ ଯାତ୍ରାପଥରେ ସେ ଉଗ୍ର ଗତିଶୀଳ (ରୁଦ୍ରବର୍ତ୍ତନୀ)''। ସାୟଣ ତାଙ୍କ ଖିଆଲ ବା ସୁବିଧା

ଅନୁସାରେ 'ଦସ୍ର' ଓ 'ଦସ୍ମ' ଏହି ବୈଦିକ ବିଶେଷଣ ଦୁଇଟିର ''ବିନାଶଶୀଳ'' ବା ''ସୁନ୍ଦର'' ବା ଦାନଶୀଳ ବୋଲି ଅର୍ଥ କରିଛନ୍ତି । ମୁଁ ଏ ଦୁଇଟିକୁ 'ଦସ୍' ଧାତୁ ସହ ଯୁକ୍ତ କରିଛି, ଏହାର ଅର୍ଥ କାଟିବା ବା ଭାଗ କରିବା ନୁହେଁ, ଯେଉଁଥିରୁ କି ଏହି ଧାତୁର ନାଶ କରିବା ଓ ଦାନ କରିବା ଅର୍ଥଦ୍ୱୟ ମିଳେ, ଅଥବା ''ବିଚାର କରିବା'', ''ଦେଖିବା'' ଅର୍ଥ ମଧ୍ୟ ନୁହେଁ, ଯେଉଁଥିରୁ କି ସାୟଣଙ୍କ ''ସୁନ୍ଦର'' ବା ''ଦର୍ଶନୀୟ'' ଅର୍ଥ ଆସିଛି, କିନ୍ତୁ ଦ୍ୱିତୀୟ ସୂକ୍ତର 'ପୁରୁଦଂସସା' ଶବ୍ଦ ପରି କାର୍ଯ୍ୟ କରିବା, ଆଚରଣ କରିବା, ରୂପଦେବା, ସମ୍ପାଦନ କରିବା ପ୍ରଭୃତି ଅର୍ଥରେ ମୁଁ ଏହାକୁ ଗ୍ରହଣ କରିଛି । କେହି କେହି ନାସତ୍ୟାଙ୍କୁ କୌଣସି ଏକ ବଂଶର ଗୋତ୍ର ବୋଲି ମନେ କରନ୍ତି; ପ୍ରାଚୀନ ବୈୟାକରଣମାନେ ଚାତୁର୍ଯ୍ୟର ସହିତ ''ଯଥାର୍ଥ, କିଛି ଅଳୀକ ନୁହେଁ''– ଏହି ଅର୍ଥ ମଧ୍ୟ କରିଛନ୍ତି; କିନ୍ତୁ ମୁଁ ଏଠାରେ ଗତ୍ୟର୍ଥକ 'ନସ୍' ଧାତୁକୁ ଗ୍ରହଣ କରିଛି । ଆମକୁ ସ୍ମରଣ ରଖିବାକୁ ହେବ ଯେ ଅଶ୍ୱିନଦ୍ୱୟ ହେଉଛନ୍ତି ଅଶ୍ୱାରୋହୀ, ସେମାନଙ୍କ ବର୍ଣ୍ଣନା ପ୍ରାୟ ସବୁଠାରେ ଗତିସୂଚକ ବିଶେଷଣ ଦ୍ୱାରା କରାଯାଇଛି, ଯେପରି ''କ୍ଷିପ୍ରପଦ'', ''ନିଜ ପଥରେ ଉଗ୍ର ଗତିଶୀଳ''; ଆଉ ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ଗ୍ରୀକ୍-ଲାଟିନୀୟ ପୁରାଣରେ ଅଛି, 'କ୍ୟାଷ୍ଟର' (Castor) ଓ 'ପୋଲକ୍ସ୍' (Pollux) ଦୁହେଁ ନାବିକମାନଙ୍କୁ ସାଗର-ଯାତ୍ରାରେ ରକ୍ଷା କରନ୍ତି ଓ ଝଡ଼ବାତ୍ୟା ବା ପୋତ ଦୁର୍ଘଟଣା ସମୟରେ ଉଦ୍ଧାର କରନ୍ତି, ଏବଂ ଋଗ୍ବେଦରେ ମଧ୍ୟ ଋଷିମାନଙ୍କୁ ଏକ ପୋତ ରୂପେ ଅଶ୍ୱିଦ୍ୱୟ ବହନ କରି ନେଇଯାଉଛନ୍ତି ବା ସମୁଦ୍ର ମଜ୍ଜନରୁ ସେମାନଙ୍କୁ ରକ୍ଷା କରୁଛନ୍ତି – ଏହି ଭଳି ଶକ୍ତି ରୂପେ ସେ ଦୁହିଁଙ୍କୁ ବର୍ଣ୍ଣନା କରାଯାଇଛି । ତେଣୁ 'ନାସତ୍ୟା'ର ଅର୍ଥ 'ଜଳଯାତ୍ରା' ବୋଲି ଉପଯୁକ୍ତ ଅର୍ଥ ଅନ୍ତେଷରେ କରାଯାଇପାରେ ପରିଭ୍ରମଣ କିଂବା ଗତିବୃତ୍ତିର ଶକ୍ତିବାହକ-ଦ୍ୱୟ । ଆଧୁନିକ ପଣ୍ଡିତମାନେ 'ରୁଦ୍ରବର୍ତନୀ'ର ଅର୍ଥ କରନ୍ତି ''ଲୋହିତ ପଥର ଯାତ୍ରୀ'' ଏବଂ ଏହି ବିଶେଷଣଟି ତାରାମାନଙ୍କ କ୍ଷେତ୍ରରେ ଅତ୍ୟନ୍ତ ଉପଯୁକ୍ତ ଏବଂ ସେମାନଙ୍କ କ୍ଷେତ୍ରରେ 'ହିରଣ୍ୟବର୍ତନୀ'– ''ସ୍ୱର୍ଣ୍ଣିମ ବା ଉଜ୍ଜ୍ୱଳ ପଥର ଯାତ୍ରୀ'' ବୋଲି ସମାନ୍ତରାଳ ଉଦାହରଣ ରହିଛି । ଏକଥା ନିଶ୍ଚିତ ଯେ 'ରୁଷ୍' ଓ 'ରୁଗ୍' ଧାତୁ : ରୁଧିର, ରକ୍ତ ଏବଂ ରକ୍ତବର୍ଣ୍ଣବାଚକ 'ରୁବେର୍' 'ରୁତିଲାସ୍', 'ରୁଫସ୍' ପ୍ରଭୃତି ଲାଟିନ୍ ଶବ୍ଦ ପରି 'ରୁଦ୍ର' ଶବ୍ଦ ଏକଦା ''ଉଜ୍ଜ୍ୱଳ, ଗାଢ଼ ବର୍ଣ୍ଣ ଓ ରକ୍ତିମ'' ଅର୍ଥକୁ ବୁଝାଉ ଥିଲା । ସ୍ୱର୍ଗୀୟ ଓ ପାର୍ଥିବ ଜଗତ୍ ନିମନ୍ତେ ବ୍ୟବହୃତ ହେଉଥିବା 'ରଜସ୍' ଓ 'ରୋଚନା' ଶବ୍ଦ ପରି ସ୍ୱର୍ଗ ଓ ପୃଥିବୀ ଉଭୟାର୍ଥସୂଚକ ଦ୍ୱିବଚନାନ୍ତ ଶବ୍ଦ 'ରୁଦୋସୀ' ସମ୍ଭବତଃ ''ଦେଦୀପ୍ୟମାନ'' ଅର୍ଥକୁ ବୁଝାଇବା ପାଇଁ ଉଦ୍ଦିଷ୍ଟ । ଅନ୍ୟ ପକ୍ଷରେ ଆଘାତ ଓ ହିଂସା ଅର୍ଥ ମଧ୍ୟ ଏହି ଶବ୍ଦଗୋଷ୍ଠୀର ଅନ୍ତର୍ଗତ ଓ ଏହି ଶବ୍ଦଗୁଡ଼ିକୁ ଯେଉଁ ଧାତୁମାନେ ନିଷ୍ପାଦନ କରିଛନ୍ତି ତାହା ପ୍ରାୟ ସର୍ବତ୍ର ଦେଖିବାକୁ ମିଳେ । ଅତଏବ

'ରୁଦ୍ର'ର ରଶ୍ମିମ ଅର୍ଥ ଯେତିକି ସଙ୍ଗତ, ପ୍ରଚଣ୍ଡ ବା ଉଗ୍ର ଅର୍ଥ ମଧ୍ୟ ସେତିକି ସଙ୍ଗତ ହୋଇପାରେ। ଅଶ୍ୱିଦ୍ୱୟ ହିରଣ୍ୟବର୍ତ୍ତନୀ ଓ ରୁଦ୍ରବର୍ତ୍ତନୀ, କାରଣ ସେ ଦୁହେଁ ହେଉଛନ୍ତି ଜ୍ୟୋତିଃ ବା ପ୍ରାଣଶକ୍ତିର ଓଜଃ; ପ୍ରଥମ ଗୁଣ ଅନୁଯାୟୀ ସେ ଦୁହିଙ୍କର ଅଛି ସୁବର୍ଣ୍ଣୋଜ୍ଜ୍ୱଳଗତି, ଦ୍ୱିତୀୟ ଗୁଣ ଅନୁଯାୟୀ ସେ ଦୁହେଁ ନିଜ ଗତିରେ ପ୍ରଚଣ୍ଡ। ଗୋଟିଏ ସୂକ୍ତ(ଋ, ୫,୭୫,୩)ରେ ''ରୁଦ୍ରା ହିରଣ୍ୟବର୍ତ୍ତନୀ'' — ''ଆଲୋକ-ପଥରେ ଉଗ୍ର ଓ ଚଳମାନ''— ବାକ୍ୟାଂଶରେ ଉକ୍ତ ଦୁଇ ଶବ୍ଦ ଏକତ୍ର ପ୍ରଯୁକ୍ତ ହୋଇଥିବାର ଦେଖିବାକୁ ମିଳେ। କିନ୍ତୁ ଅଶ୍ୱିନୀ ନକ୍ଷତ୍ରଦ୍ୱୟ ରକ୍ତବର୍ଣ୍ଣ ଅଥଚ ତାଙ୍କର ଗତିପଥ ହେଲା ସ୍ୱର୍ଣ୍ଣମୟ — ଏ ଉଭୟ ତାତ୍ପର୍ଯ୍ୟ ମଧ୍ୟରେ କିଛି ସଙ୍ଗତି ରହିଛି ବୋଲି ଆମ ଦୃଷ୍ଟିକୋଣ ଅନୁସାରେ ଆମେ ଗ୍ରହଣ କରିପାରିବୁ ନାହିଁ।

ଏଠାରେ ତା'ହେଲେ ଏହି ତିନି ମନ୍ତ୍ରରେ ଆକାଶର ନକ୍ଷତ୍ରପୁଞ୍ଜ ମଧ୍ୟରୁ ଉକ୍ତ ଦୁଇ ତାରା ପ୍ରତି ଏହି ପ୍ରୟୋଗ ପଶ୍ଚାତରେ ଏକ ଅତି ଅସାଧାରଣ ଆତ୍ମିକ କ୍ରିୟା ବି ରହିଛି ! ଏକଥା ସ୍ପଷ୍ଟ ଯେ ଯଦି ଅଶ୍ୱିଦ୍ୱୟଙ୍କର ଏହାହିଁ ଭୌତିକ ଉତ୍ସ ତେବେ କହିବାକୁ ହେବ ଯେ ଗ୍ରୀକ୍ ପୁରାଣର ଦେବତାଙ୍କ ପରି ଏ ଦୁହିଙ୍କର ନକ୍ଷତ୍ରୀୟ ଗୁଣଧର୍ମ ବହୁ କାଳରୁ ଅନ୍ତର୍ହିତ ହୋଇଯାଇ ଉଷାଦେବୀ 'ଏଥିନୀ'ଙ୍କ ପରି ଏ ଦୁହେଁ ଏକ ଆତ୍ମିକ ଗୁଣଧର୍ମ ଓ କର୍ମର ଅଧିକାରୀ ହୋଇଛନ୍ତି। ଏ ଦୁହେଁ ଅଶ୍ୱାରୋହୀ, ଅଶ୍ୱ-ଶକ୍ତିର, ବିଶେଷତଃ ଜୀବନୀଶକ୍ତି ଓ ପ୍ରାଣଶକ୍ତିର ପ୍ରତୀକ। ସ୍ୱଭାବତଃ ଏ ଦୁହେଁ ହେଉଛନ୍ତି ଭୋଗର ଦେବତା ଓ ମଧୁଲିପ୍ସୁ; ବୈଦ୍ୟ ରୂପେ ଏ ଦୁହେଁ ବୃଦ୍ଧକୁ ଯୌବନ, ରୋଗୀକୁ ସ୍ୱାସ୍ଥ୍ୟ, ବିକଳାଙ୍ଗକୁ ପୂର୍ଣ୍ଣାୟବୟବ ଆଣି ଦିଅନ୍ତି। ଦ୍ରୁତଗତି, ଉଗ୍ରଗତି ଓ ଅପ୍ରତିହତ ଗତିଶୀଳତା ପ୍ରଭୃତି ଏ ଦୁହିଙ୍କର ଅନ୍ୟ ବିଶେଷତ୍ୱ। ଏ ଦୁହିଙ୍କର କ୍ଷିପ୍ର ଓ ଅପ୍ରତିହତ ରଥ ହେଉଛି ଏକ ନିରନ୍ତର ପ୍ରଶଂସାଯୋଗ୍ୟ ବସ୍ତୁ ଏବଂ ଏ ଦୁହେଁ କ୍ଷିପ୍ରପଦ ଓ ଏହାଙ୍କ ଗତି ପ୍ରଚଣ୍ଡ ବୋଲି ବର୍ଣ୍ଣିତ ହୋଇଛି। ମନ ଓ ବାୟୁ ପରି ଏ ଦୁହେଁ ତୀବ୍ର ଗତିଶୀଳ ପକ୍ଷୀ ସଦୃଶ;[୧] (ଋ, ୫।୭୭।୩, ଋ, ୫।୭୮।୧)। ମନୁଷ୍ୟ ନିକଟକୁ ନିଜ ରଥରେ ଏଦୁହେଁ ବହି ଆଣନ୍ତି ପୂର୍ଣ୍ଣ ତୃପ୍ତି; ଏଦୁହେଁ ପୁଣି 'ମୟସ୍' ବା ଆନନ୍ଦର ନିର୍ମାତା। ଏହି ସୂଚନାଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ। ଏଥିରୁ ପ୍ରମାଣିତ ହୁଏ ଯେ ଅଶ୍ୱିଦ୍ୱୟ ହେଲେ ଯୁଗ୍ମ ଦିବ୍ୟଶକ୍ତି ଏବଂ ମନୁଷ୍ୟ ମଧ୍ୟରେ ସ୍ୱାୟବିକ ବା ପ୍ରାଣମୟ ସତ୍ତାକୁ କର୍ମ ଓ ଭୋଗର ବୋଧ ମଧ୍ୟରେ ପୂର୍ଣ୍ଣତା ପ୍ରଦାନ କରିବା ହେଉଛି ଏଦୁହିଙ୍କର ବିଶେଷ ଗୁଣ। ଆଉ ମଧ୍ୟ ଏ ଦୁହେଁ ହେଉଛନ୍ତି 'ସତ୍ୟ'ର, ବୁଦ୍ଧିଦୀପ୍ତ କର୍ମର, ଯଥାର୍ଥ ଭୋଗର ଶକ୍ତି (ଦସ୍ରା), ଆଧାର ରୂପକ ମହାସମୁଦ୍ରରୁ ଜନ୍ମ ନେଉଥିବା (ସିନ୍ଧୁମାତରା) କର୍ମର ପ୍ରଭାବଶାଳୀ ଶକ୍ତି ରୂପେ ଏଦୁହେଁ 'ଉଷା' ଦେବୀଙ୍କ ସହିତ ଆବିର୍ଭୂତା ହୁଅନ୍ତି, ଏଦୁହେଁ

---

[୧] ମନୋଜବା ଅଶ୍ୱିନା ବାତରଂହା, (୫।୭୭।୩); ହଂସାବିବ ପତତମ୍, (୫।୭୮।୧)

ଦିବ୍ୟ ହୋଇଥିବା ହେତୁ (ଦେବା) ଯେଉଁ ଧୀ ଦ୍ୱାରା ନିର୍ବାଧରେ ଉଚ୍ଚତର ଜୀବନର ଆନନ୍ଦକୁ ମନୋଗତ କରି ପାରନ୍ତି, ସେହି ଧୀଶକ୍ତିହିଁ ପ୍ରକୃତ ବସ୍ତୁ ଓ ପ୍ରକୃତ ସମ୍ପଦକୁ ପ୍ରାପ୍ତ ହୁଏ ଓ ଜାଣିପାରେ (ଧୀୟା ବସୁବିଦା) :

ୟା ଦସ୍ରା ସିନ୍ଧୁମାତରା, ମନୋତରା ରଯୀଣାମ୍ ।
ଧିୟା ଦେବା ବସୁବିଦା ॥ (ଋ.୧।୪୬।୨)

ଏଦୁହେଁ ସେହି ମହତ୍ କର୍ମ ନିମନ୍ତେ ପ୍ରଚୋଦିକାଶକ୍ତି ପ୍ରଦାନ କରନ୍ତି; ସତ୍ୟ ଜ୍ୟୋତିଃ ସେହି କର୍ମର ସ୍ୱଭାବ ଓ ସାରବସ୍ତୁ ହୋଇଥିବାରୁ ଏଦୁହେଁ ମନୁଷ୍ୟକୁ ଅନ୍ଧକାରର ପରପାରକୁ ନେଇଯାଇ ପାରନ୍ତି :

ୟା ନଃ ପୀପରଦଶ୍ୱିନା ଜ୍ୟୋତିଷ୍ମତୀ ତମସ୍ତିରଃ ।
ତାମସ୍ମେ ରାସାଥାମିଷମ୍ ॥ (ଋ.୧।୪୬।୬)

ଏଦୁହେଁ ନିଜ ପୋତରେ ମନୁଷ୍ୟକୁ ଚିନ୍ତାର ଓ ମାନବ ମନର ନାନା ଅବସ୍ଥାର ପରପାରକୁ, ଅତିମାନସ ଚୈତନ୍ୟ ମଧ୍ୟକୁ, ବହନ କରି ନେଇ ଯାଆନ୍ତି –''ନାବା ମତୀନାଂ ପାରାୟ'' (ଋ.୧।୪୬।୭) ।

ସତ୍ୟର ଅଧିପତି ସୂର୍ଯ୍ୟଙ୍କ କନ୍ୟା ସୂର୍ଯ୍ୟା ଏଦୁହିଙ୍କ ବଧୂ ରୂପେ ଏହାଙ୍କ ରଥରେ ଆରୂଢ଼ା ହୁଅନ୍ତି ।

ଯଜ୍ଞର ପ୍ରଚୋଦିକା-ଶକ୍ତିଗୁଡ଼ିକରେ ଆନନ୍ଦ ଉପଭୋଗ କରିବା ପାଇଁ ପ୍ରଭୂତ ଭୋଗବାହକ ଦ୍ରୁତ ଗତିଶୀଳ ଆନନ୍ଦର ଦେବ ଅଶ୍ୱିଦ୍ୱୟଙ୍କୁ ପ୍ରସ୍ତୁତ ସୂକ୍ତରେ ଆବାହନ କରାଯାଇଛି –''ୟଜ୍ୱରିଷୋ... ଚନସ୍ୟତମ୍'' । ସୋମପାନ ହେତୁ ଅର୍ଥାତ୍ ଅନ୍ତଃପ୍ରବହମାନ ଦିବ୍ୟାନନ୍ଦ ମଧ୍ୟରୁ ଏହି ସମସ୍ତ ପ୍ରଚୋଦିକା ଶକ୍ତି ଯେ ଜନ୍ମ ନିଏ, ଏହା ସ୍ପଷ୍ଟ କଥା । କାରଣ ଯେଉଁସବୁ ଗୂଢ଼ାର୍ଥ-ପୂର୍ଣ୍ଣବାଣୀ, 'ଗିରଃ', ଚେତନା ମଧ୍ୟରେ ନୂତନ ରୂପ ଗ୍ରହଣ କରିବେ ସେସବୁ ପୂର୍ବରୁ ଉଦିତ ହୋଇ ସାରିଛନ୍ତି, ଯଜ୍ଞର ଆସନ ପ୍ରସ୍ତୁତ ହୋଇସାରିଛି ଏବଂ ପରାକ୍ରମୀ ସୋମରସ ନିଃସାରିତ ହୋଇ ସାରିଛି ।' କର୍ମ ସିଦ୍ଧଦାୟକ ଶକ୍ତି ରୂପେ – ''ପୁରୁଦଂସସା ନରା'' – 'ବାକ୍' ମଧ୍ୟରେ ଆନନ୍ଦ ଲାଭ କରିବାକୁ ଓ ଦୀପ୍ତଶକ୍ତିପୂର୍ଣ୍ଣ ଧୀ ସାହାଯ୍ୟରେ ତାହାକୁ ଗ୍ରହଣ କରି କର୍ମ ନିମନ୍ତେ ବୁଦ୍ଧି ମଧ୍ୟରେ ସ୍ଥାପନ କରିବାକୁ ଅଶ୍ୱିଦ୍ୱୟ ଯଜ୍ଞସ୍ଥଳକୁ ଆସିବେ ।[୩] ଯଜ୍ଞକର୍ମକୁ ଫଳପ୍ରସୂ କରିବା ପାଇଁ, ଦସ୍ରା, ସୋମହବନର ସ୍ଥଳକୁ ଏହାଙ୍କୁ ଆସିବାକୁ ହେବ, ଏଦୁହେଁ କର୍ମର ଅଭୀଷ୍ଟ ସାଧକ, ସେଥିପାଇଁ ଏଦୁହେଁ କର୍ମର ଆନନ୍ଦରେ ନିଜର ପ୍ରଚଣ୍ଡ ଗତି ସଞ୍ଚାର କରିବେ, ରୁଦ୍ରବର୍ତ୍ତନୀ, ଯଦ୍ଦ୍ୱାରା କର୍ମଗୁଡ଼ିକ ନିଜ

---

୨ ୟୁବାକବଃ ସୁତା ବୃକ୍ତବର୍ହିଷଃ ।

୩ ଶବୀରୟା ଧିୟା ଧିଷ୍ଣ୍ୟା ବନତଂ ଗିରଃ ।

ଇକ୍ଷ୍ୟପଥରେ ଜୟଶୀଳ ଭାବେ ଅବାଧରେ ଚାଲିଯାଇ ପାରିବେ । ଏଦୁହେଁ ଆର୍ଯ୍ୟ-ଅଭିଯାତ୍ରାର ଶକ୍ତି ରୂପେ, ମାନବୀୟ ମହାପ୍ରଗତିର ଦେବତା ରୂପେ, 'ନାସତ୍ୟା', ଆସନ୍ତି । ଆମେ ସବୁ କ୍ଷେତ୍ରରେ ଦେଖୁଛୁ, ଏହି ଅଶ୍ୱିଦ୍ୱୟଙ୍କର ଦାତବ୍ୟ ବସ୍ତୁ ହେଉଛି ଶକ୍ତି; ଏଦୁହେଁ ଯଜ୍ଞୀୟ ଶକ୍ତିରେ ଆନନ୍ଦଲାଭ କରନ୍ତି, ବାକ୍‌କୁ ଶକ୍ତିଶାଳୀ ଚିନ୍ତା ମଧ୍ୟକୁ ଉନ୍ନୀତ କରାନ୍ତି ଏବଂ ଯାତ୍ରାପଥରେ ନିଜର ପ୍ରଚଣ୍ଡ ଗତିକୁ ସେ ଯଜ୍ଞ ମଧ୍ୟରେ ସଞ୍ଚାରିତ କରି ଦିଅନ୍ତି । ଏହି ଶକ୍ତିଯାଚନାର ଅଭିପ୍ରାୟ ହେଉଛି – କର୍ମରେ ସାଫଲ୍ୟ ଲାଭ ଏବଂ ଏହି ମହାନ୍ ଅଭିଯାତ୍ରାର ମାର୍ଗରେ ତୀବ୍ରତା ଆଣିବା । ଋଷିମାନଙ୍କ ଚିନ୍ତାରେ ବିଚାରଧାରାର କିପରି ସ୍ଥିରତା ଥିଲା, ରଚନାରେ ସଙ୍ଗତି, ରୂପରେଖରେ ସହଜ ସ୍ୱଚ୍ଛତା ଓ ଯଥାର୍ଥତା କିପରି ଥିଲା ତାହା ଏହି ଆତ୍ମିକ ଅର୍ଥ ବିଶ୍ଳେଷଣ ଦ୍ୱାରା ଯେପରି ଧରି ହେଉଛି, ଏବଂ ଯେଉଁ ବ୍ୟାଖ୍ୟାଗୁଡ଼ିକରେ ଖିଅ ଧରି ହେଉ ନ ଥିବାର ବିଭ୍ରାନ୍ତି, ଅସଙ୍ଗତ ବୈଷମ୍ୟମାନ ରହିଛି ତା'ଠାରୁ ଏହା କିପରି ପୃଥକ୍ ଏବଂ ବେଦ ଯେ ପ୍ରଜ୍ଞା ଓ ଗଭୀରତମ ଜ୍ଞାନର ଏକ ଗ୍ରନ୍ଥ, ଏହି ପରମ୍ପରା କିପରି ସେହି ବ୍ୟାଖ୍ୟାଗୁଡ଼ିକ ଦ୍ୱାରା ଉପେକ୍ଷିତ ହୋଇଛି, ସେହି ବିଷୟ ପ୍ରତି ମୁଁ ପାଠକମାନଙ୍କର ମନୋଯୋଗ ବାରଂବାର ଆକର୍ଷଣ କରିପାରେ ।

ତା'ହେଲେ ଆମେ ପ୍ରଥମ ତିନି ମନ୍ତ୍ର[୪] (ଋ.୧।୩।୧,୨,୩,) ଏହିପରି ଅନୁବାଦ କରିପାରିବା :

"ଦ୍ରୁତ ପଦଯୁକ୍ତ, ବିପୁଳ ଆନନ୍ଦର ଭୋକ୍ତା ସୁଖର ଦେବ ହେ ଅଶ୍ୱିଦ୍ୱୟ ! ଯଜ୍ଞଶକ୍ତିଗୁଡ଼ିକ ମଧ୍ୟରେ ଆନନ୍ଦ ଲାଭକର ।

"ହେ ଅଶ୍ୱିଦ୍ୱୟ, ବହୁବିଧ କର୍ମ ସମ୍ପାଦକ ନର-ଆତ୍ମନ୍, ଦୀପ୍ତ ଶକ୍ତିଯୁକ୍ତ ଧୀ ଦ୍ୱାରା ବୁଦ୍ଧିର ଧାରକ, ତୁମେ ବାକ୍‌ର ଆନନ୍ଦ ଲାଭ କର ।

"ମୁଁ ଯଜ୍ଞର ଆସନ ମେଲି ଦେଇଛି ଓ ପରାକ୍ରମୀ ସୋମ ନିଃସାରିତ କରିଛି; ହେ କର୍ମର ସିଦ୍ଧିଦାତା, ହେ ପ୍ରଗତିର ଶକ୍ତି, ଲକ୍ଷ୍ୟ ପଥରେ ତୁମର ପ୍ରଚଣ୍ଡ କ୍ଷିପ୍ରତା ସହିତ ସେମାନଙ୍କ ନିକଟକୁ ଆସ ।"

ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ବେଦର ଦ୍ୱିତୀୟ ସୂକ୍ତ ପରି ଏହି ତୃତୀୟ ସୂକ୍ତକୁ ମଧ୍ୟ ଋଷି ସ୍ନାୟବିକ ବା ପ୍ରାଣିକ ଶକ୍ତି ମଧ୍ୟରେ କାର୍ଯ୍ୟ କରୁଥିବା ଦେବତାମାନଙ୍କର ଆବାହନ ପୂର୍ବକ ଆରମ୍ଭ କରିଛନ୍ତି । କିନ୍ତୁ ସମସ୍ତ ପ୍ରାଣିକ ଶକ୍ତି ଯୋଗାଇ ଦେଉଥିବା ବାୟୁଙ୍କୁ ପ୍ରାଣ-ଅଶ୍ୱ-ବାହନରେ ଆସିବାକୁ ଏଠାରେ ସେ ପ୍ରାର୍ଥନା କରିଛନ୍ତି; ଏଠାରେ ଅଶ୍ୱାରୋହୀ ଓ

---

[୪] ଅଶ୍ୱିନା ଯଜ୍ୱରୀରିଷୋ ଦ୍ରବତ୍ପାଣୀ ଶୁଭସ୍ପତୀ । ପୁରୁଭୁଜା ଚନସ୍ୟତମ୍ ॥
ଅଶ୍ୱିନା ପୁରୁଦଂସସା ନରା ଶବୀରୟା ଧିୟା । ଧିଷ୍ଣ୍ୟା ବନତଂ ଗିରଃ ॥
ଦସ୍ରା ଯୁବାକବଃ ସୁତା ନାସତ୍ୟା ବୃକ୍ତବର୍ହିଷଃ । ଆ ୟାତଂ ରୁଦ୍ରବର୍ତନୀ ॥

ପ୍ରାଣିକ ଶକ୍ତିମାନଙ୍କର ବ୍ୟବହାରକ ଅଶ୍ୱିଦ୍ୱୟଙ୍କୁ ସେ ଆହ୍ୱାନ କରୁଛନ୍ତି । ଦ୍ୱିତୀୟ ସୂକ୍ତରେ ଯେପରି ଋଷି ପ୍ରାଣିକ ବା ସ୍ନାୟବିକ କ୍ରିୟାରୁ ମାନସିକ କ୍ରିୟା ମଧ୍ୟକୁ ଅଗ୍ରସର ହୋଇ ଯାଉଛନ୍ତି, ସେହିପରି ତାଙ୍କର ପରବର୍ତ୍ତୀ ପ୍ରଗତିରେ ସେ ଇନ୍ଦ୍ରଙ୍କ ପରାକ୍ରମକୁ ଆବାହନ କରୁଛନ୍ତି । ନିଃସାରିତ ଆନନ୍ଦାସବଗୁଡ଼ିକ ତାଙ୍କୁ କାମନା କରୁଛନ୍ତି – ''ସୁତା ଇମେ ତ୍ୱାୟବଃ''; ଜ୍ୟୋତିର୍ମୟ ମନ ଆସି ନିଜର କାର୍ଯ୍ୟ ସାଧନ ପାଇଁ ସେମାନଙ୍କ ମଧ୍ୟରେ ସ୍ଥାନ ଗ୍ରହଣ କରୁ ବୋଲି ସେମାନେ କାମନା କରୁଛନ୍ତି; ସାୟଣଙ୍କ ଅର୍ଥ ଅନୁସାରେ ସେମାନେ ''ଅଙ୍ଗୁଳିଗୁଡ଼ିକ ଦ୍ୱାରା ତଥା ତନୂ ଦ୍ୱାରା'' – ''ଅଣ୍ୱୀଭିଃ ତନା'' – ଶୁଦ୍ଧ ହୋଇଛନ୍ତି; ଏହାର ଅର୍ଥ ମୋତେ ଲାଗେ ଯେ, ''ଶୁଦ୍ଧ ମନର ସୂକ୍ଷ୍ମ ଧୀଶକ୍ତି ଦ୍ୱାରା ଏବଂ ଶାରୀରିକ ଚେତନା ମଧ୍ୟରେ ତାହାର ସଂପ୍ରସାରଣ ଦ୍ୱାରା'' । କାରଣ ଏହି ''ଦଶ ଅଙ୍ଗୁଳି'' ଯଦି ପ୍ରକୃତରେ ଅଙ୍ଗୁଳି ହୋଇଥା'ନ୍ତି ତେବେ ଏଗୁଡ଼ିକ ହେଉଛନ୍ତି ଅଶ୍ୱିଦ୍ୱୟଙ୍କ ବଧୂ ସୂର୍ଯ୍ୟଦୁହିତା ସୂର୍ଯ୍ୟାଙ୍କର ଦଶ ଅଙ୍ଗୁଳି । ଋଷି ମଧୁଚ୍ଛନ୍ଦା ଯେଉଁ ବିଚାରକୁ ଏଠାରେ ସଂକ୍ଷେପରେ ବ୍ୟକ୍ତ କରିଛନ୍ତି, ନବମ ମଣ୍ଡଳର ପ୍ରଥମ ସୂକ୍ତରେ ସେଇ ନିଜେହିଁ ତାକୁ ବିଶଦ କରିଛନ୍ତି । ସୋମ ଦେବତାଙ୍କୁ ସମ୍ବୋଧନ କରି ସେ କହୁଛନ୍ତି – ''ସୂର୍ଯ୍ୟା ତୁମ ସୋମରସକୁ ଶୁଦ୍ଧ କରୁଥିବା ବେଳେ ତାଙ୍କ ଛାଙ୍କୁଣୀ ମଧ୍ୟ- ଦେଇ ଏହା ଚତୁର୍ଦିଗକୁ ନିରନ୍ତର ପ୍ରସାରିତ ହୋଇଯାଉଛି – ''ବାରେଣ ଶଶ୍ୱତା ତନା'' । ଠିକ୍ ତା'ପରେ ସେ ଆହୁରି ମଧ୍ୟ ସେଠାରେ କହିଛନ୍ତି – ''ସୂକ୍ଷ୍ମ ସତ୍ତାମାନେ ନିଜ ଅଧ୍ୟବସାୟ ବଳରେ ବା ମହତ୍ କର୍ମ, ସଂଗ୍ରାମ, ଆସ୍ପୃହାରେ, 'ସମର୍ଯେ' ତାଙ୍କୁ କରଗତ କରିଛନ୍ତି, ଦଶ ବଧୂଙ୍କୁ, ସ୍ୱର୍ଗର ଦଶଭଗିନୀଙ୍କୁ, ସ୍ୱର୍ଗ ପାରି ହେବାକୁ ଅଛି'' । ଏହି ବାକ୍ୟାଂଶଟି ଆମକୁ ଚିନ୍ତାର ପରପାରିକୁ ଘେନି ଯାଉଥିବା ଅଶ୍ୱିଦ୍ୱୟଙ୍କ ପୋତ କଥା ସ୍ମରଣ କରାଇ ଦିଏ । କାରଣ ବେଦରେ ପୃଥିବୀ ଯେପରି ଭୌତିକ ଚେତନାର ପ୍ରତୀକ, ସ୍ୱର୍ଗ ସେହିପରି ଶୁଦ୍ଧ ମାନସିକ ଚେତନାର ପ୍ରତୀକ । ଶୁଦ୍ଧ-ମନ-ନିବାସିନୀ ସୂକ୍ଷ୍ମରୂପିଣୀ ''ଅଣ୍ୱୀଃ'', ଏହି ଯେଉଁ ଦଶ ବଧୂ – ''ଦଶ ୟୋଷଣଃ'', ଯାହାଙ୍କୁ ଅନ୍ୟତ୍ର କୁହାଯାଇଛି ଦଶ ପ୍ରକ୍ଷେପକାରିଣୀ – ''ଦଶ କ୍ଷିପଃ'', କାରଣ ସେମାନେ ସୋମକୁ ଧାରଣ କରି ତାହାରି ଯାତ୍ରାକୁ ଦ୍ରୁତତର କରନ୍ତି । ସମ୍ଭବତଃ ଏହିମାନେ ହେଉଛନ୍ତି ବେଦର ସ୍ଥାନେ ସ୍ଥାନେ ଉଲ୍ଲିଖିତ ସେହି ଦଶ ରଶ୍ମି, ''ଦଶ ଗାବଃ'' । ମନେ ହୁଏ ସେମାନଙ୍କୁ ସୂର୍ଯ୍ୟଙ୍କ ପୁତ୍ରଙ୍କର ବା ସନ୍ତାନଗଣଙ୍କର ବଂଶଧର ବୋଲି ବର୍ଣ୍ଣନା କରାଯାଇଛି – ''ନପ୍ତୀଭିଃ... ବିବସ୍ୱତଃ''(୯।୧୪।୫) । ଶୁଦ୍ଧୀକରଣ କାର୍ଯ୍ୟରେ ଚିତ୍ତର ସପ୍ତରୂପ, ''ସପ୍ତ ଧୀତୟଃ'' (୯।୯।୪) ସେମାନଙ୍କର ସହାୟକ ହୁଅନ୍ତି । ଆଉ ମଧ୍ୟ ଆମକୁ କୁହାଯାଇଛି – ''ସୋମ ନିଜ ଦ୍ରୁତଗାମୀ ରଥରେ ଅତ୍ୟନ୍ତ ପରାକ୍ରମଶାଳୀ ରୂପେ ସୂକ୍ଷ୍ମ ଧୀଶକ୍ତି ସାହାଯ୍ୟରେ (ଧିୟା, ଅଣ୍ୱା) ଅଗ୍ରସର ହୁଅନ୍ତି ଓ ଅମରଗଣଙ୍କ ବାସସ୍ଥଳୀ

ସ୍ୱରୂପ ଇନ୍ଦ୍ରଙ୍କ ପୂର୍ଣ୍ଣ ସକ୍ରିୟତା ମଧ୍ୟରେ (ବା ପୂର୍ଣ୍ଣ କର୍ମକ୍ଷେତ୍ରରେ) ଉପସ୍ଥିତ ହେବା ପାଇଁ ଏବଂ ସେହି ଏକ ଦେବଙ୍କର ବୃହତ୍ ବ୍ୟାପ୍ତି ମଧ୍ୟରେ (ବା ରଚନାରେ) ଉପସ୍ଥିତ ହେବା ପାଇଁ ଚିନ୍ତାବୃତ୍ତିର ନାନା ରୂପ ଧାରଣ କରନ୍ତି ।''

ଏଷ ପୂରୂ ଧ୍ୟାୟତେ, ବୃହତେ ଦେବତାତୟେ ।
ୟତ୍ରାମୃତାସ ଆସତେ ॥ (୯।୧୫।୧,୨)

ଏବିଷୟରେ ଏତେ ବିସ୍ତୃତ ଆଲୋଚନା କରିବାର ଉଦ୍ଦେଶ୍ୟ ହେଉଛି, ମୁଁ ପ୍ରତିପାଦନ କରିବାକୁ ଚାହେଁ ଯେ ବୈଦିକ ଋଷିମାନଙ୍କ ସୋମ ଆସବ କିପରି ସମ୍ପୂର୍ଣ୍ଣ ରୂପେ ପ୍ରତୀକାତ୍ମକ ଏବଂ ଏହା ଏହି ଆତ୍ମିକ ଧାରଣା ଦ୍ୱାରା କିପରି ଅର୍ଥସମୃଦ୍ଧିରେ ପରିବେଷ୍ଟିତ ହୋଇଛି,— ଯେ କେହି ଏହି ନବମ ମଣ୍ଡଳକୁ ଯତ୍ନର ସହିତ ପାଠ କରିବେ ସେ ନିଶ୍ଚୟ ଏହା ଉପଲବ୍ଧି କରିବେ, କାରଣ ଏହି ମଣ୍ଡଳଟି ପ୍ରତୀକାତ୍ମକ ଚିତ୍ରକଳ୍ପର ଶୋଭାରେ ଏବଂ ଆତ୍ମିକାର୍ଥ-ବ୍ୟଞ୍ଜନାରେ ପରିପୂର୍ଣ୍ଣ ।

ସେ ଯାହା ହେଉ ଏଠାରେ ସୋମ ଓ ତା'ର ଶୁଦ୍ଧୀକରଣ ବିଷୟ ଗୁରୁତ୍ୱପୂର୍ଣ୍ଣ ନୁହେଁ, ପରନ୍ତୁ ଇନ୍ଦ୍ରଙ୍କ ଆତ୍ମିକ କାର୍ଯ୍ୟପଦ୍ଧତି ବିଷୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କୁ ବହୁ ବିଚିତ୍ର ପ୍ରଭାମୟ ଇନ୍ଦ୍ର ବୋଲି ସମ୍ବୋଧନ କରାଯାଇଛି — ''ଇନ୍ଦ୍ର... ଚିତ୍ରଭାନୋ'' । ସୋମରସଗୁଡ଼ିକ ତାଙ୍କୁ କାମନା କରୁଛନ୍ତି । ଅନ୍ତର୍ଜ୍ଞାନଦୀପ୍ତ ଅନ୍ତଃସ୍ଥ ମନସ୍ୱୀଙ୍କଠାରୁ ପ୍ରେରିତ ବିଚାର ଦ୍ୱାରା ପ୍ରଚୋଦିତ ହୋଇ, ''ଧ୍ୟେଷିତୋ ବିପ୍ରୟୂତଃ'', ସୋମରସକୁ ନିଃସାରିତ କରି ତାହାକୁ ବାକ୍ ମଧ୍ୟରେ ଅର୍ଥାତ୍ ମନ୍ତ୍ରବଚନରେ ପ୍ରକାଶ କରିବାକୁ ଚାହୁଁଥିବା ଋଷିଙ୍କର ଆତ୍ମିକ ବିଚାର ନିକଟକୁ ସେ (ଇନ୍ଦ୍ର) ଆସୁଛନ୍ତି, ''ସୁତାବତ ଉପବ୍ରହ୍ମାଣି ବାଘତଃ'' । ଦୀପ୍ତ ମନଃଶକ୍ତିର ଗତି ଓ ବେଗ ସହିତ ତାଙ୍କର ଶୁଭ୍ର ଅଶ୍ୱମାନଙ୍କର ସ୍ୱାମୀ ରୂପେ ସେହିସବୁ ଚିନ୍ତା ମଧ୍ୟକୁ ସେ ଆସନ୍ତି — 'ତୁତୁଜାନ ଉପ ବ୍ରହ୍ମାଣି ହରିବଃ' — ଏବଂ ଋଷି ତାଙ୍କୁ ପ୍ରାର୍ଥନା କରୁଛନ୍ତି ଯେ ସେ ଆସି ସୋମଆହୁତି ମଧ୍ୟରେ ଆନନ୍ଦକୁ ଦୃଢ଼ପ୍ରତିଷ୍ଠ କରନ୍ତୁ ଅଥବା ଧାରଣ କରନ୍ତୁ — 'ସୁତେ ଦଧିଷ୍ୱ ନଶ୍ଚନଃ' । ଅଶ୍ୱିଦ୍ୱୟ ଆନନ୍ଦର କ୍ରିୟାରେ ନିହିତ ପ୍ରାଣିକ ଅବୟବର ସୌଖ୍ୟ ଆଣି ତାଙ୍କୁ ଶକ୍ତିଶାଳୀ କରିଛନ୍ତି । ସେହି ସୁଖକୁ ଭାସ୍ୱର ମନରେ ଧାରଣ କରି ଏପରି ଦୃଢ଼ କରିବାକୁ ହେବ ଯେପରି ତାହା ଚେତନାରୁ ବିଚ୍ୟୁତ ନ ହୁଏ — ଏହି କାର୍ଯ୍ୟ ସାଧନ ପାଇଁ ଇନ୍ଦ୍ରଙ୍କର ପ୍ରୟୋଜନ ରହିଛି ।

*''ବହୁ ବିଚିତ୍ର ପ୍ରଭାମୟ ହେ ଇନ୍ଦ୍ର, ଆସ; ଏହି ସୋମଧାରାଗୁଡ଼ିକ ତୁମକୁ କାମନା କରୁଛନ୍ତି । ସୂକ୍ଷ୍ମଶକ୍ତିମାନଙ୍କ ଦ୍ୱାରା ଓ ଶରୀରରେ ବିସ୍ତାର ଲାଭ କରିବା ଦ୍ୱାରା ସେମାନେ ପରିଶୁଦ୍ଧ ହୋଇଛନ୍ତି ।

''ମନ ଦ୍ୱାରା ପ୍ରଚୋଦିତ ଓ ମେଧାବୀ ଭାବୁକ ଦ୍ୱାରା ସମ୍ମୁଖକୁ ପ୍ରକ୍ଷେପିତ ହେ ଇନ୍ଦ୍ର, ମୋର ଆତ୍ମିକ ଭାବନା-ମାନଙ୍କ ମଧ୍ୟକୁ ଆସ । ମୁଁ ସୋମରସ ନିଷ୍ପାସନ କରିଛି ଏବଂ ବର୍ତ୍ତମାନ ସେଗୁଡ଼ିକୁ ବାକ୍ୟରେ ପ୍ରକାଶ କରିବାକୁ ଇଚ୍ଛା କରୁଛି ।

''ଉଜ୍ଜ୍ୱଳ ଅଶ୍ୱମାନଙ୍କ ପରି ହେ ଇନ୍ଦ୍ର, ତୀବ୍ରଗତିରେ ମୋ ଆତ୍ମିକ ଭାବନା ମଧ୍ୟକୁ ଆସ । ସୋମଧାରାଗୁଡ଼ିକର ଆନନ୍ଦକୁ ଦୃଢ଼ ଭାବରେ ଧାରଣ କର ।''

ଏହା ପରେ ଋଷି ବିଶ୍ୱଦେବ, ଅର୍ଥାତ୍ ସମସ୍ତ ଦେବତା ବା ସର୍ବଦେବଙ୍କ ଆଡ଼କୁ ଆସିଛନ୍ତି । ବିଶ୍ୱଦେବ କହିଲେ କୌଣସି ଗୋଷ୍ଠୀବଦ୍ଧ ଦେବତା ନା କେବଳ ସାଧାରଣ ଭାବେ ସର୍ବଦେବତା, ଏବିଷୟରେ ମତପାର୍ଥକ୍ୟ ଅଛି । ଏହି ଉକ୍ତିକୁ ମୁଁ ଦିବ୍ୟଶକ୍ତିମାନଙ୍କ ବିଶ୍ୱଗତ ସମଷ୍ଟି ଅର୍ଥରେ ଗ୍ରହଣ କରିଛି; କାରଣ ମୋର ମନେ ହୁଏ ଯେଉଁ ସୂକ୍ତଗୁଡ଼ିକରେ ସେମାନଙ୍କୁ ଆବାହନ କରାଯାଇଛି ସେଗୁଡ଼ିକର ବାସ୍ତବ ଅର୍ଥାଭିବ୍ୟକ୍ତି ସହିତ ଏହି ଅର୍ଥ ସବୁଠାରୁ ଅଧିକ ସଙ୍ଗତ । ଏହି ସୂକ୍ତରେ ସେମାନଙ୍କୁ ଏକ ସାଧାରଣ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଛି ଯେପରିକି ଅଶ୍ୱିଦ୍ୱୟ ଓ ଇନ୍ଦ୍ରଙ୍କ କାର୍ଯ୍ୟଗୁଡ଼ିକ ଅନୁପୋଷିତ ଓ ସମ୍ପୂର୍ଣ୍ଣ ହୋଇପାରେ । ସେମାନେ ସମ୍ମିଳିତ ଭାବେ ଯଜ୍ଞକୁ ଆସିବେ ଏବଂ ପ୍ରତ୍ୟେକେ ସ୍ପଷ୍ଟ ରୂପେ ନିଜ ଉଦ୍ଦିଷ୍ଟ କର୍ମର ଭାଗବତ ତଥା ଉଲ୍ଲାସଭରା ସାର୍ଥକତା ପାଇଁ ଯଜ୍ଞକର୍ତ୍ତାଙ୍କ ଦ୍ୱାରା ସମର୍ପିତ ସୋମକୁ ପରସ୍ପର ମଧ୍ୟରେ ଭାଗ କରି ନେବେ –**'ବିଶ୍ୱେଦେବାସ ଆଗତ, ଦାଶ୍ୱାଂସୋ ଦାଶୁଷଃ ସୁତମ୍'** । ପରବର୍ତ୍ତୀ ଋକ୍‌ରେ ଏହି ଆହ୍ୱାନକୁ ଆହୁରି ପ୍ରଭାବଶାଳୀ ଭାବେ ପୁନରାବୃତ୍ତି କରାଯାଇଛି – ସେମାନେ ଅତି ଦ୍ରୁତବେଗରେ (ତୂର୍ଣୟଃ) ସୋମନିବେଦନ ସ୍ଥାନରେ ଉପସ୍ଥିତ ହେବେ, ଅଥବା ଏହାର ଅର୍ଥ କରାଯାଇପାରେ – ଚେତନାର ସମସ୍ତ ସ୍ତର, ''ସମସ୍ତ ଜଳଧାରା'', ମଧ୍ୟଦେଇ, ଯାହା ମନୁଷ୍ୟର ସୂକ୍ଷ୍ମ ପ୍ରକୃତିକୁ ସେମାନଙ୍କ ଦେବତ୍ୱଠାରୁ ପୃଥକ୍ କରି ରଖିଛି ଏବଂ ଯାହା ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ସମ୍ପର୍କ ସ୍ଥାପନ ନିମନ୍ତେ ନାନା ବାଧାବିଘ୍ନରେ ପୂର୍ଣ୍ଣ ହୋଇଛି, ତା' ମଧ୍ୟଦେଇ ସେମାନେ ଆଗମନ କରୁଛନ୍ତି; **'ଅପ୍ତୁରଃ ସୁତମ୍ ଆ ଗନ୍ତ ତୂର୍ଣୟଃ'** । ଗବାଦି ପଶୁ ଗୋଧୂଳିରେ ସେମାନଙ୍କ ନିଜ ବିଶ୍ରାମ ସ୍ଥାନକୁ ଆସିବା ପରି ସେମାନେ ଦ୍ରୁତ ଗତିରେ ଆସିବେ – **'ଉସ୍ରା ଇବ ସ୍ୱସରାଣି'** । ଏହିପରି ଭାବରେ ସେମାନେ ଆନନ୍ଦରେ ଉପସ୍ଥିତ ହୋଇ ଯଜ୍ଞ ଗ୍ରହଣ କରିବେ, ସେଥିରେ ସଂଶ୍ଳିଷ୍ଟ ରହିବେ ଏବଂ ତାହାକୁ ବହନ କରି ତା' ଇକ୍ଷ୍ୟାଭିମୁଖୀ

---

୫ ଇନ୍ଦ୍ରା ୟାହି ଚିତ୍ରଭାନୋ ସୁତା ଇମେ ତ୍ୱାୟାବଃ । ଅଣ୍ୱୀଭିସ୍ତନା ପୂତାସଃ ॥
ଇନ୍ଦ୍ରା ୟାହି ଧିୟେଷିତୋ ବିପ୍ରଜୂତଃ ସୁତାବତଃ । ଉପ ବ୍ରହ୍ମାଣି ବାଘତଃ ॥
ଇନ୍ଦ୍ରା ୟାହି ତୂତୁଜାନ ଉପ ବ୍ରହ୍ମାଣି ହରିବଃ । ସୁତେ ଦଧିଷ୍ୱ ନଶ୍ଚନଃ ॥
(ଋ. ୧।୩।୪,୫,୬)

ଯାତ୍ରାରେ ବା ଉତ୍ତରଣରେ ତାହାକୁ ଦେବତାମାନଙ୍କ ନିକଟକୁ ଓ ସେମାନଙ୍କର ସତ୍ୟ ଓ ବୃହତ୍ ଧାମ ମଧକୁ ବହନ କରି ନେବେ — **'ମେଧଂ କୃଷନ୍ତ ବହ୍ନୟଃ'** ।

ଆହୁରି ମଧ ଦେଖାଯାଏ, ସୋମ-ଆହୁତି-ସ୍ଥଳକୁ ଆବାହନ କରିବା ବେଳେ ବିଶ୍ୱଦେବଙ୍କ ପାଇଁ ଯେଉଁ ବିଶେଷଣଗୁଡ଼ିକୁ ପ୍ରୟୋଗ କରାଯାଇଛି ତାହା ସେମାନଙ୍କ ସ୍ୱଭାବ ଓ କାର୍ଯ୍ୟର ଅନୁରୂପ ତଥା ସମସ୍ତଙ୍କ କ୍ଷେତ୍ରରେ ତାହା ସମାନ; ସମସ୍ତ ଦେବଙ୍କ କ୍ଷେତ୍ରରେ ଏମାନେ ସମ୍ବନ୍ଧିତ, ସମଗ୍ର ବେଦରେ ସେହି ସମାନ ବିଶେଷଣଗୁଡ଼ିକୁ ଜଣକ ପାଇଁ ବା ସାମୂହିକ କ୍ଷେତ୍ରରେ ନିରପେକ୍ଷ ଭାବେ ପ୍ରୟୋଗ କରାଯାଇଛି । ସେମାନେ ମନୁଷ୍ୟର ପାଳକ ବା ଅଭିବର୍ଦ୍ଧକ ଏବଂ କର୍ମରେ, ଯଜ୍ଞରେ, ତା' ପରିଶ୍ରମ ଓ ପ୍ରଯତ୍ନର ଧାରକ — **'ଓମାସଶ୍ଚର୍ଷଣୀ ଧୃତଃ'** । ସାୟଣ ଏହାର ଅର୍ଥ କରିଛନ୍ତି ମନୁଷ୍ୟର ରକ୍ଷକ ଓ ଧାରକ । ଏହି ଶବ୍ଦଗୁଡ଼ିକରେ ମୁଁ ଯେଉଁ ଗୂଢ଼ାର୍ଥ ଦେବାକୁ ଉଚିତ ମନେ କରେ ତା'ର ସମର୍ଥନରେ ବିସ୍ତୃତ ଭାବରେ ଏଠାରେ କିଛି କହିବାକୁ ପ୍ରବୃତ୍ତ ହେବା ଆବଶ୍ୟକ ବୋଲି ମନେ କରୁ ନାହିଁ; କାରଣ ଯେଉଁ ଭାଷାତାତ୍ତ୍ୱିକ ପଦ୍ଧତି ମୁଁ ଅନୁସରଣ କରିଛି ସେଥିରେ ଏବିଷୟରେ ପୂର୍ବରୁ ମୁଁ କହିସାରିଛି । ସାୟଣ ନିଜେ ଦେଖିଛନ୍ତି 'ଅବ୍' ଧାତୁରୁ ଉତ୍ପନ୍ନ 'ଅବସ୍', ତଥା 'ଉତି', 'ଉମା' ପ୍ରଭୃତି ଶବ୍ଦଗୁଡ଼ିକ ସୂକ୍ତମାନଙ୍କରେ ଏତେ ବହୁଳ ପରିମାଣରେ ବ୍ୟବହୃତ ହୋଇଛି ଯେ ସେଗୁଡ଼ିକୁ ସର୍ବଦା 'ରକ୍ଷା' ଅର୍ଥ ଦେବା ସମ୍ଭବ ନୁହେଁ, ତେଣୁ ସେ ସେଇ ଏକା ଶବ୍ଦକୁ ବିଭିନ୍ନ ସୂକ୍ତଚରଣରେ ସମ୍ବନ୍ଧରହିତ ବିଭିନ୍ନ ଅର୍ଥ ଦେବାକୁ ବାଧ ହୋଇଛନ୍ତି । ସେହିପରି 'ଚର୍ଷଣି' ଓ 'କୃଷ୍ଟି' ସମଜାତୀୟ ଶବ୍ଦ ଦୁଇଟି ଯେତେବେଳେ ସ୍ୱତନ୍ତ୍ର ରୂପେ ରହିଥା'ନ୍ତି ସେତେବେଳେ ଏହାର 'ମନୁଷ୍ୟ' ଅର୍ଥ ସହଜରେ ଦେଇହୁଏ, ଏହି ଶବ୍ଦଦ୍ୱୟ ଯେତେବେଳେ ଅନ୍ୟାନ୍ୟ ପୂର୍ବପଦ ସହ ସଂଯୁକ୍ତ ହୋଇ 'ବିଚର୍ଷଣି', 'ବିଶ୍ୱଚର୍ଷଣି', 'ବିଶ୍ୱକୃଷ୍ଟି' ପ୍ରଭୃତି ଶବ୍ଦରେ ପରିଣତ ହେଉଛନ୍ତି ସେତେବେଳେ ମନେହୁଏ ଏହି ଅର୍ଥ ବିନା କାରଣରେ ଲୁପ୍ତ ହୋଇଯାଉଛି । ସାୟଣ ନିଜେ ବାଧହୋଇ 'ବିଶ୍ୱଚର୍ଷଣି'ର 'ସର୍ବଦର୍ଶୀ' ଅର୍ଥ କରିଛନ୍ତି, କିନ୍ତୁ 'ସର୍ବମାନବ' ବା 'ସର୍ବମନୁଷ୍ୟ' ଅର୍ଥ କରି ନାହାନ୍ତି । ନିର୍ଦ୍ଧାରିତ ଅର୍ଥ ଥିବା ବୈଦିକ ସଂଜ୍ଞାମାନଙ୍କରେ ଯେ ଏହିପରି ଆକାଶ ପାତାଳ ପାର୍ଥକ୍ୟ ରହିପାରେ ତାହା ମୁଁ ସ୍ୱୀକାର କରେ ନାହିଁ । 'ଅବ୍' ଧାତୁ ହେବା, ପାଇବା ବା ରଖିବା; ଧାରଣ କରିବା; ରକ୍ଷା କରିବା; ହୋଇ ଉଠିବା, ସୃଷ୍ଟି କରିବା; ପୋଷଣ କରିବା, ବୃଦ୍ଧି କରିବା, ଉନ୍ନତ କରିବା, ସମୃଦ୍ଧ ହେବା; ହୃଷ୍ଟ କରିବା, ହୃଷ୍ଟ ହେବା ପ୍ରଭୃତି ଅର୍ଥ ଥିଲେ ମଧ ମୋର ମନେହୁଏ ବେଦରେ ମୁଖ୍ୟତଃ ବର୍ଦ୍ଧନ ବା ପୋଷଣ ଅର୍ଥହିଁ ଗ୍ରହଣଯୋଗ୍ୟ । 'ଚର୍ଷ୍' ଓ 'କୃଷ୍' ଧାତୁ 'ଚର୍' ଓ 'କୃ' ଧାତୁରୁ ଉତ୍ପନ୍ନ ହୋଇଥିଲା ଏବଂ ଏ ଦୁଇଟିର ଅର୍ଥ ହେଉଛି କରିବା; ଏବଂ 'କୃଷ୍'ର ଅର୍ଥ ଶ୍ରମସାଧ କର୍ମ ବା ସଞ୍ଚରଣ, ଅର୍ଥାତ୍ ଟାଣିବା ଓ ହଳ

କରିବା ଅର୍ଥ ଏପର୍ଯ୍ୟନ୍ତ ପ୍ରଚଳିତ ରହିଛି । ତେଣୁ 'ଚର୍ଷଣି' ଓ 'କୃଷ୍'ର ଅର୍ଥ ହେଉଛି ପ୍ରଯତ୍ନ କରିବା, ପ୍ରୟାସ କରିବା, କିଂବା କର୍ମ ଅଥବା କର୍ମକର୍ତ୍ତା । ବୈଦିକ କର୍ମ, ଯଜ୍ଞ, ଅଭୀପ୍ସୁ ମାନବଜାତିର ଶ୍ରମ, ଆର୍ଯ୍ୟର ''ଅରତି'' ପ୍ରଭୃତିକୁ ବୁଝାଇବାକୁ ବିଭିନ୍ନ ପଦ (କର୍ମ, ଅପସ୍, କାର, କୀରି, ଦୁବସ୍ ପ୍ରଭୃତି) ବ୍ୟବହୃତ ହୁଏ, ସେମାନଙ୍କ ମଧ୍ୟରେ ଏଦୁଇଟି ଅନ୍ତର୍ଭୁକ୍ତ ।

ବୈଦିକ ଦେବତାମାନଙ୍କର ସାଧାରଣ ସର୍ବମୁଖୀନ କାର୍ଯ୍ୟ ହେଲା ମନୁଷ୍ୟର ସାରଭୂତ ବସ୍ତୁ ଓ ଅଧିକାରଭୁକ୍ତ ସକଳ ବସ୍ତୁର ପୋଷଣ ବା ବର୍ଦ୍ଧନ, ବୃହତ୍-ଋତ-ଚିତ୍‌ର ପୂର୍ଣ୍ଣତା ସାଧନ ଓ ସମୃଦ୍ଧି-ଅଭିମୁଖରେ ତା'ର ନିରନ୍ତର ବିକାଶ, ତା'ର ମହାନ୍ ସଂଗ୍ରାମ ଓ ପରିଶ୍ରମରେ ତାକୁ ସାହାଯ୍ୟ କରିବା, ତା'ପରେ, ସେମାନେ 'ଅପ୍‌ତୁରଃ', ସେମାନେ ଜଳଧାରାଗୁଡ଼ିକୁ ପାର ହୋଇ ଯାଉଛନ୍ତି କିଂବା, ସାୟଣଙ୍କ ବୁଝିବା ଅନୁସାରେ, ସେମାନେ ହେଲେ ଜଳଦାତା । ସେ ଏହାକୁ ''ବୃଷ୍ଟିଦାତା'' ଅର୍ଥରେ ବୁଝିଛନ୍ତି ଓ ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ବୈଦିକ ଦେବତାମାନେ ସମସ୍ତେ ବୃଷ୍ଟିଦାତା, ଅର୍ଥାତ୍ ସ୍ୱର୍ଗର ପ୍ରାଚୁର୍ଯ୍ୟଦାତା (କାରଣ ବୃଷ୍ଟି ଶବ୍ଦର ଏହି ଦୁଇ ଅର୍ଥ କରାଯାଏ, ଏହି ପ୍ରାଚୁର୍ଯ୍ୟକୁ ସୌର ଜଳରାଶି, ଅଥବା ସ୍ୱର୍ ବା ସ୍ୱର୍ଗର ଜ୍ୟୋତିଃବାହକ ଜଳଧାରା ବୋଲି ବର୍ଣ୍ଣନା କରାଯାଏ), (ସ୍ୱର୍ବତୀଃ ଅପଃ) । କିନ୍ତୁ ଉକ୍ତ ବାକ୍ୟଟି ଆମକୁ ଯାହା ସୂଚନା ଦେଉଛି ସେହି ଅନୁସାରେ, ବେଦରେ ଉଲ୍ଲିଖିତ ମହାସାଗର ତଥା ଜଳନିଧି ହେଉଛି ସମଗ୍ର ରୂପ ଓ ଗତିବିଧିଯୁକ୍ତ ଚିନ୍ମୟ ସତ୍ତାର ପ୍ରତୀକ । ସମସ୍ତ ବାଧାବିପତ୍ତିକୁ ଅତିକ୍ରମ କରି ଦେବତାମାନେ ମନୁଷ୍ୟ ଚେତନା ମଧ୍ୟକୁ ଯେଉଁ ପୂର୍ଣ୍ଣଗର୍ଭ ଜଳ ଅଜାଡ଼ି ଦିଅନ୍ତି ତାହା ହେଉଛି ବିଶେଷତଃ ଉପରିସ୍ଥ ଜଳ, ସ୍ୱର୍ଗର ବାରିଧାରାମାନ, ସତ୍ୟର ନିର୍ଝରଗୁଡ଼ିକ – ''ଋତସ୍ୟ ଧାରାଃ'' । ଏହି ଅର୍ଥରେ ସେମାନେ ସମସ୍ତେ 'ଅପ୍‌ତୁରଃ' । ମନୁଷ୍ୟ ସମ୍ବନ୍ଧରେ ମଧ୍ୟ ଏପରି ବର୍ଣ୍ଣିତ ଯେ, ସେ ଜଳଗୁଡ଼ିକୁ ପାର ହୋଇ ଋତ-ଚିତ୍ ମଧ୍ୟରେ ଥିବା ତା'ର ସ୍ୱଧାମ ମଧ୍ୟରେ ଉପସ୍ଥିତ ହୁଏ ଏବଂ ଦେବତାମାନେ ତାକୁ ଏଥିରେ ସ୍ୱଧାମ ପାର କରାଇ ନିଅନ୍ତି; ଏହା ଯେ ଏଠାରେ ପ୍ରକୃତ ଅର୍ଥ ହୋଇଥିବ, ଏଥିରେ ସନ୍ଦେହ ଆସିପାରେ, ବିଶେଷତଃ ଯେତେବେଳେ ଆମେ 'ଅପ୍‌ତୁରଃ'... 'ତୂର୍ଣୟଃ' ପଦ ଦୁଇଟିକୁ ପାଖାପାଖି ଥିବାର ଦେଖୁ ସେଥିରେ ସେ ଦୁହିଁଙ୍କର ସମ୍ବନ୍ଧ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ପାରେ ବୋଲି ମନେ ହୁଏ ।

ଆଉ ମଧ୍ୟ ଦେବତାମାନେ ଅନିଷ୍ଟକାରୀ ଆକ୍ରମଣ-କାରୀମାନଙ୍କଠାରୁ (ସ୍ରିଧ୍) ଏବଂ ଆଘାତକାରୀ ବା ବିରୁଦ୍ଧଶକ୍ତିମାନଙ୍କ ହାନିରୁ (ଦ୍ରୁହ୍) ମୁକ୍ତ, ତେଣୁ ସେମାନଙ୍କ 'ମାୟା' ଅର୍ଥାତ୍ ଜ୍ଞାନର ସୃଜନଶୀଳ ରଚନାମାନ, ସ୍ୱଚ୍ଛନ୍ଦରେ ବ୍ୟାପକ ଭାବରେ ଗତିକରି ନିଜର ଯଥାର୍ଥ ଲକ୍ଷ୍ୟ ହାସଲ କରନ୍ତି – ''**ଅସ୍ରିଧ ଏହିମାୟାସୋ ଅଦ୍ରୁହଃ**'', ଯଦି

ଆମେ ବେଦର ସେହି ଅଗଣନ ସୂକ୍ତଚରଣକୁ ନେଇ ବିବେଚନା କରୁ, ତେବେ ସେଥିରେ ଏହିପରି ଏକ ସୂଚନା ଆମେ ଦେଖିବାକୁ ପାଇବା ଯେ ଯଜ୍ଞର, କର୍ମର, ଯାତ୍ରାର, ଆଲୋକବୃଦ୍ଧିର ଓ ପ୍ରାଚୁର୍ଯ୍ୟରେ ଭରା ଜଳଧାରାଗୁଡ଼ିକର ସାଧାରଣ ଉଦ୍ଦେଶ୍ୟ ହେଲା ସତ୍ୟ ଚେତନା ବା ''ଋତମ୍''ରେ ଉପନୀତ ହେବା ଏବଂ ଏହାର ଫଳସ୍ୱରୂପ 'ଆନନ୍ଦ' ବା ମୟସ୍‌କୁ ଲାଭ କରିବା, ଏବଂ ଯଦି ଏହା ମଧ୍ୟ ବିବେଚନା କରୁ ଯେ ଏହିସବୁ ବିଶ୍ଳେଷଣ ସାଧାରଣତଃ ଅନନ୍ତ ଅଖଣ୍ଡ ସତ୍ୟଚେତନାର ଶକ୍ତିମାନଙ୍କ ସମ୍ବନ୍ଧରେ ପ୍ରୟୋଗ କରାଯାଇଛି, ତା'ହେଲେ ଆମେ ଦେଖିପାରିବା ଯେ ଏହି ସତ୍ୟ ଉପଲବ୍ଧି ବିଷୟରେହିଁ ଉକ୍ତ ତିନି ମନ୍ତ୍ରରେ ଇଙ୍ଗିତ କରାଯାଇଛି । ବିଶ୍ୱଦେବମାନେ ମନୁଷ୍ୟର ବୃଦ୍ଧି ସାଧନ କରନ୍ତି, ତାକୁ ମହତ୍ କର୍ମରେ ସାହାଯ୍ୟ କରନ୍ତି, ତା' ପାଇଁ ସ୍ୱର୍ଲୋକରୁ ସତ୍ୟଧାରା ରୂପକ ପ୍ରଚୁର ଜଳଧାରା ନେଇଆସନ୍ତି ଏବଂ ଏହାର ଜ୍ଞାନର ବ୍ୟାପକ ଗଠନଗୁଡ଼ିକ, 'ମାୟାଃ', ସହିତ, ସତ୍ୟ ଚେତନାର ଅପ୍ରତିଘାତୀ ଅକ୍ଷତ ଓ ବ୍ୟାପକ କର୍ମର ଯୋଗାଯୋଗ ସ୍ଥାପନ କରନ୍ତି ।

''ଉସ୍ରା ଇବ ସ୍ୱସରାଣି'', ଏହି ବାକ୍ୟାଂଶକୁ ମୁଁ ଅଧିକାଧିକ ବାହ୍ୟାର୍ଥ ଦେଇ ଅନୁବାଦ କରିଛି; କିନ୍ତୁ ବେଦରେ ଏପରିକି କାବ୍ୟିକ ଉପମାକୁ ବି କେବଳ ଶୋଭା ନିମନ୍ତେ କ୍ୱଚିତ୍ ବ୍ୟବହାର କରାଯାଇଛି ବା ଆଦୌ କରାଯାଇ ନାହିଁ; ଏଗୁଡ଼ିକହିଁ ଆଧ୍ୟାତ୍ମିକ ଅର୍ଥକୁ ଗଭୀରତର କରିବା ନିମନ୍ତେ ତଥା ପ୍ରତୀକାତ୍ମକ ଓ ଶ୍ଳେଷାତ୍ମକ ଅର୍ଥ ପ୍ରକାଶ ନିମନ୍ତେ କୌଣସି ଉପମେୟ ସହ ପ୍ରଯୁକ୍ତ ହୋଇଛନ୍ତି । ବେଦରେ 'ଗୋ' ଶବ୍ଦକୁ ବାସ୍ତବ ବା ପ୍ରତୀକ ରୂପେ ନେଇ ଯେପରି 'ବୃଷଭ' ବା 'ଗାଭୀ' ଅର୍ଥ କରାଯାଇଛି, ଏବଂ ତତ୍ ସଙ୍ଗେ ଏହା ଦୀପ୍ତ ବା ଜ୍ୟୋତିର୍ମୟଗଣଙ୍କର, ଅର୍ଥାତ୍ ମନୁଷ୍ୟ ମଧ୍ୟରେ ବିଦ୍ୟମାନ ଜ୍ଞାନଦୀପ୍ତ ସତ୍ୟ ଶକ୍ତିମାନଙ୍କର ସଙ୍କେତକୁ ବହନ କରୁଥାଏ, 'ଉସ୍ରା' ଶବ୍ଦର ମଧ୍ୟ ସେହିପରି ଦ୍ୱିବିଧାର୍ଥ ରହିଛି । ଏମାନେ ଏତେ ଜ୍ୟୋତିର୍ମୟ ଶକ୍ତି ଯେ ବିଶ୍ୱଦେବଗଣ ଏହାଙ୍କ ନିକଟକୁ ଆସୁଛନ୍ତି ଏବଂ ଶାନ୍ତିର ବା ସୁଖର ଆସନ ଉପରକୁ ବା ଆଗାରକୁ ଆସିବା ପରି ସେମାନେ ସୋମରସ ମଧକୁ 'ସ୍ୱସରାଣି'' ନିକଟକୁ ଆସୁଛନ୍ତି । କାରଣ 'ସସ୍' ତଥା ଅନ୍ୟ ଅନେକ ଧାତୁ ପରି 'ସ୍ୱସ୍' ଧାତୁ ବିଶ୍ରାମ ଓ ଭୋଗ ଉଭୟାର୍ଥ ପ୍ରକାଶକ । ସେମାନେ ସତ୍ୟର ବିଭିନ୍ନ ଶକ୍ତି ରୂପେ ମନୁଷ୍ୟ ମଧ୍ୟରେ ପ୍ରବହମାନ ଆନନ୍ଦସ୍ରୋତ ମଧକୁ ସେତେ ଶୀଘ୍ର ପ୍ରବେଶ କରନ୍ତି ଯେତେ ଶୀଘ୍ର ଅଶ୍ୱିନଦ୍ୱୟଙ୍କର ପ୍ରାଣିକ ଓ ମାନସିକ କ୍ରିୟା ଦ୍ୱାରା ଏବଂ ଇନ୍ଦ୍ରଙ୍କ ଶୁଦ୍ଧ ମାନସିକ କ୍ରିୟା ଦ୍ୱାରା ଏହି ସଞ୍ଚରଣ ବା ଗତି ପ୍ରସ୍ତୁତ ହୋଇଥାଏ ।

୬''କର୍ମସାଧକକୁ ତା' କର୍ମ ସମ୍ପାଦନାରେ ସାହାଯ୍ୟ କରୁଥିବା ହେ ପାଳକବୃନ୍ଦ, ହେ ବିଶ୍ୱଦେବଗଣ, ଆସ, ବିତରିତ ହେଉଥିବା ମୋ ସୋମରସକୁ ନିଜ ମଧ୍ୟରେ ବାଣ୍ଟି ନିଅ ।

''ଆମ ପାଇଁ ସ୍ୱର୍ଗୀୟ ଜଳଧାରାଗୁଡ଼ିକୁ ବହନ କରି ଆଣୁଥିବା ହେ ବିଶ୍ୱଦେବଗଣ, ଦୀପ୍ତ ଶକ୍ତିମାନେ ତୁମ୍ଭମାନଙ୍କ ଆନନ୍ଦଧାମଗୁଡ଼ିକୁ ଯେପରି ଆସନ୍ତି ଠିକ୍ ସେମିତି ତୁମ୍ଭେମାନେ ମୋର ସୋମହବି ମଧ୍ୟକୁ ଉତରି ଆସ ।

''ଅନାକ୍ରାନ୍ତ ବା ଅନାହତ ହେ ବିଶ୍ୱଦେବଗଣ, ତୁମ୍ଭେମାନେ ନିଜ ଜ୍ଞାନର ବିଭିନ୍ନ ରୂପ ମଧ୍ୟରେ ସ୍ୱଚ୍ଛନ୍ଦରେ ବିହାର କର, ମୋ ଯଜ୍ଞର ଧାରକ ରୂପେ ସର୍ବଦା ତା' ସହ ସଂଲଗ୍ନ ହୋଇ ରହିଥାଅ ।''

ଅବଶେଷରେ, ଉକ୍ତ ସୂକ୍ତର ଶେଷାଂଶରେ ଆମେ ଏହି ସ୍ପଷ୍ଟ ଓ ଅଭ୍ରାନ୍ତ ନିଦର୍ଶନ ପାଉ ଯେ ସତ୍ୟ ଚେତନା ପ୍ରାପ୍ତିହିଁ ଯଜ୍ଞର ଲକ୍ଷ୍ୟ, ସୋମ ନିବେଦନର ତାହାହିଁ ଉଦ୍ଦେଶ୍ୟ ଏବଂ ପ୍ରାଣଶକ୍ତି ଓ ମନ ମଧ୍ୟରେ ଅଶ୍ୱିଦ୍ୱୟଙ୍କ, ଇନ୍ଦ୍ର ଓ ବିଶ୍ୱଦେବଙ୍କ କର୍ମର ତାହାହିଁ ଅନ୍ତିମ ପରିଣାମ । କାରଣ ଯେଉଁ ତିନି ଋକ୍ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ, ଏବଂ ଯେହେତୁ ସରସ୍ୱତୀ ହେଉଛନ୍ତି ଦିବ୍ୟବାକ୍ ଏବଂ ଋତଚିତ୍ ମଧ୍ୟରୁ କ୍ଷରିତ ଅନ୍ତଃ-ପ୍ରେରଣାଧାରାର ପ୍ରତୀକ, ତେଣୁ ମନ୍ତ୍ରଗୁଡ଼ିକର ଅର୍ଥ ଅତି ସ୍ପଷ୍ଟଭାବେ ପ୍ରକାଶ ପାଉଛି —

୭''ସମୃଦ୍ଧିର ସମସ୍ତ ରୂପପ୍ରାଚୁର୍ଯ୍ୟରେ ପୂର୍ଣ୍ଣା, ଧୀଶକ୍ତି ଦ୍ୱାରା ପ୍ରାପ୍ତ ତତ୍ତ୍ୱଜ୍ଞାନରେ ସମୃଦ୍ଧା ପାବନୀ ସରସ୍ୱତୀ ଆମର ଯଜ୍ଞକାମନା କରନ୍ତୁ ।

''ଶୁଭମୟ ସତ୍ୟଗୁଡ଼ିକ ପ୍ରତି ପ୍ରେରୟିତ୍ରୀ, ସୁମତି ଲାଭ ନିମନ୍ତେ ଚେତନାର ଜାଗୃତି ବିଧାତ୍ରୀ ସରସ୍ୱତୀ ଯଜ୍ଞ-ଧାରଣ କରନ୍ତୁ ।

''ସତ୍ୟବୋଧ ଦ୍ୱାରା ସରସ୍ୱତୀ ଚେତନା ମଧ୍ୟରେ ମହାନ୍ ପ୍ଲାବନ (ଋତର ବିରାଟ ଗତି ସଞ୍ଚାର) ଜାଗ୍ରତ୍ କରନ୍ତି ଏବଂ ସମସ୍ତ ଧୀଷଣାକୁ ପୂର୍ଣ୍ଣ ରୂପେ ପ୍ରଦୀପିତ କରନ୍ତି ।''

ସୂକ୍ତର ଏହି ସ୍ପଷ୍ଟ ଓ ଭାସ୍ୱର ଉପସଂହାରଟି ଏହାର ପୂର୍ବବର୍ତ୍ତୀ ସମସ୍ତ ଋକ୍ ଉପରେ ଆଲୋକପାତ କରେ । ବୈଦିକ ଯଜ୍ଞ ଏବଂ ମନ ଓ ଅନ୍ତଃପୁରୁଷ ମଧ୍ୟରେ ଏକ

---

୬ ଓମାସଶ୍ଚର୍ଷଣୀଧୃତୋ ବିଶ୍ୱେ ଦେବାସୋ ଅ। ଗତ । ଦାଶ୍ୱାଂସୋ ଦାଶୁଷଃ ସୁତମ୍ ॥
ବିଶ୍ୱେ ଦେବାସୋ ଅପ୍ତୁରଃ ସୁତମାଗନ୍ତ ତୂର୍ଣୟଃ । ଉସ୍ରା ଇବ ସ୍ୱସରାଣି ॥
ବିଶ୍ୱେ ଦେବାସୋ ଅ। ସ୍ରିଧ ଏହିମାୟସୋ ଅଦ୍ରୁହଃ । ମେଧଂ ଜୁଷନ୍ତ ବହ୍ନୟଃ ॥
(ଋ.୧।୩।୬,୮,୯)

୭ ପାବକା ନଃ ସରସ୍ୱତୀ ବାଜେଭିର୍ବାଜିନୀବତୀ । ୟଜ୍ଞଂ ବଷ୍ଟୁ ଧିୟାବସୁଃ ॥
ଚୋଦୟିତ୍ରୀ ସୂନୃତାନାଂ ଚେତନ୍ତୀ ସୁମତୀନାମ୍ । ୟଜ୍ଞଂ ଦଧେ ସରସ୍ୱତୀ ॥
ମହୋ ଅର୍ଣଃ ସରସ୍ୱତୀ ପ୍ର ଚେତୟତି କେତୁନା । ଧିୟୋ ବିଶ୍ୱା ବି ରାଜତି ॥
(ଋ.୧।୩।୧୦,୧୧,୧୨)

ପ୍ରକାର ଘନିଷ୍ଠ ସମ୍ବନ୍ଧକୁ ତଥା ଘୃତାହୁତି ଓ ସୋମରସ ନିବେଦନ ମଧ୍ୟରେ ଏବଂ ଭାସ୍ୱର ଚିନ୍ତା, ଆତ୍ମିକ ଉପାଦାନର ସମୃଦ୍ଧି, ମନନର ସମ୍ୟକ୍ ଅବସ୍ଥା ତଥା ସତ୍ୟ ଓ ଜ୍ୟୋତିଃ ପ୍ରତି ଏହାର ଜାଗରଣ ଓ ଏକାନ୍ତ ଆଗ୍ରହ ପ୍ରଭୃତି ମଧ୍ୟରେ ପାରସ୍ପରିକ ନିର୍ଭରତାକୁ ଦର୍ଶାଉଛି । ଏହା ସରସ୍ୱତୀଙ୍କୁ ଅନ୍ତଃପ୍ରେରଣା ଓ 'ଶ୍ରୁତି'ର ଦେବୀ ସ୍ୱରୂପରେ ପ୍ରତିଭାତ କରୁଛି ଏବଂ ବୈଦିକ ନଦୀମାନଙ୍କର ଓ ମନର ସମସ୍ତ ସ୍ତର ମଧ୍ୟରେ ସଂଯୋଗ ସ୍ଥାପନ କରୁଛି । ଆମକୁ ସେମାନଙ୍କ ରହସ୍ୟାର୍ଥ ଆଡ଼କୁ ଚଳାଇ ନେବା ପାଇଁ ଋଷିମାନେ ନିଜର ପ୍ରତୀକାତ୍ମକ ଶୈଳୀ ମଧ୍ୟରେ ବିକ୍ଷିପ୍ତ ଭାବେ ସଜ୍ଞାନରେ ଯେଉଁସବୁ ବିବିଧାର୍ଥ ରଖିଯାଇଛନ୍ତି ତାହାର ଉଜ୍ଜ୍ୱଳ ସଂକେତବାହକ ସୂକ୍ତଗୁଡ଼ିକ ମଧ୍ୟରେ ଏହି ଚରଣଟି ଅନ୍ୟତମ ।

ନବମ ଅଧ୍ୟାୟ

ସରସ୍ୱତୀ ଓ ତାଙ୍କ ସହଚାରିଣୀବୃନ୍ଦ

ଦେବୀ ସରସ୍ୱତୀଙ୍କ ବର୍ଣ୍ଣନାରେ ବେଦର ପ୍ରତୀକବାଦ ଅତ୍ୟନ୍ତ ବିଶଦଭାବରେ ପରିସ୍ଫୁଟ ହୋଇଛି । ଅନ୍ୟ ଅନେକ ଦେବତାଙ୍କ କ୍ଷେତ୍ରରେ ଆନ୍ତର ଅର୍ଥ ଓ ବାହ୍ୟ ରୂପ ମଧ୍ୟରେ ଯତ୍ନପୂର୍ବକ ଏକ ଭାରସାମ୍ୟ ରଖାଯାଇଛି । ସମୟେ ସମୟେ ଆବରଣକୁ ଭେଦିବା ସହଜ ହୋଇଉଠେ, କେତେବେଳେ ବା ଏହାର ଗୋଟିଏ ପଟ ଅନାବୃତ କରି ଦିଆଯାଏ, ଯାହା ଫଳରେ ସାଧାରଣ ଶ୍ରୋତା ମଧ୍ୟ ବେଦବାଣୀର ମର୍ମାର୍ଥ ବୁଝିପାରେ, କିନ୍ତୁ ଏହି ଆବରଣ କେବେହେଲେ ସମ୍ପୂର୍ଣ୍ଣ ରୂପେ ଅପସାରଣ କରାଯାଇ ନାହିଁ । ତେଣୁ 'ଅଗ୍ନି'କୁ ଯଜ୍ଞାଗ୍ନି ରୂପେ ଯେଉଁଭଳି ରୂପାୟିତ କରାଯାଇଛି ଅଥବା ବସ୍ତୁଗୁଡ଼ିକରେ ଆଲୋକ ଓ ଉତ୍ତାପର ଯେଉଁ ଭୌତିକ ତତ୍ତ୍ୱ ବୋଲି ତାକୁ କୁହାଯାଇଛି ତା' ବ୍ୟତୀତ ସେ ଆଉ କିଛି କି ? କିଂବା 'ଇନ୍ଦ୍ର' ଆକାଶର ଓ ବୃଷ୍ଟିର ଅଥବା ଭୌତିକ ବିଦ୍ୟୁତ୍‌ର ଦେବତା ଛଡ଼ା ଆଉ କିଛି କି ? କିଂବା 'ବାୟୁ' କେବଳ ଝଡ଼ବତାସର ବା ଅତି ବେଶୀ ହେଲେ ଦୈହିକ ପ୍ରାଣର ଶ୍ୱାସ-ପ୍ରଶ୍ୱାସର ଦେବତା ବ୍ୟତୀତ ଆଉ କିଛି ହୋଇ ପାରନ୍ତି କି ? ଏହିଭଳି ଜଣେ ସନ୍ଦେହ କରିପାରେ । ଅପେକ୍ଷାକୃତ ସାନ ଦେବତାଙ୍କ ସମ୍ବନ୍ଧରେ ପ୍ରକୃତିଧର୍ମୀ ବ୍ୟାଖ୍ୟାରେ ବିଶ୍ୱାସ ରଖିବା ନିମନ୍ତେ ସେତେ ବେଶୀ ଭିତ୍ତି ନାହିଁ; କାରଣ ବେଦତତ୍ତ୍ୱ ଅନୁସାରେ 'ବରୁଣ' କେବଳ ୟୁରେନସ୍ ବା ନେପ୍‌ଚୁନ୍ ନୁହନ୍ତି, ବରଂ ସେ ବହୁତ ଗୁରୁତ୍ୱପୂର୍ଣ୍ଣ ଶୁଦ୍ଧ ମାନସିକ କର୍ମସାଧକ ଦେବତା; ସେହିପରି 'ମିତ୍ର' ଓ 'ଭଗ'ଙ୍କର ମଧ୍ୟ ଏହିପରି ଏକ ଆତ୍ମିକ ସ୍ୱରୂପ ଅଛି, ଯେଉଁ 'ଋଭୁ'ମାନେ ମନ ସାହାଯ୍ୟରେ ବସ୍ତୁମାନଙ୍କୁ ରୂପ ଦିଅନ୍ତି ଏବଂ କର୍ମ ଦ୍ୱାରା ଅମୃତତ୍ୱ ସୃଷ୍ଟି କରନ୍ତି, ସେମାନଙ୍କୁ ବଳପୂର୍ବକ ଚାପିଚୁପି ପ୍ରକୃତିବାଦୀ ପୌରାଣିକ ଉପାଖ୍ୟାନର 'ପ୍ରୋକ୍ରୁଷ୍ଟିଅନ୍'[୧] ସୀମା ମଧ୍ୟରେ ଆବଦ୍ଧ କରି ରଖିବା

---

[୧] ଗ୍ରୀକ୍ ପୁରାଣର ଉପାଖ୍ୟାନରେ ଅଛି ଯେ ''ପ୍ରୋକ୍ରୁଷ୍ଟି'' ଗୋଟିଏ ଅସୁର ଥିଲା ଯେ ଜି ଲୋକଙ୍କୁ ଧରିନେଇ ତା' ଖଟିଆରେ ଶୁଆଇ ଦେଉଥିଲା ଓ ଯଦି କେହି ସେଇ ଖଟିଆଠାରୁ ବେଶୀ ଲମ୍ବା ଥିଲା ସେ ତା'ର ପାଦକୁ ସେଇ ମାପରେ କାଟି ଦେଉଥିଲା ଏବଂ ଯିଏ ସାନ ହେଉଥିଲା ତାକୁ ସେ ଟାଣି ଓଟାରି ଲମ୍ବା କରି ଦେଉଥିଲା । ସେଇଥିରୁ ପ୍ରୋକ୍ରୁଷ୍ଟିଅନ୍ (Procrustean) ଶବ୍ଦ ଆସିଛି, ଯାହାର ଅର୍ଥ ହେଉଛି ଜବରଦସ୍ତି କଟାକଟି କରି ଓ ଟାଣିଓଟାରି ନିଜ ଅନୁକୂଳ କରୁଥିବା ଲୋକ ।

କଷ୍ଟକର । ବୈଦିକ ସୂକ୍ତଗୁଡ଼ିକର କବିମାନଙ୍କ ଭାବନାରେ ବିକ୍ଷିପ୍ତ ଅସ୍ପଷ୍ଟତା ଥିଲା ବୋଲି ଏକ ଦୋଷାରୋପ କରି ଯଦି ଆମେ ସମସ୍ୟାଟିର କଠିନତାକୁ ଦୂରକରି ନ ପାରୁଛୁ ତେବେ ଅନ୍ତତଃ ସମସ୍ୟାକୁ ଉପେକ୍ଷା କରାଯାଇପାରେ କିନ୍ତୁ ଏପରି କୌଣସି ଉପାୟ ଦ୍ୱାରା ସରସ୍ୱତୀ ବଶୀଭୂତା ହୁଅନ୍ତି ନାହିଁ । ସେ ଯେ ବାକ୍‌ର ଦେବୀ ଓ ଦିବ୍ୟ ଅନ୍ତର୍ପ୍ରେରଣାର ଦେବୀ ଏହା ସୁସ୍ପଷ୍ଟ ଓ ସୁନିଶ୍ଚିତ ।

ଯଦି ଏତିକିହିଁ ସବୁକିଛି ହୋଇଥା'ନ୍ତା ତେବେ ଏପର୍ଯ୍ୟନ୍ତ ଯେଉଁ ସ୍ପଷ୍ଟ ତଥ୍ୟ ରହିଛି ଯେ ବୈଦିକ ଋଷିମାନେ କେବଳ ଭୌତିକ ପ୍ରକୃତି-ପ୍ରଧାନ ଅସଂସ୍କୃତ ମନୁଷ୍ୟଗଣ ନ ଥିଲେ, ବରଂ ସେମାନଙ୍କର ଆତ୍ମିକ ଚିନ୍ତାମାନ ଥିଲା ଏବଂ କେବଳ ଭୌତିକ ପ୍ରକୃତିରେ ସ୍ପଷ୍ଟତଃ ଦୃଶ୍ୟମାନ କ୍ରିୟାଗୁଡ଼ିକ, ଯାହା ସେମାନଙ୍କ କୃଷିକର୍ମ, ଗୋଚାରଣ ତଥା ମୁକ୍ତବାୟୁରେ ଜୀବନଯାପନ ପ୍ରଭୃତି ପାଇଁ ପ୍ରେରଣାଦାୟକ ଥିଲା, ସେଗୁଡ଼ିକୁ ଉପସ୍ଥାପନପୂର୍ବକ ପୌରାଣିକ ପ୍ରତୀକଗୁଡ଼ିକୁ ସୃଷ୍ଟି କରିବାରେ ସମର୍ଥ ଥିଲେ ସେତିକି ନୁହେଁ ବରଂ ମନ ଓ ଆତ୍ମାର ଆନ୍ତର କ୍ରିୟା କ୍ଷେତ୍ରରେ ମଧ୍ୟ ସେମାନେ ଯଦି ସମର୍ଥ ହୋଇ ନ ଥା'ନ୍ତେ ତେବେ ଆମକୁ ତା'ଠାରୁ ଏତେ ଅଧିକ ଆଗକୁ ନେଇ ଆସିପାରି ନ ଥା'ନ୍ତେ । ଯଦି ଆମକୁ ଧରି ନେବାକୁ ହୁଏ ଯେ ପୁରାତନ ଧର୍ମୀୟ ଭାବନାର ଇତିହାସ ଭୌତିକରୁ ଆଧ୍ୟାତ୍ମିକ ଆଡ଼କୁ ଅଗ୍ରସର ହୋଇଛି, ଏକେବାରେ ପ୍ରକୃତିଧର୍ମୀ ଚିନ୍ତାଧାରାରୁ ପ୍ରାକୃତିକ ଜଗତକୁ ତଥା ଦେବଗଣଙ୍କୁ ନୈତିକ ଓ ଆତ୍ମିକ ଦୃଷ୍ଟିଭଙ୍ଗୀରେ ଦେଖିବା ପର୍ଯ୍ୟନ୍ତ ଅଗ୍ରସର ହୋଇ ଆସିଛି — ଯଦିଓ ଏହି ମତ ଏଯାଏ ନିଶ୍ଚିତ ହୋଇ ନାହିଁ ତଥାପି ବର୍ତ୍ତମାନ ପାଇଁ ସ୍ୱୀକୃତ[୨] — ତେବେ ଆମକୁ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ବୈଦିକ କବିମାନେ ଦେବତାମାନଙ୍କ ବିଷୟରେ ବହୁପୂର୍ବେ ଭୌତିକ ଓ ପ୍ରକୃତିଧର୍ମୀ ଧାରଣାଠାରୁ ନୈତିକ ଓ ଆତ୍ମିକ ଧାରଣା ଦିଗରେ ଅନ୍ତତଃ ଅଗ୍ରସର ହୋଇ ଆସିଥିଲେ । କିନ୍ତୁ ସରସ୍ୱତୀ ଯେ କେବଳ ଅନ୍ତଃପ୍ରେରଣାର ଦେବୀ, ସେତିକି ନୁହେଁ, ତତ୍ ସଙ୍ଗେସଙ୍ଗେ ସେ ପ୍ରାଚୀନ ଆର୍ଯ୍ୟଭୂମିର ସପ୍ତନଦୀ ମଧ୍ୟରୁ ଅନ୍ୟତମା । ତତ୍‌କ୍ଷଣାତ୍ ପ୍ରଶ୍ନ ଉଠେ, ଏ ଦୁଇଟି ମଧ୍ୟରେ ଅସାଧାରଣ ସାମ୍ୟ କେଉଁଠାରୁ ଆସିଛି ? କିପରି ବା ବୈଦିକ ସୂକ୍ତମାନଙ୍କରେ ଏ

---

୨ ଧାର୍ମୀୟ ଭାବନାର ଆଦି ଉତ୍ସ ଓ ପ୍ରାରମ୍ଭିକ ଇତିହାସକୁ ନିଶ୍ଚିତ କରିବା ପାଇଁ ଆମ ପାଖରେ କିଛି ବାସ୍ତବ ସାମଗ୍ରୀ ଅଛି ବୋଲି ମୋର ମନେହୁଏ ନାହିଁ । ଏଠାରେ ତଥ୍ୟଗୁଡ଼ିକ ଆମକୁ ସୂଚିତ କରୁଛନ୍ତି ଯେ ଅତୀତର ଶିକ୍ଷା ଯୁଗପତ୍ ଉଭୟମୁଖୀ ଥିଲା — ଆତ୍ମିକ ତଥା ପ୍ରକୃତିଧର୍ମୀ, ଏପରି ଆଦିମ ଜାତିଗୁଡ଼ିକରେ ପ୍ରଥମଟି ଅଳ୍ପ ବା ଅଧିକ ଅସ୍ପଷ୍ଟ ଥିଲେ ବି ସମ୍ପୂର୍ଣ୍ଣ ପୋଛି ହୋଇଯାଇ ନ ଥିଲା, ଏପରିକି ଉତ୍ତର ଆମେରିକୀୟ ଆଦିବାସୀ ଜାତିମାନଙ୍କର ବି ଏହି ଶିକ୍ଷା ପ୍ରାଗୈତିହାସିକ ହୋଇ ଥାଇପାରେ, ହେଲେ ଏହା କେବେ ବି ଆଦିମ ନୁହେଁ ।

ଦୁଇ ତତ୍ତ୍ୱର ସମ୍ବନ୍ଧ ପ୍ରଦର୍ଶିତ ହୋଇଛି ? ଆହୁରି କହିଲେ, ସରସ୍ୱତୀଙ୍କ ବିଶେଷତ୍ୱ କେବଳ ନିଜ ହେତୁ ନୁହେଁ, କିନ୍ତୁ ଅନ୍ୟମାନଙ୍କ ସହିତ ତାଙ୍କର ଯେଉଁ ସମ୍ପର୍କସୂତ୍ର ଅଛି, ସେଥିପାଇଁ । ଏ ବିଷୟରେ ଅଧିକ ଅଗ୍ରସର ହେବା ପୂର୍ବରୁ ଏହି ସମ୍ପର୍କସୂତ୍ର ସମ୍ବନ୍ଧରେ କିଛି ଦ୍ରୁତ ତଥା ବାହ୍ୟ ଦୃଷ୍ଟିପାତ ପୂର୍ବକ ଦେଖିବା ସେମାନେ ଆମକୁ କ'ଣ ଶିକ୍ଷା ଦେଉଛନ୍ତି ।

କାବ୍ୟପ୍ରେରଣା ସହିତ ନଦୀର ସମ୍ପର୍କ ରହିଥିବା ବିଷୟ ଗ୍ରୀକ୍-ଉପାଖ୍ୟାନରେ ମଧ୍ୟ ଦେଖିବାକୁ ମିଳେ; କିନ୍ତୁ ସେଠାରେ କାବ୍ୟ ଓ ସଙ୍ଗୀତର ଦେବୀମାନଙ୍କୁ ନଦୀ ରୂପେ ଚିନ୍ତା କରାଯାଏ ନାହିଁ, ସେମାନଙ୍କ ସମ୍ପର୍କ କୌଣସି ବୁଦ୍ଧିଗମ୍ୟ ଧାରା ସହ ନୁହେଁ ପରନ୍ତୁ କେବଳ ନିର୍ଦ୍ଦିଷ୍ଟ ଏକ ପାର୍ଥିବ ଜଳସ୍ରୋତ ସହିତ । ଏହି ସ୍ରୋତଟି ହିପ୍ପୋକ୍ରିନ୍ (Hippocrene) ନଦୀ ନାମରେ ପରିଚିତ, ଏହି ପ୍ରସ୍ରବଣଟି ଏକ ଅଶ୍ୱ ଦ୍ୱାରା ସୃଷ୍ଟ, ଏବଂ ଏହି ନାମକରଣ ସମ୍ବନ୍ଧରେ ଏକ ଗାଥା ରହିଛି ଯେ ଏକ ସ୍ୱର୍ଗୀୟ ଅଶ୍ୱ 'ପେଗାସସ୍' (Pegasus)ର କ୍ଷୁରାଘାତରୁ ଏହାର ଉତ୍ପତ୍ତି ହୋଇଥିଲା; ଅଶ୍ୱଟି ତା'ର ଖୁରା ଦ୍ୱାରା ପ୍ରସ୍ତରକୁ ଆଘାତ କରିଥିଲା ଓ ଯେଉଁଠି ପର୍ବତ ଆଘାତ ପାଇଥିଲା ସେଠାରୁ ପ୍ରେରଣା ରୂପକ ଜଳସ୍ରୋତ ଉଛୁଳି ପଡ଼ିଥିଲା । ଏହି ପୁରାଣଗାଥାଟି କ'ଣ କେବଳ ଗ୍ରୀସ୍ ଦେଶର ପରୀକଥା, ନା ଏହାର କୌଣସି ବିଶେଷ ତାତ୍ପର୍ଯ୍ୟ ଅଛି ? ଏକଥା ସ୍ପଷ୍ଟ ଯେ ଯଦି ଏହାର କୌଣସି ତାତ୍ପର୍ଯ୍ୟ ଥାଏ ତେବେ ଯେହେତୁ ଆତ୍ମପ୍ରେରଣାର ଜଳଧାରାଗୁଡ଼ିକର ଜନ୍ମ ରୂପକ ଏକ ଆତ୍ମିକ ଘଟଣାକୁ ଏହା ସୂଚିତ କରୁଛି ତେଣୁ ନିଶ୍ଚିତ ରୂପେ ଏଥିରେ ଆତ୍ମିକ ତାତ୍ପର୍ଯ୍ୟ ଅଛି; ଏହା ନିଶ୍ଚିତ ଯେ ଏହାରି ମାଧ୍ୟମରେ କେତେକ ଆତ୍ମିକ ଘଟଣାକୁ ମୂର୍ତ୍ତରୂପ ଦେବାର ଉଦ୍ୟମ କରାଯାଇଛି । ଲକ୍ଷ୍ୟ କରିବାର କଥା, 'ପେଗାସସ୍' ପଦଟିକୁ ଯଦି ଆର୍ଯ୍ୟଧ୍ୱନି ପ୍ରକ୍ରିୟାରେ ରୂପାନ୍ତରିତ କରୁ ତେବେ ଏହାର ରୂପ ହେବ 'ପାଜସ୍' ଏବଂ ସ୍ପଷ୍ଟତଃ 'ପାଜସ୍'ର ମୂଳ ଅର୍ଥ ଶକ୍ତି, ଗତି ଅଥବା କଦାଚିତ୍ ପାଦ ରଖିବା । ଗ୍ରୀକ୍‌ରେ ମଧ୍ୟ ନିର୍ଝର ଅର୍ଥ ବୋଧକ 'ପୈଗେ' ଶବ୍ଦ ସହିତ ଏହା ସମ୍ପର୍କିତ । ସୁତରାଂ, ଏହି ପୁରାଣକଥାର ତତ୍ତ୍ୱଗୁଡ଼ିକ ମଧ୍ୟରେ ନିରନ୍ତର ଏକ ଆନ୍ତର ପ୍ରେରଣାର ତୀବ୍ର ପ୍ରବାହ ଭଳି ରୂପକ ସହ ସମ୍ପର୍କ ରହିଛି । ବୈଦିକ ପ୍ରତୀକଗୁଡ଼ିକ ପ୍ରତି ଯଦି ଆମେ ଦୃଷ୍ଟି ଫେରାଉ ତେବେ ଦେଖିବା ଯେ 'ଅଶ୍ୱ' ହେଉଛି 'ପ୍ରାଣ'ର ସଚଳ ମହାଶକ୍ତି ଅର୍ଥାତ୍ ପ୍ରାଣିକ ଓ ସ୍ନାୟବିକ ଶକ୍ତିର ପ୍ରତୀକ, ଏବଂ ଚେତନାର ପ୍ରତିନିଧିତ୍ୱ କରୁଥିବା ଅନ୍ୟ ପ୍ରତୀକମାନଙ୍କ ସହିତ ଏହା ନିରନ୍ତର ସଂଯୁକ୍ତ । 'ଅଦ୍ରି' ଅର୍ଥାତ୍ ଗିରି ବା ପ୍ରସ୍ତରଭୂମି ହେଉଛି ରୂପାୟିତ ଜୀବନର, ବିଶେଷତଃ ଭୌତିକ ପ୍ରକୃତିର ପ୍ରତୀକ ଏବଂ କୁହାଯାଇଛି ଯେ ପର୍ବତ ବା ପ୍ରସ୍ତରଭୂମି ମଧ୍ୟରୁ ସୂର୍ଯ୍ୟଙ୍କର ଗୋଯୂଥ ମୁକ୍ତ ହୋଇଥା'ନ୍ତି ଏବଂ ଜଳଧାରାମାନ ପ୍ରବାହିତ

ହୋଇଥା'ନ୍ତି । ଏହା ମଧ୍ୟ କୁହାଯାଇଛି ଯେ ଏହି ଗିରି ବା ପ୍ରସ୍ତରଭୂମିରୁ 'ସୋମ' ତଥା 'ମଧୁଧାରା' ଦୋହନ କରାଯାଏ । ସୁତରାଂ ପ୍ରସ୍ତରରେ ଅଶ୍ୱର କ୍ଷୁରାଘାତ ଦ୍ୱାରା ଅନ୍ତଃପ୍ରେରଣାର ଜଳଧାରା ନିର୍ଗତ ହେବା ସ୍ପଷ୍ଟ ରୂପେ ଏକ ଆତ୍ମିକ ରୂପକ । ପ୍ରାଚୀନ ଗ୍ରୀକ୍ ଓ ଭାରତୀୟମାନେ ଯେ ଏପରି ଆତ୍ମିକ ମନନ କରିବାରେ ଅଥବା ଏହାକୁ କାବ୍ୟିକ ଓ ରହସ୍ୟାର୍ଥକ ରୂପକଚ୍ଛରେ ପ୍ରକାଶ କରିବାରେ ଅକ୍ଷମ ଥିଲେ ତାହା ମନେ କରିବାର କୌଣସି ଯୁକ୍ତି ନାହିଁ – ବସ୍ତୁତଃ ଏପରି ରୂପକଚ୍ଛହିଁ ପ୍ରାଚୀନ ରହସ୍ୟକଚ୍ଛଗୁଡ଼ିକର ମୂଳ ବିଷୟ ଥିଲା ।

ବସ୍ତୁତଃ, ଆମେ ହୁଏତ ଆହୁରି ଅଗ୍ରସର ହୋଇ ଦେଖିପାରୁ ଯେ, ଇନ୍ଦ୍ରଙ୍କୁ ''ବଳହନ୍'' କହିବାର ତାତ୍ପର୍ଯ୍ୟ ଯଦି ହେଉଛି ଯେ, ଜ୍ୟୋତିଃକୁ ନିଜ କବଳରେ ରଖିଥିବା ଶତ୍ରୁ ''ବଳ''କୁ ସେ ବଧ କରିଥିଲେ, ତେବେ ଦେଖିବାର ଅଛି ଯେ ଏହି ଆଖ୍ୟାନ ସହିତ ''ବେଲ୍ଲେରସ୍''(Bellerus)ର ହତ୍ୟାକାରୀ ଦିବ୍ୟ ଅଶ୍ୱାରୋହୀ ବୀର ''ବେଲ୍ଲେରୋଫନ୍'' (Bellerophon)ର କୌଣସି ମୌଳିକ ସମ୍ପର୍କ ଅଛି କି ନାହିଁ । କିନ୍ତୁ ଏହି ଅନୁସନ୍ଧାନ ଆମକୁ ବର୍ତ୍ତମାନ ବିଷୟବସ୍ତୁର ସୀମା ବାହାରକୁ ନେଇ ଯାଇପାରେ । ''ପେଗାସସ୍'' (Pegasus) ଉପାଖ୍ୟାନର ତାତ୍ପର୍ଯ୍ୟ ମଧ୍ୟ କେବଳ ଏତିକିମାତ୍ର ଆମକୁ ସୂଚନା ଦେଇପାରେ ଯେ ପୂର୍ବସୂରୀମାନଙ୍କ ସ୍ୱାଭାବିକ କଳ୍ପନାର ଗତି କିପରି ଥିଲା ଓ କିପରି ସେଗୁଡ଼ିକ ଅନ୍ତଃପ୍ରେରଣାର ପ୍ରବାହରୁ ପ୍ରକୃତ ସ୍ରୋତସ୍ୱତୀ ନଦୀଧାରା ରୂପେ ବଦଳିଗଲେ, ଏତଦ୍‌ବ୍ୟତୀତ ଅଧିକ କିଛି ନୁହେଁ । ସରସ୍ୱତୀର ଅର୍ଥ ''ସ୍ରୋତସ୍ୱିନୀ, ପ୍ରବହନୀ'', ସୁତରାଂ ଏହି ନାମଟି ନଦୀ ଏବଂ ଅନ୍ତଃପ୍ରେରଣାର ଦେବୀ ଉଭୟଙ୍କୁ ବୁଝାଏ । କିନ୍ତୁ ଚିନ୍ତା ଓ ଅର୍ଥସାଯୁଜ୍ୟର କେଉଁ ପ୍ରକ୍ରିୟା ଦ୍ୱାରା ଅନ୍ତଃପ୍ରେରଣା ରୂପକ ନଦୀ ଭଳି ଏକ ପ୍ରଚଳିତ ଧାରଣା ଆସି ଏକ ନିର୍ଦ୍ଦିଷ୍ଟ ପାର୍ଥିବ ନିର୍ଝରିଣୀ ସହ ସମ୍ପର୍କିତ ହେଲା ? ହେଲେ ବେଦରେ ଏପରି କୌଣସି ନଦୀର ପ୍ରଶ୍ନ ଉଠେ ନାହିଁ ଯେ କି ନିଜର ପ୍ରାକୃତିକ ଓ ପୌରାଣିକ ତଥ୍ୟଗତ ପରିବେଶ ଦ୍ୱାରା ଅନ୍ୟକିଛି ଅପେକ୍ଷା ପବିତ୍ର ଅନ୍ତଃପ୍ରେରଣାର ତତ୍ତ୍ୱସହିତ ଏତେ ଅଧିକ ଉପଯୁକ୍ତ-ଭାବେ ସମ୍ବନ୍ଧିତ ହୋଇଥିବା ଭଳି ମନେ ହେବ । କାରଣ ଏଠାରେ ଗୋଟିଏ ନଦୀର କଥା ନୁହେଁ, ଋଷିଙ୍କ ମନରେ ସର୍ବଦା ସପ୍ତନଦୀର କଥା ଏକତ୍ର ସଂଲଗ୍ନ ଥିବାର ଦେଖିବାକୁ ମିଳେ, ଏବଂ ଏମାନଙ୍କ ଉତ୍ସକୁ ନିଜ କୁଣ୍ଡଳୀରେ ଗୋଡ଼େଇ ରଖିଥିବା ତଥା ଏମାନଙ୍କ ପ୍ରବାହକୁ ରୁଦ୍ଧ କରି ରଖିଥିବା ମହା ଅଜଗରକୁ ଇନ୍ଦ୍ର ବଜ୍ରାଘାତରେ ହତ୍ୟା କରିବା ପରେ ସେମାନେ ସମସ୍ତେ ଏକସଙ୍ଗେ ମୁକ୍ତିଲାଭ କରିଥିଲେ । ଏକଥା ମନେ କରିବା ଏକାନ୍ତ ଅସମ୍ଭବ ଯେ ଝରି ଯାଉଥିବା ଏହି ସପ୍ତନଦୀ ମଧ୍ୟରୁ କେବଳ ଗୋଟିକର ଆତ୍ମିକ ତାତ୍ପର୍ଯ୍ୟ ଅଛି ଏବଂ ଅନ୍ୟଗୁଡ଼ିକ କେବଳ ପଞ୍ଜାବର ବାର୍ଷିକ

ବର୍ଷା ଋତୁ ସହିତ ସମ୍ପର୍କିତ । ସରସ୍ୱତୀର ଆମ୍ବିକ ତାତ୍ପର୍ଯ୍ୟଟି ନିଜ ସହ ବହନ କରୁଛି ବୈଦିକ ଜଳଧାରା-ଗୁଡ଼ିକର ସମ୍ପୂର୍ଣ୍ଣ ପ୍ରତୀକାମ୍ବକ ଆଧାମ୍ବିକ ଅର୍ଥ ।[୩]

ସରସ୍ୱତୀ ଯେ କେବଳ ଅନ୍ୟ ନଦୀମାନଙ୍କ ସହିତ ସମ୍ପର୍କିତା, ତା' ନୁହେଁ, ସ୍ପଷ୍ଟତଃ ଆଧାମ୍ବିକ ପ୍ରତୀକସ୍ୱରୂପା ଦେବୀମାନଙ୍କ ସହିତ ମଧ୍ୟ ସେ ସମ୍ପର୍କିତା, ବିଶେଷତଃ 'ଭାରତୀ' ଓ 'ଇଳା'ଙ୍କ ସହିତ । ପରବର୍ତ୍ତିକାଳୀନ ପୌରାଣିକ ପୂଜା-ପଦ୍ଧତିରେ 'ସରସ୍ୱତୀ' ହେଉଛନ୍ତି ବାକ୍, ବିଦ୍ୟା ଓ କାବ୍ୟର ଦେବୀ ଏବଂ 'ଭାରତୀ' ହେଉଛି ତାଙ୍କର ଅନ୍ୟତମ ନାମ; କିନ୍ତୁ ବେଦରେ 'ସରସ୍ୱତୀ' ଓ 'ଭାରତୀ' ଦୁହେଁ ପୃଥକ୍ ଦେବୀ । ଭାରତୀଙ୍କୁ ମଧ୍ୟ ବୃହତ୍, ମହତ୍, ବିଶାଳ ଅର୍ଥଦ୍ୟୋତକ 'ମହୀ' ନାମରେ ଆବାହନ କରାଯାଏ । ଯେଉଁସବୁ ସୂକ୍ତରେ ଅଗ୍ନିଙ୍କ ଦ୍ୱାରା ଦେବତାମାନଙ୍କୁ ଯଜ୍ଞକୁ ଆବାହନ କରିବାର ବର୍ଣ୍ଣନା ଅଛି ସେଥିରେ ଅନତିକ୍ରମଣୀୟ ନିୟମଭାବେ ଇଳା, ମହୀ ବା ଭାରତୀ ଓ ସରସ୍ୱତୀ ଏହି ତ୍ରିଦେବୀ ଏକତ୍ର ସମ୍ମିଳିତ ଥିବାର ଉଲ୍ଲେଖ ରହିଛି ।

ଇଳା ସରସ୍ୱତୀ ମହୀ ତିସ୍ରୋ ଦେବୀର୍ମୟୋଭୁବଃ ।
ବର୍ହି ସୀଦନ୍ତ୍ସ୍ରିଧଃ ॥ (ଋ. ୧।୧୩।୯)

'' 'ସ୍ଖଳନରହିତା' କିଂବା 'ଅକ୍ଷତା' ଅଥବା 'ଅବିଘ୍ନକାରିଣୀ' ଆନନ୍ଦର ଜନନୀ ଇଳା, ସରସ୍ୱତୀ, ମହୀ ଏହି ତ୍ରିଦେବୀ ଯଜ୍ଞାସନରେ ଉପବେଶନ କରନ୍ତୁ ।'' ମୋର ମନେହୁଏ, ଏହି ବିଶେଷଣଟିର ଅର୍ଥ, ସେମାନଙ୍କ ମଧ୍ୟରେ କୌଣସି ଅଶୁଭ ଫଳ, 'ଦୁରିତମ୍', ନାହିଁ, ପାପ ଓ ଭ୍ରାନ୍ତିର ଗଣ୍ଡ ମଧ୍ୟରେ ସେମାନଙ୍କର ପଦସ୍ଖଳନ ଘଟେ ନାହିଁ । ଏହି ବିଧିକୁ ଦଶମ ମଣ୍ଡଳର ୧୧୦ତମ ସୂକ୍ତରେ ବିଶଦ ଭାବରେ ବ୍ୟକ୍ତ କରାଯାଇଛି ।

ଆ ନୋ ୟଜ୍ଞଂ ଭାରତୀ ତୂୟମେତ୍ବିଳା
ମନୁଷ୍ବଦିହ ଚେତୟନ୍ତୀ ।
ତିସ୍ରୋ ଦେବୀର୍ବର୍ହିରେଦଂ ସ୍ୟୋନଂ
ସରସ୍ୱତୀ ସ୍ୱପସଃ ସଦନ୍ତୁ ॥

''ଆମ ଯଜ୍ଞକୁ ସତ୍ୱରତା ପ୍ରଦାନ କରି ଦେବୀ ଭାରତୀ ଆଗମନ କରନ୍ତୁ, ଆମର ଚେତନା(ବା ଜ୍ଞାନ ବା ଦୃଷ୍ଟି)କୁ ଜାଗ୍ରତ୍ କରି ଇଳା ଏଠାକୁ ମନୁଷ୍ୟୋଚିତ ଭାବରେ

---

[୩] ପରବର୍ତ୍ତୀ କାଳରେ ଭାରତୀୟ ବିଚାର ଧାରାରେ ନଦୀଗୁଡ଼ିକ ପ୍ରତୀକାମ୍ବକ ଅର୍ଥ ବହନ କରିଥିବାର ଦେଖାଯାଏ । ଉଦାହରଣତଃ, ଗଙ୍ଗା, ଯମୁନା ଓ ସରସ୍ୱତୀ ଏବଂ ସେମାନଙ୍କ ସଙ୍ଗମ ପ୍ରଭୃତି ତାନ୍ତ୍ରିକ ରୂପକଳ୍ପଗୁଡ଼ିକ ଯୌଗିକ ପ୍ରତୀକ ଅଟନ୍ତି, ଏବଂ ଯଦିବା ଭିନ୍ନ ପ୍ରକାରେ, ତଥାପି ଏହା ଯୌଗିକ ପ୍ରତୀକବାଦରୂପେ ଗୃହୀତ ହୋଇଛନ୍ତି ଓ ସାଧାରଣତଃ ପ୍ରଯୁକ୍ତ ବି ହୋଇଛନ୍ତି ।

ଆସନ୍ତୁ, ଏବଂ ସରସ୍ୱତୀ ଆସନ୍ତୁ – ଏହି ତିନି ଦେବୀ ଯଜ୍ଞ କାର୍ଯ୍ୟକୁ ସୁସମ୍ପନ୍ନ କରିବା ସହ ଏହି ସୁଖମୟ ଆସନରେ ଉପବେଶନ କରନ୍ତୁ ।''

ସରସ୍ୱତୀଙ୍କର ଅନ୍ତଃପ୍ରେରଣା ଶକ୍ତି ସହ ଏହି ତିନି ଦେବୀଙ୍କ କାର୍ଯ୍ୟଧାରା ଯେ ଅତି ଘନିଷ୍ଠଭାବେ ସମାନ, ଏହା ସ୍ପଷ୍ଟ ଏବଂ ଭବିଷ୍ୟତରେ ସ୍ପଷ୍ଟତର ହୋଇ ଉଠିବ । ସରସ୍ୱତୀ ହେଉଛନ୍ତି 'ବାଣୀ' ଅର୍ଥାତ୍ ଅନ୍ତଃପ୍ରେରଣା, ଏବଂ ମୋ ବିଚାରରେ ସେ ଋତ ବା ସତ୍ୟ ଚେତନାରୁ ଆସିଛନ୍ତି । ଭାରତୀ ଓ ଇଳା ମଧ୍ୟ ନିଶ୍ଚୟ ସେହି ଏକା ବାଣୀ ବା ଜ୍ଞାନର ଭିନ୍ନ ଭିନ୍ନ ରୂପ ହେବା କଥା । ମଧୁଚ୍ଛନ୍ଦାଙ୍କ ଅଷ୍ଟମ ସୂକ୍ତର ଗୋଟିଏ ମନ୍ତ୍ରରେ ଭାରତୀଙ୍କୁ ମହୀ କୁହାଯାଇଥିବାର ଆମେ ଦେଖୁ ।

ଏବା ହ୍ୟସ୍ୟ ସୂନୃତା ବିରପ୍ଶୀ ଗୋମତୀ ମହୀ ।
ପକ୍ୱା ଶାଖା ନ ଦାଶୁଷେ ॥

''ଏହିପରି ଭାବରେ (ହି) ଇନ୍ଦ୍ରଙ୍କ ନିମନ୍ତେ (ଅସ୍ୟ) କିରଣମୟୀ (ଗୋମତୀ) ପ୍ରାଚୁର୍ଯ୍ୟରେ ଉଛୁଳି ଉଠୁଥିବା ଓ ଶୁଭ ସତ୍ୟମୟ ପ୍ରକୃତିସମ୍ପନ୍ନା ମହୀ ଯଜ୍ଞଦାତା ସକାଶେ ପକ୍ୱଫଳଭରା ଶାଖା ସଦୃଶ ହୁଅନ୍ତି ।'' (ଋ. ୧।୮।୮)

ବେଦୋକ୍ତ କିରଣ ହେଉଛି ସୂର୍ଯ୍ୟଙ୍କ କିରଣ । ତେବେ କ'ଣ ଆମକୁ ମନେ କରିବାକୁ ହେବ ଯେ ଏହି ଦେବୀ ସ୍ଥୂଳ ଆଲୋକର ଦେବୀ, ତେବେ ଆମେ କ'ଣ 'ଗୋ'ର ଅର୍ଥ କରିବା ଗାଈ ଏବଂ ମନେ କରିବା ଯେ ଆହୁତିଦାତାଙ୍କ ନିମନ୍ତେ ମହୀ ଗାଈ ପଲରେ ପୂର୍ଣ୍ଣ ? ସରସ୍ୱତୀଙ୍କ ଆତ୍ମିକ ଗୁଣ ଅବଶ୍ୟ ଆମକୁ ଏହି ଶେଷୋକ୍ତ ଅବାନ୍ତର କଳ୍ପନାର ପ୍ରଭାବରୁ ରକ୍ଷା କରେ, ଏବଂ ଏଥି ସହ ସେହି ସମାନ ଭାବରେ ପ୍ରକୃତିବାଦୀ ବ୍ୟାଖ୍ୟାକୁ ମଧ୍ୟ ପ୍ରତିଷେଧ କରେ । ଯଜ୍ଞରେ ସରସ୍ୱତୀଙ୍କ ସହଚାରିଣୀ ରୂପେ, ଅନ୍ତଃପ୍ରେରଣାର ଦେବୀଙ୍କ ଭଗିନୀରୂପେ, ମହୀଙ୍କର ଏହି ଯେଉଁ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରାଯାଇଛି ଏବଂ ପରବର୍ତ୍ତିକାଳର ପୌରାଣିକ ଗାଥାରେ ତାଙ୍କ ବର୍ଣ୍ଣନା ସହିତ ଏହାର ଯେଉଁ ତାଦାତ୍ମ୍ୟ ରହିଛି ଏହା ଅନ୍ୟ ଶତ ନିଦର୍ଶନ ମଧ୍ୟରୁ ଗୋଟିଏ ପ୍ରମାଣ ଯେ ବେଦରେ ଆଲୋକ ହେଉଛି ଆଧ୍ୟାତ୍ମିକ ଜ୍ୟୋତିଃରୂପକ ଜ୍ଞାନର ପ୍ରତୀକ । ସୂର୍ଯ୍ୟ ଶ୍ରେଷ୍ଠ ଦୃଷ୍ଟିର ଦେବତା, ''ବୃହତ୍ ଜ୍ୟୋତିଃ'', ବିଶାଳ ଜ୍ୟୋତିଃ, କିଂବା ସମୟେ ସମୟେ ଯେପରି କୁହାଯାଏ, ଯଥାର୍ଥ ଆଲୋକ, ''ଋତଂ ଜ୍ୟୋତିଃ'' । ଏତଦ୍ବ୍ୟତୀତ ବେଦରେ ଋତମ୍ ଓ ବୃହତ୍ ଶବ୍ଦ ଏକସଙ୍ଗରେ ଅହରହ ସମ୍ବନ୍ଧିତ ।

ଏହି ସମସ୍ତ ଶବ୍ଦଭାବ ପ୍ରୟୋଗକୁ ଦେଖିଲେ ମୋର ମନେହୁଏ ଜ୍ଞାନଦୀପ୍ତ ଚେତନାର ଅବସ୍ଥାକୁ ସୂଚିତ କରିବା ବ୍ୟତୀତ ଏହାକୁ ଅନ୍ୟକିଛି କହିବା ଅସମ୍ଭବ; 'ବୃହତ୍' – ବିଶାଳ ଓ ବ୍ୟାପ୍ତି, 'ସତ୍ୟମ୍' – ସତ୍ତାଗତ ସତ୍ୟରେ ପୂର୍ଣ୍ଣ, ଓ 'ଋତମ୍' – ଜ୍ଞାନ ତଥା

ସତ୍ୟରେ ପୂର୍ଣ୍ଣ, ପ୍ରଭୃତି ହେଉଛନ୍ତି ଏହି ଚେତନାର ଗୁଣଧର୍ମ । ଦେବତାମାନଙ୍କର ଏହି ଚେତନା ଅଛି । ଯଥା, ଅଗ୍ନିଙ୍କୁ କୁହାଯାଏ ଋତଚିତ୍, ଅର୍ଥାତ୍ ଯିଏ ସତ୍ୟ ଚେତନା ସମ୍ପନ୍ନ । ମହୀ ହେଉଛନ୍ତି ଏହି ସତ୍ୟ ସୂର୍ଯ୍ୟଙ୍କ କିରଣମାଳାରେ ପରିପୂର୍ଣ୍ଣ; ସେ ନିଜ ମଧ୍ୟରେ ଏହି ଜ୍ଞାନଦୀପ୍ତି ବହନ କରନ୍ତି । ଆହୁରି ମଧ୍ୟ ସେ ହେଉଛନ୍ତି 'ସୂନୃତା', ଅର୍ଥାତ୍ ଆନନ୍ଦମୟ ସତ୍ୟର ବାକ୍, ଯେପରି ସରସ୍ୱତୀଙ୍କୁ କୁହାଯାଏ ''ଚୋଦୟିତ୍ରୀ ସୂନୃତାନାମ୍'', ଅର୍ଥାତ୍ ସେ ହେଉଛନ୍ତି ସୁଖମୟ ସତ୍ୟର ପ୍ରେରୟିତ୍ରୀ । ଶେଷରେ କୁହାଯାଇଛି, ସେ ''ବିରପ୍ଶୀ'' ଅର୍ଥାତ୍ ବୃହତୀ ବା ପ୍ରାଚୁର୍ଯ୍ୟମୟୀ ହୋଇ ଫୁଟି ଉଠନ୍ତି, ଏହି ଶବ୍ଦଟି ଆମକୁ ସ୍ମରଣ କରାଇଦିଏ ଯେ ସତ୍ୟ ମଧ୍ୟ ବୃହତ୍ – ''ଋତମ୍ ବୃହତ୍'' । ଅନ୍ୟ ଏକ ସୂକ୍ତରେ (ଋକ୍. ୧।୨୨।୧୦) ମଧ୍ୟ ମହୀଙ୍କୁ ''ବରୁତ୍ରୀ ଧୀଷଣା'', ଅର୍ଥାତ୍ ବିଶାଳଭାବେ ବେଷ୍ଟନ ତଥା ଆଲିଙ୍ଗନ କରି ରହିଥିବା ଧୀଶକ୍ତି ବୋଲି ବର୍ଣ୍ଣନା କରାଯାଇଛି । ତା'ହେଲେ ମହୀ ହେଲେ ସତ୍ୟର ଦୀପ୍ତିମୟ ବୃହତ୍ତ୍ୱ, ଅର୍ଥାତ୍ ସେ 'ବୃହତ୍'ର ପ୍ରତିନିଧି, ସେ ହେଉଛନ୍ତି ନିଜ ମଧ୍ୟରେ ସତ୍ୟକୁ ଧାରଣ କରିଥିବା ଅତିଚେତନା, 'ଋତମ୍' । ଏହି କାରଣରୁ ଯଜ୍ଞକର୍ତ୍ତାଙ୍କ ପାଇଁ ସେ ହେଉଛନ୍ତି ପକ୍ୱଫଳପୂର୍ଣ୍ଣ। ଏକ ବୃକ୍ଷଶାଖା ସଦୃଶ ।

ଇଳା ଶବ୍ଦର ଅର୍ଥ ମଧ୍ୟ ସତ୍ୟ ବଚନ; ପରବର୍ତ୍ତିକାଳରେ ବାକ୍‌ର ଧାରଣା ଆସି ମିଶିଯିବା ପରେ ତାଙ୍କ ନାମ ଏହା ସହିତ ସମାନ ହୋଇ ଯାଇଛି । ସରସ୍ୱତୀ ଯେପରି ମନର ସତ୍ୟ ଭାବନା ବା ସତ୍ୟ ସ୍ଥିତି ମଧ୍ୟକୁ ଚେତନାକୁ ଜାଗ୍ରତ୍ କରନ୍ତି : ''ଚେତନ୍ତୀ ସୁମତୀନାମ୍'', ସେହିପରି ଇଳା ମଧ୍ୟ ଚେତନାକୁ ଜ୍ଞାନରେ ପ୍ରବୁଦ୍ଧ କରି, ''ଚେତୟନ୍ତୀ'', ଯଜ୍ଞସ୍ଥଳକୁ ଆସନ୍ତି । ସେ ଶକ୍ତିମୟୀ, ସୁବୀରା, ଏବଂ ସେ ଜ୍ଞାନଦାୟିନୀ । ଇଳାଙ୍କ ସହ ଏକମନା ହୋଇ ସତ୍ୟାଲୋକର ପତି ସୂର୍ଯ୍ୟଙ୍କ କିରଣଗୁଡ଼ିକ ସହିତ ଶ୍ରମ କରିବାକୁ ସତ୍ୟ ସଙ୍କଳ୍ପର ଦେବ ଅଗ୍ନିଙ୍କୁ ଆବାହନ କରିବା ବେଳେ (ଋ. ୫।୪।୪) ଆମେ ଦେଖୁ ତାଙ୍କର ସୂର୍ଯ୍ୟାଙ୍କ ସହ ସମ୍ପର୍କ ରହିଛି । ''ଇଳୟା ସଜୋଷା ୟତମାନୋ ରଶ୍ମିଭିଃ ସୂର୍ଯସ୍ୟ'' । ସୂର୍ଯ୍ୟଙ୍କ ଗୋଯୂଥରୂପକ ଦିବ୍ୟ-ରଶ୍ମିମାନଙ୍କର ସେ ମାତା । ତାଙ୍କ ନାମର ଅର୍ଥ ହେଲା, ଯେ ଅନ୍ୱେଷଣ କରି ଇଷ୍ଟଲାଭ କରନ୍ତି, 'ଋତମ୍' ଓ 'ଋଷି' ଶବ୍ଦଗୁଡ଼ିକର ପଶ୍ଚାତରେ ଯେଉଁ ଭାବଗତ ସମ୍ପର୍କ ଥାଏ ଏଥିରେ ମଧ୍ୟ ସେ ସମ୍ପର୍କ ସନ୍ନିହିତ । ସୁତରାଂ ସତ୍ୟୋପଲବ୍ଧିଶୀଳ ଆର୍ଷଦୃଷ୍ଟି – ଇଳା ଶବ୍ଦର ପ୍ରକୃତ ଅର୍ଥ ।

ଅନ୍ତଃପ୍ରେରିତ-ବାଣୀ-ପ୍ରଦାୟିନୀ ସରସ୍ୱତୀ ଯେପରି ସତ୍ୟଶ୍ରବଣ, 'ଶ୍ରୁତି'ର ପ୍ରତୀକ, ସେହିପରି ଇଳା 'ଦୃଷ୍ଟି' ବା ସତ୍ୟ ଦର୍ଶନର ପ୍ରତୀକ । ଯଦି ଏହା ହୋଇଥାଏ, ଯେହେତୁ 'ଦୃଷ୍ଟି' ଓ 'ଶ୍ରୁତି' ହେଲେ ସତ୍ୟଦ୍ରଷ୍ଟା ଋଷି ବା କବିଙ୍କର ଦୁଇ ଶକ୍ତି, ତେବେ ଆମେ ବୁଝିପାରିବା, ଇଳା ଓ ସରସ୍ୱତୀଙ୍କ ମଧ୍ୟରେ ସମ୍ପର୍କ କାହିଁକି ଏତେ ଘନିଷ୍ଠ ।

ଭାରତୀ ବା ମହୀ ହେଲେ ଋତଚିତ୍‌ର ବିଶାଳତା, ଯେ କି ସୀମିତ ମାନବ ମନରେ ଉଦିତ ହୋଇ ମହାଶକ୍ତିର ଦୁଇ ଭଗିନୀଙ୍କୁ ନେଇ ଆସନ୍ତି । ଆଉ ମଧ୍ୟ ଆମେ ବୁଝିପାରିବା ଯେ ପରେ ବୈଦିକ ଜ୍ଞାନର ଅବନତି ଫଳରେ କିପରି ଏହିସବୁ ଭବ୍ୟ ଓ ଜୀବନ୍ତ ବୈଶିଷ୍ଟ୍ୟଗୁଡ଼ିକ ଅବହେଳିତ ହୋଇଗଲା ଏବଂ ଭାରତୀ, ସରସ୍ୱତୀ ଓ ଇଳା ମିଶି ଏକ ହୋଇଗଲେ ।

ଆହୁରି ମଧ୍ୟ ଆମର ଲକ୍ଷ୍ୟ କରିବାର କଥା, ଏ ତିନି ଦେବୀଙ୍କ ସମ୍ପର୍କରେ କୁହାଯାଇଛି ଯେ ଏମାନେ ମନୁଷ୍ୟ ପାଇଁ ଆନନ୍ଦ, 'ମୟସ୍' ଉତ୍ପାଦନ କରନ୍ତି । ବୈଦିକ ଋଷିମାନଙ୍କ ବିଚାର-ଅଭିବ୍ୟଞ୍ଜନାରେ ସତ୍ୟ ଓ ଆନନ୍ଦ ମଧ୍ୟରେ ଯେ ଏକ ଘନିଷ୍ଠ ସମ୍ପର୍କ ନିରନ୍ତର ଥିଲା ସେକଥା ପୂର୍ବରୁ ମୁଁ ବାରଂବାର ଜୋର୍ ଦେଇ କହିସାରିଛି । ମନୁଷ୍ୟ ମଧ୍ୟରେ ଯଥାର୍ଥ ବା ଅନନ୍ତ ଚେତନାର ଉଦୟ ଘଟିଲେ ସେ ଏଇ ଦୁଃଖଯନ୍ତ୍ରଣା ଭୋଗରୂପକ ଦୁଃସ୍ୱପ୍ନରୁ, ଏଇ ଦ୍ୱନ୍ଦ୍ୱମୟ ସୃଷ୍ଟିରୁ, ସେଇ ଆନନ୍ଦ ମଧ୍ୟକୁ ଉନ୍ନୀତ ହୁଏ । ସେଇ ଆନନ୍ଦମୟ ଅବସ୍ଥାକୁ ବେଦରେ ଭଦ୍ରମ୍, ମୟଃ (ପ୍ରେମ ଓ ଆନନ୍ଦ), ସ୍ୱସ୍ତି (ଅସ୍ତିତ୍ୱର ସଦବସ୍ଥା, ସୁସ୍ଥତା), ଏବଂ ଅନ୍ୟମାନେ ଏହାକୁ ଅପେକ୍ଷାକୃତ ଅଳ୍ପ ପାରିଭାଷିକ ଶବ୍ଦରେ, ଯଥା : ବାର୍ୟସ, ରୟିଃ, ରାୟଃ ପ୍ରଭୃତି ସାଧାରଣ ଶବ୍ଦରେ ବର୍ଣ୍ଣନା କରିଛନ୍ତି । ବୈଦିକ ଋଷିମାନଙ୍କ ପାଇଁ ''ସତ୍ୟ'' ହେଲା ଏକ ପଥ ଓ ମୁଖଶାଳା, ଦିବ୍ୟଜୀବନର ଆନନ୍ଦ ହେଉଛି ଲକ୍ଷ୍ୟ, ଅଥବା ଏହା ବି କୁହାଯାଇପାରେ ଯେ, ସତ୍ୟ ହେଉଛି ଭିତ୍ତି ଓ ଆନନ୍ଦ ହେଲା ଚରମ ପରିଣତି ।

ତା'ହେଲେ ଏସବୁ ହେଉଛି ଆତ୍ମିକ ତତ୍ତ୍ୱ ହିସାବରେ ସରସ୍ୱତୀଙ୍କ ବୈଶିଷ୍ଟ୍ୟ, ତାଙ୍କର ବିଶିଷ୍ଟ କାର୍ଯ୍ୟାବଳି ଏବଂ ଦେବତାମାନଙ୍କ ମଧ୍ୟରୁ ଯେଉଁମାନେ ତାଙ୍କର ଏକାନ୍ତ ନିକଟ ସମ୍ପର୍କୀୟ ସେମାନଙ୍କ ସହିତ ଥିବା ତାଙ୍କ ସମ୍ବନ୍ଧ । ଏକ ବୈଦିକ ନଦୀ ହିସାବରେ ତାଙ୍କର ଅନ୍ୟ ଛଅ ଭଗିନୀ ନିର୍ଝରିଣୀମାନଙ୍କ ସହିତ ରହିଥିବା ସମ୍ବନ୍ଧ ଉପରେ ଏସବୁ କେତେଦୂର ଆଲୋକପାତ କରୁଛି ? ଅନ୍ୟାନ୍ୟ ପ୍ରାଚୀନ ଜ୍ଞାନସମ୍ପ୍ରଦାୟ ପରି ବୈଦିକ ପରିକଳ୍ପନାରେ ମଧ୍ୟ ସପ୍ତ ସଂଖ୍ୟାର ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବେଦରେ ଏହାର ପୁନଃ ପୁନଃ ପ୍ରୟୋଗ ଆମେ ନିରବଚ୍ଛିନ୍ନ ଭାବେ ଦେଖୁ, ଯଥା : ସପ୍ତ ଆନନ୍ଦ — ''ସପ୍ତ ରତ୍ନ'', ଅଗ୍ନିଙ୍କର ସପ୍ତ ଶିଖା, ସପ୍ତ ଜିହ୍ୱା ବା ଜ୍ୱାଳା ବା କିରଣ,— ''ସପ୍ତ ଅର୍ଚିଷଃ, ସପ୍ତ ଜ୍ୱାଳାଃ''; ଚିନ୍ତାତତ୍ତ୍ୱର ସପ୍ତରୂପ, ''ସପ୍ତ ଧୀତୟଃ''; ସପ୍ତକିରଣ ବା ସପ୍ତ ଗୋ, ଅବଧା ଗୋ ଅର୍ଥାତ୍ ଦେବମାତା ଅଦିତିଙ୍କର ସପ୍ତରୂପ, ''ସପ୍ତ ଗାବଃ''; ସପ୍ତ ନଦୀ, ସପ୍ତ ମାତା ବା ପୋଷିକା ଗାଭୀ — ''ସପ୍ତ ମାତରଃ, ସପ୍ତ ଧେନବଃ''; ଏହିଭଳି ଏହି ସୂତ୍ରଟି କିରଣ ଓ ନଦୀ ଉଭୟ ସମ୍ବନ୍ଧରେ ସମାନ ଭାବରେ ପ୍ରୟୋଗ କରାଯାଏ । ମୋର ମନେ ହୁଏ ସୃଷ୍ଟିତତ୍ତ୍ୱ ବିଷୟରେ ବେଦରେ ଯେପରି କ୍ରମବିନ୍ୟାସ ରହିଛି ତା' ଉପରେ

ଏହି ସମାହାରାତ୍ମକ ସପ୍ତସଂଖ୍ୟାଗୁଡ଼ିକ ନିର୍ଭରଶୀଳ । ପ୍ରାଚୀନ ସଭ୍ୟ ଜାତିମାନଙ୍କ କଳ୍ପନାଶୀଳ ମନ ମଧ୍ୟରେ ଏହିସବୁ ତତ୍ତ୍ୱର ଅନୁଶୀଳନ ଏକ ବିଶେଷ ଆକର୍ଷଣୀୟ ବିଷୟ ଥିଲା ଏବଂ ଆମେ ଦେଖୁ, ଭାରତୀୟ ଦର୍ଶନରେ ଏହି ବିଷୟକ ନାନାବିଧ ପ୍ରଶ୍ନର ଉତ୍ତରସ୍ୱରୂପ ଏହାର ସଂଖ୍ୟା 'ଏକଂ ସତ୍'ଠାରୁ ଆରମ୍ଭ କରି ଉପରକୁ ବିଂଶାଧିକ ତତ୍ତ୍ୱ ପର୍ଯ୍ୟନ୍ତ ବଢ଼ି ବଢ଼ି ଯାଇଛି । ବୈଦିକ ଚିନ୍ତାରେ ନିର୍ବାଚିତ ସଂଖ୍ୟା ଆତ୍ମିକ 'ତତ୍ତ୍ୱ'ର ସଂଖ୍ୟା ଉପରେ ଆଧାରିତ ଥିଲା, କାରଣ ଋଷିମାନେ ସର୍ବଭୂତକୁ ଏକ ସଚେତନ ସତ୍ତାର ଗତି ବୋଲି ହୃଦୟଙ୍ଗମ କରିଥିଲେ । ଆଧୁନିକ ମାନସ ପକ୍ଷରେ ଏହି ପ୍ରକାର ଅନ୍ୱେଷଣା ଓ ଶ୍ରେଣୀ ବିଭାଜନଗୁଡ଼ିକ ଯେତେ ଅଦ୍ଭୁତ ବା ସାରଶୂନ୍ୟ ବୋଧ ହେଉ ନଥି ଏଗୁଡ଼ିକ କେବଳ ଶୁଷ୍କ ଦାର୍ଶନିକ ଭେଦ-ନିର୍ଣ୍ଣାୟକ-ବିଦ୍ୟା ନ ଥିଲା ବରଂ ଏଗୁଡ଼ିକ ଏକ ଜୀବନ୍ତ ଆତ୍ମିକ ସାଧନା ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ହୋଇ ରହିଥିଲା, ଯାହାକି ବହୁ ପରିମାଣରେ ସେହି ସାଧନାର ମାନସିକ ଭିତ୍ତି ହୋଇ ରହିଥିଲା, ଏବଂ ସେ ଯାହା ହେଉ, ଯଦି ଆମେ ଏହି ପ୍ରାଚୀନ ତଥା ସୁଦୂର ଅତୀତର ସାଧନା-ପଦ୍ଧତି ସମ୍ପର୍କରେ କୌଣସି ଯଥାଯଥ ଧାରଣା ପାଇବାକୁ ଚାହୁଁ, ତେବେ ଏଗୁଡ଼ିକୁ ଅବଶ୍ୟ ସ୍ପଷ୍ଟ ରୂପେ ବୁଝିବାକୁ ହେବ ।

ବେଦରେ ଏହି ତତ୍ତ୍ୱଗୁଡ଼ିକର ସଂଖ୍ୟାକୁ ଭିନ୍ନ ପ୍ରକାରେ ପ୍ରତିପାଦନ କରାଯାଇଛି । 'ଏକ'କୁ ଆଦି ସର୍ବାଧାରକ ବୋଲି ବିଚାର କରାଯାଇଛି । ଏହି 'ଏକ' ମଧ୍ୟରେ ଦ୍ୱୈତତତ୍ତ୍ୱ ଅଛି — ଦିବ୍ୟ ଓ ମାନବୀୟ, ମର୍ତ୍ତ୍ୟ ଓ ଅମର୍ତ୍ତ୍ୟ । ଏହି 'ଦୁଇ' ସଂଖ୍ୟାକୁ ପୁଣି ସ୍ୱର୍ଗ ଓ ପୃଥିବୀ, ମନ ଓ ଦେହ, ପୁରୁଷ ଓ ପ୍ରକୃତି ପ୍ରଭୃତି ଦ୍ୱିତତ୍ତ୍ୱୀୟ କ୍ଷେତ୍ରରେ ପ୍ରୟୋଗ କରାଯାଇଛି, ଯେଉଁଗୁଡ଼ିକ କି ସର୍ବଭୂତରେ ପିତା ଓ ମାତା ବୋଲି ବିବେଚନା କରାଯାଇଛି । ସେ ଯାହା ହେଉ, ଏହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ଯେ, ମାନସିକ ଓ ଭୌତିକ ଚେତନା ରୂପେ ଦୁଇ ପ୍ରାକୃତିକ ଶକ୍ତି ଯେତେବେଳେ ସ୍ୱର୍ଗ ଓ ମର୍ତ୍ତ୍ୟର ପ୍ରତୀକ ହୋଇ ଯାଆନ୍ତି ସେତେବେଳେ ଏ ଦୁହେଁ ଯଥାକ୍ରମେ ଜନକ-ଜନନୀ ନ ହୋଇ ବରଂ ଦୁଇ ଜନନୀ ହୋଇ ଉଠନ୍ତି । ଏହି ତ୍ରି-ତତ୍ତ୍ୱ ଉଭୟତଃ ପ୍ରତିପାଦିତ ହୋଇଛି, ପ୍ରଥମ ପକ୍ଷରେ ତ୍ରିବିଧ ଦିବ୍ୟତତ୍ତ୍ୱ ପରବର୍ତ୍ତୀ କାଳର 'ସଚ୍ଚିଦାନନ୍ଦ', ସତ୍ — ଦିବ୍ୟସ୍ଥିତି, ଚିତ୍ — ଦିବ୍ୟଚେତନା, ଆନନ୍ଦ — ଦିବ୍ୟ ଆନନ୍ଦ, ସହିତ ସମରୂପ; ଏବଂ ଦ୍ୱିତୀୟ ପକ୍ଷରେ ତ୍ରିବିଧ ଜାଗତିକ ତ୍ରିତତ୍ତ୍ୱ, ମନଃ-ତତ୍ତ୍ୱ, ପ୍ରାଣ-ତତ୍ତ୍ୱ ଓ ଦେହ-ତତ୍ତ୍ୱ, ଏବଂ ଏହାରି ଆଧାର ଉପରେ ବେଦ ଓ ପୁରାଣର ତ୍ରିଲୋକ ପରିକଳ୍ପନା ଗଢ଼ି ଉଠିଛି । କିନ୍ତୁ ସାଧାରଣତଃ ପୂର୍ଣ୍ଣ ସଂଖ୍ୟା ସାତ ବୋଲି ଧରା ଯାଇଛି । ଏଥିପାଇଁ ତିନି ଦିବ୍ୟତତ୍ତ୍ୱ ସହିତ ତିନି ଜାଗତିକ ତତ୍ତ୍ୱ ଯୋଗକରି ତା' ସହିତ ଅନ୍ତଃପ୍ରବିଷ୍ଟ ଏକ ସପ୍ତମ ତତ୍ତ୍ୱ ଅର୍ଥାତ୍ ଅନ୍ୟ ଏକ ସଂଯୋଜକ ତତ୍ତ୍ୱ — **ସତ୍ୟ ଚେତନା** ବା **ଋତମ୍, ବୃହତ୍** — ଯାହା ପରବର୍ତ୍ତୀ ସମୟରେ 'ବିଜ୍ଞାନ' ବା 'ମହଃ' ବୋଲି ଜ୍ଞାତ,

ତାହାକୁ ଯୋଗ କରି ଏହି ସାତ ସଂଖ୍ୟା ଗଠିତ ହୋଇଛି । ଏହି ଶେଷ ସଂଜ୍ଞାର ଅର୍ଥ 'ମହତ୍', ସୁତରାଂ ଏହା 'ବୃହତ୍'ର ସମାର୍ଥକ । ଆହୁରି କେତେକ ଶ୍ରେଣୀବିଭାଗ ଅଛି ବୋଲି ମନେହୁଏ – ଯଥା : ପଞ୍ଚ, ଅଷ୍ଟ, ନବ, ଦଶ, ଏପରିକି ମନେହୁଏ ଦ୍ୱାଦଶ ଇତ୍ୟାଦି; କିନ୍ତୁ ଏଗୁଡ଼ିକ ବର୍ତ୍ତମାନର ପ୍ରତିପାଦ୍ୟ ବିଷୟ ସହ ସମ୍ବନ୍ଧିତ ନୁହେଁ ।

ଲକ୍ଷ୍ୟ କରିବାର କଥା ଯେ, ଏ ସମସ୍ତ ତତ୍ତ୍ୱ ବାସ୍ତବରେ ପରସ୍ପର ଅବିଭାଜ୍ୟ ଓ ସର୍ବତ୍ର ବିଦ୍ୟମାନ ବୋଲି ଗୃହୀତ ଏବଂ ସେହି କାରଣରୁ ବ୍ୟକ୍ତ ପ୍ରକୃତିର ପ୍ରତ୍ୟେକ ପୃଥକ୍ ରୂପର କ୍ଷେତ୍ରରେ ସେଗୁଡ଼ିକର ପ୍ରୟୋଗ କରାଯାଏ । ଉଦାହରଣ ସ୍ୱରୂପ, ସପ୍ତ ସ୍ତରକୁ ଆମେ ଯେଉଁ ନାମରେ ଜାଣୁ ସେ ଲୋକଗୁଡ଼ିକରେ ନିଜକୁ ବିନିଯୁକ୍ତ କରିଥିବା ସପ୍ତ ଚିନ୍ତାତତ୍ତ୍ୱ (ସପ୍ତ ଧୀତୟଃ) ଏବଂ ଯଦି ଆମେ ସେମାନଙ୍କ ନାମ ଦେଇପାରୁ, ଏପରି ହୋଇପାରେ – ସୃଜନଶୀଳ ଭୌତିକ ମନ, ପ୍ରାଣିକ ମନ, ଶୁଦ୍ଧ ମନ, ଯଥାର୍ଥ ମନ ତଥା ଏହିପରି ଊର୍ଦ୍ଧ୍ୱକୁ ଗଲେ ଆମେ ପାଇବୁ ସର୍ବୋଚ୍ଚ ଶିଖର – ''ପରମା ପରାବତ୍'' । ସପ୍ତକିରଣ ବା 'ଗୋ' ହେଉଛନ୍ତି 'ଅଦିତି', ଅନନ୍ତା ମାତା, ସେ ଅବଧା ଗାଭୀ, ପରମା ପ୍ରକୃତି ବା ଅନନ୍ତ ଚେତନା, ପରବର୍ତ୍ତୀ କାଳର ପରିକଳ୍ପନାର 'ପ୍ରକୃତି' ବା 'ଶକ୍ତି' ଧାରଣାର ଆଦି ଉତ୍ସ – ଆଦି କାଳର ଏହି ପଶୁପାଳନ ରୂପକରେ 'ପୁରୁଷ' ହେଉଛନ୍ତି 'ବୃଷଭ' – ସେଇ ଅଦିତିହିଁ ସର୍ବଭୂତର ଆଦିମାତା, ଜଗତ୍ କ୍ରିୟାବଳିର ସପ୍ତଲୋକରେ ସଚେତନ ସତ୍ତାର ଶକ୍ତିସାମର୍ଥ୍ୟ ରୂପେ ସେ ରୂପ ଗ୍ରହଣ କରୁଛନ୍ତି । ସେହିପରି ମଧ୍ୟ, ସପ୍ତ ନଦୀ ହେଲେ ସତ୍ତାସମୁଦ୍ରର ସପ୍ତବିଧ ଉପାଦାନର ଅନୁରୂପ ସପ୍ତ ସଚେତନ-ସ୍ରୋତ ଏବଂ ପୁରାଣରେ ଏହାକୁ ସୂତ୍ରବଦ୍ଧ ସପ୍ତଲୋକ ରୂପେ ଗଣନା କରି ଆମ ସମ୍ମୁଖରେ ଉପସ୍ଥାପନ କରାଯାଇଛି । ସମସ୍ତ କାର୍ଯ୍ୟକଳାପର ମୂଳ ଉପାଦାନ ରୂପେ ମାନବ ଚେତନା ମଧ୍ୟରେ ସେମାନେ ପୂର୍ଣ୍ଣ ରୂପେ ପ୍ରବାହିତ, ସେମାନେ ତା'ର ସାର ସତ୍ତାର ପୂର୍ଣ୍ଣ ସମ୍ପଦ, ତା'ର ଶକ୍ତିର ପୂର୍ଣ୍ଣ ବିଳାସ । ବୈଦିକ ରୂପକ ଅନୁସାରେ, ତାଙ୍କର ଗାଭୀମାନେ ସପ୍ତ ନଦୀର ଜଳପାନ କରନ୍ତି ।

ଏଭଳି ଏକ ରୂପକଳ୍ପକୁ ଗ୍ରହଣ କରିନେବା ଉପରେ ଯଦି ପ୍ରଶ୍ନ ଉଠେ, ଏହା ସ୍ପଷ୍ଟ ଯେ ଯଦି ଏଭଳି ଏକ ରୂପକଳ୍ପ ଦିନେ ତିଷ୍ଠି ପାରିଥିଲା ତେବେ ପ୍ରାଚୀନ ଆର୍ଯ୍ୟମାନଙ୍କ ପରି ଜୀବନ ଯାପନ କରୁଥିବା ଏବଂ ସେହି ପରିସରରେ ନିବାସ କରୁଥିବା ଲୋକମାନଙ୍କ ପାଇଁ ଏହି ରୂପକଳ୍ପ ସ୍ୱାଭାବିକ ଲାଗିପାରେ, – 'ଥିଓସଫି'ବିଦ୍ୟାରେ ଲୋକସଂସ୍ଥାନ ('Planes')ର ଚିତ୍ର ଯେପରି ଆମଠାରେ ଅତି ପରିଚିତ ହୋଇପାରିଛି ଠିକ୍ ସେଇପରି ସେମାନଙ୍କ ପାଇଁ ଏହା ଏକେବାରେ ସ୍ୱାଭାବିକ ଓ ଅନିବାର୍ଯ୍ୟ,– ଏହିଭାବେ ସପ୍ତନଦୀ ମଧ୍ୟରେ ସରସ୍ୱତୀଙ୍କର ଅବସ୍ଥିତି-ବିଷୟକ ପ୍ରଶ୍ନ ସ୍ପଷ୍ଟ ହୋଇଯାଏ । ସେ ହେଉଛନ୍ତି ଏକ

ପ୍ରବହନୀ, ଯିଏ ସତ୍ୟତତ୍ତ୍ୱ ''ଋତ'' ବା ମହସ୍ ମଧ୍ୟରୁ ନିଃସୃତ । ଏବଂ ଏଠାରେ ଆମ ଦ୍ୱାରା ଆଲୋଚ୍ୟମାନ ବେଦର ତୃତୀୟ ସୂକ୍ତର ଅନ୍ତିମ ଚରଣରେ ଏହାର ପ୍ରକୃତ ତତ୍ତ୍ୱ ଆମେ ଦେଖିବାକୁ ପାଉ, ଉଦାହରଣ ସ୍ୱରୂପ ସେ ହେଉଛନ୍ତି ''ମହୋଦଙ୍କ'' – ''ମହୋ ଅର୍ଣଃ'' – ଏହି ଉକ୍ତିହିଁ ଆମକୁ ପରବର୍ତ୍ତୀ କାଳର ସଂଜ୍ଞା ''ମହସ୍'' ଅଥବା କଦାଚିତ୍ ପ୍ରଯୁକ୍ତ ''ମହାନ୍ ଅର୍ଣବଃ'' ଶବ୍ଦର ମୂଳ ଉତ୍ସ ଦେଖାଇ ଦିଏ । ମହୋଦଙ୍କ ସହିତ ସରସ୍ୱତୀଙ୍କର କିପରି ଘନିଷ୍ଠ ସମ୍ପର୍କ ଅଛି ତାହା ଏହି ତୃତୀୟ ସୂକ୍ତରେ ଦେଖିବାକୁ ମିଳେ । ବୈଦିକ 'ଗୋ'ର ଅର୍ଥ କ'ଣ ଏବଂ ଇନ୍ଦ୍ର ଦେବ ଓ ସରସ୍ୱତୀଙ୍କର ଆତ୍ମୀୟା ଦେବୀ ସରମାଙ୍କ ସହିତ 'ଗୋ'ର କି ସମ୍ପର୍କ ରହିଛି, ତାହା ବିଚାର କରିବାକୁ ଅଗ୍ରସର ହେବା ପୂର୍ବରୁ ଆମେ ଏଇ ସମ୍ପର୍କ ସୂତ୍ରଟିକୁ ଆହୁରି ନିକଟରୁ ପରୀକ୍ଷା କରି ଦେଖିବା । ପ୍ରଥମେ ଏଇ ସମସ୍ତ ସମ୍ପର୍କର ସଂଜ୍ଞାନିର୍ଣ୍ଣୟ ଆବଶ୍ୟକ, ଯଥା : ମଧୁଚ୍ଛନ୍ଦାଙ୍କ ଅନ୍ୟ ଯେଉଁସବୁ ମନ୍ତ୍ରରେ ମହାନ୍ ବୈଦିକ ଦେବତା ''ଦିବସ୍ପତି'' (ସ୍ୱର୍ଗ ପତି) ଇନ୍ଦ୍ରଙ୍କ ବିଷୟରେ ଉଲ୍ଲେଖ କରାଯାଇଛି ଓ ସେହି ଦେବତା, ଆମ ସତ୍ୟ-କଳ୍ପନାରେ ହେଉଛନ୍ତି ମନଃଶକ୍ତିର ପ୍ରତୀକ, ବିଶେଷତଃ ମନୁଷ୍ୟ ମଧ୍ୟରେ ଦିବ୍ୟ ବା ସ୍ୱୟଂ ଦୀପ୍ତ ମନର ପ୍ରତୀକ ।

ଦଶମ ଅଧ୍ୟାୟ

ସମୁଦ୍ର ଓ ନଦୀମାନଙ୍କ ରୂପକଳ୍ପ

ମଧୁଚ୍ଛନ୍ଦାଙ୍କ ତୃତୀୟ ସୂକ୍ତରେ ଯେଉଁ ମନ୍ତ୍ରତ୍ରୟରେ ସରସ୍ୱତୀଙ୍କୁ ଆବାହନ କରାଯାଇଛି ସେଗୁଡ଼ିକ ଏହି ପ୍ରକାର : —

ପାବକା ନଃ ସରସ୍ୱତୀ ବାଜେଭିର୍ବାଜିନୀବତୀ
ୟଜ୍ଞଂ ବଷ୍ଟୁ ଧିୟାବସୁଃ ॥
ଚୋଦୟିତ୍ରୀ ସୂନୃତାନାଂ ଚେତନ୍ତୀ ସୁମତୀନାମ୍ ।
ୟଜ୍ଞଂ ଦଧେ ସରସ୍ୱତୀ ॥
ମହୋ ଅର୍ଣଃ ସରସ୍ୱତୀ ପ୍ର ଚେତୟତି କେତୁନା ।
ଧିୟୋ ବିଶ୍ୱା ବି ରାଜତି ॥

(ଋ. ୧।୩।୧୦-୧୨)

ସତ୍ୟର ଯେଉଁ ଶକ୍ତିକୁ ଆମେ ଅନ୍ତଃପ୍ରେରଣା ବୋଲି କହୁ ତାହାହିଁ ସରସ୍ୱତୀ — ଏକଥା ଜାଣିଲେ ପ୍ରଥମ ଦୁଇଟି ଋକ୍‌ର ଅର୍ଥ ବେଶ୍ ସ୍ପଷ୍ଟ ହୋଇଯାଏ । ସତ୍ୟରୁ ଉତ୍‌ଥିତ ଅନ୍ତଃପ୍ରେରଣା ଆମକୁ ଅନୃତରୁ ମୁକ୍ତକରି ଶୁଦ୍ଧ କରେ, କାରଣ, ଭାରତୀୟ ଚିନ୍ତାଧାରାରେ ସମସ୍ତ ପାପ, ଅର୍ଥାତ୍ ଅନୁଚିତ ରୂପେ ପ୍ରେରିତ ଭାବାବେଗ, ଅନୁଚିତ ରୂପେ ପ୍ରଚୋଦିତ ସଙ୍କଳ୍ପ ଓ କର୍ମକୁହିଁ ମିଥ୍ୟା କୁହାଯାଏ । ଜୀବନ ତଥା ନିଜ ବିଷୟରେ ଥିବା ଯେଉଁ କେନ୍ଦ୍ରୀୟ ବିଚାରଧାରାକୁ ଆଶ୍ରୟ କରି ଆମେ ଆମର ଯାତ୍ରାରମ୍ଭ କରୁ ତାହା ମିଥ୍ୟା ହୋଇଥିବାରୁ ଏହାର ଅନ୍ୟସବୁକୁ ବି ଏହା ମିଥ୍ୟା କରିଦିଏ । ଆମ ଚିନ୍ତାଧାରାର ପରିବର୍ତ୍ତନ ଆଣିବାକୁ ଆମକୁ ବାଧକରି ଓ ଆମ ପରିପାର୍ଶ୍ୱସ୍ଥ ସକଳ ବିଷୟରେ ଏକ ନୂତନ ଅବବୋଧ ଜାଗ୍ରତ୍ କରି ଏକ ଆଲୋକ ରୂପେ, ଏକ ବାଣୀ ରୂପେ, ସତ୍ୟ ଆଗମନ କରେ । ସତ୍ୟ ଚିନ୍ତାରୁ ସତ୍ୟଦୃଷ୍ଟି ଗଢ଼ି ଉଠେ, ସତ୍ୟଦୃଷ୍ଟି ମଧ୍ୟରୁ ଆମ ମଧ୍ୟରେ ସତ୍ତାଗତ ସତ୍ୟ ଗଠିତ ହୁଏ ଏବଂ ସତ୍ତାର ସତ୍ୟ (ସତ୍ୟମ୍) ସ୍ୱାଭାବିକ ରୂପେ ଆମ ମଧ୍ୟରେ ସତ୍ୟ ଭାବାବେଗ, ସତ୍ୟ ସଙ୍କଳ୍ପ ଓ ସତ୍ୟ କ୍ରିୟାର ପ୍ରବାହ ସୃଷ୍ଟି କରିଥାଏ । ବସ୍ତୁତଃ ଏହାହିଁ ବେଦର କେନ୍ଦ୍ରୀୟ ଆଶୟ ।

ଅନ୍ତଃପ୍ରେରଣାରୂପିଣୀ ସରସ୍ୱତୀ ତାଙ୍କର ଦୀପ୍ତ ଜ୍ଞାନ-ପ୍ରାଚୁର୍ଯ୍ୟରେ ପୂର୍ଣ୍ଣା ଓ ଧୀ-ଉପାଦାନରେ ସମୃଦ୍ଧା । ସେ ଯଜ୍ଞକୁ ଧାରଣ କରନ୍ତି, ଅର୍ଥାତ୍ ମର୍ତ୍ତ୍ୟ ମନୁଷ୍ୟର ଚେତନାକୁ

ଜାଗ୍ରତ୍ କରି ତା' ସତ୍ତାର କ୍ରିୟା ସମୂହକୁ ଭଗବାନଙ୍କ ନିକଟରେ ନିବେଦନ କରନ୍ତି, ଯାହାଫଳରେ ଏହି ଚେତନା ସତ୍ୟାନୁସାରୀ ଭାବାବେଗର ସଠିକ ଅବସ୍ଥା ଏବଂ ଚିନ୍ତନର ସଠିକ ଗତିବୃତ୍ତି ଲାଭ କରିପାରେ । ଏହି ସତ୍ୟ ମଧ୍ୟରୁ ସେ ତାଙ୍କର ଜ୍ଞାନଜ୍ୟୋତିଃ ବର୍ଷଣ କରନ୍ତି । ଏହାର ଫଳ ସ୍ୱରୂପ ଚେତନା ମଧ୍ୟରେ ଏହି ସମସ୍ତ ସତ୍ୟର ଉଦୟକୁ ସେ ପ୍ରଚୋଦିତ କରନ୍ତି । ଏବଂ ଏହି ସତ୍ୟଗୁଡ଼ିକହିଁ ଜୀବନ ଓ ସତ୍ତାକୁ ମିଥ୍ୟା, ଦୁର୍ବଳତା ଓ ସସୀମତାରୁ ମୁକ୍ତ କରି ତା' ନିକଟରେ ପରମ ଆନନ୍ଦର ଦ୍ୱାରକୁ ଉନ୍ମୁକ୍ତ କରିଦିଅନ୍ତି ବୋଲି ବୈଦିକ ଋଷିମାନଙ୍କର ମତ ।

ଏହି ନିତ୍ୟଜାଗୃତି (ଚେତନା) ଓ ପ୍ରେରଣା (ଚୋଦନା)କୁ ଗୋଟିଏ ଶବ୍ଦ ମଧ୍ୟରେ 'କେତୁ' ବା ବୋଧ ଶକ୍ତିରେ ସଂଗ୍ରଥିତ କରି ବିଷୟବସ୍ତୁଗୁଡ଼ିକ ସମ୍ବନ୍ଧରେ ଥିବା ମାନୁଷୀ ମିଥ୍ୟା ମର୍ତ୍ତ୍ୟଦୃଷ୍ଟିଠାରୁ ଏହି ଦୃଷ୍ଟିର କି ପାର୍ଥକ୍ୟ ଅଛି ତାହା ବୁଝାଇବା ପାଇଁ ସମୟେ ସମୟେ ଏହାକୁ ଦିବ୍ୟବୋଧ ''ଦୈବ୍ୟ କେତୁ'' ବୋଲି କୁହାଯାଇଛି – ସରସ୍ୱତୀ ମାନବସତ୍ତାର ସକ୍ରିୟ ଚେତନା ମଧ୍ୟରେ ସେହି ମହାପ୍ଲାବନ ବା ଗତି, ଅର୍ଥାତ୍ ଋତଚିତ୍‌କୁହିଁ ଆଣିଦେଇ ତାହାରି ଦ୍ୱାରା ଆମର ସମସ୍ତ ଚିନ୍ତାକୁ ଦୀପ୍ତିମୟ କରି ଦିଅନ୍ତି । ଆମକୁ ସ୍ମରଣ ରଖିବାକୁ ହେବ ଯେ ବୈଦିକ ଋଷିମାନଙ୍କର ଏହି ଋତଚିତ୍ ହେଉଛି ଅତିମାନସର ଏକ ସ୍ତର ଓ ଏହା ଆମ ସତ୍ତା-ଅଦ୍ରିର ଏକ ସାନୁ (ଅଦ୍ରେଃ ସାନୁ), ଯେଉଁଠାରେ ପହଞ୍ଚିବା ଆମ ପକ୍ଷେ ସାଧାରଣତଃ ସହଜ ନୁହେଁ, କିନ୍ତୁ ତାହାକୁ ଆରୋହଣ କରିବାକୁ ଆମକୁ କଠିନ ପ୍ରୟାସ କରିବାକୁ ହେବ । ଏହା ଆମ ଜାଗ୍ରତ୍ ସତ୍ତାର କୌଣସି ଅଂଶ ନୁହେଁ, ଅତିଚେତନାର ସୁଷୁପ୍ତି ମଧ୍ୟରେ ଆମଠାରୁ ଏହା ପ୍ରଚ୍ଛନ୍ନ ହୋଇ ରହିଛି । ତା'ହେଲେ ଆମେ ବର୍ତ୍ତମାନ ବୁଝିପାରିବା ଅନ୍ତଃପ୍ରେରଣାର ନିରନ୍ତର କ୍ରିୟା ଦ୍ୱାରା ଆମ ଚିନ୍ତା ମଧ୍ୟରେ ଥିବା ଚେତନା ପ୍ରତି ପରମ ସତ୍ୟକୁ ସରସ୍ୱତୀ ଜାଗ୍ରତ୍ କରୁଛନ୍ତି ବୋଲି ମଧୁଚ୍ଛନ୍ଦା ଯାହା କହିଛନ୍ତି ତା'ର ଅର୍ଥ କ'ଣ ।

କିନ୍ତୁ ଏହି ପଙ୍‌କ୍ତିଟି କେବଳ ବ୍ୟାକରଣ ନିୟମ ଭିତ୍ତିରେ ଯେତେଦୂର ସମ୍ଭବ ବେଶ୍ ଭିନ୍ନ ପ୍ରକାରେ ଅନୂଦିତ ହୋଇପାରେ; ''ମହୋ ଅର୍ଣ''କୁ ସରସ୍ୱତୀଙ୍କ ସମାନାଧିକରଣ ରୂପେ ଆମେ ଗ୍ରହଣ କରି ଋକ୍‌ଟିକୁ ଏହିପରି ଅନୁବାଦ କରିପାରୁ – ''ମହାସରିତ୍ ସରସ୍ୱତୀ ଆମକୁ ବୋଧ ଦ୍ୱାରା ଜ୍ଞାନରେ ପ୍ରବୁଦ୍ଧ କରନ୍ତି ଏବଂ ଆମର ସମସ୍ତ ଭାବନାରେ ସେ ଭାସ୍ୱରା ହୋଇଉଠନ୍ତି ।'' ମନେହୁଏ ସାୟଣାଚାର୍ଯ୍ୟ ମଧ୍ୟ ଏହାର ଏହି ଅର୍ଥ ବୁଝିଛନ୍ତି, ଆମେ ଯଦି ଏହି ''ମହାସରିତ୍'' ଅର୍ଥକୁ ପଞ୍ଜାବର କୌଣସି ପାର୍ଥିବ ନଦୀ ବୋଲି ବୁଝୁ ତେବେ ଆମେ ଏପରି ଏକ ଖାପଛଡ଼ା ଚିନ୍ତା ଓ ଅଭିବ୍ୟକ୍ତିର ସମ୍ମୁଖୀନ ହେବା, ଯାହା ଦୁଃ-ସ୍ୱପ୍ନ ବା ପାଗଳଖାନା ଛଡ଼ା ଅନ୍ୟତ୍ର ଅସମ୍ଭବ । ତେବେ ମନେ

କରାଯାଇପାରେ ଯେ ଏହାର ଅର୍ଥ ଅନ୍ତଃପ୍ରେରଣାର ଏକ ମହାପ୍ଲାବନ, କିନ୍ତୁ ଏହା ସହିତ ରତଚିର୍ ଭଳି ମହାସାଗରର କୌଣସି ସଙ୍କେତ ନାହିଁ । ଯାହା ବି ହେଉ, ଅନ୍ୟତ୍ର ପୁନଃ ପୁନଃ ସୂଚିତ କରାଯାଇଛି ଯେ ଦେବତାମାନେ ମହାପ୍ଲାବନର ବିଶାଳ ଶକ୍ତି ଦ୍ୱାରା କାର୍ଯ୍ୟ କରନ୍ତି – ''ମହ୍ନା ମହତୋ ଅର୍ଣବସ୍ୟ ।'' (ଋ. ୧୦।୬୭।୧୨) ଏବଂ ଏସବୁ କ୍ଷେତ୍ରରେ ସରସ୍ୱତୀଙ୍କର କୌଣସି ଉଲ୍ଲେଖ ନ ଥିବାରୁ ଏଠାରେ ସରସ୍ୱତୀ ବୋଲି ଅର୍ଥ କରିବା ଅପ୍ରାସଙ୍ଗିକ । ଏକଥା ସତ୍ୟ ଯେ ବୈଦିକ ରଚନାରେ ସରସ୍ୱତୀଙ୍କୁ ଇନ୍ଦ୍ରଙ୍କର ଗୁପ୍ତ ଶକ୍ତି ବୋଲି କୁହାଯାଇଛି – ଏହି ପ୍ରୟୋଗରେ ଲକ୍ଷ୍ୟ କରିବାର କଥା ଯେ, ଯଦି ସରସ୍ୱତୀ କେବଳ ଉତ୍ତରାଞ୍ଚଳର ଏକ ନଦୀ ଏବଂ ଇନ୍ଦ୍ର କେବଳ ଆକାଶର ଦେବତା ହୁଅନ୍ତି ତା'ହେଲେ ଉକ୍ତ ବାକ୍ୟର କୌଣସି ଅର୍ଥ ନାହିଁ । କିନ୍ତୁ ଇନ୍ଦ୍ର ଯଦି ଦୀପ୍ତ ମାନସ ଏବଂ ସରସ୍ୱତୀ ଯଦି ଅତିମାନସିକ ସତ୍ୟର ଗୁପ୍ତ ଲୋକରୁ ଉଦ୍ଭୂତା ଆନ୍ତର ପ୍ରେରଣା ହୁଅନ୍ତି ତେବେ ଏହାର ଏକ ହୃଦୟସ୍ପର୍ଶୀ ତାତ୍ପର୍ଯ୍ୟ ରହିଛି । କିନ୍ତୁ ଯଦି ଆମେ ''ମହ୍ନା ମହତୋ ଅର୍ଣବସ୍ୟ''ର ସରସ୍ୱତୀଙ୍କ ମହିମା ବୋଲି ଅର୍ଥ ନ କରୁ ତେବେ ଅନ୍ୟ ଦେବତାଙ୍କ ତୁଳନାରେ ସରସ୍ୱତୀଙ୍କୁ ଏତେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେବା ଅସମ୍ଭବ ହେବ । ବାରଂବାର କୁହାଯାଇଛି, ଦେବତାମାନେ ସତ୍ୟଶକ୍ତି ଦ୍ୱାରା, ''ଋତେନ'', କାର୍ଯ୍ୟ କରନ୍ତି, କିନ୍ତୁ ସରସ୍ୱତୀ ହେଉଛନ୍ତି ସତ୍ୟର ଦେବତାମାନଙ୍କ ମଧ୍ୟରୁ ଜଣେ, ଏକଥା ନୁହେଁ ଯେ ସେ ସେମାନଙ୍କ ମଧ୍ୟରେ ପ୍ରଧାନ ବା ସର୍ବବ୍ୟାପିନୀ । ସୁତରାଂ ''ମହୋ ଅର୍ଣ''ର ମୁଁ ଯେଉଁ ଅର୍ଥ କରିଛି ତାହା ବେଦର ଅନ୍ୟାନ୍ୟ ସୂକ୍ତରେ ପ୍ରଯୁକ୍ତ ବାକ୍ୟାଂଶ ସହିତ ସଙ୍ଗତି ରକ୍ଷା କରୁଥିବା ଏକମାତ୍ର ତାତ୍ପର୍ଯ୍ୟାର୍ଥ ।

ଏହି ସୂକ୍ତାଂଶରୁ ପ୍ରାପ୍ତ ସୈଦ୍ଧାନ୍ତିକ ତଥ୍ୟର ଆଧାରରେ ଆସ ଆମେ ନିଃସନ୍ଦିଗ୍ଧଭାବେ ବୁଝିବାକୁ ଆରମ୍ଭ କରିବା ଯେ ଏହି ମହାସ୍ରୋତସ୍ୱିନୀ ହେଉଛନ୍ତି ସ୍ୱୟଂ ସରସ୍ୱତୀ କିଂବା ମହାସିନ୍ଧୁ; – ବୈଦିକ ଋଷିମାନେ ଜଳକୁ, ତାହା ନଦୀ ବା ସମୁଦ୍ର ହେଉ, ଏକ ଆଳଂକାରିକ ଅର୍ଥରେ ଓ ଆତ୍ମିକ ପ୍ରତୀକ ରୂପେ ବ୍ୟବହାର କରିଛନ୍ତି, ଏବଂ ଦେଖାଯାଉ ଏହା ଆମକୁ କେତେ ଆଗକୁ ନେଇଯାଇ ପାରୁଛି । ଆମେ ପ୍ରଥମରୁ ଲକ୍ଷ୍ୟ କରିପାରିବା ଯେ ହିନ୍ଦୁ ରଚନା ସମୂହରେ, ବେଦ, ପୁରାଣ ଏପରିକି ଦାର୍ଶନିକ ଯୁକ୍ତିଧାରା ଓ ଦୃଷ୍ଟାନ୍ତଗୁଡ଼ିକରେ ସତ୍ତାକୁ ସର୍ବଦା ସାଗର ବୋଲି କୁହାଯାଇଛି । ବେଦରେ ଦୁଇଟି ସମୁଦ୍ରର କଥା ଉଲ୍ଲେଖ ଅଛି – ଗୋଟିଏ ଊର୍ଦ୍ଧ୍ୱସ୍ଥ ଓ ଅନ୍ୟଟି ଅଧଃସ୍ଥ । ଅଧଃସ୍ଥ ଅବଚେତନ ମହାସମୁଦ୍ର ଅନ୍ଧକାରମୟ ଓ ଅଭିବ୍ୟକ୍ତି-ରହିତ, ଊର୍ଦ୍ଧ୍ୱସ୍ଥ ଅତିଚେତନ ମହାସିନ୍ଧୁ ଜ୍ୟୋତିର୍ମୟ ଓ ଚିର ଅଭିବ୍ୟକ୍ତ ଅଥଚ ମାନବ ମନର ବହୁ ଊର୍ଦ୍ଧ୍ୱରେ । ଚତୁର୍ଥ ମଣ୍ଡଳର ଶେଷ ସୂକ୍ତରେ ଋଷି ବାମଦେବ ଏହି ଉଭୟ ଜଳଧି ବିଷୟରେ କହିଛନ୍ତି । ତାଙ୍କର ଉକ୍ତି ହେଲା – ମହାସିନ୍ଧୁରୁ

ଗୋଟିଏ ମଧୁମୟ ତରଙ୍ଗ ଉର୍ଦ୍ଧ୍ୱକୁ ଆରୋହଣ କରେ ଏବଂ ସୋମରୂପୀ (ଅଂଶୁ) ଏହି ତରଙ୍ଗର ଆରୋହଣ ମାଧ୍ୟମରେ ଜଣେ ପୂର୍ଣ୍ଣ ରୂପେ ଅମୃତତ୍ୱ ଲାଭ କରେ; ସେହି ତରଙ୍ଗ ବା ସୋମ ଶୁଦ୍ଧତାର (ଘୃତସ୍ୟ,— ପ୍ରତୀକାତ୍ମକ ଘୃତ) ଗୁପ୍ତ ନାମ; ଏହା ଦେବତାମାନଙ୍କର ଜିହ୍ୱା; ଅମୃତତ୍ୱର ନାଭି ।

ସମୁଦ୍ରାଦୂର୍ମିର୍ମଧୁମାଁ। ଉଦାରଦ୍ ଉପାଂଶୁନା ସମମୃତତ୍ୱମାନଟ୍ ।
ଘୃତସ୍ୟ ନାମ ଗୁହ୍ୟଂ ଯଦସ୍ତି ଜିହ୍ୱା ଦେବାନାମମୃତସ୍ୟ ନାଭିଃ ॥
(ଋ. ୪।୫୮।୧)

ମୋ। ବୁଝିବାରେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଋକ୍‌ରେ ଅନ୍ତତଃ ସମୁଦ୍ର, ମଧୁ, ସୋମ ଓ ଘୃତପ୍ରଭୃତି ଆତ୍ମିକ ତତ୍ତ୍ୱର ପ୍ରତୀକ ଅଟନ୍ତି । ଭାରତ ମହାସାଗର ବା ବଙ୍ଗୋପସାଗରର ଲବାଣାକ୍ତ ଜଳରୁ, ଏପରିକି ସିନ୍ଧୁ ବା ଗଙ୍ଗା ନଦୀର ମଧୁର ଜଳରୁ ଯେ ମଦ୍ୟର ଗୋଟିଏ ତରଙ୍ଗ ବା ପ୍ଲାବନ ଉଠି ଆସିଲା ଏବଂ ଆସବ ହେଉଛି ଘୃତର ଅନ୍ୟ ଏକ ଗୁପ୍ତ ନାମ, ଏକଥା ନିଶ୍ଚିତ ରୂପେ ଋଷି ବାମଦେବ କହିବାକୁ ଚାହିଁ ନାହାନ୍ତି । ସ୍ପଷ୍ଟତଃ ତାଙ୍କ କହିବାର ଉଦ୍ଦେଶ୍ୟ ହେଲା — ଆମ ମଧ୍ୟରେ ଥିବା ଅବଚେତନାର ଗଭୀର ତଳରୁ ଆନନ୍ଦର ଏକ ମଧୁମୟ ତରଙ୍ଗ ଅର୍ଥାତ୍ ଅସ୍ତିତ୍ୱର ଶୁଦ୍ଧ ଆନନ୍ଦ ଉଠିଆସେ ଏବଂ ଏହି ଆନନ୍ଦ ଦ୍ୱାରା ଆମେ ଅମୃତତ୍ୱ ଲାଭ କରୁ; ଏହି ଆନନ୍ଦ ହେଉଛି ଦୀପ୍ତ ଶୁଦ୍ଧିଯୁକ୍ତ ମାନସ-କ୍ରିୟାର ପଶ୍ଚାତରେ ରହିଥିବା ରହସ୍ୟମୟ ଅସ୍ତିତ୍ୱ, ଗୂଢ଼ ସଦ୍‌ବସ୍ତୁ । ସୋମ ହେଉଛନ୍ତି ଆନନ୍ଦର ଦେବ, ବେଦାନ୍ତରେ ମଧ୍ୟ ଏହି ଉକ୍ତି ରହିଛି; ଏହି ଆନନ୍ଦହିଁ ମନ ବା ଇନ୍ଦ୍ରିୟଲବ୍ଧ ଜ୍ଞାନ; ଅନ୍ୟାର୍ଥରେ କହିଲେ, ସମସ୍ତ ମାନସିକ ସମ୍ବେଦନ ନିଜ ମଧ୍ୟରେ ଜୀବନର ପ୍ରଚ୍ଛନ୍ନ ଆନନ୍ଦକୁ ବହନ କରୁଥାଏ ଏବଂ ନିଜ ସତ୍ତାର ଗହନ ତତ୍ତ୍ୱକୁ ପ୍ରକାଶ କରିବାକୁ ଉଦ୍ୟମଶୀଳ । ତେଣୁ, ଆନନ୍ଦ ହେଉଛି ଦେବତାମାନଙ୍କର ଜିହ୍ୱା ଏବଂ ତାହାଦ୍ୱାରା ସେମାନେ ଅସ୍ତିତ୍ୱର ଆନନ୍ଦକୁ ଆସ୍ୱାଦନ କରନ୍ତି, ଏହା ହେଉଛି ନାଭି, ଯାହା ମଧ୍ୟରେ ଅମୃତମୟ ଅବସ୍ଥା ବା ଦିବ୍ୟଜୀବନର ସମସ୍ତ କ୍ରିୟା ଏକତ୍ର ସନ୍ନିହିତ । ବାମଦେବ ଆହୁରି କହିଛନ୍ତି — ''ଆସ, ଆମେ ଏହି ଶୁଦ୍ଧତାର ଗୁହ୍ୟ ନାମ ପ୍ରକାଶ କରିବା, ଅର୍ଥାତ୍ ଅସ୍ତିତ୍ୱର ଏହି ପ୍ରଚ୍ଛନ୍ନ ଆନନ୍ଦରୂପକ ସୋମ-ଆସବ ନିଷ୍କାସନ କରିବା; ଜଗତ୍-ଯଜ୍ଞରେ ଦିବ୍ୟସଙ୍କଳ୍ପ ବା ଚିତ୍ ଶକ୍ତି, ଯେ କି ଆମ ସତ୍ତାର ପ୍ରଭୁ, ସେହି ଅଗ୍ନିଙ୍କ ନିକଟରେ ଆତ୍ମସମର୍ପଣ ଓ ନିବେଦନ ଦ୍ୱାରା ଏହାକୁ ଧାରଣ କରିବା । ସେ ହେଉଛନ୍ତି ଭୁବନଗୁଡ଼ିକର ଚତୁଶ୍ଚଙ୍ଗ ବିଶିଷ୍ଟ ବୃଷଭ ଏବଂ ଯେତେବେଳେ ସେ ଆତ୍ମ-ଅଭିବ୍ୟକ୍ତି ମଧ୍ୟରେ ମନୁଷ୍ୟର ଆତ୍ମାର ଭାବକୁ ଶୁଣନ୍ତି ସେତେବେଳେ ସେ ଆନନ୍ଦର ଏହି ପ୍ରଚ୍ଛନ୍ନ ନାମକୁ ତା'ର ଗୁପ୍ତ ସ୍ଥାନରୁ ନିଃସାରିତ କରନ୍ତି ।''

ବୟଂ ନାମ ପ୍ରବ୍ରବାମା ଘୃତସ୍ୟ ଅସ୍ମିନ୍ ୟଜ୍ଞେ ଧାରୟାମା ନମୋଭିଃ ।
ଉପ ବ୍ରହ୍ମା ଶୃଣବଚ୍ଛସ୍ୟମାନଂ ଚତୁଃଶୃଙ୍ଗୋଽବମୀଦ୍ ଗୌର ଏତଦ୍ ॥

(ଋ. ୪।୫୮।୨)

ଏକଥାକୁ ମଧ୍ୟ ଆଖିରେ ରଖି ଆମକୁ ଯିବାକୁ ହେବ ଯେ, ଯେହେତୁ ସୋମରସ ଓ ଘୃତ ନିଶ୍ଚିତ ରୂପେ ପ୍ରତୀକାତ୍ମକ ତେଣୁ ଯଜ୍ଞ ମଧ୍ୟ ନିଶ୍ଚିତ ରୂପେ ପ୍ରତୀକାତ୍ମକ । ବାମଦେବଙ୍କ ଏହି ସୂକ୍ତ ପରି ଅନ୍ୟ ଯେଉଁସବୁ ସୂକ୍ତ ବୈଦିକ ରହସ୍ୟ-ବାଦୀମାନଙ୍କ ଦ୍ୱାରା କର୍ମକାଣ୍ଡୀୟ ଆଚ୍ଛାଦନ ଦ୍ୱାରା ଏତେ ବ୍ୟାପକ ରୂପେ ବୟନ କରାଯାଇଛି ତାହା ଆମ ଦୃଷ୍ଟି ସମକ୍ଷରେ ବିଲୀନ ହୋଇଯାଇଥିବା କୁହେଳିକା ପରି ଅପସୃତ ହୋଇଯାଏ ଏବଂ ବୈଦାନ୍ତିକ ସତ୍ୟ, ବେଦରହସ୍ୟ ପ୍ରକାଶିତ ହୁଏ ।

ବାମଦେବ ଯେଉଁ ''ଅର୍ଣ୍ଣବ''ର କଥା କହିଛନ୍ତି ତା'ର ସ୍ୱରୂପ ସମ୍ବନ୍ଧରେ ସେ କୌଣସି ସନ୍ଦେହର ଅବକାଶ ରଖି ନାହାନ୍ତି; କାରଣ ପଞ୍ଚମ ଋକ୍‌ରେ ସେ ସ୍ପଷ୍ଟ ଭାବରେ ଏହାକୁ ହୃଦୟ-ସମୁଦ୍ର ବୋଲି ବର୍ଣ୍ଣନା କରିଛନ୍ତି — ''ହୃଦ୍ୟାତ୍ ସମୁଦ୍ରାତ୍'', ଯାହା ମଧ୍ୟରୁ ଶୁଦ୍ଧତାର ଜଳଧାରାମାନ, ''ଘୃତସ୍ୟ ଧାରାଃ'', ପ୍ରବାହିତ ହୁଏ; ଏହି ପ୍ରବାହଗୁଡ଼ିକ ମନ ଓ ଆନ୍ତର ହୃଦୟ ଦ୍ୱାରା କ୍ରମୋତ୍ତର ପରିଶୁଦ୍ଧ ହୁଏ ବୋଲି ସେ କହନ୍ତି — ''ଅନ୍ତଃ ହୃଦା ମନସା ପୂୟମାନାଃ'' । ଆଉ ମଧ୍ୟ ଶେଷ ଋକ୍‌ରେ କହନ୍ତି — ସମଗ୍ର ଅସ୍ତିତ୍ୱ ତିନି ସ୍ତରରେ ପ୍ରତିଷ୍ଠିତ : ପ୍ରଥମେ ଅଗ୍ନିଦେବଙ୍କ ଆସନରେ — ଅନ୍ୟାନ୍ୟ ଋକ୍‌ରୁ ଆମେ ଯାହା ଜାଣୁ, ଅଗ୍ନିଙ୍କ ଆସନ ହେଉଛି ଋତଚିତ୍, ଏହା ତାଙ୍କର ସ୍ୱଧାମ — ''ସ୍ୱଂ ଦମମ୍ ଋତଂ ବୃହତ୍'', ଦ୍ୱିତୀୟରେ ଏହା ହୃଦୟରୂପୀ ସମୁଦ୍ରରେ ଅର୍ଥାତ୍ ସ୍ପଷ୍ଟତଃ ହୃତ୍-ସମୁଦ୍ରରେ ଅବସ୍ଥିତ, ତୃତୀୟରେ ମନୁଷ୍ୟର ଜୀବନ-କ୍ଷେତ୍ରରେ (ଆୟୁଷି) —

ଧାମନ୍ ତେ ବିଶ୍ୱଂ ଭୁବନମଧି ଶ୍ରିତମନ୍ତଃ ସମୁଦ୍ରେ ହୃଦ୍ୟନ୍ତରାୟୁଷି ।

(ଋ. ୪।୫୮।୧୧)

ଅତିଚେତନା, ଅବଚେତନାର ସମୁଦ୍ର ଏବଂ ଏ ଦୁହିଁଙ୍କ ମଧ୍ୟରେ ସଜୀବ ପ୍ରାଣୀର ଜୀବନ,— ଏହାହିଁ ଅସ୍ତିତ୍ୱ ସମ୍ବନ୍ଧରେ ବୈଦିକ ଭାବନା ।

ଶୁଚି ବା ଶୁଦ୍ଧତା ରୂପକ ନଦୀମାନଙ୍କର ଏବଂ ମଧୁମୟ ତରଙ୍ଗର ଲକ୍ଷ୍ୟ ହେଉଛି ଅତିଚେତନ, ଠିକ୍ ଯେପରି ହୃଦୟର ଅନ୍ତଃସ୍ଥଳ ରୂପକ ଅବଚେତନ-ସମୁଦ୍ର ହେଉଛି ସେମାନଙ୍କର ଉତ୍ପତ୍ତିସ୍ଥଳ । ଏହି ଉର୍ଦ୍ଧ୍ୱସ୍ଥ ସମୁଦ୍ରକୁ ସିନ୍ଧୁ ବୋଲି କୁହାଯାଏ, 'ସିନ୍ଧୁ'କୁ ନଦୀ ବା ମହାସମୁଦ୍ର ଉଭୟାର୍ଥରେ ପ୍ରୟୋଗ କରାଯାଏ; କିନ୍ତୁ ଏହି ସୂକ୍ତରେ ଏହାର ସମୁଦ୍ର ଅର୍ଥ ଅତ୍ୟନ୍ତ ସ୍ପଷ୍ଟ । ଯେଉଁ ଅତି ପ୍ରଶଂସନୀୟ ଭାଷାରେ ବାମଦେବ ଏହି ଶୁଦ୍ଧତାରୂପିଣୀ ନଦୀମାନଙ୍କ ବର୍ଣ୍ଣନା କରିଛନ୍ତି ଆମେ ତାହାକୁ ଲକ୍ଷ୍ୟ କରିବା । ସେ ପ୍ରଥମେ କହିଛନ୍ତି ଯେ

ଦେବତାମାନେ ଏହି ଶୁଦ୍ଧତା, ''ଘୃତ'', କାମନା କରି ତାହାକୁ ଲାଭ କରିଛନ୍ତି, ଯାହାକୁ 'ପଣି'ମାନେ 'ଗୋ' ମଧ୍ୟରେ (ଗବି) ତିନି ସ୍ଥାନରେ ଲୁଚାଇ ରଖିଥିଲେ ।[୧] ଏଥିରେ ସନ୍ଦେହ ନାହିଁ ଯେ ବୈଦିକ ପ୍ରୟୋଗରେ 'ଗୋ' ଶବ୍ଦ ଉଭୟାର୍ଥକ ଗାଈ ଓ ଜ୍ୟୋତିଃ; ଗାଈ ବାହାରର ପ୍ରତୀକ ଏବଂ ଆନ୍ତର ଅର୍ଥ ହେଲା ଜ୍ୟୋତିଃ, ପଣିମାନେ ଗୋ-ଅପହରଣ କରିବା ଓ ଲୁଚେଇ ରଖିବାର ବର୍ଣ୍ଣନା ବେଦରେ ସବୁଠାରେ ଦେଖାଯାଏ । ଏଠାରେ ଏହା ଅତ୍ୟନ୍ତ ସ୍ପଷ୍ଟ ଯେ, ସମୁଦ୍ର ଯେପରି ଗୋଟିଏ ଆତ୍ମିକ ପ୍ରତୀକ —ହୃଦୟ-ସମୁଦ୍ର, ''ସମୁଦ୍ରେ ହୃଦି'' — ଏବଂ 'ସୋମ' ଗୋଟିଏ ଆତ୍ମିକ ପ୍ରତୀକ ଏବଂ 'ଘୃତ' ମଧ୍ୟ ଗୋଟିଏ ମନସ୍ତାତ୍ତ୍ୱିକ ପ୍ରତୀକ, ତେଣୁ ଯେଉଁ 'ଗୋ' ମଧ୍ୟରେ 'ପଣି'ମାନଙ୍କ ଦ୍ୱାରା ଲୁକ୍କାୟିତ ଘୃତକୁ ଦେବତାମାନେ ପାଆନ୍ତି, ତା'ର ଅର୍ଥ ମଧ୍ୟ କୌଣସି ଭୌତିକ ଆଲୋକ ନ ହୋଇ ନିଶ୍ଚୟ ଆନ୍ତର ଜ୍ଞାନଦୀପ୍ତିହିଁ ହେବ । ପ୍ରକୃତରେ 'ଗୋ' ଅଦିତି, ଅବଚେତନା ମଧ୍ୟରେ ପ୍ରଚ୍ଛନ୍ନ ଅନନ୍ତ ଚେତନା ଏବଂ ତ୍ରିବିଧ ''ଘୃତମ୍'' ହେଲା ତ୍ରିବିଧ ଶୁଦ୍ଧତା — ଆନନ୍ଦର ରହସ୍ୟ ଲାଭ କରିଥିବା ମୁକ୍ତ ଇନ୍ଦ୍ରିୟ-ସମିତ୍‌ର ଶୁଦ୍ଧତା, ବୋଧିକୁ ଲାଭ କରୁଥିବା ଚିନ୍ତାମାନସର ଶୁଦ୍ଧତା, ଏବଂ ଚରମ ଅତିମାନସିକ 'ଦୃଷ୍ଟି' ରୂପକ ସ୍ୱୟଂ ଶୁଦ୍ଧତା । ଉକ୍ତ ଋକ୍‌ର ଶେଷାର୍ଦ୍ଧରେ (ଋ. ୪।୫୮।୪) ଏକଥା ସ୍ପଷ୍ଟ ରୂପେ କୁହାଯାଇଛି : — ''ଗୋଟିଏ ଇନ୍ଦ୍ର ଉତ୍ପନ୍ନ କଲେ, ଗୋଟିକୁ ସୂର୍ଯ୍ୟ ଏବଂ ଅନ୍ୟ ଗୋଟିକୁ ଦେବତାମାନେ 'ବେନ' ମଧ୍ୟରୁ ସ୍ୱାଭାବିକ ବିକାଶ ମାଧ୍ୟମରେ ରୂପ ଦେଲେ;'' କାରଣ ଇନ୍ଦ୍ର ହେଲେ ଧୀମାନସର ଅଧିପତି, ସୂର୍ଯ୍ୟ ଅତିମାନସିକ ଜ୍ୟୋତିଃର ଅଧିପତି ଏବଂ 'ବେନ'ର ଅର୍ଥ ସୋମ, ଯେକି ସତ୍ତା ମଧ୍ୟରେ ଥିବା ମାନସିକ ଆନନ୍ଦର ଅଧିପତି, ଇନ୍ଦ୍ରିୟ-ମାନସର ସ୍ରଷ୍ଟା ।

ଆମ ଯାତ୍ରା ପଥରେ ଆମେ ଏକଥା ଉପରେ ଦୃଷ୍ଟିପାତ କରିପାରୁ ଯେ, ଏଠାରେ 'ପଣିଗଣ'ର ଅର୍ଥ ଆଧ୍ୟାତ୍ମିକ ଶତ୍ରୁ ବା ତମଃଶକ୍ତି ହେବା ନିଶ୍ଚିତ, ଏମାନେ ଦ୍ରାବିଡ଼-ଦେବତା ବା ଦ୍ରାବିଡ଼ ଉପଜାତି ବା ଦ୍ରାବିଡ଼ ବଣିକ ନୁହନ୍ତି । ପରବର୍ତ୍ତୀ ଋକ୍‌ରେ ବାମଦେବ 'ଘୃତ'ଧାରାଗୁଡ଼ିକ ସମ୍ପର୍କରେ କହିବାକୁ ଯାଇ ବର୍ଣ୍ଣନା କରନ୍ତି ଯେ, ସେମାନେ ହୃଦୟ-ସମୁଦ୍ରରୁ ଉଠିଆସି ଶତ୍ରୁର ଶତ-ଅନ୍ଧକୋଠରି ମଧ୍ୟରେ ଆବଦ୍ଧ। ହୋଇଯାଇଛନ୍ତି, ଏଣୁ ସେମାନେ ଦୃଷ୍ଟିଗୋଚର ହେଉ ନାହାନ୍ତି । ନିଶ୍ଚିତ ରୂପେ ଏହାର ଅର୍ଥ ନୁହେଁ ଯେ ଘୃତ ବା ଜଳର ନଦୀଗୁଡ଼ିକ ହୃଦୟ-ସମୁଦ୍ର ବା ଅନ୍ୟ କୌଣସି ସମୁଦ୍ରରୁ ବାହାରିବା ପରେ ଦୁଷ୍ଟ ଓ ବିଚାରବୁଦ୍ଧିଶୂନ୍ୟ ଦ୍ରାବିଡ଼ମାନେ ସେଗୁଡ଼ିକୁ ଧରି ତମସାଚ୍ଛନ୍ନ ଶତ କାରା-କୋଠରି ମଧ୍ୟରେ ଆବଦ୍ଧ କରିଦେଲେ ଯେପରିକି ଆର୍ଯ୍ୟମାନଙ୍କ ବା ସେମାନଙ୍କ ଦେବତାମାନଙ୍କ ଆଖିରେ

---

[୧] ତ୍ରିଧା ହିତଂ ପଣିଭିର୍ଗୁହ୍ୟମାନଂ ଗବି ଦେବାସୋ ଘୃତମନ୍ୱବିନ୍ଦନ୍ ।
(ଇନ୍ଦ୍ର ଏକଂ ସୂର୍ଯ୍ୟ ଏକଂ ଯଜ୍ଞାନ ବେନାଦେକଂ ସ୍ୱଧୟା ନିଷ୍ଟତକ୍ଷୁଃ) ॥ (ଋ. ୪।୫୮।୪)

ସେଗୁଡ଼ିକର ଛାଇ ବି ନ ପଡ଼େ । ସ୍ପଷ୍ଟ ରୂପେ ଜଣାଯାଏ ଯେ ସୂକ୍ତମାନଙ୍କରେ ଉଲ୍ଲିଖିତ ଶତ୍ରୁ ଯଥା : ପଣି, ବୃତ୍ର ପ୍ରଭୃତି, ନିର୍ଦ୍ୱନ୍ଦ୍ୱରେ ମନସ୍ତାତ୍ତ୍ୱିକ ଧାରଣା, ଏହା କଦାପି ହୋଇ ନ ପାରେ ଯେ, ପ୍ରାଚୀନ ଭାରତୀୟ ଇତିହାସର ତଥ୍ୟଗୁଡ଼ିକୁ ଆମ ପୂର୍ବପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କଠାରୁ ଛପେଇ ରଖିବା ପାଇଁ ଏହିପରି ଜଟିଳ ତଥା ଦୁର୍ବୋଧ ରୂପକଥାର କୁହେଳି ମଧ୍ୟରେ ଗୁପ୍ତ ରଖିବାକୁ ଚେଷ୍ଟା କରିଥିଲେ । ଋଷି ବାମଦେବ ନିଜ ଯଜ୍ଞୀୟ ରୂପକଳ୍ପରେ ଏପରି ଅପ୍ରତ୍ୟାଶିତ ହାସ୍ୟାସ୍ପଦ ବ୍ୟାଖ୍ୟା ଦେଖିଲେ ହୁଏତ ବିସ୍ମୟାଭିଭୂତ ହୋଇ ଯାଆନ୍ତେ । ଯଦି ଆମେ ଘୃତକୁ ଜଳ ଅର୍ଥରେ ନେଉ, ''ହୃଦ୍ୟ ସମୁଦ୍ର''ର ଅର୍ଥ ଆନନ୍ଦ ଦାୟକ ସରୋବର ବୋଲି କହୁ ଏବଂ ମନେକରୁ ଯେ ଆର୍ଯ୍ୟମାନଙ୍କ ଦୃଷ୍ଟି ଆଡୁଆଳରେ ରଖିବା ଉଦ୍ଦେଶ୍ୟରେ ଦ୍ରାବିଡ଼ମାନେ ନଦୀମାନଙ୍କର ଜଳକୁ ଶତବନ୍ଧ ପକାଇ ଆବଦ୍ଧ କରିଥିଲେ, ତେବେ ମଧ୍ୟ ଆମର କୌଣସି ଲାଭ ହେବ ନାହିଁ । କାରଣ, ଯଦି ପଞ୍ଜାବର ସମସ୍ତ ନଦୀ ଗୋଟିଏ ହୃଦ୍ୟ ସରୋବରରୁ ପ୍ରବାହିତ ବୋଲି ମନେ କରୁ ତେବେ ବି ଜଳସ୍ରୋତକୁ ଗୋଟିଏ ଗୋରୁ ଭିତରେ ତିନି ସ୍ଥାନରେ ରଖିବା ଓ ସେହି ଗୋରୁଟିକୁ ଗୋଟିଏ ଗୁମ୍ଫା ଭିତରେ ଲୁଚାଇ ରଖିବା ସବୁଠାରୁ ବୁଦ୍ଧିମାନ୍ ଓ ଉଦ୍ଭାବନ-ଶକ୍ତିସମ୍ପନ୍ନ ଦ୍ରାବିଡ଼ମାନଙ୍କ ପକ୍ଷରେ ସମ୍ଭବ ନୁହେଁ ।

ବାମଦେବ କହିଛନ୍ତି, ''ଏମାନେ ହୃଦ୍ୟ ସମୁଦ୍ର ମଧ୍ୟରୁ ଉତ୍ସାରିତ, କିନ୍ତୁ ଶତ୍ରୁ ଦ୍ୱାରା ଶତ କାରା-କୋଠରି ମଧ୍ୟରେ ଆବଦ୍ଧ ହୋଇଥିବାରୁ ଦୃଷ୍ଟିଗୋଚର ହେଉ ନାହାନ୍ତି; ମୋର ଦୃଷ୍ଟି ଶୁଦ୍ଧତାର (ଘୃତ) ଧାରା ଉପରେ, କାରଣ ତା' ମଧ୍ୟରେ ସୁବର୍ଣ୍ଣ-ବେଣୁ ଅଛି (୫ମ ମନ୍ତ୍ର) । ଆନ୍ତର ହୃଦୟ ଓ ଆନ୍ତର ମନ ଦ୍ୱାରା ପରିଶୁଦ୍ଧ ହୋଇ ସ୍ରୋତସ୍ୱିନୀ ନଦୀ ପରି ସେମାନେ ପ୍ରବାହିତ; ଚାରକର ହାଙ୍କରେ ଚାଳିତ ପଶୁ ପରି ଏହି ଘୃତ-ତରଙ୍ଗଗୁଡ଼ିକ ଗତି କରନ୍ତି (୬ଷ୍ଠ) । ଯେପରି ମହାସାଗର (ସିନ୍ଧୁ – ଉର୍ଦ୍ଧ୍ୱସ୍ଥ ମହାସାଗର) ସମ୍ମୁଖରେ ପଡ଼ିଥିବା ଗୋଟିଏ ପଥ ଉପରେ ଏହି ମହତୀ ନଦୀଗୁଡ଼ିକ ତୀବ୍ର ଗତିଶୀଳ ଶକ୍ତିରେ ଭରପୂର ହୋଇଥା'ନ୍ତି କିନ୍ତୁ ସେମାନେ ଶୁଦ୍ଧତାରୂପୀ ଘୃତଧାରା ଦ୍ୱାରା, ପ୍ରାଣିକ ଶକ୍ତି (ବାତ, ବାୟୁ) ଦ୍ୱାରା, ନିୟନ୍ତ୍ରିତ; ସେମାନେ ଅଗ୍ରଗତି ପାଇଁ ପ୍ରୟାସ କରୁଥିବା ଏକ ଅଶ୍ୱପରି ନିଜ ବନ୍ଧନ ଛିନ୍ନ କରି ସୀମା ଅତିକ୍ରମ କରିଯାଆନ୍ତି, କାରଣ ସେମାନେ ସେହି ତରଙ୍ଗମାଳା ଦ୍ୱାରା ପରିପୁଷ୍ଟ ହୋଇଥା'ନ୍ତି'' (୪।୫୮।୫-୭) ।' ଏଥିରୁ ଜଣାଯାଏ ଯେ ଏହା ଜଣେ ରହସ୍ୟବାଦୀଙ୍କ କବିତା, ରୂପକର ଆବରଣ ମଧ୍ୟରେ ସେ ନିଜର ଆଶୟକୁ ସଂଶୟୀମାନଙ୍କଠାରୁ ପ୍ରଚ୍ଛନ୍ନ କରି ରଖୁଛନ୍ତି । ତଥାପି ଏହାର ମର୍ମ ଉଦ୍‌ଘାଟନ କରିବାକୁ ଇଚ୍ଛୁକ ବ୍ୟକ୍ତି ନିକଟରେ ସ୍ଥାନେ ସ୍ଥାନେ ଏହାର ଆବରଣ ବି ସେ ସ୍ୱଚ୍ଛ କରି ଦେଇଛନ୍ତି । ସେ କହିବାକୁ ଚାହିଁଛନ୍ତି ଯେ ଆମ ଚିନ୍ତା ସମୂହର ପଶ୍ଚାତରେ ଦିବ୍ୟଜ୍ଞାନ ସର୍ବଦା

ନିରବଚ୍ଛିନ୍ନଭାବେ ପ୍ରବାହିତ ହେଉଛି, କିନ୍ତୁ ଇନ୍ଦ୍ରିୟ କର୍ମ ଓ ଇନ୍ଦ୍ରିୟ ଜ୍ଞାନ ମଧ୍ୟରେ ସୀମିତ ଆମ ମାନସିକ ଉପାଦାନକୁ ଆବଦ୍ଧ କରି ରଖିଥିବା ଆମ ଅନ୍ତଃସ୍ଥ ଶତ୍ରୁମାନଙ୍କ ଦ୍ୱାରା ତାହା ଆମଠାରୁ ଦୂରେଇ ରହିଛି, ଯାହାଫଳରେ ଅତିଚେତନା ବା ଅନନ୍ତର ରାଜ୍ୟ ମଧ୍ୟକୁ ପ୍ରବେଶ କରିବାର ଉପାନ୍ତ କ୍ଷେତ୍ର ରୂପକ ସେହି ତୀରବନ୍ଧ ଉପରେ ଆମ ସତ୍ତାର ତରଙ୍ଗଗୁଡ଼ିକ ପିଟି ହେଉଥିଲେ ବି ସେମାନେ ସେହିପରି ଆବଦ୍ଧ ହୋଇ ରହିଥା'ନ୍ତି, ଆମର ସେହି ଇନ୍ଦ୍ରିୟକର୍ମ ଓ ଜ୍ଞାନ ଆବେଗିକ ମନ ଦ୍ୱାରା ସୀମିତ ହୋଇଥିବା ହେତୁ ସେମାନେ ନିଜର ଗଭୀରତମ ସାରବସ୍ତୁକୁ ପ୍ରକାଶ କରିପାରନ୍ତି ନାହିଁ । ସେମାନେ ଲଗାମ ଦ୍ୱାରା ନିୟନ୍ତ୍ରିତ ଓ ଶାସିତ ଅଶ୍ୱପରି ରହିଥା'ନ୍ତି; ଯେତେବେଳେ ଆଲୋକର ତରଙ୍ଗଗୁଡ଼ିକ ପୂର୍ଣ୍ଣଭାବରେ ସେମାନଙ୍କ ବଳକୁ ପରିପୋଷିତ କରନ୍ତି କେବଳ ସେତେବେଳେ ଯାଇ ଟାଣିଭିଡ଼ି ହେଉଥିବା ସେହି ଯୁଦ୍ଧାଶ୍ୱମାନେ ବନ୍ଧନ ଛିନ୍ନ କରି ଅବାଧରେ ସେହି ପରମ ''ତତ୍''ଙ୍କ ଅଭିମୁଖେ ପ୍ରଧାବିତ ହୁଅନ୍ତି, ଯେଉଁଠାରୁ କି ସୋମରସ ନିଷ୍ପାସିତ ହୋଇଛି ଓ ଯଜ୍ଞ ଜନ୍ମଗ୍ରହଣ କରିଛି ।

ୟତ୍ର ସୋମଃ ସୂୟତେ ୟତ୍ର ୟଜ୍ଞୋ
ଘୃତସ୍ୟ ଧାରା ଅଭି ତତ୍ ପବନ୍ତେ । (ଋ. ୪।୫୮।୯)

ଏହି ଲକ୍ଷ୍ୟ ସମ୍ପର୍କରେ ଆହୁରି କୁହାଯାଇଛି ଯେ ଏହା ମଧୁମୟ,— ''ଘୃତସ୍ୟ ଧାରା ମଧୁମତ୍ ପବନ୍ତେ'' (ଋ. ୪।୫୮।୧୦), ଏହା ଆନନ୍ଦ, ଦିବ୍ୟ ପରମ ସୁଖ । ଏବଂ ଶେଷ ଋକ୍‌ରେ ଏହି ଲକ୍ଷ୍ୟ ସ୍ଥଳକୁ ସିନ୍ଧୁ ବା ଅତିଚେତନ ସମୁଦ୍ର ବୋଲି କୁହାଯାଇଛି, ଏଠାରେ ବାମଦେବ ସ୍ପଷ୍ଟଭାବେ କହିଛନ୍ତି — ''ଆମେ ଯେପରି ତୁମର (ଦିବ୍ୟ ପୁରୁଷଙ୍କର, ଭୁବନଗୁଡ଼ିକରେ ବିଦ୍ୟମାନ ଚତୁଶୃଙ୍ଗଧାରୀ ବୃଷଭ, ଅଗ୍ନିଙ୍କର) ମଧୁମୟ ତରଙ୍ଗ ଆସ୍ୱାଦନ କରୁ'', ''ସେମାନଙ୍କର ମିଳିତ ହେଉଥିବାର ସ୍ଥାନ ଯେଉଁ ଅପଃ, ତାହାରି ଶକ୍ତି ବଳରେ ସେମାନେ ଧୃତ ହୋଇଛନ୍ତି ।''

''ଅପାମ୍ ଅନୀକେ ସମିଥେ ୟ ଆଭୃତଃ ତମ୍ ଅଶ୍ୟାମ ମଧୁମନ୍ତଂ ତ ଊର୍ମିମ୍ ।''
(ଋ. ୪।୫୮।୧୧)

---

୨ ଏତା ଅର୍ଷନ୍ତି ହୃଦ୍ୟାତ୍ ସମୁଦ୍ରାଚ୍ଛତବ୍ରଜା ରିପୁଣା ନାବଚକ୍ଷେ ।
ଘୃତସ୍ୟ ଧାରା ଅଭି ଚାକଶୀମି ହିରଣ୍ୟୟୋ ବେତସୋ ମଧ୍ୟ ଆସାମ୍ ॥୫॥
ସମ୍ୟକ୍ ସ୍ରବନ୍ତି ସରିତୋ ନ ଧେନା ଅନ୍ତର୍ହୃଦା ମନସା ପୂୟମାନାଃ ।
ଏତେ ଅର୍ଷନ୍ତ୍ୟୂର୍ମୟୋ ଘୃତସ୍ୟ ମୃଗା ଇବ କ୍ଷିପଣୋରୀଷମାଣାଃ ॥୬॥
ସିନ୍ଧୋରିବ ପ୍ରାଧ୍ୱନେ ଶୂଘନାସୋ ବାତପ୍ରମିୟଃ ପତୟନ୍ତି ୟହ୍ୱାଃ ।
ଘୃତସ୍ୟ ଧାରା ଅରୁଷୋ ନ ବାଜୀ କାଷ୍ଠା ଭିନ୍ଦନ୍ନୂର୍ମିଭିଃ ପିନ୍ୱମାନଃ ॥୭॥

ଆମେ ଦେଖୁ, ବୈଦିକ ଋଷିମାନଙ୍କର ଏହି ମୌଳିକ ଭାବନା ସୃଷ୍ଟିସୂକ୍ତ (୧୦।୧୨୯।୩-୫)ରେ ସ୍ପଷ୍ଟ ହୋଇ ଉଠିଛି, ଯେଉଁଠି ଅବଚେତନକୁ ଏହିପରି ବର୍ଣ୍ଣନା କରାଯାଇଛି – ''ସୃଷ୍ଟି ପ୍ରାରମ୍ଭରେ ଏସବୁ ଅନ୍ଧକାର ଦ୍ୱାରା ଆବୃତ ଅନ୍ଧକାରହିଁ ଥିଲା । ମାନସିକ ଚେତନା ରହିତ ଏକ ମହାସମୁଦ୍ର... ଏହା ମଧ୍ୟରୁ ସେହି ଏକଂ ସତ୍ ନିଜ ଶକ୍ତିର ମହିମା ବଳରେ ଜନ୍ମଗ୍ରହଣ କଲେ । ମନର ଆଦି ବୀଜ ରୂପେ ସେ ତା' ମଧ୍ୟରେ ପ୍ରଥମେ କାମନା ରୂପେ ଗତିଶୀଳ ହେଲେ । ପ୍ରଜ୍ଞାପତିଗଣ ସେହି ସତ୍‌ର ସ୍ରଷ୍ଟାଙ୍କୁ ଅସତ୍ ମଧ୍ୟରେ ଦର୍ଶନ କଲେ ଓ ସଙ୍କଳ୍ପପୂର୍ଣ୍ଣ ପ୍ରବେଗ ଓ ବିଚାରାତ୍ମକ ମନ ଦ୍ୱାରା ହୃଦୟ ମଧ୍ୟରେ ପ୍ରାପ୍ତ ହେଲେ । ସେମାନଙ୍କ ରଶ୍ମି ଚତୁର୍ଦିଗରେ ସମତଳ ଭାବରେ (Horizontally) ପରିବ୍ୟାପ୍ତ ହେଲା; ସେମାନଙ୍କ ଊର୍ଦ୍ଧ୍ୱରେ ଗୋଟାଏ କିଛି ଥିଲା ଓ ସେମାନଙ୍କ ଅଧଃରେ ମଧ୍ୟ ଗୋଟାଏ କିଛି ଥିଲା ।''[୩] ବାମଦେବକୃତ ସେହି ସୂକ୍ତରେ ଯେଉଁ ଚିନ୍ତାତତ୍ତ୍ୱମାନ ଥିଲା ଏଥିରେ ମଧ୍ୟ ସେହି କଥା ରହିଛି, ମାତ୍ର ଏଠାରେ ରୂପକର କୌଣସି ଆବରଣ ନାହିଁ । ଅବଚେତନ ସମୁଦ୍ର ମଧ୍ୟରୁ ''ଏକମ୍ ସତ୍'' ପ୍ରଥମେ ହୃଦୟ ମଧ୍ୟରେ କାମନା ରୂପେ ଉଦିତ ହେଲେ; ଜୀବନଗତ ଆନନ୍ଦର ଅବ୍ୟକ୍ତ କାମନା ରୂପେ ସେହିଁ ହୃଦୟ-ସମୁଦ୍ର ମଧ୍ୟରେ ବିଚରଣ କରିବାକୁ ଲାଗିଲେ – ଏବଂ ଯାହା ପରେ ଇନ୍ଦ୍ରିୟ ମାନସ ରୂପେ ପ୍ରକାଶିତ ହେଲା – ଏହି କାମନାହିଁ ତା'ର ପ୍ରଥମ ବୀଜ । ଏହିପରି ଭାବରେ ଅନ୍ୱେଷଣ କରି ଦେବତାମାନେ ଅବଚେତନ-ଅନ୍ଧାର ମଧ୍ୟରୁ ଚିତ୍-ପୁରୁଷ ବା ସଚେତନ ସତ୍ତା ନିର୍ମାଣର ଉପାୟ ପାଇଥିଲେ; ସେମାନେ ତାହାକୁ ହୃଦୟ ମଧ୍ୟରେ ଲାଭକରି ଯେଉଁ ଚିନ୍ତା ଓ ଉଦ୍ଦେଶ୍ୟ ପ୍ରଣୋଦିତ ପ୍ରବୃତ୍ତି ଦ୍ୱାରା ତାଙ୍କର ବୃଦ୍ଧି ଘଟାଇ ତାଙ୍କୁ ବ୍ୟକ୍ତ କଲେ – ତାହା ପ୍ରତୀଷ୍ୟା; ଯାହାର ଅର୍ଥ, ପ୍ରକୃତିର କେବଳ ପ୍ରାଣିକ ଗତିବୃତ୍ତିରେ ଉଠୁଥିବା ପ୍ରଥମ ଅସ୍ପଷ୍ଟ କାମନା ମଧ୍ୟରୁ ପୃଥକ୍ ରୂପେ ମାନସିକ କାମନାକୁ ନିରୂପଣ କରାଯାଇଥିଲା । ଏହିପରି ଭାବରେ ସେମାନେ ଯେଉଁ ଚିତ୍‌ରୂପ ଗଠନ କଲେ ତାହା ଅନ୍ୟ ଦୁଇଟି ପ୍ରସ୍ଥ ମଧ୍ୟରେ ସମତଳ ଭାବରେ ବିସ୍ତୃତ ହୋଇଯାଇଛି – ନିମ୍ନରେ ଅଛି ଅବଚେତନର ଅନ୍ଧକାରମୟ ସୁପ୍ତି ଓ ଊର୍ଦ୍ଧ୍ୱରେ ଅଛି ଅତିଚେତନାର ଜ୍ୟୋତିର୍ମୟ ରହସ୍ୟମୟତା । ଏସବୁ ହେଉଛି ଊର୍ଦ୍ଧ୍ୱସ୍ଥ ଓ ନିମ୍ନସ୍ଥ ମହାସମୁଦ୍ରର ବିଷୟ ।

---

[୩] ତମ ଆସୀତ୍ତମସା ଗୂଳ୍ହମଗ୍ରେଽପ୍ରକେତଂ ସଲିଲଂ ସର୍ବମା ଇଦମ୍ ।
(ତୁଚ୍ଛ୍ୟେନାଭ୍ୱପିହିତଂ ୟଦାସୀତ୍) ତପସସ୍ତନ୍ମହିନାଽଜାୟତୈକମ୍ ॥୩॥
କାମସ୍ତଦଗ୍ରେ ସମବର୍ତତାଧି ମନସୋ ରେତଃ ପ୍ରଥମଂ ୟଦାସୀତ୍ ।
ସତୋ ବନ୍ଧୁମସତି ନିରବିନ୍ଦନ୍ ହୃଦି ପ୍ରତୀଷ୍ୟା କବୟୋ ମନୀଷା ॥୪॥
ତିରଶ୍ଚୀନୋ ବିତତୋ ରଶ୍ମିରେଷାମଧଃ ସ୍ୱିଦାସୀଦୁପରି ସ୍ୱିଦାସୀତ୍ ।... ... ॥୫॥

ଏହି ବୈଦିକ ରୂପକଳ୍ପ ପୁରାଣର ଅନୁରୂପ ପ୍ରତୀକାତ୍ମକ ରୂପକଳ୍ପ ଉପରେ ସ୍ପଷ୍ଟତଃ ଆଲୋକପାତ କରେ, ବିଶେଷତଃ ଯେଉଁ ପ୍ରତୀକରେ କୁହାଯାଇଛି ଯେ ପ୍ରଳୟ ପରେ ବିଷ୍ଣୁ କ୍ଷୀର ସମୁଦ୍ରରେ ଅନନ୍ତନାଗର କୁଣ୍ଡଳୀ ଉପରେ ଶୟନ କରନ୍ତି । ଏହାକୁ ନେଇ ହୁଏତ ଆପତ୍ତି ଉଠିପାରେ ଯେ ପୁରାଣ-ରଚୟିତାମାନେ ଥିଲେ ଅନ୍ଧବିଶ୍ୱାସୀ ହିନ୍ଦୁ ପୁରୋହିତ କିଂବା ଭାବୁକ କବି, ଏବଂ ସେମାନଙ୍କ ବିଶ୍ୱାସ ଥିଲା ଯେ ଗୋଟିଏ ଦୈତ୍ୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଗ୍ରାସ କରୁଥିବା ହେତୁ ଗ୍ରହଣ ଘଟିଥାଏ, ତେଣୁ ସେମାନେ ଏହା ମଧ୍ୟ ସହଜରେ ବିଶ୍ୱାସ କରିନେଇଥିବେ ଯେ ପ୍ରଳୟ ସମୟରେ ପରମ ଦେବ ନିଜର ଭୌତିକ ଶରୀରରେ ପ୍ରକୃତ ଦୁଗ୍ଧର ଏକ ଭୌତିକ ମହାସାଗର ମଧ୍ୟରେ ଏକ ଦେହଧାରୀ ସର୍ପ ଉପରେ ଶୟନ କରିଥିଲେ, ଏଣୁ ଏ ସମସ୍ତ ଗଳ୍ପ ମଧ୍ୟରେ କୌଣସି ଆଧ୍ୟାତ୍ମିକ ଅର୍ଥ ଅନ୍ୱେଷଣ କରିବା ଏକ ବ୍ୟର୍ଥ ବୁଦ୍ଧି ପ୍ରୟୋଗ । ଏଠାରେ ମୁଁ କହିବାକୁ ଚାହେଁ ଯେ ବସ୍ତୁତଃ ଏହାର ଅର୍ଥ ଖୋଜିବା ନିଷ୍ପ୍ରୟୋଜନ, କାରଣ ଏହି ଅନ୍ଧବିଶ୍ୱାସୀ କବିମାନେ ଉକ୍ତ ଆଖ୍ୟାୟିକାର ଉପରି ଭାଗରେ ଏହାର ଅର୍ଥ ସରଳ ରୂପେ ପ୍ରକାଶ କରିଛନ୍ତି, ଯଦି କେହି ଅନ୍ଧ ହୋଇ ରହିବାକୁ ଇଚ୍ଛା କରୁ ନ ଥାଏ ତେବେ ଯେକୌଣସି ବ୍ୟକ୍ତି ଏହା ଦେଖିବାକୁ ପାଇବ । କାରଣ ସେମାନେ ବିଷ୍ଣୁଙ୍କ ସର୍ପର ନାମ ଦେଇଛନ୍ତି 'ଅନନ୍ତ', ଅନନ୍ତର ଅର୍ଥ ଅନ୍ତହୀନ, ଅସୀମ; ତେଣୁ ସେମାନେ ଅତି ସରଳ ରୂପେ କହିଛନ୍ତି ଯେ ଏହି ବର୍ଣ୍ଣନା ଏକ ରୂପକ ଏବଂ ସର୍ବପ୍ରବେଶନଶୀଳ ଦେବ ବିଷ୍ଣୁ ସୃଷ୍ଟି ପ୍ରଳୟ କାଳରେ ଅନନ୍ତର କୁଣ୍ଡଳୀ ମଧ୍ୟରେ ଶୟନ କରନ୍ତି । ମହାସମୁଦ୍ର ସମ୍ବନ୍ଧରେ ବୈଦିକ ରୂପକଳ୍ପ ଆମକୁ ଦେଖାଇ ଦିଏ ଯେ ଏହା ଶାଶ୍ୱତ ଅସ୍ତିତ୍ୱର ମହାସାଗର ଏବଂ ଏହି ଶାଶ୍ୱତ ଅସ୍ତିତ୍ୱର ସମୁଦ୍ର ହେଉଛି ପରମ ମାଧୁର୍ଯ୍ୟର ବା ଅନ୍ୟ ଭାଷାରେ ବିଶୁଦ୍ଧ ଆନନ୍ଦର ମହାସାଗର । କାରଣ କ୍ଷୀର ଅର୍ଥାତ୍ ମଧୁର ଦୁଗ୍ଧ (ଏହା ମଧ୍ୟ ଏକ ବୈଦିକ ପ୍ରତୀକ) ବାମଦେବଙ୍କ ସୂକ୍ତରେ କଥିତ ମଧୁ ବା ମଧୁରତାଠାରୁ ମୂଳତଃ ପୃଥକ୍ ନୁହେଁ ।

ଅତଏବ ଆମେ ଦେଖୁ ଯେ ବେଦ ଓ ପୁରାଣରେ ସମାନ ପ୍ରତୀକାର୍ଥକ ରୂପକର ବ୍ୟବହାର କରାଯାଇଛି; ଉଭୟରେ ସମୁଦ୍ର ହେଉଛି ଅନନ୍ତ ଓ ଶାଶ୍ୱତ ଅସ୍ତିତ୍ୱର ପ୍ରତୀକ । ଆହୁରି ମଧ୍ୟ ଆମେ ଦେଖୁ ଯେ ନଦୀ ବା ପ୍ରବହମାନ ସ୍ରୋତକୁ, ସଚେତନ ସତ୍ତାର ପ୍ରବାହକୁ, ପ୍ରତୀକାତ୍ମକ ରୂପେ ପ୍ରକାଶ କରିବା ପାଇଁ ବ୍ୟବହାର କରାଯାଇଛି । ଆମେ ଦେଖୁ ଯେ ସପ୍ତନଦୀ ମଧ୍ୟରୁ ଅନ୍ୟତମା ସରସ୍ୱତୀ ହେଉଛନ୍ତି ଋତଚିତ୍‌ରୁ ପ୍ରବହମାନା ଆନ୍ତର ପ୍ରେରଣାର ସରିତ୍ । ତା'ହେଲେ ଅନ୍ୟ ଛଅ ନଦୀକୁ ମଧ୍ୟ ଆତ୍ମିକ ପ୍ରତୀକ ରୂପେ ଗଣନା କରିବାରେ ଆମର ଅଧିକାର ଅଛି ।

କିନ୍ତୁ କୌଣସି ମନଃ କଳ୍ପନା ଓ ଅନୁମାନ, ତାହା ଯେତେ ଦୃଢ଼ ଓ ପୂରା

ବିଶ୍ୱାସଯୋଗ୍ୟ ହୋଇଥାଉ ପଛକେ ଆମର ସେଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିବାର ଆବଶ୍ୟକତା ନାହିଁ । ବାମଦେବଙ୍କ ସୂକ୍ତରେ ଉଲ୍ଲିଖିତ ନଦୀମାନେ, ''ଘୃତସ୍ୟ ଧାରାଃ'', ଯେପରି ଘୃତନଦୀ ବା ପାର୍ଥିବ ଜଳବାହିନୀ ନଦୀ ନୁହନ୍ତି, ପରନ୍ତୁ ଆତ୍ମିକ ପ୍ରତୀକ ବୋଲି ଆମେ ଦେଖୁଛୁ, ସେହିପରି ଅନ୍ୟାନ୍ୟ ସୂକ୍ତଗୁଡ଼ିକରେ ମଧ୍ୟ ସପ୍ତନଦୀ ସମ୍ବନ୍ଧରେ ଅକାଟ୍ୟ ପ୍ରମାଣ ଦେଖିବାକୁ ପାଉ । ଏହି ଉଦ୍ଦେଶ୍ୟକୁ ପ୍ରମାଣିତ କରିବା ପାଇଁ ମୁଁ ଆଉ ଗୋଟିଏ ସୂକ୍ତକୁ ପରୀକ୍ଷା କରିବି, ଉକ୍ତ ସୂକ୍ତଟି ତୃତୀୟ ମଣ୍ଡଳର ପ୍ରଥମ ସୂକ୍ତ ଯାହା ଅଗ୍ନିଦେବଙ୍କ ଉଦ୍ଦେଶ୍ୟରେ ଋଷି ବିଶ୍ୱାମିତ୍ରଙ୍କ ଦ୍ୱାରା ଉଦ୍‌ଗୀତ; କାରଣ, ଶୁଦ୍ଧତାର ନଦୀ ସମ୍ପର୍କରେ ବାମଦେବ ଯେଉଁସବୁ କଥା ଅତି ଚମତ୍କାର ଓ ଅଭ୍ରାନ୍ତ ଭାଷାରେ ବର୍ଣ୍ଣନା କରିଛନ୍ତି ସେହିପରି ଉକ୍ତ ସୂକ୍ତରେ ବିଶ୍ୱାମିତ୍ର ମଧ୍ୟ ସପ୍ତନଦୀ ସମ୍ବନ୍ଧରେ କହିଛନ୍ତି । ଆମେ ଦେଖିବା ଯେ ଏହି ଉଭୟ ପୂତ ଉଦ୍‌ଗାତାଙ୍କ ଗୀତି ମଧ୍ୟରେ ଏକେବାରେ ସମାନ ପ୍ରକାର ଭାବଧାରା ବିଭିନ୍ନ ପ୍ରସଙ୍ଗରେ ପୁନଃ ପୁନଃ ଆବୃତ୍ତ ହୋଇଛି ।

ଏକାଦଶ ଅଧ୍ୟାୟ

ସପ୍ତନଦୀ

ବେଦ ସର୍ବଦା ସ୍ରୋତସ୍ୱିନୀଗଣ ବା ନଦୀମାନଙ୍କ ବିଷୟରେ, ବିଶେଷତଃ ଦିବ୍ୟ-ଜଳସ୍ରୋତମାନଙ୍କ ବିଷୟରେ କହେ — ''ଆପୋ ଦେବୀଃ'' ବା ''ଆପୋ ଦିବ୍ୟାଃ''— ଏବଂ ସ୍ଥାନେ ସ୍ଥାନେ ଏପରି ଜଳସ୍ରୋତମାନଙ୍କ ବିଷୟରେ କହେ ଯେଉଁମାନେ କି ନିଜ ମଧ୍ୟରେ ସୌରଲୋକର ଜ୍ୟୋତିଃ ବା ସୂର୍ଯ୍ୟରଶ୍ମି ଧାରଣ କରନ୍ତି — ''ସ୍ୱର୍ବତୀଃ ଆପଃ'' । ଦେବତାମାନଙ୍କ ବା ମନୁଷ୍ୟମାନଙ୍କ ଦ୍ୱାରା ଅଥବା ଦେବତାମାନଙ୍କ ସାହାଯ୍ୟରେ ମନୁଷ୍ୟ ଦ୍ୱାରା ଜଳସ୍ରୋତ ରୂପକ ମାର୍ଗନିର୍ମାଣର ପ୍ରତୀକ ବେଦରେ ବହୁତ ଦେଖିବାକୁ ମିଳେ । ଯେଉଁ ତିନୋଟି ମହତ୍ ବସ୍ତୁକୁ ଜୟ କରିବାକୁ ମନୁଷ୍ୟ ଆସ୍ପୃହା କରେ ଏବଂ ଦେବତାମାନେ ମନୁଷ୍ୟକୁ ଯାହା ଦେବା ପାଇଁ ସର୍ବଦା ବୃତ୍ର ଓ ପଣିମାନଙ୍କ ସହିତ ସଂଗ୍ରାମ କରିବାରେ ବ୍ୟାପୃତ ଥାଆନ୍ତି ସେଗୁଡ଼ିକ ହେଲେ ଗୋଧନ, ନଦୀଗଣ ତଥା ସୂର୍ଯ୍ୟ ବା ସୌରଲୋକ — ଗାଃ ଅପଃ ସ୍ୱଃ । ପ୍ରଶ୍ନଉଠେ, ଏଗୁଡ଼ିକ କ'ଣ ଆକାଶର ବୃଷ୍ଟି-ବିଷୟକ, ଦ୍ରାବିଡ଼ ବା ବୃତ୍ରଗଣଙ୍କ ଅଧିକାରଭୁକ୍ତ ବା ସେମାନଙ୍କ ଦ୍ୱାରା ଆକ୍ରାନ୍ତ ଉତ୍ତର ଭାରତର ନଦୀମାନଙ୍କ ବିଷୟକ — କେଉଁଠି କେଉଁଠି ବୃତ୍ରର ଅର୍ଥ ଦ୍ରାବିଡ଼ ଜାତି, କେଉଁଠି ବା ସେମାନଙ୍କୁ ଦେବଗଣଙ୍କ ଅର୍ଥରେ ନିଆଯାଇଛି — ଏବଂ ବହିରାଗତ ଆର୍ଯ୍ୟମାନଙ୍କ ନିକଟରୁ ପୂର୍ବ-ଅଧିବାସୀ ଦସ୍ୟୁମାନଙ୍କ ଦ୍ୱାରା ଅଧିକୃତ ଗୋଧନ କିଂବା ଏହି ଦସ୍ୟୁମାନଙ୍କ ଦ୍ୱାରା ଅପହୃତ ଗୋ-ପଲ ବିଷୟରେ କହିବା ବେଳେ ଏହି 'ଦସ୍ୟୁମାନେ' ହେଲେ ପଣିଗଣ ଯେଉଁମାନେ କି ଗୋ-ପଲକୁ ଅଧିକାର କରି ନିଅନ୍ତି ବା ଅପହରଣ କରି ନିଅନ୍ତି, ଏଠାରେ ପୁନଶ୍ଚ ସେମାନଙ୍କୁ କେତେବେଳେ ଦ୍ରାବିଡ଼ ଜାତି ବା କେତେବେଳେ ସେମାନଙ୍କ ଦେବତା ବୋଲି କୁହାଯାଇଛି; ଏସବୁ ଅର୍ଥ କ'ଣ ଠିକ୍; ଏହା ମଧ୍ୟରେ କୌଣସି ଗଭୀର ଆଧ୍ୟାତ୍ମିକ ଅର୍ଥ ନିହିତ ଅଛି କି ? 'ସ୍ୱର୍'କୁ ଜୟ କରିବାର ଅର୍ଥ କ'ଣ ବାତ୍ୟା ଏବଂ ମେଘ ଦ୍ୱାରା ଆବୃତ ବା ରାହୁଗ୍ରସ୍ତ ବା ମହାରାତ୍ରିର ଅନ୍ଧକାରରେ ଆଚ୍ଛନ୍ନ ସୂର୍ଯ୍ୟଙ୍କୁ ପୁନରୁଦ୍ଧାର କରିବା ? କାରଣ, ଅନ୍ତତଃ ଏହିଠାରେ ଏପରି ଅର୍ଥ କରିହେବ ନାହିଁ ଯେ ଏହି ''କୃଷ୍ଣଚର୍ମା'' ବା ''ଅନାସ'' (ଛୋଟ ନାକ ଥିବା) ମନୁଷ୍ୟ-ଶତ୍ରୁମାନେ ସୂର୍ଯ୍ୟଙ୍କୁ ଅବରୁଦ୍ଧ କରି ରଖିଥିଲେ । କିଂବା ସ୍ୱର୍-ଜୟର ଅର୍ଥ କ'ଣ କେବଳ ଯଜ୍ଞ ଦ୍ୱାରା ସ୍ୱର୍ଗକୁ ଜୟ କରିବା ? ଏହି ଉଭୟର ଅର୍ଥ ଯାହା ହେଉ ନା କାହିଁକି, ଗାଃ ଅପସ୍ ଓ ସୂର୍ଯ୍ୟ କିଂବା ଗାଃ ଅପସ୍ ଓ ଦ୍ୟୌଃ ପ୍ରଭୃତିଙ୍କର

କୌତୂହଳଜନକ ଏକତ୍ର ସମାବେଶର ଅର୍ଥ କ'ଣ ? ଏଥିରୁ କ'ଣ ଏତିକି ଜଣାଯାଉ ନାହିଁ ଯେ ଏହା ହେଉଛି ପ୍ରତୀକାତ୍ମକ ଅର୍ଥ-ନିଷ୍ପାଦନର ଏକ ଶୈଳୀ ଯେଉଁଥିରେ ଗୋ-ପଲକୁ ବୁଝାଇବାକୁ 'ଗାଃ' ପଦଟି ବ୍ୟବହୃତ ଏବଂ ଏହା ଗୋପଲ ତଥା ଆଲୋକରଶ୍ମି ଉଭୟାର୍ଥବୋଧକ, ଯାହା ଜ୍ୟୋତିଃ-ସୂର୍ଯ୍ୟ ବା ସତ୍ୟସୂର୍ଯ୍ୟ ରୂପକ ସେମାନଙ୍କ ଆଦି ଉତ୍ସରୁ, ଉର୍ଦ୍ଧ୍ୱ ଚେତନାରୁ, ନିଃସାରିତ ପ୍ରଭାରାଜି ? ବେଦରେ ସର୍ବବିଭାକର ସୂର୍ଯ୍ୟ ବୃହତ୍ ସତ୍ୟ, ''ଋତମ୍ ବୃହତ୍'', ଓ ଋତ-ଜ୍ୟୋତିଃ ବୋଲି ଅଭିହିତ, ତେଣୁ ସ୍ୱର୍ ମଧ୍ୟ କ'ଣ ଜ୍ୟୋତିଃ ବା ସତ୍ୟ ଦ୍ୱାରା ନିୟନ୍ତ୍ରିତ ଅମୃତତ୍ୱର ଜଗତ୍ ନୁହେଁ ? ଦିବ୍ୟ ଜଳଧାରାଗୁଡ଼ିକ — ''ଆପୋ ଦେବୀଃ'', ''ଦିବ୍ୟାଃ'' ଅଥବା ''ସ୍ୱର୍ବତୀଃ'' କ'ଣ ମର୍ତ୍ତ୍ୟ ମନ ଉପରେ ଅମୃତଲୋକରୁ ଅଜାଡ଼ି ହୋଇ ପଡ଼ିଥିବା ଉଚ୍ଚତର ଚେତନା- ପ୍ଲାବନକୁ ବୁଝାଉ ନାହିଁ ?

ଅବଶ୍ୟ ଏଥିରେ ସନ୍ଦେହ ନାହିଁ ଯେ, ଏପରି ଅନେକ ସୂକ୍ତାଂଶକୁ ବା ସୂକ୍ତକୁ ବାଛି ଦେଇ ହେବ ଯେଉଁମାନଙ୍କର ଉପର ଅର୍ଥକୁ ଦେଖିଲେ ଏପରି କୌଣସି ଅର୍ଥ-ନିଷ୍ପାଦନର ଆବଶ୍ୟକତା ନାହିଁ ବୋଲି ମନେହୁଏ ଏବଂ ସୂକ୍ତଟିକୁ ଏପରି ବୁଝାଯାଇ ପାରେ ଯେ ଏହା ବୃଷ୍ଟିଦାନ ନିମନ୍ତେ ଏକ ପ୍ରାର୍ଥନା ବା ସ୍ତୁତି ଅଥବା ପଞ୍ଜାବର ନଦୀମାନଙ୍କୁ କେନ୍ଦ୍ରକରି ଏକ ଯୁଦ୍ଧର ବର୍ଣ୍ଣନା । କିନ୍ତୁ ବେଦବ୍ୟାଖ୍ୟା କରିବା ବେଳେ କୌଣସି ମନ୍ତ୍ରଗୁଚ୍ଛ ବା ସୂକ୍ତକୁ ପୃଥକ୍ ଭାବେ ବ୍ୟାଖ୍ୟା କରାଯାଏ ନାହିଁ । ଯଦି ବେଦର କୌଣସି ସୁସଙ୍ଗତ ବା ସର୍ବଥା ସ୍ଥିର ଅର୍ଥ ଥାଏ ତେବେ ଏହା ବେଦକୁ ସମଗ୍ର ରୂପେ ବ୍ୟାଖ୍ୟା କରୁଥିବା ବେଳେ ରହୁଥିବା ଉଚିତ । ବିଭିନ୍ନ ସୂକ୍ତ-ଚରଣରେ 'ସ୍ୱର୍' ବା 'ଗାଃ'ର ପୂରା ଭିନ୍ନ ଅର୍ଥ ଦେଇ ଆମେ ଆମର ଅସୁବିଧାକୁ ଏଡ଼େଇ ଦେଇ ପାରୁ — ଉଦାହରଣତଃ ସାୟଣ କେତେବେଳେ 'ଗାଃ'ର ଅର୍ଥ ଗାଭୀମାନେ କେତେବେଳେ ବା କିରଣରାଜି ରୂପେ ଅର୍ଥ କରିଛନ୍ତି ଏବଂ କେତେବେଳେ ଅତି ହାଲୁକା ଭାବେ ଏହାକୁ ବାଧ କରି ଜଳଧାରାଗୁଡ଼ିକ ବୋଲି ମଧ୍ୟ ଅର୍ଥ କରିଛନ୍ତି[୧] । କିନ୍ତୁ ଏପ୍ରକାର ବ୍ୟାଖ୍ୟା-ପଦ୍ଧତି ଯୁକ୍ତିସଙ୍ଗତ ନୁହେଁ, ଏହା କେବଳ ଏଇଥିପାଇଁ ଯେ ଏହା ଏକ ''ତର୍କବାଦିତା'' ଅଥବା ''ସାଧାରଣ ଜ୍ଞାନଗମ୍ୟତା'' ରୂପକ ସିଦ୍ଧାନ୍ତରେ ଆମକୁ ଉପନୀତ କରାଏ । ଏପରି ବ୍ୟାଖ୍ୟା ବରଂ ଅନ୍ୟ ପକ୍ଷରେ ତର୍କ ତଥା ସାମାନ୍ୟ ବୁଦ୍ଧି ଉଭୟର ଅବଜ୍ଞା କରେ । ପ୍ରକୃତରେ ଏପରି ପଦ୍ଧତି ଅବଲମ୍ବନ କରି ଇଚ୍ଛାନୁସାରେ ଯେକୌଣସି ଅର୍ଥରେ ଆମେ ପହଞ୍ଚିପାରୁ, କିନ୍ତୁ ସେପରି ନିଷ୍କର୍ଷରୁ ଉତ୍ପନ୍ନ

---

[୧] ଏପରିକି ସେ ବେଦର ସବୁଠୁ ଗୁରୁତ୍ୱପୂର୍ଣ୍ଣ 'ଋତ' ଶବ୍ଦର ଅର୍ଥ ମଧ୍ୟ କେଉଁଠି ଯଜ୍ଞ ରୂପେ, କେଉଁଠି ସତ୍ୟ ରୂପେ, କେଉଁଠି ଜଳ ରୂପେ କରିଛନ୍ତି, ଏବଂ ଏହିସବୁ ନାନାର୍ଥକୁ ସେ ପାଞ୍ଚ ବା ଛଅ ଋକ୍ ବିଶିଷ୍ଟ ସୂକ୍ତର ବ୍ୟାଖ୍ୟାରେ ପ୍ରୟୋଗ କରିଛନ୍ତି ।

ଅର୍ଥ ଯେ ବୈଦିକ ସୂକ୍ତମାନଙ୍କ ମୂଳ ଅର୍ଥ ଏହା କୌଣସି ବୁଦ୍ଧିମାନ୍ ତଥା ନିରପେକ୍ଷ ମନ ନିଶ୍ଚୟତାର ସହ ଗ୍ରହଣ କରିବ ନାହିଁ।

କିନ୍ତୁ ଯଦି ଆମେ ଅଧିକ ସୁସଙ୍ଗତ ପଦ୍ଧତି ଅବଲମ୍ବନ କରୁ ତେବେ ସୂକ୍ତଗୁଡ଼ିକର ଭୌତିକ ଅର୍ଥ ଆସି ଆମ ଆଗରେ ଅନେକ ଅଲଂଘନୀୟ ବାଧା ସୃଷ୍ଟି କରିବେ। ଉଦାହରଣତଃ ''ଆପୋ ଦେବୀଃ'' ବା ''ଆପୋ ଦିବ୍ୟାଃ'' ସମ୍ବନ୍ଧରେ ବସିଷ୍ଠଙ୍କର ଏକ ସୂକ୍ତ (ଋ. ୭।୪୯) ଅଛି ଯାହାର ଦ୍ୱିତୀୟ ଋକ୍‌ରେ ଏହିପରି କୁହାଯାଇଛି – ''ଯେଉଁ ପବିତ୍ର ଓ ପାବକ ଦିବ୍ୟ ବାରିଧାରାମାନେ ଖନିତ ବା ସ୍ୱୟଂଜାତ ପ୍ରଣାଳୀ ମଧ୍ୟ ଦେଇ ପ୍ରବାହିତା, ଏବଂ ଯେଉଁମାନେ ମହାସିନ୍ଧୁ ଅଭିମୁଖେ ଯାତ୍ରା କରୁଛନ୍ତି, ସେମାନେ ମୋର ପାଳନ ପୋଷଣ କରନ୍ତୁ।'' କୁହାଯାଇପାରେ, ଏଠାରେ ଋକ୍‌ଟିର ଅର୍ଥ ସୁସ୍ପଷ୍ଟ; ଏମାନେ ହେଉଛନ୍ତି ବାସ୍ତବ ସ୍ରୋତସ୍ୱିନୀ, ପାର୍ଥିବ ନଦୀ ବା କୁଇଆରାଜି,– ଅଥବା ''ଖନିତ୍ରିମାଃ'' ପଦଟିର ଅର୍ଥ ଯଦି କେବଳ ''ଖନିତ'' ତେବେ କହିବାକୁ ହେବ ବସିଷ୍ଠ ଏଠାରେ କୂପମାନଙ୍କ ଜଳ ସମ୍ବନ୍ଧରେ କହିଛନ୍ତି ଏବଂ ''ଦିବ୍ୟାଃ'' ପଦଟି ଏକ ଆଳଙ୍କାରିକ ବିଶେଷଣ ମାତ୍ର; ଅଥବା ଋକ୍‌ଟିକୁ ଅନ୍ୟଭାବେ ବ୍ୟାଖ୍ୟା କରିପାରୁ,– ମନେକରାଯାଇ ପାରେ ଏଠାରେ ତିନି ପ୍ରକାର ଜଳର ବର୍ଣ୍ଣନା କରାଯାଇଛି – ଆକାଶର ଜଳ ଅର୍ଥାତ୍ ବୃଷ୍ଟି, କୂପଜଳ ଏବଂ ନଦୀଜଳ। କିନ୍ତୁ ଯଦି ସୂକ୍ତଟିର ସାମଗ୍ରିକ ଅର୍ଥ କରାଯାଏ ତା'ହେଲେ ଏପରି କୌଣସି ଅର୍ଥ ସେଥିରେ ତିଷ୍ଠିପାରେ ନାହିଁ। କାରଣ, ସାରା ସୂକ୍ତର ଅର୍ଥ ଏହିପରି –

(୧) ଯେଉଁମାନଙ୍କୁ ବଜ୍ରଧାରୀ ଇନ୍ଦ୍ର [ବଜ୍ରୀ ଇନ୍ଦ୍ରଃ] ବୃଷଭ [ବୃଷଭଃ] ବିଦାରଣପୂର୍ବକ ନିଃସାରିତ କରିଛନ୍ତି [ରରାଦ], ଯେଉଁମାନେ ସମୁଦ୍ରର ଜ୍ୟେଷ୍ଠ ସ୍ରୋତ ଅଟନ୍ତି [ସମୁଦ୍ରଜ୍ୟେଷ୍ଠାଃ], ପ୍ଳାବନମୟ ଜଳ ମଧ୍ୟରୁ ଉଠିଆସି ଯେଉଁମାନେ ପୂତ ପବିତ୍ର କରିଯାଉଥା'ନ୍ତି [ସଲିଲସ୍ୟ ମଧ୍ୟାତ୍ ପୁନାନାଃ] ଅଥଚ କେଉଁଠି ଅଟକି ରହନ୍ତି ନାହିଁ [ଅନିବିଶମାନାଃ] ଏହିଭଳି ଦିବ୍ୟ ଜଳସ୍ରୋତଗଣ [ଦେବୀଃ ଆପଃ] ମୋତେ ପୋଷଣ କରନ୍ତୁ [ଇହ ମାମ୍ ଅବତୁ] ॥ (୨) ଯେଉଁ ଦିବ୍ୟ ଜଳସ୍ରୋତମାନେ [ୟାଃ ଦିବ୍ୟାଃ ଆପଃ] ଖନିତା କିଂବା ସ୍ୱୟଂଜାତା ପ୍ରଣାଳୀ ମଧ୍ୟ ଦେଇ ପ୍ରବାହିତା [ୟାଃ ଖନିତ୍ରିମାଃ ଉତ ବା ସ୍ୱୟଂଜାଃ ସ୍ରବନ୍ତି], ଯେଉଁମାନେ ମହାସିନ୍ଧୁ ଅଭିମୁଖେ ଯାତ୍ରୀ [ୟାଃ ସମୁଦ୍ରାର୍ଥାଃ] [ସେହି ଶୁଦ୍ଧ ପାବକ (ତାଃ ଶୁଚୟଃ ପାବକାଃ)] ଦିବ୍ୟ ଜଳଧାରାଗଣ ମୋତେ ପୋଷଣ କରନ୍ତୁ ॥ (୩) ଯାହାଙ୍କ ମଧ୍ୟରେ ରାଜା ବରୁଣ [ୟାସାଂ ରାଜା ବରୁଣଃ] ଜୀବମାନଙ୍କର [ଜୀବାନାମ୍] ସତ୍ୟ ଓ ମିଥ୍ୟାକୁ ଦେଖି ଦେଖି ଯାତ୍ରା କରୁଛନ୍ତି [ସତ୍ୟାନୃତେ ଅବପଶ୍ୟନ୍ ୟାତି], ଯେଉଁମାନେ ପବିତ୍ର ଓ ପାବକ ଏବଂ ମଧୁସ୍ରାବିଣୀ [ୟାଃ ଶୁଚୟଃ ପାବକାଃ

ମଧୁଶ୍ଚୁତଃ] ସେହି ଜଳସ୍ରୋତମାନେ ମୋତେ ପୋଷଣ କରନ୍ତୁ ॥ (୪) ଯାହାଙ୍କ ମଧ୍ୟରେ ବରୁଣ ରାଜା [ୟାସୁ ବରୁଣଃ], ଯାହାଙ୍କ ମଧ୍ୟରେ ସୋମ [ୟାସୁ ସୋମଃ] ଯାହାଙ୍କ ମଧ୍ୟରେ ସମସ୍ତ ଦେବତା [ୟାସୁ ବିଶ୍ୱେ ଦେବାଃ] ଶକ୍ତି-ମଦିରାରେ ମତ୍ତ [ଊର୍ଜଂ ମଦନ୍ତି], ଯାହାଙ୍କ ମଧ୍ୟକୁ ବୈଶ୍ୱାନର ଅଗ୍ନି ପ୍ରବେଶ କରିଛନ୍ତି [ୟାସୁ ବୈଶ୍ୱାନରଃ ଅଗ୍ନିଃ ପ୍ରବିଷ୍ଟଃ], ସେହି ଦିବ୍ୟ ଜଳସ୍ରୋତ-ଗଣ ମୋତେ ପୋଷଣ କରନ୍ତୁ ।' (ଋ. ୭।୪୯।୧-୪)

ଏଥିରୁ ସ୍ପଷ୍ଟ ରୂପେ ଜଣାଯାଏ ଯେ ବାମଦେବ ଯେଉଁ ଜଳସ୍ରୋତମାନଙ୍କୁ ସ୍ତୁତି କରିଛନ୍ତି ବସିଷ୍ଠ ମଧ୍ୟ ଏଠାରେ ସେହିମାନଙ୍କ କଥା କହିଛନ୍ତି, ସେହି ଜଳସ୍ରୋତଗୁଡ଼ିକ ସମୁଦ୍ରରୁ ଉଠି ସମୁଦ୍ର ମଧ୍ୟକୁ ପ୍ରବାହିତ ହୁଅନ୍ତି । ସେହି ସମୁଦ୍ର ବା ସେହି ଜଳପ୍ଲାବନ ମଧ୍ୟରୁ ସେହି ମଧୁମୟ ତରଙ୍ଗ ଊର୍ଦ୍ଧ୍ୱାଭିମୁଖେ ଉଠିଯାଏ, ଏହି ପ୍ଲାବନ ହେଉଛି ବସ୍ତୁମାନଙ୍କର ହୃତ୍‌କେନ୍ଦ୍ର ଏବଂ ସେହି ଶୁଦ୍ଧତାର ପ୍ରବାହ — ଘୃତସ୍ୟ ଧାରାଃ । ଏମାନେ ହେଲେ ଉଚ୍ଚତମ ତଥା ବିଶ୍ୱମୟ ଚିନ୍ମୟ ସତ୍ତାର ପ୍ଲାବନ । ବରୁଣ ଏହାରି ମଧ୍ୟରେ ଯାତ୍ରା କରନ୍ତି ଏବଂ ନିମ୍ନ ଜଗତସ୍ଥ ମୃତ୍ୟୁନିୟତ ଜୀବମାନଙ୍କ ସତ୍ୟ-ମିଥ୍ୟା ଉପରେ ଦୃଷ୍ଟିପାତ କରନ୍ତି,— ଏହି ବିଷୟଗୁଡ଼ିକ ମେଘ ବୃଷ୍ଟି ବା ପାର୍ଥିବ ସମୁଦ୍ର କୌଣସିଟି ସମ୍ପର୍କରେ କଦାପି ପ୍ରଯୁଜ୍ୟ ନୁହେଁ । ବେଦର 'ବରୁଣ' ଭାରତୀୟ 'ନେପ୍‌ଚୁନ୍' (ସମୁଦ୍ର-ଦେବତା) ନୁହନ୍ତି, ଏପରିକି ୟୁରୋପୀୟ ବିଦ୍ୱାନ୍‌ମାନେ ଯେପରି ପ୍ରଥମେ ଭାବୁଥିଲେ ସେ ଗ୍ରୀକ୍ ପୁରାଣର ଔରେନସ୍ ବା ଆକାଶ, ସେପରି ବି ସେ ନୁହନ୍ତି; ସେ ହେଉଛନ୍ତି ବ୍ୟୋମମଣ୍ଡଳ ବା ଊର୍ଦ୍ଧ୍ୱସ୍ଥ ସମୁଦ୍ରର ବିପୁଳତାର ପ୍ରଭୁ, ସତ୍ତାର ବିସ୍ତୃତି ଓ ଏହାର ଶୁଦ୍ଧତାର ପ୍ରଭୁ । ଅନ୍ୟତ୍ର ଏବିଷୟରେ କୁହାଯାଇଛି ଯେ, ଏହି ବିସ୍ତୃତି ବା ପଥବିହୀନ ଆନନ୍ତ୍ୟ ମଧ୍ୟରେ ସେ ପଥମାନ ନିର୍ମାଣ କରିଛନ୍ତି, ଯେଉଁଥିରେ ସତ୍ୟ ଓ ଜ୍ୟୋତିଃର ପ୍ରଭୁ 'ସୂର୍ଯ୍ୟ' ଯାତ୍ରା କରିପାରିବେ । ସେଠାରେ ଥାଇ ମର୍ତ୍ତ୍ୟଚେତନାର ମିଶ୍ରିତ ଋତ ଓ ଅନୃତ ଉପରେ ସେ ଦୃଷ୍ଟିପାତ କରନ୍ତି ।... ଆହୁରି ମଧ୍ୟ ଆମର ଦେଖିବାର ଅଛି ଯେ, ଏସମସ୍ତ ଦିବ୍ୟ ଜଳସ୍ରୋତକୁ 'ଇନ୍ଦ୍ର' ବିଦାରଣ

---

[୨] ସମୁଦ୍ର ଜ୍ୟେଷ୍ଠାଃ ସଲିଲସ୍ୟ ମଧ୍ୟାତ୍ ପୁନାନା ୟନ୍ତ୍ୟନିବିଶମାନାଃ ।
ଇନ୍ଦ୍ରୋ ୟା ବଜ୍ରୀ ବୃଷଭୋ ରରାଦ ତା ଆପୋ ଦେବୀରିହ ମାମବନ୍ତୁ ॥୧॥
ୟା ଆପୋ ଦିବ୍ୟା ଉତ ବା ସ୍ରବନ୍ତି ଖନିତ୍ରିମା ଉତ ବା ୟାଃ ସ୍ୱୟଂଜାଃ ।
ସମୁଦ୍ରାର୍ଥା ୟାଃ ଶୁଚୟଃ ପାବକାସ୍ତା ଆପୋ ଦେବୀରିହ ମାମବନ୍ତୁ ॥୨॥
ୟାସାଂ ରାଜା ବରୁଣୋ ୟାତି ମଧ୍ୟେ ସତ୍ୟାନୃତେ ଅବପଶ୍ୟଞ୍ଜନାନାମ୍ ।
ମଧୁଶ୍ଚୁତଃ ଶୁଚୟୋ ୟାଃ ପାବକାସ୍ତା ଆପୋ ଦେବୀରିହ ମାମବନ୍ତୁ ॥୩॥
ୟାସୁ ରାଜା ବରୁଣୋ ୟାସୁ ସୋମୋ ବିଶ୍ୱେ ଦେବା ୟାସୂର୍ଜଂ ମଦନ୍ତି ।
ବୈଶ୍ୱାନରୋ ୟାସ୍ୱଗ୍ନିଃ ପ୍ରବିଷ୍ଟସ୍ତା ଆପୋ ଦେବୀରିହ ମାମବନ୍ତୁ ॥୪॥

ପୂର୍ବକ ବାହାର କରି ପୃଥିବୀ ଉପରେ ପ୍ରବାହିତ କରିଥିଲେ – ସମଗ୍ର ବେଦରେ ଯେଉଁ ଯେଉଁ ସ୍ଥାନରେ ସପ୍ତନଦୀର କଥା ଆସେ, ସେସବୁଠାରେ ଏହି ବର୍ଣ୍ଣନା ପ୍ରଯୁକ୍ତ ହୋଇଛି ।

ବସିଷ୍ଠଙ୍କ ସ୍ତୋତ୍ରରେ ଏହି ଜଳସ୍ରୋତଗୁଡ଼ିକ ଯେ ବାମଦେବଙ୍କ ପ୍ରସିଦ୍ଧ ସୂକ୍ତର ଜଳସ୍ରୋତ – ''ମଧୁମାନ୍ ଊର୍ମିଃ, ଘୃତସ୍ୟ ଧାରାଃ''– ଏବିଷୟରେ ଯଦି କୌଣସି ସନ୍ଦେହ ଥାଏ ତେବେ ଋଷି ବସିଷ୍ଠଙ୍କ ଅନ୍ୟ ଏକ ସୂକ୍ତ (ଋ. ୭।୪୭) ଦ୍ୱାରା ତାହା ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ ହୋଇଯାଏ । ଅଣପଚାଶତମ ସୂକ୍ତରେ ସେ ଦିବ୍ୟ-ଜଳସ୍ରୋତମାନଙ୍କ ସମ୍ବନ୍ଧରେ ସଂକ୍ଷେପରେ କହିଛନ୍ତି – ଏମାନେ ମଧୁସ୍ରାବୀ, ମଧୁଶ୍ଚୁତଃ, ଏବଂ ଦେବତାମାନେ ସେଥିରେ ଶକ୍ତିର ମଧୁମତ୍ତତା ଉପଭୋଗ କରନ୍ତି – ଊର୍ଜଂ ମଦନ୍ତି; ଏଇଥିରୁ ଜଣାଯାଏ ଯେ ମଧୁ ବା ମଧୁରତା ହେଲା ମଧୁ, 'ସୋମ', ଆନନ୍ଦର ଆସବ, ଏହାର ଉଲ୍ଲାସ ଦେବଗଣ ଉପଭୋଗ କରନ୍ତି । କିନ୍ତୁ ଷଡ଼ଚାଳିଶତମ ସୂକ୍ତରେ ସେ ଭ୍ରାନ୍ତିଶୂନ୍ୟଭାବେ ତାଙ୍କର ଅର୍ଥ ସ୍ପଷ୍ଟ କରିଛନ୍ତି ।

''ହେ ଜଳସ୍ରୋତଗଣ [ଆପଃ], ଇନ୍ଦ୍ରଙ୍କ ପାନୀୟରୂପୀ ତୁମର ଯେଉଁ ପରମ ତରଙ୍ଗକୁ [ଇନ୍ଦ୍ରପାନଂ ବଃ ୟଂ ପ୍ରଥମମ୍ ଊର୍ମିମ୍] ଦେବକାମୀମାନେ [ଦେବୟନ୍ତଃ] ନିଜ ପାଇଁ ପ୍ରସ୍ତୁତ କରିଥିଲେ [ଅକୃଣ୍ୱତ], ଶୁଦ୍ଧ ଅପ୍ରଦୁଷ୍ୟ [ଶୁଚିମ୍ ଅରିପ୍ରମ୍] ନିର୍ମଳତାବାହୀ ମଧୁର [ଘୃତ ପ୍ରୁଷଂ ମଧୁମନ୍ତମ୍] ତାହାକୁ [ତମ୍] ଆଜି ଆମେ ଭୋଗ କରୁ [ଅଦ୍ୟା ବନେମ] ॥୧॥ ଜଳସ୍ରୋତମାନଙ୍କ ତନୟ [ଅପାଂ ନପାତ୍] ଅତି ଦ୍ରୁତ ଧାବନଶୀଳ [ଅଶୁହେମା] (ଅଗ୍ନି) ତୁମର ସେହି ପରମ ମଧୁମୟ ଊର୍ମିକୁ ପାଇନ କରନ୍ତୁ [ବଃ ତଂ ମଧୁମତ୍ତମମ୍ ଊର୍ମିମ୍ ଅବତୁ], ତୁମର ସେହି ତରଙ୍ଗରେ [ବଃ ୟସ୍ମିନ୍] ବସୁଙ୍କ ସହ ଇନ୍ଦ୍ର ଉଲ୍ଲାସରେ ମତ୍ତ ହୁଅନ୍ତି [ବସୁଭିଃ ଇନ୍ଦ୍ରଃ ମାଦୟାତେ], ହେ ନଦୀଗଣ [ଆପଃ], ଆମେ ଦେବକାମୀମାନେ ଆଜି ଯେପରି ତାହାର ସ୍ୱାଦ ଲାଭକରୁ [ଦେବୟନ୍ତଃ ଅଦ୍ୟା ଅଶ୍ୟାମ] ॥୨॥ ଶତ ଛାଙ୍କୁଣୀରେ ଯେଉଁମାନେ ପରିଶୁଦ୍ଧା [ଶତ ପବିତ୍ରାଃ], ସ୍ୱଭାବତଃ ଯେଉଁମାନେ ମଦମୟୀ ଓ ଦିବ୍ୟା [ସ୍ୱଧୟା ମଦନ୍ତୀଃ ଦେବୀଃ] ଏବଂ ଦେବତାମାନଙ୍କ ଯାତ୍ରାର ଲକ୍ଷ୍ୟ (ପରମ ସମୁଦ୍ର) ଅଭିମୁଖେ ଅଗ୍ରସରା [ଦେବାନାଂ ପାଥଃ ଅପିୟନ୍ତି], ସେମାନେ ଇନ୍ଦ୍ରଙ୍କ କର୍ମକୁ ସୀମିତ କରନ୍ତି ନାହିଁ [ତାଃ ଇନ୍ଦ୍ରସ୍ୟ ବ୍ରତାନି ନ ମିନନ୍ତି] ସେହି ନଦୀମାନଙ୍କ ଉଦ୍ଦେଶ୍ୟରେ ଶୁଦ୍ଧତାରୂପକ ହବିଃ ଅର୍ପଣ କର [ସିନ୍ଧୁଭ୍ୟଃ ଘୃତବତ୍ ହବିଃ ଜୁହୋତ] ॥୩॥ ଯେଉଁ ନଦୀମାନଙ୍କୁ [ୟାଃ] ସ୍ୱୟଂ ସୂର୍ଯ୍ୟ ନିଜ ରଶ୍ମିରାଜିରେ ରଚନା କରିଛନ୍ତି [ସୂର୍ୟଃ ରଶ୍ମିଭିଃ ଆତତାନ], ଯେଉଁମାନଙ୍କ ମଧ୍ୟରୁ ଇନ୍ଦ୍ର ଗୋଟିଏ ଚଳମାନ ତରଙ୍ଗକୁ ବିଦାରି ବାହାର କରିଥିଲେ [ୟାଭ୍ୟଃ ଇନ୍ଦ୍ରଃ ଗାତୁମ୍ ଅରଦତ୍], ସେଇ ସିନ୍ଧୁମାନେ

ଆମ ନିମନ୍ତେ ପରମ ମଙ୍ଗଳ ପ୍ରତିଷ୍ଠା କରନ୍ତୁ [ତେ ସିନ୍ଧବଃ ନଃ ବରିବଃ ଧାତନା] । ହେ ଦେବଗଣ, ଆମକୁ ତୁମେମାନେ ସ୍ୱସ୍ତି ଦ୍ୱାରା ସର୍ବଦା ରକ୍ଷାକର [ନଃ ୟୂୟଂ ସ୍ୱସ୍ତିଭିଃ ସଦା ପାତ] ॥୪॥ (ଋ. ୭।୪୭।୧-୪)[୩]

ଏଠାରେ ବାମଦେବଙ୍କ ''ମଧୁମାନ୍ ଊର୍ମିଃ'' ଅର୍ଥାତ୍ ''ମଧୁମୟ ପ୍ରମତ୍ତକ ତରଙ୍ଗ''ର ବିବରଣୀ ଆମେ ପାଉ ଏବଂ ଏଠାରେ ସ୍ପଷ୍ଟ କୁହାଯାଇଛି ଯେ ଏହି ମଧୁ ଇନ୍ଦ୍ରଙ୍କ ପାନୀୟ 'ସୋମ' । ''ଶତପବିତ୍ରାଃ'' ବିଶେଷଣ ପ୍ରୟୋଗ କରି କଥାଟିକୁ ଆହୁରି ସ୍ପଷ୍ଟ କରି ଦିଆଯାଇଛି ଯାହାକି ବୈଦିକ ଭାଷାରେ ଏହାର ଏକମାତ୍ର ଅର୍ଥ 'ସୋମ'; ଆଉ ମଧ ଲକ୍ଷ୍ୟ କରିବାର କଥା ଯେ ଏହି ବିଶେଷଣଟି ସ୍ୱୟଂ ନଦୀମାନଙ୍କ ସମ୍ବନ୍ଧରେ ପ୍ରଯୁକ୍ତ ଏବଂ ଇନ୍ଦ୍ର ସେମାନଙ୍କ ମଧରୁ ମଧୁମୟ ତରଙ୍ଗକୁ ବାହାର କରି ପ୍ରବାହିତ କରିଛନ୍ତି, ସେ ନିଜର ବୃତ୍ରଘାତୀ ବଜ୍ର ପ୍ରହାର ଦ୍ୱାରା ପର୍ବତମାନଙ୍କୁ ବିଦୀର୍ଣ୍ଣ କରି ଏହାର ପଥ ନିର୍ମାଣ କରିଛନ୍ତି । ସ୍ପଷ୍ଟ ରୂପେ ଆହୁରି ମଧ କୁହାଯାଇଛି ଯେ, ଏହି ଜଳସ୍ରୋତମାନ ହେଲେ ସପ୍ତନଦୀ, ଇନ୍ଦ୍ରହିଁ ଅବରୋଧକ ଆବରକ ବୃତ୍ରକବଳରୁ ଯେଉଁମାନଙ୍କୁ ମୁକ୍ତ କରି ଧରାବକ୍ଷରେ ପ୍ରବାହିତ କରିଥିଲେ ।

ଏହି ଯେଉଁ ନଦୀଗଣ, ଯାହାର ତରଙ୍ଗ ସୋମରସମୟ ଓ ଊର୍ଜା (ଶକ୍ତି) ରୂପକ ଘୃତରେ ପୂର୍ଣ୍ଣ, ଏମାନେ ଆଉ କ'ଣ ହୋଇ ପାରନ୍ତି ? ଏହି ଯେଉଁ ଜଳସ୍ରୋତମାନେ ଦେବତାମାନଙ୍କ ଯାତ୍ରାର ଲକ୍ଷ୍ୟ ଦିଗରେ ପ୍ରବାହିତ ଓ ମନୁଷ୍ୟ ନିମନ୍ତେ ପରମ ମଙ୍ଗଳର ପ୍ରତିଷ୍ଠାତା, ଏମାନେ କ'ଣ ? ଏମାନେ କେବେ ବି ପଞ୍ଜାବର ନଦୀଗଣ ନୁହନ୍ତି; ବୈଦିକ ଋଷିମାନେ ଅତିଶୟ ଜଙ୍ଗଲୀ ବର୍ବର ଥିଲେ, ସେମାନଙ୍କ ଚିନ୍ତାଧାରାରେ ବର୍ବରୋଚିତ ବିକ୍ଷିପ୍ତତା ଥିଲା – ଏପ୍ରକାର ଆନୁମାନିକ ତଥ୍ୟ କଦାପି ଆମକୁ ଏପରି ଏକ ଅର୍ଥ ପ୍ରକାଶ ପାଇଁ ପ୍ରେରିତ କରିପାରିବ ନାହିଁ । ଏକଥା ସ୍ପଷ୍ଟ ଯେ ଏହି ନଦୀଗୁଡ଼ିକ ପରମ ସମୁଦ୍ରରୁ ପ୍ରବାହିତ । ଋତ ଓ ଆନନ୍ଦର ଧାରା । ଏହି ନଦୀଗୁଡ଼ିକ ପୃଥିବୀରେ ନୁହେଁ,

---

[୩] ଆପୋ ୟଂ ବଃ ପ୍ରଥମଂ ଦେବୟନ୍ତ ଇନ୍ଦ୍ରପାନମୂର୍ମିମକୃତ୍ୱାତେଜଃ ।
ତଂ ବୋ ବୟଂ ଶୁଚିମରିପ୍ରମଦ୍ୟ ଘୃତପ୍ରୁଷଂ ମଧୁମନ୍ତଂ ବନେମ ॥୧॥
ତମୂର୍ମିମାପୋ ମଧୁମତ୍ତମଂ ବୋଽପାଂ ନପାଦବତ୍ୱାଶୁହେମା ।
ୟସ୍ମିନ୍ନିନ୍ଦ୍ରୋ ବସୁଭିର୍ମାଦୟାତେ ତମଶ୍ୟାମ ଦେବୟନ୍ତୋ ବୋ ଅଦ୍ୟ ॥୨॥
ଶତପବିତ୍ରାଃ ସ୍ୱଧୟା ମଦନ୍ତୀର୍ଦେବାନାମପି ୟନ୍ତି ପାଥଃ ।
ତା ଇନ୍ଦ୍ରସ୍ୟ ମିନତି ବ୍ରତାନି ସିନ୍ଧୁଭ୍ୟୋ ହବ୍ୟଂ ଘୃତବଜ୍ଜୁହୋତ ॥୩॥
ୟାଃ ସୂର୍ୟୋ ରଶ୍ମିଭିରାତତାନ ୟାଭ୍ୟ ଇନ୍ଦ୍ରୋ ଅରଦଦ୍ ଗାତୁମୂର୍ମିମ୍ ।
ତେ ସିନ୍ଧବୋ ବରିବୋ ଧାତନା ନୋ ୟୂୟଂ ପାତ ସ୍ୱସ୍ତିଭିଃ ସଦା ନଃ ॥୪॥

ସ୍ୱର୍ଗରେ ପ୍ରବାହିତା; ଆମେ ମୃତ୍ୟୁନିୟତ ଜୀବଗଣ ଯେଉଁ ପାର୍ଥିବ ଚେତନାରେ ବାସ କରୁ ତା' ଉପରେ ଏଇ ନଦୀମାନଙ୍କ ପ୍ରସ୍ରବଣକୁ ମହାବରୋଧକ ଓ ଆବରକ ବୃତ୍ରର ନିଷେଧ ସେଇ ପର୍ଯ୍ୟନ୍ତ ଥାଏ ଯେପର୍ଯ୍ୟନ୍ତ ଦେବମାନସରୂପୀ ଇନ୍ଦ୍ର ନିଜର ଜାଜ୍ୱଲ୍ୟ ବଜ୍ରରେ ସେହି ଆବରକକୁ ଆହତ କରି ସେଇ ପାର୍ଥିବ ଚେତନା ରୂପକ ପାହାଡ଼ର ଶିଖରଦେଶକୁ କାଟି ପଥ ନିର୍ମାଣ କରିଦିଅନ୍ତି ଏବଂ ସେମାନେ ତାହା ମଧ୍ୟଦେଇ ନିମ୍ନକୁ କ୍ଷରିତ ହୋଇ ଆସନ୍ତି । ଏହାହିଁ ବୈଦିକ ଋଷିଙ୍କ ଚିନ୍ତା ଓ ଭାଷାର ଏକମାତ୍ର ଯୁକ୍ତିସଙ୍ଗତ ପ୍ରାସଙ୍ଗିକ ବୋଧ ବ୍ୟାଖ୍ୟା । ବାକି ଯାହା ରହିଲା ସେସବୁକୁ ବସିଷ୍ଠ ଆମ ପାଇଁ ଅତି ସ୍ପଷ୍ଟ କରି ଦେଇଛନ୍ତି; କାରଣ ତାଙ୍କ କହିବା ଅନୁସାରେ ସୂର୍ଯ୍ୟ ନିଜ ରଶ୍ମିରେ ଏହି ଜଳସ୍ରୋତଗୁଡ଼ିକୁ ରଚନା କରିଛନ୍ତି, ଏବଂ ପାର୍ଥିବ ଗତିବୃତ୍ତି ଭଳି ଏମାନେ ପରମ ମାନସରୂପୀ ଇନ୍ଦ୍ରଙ୍କ କ୍ରିୟାସମୂହକୁ ସୀମିତ ବା ବ୍ୟାହତ କରନ୍ତି ନାହିଁ । ଅନ୍ୟ ଅର୍ଥରେ କହିଲେ ଏହା ବୃହତ୍ ଋତର, ''ଋତଂ ବୃହତ୍''ର ଜଳସ୍ରୋତ ଏବଂ ଏହି ଋତହିଁ ପରମ ସୁଖ ସୃଷ୍ଟି କରେ ବୋଲି ଆମେ ସର୍ବତ୍ର ଦେଖୁ, ତେଣୁ ଏଠାରେ ଆମେ ଦେଖିବାକୁ ପାଉ ଯେ ଏହି ଧାରାଗୁଡ଼ିକହିଁ ସତ୍ୟର ଜଳଧାରା, ଅନ୍ୟ ଏକ ସୂକ୍ତରେ ସେମାନଙ୍କୁ ସହଜଭାବେ ଆବାହନ ପୂର୍ବକ କୁହାଯାଇଛି – ଋତସ୍ୟ ଧାରାଃ (ଉଦାହରଣ ସ୍ୱରୂପ, ଋ. ୫।୧୨।୨ ରେ ଅଛି – ''ହେ ଦ୍ରଷ୍ଟା, କେବଳ ଋତକୁ ଦର୍ଶନ କର, ଋତର ବହୁ ଧାରାକୁ – ଋତସ୍ୟ ଧାରାଃ – ଖନନ ପୂର୍ବକ ସତ୍ୟର ସେଇ ଧାରାଗୁଡ଼ିକୁ ବାହାରେ ପ୍ରକାଶ କର''), ମାନବଙ୍କ ନିମନ୍ତେ ତୁମେମାନେ ପରମ ଶ୍ରେୟଃ ପ୍ରତିଷ୍ଠା କର ଏବଂ ସେହି ପରମ ଶ୍ରେୟହିଁ ପରମ ଶୁଭ ଓ ଦିବ୍ୟଜୀବନର ଆନନ୍ଦ ।

ତଥାପି ଏହି ସୂକ୍ତଗୁଡ଼ିକରେ ବା ବାମଦେବଙ୍କ ସୂକ୍ତଗୁଡ଼ିକରେ ସପ୍ତନଦୀ ବିଷୟରେ ସ୍ପଷ୍ଟ ରୂପେ କୁହାଯାଇ ନାହିଁ । ତେଣୁ ଅଗ୍ନିଙ୍କୁ ଉଦ୍ଦେଶ୍ୟ କରି ରଚିତ ବିଶ୍ୱାମିତ୍ରଙ୍କ ପ୍ରଥମ ସୂକ୍ତର (୩।୧) ଦ୍ୱିତୀୟଠାରୁ ଚତୁର୍ଦଶ ଋକ୍ ପର୍ଯ୍ୟନ୍ତ ଆମେ ଦୃଷ୍ଟିପାତ କରିବା । ଏହି ସୂକ୍ତଟି ଅବଶ୍ୟ ଦୀର୍ଘ, କିନ୍ତୁ ଏହାର ଗୁରୁତ୍ୱ ଏତେ ଅଧିକ ଯେ ଏହାର ସମ୍ପୂର୍ଣ୍ଣ ଉଦ୍ଧୃତି ଓ ଅନୁବାଦ ଏଠାରେ ଦେଉଛୁ :

ପ୍ରାଞ୍ଚଂ ୟଜ୍ଞଂ ଚକୃମ ବର୍ଧତାଂ ଗୀଃ
ସମିଦ୍ଭିରଗ୍ନିଂ ନମସା ଦୁବସ୍ୟନ୍ ।
ଦିବଃ ଶଶାସୁର୍ବିଦଥା କବୀନାଂ
ଗୃତ୍ସାୟ ଚିତ୍ ତବସେ ଗାତୁମୀଷୁଃ ।୨।
ମୟୋ ଦଧେ ମେଧିରଃ ପୂତଦକ୍ଷୋ
ଦିବଃ ସୁବନ୍ଧୁର୍ଜନୁଷା ପୃଥିବ୍ୟାଃ ।

ଅବିନ୍ଦନ୍ ନୁ ଦର୍ଶତମ୍ ଅପ୍‌ସ୍ୱନ୍ତଃ
ଦେବାସୋ ଅଗ୍ନିମପସି ସ୍ୱସୃଣାମ୍ ।୩।
ଅବର୍ଧୟନ୍ ସୁଭଗଂ ସପ୍ତ ୟହ୍ୱୀଃ
ଶ୍ୱେତଂ ଜଜ୍ଞାନମରୁଷଂ ମହିତ୍ୱା ।
ଶିଶୁଂ ନ ଜାତମଭ୍ୟାରୁରଶ୍ୱା
ଦେବାସୋ ଅଗ୍ନିଂ ଜନିମନ୍ ବପୁଷ୍ୟନ୍ ।୪।
ଶୁକ୍ରେଭିରଙ୍ଗୈଃ ରଜ ଆତତନ୍ୱାନ୍
କ୍ରତୁଂ ପୁନାନଃ କବିଭିଃ ପବିତ୍ରୈଃ ।
ଶୋଚିର୍ବସାନଃ ପର୍ୟାୟୁରପାଂ
ଶ୍ରିୟୋ ମିମୀତେ ବୃହତୀରନୂନାଃ ।୫।
ବକ୍ରାଜ ସୀମନଦତୀରଦର୍ଧା
ଦିବୋ ୟହ୍ୱୀରବସାନା ଅନଗ୍ନାଃ ।
ସନା ଅତ୍ର ୟୁବତୟଃ ସୟୋନୀ-
ରେକଂ ଗର୍ଭଂ ଦଧିରେ ସପ୍ତ ବାଣୀଃ ।୬।
ସ୍ତୀର୍ଣ୍ଣା ଅସ୍ୟ ସଂହତୋ ବିଶ୍ୱରୂପା
ଘୃତସ୍ୟ ୟୋନୌ ସ୍ରବଥେ ମଧୂନାମ୍ ।
ଅସ୍ରୁରତ୍ର ଧେନବଃ ପିନ୍ୱମାନା
ମହୀ ଦସ୍ମସ୍ୟ ମାତରା ସମୀଚୀ ।୭।
ବଭ୍ରାଣଃ ସୂନୋ ସହସୋ ବ୍ୟଦ୍ୟୌଦ୍
ଦଧାନଃ ଶୁକ୍ରା ରଭସା ବପୂଂଷି ।
ଶ୍ନୋତନ୍ତି ଧାରା ମଧୁନୋ ଘୃତସ୍ୟ
ବୃଷା ୟତ୍ର ବାବୃଧେ କାବ୍ୟେନ ।୮।
ପିତୁଶ୍ଚିଦୂଧର୍ଜନୁଷା ବିବେଦ
ବ୍ୟସ୍ୟ ଧାରା ଅସୃଜଦ୍ ବି ଧେନାଃ ।
ଗୁହା ଚରନ୍ତଂ ସଖିଭିଃ ଶିବେଭିର୍
ଦିବୋ ୟହ୍ୱୀଭିର୍ନ ଗୁହା ବଭୂବ ।୯।
ପିତୁଶ୍ଚ ଗର୍ଭଂ ଜନିତୁଶ୍ଚ ବଭ୍ରେ
ପୂର୍ବୀରେକୋ ଅଧୟତ୍ ପୀପ୍ୟାନାଃ ।

ବୃଷ୍ଣେ ସପତ୍ନୀ ଶୁଚୟେ ସବନ୍ଧୂ
ଉଭେ ଅସ୍ମୈ ମନୁଷ୍ୟେ ନି ପାହି ।୧୦।
ଉରୌ ମହାଁ ଅନିବାଧେ ବବର୍ଧା-
ଽଽପୋ ଅଗ୍ନିଂ ୟଶସଃ ସଂ ହି ପୂର୍ବୀଃ ।
ରତସ୍ୟ ୟୋନାବଶୟଦ୍ ଦମୂନା
ଜାମୀନାମଗ୍ନିଃ ଅପସି ସ୍ୱସୃଣାମ୍ ।୧୧।
ଅକ୍ରୋ ନ ବଭ୍ରିଃ ସମିଥେ ମହୀନାଂ
ଦିଦୃକ୍ଷେୟଃ ସୂନବେ ଭାରଜୀକଃ ।
ଉଦୁସ୍ରିୟା ଜନିତା ୟୋ ଜଜାନ-
ଽପାଂ ଗର୍ଭୋ ନୃତମୋ ୟହ୍ୱୋ ଅଗ୍ନିଃ ।୧୨।
ଅପାଂ ଗର୍ଭଂ ଦର୍ଶତମୋଷଧୀନାମ୍
ବନା ଜଜାନ ସୁଭଗା ବିରୂପମ୍ ।
ଦେବାସଶ୍ଚିନ୍ନସା ସଂ ହି ଜଗ୍ମୁଃ
ପନିଷ୍ଟଂ ଜାତଂ ତବସଂ ଦୁବସ୍ୟନ୍ ।୧୩।
ବୃହନ୍ତ ଇଦ୍ ଭାନବୋ ଭାରଜୀକ-
ମଗ୍ନିଂ ସଚନ୍ତ ବିଦ୍ୟୁତୋ ନ ଶୁକ୍ରାଃ ।
ଗୁହେବ ବୃଦ୍ଧଂ ସଦସି ସ୍ୱେ ଅନ୍ତ-
ରପାର ଊର୍ବେ ଅମୃତଂ ଦୁହାନାଃ ॥୧୪॥

(୨) ପରମଙ୍କ ଅଭିମୁଖରେ ଉତ୍ତରଣ ନିମନ୍ତେ ଆମେ ଯଜ୍ଞ ରଚନା କରିଛୁ [ପ୍ରାଞ୍ଚଂ ୟଜ୍ଞଂ ଚକୃମ], ବାଣୀ ବୃଦ୍ଧିଲାଭ କରୁ ବୋଲି ଆମେ ଚାହୁଁ [ଗୀଃ ବର୍ଧତାମ୍] ଜାଜ୍ୱଲ ଶିଖାଗୁଡ଼ିକ ଦ୍ୱାରା [ସମିଭିଃ] ଓ ଆନୁଗତ୍ୟର ପ୍ରଣତି ନିବେଦନ ଦ୍ୱାରା [ନମସା] ସେମାନେ (ଦେବତାମାନେ) ଅଗ୍ନିଙ୍କୁ ତାଙ୍କ ସ୍ୱକର୍ମରେ ପ୍ରବୃତ୍ତ କରିଛନ୍ତି [ଅଗ୍ନିଂ ଦୁବସ୍ୟନ୍]; ସ୍ୱର୍ଗରେ [ଦିବଃ] ସେମାନେ ଦ୍ରଷ୍ଟାମାନଙ୍କ [କବୀନାମ୍] ଜ୍ଞାନ ପାଇଁ [ବିଦଥା] ତାଙ୍କୁ ଅଭିବ୍ୟକ୍ତ କରିଛନ୍ତି [ଶଶାସୁଃ] ଏବଂ ଶକ୍ତିଧାରୀ ଓ ବାଣୀଲିପ୍ସୁ ତାଙ୍କ (ଅଗ୍ନିଙ୍କ) ପାଇଁ [ଉବସେ, ଗୁହାୟ] ସେମାନେ ଗୋଟିଏ ଗତିପଥ ନିର୍ମାଣ କରିବାକୁ [ଗାତୁମ୍] ଇଚ୍ଛା କରିଛନ୍ତି [ଇଷୁଃ] ।

(୩) ମେଧାବୀ [ମେଧିରଃ], ବିବେକ-ଜ୍ଞାନରେ ପରିଶୁଦ୍ଧ [ପୂତଦକ୍ଷଃ], ନିଜ ଜନ୍ମକାଳରୁହିଁ ଯିଏ ସ୍ୱର୍ଗ ଓ ପୃଥିବୀର ସୁବନ୍ଧୁ (ଅଥବା ସୁନିର୍ମାତା) [ଜନୁଷା ଦିବଃ ପୃଥିବ୍ୟାଃ ସୁବନ୍ଧୁଃ] ସେହି ଅଗ୍ନି ଆନନ୍ଦ-ପ୍ରତିଷ୍ଠା କରିଛନ୍ତି [ମୟଃ ଦଧେ] । ଦେବତାମାନେ

[ଦେବାସଃ] ଆପଃ ଓ ଭଗିନୀମାନଙ୍କ କ୍ରିୟାବଳି ମଧ୍ୟରେ [ଅପ୍ସୁ ଅନ୍ତଃ ସ୍ୱସୃଣାମ୍ ଅପସି] ଅଗ୍ନିଙ୍କୁ [ଅଗ୍ନିମ୍] ସାକ୍ଷାତ୍ [ଦର୍ଶତମ୍] ଖୋଜି ପାଇଥିଲେ [ଅବିନ୍ଦନ୍] ।

(୪) ସୁଭଗ [ସୁଭଗମ୍], ଜନ୍ମ କାଳରେ ଯିଏ ଶୁଭ୍ର [ଜଞ୍ଜାନମ୍ ଶ୍ୱେତମ୍] ତରୁଣ ଅବସ୍ଥାରେ ଯାହାଙ୍କର କାନ୍ତି ଅରୁଣ [ମହିତ୍ୱା ଅରୁଷମ୍] ଏହିଭଳି (ଅଗ୍ନିଙ୍କୁ) ସପ୍ତ ମହତୀ (ନଦୀ)-ମାନେ [ସପ୍ତ ୟହ୍ୱୀଃ] ଅଭିବର୍ଦ୍ଧନ କରାଇଛନ୍ତି [ଅବର୍ଧୟନ୍] । ଏକ ନବଜାତ ଶିଶୁର ଚାରିପଟେ ଅଶ୍ୱଗଣ ଘୂରି ବୁଲିବା ପରି [ଜାତଂ ଶିଶୁଂ ଅଶ୍ୱାଃ ନ] ଏହିମାନେ ତାଙ୍କ ପରିପାର୍ଶ୍ୱରେ ଚଳାଚଳ କଲେ ଓ ଯତ୍ନ କରିଚାଲିଲେ [ଅଭ୍ୟାରୁଃ]; ଦେବଗଣ [ଦେବାସଃ] ଅଗ୍ନିଙ୍କୁ [ଅଗ୍ନିମ୍] ଜନ୍ମକାଳରେ [ଜନିମନ୍] ବପୁଷ୍ମାନ୍ କରାଇଥିଲେ [ବପୁଷ୍ୟନ୍] ।

(୫) ପବିତ୍ର ପ୍ରଜ୍ଞାଧିପତିମାନଙ୍କ ସାହାଯ୍ୟରେ [ପବିତ୍ରୈଃ କବିଭିଃ] କର୍ମସଙ୍କଳ୍ପକୁ [କ୍ରତୁମ୍] ବିଶୁଦ୍ଧ କରିଥିବା ସିଏ [ପୁନାନଃ] ନିଜର ନିର୍ମଳୋଜ୍ଜ୍ୱଳ ଅଙ୍ଗପ୍ରତ୍ୟଙ୍ଗ ସହ [ଶୁକ୍ରେଭିଃ ଅଙ୍ଗୈଃ] ମଧ୍ୟମ ଲୋକକୁ (ଅନ୍ତରୀକ୍ଷକୁ) [ରଜଃ] ଗଠନ କରି ପରିବ୍ୟାପ୍ତ କଲେ [ଆତତନ୍ୱାନ୍]; ଆପଃର ଅଖଣ୍ଡଜୀବନକୁ ଘେରି [ଅପାମ୍ ଆୟୁଃ ପରି] ଆଲୋକକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ବସ୍ତ୍ର ରୂପେ ପରିଧାନ କରି [ଶୋଚିଃ ବସାନଃ], ସେ ନିଜ ମଧ୍ୟରେ ବୃହତ୍ ଓ ଅଦୀନ ମହିମାରାଜି [ବୃହତୀଃ ଅନୂନାଃ ଶ୍ରିୟଃ] ରଚନା କଲେ [ମିମୀତେ] ।

(୬) ସେ (ଅଗ୍ନି) ଦ୍ୟୁଲୋକର ସପ୍ତ ମହାସରିତ୍‌ମାନଙ୍କ ପରିପାର୍ଶ୍ୱରେ [ଦିବଃ ୟହ୍ୱୀଃ] ସର୍ବତ୍ର ବିଚରଣ କଲେ [ସୀଂ ବଭ୍ରାଜ], ସେମାନେ (ନଦୀମାନେ) ତାଙ୍କୁ ଭକ୍ଷଣ କଲେ ନାହିଁ [ଅନଦତୀଃ] କି ପରାଜିତା ହେଲେ ନାହିଁ [ଅଦର୍ଧାଃ],— ସେମାନେ ବସ୍ତ୍ର ଧାରଣ କରି ନ ଥିଲେ [ଅବସନାଃ] କି ଉଲଗ୍ନା ନ ଥିଲେ [ଅନଗ୍ନାଃ] । ଏଠାରେ [ଅତ୍ର] ସମାନଗର୍ଭଜା [ସୟୋନୀଃ] ସପ୍ତବାଣୀ ରୂପା [ସପ୍ତବାଣୀଃ] ସନାତନୀ ଚିରଯୁବତୀ ନଦୀମାନେ [ସନା ୟୁବତୟଃ] ଏକହିଁ ଦିବ୍ୟ ଶିଶୁକୁ ଗର୍ଭରେ ଧାରଣ କଲେ [ଏକଂ ଗର୍ଭଂ ଦଧିରେ] ।

(୭) ଶୁଦ୍ଧତାର ଗର୍ଭାଶୟରେ [ଘୃତସ୍ୟ ୟୋନୌ], ମଧୁରତାମାନଙ୍କର ସ୍ରୋତରେ [ମଧୂନାଂ ସ୍ରବଥେ] ଏହାଙ୍କର (ଅଗ୍ନିଙ୍କ) [ଅସ୍ୟ] ବିଶ୍ୱାତ୍ମକ ସଂହତ ରୂପପୁଞ୍ଜ [ବିଶ୍ୱରୂପାଃ ସଂହତଃ] ବିଛେଇ ହୋଇ ପଡ଼ିଛି [ସ୍ତୀର୍ଣାଃ], ଏହିଠାରେ [ଅତ୍ର] ପୋଷୟିତ୍ରୀ ନଦୀମାନେ [ଧେନବଃ] ନିଜକୁ ପରିପୁଷ୍ଟ କରୁଥିବା ଅବସ୍ଥାରେ [ପିନ୍ୱମାନାଃ] ଠିଆ ହୋଇଛନ୍ତି [ଅସ୍ଥୁଃ]; କାର୍ଯ୍ୟସଂସାଧକ ଦେବଙ୍କର (ଅଗ୍ନିଙ୍କର) [ଦସ୍ମସ୍ୟ] ଦୁଇ ମାତା [ମାତରା] ବୃହତୀ ଓ ସମଗତିଶୀଳା ହୋଇଗଲେ [ମହୀ ସମୀଚୀ] ।

(୮) ସେମାନଙ୍କ ଦ୍ୱାରା ବହମାନ [ବଭ୍ରାଣଃ] ହେ ! ଶକ୍ତିସୁତ [ସହସଃ ସୁନୋ],

ତୁମେ ନିଜ ଉଜ୍ଜ୍ୱଳ ଓ ପ୍ରମୋଦଭରା [ଶୁକ୍ରାଃ ରଭସା] ଦେହଧାରଣ ପୂର୍ବକ [ବପୁଂଷି] ଜାଜ୍ୱଳ ହୋଇଉଠିଲ [ବ୍ୟଦ୍ୟୌତ୍], ମାଧୁର୍ଯ୍ୟର ତଥା ଶୁଦ୍ଧତାର ଧାରାଗୁଡ଼ିକ [ମଧୁନଃ ଘୃତସ୍ୟ ଧାରାଃ] କ୍ଷରିତ ହୋଇ ଆସୁଛନ୍ତି [ଶ୍ଚୋତନ୍ତି] ଯେଉଁଠି କି ସମୃଦ୍ଧିର ବୃଷଭ [ୟତ୍ର ବୃଷା] ଦିବ୍ୟପ୍ରଜ୍ଞାବଳରେ [କାବ୍ୟେନ] ଅଭିବୃଦ୍ଧି ଲାଭ କରିଛନ୍ତି [ବାବୃଧେ]।

(୯) ପରମପିତାଙ୍କର [ପିତୁଃ ଚିତ୍] ପ୍ରଚୁର ବିଭବକୁ [ଋଧଃ] ସେ (ଅଗ୍ନି) ଜନ୍ମରୁହିଁ [ଜନୁଷା] ଜାଣି ପାରିଥିଲେ [ବିବେଦ] ଏବଂ ତାଙ୍କର (ପିତାଙ୍କର) ବାରିଧାରାଗୁଡ଼ିକୁ [ଧାରାଃ] ସେ ମୁକ୍ତବେଣୀରେ ଛାଡ଼ି ଦେଇଥିଲେ [ବି ଅସୃଜତ୍] ଏବଂ ତାଙ୍କର (ପିତାଙ୍କ) ନଦୀଗୁଡ଼ିକୁ [ଅସ୍ୟ ଧେନାଃ] ବିସ୍ତାରିତ କରିଥିଲେ। ସହାୟକ ସଖାମାନଙ୍କ ଦ୍ୱାରା [ଶିବେଭିଃ ସଖିଭିଃ] ଏବଂ ସ୍ୱର୍ଗର ମହାନଦୀମାନଙ୍କ ସାହାଯ୍ୟରେ [ଦିବଃ ୟହ୍ୱୀଭିଃ] ସତ୍ତାର ଅତି ଗୁପ୍ତ ସ୍ଥାନମାନଙ୍କରେ ବିଚରଣ କରୁଥିବା ପିତାଙ୍କୁ [ଗୁହା ଚରନ୍ତମ୍] ସେ ପାଇଥିଲେ ମଧ୍ୟ ସ୍ୱୟଂ ସେମାନଙ୍କ ଗୁପ୍ତ ଗୁହା ମଧ୍ୟରେ ନିଶ୍ଚିହ୍ନ ହୋଇଯାଇ ନ ଥିଲେ [ଗୁହା ନ ବଭୂବ]।

(୧୦) ସେହି ପରମପିତାଙ୍କ [ପିତୁଃ] ତଥା ନିଜ ଜନ୍ମଦାତାଙ୍କ [ଜନିତୁଃ ଚ] ସୁତଙ୍କୁ ଗର୍ଭରେ ସେ ବହନ କରିଛନ୍ତି [ଗର୍ଭଂ ବଭ୍ରେ] ସେ ଏକ [ଏକଃ], ଏବଂ ବୃଦ୍ଧିଲାଭ କରୁଥିବା [ପୀପ୍ୟାନାଃ] ବହୁ ଜନନୀଙ୍କ [ପୂର୍ବୀଃ] ଦୁଗ୍ଧପାନ କରିଛନ୍ତି, ସୁଖଲାଭ କରିଛନ୍ତି [ଅଧୟତ୍]। ଏହି ଶୁଚିମନ୍ତ ପୁରୁଷଙ୍କ ମଧ୍ୟରେ [ଅସ୍ମି ଶୁଚୟେ ବୃଷ୍ଣେ] ମନୁଷ୍ୟମଧ୍ୟସ୍ଥ ଦୁଇ ଶକ୍ତି (ପୃଥିବୀ ଓ ଦ୍ୟୌଃ) [ମନୁଷ୍ୟେ ଉଭେ] ସମପତ୍ନୀ ଓ ସମବନ୍ଧୁ ରୂପେ ରହିଛନ୍ତି [ସପତ୍ନୀ ସବନ୍ଧୂ] ସେଇ ଉଭୟଙ୍କୁ ତୁମେ ରକ୍ଷା କର [ନି ପାହି]।

(୧୧) ଅବାଧ ବୃହତ୍ ମଧ୍ୟରେ [ଅନିବାଧେ ଉରୌ] ସେହି ମହାନ୍ ଦେବ [ମହାନ୍] (ଅଗ୍ନି) ବୃଦ୍ଧିଲାଭ କଲେ [ବବର୍ଧ]; ଏହା ନିଶ୍ଚିତ ଯେ [ହି], ନାନା ଜଳଧାରାଗୁଡ଼ିକ [ପୂର୍ବୀଃ ଆପଃ] ଯଶସ୍ୱୀ ଭାବର ସହ [ୟଶସଃ] ଅଗ୍ନିକୁ ସଂବର୍ଧିତ କରିଥିଲେ [ଅଗ୍ନିଂ ସଂ (ବବର୍ଧ)]। ଋତର ଜନ୍ମସ୍ଥଳରେ [ଋତସ୍ୟ ୟୋନୌ] ସେ ଶୟାନ [ଅଶୟତ୍]; ତାହାକୁହିଁ ସେ ନିଜ ବାସଗୃହ କରିଛନ୍ତି [ଦମୂନାଃ], ଅବିଭକ୍ତ ଭାବରେ ସଂବଦ୍ଧିତ [ଜାମୀନାମ୍] ଭଉଣୀମାନଙ୍କ [ସ୍ୱସୃଣାମ୍] କର୍ମ ମଧ୍ୟରେ [ଅପସି] ଅଗ୍ନିଦେବ କର୍ମରତ [ଅଗ୍ନିଃ]।

(୧୨) ବସ୍ତୁଜାତ ମଧ୍ୟରେ ବିଚରଣଶୀଳ [ଅକ୍ରଃ] ଓ ସେମାନଙ୍କର ଉର୍ଣାରୂପେ [ବଭ୍ରିଃ ନ] ମହତୀ (ନଦୀ)ମାନଙ୍କ ସଂଗମ ସ୍ଥଳରେ [ମହୀନାଂ ସମୀଥେ] ସେ (ଅଗ୍ନି) ଦର୍ଶନାଭିଳାଷୀ [ଦିଦୃକ୍ଷେୟଃ] ସୋମ ଆସବର ନିଃସାରକଙ୍କ ପାଇଁ [ସୂନବେ] ସେ ନିଜ ଆଭାକୁ ରଜୁ କରି ରଖିଥା'ନ୍ତି [ଭାରଜିକଃ], ଅଗ୍ନି ହେଉଛନ୍ତି ଦିବ୍ୟ ଜଳଧାରାମାନଙ୍କ ସନ୍ତାନ [ଅପାଂ ଗର୍ଭଃ], ମହାନ୍ [ୟହ୍ୱଃ] ଓ ପରମଶକ୍ତିମାନ୍ [ନୃତମଃ] ଯିଏକି [ୟଃ]

ଦିବ୍ୟଦ୍ୟୁତିମାନଙ୍କର [ଉସ୍ରିୟାଃ] ଜନକ [ଜନିତା] ଏବଂ ଏବେ ସେମାନଙ୍କୁ ନିଜ ଉଚ୍ଚତର ଜନ୍ମ ପ୍ରଦାନ କରିଛନ୍ତି [ଉତ୍-ଜଜ୍ଞାନ]।

(୧୩) ଏହି ଆନନ୍ଦମୟୀ [ବନା] ଓ ସୌଭାଗ୍ୟ-ଦାୟିନୀ ଦେବୀ [ସୁଭଗା] ଜଳମାନଙ୍କର [ଅପାମ୍] ତଥା ବନସ୍ପତିମାନଙ୍କର [ଓଷଧୀନାମ୍] ଦୃଶ୍ୟମାନ ସନ୍ତାନମାନଙ୍କୁ [ଦର୍ଶତଂ ଗର୍ଭମ୍] ଏବେ ବହୁ ରୂପେ ଜନ୍ମ ଦେଇଛନ୍ତି [ବିରୂପଂ ଜଜ୍ଞାନ]। ଦେବତାମାନେ ମଧ୍ୟ [ଦେବାସଃ ଚିତ୍] ମନ ଦ୍ୱାରା [ମନସା] ତାଙ୍କ ମଧ୍ୟରେ ଏକତ୍ରିତ ହୋଇ [ସଂ-ଜଗ୍ମୁଃ ହି] ଦୃଢ଼ ପ୍ରଯତ୍ନଶୀଳ [ପନିଷ୍ଠମ୍] ଓ ବହୁଶକ୍ତିଶାଳିଭାବେ ଜନ୍ମ ନେଇଥିବା ଅଗ୍ନିଙ୍କୁ [ତବସଂ ଜାତମ୍] ତାଙ୍କ ସ୍ୱକର୍ମରେ ଲଗାଇଛନ୍ତି [ଦୁବସ୍ୟନ୍]।

(୧୪) ରଜୁ କିରଣବାନ୍ ଅଗ୍ନିଙ୍କଠାରେ [ଭାରଜୀକମ୍ ଅଗ୍ନିମ୍] ସେହି ବୃହତ୍ ଭାନୁମାନେ [ବୃହନ୍ତଃ ଇତ୍ ଭାନବଃ] ସଂସକ୍ତ ହୋଇଥିଲେ[ସଚନ୍ତ], ସେମାନେ ଥିଲେ ବିଦ୍ୟୁତ୍ ଭଳି ଉଜ୍ଜ୍ୱଳ [ବିଦ୍ୟୁତଃ ନ ଶୁକ୍ରାଃ]; ଜୀବନର ଗୂଢ଼ ପ୍ରଦେଶରେ, ଯଥା ଗୁହା ମଧ୍ୟରେ [ଗୁହା ଇବ] ବୃଦ୍ଧିଲାଭ କରୁଥିବା ତାଙ୍କ ମଧ୍ୟରୁ (ଅଗ୍ନିଙ୍କ ମଧ୍ୟରୁ) [ବୃଦ୍ଧମ୍] ଅପାର 'ବୃହତ୍' ମଧ୍ୟସ୍ଥ [ଅପାରେ ଉର୍ବେ] ତାଙ୍କ ଆସନର ଅନ୍ତଃସ୍ଥଳରେ [ସ୍ୱେ ସଦସି ଅନ୍ତଃ] ସେମାନେ ଅମୃତକୁ ଦୋହନ କରିଥିଲେ [ଅମୃତଂ ଦୁହାନାଃ]।''

ଏହି ସୂକ୍ତର ଅର୍ଥ ଯାହା ହେଉ ନା କାହିଁକି ଏଥିରୁ ସ୍ପଷ୍ଟ ରୂପେ ଜଣାଯାଏ ଯେ ଏହାର ଏକ ରହସ୍ୟାତ୍ମକ ତାତ୍ପର୍ଯ୍ୟ ଅଛି — ଏହା କେବଳ ବାହ୍ୟ ଅନୁଷ୍ଠାନ-ପରାୟଣ ଅସଭ୍ୟ-ମାନଙ୍କର ବଳିକ୍ରିୟାର ପ୍ରାର୍ଥନା-ସଙ୍ଗୀତ ନୁହେଁ — ଏଠାରେ ଉଲ୍ଲେଖ କରାଯାଇଥିବା ସପ୍ତନଦୀ, ଯାହାକୁ ଜଳଧାରାମାନ ବା ସପ୍ତ ଭଗିନୀ ବୋଲି କୁହାଯାଇଛି, ସେମାନେ କେବେହେଲେ ପଞ୍ଜାବର ସପ୍ତନଦୀ ନୁହନ୍ତି। ଯେଉଁ ଜଳଧାରାଗୁଡ଼ିକ ମଧ୍ୟରେ ଦେବତାମାନେ ଦୃଶ୍ୟମାନ ଅଗ୍ନିଙ୍କୁ ଆବିଷ୍କାର କରିଥିଲେ ତାହା ପାର୍ଥିବ ଓ ଭୌତିକ ଜଳଧାରା ହୋଇ ନ ପାରେ। ଏହି ଅଗ୍ନି ଯେ ଜ୍ଞାନ ଦ୍ୱାରା ବୃଦ୍ଧି ଲାଭ କରନ୍ତି ଏବଂ ଯେ ଋତର ଉପରେ ନିଜର ଗୃହ ଓ ବିଶ୍ରାମସ୍ଥଳ ସ୍ଥାପନ କରନ୍ତି, ଦ୍ୟୌଃ ଓ ପୃଥିବୀ ଯାହାଙ୍କର ସ୍ତ୍ରୀଦ୍ୱୟ ତଥା ପ୍ରେମିକା ଦ୍ୱୟ, ଯେ ନିଜର ଆସନ ରୂପକ ଅବାଧ ବୃହତ୍ ମଧ୍ୟରେ ଦିବ୍ୟଜଳଧାରା ଦ୍ୱାରା ସମୃଦ୍ଧ ହୁଅନ୍ତି, ଏବଂ କୂଳହୀନ ଆନନ୍ତ୍ୟ ମଧ୍ୟରେ ବାସ କରି ଭାସ୍ୱର ଦେବଗଣଙ୍କୁ ଅମୃତତ୍ୱ ପ୍ରଦାନ କରନ୍ତି, ସେହି ଅଗ୍ନି କଦାପି ଭୌତିକ ଅଗ୍ନିଦେବ ନୁହନ୍ତି। ଅନ୍ୟ ଅନେକ ସୂକ୍ତ ପରି ଏହି ସୂକ୍ତରେ ବେଦର ମର୍ମଗତ ରହସ୍ୟାତ୍ମକ, ଆଧ୍ୟାତ୍ମିକ ଓ ଆତ୍ମିକ ଗୁଣଧର୍ମ ସ୍ପଷ୍ଟ ରୂପେ ଆପେ ପ୍ରକାଶିତ ହୋଇଛି ଏବଂ ତାହା ବାହ୍ୟ ଆବରଣ ତଳେ ନୁହେଁ କି କେବଳ କର୍ମକାଣ୍ଡୀୟ ଆଚ୍ଛାଦନର ପଛରେ ରହି ନୁହେଁ ବରଂ ଏହା ଅତ୍ୟନ୍ତ ଉନ୍ମୁକ୍ତ ଓ ଦୃଢ଼ ଭାବରେ ବ୍ୟକ୍ତ ହୋଇଛି — ଅବଶ୍ୟ ଏହାର ଏକ ଛଦ୍ମରୂପ ଅଛି

କିନ୍ତୁ ତାହା ଦୃଷ୍ଟିଭେଦ୍ୟ, ଏହି କାରଣରୁ ବିଶ୍ୱାମିତ୍ରଙ୍କ ସୂକ୍ତର ନଦୀମାନଙ୍କ ପରି ଏଠାରେ ବେଦର ଗୂଢ଼ ସତ୍ୟ ''ଅବଗୁଣ୍ଠିତ ବା ଅନାବୃତ'' ଭାବେ ଦୃଷ୍ଟିଗୋଚର ହୁଏ ।

ଆମେ ଦେଖୁ ବାମଦେବଙ୍କ ସୂକ୍ତରେ ଜଳଧାରା ଓ ବସିଷ୍ଠଙ୍କ ସୂକ୍ତରେ ଜଳଧାରା ଅର୍ଥତଃ ସମାନ, ଶୁଦ୍ଧତା ଓ ମଧୁ ସହିତ ଏମାନେ ଅତି ଘନିଷ୍ଠ ଭାବରେ ସମ୍ପର୍କିତା — ''ଘୃତସ୍ୟ ୟୋନୌ ସ୍ରବଥେ ମଧୂନାମ୍, ଶ୍ଚୋତନ୍ତି ଧାରା ମଧୁନୋ ଘୃତସ୍ୟ''; ସେମାନେ 'ଋତ' ଦିଗରେ ଗତି କରନ୍ତି, ସେମାନେ ନିଜେ 'ଋତ'ର ଉତ୍ସ, ସେମାନେ ଅପରିସୀମ ବୃହତ୍ ମଧ୍ୟରେ ପ୍ରବାହିତା ହେବାପରି ଏହି ପୃଥିବୀପୃଷ୍ଠରେ ମଧ୍ୟ ପ୍ରବାହିତା ହୁଅନ୍ତି । ସେମାନେ ଧାତ୍ରୀ ଗାଭୀଗଣ (ଧେନବଃ) ଓ ଅଶ୍ୱାଗଣ (ଅଶ୍ୱାଃ) ରୂପେ ବର୍ଣ୍ଣିତା, ସେମାନଙ୍କୁ କୁହାଯାଏ ''ସପ୍ତବାଣୀଃ'' ଅର୍ଥାତ୍ ସୃଜନଶୀଳା ଦେବୀ 'ବାକ୍'ଙ୍କର ବାଣୀ (speech), ଅଦିତି ବା ବାକ୍‌ରୂପିଣୀ ପରମା ପ୍ରକୃତିଙ୍କର, ପ୍ରକାଶଶୀଳା ଶକ୍ତି, ବେଦରେ 'ଦେବ' ବା 'ପୁରୁଷ'ଙ୍କୁ 'ବୃଷଭ' ବା 'ବୃଷନ୍' ବୋଲି ଯେପରି ଅଭିହିତ କରାଯାଇଛି, ଅଦିତିଙ୍କୁ ସେହିପରି ଧେନୁ ବା ଗୋ ବୋଲି କୁହାଯାଏ । ସୁତରାଂ ଏମାନେ ହେଲେ ସର୍ବଭୂତର ସପ୍ତତନ୍ତ୍ରୀ, ଏକ ଚିନ୍ମୟ ଅସ୍ତିତ୍ୱର ସପ୍ତ ସ୍ରୋତ ବା ପ୍ରବାହ ଅଥବା ଗତିବୃତ୍ତିର ରୂପ ।

ଆମେ ଦେଖିବା ଯେ ବେଦର ଏକେବାରେ ପ୍ରାରମ୍ଭିକ ମଧୁଚ୍ଛନ୍ଦାଙ୍କ ସୂକ୍ତମାନଙ୍କରୁ ଆମେ ଯେଉଁ ଧାରଣାମାନ ଆବିଷ୍କାର କରିଥିଲୁ ଏବଂ ଯେଉଁ ପ୍ରତୀକାତ୍ମକ ଆଲୋକରେ ତାହା ବର୍ତ୍ତମାନ ଆମ ନିକଟରେ କ୍ରମେ ସ୍ପଷ୍ଟତର ହୋଇ ଉଠୁଛି ତା'ର ସେହି ଦୃଷ୍ଟିରୁ ଏହି ସୂକ୍ତଟି ଯାହା ପ୍ରଥମେ ଏତେ ରହସ୍ୟଗର୍ଭକ ଆଳଂକାରିକ ପ୍ରହେଳିକାମୟ ବୋଧ ହେଉଥିଲା ତାହା ସମ୍ପୂର୍ଣ୍ଣ ସରଳ ଓ ସୁସଙ୍ଗତ ହୋଇ ଉଠିଛି, ଠିକ୍ ସେହିପରି ଯଥାର୍ଥ ସୂତ୍ରଟି ମିଳିଗଲେ ବେଦର ଅନ୍ୟ ସୂକ୍ତଗୁଡ଼ିକ, ଯାହା ଏବେ ପ୍ରାୟଶଃ ଅବୋଧ ଲାଗୁଛି ତାହା ପ୍ରକୃତରେ ଆମଠାରେ ସ୍ପଷ୍ଟ ହୋଇ ଉଠିବ । ଯେଉଁ ଅଗ୍ନିକୁ ପୁରୋହିତ, ଯୋଦ୍ଧା, କର୍ମୀ, ସତ୍ୟଗ୍ରାହୀ, ମନୁଷ୍ୟ ନିମନ୍ତେ ଯିଏ ଆନନ୍ଦଜିତ୍ ବୋଲି କୁହାଯାଇଛି ତାଙ୍କର ଆତ୍ମିକ କ୍ରିୟା କ'ଣ ତାହାକୁ କେବଳ ଆମର ସ୍ଥିର କରିବାର ଅଛି; ଏବଂ ଋଗ୍‌ବେଦର ଆରମ୍ଭରେ ମଧୁଚ୍ଛନ୍ଦାଙ୍କ ସୂକ୍ତରେ ତାଙ୍କ ବର୍ଣ୍ଣନା ଅନୁଯାୟୀ ''**କବିକ୍ରତୁଃ ସତ୍ୟଃ ଚିତ୍ରଶ୍ରବସ୍ତମଃ**'', ''ଦ୍ରଷ୍ଟାଙ୍କର ଦିବ୍ୟ କର୍ମ-ସଂକଳ୍ପ ଯାହା ସତ୍ୟ ଓ ବିଚିତ୍ର ଆନ୍ତର ପ୍ରେରଣାରେ ସମୃଦ୍ଧ'' ବୋଲି କୁହାଯାଇଛି, ତାହା ଆମ ପାଇଁ ଏକେବାରେ ସ୍ଥିରସିଦ୍ଧ କରି ଦିଆଯାଇଛି । ଅଗ୍ନି ହେଉଛନ୍ତି ସେହି ସର୍ବଦ୍ରଷ୍ଟା ଦେବ ଯେ ଚେତନା ଶକ୍ତି ରୂପେ ପ୍ରକାଶିତ, ଆଧୁନିକ ଭାଷାରେ ତାଙ୍କୁ ଯେପରି ଦିବ୍ୟ ବା ବିଶ୍ୱଜନୀନ ସଂକଳ୍ପ କୁହାଯାଏ ସେ ପ୍ରଥମେ ଅପ୍ରକଟ ଅବସ୍ଥାରେ ସନାତନ ଜଗତ୍‌ମାନ ନିର୍ମାଣ କରନ୍ତି ଏବଂ ତା'ପରେ 'ଜାତ' ବା ପ୍ରକାଶିତ ହୋଇ ମନୁଷ୍ୟ ମଧ୍ୟରେ ସତ୍ୟ ଓ ଅମୃତତ୍ୱ ନିର୍ମାଣ କରିଚାଲନ୍ତି ।

ଏହି ସୂକ୍ତରେ ବିଶ୍ୱାମିତ୍ରଙ୍କ ଉକ୍ତି ହେଉଛି — ଦେବ ଓ ମନୁଷ୍ୟଗଣ ଉଭୟେ ଅନ୍ତର୍ଯଜ୍ଞରେ ଅଗ୍ନିମାନଙ୍କୁ ପ୍ରଦୀପିତ କରି ଏହି ଦିବ୍ୟଶକ୍ତିଙ୍କୁ ପ୍ରଜ୍ୱଳିତ କରନ୍ତି; ନିଜ ଉପାସନା ଓ ଶରଣାଗତି ଦ୍ୱାରା ଏହାଙ୍କୁ ସେମାନେ କର୍ମର ସୁଯୋଗ ପ୍ରଦାନ କରନ୍ତି; ଆଉ ମଧ୍ୟ ସ୍ୱର୍ଗ ବା ଶୁଦ୍ଧ ମାନସ, ଯାହା ପାଇଁ ଦ୍ୟୌଃ ଶବ୍ଦଟି ପ୍ରତୀକ ରୂପେ ବ୍ୟବହୃତ, ଏହାରି ମଧ୍ୟରେ ଦ୍ରଷ୍ଟାମାନଙ୍କ ଜ୍ଞାନକୁ, ଅର୍ଥାତ୍ ମନଶ୍ଚେତନାର ଉର୍ଦ୍ଧ୍ୱସ୍ଥ ଋତ-ଚେତନାର ଦୀପ୍ତିରାଜିକୁ ପ୍ରକାଶ କରନ୍ତି; ଏପରି କରିବାର ଉଦ୍ଦେଶ୍ୟ ହେଉଛି ଯେ, ନିଜ ସାମର୍ଥ୍ୟ ବଳରେ ଯଥାର୍ଥ ଆତ୍ମ-ପରିପ୍ରକାଶର ବାଣୀ ଓ ମନସାତୀତ ଆସ୍ପୃହା ଲାଭ କରିବାକୁ ସର୍ବଦା ଚେଷ୍ଟମାନା ଏହି ଦିବ୍ୟଶକ୍ତିଙ୍କ ନିମନ୍ତେ ସେମାନେ ଗୋଟିଏ ସଂଯୋଗ ପଥ ନିର୍ମାଣ କରିବେ। ଏହି ଦିବ୍ୟସଂକଳ୍ପ ନିଜର ସମସ୍ତ କ୍ରିୟାବଳିରେ ଦିବ୍ୟଜ୍ଞାନର ବା କବିକ୍ରତୁର ରହସ୍ୟ ବହନ କରିଛନ୍ତି, ମନୁଷ୍ୟ ମଧ୍ୟରେ ମାନସିକ ଓ ଶାରୀରିକ ଚେତନାର, **ଦିବଃ ପୃଥିବ୍ୟାଃ**, ମିତ୍ରବତ୍ ସହାୟକ ଓ ସଙ୍ଗଠକ ହୁଅନ୍ତି ଏବଂ ଧୀଶକ୍ତିକୁ ପୂର୍ଣ୍ଣତା ପ୍ରଦାନ କରନ୍ତି ଓ ବିବେଚନା-ଶକ୍ତିକୁ ଶୁଦ୍ଧ କରନ୍ତି, ଯଦ୍ଦ୍ୱାରା ସେମାନେ ଦ୍ରଷ୍ଟାମାନଙ୍କ ଜ୍ଞାନର ବିଷୟମାନଙ୍କୁ ''ଦିବ୍ୟାଃ କବୀନାମ୍'' ଜାଣିବାକୁ ସମର୍ଥ ହୋଇଉଠନ୍ତି; ଆଉ ମଧ୍ୟ ଅତିଚେତନ ସତ୍ୟ ଦ୍ୱାରା ସେ ଆମକୁ ବିବେକବାନ୍ କରିବା ଫଳରେ ଆମ ମଧ୍ୟରେ ଦୃଢ଼ ଭାବରେ ପରମାନନ୍ଦର ପ୍ରତିଷ୍ଠା କରନ୍ତି। (ଋକ୍-୨,୩)

ଉପରୋକ୍ତ ସୂକ୍ତର ଅବଶିଷ୍ଟ ଋକ୍‌ମାନଙ୍କରେ ଏହି ଦିବ୍ୟ ଚିତ୍-ଶକ୍ତି ଅଗ୍ନିଙ୍କର ଉତ୍ତରଣ ବିଷୟକ ବର୍ଣ୍ଣନା ରହିଛି, ଯିଏକି ମର୍ତ୍ୟମାନଙ୍କ ମଧ୍ୟରେ ଅମର, ଯଜ୍ଞରେ ସାଧାରଣ ସଂକଳ୍ପ ଓ ଜ୍ଞାନର ସ୍ଥାନକୁ ଅଧିକାର କରନ୍ତି, ମର୍ତ୍ତ୍ୟ ଓ ଭୌତିକ ଚେତନାକୁ ''ସତ୍ୟ'' ଓ ''ଆନନ୍ଦ''ର ଅମୃତତ୍ୱ ମଧ୍ୟକୁ ଉତ୍ତୋଳିତ କରି ନିଅନ୍ତି। ବୈଦିକ ଋଷିମାନେ ମନୁଷ୍ୟ ନିମନ୍ତେ ଓ ପଞ୍ଚଜନ୍ୟ ତଥା କର୍ମକ୍ଷେତ୍ର ପଞ୍ଚ ଜୀବଲୋକ ସମ୍ବନ୍ଧରେ କହିଛନ୍ତି — **ପଞ୍ଚଜନାଃ, ପଞ୍ଚ କୃଷ୍ଟୀଃ** ବା **କ୍ଷିତୀଃ**। ''ଦ୍ୟୌଃ'' ''ପୃଥ୍ୱୀ'' ଶୁଦ୍ଧ ମାନସ ଓ ଭୌତିକ ଚେତନା ଅର୍ଥରେ ପ୍ରଯୁକ୍ତ ହୋଇଛନ୍ତି, ଏ ଉଭୟଙ୍କ ମଧ୍ୟରେ ଅଛି ଅନ୍ତରୀକ୍ଷ ଯାହା ପ୍ରାଣିକ ବା ସ୍ନାୟବିକ ଚେତନାର ସଂଯୋଜକ ସ୍ତର। ଦ୍ୟୌଃ ଓ ପୃଥ୍ୱୀ ହେଲେ ରୋଦସୀ, ଦୁଇ ନଭୋମଣ୍ଡଳ; କିନ୍ତୁ ଏ ଦୁଇଟିକୁ ଅତିକ୍ରମ କରିବାକୁ ହେବ କାରଣ ତା'ପରେ ଆମେ ଶୁଦ୍ଧ ମନର ସ୍ୱର୍ଗ ଅପେକ୍ଷା ଅନ୍ୟ ଏକ ସ୍ୱର୍ଗରେ ପ୍ରବେଶ କରିବା — ସେହି ବୃହତ୍ ଅନନ୍ତ ଚେତନାରେ ପ୍ରବେଶ କରିବା ଯାହାକି ଅନନ୍ତ ଚେତନା ଅଦିତିଙ୍କର ଆଧାର ବା ମୂଳଭୂମି, ପ୍ରତିଷ୍ଠା (ବୁଧ୍ନ)। ଏହି ବୃହତ୍ ଦ୍ୟୌଃ ହେଲା ସେହି ସତ୍ୟ, ଯାହା ପରମ ତ୍ରିଲୋକକୁ ଅର୍ଥାତ୍ ଅଗ୍ନିଲୋକ, ବିଷ୍ଣୁଲୋକ ଏବଂ ସେହି ମାତା ତଥା ଗାଭୀ ନାମରେ ଅଭିହିତା ଅଦିତିଙ୍କ ପରମ ଧାମ (ପଦାନି ସଦାଂସି)କୁ ଧରି ରଖିଛି। 'ବୃହତ୍' ବା 'ସତ୍ୟ'କୁ ଅଗ୍ନିଙ୍କ

ନିଜର ବା ତାଙ୍କ ପାଇଁ ଉପଯୁକ୍ତ ଆସନ ବା ଧାମ କୁହାଯାଏ ''ସ୍ୱଂ ଦମମ୍, ସ୍ୱଂ ସଦଃ''। ଏଠାରେ ଅଗ୍ନିଙ୍କ ବିଷୟରେ କୁହାଯାଇଛି ଯେ ସେ ପୃଥିବୀର ନିଜ ଧାମକୁ ଆରୋହଣ କରୁଛନ୍ତି।

ଏହି ଦିବ୍ୟଶକ୍ତିକୁ ଦେବତାମାନେ ଜଳଧାରାଗୁଡ଼ିକ ମଧ୍ୟରେ, ଉତ୍ସିନୀମାନଙ୍କ ଗର୍ଭ ମଧ୍ୟରେ ଥିବାର ଦର୍ଶନ କଲେ। ଏମାନେହିଁ 'ଋତ'ର ସପ୍ତଧା ଜଳଧାରା, ସେହି ଦିବ୍ୟ-ଆପଃ ଯାହା ଇନ୍ଦ୍ର ଆମ ସତ୍ତାର ଶୀର୍ଷଦେଶରୁ ଅବତରଣ କରାଇଛନ୍ତି। ପ୍ରଥମେ ଏହା ପାର୍ଥିବ ଉଦ୍ଭିଦ ବା ଔଷଧିମାନଙ୍କ ମଧ୍ୟରେ ଗୁପ୍ତ ହୋଇ ରହିଥାଏ। ଏହିମାନେ ପୃଥିବୀର ଉଷ୍ଣତାକୁ ଧରି ରଖନ୍ତି – ଏକ ପ୍ରକାର ଶକ୍ତି ଦ୍ୱାରା, ପୃଥିବୀ ଓ ସ୍ୱର୍ଗ ରୂପକ ଦୁଇ 'ଅରଣି'ର ଚାପ ଦ୍ୱାରା ତାହାକୁ ପ୍ରକାଶ କରିବାକୁ ହେବ। ତେଣୁ ଅଗ୍ନିଙ୍କୁ ପାର୍ଥିବ ଉଦ୍ଭିଦ ତଥା ସ୍ୱର୍ଗ ଓ ପୃଥିବୀର ସନ୍ତାନ ବୋଲି କୁହାଯାଏ; ଦୈହିକ ସତ୍ତା ଉପରେ ବିଶୁଦ୍ଧ ମନର କ୍ରିୟା ମଧ୍ୟରୁ ଏହି ଅମର ଦିବ୍ୟଶକ୍ତିକୁ ମନୁଷ୍ୟ କଷ୍ଟ ଓ ଶ୍ରମ ସ୍ୱୀକାର କରି ଜନ୍ମ ଦେଇଥାଏ। କିନ୍ତୁ ଦିବ୍ୟଜଳଧାରାଗୁଡ଼ିକ ମଧ୍ୟରେ ଅଗ୍ନି ପ୍ରତ୍ୟକ୍ଷ ହୁଅନ୍ତି; ସେଠାରେ ସେ ନିଜର ସମସ୍ତ ବଳର ସହ, ସମସ୍ତ ଜ୍ଞାନର ସହ ଓ ସମସ୍ତ ଉପଭୋଗର ସହ ସହଜରେ ଜାତ ହୁଅନ୍ତି। ଜନ୍ମ ସମୟରେ ସେ ପୂର୍ଣ୍ଣତଃ ଶୁଭ୍ର ଓ ଅମିଶ୍ର ଏବଂ କର୍ମ ମଧ୍ୟରେ ବୃଦ୍ଧି ପ୍ରାପ୍ତ ହେଉଥିବାବେଳେ ତାଙ୍କର ବର୍ଣ୍ଣ ରକ୍ତିମ ହୋଇଉଠେ (ଋକ୍ - ୩)। ଜାତ ହେବା ମାତ୍ରେ ଦେବତାମାନେ ତାଙ୍କୁ ଶକ୍ତି, କାନ୍ତି ଓ ଶରୀର ପ୍ରଦାନ କରନ୍ତି; ସପ୍ତ ମହତୀ ନଦୀ ତାଙ୍କ ନିଜ ଆନନ୍ଦରେ ତାଙ୍କୁ ବୃଦ୍ଧି କରାନ୍ତି; ସେମାନେ ଏହି ନବଜାତ ଶିଶୁର ଚତୁଃପାର୍ଶ୍ୱରେ ବିଚରଣ କରନ୍ତି ଏବଂ ଅଶ୍ୱାମାନଙ୍କ(ସ୍ତ୍ରୀ ଅଶ୍ୱ) ପରି ତାଙ୍କର ଯତ୍ନ ନିଅନ୍ତି। (ଋକ୍, ୪)

ନଦୀମାନଙ୍କୁ ସାଧାରଣତଃ ଧାତ୍ରୀ ଗାଭୀ (ଧେନବଃ) କୁହାଯାଏ। କିନ୍ତୁ ଏଠାରେ ସେମାନଙ୍କୁ ଅଶ୍ୱା ବୋଲି କୁହାଯାଇଛି, କାରଣ ଜ୍ଞାନ ରୂପରେ ପ୍ରକାଶିତ ଚେତନାର ପ୍ରତୀକ ଗୋ ଓ ଶକ୍ତି ରୂପରେ ପ୍ରକାଶିତ ଚେତନାର ପ୍ରତୀକ 'ଅଶ୍ୱ' ପ୍ରାଣିକ ଚେତନାର ଗତିଶୀଳ ଶକ୍ତି ହେଉଛି 'ଅଶ୍ୱ', ପୃଥିବୀପୃଷ୍ଠରେ ଅଗ୍ନିଙ୍କ ପରିପାର୍ଶ୍ୱରେ କର୍ମରତ ନଦୀଗୁଡ଼ିକ ପରିଣତ ହୁଅନ୍ତି ସେହି ପ୍ରାଣିକ ଚେତନାରେ, ସେହି ପ୍ରାଣିକ ଗତି ବା କ୍ରିୟାଶୀଳତାରେ, ଯାହା ଗତି କରେ, କାର୍ଯ୍ୟ କରେ, କାମନା କରେ ଓ ଉପଭୋଗ କରେ। ଅଗ୍ନି ପ୍ରଥମେ ସ୍ୱୟଂ ଭୌତିକ ତାପ ଓ ଶକ୍ତି ରୂପେ କାର୍ଯ୍ୟାରମ୍ଭ କରନ୍ତି; ଦ୍ୱିତୀୟରେ ସେ 'ଅଶ୍ୱ' ରୂପେ ଅଭିବ୍ୟକ୍ତ ହୁଅନ୍ତି ଏବଂ ତା'ପରେହିଁ ସ୍ୱର୍ଗୀୟ ଅଗ୍ନିରେ ପରିଣତ ହୁଅନ୍ତି। ଜଳଧାରାମାନଙ୍କ ସନ୍ତାନ ହେତୁ ମଧ୍ୟଲୋକ ଅର୍ଥାତ୍ ପ୍ରାଣିକ ବା କ୍ରିୟାଶୀଳ ସ୍ତରକୁ ତା'ର ପୂର୍ଣ୍ଣ ରୂପ ତଥା ପ୍ରସାରଣ ଓ ସ୍ୱଚ୍ଛତା ପ୍ରଦାନ କରିବା ହେଉଛି ତାଙ୍କର ପ୍ରଥମ କାର୍ଯ୍ୟ, ''ରଜ ଆତତନ୍ୱାନ୍''। ସେ ନିଜର ଶୁଦ୍ଧ ଉଜ୍ଜ୍ୱଳ ଅଙ୍ଗପ୍ରତ୍ୟଙ୍ଗ ସାହାଯ୍ୟରେ ଏହି ପାର୍ଥିବ ଜଗତରେ

ବ୍ୟାପ୍ତ ହୋଇ, ଏହାର ଅନ୍ତଃପ୍ରବୃତ୍ତି ଓ କାମନାରାଜିକୁ ଉତ୍ତୋଳିତ କରି ଅତିଚେତନ ସତ୍ୟ ଓ ଜ୍ଞାନର ପବିତ୍ର ଶକ୍ତି ଦ୍ୱାରା ''ଋବିଭିଃ ପବିତ୍ରୈଃ'' ଏବଂ ଏହାର କର୍ମଗତ ଶୁଦ୍ଧୀକୃତ ସଂକଳ୍ପକୁ 'କ୍ରତୁମ୍' ଉନ୍ନତ କରି ସେ ମନୁଷ୍ୟମଧ୍ୟସ୍ଥ ପ୍ରାଣିକ ଜୀବନକୁ ବିଶୋଧନ କରନ୍ତି । ତେଣୁ ସେ ନଦୀଧାରାମାନଙ୍କର ସମଗ୍ର ଜୀବନର ବିଶାଳ ଐଶ୍ୱର୍ଯ୍ୟକୁ ପରିଧାନ କରନ୍ତି, ସେତେବେଳେ କାମନା ଓ ପ୍ରାଣିକ ନିମ୍ନପ୍ରକୃତିର ଖଣ୍ଡିତ ଓ ସୀମିତ କର୍ମ ଆଉ ରହେ ନାହିଁ । (ଋକ୍ - ୪,୫)

ଏହିପରି ଭାବରେ ସପ୍ତଜଳଧାରା ଊର୍ଦ୍ଧ୍ୱଗାମିନୀ ହୋଇ ଶୁଦ୍ଧ ମାନସିକ କ୍ରିୟାଶକ୍ତିରେ ଅର୍ଥାତ୍ ଦ୍ୟୁଲୋକରେ ଗୋଟିଏ ଗୋଟିଏ ମହାନଦୀରେ ପରିଣତ ହେଲେ । ସେଠାରେ ସେମାନେ ପ୍ରଥମ ଶାଶ୍ୱତ ଚିରଯୌବନସଂପନ୍ନା ଶକ୍ତିରୂପେ ନିଜକୁ ପ୍ରକାଶ କରନ୍ତି । ଜଳଧାରା ରୂପେ ସେମାନେ ପରସ୍ପରଠାରୁ ପୃଥକ୍ ହେଲେ ମଧ୍ୟ ସେମାନଙ୍କ ଉତ୍ସ ଗୋଟିଏ — କାରଣ ସେମାନେ ଅତିଚେତନ ସତ୍ୟର ଗର୍ଭ ମଧ୍ୟରୁ ପ୍ରବାହିତା — ସେମାନେ ହେଲେ ''ସପ୍ତବାଣୀ'' ଅଥବା ଦିବ୍ୟମନର ମୌଳିକ ସୃଜନଶୀଳ ଅଭିବ୍ୟକ୍ତି । ସ୍ୱାୟବିକ ପ୍ରାଣ ଯେପରି ନିଜ ମର୍ତ୍ତ୍ୟ ଅସ୍ତିତ୍ୱ ବଜାୟ ରଖିବାକୁ ନିଜ ଉଦ୍ଦେଶ୍ୟଗୁଡ଼ିକୁ ଗ୍ରାସ କରିଯାଏ, ଶୁଦ୍ଧ ମନର ଜୀବନ ସେପରି ନୁହେଁ; ଏହାର ଜଳଧାରାସବୁ କଦାପି ଗ୍ରାସ କରନ୍ତି ନାହିଁ କି ବିଫଳ ବି ହୁଅନ୍ତି ନାହିଁ; ସେମାନେ ମାନସିକ ନାନା ରୂପର ପାରଦୃଶ୍ୱ (ସ୍ୱଚ୍ଛ) ଆଚ୍ଛାଦନ ଦ୍ୱାରା ପରିବେଷ୍ଟିତା ଚିରନ୍ତନ ସତ୍ୟ; ତେଣୁ କୁହାଯାଇଛି ସେମାନେ ବସ୍ତ୍ରାବୃତା ନୁହନ୍ତି କିଂବା ନଗ୍ନା ମଧ୍ୟ ନୁହନ୍ତି । (ଋକ୍ - ୬)

କିନ୍ତୁ ଏହା ଶେଷ ଅବସ୍ଥା ନୁହେଁ । ଏହି ଦିବ୍ୟଶକ୍ତି ମାନସିକ ଶୁଦ୍ଧତାର (ଘୃତସ୍ୟ) ଗର୍ଭ ବା ଜନ୍ମସ୍ଥାନ ଭିତରକୁ ଚାଲିଯାଏ, ସେଠାରେ ଏହି ଜଳଧାରାମାନେ ଦିବ୍ୟ ମାଧୁର୍ଯ୍ୟର ଧାରା ରୂପେ ପ୍ରବାହିତା (ସ୍ରବଥେ ମଧୂନାମ୍); ସେଠାରେ ଏହା ଯେଉଁ ସବୁ ଆକୃତି ଧାରଣ କରେ ସେଗୁଡ଼ିକ ବିଶ୍ୱାତ୍ମକ ବା ସର୍ବମୟ ରୂପ, ବୃହତ୍ ଓ ଅନନ୍ତ ଚେତନାର ନାନା ପୁଞ୍ଜୀଭୂତ ରୂପ, ଫଳତଃ ନିମ୍ନଲୋକର ପୋଷୟିତ୍ରୀ ନଦୀମାନେ ଅବତରଣ କରୁଥିବା ଏହି ଉଚ୍ଚତର ମଧୁରତା ଦ୍ୱାରା ଓ ଶାରୀରିକ ଚେତନା ଦ୍ୱାରା ପରିପୁଷ୍ଟା ହୋଇଛନ୍ତି; ସର୍ବସାଧକ ସଂକଳ୍ପଙ୍କର ଏହି ଦୁଇ ପ୍ରଥମ ମାତା ନିଜ ସମଗ୍ର ବୃହତ୍ତ୍ୱ ମଧ୍ୟରେ ଏହି ସତ୍ୟର ଆଲୋକ ଦ୍ୱାରା ଏବଂ ଅନନ୍ତ ଆନନ୍ଦର ପରିପୋଷଣ ଦ୍ୱାରା ସଂପୂର୍ଣ୍ଣ ସମତାଯୁକ୍ତା ଓ ସୁସଂହତା ହୋଇଉଠନ୍ତି । ସେମାନେ ଅଗ୍ନିଙ୍କର ପୂର୍ଣ୍ଣ ଶକ୍ତିକୁ, ତାଙ୍କ ବିଦ୍ୟୁତ୍‌ପ୍ରଭାକୁ ଓ ସର୍ବମୟ ରୂପରାଜିର ମହିମା ଓ ଉଲ୍ଲାସକୁ ବହନ କରିଛନ୍ତି । କାରଣ ଯେଉଁଠାରେ ସେହି ଅଧିଦେବ ପୁରୁଷ, ବୃଷଭ, ଅତିଚେତନ ସତ୍ୟର ପ୍ରଜ୍ଞା ଦ୍ୱାରା ବର୍ଦ୍ଧିତ ହୁଅନ୍ତି ସେଠାରେ ଶୁଦ୍ଧତାର ସ୍ରୋତ ଓ ଆନନ୍ଦର ଧାରା ସର୍ବଦା ପ୍ରବାହିତ ହୁଏ । (ଋକ୍ - ୭,୮)

ଏହି ଅଧିଦେବ ତଥା ପୁରୁଷ ହେଉଛନ୍ତି ସର୍ବବସ୍ତୁର ପିତା; ସର୍ବବସ୍ତୁର ଗୂଢ଼ ଉତ୍ସ ଅତିଚେତନ ମଧ୍ୟରେ ସେ ପ୍ରଚ୍ଛନ୍ନ ହୋଇ ରହିଛନ୍ତି; ଅଗ୍ନି ନିଜ ସହଚର ଦେବବୃନ୍ଦ ଓ ସପ୍ତନଦୀ ସହିତ ଅତିଚେତନ ମଧ୍ୟରେ ପ୍ରବେଶ କରନ୍ତି, ସେଥିପାଇଁ ଆମର ସଚେତନ ଅସ୍ତିତ୍ୱ ମଧ୍ୟରୁ ତିରୋହିତ ନ ହୋଇ ସେ ସର୍ବବସ୍ତୁରେ ପରମପିତା ତଥା ମଧୁ ପ୍ରାଚୁର୍ଯ୍ୟରେ ଭରା ସର୍ବବସ୍ତୁର ଉତ୍ସରେ ପହଞ୍ଚି ଆମ ଜୀବନ ଉପରେ ତାହା ବର୍ଷଣ କରନ୍ତି । ସେ ଗର୍ଭଧାରଣ କରନ୍ତି ଏବଂ ସ୍ୱୟଂ ମଧ୍ୟ ହୋଇ ଉଠନ୍ତି ପୁତ୍ର, ପବିତ୍ରକୁମାର, ପାବନ ପୁରୁଷ, 'ଏକ' ଏବଂ ମନୁଷ୍ୟର ଆତ୍ମା ରୂପେ ସେ ନିଜର ବିଶ୍ୱାତ୍ମକତା ସହ ବ୍ୟକ୍ତ ହୋଇଛନ୍ତି; ମନୁଷ୍ୟମଧ୍ୟସ୍ଥ ମାନସିକ ଓ ଶାରୀରିକ ଚେତନା ତାହାଙ୍କୁ ନିଜର ପ୍ରଭୁ ଓ ପ୍ରେମିକ ରୂପେ ଗ୍ରହଣ କରିଛନ୍ତି; କିନ୍ତୁ ସେ ଏକ ହେଲେ ମଧ୍ୟ ଏହି ନଦୀମାନଙ୍କର ବହୁରୂପୀ ଗତିବୃତ୍ତିକୁ ଅର୍ଥାତ୍ ବିବିଧ ବିଶ୍ୱଶକ୍ତିମାନଙ୍କୁ ଉପଭୋଗ କରନ୍ତି । (ଋକ୍ - ୯,୧୦)

ତା'ପରେ ସ୍ପଷ୍ଟ ଭାବରେ ଆମକୁ କୁହାଯାଇଛି ଯେ, ଏହି ଯେଉଁ ଆନନ୍ତ୍ୟ ମଧ୍ୟରେ ପ୍ରବେଶ କରି ସେ ବୃଦ୍ଧି ଲାଭ କରିଛନ୍ତି, ଯା ମଧ୍ୟରେ ବହୁ ଜଳଧାରା ବିଜୟର ସହିତ (ୟଶସଃ) ସେମାନଙ୍କ ଲକ୍ଷ୍ୟରେ ଉପନୀତ ହୋଇ ତାଙ୍କୁ ବୃଦ୍ଧି କରିଛନ୍ତି, ଏହା ହେଉଛି ସେହି ଅନିବାଧ ବୃହତ୍ ଯାହା ପରମସତ୍ୟର ଜନ୍ମସ୍ଥାନ, ଅକୂଳ ଅନନ୍ତ, ଏହା ତାଙ୍କର ନିଜର ସ୍ୱାଭାବିକ ଆସନ ଯାହା ବର୍ତ୍ତମାନ ତାଙ୍କ ଧାମ ବା ବାସସ୍ଥାନରେ ପରିଣତ ହୋଇଛି । ସେଠାରେ ଯଦିଓ ସମାନ ଉତ୍ସରୁ ଉଦ୍‌ଗତା ଏହି ସପ୍ତନଦୀ, ସପ୍ତଭଗିନୀ ପୃଥିବୀରେ ଓ ମର୍ତ୍ତ୍ୟ ଜୀବନରେ ପୃଥକ୍ ପୃଥକ୍ କାର୍ଯ୍ୟ କରୁଥିଲେ ତଥାପି ଏଠାରେ ସେପରି ନ କରି ଅଭିନ୍ନ ସଖୀ ରୂପେ କାର୍ଯ୍ୟ କରନ୍ତି — ''ୟାମୀନାମ୍ ଅପସି ସ୍ୱସ୍ରୁଣାମ୍'' । ଏହି ମହତୀ ନଦୀମାନଙ୍କ ପୂର୍ଣ୍ଣ ମିଳନ କ୍ଷେତ୍ରରେ ଅଗ୍ନି ସମସ୍ତ ବିଷୟ ମଧ୍ୟରେ ଗତିକରି ସେସବୁକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରିନିଅନ୍ତି; ତାଙ୍କ ଦୃଷ୍ଟିର ସମସ୍ତ କିରଣ ଏକେବାରେ ସଳଖ, ନିମ୍ନର କୁଟିଳତା ଦ୍ୱାରା ସେମାନେ ଆଦୌ ପ୍ରଭାବିତ ହୁଅନ୍ତି ନାହିଁ; ଯାହାଙ୍କଠାରୁ ଜ୍ଞାନର ପ୍ରଭାରୂପକ ଉଜ୍ଜ୍ୱଳ ଗୋବୃନ୍ଦ ଜନ୍ମଲାଭ କରିଥିଲେ ସେ ବର୍ତ୍ତମାନ ସେମାନଙ୍କୁ ଉଚ୍ଚ ଓ ଉତ୍ତମ ଜନ୍ମ ପ୍ରଦାନ କଲେ; ସେମାନଙ୍କୁ ସେ ଦିବ୍ୟଜ୍ଞାନ ବା ଅମର ଚେତନାରେ ପରିଣତ କଲେ । (ଋକ୍ - ୧୧,୧୨)

ଏହା ମଧ୍ୟ ତାଙ୍କ ନିଜର ନବୀନ ଓ ଅନ୍ତିମ ଜନ୍ମ । ଯେ ପୃଥିବୀସ୍ଥ ବନରାଜି ମଧ୍ୟରୁ ଶକ୍ତି-ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ, ଯେ ଜଳଧାରାମାନଙ୍କର ସନ୍ତାନ ରୂପେ ଜାତ ହୋଇଥିଲେ ସେ ବର୍ତ୍ତମାନ ପୂର୍ଣ୍ଣ ଆନନ୍ଦମୟୀ ଅର୍ଥାତ୍ ଦିବ୍ୟ ଚିନ୍ମୟ ଆନନ୍ଦ ତଥା ଅପାର ଆନନ୍ତ୍ୟରୂପିଣୀ ଦେବୀଙ୍କଠାରୁ ନାନାରୂପେ ପ୍ରକଟ ହେଲେ । ଦେବଗଣ ଅଥବା ମନୁଷ୍ୟମଧ୍ୟସ୍ଥ ଦିବ୍ୟଶକ୍ତିମାନେ ମନକୁ ଯନ୍ତ୍ରରୂପେ ବ୍ୟବହାର କରି ସେଠାରେ ତାଙ୍କ

ନିକଟରେ ଉପସ୍ଥିତ ହୁଅନ୍ତି, ତାଙ୍କ ଚତୁଷ୍ପାର୍ଶ୍ୱରେ ମିଳିତ ହୁଅନ୍ତି ଏବଂ ଏହି ନୂତନ ଶକ୍ତିଶାଳୀ ଓ ଫଳପ୍ରସୂ ଜନ୍ମ ମଧ୍ୟରେ ଜଗତର ମହତ୍ କର୍ମ କରିବାକୁ ପ୍ରବୃତ୍ତ କରାନ୍ତି । ସେହି ବୃହତ୍ ଚେତନାର ପ୍ରଭାଜ୍ଞାଳରୂପୀ ସେହି ଦେବଗଣ ଏହି ଦିବ୍ୟଶକ୍ତିଙ୍କ ସହ ତେଜୋମୟ ବିଦ୍ୟୁତ୍ ରୂପେ ସଂଲଗ୍ନ ହୋଇଯା'ନ୍ତି ଏବଂ ଅତିଚେତନ, ଅକୂଳ ବୃହତ୍ ସ୍ୱରୂପ ତାଙ୍କ ସ୍ୱଧାମରେ ନିବାସ କରୁଥିବା ତାଙ୍କଠାରୁ ସେମାନେ ମନୁଷ୍ୟ ନିମନ୍ତେ ଅମୃତତ୍ୱ ଦୋହନ କରନ୍ତି ।

ତା'ହେଲେ ରୂପକଳ୍ପର ପରଦା ପଛରେ ଥିବା ସପ୍ତନଦୀ, ଆପଃ, ପଞ୍ଚଲୋକ, ଅଗ୍ନିଙ୍କ ଜନ୍ମ ଓ ଉତ୍ତରଣ ପ୍ରଭୃତିର ଯେଉଁ ପ୍ରତୀକଗୁଡ଼ିକ ବେଦରେ ବ୍ୟବହୃତ, ସେମାନଙ୍କର ଅଛି ଏକ ଗଭୀର, ସୁସଂଲଗ୍ନ ଓ ଜ୍ଞାନଦୀପ୍ତ ଅର୍ଥ; ଏବଂ ଅଗ୍ନିଙ୍କ ଜନ୍ମ ଓ ଉତ୍ତରଣର ଅର୍ଥ ହେଲା ମନୁଷ୍ୟ ଓ ସେ ସ୍ୱୟଂ ନିଜ ସତ୍ତାରେ ଯେଉଁସବୁ ଦେବତାଙ୍କ ସ୍ୱରୂପ ଗଢ଼ିଥାଏ ସେହି ସତ୍ତାରୂପକ ମହାନ୍ ପର୍ବତର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଏ ଉଭୟଙ୍କର ଊର୍ଦ୍ଧ୍ୱଯାତ୍ରା (ସାନୋଃ ସାନୁମ୍) । ଆମେ ଯଦି ଏହି ପ୍ରଣାଳୀକୁ ଥରେ ପ୍ରୟୋଗ କରି ଦେବତାମାନଙ୍କ ଆଧ୍ୟାତ୍ମିକ କାର୍ଯ୍ୟରେ ଯଥାର୍ଥ ଧାରଣା ସହ 'ଗୋ' ପ୍ରତୀକର ଓ 'ସୋମ' ପ୍ରତୀକର ପ୍ରକୃତ ଅର୍ଥକୁ ଧରିପାରୁ ତେବେ ପ୍ରାଚୀନ ସୂକ୍ତଗୁଡ଼ିକର ପ୍ରତୀୟମାନ ଅସଂଲଗ୍ନତା ଓ ଅସ୍ପଷ୍ଟତା ତଥା ଦୁର୍ବୋଧ ଅସ୍ତବ୍ୟସ୍ତ କ୍ରମହୀନତା କ୍ଷଣକରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବ । ସହଜରେ ଅନାୟାସରେ ତଥା ସେଠାରେ କୌଣସି ଗଣା-ଓଟରା ବିନା ଏହି ସୁପ୍ରାଚୀନ ରହସ୍ୟବାଦୀମାନଙ୍କର ଅତି ଗଭୀର ଓ ଜାଜ୍ୱଳ ବିଦ୍ୟା ନିଜକୁ ଉନ୍ମୋଚିତ କରିବ, ଯାହାକି ବେଦର ରହସ୍ୟ ।

ଦ୍ୱାଦଶ ଅଧ୍ୟାୟ

ଉଷାଙ୍କ ଗୋଯୂଥ

ବେଦର ସପ୍ତନଦୀ ବା 'ଆପଃ'କୁ ବୈଦିକ ଆଳଙ୍କାରିକ ଭାଷାରେ ସାଧାରଣତଃ ସପ୍ତମାତରଃ ବା ସପ୍ତ ପୋଷିକା ଧେନୁ, 'ସପ୍ତଧେନବଃ' କୁହାଯାଏ । ଗୂଢ଼ ଭାବରେ 'ଆପଃ' ଶବ୍ଦର ଦୁଇଟି ତାତ୍ପର୍ଯ୍ୟ ରହିଛି । କାରଣ 'ଅପ୍' ଧାତୁର ଅର୍ଥ ପ୍ରଥମେ ଗତିକରିବା ଥିଲା, ସମ୍ଭବତଃ ଏଇଥିରୁହିଁ ଜଳଗୁଡ଼ିକ ବୋଲି ଅର୍ଥ ଆସିଛି । ଏହି ଅର୍ଥ ବ୍ୟତୀତ ଜନ୍ମ ହେବା ବା ଜନ୍ମ ଦେବା ଅର୍ଥ ମଧ୍ୟ ଏହାର ଥିଲା, ଯଥା ସନ୍ତାନାର୍ଥବୋଧକ ଅପତ୍ୟ ଶବ୍ଦ ଏବଂ ପିତା ଅର୍ଥ-ବୋଧକ ଦକ୍ଷିଣ ଭାରତୀୟ ''ଅପ୍ପା'' ଶବ୍ଦ । ସପ୍ତଜଳ ହେଉଛନ୍ତି ସରାଚୂପକ ଜଳ; ସେମାନେ ଜନନୀ କାରଣ ସେମାନଙ୍କଠାରୁ ସୃଷ୍ଟିର ସମସ୍ତ ରୂପ ଉତ୍ପନ୍ନ ହୋଇଛି । କିନ୍ତୁ ଏଥିସହିତ 'ସପ୍ତ ଗାବଃ' ଅର୍ଥାତ୍ ସପ୍ତଗାଭୀ ବା ସପ୍ତଜ୍ୟୋତିଃ ଏବଂ ବିଶେଷ ଶବ୍ଦ 'ସପ୍ତରୁ' ଅର୍ଥାତ୍ ସପ୍ତରଶ୍ମିଯୁକ୍ତ, ଏପରି ଅଭିବ୍ୟକ୍ତି ମଧ୍ୟ ଆମେ ଦେଖିବାକୁ ପାଉ । ବେଦର ଆଦ୍ୟନ୍ତ ସର୍ବତ୍ର ଗୁ(ଗାବଃ) ଏବଂ ଗୋ (ଗାବଃ) ଶବ୍ଦ ଦୁଇଟିକୁ ସର୍ବଦା ଦୁଇଟି ଅର୍ଥରେ ବ୍ୟବହାର କରାଯାଏ ଯଥା ଗାଭୀ ଓ ରଶ୍ମି । ପ୍ରାଚୀନ ଭାରତୀୟ ଭାବନା ଅନୁସାରେ ସତ୍ତା ଓ ଚେତନା ପରସ୍ପରର ଅଭିନ୍ନ ବିଭାବ ଏବଂ ଯେଉଁ 'ଅଦିତି' ଯେ କି ଅନନ୍ତ ସତ୍ତା, ତାଙ୍କ ମଧ୍ୟରୁ ଦେବଗଣ ଜାତ ହୋଇଛନ୍ତି, ତାଙ୍କର ସାତଟି ନାମ ଓ ସାତଟି ଧାମ (ଧାମାନି) ରହିଛି ବୋଲି ବର୍ଣ୍ଣନା ଅଛି । ତାଙ୍କୁ ଅନନ୍ତ ଚେତନା, ଦିବ୍ୟ ଗାଭୀ ଓ ସପ୍ତରଶ୍ମି 'ସପ୍ତ ଗାବଃ' ଆଦି ଜ୍ୟୋତିଃ ରୂପେ ଅବଧାରଣା କରାଯାଇଛି । ସୁତରାଂ ସୃଷ୍ଟିର ସପ୍ତବିଧ ତତ୍ତ୍ୱକୁ ଗୋଟିଏ ଦିଗରୁ ଦେଖିଲେ ସେମାନେ ହେଉଛନ୍ତି ସପ୍ତ ଧେନବଃ, ମହାସିନ୍ଧୁରୁ ଉତ୍ଥିତା ସପ୍ତନଦୀ, ଅନ୍ୟ ଦିଗରୁ ଦେଖିଲେ ସେମାନଙ୍କୁ ସର୍ବସ୍ରଷ୍ଟା ପିତା 'ସୂର୍ଯ୍ୟ' ସବିତାଙ୍କ ସପ୍ତ ଗାବଃ ବା ସପ୍ତରଶ୍ମି ରୂପେ ମଧ୍ୟ ଚିତ୍ରଣ କରାଯାଇଛି ।

ବୈଦିକ ପ୍ରତୀକମାନଙ୍କ ମଧ୍ୟରେ 'ଗୋ'ର ରୂପକଳ୍ପ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଜଣେ ଯାଜ୍ଞିକଙ୍କ ପାଇଁ 'ଗୋ'ର ଅର୍ଥ ଅତି ସରଳ ରୂପେ ପଶୁ ଦେହଧାରୀ ଧେନୁ, ତା' ଛଡ଼ା ଅନ୍ୟ କିଛି ନୁହେଁ; ଏହାର ସହଚର ରୂପେ ଅଶ୍ୱର ଅର୍ଥ ପଶୁରୂପୀ ଘୋଟକ, ଏହାଠାରୁ ପୃଥକ୍ କିଛି ଅର୍ଥ ନାହିଁ, ଅଥବା ଯେମିତି 'ଘୃତ'ର ଅର୍ଥ ଜଳ ବା ଘିଅ, 'ବୀର'ର ଅର୍ଥ ପୁତ୍ର, ଅନୁଚର ବା ସେବକ । ଯେତେବେଳେ ଋଷି ଉଷାଙ୍କୁ ''**ଗୋମଦ୍ ବୀରବଦ୍ ଧେହି ରତ୍ନମ୍ ଉଷୋ ଅଶ୍ୱାବତ୍**'' ବୋଲି ସ୍ତୁତି କରୁଛନ୍ତି, ସେତେବେଳେ

ଯାଜ୍ଞିକ ଟୀକାକାର ଏହି ଆବାହନରେ ଦେଖନ୍ତି ଯେ ଏଠାରେ କେବଳ ''ଗୋରୁ, ପରିଜନ (ବା ପୁତ୍ର) ଓ ଘୋଡ଼ା ପ୍ରଭୃତି'' ରମଣୀୟ ଧନ ନିମନ୍ତେ ଯାଚନା କରାଯାଇଛି । କିନ୍ତୁ ଯଦି ଅନ୍ୟ ପକ୍ଷରେ ଏହି ପଦଗୁଡ଼ିକୁ ପ୍ରତୀକରୂପେ ଗ୍ରହଣ କରାଯାଏ ତେବେ ଅର୍ଥ ହେବ — ''ଆମ ମଧ୍ୟରେ ଆଲୋକମୟୀ, ବିଜୟପ୍ରଦାୟିନୀ ଶକ୍ତି ଓ ପ୍ରାଣବତ୍ତାର ତେଜରେ ପୂର୍ଣ୍ଣ ଏକ ଆନନ୍ଦମୟ ଅବସ୍ଥା ଦୃଢ଼ରୂପେ ପ୍ରତିଷ୍ଠା କର ।'' ଏଣୁ ବୈଦିକ ମନ୍ତ୍ରରେ ବ୍ୟବହୃତ 'ଗୋ'ର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆମେ ଏକ ଚିର ସିଦ୍ଧାନ୍ତରେ ଉପନୀତ ହେବା ଆବଶ୍ୟକ । ଯଦି ପ୍ରମାଣ କରାଯାଇପାରେ ଯେ ଏହା ପ୍ରତୀକାର୍ଥକ, ତେବେ ଅଶ୍ୱ (ଘୋଡ଼ା) ବୀର (ମନୁଷ୍ୟ ବା ବୀର ପୁରୁଷ) ଅପତ୍ୟ ବା ପ୍ରଜା (ସନ୍ତାନ) ହିରଣ୍ୟ (ସୁନା) ବାଜ (ପ୍ରାଚୁର୍ଯ୍ୟ ବା ସାୟଣଙ୍କ ମତାନୁସାରେ ଅନ୍ନ) ପ୍ରଭୃତି ଶବ୍ଦ ସହିତ ଅନ୍ୟ ଯେଉଁ ଶବ୍ଦଗୁଡ଼ିକ ପ୍ରୟୋଗ କରାହୁଏ ସେଗୁଡ଼ିକର ମଧ୍ୟ ଅନୁରୂପ ପ୍ରତୀକାର୍ଥ ଥିବା ସୁନିଶ୍ଚିତ ।

ବେଦରେ ଗାଭୀ ସର୍ବଦା ଉଷା ଓ ସୂର୍ଯ୍ୟଙ୍କ ସହିତ ସଂପୃକ୍ତ; ସ୍ୱର୍ଗଶୁନୀ ସରମା ଓ ଅଙ୍ଗିରସ ଋଷିମାନଙ୍କ ସାହାଯ୍ୟରେ 'ପଣି'ଗଣଙ୍କ ଗୁହାରୁ ଅପହୃତ ଗୋମାନଙ୍କୁ ଉଦ୍ଧାର କରିଥିବା ଇନ୍ଦ୍ର ଓ ବୃହସ୍ପତିଙ୍କ ଆଖ୍ୟାନ ମଧ୍ୟରେ ଏହି ରୂପକଳ୍ପଟିର ପୁନରାବୃତ୍ତି ଘଟିଛି । 'ଉଷା' ବିଷୟକ ଅବଧାରଣା ଓ ଅଙ୍ଗିରସଗଣଙ୍କ ଆଖ୍ୟାନ ଏ ଉଭୟେହିଁ ବୈଦିକମାର୍ଗର ମାର୍ମିକ ତତ୍ତ୍ୱ ଓ ଏହାକୁ ବୈଦିକ ତାତ୍ପର୍ଯ୍ୟ ବିଷୟକ ରହସ୍ୟର କୁଞ୍ଜିକା ବୋଲି କୁହାଯାଇପାରେ । ତେଣୁ ଆମ ଅନୁସନ୍ଧାନ ପାଇଁ ଏକ ସୁଦୃଢ଼ ଭିତ୍ତି ଲାଭ କରିବାକୁ ହେଲେ ଏ ଦୁଇଟିକୁ ପରୀକ୍ଷା କରିବା ଆବଶ୍ୟକ ।

ବେଦର ଉଷା-ସୂକ୍ତଗୁଡ଼ିକୁ ଅତ୍ୟନ୍ତ ବାହ୍ୟ ଦୃଷ୍ଟିରୁ ମଧ୍ୟ ପରୀକ୍ଷା କଲେ ପୂରାପୂରି ସ୍ପଷ୍ଟ ଜଣାଯାଏ ଯେ ଉଷାଙ୍କ ଗୋପଲ ଓ ସୂର୍ଯ୍ୟଙ୍କ ଗୋପଲ ଉଭୟେ ହେଉଛନ୍ତି ଜ୍ୟୋତିଃର ପ୍ରତୀକ; ସେମାନଙ୍କର ଅନ୍ୟ ଅର୍ଥ କରିବା ଅସମ୍ଭବ । ଏହିସବୁ ସୂକ୍ତରେ ସାୟଣ ବାଧ୍ୟହୋଇ କେତେବେଳେ ଏହି ଶବ୍ଦର ଅର୍ଥ ଗୋରୁ ବା କେତେବେଳେ କିରଣ ଅର୍ଥ କରିଛନ୍ତି — ତାଙ୍କର ପୂର୍ବ ଅଭ୍ୟାସ ଅନୁସାରେ ଏ ବିଷୟରେ ସେ ଖାମଖିଆଲି; 'ଋତମ୍' ଅର୍ଥ ସତ୍ୟ ହେଲେ ମଧ୍ୟ ସେ ଯେପରି ସମୟେ ସମୟେ ତାକୁ 'ଜଳ' ବୋଲି ଅର୍ଥ କରିଛନ୍ତି ସେହିପରି 'ଗୋ'ର ମଧ୍ୟ 'ଜଳ' ଅର୍ଥ କରିଛନ୍ତି । ବାସ୍ତବତା ଦୃଷ୍ଟିରୁ ଦେଖିଲେ ଏହା ନିଶ୍ଚିତ ଯେ 'ଗୋ' ଦ୍ୱୈତ ଅର୍ଥରେ ଆମକୁ ଗ୍ରହଣ କରିବାକୁ ହେବ, ''ଆଲୋକ'' ଏହାର ପ୍ରକୃତ ତାତ୍ପର୍ଯ୍ୟ ଓ ''ଗାଭୀ'' ଏହାର ବାହ୍ୟ ରୂପକଳ୍ପ ।

ଏପରି କେତେକ ସୂକ୍ତରେ 'ଗୋ'ର ଅର୍ଥ ଯେ 'କିରଣ' ଏଥିରେ କୌଣସି ସନ୍ଦେହ ନାହିଁ, ଉଦାହରଣ ସ୍ୱରୂପ ପ୍ରଥମ ମଣ୍ଡଳ ସପ୍ତମ ସୂକ୍ତରେ ତୃତୀୟ ଋକ୍‌ରେ ମଧୁଚ୍ଛନ୍ଦା କହିଛନ୍ତି — ''ଦୂର ଦୃଷ୍ଟି ନିମନ୍ତେ ଇନ୍ଦ୍ର ସୂର୍ଯ୍ୟଙ୍କୁ ସ୍ୱର୍ଗକୁ ଆରୋହଣ କରାଇଛନ୍ତି'',

ସେ ତାଙ୍କ କିରଣ ଦ୍ୱାରା ପାହାଡ଼ର ସବୁସ୍ଥାନକୁ ତାଙ୍କୁ ପ୍ରେରଣ କରିଛନ୍ତି, ବି ଗୋଭିଃ ଅଦ୍ରିମ୍ ଐରୟତ୍ ।[୧] କିନ୍ତୁ ତା ସହିତ ସୂର୍ଯ୍ୟଙ୍କ କିରଣମାଳା ହେବ ସୂର୍ଯ୍ୟଙ୍କ ଗୋ-ପଇ, ହୋମରଙ୍କ ଅଡ଼େସି, କାବ୍ୟରେ ହର୍ମିଜ୍‌ଙ୍କୁ ସ୍ତୁତି କଲାବେଳେ ଏହାରି ଅନୁରୂପ ଏକ ଉକ୍ତି ଆସିଛି ଯେ ହେଲିଓସ୍‌ଙ୍କ ଗୋପଲକୁ ହର୍ମିଜ୍ ନିଜ ଭାଇ ଆପୋଲୋଙ୍କଠାରୁ ଅପହରଣ କରିଥିଲେ ଓ ଏମାନଙ୍କୁ ଓଡ଼ିସିଅସ୍‌ଙ୍କ ସଙ୍ଗୀମାନେ ବଧ କରିଥିଲେ । ଏମାନେ ହେଉଛନ୍ତି ସେହି ଗୋଯୂଥ ଯାହାକୁ ଶତ୍ରୁ 'ବଳ' ବା 'ପଣି'ମାନେ ଲୁଚାଇ ରଖିଥିଲେ; ଯେତେବେଳେ ଋଷି ମଧୁଚ୍ଛନ୍ଦା ଇନ୍ଦ୍ରଙ୍କୁ କହୁଛନ୍ତି — '' 'ବଳ' ଗୋମାନଙ୍କୁ ଆବଦ୍ଧ କରି ରଖିଥିବା ଗୁହାଗର୍ତ୍ତର ଘୋଡ଼ଣୀକୁ ତୁମେ ଉନ୍ମୁକ୍ତ କରିଥିଲ'', ତାଙ୍କ କହିବାର ଅର୍ଥ ହେଲା ଶତ୍ରୁ 'ବଳ' ଜ୍ୟୋତିଃକୁ ଲୁଚାଇ ରଖେ ଓ ତାକୁ ଅବରୁଦ୍ଧ କରେ, ଏହି ଜ୍ୟୋତିଃକୁ ଯଜ୍ଞଦାତାଙ୍କ ପାଇଁ ଇନ୍ଦ୍ର ପୁନରୁଦ୍ଧାର କରନ୍ତି । ନିଖୋଜ ବା ଅପହୃତ ଗୋଯୂଥର ପୁନରୁଦ୍ଧାର ବିଷୟରେ ବୈଦିକ ସୂକ୍ତମାନଙ୍କରେ ଅବିରତ କୁହାଯାଇଛି, ଯଦି ପଣି ଓ ଅଙ୍ଗିରସ ଋଷିମାନଙ୍କ ଉପାଖ୍ୟାନଟିକୁ ପରୀକ୍ଷା କରାଯାଏ ତେବେ ଏହାର ଅର୍ଥ ବେଶ୍ ସ୍ପଷ୍ଟ ହୋଇଯିବ ।

ଥରେ ଏହି ଅର୍ଥ ପ୍ରତିଷ୍ଠିତ ହୋଇଗଲେ ବେଦରେ 'ଗୋ' ନିମନ୍ତେ ଯେଉଁ ପ୍ରାର୍ଥନା କରାଯାଇଛି ସେଥିରେ ଗୋ ପଶୁ ରୂପକ ଭୌତିକ ଅର୍ଥ ପୂରା ଦୋହଲିଯାଏ; କାରଣ ଯେଉଁ ନିଖୋଜ ଗୋରୁମାନଙ୍କ ଉଦ୍ଧାର ପାଇଁ ଋଷିମାନେ ଇନ୍ଦ୍ରଙ୍କୁ ଆବାହନ କରିଛନ୍ତି ସେଗୁଡ଼ିକ ଯଦି ଦ୍ରାବିଡ଼ମାନଙ୍କ ଦ୍ୱାରା ଅପହୃତ ଗୋରୁ ନ ହୁଅନ୍ତି ବରଂ ସୂର୍ଯ୍ୟଙ୍କ ଗୋପଇ ବା ଜ୍ୟୋତିଃ ହୁଅନ୍ତି ତେବେ ଏକଥା ବିଚାର କରିବା ଯୁକ୍ତିସଙ୍ଗତ ହେବ ଯେ ଯେଉଁଠାରେ କେବଳ 'ଗୋ' ପାଇଁ ପ୍ରାର୍ଥନା କରାଯାଇଛି ଅଥଚ କୌଣସି ଶତ୍ରୁର ବାଧା ଦେବା କଥା ନାହିଁ ସେଠାରେ ମଧ୍ୟ ଗୋ ରୂପକଳ୍ପଟି ଏହି ଅର୍ଥରେ ବ୍ୟବହୃତ ହୋଇପାରିବ କି ନାହିଁ ? ଉଦାହରଣ ସ୍ୱରୂପ ଋ. ୧।୪।୧-୨[୨] ଋକ୍‌ରେ ଇନ୍ଦ୍ରଙ୍କ ବିଷୟରେ କୁହାଯାଇଛି ଯେ ସେ ପୂର୍ଣ୍ଣ ରୂପେ ସବୁକୁ ଗଠନ କରନ୍ତି, ଗୋଦୋହନ କାର୍ଯ୍ୟରେ ସେ ଜଣେ ଦକ୍ଷ ଦୋହନକାରୀ ଏବଂ ତାଙ୍କର ସୋମରସର ଉଲ୍ଲାସ ବସ୍ତୁତଃ ''ଗୋଦାତା''— ''ଗୋଦା ଇଦ୍ ରେବତଃ ମଦଃ ।'' ଏହାର ଅର୍ଥ ଯଦି ଏପରି କୁହାଯାଏ ଯେ ଇନ୍ଦ୍ର ଜଣେ ଅତି ଧନବାନ୍ ଦେବ ଏବଂ

---

୧ କିମ୍ବା ଏପରି ମଧ୍ୟ ଆମେ ଅନୁବାଦ କରିପାରୁ — ''ସେ ବଜ୍ରକୁ ତାହାର କିରଣରାଜି ସହ ଚତୁର୍ଦ୍ଦିଗକୁ ପ୍ରେରଣ କଲେ''; କିନ୍ତୁ ଅର୍ଥ ଦୃଷ୍ଟିରୁ ଏହା ଏତେ ଉତ୍ତମ ଓ ସଙ୍ଗତ ନୁହେଁ; ଏପରିକି ଆମେ ଉକ୍ତ ଅର୍ଥ ଆଣିପାରିଲେ ବି 'ଗୋଭିଃ'ର ଅର୍ଥ 'କିରଣୈଃ' ହେବ, 'ଗାଈ' ନୁହେଁ ।

୨ ସୁରୂପକୃତ୍ନୁମୂତୟେ ସୁଦୁଘାମିବ ଗୋଦୁହେ । ଜୁହୁମସି ଦ୍ୟବି ଦ୍ୟବି ॥
ଉପ ନଃ ସବନା ଗହି ସୋମସ୍ୟ ସୋମପାଃ ପିବ । ଗୋଦାଃ ଇଦ୍ରେବତୋ ମଦଃ ॥
(ଋ. ୧।୪।୧-୨)

ସେ ଯେତେବେଳେ ସୋମପାନ ଦ୍ୱାରା ମତ୍ତ ହୋଇଯା'ନ୍ତି ସେତେବେଳେ ସେ ମୁକ୍ତ-ହସ୍ତରେ ଗୋଦାନ କରନ୍ତି ତେବେ ଏଇଟି ହେବ ଚରମ ଅବାନ୍ତର ଓ ଅଯୌକ୍ତିକ ଅର୍ଥ । ଏହା ସ୍ପଷ୍ଟ ଯେ ପ୍ରଥମ ରକ୍‌ର ଗୋଦୋହନ ଯେପରି ଗୋଟିଏ ରୂପକ, ଦ୍ୱିତୀୟ ରକ୍‌ର ଗୋଦାନ ମଧ୍ୟ ସେହିପରି ଗୋଟିଏ ରୂପକ । ଆଉ ମଧ୍ୟ ଯଦି ଆମେ ବେଦର ଅନ୍ୟାନ୍ୟ ରକ୍‌ରୁ ଜାଣିପାରୁ ଯେ ଗୋ ହେଉଛି ଜ୍ୟୋତିଃର ପ୍ରତୀକ ତେବେ ଏଠାରେ ମଧ୍ୟ ଅର୍ଥ ହେବ ଇନ୍ଦ୍ର ସୋମଜନିତ ଆନନ୍ଦରେ ପରିପୂର୍ଣ୍ଣ ହେଲେ ଆମକୁ ନିଶ୍ଚୟ ଜ୍ୟୋତିଃ ପ୍ରଦାନ କରିବେ ।

ଉଷାସୂକ୍ତମାନଙ୍କରେ ମଧ୍ୟ 'ଗୋ' ଜ୍ୟୋତିଃର ପ୍ରତୀକ ବୋଲି ସ୍ପଷ୍ଟ । ଉଷାଙ୍କୁ ସର୍ବଦା ଗୋମତୀରୂପେ ବର୍ଣ୍ଣନା କରାଯାଏ ଯାହାର ଅର୍ଥ ନିଶ୍ଚୟ ସେ ଜ୍ୟୋତିର୍ମୟୀ ବା ଦୀପ୍ତିମୟୀ; କାରଣ ଯଦି ଆକ୍ଷରିକ ଅର୍ଥ କରି ଉଷାର ଏକ ନିତ୍ୟ ବିଶେଷଣ ରୂପେ କୁହାଯାଏ ଯେ ''ଉଷା ଗାଭୀରେ ପୂର୍ଣ୍ଣ'' ତେବେ ଏହା ପୂରାପୂରି ମୂର୍ଖତା ହେବ । କିନ୍ତୁ ଏହି ଗୋଧନର ରୂପକତ୍ୱ ଏକ ବିଶେଷଣ ରୂପେ ବ୍ୟବହୃତ; କାରଣ, ଉଷା କେବଳ ଗୋମତୀ ନୁହନ୍ତି, ସେ ଗୋମତୀ ଅଶ୍ୱାବତୀ ଉଭୟ; ତାଙ୍କ ସହିତ ସର୍ବଦା ତାଙ୍କ ଗୋଯୂଥ ଏବଂ ଅଶ୍ୱଗଣ ଥା'ନ୍ତି । ସମଗ୍ର ଜଗତ୍ ନିମନ୍ତେ ସେ ଆଲୋକ ସୃଷ୍ଟି କରନ୍ତି ଏବଂ ଗୋରୁର ଖୁଆଡ଼ ଖୋଲିବା ପରି ସେ ଅନ୍ଧକାରକୁ ଚାଲିଯିବାକୁ ଛାଡ଼ିଦିଅନ୍ତି । ଏଠାରେ ଗୋ ଯେ ଜ୍ୟୋତିର ପ୍ରତୀକ ଏଥିରେ କୌଣସି ଭ୍ରମର ଅବକାଶ ନାହିଁ (୧।୯୨।୪)[୩] । ଆଉ ମଧ୍ୟ ଆମେ ଦେଖୁ ଯେ ଏହି ସୂକ୍ତର ଷୋଡ଼ଶ ରକ୍‌ରେ[୪] ଅଶ୍ୱୀମାନଙ୍କୁ ସେମାନଙ୍କ ରଥକୁ ଉଜ୍ଜ୍ୱଳ ଓ ସୁନେଲି ପଥରେ ଚାଳନା କରି ନିମ୍ନକୁ ଆସନ୍ତୁ ବୋଲି ପ୍ରାର୍ଥନା କରାଯାଇଛି — ''ଗୋମତ୍, ହିରଣ୍ୟବତ୍'' । ଆଉ ମଧ୍ୟ ଉଷାଙ୍କ ବିଷୟରେ କୁହାଯାଏ ଯେ ତାଙ୍କ ରଥକୁ ସମୟେ ସମୟେ ଅରୁଣବର୍ଣ୍ଣା ଗାଭୀମାନେ ତଥା କଦବା ଅରୁଣ ବର୍ଣ୍ଣ ଅଶ୍ୱମାନେ ଟାଣି ନିଅନ୍ତି । ସେ ଅରୁଣ ବର୍ଣ୍ଣର ଗାଭୀମାନଙ୍କୁ ରଥରେ ଯୋଚନ୍ତି — **ୟୁଙ୍କ୍ତେ ଗବାମ୍ ଅରୁଣାମ୍ ଅନୀକମ୍** (୧।୧୨୪।୧୧) । ଏଠାରେ ଏହି ସ୍ଥୂଳ ରୂପକତ୍ୱର ପଶ୍ଚାତରେ ଦ୍ୱିତୀୟ ଅର୍ଥ ଯେ ''ଅରୁଣ ବର୍ଣ୍ଣ କିରଣସମୂହ'' ଏହା ସୁସ୍ପଷ୍ଟ । ଉଷାଙ୍କର ଅନ୍ୟ ଏକ ବର୍ଣ୍ଣନା ହେଉଛି ସେ ଗାଭୀ ବା ରଶ୍ମିମାନଙ୍କର ମାତା — **ଗବାଂ ଜନିତ୍ରୀ ଅକୃତ ପ୍ର କେତୁମ୍** (୧।୧୨୪।୫) ଅର୍ଥାତ୍ ''ଗାଭୀ ବା ରଶ୍ମିମାନଙ୍କର ମାତା ଅନ୍ତର୍ଦୃଷ୍ଟି (vision) ସୃଷ୍ଟି କରିଛନ୍ତି । ଅନ୍ୟ ଏକ ସ୍ଥାନରେ ମଧ୍ୟ ତାଙ୍କ କାର୍ଯ୍ୟ ସମ୍ବନ୍ଧରେ କୁହାଯାଇଛି, ଯେଉଁଠାରେ କୌଣସି ''ଅନ୍ତର୍ଦର୍ଶନ ବା ବୋଧଶକ୍ତି ନ ଥିଲା ସେଇ ସ୍ଥାନରେ ବର୍ତ୍ତମାନ ତାହା ଉଦିତ

---

[୩] **ଜ୍ୟୋତିର୍ବିଶ୍ୱସ୍ମୈ ଭୁବନାୟ କୃଣ୍ୱତେ । ଗାବୋ ନ ବ୍ରଜଂ ବ୍ୟୁଷା ଆବର୍ତମଃ ॥** (ଋ. ୧।୯୨।୪)

[୪] **ଅଶ୍ୱିନା ବର୍ତିରସ୍ମଦା ଗୋମଦ୍ ଦସ୍ରା ହିରଣ୍ୟବତ୍ । ଅର୍ବାଗ୍ରଥଂ ସମନସା ନି ୟଚ୍ଛତମ୍ ।** (୧।୯୨।୨୬)

ହେଉଛି ।''[୫] ଏଥିରୁ ଏହା ସ୍ପଷ୍ଟ ଯେ ଗୋଧନ ହେଉଛି ଭାସ୍ୱର କିରଣମାଳା । ଉଷାଙ୍କୁ ଭାସ୍ୱର ଗୋଯୂଥର ନେତ୍ରୀ ରୂପେ ମଧ୍ୟ ସ୍ତୁତି କରାଯାଇଛି, **ନେତ୍ରୀ ଗବାମ୍** (୭।୭୬।୬); ଏବଂ ଅନ୍ୟ ଏକ ଋକ୍‌ରେ ଏ ଦୁଇଟିଯାକ ଭାବନାକୁ ଏକତ୍ର କରି ଅର୍ଥକୁ ଆହୁରି ସ୍ପଷ୍ଟ କରାଯାଇଛି — ସେ ଦିବ୍ୟ ଗୋଯୂଥର ମାତା ଓ ଦିବସମାନଙ୍କ ନେତ୍ରୀ — **ଗବାଂ ମାତା ନେତ୍ରୀ ଅହ୍ନାମ୍** (୭।୭୭।୨) । ଶେଷରେ ରୂପକଳ୍ପର ଆବରଣକୁ ସଂପୂର୍ଣ୍ଣ ମୁକ୍ତ କରିବା ଉଦ୍ଦେଶ୍ୟରେ ସ୍ୱୟଂ ବେଦ ଯେପରି ଆମକୁ କହୁଛନ୍ତି ଯେ ଗୋଯୂଥ ହେଉଛି ଜ୍ୟୋତିର କିରଣସମୂହ, ''ଯାତ୍ରା କରିବା ପାଇଁ ମୁକ୍ତ କରାଯାଇଥିବା ଗାଭୀମାନଙ୍କ ପରି ତାଙ୍କର ଶୁଭମୟ କିରଣ ସମୂହ ଦୃଷ୍ଟିଗୋଚର ହେଉଛି''— **ପ୍ରତି ଭଦ୍ରା ଅଦୃକ୍ଷତ ଗବାଂ ସର୍ଗା ନ ରଶ୍ମୟଃ** (୪।୫୨।୫) । ଏବଂ ଅଧିକ ସ୍ପଷ୍ଟ କରି ଦେବା ଭଳି ଅନ୍ୟ ଏକ ଋକ୍ ଆମେ ପାଉ (୭।୭୯।୨) — ''ତୁମର ଗାଭୀମାନେ ରଶ୍ମିଗଣ, ଅନ୍ଧକାର ଦୂର କରନ୍ତି ଓ ଜ୍ୟୋତିଃ ବିସ୍ତାର କରନ୍ତି — **ସଂ ତେ ଗାବସ୍ତମ ଆ ବର୍ତୟନ୍ତି ଜ୍ୟୋତିର୍ୟଚ୍ଛନ୍ତି** ।[୬]

କିନ୍ତୁ ଭାସ୍ୱର ଗୋଧନ ଯେ କେବଳ ଉଷାକୁ ବାହି ନେଇ ଆସନ୍ତି ତା ନୁହେଁ ବରଂ ଯଜ୍ଞଦାତାଙ୍କୁ ଦାନ କରିବା ଉଦ୍ଦେଶ୍ୟରେ ସେ (ଉଷା) ସେମାନଙ୍କୁ ବହନ କରି ଆଣନ୍ତି । ସୋମ ଆନନ୍ଦ ମଧ୍ୟରେ ଅବସ୍ଥାନ କରୁଥିବା ଇନ୍ଦ୍ରଙ୍କ ପରି ସେ ଜ୍ୟୋତିଦାତ୍ରୀ । ବସିଷ୍ଠଙ୍କର ଗୋଟିଏ ଋକ୍‌ରେ (୭।୭୫।୭) ତାଙ୍କ ବର୍ଣ୍ଣନାରେ କୁହାଯାଇଛି ଯେ, ଯେଉଁସବୁ ଦୃଢ଼ ସ୍ଥାନ ମଧ୍ୟରେ ଗୋଧନକୁ ଲୁକ୍‌କାୟିତ କରି ରଖାଯାଇଥିଲା ଦେବତାମାନେ ସେଗୁଡ଼ିକୁ ଭାଙ୍ଗି ଦେଇ ମନୁଷ୍ୟମାନଙ୍କୁ ସେହି ଗୋଧନ ପ୍ରଦାନ କଲେ । ଏହି କାର୍ଯ୍ୟରେ ଉଷା ମଧ୍ୟ ଦେବତାମାନଙ୍କ ସହିତ ଯୋଗଦାନ କରିଥିଲେ;— ''ସତ୍ୟ ଦେବତାମାନଙ୍କ ସହିତ ଯେ ସତ୍ୟ, ମହାନ୍ ଦେବଗଣଙ୍କ ମଧ୍ୟରେ ଯେ ମହୀୟସୀ, ସେହି ଦେବୀ ଦୃଢ଼ ସ୍ଥାନଗୁଡ଼ିକୁ ଭାଙ୍ଗି ପକାଇ ଭାସ୍ୱର ଗୋଧନ ପ୍ରଦାନ କଲେ ଏବଂ ଗାଭୀମାନେ ହମ୍ବାରବ ପୂର୍ବକ ଉଷାଙ୍କ ନିକଟକୁ ଆସିଲେ''— **ରୁଜଦ୍ ଦୃଳ୍ହାନି ଦଦଦ୍ ଉସ୍ରିୟାଣାମ୍, ପ୍ରତି ଗାବ ଉଷସଂ ବାବଶନ୍ତ** । (୭।୭୫।୭) ଏହାର ଠିକ୍ ପରବର୍ତ୍ତୀ ଋକ୍‌ରେ ଯାଚଞ୍ଜା ପୂର୍ବକ କୁହାଯାଇଛି ଯେ, ଯଜ୍ଞଦାତାମାନଙ୍କ ନିମନ୍ତେ ଆଲୋକମୟ (ଗୋମତ୍) ଅଶ୍ୱମୟ (ପ୍ରାଣିକଶକ୍ତି ପୂର୍ଣ୍ଣ) ଓ ଅନ୍ୟ ବିବିଧ ଉପଭୋଗମୟ ଏକ ଆନନ୍ଦଦାୟକ ସ୍ଥିତି ବା

---

[୫] ବି ନୂନମୁଚ୍ଛାଦ୍ ଅସତି ପ୍ର କେତୁଃ । (୧।୧୨୪।୧୧)

[୬] ବେଦରେ 'ଗୋ'ର ଅର୍ଥ ଯେ ଜ୍ୟୋତି, ଏଥିରେ ଦ୍ୱିମତର କୌଣସି ସ୍ଥାନ ନାହିଁ । ଉଦାହରଣ ସ୍ୱରୂପ, 'ଗବା', ଆଲୋକ ଦ୍ୱାରା, ବୃତ୍ର ନିହତ ହୋଇଛି ବୋଲି କହିବା ବେଳେ ଏଠାରେ ଗୋରୁର କୌଣସି ପ୍ରଶ୍ନ ଉଠିବାର ନାହିଁ; ପ୍ରଶ୍ନ ହୁଏତ ଏଇଥିପାଇଁ ଉଠିପାରେ — ଏହା ଦ୍ୟର୍ଥକ କି ନୁହେଁ ଏବଂ 'ଗୋ' ଏକ ପ୍ରତୀକ କି ନୁହେଁ ।

ପ୍ରତିଷ୍ଠାକୁ ଦୃଢ଼ କରନ୍ତୁ – ଗୋମଦ୍ ରନ୍ଧମ୍ ଅଶ୍ୱାବତ୍ ପୁରୁଭୋଜଃ । ସୁତରାଂ ଉଷା ଯେଉଁସବୁ ଗୋଧନ ଦାନ କରନ୍ତି ସେସବୁ ଦିବ୍ୟଜ୍ୟୋତିଃର କିରଣସେନା ଯାହାକୁ ଦେବଗଣ ଓ ଅଙ୍ଗିରସ ଋଷିଗଣ 'ବଳ' ଓ ପଣିମାନଙ୍କର ଦୃଢ଼ ଆବଦ୍ଧ ସ୍ଥାନରୁ ଉଦ୍ଧାର କରିଥା'ନ୍ତି ଏବଂ ଯେଉଁ ଗୋଧନ (ଓ ଅଶ୍ୱଯୂଥ) ପାଇଁ ଋଷିମାନେ ନିରନ୍ତର ପ୍ରାର୍ଥନା କରୁଥା'ନ୍ତି ତାହା ଏହି ଦିବ୍ୟଜ୍ୟୋତିଃ ସମ୍ପଦ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ; କାରଣ ଏହା ମନେ କରିବା ଅସମ୍ଭବ ଯେ ସୂକ୍ତର ସପ୍ତମ ଋକ୍‌ରେ ଯେଉଁ ଗାଈମାନଙ୍କୁ ଉଷା ଦାନ କରନ୍ତି ବୋଲି କୁହାଯାଇଛି ତାହା ଅଷ୍ଟମ ଋକ୍‌ରେ ପ୍ରାର୍ଥନା କରାଯାଇଥିବା ଗୋଯୂଥଠାରୁ ଭିନ୍ନ । ପୂର୍ବ ଋକ୍‌ରେ ଯେଉଁ ପଦଟିର ଅର୍ଥ ଆଲୋକ, ପର ଋକ୍‌ରେ ତା'ର ଅର୍ଥ ଗୋ-ପଶୁ ଏବଂ ଋଷି ପୂର୍ବ ଋକ୍‌ରେ ଯେଉଁ ରୂପକଟିକୁ ବ୍ୟବହାର କରିଛନ୍ତି, ଠିକ୍ ସେହି କ୍ଷଣି ତାହା ସେ ଭୁଲି ଯାଇଛନ୍ତି କେଉଁ ଅର୍ଥରେ ସେଇଟି ସେ ପ୍ରୟୋଗ କରିଥିଲେ ।

କେତେକ ସ୍ଥାନରେ ଜ୍ଞାନଦୀପ୍ତ ଆନନ୍ଦ ବା ପ୍ରକାଶମୟ ପ୍ରାଚୁର୍ଯ୍ୟ ପାଇଁ ଯେତେ ନୁହେଁ ବରଂ ପ୍ରଦୀପ୍ତ ପ୍ରେରଣା ବା ଶକ୍ତି ନିମନ୍ତେ ପ୍ରାର୍ଥନା କରାଯାଇଛି; ''ହେ ସ୍ୱର୍ଗକନ୍ୟା, ଆମ ପାଇଁ ସୂର୍ଯ୍ୟଦେବଙ୍କ ରଶ୍ମିମାଳା ସହିତ ପ୍ରଦୀପ୍ତ ପ୍ରେରଣା ଆଣିଦିଅ'' – ''**ଗୋମତୀରିଷ ଆବହ ଦୁହିତର୍ଦିବଃ, ସାକଂ ସୂର୍ଯସ୍ୟ ରଶ୍ମିଭିଃ**'' (୫।୭୯।୮) । ସାୟଣ ''ଗୋମତୀରିଷ''ର ଅର୍ଥ କରିଛନ୍ତି ''ଉତ୍କଳ ଖାଦ୍ୟମାନ'', କିନ୍ତୁ ଉଷାଙ୍କୁ ସୂର୍ଯ୍ୟଙ୍କ ରଶ୍ମିମାଳା ସହିତ ଉତ୍କଳ ଖାଦ୍ୟ ଆଣିବାକୁ କହିବା ଏକାନ୍ତ ଅର୍ଥହୀନ । ଯଦି ଇଷର ଅର୍ଥ ଖାଦ୍ୟ, ତା'ହେଲେ ''ଗୋମତୀଃ ଇଷଃ''ର ଅର୍ଥ ଗୋମାଂସର ଖାଦ୍ୟ । କିନ୍ତୁ ଯଦି ବା ବ୍ରାହ୍ମଣ ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ ପ୍ରାଚୀନ କାଳରେ ଗୋମାଂସ ଭକ୍ଷଣ ପ୍ରାୟ ନିଷିଦ୍ଧ ନ ଥିଲା ତଥାପି ସାୟଣ ଏହି ଅର୍ଥକୁ ଗ୍ରହଣ କରି ନାହାନ୍ତି ଏଇଥି ପାଇଁ ବୋଧହୁଏ ଯେ ପରବର୍ତ୍ତୀ କାଳର ହିନ୍ଦୁ ଭାବନାରେ ଏହା ଏକ ତୀବ୍ର ଆଘାତ-ଦାୟକ କଥା – ଏହା ବି ଅଭିପ୍ରେତ ନୁହେଁ – ଏହି ଅର୍ଥଟି ମଧ୍ୟ ଅନ୍ୟ ଅର୍ଥ ପରି ଅତ୍ୟନ୍ତ ଅବାନ୍ତର,– ଋଗ୍‌ବେଦରେ ଅନ୍ୟ ଏକ ଋକ୍‌ରୁ ପ୍ରମାଣିତ ହୁଏ ଯେ ଆମକୁ ଅନ୍ଧକାରର ଅନ୍ୟ ପାରକୁ ନେଇଯିବା ପାଇଁ ଏକ ପ୍ରଦୀପ୍ତ ପ୍ରେରଣା ଦିଅନ୍ତୁ ବୋଲି ଅଶ୍ୱିଦ୍ୱୟଙ୍କୁ ପ୍ରାର୍ଥନା କରାଯାଇଛି – **ୟା ନଃ ପୀପରଦ୍ ଅଶ୍ୱିନା ଜ୍ୟୋତିଷ୍ମତୀ ତମସ୍ତୀରଃ, ତାମ୍ ଅସ୍ମେ ରାସାଥାମ୍ ଇଷମ୍** (୧।୪୬।୬) ।

ବେଦରେ ''ଜ୍ୟୋତିଃ'' ଅର୍ଥରେ ଗାଭୀର ଏହି ରୂପକ ଯେ କେତେ ବ୍ୟାପକ ଓ ବେଦରେ ଥିବା ଆତ୍ମିକ ଅର୍ଥ ଦିଗରେ ଅକାଟ୍ୟ ଭାବେ କିପରି ଏହା ଦିଗ ନିର୍ଦ୍ଦେଶ କରୁଛି ତାହାକୁ ଉପରୋକ୍ତ ନମୁନା ସୂଚକ ଉଦାହରଣମାନଙ୍କରୁ ଆମେ ଅବଶ୍ୟ ବୁଝିପାରିବା । ତଥାପି ଏହା ଭିତରେ ଏକ ସନ୍ଦେହ ଜାତ ହୋଇପାରେ । 'ଗୋ' ଯେ ଜ୍ୟୋତିଃର ପ୍ରତୀକ ଏହାକୁ ଏକ ଅନସ୍ୱୀକାର୍ଯ୍ୟ ସିଦ୍ଧାନ୍ତ ରୂପେ ଗ୍ରହଣ କଲେ ମଧ୍ୟ ଯଦି ବୈଦିକ ଭାଷା

ଏହି ଅର୍ଥକୁ ବୁଝାଇବା ପାଇଁ ଉଦ୍ଦିଷ୍ଟ ବୋଲି ଆମର ମନେ ହେଉଥାଏ ତେବେ ଆମେ ଏହାର ଅର୍ଥ କେବଳ ଦିବାଲୋକ ବୋଲି କାହିଁକି ନ ବୁଝିବା ? କେବଳ ଗୋଟିଏ ରୂପଙ୍କକୁ ଏକ ପ୍ରତୀକ ବୋଲି କାହିଁକି ମନେ କରାଯିବ ? ପୁଣି ଆମେ କାହିଁକି ଏକ ଦ୍ୱୈତ ରୂପଙ୍କର କାଠିନ୍ୟକୁ ନିମନ୍ତ୍ରଣ କରିବା ଯେଉଁଥିରେ 'ଗୋ'ର ଅର୍ଥ ଉଷାଲୋକ ଓ ଉଷାଲୋକ ହେଉଛି ଅନ୍ତର୍ଜ୍ୟୋତିଃର ପ୍ରତୀକ ? କାହିଁକି ମନେ କରା ନ ଯିବ ଯେ ଋଷିମାନେ ଅଧ୍ୟାତ୍ମିକ ଜ୍ୟୋତିଃ ପାଇଁ ପ୍ରାର୍ଥନା ନ କରି ଦିବାଲୋକ ପାଇଁହିଁ ପ୍ରାର୍ଥନା କରିଛନ୍ତି ?

ଏହିପରି ଅନେକ ଆପତ୍ତିକର ବିଷୟ ଅଛି ଓ ଏମାନଙ୍କ ମଧ୍ୟରୁ କେତେକ ଅତ୍ୟନ୍ତ ବଳିଷ୍ଠ । ଯଦି ଧରି ନିଆଯାଏ ଯେ ବୈଦିକ ସୂକ୍ତଗୁଡ଼ିକ ଭାରତରେହିଁ ରଚିତ ଓ ଉଷା ହେଲେ ଭାରତୀୟ ଉଷାକାଳ ଏବଂ ରାତ୍ରି ହେଉଛି ଦଶ ବା ବାର ଘଣ୍ଟାର ସ୍ୱଳ୍ପକାଳ ଅବଧି ଭାରତୀୟ ରାତ୍ରି, ତେବେ ପ୍ରଥମରୁ ଆମକୁ ମାନି ନେବାକୁ ହେବ ଯେ ବୈଦିକ ଋଷିମାନେ ଅସଭ୍ୟ ଥିଲେ ଓ ସେମାନେ ଅନ୍ଧକାର ଭୟରେ ସନ୍ତ୍ରସ୍ତ ହେଉଥିଲେ କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ ଅନ୍ଧକାର ମଧ୍ୟରେ ଭୂତପ୍ରେତ ବାସ କରନ୍ତି ଓ ରାତ୍ରି-ଦିବସର ଯେଉଁ ଗମନାଗମନ ରହିଛି ଏହି ସାଧାରଣ ପ୍ରାକୃତିକ ନିୟମ ସମ୍ବନ୍ଧରେ ସେମାନେ ଅଜ୍ଞ ଥିଲେ — ବହୁ ସୂକ୍ତ ମଧ୍ୟରେ ଏହାକୁ ଅତି ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି,— ଏବଂ ପ୍ରାର୍ଥନା ଓ ଯଜ୍ଞ ଫଳରେ 'ସୂର୍ଯ୍ୟ' ଆକାଶରେ ଉଦିତ ହୁଅନ୍ତି ଏବଂ ଉଷା ନିଜ ଭଗିନୀ ରାତ୍ରିର ଆଲିଙ୍ଗନରୁ ମୁକ୍ତ ହୋଇ ପ୍ରକାଶିତ ହୁଅନ୍ତି । ଅଥଚ ସେହି ଋଷିମାନେ ପୁଣି କହନ୍ତି ଯେ ଦେବତାମାନଙ୍କ କାର୍ଯ୍ୟର ଏକ ଅଲଂଘନୀୟ ନିୟମ ରହିଛି ଏବଂ 'ଉଷା' ସର୍ବଦା ଶାଶ୍ୱତ ବିଧାନ ବା ଶାଶ୍ୱତ ସତ୍ୟର ପନ୍ଥା ଅନୁସରଣ କରନ୍ତି ! ତେବେ ମନେ କରିବାକୁ ହେବ ଯେ ଯେତେବେଳେ ଋଷି ଆନନ୍ଦରେ ଉଚ୍ଛ୍ୱସିତ ହୋଇ ଉଚ୍ଚକଣ୍ଠରେ କହୁଛନ୍ତି —"ଆମେ ଏହି ଅନ୍ଧକାରର ପର ପାରରେ ଉପନୀତ ହୋଇଛୁ !" ସେତେବେଳେ ସେମାନେ ସାଧାରଣ ସୂର୍ଯ୍ୟୋଦୟ ସହିତ ନିୟମିତ ରୂପେ ଜାଗ୍ରତ୍ ହେବାର କଥା ଏତେ ଉଚ୍ଚସ୍ୱରରେ ଗାନ କରିଛନ୍ତି ! ଏକଥା ମଧ୍ୟ ମନେ କରିବାକୁ ହେବ ଯେ ବୈଦିକ ଜନତା ଉଷାକାଳରେ ଯଜ୍ଞ କରିବାକୁ ଉପବେଶନ କରୁଥିଲେ ଓ ଯେଉଁ ଆଲୋକ ଏଥିପୂର୍ବରୁ ଆସି ଯାଇଛି ସେହି ଆଲୋକ ପାଇଁ ପ୍ରାର୍ଥନା କରୁଥିଲେ । ଏହିସବୁ ଅସମ୍ଭାବ୍ୟତାକୁ ସ୍ୱୀକାର କରିନେଲେ ମଧ୍ୟ ଆମେ ସ୍ପଷ୍ଟ ଭାବରେ ଜାଣିପାରିବୁ ଯେ ଦଶ ମାସ କାଳ ପ୍ରତୀକ୍ଷା କଲା ପରେ ଅଙ୍ଗିରସ ଋଷିମାନେ ହୃତ ଆଲୋକ ଓ ହୃତ ସୂର୍ଯ୍ୟଙ୍କୁ ପୁନରୁଦ୍ଧାର କରିଥିଲେ । ଆଉ ମଧ୍ୟ ପିତୃ ପୁରୁଷଙ୍କ ଦ୍ୱାରା 'ଜ୍ୟୋତିଃ' ପ୍ରାପ୍ତି ବିଷୟରେ ସେମାନେ ଜୋର୍‌ଦେଇ ନିରନ୍ତର କହିଥିବାର ଯାହା ଆମେ ଦେଖୁ;— "ଆମର ପିତୃପୁରୁଷମାନେ ଗୂଢ଼ ଜ୍ୟୋତିଃର ସନ୍ଧାନ ପାଇଥିଲେ ଓ ସେମାନଙ୍କ ମନନର ସତ୍ୟ ଦ୍ୱାରା 'ଉଷା'କୁ ଜନ୍ମ ଦେଇଥିଲେ"— ଗୂଢ଼ଂ ଜ୍ୟୋତିଃ

ପିତରୋ ଅନ୍ୱବିନ୍ଦନ୍ ସତ୍ୟମନ୍ତ୍ରା ଅଙ୍ଗନୟନ୍ ଉଷାସମ୍ (୬।୭୬।୪) — ଏହାର ବା କି ଅର୍ଥ ହେବ ? ଯଦି କୌଣସି ସାହିତ୍ୟର କୌଣସି କବିତା ଗୁଚ୍ଛ ମଧ୍ୟରେ ଆମେ ଏପରି କୌଣସି କବିତା ପାଉ ତେବେ ଆମେ ଏହାର ଏକ ଆତ୍ମିକ ବା ଆଧ୍ୟାତ୍ମିକ ଅର୍ଥ କରିବା; ତେବେ ବେଦ ପ୍ରତି ଯେ ତା' ଛଡ଼ା ଭିନ୍ନ ପ୍ରକାର ବ୍ୟବହାର କରାଯିବ, ଏହାର କୌଣସି ଯୁକ୍ତି-ସଂଗତ କାରଣ ନାହିଁ ।

ଉପରନ୍ତୁ ଅନ୍ୟତ୍ର ନୁହେଁ, କେବଳ ବୈଦିକ ସୂକ୍ତର ଯଦି ପ୍ରକୃତି-ପରକ ଅର୍ଥ ଆମର କରିବାକୁ ଅଛି ତେବେ ସ୍ପଷ୍ଟ ରୂପେ ଜଣାଯିବ ଯେ ବୈଦିକ ଉଷା ଓ ରାତ୍ରି ଭାରତବର୍ଷର ଉଷାକାଳ ଓ ରାତ୍ରି ହୋଇ ନ ପାରେ; ଏହା କେବଳ ଉତ୍ତରମେରୁ ପ୍ରଦେଶସ୍ଥ ବିଷୟ ଏବଂ ସେହି ପ୍ରାକୃତିକ ପରିସ୍ଥିତି ଓ ପରିବେଶ ପ୍ରତି ଋଷିମାନଙ୍କର ଏପରି ମନୋଭାବ ଓ ଏହି ଅର୍ଥ ଦ୍ୱାରା ଅଙ୍ଗିରସମାନଙ୍କ ସମ୍ବନ୍ଧରେ ଯାହାସବୁ କୁହାଯାଇଛି ତାହାର ଅର୍ଥ କିଛି ଦୂର ବୋଧଗମ୍ୟ ହୁଏ । କିନ୍ତୁ ବେଦର ବାହ୍ୟ ଅର୍ଥ ମଧ୍ୟରେ ଉତ୍ତରମେରୁ ପ୍ରଦେଶରେ ନିଜ ଅବସ୍ଥାନର ସ୍ମୃତି ପ୍ରବେଶ କରିଥିବାର ସମ୍ଭାବନାକୁ ଅନ୍ତତଃ ଯଦି ଗ୍ରହଣ କରିବାର ଅଛି ତଥାପି ସେହି ମେରୁ ପ୍ରଦେଶ ଆର୍ଯ୍ୟମାନଙ୍କ ଆଦି ବାସସ୍ଥାନ ଥିବାର ତଥ୍ୟଟିକୁ ମାନି ନେଲେ ବି ମନ୍ତ୍ରୋକ୍ତ ଆଳଙ୍କାରିକ ଚିତ୍ରଗୁଡ଼ିକର ପଶ୍ଚାତରେ ଥିବା ଆନ୍ତର ଅର୍ଥର ଅସ୍ତିତ୍ୱ ବାଦ୍ ପଡ଼ିଯାଏ ନାହିଁ କିଂବା ଉଷାସୂକ୍ତମାନଙ୍କର ଯେ ସଂଗତତର ଓ ସରଳ ବ୍ୟାଖ୍ୟାର ଆବଶ୍ୟକତା ରହିଛି, ତାହାକୁ ଏହା ଉପେକ୍ଷା କରେ ନାହିଁ ।

ଉଦାହରଣସ୍ୱରୂପ, ପ୍ରସ୍କଣ୍ୱ କାଣ୍ୱଙ୍କ ଦ୍ୱାରା ରଚିତ ଅଶ୍ୱିନଦ୍ୱୟଙ୍କ ଉଦ୍ଦେଶ୍ୟରେ ଗୋଟିଏ ସୂକ୍ତ (ଋ ୧।୪୬)ରେ ଆମ୍ଭମାନଙ୍କୁ ଅନ୍ଧକାରର ପରପାରିକୁ ନେଇ ଯାଉଥିବା ଜ୍ୟୋତିର୍ମୟ ପ୍ରେରଣା ସମ୍ବନ୍ଧରେ କୁହାଯାଇଛି । ଏହି ସୂକ୍ତଟି ଉଷା ଓ ରାତ୍ରି ସମ୍ବନ୍ଧରେ ବୈଦିକ ଭାବନା ସହିତ ଘନିଷ୍ଠଭାବେ ସମ୍ପର୍କିତ । ବୈଦିକ ରୂପକମାନଙ୍କର ଅନେକ ନିର୍ଦ୍ଧାରିତ ପ୍ରତୀକ ସହ ଏହା ଯୋଗସୂତ୍ର ରକ୍ଷା କରେ, ଯଥା — ଋତ-ପନ୍ଥା, ନଦୀପାରି, ସୂର୍ଯ୍ୟୋଦୟ, ଉଷା ଓ ଅଶ୍ୱିନଦ୍ୱୟଙ୍କ ମଧ୍ୟରେ ସମ୍ପର୍କ ଏବଂ ସୋମରସର ରହସ୍ୟମୟ ପ୍ରଭାବ ଓ ଏହାର ସମୁଦ୍ର-ସମ୍ବନ୍ଧିତ ରହସ୍ୟାର୍ଥତା ପ୍ରଭୃତି ।

"ହେଇ ଦେଖ, ଅନନ୍ୟଶ୍ରେଷ୍ଠା ଆନନ୍ଦମୟୀ ଉଷା ଦିବ୍ୟ ସ୍ୱର୍ଗରେ ପ୍ରସାରିତା; ହେ ଅଶ୍ୱିନୌ, ମୁଁ ତୁମ ବୃହତ୍ତାର ଗୁଣଗାନ କରୁଛି ।୧। ହେ ଅଶ୍ୱିନୌ, ଯାହାଙ୍କର ମହାସମୁଦ୍ର-ମାତା, ସିଦ୍ଧକର୍ମୀଦ୍ୱୟ, ତୁମେ ଦୁହେଁ ମନକୁ ଅତିକ୍ରମ କରି ଆନନ୍ଦ (ରୟି) ମଧ୍ୟକୁ ଗତି କର, ତୁମେ ଦିବ୍ୟ, ଧୀ ଦ୍ୱାରା ସେହି ମୂଳବସ୍ତୁକୁଙ୍କୁ ପ୍ରାପ୍ତ ହୁଅ ।୨।... ଯିଏ ବାକ୍‌କୁ ଚିନ୍ତାର ସ୍ତରକୁ ଆଣନ୍ତି, ଜଳଯାତ୍ରାର ହେ ଦେବଦ୍ୱୟ ! ଏହା ତୁମର ସମସ୍ତ ଚିନ୍ତା ଭାବନାକୁ ବିଲୀନ କରିଦେବାକୁ ଉଦ୍ଦିଷ୍ଟ,— ଆସ ପ୍ରଚଣ୍ଡ ଭାବରେ ସୋମ ପାନକର ।୫।

ହେ ଅଶ୍ୱିନୌ, ଆମକୁ ସେହି ଅନ୍ତଃପ୍ରେରଣା ଦିଅ ଯାହା ଜ୍ୟୋତିର୍ମୟୀ ତଥା ଯାହା ଆମକୁ ଅନ୍ଧକାରର ପର ପାରିକୁ ନେଇଯିବ ।୬। ମନର ସମସ୍ତ ଭାବନାର ପରପାରିକୁ ଯିବା ପାଇଁ ତୁମେ ଆମ ନିମନ୍ତେ ତୁମ ପୋତରେ ଯାତ୍ରା କର । ହେ ଅଶ୍ୱିନୌ, ତୁମ ରଥକୁ ଯୋଚି ରଖ ।୭। ଯାହାକି ଦ୍ୟୁଲୋକରେ ନଦୀ-ଉତ୍ତରଣ କର୍ମରେ ଦକ୍ଷଯୁକ୍ତ ବିଶାଳ ପୋତ ରୂପେ କାର୍ଯ୍ୟ କରେ । ଧୀ ସାହାଯ୍ୟରେ ଆନନ୍ଦ ଶକ୍ତିଗଣ ସେଥିରେ ସଂଯୋଜିତ ।୮। ସ୍ୱର୍‌ନଦୀମାନଙ୍କ ଧାମରେ ସ୍ୱର୍ଗୀୟ ଆନନ୍ଦ ରୂପକ ସୋମଶକ୍ତି ହେଉଛି ସେହି ମୂଳଧାତୁ । କିନ୍ତୁ ନିଜକୁ ପ୍ରଚ୍ଛନ୍ନ କରି ରଖିବାକୁ ତୁମେ ଯେଉଁ ଆବରଣ ରଚିଛ, ତାକୁ କେଉଁଠାରେ ନିକ୍ଷେପ କରିବ ? ।୯। ନା — ସୋମର ଆନନ୍ଦ ପ୍ରାପ୍ତି ନିମନ୍ତେ ଜ୍ୟୋତିଃର ଜନ୍ମ ହୋଇସାରିଛି;— ଯେଉଁ ସୂର୍ଯ୍ୟ କୃଷ୍ଣ ଦିଶୁଥିଲେ (ଦେଖ) ଏବେ ସେ "ଦିବ୍ୟହିରଣ୍ୟ" ଆଡ଼କୁ ଜିହ୍ୱା ପ୍ରସାରିତ କରୁଛନ୍ତି ।୧୦। ରତର ଯେଉଁ ପଥରେ ଆମେ ଅପର ତୀରକୁ ଯାତ୍ରା କରିବୁ ତାହା ଆବିର୍ଭୂତ ହେଲାଣି; ଦ୍ୟୌଃ ମଧ୍ୟ ଦେଇ ସେହି ବିସ୍ତୀର୍ଣ୍ଣ ପଥ-ଦୃଷ୍ଟିଗୋଚର ହେଲାଣି ।୧୧। ଯେତେବେଳେ ଅଶ୍ୱିନୌ ସୋମର ମାଦକତାରେ ତୃପ୍ତି ଲାଭ କରନ୍ତି ସେତେବେଳେ ସାଧକର ସତ୍ତା ତାଙ୍କରି ଅଭିବ୍ୟକ୍ତି ପରେ ଅଭିବ୍ୟକ୍ତି ଅଭିମୁଖରେ ପରିବର୍ଦ୍ଧିତ ହେବାକୁ ଲାଗେ ।୧୨। ସର୍ବଜ୍ୟୋତିର୍ମୟ ଦିବ୍ୟ ସୂର୍ଯ୍ୟଙ୍କ ମଧ୍ୟରେ ନିବାସୀ (ଅଥବା, ଚକମକ ଦିଶୁଥିବା) ତୁମେ ଦୁହେଁ ସୋମପାନ ଦ୍ୱାରା ବା ବାଣୀ ଦ୍ୱାରା ଆମ ମାନବତ୍ୱ ମଧ୍ୟକୁ ଆନନ୍ଦର ସ୍ରଷ୍ଟା ରୂପେ ଆଗମନ କର ।୧୩। ତୁମ ଦୁହିଁଙ୍କ ଶ୍ରୀ-କୀର୍ତ୍ତି ଅନୁସାରେ ଉଷା ସେତେବେଳେ ଯାଇ ଆମ ନିକଟକୁ ଆସନ୍ତି ଯେତେବେଳେ ତୁମେ ଆମର ସମସ୍ତ ଜଗତରେ ବ୍ୟାପ୍ତ ହୋଇ ରହିଥାଅ ଏବଂ ରାତ୍ରିମାନଙ୍କ ମଧ୍ୟରୁ ରତମାନଙ୍କୁ ଜୟ କରି ଆଣ ।୧୪। ହେ ଅଶ୍ୱିନୌ, ତୁମେ ଦୁହେଁ ଏକତ୍ର ସୋମପାନ କର ଏବଂ ସଂପ୍ରସାରଣ ଦ୍ୱାରା ଯାହାର ସମଗ୍ରତା ଅକ୍ଷୁଣ୍ଣ ରହେ ସେହି ଶାନ୍ତି ଆମକୁ ପ୍ରଦାନ କର ।୧୫।"[୭]

---

୭ (ଋ.୧।୪୬) ଏଷୋ ଉଷା ଅପୂର୍ବ୍ୟା ବ୍ୟୁଚ୍ଛତି ପ୍ରିୟା ଦିବଃ । ସ୍ତୂଷେ ବାମଶ୍ୱିନା ବୃହତ୍ ॥୧॥
ୟା ଦସ୍ରା ସିନ୍ଧୁମାତରା ମନୋତରା ରୟୀଣାମ୍ । ଧିୟା ଦେବା ବସୁବିଦା ॥୨॥
ଆଦାରୋ ବାଂ ମତୀନାଂ ନାସତ୍ୟା ମତବଚସା । ପାତଂ ସୋମସ୍ୟ ଧୃଷ୍ଣୁୟା ॥୫॥
ୟା ନଃ ପୀପରଦଶ୍ୱିନା ଜ୍ୟୋତିଷ୍ମତୀ ତମସ୍ତିରଃ । ତାମସ୍ମେ ରାସାଥାମିଷମ୍ ॥୬॥
ଆ ନୋ ନବା ମତୀନାଂ ୟାତଂ ପାରାୟ ଗନ୍ତବେ । ୟୁଞ୍ଜାଥାମଶ୍ୱିନା ରଥମ୍ ॥୭॥
ଅରିତ୍ରଂ ବାଂ ଦିବସ୍ପୃଥୁ ତୀର୍ଥେ ସିନ୍ଧୂନାଂ ରଥଃ । ଧିୟା ୟୁୟୁଜ୍ର ଇନ୍ଦବଃ ॥୮॥
ଦିବସ୍କଣ୍ୱାସ ଇନ୍ଦବୋ ବସୁ ସିନ୍ଧୂନାଂ ପଦେ । ସ୍ୱଂ ବବ୍ରିଂ କୁହ ଧିତ୍ସଥଃ ॥୯॥
ଅଭୂଦୁ ଭା ଉ ଅଂଶବେ ହିରଣ୍ୟଂ ପ୍ରତି ସୂର୍ୟଃ । ବ୍ୟଖ୍ୟଜ୍ଜିହ୍ୱୟାସିତଃ ॥୧୦॥
ଅଭୂଦୁ ପାରମେତବେ ପନ୍ଥା ରତସ୍ୟ ସାଧୁୟା । ଅଦର୍ଶି ବି ସ୍ରୁତିର୍ଦିବଃ ॥୧୧॥
ତରଦିଦଶ୍ୱିନୋରବୋ ଜରିତା ପ୍ରତି ଭୂଷତି । ମଦେ ସୋମସ୍ୟ ପିପ୍ରତୋଃ ॥୧୨॥

ଏହାହିଁ ସୂକ୍ତଟିର ରଜ୍ଜୁ ଓ ସ୍ୱାଭାବିକ ଅର୍ଥ ଏବଂ ବୈଦିକ ସିଦ୍ଧାନ୍ତର ପ୍ରଧାନ ଚିନ୍ତା ଏବଂ ରୂପକଳ୍ପଗୁଡ଼ିକୁ ମନେ ରଖିଲେ ଏହି ସୂକ୍ତର ତାତ୍ପର୍ଯ୍ୟ ବୁଝିବା ଆଦୌ କଷ୍ଟକର ହେବ ନାହିଁ । ରାତ୍ରି ହେଉଛି ଆନ୍ତର ତମସ୍‌ର ଏକ ସ୍ପଷ୍ଟ ପ୍ରତୀକ; ଉଷାଙ୍କ ଆଗମନ ଫଳରେ 'ରାତ୍ରି'ଗୁଡ଼ିକ କବଳରୁ ରତମାନଙ୍କୁ ଜୟ କରାଯାଏ । ଏହା ଅନ୍ଧକାର ମଧ୍ୟରେ ହଜି ଯାଇଥିବା ସେହି ସତ୍ୟ ସୂର୍ଯ୍ୟଙ୍କ ଉଦୟ — ଦେବଗଣ ଓ ଅଙ୍ଗିରସମାନଙ୍କ ଦ୍ୱାରା ହୃତ ସୂର୍ଯ୍ୟ ପୁନରୁଦ୍ଧାର ଲାଭ କରିଥିବା ରୂପକଳ୍ପ ଏକ ଚିରପରିଚିତ ବିଷୟ — ସେହି ସତ୍ୟସୂର୍ଯ୍ୟ ବର୍ତ୍ତମାନ ହିରଣ୍ୟ-ଜ୍ୟୋତିଃ ଅଭିମୁଖରେ ନିଜର ଅଗ୍ନିମୟ ଜିହ୍ୱା ପ୍ରସାରିତ କଲେ :— କାରଣ, ହିରଣ୍ୟ, ସ୍ୱର୍ଣ୍ଣ ହେଉଛି ପରଜ୍ୟୋତିଃର ପ୍ରତୀକ, ସତ୍ୟ-ସ୍ୱର୍ଣ୍ଣ, ଏବଂ ବୈଦିକ ଋଷିମାନେ ଦେବତାମାନଙ୍କ ନିକଟରେ ଯେଉଁ ଧନ ନିଧି ପ୍ରାର୍ଥନା କରନ୍ତି ତାହା ଏହି ଧନ, ସ୍ୱର୍ଣ୍ଣମୁଦ୍ରା ନୁହେଁ । ମାନସିକ ତଥା ପ୍ରାଣିକ ଶକ୍ତିମାନଙ୍କର ସୁଖକର ଊର୍ଦ୍ଧ୍ୱମୁଖୀ କର୍ମାବଳିର ପ୍ରଭୁ ଅଶ୍ୱିଦ୍ୱୟହିଁ ଆନ୍ତର ତମଃ ମଧ୍ୟରୁ ଆଲୋକ ଦିଗରେ ଏହି ମହାନ୍ ପରିବର୍ତ୍ତନର କର୍ତ୍ତା ଏବଂ ତାଙ୍କ ଦ୍ୱାରା ଏହା ସମ୍ପନ୍ନ ହେବାର ମାଧ୍ୟମ ହେଲା — ଆନନ୍ଦର ଅମୃତ ଆସନକୁ ମନ ଓ ଦେହ ଉପରେ ସେମାନେ ଅଜାଡ଼ି ଦିଅନ୍ତି ଓ ତାକୁ ଏହି ସତ୍ତାମାନେ ପାନ କରିନିଅନ୍ତି । ସେମାନେ ତତ୍ତ୍ୱବ୍ୟଞ୍ଜକ ବାକ୍‌କୁ ଚିନ୍ତାରେ ପ୍ରକଟ କରନ୍ତି, ଏହି ଅନ୍ଧକାରର ଊର୍ଦ୍ଧ୍ୱସ୍ଥ ଶୁଦ୍ଧ ମନଃସ୍ୱର୍ଗ ମଧ୍ୟକୁ ଆମକୁ ଚଲାଇ ନିଅନ୍ତି ଏବଂ ସେଠାରେ ଧୀ ସାହାଯ୍ୟରେ ଆନନ୍ଦର ଶକ୍ତିମାନଙ୍କୁ କର୍ମରେ ପ୍ରବୃତ୍ତ କରାନ୍ତି । ପରନ୍ତୁ ସେମାନେ ବି ସେହି ସ୍ୱର୍ନଦୀଗୁଡ଼ିକୁ ମଧ୍ୟ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଅଗ୍ରସର ହୁଅନ୍ତି କାରଣ ସୋମର ଶକ୍ତି ସାହାଯ୍ୟରେ ସେମାନଙ୍କର ସମସ୍ତ ମାନସିକ ରଚନା ବିଚୂର୍ଣ୍ଣ ହୋଇଯାଏ ଏବଂ ସେମାନେ ବି ଏହି ଆବରଣକୁ ପରିତ୍ୟାଗ କରନ୍ତି; ତା'ପରେ ସେମାନେ ମନର ଅତୀତ ଅବସ୍ଥାରେ ଉପନୀତ ହୁଅନ୍ତି, ଏହି ଅନ୍ତିମ ସିଦ୍ଧିକୁ ନଦୀମାନଙ୍କୁ ପାରିହେବା, ଶୁଦ୍ଧମନରୂପକ ସ୍ୱର୍ଗ ବାଟ ଦେଇ, ସତ୍ୟର ପଥ ଦେଇ ଅନ୍ୟ ପାରକୁ ଯାତ୍ରା କରିବା ରୂପେ ବର୍ଣ୍ଣନା କରାଯାଇଛି । ଯେପର୍ଯ୍ୟନ୍ତ ଆମେ ଏହି ସର୍ବୋଚ୍ଚ ପରମ ''ପରମା ପରାବତ୍''ରେ ଉପନୀତ ନ ହୋଇଛୁ ସେ ପର୍ଯ୍ୟନ୍ତ ଏହି ମହତୀ ମାନବଯାତ୍ରାର ବିରାମ ନାହିଁ ।

କେବଳ ଏହି ସୂକ୍ତରେ ନୁହେଁ, ସବୁ ସୂକ୍ତରେ ଆମେ ଦେଖିବାକୁ ପାଉ ଯେ ଉଷା ନିଜ ସଙ୍ଗରେ ରତକୁ ନେଇ ଆସନ୍ତି, ସେ ସ୍ୱୟଂ ରତର ବହିଃପ୍ରକାଶ । ସେ ହେଉଛନ୍ତି ଦିବ୍ୟ 'ଉଷା' ଏବଂ ଏହି ଭୌତିକ ଉଷା ହେଉଛନ୍ତି ପ୍ରାକୃତିକ ଜଗତରେ ପ୍ରକାଶିତ ତାଙ୍କରି ଛାୟା ଓ ପ୍ରତୀକ ମାତ୍ର ।

ବାବସାନା ବିବସ୍ୱତି ସୋମସ୍ୟ ପୀତ୍ୟା ଗିରା । ମନୁଷ୍ୱଚ୍ଚଂଭୂ ଆ ଗତମ୍ ॥୧୩॥
ୟୁବୋରୁଷା ଅନୁଶ୍ରିୟଂ ପରିଜ୍ମନୋରୁପାଚରତ୍ । ରତା ବନଥୋ ଅକ୍ତୁଭିଃ ॥୧୪॥
ଉଭା ପିବତ ମଶ୍ୱିନୋଭା ନଃ ଶର୍ମ ୟଚ୍ଛତମ୍ । ଅବିଦ୍ରିୟାଭିରୂତିଭିଃ ॥୧୫॥

ତ୍ରୟୋଦଶ ଅଧ୍ୟାୟ

ଉଷା ଓ ସତ୍ୟ

ଉଷାଙ୍କୁ ବାରଂବାର ''ଗାଭୀ''ମାନଙ୍କର 'ମାତା' ବୋଲି ବର୍ଣ୍ଣନା କରାଯାଇଛି । ତେଣୁ ଗାଭୀ ଯଦି ଭୌତିକ ଆଲୋକର ବା ଅଧ୍ୟାତ୍ମିକ ଦୀପ୍ତିର ବୈଦିକ ପ୍ରତୀକ ହୁଏ, ତା'ହେଲେ ଏହାର ଅର୍ଥ ହେବ ଯେ ଉଷା ଦିବାଲୋକର ଭୌତିକ କିରଣ ସମୂହର ଜନନୀ ବା ଉତ୍ସ, ନଚେତ୍ ଏପରି ଅର୍ଥ ହେବ ଯେ ସେ ପରମ ଦିବସର, ପ୍ରଭାସମୂହର ଏବଂ ଆନ୍ତର ଦୀପ୍ତିର ଜ୍ୟୋତିଃକୁ ଓ ସ୍ୱଚ୍ଛତାକୁ ସୃଷ୍ଟି କରନ୍ତି । କିନ୍ତୁ ବେଦର ଦେବମାତା ଅଦିତିଙ୍କୁ 'ଗାଭୀ' ତଥା ସାଧାରଣ 'ମାତା' ରୂପେ ବର୍ଣ୍ଣନା କରାଯାଇଛି; ସେ ହେଉଛନ୍ତି ପରମ ଜ୍ୟୋତିଃ ଏବଂ ତାଙ୍କରିଠାରୁ ସମସ୍ତ ପ୍ରଭାର ଉଦ୍ଭବ ହେଉଛି । ଆଧ୍ୟାତ୍ମିକ ଦିଗରୁ କହିଲେ, ଅଦିତି ହେଉଛନ୍ତି ପରମ ବା ଅନନ୍ତ ଚେତନା, ଦେବମାତା ଏବଂ ବିଭକ୍ତ ଚେତନା, ଦେବଶତ୍ରୁ, ମନୁଷ୍ୟର ଅଗ୍ରଗତିର ବିରୋଧକ ବୃତ୍ର ଓ ଅନ୍ୟାନ୍ୟ ଦାନବମାନଙ୍କର ଜନନୀ 'ଦନୁ' ବା 'ଦିତି'[୧]ଙ୍କର ଏ ହେଉଛନ୍ତି ବିପରୀତ । ଆହୁରି ସହଜ ଭାବେ କହିଲେ ସେ ହେଉଛନ୍ତି ସ୍ଥୂଳଠାରୁ ଆରମ୍ଭ କରି ଊର୍ଦ୍ଧ୍ୱାରୋହୀ ସମସ୍ତ ବିଶ୍ୱାତ୍ମିକା ଚେତନାର ରୂପାବଳିର ଉତ୍ସ, ସପ୍ତ ଗୋ ''ସପ୍ତ ଗାବଃ'' ହେଉଛନ୍ତି ତାଙ୍କର ବିଭିନ୍ନ ରୂପ, ଏବଂ କୁହାଯାଏ (ଅଦିତି) ମାତାଙ୍କର ସପ୍ତ ନାମ ଓ ସପ୍ତ ଧାମ ଅଛି । ଗାଭୀମାନଙ୍କର ମାତା ହିସାବରେ ଉଷାହିଁ ଏହି ଶ୍ରେଷ୍ଠ ଜ୍ୟୋତିଃର, ପରମ ଚିତ୍ ଅଦିତିଙ୍କର ଏକତମ ରୂପ ବା ଶକ୍ତି । ଗୋଟିଏ ମନ୍ତ୍ର (୧।୧୧୩।୧୯)ରେ ତାଙ୍କ ବିଷୟରେ ଯଥାର୍ଥରେ କୁହାଯାଇଛି – ''**ମାତା ଦେବାନାମ୍ ଅଦିତେରନୀକମ୍**'', ଦେବତାମାନଙ୍କର ମାତା, ଅଦିତିଙ୍କର ରୂପ (ବା ଶକ୍ତି) ।

କିନ୍ତୁ ଉଚ୍ଚତର ବା ଅବିଭକ୍ତଚେତନାର ଜ୍ୟୋତିଷ୍ମତୀ ଉଷା ହେଉଛନ୍ତି ସର୍ବଦା ପରମ ସତ୍ୟର ଉଷା; ଯଦି ଉଷା ଏହି ଜ୍ୟୋତିଷ୍ମତୀ ଉଷା ହୁଅନ୍ତି ତେବେ ନିଶ୍ଚିତ ଭାବରେ କହି ପାରିବା ଯେ ଋଗ୍ବେଦର ଋକ୍ମାନଙ୍କରେ ତାଙ୍କର ଆଗମନୀ ସହିତ ପ୍ରାୟଶଃ ସତ୍ୟ ବା ଋତର ଭାବ ସଂଶ୍ଳିଷ୍ଟ ହୋଇ ରହିଛି । ଏବଂ ଏହି ପ୍ରକାର ସମ୍ବନ୍ଧ ଆମେ ପୁନଃ ପୁନଃ ଦେଖିବାକୁ ପାଉ । କାରଣ ପ୍ରଥମତଃ ଉଷାଙ୍କୁ ''ସେ ସଫଳତାର ସହିତ ସତ୍ୟପଥ ଅନୁସରଣ କରନ୍ତି'' ବୋଲି ବର୍ଣ୍ଣନା କରାଯାଇଛି, – **ଋତସ୍ୟ ପନ୍ଥାମ୍ ଅନ୍ୱେତି**

---

[୧] ଏହା ଏପରି ନୁହେଁ ଯେ ଭାଷା-ବ୍ୟୁତ୍ପତ୍ତି ଅନୁସାରେ 'ଅଦିତି' – 'ନ ଦିତି' ନୁହେଁ, 'ଦିତି' ଓ ଅଦିତି ଉଭୟ ଶବ୍ଦର ଧାତୁ ପୂରାପୂରି ଭିନ୍ନ, ପ୍ରଥମଟି 'ଅଦ୍' ଧାତୁରୁ, ଅନ୍ୟଟି 'ଦି' ଧାତୁରୁ ନିଷ୍ପନ୍ନ ।

ସାଧୁ (୧।୧୨୪।୩) । ଏଠାରେ ''ରତମ୍''ର କର୍ମକାଣ୍ଡୀୟ ବା ପ୍ରକୃତିବାଦୀ କୌଣସି ଅର୍ଥ ପ୍ରୟୋଗ ଆଦୌ ସଂଗତ ନୁହେଁ; ଉଷା ଯେ ଯଜ୍ଞ ବା ଜଳର ପଥ ଅନୁସରଣ କରନ୍ତି ଏକଥା ସର୍ବଦା ସ୍ୱୀକାର କରି ନେଲେ ଏହାର କୌଣସି ଅର୍ଥ ରହେ ନାହିଁ । ଅବଶ୍ୟ ସ୍ପଷ୍ଟ ତାତ୍ପର୍ଯ୍ୟଟିକୁ ଉପେକ୍ଷା କରିବାକୁ ଚାହିଁଲେ ଆମେ କହିପାରୁ ଯେ ''ପନ୍ଥା ରତସ୍ୟ''ର ଅର୍ଥ ଋତର ପଥ ନୁହେଁ ବରଂ ସୂର୍ଯ୍ୟଙ୍କର ପଥ । କିନ୍ତୁ ଅନ୍ୟ ପକ୍ଷରେ ବେଦରେ ବର୍ଣ୍ଣିତ ହୋଇଛି ଯେ ଉଷାଙ୍କ ପଥକୁ ସୂର୍ଯ୍ୟ ଅନୁସରଣ କରନ୍ତି ଏବଂ ପ୍ରାକୃତିକୀ ଉଷାଙ୍କୁ ଦେଖୁଥିବା ଲୋକ ପାଇଁ ଏହା ସ୍ୱାଭାବିକ ବୋଧ ହେବ । ଅଧିକନ୍ତୁ ଯଦି କୁହାଯାଏ ଯେ ଅନ୍ୟାନ୍ୟ ଋକ୍‌ରେ ଏହାର ଅର୍ଥ ଯେ ସତ୍ୟପଥ ଏହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆତ୍ମିକ ଅର୍ଥ ଅବଶ୍ୟ ଏଥିରେ ଅନୁପ୍ରବେଶ କରେ; ତା'ହେଲେ ପ୍ରଭାମୟୀ ଉଷା ସତ୍ୟର ପଥକୁ ଅଥବା ସତ୍ୟାଧିପତି ସୂର୍ଯ୍ୟ-ସବିତାଙ୍କ ପଥକୁ ଅନୁସରଣ କରନ୍ତି — ଏହି ଅର୍ଥ ହେବ ।

ଋଗ୍‌ବେଦର ପ୍ରଥମ ମଣ୍ଡଳ ୧୨୪ ତମ ସୂକ୍ତର ତୃତୀୟ ଋକ୍‌ରେ ଏହି ଭାବନାର ଯେ ଖାଲି ପୁନରାବୃତ୍ତି ହୋଇଛି ତା ନୁହେଁ, ସେଠାରେ ଆହୁରି ଅଧିକ ସ୍ପଷ୍ଟ ଓ ପୂର୍ଣ୍ଣତର ଭାବେ ଆତ୍ମିକ ସୂଚନାମାନ ଆମେ ଦେଖିବାକୁ ପାଉ — **''ଋତସ୍ୟ ପନ୍ଥାମ୍ ଅନ୍ୱେତି ସାଧୁ, ପ୍ରଜାନତୀବ ନ ଦିଶୋ ମିନାତି''** । ''ସେ ଋତର ପଥ ଅନୁସରଣ କରି ଚାଲନ୍ତି ଓ ଜଣେ ଜ୍ଞାନବତୀ ରୂପେ ସେ କୌଣସି ଦିଗକୁ ସୀମିତ କରନ୍ତି ନାହିଁ ।'' କୁହାଯାଇ ପାରେ, ''ଦିଶଃ'' କହିଲେ ଆମେ ଦେଖୁ ଏହାର ଦ୍ୱିବିଧାର୍ଥ ରହିଛି; କିନ୍ତୁ ଏଠାରେ ତା' ଉପରେ ଜୋର୍ କରିବାର କୌଣସି ଆବଶ୍ୟକତା ନାହିଁ । ଉଷା ଦୃଢ଼ ରୂପେ ଋତର ପଥକୁ ଅବଲମ୍ବନ କରନ୍ତି ଓ ତାଙ୍କର ଏହି ଜ୍ଞାନ ବା ବୋଧଶକ୍ତି ଥିବାରୁ ଯେଉଁ ''ବୃହତ୍'' ବା ଆନନ୍ତ୍ୟର ସେ ନିଜେ ଦୀପ୍ତିସ୍ୱରୂପା ତାହାକୁ ସେ ସୀମିତ କରନ୍ତି ନାହିଁ । ଏହା ଯେ ଋକ୍‌ଟିର ପ୍ରକୃତ ଅର୍ଥ, ପଞ୍ଚମ ମଣ୍ଡଳର ଅନ୍ୟ ଏକ ଋକ୍ (୫।୮୦।୧)ରେ ତାହାର ଆହୁରି ସୁସ୍ପଷ୍ଟ ଅଭ୍ରାନ୍ତ ଓ ଅବିସମ୍ବାଦିତ ପ୍ରମାଣ ମିଳେ । ଏଠାରେ ଉଷାଙ୍କ ବର୍ଣ୍ଣନା ଏହିପରି — **''ଦ୍ୟୁତଦ୍-ୟାମାନଂ ବୃହତୀମ୍ ଋତେନ ଋତାବରୀଂ... ସ୍ୱର୍ ଆବହନ୍ତୀମ୍''** ''ଭାସ୍ୱର ଗତିଶାଳିନୀ, ଋତ ଦ୍ୱାରା ବୃହତ୍ ଓ ଋତ ମଧ୍ୟରେ ଯେ ପରମେଶ୍ୱରୀ (ଅଥବା, ଋତର ଅଧିକାରିଣୀ) ସେହି ଦେବୀ ଉଷା ନିଜ ସହିତ ସ୍ୱର୍ଲୋକ ନେଇ ଆସନ୍ତି ।'' ବୃହତ୍‌ର ଅର୍ଥ, ଋତର ଅର୍ଥ ଓ ସ୍ୱର୍ଲୋକର ସୌରଦୀପ୍ତିର ଅର୍ଥ ପ୍ରଭୃତି ଆମେ ଜାଣୁ; ଏଣୁ ନିଶ୍ଚିତ ଭାବରେ କୁହାଯାଇପାରେ ଯେ ଆମର ଏସବୁ ବୁଝିବା ଯେ କେବଳ ଭୌତିକ ଉଷା ସହ ନିବିଡ଼ ଓ ଦୃଢ଼ ଭାବେ ସମ୍ବନ୍ଧିତ, ଏହା କଦାପି ନୁହେଁ । ଏହା ସହିତ ସପ୍ତମ ମଣ୍ଡଳ ୭୫ତମ ସୂକ୍ତର ପ୍ରଥମ ଋକ୍‌ର ଅଂଶଟି ତୁଳନା କରାଯାଇ ପାରେ — **''ବ୍ୟୁଷା ଆ ବୋ ଦିବିଜା ଋତେନ, ଆବିଷ୍କୃଣ୍ୱାନା ମହିମାନମ୍ ଆଗାତ୍''**—

''ଦ୍ୟୁଲୋକରେ ଜାତା ଉଷା ଗତ ଦ୍ୱାରା ବିଷୟରାଜିକୁ ଉନ୍ମୁକ୍ତ କରି ଦିଅନ୍ତି ଓ ନିଜ ମହିମାର ଅଭିବ୍ୟକ୍ତି ପୂର୍ବକ ସେ ଆଗମନ କରନ୍ତି ।'' ପୁନଶ୍ଚ ଏଠାରେ ଦେଖାଯାଏ ଯେ ଉଷା ଗତର ଶକ୍ତି ଦ୍ୱାରା ସମସ୍ତ ବିଷୟକୁ ପ୍ରକାଶକୁ ଆଣନ୍ତି ଏବଂ ଏହି ପରିଣାମକୁ ଏକ ବୃହତ୍ତାର ଅଭିବ୍ୟକ୍ତି ରୂପେ ବର୍ଣ୍ଣନା କରାଯାଇଛି ।

ଅନ୍ତତଃ ଆମେ ଦେଖୁ ଯେ ସେହି ସମାନ ବିଚାର ଧାରା ଅଗ୍ରସ୍ଥ ଋକ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି, କିନ୍ତୁ 'ଗତ' ସକାଶେ ସିଧା ସେଠାରେ ସତ୍ୟ ଶବ୍ଦର ପ୍ରୟୋଗ ହୋଇଛି ଏବଂ 'ଗତମ୍'ର ବିଭିନ୍ନ ଅର୍ଥ ଥିବା ପରି ସତ୍ୟର ଅନ୍ୟ ଅର୍ଥ ନାହିଁ, ଯଥା – **ସତ୍ୟା ସତ୍ୟେଭିଃ ମହତୀ ମହଦ୍‌ଭିଃ ଦେବୀ ଦେବେଭିଃ** (୭।୭୫।୭), ଅର୍ଥାତ୍ ସତ୍ୟ ଦେବତାମାନଙ୍କ ସହିତ ଉଷା ତାଙ୍କ ସତ୍ତାରେ ସତ୍ୟମୟୀ, ମହାନ୍ ଦେବମାନଙ୍କ ସହିତ ସେ ମହତୀ । ଉଷାଙ୍କର ଏହି ''ସତ୍ୟ'' ସମ୍ବନ୍ଧରେ ବାମଦେବ ତାଙ୍କର ଗୋଟିଏ ସୂକ୍ତ (୪।୫୧)ରେ ଜୋର୍ ଦେଇ କହିଛନ୍ତି – ''ସେମାନେ ସତ୍ୟ ଦ୍ୱାରା ଯୋଜିତ ଅଶ୍ୱମାନଙ୍କର ସାହାଯ୍ୟରେ କେତେକେତେ ଭୁବନରେ ତତ୍‌କ୍ଷଣାତ୍ ଭ୍ରମଣ କରନ୍ତି'', **ଗତଯୁଗ୍‌ଭିଃ ଅଶ୍ୱୈଃ** (୬।୬୫।୨) ତୁଳନୀୟ । ଆହୁରି ମଧ୍ୟ କହିଛନ୍ତି ଯେ ସେମାନେ ''**ଭଦ୍ରା ଗତଜାତସତ୍ୟାଃ**'' ଅର୍ଥାତ୍ ''ସେମାନେ ମଙ୍ଗଳକର ଓ ସତ୍ୟ, କାରଣ ସେମାନେ ଗତରୁ ଜାତ'', ଅନ୍ୟ ଏକ ଋକ୍‌ରେ ସେ ଆହୁରି କହିଛନ୍ତି ଯେ ସେମାନେ, ଏହି ଦେବୀମାନେ, ଗତର ଧାମରୁ ଜାଗ୍ରତ୍ ହୁଅନ୍ତି (୪।୫୧।୮) ।

ଏହି ''ଭଦ୍ରା'' ଓ ''ଗତ''ଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦେଖିଲେ ମଧୁଚ୍ଛନ୍ଦାଙ୍କ ଅଗ୍ନିସୂକ୍ତରେ ଏହି ଭାବନାଗୁଡ଼ିକର ସେହି ସମାନ ସଂଯୋଗ ଥିବା କଥା ମନକୁ ଆସେ । ବେଦର ଆତ୍ମିକ ବ୍ୟାଖ୍ୟା କରୁଥିବା ବେଳେ ଏହାର ପ୍ରତ୍ୟେକ ଦିକ୍-ପରିବର୍ତ୍ତନରେ ସତ୍ୟ ଯେ ''ଆନନ୍ଦର ପଥ'' ଏହି ପ୍ରାଚୀନ ଭାବନାଟି ଦେଖିବାକୁ ପାଉ, ତେଣୁ ସତ୍ୟଦୀପ୍ତିର ଉଦୟରୂପିଣୀ ଉଷା ମଧ୍ୟ ନିଜ ସହିତ ସୁଖ ଓ ଆନନ୍ଦ ଆଣିବା ସୁନିଶ୍ଚିତ । ଉଷା ଯେ ଆନନ୍ଦ ନେଇ ଆସନ୍ତି, ଏହି ଭାବନା ବେଦରେ ଅନବରତ ଦେଖିବାକୁ ମିଳେ । ଏବଂ ବସିଷ୍ଠ ନିଜ ସୂକ୍ତରେ ଏବିଷୟରେ ଏକ ଅତ୍ୟନ୍ତ ଅନୁକୂଳ ବର୍ଣ୍ଣନା ଦେଇଛନ୍ତି – ''**ଯା ବହସି ପୁରୁ ସ୍ପାର୍ହଂ ରଘ୍ବଂ ନ ଦାଶୁଷେ ମୟଃ**'', ''ତୁମେ ସେହି ଯେ ଯଜ୍ଞଦାତା ନିକଟକୁ ବହୁଳ ଓ ସ୍ପୃହଣୀୟ ରତ୍ନ ପରି ପରମ ସୁଖ ବହନ କରି ଆଣ'' । (୭।୮୧।୩) ।

ସୂନୃତା ଗୋଟିଏ ସର୍ବପ୍ରଚଳିତ ବୈଦିକ ଶବ୍ଦ । ସାୟଣ ଏହାର ''ପ୍ରିୟ ଓ ସତ୍ୟ ବଚନ'' ବୋଲି ଅର୍ଥ କରିଛନ୍ତି; କିନ୍ତୁ ପ୍ରାୟଶଃ ଏହାର ଅଧିକ ପ୍ରଚଳିତ ଅର୍ଥ ''ସୁଖମୟ ସତ୍ୟରାଜି'' ବୋଲି ମନେ ହୁଏ । ଉଷା କେତେବେଳେ ଗତାବରୀ, ସତ୍ୟମୟୀ, କେତେବେଳେ ବା ସୂନୃତାବରୀ ରୂପେ ବର୍ଣ୍ଣିତା । ସେ ନିଜର ସତ୍ୟ ଓ ସୁଖମୟ ବାଣୀ

ଉଚ୍ଚାରଣ କରି କରି ଆସନ୍ତି – **ସୂନୃତା ଈରୟନ୍ତୀ** । ସେ ଯେପରି ଭାସ୍ୱର ଗୋୟୂଥର ତଥା ଦିବସର ନେତ୍ରୀ ବୋଲି ବର୍ଣ୍ଣିତା ସେହିପରି ସୁଖମୟ ସତ୍ୟରାଜିର ଭାସ୍ୱତୀ ନେତ୍ରୀ – **''ଭାସ୍ୱତୀ ନେତ୍ରୀ ସୂନୃତାନାମ୍''** (୧।୯୨।୭) – ରୂପେ ମଧ୍ୟ ବର୍ଣ୍ଣିତା । ଆଲୋକ, ରଶ୍ମି ବା ଗାଭୀର କଳ୍ପନା ତଥା ସତ୍ୟର କଳ୍ପନା ମଧ୍ୟରେ ବୈଦିକ ଋଷିମାନଙ୍କ ମନରେ ଏହି ଘନିଷ୍ଠ ସମ୍ପର୍କ ଥିବା ବିଷୟ ଅଧିକ ଅଭ୍ରାନ୍ତ ରୂପେ ଅନ୍ୟ ଗୋଟିଏ ଋକ୍‌ରେ (୧।୯୨।୧୪) କୁହାଯାଇଛି – **ଗୋମତି ଅଶ୍ୱାବତି ବିଭାବରି... ସୂନୃତାବତି**, ଅର୍ଥାତ୍ ''ହେ ଉଷା, ତୁମେ ଭାସ୍ୱର ଗୋୟୂଥ ସହିତ ଓ ଅଶ୍ୱଯୂଥ ସହିତ ଅତ୍ୟନ୍ତ ଜ୍ୟୋତିର୍ମୟୀ... ସୁଖମୟ ସତ୍ୟରେ ପରିପୂର୍ଣ୍ଣା ।'' ଅନ୍ୟ ଏକ ଋକ୍‌ରେ (୧।୪୮।୨) ଅନୁରୂପ ଭାବରେ ଏହି ବିଶେଷଣଗୁଡ଼ିକର ତାତ୍ପର୍ଯ୍ୟ ଅଧିକ ସ୍ପଷ୍ଟରୂପେ ସୂଚିତ – **ଗୋମତୀଃ ଅଶ୍ୱାବତୀଃ ବିଶ୍ୱସୁବିଦଃ** – ''ରଶ୍ମି ସମୂହ ସହିତ ଏବଂ ଦ୍ରୁତଗାମୀ ଅଶ୍ୱଗଣ ସହିତ ବିଦ୍ୟମାନା । ସେହି ଉଷାଗଣ ସମସ୍ତ ବିଷୟରେ ଯଥାର୍ଥ ଜ୍ଞାନସମ୍ପନ୍ନା ।''

ବୈଦିକ ଉଷାଙ୍କର ଆତ୍ମିକ ସ୍ୱରୂପ ସମ୍ବନ୍ଧରେ ଋଗ୍ ବେଦରେ ଯାହା ବର୍ଣ୍ଣିତ ସେସବୁ ଏହି ସୂଚନାଗୁଡ଼ିକରେ ସୀମାବଦ୍ଧ ନୁହେଁ । ଉଷାଙ୍କ ବିଷୟରେ କୁହାଯାଇଛି ଯେ ସେ ହେଉଛନ୍ତି ଦୃଷ୍ଟି, ବୋଧ ଓ ଯଥାର୍ଥ ଗତିର ଜାଗ୍ରତକାରିଣୀ । ଗୋତମ ରାହୁଗଣ କହିଛନ୍ତି – ''ଏହି ଦେବୀ ନିଖିଳ ଭୁବନର ସମ୍ମୁଖକୁ ଆସି ସେସବୁକୁ ନିରୀକ୍ଷଣ କରନ୍ତି, ଚରମ ବ୍ୟାପ୍ତି ସମନ୍ୱିତ ଦିବ୍ୟଦୃଷ୍ଟିର ଚକ୍ଷୁ ପ୍ରଦୀପ୍ତ ହୋଇ ଉଠୁଛି, ମନନଶୀଳ ସମସ୍ତଙ୍କ ନିମନ୍ତେ ସେ ବାଣୀ ଆବିଷ୍କାର କରି ସମସ୍ତ ଜୀବନକୁ କର୍ମରେ ପ୍ରବୃତ୍ତ ହେବାକୁ ପ୍ରବୋଧିତ କରନ୍ତି,'' **ବିଶ୍ୱସ୍ୟ ବାଚମ୍ ଅବିଦନ୍ ମନାୟୋଃ** (୧।୯୨।୯)[୨] ଏଠାରେ ଯେଉଁ ଉଷା ସମ୍ବନ୍ଧେ କୁହାଯାଇଛି ତାହା ପ୍ରାଣ ଓ ମନକୁ ମୁକ୍ତ କରି ପୂର୍ଣ୍ଣତମ ବ୍ୟାପ୍ତି ମଧ୍ୟକୁ ନେଇଯାଏ । କିନ୍ତୁ ଯଦି ଆମେ ଏହି ରହସ୍ୟର ଇଙ୍ଗିତକୁ ପ୍ରାକୃତିକ ଉଷା କାଳରେ ପାର୍ଥିବ ଜୀବନର ପୁନର୍ଜାଗରଣ ବୋଲି ଅର୍ଥ କରି ସୀମିତ ରଖିଦେବା ତେବେ ଋଷିଙ୍କ ଦ୍ୱାରା ନିର୍ବାଚିତ ଶବ୍ଦ ଓ ବାକ୍ୟାଂଶଗୁଡ଼ିକରେ ଥିବା ସମସ୍ତ ଶକ୍ତି ଆମଦ୍ୱାରା ଉପେକ୍ଷିତ ହୋଇଯିବ । ଯଦି ବି ଉଷାଙ୍କ ଦ୍ୱାରା ଆନୀତ ଦୃଷ୍ଟି ଅର୍ଥରେ ବ୍ୟବହୃତ ''ଚକ୍ଷୁ'' ଶବ୍ଦ କେବଳ ସ୍ଥୂଳ ଦର୍ଶନ ଅର୍ଥ ବୁଝାଇବାକୁ ସମର୍ଥ ତଥାପି ଅନ୍ୟାନ୍ୟ ସୂକ୍ତାଂଶରେ ଏହା ହେଉଛି 'କେତୁଃ' ଅର୍ଥାତ୍ ଅବଧାରଣା, ମାନସିକ ଚେତନାରେ ଏକ ଜ୍ଞାନଦୃଷ୍ଟି, ଜ୍ଞାନର ଏକ ବିଭାବ । ଉଷା ହେଉଛନ୍ତି ପ୍ରଚେତାଃ ଅର୍ଥାତ୍ ବୋଧଯୁକ୍ତ ଜ୍ଞାନସମ୍ପନ୍ନା ସେ ଜ୍ୟୋତିର୍ଗଣଙ୍କ ମାତା, ମନର ଏହି ବୋଧଯୁକ୍ତ ଦୃଷ୍ଟିକୁ ସେହିଁ ସୃଷ୍ଟି କରିଛନ୍ତି – **ଗବାଂ ଜନିତ୍ରୀ ଅକୃତ ପ୍ର କେତୁମ୍** (୧।୧୨୪।୫) । ସେ

---

[୨] ବିଶ୍ୱାନି ଦେବୀ ଭୁବନାଭିଚକ୍ଷ୍ୟା ପ୍ରତୀଚୀ ଚକ୍ଷୁରୁର୍ବିୟା ବି ଭାତି ।
ବିଶ୍ୱଂ ଜୀବଂ ଚରସେ ବୋଧୟନ୍ତୀ ବିଶ୍ୱସ୍ୟ ବାଚମବିଦନ୍ମନାୟୋଃ ॥

ସ୍ୱୟଂହିଁ ସେହି ଦୃଷ୍ଟି, – **ବି ନୂନମ୍ ଉଚ୍ଛାଦ୍ ଅସତି ପ୍ର କେତୁଃ** (୧।୧୨୪।୧୧) ଅର୍ଥାତ୍ ''ଯେଉଁଠାରେ ପୂର୍ବେ କିଛି ନ ଥିଲା (ଅସତ୍) ତାହାରି ମଧ୍ୟରେ ବର୍ତ୍ତମାନ ଉଷାଙ୍କର ବୋଧଯୁକ୍ତ ଦୃଷ୍ଟି ଉନ୍ମୁକ୍ତ ହୋଇଛି।'' ଏହି ବୋଧଯୁକ୍ତ ଶକ୍ତି ବଳରେ ସେ ସୁଖମୟ ସତ୍ୟସମ୍ପନ୍ନା – **ଚିକିତ୍ୱିତ୍ ସୂନୃତାବରି** (୪।୫୨।୪)।

ଆହୁରି ମଧ୍ୟ କୁହାଯାଇଛି ଯେ ଏହି ବୋଧ ଏହି ଦୃଷ୍ଟି ଅମୃତତ୍ୱର ବୋଧ ଓ ଦୃଷ୍ଟି – **ଅମୃତସ୍ୟ କେତୁଃ** (୩।୬୧।୩); ଅନ୍ୟ ଭାବେ କହିଲେ – ଏହା ହେଉଛି ସେହି ଜ୍ୟୋତିଃ ଯାହା ସେହି ସତ୍ୟ ତଥା ଆନନ୍ଦରୁ ଉଦ୍ଭୂତ, ଯାହା ଉଚ୍ଚତର ବା ଅମର ଚେତନାର ନିର୍ମାତା। ବେଦରେ ରାତ୍ରୀ ହେଉଛି ଆତ୍ମାର ସେହି ତାମସିକ ଚେତନାର ପ୍ରତୀକ ଯାହା ଜ୍ଞାନ ମଧ୍ୟରେ ଥାଇ ଅଜ୍ଞାନଭରା ଏବଂ ସଂକଳ୍ପ ଓ କ୍ରିୟାରେ ପ୍ରମାଦଯୁକ୍ତା, ଅତଏବ ସେଥିଯୋଗୁଁ ଏଠାରେ ଏତେସବୁ ଅଶୁଭ ପାପ ଓ ଯନ୍ତ୍ରଣା ରହିଛି; ଜ୍ୟୋତିଃ ସେହି ପରମ ଚେତନାର ଆଗମନକୁ ବୁଝାଉଛି ଯାହା ଆମକୁ ସତ୍ୟ ଓ ସୁଖ ଦିଗରେ ପରିଚାଳିତ କରେ। ଆମେ ଦେଖୁ ଯେ ଦୁରିତଂ ଓ ସୁବିତଂ ପଦ ଦୁଇଟି ସର୍ବଦା ଗୋଟିଏ ଅନ୍ୟର ବିପରୀତ। 'ଦୁରିତମ୍'ର ଆକ୍ଷରିକ ଅର୍ଥ ପ୍ରମାଦଶୀଳ ପଥରେ ଯାତ୍ରା, ନିର୍ଦ୍ଦିଷ୍ଟ ଭାବେ କହିଲେ ଏହାର ଅର୍ଥ ଯାହାସବୁ ଭୁଲ୍ ଭ୍ରାନ୍ତି ଓ ଅଶୁଭ ଏବଂ ଯାହାସବୁ ପାପ, ତ୍ରୁଟି ତଥା ବିପଦାପଦ; 'ସୁବିତମ୍'ର ଆକ୍ଷରିକ ଅର୍ଥ ସୁପଥ ବା ଶୁଭ ପଥରେ ଯାତ୍ରା ଓ ଯାହାକିଛି ଶୁଭ ଓ ସୁଖମୟ ସେ ସବୁକୁ ଏହା ବ୍ୟକ୍ତ କରେ, ବିଶେଷତଃ ଏହାର ଅର୍ଥ ସୁପଥ ଅନୁସରଣ ଦ୍ୱାରା ଯେଉଁ ଆନନ୍ଦ ଲାଭ କରାଯାଏ। ଏହି ଭାବେ ବସିଷ୍ଠ ଦେବୀ ଉଷାଙ୍କ ବିଷୟରେ କହିଛନ୍ତି (୭।୭୮।୨) – ''ଜ୍ୟୋତିଃ ଦ୍ୱାରା ସମସ୍ତ ଅନ୍ଧକାର ଓ ଅଶୁଭକୁ ଅପସାରିତ କରି ଦିବ୍ୟ-ଉଷା ଆଗମନ କରୁଛନ୍ତି'' – **ବିଶ୍ୱା ତମାଂସି ଦୁରିତା**। ବହୁତ ଗୁଡ଼ିଏ ଋକ୍‌ରେ ଏହା ମଧ୍ୟ କୁହାଯାଇଛି, ଏହି ଦେବୀ ମନୁଷ୍ୟମାନଙ୍କୁ ସୁପଥରେ ତଥା ଶୁଭ ପଥରେ ଯାତ୍ରା ପାଇଁ ପ୍ରବୁଦ୍ଧ କରନ୍ତି, ପ୍ରଚୋଦିତ ବା ପରିଚାଳିତ କରନ୍ତି (ସୁବିତାୟ)।

ସୁତରାଂ ସେ କେବଳ ସୁଖମୟ ସତ୍ୟଗୁଡ଼ିକର ନେତ୍ରୀ ନୁହନ୍ତି ବରଂ ଆମର ଆଧ୍ୟାତ୍ମିକ ସମ୍ପଦ ଓ ଆନନ୍ଦର ମଧ୍ୟ ନେତ୍ରୀ, ମନୁଷ୍ୟ ଦ୍ୱାରା ପ୍ରାପ୍ତ ଅଥବା ଋତ ଦ୍ୱାରା ଆନୀତ ଆନନ୍ଦକୁ ସେ ବହନ କରି ଆଣନ୍ତି – **ଏଷା ନେତ୍ରୀ ରାଧସଃ ସୂନୃତାନାମ୍** (୭।୭୬।୭) ଏହି ଯେଉଁ ସମ୍ପଦ ନିମନ୍ତେ ଋଷିମାନେ ପ୍ରାର୍ଥନା କରିଛନ୍ତି ତାହା ପାର୍ଥିବ ସମ୍ପଦର ରୂପକ ମାଧ୍ୟମରେ ବର୍ଣ୍ଣିତ ହୋଇଛି; ଏହା **ଗୋମଦ୍ ଅଶ୍ୱାବଦ୍ ବୀରବଦ୍** ଅଥବା ଏହା **ଗୋମଦ୍ ଅଶ୍ୱାବଦ୍ ରଥବଚ୍ଚ ରାଧଃ**। ଗୋ, ଅଶ୍ୱ, ପ୍ରଜା ବା ଅପତ୍ୟ (ସନ୍ତାନ), ନୃ ବା ବୀର ଅର୍ଥାତ୍ ମନୁଷ୍ୟ ବା ବୀର ପୁରୁଷ, ହିରଣ୍ୟ (ସୁନା), ରଥ, ଶ୍ରବସ୍ (ଖାଦ୍ୟ ବା ଯଶ) – ଏହିଗୁଡ଼ିକ ହେଉଛି ଯାଜ୍ଞିକ-ବ୍ୟାଖ୍ୟା ଅନୁସାରେ ବୈଦିକ

ଋଷିମାନଙ୍କର ପ୍ରାର୍ଥିତ ବିଷୟ । ମନେ ହୋଇପାରେ ଏଗୁଡ଼ିକ ସ୍ୱାଭାବିକ ପାର୍ଥିବ ଓ ଭୌତିକ ବସ୍ତୁ ଛଡ଼ା ଅନ୍ୟ କିଛି ହୋଇ ନ ପାରେ; କାରଣ ଏହା ନିଃସନ୍ଦେହ ଯେ ପାର୍ଥିବଜଗତରେ ବଳୀୟାନ୍ ପାର୍ଥିବ ସମ୍ପଦ ପାଇଁ ଆତୁର ଅସଭ୍ୟ ଜାତିର ବ୍ୟକ୍ତିମାନେ ଠିକ୍ ଏହିସବୁ ପାର୍ଥିବ କାମ୍ୟ ବସ୍ତୁକୁ ଆଶୀର୍ବାଦ ରୂପେ ପାଇବା ନିମନ୍ତେ ସେମାନଙ୍କ ଆଦିମ ଦେବତାମାନଙ୍କ ନିକଟରେ ପ୍ରାର୍ଥନା କରିଥିବେ । କିନ୍ତୁ ଆମେ ଦେଖିଛୁ ବେଦରେ ''ହିରଣ୍ୟ'' ପାର୍ଥିବ ସ୍ୱର୍ଣ୍ଣଠାରୁ ଏକ ଭିନ୍ନ ଅର୍ଥରେ ବ୍ୟବହୃତ; ଆମେ ଦେଖିଛୁ ଯେ ''ଗୋଗଣ'' ଜ୍ୟୋତିଃର ରୂପକ ଭାବେ ଉଷା ସହିତ ନିରନ୍ତର ସମ୍ପୃକ୍ତ ହୋଇ ଆସନ୍ତି, ଏବଂ ଆମେ ଦେଖିଛୁ ଏହି ଜ୍ୟୋତିଃ ମାନସିକ ଦୃଷ୍ଟି ଓ ଆନନ୍ଦକୁ ବହନ କରି ଆଣୁଥିବା ସତ୍ୟ ସହିତ ସଂଯୁକ୍ତ; 'ଅଶ୍ୱ' ସେହିପରି ଏହି ଆତ୍ମିକ ସୂଚନାର ମୂର୍ତ୍ତ ଚିତ୍ରମାନଙ୍କ ମଧ୍ୟରେ ସର୍ବଦା 'ଗୋ'ର ପ୍ରତୀକାତ୍ମକ ଚିତ୍ର ସହିତ ସଂଯୁକ୍ତ : ଉଷା ଗୋମତୀ ଅଶ୍ୱାବତୀ । ବସିଷ୍ଠଙ୍କର ଗୋଟିଏ ଋକ୍ (୭।୭୭।୩)ରେ ବୈଦିକ ଅଶ୍ୱର ଏହି ପ୍ରତୀକାର୍ଥକଟି ଅତ୍ୟନ୍ତ ଦୃଢ଼ ଓ ସୁସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଛି,—

ଦେବାନାଂ ଚକ୍ଷୁ ସୁଭଗା ବହନ୍ତି ଶ୍ୱେତଂ ନୟନ୍ତୀ ସଦୃଶୀକମ୍ ଅଶ୍ୱମ୍ ।
ଉଷା ଅଦର୍ଶି ରଶ୍ମିଭିର୍ବ୍ୟକ୍ତା ଚିତ୍ରାମଘା ବିଶ୍ୱମନୁ ପ୍ରଭୂତା ॥

''ସୁଭଗା, ଦେବତାମାନଙ୍କର ଦୃଷ୍ଟି ଆନୟିତ୍ରୀ ଓ ସୁଦୃଷ୍ଟିଯୁକ୍ତ ଶ୍ୱେତ ଅଶ୍ୱମାନଙ୍କ ଚାଳିକା ଉଷା ରଶ୍ମିସମୂହ ଦ୍ୱାରା ସମ୍ପୂର୍ଣ୍ଣ ବ୍ୟକ୍ତ ହେଉଥିବାର ଦେଖା ଯାଉଛନ୍ତି, ସେ ନିଜ ବିଚିତ୍ର ଧନରେ ପରିପୂର୍ଣ୍ଣା ତଥା ସମସ୍ତ ବସ୍ତୁ ମଧ୍ୟରେ ନିଜର ଜନ୍ମକୁ ଅଭିବ୍ୟକ୍ତ କରୁଛନ୍ତି ।'' ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଶ୍ୱେତ ଅଶ୍ୱ — ଏହା ଅଗ୍ନି ଦେବଙ୍କ ଉଦ୍ଦେଶ୍ୟରେ ପ୍ରଯୁକ୍ତ ଯାହାଙ୍କୁ ଦ୍ରଷ୍ଟୃ-ସଂକଳ୍ପ, ସର୍ବ କର୍ମରେ ଦିବ୍ୟସଂକଳ୍ପର ପୂର୍ଣ୍ଣଦର୍ଶୀ ଶକ୍ତି, କବିକ୍ରତୁ ବୋଲି କୁହାଯାଏ (୫।୧୧।୪) ସେ ସମ୍ପୂର୍ଣ୍ଣ ପ୍ରତୀକାତ୍ମକ[୩] ଓ ସେ (ଉଷା) ନିଜ ସଙ୍ଗରେ ଯେଉଁ ''ବିଚିତ୍ର ଧନ'' (ଚିତ୍ର-ଶ୍ରବଃ) ବହନ କରି ଆଣନ୍ତି ତାହା ମଧ୍ୟ ଗୋଟିଏ ରୂପକ ଏବଂ ନିଶ୍ଚିତ ଭାବେ ଏହା ପାର୍ଥିବ ଧନକୁ ବୁଝାଉ ନାହିଁ ।

ଉଷାଙ୍କୁ ଗୋମତୀ ଅଶ୍ୱାବତୀ ବୀରବତୀ ରୂପେ ବର୍ଣ୍ଣନା କରାଯାଇଛି ଏହି କାରଣରୁ ଯେ ଏଠାରେ ପ୍ରଯୁକ୍ତ ବିଶେଷଣ ଗୋମତୀ ଓ ଅଶ୍ୱାବତୀ ପ୍ରତୀକାତ୍ମକ, ଏହାର ଅର୍ଥ ''ଗାଭୀପୂର୍ଣ୍ଣା ଓ ଅଶ୍ୱାଯୁକ୍ତା'' ନୁହେଁ, ପରନ୍ତୁ ଏହାର ଅର୍ଥ ଜ୍ଞାନର ଦୀପ୍ତିରେ ଭାସ୍ୱରା ଓ

---

[୩] ଦଧିକ୍ରାବଣ୍-ଅଶ୍ୱ ଉଦ୍ଦେଶ୍ୟରେ ବିଭିନ୍ନ ଋଷିଙ୍କ ସୂକ୍ତ ମଧ୍ୟରେ ଦୀର୍ଘତମସ୍‌ଙ୍କ ଯଜ୍ଞାଶ୍ୱଙ୍କ ପ୍ରତି ଥିବା ସୂକ୍ତରେ ଅଶ୍ୱର ପ୍ରତୀକାତ୍ମକ ଅର୍ଥ ଅତ୍ୟନ୍ତ ସ୍ପଷ୍ଟ ହୋଇଛି ଏବଂ ବୃହଦାରଣ୍ୟକ ଉପନିଷଦର ଆରମ୍ଭରେ ଥିବା ''ଉଷା ବା ଅଶ୍ୱସ୍ୟ ମେଧସ୍ୟ ଶିରଃ'' (ମେଧ ଅଶ୍ୱର ଶିର ହେଉଛି ଉଷା) ବାକ୍ୟଟି ଉଷାଙ୍କ ବିଷୟରେ ବିଶଦ ରୂପକଳ୍ପର ପ୍ରଥମ ବାକ୍ୟ ।

ଶକ୍ତିର ତୀବ୍ରତାସମ୍ପନ୍ନା, ତେଣୁ ବୀରବତୀର ଅର୍ଥ ''ମନୁଷ୍ୟସମେତ'' ବା ବୀର, ଅନୁଚର ଓ ପୁତ୍ର ସମେତ ହୋଇ ନ ପାରେ, ବରଂ ଅନ୍ୟ ପକ୍ଷରେ ଏହା ବିଜୟଶକ୍ତି ସମନ୍ବିତା ବା ଏହାର ଅନୁରୂପ କୌଣସି ପ୍ରତୀକାର୍ଥକୁ ବୁଝାଉଛି । ଗୋଟିଏ ଋକ୍(୧।୧୧୩।୧୮)ରେ ଏହା ସୁସ୍ପଷ୍ଟ – **ୟା ଗୋମତୀଃ ଉଷସଃ ସର୍ବବୀରାଃ... ତା ଅଶ୍ୱଦା ଅଶ୍ନବତ୍ ସୋମସୁତ୍ୱା** । ଏହାର ଅର୍ଥ ନୁହେଁ ଯେ ''ଉଷାମାନଙ୍କର ଗୋଧନ ଓ ମନୁଷ୍ୟଗଣ ବା ଅନୁଚରଗଣ ଅଛନ୍ତି ଏବଂ ଯେଉଁ ବ୍ୟକ୍ତି ସେମାନଙ୍କୁ ସୋମ ଅର୍ପଣ କରେ ସେ ଅଶ୍ୱଦାତା ରୂପେ ଏ ସମସ୍ତକୁ ଉପଭୋଗ କରେ ।'' ଉଷା ହେଲେ ଆନ୍ତର ଉଷା ଯେ ମନୁଷ୍ୟ ନିକଟକୁ ତାହାର (ମନୁଷ୍ୟର) ବିଶାଳତମ ସତ୍ତା, ଶକ୍ତି, ଚେତନା, ଆନନ୍ଦର ସମସ୍ତ ବୈଚିତ୍ର୍ୟ ବହନ କରି ଆଣନ୍ତି । ଏହା ତାଙ୍କ ଦୀପ୍ତି ସମୂହରେ ଉଜ୍ଜ୍ୱଳ, ସମ୍ଭାବ୍ୟ ସମସ୍ତ ଶକ୍ତି ଓ ବୀର୍ଯ୍ୟ ଏହା ସହିତ ବିଦ୍ୟମାନ । ଏହା ମନୁଷ୍ୟକୁ ପ୍ରାଣବତ୍ତାର ପୂର୍ଣ୍ଣ ଶକ୍ତି ପ୍ରଦାନ କରେ, ଯାହା ଫଳରେ ସେ ବୃହତ୍ତର ଜୀବନର ଅପାର ଆନନ୍ଦ ଉପଭୋଗ କରିବାକୁ ସମର୍ଥ ହୁଏ ।

ଗୋମଦ୍ ଅଶ୍ୱାବଦ୍ ବୀରବଦ୍ ରାଧଃ – ଏହାକୁ ଭୌତିକ ଅର୍ଥରେ ଆମେ ଆଉ ଗ୍ରହଣ କରି ପାରିବା ନାହିଁ; ବେଦର ଭାଷାହିଁ ଆମକୁ ଅନ୍ୟ ଏକ ସତ୍ୟ ଦେଖାଇ ଦେଇଛି । ସୁତରାଂ ଦେବତାଙ୍କ ଦ୍ୱାରା ପ୍ରଦତ୍ତ ଏହି ସମ୍ପଦର ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକୁ ମଧ୍ୟ ସେହି ସମାନ ଭାବେ ଆଧ୍ୟାତ୍ମିକ ପ୍ରତୀକାର୍ଥ ସହ ଗ୍ରହଣ କରିବାକୁ ହେବ; ସନ୍ତାନ, ସ୍ୱର୍ଣ୍ଣ, ରଥ ଏ ସମସ୍ତ ପ୍ରତୀକାତ୍ମକ; 'ଶ୍ରବସ୍': ଯଶ ବା ଖାଦ୍ୟ ନୁହେଁ ବରଂ ଏହାର ଏକ ମନସ୍ତାତ୍ତ୍ୱିକ ଅର୍ଥ ଅଛି, ଅର୍ଥାତ୍ ଏହା ହେଉଛି ଉଚ୍ଚତର ଜ୍ଞାନ, ଯାହା ଇନ୍ଦ୍ରିୟ ବା ବୁଦ୍ଧି ଶକ୍ତିର ପରିସର ମଧ୍ୟକୁ ଆସେ ନା, କେବଳ ଋତର ଦିବ୍ୟଶ୍ରବଣ ଓ ଦିବ୍ୟଦୃଷ୍ଟିର ଗୋଚର ହୁଏ; **ରାଧଃ ଦୀର୍ଘଶ୍ରୁତ୍-ତମମ୍** (୭।୮୧।୫), **ରୟିଂ ଶ୍ରବସ୍ୟୁମ୍** (୭।୭୫।୨), ଏଗୁଡ଼ିକର ଅର୍ଥ ସତ୍ତାର ସେହି ସମୃଦ୍ଧ ଅବସ୍ଥା ଆଧ୍ୟାତ୍ମିକ ଭାବ ସମ୍ବଳିତ ପ୍ରଚୁର ଆନନ୍ଦ ବୈଭବ, ଶ୍ରବସ୍ୟୁ ଅର୍ଥାତ୍ ଜ୍ଞାନାଭିମୁଖୀ ଏବଂ ଆନନ୍ତ୍ୟର ରାଜ୍ୟ (ଦିଶଃ) ମଧ୍ୟରୁ ଆମ ନିକଟକୁ ପ୍ରବାହିତ ହୋଇ ଆସୁଥିବା ଦିବ୍ୟବାକ୍‌ର ସମସ୍ତ ସ୍ପନ୍ଦନକୁ ଗ୍ରହଣ କରିବା ଭଳି ସୁଦୂର ପ୍ରସାରୀ ଶ୍ରବଣଶକ୍ତି ଯାହାର ରହିଛି । ଉଷାଙ୍କର ଜ୍ୟୋତିର୍ମୟୀ ରୂପ ଏହିପରି ଭାବରେ ଆମକୁ ବେଦର ସେହି କର୍ମକାଣ୍ଡୀୟ ତଥା ଅଜ୍ଞତାମୂଳକ ଭ୍ରାନ୍ତ ଅର୍ଥରୁ, ଯାହା ଆମକୁ ବିଶୃଙ୍ଖଳା ଓ ଅସ୍ପଷ୍ଟତାର ତାମସୀ ରାତ୍ରୀ ମଧ୍ୟରେ ଝୁଣ୍ଟେଇ ଝୁଣ୍ଟେଇ ଗୋଟିଏ ଗାଢ଼ାରୁ ଅନ୍ୟ ଗାଢ଼ା ମଧ୍ୟରେ ନିକ୍ଷେପ କରେ – ସେଥିରୁ ମୁକ୍ତ କରେ । ଏହା ଏକ ରୁଦ୍ଧ ଦ୍ୱାର ଉନ୍ମୁକ୍ତ କରି ଆମକୁ ବୈଦିକ ଜ୍ଞାନର ମର୍ମ ସ୍ଥଳରେ ପ୍ରବେଶ କରାଉଛି ।

ଚତୁର୍ଦ୍ଦଶ ଅଧ୍ୟାୟ

ଗୋ ଏବଂ ଆଙ୍ଗିରସ ଉପାଖ୍ୟାନ

ବେଦାର୍ଥ ପାଇଁ ଆମେ କୁଞ୍ଚିରୂପେ ବ୍ୟବହାର କରୁଥିବା 'ଗୋ' ରୂପକକୁ ଏବଂ ଆଙ୍ଗିରସ ଋଷିମାନଙ୍କ ସମ୍ବନ୍ଧରେ ଥିବା ବୈଦିକ ଗାଥା ବା ଉପାଖ୍ୟାନକୁ ଏବେ ଆମର ଅନୁସରଣ କରିବାର ଅଛି, ସବୁ ଦୃଷ୍ଟିରୁ ଦେଖିଲେ ଦୃଷ୍ଟି ଆକର୍ଷକ ବୈଦିକ ଗାଥାମାନଙ୍କ ମଧ୍ୟରେ ଏହି ଉପାଖ୍ୟାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବୈଦିକ ସୂକ୍ତଗଣ, ସେମାନେ ଅନ୍ୟ ଦୃଷ୍ଟିରୁ ଯାହା ହୁଅନ୍ତୁ ପଛେ, ସର୍ବତୋଭାବେ ମନୁଷ୍ୟର ବନ୍ଧୁ ତଥା ସହାୟକ କେତେକ 'ଆର୍ଯ୍ୟ'-ଦେବତାଙ୍କ ପ୍ରତି ଆବାହନାତ୍ମକ ସ୍ତବ ଅଟନ୍ତି ଏବଂ ଉଦ୍‌ଗାତା ବା ଦ୍ରଷ୍ଟାମାନେ, ଯେଉଁମାନେ କି ନିଜକୁ 'କବି', 'ଋଷି', 'ବିପ୍ର' ବୋଲି ଅଭିହିତ କରିଥା'ନ୍ତି, ସେମାନେ ଯାହାସବୁ ଯାଚନା କରିଛନ୍ତି ତାହା ନିଶ୍ଚିତଭାବେ ପରମ ଅଭୀଷ୍ଟ (ବର, ବାର) ହୋଇଥିବ । ଏହି ଅଭୀଷ୍ଟ ଫଳ ବା ଦେବତାମାନଙ୍କ ଦ୍ୱାରା ପ୍ରଦତ୍ତ ବରକୁ ମୋଟ ଉପରେ 'ରୟି', 'ରାଧଃ' ପ୍ରଭୃତି ଶବ୍ଦରେ କୁହାଯାଏ; ସ୍ଥୂଳଭାବରେ ଏହାର ଅର୍ଥ ଧନ ବା ସମୃଦ୍ଧି ଏବଂ ଆତ୍ମିକ ଭାବରେ ଦେଖିଲେ ଆଧ୍ୟାତ୍ମିକ ସମ୍ପଦର ଯେଉଁ ପ୍ରାଚୁର୍ଯ୍ୟ ରହିଛି ତାହାରି ମଧ୍ୟରେ କେତେକ ରୂପ ନେଇ ଏଗୁଡ଼ିକ ସ୍ଥାନ ଲାଭ କରିଛନ୍ତି । ଯଜ୍ଞ ହେଉଛି ଏକ ସମ୍ମିଳିତ ପ୍ରୟାସ ମନୁଷ୍ୟ ସେଥିରେ ନିଜ ଅଂଶ ରୂପେ ବେଦମନ୍ତ୍ର, ସୋମରସ ଓ ଘୃତ ପ୍ରଭୃତି ଅର୍ପଣ କରେ । ଯଜ୍ଞ ମଧ୍ୟରେ ଦେବତାମାନେ ଇନ୍ଦ୍ରଗ୍ରହଣ କରନ୍ତି; ବାକ୍, ସୋମରସ ଓ ଘୃତ ଦ୍ୱାରା ସେମାନେ ବୃଦ୍ଧି ଲାଭ କରନ୍ତି ଏବଂ ସେହି ଶକ୍ତି ତଥା ସୋମରସର ଉଲ୍ଲାସରେ ମତ୍ତହୋଇ ସେମାନେ ଯଜ୍ଞଦାତାର ଅଭୀଷ୍ଟ ପୂରଣ କରନ୍ତି । ଏହିପରି ଭାବରେ ଯେଉଁ ଧନ ଲାଭ କରାଯାଏ, ସେସବୁ ମଧ୍ୟରେ ପ୍ରଧାନ ହେଉଛନ୍ତି ଗୋ ଓ ଅଶ୍ୱ, ତଦ୍‌ବ୍ୟତୀତ ହିରଣ୍ୟ (ସ୍ୱର୍ଣ୍ଣ), ବୀର (ମନୁଷ୍ୟ ବା ବୀରପୁରୁଷ), ରଥ, ପ୍ରଜା ବା ଅପତ୍ୟ (ସନ୍ତାନ) ପ୍ରଭୃତି ଲାଭର ମଧ୍ୟ ବର୍ଣ୍ଣନା ଅଛି । ଅଗ୍ନି, ସୋମ, ଘୃତ ପ୍ରଭୃତି ଯଜ୍ଞର ଉପକରଣଗୁଡ଼ିକୁ ଦେବତାମାନେହିଁ ଯୋଗାଇ ଦେଇଥା'ନ୍ତି, ଆହୁରି ମଧ୍ୟ ସେମାନେ ହେଲେ ଏହାର ପୁରୋହିତ, ପବିତ୍ରକାରୀ, ପୃଷ୍ଠପୋଷକ ଓ ଯୁଦ୍ଧର ବୀର ପୁରୁଷରୂପେ ସେମାନେ ଯଜ୍ଞରେ ଉପସ୍ଥିତ ହୁଅନ୍ତି, କାରଣ ଏପରି କେତେକ ସତ୍ତା ଅଛନ୍ତି ଯେଉଁମାନେ ଯଜ୍ଞ ଓ ବେଦମନ୍ତ୍ରକୁ ଘୃଣା କରନ୍ତି, ଯଜ୍ଞଦାତାଙ୍କୁ ଆକ୍ରମଣ କରନ୍ତି, ବିଦୀର୍ଣ୍ଣ କରନ୍ତି କିଂବା ତା'ର ଅଭିଳଷିତ ସମ୍ପଦକୁ ତା'ଠାରୁ ଅବରୋଧ କରନ୍ତି । ସମୃଦ୍ଧିର ଯେଉଁସବୁ ମୁଖ୍ୟ ପରିବେଶକୁ ଏତେ

ଉତ୍କଣ୍ଠାର ସହ ଅଭିଳାଷ କରାଯାଏ ସେସବୁ ହେଉଛନ୍ତି : ଉଷା ଓ ସୂର୍ଯ୍ୟଙ୍କ ଉଦୟ, ସ୍ୱର୍ଗସ୍ଥ ମେଘର ତଥା ସପ୍ତ ନଦୀର ଜଳ-ବର୍ଷଣ – ଏହା ଭୌତିକ ବା ରହସ୍ୟାତ୍ମକ ହୋଇପାରେ – ବେଦରେ ଏହାକୁ 'ମହତୀ ନଦୀଗଣ' ବୋଲି କୁହାଯାଇଛି । କିନ୍ତୁ ଏହି ସମୃଦ୍ଧି ଅର୍ଥାତ୍ ଗୋ, ଅଶ୍ୱ, ହିରଣ୍ୟ, ବୀର, ରଥ ଓ ସନ୍ତାନ ସନ୍ତତି ପ୍ରଭୃତିରେ ପୂର୍ଣ୍ଣ ହୋଇ ଉଠିବା କେବେ ବି ଚରମ ସାଫଲ୍ୟ ନୁହେଁ, ବରଂ ଯେଉଁଠି ମର୍ତ୍ତ୍ୟ ମାନବ ଅମୃତତ୍ୱରେ ଉପନୀତ ହୁଏ ସେହି ସମସ୍ତ ଜଗତର ଦ୍ୱାର ଉନ୍ମୋଚନ ନିମନ୍ତେ, ସ୍ୱର୍ଲୋକର ବିଜୟ ନିମନ୍ତେ, ସୌର ବ୍ୟୋମ ମଧ୍ୟକୁ ଉତ୍ତରଣ ନିମନ୍ତେ ଏବଂ ଋତ ପଥ ଦେଇ ମନୁଷ୍ୟ ସେହି ଜ୍ୟୋତିଃ ଓ ସ୍ୱର୍ଗୀୟ ଆନନ୍ଦ ଧାମରେ ଉପନୀତ ହେବା ନିମନ୍ତେ ଏଗୁଡ଼ିକ ସାଧନ ମାତ୍ର ।

ଏହାହିଁ ବେଦର ନିଃସନ୍ଦିଗ୍ଧ ସାରତତ୍ତ୍ୱ । ଅତି ପ୍ରାଚୀନ କାଳରୁ ଏହାର ଯେଉଁ କର୍ମକାଣ୍ଡୀୟ ତଥା ପୌରାଣିକ ଭାବକୁ ନେଇ ଅର୍ଥ କରାହୋଇ ଆସିଛି ତାହା ସୁବିଦିତ, ଏଣୁ ସେ ବିଷୟରେ ବିଶେଷଭାବରେ କହିବା ଅନାବଶ୍ୟକ । ସଂକ୍ଷେପରେ କହିଲେ ସେଗୁଡ଼ିକର ଅଭିପ୍ରାୟ ଏହି ଯେ ଇହଲୋକ ତଥା ପରଲୋକର ପୁଣ୍ୟଫଳ ଭୋଗ ନିମନ୍ତେ ଯଜ୍ଞୀୟ ପୂଜାନୁଷ୍ଠାନ କରିବା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ । ଆଉ ମଧ୍ୟ ଏତଦ୍‌ବିଷୟକ ଆଧୁନିକ ମତ ସମ୍ପର୍କରେ ଆମେ ଜାଣୁ ଯେଉଁଥିରେ ପ୍ରତିପାଦନ କରାଯାଇଛି ଯେ ବ୍ୟକ୍ତିରୂପ ଦିଆଯାଇ ଥିବା ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ଉଷା, ବାୟୁ, ପର୍ଜନ୍ୟ, ଅଗ୍ନି, ଆକାଶ, ନଦନଦୀ ତଥା ପ୍ରାକୃତିକ ଅନ୍ୟାନ୍ୟ ଦେବଗଣଙ୍କୁ ପୂଜା କରିବା, ଯଜ୍ଞ ଦ୍ୱାରା ଏହି ଦେବତାମାନଙ୍କୁ ସନ୍ତୁଷ୍ଟ କରିବା, ଏହି ଜୀବନରେ ମୁଖ୍ୟତଃ ମନୁଷ୍ୟ ତଥା ଦ୍ରାବିଡ଼-ଶତ୍ରୁମାନଙ୍କଠାରୁ ଧନ ଜୟ କରି ଆଣି ତାହାର ସଂରକ୍ଷଣ କରିବା ଏବଂ ବିରୁଦ୍ଧ-ଭାବାପନ୍ନ ଦୈତ୍ୟ, ଦାନବ ଓ ମର୍ତ୍ତ୍ୟ ଦସ୍ୟୁମାନଙ୍କ ସହିତ ଯୁଦ୍ଧ କରିବା ଓ ମୃତ୍ୟୁପରେ ଦେବତାମାନଙ୍କ ଧାମ ସ୍ୱର୍ଗକୁ ପ୍ରାପ୍ତ ହେବା ପ୍ରଭୃତି ବେଦରେ ରହିଛି । ଆମେ ବର୍ତ୍ତମାନ ଦେଖୁଛୁ ଯେ ଅବିକଶିତ ଜନସାଧାରଣଙ୍କ ପକ୍ଷରେ ଏହି ଭାବନାସବୁ ଯେତେ ଯୁକ୍ତିଯୁକ୍ତ ବୋଧ ହେଲେ ମଧ୍ୟ ବୈଦିକ ଯୁଗର ଦ୍ରଷ୍ଟା ସୁଦୀପ୍ତ ମନୀଷୀ କବି ବା ବିପ୍ରମାନଙ୍କ ପାଇଁ ଏସବୁ ଆଦୌ ବେଦର ମର୍ମାର୍ଥ ନ ଥିଲା । ସେମାନେ ଭୌତିକ ବସ୍ତୁକୁ ଅଭୌତିକ ବସ୍ତୁର ପ୍ରତୀକରୂପେ ବିଚାର କରୁଥିଲେ; ଗୋଯୂଥ : ଦିବ୍ୟ ଉଷାର ପ୍ରଭା ବା କିରଣ, ଅଶ୍ୱ ଓ ରଥ : ଶକ୍ତି ଓ ଗତି ଏବଂ ସ୍ୱର୍ଣ୍ଣ : ଆଲୋକ, ଅଥବା ଦିବ୍ୟସୂର୍ଯ୍ୟଙ୍କର ଭାସ୍ୱର ସମ୍ପଦର ଅର୍ଥାତ୍ ସତ୍ୟଜ୍ୟୋତିଃ (ଋତଂ ଜ୍ୟୋତିଃ); କେବଳ ଯଜ୍ଞ ଦ୍ୱାରା ଏବଂ ସାଙ୍ଗୋପାଙ୍ଗ ସ୍ୱୟଂ ଯଜ୍ଞ ଦ୍ୱାରା ଏହି ଉଭୟ ସଂପଦ ଲାଭ କରିବା ଥିଲା ଅମୃତତ୍ୱ ଲାଭ ରୂପକ ମହତ୍ତର ଲକ୍ଷ୍ୟହାସଲ ଦିଗରେ ମଣିଷର ସାଧନା ଓ ତା'ର ସାଧନର ପ୍ରତୀକ । ବୈଦିକ ଋଷିଙ୍କର ଅଭୀପ୍ସା ଥିଲା ମାନବ-ସତ୍ତାକୁ ପୁଷ୍ଟଳ ତଥା ବିସ୍ତୃତ କରିବା, ତା'ର ଜୀବନ-ଯଜ୍ଞରେ ବିବିଧ

ଦେବତ୍ୱର ଜନ୍ମ ତଥା ସେଗୁଡ଼ିକର ରୂପାୟନ କରିବା, ସେହି ଦିବ୍ୟ ତତ୍ତ୍ୱଗୁଡ଼ିକର ସାରଭୂତ 'ଶକ୍ତି', 'ଋତ', 'ଜ୍ୟୋତିଃ', 'ଆନନ୍ଦ', ପ୍ରଭୃତିର ଅଭିବର୍ଦ୍ଧନ କରିବା, ଏହି କାର୍ଯ୍ୟ ସେପର୍ଯ୍ୟନ୍ତ ଚାଲିଥାଏ ଯେପର୍ଯ୍ୟନ୍ତ ମାନବାତ୍ମା ନିଜ ସତ୍ତାର ବିସ୍ତୃତ ତଥା ସଦାମୁକ୍ତ ଜଗତ୍‌ଗୁଡ଼ିକ ଦେଇ ଊର୍ଦ୍ଧ୍ୱକୁ ଉଠି ନାହିଁ, ତା' ଆହ୍ୱାନରେ ମେଲି ହୋଇଯାଉଥିବା ଦିବ୍ୟ ଦ୍ୱାରଗୁଡ଼ିକୁ (ଦେବୀଃ ଦ୍ୱାରଃ) ସେ ଦେଖି ନାହିଁ ଏବଂ ସ୍ୱର୍ଗ ଓ ପୃଥିବୀର ଉପରିସ୍ଥ ଏକ ଦିବ୍ୟ-ଜୀବନର ପରମାନନ୍ଦ ମଧ୍ୟକୁ ସେ ପ୍ରବେଶ କରି ନାହିଁ । ଏହି ଉତ୍ତରଣହିଁ ଆଙ୍ଗିରସ ଋଷିମାନଙ୍କର ରୂପକକାହାଣୀ ।

ସମସ୍ତ ଦେବତା ହେଉଛନ୍ତି ଗୋ, ଅଶ୍ୱ ଓ ଦିବ୍ୟ ସମ୍ପଦର ବିଜେତା ତଥା ପ୍ରଦାତା, ବିଶେଷତଃ ମହାନ୍ ଦେବ ଇନ୍ଦ୍ର – ଯିଏ ଏହି ସଂଗ୍ରାମରେ ବୀର ଓ ଯୋଦ୍ଧା, ଯିଏ ମନୁଷ୍ୟ ନିମନ୍ତେ ଜ୍ୟୋତିଃ ଓ ଶକ୍ତି ଜୟ କରନ୍ତି, ତାଙ୍କଠାରେ ଏହା ପ୍ରଯୋଜ୍ୟ । ତେଣୁ ଇନ୍ଦ୍ରଙ୍କୁ ଗୋଯୂଥର ଅଧିପତି ବା 'ଗୋପତି' ବୋଲି ଅଭିହିତ କରାଯାଏ, ଏପରିକି ତାଙ୍କୁ ବି ଗୋ ଓ ଅଶ୍ୱରୂପେ ବର୍ଣ୍ଣନା କରାଯାଇଛି; ସେ ଜଣେ ଉତ୍ତମ ଦୋହନକାରୀ, ସେ ଯାହାସବୁ ଦୋହନ କରନ୍ତୁ ବୋଲି ଋଷିମାନେ ଇଚ୍ଛା କରନ୍ତି ସେସବୁ ହେଉଛନ୍ତି ପୂର୍ଣ୍ଣାଙ୍ଗ ରୂପରାଜି, ଉଚ୍ଚତମ ଧିଷଣା । ସେ ହେଉଛନ୍ତି ଗୋଯୂଥର 'ବୃଷ'; ଯେଉଁ ଗୋଧନ ଓ ଅଶ୍ୱଧନ ପାଇବାକୁ ମନୁଷ୍ୟ କାମନା କରେ ତାହା ତାଙ୍କର । ଏପରିକି ଗୋଟିଏ ଋକ୍‌ରେ (ଋ.୬।୨୮।୫) କୁହାଯାଇଛି – ''ହେ ଜନଗଣ, ଏହି ଗାଭୀମାନେ ହେଉଛନ୍ତି 'ଇନ୍ଦ୍ର', ମୋର ହୃଦୟ ଓ ମନ ଦେଇ ମୁଁ ଇନ୍ଦ୍ରକୁ ଚାହେଁ ।''[୧] ଗୋ ଏବଂ ଇନ୍ଦ୍ରଙ୍କ ମଧ୍ୟରେ ଏହି ଅଭିନ୍ନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପରେ ଏହି ଦେବତାଙ୍କ ଉଦ୍ଦେଶ୍ୟରେ ରଚିତ ମଧୁଚ୍ଛନ୍ଦାଙ୍କ ସୂକ୍ତଗୁଡ଼ିକୁ ଆଲୋଚନା କଲାବେଳେ ଏହି ବିଷୟକୁ ପୁଣି ବିବେଚନା କରିବା ।

କିନ୍ତୁ ଏହି ଧନାଧିକାରକୁ ଋଷିମାନେ ସାମାନ୍ୟତଃ କେତେକ ଶକ୍ତି ଅର୍ଥାତ୍ ଦସ୍ୟୁଗଣଙ୍କ ବିରୋଧରେ ହାସଲ ହୋଇଥିବା ବିଜୟ ରୂପେ ଚିତ୍ରଣ କରିଛନ୍ତି, ସମୟ-ସମୟରେ ବର୍ଣ୍ଣନା କରାଯାଇଛି ଯେ ଏହି ଦସ୍ୟୁମାନେ ଯେଉଁସବୁ ସମ୍ପଦକୁ ଅଧିକାର କରି ରଖିଛନ୍ତି ସେମାନଙ୍କଠାରୁ ତାହା ବଳପୂର୍ବକ ଛଡ଼େଇ ଆଣିବାକୁ ହେବ, ଆଉ ମଧ୍ୟ ବେଳେବେଳେ କୁହାଯାଇଛି – ଦସ୍ୟୁମାନେ ଆର୍ଯ୍ୟମାନଙ୍କଠାରୁ ଯେଉଁ ଧନ ଅପହରଣ କରି ନେଇଯାଇଛନ୍ତି ସେସବୁକୁ ଦେବତାମାନଙ୍କ ସାହାଯ୍ୟରେ ଅନ୍ୱେଷଣ ପୂର୍ବକ ପୁନରୁଦ୍ଧାର କରିବାକୁ ହେବ । ଯେଉଁ ଦସ୍ୟୁମାନେ ଏହି ଗାଈମାନଙ୍କୁ ଅପହରଣ ବା ଅବରୁଦ୍ଧ କରନ୍ତି ସେମାନଙ୍କୁ ପଣି ବୋଲି କୁହାଯାଏ । ବୋଧହୁଏ ଏହି 'ପଣି'ର ଅର୍ଥ ପ୍ରଥମେ ଥିଲା କର୍ତ୍ତା, ଅବୈଧ ବ୍ୟବସାୟୀ ବା ବଣିକ; କିନ୍ତୁ ବେଳେବେଳେ କେତେକ ସ୍ଥାନରେ ଏହାର

---

[୧] ଇମା ୟା ଗାବଃ ସ ଜନାସ ଇନ୍ଦ୍ରଃ, ଇଚ୍ଛାମି-ଇଦ୍-ହୃଦା ମନସା ଚିଦିନ୍ଦ୍ରମ୍ ।

ଦୂରଗତ ଅର୍ଥ ''କୃପଣ'' ବୋଲି ବି ଚିତ୍ରଣ କରାଯାଇଛି । ସେମାନଙ୍କ ଦଳପତି ହେଉେ ବଳ ନାମକ ଦାନବ, ଯା'ର ଅର୍ଥ ସମ୍ଭବତଃ ବେଷ୍ଟନକାରୀ ବା 'ଅବରୋଧକ', ଠିକ୍ ଯେପରି ବୃତ୍ରର ଅର୍ଥ ବିରୋଧୀ, ବାଧାଦାୟକ ବା ଯିଏ ଚାରିଆଡୁ ଆବଦ୍ଧ କରି ଘେରି ରହେ । ବେଦ ମଧ୍ୟରେ ଯେତେଦୂର ସମ୍ଭବ ଆଦିମ ଇତିହାସର ଅଧ୍ୟୟନ ବା ଅନୁସନ୍ଧାନ କରିଥିବା ପଣ୍ଡିତମାନଙ୍କ ପକ୍ଷରେ ଏପରି ପରାମର୍ଶ ଦେବା ସହଜ ଯେ ଏହି ପଣିମାନେ ହେଲେ ଦ୍ରାବିଡ଼ ଜାତି ଏବଂ 'ବଳ' ହେଉଛନ୍ତି ସେମାନଙ୍କର ମୁଖିଆ ବା ପ୍ରଭୁ । ଅବଶ୍ୟ ଏଣେତେଣେ ଥିବା ଅଳ୍ପ କେତେକ ସୂକ୍ତାଂଶରେ ଏହି ଅର୍ଥ ରଖାଯାଇପାରେ, କିନ୍ତୁ ବହୁ ସୂକ୍ତରେ ଋଷିମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ସହିତ ଏହି ଅର୍ଥର କୌଣସି ସଙ୍ଗତି ନ ଥାଏ, ଏବଂ ଏହାଦ୍ୱାରା ସେମାନଙ୍କର କଳ୍ପନା ଓ ଚିତ୍ରଣ କେବଳ କେତେକ ବାଗାଡ଼ମ୍ବର ପୂର୍ଣ୍ଣ ଅର୍ଥହୀନ ଖିଚୁଡ଼ି ଭଳି ପ୍ରତିପନ୍ନ ହୁଏ । ଏହି ଅସଙ୍ଗତିର ବିଷୟ ପୂର୍ବରୁ ଆମେ ଦେଖିସାରିଛୁ ଏବଂ ପରେ ଯେତେବେଳେ ଏହି ଅପହୃତ ଗୋଯୂଥ ବିଷୟକ କଥାନକକୁ ଅଧିକ ମନୋଯୋଗପୂର୍ବକ ପରୀକ୍ଷା କରିବା, ସେତେବେଳେ ଏହି ଅସଙ୍ଗତି ଅଧିକ ସ୍ପଷ୍ଟରୂପେ ଜଣାପଡ଼ିବ ।

ବଳ ପର୍ବତର ଗୋଟିଏ ଗୁହା ବା ବିଳ ମଧ୍ୟରେ ବାସକରେ; ସେଠାରେ ତା'ର ପଣ୍ଡାଙ୍ଗାବନ କରି ତାକୁ ତା'ର ଧନ ଦେଇଦେବାକୁ ବାଧ କରିବା ଇନ୍ଦ୍ର ଓ ଆଙ୍ଗିରସଙ୍କର କାର୍ଯ୍ୟ : କାରଣ ସେ ହେଉଛି ଗୋ-ଅପହର 'ବଳ' — **ବଲସ୍ୟ ଗୋମତଃ** (୧।୧୧।୫) । ପଣିମାନଙ୍କ ସମ୍ବନ୍ଧରେ ମଧ୍ୟ କୁହାଯାଏ ଯେ ସେମାନେ ଅପହୃତ ଗୋଯୂଥକୁ ପର୍ବତ ଗୁମ୍ଫାରେ ଲୁଚାଇ ରଖନ୍ତି, ଏହି ଗୁହାକୁ ସେମାନଙ୍କର କାରାଗାର ବା 'ବ୍ରଜ' ଅଥବା ଗୋ-ବନ୍ଦିଶାଳା, ବ୍ରଜ କୁହାଯାଏ ଅଥବା ସମୟେ ସମୟେ ଏଥିପାଇଁ ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଉକ୍ତି ''ଗବ୍ୟମ୍ ଊର୍ବମ୍'' ବ୍ୟବହାର କରାଯାଏ, ଏହାର ଆକ୍ଷରିକ ଅର୍ଥ ଗୋ-ସମ୍ପଦର ବ୍ୟାପ୍ତି ଅଥବା ଗୋ-ର ଅନ୍ୟ ଅର୍ଥ ଅନୁସାରେ 'ଦୀପ୍ତିମୟୀ ବ୍ୟାପ୍ତି' ବା ଭାସ୍ୱର ଗୋଯୂଥ ରୂପକ ପ୍ରଭୂତ ସମ୍ପଦ । ଏହି ହୃତ ସମ୍ପଦକୁ ଉଦ୍ଧାର କରିବା ନିମନ୍ତେ ଯଜ୍ଞାନୁଷ୍ଠାନ କରିବାକୁ ହେବ; ଆଙ୍ଗିରସଗଣଙ୍କୁ ଅଥବା ବୃହସ୍ପତି ଓ ଆଙ୍ଗିରସମାନଙ୍କୁ ପ୍ରକୃତ ବାକ୍ (ମନ୍ତ୍ର) ଉଚ୍ଚାରଣ କରିବାକୁ ହେବ; ପଣିମାନଙ୍କ ଗୁମ୍ଫାସ୍ଥିତ ଗାଭୀମାନଙ୍କୁ ସ୍ୱର୍ଗଶୁନୀ ସରମାଙ୍କର ଅନ୍ୱେଷଣ କରିବାର ଅଛି; ସୋମରସରେ ବଳୀୟାନ୍ ଇନ୍ଦ୍ର ଓ ତାଙ୍କ ସହଚର ଆଙ୍ଗିରସ ଋଷିଗଣଙ୍କ କାର୍ଯ୍ୟ ହେବ ସେହି ପଥ ଅନୁସରଣ କରି ଗୁମ୍ଫାରେ ପ୍ରବେଶ କରିବା ଅଥବା ଗିରିର ଦୃଢ଼ ସ୍ଥାନଗୁଡ଼ିକୁ ବଳପୂର୍ବକ ଭାଙ୍ଗିଦେଇ ପଣିମାନଙ୍କୁ ପରାସ୍ତ କରି ଗୁହାମୁକ୍ତ ଗୋଯୂଥକୁ ଊର୍ଦ୍ଧ୍ୱକୁ ବାଟ କଢ଼ାଇ ନେବା ।

ଆମେ ଏହି ରୂପକଥା ବା ଉପାଖ୍ୟାନର ଯଥାର୍ଥ ଅଭିପ୍ରାୟକୁ ସ୍ଥିରପ୍ରତିଷ୍ଠ କରିବାକୁ

ଚାହୁଁଥିବା ହେତୁ ପ୍ରଥମେ ଏହା ସହ ସମ୍ବନ୍ଧିତ କେତେକ ବିଷୟକୁ ଉପେକ୍ଷା ନ କରିବା ଉଚିତ । ପ୍ରଥମତଃ ଏହି ଆଖ୍ୟାନଟି ନିଜ ବର୍ଣ୍ଣନାରେ ଯେତେ ପୁଷ୍ଟଳ ହୋଇଥାଉ ନା କାହିଁକି ବେଦରେ ଏହା କେବଳ ଗୋଟିଏ ପୁରାଣ କଥାର ପରମ୍ପରାମାତ୍ର ନୁହେଁ; ବରଂ ଏହାକୁ ଏପରି ଏକ ସ୍ୱଚ୍ଛଳତା ତଥା ତରଳତା ସହିତ ବ୍ୟବହାର କରାଯାଇଛି ଯାହାକି ଏହି ପବିତ୍ର ପରମ୍ପରାର ପଣ୍ଡାତରେ ରହିଥିବା ତାତ୍ପର୍ଯ୍ୟକୁ ସ୍ପଷ୍ଟ କରୁଛି । ଅଧିକାଂଶ କ୍ଷେତ୍ରରେ ତଥ୍ୟକୁ ଅନାବୃତ କରାଯାଇଛି ଏବଂ ମନ୍ତ୍ର ଗାୟକର ବ୍ୟକ୍ତିଗତ ଆବଶ୍ୟକତା ବା ଆସ୍ପୃହା ଅର୍ଥରେ ଏହା ପ୍ରଯୁକ୍ତ ହୋଇଛି । କାରଣ ଏହି କାର୍ଯ୍ୟ ପାଇଁ ଇନ୍ଦ୍ର ସର୍ବଦା ସମର୍ଥ; ସେ ଯଦିଓ ଆଙ୍ଗିରସମାନଙ୍କ ସାହାଯ୍ୟରେ ଯୁଗଯୁଗ ଧରି ଏହି କାର୍ଯ୍ୟ କରିଛନ୍ତି, ତଥାପି ସେ ଏବେ ମଧ୍ୟ ସେହି କାର୍ଯ୍ୟର ପୁନରାବୃତ୍ତି କରି ଚାଲିଛନ୍ତି, ସେ ହେଉଛନ୍ତି ନିରନ୍ତର ଗୋ-ଅନ୍ୱେଷଣକାରୀ (ଗବେଷକ) ଏବଂ ଅପହୃତ ଧନର ଉଦ୍ଧାରକ ।

କେତେକ ସ୍ଥାନରେ ଉଲ୍ଲେଖ ଅଛି ଯେ ଗୋଯୂଥ ଅପହୃତ ହୋଇଛନ୍ତି ଏବଂ ଇନ୍ଦ୍ର ସେମାନଙ୍କୁ ପୁନରୁଦ୍ଧାର କରିଛନ୍ତି, କିନ୍ତୁ ସେସବୁ ସ୍ଥାନରେ ସରମା ବା ଆଙ୍ଗିରସ ବା ପଣିମାନଙ୍କ କଥାର କୌଣସି ଉଲ୍ଲେଖ ନାହିଁ । କେବଳ ଇନ୍ଦ୍ର ଯେ ସର୍ବତ୍ର ଗୋଯୂଥ ଉଦ୍ଧାର କରନ୍ତି ତା' ବି ନୁହେଁ । ଉଦାହରଣ ସ୍ୱରୂପ ଆମେ କହିପାରିବା ଯେ ପଞ୍ଚମ ମଣ୍ଡଳରେ ଅଗ୍ନିଙ୍କୁ ଉଦ୍ଦିଷ୍ଟ ଅତ୍ରିଙ୍କ ଦ୍ୱିତୀୟ ସୂକ୍ତରେ ଏହା ଦେଖାଯାଏ, ହୃତ ଗାଭୀର ରୂପକକୁ ଗାୟକ ଏପରି ଭାଷାରେ ନିଜଠାରେ ପ୍ରୟୋଗ କରିଛନ୍ତି ଯେ ସେଥିରେ ଏହାର ପ୍ରତୀକାତ୍ମକତା ସ୍ପଷ୍ଟରୂପେ ପ୍ରକାଶିତ ହୋଇଛି । ସ୍ୱର୍ଗପିତାଙ୍କୁ ଅର୍ପଣ କରିବାକୁ ଅନିଚ୍ଛୁକା ପୃଥ୍ୱୀମାତା ଅଗ୍ନିଙ୍କୁ ନିଜ ଗର୍ଭରେ ଦୀର୍ଘକାଳ ଅବରୋଧ କରି ରଖିଥିଲେ, ସେ ତାଙ୍କ ମଧ୍ୟରେ ସେପର୍ଯ୍ୟନ୍ତ କବଳିତ ତଥା ସଂଗୁପ୍ତ ହୋଇ ରହିଥିଲେ ଯେପର୍ଯ୍ୟନ୍ତ ପୃଥ୍ୱୀମାତା ନିଜକୁ ଏକ ସୀମିତ ରୂପ ମଧ୍ୟରେ ସଙ୍କୁଚିତା କରି ରଖିଥିଲେ (ପେଷୀ), ପରିଶେଷରେ ଯେବେ ସେ ମହତୀ ଓ ବିସ୍ତୀର୍ଣ୍ଣା ହେଲେ (ମହିଷୀ) ସେବେ ସେ (ଅଗ୍ନି) ଜନ୍ମ ଗ୍ରହଣ କଲେ ।[୨] ଅଗ୍ନିଙ୍କ ଜନ୍ମ ସହିତ ଭାସ୍ୱର ଗୋଯୂଥର ଅଭିବ୍ୟକ୍ତି ବା ଦର୍ଶନର ସମ୍ପର୍କ ଅଛି । ''ସୁଦୂର ଏକ କ୍ଷେତ୍ର ମଧ୍ୟରେ ହିରଣ୍ୟ ଦନ୍ତ ବିଶିଷ୍ଟ ବିଶୁଦ୍ଧ ଶୁଭ୍ର ବର୍ଣ୍ଣର ଜଣକୁ ଆୟୁଧ ଶାଣିତ କରୁଥିବାର ଦେଖିଲି; ମୁଁ ଅମୃତକୁ (ଅମୃତ – ସାର, ସୋମ) ବିଭିନ୍ନ ଭାଗରେ ବିଭକ୍ତ କରି ତାଙ୍କୁ ଅର୍ପଣ କଲି; ଯେଉଁମାନଙ୍କର ଇନ୍ଦ୍ର ନାହାନ୍ତି ବା ବାକ୍ ନାହିଁ ସେମାନେ ମୋର କ'ଣ କରିବେ ? ଏକ ସୁଖୀ ଗୋଯୂଥଙ୍କୁ ଖେତରେ ଏଣେତେଣେ ଖୁସିରେ ନିରନ୍ତର ବିଚରଣ କରୁଥିବାର ମୁଁ ଦେଖିଲି, ସେମାନେ ଥିଲେ ବହୁସଂଖ୍ୟକ ଓ ଜ୍ୟୋତିଷ୍ମତୀ; ଏମାନେ

---

[୨] କୁମାରଂ ମାତା ଯୁବତୀଃ ସମୁଚ୍ଛଂ ଗୁହା ବିଭର୍ତି ନ ଦଦାତି ପିତ୍ରେ... (ଋ. ୫।୨।୧)
ଜମେତଂ ତ୍ୱଂ ଯୁବତେ କୁମାରଂ ପେଷୀ ବିଭର୍ଷି ମହିଷୀ ଜଜାନ ।... (୫।୨।୨)

ସେମାନଙ୍କୁ ଆବଦ୍ଧକରି ରଖିଲେ ନାହିଁ, କାରଣ ସେ (ଅଗ୍ନି) ଜନ୍ମ ନେଇ ସାରିଥିଲେ; ଏପରିକି ସେହି ପଳିତା ଗାଭୀଗଣ ଏବେ ପୁଣି ଯୁବତୀ ହୋଇ ଉଠିଲେ ।''[୩] ଯଦି ଇନ୍ଦ୍ର-ବିହୀନ ଏବଂ ବାକ୍-ରହିତ ଏହି ଦସ୍ୟୁମାନେ ଏବେ ସେହି ଦ୍ୟୁତିମତୀ ଗୋ-ଗଣଙ୍କୁ ଅବରୋଧ କରିବାକୁ ଅକ୍ଷମ, ଏବଂ ଏହା ହୋଇ ନ ଥା'ନ୍ତା ଯଦି ଶୋଚିଷ୍ମାନ୍ ଓ ଶକ୍ତିମାନ୍ ଦେବ ଜନ୍ମଗ୍ରହଣ କରି ନ ଥା'ନ୍ତେ । ''ଯେଉଁମାନେ ମୋର ବୀର୍ଯ୍ୟକୁ (**ମର୍ୟକମ୍** : ମୋ ନିଜ ଲୋକ ଓ ମୋ ଯୋଦ୍ଧା, ବୀରମାନଙ୍କୁ) ଗାଭୀମାନଙ୍କଠାରୁ ବିୟୁକ୍ତ କରିଛନ୍ତି ସେମାନେ କିଏ ? କାରଣ ସେମାନଙ୍କର (ମୋ ନିଜ ଲୋକମାନଙ୍କର) ଗୋରକ୍ଷା ନିମନ୍ତେ କୌଣସି ଯୋଦ୍ଧା ବା ରକ୍ଷକ ନ ଥିଲେ । ଯେଉଁମାନେ ସେମାନଙ୍କୁ ମୋଠାରୁ ନେଇଯାଇଛନ୍ତି ସେମାନେ ଯେପରି ସେମାନଙ୍କୁ ମୁକ୍ତ କରି ଦିଅନ୍ତି; ସେ ଜଣେ ଜ୍ଞାତା ଏବଂ ସେ ଆମ ନିକଟକୁ ଗୋଯୂଥ ଅଡ଼େଇ ନେଇ ଆସୁଛନ୍ତି ।''[୪]

ଆମେ ଏଠାରେ ସମୀଚୀନଭାବେ ପ୍ରଶ୍ନ କରିପାରୁ ଯେ ଯେଉଁମାନେ ପ୍ରଥମେ ବୃଦ୍ଧା ଥିଲେ ଓ ପରେ ତରୁଣୀ ହୋଇଛନ୍ତି ଏହି ଭାସ୍ୱର ଗୋଯୂଥଗୁଡ଼ିକ କ'ଣ ? ଆମେ ନିଶ୍ଚିତ ଭାବେ କହିପାରୁ ଯେ ଏମାନେ କଦାପି ପଶୁରୂପୀ ଗୋଯୂଥ ନୁହନ୍ତି ଏବଂ ଯେଉଁଠାରେ ହିରଣ୍ୟଦନ୍ତ, ଯୋଦ୍ଧା ଦେବତା ଓ ଭାସ୍ୱର ଗୋଯୂଥଙ୍କ ଉପସ୍ଥିତିର ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳେ ଏହା କଦାପି ଯମୁନା ବା ଝେଲମ୍ ନଦୀତଟବର୍ତ୍ତୀ କୌଣସି ପାର୍ଥିବ ଚାରଣଭୂମି ନୁହେଁ । ଏ ସମସ୍ତେ ହୁଏତ ପ୍ରାକୃତିକ ଉଷାର ନଚେତ୍ ଦିବ୍ୟଉଷାଙ୍କର ଗୋଯୂଥ ଅଟନ୍ତି; କିନ୍ତୁ ପ୍ରଥମ ଅର୍ଥ ପାଇଁ ମନ୍ତ୍ରର ଭାଷା ଅନୁକୂଳ ହେଉ ନାହିଁ; ଏହା ସୁନିଶ୍ଚିତ ଯେ ଏହି ରହସ୍ୟମୟ ଦୃଶ୍ୟ ହେଉଛି ଏକ ଦିବ୍ୟପ୍ରକାଶର ରୂପକ । ସେହିସବୁ ରଶ୍ମିକୁ ଅନ୍ଧକାରର ଶକ୍ତିମାନେ ଅପହରଣ କରିଥିଲେ ଏବଂ ବର୍ତ୍ତମାନ ସେସବୁକୁ ଉଦ୍ଧାର କରାଯାଇଛି, କିନ୍ତୁ ଏହି ଉଦ୍ଧାର କାର୍ଯ୍ୟ ଭୌତିକ ଅଗ୍ନିଦେବତାଙ୍କ ଦ୍ୱାରା ହୋଇ ନାହିଁ ପରନ୍ତୁ ସେହି ପ୍ରଜ୍ୱଳିତ ଶକ୍ତିଙ୍କ ଦ୍ୱାରା ହୋଇଛି ସେ ଭୌତିକ କ୍ଷୁଦ୍ରତା ମଧ୍ୟରେ ଲୁକ୍କାୟିତ ଥିଲେ ଏବଂ ବର୍ତ୍ତମାନ ସେ ସମୁଜ୍ଜ୍ୱଳ ମାନସିକ କ୍ରିୟାର ସ୍ୱଚ୍ଛତା ମଧ୍ୟକୁ ମୁକ୍ତ ହୋଇ ଯାଇଛନ୍ତି ।

ତେଣୁ ଅନ୍ଧାରିଆ ଗୁହା ଭଗ୍ନ କରି ନିଖୋଜ ରଶ୍ମିମାନଙ୍କୁ ପୁନରୁଦ୍ଧାର କାର୍ଯ୍ୟ

---

[୩] ହିରଣ୍ୟଦନ୍ତଂ ଶୁଚିବର୍ଣମାରାତ୍ କ୍ଷେତ୍ରାଦପଶ୍ୟମାୟୁଧା ମିମାନମ୍ ।
ଦଦାନୋ ଅସ୍ମା ଅମୃତଂ ବିପୃକ୍ୱତ୍ କିଂ ମାମନିନ୍ଦ୍ରାଃ କୃଣବନ୍ନନୁକ୍ଥାଃ ॥
କ୍ଷେତ୍ରାଦପଶ୍ୟଂ ସନୁତଶ୍ଚରନ୍ତଂ ସୁମଦ୍ୟୁଥଂ ନ ପୁରୁ ଶୋଭମାନମ୍ ।
ନ ତା ଅଗୃଭ୍ରନ୍ନଜନିଷ୍ଟ ହି ଷଃ ପଲିକ୍ନୀରିଦ୍ୟୁବତୟୋ ଭବନ୍ତି ॥ (୫।୨।୩,୪)

[୪] କେ ମେ ମର୍ୟକଂ ବିୟବନ୍ତ ଗୋଭିର୍ନ ଯେଷାଂ ଗୋପା ଅରଣଶ୍ଚିଦାସ ।
ୟ ଇଂ ଜଗୃଭୁରବ ତେ ସୃଜନ୍ତ୍ୱାଜାତି ପଶ୍ୱ ଉପ ନଶ୍ଚିକିତ୍ୱାନ୍ ॥ (୫।୨।୫)

କେବଳ ଇନ୍ଦ୍ରଦେବ କରନ୍ତି ନାହିଁ । ଅନ୍ୟ ବିଭିନ୍ନ ସୂକ୍ତରେ ଅନ୍ୟାନ୍ୟ ଦେବତାଙ୍କୁ ମଧ୍ୟ ଏହି ବିଜୟ-ଗୌରବର ଅଧିକାରୀ କରାଯାଇଛି । ସେମାନଙ୍କ ମଧ୍ୟରେ ଦିବ୍ୟ-ଉଷା, ଏହି ଗାଭୀମାନଙ୍କ ମାତା ଉଷାହିଁ ଅନ୍ୟତମା । ସତ୍ୟ ଦେବଗଣଙ୍କ ସହିତ ସେ ସତ୍ୟା, ମହାନ୍ ଦେବତାମାନଙ୍କ ସହିତ ସେ ମହତୀ, ଯଜ୍ଞୀୟ ଦେବତାମାନଙ୍କ ସହିତ ସେ ଯଜ୍ଞୀୟା ଦେବୀ, ସେ ଦୃଢ଼ ସ୍ଥାନଗୁଡ଼ିକୁ ଭାଙ୍ଗି ଦେଉଛନ୍ତି ଓ ଭାସ୍ୱର ଗୋଯୂଥ ଦାନ କରୁଛନ୍ତି; ଗାଭୀମାନେ ହମ୍ବାରବ କରି କରି ଦିବ୍ୟ ଉଷାଙ୍କ ଆଡ଼କୁ ଅଗ୍ରସର ହେଉଛନ୍ତି !''[୫] (୬।୭୫।୭) । ଏଥିରେ ଅଗ୍ନି ଅନ୍ୟ ଜଣେ ଦେବତା; ପୂର୍ବରୁ ଆମେ ଯେପରି ଦେଖିଛୁ, କେତେବେଳେ ସେ ଏକାକୀ ବା କେତେବେଳେ ଇନ୍ଦ୍ରଙ୍କ ସହିତ ମିଶି ଯୁଦ୍ଧ କରନ୍ତି । ''ହେ ଇନ୍ଦ୍ର, ହେ ଅଗ୍ନି, ତୁମେ ଦୁହେଁ ଗାଭୀମାନଙ୍କ ପୁନରୁଦ୍ଧାର ପାଇଁ ଯୁଦ୍ଧ କରିଥିଲ'' (୬।୬୦।୨) ।[୬] ଅଥବା ସେ 'ସୋମ'ଙ୍କ ସହିତ ବି ଏହା କରିଥା'ନ୍ତି — ''ହେ ଅଗ୍ନି ଓ ସୋମ, ଯେତେବେଳେ ତୁମେ ଦୁହେଁ ପଣିମାନଙ୍କଠାରୁ ଗାଭୀଗଣଙ୍କୁ ବଳପୂର୍ବକ ଆଣିଲ, ସେତେବେଳେ ତୁମ ଦୁହିଁଙ୍କର ବୀରତ୍ୱପୂର୍ଣ୍ଣ ଶକ୍ତି ସଜ୍ଞାନ ହୋଇ ଉଠିଥିଲା ।'' (୧।୯୩।୪) ।[୭] ଅନ୍ୟ ଏକ ମନ୍ତ୍ରରେ ଏହି ବିଜୟ-ଲାଭ କର୍ମରେ ସୋମ ଇନ୍ଦ୍ରଙ୍କର ସହଚର ଥିଲେ ବୋଲି କୁହାଯାଇଛି । ''ଶକ୍ତିଜାତ ଏହି ଦେବତା (ସୋମ) ଇନ୍ଦ୍ରଙ୍କ ସହିତ ସଖା ରୂପେ ରହି ପଣିମାନଙ୍କୁ ରୋକିଥିଲେ''[୮] ଓ ଦସ୍ୟୁମାନଙ୍କ ବିରୋଧରେ ହେଉଥିବା ସଂଗ୍ରାମରେ ଦେବତାମାନଙ୍କର ସମସ୍ତ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ (୬।୪୪।୨୨) । ଏହି କାର୍ଯ୍ୟରେ ସାଫଲ୍ୟ ପାଇଁ ଅଶ୍ୱିନଦ୍ୱୟଙ୍କର ବି ପ୍ରଶଂସା କରାଯାଇଛି, ଯଥା — ''ତୁମେ ଦୁହେଁ ଗାଭୀପୂର୍ଣ୍ଣ ଦୃଢ଼ ବ୍ରଜର ଦ୍ୱାର ଖୋଲି ଦିଅ'' (୬।୬୨।୧୧) ।[୯] ପୁଣି ୧।୧୧୨।୧୮ ମନ୍ତ୍ରରେ କୁହାଯାଇଛି — ''ହେ ଆଙ୍ଗିରସ (ଯମଜ ଅଶ୍ୱିଦ୍ୱୟ କେତେକ ସ୍ଥଳରେ ଏକବାଚୀ ଶବ୍ଦରେ ସମାବିଷ୍ଟ) ତୁମେ ଦୁହେଁ ମତି ଦ୍ୱାରା ଆନନ୍ଦିତ ହୁଅ ଏବଂ ଗୋ-ସ୍ରୋତ ଉନ୍ମୋଚନ କାର୍ଯ୍ୟରେ ସର୍ବାଗ୍ରେ ପ୍ରବୃତ୍ତ ହୁଅ,''[୧୦] ଏଠାରେ ଗୋ-ସ୍ରୋତର ମୁକ୍ତି ତଥ୍ୟଟିରେ ଦିବ୍ୟ ଜ୍ଯୋତିଃର ସ୍ରୋତ ବା ସାଗରର ବହିରାଗମନ ଅର୍ଥ ଅତ୍ୟନ୍ତ ସ୍ପଷ୍ଟ ।

---

[୫] ସତ୍ୟା ସତ୍ୟେଭିର୍ମହତୀ ମହଦ୍ଭିର୍ଦେବୀ ଦେବେଭିର୍ୟଜତା ୟଜଦ୍ଭିଃ ।
ରୁଜଦ୍ ଦୃଳ୍ହାନି ଦଦଦୁସ୍ରିୟାଣାଂ ପ୍ରତି ଗାବ ଉଷସଂ ବାବଶନ୍ତ ॥ (୬।୭୫।୭)

[୬] ତା ୟୋଧିଷ୍ଟମଭି ଗାଃ ।

[୭] ଅଗ୍ନୀଷୋମା ଚେତି ତଦ୍ୱୀର୍ୟଂ ବାଂ ୟଦମୁଷ୍ଣୀତମବସଂ ପଣିଂ ଗାଃ ।

[୮] ଅୟଂ ଦେବଃ ସହସା ଜାୟମାନ ଇନ୍ଦ୍ରେଣ ୟୁଜା ପଣିମସ୍ତଭାୟତ୍ । ୬।୪୪।୨୨

[୯] ଦୃଳ୍ହସ୍ୟ ଚିତ୍ ଗୋମତୋ ବି ବ୍ରଜସ୍ୟ ଦୁରୋ ବର୍ତ୍ତମ୍ ।

[୧୦] ୟାଭିରଙ୍ଗିରୋ ମନସା ନିରଣ୍ୟଥୋଽଗ୍ରଂ ଗଚ୍ଛଥୋ ବିବରେ ଗୋ-ଅର୍ଣସଃ ।

ଏହାଠାରୁ ଆହୁରି ଅଧିକ ସ୍ଥଳରେ ଏହି ବିଜୟର ନାୟକ ରୂପେ ବୃହସ୍ପତିଙ୍କୁ ଦେଖିବାକୁ ପାଉ । ''ସପ୍ତାନନ, ବହୁଧା ଜାତ ଓ ସପ୍ତରଶ୍ମିଯୁକ୍ତ ବୃହସ୍ପତି ପରମବ୍ୟୋମର ମହାଜ୍ୟୋତିଃରୁ ପ୍ରଥମେ ଜନ୍ମଗ୍ରହଣ କରି ସମସ୍ତ ଅନ୍ଧକାର ଦୂରକଲେ; ସେ 'ସ୍ରୁଚ' ଓ ଋକ୍ ସମ୍ପନ୍ନ ସହଚରମାନଙ୍କ ସହିତ ମିଶି ତାଙ୍କ ରବ ଦ୍ୱାରା ବଳକୁ ଖଣ୍ଡ ବିଖଣ୍ଡ କରିଦେଲେ । ବୃହସ୍ପତି ତାଙ୍କ ଉଚ୍ଚସ୍ୱର ଦ୍ୱାରା ହବ୍ୟକୁ ତ୍ୱରାନ୍ୱିତ କରୁଥିବା ଭାସ୍ୱର ଗୋଯୂଥମାନଙ୍କୁ ଊର୍ଦ୍ଧ୍ୱଦିଗକୁ ଚାଳନ କଲେ ଏବଂ ସେମାନେ ତା'ର ଉତ୍ତରରୂପେ ହମ୍ବାରବ କଲେ'' (୪।୫୦।୪-୫)[୧୧] । ଆଉମଧ୍ୟ ୬।୭୩।୧ ଓ ୩ ମନ୍ତ୍ରରେ କୁହାଯାଇଛି — ବୃହସ୍ପତି ହେଲେ ଅଦ୍ରିଭେଦକ ପ୍ରଥମ ଜାତ ତଥା ଆଙ୍ଗିରସ... ବୃହସ୍ପତି ପ୍ରଚୁର ଧନ (ବସୂନି) ଜୟ କରିଥିଲେ, ଆଉ ମଧ୍ୟ ଏହି ଦେବତା ଗୋ-ପୂର୍ଣ୍ଣ ଅନେକ ବୃହତ୍ ବ୍ରଜ (ଗୋଷ୍ଠ) ଜୟ କରିଥିଲେ ।[୧୨] ଅପେକ୍ଷାକୃତ କମ୍ ପ୍ରତ୍ୟକ୍ଷଭାବରେ ହେଲେ ମଧ୍ୟ ବୃହସ୍ପତିଙ୍କ ପରି ଋକ୍‌ଗାୟକ ମରୁତମାନଙ୍କୁ ମଧ୍ୟ ଏହି ଦିବ୍ୟକର୍ମରେ ସଂପୃକ୍ତ କରାଯାଇଛି — ''ହେ ମରୁଦ୍‌ଗଣ, ତୁମେମାନେ ଯାହାକୁ ପରିପୋଷଣ କର ସେ ଗୋ-ବନ୍ଦୀଶାଳାର ଅବରୋଧକୁ ବିଚୂର୍ଣ୍ଣ କରିବାକୁ ସମର୍ଥ ହୁଏ'' (୬।୬୬।୮) ।[୧୩] ଅନ୍ୟ ଏକ ମନ୍ତ୍ରରେ (୧।୩୮।୨)[୧୪] ମରୁତ୍‌ମାନଙ୍କ ଗାଭୀ ବିଷୟରେ ଶୁଣିବାକୁ ମିଳେ । ସୂର୍ଯ୍ୟଦେବଙ୍କର ଅନ୍ୟତମ ରୂପ ପୂଷନ୍ ଅର୍ଥାତ୍ ପରିପୋଷକ, ଏହାଙ୍କୁ ମଧ୍ୟ ଅପହୃତ ଗୋଯୂଥର ଅନୁଧାବକ କୁହାଯାଏ ଓ ପୁନରୁଦ୍ଧାର ନିମନ୍ତେ ଆବାହନ କରାଯାଏ (୬।୫୪।୫,୧୦)[୧୫] ''ପୂଷା ଆମ ଗୋମାନଙ୍କୁ ଅନୁସରଣ କରନ୍ତୁ ଓ ଆମର ଯୁଦ୍ଧାଶ୍ୱମାନଙ୍କୁ ରକ୍ଷା କରନ୍ତୁ ।... ହେ ପୂଷନ୍, ଆମ ଗୋ-ମାନଙ୍କର ଅନୁଧାବନ କର ।... ଯାହା ହଜିଯାଇଥିଲା ତାହା ସେ ଆମ ନିକଟକୁ ଫେରାଇ ଆଣନ୍ତୁ ।'' ଏପରିକି ସରସ୍ୱତୀ ମଧ୍ୟ ପଣିମାନଙ୍କୁ ନାଶ କରନ୍ତି ବୋଲି କୁହାଯାଇଛି ।

---

୧୧ ବୃହସ୍ପତିଃ ପ୍ରଥମଂ ଜାୟମାନୋ ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।
ସପ୍ତାସ୍ୟସ୍ତୁବିଜାତୋ ରବେଣ ବି ସପ୍ତରଶ୍ମିରଧମତ୍ତମାଂସି ।।
ସ ସୁଷ୍ଟୁଭା ସ ରକ୍‌ବତା ଗଣେନ ବଳଂ ରୁରୋଜ ଫଲିଗଂ ରବେଣ ।
ବୃହସ୍ପତିରୁସ୍ରିୟା ହବ୍ୟସୂଦଃ କନିକ୍ରଦତ୍ ବାବଶତୀରୁଦାଜତ୍ ।।

୧୨ ଯୋ ଅଦ୍ରିଭିତ୍ ପ୍ରଥମଜା ଋତାବା ବୃହସ୍ପତିରାଙ୍ଗିରସୋ ହବିଷ୍ମାନ୍ ।...
ବୃହସ୍ପତିଃ ସମଜୟଦ୍ ବସୂନି ମହୋ ବ୍ରଜାନ୍ ଗୋମତୋ ଦେବ ଏଷଃ ।... ୬।୭୩।୧,୩

୧୩ ମରୁତୋ ଯମବଥ... ସ ବ୍ରଜଂ ବର୍ତା ।

୧୪ କ୍ୱ ବୋ ଗାବୋ ନ ରଣ୍ୟନ୍ତି ।

୧୫ ପୂଷା ଗା ଅନ୍ୱେତୁ ନଃ ପୂଷା ରକ୍ଷତ୍ୱର୍ବତଃ (୫),... ପୂଷଞ୍ଛନୁ ପ୍ର ଗା ଇହି
(୬), ପୁନର୍ନୁ ନଷ୍ଟମାଜତୁଃ (୧୦)

ମଧୁଚ୍ଛନ୍ଦାଙ୍କ ୧।୧ ୧।୫ ମନ୍ତ୍ରରେ ଏହି ଚମତ୍କାର ବର୍ଣ୍ଣନା ଅଛି — ''ହେ ବଜ୍ରାଧିପତି, ତୁମେ ବଳ ଦ୍ୱାରା ଅଧିକୃତ ଗାଭୀମାନଙ୍କ ବିବରକୁ ଉନ୍ମୁକ୍ତ କରିଥିଲ । ଦେବତାମାନେ ନିର୍ଭୟରେ ତୁମ ମଧ୍ୟରେ ଦ୍ରୁତଗତିରେ (ଅଥବା, ସେମାନଙ୍କ ଶକ୍ତି ପ୍ରୟୋଗ କରି) ପ୍ରବେଶ କଲେ ।''[୧୬]

ଉପରୋକ୍ତ ବିଭିନ୍ନ ଉକ୍ତି ମଧ୍ୟରେ କ'ଣ କୌଣସି ନିଶ୍ଚିତ ଅର୍ଥ ଅଛି କି ଯାହାଦ୍ୱାରା ଗୋଟିଏ ସୁସଂଗ୍ରଥିତ ବିଚାର ମଧ୍ୟରେ ଏ ସମସ୍ତକୁ ଏକତ୍ର ସ୍ଥାନାପନ୍ନ କରିଦେଇ ହେବ, ଅଥବା କୁହାଯିବ ଯେ ଋଷିମାନେ ସେମାନଙ୍କର ଅପହୃତ ଗାଭୀମାନଙ୍କ ଅନ୍ୱେଷଣ ପାଇଁ ଓ ଯୁଦ୍ଧ ପାଇଁ ଇଚ୍ଛାନୁସାରେ ବର୍ତ୍ତମାନ ଏକ ଦେବତାଙ୍କୁ ଓ ପରେ ଅନ୍ୟ ଦେବତାଙ୍କୁ ଆବାହନ କରିଛନ୍ତି ? ଯଦି ଆମେ ବେଦର ବିଭିନ୍ନ ଅଂଶକୁ ପୃଥକ୍ ପୃଥକ୍‌ରୂପେ ବିଚାର କରିବା ଦ୍ୱାରା ନିଜକୁ ବିଭ୍ରାନ୍ତ ନ କରି ବେଦର ଭାବନାଗୁଡ଼ିକୁ ଅବିଚ୍ଛେଦ୍ୟ ଏକ କଳେବର ରୂପେ ଗ୍ରହଣ କରିବାକୁ ସମ୍ମତ ହେଉ, ତେବେ ଏହାର ଏକ ଅତ୍ୟନ୍ତ ସରଳ ଓ ପର୍ଯ୍ୟାପ୍ତ ଉତ୍ତର ପାଇବା । ହୃତ ଗୋଯୂଥର ବିଷୟବସ୍ତୁ ହେଉଛି ପରସ୍ପର ସମ୍ବନ୍ଧିତ ପ୍ରତୀକ ଓ ରୂପ-କଳ୍ପଗତ ସମଗ୍ର ଶୈଳୀର ଗୋଟିଏ ଅଂଶ ମାତ୍ର । ଯଜ୍ଞ ଦ୍ୱାରା ସେମାନଙ୍କର ପୁନରୁଦ୍ଧାର କରାଯାଏ ଏବଂ ପ୍ରଜ୍ୱଳିତ ଅଗ୍ନିଦେବତା ହେଉଛନ୍ତି ଯଜ୍ଞର ଶିଖା, ଶକ୍ତି ତଥା ପୁରୋହିତ;— ବାକ୍ ଦ୍ୱାରା ମଧ୍ୟ ସେହି ପୁନରୁଦ୍ଧାର କାର୍ଯ୍ୟ କରାଯାଏ, ସେଠାରେ ବୃହସ୍ପତି ବାକ୍‌ର ଜନକ, ଆଉ ମଧ୍ୟ ଏହି ଯଜ୍ଞରେ ମରୁତ୍-ଗଣ ହେଉଛନ୍ତି ଗାୟକ ବା ବ୍ରହ୍ମା — **ବ୍ରହ୍ମାଣୋ ମରୁତଃ** — ସରସ୍ୱତୀ ଏହାର ଆନ୍ତର ପ୍ରେରଣା;— ସୋମରସ ଦ୍ୱାରା ମଧ୍ୟ ଏହା କରାଯାଏ, ଏଠାରେ ସୋମ ହେଉଛନ୍ତି ଆନନ୍ଦରସର ଦେବତା, ଅଶ୍ୱିଦ୍ୱୟ ହେଉଛନ୍ତି ସେମାନଙ୍କର ଅନୁସନ୍ଧାନକାରୀ, ଆବିଷ୍କାରକ, ପ୍ରଦାତା ଓ ଆସ୍ୱାଦକ । ଗୋଯୂଥ ହେଲେ ଜ୍ୟୋତିଃର ପୁଞ୍ଜ ଏବଂ ଉଷା ତଥା ପୂଷା (ପୂଷନ୍) ରୂପୀ ସୂର୍ଯ୍ୟଙ୍କ ଦ୍ୱାରା ଏହି ଜ୍ୟୋତିଃର ଆଗମନ ଘଟିଥାଏ, ଶେଷରେ ଏହି ସମସ୍ତ ଦେବତାମାନଙ୍କ ମଧ୍ୟରେ ପ୍ରମୁଖ, ଆଲୋକର ପ୍ରଭୁ ତଥା ସ୍ୱଃ-ନାମରେ ଅଭିହିତ ଜ୍ୟୋତିର୍ମୟ ସ୍ୱର୍ଗର ରାଜା ଇନ୍ଦ୍ରଙ୍କ କଥା ଆସେ ଯିଏ ହେଲେ ଆମ ମତରେ ଜ୍ୟୋତିର୍ମୟ ମନ ବା ଦିବ୍ୟମନ, ସର୍ବଦେବ ଯାହାଙ୍କ ମଧ୍ୟରେ ପ୍ରବେଶ କରି ପ୍ରଚ୍ଛନ୍ନ ଆଲୋକକୁ ଅନାବୃତ କରିବା କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି । ତେଣୁ ଆମେ ଦେଖୁ ଯେ ଉକ୍ତ ବିଭିନ୍ନ ଦେବତାଙ୍କୁ ସମାନଭାବରେ ଏହି ଏକ ତଥା ସମାନ ବିଜୟ-ଗୌରବରେ ଯଥାର୍ଥ ମାନ୍ୟତା ଦିଆଯାଇଛି ଏବଂ ମଧୁଚ୍ଛନ୍ଦାଙ୍କ ସୂକ୍ତର ବର୍ଣ୍ଣନା ଅନୁସାରେ ବଳ ଉପରେ ପ୍ରହାର ନିମନ୍ତେ ଦେବତାମାନେ ଇନ୍ଦ୍ରଙ୍କ ମଧ୍ୟରେ ପ୍ରବେଶ କରନ୍ତି । ଏଥିରେ ଏପରି କିଛି ନାହିଁ ଯାହାକୁ ଯଦୃଚ୍ଛାଭାବେ ଅଥବା ଚିନ୍ତାଧାରାର ବିଭ୍ରାନ୍ତିକର ପ୍ରବାହରେ ଭାସମାନ

---

[୧୬] ତ୍ୱଂ ବଳସ୍ୟ ଗୋମତୋଽପାବରଦ୍ରିବୋ ବିଲମ୍ ।
ତ୍ୱାଂ ଦେବା ଅବିଭ୍ୟୁଷସ୍ତୁଜ୍ୟାମାନାସ ଆବିଷୁଃ ॥

ଅବସ୍ଥାରେ କରାଯାଇଛି । ନିଜର ସଙ୍ଗତି ଓ ସୁଷମା ଦ୍ୱାରା ବେଦ ନିଜର ସଙ୍ଗତିପୂର୍ଣ୍ଣ ଏକତ୍ୱ ମଧ୍ୟରେ ନିର୍ଦୋଷ ଓ ଶୋଭାମୟ ।

ଆହୁରି ମଧ୍ୟ ଜ୍ୟୋତିଃର ଜୟ ବୈଦିକ ଯଜ୍ଞର ମହତ୍ କର୍ମର ଗୋଟିଏ ଅଂଶ ମାତ୍ର । ଏହି ଯଜ୍ଞ ଦ୍ୱାରା ଦେବତାମାନେ ଅମୃତତ୍ୱର ଜୟ ନିମନ୍ତେ ବର (ବିଶ୍ୱା ବାର୍ଯ୍ୟା) ଲାଭ କରନ୍ତି ଯାହାକି ପ୍ରଚ୍ଛନ୍ନ ଜ୍ୟୋତିଃର ବହିଃପ୍ରକାଶ — ଏହା ହେଉଛି ଉକ୍ତ ବରମାନଙ୍କ ମଧ୍ୟରୁ ଗୋଟିଏ । ଜ୍ୟୋତିଃ ବା ଗୋ ପରି ଶକ୍ତି ବା ଅଶ୍ୱ — ଅତି ପ୍ରୟୋଜନୀୟ । କେବଳ ଯେ 'ବଳ' ନିକଟରେ ଉପସ୍ଥିତ ହୋଇ ତା ଦୃଢ଼ କବଳରୁ ଆଲୋକକୁ ଜୟକରି ଆଣିବାକୁ ହେବ ତା' ନୁହେଁ, ବୃତ୍ରକୁ ମଧ୍ୟ ବଧକରି ଜଳ-ଧାରାଗୁଡ଼ିକୁ ମୁକ୍ତ କରିବା ଆବଶ୍ୟକ । ଗୋ-ଯୂଥଙ୍କ ଉଦୟର ଅର୍ଥ ଉଷା ଓ ସୂର୍ଯ୍ୟଙ୍କ ଉଦୟ ଏବଂ ଯଜ୍ଞ, ଅଗ୍ନି ଓ ସୋମରସ ବ୍ୟତୀତ ଏହା କଦାପି ସଂପୂର୍ଣ୍ଣ ହୋଇ ନ ପାରେ । ଯଦିଓ କେତେବେଳେ ଏମାନଙ୍କୁ ପୃଥକ୍ ପୃଥକ୍ ଭାବରେ ଉତ୍‌ଥାପନ କରାଯାଇଛି ତ କେତେବେଳେ ମିଳିତଭାବରେ, କେତେବେଳେ ସମଗ୍ର ଭାବେ ଏକହିଁ କର୍ମ କଲା ଭଳି କୁହାଯାଇଛି, ତଥାପି ଏହି ସମସ୍ତ ବିଷୟ ଗୋଟିଏ କର୍ମଧାରାର ବିଭିନ୍ନ ଅଂଶ, ଏକ ମହାନ୍ ପୂର୍ଣ୍ଣ ବିଜୟ । ଗୋମାନଙ୍କୁ ଅଧିଗ୍ରହଣ କରିବାର ଫଳ ହେଉଛି ବୃହତ୍ ସତ୍ୟର ଆତ୍ମପ୍ରକାଶ ଓ ସ୍ୱର୍‌ଲୋକର ଅର୍ଥାତ୍ ଜ୍ୟୋତିର୍ମୟ ଜଗତର ଜୟ,— ଯାହାକୁ ବିଭିନ୍ନ ସ୍ଥଳରେ ବୃହତ୍ ଅପରଲୋକ ''ଉରୁମ୍ ଉ ଲୋକମ୍'' ବା ସହଜଭାବେ ଖାଲି 'ଉ ଲୋକମ୍' ବୋଲି କୁହାଯାଏ । ଋଗ୍‌ବେଦର ବିଭିନ୍ନ ଅନୁଚ୍ଛେଦରେ ଏହିସବୁ ପ୍ରତୀକର ଯେଉଁ ପୃଥକ୍ ପୃଥକ୍ ଉପସ୍ଥାପନ ରହିଛି ସର୍ବାଗ୍ରେ ଆମକୁ ସେସବୁର ଐକ୍ୟ ଉପଲବ୍ଧି କରିବାକୁ ହେବ ।

ପୂର୍ବସୂଚିତ (୬।୭୩) ସୂକ୍ତର ତିନିଋକ୍ ବିଶିଷ୍ଟ ଅନୁବାକ୍‌ରେ ସଂକ୍ଷେପରେ ଉକ୍ତ ପ୍ରତୀକଗୁଡ଼ିକୁ ପରସ୍ପରର ଐକ୍ୟ ପ୍ରଦର୍ଶନ ପୂର୍ବକ ଏକତ୍ର ଉପସ୍ଥାପନା କରାଯାଇଛି । ଏହା ବେଦର ପ୍ରାୟ ଏକ ସ୍ମୃତି-ସହାୟକ ସୂକ୍ତ ରୂପେ ଅଭିହିତ ଏବଂ ଯାହା ଏହାର ଅର୍ଥ ଓ ପ୍ରତୀକବାଦର ଏକତ୍ର ସମାବେଶକୁ ସ୍ମୃତିରେ ଧାରଣ କରିବାରେ ସହାୟକ ହୁଏ । ''ଯିଏ ଅଦ୍ରିଭେଦକ, ପ୍ରଥମ ଜାତ, ଗତବାନ୍, ଅଙ୍ଗିରସ, ଆହୁତିଦାତା, ଉଭୟ ଜଗତରେ ବ୍ୟାପ୍ତିଶୀଳ, ସୂର୍ଯ୍ୟଙ୍କ ଉତ୍ତାପ ଓ ଆଲୋକରେ ଅଧିଷ୍ଠିତ, ସିଏ, ଆମର ପିତା — ବୃହସ୍ପତି ବୃଷଭ ପରି ଦ୍ୟାବା-ପୃଥିବୀ ଉଦ୍ଦେଶ୍ୟରେ ଉଚ୍ଚ ସ୍ୱରରେ ରବ କରନ୍ତି ॥୧॥ ଏହି ବୃହସ୍ପତିହିଁ ସମୁଦ୍ର-ଯାତ୍ରୀ ମନୁଷ୍ୟ ନିମନ୍ତେ ଦେବତାଙ୍କ ଆବାହନରେ ସେହି 'ଅନ୍ୟ ଲୋକ' ନିର୍ମାଣ କରିଛନ୍ତି, ସେ ବୃତ୍ରଶକ୍ତିମାନଙ୍କୁ ବଧ କରି ସେହି ସମସ୍ତ ପୁରୀକୁ ବିଦୀର୍ଣ୍ଣ କରନ୍ତି, ଯୁଦ୍ଧରେ ଶତ୍ରୁକୁ ପରାଜିତ କରି ଅମିତ୍ରମାନଙ୍କୁ ଅଭିଭୂତ କରନ୍ତି ॥୨॥ ବୃହସ୍ପତି ତା' ପାଇଁ (ମନୁଷ୍ୟ ପାଇଁ) ବିବିଧ ସମ୍ପଦ ଜୟ କରିଛନ୍ତି, ଏହି ଦେବତା ଗୋପୂର୍ଣ୍ଣ ବୃହତ୍ ଗୋଷ୍ଠସମୂହ ଜୟ

କରିଛନ୍ତି, ଏଠାରେ ସ୍ୱର୍ଗୋକର ବିଜୟ ହେଉ ବୋଲି ଚାହୁଁଥିବା ବୃହସ୍ପତି ଦୀପ୍ତିର ସ୍ତୁତିବାକ୍ ଦ୍ୱାରା (ଅର୍କୈଃ) ଶତ୍ରୁକୁ ବିନାଶ କରନ୍ତି'' ॥୩॥[୧୭] ଆମେ ଏଠାରେ ଏହି ବହୁବିଧ ପ୍ରତୀକବାଦର ଯୁଗପତ୍ ସମାବେଶ ଦେଖିବାକୁ ପାଉ ।

ଅନ୍ୟ ଏକ ସୂକ୍ତାଂଶରେ ଉଷା ଓ ସୂର୍ଯ୍ୟଙ୍କ ମଧ୍ୟରେ ଆଲୋକର ପୁନରୁଦ୍ଧାର ବା ନବଜନ୍ମର ଭାବନା ବିଷୟରେ ଅଧିକ ରହସ୍ୟମୟ ଭାଷାରେ କୁହାଯାଇଛି ଯାହାକି ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ରଚିତ ସଂକ୍ଷିପ୍ତ ସୂକ୍ତରେ ଦୃଢ଼ତାର ସହ କୁହାଯାଇ ନାହିଁ । ପୂର୍ବରୁ ଉଲ୍ଲିଖିତ ସୋମସ୍ତୁତିରେ ଥିବା ପ୍ରଥମ ଋକ୍‌ରେ ଏ ବିଷୟରେ ବର୍ଣ୍ଣନା କରାଯାଇଛି (୬।୪୪।୨୨) — ''ଶକ୍ତିଜାତ, ଏହି ଦେବତା (ସୋମ) ଇନ୍ଦ୍ରଙ୍କ ସହିତ ସଖା ରୂପେ ରହି ପଣିକୁ ପ୍ରତିହତ କଲେ, ସେ ତାଙ୍କର ଅଶୁଭ ପିତା(ବିଭକ୍ତ ସତ୍ତା)ଙ୍କଠାରୁ ଯୁଦ୍ଧର ସମସ୍ତ ଅସ୍ତ୍ରଶସ୍ତ୍ର ଓ ଜ୍ଞାନର ରୂପ ସମୂହକୁ (ମାୟାଃ) ବଳପୂର୍ବକ ଅପହରଣ କଲେ, ॥୨୨॥ ସେ ହିଁ ଉଷାମାନଙ୍କୁ ସେମାନଙ୍କ ପତିଙ୍କ ସହ ସଂଯୁକ୍ତ କରି ମହିମାନ୍ୱିତ କଲେ, ସେ ହିଁ ସୂର୍ଯ୍ୟଙ୍କ ମଧ୍ୟରେ ଅନ୍ତର୍ଜ୍ୟୋତି ରଚନା କଲେ, ସ୍ୱର୍ଗର ଉଜ୍ଜ୍ୱଳ ପ୍ରଦେଶମାନଙ୍କରେ (ତ୍ରି-ସ୍ୱର୍ଗରେ) (ଅମୃତତ୍ୱର) ତ୍ରିତତ୍ୱ ଲାଭ କଲେ ଏବଂ ସେ ହିଁ ତ୍ରିଧା ବିଭକ୍ତ ଜଗତମାନଙ୍କରେ ପ୍ରଚ୍ଛନ୍ନ ହୋଇ ରହିଥିବା ଅମୃତତ୍ୱକୁ ମଧ୍ୟ ପ୍ରାପ୍ତ ହେଲେ । (ଅଗ୍ନିଙ୍କୁ ସମ୍ବୋଧନ କରି ରଚିତ ଅତ୍ରିଙ୍କ ସୂକ୍ତରେ ଅମୃତକୁ ବିଭିନ୍ନ ଅଂଶରେ ବିଭକ୍ତ କରି ଅର୍ଥାତ୍ ଦେହ, ପ୍ରାଣ ଓ ମନ ରୂପକ ତିନିଟି ସ୍ତରରେ, 'ତ୍ରିଷୁ ସାନୁଷୁ', ତ୍ରିଧା ବିଭକ୍ତ ସୋମ ନିବେଦନ ବିଷୟ କୁହାଯାଇଛି) ॥୨୩॥ ସେ ପ୍ରଶସ୍ତ ଭାବେ ଦ୍ୟୌଃ ଓ ପୃଥିବୀକୁ ଧାରଣ କଲେ, ସେ ସପ୍ତ ରଶ୍ମି ସହ ରଥ ସଂଯୁକ୍ତ କଲେ

---

୧୭ ଯୋ ଅଦ୍ରିଭିତ୍ ପ୍ରଥମଜା ଋତାବା ବୃହସ୍ପତିରଙ୍ଗିରସୋ ହବିଷ୍ମାନ୍ ।
ଦ୍ୱିବର୍ହଜ୍ମା ପ୍ରାଘର୍ମସତ୍ ପିତା ନ ଆ ରୋଦସୀ ବୃଷଭୋ ରୋରବୀତି ॥୧॥
ଜନାୟ ଚିଦ୍ ଯ ଈବତ ଉ ଲୋକଂ ବୃହସ୍ପତିର୍ଦେବହୂତୌ ଚକାର ।
ଘ୍ନନ୍ ବୃତ୍ରାଣି ବି ପୁରୋ ବର୍ଦରୀତି ଜୟଞ୍ଛତ୍ରୂଁରମିତ୍ରାନ୍ ପୃତ୍ସୁ ସାହନ୍ ॥୨॥
ବୃହସ୍ପତିଃ ସମଜୟଦ୍ ବସୂନି ମହୋ ବ୍ରଜାନ୍ ଗୋମତୋ ଦେବ ଏଷଃ ।
ଅପଃ ସିଷାସନ୍ସ୍ୱରପ୍ରତୀତୋ ବୃହସ୍ପତିର୍ହନ୍ତ୍ୟମିତ୍ରମର୍କୈଃ ॥୩॥
୧୮ ଅୟଂ ଦେବଃ ସହସା ଜାୟମାନ ଇନ୍ଦ୍ରେଣ ଯୁଜା ପଣିମସ୍ତଭାୟତ୍ ।
ଅୟଂ ସ୍ୱସ୍ୟ ପିତୁରାୟୁଧାନୀନ୍ଦୂରମୁଷ୍ଣାଦଶିବସ୍ୟ ମାୟାଃ ॥୨୨॥
ଅୟମକୃଷ୍ଣୋଦୁଷସଃ ସୁପତ୍ନୀରୟଂ ସୂର୍ଯେ ଅଦଧାଜ୍ଜ୍ୟୋତିରନ୍ତଃ ।
ଅୟଂ ତ୍ରିଧାତୁ ଦିବି ରୋଚନେଷୁ ତ୍ରିତେଷୁ ବିନ୍ଦଦମୃତଂ ନିଗୂଳ୍ହମ୍ ॥୨୩॥
ଅୟଂ ଦ୍ୟାବାପୃଥିବୀ ବି ଷଭାୟଦୟଂ ରଥମୟୁନକ୍ ସପ୍ତରଶ୍ମିମ୍ ।
ଅୟଂ ଗୋଷୁ ଶଚ୍ୟା ପକ୍ୱମନ୍ତଃ ସୋମୋ ଦାଧାର ଦଶୟନ୍ତମୁସ୍ରମ୍ ॥୨୪॥ (୬।୪୪)

ଏବଂ ସେ ଗୋମାନଙ୍କ ମଧ୍ୟରେ ପକ୍ୱ ଫଳ ସ୍ୱରୂପ ଘୃତ ବା ମଧୁ ଏପରିଙ୍କି ଦଶ ଗତିବୃତ୍ତିର ଉତ୍ସକୁ ସ୍ଥାପନ କଲେ (୬।୪୪।୨୨-୨୪)[୧୮]'' । ମୋତେ ସତରେ ଆଶ୍ଚର୍ଯ୍ୟ ବୋଧହୁଏ ଯେ ଏପରି ତୀକ୍ଷ୍ଣବୁଦ୍ଧି-ସମ୍ପନ୍ନ ଉତ୍ସାହୀ ବୁଦ୍ଧିମାନ୍ ବ୍ୟକ୍ତିମାନେ ଏହାକୁ ପ୍ରତୀଚ୍ଛଧର୍ମୀ ତଥା ରହସ୍ୟବାଦୀଙ୍କ ପାବନ କବିତାବଳି ବୋଲି ହୃଦ୍‌ବୋଧ ନ କରି ପ୍ରକୃତି-ଉପାସକ ଅସଭ୍ୟମାନଙ୍କ ଅଥବା ସଭ୍ୟ ବୈଦାନ୍ତିକ ଦ୍ରାବିଡ଼ମାନଙ୍କ ସହିତ ସଂଗ୍ରାମରତ ଆକ୍ରାମକ ଅଶିଷ୍ଟ ଆର୍ଯ୍ୟମାନଙ୍କ କବିତା ନୁହେଁ ବୋଲି ହୃଦ୍‌ବୋଧ ନ କରି ଅଧ୍ୟୟନ କରିଛନ୍ତି କିପରି !

ଏହିସବୁ ପ୍ରତୀକ ଥିବା ବିକ୍ଷିପ୍ତଭାବେ ସନ୍ନିବେଶିତ ଅନ୍ୟ କେତେଟି ସୂକ୍ତାଂଶ ଉପରେ ଆମେ ବର୍ତ୍ତମାନ ସତ୍ୱର ଦୃଷ୍ଟିପାତ କରିବା । ପ୍ରଥମେ ଆମେ ଦେଖୁ ଯେ ପାହାଡ଼ରେ ଥିବା ଗୋ-ଗୋଷ୍ଠର ରୂପକଚ୍ଛରେ ତଥା ଅନ୍ୟାନ୍ୟ ସ୍ଥାନରେ ଗୋ ଏବଂ ଅଶ୍ୱ ଏକତ୍ର ରହିଛନ୍ତି । ଏଥିପୂର୍ବରୁ ଦେଖିଛୁ ଗାଭୀମାନଙ୍କର ଅନ୍ୱେଷଣ ଓ ଅଶ୍ୱମାନଙ୍କ ସୁରକ୍ଷା ନିମନ୍ତେ ପୂଷାଙ୍କୁ ଆହ୍ୱାନ କରାଯାଇଛି । ଆର୍ଯ୍ୟସମ୍ପଦ ସ୍ୱରୂପ ଏ ଦୁଇଟିଯାକ କ'ଣ ଏହି ଲୁଣ୍ଠନକାରୀଙ୍କ ଦୟା ଉପରେ ରହିଛି ? ତେବେ ଆସ ଆମେ ଦେଖିବା — ''ହେ ଶୂର (ଇନ୍ଦ୍ର), ସୋମର ଉଲ୍ଲାସରେ ତୁମେ ଏକ ନଗର ଧ୍ୱଂସ କଲାପରି ଗୋ ଏବଂ ଅଶ୍ୱଙ୍କ ବନ୍ଦୀ-ଗୋଷ୍ଠର ବାଡ଼କୁ ଭାଙ୍ଗି ଖୋଲି ଦେଇଥିଲ (୮।୩୨।୫) ।[୧୯] ''ଆମ ପାଇଁ ସହସ୍ର ସହସ୍ର ଗୋ ଓ ଅଶ୍ୱକୁ ଖୋଲି ଦିଅ'' (୮।୩୪।୧୪) ।[୨୦] ''ହେ ଇନ୍ଦ୍ର ଯେଉଁ ଗୋ, ଅଶ୍ୱ ଓ ଅବିନାଶୀ ଭୋଗ୍ୟବସ୍ତୁମାନଙ୍କୁ ତୁମେ ଧାରଣ କରିଛ, ତାହା ଯଜ୍ଞମାନଠାରେ ଦୃଢ଼ଭାବରେ ସ୍ଥାପନ କର, ପଣିମାନଙ୍କଠାରେ ନୁହେଁ; ଯେ ନିଦ୍ରାଭିଭୂତ, ଯେ ଦିବ୍ୟକର୍ମ (ବ୍ରତ) ସାଧନ କରେ ନା ବା ଦେବାନ୍ୱେଷଣ କରେନା, ସେ ନିଜର ସଂବେଗ ଦ୍ୱାରା ଧ୍ୱଂସ ହେଉ; ତା'ପରେ ସେହି ପରିପୁଷ୍ଟିଶୀଳ ସମ୍ପଦକୁ (ଆମ ମଧ୍ୟରେ) ନିରନ୍ତର ସ୍ଥାପନ କର'' (୮।୯୭।୨,୩) ।[୨୧] ଅନ୍ୟ ଏକ ସୂକ୍ତରେ ପଣିମାନେ ଗୋଧନ ଓ ଅଶ୍ୱଧନ ଅବରୋଧ କରି ରଖନ୍ତି ବୋଲି କୁହାଯାଇଛି । ସେମାନେ ଏପରି ଶକ୍ତି ଯେ ସର୍ବଦା ଏହି ଅଭିଳଷିତ ଧନ ଲାଭ କରନ୍ତି ଅଥଚ ତାହାର ଉପଯୋଗ କରନ୍ତି ନାହିଁ, ଓ ଯେ କୌଣସି ଦିବ୍ୟକର୍ମକୁ (ବ୍ରତକୁ) ଉପେକ୍ଷା କରି ନିଦ୍ରାଗ୍ରସ୍ତ ହେବାକୁ ସୁଖପା'ନ୍ତି, ଏବଂ ସେହି ସମ୍ପତ୍ତି

---

୧୯ ସ ଗୋରଶ୍ୱସ୍ୟ ବି ବ୍ରଜଂ ମନ୍ଦାନଃ ସୋମ୍ୟେଭ୍ୟଃ । ପୁରଂ ନ ଶୂର ଦର୍ଷସି ॥

୨୦ ଆ ନୋ ଗବ୍ୟାନ୍ୟଶ୍ୱା ସହସ୍ରା ଶୂର ଦର୍ଦ୍ଦୃହି ।

୨୧ ୟମିନ୍ଦ୍ର ଦଧ୍ଷେ ତ୍ୱମଶ୍ୱଂ ଗାଂ ଭାଗମବ୍ୟୟମ୍ ।
ୟଜ୍ଞମାନେ ସୁନ୍ୱତି ଦକ୍ଷିଣାବତି ତସ୍ମିନ୍ ତଂ ଧେହି ମା ପଣୌ ।
ୟ ଇନ୍ଦ୍ର ସନ୍ତ୍ୟବ୍ରତୋଽନୁଷ୍ୱାପମଦେବୟୁଃ ।
ସ୍ୱୈଃ ଷ ଏବୈର୍ମୁମୁରତ୍ ପୋଷ୍ୟଂ ରୟିଂ ସନୁତର୍ଧେହି ତଂ ତତଃ ॥

ଯଜ୍ଞମାନର ଅଧିକାରକୁ ଆସିବା ପୂର୍ବରୁ ଏହି ଶକ୍ତିମାନେ ଧ୍ୱଂସ ପାଇଯିବା କିଂବା ପରାଜିତ ହୋଇଯିବା ଉଚିତ । ଆହୁରି ମଧ୍ୟ ଗୋ ଓ ଅଶ୍ୱ ଏପରି ଏକ ପ୍ରଚ୍ଛନ୍ନ ଓ ଅବରୁଦ୍ଧ ସମ୍ପଦର ପ୍ରତୀକ ଯାହା କୌଣସି ଏକ ଦିବ୍ୟଶକ୍ତି ସାହାଯ୍ୟରେ ଅନାବୃତ ବା ମୁକ୍ତ ହେବା ବାଞ୍ଛନୀୟ ।

ଆଉ ମଧ୍ୟ ଭାସ୍ୱର ଗୋଯୂଥର ଜୟ ସହିତ ଉଷା ଓ ସୂର୍ଯ୍ୟଙ୍କୁ ଜୟ କରିବା ବା ସେମାନଙ୍କର ଜନ୍ମ ହେବା ବା ଦୀପ୍ତିମୟ ହୋଇଉଠିବା ବିଷୟ ସର୍ବଦା ସଂଶ୍ଳିଷ୍ଟ, ଏହା ମଧ୍ୟ ଏକ ବିଚାର୍ଯ୍ୟ ବିଷୟ ଯାହାର ତାତ୍ପର୍ଯ୍ୟ ସମ୍ବନ୍ଧରେ ଅନ୍ୟ ଏକ ଅଧ୍ୟାୟରେ ଆଲୋଚନା କରାଯିବ । ପୁଣି ଗୋଯୂଥ, ଉଷା ଓ ସୂର୍ଯ୍ୟଙ୍କ ସହିତ ଜଳଧାରାଗୁଡ଼ିକ ସମ୍ପୃକ୍ତ, କାରଣ ଜଳଧାରାସବୁର ମୁକ୍ତି ସାଙ୍ଗରେ ବୃତ୍ର ବଧ ଏବଂ ଗୋଯୂଥର ମୁକ୍ତି ସହିତ ବଳର ପରାଜୟ — ଏ ଦୁଇଟି ଗାଥା ପରସ୍ପର ସହଗାମିନୀ, ବିଚ୍ଛିନ୍ନ ନୁହନ୍ତି । ଏପରିକି (୧।୩୨।୪) ଋକ୍ ପରି ଅନ୍ୟ କେତେକ ସୂକ୍ତାଂଶରେ କୁହାଯାଇଛି ଯେ ବୃତ୍ରବଧ ହେଉଛି ସୂର୍ଯ୍ୟ, ଉଷା ଓ ଦ୍ୟୌଃଙ୍କ ଜନ୍ମର ଠିକ୍ ପୂର୍ବବର୍ତ୍ତୀ ଘଟଣା ଏବଂ ଅନ୍ୟ ଏକ ଅଂଶରେ କୁହାଯାଇଛି, ଜଳଧାରାଗୁଡ଼ିକର ପ୍ରସ୍ରବଣ ହେବା ପୂର୍ବରୁ ଅଦ୍ରି ଉନ୍ମୁକ୍ତ ହୁଏ । ଏସବୁ ମଧ୍ୟରେ ଥିବା ସାଧାରଣ ସମ୍ପର୍କ ସମ୍ବନ୍ଧରେ ଜାଣିବା ପାଇଁ ନିମ୍ନଲିଖିତ ସୂକ୍ତାଂଶ ଉପରେ ଦୃଷ୍ଟିପାତ କରିବା : ''ଉଷାମାନେ ନିଜ ପୂର୍ଣ୍ଣ ରୂପରେ ପ୍ରଦୀପ୍ତ ଓ ଅକ୍ଷତ ଅବସ୍ଥାରେ ପ୍ରକଟ ହେଲେ; ସେମାନେ (ଅଙ୍ଗିରସମାନେ) ଧ୍ୟାନ କରି ଏହି ବିଶାଳ ଜ୍ୟୋତିଃ ପ୍ରାପ୍ତ ହେଲେ, ଅଭୀପ୍ସୁମାନଙ୍କ ପାଇଁ ଗାଭୀମାନଙ୍କ ବ୍ୟାପ୍ତି ଉନ୍ମୁକ୍ତ ହୋଇଗଲା ଏବଂ ସେମାନଙ୍କ ନିମନ୍ତେ ସ୍ୱର୍ଗରୁ ଜଳଧାରାମାନ ପ୍ରବାହିତ ହେଲା (୭।୯୦।୪) ।''[୭୨] ସେହିପରି (୧।୭୨।୮) ଋକ୍‌ରେ ଅଛି — ସ୍ୱର୍ଗର ସପ୍ତ ମହତୀଗଣ (ସପ୍ତ ନଦୀ) ଋତକୁ ଧୀ ବଳରେ ଜାଣି ଆନନ୍ଦର ଦ୍ୱାରମାନଙ୍କ ସମ୍ବନ୍ଧରେ ଜ୍ଞାନ ଲାଭକଲେ; ସରମା ଗାଭୀମାନଙ୍କର ଦୃଢ଼ ବିସ୍ତୃତି ଆବିଷ୍କାର କଲେ, ଯାହା- ଦ୍ୱାରା ମନୁଷ୍ୟ ଜୀବ ଉପଭୋଗ କରେ ।''[୭୩] ଇନ୍ଦ୍ର ଓ ମରୁତ୍‌ମାନଙ୍କୁ ସମ୍ବୋଧିତ (୧।୧୦୦।୧୮) ଋକ୍‌ରେ କୁହାଯାଇଛି — ''ସେ ନିଜ ଜ୍ୟୋତିର୍ମୟ ସହଚରମାନଙ୍କ ସହିତ କ୍ଷେତ୍ର ଜୟ କଲେ, ସୂର୍ଯ୍ୟଙ୍କୁ ଜୟ କଲେ, ଜଳଧାରାଗୁଡ଼ିକୁ ଜୟ କଲେ ।''[୭୪] ଅଗ୍ନିଙ୍କୁ ସମ୍ବୋଧିତ (୫।୧୪।୪) ଋକ୍‌ରେ ''ଅଗ୍ନି ଜାତ ହୋଇ ଦସ୍ୟୁମାନଙ୍କୁ ନିହତ କଲେ, ଜ୍ୟୋତିଃ ଦ୍ୱାରା ଅନ୍ଧକାରକୁ ବିନଷ୍ଟ କରି ସେ ପ୍ରଦୀପ୍ତ ହୋଇ ଉଠିଲେ; ସେ ଗୋ,

---

୭୨ ଉଚ୍ଛନ୍ନୁଷସଃ ସୁଦିନା ଅରିପ୍ରା ଉରୁ ଜ୍ୟୋତିର୍ବିବିଦୁର୍ଦୀଧ୍ୟାନାଃ ।
ଗବ୍ୟଂ ଚିଦୂର୍ବମୁଶିଜୋ ବି ବବ୍ରୁସ୍ତେଷାମନୁ ପ୍ରଦିବଃ ସସ୍ରୁରାପଃ ॥

୭୩ ସ୍ୱାଧୋ ଦିବ ଆ ସପ୍ତ ଯହ୍ୱୀ ରାୟୋ ଦୁରୋ ବ୍ୟୃତଜ୍ଞା ଅଜାନନ୍ ।
ବିଦଦ୍ ଗବ୍ୟଂ ସରମା ଦୃଳ୍ହମୂର୍ବଂ ୟେନା ନୁ କଂ ମାନୁଷୀ ଭୋଜତେ ବିଟ୍ ॥

୭୪ ସନଦ୍ କ୍ଷେତ୍ରଂ ସଖିଭିଃ ଶ୍ୱିତ୍ନ୍ୟେଭିଃ ସନଦ୍ ସୂର୍ୟଂ ସନଦପଃ ସୁବଜ୍ରଃ ।

ଜଳଧାରା ଓ ସ୍ୱର୍ ପ୍ରାପ୍ତ ହେଲେ ।''[୨୫] ଇନ୍ଦ୍ର ଓ ଅଗ୍ନିଙ୍କୁ ସମ୍ବୋଧିତ (୬।୬୦।୨) ଋକ୍‌ରେ ''ବଳପୂର୍ବକ ଅପହରଣ କରି ନିଆଯାଇଥିବା ଗୋ, ଜଳଧାରା, ସ୍ୱର୍ ଓ ଉଷାମାନଙ୍କ ଉଦ୍ଧାର ନିମନ୍ତେ ତୁମେ ଦୁହେଁ ଯୁଦ୍ଧ କରିଥିଲ; ହେ ଇନ୍ଦ୍ର, ହେ ଅଗ୍ନି, ତୁମେ ଆମ ସହିତ ଦିଗଗୁଡ଼ିକୁ, ସ୍ୱର୍‌କୁ, ଜ୍ୟୋତିର୍ମୟୀ ଉଷାମାନଙ୍କୁ, ଜଳଧାରାମାନଙ୍କୁ ଓ ଗୋମାନଙ୍କୁ ସଂଯୁକ୍ତ କରିଥିଲ ।''[୨୬] ଇନ୍ଦ୍ରଙ୍କୁ ସମ୍ବୋଧିତ ୧।୩୨।୧୨ ଋକ୍‌ରେ କୁହାଯାଇଛି – ''ହେ ଶୂର, ତୁମେ ଗୋ ଜୟ କରିଛ ଓ ତୁମେ ସୋମକୁ ଜୟ କରିଛ; ତୁମେ ସପ୍ତନଦୀର ପ୍ରବାହକୁ ମୁକ୍ତ କରିଛ ।''[୨୭]

ଶେଷ ଉଦ୍ଧୃତିରେ ଆମେ ଦେଖୁ – ଇନ୍ଦ୍ରଙ୍କ ଦ୍ୱାରା ବିଜିତ ବସ୍ତୁମାନଙ୍କ ମଧ୍ୟରେ ଗୋମାନଙ୍କ ସହିତ ସୋମ ମଧ୍ୟ ସମ୍ପୃକ୍ତ । ସାଧାରଣତଃ ସୋମର ମାଦକତାରେ ସେହି ଶକ୍ତି ରହିଛି ଯାହା ବଳରେ ଇନ୍ଦ୍ର ଗୋମାନଙ୍କୁ ଜୟ କରିଆଣନ୍ତି । ଉଦାହରଣତଃ ୩।୪୩।୬ ଋକ୍‌ରେ କୁହାଯାଇଛି – ହେ ସୋମ, ''ଏହାରି ମାଦକତାରେହିଁ ତୁମେ ରୁଦ୍ଧ ଗୋଗୋଷ୍ଠ ଉନ୍ମୁକ୍ତ କରିଛ ।''[୨୮] ପୁନଶ୍ଚ ୨।୧୫।୮ ମନ୍ତ୍ରରେ ଅଛି – ''ଅଙ୍ଗିରସମାନଙ୍କ ଦ୍ୱାରା ସ୍ତୁତ ହୋଇ ସେ ବଳକୁ ବିଦୀର୍ଣ୍ଣ କଲେ ଏବଂ ପର୍ବତର ଦୃଢ଼ ସ୍ଥାନଗୁଡ଼ିକୁ ଭାଙ୍ଗି ଖଣ୍ଡ ବିଖଣ୍ଡ କରିଦେଲେ; ସେମାନଙ୍କ କୃତ୍ରିମ ଅବରୋଧଗୁଡ଼ିକୁ ସେ ଛିନ୍ନ-ଭିନ୍ନ କରିଦେଲେ; ସୋମର ମାଦକତାରେ ମତ୍ତ ହୋଇ ଇନ୍ଦ୍ର ଏସବୁ କାର୍ଯ୍ୟ କଲେ ।''[୨୯] ସେ ଯାହାହେଉ, ସମୟେ ସମୟେ କାର୍ଯ୍ୟଟି ବିପରୀତ ପଦ୍ଧତିରେ ହେବାର ମଧ୍ୟ କଥିତ ଅଛି – ଜ୍ୟୋତିଃହିଁ ସୋମରସର ଆନନ୍ଦ ଆନୟନ କରେ କିଂବା ସେମାନେ ଏକସଙ୍ଗେ ଆସନ୍ତି । ଯେପରି ୧।୬୨।୫ ଋକ୍‌ରେ ଦେଖାଯାଏ – ''ହେ କର୍ମ-ସମ୍ପାଦକ, ତୁମେ ଅଙ୍ଗିରାମାନଙ୍କ ଦ୍ୱାରା ସ୍ତୁତ ହୋଇ ସୂର୍ଯ୍ୟଙ୍କ ସହିତ (ବା ସୂର୍ଯ୍ୟଙ୍କ ଦ୍ୱାରା) ଉଷାମାନଙ୍କୁ ଏବଂ ଗୋମାନଙ୍କ ସହିତ (ବା ଦ୍ୱାରା) ସୋମକୁ ଉନ୍ମୁକ୍ତ କରିଛ ।''[୩୦]

ସୋମପରି ଅଗ୍ନି ମଧ୍ୟ ଯଜ୍ଞର ଏକ ଅପରିହାର୍ଯ୍ୟ ଅଙ୍ଗ, ଏଣୁ ନିମ୍ନୋକ୍ତ

---

୨୫ ଅଗ୍ନିର୍ଜାତୋ ଅରୋଚତ ଘ୍ନନ୍ ଦସ୍ୟୂଞ୍ଜ୍ୟୋତିଷା ତମଃ । ଅବିନ୍ଦନ୍ ଗା ଅପଃ ସ୍ୱଃ ॥

୨୬ ତା ଯୋଧିଷ୍ଟମଭି ଗା ଇନ୍ଦ୍ର ନୂନମପଃ ସ୍ୱରୁଷସୋ ଅଗ୍ନ ଊହ୍ୟାଃ ।
ଦିଶଃ ସ୍ୱରୁଷସ ଇନ୍ଦ୍ର ଚିତ୍ରା ଅପୋ ଗା ଅଗ୍ନେ ୟୁବସେ ନିୟୁତ୍ୱାନ୍ ॥

୨୭ ଅଜୟୋ ଗା ଅଜୟଃ ଶୂର ସୋମମବାସୃଜଃ ସର୍ତବେ ସପ୍ତ ସିନ୍ଧୂନ୍ ।

୨୮ ୟସ୍ୟ ମଦେ ଅପ ଗୋତ୍ରା ବବର୍ଥ ।

୨୯ ଭିନଦ୍ ବଲମଙ୍ଗିରୋଭିର୍ଗୃଣାନୋ ବି ପର୍ବତସ୍ୟ ଦୃଂହିତାନ୍ୟୈରତ୍ ।
ରିଣଗ୍ରୋଧାଂସି କୃତ୍ରିମାଣ୍ୟେଷାଂ ସୋମସ୍ୟ ତା ମଦ ଇନ୍ଦ୍ରଶ୍ଚକାର ॥

୩୦ ଗୃଣାନୋ ଅଙ୍ଗିରୋଭିର୍ଦସ୍ମ ବିବରୁଷସା ସୂର୍ୟେଣ ଗୋଭିରନ୍ଧଃ ।

ଉକ୍ତିଗୁଡ଼ିକରେ ଏମାନଙ୍କ ପରସ୍ପର ସମ୍ବନ୍ଧସୂତ୍ର ମଧ୍ୟରେ ଅଗ୍ନିଙ୍କ ଉପସ୍ଥିତି ଆମେ ଦେଖିବାକୁ ପାଉ, ୭।୯୯।୪ ଋକ୍‌ରେ ଯେପରି କୁହାଯାଇଛି, ''ସୂର୍ଯ୍ୟ, ଉଷା ଓ ଅଗ୍ନିଙ୍କୁ ଜନ୍ମ ଦେଇ ତୁମେ ଦୁହେଁ ସେହି ବିଶାଳ ଅପରଲୋକକୁ ଯଜ୍ଞ ନିମନ୍ତେ (ଯଜ୍ଞର ଲକ୍ଷ୍ୟ ରୂପେ) ନିର୍ମାଣ କରିଛ ।[୩୧] ୩।୩।୧।୧୫[୩୨] ଋକ୍‌ରେ ମଧ୍ୟ ଏହି ସମାନ ସୂତ୍ରକୁ 'ପଥ' ଶବ୍ଦ ସହ ଆମେ ପାଉ । ୭।୪୪।୩[୩୩] ମନ୍ତ୍ରରେ 'ଗୋ' ଶବ୍ଦ ସହିତ ମଧ୍ୟ ତାହା ରହିଛି ।

ଏହି ସମସ୍ତ ଉଦାହରଣରୁ ଜଣାଯିବ ଯେ ବେଦର ବିଭିନ୍ନ ପ୍ରତୀକ ଓ ଆଖ୍ୟାନଗୁଡ଼ିକର ପରସ୍ପର ସହିତ କିପରି ଘନିଷ୍ଠ ସମ୍ପର୍କ ରହିଛି, ତେଣୁ ଅଙ୍ଗିରସ ଓ ପଣିମାନଙ୍କର ଆଖ୍ୟାନକୁ ଗୋଟିଏ ବିଚ୍ଛିନ୍ନ ପୌରାଣିକ ଗାଥା ମନେକରି ଯଦି ଇଚ୍ଛାନୁସାରେ ତା'ର ଅର୍ଥକରୁ ଏବଂ ବେଦର ସାଧାରଣ ଭାବନା ସହିତ ଏହାର କିପରି ମେଳ ରହିଛି ତାହାକୁ ପ୍ରଯତ୍ନର ସହିତ ନ ଦେଖୁ ଏବଂ ଏହି ରୂପକ ଚିତ୍ରକୁ ବହନ କରୁଥିବା ଭାଷାରେ ଉକ୍ତ ଆଖ୍ୟାନଟି ଯେ ବର୍ଣ୍ଣିତ ଏବଂ ତା'ଉପରେ ବେଦର ସାଧାରଣ ଭାବନା ଯେଉଁ ଆଲୋକପାତ କରେ ସେଥିପ୍ରତି ଯଦି ଉଦାସୀନ ରହୁ, ତା'ହେଲେ ଟୀକାର ପ୍ରକୃତ ପଥଟି ଆମେ ହରାଇ ବସିବୁ ।

---

୩୧ ଉରୁଂ ୟଜ୍ଞାୟ ଚକ୍ରଥୁରୁ ଲୋକଂ ଜନୟନ୍ତା ସୂର୍ୟମୁଷାସମଗ୍ନିମ୍ ।

୩୨ ଇନ୍ଦ୍ରୋ ନୃଭିରଜନଦ୍ ଦୀଦ୍ୟାନଃ ସାକଂ ସୂର୍ୟମୁଷସଂ ଗାତୁମଗ୍ନିମ୍ ।

୩୩ ଅଗ୍ନିମୁପ ବ୍ରୁବ ଉଷସଂ ସୂର୍ୟଂ ଗାମ୍ ।

ପଞ୍ଚଦଶ ଅଧ୍ୟାୟ

ନିଖୋଜ ସୂର୍ଯ୍ୟ ଓ ନିଖୋଜ ଗୋବୃନ୍ଦ

ଋଗ୍‌ବେଦର ସୂକ୍ତମାନଙ୍କରେ ସୂର୍ଯ୍ୟ ଓ ଉଷାଙ୍କ ବିଜୟ ବା ପୁନରୁଦୟ ବିଷୟ ପ୍ରାୟ ବହୁବାର ବର୍ଣ୍ଣନା କରାଯାଇଛି । କେତେବେଳେ ଏହାକୁ ସୂର୍ଯ୍ୟଙ୍କୁ ଖୋଜି ପାଇବା କଥାରେ ତ ଆଉ କେତେବେଳେ ସ୍ୱର୍ ବା ସୂର୍ଯ୍ୟଲୋକର ଅନ୍ୱେଷଣ ବା ଜୟ ବିଷୟରେ କୁହାଯାଏ । ବସ୍ତୁତଃ ସାୟଣ ସ୍ୱର୍‌କୁ ସୂର୍ଯ୍ୟଙ୍କର ସମାର୍ଥ-ବାଚକ ଶବ୍ଦ ରୂପେ ଗ୍ରହଣ କରିଛନ୍ତି; କିନ୍ତୁ ବହୁ କ୍ଷେତ୍ରରେ ସ୍ପଷ୍ଟ ରୂପେ ଜଣାଯାଏ ଯେ 'ସ୍ୱର୍' ସାଧାରଣ ସ୍ୱର୍ଗ ଓ ପୃଥିବୀର ଉର୍ଦ୍ଧ୍ୱସ୍ଥ ଏକ ଲୋକ ବା ପରମ ସ୍ୱର୍ଗର ନାମ । ସମୟେ ସମୟେ ଅବଶ୍ୟ ଏହା ସୂର୍ଯ୍ୟ ତଥା ତାଙ୍କ ଦୀପ୍ତି ଦ୍ୱାରା ଗଠିତ ଜଗତ୍ — ଏହି ଉଭୟାତ୍ମକ ସୌରଜ୍ୟୋତିଃ ଅର୍ଥରେ ବ୍ୟବହୃତ । ପୂର୍ବରୁ ଦେଖାଯାଇଛି, ଯେଉଁ ଜଳଧାରାମାନ ପରମ ସ୍ୱର୍ଗରୁ ଅବତରଣ କରନ୍ତି କିଂବା ଇନ୍ଦ୍ର ଓ ତାଙ୍କର ମର୍ତ୍ୟବାସୀ ସହଚରବୃନ୍ଦ ଯାହାକୁ ଜୟ କରନ୍ତି ବା ଭୋଗ କରନ୍ତି ତାକୁ **ସ୍ୱର୍ବତୀଃ ଆପଃ** ବୋଲି ବର୍ଣ୍ଣନା କରାଯାଇଛି । ସାୟଣ ଯେହେତୁ 'ଆପଃ'ର ଅର୍ଥ ଲୌକିକ ଜଳରାଶି ବୋଲି କରିଛନ୍ତି, ସେଥିପାଇଁ ତାଙ୍କୁ ବାଧ ହୋଇ 'ସ୍ୱର୍ବତୀ'ର ଏକ ଭିନ୍ନ ଅର୍ଥ କରିବାକୁ ହୋଇଛି, ଏବଂ ସେ ଏହାର ଅର୍ଥ ସରଣବତୀ ବା ପ୍ରବହମାନା ବୋଲି ସ୍ଥିର କଲେ । କିନ୍ତୁ ସ୍ପଷ୍ଟତଃ ଏହା ଏକ ଜବରଦସ୍ତି ଆରୋପିତ ଅର୍ଥ, କାରଣ ଶବ୍ଦଟିରୁ ଏ ଅର୍ଥର କୌଣସି ସୂଚନା ମିଳେ ନା ବା ଏହାର ଏପରି ଅର୍ଥ କରାଯାଇ ପାରିବ ନାହିଁ । ଇନ୍ଦ୍ରଙ୍କ ବଜ୍ରକୁ ସ୍ୱର୍ଗର ପ୍ରସ୍ତର — **ସୂର୍ୟମ୍ ଅଶ୍ମାନମ୍** — କୁହାଯାଏ, ଏହାର ଅର୍ଥ, ସୌର ଜଗତର ଦୀପ୍ତି ମଧ୍ୟରୁ ଆସିଥିବା ଆଲୋକ । ଇନ୍ଦ୍ର ସ୍ୱୟଂ 'ସ୍ୱର୍ପତି' ବା ଦୀପ୍ତିମୟ ଜଗତର ଅଧିପତି ।

ଆହୁରି ମଧ୍ୟ ଦେଖାଯାଏ ଯେ, 'ଗୋବୃନ୍ଦ'ଙ୍କର ଅନ୍ୱେଷଣ ଓ ପୁନରୁଦ୍ଧାର ସାଧାରଣତଃ ଇନ୍ଦ୍ରଙ୍କ କାର୍ଯ୍ୟ ବୋଲି କୁହାଯାଇଛି, ଏହି କାର୍ଯ୍ୟ ପ୍ରାୟଶଃ ଆଙ୍ଗିରସ ଋଷିମାନଙ୍କ ସାହଚର୍ଯ୍ୟରେ ଏବଂ ଅଗ୍ନି ଓ ସୋମଙ୍କ ମନ୍ତ୍ର ଓ ଯଜ୍ଞ ମାଧ୍ୟମରେ ହୋଇଥାଏ, ସୂର୍ଯ୍ୟଙ୍କ ଅନ୍ୱେଷଣ ଓ ପୁନରୁଦ୍ଧାର କର୍ମ ମଧ୍ୟ ସେହି ସମାନ ସାଧନା ଦ୍ୱାରାହିଁ ହୋଇଥାଏ । ତା'ଛଡ଼ା ଏ ଉଭୟ କର୍ମର କଥା ସର୍ବଦା ଏକାଠି କୁହାଯାଇଛି । ମୋର ମନେ ହୁଏ ଏ ସମସ୍ତ ବସ୍ତୁ ମିଳିତଭାବେ ଏକହିଁ ମହାନ୍ କର୍ମ-ସାଧନାର ବିଭିନ୍ନ ଅଂଶ, ଆମକୁ ଅଭିଭୂତ କଲା ଭଳି ସ୍ୱୟଂ ବେଦରେହିଁ ଏହାର ପ୍ରମାଣ ରହିଛି । 'ଗୋବୃନ୍ଦ' ହେଲେ ସୂର୍ଯ୍ୟ ବା 'ଉଷା'ଙ୍କର ପ୍ରଚ୍ଛନ୍ନ ରଶ୍ମିମାଳା; ଅନ୍ଧକାର ମଧ୍ୟରୁ ସେ ଦୁହିଁଙ୍କର ଅଭ୍ୟୁଦୟହିଁ ଅନ୍ଧକାର ମଧ୍ୟରେ ପ୍ରଚ୍ଛନ୍ନ

ସୂର୍ଯ୍ୟଙ୍କ ପୁନରୁଦୟକୁ ବୁଝାଏ ବା ତାହାର ସୂଚନା ଦିଏ; ଆଉ ମଧ୍ୟ ଏହା ହେଉଛି ସ୍ୱର୍‌ଜୟ ବା ଜ୍ୟୋତିଃର ପରମଲୋକକୁ ଜୟ କରିବାର ଏକ ଅବସ୍ଥା, ଯାହା ସର୍ବଦା ଯଜ୍ଞ ଓ ତା'ର ସମସ୍ତ ଉପକରଣ ତଥା ସହାୟକ ଦେବଗଣଙ୍କ ଦ୍ୱାରା ଲାଭ କରାଯାଏ । ମୋର ମନେ ହୁଏ ନିଃସନ୍ଦେହରେ ବେଦର ଭାଷାହିଁ ଆମକୁ ଏହିସବୁ ସିଦ୍ଧାନ୍ତ ଦେଉଛି; ପୁଣି ସେହି ଭାଷାହିଁ ବୁଝାଇ ଦେଉଛି ଯେ ଏହି ସୂର୍ଯ୍ୟ ଯଦି ଦିବ୍ୟ-ଦୀପ୍ତିପ୍ରଦାୟିନୀ ଶକ୍ତିର ପ୍ରତୀକ ହୁଅନ୍ତି ତେବେ 'ସ୍ୱର୍' ଦିବ୍ୟସତ୍ୟର ଲୋକ ଏବଂ ଦିବ୍ୟସତ୍ୟର ଜୟ ଥିଲା ବୈଦିକ ଋଷିମାନଙ୍କର ଯଥାର୍ଥ ଲକ୍ଷ୍ୟ ଓ ସେମାନଙ୍କର ମନ୍ତ୍ରର ଉଦ୍ଦେଶ୍ୟ । ଏହି ସିଦ୍ଧାନ୍ତରେ ଉପନୀତ ହେବାର ସପକ୍ଷରେ ଥିବା ପ୍ରମାଣଗୁଡ଼ିକୁ ବର୍ତ୍ତମାନ ମୁଁ ଯଥାସମ୍ଭବ ସତ୍ୱରତା ସହ ପରୀକ୍ଷା କରିବି ।

ପ୍ରଥମେ ଦେଖିବା ଋଷିମାନଙ୍କ ମଧ୍ୟରେ ସ୍ୱର୍ ଓ ସୂର୍ଯ୍ୟ ପରସ୍ପରଠାରୁ ପୃଥକ୍ ବୋଲି ଏକ ଧାରଣା ଥିଲେ ମଧ୍ୟ ଏ ଦୁହେଁ ସର୍ବଦା ପରସ୍ପର ଘନିଷ୍ଠଭାବରେ ସଂଶ୍ଳିଷ୍ଟ । ଉଦାହରଣ ସ୍ୱରୂପ ସୋମ ଓ ଇନ୍ଦ୍ରଙ୍କୁ ସମ୍ବୋଧିତ ଭରଦ୍ୱାଜଙ୍କ ସୂକ୍ତରେ ଗୋଟିଏ ଋକ୍ (୬।୭୨।୧) ଅଛି – ''ତୁମେ ସୂର୍ଯ୍ୟଙ୍କୁ ଖୋଜି ପାଇଲ, ତୁମେ ସ୍ୱର୍ଲୋକକୁ ପ୍ରାପ୍ତ ହେଲ, ତୁମେ ସମସ୍ତ ଅନ୍ଧକାର ଓ ସୀମାବନ୍ଧନକୁ ବିନାଶ କଲ'' ।[୧] ଆଉ ମଧ୍ୟ ଇନ୍ଦ୍ରଙ୍କ ପ୍ରତି ବାମଦେବଙ୍କର ଗୋଟିଏ ଋକ୍‌ରେ (୪।୧୬।୪) ଇନ୍ଦ୍ର ଓ ଅଙ୍ଗିରସମାନଙ୍କ ମହତ୍ କର୍ମର ପ୍ରଶଂସା କରାଯାଇଛି – ''ଯେତେବେଳେ ଦୀପ୍ତିର ସ୍ତବ ଦ୍ୱାରା (**ଅର୍କୈଃ**) ସ୍ୱର୍ଲୋକ ଲାଭ କରାଗଲା ଓ ତାହା ସମ୍ପୂର୍ଣ୍ଣ ରୂପେ ପରିଦୃଷ୍ଟ ହେଲା, ଯେତେବେଳେ ସେମାନେ (ଅଙ୍ଗିରସମାନେ) ରାତ୍ରି ମଧ୍ୟରୁ ମହତ୍ ଜ୍ୟୋତିଃକୁ ପ୍ରଦୀପ୍ତ କରାଇଲେ ସେତେବେଳେ ସେ (ଇନ୍ଦ୍ର) ସମସ୍ତ ଅନ୍ଧକାରର ସ୍ଥିତିକୁ ହ୍ରାସ କଲେ (ଅର୍ଥାତ୍, ଅନ୍ଧକାରର ଦୃଢ଼ ଅଧିକାରକୁ ଶିଥିଳ କଲେ) ଯଦ୍ଦ୍ୱାରା ମନୁଷ୍ୟମାନେ ଦର୍ଶନ କରିବାକୁ ସମର୍ଥ ହେବେ'' ।[୨] ପ୍ରଥମ ମନ୍ତ୍ରରେ ଆମେ ଦେଖିଲୁ ସ୍ୱର୍ ଓ ସୂର୍ଯ୍ୟ ପରସ୍ପରଠାରୁ ପୃଥକ୍ ଏବଂ ସ୍ୱର୍ କେବଳ ସୂର୍ଯ୍ୟଙ୍କର ଅନ୍ୟନାମ ନୁହେଁ, କିନ୍ତୁ ତତ୍‌ସହିତ ସ୍ୱର୍‌ପ୍ରାପ୍ତି ଓ ସୂର୍ଯ୍ୟପ୍ରାପ୍ତି ଏ ଦୁଇ କ୍ରିୟା ନିବିଡ଼ ରୂପେ ସମ୍ବନ୍ଧିତ ଏବଂ ବସ୍ତୁତଃ ଏ ଦୁଇଟି ଏକହିଁ କାର୍ଯ୍ୟ ଏବଂ ପରିଣାମରେ ସମସ୍ତ ଅନ୍ଧକାର ଓ ସୀମିତତାର ବିନାଶ । ସେହିପରି ଦ୍ୱିତୀୟ ଋକ୍‌ରେ ସ୍ୱର୍‌କୁ ପ୍ରାପ୍ତ ହେବା ଓ ତାକୁ ଦର୍ଶନ କରିବା ସହିତ ଅନ୍ଧକାର ମଧ୍ୟରୁ ମହାଜ୍ୟୋତିଃର ସ୍ଫୁରଣ କଥା ମଧ୍ୟ ସଂଯୁକ୍ତ, ଅନୁରୂପ ଅନ୍ୟ ସୂକ୍ତମାନଙ୍କରେ ଆମେ ଦେଖୁ ଯେ ଅଙ୍ଗିରସମାନଙ୍କ ଦ୍ୱାରା ଅନ୍ଧକାର

---

୧ ଯୁବଂ ସୂର୍ୟଂ ବିବିଦଥୁର୍ଯୁବଂ ସ୍ୱର୍ବିଶ୍ୱା ତମାଂସ୍ୟହତଂ ନିଦଶ୍ଚ । (ଋ. ୬।୭୨।୧)

୨ ସ୍ୱର୍ୟଦ୍ଦେଦି ସୁଦୃଶୀକମର୍କୈର୍ମହି ଜ୍ୟୋତୀ ରୁରୁଚୁର୍ୟଦ୍ଧ ବସ୍ତୋଃ ।
ଅଛା ତମାଂସି ଦୁଧିତା ବିଚକ୍ଷେ ନୃଭ୍ୟଶ୍ଚକାର ନୃତମୋ ଅଭିଷ୍ଟୌ ॥ (ଋ. ୪।୧୬।୪)

ମଧ୍ୟରେ ଆଚ୍ଛନ୍ନ ସୂର୍ଯ୍ୟଙ୍କର ପୁନରୁଦୟ ଘଟିଛି । ଅଙ୍ଗିରସମାନେ ନିଜ ମନ୍ତ୍ରଶକ୍ତି ବଳରେ ବା ସତ୍ୟମନ୍ତ୍ର ସାହାଯ୍ୟରେ ସୂର୍ଯ୍ୟଙ୍କୁ ପ୍ରାପ୍ତ ହୋଇଥିଲେ । ସେହିପରି ସେମାନେ ସ୍ତୁତି ଦ୍ୱାରା (ଅର୍କୈଃ) ସ୍ୱର୍ଲୋକ ପ୍ରାପ୍ତ ହୋଇଥିଲେ । ସୁତରାଂ ସ୍ୱର୍‌ର ମର୍ମାର୍ଥ ହେଲା ମହାଜ୍ୟୋତିଃ ଏବଂ ସେହି ଜ୍ୟୋତିଃହିଁ ସୂର୍ଯ୍ୟଙ୍କ ଜ୍ୟୋତିଃ ।

'ସ୍ୱର୍' ଯେ ଏକ ଲୋକର ନାମ ଏହା ଯଦି ଅନ୍ୟାନ୍ୟ ସୂକ୍ତଗୁଡ଼ିକରେ ସ୍ପଷ୍ଟ ହୋଇ ନ ଥା'ନ୍ତା ତେବେ ହୁଏତ ସ୍ୱର୍‌ର ପ୍ରତିଶବ୍ଦ ସୂର୍ଯ୍ୟ, ଜ୍ୟୋତିଃ ବା ବ୍ୟୋମ ବୋଲି ଆମେ ଅନୁମାନ କରିଥା'ନ୍ତୁ । ବେଦରେ ଏ ବିଷୟରେ ବାରଂବାର ସୂଚନା ଦିଆଯାଇଛି ଯେ ଏହା ରୋଦସୀର ଅର୍ଥାତ୍ ଦ୍ୟାବାପୃଥିବୀର ଅତୀତ ଏବଂ ଅନ୍ୟ ଭାବରେ ମଧ୍ୟ କୁହାଯାଏ : ଏହା ''ଉରୁ ଲୋକ'' ବା ପ୍ରଶସ୍ତ ଲୋକ ଅଥବା ପ୍ରଶସ୍ତ ଅପରଲୋକ, ''ଉରୁ ଉ ଲୋକ'' ବା କେବଳ ''ଉ ଲୋକ'' ଅର୍ଥାତ୍ ଅନ୍ୟ ଲୋକ । ଏହା ମଧ୍ୟ ବର୍ଣ୍ଣିତ ଯେ ଏହା ଏକ ବିଶାଳ ଜ୍ୟୋତିଃର ଲୋକ, ଏକେବାରେ ଭୟବିମୁକ୍ତ ଲୋକ, ଯେଉଁଠାରେ ସୂର୍ଯ୍ୟରଶ୍ମିରୂପୀ ଗୋବୃନ୍ଦ ଅବାଧରେ ବିହରଣ କରନ୍ତି । ତେଣୁ (୬।୪୭।୮)[୩] ଋକ୍‌ରେ ଆମେ ଦେଖୁ : ''ତୁମେ ତୁମ ଜ୍ଞାନ ବଳରେ ଆମକୁ ଅଭୟ ଓ ସ୍ୱସ୍ତିର ସେହି ଜ୍ୟୋତିର୍ଲୋକ ବା ସ୍ୱର୍ଲୋକକୁ ନେଇଯାଅ — **ସ୍ୱର୍ଜ୍ୟୋତିଃ ଅଭୟଂ ସ୍ୱସ୍ତି** । ୩।୨।୭ ଋକ୍‌ରେ ଅଗ୍ନି ବୈଶ୍ୱାନରଙ୍କୁ ''ସେ ଦ୍ୟାବା ପୃଥିବୀ ତଥା ମହତ୍ ସ୍ୱର୍ଲୋକକୁ ପୂର୍ଣ୍ଣ କରନ୍ତି'' ବୋଲି ବର୍ଣ୍ଣନା କରାଯାଇଛି — **ଆ ରୋଦସୀ ଅପୃଣତ୍ ଆ ସ୍ୱର୍ ମହତ୍** । ସେହିପରି ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ରଚିତ ସୂକ୍ତରେ ବସିଷ୍ଠ କହିଛନ୍ତି (୭।୯୯।୩,୪), ''ହେ ବିଷ୍ଣୁ ତୁମେ ଏହି ପୃଥିବୀ ଓ ସ୍ୱର୍ଗକୁ ଦୃଢ଼ ଭାବେ ପୋଷଣ କରିଛ ଓ ପୃଥିବୀକୁ ସୂର୍ଯ୍ୟଙ୍କ ରଶ୍ମି ଦ୍ୱାରା ଚତୁର୍ଦ୍ଦିଗରୁ ଧାରଣ କରିଛ । ତୁମେ ଦୁହେଁ ଯଜ୍ଞ ନିମନ୍ତେ (ଅର୍ଥାତ୍ ଏହାର ଫଳ ରୂପେ) ସୂର୍ଯ୍ୟ ଉଷା ଓ ଅଗ୍ନିଙ୍କୁ ଜନ୍ମ ଦେବା ସହିତ ଅନ୍ୟ ଏକ ପ୍ରଶସ୍ତ ଲୋକ (ଉରୁମ୍ ଲୋକମ୍) ସୃଷ୍ଟି କରିଛ ।''[୪] ଏଠାରେ ପୁଣି ସ୍ୱର୍ ଅର୍ଥାତ୍ ମହତ୍ ଲୋକ ସହିତ ସୂର୍ଯ୍ୟ ଓ ଉଷାଙ୍କ ଜନ୍ମ ବା ଆବିର୍ଭାବର ସମ୍ପର୍କ କେତେ ଘନିଷ୍ଠ ତାହା ଜଣାଯାଏ । ଏହାରୁ ଯଜ୍ଞର ଫଳ, ଆମ ତୀର୍ଥଯାତ୍ରାର ଅନ୍ତିମ ସ୍ଥଳ ବୋଲି ବି ବର୍ଣ୍ଣନା କରାଯାଇଛି, ସେହି ବୃହତ୍ ଧାମ (ଆବାସ)ରେ ଆମେ ଉପନୀତ ହେଉ ଏବଂ **ଯଜ୍ଞ** କର୍ମକୁ ସମ୍ୟକ୍ ନିର୍ବାହ କରିଥିବା ବ୍ୟକ୍ତିହିଁ ସେହି ଅନ୍ୟ ଧାମକୁ ପ୍ରାପ୍ତ ହୁଅନ୍ତି — **ସୁକୃତାମ୍ ଉ ଲୋକମ୍** । ଅଗ୍ନି ପୃଥିବୀ ଓ ଦ୍ୟୌର ଦୂତ ରୂପେ ସେଠାକୁ ଗମନ କରନ୍ତି ଏବଂ ତା'ପରେ ତାଙ୍କ ସଖା ଦ୍ୱାରା ସେହି

---

[୩] ଉରୁଂ ନୋ ଲୋକମନୁନେଷି ବିଦ୍ୱାନ୍ ସ୍ୱର୍ଜ୍ୟୋତିରଭୟଂ ସ୍ୱସ୍ତି ।

[୪] ''ବ୍ୟପ୍ତଂ ରୋଦସୀ ବିଷ୍ଣବେତେ ଦାଧର୍ଥଂ ପୃଥିବୀମଭିତୋ ମୟୂଖୈଃ ।''
''ଉରୁଂ ଯଜ୍ଞାୟ ଚକ୍ରଥୁରୁ ଲୋକଂ ଜନୟତା ସୂର୍ଯମୁଷାସମଶ୍ୱିମ୍ ॥'' (ଋ. ୭।୯୯।୩,୪)

ବିଶ୍ୱାଳ ଆବାସକୁ ଘେରି ରହନ୍ତି – **କ୍ଷୟଂ ବୃହନ୍ତଂ ପରି ଭୂଷତି** (୩।୩।୨) । ଏହା ହେଉଛି ଆନନ୍ଦ ତଥା ସମସ୍ତ ସମ୍ପଦରେ ପୂର୍ଣ୍ଣ ଏକ ଲୋକ ଯାହାକୁ ବୈଦିକ ଋଷିମାନେ ଲାଭ କରିବାକୁ ଆସ୍ପୃହା କରୁଥିଲେ : ''ହେ ଜାତବେଦ ଅଗ୍ନି, ଉତ୍ତମ କାର୍ଯ୍ୟକର୍ତ୍ତାଙ୍କ ନିମନ୍ତେ ତୁମେ ଆନନ୍ଦର ସେହି ଅନ୍ୟ ଲୋକ ରଚନା କରିବାକୁ ଇଚ୍ଛା କର ଯେଉଁଠାରେ ସେ ଅଶ୍ୱଗଣ, ପୁତ୍ରଗଣ, ବୀରଗଣ ଓ ଗୋଧନ ତଥା ସ୍ୱସ୍ତି ପ୍ରଭୃତି ଆନନ୍ଦ ଧନ ଲାଭ କରିବେ (୫।୪।୧୧)[୫] ।'' ଆଉ ମଧ୍ୟ ଜ୍ୟୋତିଃ ଦ୍ୱାରା ସେହି ପରମ ଆନନ୍ଦ ଲାଭ ହୋଇଥାଏ; ସୂର୍ଯ୍ୟ, ଉଷା ଓ ଦିବସଗୁଡ଼ିକୁ ଜନ୍ମ ଦେବା ଫଳରେହିଁ ଅଙ୍ଗିରସ ଋଷିମାନେ ଅଭୀପ୍ସୁ ମନୁଷ୍ୟଜାତି ନିମନ୍ତେ ସେହି ଜ୍ୟୋତିଃ ଆହରଣ କରନ୍ତି; ''ଇନ୍ଦ୍ର ଦିବସର ଜନ୍ମସମ୍ପାଦନ ପୂର୍ବକ ସ୍ୱର୍ଲୋକ ଜୟ କରିଛନ୍ତି ଏବଂ ଆକ୍ରାନ୍ତା ସୈନ୍ୟମାନଙ୍କୁ ସେ ଅଭୀପ୍ସୁମାନଙ୍କ ସାହାଯ୍ୟରେ (ଉଶିଗ୍‌ଭିଃ) ପରାସ୍ତ କରିଛନ୍ତି, ସେ ମନୁଷ୍ୟ ପାଇଁ ଦିବସର ଦୃଷ୍ଟିକୁ (କେତୁମ୍ ଅହ୍ନାମ୍) ପ୍ରଦୀପ୍ତ କରିଛନ୍ତି ଏବଂ ପରମ ଆନନ୍ଦ ନିମନ୍ତେ 'ଜ୍ୟୋତିଃ' ସୃଷ୍ଟି କରିଛନ୍ତି'' – **ଅବିନ୍ଦଦ୍ ଜ୍ୟୋତିଃ ବୃହତେ ରଣାୟ** (୩।୩।୪।୪)[୬] । (ଉପରୋକ୍ତ 'ଉଶିଗ୍‌ଭିଃ' ପଦଟି 'ନୃ' ପରି ମନୁଷ୍ୟ ଓ ଦେବତା ଉଭୟ ଅର୍ଥରେ ମଧ୍ୟ ପ୍ରୟୋଗ କରାଯାଏ, କିନ୍ତୁ 'ନୃ' ପରି ଏହା କେବେ କେବେ ବିଶେଷ ରୂପେ ଅଙ୍ଗିରସଙ୍କୁହିଁ ବୁଝାଏ ।)

ଏହି ଅଂଶଗୁଡ଼ିକୁ ତଥା ଅନ୍ୟାନ୍ୟ ପ୍ରସଙ୍ଗାତିରିକ୍ତ ସୂକ୍ତଗୁଡ଼ିକୁ ବ୍ୟାଖ୍ୟା କରିବା ବେଶ୍ ସମ୍ଭବ, ଯେମିତି ଲୋହିତ ଭାରତୀୟ ଜାତିଙ୍କର ଧାରଣା ରହିଛି ଯେ ଏହି ଆକାଶ ଓ ପୃଥିବୀର ଉର୍ଦ୍ଧ୍ୱରେ ସୌର ଜ୍ୟୋତିଃରେ ନିର୍ମିତ ଅନ୍ୟ ଏକ ଭୌତିକ ଜଗତ୍ ଅଛି – ତାହା ଏକ ବିଶାଳ ଜଗତ୍, ସେଠାରେ ପହଞ୍ଚିଲେ ମନୁଷ୍ୟ ଭୟ ଓ ସୀମିତତାରୁ ମୁକ୍ତ ହୁଏ, ତା'ର ସମସ୍ତ କାମନା ପୂର୍ଣ୍ଣ ହୁଏ ଏବଂ ସେ ଅସଂଖ୍ୟ ଅଶ୍ୱ, ଗୋ, ପୁତ୍ର ଓ ଅନୁଚରଙ୍କର ଅଧିକାରୀ ହୁଏ । କିନ୍ତୁ ଆମେ ପ୍ରମାଣ କରିବାକୁ ଚାହୁଁ ଯେ ଏହା ସେପରି ଲୋକ ନୁହେଁ ବରଂ ବିପରୀତ ପକ୍ଷେ ଏହା ଏପରି ଏକ ବିଶାଳ ଲୋକ ''ବୃହଦ୍ ଦ୍ୟୌ'' ବା ସ୍ୱର୍ ଏବଂ ଯାହା ସ୍ୱର୍ଗ ଓ ପୃଥିବୀକୁ ଅତିକ୍ରମ କରିଛି, ଆମର ଏହି ଲୋକରେ ଉପନୀତ ହେବାର ଅଛି । ବେଦରେ ଏହି କଥା ବହୁବାର କୁହାଯାଇଛି, ଯେପରି ୧।୩୬।୮ ଋକ୍‌ରେ ଅଛି – ''ମନୁଷ୍ୟମାନେ (ମନୁଷଃ) ଆବରକ ବୃତ୍ରକୁ ବଧ କରି ପୃଥିବୀ ଓ ଦ୍ୟୌକୁ ଅତିକ୍ରମ କରି ସେଇ ବିଶାଳ ଲୋକକୁହିଁ ସେମାନେ ନିଜର ବାସସ୍ଥଳ ରୂପେ

---

୫ ଯସ୍ମୈ ତ୍ୱଂ ସୁକୃତେ ଜାତବେଦ ଉ ଲୋକମଗ୍ନେ କୃଣବଃ ସ୍ୟୋନମ୍ ।
ଅଶ୍ୱିନଂ ସ ପୁତ୍ରିଣଂ ବୀରବନ୍ତଂ ଗୋମନ୍ତଂ ରୟିଂ ନଶତେ ସ୍ୱସ୍ତି ॥ (ଋ : ୫।୪।୧୧)

୬ ଇନ୍ଦ୍ରଃ ସ୍ୱର୍ଷା ଜନୟନ୍ନହାନି ଜିଗାୟୋଶିଗ୍‌ଭିଃ ପୃତନା ଅଭିଷ୍ଟିଃ ।
ପ୍ରାରୋଚୟନ୍ମନବେ କେତୁମହ୍ନାମବିନ୍ଦଜ୍ଜ୍ୟୋତିର୍ବୃହତେ ରଣାୟ ॥ (ଋ. ୩।୩।୪।୪)

ନିର୍ମାଣ କରିଛନ୍ତି'' — ଘ୍ନନ୍ତୋ ବୃତ୍ରମ୍ ଅତରନ୍ ରୋଦସୀ ଅପ ଉରୁ କ୍ଷୟାୟ ଚକ୍ରିରେ,— ଅତି ସ୍ୱର୍ଗୀୟ ଏହି ବ୍ୟାପ୍ତି ଓ ଏହି ସୀମାହୀନ ଆଲୋକ ହେଉଛି ଏକ ଅତିମାନସିକ ସ୍ୱର୍ଗ, ଅତିମାନସିକ ସତ୍ୟର ତଥା ଅମୃତ ଆନନ୍ଦର ସ୍ୱର୍ଗ, ଏବଂ ଯେଉଁ ଜ୍ୟୋତିଃ ଏହାର ସାରବସ୍ତୁ ଓ ମୌଳିକ ବାସ୍ତବିକ ଉପାଦାନ, ତାହା ସତ୍ୟରହିଁ ଆଲୋକ । କିନ୍ତୁ ବର୍ତ୍ତମାନ ଏହି ତଥ୍ୟଟି ଉପରେ ଗୁରୁତ୍ୱାରୋପ କରି ଏତିକି କହିଲେ ଯଥେଷ୍ଟ ହେବ ଯେ ଦୌଣସି ଏକ ଅନ୍ଧକାର ଦ୍ୱାରା ଆମ ଦୃଷ୍ଟି ସମକ୍ଷରୁ ପ୍ରଚ୍ଛନ୍ନ ହୋଇରହିଥିବା ଏହି ସ୍ୱର୍‌କୁହିଁ ଖୋଜି ପାଇବାକୁ ଓ ପ୍ରତ୍ୟକ୍ଷ କରିବାକୁ ହେବ ଏବଂ ଏହି ପ୍ରତ୍ୟକ୍ଷ ଓ ପ୍ରାପ୍ତିହିଁ ନିର୍ଭର କରେ ଉଷାଙ୍କ ଜନ୍ମ, ସୂର୍ଯ୍ୟଙ୍କ ଉଦୟ ଓ ଗୁପ୍ତ ଗୁହା ମଧ୍ୟରୁ ସୌର ଗୋଯୂଥର ନିଷ୍କ୍ରମଣ ଉପରେ । ଏହି ଯଜ୍ଞରେ ଯେଉଁ ବ୍ୟକ୍ତିମାନେ ସଫଳ ହୁଅନ୍ତି ସେମାନେ ସ୍ୱର୍ଦୃଶ୍ ଓ ସ୍ୱର୍ବିତ୍ ଅର୍ଥାତ୍ ସ୍ୱର୍‌ର ଦ୍ରଷ୍ଟା ଓ ସ୍ୱର୍‌ର ପ୍ରାପକ ବା ଜ୍ଞାତା, କାରଣ 'ବିତ୍' ଧାତୁର ଅର୍ଥ ସନ୍ଧାନ କରିବା ଅଥବା ଲାଭ କରିବା ଏବଂ ଜାଣିବା, ଏବଂ ଗୋଟିଏ ଦୁଇଟି ଋକ୍‌ରେ ଏହା ବଦଳରେ ଅପେକ୍ଷାକୃତ ସ୍ପଷ୍ଟ ଅର୍ଥ ଥିବା 'ଜ୍ଞା' ଧାତୁ ବ୍ୟବହୃତ ଏବଂ ଏପରିକି ବେଦରେ କୁହାଯାଇଛି ଯେ — ଅନ୍ଧକାର ମଧ୍ୟରୁ ଆଲୋକ ଜ୍ଞାତ ହେଲା । ଏହା ଛଡ଼ା ଅନ୍ୟ ଅବଶିଷ୍ଟ କଥାଟି ଦେଖାଯାଉ — ବେଦ ବ୍ୟାଖ୍ୟା ନିମନ୍ତେ ଯେଉଁ ବିଶେଷ ଗୁରୁତ୍ୱ ପୂର୍ଣ୍ଣ ବିଷୟଟି ପ୍ରତିପାଦନ କରିବାକୁ ରହିଛି ତାହା ହେଲା — 'ସ୍ୱର୍' ବା 'ଉରୁଲୋକ'ର ଗୁଣଧର୍ମ କ'ଣ, କାରଣ ବେଦ ଅସଭ୍ୟମାନଙ୍କର ସ୍ତୁତି-ସଙ୍ଗୀତ ବୋଲି ଥିବା ମତବାଦ ଓ ପ୍ରାଚୀନ ସତ୍ୟ ଜ୍ଞାନର ଗ୍ରନ୍ଥ, ପ୍ରକୃତ ବେଦ, ବୋଲି ଥିବା ମତବାଦ ଏ ଉଭୟର ସମଗ୍ର ପାର୍ଥକ୍ୟ ଏହି ନିର୍ଣ୍ଣୟ ଉପରେ ନିର୍ଭର କରେ । ଉକ୍ତ ଉରୁଲୋକ ବିଷୟରେ ଉଲ୍ଲିଖିତ ଶତାଧିକ ଋକ୍‌ର ଆଲୋଚନା ଦ୍ୱାରା ଏହି ନିର୍ଣ୍ଣୟ କରାଯାଇ ପାରନ୍ତା, କିନ୍ତୁ ଏପରି ଆଲୋଚନା ଏହି ଅଧ୍ୟାୟର ଉଦ୍ଦିଷ୍ଟ ପରିସରର ବହିର୍ଭୂତ ବିଷୟ ହୋଇଯିବ । ତଥାପି ଆଙ୍ଗିରସ ସୂକ୍ତମାନଙ୍କର ଆଲୋଚନା ସମୟରେ ଓ ତା'ପରେ ମଧ୍ୟ ଏହି ପ୍ରଶ୍ନ ଉପରକୁ ପୁନରାୟ ଫେରିବାକୁ ହେବ ।

ତେଣୁ ନିଶ୍ଚିତ ରୂପେ ଜଣାଗଲା ଯେ ସ୍ୱର୍-ଦର୍ଶନ ବା ସ୍ୱର୍-ପ୍ରାପ୍ତି ନିମନ୍ତେ ସୂର୍ଯ୍ୟ ଓ ଉଷାଙ୍କ ଜନ୍ମ ଏକାନ୍ତ ଆବଶ୍ୟକ ସର୍ତ୍ତ ଏବଂ ଏହି କାରଣରୁ ବେଦରେ ଏହି ଆଖ୍ୟାନ ବା ବ୍ୟକ୍ତିତ୍ୱ-ଚିତ୍ରଣ ଉପରେ ତଥା ସତ୍ୟସ୍ତୁତି ବା ସତ୍ୟମନ୍ତ୍ର ଦ୍ୱାରା ଅନ୍ଧକାର ଗର୍ଭରୁ ଆଲୋକର ଉଦ୍ଧାର କରିବା, ତାକୁ ଲାଭ କରିବା, ଜନ୍ମ ଦେବା ବିଷୟକ ଧାରଣା ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି । ଇନ୍ଦ୍ର ଓ ଅଙ୍ଗିରସମାନେ ଏହି କାର୍ଯ୍ୟ ସମ୍ପାଦନ କରିବାର ତଥ୍ୟ ଅସଂଖ୍ୟ ମନ୍ତ୍ରରେ ସୂଚିତ ହୋଇଛି । ସେଥିରେ ବର୍ଣ୍ଣନା କରାଯାଇଛି ଯେ ଇନ୍ଦ୍ର ଓ ଅଙ୍ଗିରସମାନେ ସ୍ୱର୍ ବା ସୂର୍ଯ୍ୟଙ୍କୁ ଜାଣିଲେ (ଅବିନ୍ଦନ୍) ଓ ଏହାକୁ ଦୀପ୍ତିମାନ୍ ବା ଉଜ୍ଜ୍ୱଳ କଲେ (ଅରୋଚୟନ୍) ଏବଂ ଜନ୍ମ ଦେଲେ (ଅଜନୟନ୍), (ଏଠାରେ ସ୍ମରଣ ରଖିବାକୁ

ହେବ ଯେ ଯଜ୍ଞରେ ଦେବତାମାନଙ୍କ ଆବିର୍ଭାବକୁ ସେମାନଙ୍କ ଜନ୍ମଗ୍ରହଣ ବୋଲି ବେଦରେ ସତତ କୁହାଯାଇଛି); ସେମାନେ ଏହାକୁ ଜୟ ତଥା ଅଧିକାରଭୁକ୍ତ କଲେ (ସନତ୍)। ଅବଶ୍ୟ ଏକଥା ଠିକ୍ ଯେ ଅଧିକାଂଶ ସ୍ଥଳରେ ଏକାକୀ ଇନ୍ଦ୍ରଙ୍କ କଥା କୁହାଯାଇଛି। ସେ ହିଁ ରାତ୍ରୀ ମଧ୍ୟରୁ ଆଲୋକ ସଂରଚନା କରନ୍ତି ଏବଂ ସୂର୍ଯ୍ୟଙ୍କୁ ଜନ୍ମ ଦିଅନ୍ତି — **କ୍ଷପାଂ ବସ୍ତା ଜନିତା ସୂର୍ଯସ୍ୟ** (୩।୪୯।୪), ସେ ହିଁ ସୂର୍ଯ୍ୟ ଓ ଉଷାଙ୍କୁ ଜନ୍ମ ଦେଇଛନ୍ତି (୨।୧୨।୭)[୭]। କିଂବା ଆହୁରି ବିସ୍ତୃତ ରୂପେ କୁହାଯାଇଛି ଯେ ସେ ହିଁ ସୂର୍ଯ୍ୟ, ଦ୍ୟୌ ଓ ଉଷାଙ୍କୁ ଏକତ୍ର ଜନ୍ମ ଦେଇଛନ୍ତି (୬।୩୦।୫)[୮]। ତାଙ୍କ କିରଣ ଦ୍ୱାରା ସେ ଉଷାଙ୍କୁ ପ୍ରଦୀପ୍ତ କରନ୍ତି, ତାଙ୍କ କିରଣ ଦ୍ୱାରା ସେ ସୂର୍ଯ୍ୟଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରକାଶ କରନ୍ତି — **ହର୍ୟନ୍ ଉଷସମ୍ ଅର୍ଚୟଃ ସୂରଂ ହର୍ୟନ ଅରୋଚୟଃ** (୩।୪୪।୨)। ଏସବୁ ହେଉଛି ତାଙ୍କର (ଇନ୍ଦ୍ରଙ୍କର) ମହତ୍ କର୍ମ-ସାଫଲ୍ୟ — **ଜଜ୍ଞାନ ସୂର୍ୟମ୍ ଉଷସଂ ସୁଦଂସାଃ** (୩।୩୨।୮)[୯], ସେ ତାଙ୍କ ଜ୍ୟୋତିଷ୍ମାନ୍ ସଖାମାନଙ୍କ ସହିତ କ୍ଷେତ୍ରଜୟ କରି ସ୍ୱାୟତ୍ତ କରୁଛନ୍ତି (ଏହା କ'ଣ ସେହି କ୍ଷେତ୍ର ନୁହେଁ ଯେଉଁଠାରେ ଅତ୍ରି ଶୁଭ୍ର ଗୋଯୂଥକୁ ଦେଖିଥିଲେ ?), ସୂର୍ଯ୍ୟଙ୍କୁ ଜୟ କରୁଛନ୍ତି, ଜଳଧାରମାନଙ୍କୁ ଜୟ କରୁଛନ୍ତି — **ସନତ୍ କ୍ଷେତ୍ରଂ ସଖିଭିଃ ଶ୍ୱିତ୍ନ୍ୟେଭିଃ ସନତ୍ ସୂର୍ୟଂ ସନତ୍ ଅପଃ ସୁବଜ୍ରଃ** (୧।୧୦୦।୧୮)। ପୂର୍ବରୁ ଆମେ ଯେପରି ଦେଖିଛୁ, ସେ ଦିବସକୁ ଜନ୍ମ ଦେବା ଦ୍ୱାରା ସ୍ୱର୍ଲୋକ ଜୟ କରୁଛନ୍ତି (ସ୍ୱର୍ଷାଃ)। ବିଚ୍ଛିନ୍ନ ଭାବେ ରହିଥିବା ସୂକ୍ତଗୁଡ଼ିକୁ ଦେଖି ଆମେ ହୁଏତ ମନେ କରିପାରୁ ଯେ ସୂର୍ଯ୍ୟଙ୍କ ଜନ୍ମ ଅର୍ଥ ଦେବତାମାନଙ୍କ ଦ୍ୱାରା ସୂର୍ଯ୍ୟଙ୍କ ପ୍ରଥମ ଉତ୍ପତ୍ତି, କିନ୍ତୁ ଆମେ ଏହି ଅଂଶକୁ ତଥା ଅନ୍ୟ ଅଂଶଗୁଡ଼ିକୁ ଏକାଠି ବିଚାରକୁ ନେଲେ ଦେଖିବା ସେହି ଅର୍ଥ ସମୀଚୀନ ନୁହେଁ। ଏହି ଜନ୍ମ ହେଉଛି ଉଷାଙ୍କ ସହ ସମକାଳୀନ ତାଙ୍କର (ସୂର୍ଯ୍ୟଙ୍କର) ଜନ୍ମ, ରାତ୍ରି ଗର୍ଭରୁ ତାଙ୍କର ଜନ୍ମ। ଯଜ୍ଞ ଦ୍ୱାରାହିଁ ଏହି ଜନ୍ମ ଘଟିଥାଏ — **ଇନ୍ଦ୍ରଃ ସୁଯଜ୍ଞ ଉଷସଃ ସ୍ୱର୍ ଜନତ୍** (୨।୨୧।୪) ''ଇନ୍ଦ୍ର ସୁଚାରୁ ରୂପେ ଯଜ୍ଞ ସମ୍ପାଦନ କରି ଉଷାମାନଙ୍କୁ ଓ ସ୍ୱର୍‌କୁ ଜାତ କଲେ'', ତାଙ୍କର ଏହି କାର୍ଯ୍ୟ ମନୁଷ୍ୟ ସାହାଯ୍ୟରେ ହିଁ କରାଯାଇଛି — **ଅସ୍ମାକେଭିଃ ନୃଭିଃ ସୂର୍ୟଂ ସନତ୍** — ଆମର 'ମନୁଷ୍ୟମାନଙ୍କ' ଦ୍ୱାରା ସେ ସୂର୍ଯ୍ୟଙ୍କୁ ଜୟ କରୁଛନ୍ତି (୧।୧୦୦।୬); ଆଉ ମଧ୍ୟ ଅନେକ ମନ୍ତ୍ରରେ କୁହାଯାଇଛି ଯେ ଏହା ଅଙ୍ଗିରସମାନଙ୍କ କର୍ମର ପରିଣାମ ଏବଂ ଏହା ଗୋ-ମୋଚନ ବା ଗିରିଭେଦ ସହିତ କରାଯାଇଛି।

---

୭ ଯଃ ସୂର୍ୟଃ ଯ ଉଷସଂ ଜଜ୍ଞାନ।

୮ ସାଜଂ ସୂର୍ୟଂ ଜନୟନ୍ ଦ୍ୟାମୁଷାସମ୍।

୯ ଇନ୍ଦ୍ରସ୍ୟ କର୍ମ ସୁକୃତା ପୁରୂଣି ବ୍ରତାନି ଦେବା ନ ମିନନ୍ତି ବିଶ୍ୱେ।
ଜଧାର ଯଃ ପୃଥିବୀଂ ଦ୍ୟାମୁତେ ମାଂ ଜଜ୍ଞାନ ସୂର୍ୟମୁଷସଂ ସୁଦଂସାଃ ॥ (ଋ. ୩।୩୨।୮)

ଏହି ପରିପ୍ରେକ୍ଷୀ ତଥା ଅନ୍ୟାନ୍ୟ କ୍ଷେତ୍ରସ୍ଥ ବିଷୟକୁ ଦେଖି ଆମେ ଏହା ସ୍ୱୀକାର କରିପାରୁ ନାହୁଁ ଯେ, ସୂର୍ଯ୍ୟଜନ୍ମ ବା ସୂର୍ଯ୍ୟ ପ୍ରାପ୍ତିର ଅର୍ଥ ପ୍ରତିଦିନ ଉଷାଢାଳରେ ଆକାଶ (ଇନ୍ଦ୍ର) ସୂର୍ଯ୍ୟଙ୍କୁ ଫେରି ପାଉଥିବାର ଏହା କେବଳ ଏକ ସାମାନ୍ୟ ବର୍ଣ୍ଣନା । ଯେତେବେଳେ ତାଙ୍କ ସମ୍ବନ୍ଧରେ କୁହାଯାଏ ଯେ ସେ ଅନ୍ଧ ତମିସ୍ରା ମଧ୍ୟରେ ବି ଜ୍ୟୋତିଃ ଲାଭ କରୁଛନ୍ତି — ସୋ ଅନ୍ଧେ ଚିତ୍ତମସି ଜ୍ୟୋତିର୍ବିଦତ୍ (୧।୧୦୦।୮) ସେତେବେଳେ ସ୍ପଷ୍ଟ ହୋଇ ଯାଉଛି ଯେ ଅଗ୍ନି ଓ ସୋମ ପଣିମାନଙ୍କଠାରୁ ଗୋଧନ ହରଣ କରିବା ସମୟରେ (୧।୯୩।୪)[୧୦] ସକଳ ଜୀବଙ୍କ ନିମନ୍ତେ ଯେଉଁ ଗୋଟିଏ ଜ୍ୟୋତିଃ ଆହରଣ କରିଥିଲେ, ଏହା ସେହି ଜ୍ୟୋତିଃ — ଅବିନ୍ଦତ୍ ଜ୍ୟୋତିରେକଂ ବହୂଭ୍ୟଃ, "ଋତବର୍ଧଜମାନେ ଏକ ଜାଗ୍ରତ୍ ଜ୍ୟୋତିଃକୁ ଜନ୍ମ ଦେଇଥିଲେ, ସେମାନେ ଜଣେ ଦେବଙ୍କ ପାଇଁ ଦେବଙ୍କୁ ଜନ୍ମ ଦେଇଥିଲେ" (୮।୮୯।୧)[୧୧] । ପିତୃପୁରୁଷ ଅଙ୍ଗିରସମାନେ ନିଜ ସତ୍ୟମନ୍ତ୍ର ଦ୍ୱାରା ଉଷାଙ୍କୁ ଜନ୍ମ ଦେବା ସମୟରେ ଗୂଢ଼ ଜ୍ୟୋତିଃକୁ (ଗୂହ୍ଲଂ ଜ୍ୟୋତିଃ) ଲାଭ କରିଥିଲେ (୭।୭୬।୪) । ବୈବସ୍ୱତ ମନୁ ଅଥବା କଶ୍ୟପ ଋଷିଙ୍କ ଦ୍ୱାରା ରଚିତ ବିଶ୍ୱଦେବତାଙ୍କ ଉଦ୍ଦେଶ୍ୟରେ ଉକ୍ତ ଗୂଢ଼ମନ୍ତ୍ରରେ କୁହାଯାଇଛି ଯେ ସେମାନଙ୍କ ମଧ୍ୟରୁ କେତେ ଜଣ ମନ୍ତ୍ରଗାନ କରି ନିଜ ଚିନ୍ତା-ନିଷ୍ପନ୍ନ ବୃହତ୍-'ସାମ' ମନ୍ତ୍ରକୁ ନିଜ ଚିନ୍ତାରୁ ଜନ୍ମ ଦେଲେ ଏବଂ ତା' ଫଳରେ ସେମାନେ ସୂର୍ଯ୍ୟଙ୍କୁ ଜ୍ୟୋତିର୍ମୟ କରାଇଲେ (୮।୨୯।୧୦)[୧୨] । ଏହି ଜ୍ୟୋତିର୍ମୟ ହେବା ତଥ୍ୟଟି କଦାପି ମାନବସୃଷ୍ଟିର ପୂର୍ବାବସ୍ଥାକୁ ଉପସ୍ଥାପନ କରୁ ନାହିଁ; କାରଣ ୭।୯୧।୧ ଋକ୍‌ରେ କୁହାଯାଇଛି ଯେ "ମନନ ଦ୍ୱାରା ବୃଦ୍ଧିପ୍ରାପ୍ତ ପ୍ରାଚୀନ ଅନବଦ୍ୟ ଅକଳ୍ପ ଦେବଗଣ (ଅନ୍ଧକାର-ଶକ୍ତି ଦ୍ୱାରା) ଆଚ୍ଛନ୍ନ ମନୁଷ୍ୟ ନିମନ୍ତେ ସୂର୍ଯ୍ୟଙ୍କ ଦ୍ୱାରା ଉଷାଙ୍କୁ ଆଲୋକିତ କରାଇଥିଲେ ।"[୧୩] ଏହି ବର୍ଣ୍ଣନାଟିର ଉଦ୍ଦେଶ୍ୟ ହେଉଛି ଅଙ୍ଗିରସମାନଙ୍କ ଦ୍ୱାରା ଦଶ ମାସ ବ୍ୟାପୀ ଯଜ୍ଞ ଫଳରେ ଅନ୍ଧକାର ମଧ୍ୟସ୍ଥ ସୂର୍ଯ୍ୟଙ୍କୁ ପ୍ରାପ୍ତ କରିବା । ଏହି ଚିତ୍ର ବା ଆଖ୍ୟାନର ଉତ୍ପତ୍ତିର କାରଣ ଯାହା ହୋଇଥାଉ ନା କାହିଁକି ଏହା ବହୁ ପୁରାତନ ଓ ବହୁ ପ୍ରଚଳିତ ଏବଂ ଏଥିରେ ଅନୁମାନ କରାଯାଇଛି ଯେ ସୂର୍ଯ୍ୟ ଦୀର୍ଘକାଳ ଧରି ନିଖୋଜ ଥିଲେ ଓ ସେସମୟରେ ମନୁଷ୍ୟ ମଧ୍ୟ ଅନ୍ଧକାର ଦ୍ୱାରା ପରିବେଷ୍ଟିତ ଥିଲା । ଏହି ବିଷୟଟି କେବଳ ଯେ ଭାରତୀୟ

---

୧୦ ଅଗ୍ନୀଷୋମା ଚେତି ତଦ୍‌ବୀର୍ୟଂ ବାଂ ୟଦମୁଷ୍ଣୀତମବସଂ ପଣିଂ ଗାଃ ।
ଅବାତିରତଂ ବୃସୟସ୍ୟ ଶେଷୋଽବିନ୍ଦତଂ ଜ୍ୟୋତିରେକଂ ବହୂଭ୍ୟଃ ॥

୧୧ ୟେନ ଜ୍ୟୋତିରଜନୟନ୍ନୃତାବୃଧୋ ଦେବଂ ଦେବାୟ ଜାଗୃବି ।

୧୨ ଅର୍ଚନ୍ତ ଏକେ ମହି ସାମ ମନ୍ୱତ ତେନ ସୂର୍ୟମରୋଚୟନ୍ ।

୧୩ କୁବିଦଙ୍ଗ ନମସା ୟେ ବୃଧାସଃ ପୁରା ଦେବା ଅନବଦ୍ୟାସ ଆସନ୍ ।
ତେ ବାୟବେ ମନବେ ବାଧ୍‌ତାୟାବାସଯୁଷସଂ ସୂର୍ୟେଣ ॥

ଆର୍ଯ୍ୟମାନଙ୍କ ମଧ୍ୟରେ ମିଳେ ତା' ନୁହେଁ ପରନ୍ତୁ ଆମେରିକାର 'ମୟଃ' (Mayas) ଜାତି ମଧ୍ୟରେ ବି ଏହା ରହିଛି; ଏହି ସଭ୍ୟତା ଥିଲା ଅପେକ୍ଷାକୃତ ଅସଂସ୍କୃତ ଏବଂ ସମ୍ଭବତଃ ମିଶରୀୟ ସଂସ୍କୃତିର ଏକ ପ୍ରାଚୀନତର ଅବସ୍ଥା । ଏଠାରେ ମଧ୍ୟ ସୂର୍ଯ୍ୟଙ୍କୁ ନେଇ ସେହି ସମାନ ଆଖ୍ୟାନ ରହିଛି, ଯେପରି — ସୂର୍ଯ୍ୟ ଅନେକ ମାସ ପର୍ଯ୍ୟନ୍ତ ଅନ୍ଧକାର ମଧ୍ୟରେ ପ୍ରଚ୍ଛନ୍ନ ଥିଲେ ଏବଂ ଜ୍ଞାନୀମାନଙ୍କର (ଅଙ୍ଗିରସମାନଙ୍କର ?) ସ୍ତୁତି ଓ ପ୍ରାର୍ଥନା ଦ୍ୱାରା ସେ ପୁନଃ ପ୍ରକଟିତ ହେଲେ । ବେଦର ତଥ୍ୟ ଅନୁସାରେ ଜ୍ୟୋତିଃ ପ୍ରଥମେ ସପ୍ତର୍ଷି ତଥା ଅଙ୍ଗିରସରୂପୀ ମାନବ ପୂର୍ବପୁରୁଷଙ୍କ ଦ୍ୱାରା ପୁନରୁଦୟ ଲାଭ କରିଥିଲା, ତା'ପରଠାରୁ ମନୁଷ୍ୟ- ଅନୁଭୂତି ମଧ୍ୟରେ ତାହାର ପୁନରାବର୍ତ୍ତନ ନିରନ୍ତର ଘଟି ଚାଲିଛି ।

ଏହି ପର୍ଯ୍ୟାଲୋଚନାରୁ ପ୍ରତିପନ୍ନ ହେବ ଯେ ସୂର୍ଯ୍ୟଙ୍କର ନିଖୋଜ ହୋଇଥିବା ଏବଂ ଯଜ୍ଞ ଓ ମନ୍ତ୍ର ସାହାଯ୍ୟରେ ଅଙ୍ଗିରସ-ମାନଙ୍କ ଦ୍ୱାରା ଇନ୍ଦ୍ର ତାଙ୍କର ପୁନରୁଦୟ ଘଟାଇଥିବାର କାହାଣୀ ଏବଂ ସେହିପରି ମନ୍ତ୍ର ସାହାଯ୍ୟରେ ନିଖୋଜ ଗୋମାନଙ୍କ ପୁନରୁଦ୍ଧାର କାହାଣୀ ପରସ୍ପର ପୃଥକ୍ ନୁହନ୍ତି, ଏହା ଏକହିଁ ଆଖ୍ୟାନ । ଗୋଯୂଥ ଏବଂ ଉଷାଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିବା ବେଳେ ଆମେ ଦୃଢ଼ତାର ସହ ଏହା କହି ସାରିଛୁ । ଗୋଯୂଥ ହେଉଛନ୍ତି ଉଷାଙ୍କ ରଶ୍ମିମାଳା, ସୂର୍ଯ୍ୟଙ୍କ ଗୋଯୂଥ, ଗୋ-ପଶୁ ନୁହନ୍ତି । ନିଖୋଜ ଗୋଧନ ହେଲେ ସୂର୍ଯ୍ୟଙ୍କର ହୃତ ରଶ୍ମିମାଳା; ସେମାନଙ୍କ ପୁନର୍ଜାଗରଣ ହେଉଛି ପ୍ରଚ୍ଛନ୍ନ ସୂର୍ଯ୍ୟଙ୍କ ପୁନରୁଦୟର ଅଗ୍ରଗାମୀ ଘଟଣା । କିନ୍ତୁ ବର୍ତ୍ତମାନ ବେଦର ସୁସ୍ପଷ୍ଟ ଉକ୍ତି ଦ୍ୱାରାହିଁ ଏହାର ଏକାତ୍ମକତାକୁ ସମ୍ଭାବ୍ୟ ସମସ୍ତ ସନ୍ଦେହରୁ ମୁକ୍ତ କରିବା ଏକାନ୍ତ ପ୍ରୟୋଜନ ।

କାରଣ ବେଦରେ ପ୍ରକାଶ୍ୟ ରୂପେ କୁହାଯାଇଛି ଯେ ଗୋମାନେ ହେଲେ ଜ୍ୟୋତିଃ ଏବଂ ଯେଉଁ କାଞ୍ଜିଆହୁଦାରେ ସେମାନେ ଲୁକ୍କାୟିତ ତାହା ଅନ୍ଧକାର । ''ଗୋ-ବନ୍ଦିଶାଳାକୁ ଖୋଲି ଦେବା ଭଳି ଉଷା ଅନ୍ଧକାରକୁ ଅପସାରିତ କଲେ''[୧୪] ବୋଲି ଆମର ପୂର୍ବ ଉଦ୍ଧୃତ ୧।୯୨।୪ ଋକ୍‌ରେ ଗୋ ଓ ଗୋ-ବନ୍ଦିଗୋଷ୍ଠକୁ ଏକେବାରେ ଶୁଦ୍ଧ ଆଳଂକାରିକ ଗୁଣଧର୍ମର ସଙ୍କେତ ଯେପରି ଆମକୁ ଦିଆଯାଇଛି କେବଳ ସେତିକି ନୁହେଁ; ''ତୁମେ ଦୁହେଁ ପଣିମାନଙ୍କଠାରୁ ଗୋମାନଙ୍କୁ ହରଣ କରିଛ... ତୁମେ ଦୁହେଁ ଏକହିଁ ଜ୍ୟୋତିଃକୁ ବହୁଙ୍କ ନିମନ୍ତେ ଲାଭ କରିଛ'' ବୋଲି ୧।୯୩।୪ ଋକ୍‌ରେ ଜ୍ୟୋତିଃପ୍ରାପ୍ତି ସହ ଗୋମାନଙ୍କ ପୁନରୁଦ୍ଧାରର ଚିତ୍ର ନିରନ୍ତର ସଂଯୁକ୍ତ ହୋଇ ରହିଥିବାର ମଧ୍ୟ ଆମେ ଦେଖୁଛୁ ଅଥବା ୨।୨୪।୩[୧୫] ଋକ୍‌ରେ ''ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ଦେବଙ୍କ ପାଇଁ ସେହି କାର୍ଯ୍ୟଟି

---

[୧୪] ଜ୍ୟୋତିର୍ବିଶ୍ୱସ୍ମୈ ଭୁବନାୟ କୃଣ୍ୱତୀ ଗାବୋ ନ ବ୍ରଜଂ ବ୍ୟୁଷା ଆବର୍ତମଃ ॥

କରିବାକୁ ଅଛି; ଦୃଢ଼ ସ୍ଥାନଗୁଡ଼ିକୁ ଶିଥିଳ କରି ଦିଆଯାଇଛି, ଅତି ସୁରକ୍ଷିତ ସ୍ଥାନଗୁଡ଼ିକୁ ଦୁର୍ବଳ କରି ଦିଆଯାଇଛି; ବୃହସ୍ପତି ଗୋମାନଙ୍କୁ (କିରଣମାଳାକୁ) ଉର୍ଦ୍ଧ୍ୱକୁ ହାଙ୍କି ନେଲେ, ମନ୍ତ୍ରବଚନ ଦ୍ୱାରା (ବ୍ରହ୍ମଣା) ସେ ବଳକୁ ଭେଦ କଲେ, ସେ ଅନ୍ଧକାରକୁ ଗୁହାୟିତ କରି ଦେଲେ, ସ୍ୱର୍‌କୁ ପ୍ରକଟ କଲେ'' ବୋଲି କୁହାଯାଇଛି; ଆହୁରି ମଧ୍ୟ ୫।୩।୧।୩[୨୬] ଋକ୍‌ରେ ଆମକୁ କୁହାଯାଇଛି ''ଘେରି ରହିଥିବା ଗୋ-ବନ୍ଦିଗୋଷ୍ଠ ମଧ୍ୟକୁ ଯିବାକୁ ସୁଦୃଘା ଧେନୁମାନଙ୍କୁ ସେ ପ୍ରଚୋଦିତ କଲେ, ସର୍ବାଚ୍ଛାଦକ ତମଃକୁ ସେ ଜ୍ୟୋତିଃ ଦ୍ୱାରା ନିରାକରଣ କଲେ''; ତଥାପି ଏତିକି ଯଥେଷ୍ଟ ନୁହେଁ, ଯଦି କେହି କହନ୍ତି ଯେ ବେଦରେ ଗୋଟିଏ ବାକ୍ୟରେ ଏକ ଅଂଶ ଅନ୍ୟ ଅଂଶ ସହିତ କୌଣସି ସମ୍ପର୍କ ରଖି ନାହିଁ, ଋଷିମାନେ ଅର୍ଥ ଓ ଯୁକ୍ତିର ମର୍ଯ୍ୟାଦା ନ ରଖି ଯଥେଚ୍ଛ ଭାବରେ ଗୋରୁଠାରୁ ସୂର୍ଯ୍ୟଙ୍କ ଆଡ଼କୁ ବା ଅନ୍ଧକାରଠାରୁ ଦ୍ରାବିଡ଼ଙ୍କ ଗୁହା ଆଡ଼କୁ ଡେଇଁ ପଡ଼ିଛନ୍ତି, ତା' ହେଲେ ଏହାର ଉତ୍ତର ସ୍ୱରୂପ ଆମେ ଏ ଦୁଇଟି ବିଷୟ ମଧ୍ୟରେ ଥିବା ନିଶ୍ଚିତ ଏକାତ୍ମତାର ପ୍ରମାଣ ରୂପେ ୧।୩୩।୧୦[୨୭] ଋକ୍ ଉପସ୍ଥାପିତ କରିବୁ – ''ବୃଷଭ ଇନ୍ଦ୍ର ବଜ୍ରକୁ ତାଙ୍କର ସହଯୋଗୀ କଲେ'' କିମ୍ବା ସମ୍ଭବତଃ ''ଏହାକୁ ପ୍ରୟୋଗ କଲେ (ୟୁଜମ୍), ସେ ଜ୍ୟୋତିଃ ଦ୍ୱାରା ଅନ୍ଧକାର ମଧ୍ୟରୁ ରଶ୍ମି ସମୂହକୁ (ଗୋମାନଙ୍କୁ) ଦୋହନ କଲେ'', – ଆମକୁ ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ବଜ୍ର ହେଉଛି ସୂର୍ଯ୍ୟ-ଅଶ୍ମା ଏବଂ ଏଥିରେ ସ୍ୱର୍-ଜ୍ୟୋତିଃ ରହିଛି, – ଆଉ ମଧ୍ୟ ୪।୫୧।୨[୨୮] ଋକ୍‌ରେ ପଣିମାନଙ୍କ ସମ୍ବନ୍ଧରେ ପ୍ରଶ୍ନ କଲାବେଳେ କୁହାଯାଇଛି, ସେମାନେ (ଉଷାମାନେ) ପବିତ୍ର ଆଲୋକରେ ପ୍ରକାଶିତ ହୋଇ ଅନ୍ୟକୁ ପବିତ୍ର କରି ଗୋ-ବନ୍ଦିଗୋଷ୍ଠର ଦ୍ୱାରଗୁଡ଼ିକୁ ଏପରିକି ଅନ୍ଧକାରର ଦ୍ୱାରଗୁଡ଼ିକୁ ଉନ୍ମୋଚିତ କଲେ – ''**ବ୍ରଜସ୍ୟ ତମସୋ ଦ୍ୱାରା**''। ଏସବୁ ସୂକ୍ତମାନଙ୍କରେ ଥିବା ତତ୍ତ୍ୱକୁ ଜାଣିବା ପରେ ବି ଯଦି ଆମେ ଜିଦ୍‌କରୁ ଯେ ଗୋ ଓ ପଣିମାନଙ୍କ ବିଷୟ ଏକ ଐତିହାସିକ କାହାଣୀ, ତେବେ କହିବାକୁ ହେବ ଯେ ବେଦର ନିଜସ୍ୱ ପ୍ରମାଣ ଥିଲେ ମଧ୍ୟ ଆମେ ବେଦର ସେଇ ଅନ୍ୟ ପ୍ରକାର ଅର୍ଥ କରିବାକୁ ପ୍ରତିଜ୍ଞାବଦ୍ଧ। ତା' ନ ହେଲେ ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ପଣିମାନଙ୍କର ଗୁପ୍ତ ଧନ – **ନିଧିଂ ପଣୀନାଂ ପରମଂ ଗୁହା ହିତମ୍** (୨।୨୪।୬) – ପାର୍ଥିବ ଗୋଯୂଥ ରୂପକ ସମ୍ପଦ ନୁହେଁ, କିନ୍ତୁ, ପୁରୁଚ୍ଛେପ ଦୈବୋଦାସିଙ୍କ ଉକ୍ତି ଅନୁସାରେ (୧।୧୩୦।୩) ଏହା ହେଉଛି ଅନ୍ଧକାରର ଦ୍ୱାରଗୁଡ଼ିକ ପଛରେ ଲୁଚି ରହିଥିବା ଜ୍ୟୋତିଃ ଓ ଗୋମାନଙ୍କର ଗୁପ୍ତ ଭଣ୍ଡାର।

---

୧୫ ତଦ୍ଦେବାନାଂ ଦେବତମାୟ କର୍ତ୍ୱମଶ୍ରଥ୍ନନ୍ ଦୃଳ୍ହାବ୍ରଦତ୍ତ ବୀଳିତା।
ଉଦ୍ ଗା ଆଜଦଭିନଦ୍ ବ୍ରହ୍ମଣା ବଲମଗୂହରୁମୋ ବ୍ୟଚକ୍ଷୟତ୍ ସ୍ୱଃ ॥ (ଋ. ୨।୨୪।୩)

୧୬ ପ୍ରାଚୋଦୟତ୍ ସୁଦୁଘା ବବ୍ରେ ଅନ୍ତର୍ବି ଜ୍ୟୋତିଷା ସଂବବୃତ୍ୱତ୍ତମୋଽବଃ। (ଋ. ୫।୩।୧।୩)

୧୭ ୟୁଜଂ ବଜ୍ରଂ ବୃଷଭଣ୍ଵ କ୍ରତ୍ୱ ଇନ୍ଦ୍ରୋ ନିର୍ଜ୍ୟୋତିଷା ତମସୋ ଗା ଅଦୁକ୍ଷତ୍ ॥ (ଋ. ୧।୩୩।୧୦)

୧୮ ବ୍ୟୁ ବ୍ରଜସ୍ୟ ତମସୋ ଦ୍ୱାରୋଚ୍ଛନ୍ତୀରବଚ୍ଛୁଚୟଃ ପାବକାଃ। (ଋ. ୪।୫୧।୨)

''ଏହା ସ୍ୱର୍ଗର ଧନ ଯାହାକି 'ପକ୍ଷି'ଶାବକ ସଦୃଶ ଗୁପ୍ତ ଗୁହା ମଧରେ ଲୁଚି ରହିଛି ଠିକ୍ ଯେପରି ପ୍ରସ୍ତର ଖାଇ ମଧରେ ଗୋରୁମାନଙ୍କର ଏକ କାଞ୍ଜିହାଉଦା ରହିଥାଏ'' — ଅବିନ୍ଦଦ୍ ଦିବୋ ନିହିତଂ ଗୁହା ନିଧିଂ ବେର୍ନ ଗର୍ଭଂ ପରିବୀତମ୍ ଅଶ୍ମନି ଅନନ୍ତେ ଅନ୍ତର୍ ଅଶ୍ମନି । ବ୍ରଜଂ ବକ୍ରୀ ଗବାମ୍ ଇବ ସିଷାସନ୍ ।

ଯେଉଁ ସବୁ ଅଂଶରେ ଏ ଉଭୟ ଆଖ୍ୟାନର ସମ୍ପର୍କ ବା ତାଦାତ୍ମ୍ୟ ଦେଖାଯାଏ ସେଗୁଡ଼ିକର ସଂଖ୍ୟା ବହୁତ; ମୁଁ ଏଠାରେ କେବଳ କେତୋଟି ଅନୁଧାନଯୋଗ୍ୟ ଅଂଶ ଉଦ୍ଧୃତ କରିବି । ଗୋଟିଏ ସୂକ୍ତରେ (୧।୬୨) ଏହି ଆଖ୍ୟାନ ସମ୍ପର୍କରେ ବିସ୍ତୃତଭାବରେ କୁହାଯାଇଛି — ''ହେ ଇନ୍ଦ୍ର, ହେ ଶକ୍ର, ତୁମେ ଦଶଗ୍ୱ (ଅଙ୍ଗିରସ)ମାନଙ୍କ ସହିତ ମିଶି ଗର୍ଜନ ଦ୍ୱାରା 'ବଳ'କୁ ବିଦୀର୍ଣ୍ଣ କଲ; ଅଙ୍ଗିରସମାନଙ୍କ ଦ୍ୱାରା ସ୍ତୁତ ହୋଇ ତୁମେ ସୂର୍ଯ୍ୟଙ୍କ ସହିତ ଉଷାମାନଙ୍କୁ ଓ ଗୋମାନଙ୍କ ସହିତ ସୋମଙ୍କୁ ଉନ୍ମୋଚିତ କଲ ।''[୧୯] ୬।୧୭।୩[୨୦] ଋକ୍‌ରେ ଆମେ ଦେଖୁ — ''ହେ ଇନ୍ଦ୍ର, ଆମ ସ୍ତୁତିକୁ ଶ୍ରବଣ କର ଓ ସେହି ବାଣୀ ଦ୍ୱାରା ବୃଦ୍ଧିଲାଭ କର; ସୂର୍ଯ୍ୟଙ୍କୁ ପ୍ରକାଶ କର, ଶତ୍ରୁମାନଙ୍କୁ ବଧ କର, ଆବରଣକୁ ବିଦୀର୍ଣ୍ଣ କରି ଗୋମାନଙ୍କୁ ମୁକ୍ତ କରି ଦିଅ ।'' ୬।୯୮।୬ । ଋକ୍‌ରେ ଅଛି — ''ହେ ଇନ୍ଦ୍ର, ତୁମେ ସୂର୍ଯ୍ୟ-ଚକ୍ଷୁ ଦ୍ୱାରା ତୁମ ଚତୁର୍ଦିଗରେ ଯେଉଁ ଗୋ-ସମ୍ପଦ ଦେଖୁଛ ତାହା ତୁମର । ତୁମେହିଁ ଗୋମାନଙ୍କର ଅଧିପତି''— **ଗବାମ୍ ଅସି ଗୋପତିଃ ଏକ ଇନ୍ଦ୍ରଃ ।**[୨୧] ଇନ୍ଦ୍ର କେଉଁ ପ୍ରକାର ଗୋସମ୍ପଦର ଅଧିପତି ତାହା ସରମା ଓ ଗୋମାନଙ୍କର ସୂକ୍ତରେ (୩।୩୧)[୨୨] ଆମେ ଦେଖୁ — ''ବିଜେତ୍ରୀ ଉଷାମାନେ ତାଙ୍କ ସହିତ (ଗୋମାନଙ୍କ ସହିତ) ସଂଲଗ୍ନ

---

୧୯ ସରଣ୍ୟୁଭିଃ ଫଲିଗମିନ୍ଦ୍ର ଶକ୍ର ବଲଂ ରବେଣ ଦରୟୋ ଦଶଗ୍ୱୈଃ ॥
ଗୃଣାନୋ ଅଙ୍ଗିରୋଭିର୍ଦସ୍ମ ବିବରୁଷସା ସୂର୍ଯେଣ ଗୋଭିରନ୍ଧଃ ॥ (ଋ. ୧।୬୨।୪,୫)

୨୦ ଶ୍ରୁଧି ବ୍ରହ୍ମ ବାବୃଧସ୍ୱୋତ ଗୀର୍ଭିଃ ।
ଆବିଃ ସୂର୍ୟଂ ପୀପିହୀଷୋ ଜହି ଶତ୍ରୁଁରଭି ଗା ଇନ୍ଦ୍ର ତୃନ୍ଧି ॥ (ଋ. ୬।୧୭।୩)

୨୧ ତବେଦଂ ବିଶ୍ୱମଭିତଃ ପଶବ୍ୟଂ ୟତ୍ ପଶ୍ୟସି ଚକ୍ଷସା ସୂର୍ୟସ୍ୟ ।
ଗବାମସି ଗୋପତିରେକ ଇନ୍ଦ୍ର ॥ (ଋ. ୬।୯୮।୬)

୨୨ ଅଭି ତ୍ରୈତ୍ରୀରସଚନ୍ତ ସ୍ୱଧାନଂ ମହି ଜ୍ୟୋତିସ୍ତମସୋ ନିରଜାନନ୍ ।
ତଂ ଜାନତୀଃ ପ୍ରତ୍ୟୁଦାୟନ୍ନୁଷାସଃ ପତିର୍ଗବାମଭବଦେକ ଇନ୍ଦ୍ରଃ ॥
ବୀଳୌ ସତୀରଭି ଧୀରା ଅତୃନ୍ଦନ୍ ପ୍ରାଚାହିନ୍ୱନ୍ ମନସା ସପ୍ତ ବିପ୍ରାଃ ।
ବିଶ୍ୱାମବିନ୍ଦନ୍ ପଥ୍ୟାମୃତସ୍ୟ ପ୍ରଜାନନ୍ନିତ୍ତା ନମସା ବିବେଶ ॥
ବିଦଦ୍ ୟଦୀ ସରମା ରୁଗ୍‌ଣମଦ୍ରେର୍ମହି ପାଥଃ ପୂର୍ବ୍ୟଂ ସଧ୍ର୍ୟକ୍ କଃ ।
ଅଗ୍ରଂ ନୟତ୍ସୁପଦ୍ୟକ୍ଷରାଣାମଚ୍ଛା ରବଂ ପ୍ରଥମା ଜାନତୀ ଗାତ୍ ॥ (ଋ. ୩।୩୧।୪-୬)

ହେଲେ ଏବଂ ସେମାନେ ଅନ୍ଧକାର ମଧ୍ୟରୁ ଏକ ମହତ୍ ଜ୍ୟୋତିଃର ଉତ୍ପତ୍ତି ବିଷୟରେ ଜାଣିଲେ; ଜାଣିଲା ପରେ ସେମାନେ ସେହି ଜ୍ୟୋତିଃ ଆଡ଼କୁ ଊର୍ଦ୍ଧ୍ୱଗମନ କଲେ, ଇନ୍ଦ୍ର ଗୋସମୂହର ଏକମାତ୍ର ଅଧିପତି ହେଲେ''– ପତିର୍ଗବାମ୍ ଅଭବତ୍ ଏକ ଇନ୍ଦ୍ରଃ । ଏହି ସୂକ୍ତରେ ଆଗକୁ ମଧ୍ୟ ଏହିପରି କୁହାଯାଇଛି – ସପ୍ତବିପ୍ର ଅଙ୍ଗିରସମାନେ ମନ ଦ୍ୱାରା ଏବଂ ସତ୍ୟର ସମଗ୍ର ପଥ ଆବିଷ୍କାର କରିବା ଦ୍ୱାରା ଗାଈମାନଙ୍କୁ ବଡ଼ ଅବରୋଧ ମଧ୍ୟରୁ ମୁକ୍ତ କରି ଊର୍ଦ୍ଧ୍ୱକୁ ଚାଳିତ କଲେ ଏବଂ ସରମା କିପରି ତାହା ଜାଣିପାରି ପର୍ବତ ଗୁହାକୁ ଆସି ଅବିନଶ୍ୱର ଗୋଯୂଥମାନଙ୍କ ରବ ସମୀପରେ ଉପସ୍ଥିତ ହେଲେ, ଇତ୍ୟାଦି । ୬।୯୦।୪ ଋକ୍ ମଧ୍ୟ ଉଷାଗଣଙ୍କୁ ଲାଭ କରିବା ଏବଂ ସ୍ୱର୍ର ବିଶାଳ ସୌର ଆଲୋକର ପ୍ରାପ୍ତି ଏ ଉଭୟ ମଧ୍ୟରେ ସମାନ ଯୋଗାଯୋଗ ଥିବା ବିଷୟ କୁହାଯାଇଛି, ଯଥା – ''ଉଷାମାନେ ଜ୍ୟୋତିଃରେ ପୂର୍ଣ୍ଣ ହୋଇ ଅକ୍ଷତ ଅବସ୍ଥାରେ ପ୍ରକାଶିତ ହେଲେ । ସେମାନେ (ଅଙ୍ଗିରସଗଣ) ଧ୍ୟାନମଗ୍ନ ହୋଇ ପ୍ରଶସ୍ତ ଜ୍ୟୋତିଃ (ଉରୁ ଜ୍ୟୋତିଃ) ବିଷୟରେ ଜାଣିଲେ । ଅଭୀପ୍ସୁ ସେମାନେ ଗୋସମୂହର ବ୍ୟାପ୍ତିକୁ ଉନ୍ମୁକ୍ତ କଲେ, ସ୍ୱର୍ଗରୁ ସେମାନଙ୍କ ଉପରକୁ ଜଳରାଶି ପ୍ରସ୍ରବିତ ହେଲା ।''[୨୩]

ସେହିପରି ୨।୧୯।୩ ଋକ୍‌ରେ ମଧ୍ୟ ଦିବସ ସୂର୍ଯ୍ୟ ଓ ଗୋମାନଙ୍କ ବିଷୟରେ କୁହାଯାଇଛି – ''ସେ ସୂର୍ଯ୍ୟଙ୍କୁ ଜନ୍ମ ଦେଲେ, ଗାଈମାନଙ୍କୁ ଖୋଜି ପାଇଲେ, ରାତ୍ରି ମଧ୍ୟରୁ ଦିବସକୁ ଅଭିବ୍ୟକ୍ତ କରିବାର କାର୍ଯ୍ୟଟିକୁ ସମ୍ପାଦନ କଲେ ।''[୨୪] ଉଷା ଏବଂ ଗୋ ଯେ ଅଭିନ୍ନ ଏହା ୪।୧।୧୩ ଋକ୍‌ରେ କୁହାଯାଇଛି –''ପ୍ରସ୍ତର-ଭୂମିର ଉପରିସ୍ଥ ବ୍ରଜରେ ଆବଦ୍ଧା ସୁଦୁଘା, ଗୁପ୍ତ କାରାରେ ରୁଦ୍ଧା ଜ୍ୟୋତିର୍ମୟୀ ଗାଈମାନେ ସେମାନଙ୍କ ଆହ୍ୱାନର ଉତ୍ତର ଦେଉଥିବା ଉଷାମାନଙ୍କୁ ଊର୍ଦ୍ଧ୍ୱକୁ ଚାଳିତ କଲେ ।''[୨୫] ଅନ୍ୟଥା ଏହି ଅର୍ଥ ବି ହୋଇପାରେ ଯେ, ସାମାନ୍ୟ ଆଗରୁ ଦିଆଯାଇଥିବା ସୂଚନା ଅନୁଯାୟୀ ''ଆମର ପିତୃପୁରୁଷ'' ଅଙ୍ଗିରସଗଣଙ୍କ ଦ୍ୱାରା ଆହୂତା ଉଷାମାନେ ନିଜ ପାଇଁ ଗୋଯୂଥକୁ ଊର୍ଦ୍ଧ୍ୱକୁ ହାଙ୍କି ନେଲେ । ତା'ପରେ ୬।୧୭।୫ ଋକ୍‌ରୁ ଜଣାଯାଏ, ଜାଞ୍ଜିହାଉଦାର ବାଡ଼କୁ

---

[୨୩] ଉଚ୍ଛନ୍ନୁଷସଃ ସୁଦିନା ଅରିପ୍ରା ଉରୁ ଜ୍ୟୋତିର୍ବିଦୁର୍ଦୀଧ୍ୟାନାଃ ।
ଗବ୍ୟଂ ଚିଦୂର୍ବମୁଶିଜୋ ବି ବବ୍ରୁସ୍ତେଷାମନୁ ପ୍ରବିବଂ ସସ୍ରୁରାପଃ ॥ (ଋ. ୬।୯୦।୪)

[୨୪] ଅଙ୍ଗନୟତ୍ ସୂର୍ୟଂ ବିଦଦ୍ ଗା ଅକୁନାହ୍ନାଂ ବୟୁନାନି ସାଧତ୍ ॥ (ଋ. ୨।୧୯।୩)

[୨୫] ଅସ୍ୱାକମତ୍ର ପିତରୋ ମନୁଷ୍ୟା ଅଭିପ୍ରସେଦୁର୍ଋତମାଶୁଷାଣାଃ ।
ଅଶ୍ମବ୍ରଜାଃ ସୁଦୁଘା ବବ୍ରେ ଅନ୍ତରୁବୁସ୍ରା ଆଜରୁଷସୋ ଦୁବାନାଃ ॥ (ଋ. ୪।୧।୧୩)

[୨୬] ଯେଭିଃ ସୂର୍ୟମୁଷସଂ ମନ୍ଦସାନୋଽବାସୟୋଽପ ଦୃଳ୍ହାନି ଦର୍ତ୍ତର୍ ।
ମହାମଦ୍ରିଂ ପରି ଗା ଇନ୍ଦ୍ର ସନ୍ତଂ ନୁର୍‌ଥା ଅଚ୍ୟୁତଂ ସଦସସ୍ପରି ସ୍ୱାର୍ ॥ (ଋ. ୬।୧୭।୫)

ଭାଙ୍ଗିବେବାହିଁ ସୂର୍ଯ୍ୟଙ୍କ ପ୍ରଭାର କାର୍ଯ୍ୟ : ''ଦୃଢ଼ ସ୍ଥାନଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ତୁମେ ସୂର୍ଯ୍ୟ ଓ ଉଷାଙ୍କୁ ଦୀପ୍ତିମନ୍ତ କଲ, ଯେଉଁ ବିଶାଳ ପାହାଡ଼ ଗୋମାନଙ୍କୁ ଘେରି ରଖିଥିଲା ତୁମେ ତାକୁ ଭିରିଟ୍ୟୁଚ କଲ ।''[୨୬] ଶେଷରେ ୩।୩୯।୪ ଓ ୫ ଋକ୍‌ରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଆଖ୍ୟାନ ରୂପେ ସ୍ଥାନ ଲାଭ କରିଥିବା ଏ ଦୁଇଟି ଯାକ ଚିତ୍ରଣ ପୂର୍ଣ୍ଣରୂପେ ଏକହିଁ କଥା ''ଆମର ଯେଉଁ ପିତୃପୁରୁଷମାନେ (ପଣିମାନଙ୍କର) ଗୋମାନଙ୍କୁ ଅଧିକାର କରିବା ନିମନ୍ତେ ଯୁଦ୍ଧ କରିଥିଲେ ସେମାନଙ୍କୁ ନିନ୍ଦା କରିବାକୁ ମର୍ତ୍ତ୍ୟମାନଙ୍କ ମଧ୍ୟରେ କେହି ନାହାନ୍ତି (ଅଥବା, ମୁଁ ଏପରି ବ୍ୟାଖ୍ୟା କରିବାକୁ ଚାହେଁ : ଏପରି କୌଣସି ମର୍ତ୍ତ୍ୟଶକ୍ତି ନାହିଁ ଯେ ସେମାନଙ୍କୁ ଆବଦ୍ଧ କରିପାରେ ବା ବାଧା ଦେଇପାରେ); ମହାଶକ୍ତିଶାଳୀ, ମହାନ୍ କର୍ମୀମାନଙ୍କର ସଂଚାଳକ ଇନ୍ଦ୍ର ଦୃଢ଼ଭାବେ ରୁଦ୍ଧ ଗୋ-ବ୍ରଜକୁ ମୁକ୍ତ କରିଦେଲେ; ଯେତେବେଳେ ଜଣେ ବନ୍ଧୁ ନିଜ ବନ୍ଧୁ ନବଗ୍ୱମାନଙ୍କ ସହିତ ଆଣ୍ଠେଇ ଆଣ୍ଠେଇ ଗୋମାନଙ୍କୁ ଅନୁସରଣ କରିଥିଲେ, ଯେତେବେଳେ ଦଶ ଅର୍ଥାତ୍ ଦଶଗ୍ୱମାନଙ୍କ ସହିତ ମିଳି ଇନ୍ଦ୍ର ଅନ୍ଧକାର ମଧ୍ୟରେ ଅବସ୍ଥିତ ପ୍ରକୃତ ସୂର୍ଯ୍ୟଙ୍କୁ (ଅଥବା, ମୋ ବ୍ୟାଖ୍ୟା ଅନୁସାରେ ସୂର୍ଯ୍ୟରୂପୀ ସତ୍ୟକୁ) ପ୍ରାପ୍ତ ହୋଇଥିଲେ ।''[୨୭] ଏହା ଏକ ସୈଦ୍ଧାନ୍ତିକ ସୂକ୍ତ; ଉକ୍ତ ଗାଈମାନେ ହେଉଛନ୍ତି ପଣିମାନଙ୍କର ଗାଈ ଏବଂ ଅଙ୍ଗିରସମାନେ ହସ୍ତ ଓ ଜାନୁ ଉପରେ ଭରାଦେଇ ସେମାନଙ୍କୁ ଅନୁସରଣ କରି ଗୁହା ମଧ୍ୟରେ ପ୍ରବେଶ କଲେ, ଏଠାରେ ଆହୁରି ଅନ୍ୟ ଋକ୍‌ଗୁଡ଼ିକରେ ଇନ୍ଦ୍ର ଓ ଅଙ୍ଗିରସମାନଙ୍କୁ ନବଗ୍ୱ ଓ ଦଶଗ୍ୱ ବୋଲି କୁହାଯାଇଛି, ସେମାନେ ଗିରି-ଗହ୍ୱର ମଧ୍ୟରେ ଥିବା ପଣିମାନଙ୍କ କାଞ୍ଜିହାଉଦା ମଧ୍ୟରେ ପ୍ରବେଶ କରି ଯେଉଁ ଧନ ପାଇଲେ ତାହା ଆର୍ଯ୍ୟମାନଙ୍କର ହୃତଧନ ନୁହେଁ କିନ୍ତୁ ତାହା ହେଉଛି ''ଅନ୍ଧକାର ମଧ୍ୟରେ ଅବସ୍ଥାନ କରୁଥିବା ସୂର୍ଯ୍ୟ ।''

ସୁତରାଂ ନିଃସନ୍ଦେହରୂପେ ଏଥିରୁ ପ୍ରମାଣିତ ହୁଏ ଯେ ବେଦର ଗୋଗଣ, ପଣିମାନଙ୍କର ଗୋଗଣ, ଯେଉଁ ଗାଈମାନଙ୍କୁ କି ଅପହରଣ କରାଯାଇଛି, ଯେଉଁମାନଙ୍କ ପାଇଁ ଯୁଦ୍ଧ ହୋଇଛି, ଅନୁସରଣ ପୂର୍ବକ ଯେଉଁମାନଙ୍କୁ ଉଦ୍ଧାର କରାଯାଇଛି, ଯେଉଁ ଗାଈମାନଙ୍କୁ ଋଷିମାନେ କାମନା କରିଛନ୍ତି, ଯେଉଁ ଗାଈମାନଙ୍କୁ କି ସ୍ତୁତି ଓ ଯଜ୍ଞ ଦ୍ୱାରା, ପ୍ରଜ୍ୱଳିତ ଅଗ୍ନି ଓ ଦେବବର୍ଦ୍ଧକ ମନ୍ତ୍ର ଓ ଦେବ-ମଉକାରୀ 'ସୋମ' ଦ୍ୱାରା ଜୟ କରାଯାଇଛି,

---

୨୬ ନଜିରେଷାଂ ନିନ୍ଦିତା ମର୍ତ୍ତେଷୁ ଯେ ଅସ୍ମାକଂ ପିତରୋ ଗୋଷୁ ଯୋଧାଃ ।
ଇନ୍ଦ୍ର ଏଷାଂ ଦୃଂହିତା ମାହିନାବାନୁଦ୍ ଗୋତ୍ରାଣି ସସୃଜେ ଦଂସନାବାନ୍ ॥
ସଖା ହ ଯତ୍ର ସଖିଭିର୍ନବଗ୍ୱୈରଭିଜ୍ଞ୍ୱା ସତ୍ୱଭିର୍ଗା ଅନୁଗ୍ମନ୍ ।
ସତ୍ୟଂ ତଦିନ୍ଦ୍ରୋ ଦଶଭିର୍ଦଶଗ୍ୱୈଃ ସୂର୍ୟଂ ବିବେଦ ତମସି କ୍ଷିୟନ୍ତମ୍ ॥
(ଋ. ୩।୩୯।୪-୫)

ସେମାନେ ପ୍ରତୀକାର୍ଥକ ଗୋ, ଜ୍ଯୋତିଃର ଗୋ ଅଟନ୍ତି, ବେଦର ଗୋ 'ଉସ୍ରା', 'ଉସ୍ରିୟା' ପଦଗୁଡ଼ିକ ଅନ୍ୟାର୍ଥରେ ତଥା ବୈଦିକ ମର୍ମାର୍ଥ ଅନୁସାରେ ହେଉଛନ୍ତି ପ୍ରଭାବୃନ୍ଦ, କିରଣମାଳା, ସୂର୍ଯ୍ୟଙ୍କ ଗୋଯୂଥ ଓ ଉଷାଙ୍କର ଜ୍ଯୋତିର୍ମୟ ଚୂପାବଳୀ । ଏହି ଅପରିହାର୍ଯ୍ୟ ସିଦ୍ଧାନ୍ତ ଦ୍ୱାରା ବୈଦିକ ମାର୍ମିକ ଆଧାରଶିଳା ଦୃଢ଼ରୂପେ ପ୍ରତିଷ୍ଠିତ ହୁଏ ଯାହାକି ଅପଭ୍ୟମାନଙ୍କ ପୂଜାର୍ଚ୍ଚନା ବିଷୟକ ସ୍ଥୂଳ ଭୌତିକ ମତବାଦଠାରୁ ବହୁ ଉର୍ଦ୍ଧ୍ୱର ବିଷୟ ହୋଇ ଉଠେ ଏବଂ ସେତେବେଳେ ବେଦ ଏକ ପ୍ରତୀକାତ୍ମକ ଜ୍ଞାନଗ୍ରନ୍ଥରୂପେ ପ୍ରତିଭାତ ହୁଏ । ତାହା ସୂର୍ଯ୍ୟଙ୍କ ପୂଜା ହେଉ ବା ଉଷାଙ୍କ ପୂଜା ହେଉ, ଏସବୁ ପବିତ୍ର ଲାକ୍ଷଣିକ ବିଷୟ ଅଥବା ଏକ ଉର୍ଦ୍ଧ୍ୱତର ତଥା ଅନ୍ତଃସ୍ଥ ଜ୍ଯୋତିଃର ଉପାସନା-ମାର୍ଗ ସତ୍ୟସୂର୍ଯ୍ୟ (ସତ୍ୟଂ ସୂର୍ଯ୍ୟମ୍), ସେ ଆମ ଅଜ୍ଞାନ ରୂପକ ଏକ ଭୌତିକ ଅସ୍ତିତ୍ୱର ଅନନ୍ତ ପ୍ରସ୍ତରସନ୍ଧି ମଧ୍ୟରେ, ଅନନ୍ତେ ଅନ୍ତର୍ ଅଶ୍ମନି, ସୁପର୍ଣ୍ଣ ବା ଦିବ୍ୟହଂସର ଶାବକ ପରି ପ୍ରଚ୍ଛନ୍ନ ହୋଇ ରହିଥାନ୍ତି (୧।୧୩୦।୩) ।

ଗାଈମାନେ ଅନ୍ଧକାରରେ ଆଚ୍ଛନ୍ନ ସୂର୍ଯ୍ୟଙ୍କର ଆଲୋକ ହେଲେ ବି ସତ୍ୟର ଜ୍ଯୋତିଃ ସହିତ ଏବଂ ଦିବ୍ୟ-ଜ୍ଞାନର ସୂର୍ଯ୍ୟଙ୍କ ସହିତ ଏମାନଙ୍କ ସଂଯୋଗ ରହିଛି, ଯାହା ଉପରୋକ୍ତ ଗୋଟିଏ ବା ଦୁଇଟି ଉକ୍ତି ମଧ୍ୟରେ ସ୍ୱୟଂ ପ୍ରକାଶିତ, ଏହାକୁ ପ୍ରମାଣସିଦ୍ଧ କରିବା ପାଇଁ ଏହି ଅଧ୍ୟାୟରେ ମୁଁ ନିଜକୁ କେତେକାଂଶରେ ଦୃଢ଼ତାର ସହ ସୀମିତ ରଖିଛି । ପୃଥକ୍ ଭାବେ ନୁହେଁ ପରନ୍ତୁ ସମଗ୍ର ଆଙ୍ଗିରସ ସୂକ୍ତଗୁଡ଼ିକୁ ଏକ ସଙ୍ଗେ ଆମେ ଯେତେବେଳେ ପରୀକ୍ଷା କରିବା ସେତେବେଳେ ସୂଚନାରୂପେ ଏଠାରେ ଯାହା ଦିଆଯାଇଛି ସେଠାରେ ତାହା ସ୍ପଷ୍ଟ ଓ ସିଦ୍ଧାନ୍ତର ସହ ପ୍ରକଟିତ ହେବ । କିନ୍ତୁ ଏହିସବୁ ଆଙ୍ଗିରସ ଋଷିମାନଙ୍କ ଉପରେ ଏବଂ ଯେଉଁ ଗୁହାବାସୀ ଜୀବ ବା ଅନ୍ଧକାରର ବନ୍ଧୁଙ୍କଠାରୁ ଋଷିମାନେ ଜ୍ଯୋତିର୍ମୟ ଗୋଯୂଥକୁ ଓ ଅପହୃତ ସୂର୍ଯ୍ୟଙ୍କୁ ପୁନରୁଦ୍ଧାର କରିଥିଲେ ସେହି ରହସ୍ୟମୟ ପଣିମାନଙ୍କ ଉପରେ ପ୍ରଥମେ ଆମକୁ ଦୃଷ୍ଟିପାତ କରିବାକୁ ହେବ ।

ଷୋଡ଼ଶ ଅଧ୍ୟାୟ

ଅଙ୍ଗିରସ୍ ଋଷିବୃନ୍ଦ

ବେଦରେ 'ଅଙ୍ଗିରସ' ନାମର ଦୁଇଟି ରୂପ ଦେଖାଯାଏ — ଅଙ୍ଗିର ଓ ଅଙ୍ଗିରସ ଋଷିଗଣ, ଏଥିମଧ୍ୟରୁ ଦ୍ୱିତୀୟଟିର ବ୍ୟବହାର ଅଧିକ; ଆଉ ମଧ୍ୟ ଦେଖାଯାଏ ଯେ ପୁରୁଷାନୁକ୍ରମେ କୁଳ ଗୋତ୍ର ରୂପେ ବ୍ୟବହୃତ ଅଙ୍ଗିରସ ଶବ୍ଦଟି ବୃହସ୍ପତିଙ୍କ ପ୍ରତି ଏକାଧିକବାର ପ୍ରୟୋଗ କରାଯାଇଛି। ପରବର୍ତ୍ତୀ କାଳରେ ଭୃଗୁଗଣ ଓ ଅନ୍ୟାନ୍ୟ ଋଷିମାନଙ୍କ ପରି ଅଙ୍ଗିରସଙ୍କୁ ମଧ୍ୟ ଆଦି-ଋଷିମାନଙ୍କ ମଧ୍ୟରେ ଅନ୍ୟତମ ଋଷି ବୋଲି ଗଣ୍ୟ କରାଗଲା। ଏହି ଋଷିମାନେ ଥିଲେ ଋଷିବଂଶଗୁଡ଼ିକର ପ୍ରବର୍ତ୍ତକ ଏବଂ ସେମାନଙ୍କ ନାମ ଅନୁସାରେ ଆଙ୍ଗିରସ, ଆତ୍ରେୟ ଓ ଭାର୍ଗବ ପ୍ରଭୃତି ବଂଶମାନଙ୍କର ପ୍ରବର୍ତ୍ତନ ହୋଇଛି। ବେଦରେ ଆତ୍ରେୟ, ଭାର୍ଗବ, କାଣ୍ୱ ପ୍ରଭୃତି ଋଷି-ବଂଶମାନଙ୍କର ଉଲ୍ଲେଖ ରହିଛି। ଅତ୍ରିବଂଶ ବା ଆତ୍ରେୟମାନଙ୍କର ଗୋଟିଏ ସୂକ୍ତରେ (୫।୧ ୧।୬) ବର୍ଣ୍ଣନା କରାଯାଇଛି ଯେ ଅଙ୍ଗିରସ ଋଷିମାନେ ପବିତ୍ର ଅଗ୍ନିଙ୍କୁ ଆବିଷ୍କାର କରିଥିଲେ, କିନ୍ତୁ ଅନ୍ୟ ଏକ ମନ୍ତ୍ରରେ (୧୦।୪୬।୯) ଭୃଗୁଗଣ[୧] ଏହା କରିଥିବାର ଉଲ୍ଲେଖ ରହିଛି। ସପ୍ତ ଆଦି-ଅଙ୍ଗିରସ-ଋଷିମାନଙ୍କୁ **ପିତରୋ ମନୁଷ୍ୟାଃ** ବା ମାନୁଷ ପିତୃଗଣ ବୋଲି ପ୍ରାୟଶଃ କୁହାଯାଇଛି, ସେମାନେ ଜ୍ୟୋତିଃ ଆବିଷ୍କାର କରିଥିଲେ, ସୂର୍ଯ୍ୟଙ୍କୁ କିରଣ ଦେବାକୁ ପ୍ରବର୍ତ୍ତାଇଥିଲେ ଏବଂ ସତ୍ୟ-ସ୍ୱର୍ଗକୁ ଆରୋହଣ କରିଥିଲେ। ଦଶମ ମଣ୍ଡଳର କେତେକ ସୂକ୍ତରେ ସେମାନେ ଯମଙ୍କ ସହିତ ପିତୃପୁରୁଷ ରୂପେ ରହିଥିବାର ଉଲ୍ଲେଖ କରାଯାଇଛି ଏବଂ ପରବର୍ତ୍ତୀ ସୂକ୍ତଗୁଡ଼ିକରେ ଏହି ଯମଦେବତାଙ୍କର ପ୍ରାଧାନ୍ୟ ଥିବାର ଦେଖାଯାଏ; ଉକ୍ତ ପିତୃଗଣ ବର୍ହିସ୍ ବା ପବିତ୍ର କୁଶାସନ ଉପରେ ଦେବତାମାନଙ୍କ ସହିତ ଉପବେଶନ କରନ୍ତି ଓ ଯଜ୍ଞରେ ନିଜ ଭାଗକୁ ଗ୍ରହଣ କରନ୍ତି।

ଯଦି ଏହାହିଁ ସବୁକିଛି ହୋଇଥା'ନ୍ତା ତା'ହେଲେ ଗୋ-ଅନ୍ୱେଷଣରେ ଅଙ୍ଗିରସମାନଙ୍କ ଅଂଶଗ୍ରହଣ ବିଷୟରେ ବ୍ୟାଖ୍ୟା ଅତ୍ୟନ୍ତ ସରଳ ଓ ଗାମ୍ଭୀର୍ଯ୍ୟବିହୀନ ବା ବାହ୍ୟ ହୋଇଥା'ନ୍ତା; ସେମାନେ ହୋଇଥା'ନ୍ତେ ପୂର୍ବପୁରୁଷ, ବୈଦିକ ଧର୍ମର ପ୍ରତିଷ୍ଠାତା, ଯେଉଁମାନଙ୍କୁ କି ସେମାନଙ୍କ ବଂଶଧରମାନେ ଆଂଶିକଭାବେ ଦେବତାରେ ପରିଣତ କରିଛନ୍ତି। ଆଉ ମଧ୍ୟ ଦେଖାଯାଏ ଉତ୍ତର ମେରୁ ପ୍ରଦେଶର ଦୀର୍ଘରାତ୍ରି ମଧ୍ୟରୁ ଉଷା ଓ ସୂର୍ଯ୍ୟଙ୍କୁ ପୁନର୍ଜୟ କରିବା ହେଉ ବା ଜ୍ୟୋତିଃ ଓ ସତ୍ୟକୁ ଜୟ କରିବା ହେଉ ସବୁଠାରେ ଦେବତାମାନଙ୍କ ସହିତ ସେମାନଙ୍କର ଉପସ୍ଥିତି ଉଲ୍ଲେଖ କରାଯାଇଛି। କିନ୍ତୁ ଏତିକି ସବୁକିଛି

---

[୧] ଖୁବ୍ ସଂଭବ ଯେ, ଅଙ୍ଗିରସ୍‌ମାନେ ଅଗ୍ନିଙ୍କର ଜ୍ୱଳନ ଶକ୍ତି ଓ ଭୃଗୁଗଣ ସୂର୍ଯ୍ୟଙ୍କର ସୌରଶକ୍ତିଗଣ।

ନୁହେଁ, ଏହି ବୈଦିକ ଉପାଖ୍ୟାନଟିର ଗଭୀରତର ତାତ୍ପର୍ଯ୍ୟ ଅଛି । ପ୍ରଥମତଃ ଅଙ୍ଗିରସମାନେ କେବଳ ଯେ ଦେବଭୂତ ମାନବ-ପିତୃଗଣ ଥିଲେ ତା' ନୁହେଁ ପରନ୍ତୁ ସେମାନେ ଦେବର୍ଷି, ଦେବ-ପୁତ୍ର, ସ୍ୱପୁତ୍ର, ଅସୁରଙ୍କର ଅର୍ଥାତ୍ ମହାନ୍ ଅଧିପତିଙ୍କର ବୀରଗଣ ବା ଶକ୍ତିଗଣ ଥିଲେ — ଦିବସ୍ପୁତ୍ରାସୋ ଅସୁରସ୍ୟ ବୀରାଃ (୩।୫୩।୭), ସେମାନଙ୍କର ସଂଖ୍ୟା ସପ୍ତ ହୋଇଥିବାରୁ ଆକସ୍ମିକ ହେଲେ ମଧ୍ୟ ଇରାନ୍‌ର ପୌରାଣିକ ଉପାଖ୍ୟାନ ସହିତ ମିଶି ଯାଉଥିବା 'ଅହୁର ମଜ୍‌ଦା'ଙ୍କର ସପ୍ତ ଦେବଦୂତଙ୍କ ବିଷୟ ମନକୁ ଆସେ । ଆହୁରି ମଧ୍ୟ ଏପରି କେତେକ ସୂତ୍ର ଅଛି ଯେଉଁଥିରୁ ମନେହୁଏ ସେମାନେ ଏକେବାରେ ପ୍ରତୀକାତ୍ମକ, ଆଦି-ଅଙ୍ଗିରଗଣ ଅଗ୍ନିଙ୍କ ଶକ୍ତି ଓ ପୁତ୍ରଗଣ ଅଟନ୍ତି, ପ୍ରତୀକାର୍ଥକ ଜ୍ୟୋତିଃ ଓ ଅଗ୍ନି ଶିଖାର ଶକ୍ତିଗଣ ଅଟନ୍ତି, ଏପରିକି ମିଳିତଭାବେ ସେମାନେ ହେଲେ ଜ୍ୟୋତିଃର ନବ ଓ ଦଶ ରଶ୍ମି ସହିତ ଏକକ ସପ୍ତମୁଖ ଅଙ୍ଗିରସ — **ନବଗ୍ୱେ ଅଙ୍ଗିରେ ଦଶଗ୍ୱେ ସପ୍ତାସ୍ୟେ** — ଯାହାଙ୍କ ଉପରେ ଏବଂ ଯାହାଙ୍କ ଦ୍ୱାରା ଉଷା ତାଙ୍କର ସମସ୍ତ ହର୍ଷ ଓ ପ୍ରାଚୁର୍ଯ୍ୟ ସହିତ ଉଜ୍ଜ୍ୱଳି ଉଠନ୍ତି । ଏବଂ ଏହି ତିନିଟି ଯାକ ଅଭିବ୍ୟକ୍ତି ସେହି ଏକହିଁ ଅଙ୍ଗିରସଗଣଙ୍କର, ଏବଂ ସେମାନଙ୍କର ଗୁଣବୈଶିଷ୍ଟ୍ୟ ଓ ସେମାନଙ୍କ କର୍ମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

ଏହି ଋଷିମାନଙ୍କର ଦୈବ ଓ ମାନୁଷ ଉଭୟ ଚରିତ୍ର ବିଷୟରେ ଦୁଇପ୍ରକାର ପୂରାପୂରି ବିପରୀତ ବ୍ୟାଖ୍ୟା କରାଯାଇ ପାରେ । ହୁଏତ ସେମାନେ ପ୍ରଥମେ ମନୁଷ୍ୟ-ଋଷି ଥିଲେ ଓ ସେମାନଙ୍କ ବଂଶଧରମାନେ ସେମାନଙ୍କୁ ଦେବପଦରେ ଅଧିଷ୍ଠିତ କରିଥିଲେ ଏବଂ ଏହି ଦେବତ୍ୱ ଆରୋପ ଫଳରେ ସେମାନଙ୍କୁ ଦିବ୍ୟ ପିତୃ ଓ ସେମାନଙ୍କ କର୍ମକୁ ଦିବ୍ୟକର୍ମ କୁହାଗଲା; ଅଥବା କୁହାଯିବ, ସେମାନେ ଥିଲେ ପ୍ରଥମେ ଅର୍ଦ୍ଧଦେବତା, ଜ୍ୟୋତିଃ ଓ ଅଗ୍ନି ଶିଖାର ଶକ୍ତିଗଣ ଏବଂ ପରେ ସେହି ଜାତିର ପିତା ତଥା ତାଙ୍କ ପ୍ରଜ୍ଞା ଓ ଜ୍ଞାନର ଆବିଷ୍କାରକ ମନୁଷ୍ୟ ରୂପେ ବିବେଚିତ ହୋଇଛନ୍ତି । ପ୍ରାଚୀନ ପୌରାଣିକ ଉପାଖ୍ୟାନ ଅନୁସାରେ ଏହି ଉଭୟ ପଦ୍ଧତି ସ୍ୱୀକୃତି ଲାଭ କରେ । ଉଦାହରଣ ସ୍ୱରୂପ, ଗ୍ରୀସ୍-ଦେଶୀୟ ପୌରାଣିକ ଗାଥା ଅନୁସାରେ 'କେଷ୍ଟର୍', 'ପଲିଡିଓସେସ୍' ଓ ତାଙ୍କ ଭଉଣୀ 'ହେଲେନ୍' ପ୍ରଭୃତି ଯଦିଓ 'ଜିଅସ୍'ଙ୍କ ସନ୍ତାନ ତଥାପି ସେମାନେ ମାନୁଷ ଜୀବ ଥିଲେ, ଏବଂ ସେମାନଙ୍କ ମୃତ୍ୟୁ ପରେ ଯାଇ ସେମାନେ ଦେବପଦ ଲାଭ କରିଥିଲେ, କିନ୍ତୁ ସମ୍ଭବତଃ ଏହି ତିନିହେଁ ମୂଳତଃ ଦେବତାହିଁ ଥିଲେ,— ଯମଜ ଭ୍ରାତା କେଷ୍ଟର୍ ଓ ପଲିଡିଓସେସ୍ ହେଉଛନ୍ତି ଅଶ୍ୱାରୋହୀ, ସମୁଦ୍ରରେ ନୌ-ଅଭିଯାତ୍ରୀମାନଙ୍କର ତ୍ରାତା, ଯେଉଁମାନେ କି ଅଶ୍ୱଚାଳକ ବୈଦିକ ଅଶ୍ୱିଦ୍ୱୟଙ୍କ ସହିତ ପ୍ରାୟଶଃ ନିଶ୍ଚିତଭାବେ ସମାନ ଏବଂ ଏ ଦୁହିଁଙ୍କ ନାମର ତାତ୍ପର୍ଯ୍ୟ ସୂଚିତ କରୁଛି ଯେ ଏ ଦୁହେଁ ଚମତ୍କାର ରଥାରୋହୀ, ଯମଜ, ସମୁଦ୍ରବକ୍ଷରେ 'ଭୁଜ୍ୟୁ'ଙ୍କ ରକ୍ଷାକର୍ତ୍ତା, ଅସୀମ ଜଳରାଶିର ନୌଚାଳକ, ଉଷାଙ୍କ ଭ୍ରାତା, ଏବଂ ସମ୍ଭବତଃ ସେମାନଙ୍କ ଭଉଣୀ 'ହେଲେନ୍' ହେଉଛନ୍ତି ଉଷା ଅଥବା ସ୍ୱର୍ଗଶୁନୀ

ସରମାଙ୍କ ସମଧର୍ମିଣୀ – ସେହି ହେଲେନ୍ ହେଉଛନ୍ତି 'ଦକ୍ଷିଣା'ଙ୍କ ଭଳି ଏକ ଶକ୍ତି, ପ୍ରାୟଶଃ ଉଷାଙ୍କର ଏକ ମୂର୍ତ୍ତରୂପ । କିନ୍ତୁ ଏହି ଉଭୟ କ୍ଷେତ୍ରରେ ଏକ ପରବର୍ତ୍ତୀ ପ୍ରଗତି ଘଟିଛି, ଯାହାଦ୍ୱାରାକି ଏହି ଦେବଗଣ ବା ଅର୍ଦ୍ଧଦେବଗଣ ଆଧ୍ୟାତ୍ମିକ କର୍ମଧାରାରେ ଅଧିରୋପିତ ହୋଇଛନ୍ତି, ବୋଧହୁଏ ଏହି ସମାନ ପ୍ରଣାଳୀରେ ଗ୍ରୀସୀୟ ଧର୍ମରେ ଉଷାର ଦେବୀ 'ଏଥିନି' ଜ୍ଞାନର ଦେବୀରୂପେ ଏବଂ ସୂର୍ଯ୍ୟଦେବ 'ଆପୋଲୋ' ଦିବ୍ୟ ଗାୟକ ଓ ଦ୍ରଷ୍ଟା, ଭବିଷ୍ୟବାଚକ ଓ କାବ୍ୟିକ ପ୍ରେରଣାର ଅଧିପତି ରୂପେ ପରିବର୍ତ୍ତିତ ହୋଇଛନ୍ତି ।

ଏହା ମଧ୍ୟ ସମ୍ଭବ ଯେ, ବେଦରେ ଅନ୍ୟ ଏକ ପ୍ରବୃତ୍ତି ସକ୍ରିୟ ରହିଆସିଛି – ତାହା ହେଲା ପ୍ରାଚୀନ ରହସ୍ୟବାଦୀମାନଙ୍କ ମନରେ ଅନବଚ୍ଛିନ୍ନ ତଥା ସର୍ବବ୍ୟାପକ ଭାବେ ପ୍ରତୀକ ବ୍ୟବହାରର ଏକ ଅଭ୍ୟାସ । ସବୁ ବିଷୟରେ, ଯଥା – ସେମାନଙ୍କ ନିଜର ନାମ, ରାଜାମାନଙ୍କର ଓ ଯାଜକମାନଙ୍କର ନାମ, ଏପରିକି ସେମାନଙ୍କ ଜୀବନର ସାଧାରଣ ବିଷୟମାନ ପ୍ରତୀକରେ ପରିଣତ ହୋଇଯାଇଛନ୍ତି ଏବଂ ସେମାନଙ୍କ ଗୂଢ଼ ଅର୍ଥ ପାଇଁ ଏହି ନାମଗୁଡ଼ିକ ଆବରଣର ରୂପ ନେଇଛନ୍ତି । ରଶ୍ମି ଓ ଗାଭୀ ରୂପେ 'ଗୋ' ଶବ୍ଦର ଦ୍ୱ୍ୟର୍ଥକତାର ବ୍ୟବହାରକୁ ଦେଖାଯାଉ । ସେମାନଙ୍କର ପଶୁସମ୍ପଦର ଏକ ପ୍ରମୁଖ ବସ୍ତୁ ସ୍ୱରୂପ ଗାଈର ଏକେବାରେ ସ୍ଥୂଳ ବର୍ଣ୍ଣନା ଦେବାର ଅଭିପ୍ରାୟ ହେଲା ସେମାନଙ୍କ ଆଧ୍ୟାତ୍ମିକ ସମ୍ପଦର ମୁଖ୍ୟ ଉପାଦାନ ସ୍ୱରୂପ ଆନ୍ତର ଆଲୋକ ଭଳି ଛଦ୍ମ ଅର୍ଥକୁ ଘୋଡ଼େଇ ରଖିବା, ଯେଉଁ ଗୋଧନକୁ ସେମାନେ ଦେବଗଣଙ୍କଠାରୁ ଯାଚନା କରିଛନ୍ତି । ସେହିପରି ମଧ୍ୟ ନିଜ ନାମ କ୍ଷେତ୍ରରେ ଏହି ଦ୍ୱ୍ୟର୍ଥକତାକୁ ବ୍ୟବହାର କରିଥାଇ ପାରନ୍ତି, ଯଥା – **'ଗୋତମ'** – 'ସର୍ବାଧିକ ଜ୍ୟୋତିରେ ପରିପୂର୍ଣ୍ଣ', **'ଗବିଷ୍ଠିର'** – 'ଜ୍ୟୋତିଃରେ ପ୍ରତିଷ୍ଠିତ'; ବାହାରକୁ ଯାହା ବ୍ୟକ୍ତିଗତ ଦାବି ବା କାମନା ବୋଲି ମନେ ହୋଇଥିଲା ତାହାରି ପଶ୍ଚାତରେ ସେମାନଙ୍କ ଚିନ୍ତନର ଏକ ବ୍ୟାପକତର ତଥା ସର୍ବପ୍ରଯୁଜ୍ୟ ଅର୍ଥକୁ ପ୍ରଚ୍ଛାଦନ କରି ରଖିବା ଥିଲା ସେମାନଙ୍କର ଉଦ୍ଦେଶ୍ୟ । ଏହିପରି ଭାବରେ ମଧ୍ୟ ସେମାନେ ନିଜର ତଥା ଅନ୍ୟ ଋଷିମାନଙ୍କର ସମସ୍ତ ଆନ୍ତର ତଥା ବାହ୍ୟ ଅନୁଭୂତିକୁ ପ୍ରକାଶ କରୁଥିଲେ । ଯଜ୍ଞବେଦୀରେ ବଳି ଉଦ୍ଦେଶ୍ୟରେ ବନ୍ଧା ହୋଇଥିବା 'ଶୁନଃଶେପ'ର ପ୍ରାଚୀନ କାହାଣୀ ମଧ୍ୟରେ ଯଦିବି କୌଣସି ସତ୍ୟ ଥାଏ ତଥାପି ସେଥିରେ ଆମ ଦେଖିବା ଅନୁସାରେ ଏହା ନିଶ୍ଚିତ ଯେ ଋଗ୍‌ବେଦରେ ଏହି ଘଟଣା ବା ଉପାଖ୍ୟାନକୁ ପ୍ରତୀକ ରୂପେ ବ୍ୟବହାର କରାଯାଇଛି – ମନୁଷ୍ୟର ଅନ୍ତଃପୁରୁଷ ପାପର ତ୍ରିବିଧ ରଜ୍ଜୁ ଦ୍ୱାରା ଆବଦ୍ଧ ହୋଇ ରହିଛି ଏବଂ ଅଗ୍ନି, ସୂର୍ଯ୍ୟ ଓ ବରୁଣଙ୍କ ଦିବ୍ୟଶକ୍ତି ଦ୍ୱାରା ସେ ସେହି ବନ୍ଧନରୁ ମୁକ୍ତ ହୋଇଛି । ସେହିପରି ମଧ୍ୟ କୁତ୍ସ, କଣ୍ୱ, ଉଶନା କାବ୍ୟ ପ୍ରଭୃତି ଋଷିମାନେ କେତେକ ଆଧ୍ୟାତ୍ମିକ ଅନୁଭୂତି ଓ ବିଜୟର ନିଦର୍ଶନ ଓ ପ୍ରତୀକରେ ପରିଣତ ହୋଇଛନ୍ତି ଏବଂ ସେମାନଙ୍କର ସେହି ଯୋଗ୍ୟତା ଦୃଷ୍ଟିରୁ ସେମାନେ ଦେବତାମାନଙ୍କର ନୈକଟ୍ୟ ଲାଭ କରିଛନ୍ତି । ତେଣୁ ଏହି ରହସ୍ୟବାଦୀ ପ୍ରତୀକ

ବ୍ୟବସ୍ଥା ମଧ୍ୟରେ ସପ୍ତ ଅଙ୍ଗିରସ ଋଷି ଯେ ନିଜର ପାରମ୍ପରିକ ଓ ଐତିହାସିକ ମନୁଷ୍ୟ ଚରିତ୍ରକୁ ସଂପୂର୍ଣ୍ଣରୂପେ ବର୍ଜ୍ଜନ ନ କରି ମଧ୍ୟ ଅଧ୍ୟାତ୍ମିକ ଜୀବନର ଦିବ୍ୟ-ସାମର୍ଥ୍ୟ ଓ ଜୀବନ୍ତ ଶକ୍ତିରେ ପରିଣତ ହୋଇଥିବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହି ସମସ୍ତ କଳ୍ପନା ବା ଅନୁମାନକୁ ଗୋଟିଏ ପାର୍ଶ୍ୱରେ ଅଲଗା ରଖି ତା' ପରିବର୍ତ୍ତେ 'ଗୋ'ର ଚିତ୍ର ତଥା ଅଙ୍ଗୀରସ ମଧ୍ୟରୁ ସୂର୍ଯ୍ୟ ଓ ଉଷାଙ୍କ ପୁନରୁଦ୍ଧାର ବିଷୟ ମଧ୍ୟରେ ସେମାନଙ୍କ ବ୍ୟକ୍ତିତ୍ୱର ଏହି ତ୍ରିବିଧ ଉପାଦାନ ବା ବିଭାବ କିପରି ନିଜ ଭୂମିକା ବ୍ୟକ୍ତ କରିଛନ୍ତି, ତାହା ପରୀକ୍ଷା କରିବା ।

ପ୍ରଥମେ ଲକ୍ଷ୍ୟ କରିବା କଥା ଯେ ବେଦରେ ଅଙ୍ଗିରସ ଶବ୍ଦଟି ଏକ ବିଶେଷଣ ପଦ ରୂପେ ଅଧିକାଂଶ ସମୟରେ ଉଷା ଓ ଗୋ-ରୂପକ ସହିତ ବ୍ୟବହୃତ ହୋଇଛି । ଦ୍ୱିତୀୟରେ ଅଗ୍ନିଙ୍କର ଏକ ନାମ ରୂପେ ମଧ୍ୟ ଏହା ଆସେ, ଆଉ ମଧ୍ୟ ଇନ୍ଦ୍ରଙ୍କୁ ଅଙ୍ଗିରସ ହେବାକୁ କୁହାଯାଇଛି ଏବଂ ବୃହସ୍ପତିଙ୍କୁ ମଧ୍ୟ ଅଙ୍ଗିରସ୍ ତଥା ଅଙ୍ଗିରସ କୁହାଯାଇଛି । ଏଥିରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଏହା କେବଳ ଏକ ଆଡଙ୍କାରିକ ବା ପୌରାଣିକ ସଂଜ୍ଞା ନୁହେଁ ବରଂ ଏହାର ଏକ ବିଶେଷ ତାତ୍ପର୍ଯ୍ୟ ଅଛି ଏବଂ ଶବ୍ଦଟିରେ ନିହିତ ଆଧ୍ୟାତ୍ମିକ ବା ଅନ୍ୟ ଅର୍ଥର ସୂଚନା ପାଇଁ ଏହା ଉଦ୍ଦିଷ୍ଟ । ଏପରିକି ଅଶ୍ୱିଦ୍ୱୟଙ୍କୁ ମଧ୍ୟ ସମବେତ ରୂପେ ଅଙ୍ଗିରସ କୁହାଯାଏ । ଏଥିରୁ ସ୍ପଷ୍ଟରୂପେ ଜଣାଯାଏ, ବେଦରେ ଅଙ୍ଗିରସ ଶବ୍ଦଟି କେବଳ ଏକ ଋଷିକୁଳ ଅର୍ଥରେ ଯେ ପ୍ରଯୁକ୍ତ, ତା' ନୁହେଁ, ବରଂ ଏହାକୁ ଏକ ବିଶିଷ୍ଟ ଅର୍ଥ ସହ ପ୍ରୟୋଗ କରାଯାଇଛି । ଏହା ମଧ୍ୟ ସମ୍ଭବ ଯେ ଯେତେବେଳେ ଏହା ଏକ ନାମ ହିସାବରେ ବ୍ୟବହୃତ ହୁଏ ସେତେବେଳେ ବି ସେଥିରେ ନାମଟିର ଅନ୍ତର୍ନିହିତ ଭାବକୁ ସ୍ପଷ୍ଟ ସ୍ୱୀକୃତି ସହିତ ବ୍ୟବହାର କରାଯାଏ; ଏହା ମଧ୍ୟ ସମ୍ଭବ ହୋଇଥାଇପାରେ ଯେ ବେଦରେ ଉଲ୍ଲିଖିତ ନାମଗୁଡ଼ିକ ସବୁବେଳେ ନ ହେଲେ ବି ସାଧାରଣତଃ ସେଗୁଡ଼ିକରେ ଏକ ବିଶେଷ ଗୁରୁତ୍ୱ ଦେବା ଅର୍ଥରେ ବ୍ୟବହୃତ, ବିଶେଷତଃ ଦେବତା ଋଷି ଓ ରାଜାମାନଙ୍କ ନାମ କ୍ଷେତ୍ରରେ । 'ଇନ୍ଦ୍ର' ସାଧାରଣତଃ ନାମରୂପେ ବ୍ୟବହୃତ, ତଥାପି ଯେତେବେଳେ ଉଷାଙ୍କୁ 'ଇନ୍ଦ୍ରତମା' 'ଅଙ୍ଗିରସ୍ତମା' କୁହାଯାଏ ଅର୍ଥାତ୍ ଯିଏ ସର୍ବାଧିକ ଇନ୍ଦ୍ର ଓ ସର୍ବାଧିକ ଅଙ୍ଗିରସ, ସେହିପରି ପଣିମାନଙ୍କୁ 'ଅନିନ୍ଦ୍ରାଃ' ଅର୍ଥାତ୍ ଇନ୍ଦ୍ରହୀନ କୁହାଯାଏ ସେତେବେଳେ ବୈଦିକ ଶବ୍ଦପ୍ରୟୋଗ ରୀତିର ଏତାଦୃଶ ତାତ୍ପର୍ଯ୍ୟର ଆଭାସ ମିଳେ । ଇନ୍ଦ୍ର ବା ଅଙ୍ଗିରସଙ୍କ ଦ୍ୱାରା ଯେଉଁସବୁ ଗୁଣ, ଶକ୍ତି ବା କର୍ମ ସୂଚିତ ହୁଏ ସେଗୁଡ଼ିକର ଅସ୍ତିତ୍ୱ ବା ନାସ୍ତିତ୍ୱର ଅର୍ଥ ବ୍ୟକ୍ତ କରିବା ହେଉଛି ଏଭଳି ପ୍ରୟୋଗର ସ୍ପଷ୍ଟ ଉଦ୍ଦେଶ୍ୟ । ତା'ହେଲେ ଏହି ଅର୍ଥ କ'ଣ ବୁଝାଉଛି ଓ ଅଙ୍ଗିରସ ଋଷିମାନଙ୍କ ସ୍ୱଭାବ ବା କର୍ମ ସମ୍ବନ୍ଧରେ ଏହା କିଭଳି ଆଲୋକପାତ କରେ ତାହା ଆମକୁ ଦେଖିବାକୁ ହେବ ।

ଏହି ଅଙ୍ଗିରସ ଶବ୍ଦଟି ଅଗ୍ନିଙ୍କ ନାମର ସମାର୍ଥକ; କାରଣ, 'ଅଗ୍ନି'ର ମୂଳଧାତୁ ହେଲା 'ଅଗ୍', ଏହି ଧାତୁର କେବଳ ଅନୁନାସିକ ଉଚ୍ଚାରଣ 'ଅଙ୍', ଏହିଥିରୁହିଁ ଏହାର

ଉପରି । ମନେହୁଏ, ଏ ଉଭୟ ଧାତୁର ଆନ୍ତର ଅର୍ଥ ପ୍ରତିବୋଧିତ କରେ ଏକ ପ୍ରଧାନ ବା ଶକ୍ତିଶାଳୀ ଅବସ୍ଥାକୁ— ଅନୁଭାବ, ଗତିବୃତ୍ତି, କ୍ରିୟା, ଆଲୋକକୁ ।[୨] ଏବଂ ଏହି ଯେଉଁ ଉଜ୍ଜ୍ୱଳ ବା ଜ୍ୱଳନ୍ତ ଆଲୋକ ବୋଲି ଅନ୍ତିମ ଅର୍ଥ ଆସୁଛି ସେଥିରୁ ହୋଇଛି ଅଗ୍ନି, ଅଙ୍ଗତି(ଅଗ୍ନି), ଅଙ୍ଗାର(ଜ୍ୱଳନ୍ତ କୋଇଲା) ଏବଂ ଯେଉଁ ଅଙ୍ଗିରସ ଶବ୍ଦ ଆମକୁ ମିଳିଛି ତାହାର ଅର୍ଥ ଜାଜ୍ୱଲ୍ୟ, ଦୀପ୍ତିମୟ । ବେଦରେ ତଥା ବ୍ରାହ୍ମଣ (ଗ୍ରନ୍ଥ) ପରମ୍ପରାରେ ଅଙ୍ଗିରସଗଣ ନିଜ ଜନ୍ମଗତ ଉତ୍ସ ଦୃଷ୍ଟିରୁ ଅଗ୍ନିଙ୍କ ସହ ଘନିଷ୍ଠଭାବେ ସଂଯୁକ୍ତ । ବ୍ରାହ୍ମଣ ଗ୍ରନ୍ଥରେ ଅଗ୍ନିକୁ ନିଆଁ ଓ ଅଙ୍ଗିରସମାନଙ୍କୁ ଜ୍ୱଳନ୍ତ ଅଙ୍ଗାର (ଅଙ୍ଗାରାଃ) ବୋଲି କୁହାଯାଇଛି; କିନ୍ତୁ ସ୍ୱୟଂ ବେଦର ସଂକେତ ଅନୁଯାୟୀ ଏଗୁଡ଼ିକର ଅର୍ଥ ଅଗ୍ନିଙ୍କ ଶିଖା ବା ପ୍ରଭା ହୋଇଥିବା ମନେହୁଏ । ଅଙ୍ଗିରସ ଋଷିମାନଙ୍କ ସମ୍ବନ୍ଧରେ ୧୦।୬୨[୩] ସୂକ୍ତରେ କୁହାଯାଇଛି ଯେ ସେମାନେ ଅଗ୍ନିଙ୍କ ପୁତ୍ର ଏବଂ ସ୍ୱର୍ଗର ସବୁଠାରେ ସେମାନେ ତାଙ୍କ ଚତୁଷ୍ପାର୍ଶ୍ୱରେ ବିଭିନ୍ନ ରୂପଧାରଣ କରି ଜନ୍ମଗ୍ରହଣ କରିଛନ୍ତି, ଆହୁରି ମଧ୍ୟ ପରବର୍ତ୍ତୀ ବାକ୍ୟାଂଶରେ ସେମାନଙ୍କ ସମ୍ବନ୍ଧରେ ସେମାନଙ୍କୁ ଏକସଙ୍ଗେ ନେଇ ଏକବଚନ ବ୍ୟବହାର ପୂର୍ବକ କୁହାଯାଇଛି, **"ନବଗ୍ୱା ନୁ ଦଶଗ୍ୱା ଅଙ୍ଗିରସ୍ତମଃ ସଚା ଦେବେଷୁ ମଂହତେ"**, ଅର୍ଥାତ୍ ନବରଶ୍ମିଯୁକ୍ତ, ଦଶରଶ୍ମିଯୁକ୍ତ ସର୍ବାଧିକ ଅଙ୍ଗିରସ, ଏହି ଅଙ୍ଗିରସକୁଳ ଦେବଗଣଙ୍କ ସହିତ ବା ଦେବଗଣଙ୍କ ମଧ୍ୟରେ ସଂପଦଶାଳୀ ହୋଇଉଠନ୍ତି । ଇନ୍ଦ୍ରଙ୍କ ସହାୟତା ଲାଭକରି ସେମାନେ ଗୋ ଏବଂ ଅଶ୍ୱମାନଙ୍କର ବନ୍ଦିଗୋଷ୍ଠଗୁଡ଼ିକୁ ଉନ୍ମୁକ୍ତ କରିଦିଅନ୍ତି, ଯଜମାନକୁ ଗୂଢ଼ ଅଷ୍ଟକର୍ଣ୍ଣ ବିଶିଷ୍ଟ ଗୋ-ସମ୍ପଦ ଦାନ କରନ୍ତି ଏବଂ ଏହା ଫଳରେ ଦେବତାମାନଙ୍କ ମଧ୍ୟରେ **ଶ୍ରବସ୍** ଅର୍ଥାତ୍ ଦିବ୍ୟଶ୍ରବଣ ବା ସତ୍ୟର ଅନ୍ତଃପ୍ରେରଣା ସୃଷ୍ଟି କରନ୍ତି । ଏଥିରୁ ଯଥେଷ୍ଟ ପ୍ରମାଣ ମିଳେ ଯେ ଏଠାରେ ଅଙ୍ଗିରସ ଋଷିମାନେ ଦିବ୍ୟ ଅଗ୍ନିଙ୍କର ସ୍ୱର୍ଗଜାତ ଉଜ୍ଜ୍ୱଳ ପ୍ରଭାରାଜି, ତେଣୁ ସେମାନେ କୌଣସି ଭୌତିକ ଅଗ୍ନିର ପ୍ରଭା ନୁହନ୍ତି ବରଂ ଦିବ୍ୟଶିଖାର ପ୍ରଭା, ସେମାନେ ଜ୍ୟୋତିଃର ନବ ଓ ଦଶ ରଶ୍ମି ଦ୍ୱାରା ସମ୍ବନ୍ଧ ହୁଅନ୍ତି ଏବଂ

---

[୨] କହିବାକୁ ଗଲେ, ଆମେ ପ୍ରଥମେ ବା ଶୀର୍ଷ ଅର୍ଥରେ 'ଅଗ୍ର' ଶବ୍ଦକୁ ନେଇଥାଉ, ଏବଂ ଗ୍ରୀକ୍ ଭାଷାରେ ଏହାକୁ ଅତ୍ୟଧିକ ଅର୍ଥରେ 'ଅଗନ୍' କୁହାଯାଏ, ଅନୁଭାବ ଅର୍ଥରେ ଗ୍ରୀକ୍‌ରେ 'ଅଗପେ' ଅର୍ଥାତ୍ ପ୍ରେମ, ସମ୍ଭବତଃ ସଂସ୍କୃତରେ ସ୍ତ୍ରୀ ଅର୍ଥରେ ଏହା ଅଙ୍ଗନା ହୋଇଛି; ଗତି ଏବଂ କ୍ରିୟା ଅର୍ଥରେ ସଂସ୍କୃତ ଗ୍ରୀକ୍ ଓ ଲାଟିନ୍ ଭାଷାରେ ଏହିଭଳି ଅନେକ ଶବ୍ଦ ରହିଛି ।

[୩] ତେ ଅଙ୍ଗିରସଃ ପୂନବସ୍ତେ ଅଗ୍ନେଃ ପରି ଜଜ୍ଞିରେ ॥୫॥
ଯେ ଅଗ୍ନେଃ ପରି ଜଜ୍ଞିରେ ବିରୂପାସୋ ଦିବସ୍ପରି ।
ନବଗ୍ୱା ନୁ ଦଶଗ୍ୱା ଅଙ୍ଗିରସ୍ତମଃ ସଚା ଦେବେଷୁ ମଂହତେ ॥୬॥
ଇନ୍ଦ୍ରେଣ ଯୁଜା ନିଃ ସୃଜନ୍ତ ବାଘତୋ ବ୍ରଜଂ ଗୋମନ୍ତମଶ୍ୱିନମ୍ ।
ସହସ୍ରଂ ମେ ଦଦତୋ ଅଷ୍ଟକର୍ଣ୍ୟଃ ଶ୍ରବୋ ଦେବେଷ୍ୱକ୍ରତ ॥୭॥

ସର୍ବାଧିକ ଅଙ୍ଗିରସରେ ପରିଣତ ହୁଅନ୍ତି, ଅର୍ଥାତ୍ ସେମାନେ ହେଉଛନ୍ତି ଦିବ୍ୟ ବହ୍ନିଶିଖା ବା ଅଗ୍ନିଙ୍କର ଉଜ୍ଜ୍ୱଳ ପରିପୂର୍ଣ୍ଣ ପ୍ରଭା ଏବଂ ତା'ଫଳରେ କାରାବଦ୍ଧ ଜ୍ୟୋତିଃ ଓ ଶକ୍ତିକୁ ମୁକ୍ତ କରିବା ସହିତ ଅତିମାନସିକ ଜ୍ଞାନ ସୃଷ୍ଟି କରିବାକୁ ସେମାନେ ସକ୍ଷମ ହୁଅନ୍ତି ।

ଏହି ପ୍ରତୀକବାଦୀ ବ୍ୟାଖ୍ୟା ସ୍ୱୀକୃତ ନ ହେଲେ ମଧ୍ୟ ଏଠାରେ ଯେ ଏକ ପ୍ରତୀଚ୍ଛାତ୍ମକ ଅର୍ଥ ରହିଛି ଏହା ନିଶ୍ଚୟ ସ୍ୱୀକାର କରିବାକୁ ହେବ । ଏହି ଅଙ୍ଗିରସମାନଙ୍କର କର୍ମ ମନୁଷ୍ୟ-ଅଙ୍ଗିରସ ବା ମନୁଷ୍ୟ-ପିତୃଗଣଙ୍କ, ପିତରୋ ମନୁଷ୍ୟାଃ, ପରି ହେଲେ ମଧ୍ୟ ଏମାନେ ମନୁଷ୍ୟ ଯଜ୍ଞମାନ ନୁହନ୍ତି ବରଂ ଅଗ୍ନିଙ୍କ ସ୍ୱର୍ଗଜାତ ପୁତ୍ରଗଣ, ସେମାନେ ବିଭିନ୍ନ ରୂପ ଧାରଣ କରି, ଜାତ ହୋଇଛନ୍ତି, ବିରୂପାସଃ, ଏବଂ ଏସବୁର ଏପରି ଅର୍ଥ ହେବା ସମ୍ଭବ ଯେ ସେମାନେ ଅଗ୍ନିଶକ୍ତିର ବିବିଧ ରୂପ । ବର୍ତ୍ତମାନ ପ୍ରଶ୍ନ ହେଲା ଏଠାରେ କେଉଁ ଅଗ୍ନିଙ୍କ ସମ୍ବନ୍ଧରେ କୁହାଯାଇଛି । ଏହା କ'ଣ ଯଜ୍ଞୀୟ ଅଗ୍ନି, ଯାହା ସାଧାରଣତଃ ମହାଭୂତ ମଧ୍ୟରେ ଗଣ୍ୟ ଅଗ୍ନି ? ଅଥବା ''ଯେ ଦ୍ରଷ୍ଟୃ-ସଂକଳ୍ପ-ସମ୍ପନ୍ନ ପୁରୋହିତ'' ବା ''ଯେ ଦ୍ରଷ୍ଟାର କର୍ମ କରନ୍ତି, ଯେ ସତ୍ୟ ବା ଯେ ଆନ୍ତରପ୍ରେରଣାର ବିଚିତ୍ର ଆଲୋକରେ ସମୃଦ୍ଧ''— ଅଗ୍ନିର୍ହୋତା କବିକ୍ରତୁଃ ସତ୍ୟଶ୍ଚିତ୍ରଶ୍ରବସ୍ତମଃ (୧।୧।୫) ବୋଲି ଯେଉଁ ବର୍ଣ୍ଣନା କରାଯାଇଛି ଏ କ'ଣ ସେହି ଅନ୍ୟ ପବିତ୍ର ଅଗ୍ନି ? ଏମାନେ ଯଦି ଅଗ୍ନେୟ ଉପାଦାନ ହୁଅନ୍ତି ତେବେ ଏମାନେ ଯେଉଁ ଜ୍ୱଳନ୍ତ ପ୍ରଭାର ପ୍ରତିନିଧି ସ୍ୱରୂପ ଅଟନ୍ତି ତାହା ନିଶ୍ଚୟ ସୂର୍ଯ୍ୟଙ୍କର ପ୍ରଭା ଅର୍ଥାତ୍ ପ୍ରଜ୍ୱଳିତ ଅଗ୍ନି ଯାହା ସୌରରଶ୍ମି ରୂପେ ବିକୀର୍ଣ୍ଣ ହୁଏ ଏବଂ ଆକାଶରୂପୀ ଇନ୍ଦ୍ରଙ୍କ ସହଯୋଗରେ ଉଷାଙ୍କୁ ସୃଷ୍ଟି କରେ । ଆଙ୍ଗିରସ ଉପାଖ୍ୟାନର ବିସ୍ତୃତ ବିବରଣ ତଥା ଅବସ୍ଥିତି ସହିତ ସଙ୍ଗତି ରଖି ଅନ୍ୟ କୌଣସି ଭୌତିକଧର୍ମୀ ବ୍ୟାଖ୍ୟା ହୋଇ ପାରିବ ନାହିଁ । କିନ୍ତୁ ଅଙ୍ଗିରସ ଋଷିମାନଙ୍କ ସମ୍ବନ୍ଧରେ ଅଧିକ ବର୍ଣ୍ଣନା ହେଉଛି ଯେ ସେମାନେ ଦ୍ରଷ୍ଟା, ସ୍ତୁତିଗାୟକ, ସେମାନେ ସୂର୍ଯ୍ୟ ଓ ଉଷାଙ୍କ ଶକ୍ତି ପରି ବୃହସ୍ପତିଙ୍କର ଶକ୍ତି ମଧ୍ୟ, — ଏସବୁର କୌଣସି ଅର୍ଥ ସେ ବ୍ୟାଖ୍ୟାରେ ରହେ ନାହିଁ ।

ବେଦର ଅନ୍ୟ ଏକ ସୂକ୍ତାଂଶ (୬।୬।୩-୫)[୪] ଯେଉଁଥିରେ ଏହି ଦିବ୍ୟ ଅଙ୍ଗିରସମାନଙ୍କ ସହିତ ଅଗ୍ନିଙ୍କର ଜ୍ୱଳାମୟୀ ପ୍ରଭାର ତାଦାତ୍ମ୍ୟ ରହିଛି ସେଥିରେ ଏ କଥା ସ୍ପଷ୍ଟ ଓ ଅଭ୍ରାନ୍ତଭାବେ ବର୍ଣ୍ଣନା କରାଯାଇଛି । ''ହେ ଶୁଦ୍ଧ ଦ୍ୟୁତିମାନ୍ ଅଗ୍ନି, ବାୟୁ ଦ୍ୱାରା ଚାଳିତ ହୋଇ ତୁମର ଶୁଦ୍ଧ ଦୀପ୍ତିମୟ ପ୍ରଭାସମୂହକୁ (ଭାମାସଃ) ସର୍ବତ୍ର ଦୂରରୁ ଦୂରକୁ

---

୪ ବି ତେ ବିଶ୍ୱଗ୍ ବାତଜୂତାସୋ ଅଗ୍ନେ ଭାମାସଃ ଶୁଚେ ଶୁଚୟଶ୍ଚରନ୍ତି ।
ତୁବିଦ୍ରକ୍ଷାସୋ ଦିବ୍ୟା ନବଗ୍ୱା ବନା ବନନ୍ତି ଧୃଷତା ରୁଜନ୍ତଃ ॥୩॥
ୟେ ତେ ଶୁକ୍ରାସଃ ଶୁଚୟଃ ଶୁଚିଷ୍ମଃ କ୍ଷାଂ ବପନ୍ତି ବିଷିତାସୋ ଅଶ୍ୱାଃ ।
ଅଧ ଭ୍ରମସ୍ତ ଉର୍ବିୟା ବି ଭାତି ୟାତୟମାନୋ ଅଧି ସାନୁ ପୃଶ୍ନେଃ ॥୪॥
ଅଧ ଜିହ୍ୱା ପାପତୀତି ପ୍ର ବୃଷ୍ଣୋ ଗୋଷୁୟୋଧୋ ନାଶନିଃ ସୃଜାନା ।

ବିସ୍ତାର କର, ଅତ୍ୟନ୍ତ ବଳବତ୍ ଶକ୍ତିରେ ଉତ୍ଫୁଲ୍ଲିତ ସ୍ୱର୍ଗୀୟ ନବଗ୍ୱମାନେ ବନକୁ ବଳପୂର୍ବକ ଦୀର୍ଣ୍ଣବିଦୀର୍ଣ୍ଣ କରି ଉପଭୋଗ କରନ୍ତୁ[୫] (ବନା ବନନ୍ତି, ଏହି ପଦଗୁଡ଼ିକ ଅତ୍ୟନ୍ତ ତତ୍ତ୍ୱମୂଳକ ଭାବେ ବ୍ୟକ୍ତ କରୁଥିବା ଗୂଢ଼ ଅର୍ଥଟି ହେଲା — ''ସେମାନେ ଉପଭୋଗର ସାମଗ୍ରୀଗୁଡ଼ିକୁ ଭୋଗ କରୁଛନ୍ତି'')। ହେ ଶୁଦ୍ଧ ଜ୍ୟୋତିଃସମ୍ପନ୍ନ ଦେବ, ତୁମର ଉଜ୍ଜ୍ୱଳ ଓ ଶୁଦ୍ଧ ସେହି ପ୍ରଭାଗଣ ସମଗ୍ର ପୃଥିବୀକୁ ମାଡ଼ି ଯାଉଛନ୍ତି[୬] (ଅଥବା ପୃଥିବୀକୁ ଜୟ କରୁଛନ୍ତି), ଏମାନେ ହେଉଛନ୍ତି ଚତୁର୍ଦିଗରେ କ୍ଷେପି ଯାଉଥିବା ତୁମ ଅଶ୍ୱଗଣ। ତା'ପରେ ତୁମର ଅତ୍ୟନ୍ତ ପ୍ରସାରିତ ତଥା ଗତିଶୀଳ କିରଣଗୁଡ଼ିକ ନିଜର ଯାତ୍ରାକୁ ବହୁରଙ୍ଗିଣୀ ଗୋମାନଙ୍କ (ଗୋ-ସ୍ୱରୂପା ଏବଂ ମରୁଦ୍‌ଗଣଙ୍କ ମାତା 'ପୃଷ୍ନି'ଙ୍କ) ସ୍ତର, ଉଚ୍ଚତର ସ୍ତର ଆଡ଼କୁ ମୁହେଁଇ ଦେଉଛନ୍ତି। ତା'ପରେ ତୁମର ଦ୍ୱୈତ ଜିହ୍ୱା (ଭୂ ଓ ସ୍ୱର୍ଗ) ମୁକ୍ତି ପାଇଁ ଯୁଦ୍ଧରତ ବୃଷଙ୍କଠାରୁ ନିକ୍ଷିପ୍ତ ବଜ୍ର ପରି ଆଗକୁ ମାଡ଼ିଚାଲିବ।'' ଋଷିମାନେ ଯେ ଅଗ୍ନିଶିଖା ଏହି ଅଭିନ୍ନତା ସୁସ୍ପଷ୍ଟ ହୋଇଥିଲେ ମଧ୍ୟ ସାୟଣ ତାହାକୁ ଗ୍ରହଣ ନ କରି ନବଗ୍ୱର ଅର୍ଥ ''ନବଜାତ ରଶ୍ମି'' କରି ତାହାକୁ ଉପେକ୍ଷା କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ଏଠାକାର ''**ଦିବ୍ୟା ନବଗ୍ୱାଃ**'' ଏବଂ ୧୦।୬୨ ସୂକ୍ତର ସ୍ୱର୍ଗଜାତ ଅଗ୍ନିଙ୍କର ପୁତ୍ରମାନେ — 'ନବଗ୍ୱାଃ'— ଏ ଉଭୟ ସମାନ, ଏହାଛଡ଼ା ଅନ୍ୟ କିଛି ହେବା ସମ୍ଭବ ନୁହେଁ। ଆଉ ମଧ୍ୟ ଏମାନେ ଯେ ତାଙ୍କ ସହ ସମାନ ସେବିଷୟରେ କୌଣସି ଦୃଢ଼ ସମର୍ଥନ ଆବଶ୍ୟକ ହେଲେ ଏହି ଉକ୍ତିରୁ ତାହା ପ୍ରତିପନ୍ନ ହୁଏ ଅର୍ଥାତ୍ ନବଗ୍ୱମାନଙ୍କ କର୍ମ ଦ୍ୱାରା ସାଧିତ ଅଗ୍ନିଙ୍କ ଏହି ବ୍ୟାପ୍ତି ଫଳରେ ତାଙ୍କ ଜିହ୍ୱା ଗାଭୀମାନଙ୍କ ନିମନ୍ତେ ଯୁଦ୍ଧରତ ବୃଷରୂପୀ ଇନ୍ଦ୍ରଙ୍କ ହସ୍ତଚ୍ୟୁତ ବଜ୍ରର ଆକାର ଧାରଣ କରେ ଏବଂ ତାହା ସ୍ୱର୍ଗର ଗିରି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଅନ୍ଧକାରର ସମସ୍ତ ଶକ୍ତିକୁ ଅମୋଘରୂପେ ଆଘାତ କରିବାକୁ ଆଗକୁ ଲମ୍ଫ ଦିଏ; କାରଣ ଅଗ୍ନି ଓ ନବଗ୍ୱମାନେ ଯାତ୍ରା କାଳରେ ପ୍ରଥମେ ପୃଥିବୀ ଉପରେ ବିଚରଣ କରନ୍ତି ଓ ତା'ପରେ ଗିରି ଆରୋହଣ କରନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି (ସାନୁ ପୃଶ୍ନେଃ)।

ଏଠାରେ ଅଗ୍ନିଶିଖା ଓ ଜ୍ୟୋତିଃର ଏକ ପ୍ରତୀକାତ୍ମକ ବ୍ୟବହାର ସ୍ପଷ୍ଟତଃ ଦେଖିବାକୁ ମିଳେ, ଦିବ୍ୟବହ୍ନିଶିଖାଗୁଡ଼ିକ ପୃଥିବୀକୁ ପ୍ରଥମେ ଗ୍ରାସ କରନ୍ତି ଓ ତା'ପରେ ସ୍ୱର୍ଗର ବିଦ୍ୟୁତ୍ ତଥା ସୌରଶକ୍ତିର ପ୍ରଭା ହୋଇଉଠନ୍ତି; କାରଣ ବେଦରେ ଅଗ୍ନି ହେଉଛନ୍ତି ସୂର୍ଯ୍ୟଙ୍କ ଜ୍ୟୋତିଃ, ସେହିପରି ଜଳଧାରାଗୁଡ଼ିକ ମଧ୍ୟରେ ଦୃଶ୍ୟମାନ ବିଦ୍ୟୁତ୍ ମଧ୍ୟ ସିଏ ଏବଂ ସିଏହିଁ ପୃଥିବୀ ଉପରେ ଦେଦୀପ୍ୟମାନ ଜ୍ୱାଳା। ଅଙ୍ଗିରସ ଋଷିମାନେ ଅଗ୍ନିଙ୍କ ଶକ୍ତି ହୋଇଥିବାରୁ ସେମାନେ ମଧ୍ୟ ତାଙ୍କର ଏହି ବହୁବିଧ କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି। ଯଜ୍ଞ ଦ୍ୱାରା ପ୍ରଜ୍ୱଳିତ ଦିବ୍ୟ ଅଗ୍ନିଶିଖା ହେଉଛି ଇନ୍ଦ୍ରଙ୍କ ଅସ୍ତ୍ର ତଥା ସ୍ୱର୍ଗୀୟ ପ୍ରସ୍ତର, **ସ୍ୱର୍ୟ ଅଶ୍ମା**, ଯାହା

---

୫ ସାୟଣଙ୍କ ମତରେ ଏହାର ଅର୍ଥ, ଯଜ୍ଞାଗ୍ନି ନିମନ୍ତେ ଅଣା ଯାଇଥିବା କାଠଗଣ୍ଠି।

୬ ସାୟଣଙ୍କ ମତରେ ଏହାର ଅର୍ଥ, ପୃଥିବୀର କେଶ ମୁଣ୍ଡନ କରୁଛନ୍ତି।

ବିଦ୍ୟୁତ୍ ପାଇଁ ଉପାଦାନ ଯୋଗାଇ ଦିଏ । ଏବଂ ଏହାଦ୍ୱାରା ସେ ଅନ୍ଧକାରର ଶକ୍ତିମାନଙ୍କୁ ବିନଷ୍ଟ କରି ଗୋସମୂହରୂପକ ସୌରଦୀପ୍ତିକୁ ଜୟ କରନ୍ତି ।

ଅଙ୍ଗିରସମାନଙ୍କ ପିତା ଅଗ୍ନି ଯେ କେବଳ ଏ ସମସ୍ତ ଦିବ୍ୟଶକ୍ତିଙ୍କର ଉତ୍ସ ତଥା ପ୍ରଭବ ତା' ନୁହେଁ, ତାଙ୍କୁ ମଧ୍ୟ ପ୍ରଥମ ଅର୍ଥାତ୍ ପରମ ଓ ଆଦି ଅଙ୍ଗିରସ ବୋଲି କୁହାଯାଏ, **ପ୍ରଥମୋ ଅଙ୍ଗିରାଃ** । ଏହି ବର୍ଣ୍ଣନା ଦ୍ୱାରା ବୈଦିକ ଋଷିମାନେ ଆମକୁ କ'ଣ କହିବାକୁ ଚାହାନ୍ତି ? ଯେଉଁସବୁ ଅଂଶରେ ଏହି ବିଶେଷଣଟି ଏହି ଉଜ୍ଜ୍ୱଳ ଓ ଶିଖାମୟ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଛି ସେଥି ମଧ୍ୟରୁ କେତୋଟି ଅଂଶ ପ୍ରତି ଦୃଷ୍ଟି ଦେଲେ ଏହାର ଅର୍ଥ ଅଧିକ ସ୍ପଷ୍ଟ ରୂପେ ବୁଝାଯାଏ । ପ୍ରଥମତଃ ଅଗ୍ନିଙ୍କର ଅନ୍ୟ ଏକ ଚିରବ୍ୟବହୃତ ବିଶେଷଣ ସହିତ ଏହାର ଦୁଇଥର ଉଲ୍ଲେଖ ରହିଛି — ଦିବ୍ୟଶକ୍ତି ବା ବଳର ସୁତ — **ସହସଃ ସୂନୁଃ ଊର୍ଜୋ ନପାତ୍** । ଉଦାହରଣ ସ୍ୱରୂପ ତାଙ୍କୁ ସମ୍ବୋଧିତ ୮।୬୦।୨[୭] ଋକ୍‌ରେ କୁହାହୋଇଛି — **ସହସଃ, ସୂନୋ ଅଙ୍ଗିରଃ**, ଅର୍ଥାତ୍ ''ହେ ଶକ୍ତିର ପୁତ୍ର ଅଙ୍ଗିରସ୍'' ଏବଂ ୮।୮୪।୪ ଋକ୍‌ରେ କୁହାଯାଇଛି — **ଅଗ୍ନେ ଅଙ୍ଗିର ଊର୍ଜୋ ନପାତ୍,**[୮] ଅର୍ଥାତ୍ ''ହେ ଶକ୍ତିର ପୁତ୍ର ଅଗ୍ନି ଅଙ୍ଗିରସ ।'' ଆଉ ମଧ୍ୟ ୫।୧୧।୬ଋ[୯]ରେ କୁହାଯାଇଛି ଯେ — ''ହେ ଅଗ୍ନି ଅଙ୍ଗିରସମାନେ ତୁମକୁ ଗୁପ୍ତ ସ୍ଥାନରେ ନିହିତ (ଗୁହା ହିତମ୍) ତଥା ପ୍ରତିବନରେ (ବନେ ବନେ) ଶୟାନାବସ୍ଥାରେ ଦେଖିଥିଲେ'' ଜିଜ୍ଞାସା ଯେପରି ଏହା ପୂର୍ବରୁ ''ବନା ବନନ୍ତି''ର ରହସ୍ୟାର୍ଥ ସମ୍ବନ୍ଧରେ ଆଭାସ ଦିଆଯାଇଛି ଏଠାରେ ମଧ୍ୟ ଯଦି ଆମେ ତାହା ସ୍ୱୀକାର କରୁ ତା'ହେଲେ ''ବନେ ବନେ''ର ଅର୍ଥ ହେବ ''ପ୍ରତି ଭୋଗ୍ୟବସ୍ତୁରେ । ଏହିପରି ଭାବରେ ମଥିତ ହୋଇ (ମଥ୍ୟମାନଃ) ତୁମେ ଏକ ବିରାଟ ଶକ୍ତିରୂପେ ଜାତ ହୁଅ । ହେ ଅଙ୍ଗିରସ, ତୁମେ ଏକ ବିରାଟ ଶକ୍ତି ହୋଇଛ; ହେ ଅଙ୍ଗିରସ, ତୁମକୁ ସେମାନେ ଶକ୍ତିପୁତ୍ର ବୋଲି କୁହନ୍ତି''— **ସ ଜାୟସେ ମଥ୍ୟମାନଃ ସହୋ ମହତ୍ ତ୍ୱାମ୍ ଆହୁଃ ସହସଃ ପୁତ୍ରମ୍ ଅଙ୍ଗିରଃ** । ତା'ହେଲେ ଅଙ୍ଗିରସଙ୍କ ସମ୍ବନ୍ଧରେ ବୈଦିକ ଭାବନା ଅନୁସାରେ ଶକ୍ତି ଯେ ଏହାର ଏକ ମୌଳିକ ଉପାଦାନ ଏଥିରେ କୌଣସି ସନ୍ଦେହ ନାହିଁ ଏବଂ ଆମେ ଆଗରୁ ଯେପରି ଦେଖିଛୁ, ଶବ୍ଦଟି ଯେଉଁ ଅର୍ଥ ବୁଝାଏ ତାହାର ଏହା ଗୋଟିଏ ଅଂଶମାତ୍ର । ସ୍ଥିତିଶକ୍ତି, କର୍ମ, ଗତିବୃତ୍ତି, ଆଲୋକ,

---

୭ ଅଚ୍ଛା ହି ତ୍ୱା ସହସଃ ସୂନୋ ଅଙ୍ଗିରଃ ସ୍ତୋମୈର୍ଗୀର୍ଭିର୍ନରଃ ପତ୍ୟମାମହେ ।
ଊର୍ଜୋ ନପାତଂ ଘୃତକେଶମୀମହେଽଗ୍ନିଂ ୟଜ୍ଞେଷୁ ପୂର୍ବ୍ୟମ୍ ॥ (ଋ.୮।୬୦।୨)

୮ କୟା ତେ ଅଗ୍ନେ ଅଙ୍ଗିର ଊର୍ଜୋ ନପାଦୁପସ୍ତୁତିମ୍ । ବରାୟ ଦେବ ମନ୍ୟବେ ॥
(ଋ.୮।୮୪।୪)

୯ ତ୍ୱାମଗ୍ନେ ଅଙ୍ଗିରସୋ ଗୁହା ହିତଂ ଅନ୍ୱବିନ୍ଦନ୍ ଶିଶ୍ରିୟାଣଂ ବନେ ବନେ ।
ସ ଜାୟସେ ମଥ୍ୟମାନଃ ସହୋ ମହତ୍ ତ୍ୱାମାହୁଃ ସହସସ୍ପୁତ୍ର ଅଙ୍ଗିର ॥ (ଋ.୫।୧୧।୬)

ଅନୁଭୂତି ପ୍ରଭୃତି, ଅର୍ ଓ ଅଙ୍ଗ୍ ଧାତୁର ସ୍ୱାଭାବିକ ଗୁଣ— ଏଇଥିରୁ ଅଗ୍ନି ଓ ଅଙ୍ଗିରଃ ଶବ୍ଦର ଉତ୍ପତ୍ତି । ଏହିସବୁ ଶବ୍ଦରେ ଶକ୍ତି ସଙ୍ଗେ ସଙ୍ଗେ ଜ୍ୟୋତିଃ ଅର୍ଥ ମଧ୍ୟ ନିହିତ । ପାବକ ଅଗ୍ନି ହେଉଛନ୍ତି ଜ୍ୟୋତିଃର ପ୍ରଜ୍ୱଳ ଶକ୍ତି; ଏବଂ ଅଙ୍ଗିରସମାନେ ମଧ୍ୟ ଜ୍ୟୋତିଃର ପ୍ରଜ୍ୱଳ ସାମର୍ଥ୍ୟ ।

କିନ୍ତୁ କେଉଁ ଜ୍ୟୋତିର ସାମର୍ଥ୍ୟ ? ଭୌତିକ ନା ରୂପକାତ୍ମକ ଜ୍ୟୋତିର ? ଆମେ ଏପରି କଳ୍ପନା କରିବା ଠିକ୍ ହେବ ନାହିଁ ଯେ ବୈଦିକ କବିମାନଙ୍କର ବୁଦ୍ଧି ଶକ୍ତି ଏତେ ଅମାର୍ଜିତ ଓ ବର୍ବର-ତୁଲ୍ୟ ଥିଲା ଯେ ସମସ୍ତ ଭାଷାରେ ଯେପରି ଭୌତିକ ଆଲୋକକୁ ମାନସିକ ଓ ଆଧ୍ୟାତ୍ମିକ ଜ୍ୟୋତିର, ଜ୍ଞାନର ଓ ଅନ୍ତର୍ଜ୍ୟୋତିର ସ୍ପଷ୍ଟ ଆଳଙ୍କାରିକ ବର୍ଣ୍ଣନା ରୂପେ ବ୍ୟବହାର କରାଯାଏ, ସେହି ସାଧାରଣ କଥା ସେମାନଙ୍କୁ ଜଣା ନ ଥିଲା । **''ତ୍ୟମତୋ ବିପ୍ରାଃ''** ଅର୍ଥାତ୍ ଜ୍ୟୋତିର୍ମୟ ଋଷିଙ୍କ କଥା ବେଦ ସ୍ପଷ୍ଟତଃ କହିଥାଏ, ସେହିପରି ଦ୍ରଷ୍ଟାର୍ଥକ 'ସୂରି', ଶବ୍ଦ ବ୍ୟୁତ୍ପତ୍ତି ଦୃଷ୍ଟିରୁ ସୂର୍ଯ୍ୟଙ୍କ ସହିତ ସମ୍ପର୍କିତ ଏବଂ ନିଶ୍ଚୟ ଏହାର ମୌଳିକ ଅର୍ଥ 'ଜ୍ୟୋତିର୍ମୟ' । ୧।୩୧।୧୦[୧୦] ମନ୍ତ୍ରରେ ଏହି ଜ୍ୟୋତିଶିଖା ରୂପୀ ଦେବଙ୍କ ସମ୍ବନ୍ଧରେ କୁହାଯାଇଛି — ''ହେ ଅଗ୍ନି, ତୁମେହିଁ ଥିଲ ପ୍ରଥମ ଅଙ୍ଗିରା ଋଷି, ମଙ୍ଗଳମୟ ସଖା ଓ ଦେବତାମାନଙ୍କର ଦେବ, ତୁମ କର୍ମର ବିଧାନ ମଧ୍ୟରେ ମରୁତ୍‌ମାନେ ନିଜ ଉଜ୍ଜ୍ୱଳ ବର୍ଚ୍ଚା ଧାରଣ କରି ଜାତ ହୋଇଥିଲେ, ସେହି ଦ୍ରଷ୍ଟାମାନେ ଜ୍ଞାନଦୃଷ୍ଟି ଦ୍ୱାରା କାର୍ଯ୍ୟ କରନ୍ତି ।'' ତାହାହେଲେ ଏହା ସ୍ପଷ୍ଟ ଯେ, 'ଅଙ୍ଗିରସ-ଅଗ୍ନି' ବିଷୟକ ଧାରଣାରେ ଜ୍ଞାନ ଓ କ୍ରିୟା ଉଭୟ ଭାବ ନିହିତ ଥିଲା; ଜ୍ୟୋତିର୍ମୟ ଅଗ୍ନି ଓ ଜ୍ୟୋତିର୍ମୟ ମରୁଦ୍‌ଗଣ ଥିଲେ ସେମାନଙ୍କ ନିଜ ଜ୍ୟୋତିଃ ଦ୍ୱାରା ଜ୍ଞାନଦ୍ରଷ୍ଟା, 'ଋଷି', 'କବି' ଏବଂ ଜ୍ଞାନଜ୍ୟୋତିରେ ବଳୀୟାନ ମରୁଦ୍‌ଗଣ ଅଗ୍ନିଙ୍କ ନିୟତ କର୍ମଧାରା (ବ୍ରତ) ମଧ୍ୟରୁ ଜାତ ବା ଅଭିବ୍ୟକ୍ତ ହୋଇଥିବାରୁ ସେମାନେ କର୍ମଟିର ସମ୍ପାଦନ କରନ୍ତି । ସ୍ୱୟଂ ଅଗ୍ନିଙ୍କୁ ଦ୍ରଷ୍ଟୃସଂକଳ୍ପ ସମ୍ପନ୍ନ (**କବିକ୍ରତୁଃ**) ବୋଲି ଆମକୁ କୁହା ଯାଇଛି, ଏହି କ୍ରିୟାଗତ ଶକ୍ତି ଚିତ୍-ପ୍ରେରିତ ବା ଅତିମାନସିକ ଜ୍ଞାନ ଅନୁସାରେ କାର୍ଯ୍ୟକରେ, କାରଣ ଏହା ସେହି ଜ୍ଞାନ ଯାହା କବି ଶବ୍ଦର ତାତ୍ପର୍ଯ୍ୟକୁ ବୁଝାଏ, ବୁଦ୍ଧିମତ୍ତାକୁ ନୁହେଁ । ତା'ହେଲେ ପୂର୍ଣ୍ଣ ସଂଗତି ସହିତ କର୍ମ କରୁଥିବା ଆଲୋକ ଓ ଶକ୍ତି ରୂପକ ଦୁଇ ଯମଜ ଗୁଣ ବିଶିଷ୍ଟ ଦିବ୍ୟ ଚେତନାର ଶିଖାମୟୀ ଶକ୍ତି ବ୍ୟତୀତ ଏହି ମହାଶକ୍ତିସମ୍ପନ୍ନ (**ସହୋ ମହତ୍**) ଅଙ୍ଗିରସ-ଅଗ୍ନି ଆଉ କିଏ ହୋଇ ପାରନ୍ତି — ଏପରିକି ମରୁଦ୍‌ଗଣ ଯେଉଁମାନେ କି, **କବୟୋ ବିଦ୍ମନା ଅପସଃ** — ଜ୍ଞାନ ଦ୍ୱାରା କର୍ମ ସମ୍ପାଦକ ବୋଲି ବର୍ଣ୍ଣିତ, ସେମାନେ ମଧ୍ୟ କିଏ ? ଉଷା କେବଳ ଭୌତିକ ଉଷା ନୁହନ୍ତି, ସେ ଦିବ୍ୟ ଉଷା, ତାଙ୍କର ଗୋମାନେ ଅର୍ଥାତ୍ ଉଷା ଓ ସୂର୍ଯ୍ୟଙ୍କ ରଶ୍ମିମାନେ ହେଲେ ଉଦୀୟମାନ ଦିବ୍ୟ ଚେତନାର ଦୀପ୍ତିଗଣ ଏବଂ ସେହି କାରଣରୁ 'ସୂର୍ଯ୍ୟ' ହେଉଛନ୍ତି

---

[୧୦] **ତ୍ୱମଗ୍ନେ ପ୍ରଥମୋ ଅଙ୍ଗିରା ଋଷିର୍ଦେବୋ ଦେବାନାମଭବଃ ଶିବଃ ସଖା ।**
ତବ ବ୍ରତେ କବୟୋ ବିଦ୍ମନାପସୋଽଜାୟନ୍ତ ମରୁତୋ ଭ୍ରାଜଦୃଷ୍ଟୟଃ ॥ (ଋ.୧।୩୧।୧)

'ଜ୍ଞାନାଧିପତି' ରୂପେ ଉଭାସକ, ଏବଂ ପୃଥିବୀ ଓ ଦ୍ୟୌର ଉର୍ଦ୍ଧସ୍ଥ ସୌରଲୋକ, ସ୍ୱର୍ ହେଉଛି ଦିବ୍ୟ ସତ୍ୟ ଓ ଆନନ୍ଦର ଲୋକ ଏହି ସିଦ୍ଧାନ୍ତରେ ଆମର ଉପନୀତ ହେବାରେ ଏହାହିଁ କାରଣ ଥିଲା । ସଂକ୍ଷେପରେ କହିଲେ, ବେଦରେ ବର୍ଣ୍ଣିତ 'ଜ୍ୟୋତିଃ' ଜ୍ଞାନର ପ୍ରତୀକ ଅର୍ଥାତ୍ ଦିବ୍ୟସତ୍ୟର ଉଭାସ । 'ଅଗ୍ନିଶିଖା', ଯାହା 'ଜ୍ୟୋତିଃ'ର ଅନ୍ୟ ଏକ ବିଭାବ ବୋଲି କେବଳ କୁହାଯାଇଥାଏ, ତାହାକୁ ଦିବ୍ୟ ଚେତନାର ତଥା ଅତିମାନସ ସତ୍ୟ 'ଶକ୍ତି' ନିମନ୍ତେ ବୈଦିକ ପ୍ରତୀକ ବୋଲି ଗ୍ରହଣ କରିବାକୁ ଏକ କାରଣ ଆମେ ପାଇଛୁ ବୋଲି କହିବା ଆରମ୍ଭ କରିପାରୁ ।

ଆଉ ଗୋଟିଏ ମନ୍ତ୍ରରେ (୬।୧୧।୩) ଆମକୁ ସୂଚାଇ ଦିଆ ଯାଇଛି – **ବେପିଷ୍ଠୋ ଅଙ୍ଗିରସାଂ ବିପ୍ରଃ**, ଅର୍ଥାତ୍ ଅଙ୍ଗିରସମାନଙ୍କ ମଧ୍ୟରେ ଯିଏ ସବୁଠାରୁ ଅଧିକ ଦୀପ୍ତ ଦ୍ରଷ୍ଟା, ଏହା କାହା ଉଦ୍ଦେଶ୍ୟରେ କୁହାଯାଉଛି ତାହା ଏଠାରେ ଆଦୌ ସ୍ପଷ୍ଟ ନୁହେଁ । ''ବେପିଷ୍ଠୋ ବିପ୍ରଃ'' ଏହି ଉଭୟ ପଦର ଅର୍ଥ ପ୍ରାୟ ଏକପ୍ରକାର – 'ବେପିଷ୍ଠ'ର ଅର୍ଥ 'ବିପ୍ରତମ', ଉଭୟ ଏକା କଥା, ଅର୍ଥାତ୍ ଋଷିତମ, ଦୀପ୍ତତମ – ଏହି ମନ୍ତ୍ରାଂଶରେ ସମାର୍ଥକ ଉଭୟ ଶବ୍ଦର ବିନ୍ୟାସ କେଉଁଥିପାଇଁ ଘଟିଛି ସାୟଣ ତାହାକୁ ଜାଣିବାକୁ ଚେଷ୍ଟା କରି ନାହାନ୍ତି, ଏବଂ ସେ ମନେ କରିଛନ୍ତି ଯେ ସୂକ୍ତର ପାରମ୍ପରିକ ଋଷି ଭରଦ୍ୱାଜ ନିଜେ ନିଜକୁ ଦେବତାମାନଙ୍କ 'ଶ୍ରେଷ୍ଠ ସ୍ତାବକ' ହିସାବରେ ପ୍ରଶଂସା କରିଛନ୍ତି; କିନ୍ତୁ ଏହା ଏକ ସନ୍ଦେହାସ୍ପଦ ଅର୍ଥ । ଏଠାରେ ଅଗ୍ନିହିଁ ହୋତା, ପୁରୋହିତ; ସେହିଁ ଦେବତା, ନିଜ ବିଗ୍ରହ (**ତନ୍ୱଂ ତବ** ସ୍ୱାମ୍, ୬।୧୧।୨), ମରୁଦ୍‌ଗଣ, ମିତ୍ର, ବରୁଣ, ଦ୍ୟାବାପୃଥିବୀ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରୁଛନ୍ତି । ସୂକ୍ତର ବକ୍ତବ୍ୟ ଏହିପରି – ''କାରଣ, ତୁମ ମଧ୍ୟରେ ଧୀଷଣା ଯଦ୍ୟପି ସମୃଦ୍ଧ ତଥାପି ସୂକ୍ତଗାୟକଙ୍କ ନିମନ୍ତେ ସେଇ ଧୀଷଣା ଦେବଗଣଙ୍କୁ ଅର୍ଥାତ୍ (ଦିବ୍ୟ) ଜନ୍ମଗୁଡ଼ିକୁ କାମନା କରେ, ଯାହା ଫଳରେ କି ଯେତେବେଳେ ଦୀପ୍ତତମ ଅଙ୍ଗିରସ ଋଷି ଯଜ୍ଞରେ ମଧୁର ଛନ୍ଦଯୁକ୍ତ ସୂକ୍ତଗାନ କରନ୍ତି ସେତେବେଳେ ସେ ସେମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ ବି କରି ପାରିବେ ।''[୧୧] ଏଥିରୁ ନିଶ୍ଚିତ ରୂପେ ମନେ ହୁଏ ଯେ ଅଗ୍ନି ନିଜେ ବିପ୍ର, ଅଙ୍ଗିରସମାନଙ୍କ ମଧ୍ୟରେ ସର୍ବାଧିକ ଦୀପ୍ତିମାନ୍ । ଅନ୍ୟ ପକ୍ଷରେ ଏହା ବୃହସ୍ପତିଙ୍କ ବର୍ଣ୍ଣନା ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ମନେ ହୁଏ ।

କାରଣ ବୃହସ୍ପତି ମଧ୍ୟ ଜଣେ ଅଙ୍ଗିରସ ଏବଂ ସେ ଅଙ୍ଗିରସରେ ପରିଣତ ହୋଇଛନ୍ତି । ପୂର୍ବରୁ ଆମେ ଯେପରି ଦେଖିଛୁ, ଜ୍ୟୋତିର୍ମୟ ଗୋଯୂଥକୁ ଜୟ କରିବା କାର୍ଯ୍ୟରେ ସେ ଅଙ୍ଗିରସ ଋଷିମାନଙ୍କ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ହୋଇଛନ୍ତି ଏବଂ ତାଙ୍କର ଏହି ସହଯୋଗ ମୂଳରେ ଅଛି ଯେ ସେ ବ୍ରହ୍ମଣସ୍ପତି ବା ପବିତ୍ର ଅଥବା ଅନ୍ତଃପ୍ରେରିତ

---

[୧୧] ଧନ୍ୟା ଚିଦ୍ଧି ତ୍ୱେ ଧିଷଣା ବଷ୍ଟି ପ୍ର ଦେବାନ୍ ଜନ୍ମ ଗୃଣତେ ଯଜଧ୍ୟୈ ।
ବେପିଷ୍ଠୋ ଅଙ୍ଗିରସାଂ ଯଦ୍ଧ ବିପ୍ରଃ ମଧୁ ଛନ୍ଦୋ ଭନତି ରେଭ ଉଷ୍ଟୌ ॥ (ଋ.୬।୧୧।୩)

ବାଣୀର (ବ୍ରହ୍ମନ୍) ପ୍ରଭୁ; କାରଣ ତାଙ୍କ ରବ ଫଳରେ 'ବଳ' ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଏ ଓ ଗୋମାନେ କାମନା ପୋଷଣ ପୂର୍ବକ ହମ୍ବାରବ କରି ତାଙ୍କ ଆହ୍ୱାନର ଉତ୍ତର ଦିଅନ୍ତି । ଅଗ୍ନି ଯେପରି 'କବିକ୍ରତୁଃ', ତାଙ୍କ ସଦୃଶ ଏହି ଋଷିଗଣ ମଧ୍ୟ 'କବିକ୍ରତୁଃ', ଏମାନେ ଦିବ୍ୟ ଜ୍ୟୋତିଃର ଅଧିକାରୀ ଏବଂ ଏହି ଜ୍ୟୋତିଃ ସାହାଯ୍ୟରେ ଦିବ୍ୟଶକ୍ତିମାନଙ୍କ ସହିତ କାର୍ଯ୍ୟ କରନ୍ତି; ସେମାନେ କେବଳ ଋଷି ନୁହନ୍ତି, ସେମାନେ ବୈଦିକ ଯୁଦ୍ଧର ବୀର ମଧ୍ୟ – **ଦିବସ୍ପୁତ୍ରାସୋ ଅସୁରସ୍ୟ ବୀରାଃ** (୩।୫୩।୭) ଅର୍ଥାତ୍ ସ୍ୱର୍ଗର ପୁତ୍ର ତଥା ପରାକ୍ରମଶାଳୀ ପ୍ରଭୁଙ୍କର ବୀର ଯୋଦ୍ଧା, ୬।୭୫।୯[୧୨] ମନ୍ତ୍ରରେ ଆହୁରି ମଧ୍ୟ ବର୍ଣ୍ଣନା କରାଯାଇଛି – ''ଏହି ପିତୃପୁରୁଷମାନେ ମାଧୁର୍ଯ୍ୟ ମଧ୍ୟରେ (ଆନନ୍ଦଲୋକରେ) ନିବାସ କରନ୍ତି, ପ୍ରଶସ୍ତ ଜନ୍ମ ପ୍ରତିଷ୍ଠା କରନ୍ତି, ଦୁର୍ଗମ ସ୍ଥାନରେ ବିଚରଣ କରନ୍ତି, ସେମାନେ ଶକ୍ତିମାନ୍, ଗମ୍ଭୀର,[୧୩] ସେମାନଙ୍କର ଅଛି ଉଜ୍ଜ୍ୱଳ ସେନା ତଥା ସେମାନେ ତୀକ୍ଷ୍ଣଶର ଓ ବଳଯୁକ୍ତ, ଅଜେୟ, ସେମାନେ ନିଜ ନିଜ ସତ୍ତାରେ ବୀର, ଦଳବଦ୍ଧ ଶତ୍ରୁମାନଙ୍କର ବିଜେତା'' : ଏହାର ପରବର୍ତ୍ତୀ ମନ୍ତ୍ରର ବର୍ଣ୍ଣନା ଅନୁସାରେ ସେମାନେ ମଧ୍ୟ : **ବ୍ରାହ୍ମଣାସଃ ପିତରଃ ସୋମ୍ୟାସଃ**, ଅର୍ଥାତ୍ ସେମାନଙ୍କର ରହିଛି ଅନ୍ତଃପ୍ରେରିତ ଜ୍ଞାନଯୁକ୍ତ ଦିବ୍ୟ ବାକ୍ ।[୧୪] ଏହି ଦିବ୍ୟବାକ୍ ହେଉଛି ''ସତ୍ୟ ମନ୍ତ୍ର'', ଏହି ଭାବନାର ସତ୍ୟ ଦ୍ୱାରା ଅଙ୍ଗିରସ ଋଷିମାନେ ଉଷାର ଜନ୍ମ ସମ୍ପାଦନ କରନ୍ତି ଏବଂ ହୃତ ସୂର୍ଯ୍ୟଙ୍କୁ ଦ୍ୟୁଲୋକରେ ଉଦିତ କରାନ୍ତି । ଏହି ଶବ୍ଦଟିକୁ 'ଅର୍କ' ମଧ୍ୟ କୁହାଯାଏ, ଏହା ସ୍ତୁତି ଓ ଜ୍ୟୋତିଃ ଉଭୟ ଅର୍ଥକୁ ବୁଝାଏ ଏବଂ ସମୟେ ସମୟେ ସୂର୍ଯ୍ୟଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଏ । ସୁତରାଂ ଏହା ଜ୍ଞାନଦୀପ୍ତିର ବାଣୀ, ଏହା ସେହି ସତ୍ୟର ପ୍ରକାଶିକା ବାକ୍, ଯାହାର ଅଧିପତି ହେଉଛନ୍ତି ସୂର୍ଯ୍ୟ, ତେଣୁ ଉକ୍ତବାଣୀ ସତ୍ୟର ଗୁପ୍ତ ଧାମରୁ ପ୍ରକାଶିତ ହେବା ଅର୍ଥଟି ସୂର୍ଯ୍ୟଙ୍କ ଗୋଯୂଥ ରୂପକ ରଶ୍ମିଜାଳର ବର୍ଷଣ ସହିତ ସମ୍ପର୍କିତ; ତେଣୁ ୩।୩୬।୧ ମନ୍ତ୍ରରେ ଆମେ ପଢ଼ିବାକୁ ପାଉ – ''ସତ୍ୟର ଧାମରୁ ବାକ୍ ସମ୍ମୁଖକୁ ଆସନ୍ତୁ; ସୂର୍ଯ୍ୟ ତାଙ୍କର ରଶ୍ମିଜାଳ ଦ୍ୱାରା ଗୋମାନଙ୍କୁ

---

୧୨ **ସ୍ୱାଦୁଷ୍ଟଂସଦଃ ପିତରୋ ବୟୋଧାଃ କୃଚ୍ଛ୍ରେଶ୍ରିତଃ ଶକ୍ତୀବନ୍ତୋ ଗଭୀରାଃ ।**
ଚିତ୍ରସେନା ଇଷୁବଲା ଅମୃଧ୍ରାଃ ସତୋବୀରା ଉରବୋ ବ୍ରାତ ସାହାଃ ॥ (ଋ. ୬।୭୫।୯)

୧୩ ତୁଳନୀୟ : ଋ ୧୦।୬୨।୫ ମନ୍ତ୍ରରେ ଅଗ୍ନିପୁତ୍ର ଅଙ୍ଗିରସମାନଙ୍କର ଯେଉଁ ବର୍ଣ୍ଣନା ରହିଛି ସେହି ଅନୁସାରେ ସେମାନଙ୍କ ରୂପ ବିଭିନ୍ନ ଥିଲା ସତ କିନ୍ତୁ ସେମାନେ ଜ୍ଞାନଗମ୍ଭୀର ଥିଲେ – **ଗମ୍ଭୀରବେପସଃ ।**

୧୪ ଏଥିରୁ ମନେହୁଏ ବେଦରେ ଏହାହିଁ ବ୍ରାହ୍ମଣ ଶବ୍ଦର ଅର୍ଥ । ନିଶ୍ଚିତରୂପେ ଏହା ଜାତିର ବ୍ରାହ୍ମଣ ବା ପୌରୋହିତ୍ୟ ବୃତ୍ତି କରୁଥିବା ବ୍ରାହ୍ମଣକୁ ବୁଝାଉ ନାହିଁ; ଏଠାରେ ପିତୃଗଣ ଯୋଦ୍ଧା ଓ ଜ୍ଞାନୀ । ଚାରିଜାତି ବିଷୟ ଋଗ୍ବେଦରେ ଗଭୀରାର୍ଥକ ତଥା ପରବର୍ତ୍ତୀ ରଚନା ପୁରୁଷସୂକ୍ତରେ ଥରେ ମାତ୍ର ଉଲ୍ଲିଖିତ ।

ବିମୁକ୍ତ କରି ଦେଇଛନ୍ତି – **ପ୍ର ବ୍ରହ୍ମେତୁ ସଦନାଦ୍ ଋତସ୍ୟ, ବି ରଶ୍ମିଭିଃ ସପ୍ତଭି ସୂର୍ଯୋ ଗାଃ**'' । ସ୍ୱୟଂ ସୂର୍ଯ୍ୟଙ୍କୁ ଯେପରି ଅଧିଗତ କରାଯାଏ ଏହାଙ୍କୁ (ବାକ୍‌କୁ) ସେହିପରି ଅଧିଗତ କରିବାକୁ ହେବ ଏବଂ ସେହି ଅଧିକାର କରିବାରେ (**ଅର୍କସ୍ୟ ସାତୌ**) ତଥା ସୂର୍ଯ୍ୟ ଓ ସ୍ୱର୍ ଉଭୟଙ୍କୁ ଅଧିଗତ କରିବାରେ (**ସୂର୍ଯସ୍ୟ ସାତୌ**) (**ସ୍ୱର୍ଷାତୌ**) ଦେବଗଣଙ୍କୁ ମଧ୍ୟ ସହାୟତା ପ୍ରଦାନ କରିବାର ଅଛି ।

ସୁତରାଂ ଅଙ୍ଗିରସ କେବଳ ଯେ ଅଗ୍ନି-ଶକ୍ତି ତା' ନୁହେଁ ସେ ବୃହସ୍ପତିଙ୍କ ଶକ୍ତି ମଧ୍ୟ ଅଟନ୍ତି । ବୃହସ୍ପତି ଏକାଧିକ ବାର ଅଙ୍ଗିରସ ନାମରେ ସମ୍ବୋଧିତ, ଉଦାହରଣ ସ୍ୱରୂପ ୬।୭୩।୧ ମନ୍ତ୍ରରେ ଅଛି – **ଯୋ ଅଦ୍ରିଭିତ୍ ପ୍ରଥମଜା ଋତାବା ବୃହସ୍ପତିଃ ଆଙ୍ଗିରସୋ ହବିଷ୍ମାନ୍**, ଅର୍ଥାତ୍ ସେ ''ପ୍ରଥମଜ ସତ୍ୟବାନ୍ ଆଙ୍ଗିରସ ବୃହସ୍ପତି ଗିରି (ପଣିମାନଙ୍କ ଗୁହା) ଭେଦକ ଓ ଆହୁତିସମୃଦ୍ଧ ।'' ଆଉ ମଧ୍ୟ ବୃହସ୍ପତି ଯେ ଅଙ୍ଗିରସ ତା'ର ଏହାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଏକ ବର୍ଣ୍ଣନା (୧୦।୪୭।୬) ମନ୍ତ୍ରରେ ଦିଆଯାଇଛି – **ପ୍ର ସପ୍ତଗୁମ୍ ଋତଧୀତିଂ ସୁମେଧାଂ ବୃହସ୍ପତିଂ ମତିରଚ୍ଛା ଜିଗାତି । ଯ ଆଙ୍ଗିରସୋ ନମସା ଉପସଦ୍ୟଃ...**, ଅର୍ଥାତ୍ ''ସପ୍ତରଶ୍ମିମାନ୍, ସତ୍ୟ ଚିନ୍ତନଶୀଳ ସୁମେଧାସମ୍ପନ୍ନ ବୃହସ୍ପତି ସ୍ୱୟଂ ଆଙ୍ଗିରସ ଅଟନ୍ତି, ତାଙ୍କ ଅଭିମୁଖରେ ଆମର ସମସ୍ତ ମନନ ଆଗେଇ ଚାଲିଛି, ପ୍ରଣତିର ସହ ତାଙ୍କ ସମୀପକୁ ଆମର ଯିବାର ଅଛି ।''

୨।୨୩।୧୮ ମନ୍ତ୍ରରେ ଗୋଯୂଥର ଉଦ୍ଧାର ଓ ଜଳଧାରାମାନଙ୍କର ମୁକ୍ତି ସମ୍ପର୍କରେ ବୃହସ୍ପତିଙ୍କୁ ଅଙ୍ଗିରସ[୧୫] ବୋଲି ସମ୍ବୋଧନ କରାଯାଇଛି – ''ହେ ଅଙ୍ଗିରସ୍, ଯେତେବେଳେ ତୁମେ ଗୋବନ୍ଦୀଗୋଷ୍ଠକୁ ଊର୍ଦ୍ଧ୍ୱ ଦିଗରେ ଖୋଲି ଦେଲ ସେତେବେଳେ ତୁମରି ମହିମାରୁ ପର୍ବତ ବିଦୀର୍ଣ୍ଣ ହୋଇଗଲା; ହେ ବୃହସ୍ପତି, ଇନ୍ଦ୍ରଙ୍କ ସାହାଯ୍ୟରେ ତମସାବୃତ ଜଳଧାରାଗୁଡ଼ିକର ପ୍ଲାବନକୁ ତୁମେ ପ୍ରଚଣ୍ଡ ବେଗରେ ପ୍ରବାହିତ କରିଥିଲ ।'' ଏହି ପ୍ରସଙ୍ଗରେ ଅଙ୍ଗିରସ ଋଷିବୃନ୍ଦ ଓ ପଣିମାନଙ୍କ ଉପାଖ୍ୟାନରେ ବର୍ଣ୍ଣିତ ଗୋସମୂହର ମୁକ୍ତି ବିଷୟ ସହିତ ବୃତ୍ର-ଉପାଖ୍ୟାନରେ ଜଳଧାରାର ମୁକ୍ତି ବିଷୟ ଯେ କେତେ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ଏବଂ ବୃତ୍ର ଓ ପଣିଗଣ ଏ ଉଭୟ ଯେ ଅନ୍ଧକାରର ଶକ୍ତି ଏହା ଆମର ଲକ୍ଷ୍ୟ କରିବାର କଥା । ଗୋଯୂଥ ହେଲେ ସତ୍ୟ-ଜ୍ୟୋତିଃ-ପ୍ରକାଶକ ସୂର୍ଯ୍ୟରୂପକ ସତ୍ୟର ଜ୍ୟୋତିଃ – **ସତ୍ୟଂ ତତ୍... ସୂର୍ୟମ୍**; ବୃତ୍ରର ଆବରକ ଅନ୍ଧକାରରୁ ମୁକ୍ତ ଜଳଧାରାମାନଙ୍କୁ କେତେବେଳେ ସତ୍ୟର ଜଳଧାରା, **ଋତସ୍ୟ ଧାରାଃ**, କେତେବେଳେ ବା **ସ୍ୱର୍ବତୀଃ ଅପଃ** – ସ୍ୱର୍ ବା ଜ୍ୟୋତିର୍ମୟ ସୌରଲୋକର ଜଳଧାରା କୁହାଯାଏ ।

ଏଥିରୁ ଅଙ୍ଗିରସଙ୍କୁ ଜଣାଯାଏ, ପ୍ରଥମ କ୍ଷେତ୍ରରେ ସେ ହେଉଛନ୍ତି ଦ୍ରଷ୍ଟସଂଜ୍ଞକ

---

୧୫ ତବ ଶ୍ରିୟେ ବ୍ୟଜିହୀତ ପର୍ବତୋ ଗବାଂ ଗୋତ୍ରମୁଦସୃଜୋ ଯଦଙ୍ଗିରଃ ।
ଇନ୍ଦ୍ରେଣ ଯୁଜା ତମସା ପରୀବୃତଂ ବୃହସ୍ପତେ ନିରପାମୌବ୍ଜୋ ଅର୍ଣବମ୍ ॥

ସ୍ୱରୂପ ଅଗ୍ନିଶକ୍ତି; ଜ୍ୟୋତି ଦ୍ୱାରା ତଥା ଜ୍ଞାନ ଦ୍ୱାରା ସେହିଁ ଦ୍ରଷ୍ଟୃ-କାର୍ଯ୍ୟ କରନ୍ତି; ସେ ହେଉଛନ୍ତି ଅଗ୍ନିଶକ୍ତିର ବୀରତ୍ୱପୂର୍ଣ୍ଣ ଶିଖା ଯେ ଯଜ୍ଞର ପୁରୋହିତ ଓ ଯାତ୍ରାର ନେତା ହେବା ଉଦ୍ଦେଶ୍ୟରେ ସଂସାରରେ ଜାତ ହୋଇଛନ୍ତି । ସେ ସେହି ପ୍ରଭାବଶାଳୀ ଶିଖାଶକ୍ତି ଯିଏ ମର୍ତ୍ୟମାନଙ୍କ ମଧ୍ୟରେ ଅମର – ଯାହାଙ୍କୁ ତତ୍ତ୍ୱରୂପେ ପ୍ରତିଷ୍ଠା କରିବା ନିମନ୍ତେ ବାମଦେବ (୪।୧।୧) ଦେବତାମାନଙ୍କୁ ପ୍ରାର୍ଥନା କରିଛନ୍ତି ଏବଂ ସେ ହେଉଛନ୍ତି ସେହି ବଳ ଯାହା ମହତ୍ କାର୍ଯ୍ୟ (**ଅରତି**) ସଂପାଦନ କରେ । ଦ୍ୱିତୀୟ କ୍ଷେତ୍ରରେ ସେ ହେଉଛନ୍ତି ସେହି ବୃହସ୍ପତିଙ୍କ ଶକ୍ତି ଅଥବା ଅନ୍ତତଃ ତାଙ୍କର ରହିଛି ସେହି ବୃହସ୍ପତି-ଶକ୍ତି, ଏହି ବୃହସ୍ପତି ହେଉଛନ୍ତି ସତ୍ୟ-ଚିନ୍ତନଶୀଳ ଓ ସପ୍ତ ରଶ୍ମିଯୁକ୍ତ, ଜ୍ୟୋତିର ଏହି ସପ୍ତରଶ୍ମି ତାଙ୍କ ଚିନ୍ତନର ଗତକୁ ଧାରଣ କରେ (**ଗତ ଧୀତିମ୍**) ଏବଂ ଯାହାଙ୍କ ସପ୍ତମୁଖ ସତ୍ୟ-ପ୍ରକାଶକ ବାକ୍‌କୁ ପୁନରାବୃତ୍ତି କରି ଚାଲିଥାଏ, ଏବଂ ସେ ସେହି ଦେବତା ଯାହାଙ୍କ ସମ୍ବନ୍ଧରେ କୁହାଯାଇଛି (୪।୫୦।୪-୫)[୧୬] – ''ବୃହସ୍ପତି ପରମ ବ୍ୟୋମର ମହାଜ୍ୟୋତି ମଧ୍ୟରୁ ପ୍ରଥମେ ଜାତ ହେଲେ, ତାଙ୍କର ଜନ୍ମ ଥିଲା ବହୁରୂପ ବିଶିଷ୍ଟ, ସପ୍ତମୁଖ ଓ ସପ୍ତ ରଶ୍ମିଯୁକ୍ତ (**ସପ୍ତାସ୍ୟଃ ସପ୍ତରଶ୍ମିଃ**), ନିଜର ରବ ଦ୍ୱାରା ସେ ଅନ୍ଧକାର ବିଦୂରିତ କଲେ, ସେ ତାଙ୍କ ଗଣମାନଙ୍କ ସାହଚର୍ଯ୍ୟରେ ଋକ୍ ଓ ସ୍ତୁଭ (ଦୀପ୍ତ ସ୍ତୁତି ଓ ଦେବପ୍ରତିଷ୍ଠାପକ ଛନ୍ଦ) ସହିତ ଉଚ୍ଚାରିତ ତାଙ୍କ ଉଚ୍ଚରବ ଦ୍ୱାରା ବଳକୁ ବିଚୂର୍ଣ୍ଣ କଲେ ।'' ବୃହସ୍ପତିଙ୍କର ଏହି ଗଣ ବା ସେନା (**ସୁଷ୍ଟୁଭା ଋକ୍‌ବତା ଗଣେନ**)ର ଅର୍ଥ – ଅଙ୍ଗିରସ ଋଷିମାନେ ସତ୍ୟମନ୍ତ୍ର ଦ୍ୱାରା ଏହି ମହାନ୍ ବିଜୟରେ ଯେ ସାହାଯ୍ୟ ପ୍ରଦାନ କରିଥିଲେ ଏଥିରେ କୌଣସି ସନ୍ଦେହ ନାହିଁ ।

ଇନ୍ଦ୍ର ମଧ୍ୟ ସ୍ୱୟଂ ଅଙ୍ଗିରସ ଅଥବା ଅଙ୍ଗିରସ ଗୁଣ ସଂପନ୍ନ ବୋଲି ବର୍ଣ୍ଣନା କରାଯାଇଛି । ''ସେ ଅଙ୍ଗିରାମାନଙ୍କ ସହିତ ଅଙ୍ଗିରସ୍ତମ ହୁଅନ୍ତୁ, ସେ ବୃଷମାନଙ୍କ ସହିତ ବୃଷ (ବୃଷ : ପୁଂଶକ୍ତି ବା ପୁରୁଷ, ନୃ; ବେଦୋକ୍ତ 'ଗାବଃ' ଓ 'ଧେନବଃ' କହିଲେ ରଶ୍ମିମାଳା ଓ ଜଳରାଶି ଅର୍ଥରେ ପ୍ରଯୁକ୍ତ ହୁଏ) ସେ ସଖାମାନଙ୍କ ସହିତ ସଖା, ଋକ୍ ସଂପନ୍ନମାନଙ୍କ ସହିତ ଋଗ୍‌ବାନ୍ (**ଋଗ୍ଭିଭିଃ ଋଗ୍ୱା**) ଯାତ୍ରୀମାନଙ୍କ ସହିତ (**ଗାତୁଭିଃ**, ଯେଉଁ ବ୍ୟକ୍ତି-ଆତ୍ମାମାନେ ବୃହତ୍ ଓ ସତ୍ୟ ଅଭିମୁଖେ ଅଗ୍ରସର ହୁଅନ୍ତି) ସେ ଶ୍ରେଷ୍ଠ ଯାତ୍ରୀ ହୁଅନ୍ତୁ; ଆମର ଶ୍ରୀବୃଦ୍ଧି ନିମନ୍ତେ ଇନ୍ଦ୍ର ମରୁତ୍‌ମାନଙ୍କ ସହିତ ମିଳିତ ହୁଅନ୍ତୁ (**ମରୁତ୍ୱାନ୍**)[୧୭] । ଏଠାରେ (୧।୧୦୦।୪) ଯେଉଁ ଗୁଣାବଳି ଉପସ୍ଥାପନ କରାଯାଇଛି ସେନା (**ସୁଷ୍ଟୁଭା ଋକ୍‌ବତା ଗଣେନ**)ର ଅର୍ଥ – ଅଙ୍ଗିରସ ଋଷିମାନେ ସତ୍ୟମନ୍ତ୍ର ଦ୍ୱାରା ଏହି ମହାନ୍ ବିଜୟରେ ଯେ ସାହାଯ୍ୟ ପ୍ରଦାନ କରିଥିଲେ ଏଥିରେ କୌଣସି ସନ୍ଦେହ ନାହିଁ ।

ଇନ୍ଦ୍ର ମଧ୍ୟ ସ୍ୱୟଂ ଅଙ୍ଗିରସ ଅଥବା ଅଙ୍ଗିରସ ଗୁଣ ସଂପନ୍ନ ବୋଲି ବର୍ଣ୍ଣନା କରାଯାଇଛି । ''ସେ ଅଙ୍ଗିରାମାନଙ୍କ ସହିତ ଅଙ୍ଗିରସ୍ତମ ହୁଅନ୍ତୁ, ସେ ବୃଷମାନଙ୍କ ସହିତ ବୃଷ (ବୃଷ : ପୁଂଶକ୍ତି ବା ପୁରୁଷ, ନୃ; ବେଦୋକ୍ତ 'ଗାବଃ' ଓ 'ଧେନବଃ' କହିଲେ ରଶ୍ମିମାଳା ଓ ଜଳରାଶି ଅର୍ଥରେ ପ୍ରଯୁକ୍ତ ହୁଏ) ସେ ସଖାମାନଙ୍କ ସହିତ ସଖା, ଋକ୍ ସଂପନ୍ନମାନଙ୍କ ସହିତ ଋଗ୍‌ବାନ୍ (**ଋଗ୍ଭିଭିଃ ଋଗ୍ୱା**) ଯାତ୍ରୀମାନଙ୍କ ସହିତ (**ଗାତୁଭିଃ**, ଯେଉଁ ବ୍ୟକ୍ତି-ଆତ୍ମାମାନେ ବୃହତ୍ ଓ ସତ୍ୟ ଅଭିମୁଖେ ଅଗ୍ରସର ହୁଅନ୍ତି) ସେ ଶ୍ରେଷ୍ଠ ଯାତ୍ରୀ ହୁଅନ୍ତୁ; ଆମର ଶ୍ରୀବୃଦ୍ଧି ନିମନ୍ତେ ଇନ୍ଦ୍ର ମରୁତ୍‌ମାନଙ୍କ ସହିତ ମିଳିତ ହୁଅନ୍ତୁ (**ମରୁତ୍ୱାନ୍**)[୧୭] । ଏଠାରେ (୧।୧୦୦।୪) ଯେଉଁ ଗୁଣାବଳି ଉପସ୍ଥାପନ କରାଯାଇଛି

---

୧୬ ବୃହସ୍ପତିଃ ପ୍ରଥମଂ ଜାୟମାନୋ ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।
ସପ୍ତାସ୍ୟସ୍ତୁବିଜାତୋ ରବେଣ ବି ସପ୍ତରଶ୍ମିରଧମତ୍ ତମାଂସି ॥
ସ ସୁଷ୍ଟୁଭା ସ ଋକ୍ୱତା ଗଣେନ ବଳଂ ରୁରୋଜ ଫଲିଗଂ ରବେଣ ।...(ଋ. ୧।୫୦।୪-୫)

୧୭ ସୋ ଅଙ୍ଗିରୋଭିରଙ୍ଗିରସ୍ତତମୋ ଭୂଦ୍ ବୃଷା ବୃଷଭିଃ ସଖିଭିଃ ସଖା ସନ୍ ।
ଋଗ୍ଭିର୍ଋଗ୍ୱା ଗାତୁଭିର୍ଜ୍ୟେଷ୍ଠୋ ମରୁତ୍ୱାନ୍ନୋ ଭବତ୍ୱିନ୍ଦ୍ର ଊତୀ ॥ (ଋ. ୧।୧୦୦।୪)

ଏସବୁ ଅଙ୍ଗିରସ ଋଷିମାନଙ୍କ ପକ୍ଷରେ ଉପଯୁକ୍ତ ଏବଂ ମନେହୁଏ ଯେଉଁସବୁ ଗୁଣ ଦ୍ୱାରା ଅଙ୍ଗିରସତ୍ୱ ଗଠିତ ହୁଏ, ଇନ୍ଦ୍ର ନିଜଠାରେ ସେସମସ୍ତ ଗୁଣ ବା ସମ୍ଭାର ନିଜେ ବହନ କରୁଛନ୍ତି । ସେହିପରି ୩।୩୩।୨ ମନ୍ତ୍ରରେ କୁହାଯାଇଛି – ଜ୍ଞାନରେ ଯେ ସର୍ବାଧିକ ଦୀପ୍ତ (ବିପ୍ରତମଃ, ଯାହା ୪।୧୧।୩ ମନ୍ତ୍ରର "**ବେପିଷ୍ଠୋ ଅଙ୍ଗିରସାଂ ବିପ୍ରଃ**"ର ଅନୁରୂପ), ସଖାରୂପେ (ସଖୀୟନ୍,– ଅଙ୍ଗିରସମାନେ ମହା ସଂଗ୍ରାମରେ ପରସ୍ପର ବନ୍ଧୁ ବା ସହଯୋଦ୍ଧା) ସେ ଯାତ୍ରାକଲେ (**ଅଗଚ୍ଛତ୍**, ସରମା ଆବିଷ୍କାର କରିଥିବା ପଥ ଦେଇ, ଗାତୁଭିଃ, ସେ ଯାତ୍ରା କଲେ – ଏ ଉକ୍ତି ସହ ଏହା ତୁଳନୀୟ); ସୁକର୍ମା ସଂପାଦକଙ୍କ ନିମନ୍ତେ ଗିରି ନିଜ ଗର୍ଭସ୍ଥ ବିଷୟଗୁଡ଼ିକୁ (ଗର୍ଭମ୍) ପ୍ରଚଣ୍ଡ ବେଗରେ ପ୍ରକାଶ କଲା; ଯୁବକମାନଙ୍କ ସହିତ ('**ମର୍ୟ୍ଯୈ ଯୁବଭିଃ**', ଯୁବା କହିବା ଦ୍ୱାରା ଅଜର ଅକ୍ଷୟ ଶକ୍ତିର ଭାବନା ମନକୁ ଆସେ) ପୌରୁଷ ପରାକ୍ରାନ୍ତ ସେ ସଂପଦର ପୂର୍ଣ୍ଣତା ପାଇଁ ଇନ୍ଦ୍ରାଙ୍କରେ ଓ ତାହାକୁ ଅଧିକାର କଲେ (**ସସାନ ମଖସ୍ୟନ୍**); ଏହିପରି ଭାବରେ ସ୍ତୁତିଗାନ ପୂର୍ବକ (ଅର୍ଚନ୍) ତତ୍କ୍ଷଣାତ୍ ସେ ଅଙ୍ଗିରସରେ ପରିଣତ ହେଲେ ।" ସ୍ମରଣ ରଖିବାକୁ ହେବ ଯେ ଯେଉଁ ଇନ୍ଦ୍ର ଅଙ୍ଗିରସଙ୍କର ସମସ୍ତ ଗୁଣକୁ ବହନ କରନ୍ତି ସେ ସ୍ୱର୍ଗରେ ଅଧିପତି (ଏହି ସ୍ୱର୍ ହେଉଛି ସୂର୍ଯ୍ୟ ବା 'ସତ୍ୟ'ର ପ୍ରଶସ୍ତ ଲୋକ) ଏବଂ ତାଙ୍କର ଦୁଇଟି ଉଜ୍ଜ୍ୱଳ ଅଶ୍ୱ (ହରୀ)ଙ୍କ ସହିତ ସେ ଆମ ନିକଟରେ ଅବତରଣ କରନ୍ତି, ଏହି ଅଶ୍ୱଦ୍ୱୟଙ୍କୁ ଗୋଟିଏ ସ୍ଥାନରେ "**ସୂର୍ୟସ୍ୟ କେତୂ**" ଅର୍ଥାତ୍ ସୂର୍ଯ୍ୟଙ୍କ ବୋଧ ବା ଜ୍ଞାନଦୃଷ୍ଟି ରୂପକ ଦୁଇଟି ଶକ୍ତି ବୋଲି କୁହାଯାଇଛି, ଏହି ଦୁଇ ଶକ୍ତି ଦ୍ୱାରା ଅନ୍ଧକାରର ପୁତ୍ରମାନଙ୍କ ସହିତ ଯୁଦ୍ଧ କରିବାରେ ଓ ମହାନ୍ ଯାତ୍ରାରେ ସେ ସାହାଯ୍ୟ କରନ୍ତି । ବେଦର ଆନ୍ତର ଅର୍ଥକୁ ସାବ୍ୟସ୍ତ କରିବା ପାଇଁ ଯେଉଁସବୁ ସିଦ୍ଧାନ୍ତରେ ଆମେ ଉପନୀତ ହୋଇଛୁ ସେଗୁଡ଼ିକ ଯଦି ଯଥାର୍ଥ ହୁଏ ତେବେ 'ଇନ୍ଦ୍ର' ନିଶ୍ଚିତ ରୂପେ ଦିବ୍ୟ ମନର ସେହି ଶକ୍ତି (ଇନ୍ଦ୍ର ବୀର୍ଯ୍ୟବାନ୍ ଓ ଶକ୍ତିଶାଳୀ ପ୍ରଭୁ)[୧୮] ଯାହା ମନୁଷ୍ୟ ମନରେ ଜ୍ଞାତ ହୋଇ ବାକ୍ ଓ ସୋମ ସାହାଯ୍ୟରେ ଦିବ୍ୟ ପୂର୍ଣ୍ଣତାଦିଗରେ ବଢ଼ିଚାଲେ । ଯେତେଦିନ ପର୍ଯ୍ୟନ୍ତ ଇନ୍ଦ୍ର ନିଜ "ସୂର୍ଯ୍ୟ-ଚକ୍ଷୁ" ଦ୍ୱାରା ଦର୍ଶନ କରୁଥିବା ସମଗ୍ର ଭାସ୍ୱର ଗୋୟୂଥର ଅଧିପତି ରୂପେ ପୂର୍ଣ୍ଣଭାବେ ନିଜକୁ ପ୍ରକାଶ କରି ନାହାନ୍ତି ଏବଂ ଯେତେଦିନ ପର୍ଯ୍ୟନ୍ତ ସମସ୍ତ ଜ୍ଞାନଦୀପ୍ତିର ପ୍ରଭୁ ଦିବ୍ୟ ମନରୂପେ ସେ ନିଜକୁ ବ୍ୟକ୍ତ କରି ନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ବିକାଶ ଆଲୋକର ବିଜୟ ତଥା ବୃଦ୍ଧିଦ୍ୱାରା ଅଗ୍ରଗତି କରିଚାଲିଥିବ ।

ଇନ୍ଦ୍ର ଅଙ୍ଗିରସ ହେବା ସଙ୍ଗେ ସଙ୍ଗେ ମରୁତ୍ୱାନ୍ ହୁଅନ୍ତି, ଅର୍ଥାତ୍ ମରୁତ୍ ପତି ବା ସେମାନଙ୍କର ସହଚର ହୁଅନ୍ତି । ଏହି ମରୁତ୍ ଗଣ ହେଲେ ବାଚ୍ୟା ଓ ବିଦ୍ୟୁତ୍‌ର ଦୀପ୍ତିମାନ୍

---

୧୮ ଆହୁରି ମଧ୍ୟ, ସମ୍ଭବତଃ ଏହାର ଅର୍ଥ 'ଭାସ୍ୱର': ଯାହାକୁ 'ଇନ୍ଦୁ' (ଚନ୍ଦ୍ର); 'ଇନ', ମହିମୋଜ୍ଜ୍ୱଳ, ସୂର୍ଯ୍ୟ; ଇନ୍ଧ୍ : ପ୍ରଦୀପ୍ତ କରିବା ପ୍ରଭୃତି ସହିତ ତୁଳନା କରାଯାଇପାରେ ।

ତଥା ଉଗ୍ରଦେବତା ବାୟୁ, ଯେ'କି ପ୍ରାଣବାୟୁ, ପ୍ରାଣର ଅଧିପତି ଅଗ୍ନିଙ୍କର ପ୍ରଚଣ୍ଡ ଶକ୍ତି, ଦ୍ରଷ୍ଟୃ-ସଂକଳ୍ପ, ଅଗ୍ନିଙ୍କର ତେଜ ସହିତ ସଂଯୁକ୍ତ ହୋଇଥିବାରୁ ସେମାନେ ଏପରି ଦ୍ରଷ୍ଟା ଯେଉଁମାନେ କି ଜ୍ଞାନ ସହ କାର୍ଯ୍ୟ କରନ୍ତି — **''କବୟୋ ବିଦ୍ମନା ଅପସଃ''**, ଆଉ ମଧ୍ୟ ସେମାନେ ଏପରି ଯୋଦ୍ଧୃସେନା ଯେଉଁମାନେ କି ସ୍ୱର୍ଗୀୟ ପ୍ରାଣୋଚ୍ଛ୍ୱାସ ଓ ସ୍ୱର୍ଗୀୟ ବିଦ୍ୟୁତ୍ ଦ୍ୱାରା ଅନ୍ଧକାରର ପୁତ୍ରମାନେ ନିଜକୁ ଗୁହାହିତ କରି ରଖିଥିବା ସ୍ଥାନ ସ୍ୱରୂପ କୃତ୍ରିମ ବାଧା ଅର୍ଥାତ୍ ଦୃଢ଼ ପ୍ରତିଷ୍ଠିତ ବସ୍ତୁମାନଙ୍କୁ (**କୃତ୍ରିମାଣି ରୋଧାଂସି**) ଉତ୍ଖାତ କରି ଦିଅନ୍ତି, ଆଉମଧ୍ୟ ମରୁତ୍‌ମାନେ ବୃତ୍ର ଓ ଦସ୍ୟୁମାନଙ୍କୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ ସାହାଯ୍ୟ କରନ୍ତି । ଯେତେବେଳେ ସ୍ୱୟଂ ମର୍ତ୍ତ୍ୟ ଚେତନା ପରମ ସତ୍ୟ ଓ ଆନନ୍ଦ ମଧ୍ୟରେ ବୃଦ୍ଧି ପାଇବାକୁ ବା ନିଜକୁ ସଂପ୍ରସାରିତ କରିବାକୁ ପ୍ରୟାସ କରେ ସେତେବେଳେ ଏଇ ଦିବ୍ୟ ପ୍ରାଣ-ଶକ୍ତିମାନ୍ ସେମାନଙ୍କ ନିଜ ସ୍ନାୟବିକ ବା ପ୍ରାଣିକ ଶକ୍ତିଦ୍ୱାରା ମନନର କ୍ରିୟାକୁ ପୋଷଣ କରନ୍ତି, ଏହାହିଁ ଆନ୍ତର ଅର୍ଥ ବ୍ୟଞ୍ଜକ ବେଦର ଅଭିପ୍ରାୟ ବୋଲି ମନେ ହୁଏ । ୬।୪୯।୧୧ ମନ୍ତ୍ରରେ ସେମାନଙ୍କ ସମ୍ବନ୍ଧରେ କୁହାଯାଇଛି ଯେ ସେମାନେ ଅଙ୍ଗିରସଙ୍କ ସମସ୍ତ ଗୁଣ ସହିତ (**ଅଙ୍ଗିରସ୍ୱତ୍**) କାର୍ଯ୍ୟ କରନ୍ତି : ''ହେ ଯୁବା, କବି ଓ ଯଜ୍ଞର ଶକ୍ତି ରୂପୀ ମରୁତ୍‌ଗଣ, ବାଣୀ ଉଚ୍ଚାରଣ କରି କରି ଉଚ୍ଚସ୍ଥାନକୁ ଆସ (କିଂବା ପୃଥିବୀପୃଷ୍ଠସ୍ଥ ଅଥବା ଗିରିସାନୁର ବରଣୀୟ ସ୍ତରକୁ — **ଅଧି ସାନୁ ପୃଶ୍ନେଃ** ୬।୬।୪, ସମ୍ଭବତଃ ଏହାହିଁ '**ବରସ୍ୟାମ୍**'ର ଅର୍ଥ), ତୁମେମାନେ ଅଙ୍ଗିରସଙ୍କ[୧୯] ପରି ବୃଦ୍ଧି ପାଉଥିବା ଓ ଠିକ୍ ଭାବରେ ଗତି କରୁଥିବା ଶକ୍ତି (ପଥରେ — '**ଗାତୁ**') ଏପରିକି ଯାହା ଆଲୋକିତ ହୋଇ ନାହିଁ (**ଅଚିତ୍ରମ୍**, ଯାହା ଉଷାଙ୍କର ନାନା ବର୍ଣ୍ଣର ଜ୍ୟୋତିଃ ପ୍ରାପ୍ତ ହୋଇ ନାହିଁ, ଅର୍ଥାତ୍ ଆମ ସାଧାରଣ ଅନ୍ଧକାରର ରାତ୍ରି) ତାକୁ ମଧ୍ୟ ଆନନ୍ଦ ପ୍ରଦାନ କର ।''[୨୦] ଏଠାରେ ମଧ୍ୟ ଆମେ ଅଙ୍ଗିରସ କର୍ମର ଗୁଣ ଧର୍ମ ଦେଖିବାକୁ ପାଉ, ଯଥା ଅଗ୍ନିଙ୍କର ଶାଶ୍ୱତ ଯୌବନ ଓ ଶକ୍ତି (**ଅଗ୍ନେ ୟବିଷ୍ଠ**), ବାକ୍‌ର ଅଧିକାର ଓ ଉଚ୍ଚାରଣ, ଦ୍ରଷ୍ଟୃଭାବ, ଯଜ୍ଞକର୍ମର ସଂପାଦକ ଏବଂ ସେଇ ମହାପଥ ଯାହା ଜ୍ୟୋତିର୍ମୟ ଆନନ୍ଦ ସ୍ୱରୂପ ସତ୍ୟଜଗତ୍, ସେ ଦିଗରେ ଉନ୍ମୁଖ ଥିବା ସେଇ ଯେଉଁ ଯଥାର୍ଥ ଗତି ତାହାକୁ ଆମେ ଦେଖିବୁ । ଏପରିକି ମରୁତ୍ ମାନଙ୍କ ସମ୍ବନ୍ଧରେ

---

୧୯ ଏଠାରେ ସାୟଣ ଅଙ୍ଗିରସ କହିଲେ (ଚଳନାର୍ଥକ 'ଅଞ୍ଜ୍' ଧାତୁ ଅନୁସାରେ) ଚଳମାନ ରଶ୍ମିମାଳା ବା ଅଙ୍ଗିରସ ଋଷିଗଣ ବୋଲି ଅର୍ଥ କରିଥିବା ଲକ୍ଷ୍ୟ କରିବାର ବିଷୟ । ଏହି ପଣ୍ଡିତ ମହାଶୟ ଯଦି ଅଧିକ ସାହସର ସହ ଏହାଠାରୁ ଆଗକୁ ଅନୁସନ୍ଧାନ କରିବାକୁ ସମର୍ଥ ହୋଇଥାନ୍ତେ ତଥା ସେମାନଙ୍କ ଯୁକ୍ତିସଂଗତ ସିଦ୍ଧାନ୍ତରେ ଉପନୀତ ହୋଇଥା'ନ୍ତେ ତେବେ ସେ ଏହି ଆଧୁନିକ ତତ୍ତ୍ୱନିରୂପଣର ସାରତମ ମର୍ମକୁ ଆବିଷ୍କାର କରିବାର ସମ୍ଭାବନା ରହିଥା'ନ୍ତା ।

୨୦ **ଆ ଯୁବାନଃ କବୟୋ ୟଜ୍ଞିୟାସୋ ମରୁତୋ ଗନ୍ତ ଗୃଣତୋ ବରସ୍ୟାମ୍ ।**
ଅଚିତ୍ରଂ ଚିଦ୍ଧି ଜିନ୍ୱଥା ବୃଧନ୍ତ ଇତ୍ଥା ନକ୍ଷନ୍ତୋ ନରୋ ଅଙ୍ଗିରସ୍ୱତ୍ ॥ (ଋ ୬।୪୯।୧୧)

ଏପରି କୁହା ଯାଇଛି (୧୦।୭୮।୫) ଯେ ବାସ୍ତବରେ "ସେମାନେ ହେଉଛନ୍ତି ସାମମନ୍ତ୍ର-ଗାୟକ ତଥା ସମସ୍ତ ରୂପ ଧାରୀ ଅଙ୍ଗିରସଗଣ"— **ବିଶ୍ୱରୂପା ଅଙ୍ଗିରସୋ ନ ସାମଭିଃ** ।

ଉଷାଙ୍କ ଆଗମନ ଦ୍ୱାରା ଉପରୋକ୍ତ ସମସ୍ତ କ୍ରିୟା ଓ ଗତିବୃତ୍ତି ସମ୍ଭବ ହୁଏ । ଉଷା '**ଅଙ୍ଗିରସ୍ତମା**', ତତ୍ ସହିତ ସେ '**ଇନ୍ଦ୍ରତମା**' ବୋଲି ବର୍ଣ୍ଣିତା । ଇନ୍ଦ୍ରଙ୍କ ବିଦ୍ୟୁତ୍‌ରେ ଓ ଉଷାଙ୍କର ରଶ୍ମିମାଳାରେ ମଧ୍ୟ ଅଗ୍ନିଶକ୍ତି ବା ଅଙ୍ଗିରସ-ଶକ୍ତି ନିଜକୁ ପ୍ରକଟ କରେ । ଏହି ଅଙ୍ଗିରସ-ଶକ୍ତି ଉପରେ ଆଲୋକପାତ କରୁଥିବା ଦୁଇଟି ଉଦାହରଣ ଏଠାରେ ଦିଆଯାଇପାରେ । ପ୍ରଥମଟି ୭।୭୯।୨-୩[୨୧]ରେ ରହିଛି । ସେଥିରେ କୁହାଯାଇଛି — "ଉଷାମାନେ ନିଜ କିରଣସମୂହକୁ ଦ୍ୟୁଲୋକର ପ୍ରାନ୍ତଭାଗରେ ଉଜ୍ଜ୍ୱଳ କରନ୍ତି, କର୍ମନିଯୋଜିତ ମନୁଷ୍ୟଙ୍କ ପରି ସେମାନେ ପରିଶ୍ରମ କରନ୍ତି । ତୁମ କିରଣସମୂହ ତମସାକୁ ଅପସାରଣ କରିବାରେ ପ୍ରବୃତ୍ତ, ସୂର୍ଯ୍ୟ ତାଙ୍କ ଦୁଇବାହୁ ପ୍ରସାରିତ କଲାପରି ସେମାନେ ଜ୍ୟୋତିଃ ପ୍ରସାରଣ କରୁଛନ୍ତି । ଉଷା ଇନ୍ଦ୍ର-ଶକ୍ତିରେ ପୂର୍ଣ୍ଣତମା ହୋଇ ଉଠିଛନ୍ତି (ବା ପ୍ରକଟ ହୋଇଛନ୍ତି) (ଇନ୍ଦ୍ରତମା), ସେ ସଂପଦରେ ସମୃଦ୍ଧା ହୋଇ ଆମର ଶୋଭନ ଜୀବନଯାତ୍ରା (ଅଥବା, ମଙ୍ଗଳ ଓ ଆନନ୍ଦ) ନିମନ୍ତେ ଜ୍ଞାନର ସମସ୍ତ ଆନ୍ତର ପ୍ରେରଣା (ଶ୍ରବାଂସି) ଜନ୍ମ ଦେଇଛନ୍ତି, ସେହି ଦେବୀ, ଦ୍ୟୁଲୋକ ଦୁହିତା ଓ ଅଙ୍ଗିରସତ୍ୱରେ ପୂର୍ଣ୍ଣତମା (ଅଙ୍ଗିରସ୍ତମା), ସେ ସୁକର୍ମ ସାଧକଙ୍କ ନିମନ୍ତେ ସମ୍ପଦ ବିଧାନ କରନ୍ତି ।" ଯେଉଁ ସଂପଦରେ ଉଷା ସମୃଦ୍ଧା ତାହା ଜ୍ୟୋତିର ସଂପଦ ଏବଂ ସତ୍ୟର ଶକ୍ତି ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ; ସେ ଦିବ୍ୟ ଜ୍ୟୋତିର୍ମାନସ ରୂପକ ଇନ୍ଦ୍ର-ଶକ୍ତିରେ ପୂର୍ଣ୍ଣା, ସେ ସେହି ମନର ଅନ୍ତଃପ୍ରେରଣା (ଶ୍ରବାଂସି) ଆମକୁ ଦିଅନ୍ତି ଯାହା ଆମକୁ ଆନନ୍ଦ ଦିଗରେ ନେଇଚାଲେ । ଯେଉଁମାନେ ମହତ୍ କର୍ମ ଯଥାର୍ଥ ରୂପେ ସମ୍ପାଦନ କରନ୍ତି ଏବଂ ଏହା ଫଳରେ ଉଚିତ ମାର୍ଗରେ ଗମନ କରନ୍ତି ସେମାନଙ୍କ ପାଇଁ ସିଏ ନିଜ ମଧ୍ୟସ୍ଥ ଶିଖାମୟୀ ଓ ପ୍ରଭାମୟୀ ଅଙ୍ଗିରସ ଶକ୍ତି ଦ୍ୱାରା ତାଙ୍କର ସମ୍ପଦମାନ ଦାନ ତଥା ସୁସଜ୍ଜିତ କରନ୍ତି — **ଉତ୍‌ଥା ନକ୍ଷତ୍ରୋ ଅଙ୍ଗିରସ୍ୱତ୍** (୬।୪୯।୧୧) ।

ଦ୍ୱିତୀୟ ଉଦାହରଣଟି ୭।୭୫ ସୂକ୍ତରେ ଅଛି । "ଦିବିଜାତା ଉଷା ସତ୍ୟ ଦ୍ୱାରା (ଅନ୍ଧକାରର ଆବରଣ) ଅପସାରିତ କରି, ମହିମା (ମହିମାନମ୍) ପ୍ରକଟ କରି ଆସୁଛନ୍ତି, ସେ ଅନ୍ଧକାର ଏବଂ ସମସ୍ତ ଅନିଷ୍ଟ ବିଷୟର (**ଦୁହସ୍ତମଃ**) ଓ ତମସାର ଆବରଣକୁ ତଥା ଯାହାସବୁ ଅପ୍ରିୟ ସେସବୁକୁ ଅପସାରଣ କରିଛନ୍ତି, ଅଙ୍ଗିରସତ୍ୱରେ ପୂର୍ଣ୍ଣତମା ସେ

---

୨୧ **ବ୍ୟଞ୍ଜତେ ଦିବୋ ଅନ୍ତେଷ୍ୱକ୍ତୂନ୍ ବିଶୋ ନ ଯୁକ୍ତା ଉଷସୋ ଯତନ୍ତେ ।**
ସଂ ତେ ଗାବସ୍ତମ ଆ ବର୍ତୟନ୍ତି ଜ୍ୟୋତିର୍ୟଚ୍ଛନ୍ତି ସବିତେବ ବାହୂ ॥
ଅଭୂଦୁଷା ଇନ୍ଦ୍ରତମା ମଘୋନ୍ୟଜୀଜନତ୍ ସୁବିତାୟ ଶ୍ରବାଂସି ।
ବି ଦିବୋ ଦେବୀ ଦୁହିତା ଦଧାତ୍ୟଙ୍ଗିରସ୍ତମା ସୁକୃତେ ବସୂନି ॥ (ଋ-୭।୭୯।୨-୩)

(ମହାନ୍ ଯାତ୍ରାର) ପଥଗୁଡ଼ିକୁ ବ୍ୟକ୍ତ କରନ୍ତି । ହେ ଉଷା, ଆଜି ଆମ ପାଇଁ ମହାନ୍ ଆନନ୍ଦ ଅଭିମୁଖରେ (**ମହେ ସୁବିତାୟ**) ଆମରଯାତ୍ରା ନିମନ୍ତେ ଓ ଆମର ଭୋଗର ବୃହତ୍ ସ୍ଥିତି ପ୍ରାପ୍ତ ଦେବା ନିମନ୍ତେ ଆମ ପାଇଁ ତୁମର (ଧନସମୂହ) ପ୍ରସାରିତ କର । ହେ ମାନବି, ହେ ଦେବି, ଆମେ ମର୍ତ୍ତ୍ୟ, ଆମ ମଧ୍ୟରେ ଅନ୍ତଃପ୍ରେରିତ ଜ୍ଞାନରେ ପୂର୍ଣ୍ଣ (**ଶ୍ରବସ୍ୟୁମ୍**) ବିବିଧ ଉଜ୍ଜ୍ୱଳ ସମ୍ପଦରାଜିର (**ଚିତ୍ରମ୍ ରୟିମ୍**) ଦୃଢ଼ପ୍ରତିଷ୍ଠ କର । ଏସବୁ ହେଲେ ଆଗତା ଦୃଶ୍ୟମାନା ଉଷାଙ୍କର ବିଚିତ୍ର-ଉଜ୍ଜ୍ୱଳ (**ଚିତ୍ରାଃ**) ଓ ଅମୃତ କିରଣ ସମୂହ; ସେମାନେ ଦିବ୍ୟ କର୍ମ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅନ୍ତରୀକ୍ଷକୁ ସେଥିରେ ପୂର୍ଣ୍ଣକରି ନିଜକୁ ବିକୀର୍ଣ୍ଣ କରନ୍ତି'' – **ଜନୟନ୍ତୀ ଦୈବ୍ୟାନି ବ୍ରତାନି ଆପୃଣନ୍ତୀ ଅନ୍ତରିକ୍ଷା ବ୍ୟସ୍ଥାଃ** (୭।୭୫।୧-୩)'' ଆଉମଧ୍ୟ ଦେଖାଯାଏ, ଅନ୍ଧକାରର ଅପସାରଣ ଏବଂ ଉଷାଙ୍କ କିରଣ ସମୂହର ପ୍ରକାଶ ଦ୍ୱାରା ଯେଉଁ ପଥ ଉନ୍ମୋଚିତ ହୁଏ ସେହି ପଥର ଯାତ୍ରାରେ ଅଙ୍ଗିରସ ଶକ୍ତି ମଧ୍ୟ ସଂପୃକ୍ତ; ଅଶୁଭ ଶକ୍ତିମାନେ ମନୁଷ୍ୟର ଯେଉଁ ଅନିଷ୍ଟ ସାଧନ କରନ୍ତି (**ଦ୍ରୁହଃ**— ଅନିଷ୍ଟମାନ ବା ଅନିଷ୍ଟକାରିଗଣ) ପଣିମାନେ ସେହିସବୁ ଅନିଷ୍ଟର ପ୍ରତୀକ, ଅନ୍ଧକାର ସେମାନଙ୍କର ଗୁହା; ତାହାହିଁ ହେଉଛି ଯାତ୍ରା, ଯାହା ବର୍ଦ୍ଧିଷ୍ଣୁ ଜ୍ୟୋତିଃ, ଶକ୍ତି ଓ ଜ୍ଞାନର ସମ୍ପଦ ଦ୍ୱାରା ଦିବ୍ୟ ସୁଖ ଓ ଅମୃତ-ଆନନ୍ଦର ସ୍ଥିତି ଦିଗରେ ଆମକୁ ନେଇଯାଏ; ଉଷାଙ୍କର ଯେଉଁ ଅମୃତ କିରଣମାଳା ମନୁଷ୍ୟ ମଧ୍ୟରେ ଦିବ୍ୟକର୍ମମାନଙ୍କୁ (ବ୍ରତମାନଙ୍କୁ) ଜନ୍ମ ନିଅନ୍ତି ଏବଂ ସେମାନଙ୍କ ଦ୍ୱାରା ପୃଥିବୀ ଓ ଦ୍ୟୌର ମଧ୍ୟବର୍ତ୍ତୀ ଅନ୍ତରିକ୍ଷ ଲୋକର କର୍ମ ସମୂହକୁ ପରିପୂର୍ଣ୍ଣ କରନ୍ତି ଅର୍ଥାତ୍ ଆମ ଶାରୀରିକ ଓ ଶୁଦ୍ଧ ମାନସିକ ସତ୍ତାର ସଂଯୋଗକାରୀ 'ବାୟୁ' ଦ୍ୱାରା ସେହି ସମସ୍ତ ପ୍ରାଣଲୋକର ଯେଉଁ କ୍ରିୟା ସଂଚାଳିତ ହୁଏ ତାହାହିଁ ଅଙ୍ଗିରସ-ଶକ୍ତି ହେବା ଖୁବ୍ ସମ୍ଭବ । କାରଣ ସେମାନେ ମଧ୍ୟ ଦିବ୍ୟକର୍ମଗୁଡ଼ିକୁ ଅକ୍ଷତ ଅବସ୍ଥାରେ ରଖି (**ଅମର୍ଧନ୍ତୀ ଦୈବ୍ୟା ବ୍ରତାନି**) ସତ୍ୟଲାଭ କରନ୍ତି ଓ ତାହାର ରକ୍ଷା କରନ୍ତି । ବାସ୍ତବିକ ଦିବ୍ୟ ଉଷାଙ୍କୁ ମର୍ତ୍ତ୍ୟ ପ୍ରକୃତି ମଧ୍ୟକୁ ଆଣିବା ସେମାନଙ୍କର କାର୍ଯ୍ୟ । ଯାହା ଫଳରେ ଦୃଶ୍ୟମାନା ଏହି ଦେବୀ ତାଙ୍କର ଦୈବୀ ଓ ମାନୁଷୀ ଉଭୟ ସକଳ ଐଶ୍ୱର୍ଯ୍ୟ ବର୍ଷଣ କରିବା ସହିତ ସେଠାରେ ଅର୍ଥାତ୍ ମର୍ତ୍ତମାନଙ୍କ ମଧ୍ୟରେ (**ଦେବି ମର୍ତ୍ତେଷୁ ମାନୁଷୀ**) ମାନୁଷୀ ଦେବୀ ହୋଇ ରହି ପାରିବେ ।

'' ବ୍ୟୁଷା ଆବୋ ଦିବିଜା ଗତେନାବିଷ୍ଣ୍ୱାନା ମହିମାନମାଗାତ୍ ।
ଅପ ଦ୍ରୁହନ୍ତମ ଆବରଜ୍ରୁଷ୍ଟମଙ୍ଗିରସ୍ତମା ପଥ୍ୟା ଅଜୀଗଃ ॥
ମହେ ନୋ ଅଦ୍ୟ ସୁବିତାୟ ବୋଧ୍ୟୁଷୋ ମହେ ସୌଭାଗାୟ ପ୍ର ୟନ୍ଧି ।
ଚିତ୍ରଂ ରୟିଂ ୟଶସଂ ଧେହ୍ୟସ୍ମେ ଦେବି ମର୍ତ୍ତେଷୁ ମାନୁଷି ଶ୍ରବସ୍ୟୁମ୍ ॥
ଏତେ ତ୍ୟେ ଭାନବୋ ଦର୍ଶତାୟାଣ୍ଟିତ୍ରା ଉଷସୋ ଅମୃତାସ ଆଗୁଃ ।
ଜନୟନ୍ତୀ ଦୈବ୍ୟାନି ବ୍ରତାନ୍ୟାପୃଣନ୍ତୀ ଅନ୍ତରିକ୍ଷା ବ୍ୟସ୍ଥାଃ ॥ (ଋ. ୭।୭୫।୧-୩)

ସପ୍ତଦଶ ଅଧ୍ୟାୟ

ସପ୍ତଶୀର୍ଷ୍ଣୀ ଧୀ, ସ୍ୱର୍ ଓ ଦଶଗ୍ୱ ଋଷିବୃନ୍ଦ

ତା'ହେଲେ ବୈଦିକ ସୂକ୍ତଗୁଡ଼ିକର ଭାଷାରୁ ଅଙ୍ଗିରସ ଋଷିମାନଙ୍କର ଦ୍ୱୈଧ ବିଭାବ ପ୍ରତିପାଦିତ ହୁଏ । ଗୋଟିଏ ହେଲା ବେଦର ବାହ୍ୟ ପରିଚ୍ଛଦ; ଏହା ସୂର୍ଯ୍ୟ, ଅଗ୍ନି, ଉଷା, ଗୋ, ଅଶ୍ୱ, ସୋମରସ, ଯାଜ୍ଞିକ ମନ୍ତ୍ର ପ୍ରଭୃତିର ପ୍ରାକୃତିକ ରୂପକଗୁଡ଼ିକୁ ଏକତ୍ର ଗୁନ୍ଥିଦିଏ; ଅନ୍ୟଟି ଏହି ରୂପକଚ୍ଛରୁ ସେମାନଙ୍କର ଆନ୍ତର ଆଶୟକୁ ବିମୋଚିତ କରେ । ଅଙ୍ଗିରସମାନେ ଅଗ୍ନିଙ୍କର ପୁତ୍ର, ଉଷାଙ୍କର ଜ୍ୟୋତିର୍ଗଣ, ସେମାନେ ସୋମଦାତା ଓ ସୋମପାୟୀ ସ୍ତୁତିଗାୟକ, ଶାଶ୍ୱତ ଯୁବା ଓ ବୀର ପୁରୁଷଗଣ, ସେମାନେ ଅନ୍ଧକାରର ସନ୍ତାନମାନଙ୍କ ଜବଜରୁ ଆମ ପାଇଁ ସୂର୍ଯ୍ୟ, ଗୋଯୂଥ, ଅଶ୍ୱଯୂଥ ଓ ସମସ୍ତ ସମ୍ପଦ ବଳପୂର୍ବକ ଓଗୋରି ଆଣନ୍ତି । କିନ୍ତୁ ସେମାନେ ସତ୍ୟଦ୍ରଷ୍ଟା ମଧ୍ୟ, ସତ୍ୟବାକ୍‌ର ଅନ୍ୱେଷକ ତଥା ତାହାର ପ୍ରବକ୍ତା ଏବଂ 'ସତ୍ୟ'ର ଶକ୍ତିରେ ଆମ ନିମନ୍ତେ ସେମାନେ ଯେଉଁ 'ଜ୍ୟୋତି' ଓ 'ଅମୃତତ୍ୱ'ର ଲୋକକୁ ଜୟ କରିଥା'ନ୍ତି ତାହାକୁ ବେଦରେ ବୃହତ୍, ଋତମ୍, ସତ୍ୟମ୍ ରୂପେ ଏବଂ ଏମାନେ ଯେଉଁ 'ଅଗ୍ନି'ଙ୍କର ସୁତ ଅଟନ୍ତି ତାଙ୍କରି ସ୍ୱକୀୟ ଧାମ ରୂପେ ବର୍ଣ୍ଣନା କରାଯାଇଛି । ଏହି ଭୌତିକ ଚିତ୍ର ଓ ମନସ୍ତାତ୍ତ୍ୱିକ ଆଭାସଗୁଡ଼ିକ ନିବିଡ଼ ଭାବରେ ପରସ୍ପର ଗ୍ରଥିତ ଏବଂ ସେଥିରୁ ଗୋଟିକରୁ ଅନ୍ୟଟିକୁ ପୃଥକ୍ କରାଯାଇ ପାରିବ ନାହିଁ । ସୁତରାଂ ଆମ ସାଧାରଣ ଜ୍ଞାନ ଦ୍ୱାରା ଆମେ ଅବଶ୍ୟ ଏହି ସିଦ୍ଧାନ୍ତରେ ଉପନୀତ ହେଉନ୍ତୁ ଯେ ଯେଉଁ ଋତ ଓ ସତ୍ୟ ଅଗ୍ନିଙ୍କର ସ୍ୱଧାମ ତାହା ସ୍ୱୟଂ ଋତ ଓ ସତ୍ୟର ବହ୍ନିଶିଖା, ସତ୍ୟ ଓ ସତ୍ୟଚିନ୍ତନର ଶକ୍ତି ଦ୍ୱାରା ଯେଉଁ ଜ୍ୟୋତିର ଜୟ କରାଯାଏ ତାହା ଭୌତିକ ଆଲୋକମାତ୍ର ନୁହେଁ, ଯେଉଁ ଗୋମାନଙ୍କୁ ସରମା ସତ୍ୟ ପଥରେ ପ୍ରାପ୍ତ ହୁଅନ୍ତି ସେମାନେ ଏଇ ପଶୁଯୂଥ ମାତ୍ର ନୁହନ୍ତି । ଦ୍ରାବିଡ଼ମାନଙ୍କ ସମ୍ପଦସ୍ୱରୂପ ଯେଉଁ ଅଶ୍ୱଗଣଙ୍କୁ ଆକ୍ରମଣକାରୀ ଆର୍ଯ୍ୟ ଜନଜାତି ଜୟ କରିଥିଲେ ତାହା ଭୌତିକ ସମ୍ପଦମାତ୍ର ନୁହେଁ; ଏପରିକି ପ୍ରାକୃତିକ ଉଷା, ସୂର୍ଯ୍ୟତାପର ଆଲୋକ ଓ ଦ୍ରୁତଗାମୀ ରଶ୍ମିମାନଙ୍କ ବିଷୟକ ଚିତ୍ରଣ ମଧ୍ୟ ସ୍ଥୂଳଚିତ୍ର ମାତ୍ର ନୁହେଁ ଏବଂ ପଣି ଓ ବୃତ୍ର ଯେଉଁ ଅନ୍ଧକାରକୁ ରକ୍ଷା କରନ୍ତି ତାହା କେବଳ ଭାରତୀୟ ବା ମେରୁ ଅଞ୍ଚଳୀୟ ରାତ୍ରିର ଅନ୍ଧକାର ନୁହେଁ । ଆମେ ଜୋର ଦେଇ ଏପରି ଏକ ଯୁକ୍ତିସଂଗତ ପ୍ରତିଜ୍ଞାନ ଉପସ୍ଥାପନା କରିପାରୁ, ଯାହା ସାହାଯ୍ୟରେ କି ଏହି ରୂପକଚ୍ଛର ଯଥାର୍ଥ ଅର୍ଥ ସମସ୍ତ ବିବାଦ-ମୁକ୍ତ ହୋଇପାରେ ଏବଂ ଏହି ଭାସ୍ୱର ଦେବତାମାନଙ୍କର ଓ ସମସ୍ତ ଦିବ୍ୟଜ୍ୟୋତିର୍ମୟ ବିପ୍ରମାନଙ୍କର ପ୍ରକୃତ ଦେବତ୍ୱ ଆବିଷ୍କାର ସମ୍ଭବ ହୋଇପାରେ ।

ଅଙ୍ଗିରସ ଋଷିମାନେ ଯୁଗପତ୍ ଦିବ୍ୟ ତଥା ମାନବ-ଦ୍ରଷ୍ଟା । ଏହି ବିପ୍ରମାନଙ୍କର ଏହି ଦ୍ୱୈତ ସ୍ୱରୂପ ବେଦରେ କୌଣସି ଅସାମାନ୍ୟ ବିଷୟ ବା ଅଦ୍ଭୁତ କଥା ନୁହେଁ । ବୈଦିକ ଦେବତାମାନଙ୍କର ମଧ୍ୟ ଦ୍ୱିବିଧ କ୍ରିୟା ରହିଛି; ପ୍ରଥମଟି ହେଲା, ସେମାନେ ଦିବ୍ୟ ଏବଂ ଜନ୍ମ ପୂର୍ବରୁହିଁ ସେମାନେ ନିଜ ସତ୍ତାରେ ଦିବ୍ୟ ଥିଲେ, ଅନ୍ୟଟି ହେଲା, ଯେତେବେଳେ ସେମାନେ ମନୁଷ୍ୟ ମଧ୍ୟରେ ବୃହତ୍ ଉତ୍ତରଣ ଅଭିମୁଖରେ ବୃଦ୍ଧି ପାଆନ୍ତି ସେତେବେଳେ ମର୍ତ୍ତ୍ୟଲୋକରେ ସେମାନଙ୍କ କର୍ମରେ ସେମାନେ ହୋଇଥା'ନ୍ତି ମାନବ । ଉଷାଙ୍କ ସ୍ୱରୂପ ବର୍ଣ୍ଣନା କଲାବେଳେ ଏହି ବିଷୟ ଚମତ୍କାର ଭାବରେ ବ୍ୟକ୍ତ କରାଯାଇଛି —''ମର୍ତ୍ତ୍ୟମାନଙ୍କ ମଧ୍ୟରେ ହେ ମାନବି ଦେବି''— **ଦେବି ମର୍ତ୍ତେଷୁ ମାନୁଷି** (୭।୭୫।୨) । କିନ୍ତୁ ଅଙ୍ଗିରସ ଋଷିମାନଙ୍କ ରୂପକରେ ଏହି ଦ୍ୱୈତ ସ୍ୱରୂପ ଏହାଠୁ ଅଧିକ ଜଟିଳ ହୋଇ ଉଠିଛି କାରଣ ପରମ୍ପରା ଅନୁସାରେ ସେମାନେ ମାନବ-ପିତୃଗଣ,— ଜ୍ୟୋତିଃ, ପନ୍ଥା ଓ ଲକ୍ଷ୍ୟର ଆବିଷ୍କାରକ । ବୈଦିକ ସମ୍ପ୍ରଦାୟ ଓ ବୈଦିକ ପ୍ରତୀକବାଦ ସମ୍ବନ୍ଧରେ ଆମ ମତକୁ ଏହି ଜଟିଳତା କିପରି ପ୍ରଭାବିତ କରୁଛି ତାହା ଆମକୁ ଦେଖିବାକୁ ପଡ଼ିବ ।

ସାଧାରଣତଃ ଅଙ୍ଗିରସ ଋଷିମାନେ ସାତଜଣ ବୋଲି କୁହାଯାଏ : ସେମାନେ ହୋଇଛନ୍ତି **ସପ୍ତ ବିପ୍ରାଃ** — ସପ୍ତର୍ଷି, ଯେଉଁମାନେ କି ପୌରାଣିକ ପାରମ୍ପରିକ ଧାରାରେ[୧] ଏଠାକୁ ଅବତରଣ କରିଛନ୍ତି ଏବଂ ଭାରତୀୟ ଜ୍ୟୋତିର୍ବିଜ୍ଞାନ ଦ୍ୱାରା **ବୃହତ୍ ଋକ୍ଷ** ନାମକ ତାରକାମଣ୍ଡଳୀରେ ଅଧିଷ୍ଠିତ । କିନ୍ତୁ ସେମାନଙ୍କୁ ନବଗ୍ୱ ଓ ଦଶଗ୍ୱ ମଧ୍ୟ କୁହାଯାଇଛି । ଆଉମଧ୍ୟ (୬।୨୨।୭ ଋକ୍‌ରେ) ପୂର୍ବ ପିତୃପୁରୁଷ ସପ୍ତ ଋଷିଗଣ ନବଗ୍ୱ ଥିଲେ ବୋଲି ଯଦି କୁହାଯାଇ ଥାଏ (**ପୂର୍ବେ ପିତରୋ ନବଗ୍ୱାଃ ସପ୍ତ ବିପ୍ରାସଃ**) ତଥାପି ୩।୩୯।୫ ଋକ୍‌ରେ ନବଗ୍ୱ ଓ ଦଶଗ୍ୱ ଦୁଇ ଶ୍ରେଣୀ ବିଷୟରେ ସୂଚନା ଦିଆଯାଇଛି, ଦ୍ୱିତୀୟ ଶ୍ରେଣୀଟିର ସଂଖ୍ୟା ଦଶ, ହେଲେ ନବଗ୍ୱମାନଙ୍କ ସଂଖ୍ୟା ସୁସ୍ପଷ୍ଟଭାବେ କୁହାଯାଇ ନ ଥିଲେ ମଧ୍ୟ ସେମାନଙ୍କ ସଂଖ୍ୟା ନଅ ବୋଲି ମନେ ହୁଏ —

''ସଖା ହ ଯତ୍ର ସଖିଭିର୍ନବଗ୍ୱୈରଭିଜ୍ଞା ସତ୍ୱଭିର୍ଗା ଅନୁଗ୍ମନ୍
ସତ୍ୟଂ ତଦିନ୍ଦ୍ରୋ ଦଶଭିର୍ଦଶଗ୍ୱୈଃ ସୂର୍ୟଂ ବିବେଦ ତମସି କ୍ଷିୟନ୍ତମ୍ ।।''

—''ଯେଉଁଠାରେ ଜଣେ ସଖା ତାଙ୍କର ନବଗ୍ୱ ସଖାମାନଙ୍କ ସହିତ ଗୋମାନଙ୍କୁ ଅନୁସରଣ କରନ୍ତି, ସେ ଇନ୍ଦ୍ର ଦଶସଂଖ୍ୟକ ଦଶଗ୍ୱ ସହିତ ସେହି ସତ୍ୟକୁ ଏପରିକି ଅନ୍ଧକାର ମଧ୍ୟରେ ଅବସ୍ଥିତ ସୂର୍ଯ୍ୟଙ୍କୁ ପ୍ରାପ୍ତ ହେଲେ ।'' ଅନ୍ୟ ପକ୍ଷରେ ୪।୫୧।୪ ଋକ୍‌ରେ ଅଙ୍ଗିରସଙ୍କ ସମ୍ବନ୍ଧରେ ସଂଯୁକ୍ତ ଭାବେ ଏକ ବ୍ୟକ୍ତିକ ବର୍ଣ୍ଣନା ଦେଖାଯାଏ ଯେ ସେ ସପ୍ତମୁଖବିଶିଷ୍ଟ ଅଥବା ନବରଶ୍ମିଯୁକ୍ତ, ଦଶରଶ୍ମିଯୁକ୍ତ — **ନବଗ୍ୱେ ଅଙ୍ଗିରେ ଦଶଗ୍ୱେ ସପ୍ତାସ୍ୟେ** ।

---

୧ ଏକଥା ଏକେବାରେ ଆବଶ୍ୟକ ନୁହେଁ ଯେ ସପ୍ତର୍ଷିରୂପେ ପୌରାଣିକ ପରମ୍ପରାରେ ଯେଉଁସବୁ ନାମ ଦିଆଯାଇଛି ସେହି ନାମ ବୈଦିକ ଧାରାରେ ରଖାଯାଇଥିବ ।

୧୦।୧୦୮।୮[୨] ଋକ୍‌ରେ ଉଲ୍ଲେଖ ଅଛି ଯେ ନବଗ୍ୱ ଅଙ୍ଗିରସମାନଙ୍କ ସହିତ ଅୟାସ୍ୟ ନାମକ ଅନ୍ୟ ଜଣେ ଋଷି ସଂଯୁକ୍ତ । ୧୦।୬୭।୧[୩] ଋକ୍‌ରେ ବର୍ଣ୍ଣନା କରାଯାଇଛି, ଅୟାସ୍ୟ ଆମର ପିତା ସେ ସତ୍ୟରୁ ଉତ୍ପନ୍ନ ବୃହତ୍ ସପ୍ତଶୀର୍ଷ୍ଣୀ ଧୀ ଲାଭ କରିଥିଲେ ଏବଂ ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସ୍ତୁତି ଗାନ କରିଥିଲେ । ନବଗ୍ୱମାନେ ଯଦି ସଂଖ୍ୟାରେ ସାତ ବା ନଅ ହୁଅନ୍ତି ତେବେ ଅୟାସ୍ୟ ଅଷ୍ଟମ ବା ଦଶମ ଋଷି ହେବେ ।

ପରମ୍ପରା କହେ ଯେ ଦୁଇ ଶ୍ରେଣୀର ଅଙ୍ଗିରସ ଋଷି ଅଛନ୍ତି, ସେଥିରୁ ଗୋଟିଏ ଶ୍ରେଣୀ ହେଲେ ନବଗ୍ୱ, ଏମାନେ ନଅ ମାସ ଧରି ଯଜ୍ଞ କରିଥିଲେ, ଅନ୍ୟଶ୍ରେଣୀ ଦଶଗ୍ୱଙ୍କ ଯଜ୍ଞକାଳ ଦଶମାସ ଥିଲା । ଯେଉଁ ତିରିଶଟି ଉଷା ଯଜ୍ଞ-ବର୍ଷର ଗୋଟିଏ ମାସର ରୂପଟିଏ ଏହାର ପ୍ରତ୍ୟେକ ଗୌ ମିଳିତ ଭାବେ ସେହି ଗୋଟିଏ ମାସର ପ୍ରତିନିଧିତ୍ୱ କରନ୍ତି । କିନ୍ତୁ ଋଗ୍‌ବେଦରେ ଅନ୍ତତଃ ଏପରି ଗୋଟିଏ ସୂକ୍ତ ଅଛି ଯାହା ବାହ୍ୟ ଦୃଷ୍ଟିରେ ଏହି ପାରମ୍ପରିକ ବ୍ୟାଖ୍ୟାର ସମ୍ପୂର୍ଣ୍ଣ ବିରୋଧ କରେ । କାରଣ ୫।୪୫ ସୂକ୍ତର ସପ୍ତମ ଏବଂ ପୁନଶ୍ଚ ଏକାଦଶ ଋକ୍‌ରେ ଆମକୁ କୁହାଯାଇଛି ଯେ ନବଗ୍ୱମାନେହିଁ ଦଶମାସ କାଳ ଯଜ୍ଞ କରିଥିଲେ ଓ ସ୍ତୋତ୍ରପାଠ କରିଥିଲେ, ଦଶଗ୍ୱମାନେ ନୁହେଁ । ଏହି ସପ୍ତମ ଋକ୍‌ଟି ଏହି ପରି :

ଅନୂନୋଦତ୍ର ହସ୍ତୟତୋ ଅଦ୍ରିରାର୍ଚନ୍ ୟେନ ଦଶ ମାସୋ ନବଗ୍ୱାଃ ।
ରତଂ ୟତୀ ସରମା ଗା ଅବିନ୍ଦନ୍ ବିଶ୍ୱାନି ସତ୍ୟାଙ୍ଗିରାଣ୍ଟକାର ॥

ଅର୍ଥାତ୍ ''ଏଠାରେ ହସ୍ତ ଦ୍ୱାରା ପ୍ରେରିତ ହୋଇ ପ୍ରସ୍ତର ଉଚ୍ଚରବ କଲା (ବା ଦୋହଲି ଗଲା) ଯଦ୍ଦ୍ୱାରା ନବଗ୍ୱମାନେ ଦଶମାସକାଳ ସ୍ତୋତ୍ର ଗାନ କଲେ; ସତ୍ୟପଥଗାମିନୀ ସରମା ଗୋମାନଙ୍କୁ ଖୋଜି ପାଇଲେ; ଅଙ୍ଗିରା ସମସ୍ତ ବିଷୟକୁ ସତ୍ୟରେ ପରିଣତ କରିଥିଲେ ।'' ଆହୁରି ମଧ୍ୟ ଏକାଦଶ ଋକ୍‌ରେ ଏହି କଥାଟି ପୁନର୍ବାର ଜୋର ଦେଇ କୁହାଯାଇଛି :

ଧ୍ରୟଂ ବୋ ଅପ୍ସୁ ଦଧ୍ରଷେ ସ୍ୱର୍ଷାଂ ୟୟାଚରନ୍ ଦଶ ମାସୋ ନବଗ୍ୱାଃ ।
ଅୟା ଧ୍ରୟା ସ୍ୟାମ ଦେବଗୋପା ଅୟା ଧ୍ରୟା ତୁତୁର୍ୟାମାତ୍ୟଂହଃ ॥

''ଜଳଧାରାମାନଙ୍କ (ଅର୍ଥାତ୍, ସପ୍ତନଦୀଙ୍କ) ମଧ୍ୟରେ ମୁଁ ତୁମ ପାଇଁ ସ୍ୱର୍ଗର ଅଧିକାରକୁ କରଗତ କରୁଥିବା[୪] ସେହି ଧୀ ଧାରଣ କରୁଛି, (ଏହାହିଁ ସତ୍ୟରୁ ଜାତ ସପ୍ତଶୀର୍ଷ୍ଣୀ ଧୀ ଓ ଏହାକୁ ଅୟାସ୍ୟ ଲାଭ କରିଥିଲେ), ଏହାରି ବଳରେ ନବଗ୍ୱମାନେ ଦଶମାସ ଅତିବାହିତ କରିଥିଲେ; ଏହି 'ଧୀ'ର ବଳରେ ଆମେ ଯେପରି ଦେବତାମାନଙ୍କୁ ପରିତ୍ରାତାରୂପେ ଲାଭକରୁ ସେଇପରି ଏହି ଧୀ ବଳରେ ଆମେ ସମସ୍ତ ପାପକୁ ପାରହୋଇ ଯିବାକୁ ସମର୍ଥ

---

୨ ଏହ ଗମନ୍ଋଷୟଃ ସୋମଶିତା ଅୟାସ୍ୟୋ ଅଙ୍ଗିରସୋ ନବଗ୍ୱାଃ । (୧୦।୧୦୮।୮)

୩ ଇମାଂ ଧ୍ରୟଂ ସପ୍ତଶୀର୍ଷ୍ଣୀଂ ପିତା ନ ଋତପ୍ରଜାତାଂ ବୃହତୀମବିନ୍ଦତ୍ ।
ତୁରୀୟଂ ସ୍ୱିଜନୟଦ୍ ବିଶ୍ୱଜନ୍ୟୋଽୟାସ୍ୟ ଉକ୍ଥମିନ୍ଦ୍ରାୟ ଶଂସନ୍ ॥ (୧୦।୬୭।୧)

ହେଉ ।'' ଏହି ଅଭିମତଟି ଏଠାରେ ସୁସ୍ପଷ୍ଟ । ଅବଶ୍ୟ ସାୟଣ ଏକ କ୍ଷୀଣ ଚେଷ୍ଟା କରି ୫।୪୫।୭୧ ରକ୍‌ରେ କହିଛନ୍ତି ଯେ ଏହି ''ଦଶମାସ ଯେପରିକି ଏକ ବିଶେଷଣ ପଦ'' ଅର୍ଥାତ୍ ଦଶମାସିଆ ବା ଦଶଗ୍ୱଃ; କିନ୍ତୁ ସେ ଏକ ବିକଳ୍ପ ହିସାବରେ ଏହି ଅସମ୍ଭବ ଅର୍ଥ କରିଛନ୍ତି ଅଥଚ ଏକାଦଶ ରକ୍‌ରେ ସମ୍ପୂର୍ଣ୍ଣ ରୂପେ ଏହି ଅର୍ଥକୁ ପରିତ୍ୟାଗ କରିଛନ୍ତି ।

ତେବେ କ'ଣ ମନେ କରିବାକୁ ହେବ ଯେ ଏହି ସୂକ୍ତର କବି ନିଜେ ପରମ୍ପରା ଭୁଲିଯାଇ ଦଶଗ୍ୱ ଓ ନବଗ୍ୱ ମଧ୍ୟରେ ବିଭ୍ରାନ୍ତ ହୋଇଛନ୍ତି ? ଏଭଳି ମନେ କରିବା ସମ୍ପୂର୍ଣ୍ଣ ଅସଙ୍ଗତ । ଏହି ସମସ୍ୟାର ଉଦୟ ହେବାର ମୂଳକାରଣ ହେଲା ବୈଦିକ ଋଷିମାନଙ୍କ ଭାବନାରେ ନବଗ୍ୱ ଓ ଦଶଗ୍ୱ ଭାବେ ଦୁଇ ଶ୍ରେଣୀର ଅଙ୍ଗିରସଙ୍କ କଥା ରହି ଆସିଛି ବୋଲି ଆମେ ମନେ କରୁ; ବରଂ ଏମାନେ ଅଙ୍ଗିରସତ୍ୱର ଦୁଇ ଭିନ୍ନ ଭିନ୍ନ ଶକ୍ତି ଏବଂ ଏହି ସୂତ୍ରରେ ନବଗ୍ୱମାନେ ଯଜ୍ଞକାଳକୁ ନଅମାସ ପରିବର୍ତ୍ତେ ଦଶମାସକୁ ପ୍ରସାରିତ କରି ନିଜେ ଦଶଗ୍ୱ ହୋଇପାରୁଥିଲେ ବୋଲି ଏସବୁଥିରୁ ମନେହୁଏ । ସୂକ୍ତରେ ଥିବା ''ଦଶମାସୋ ଅତରନ୍'' ଉଲ୍ଲେଖରୁ ମନେହୁଏ ପୂର୍ଣ୍ଣ ଦଶମାସବ୍ୟାପୀ ଯଜ୍ଞ କରିବାରେ କୌଣସି ଅସୁବିଧା ଥିଲା । ବୋଧହୁଏ ଏହି ସମୟାବଧିରେ ଅନ୍ଧକାର ଶକ୍ତିର ପୁତ୍ରଗଣ ଯଜ୍ଞରେ ବିଘ୍ନ ଘଟାଇବାକୁ ସକ୍ଷମ ହେଉଥିଲେ; କାରଣ ସୂଚନା ଦିଆଯାଇଛି ଯେ ସୂର ବା ସୌରଲୋକ-ବିଜୟିନୀ ଧୀ ପ୍ରତିଷ୍ଠିତା ହେବା ଦ୍ୱାରାହିଁ ଋଷିମାନେ ଦଶମାସ କାଳ ଅତିବାହିତ କରିବାକୁ ସମର୍ଥ ହେଉଥିଲେ; କିନ୍ତୁ ଥରେ ଏହି ଧୀ ଲବ୍‌ଧ ହେଲେ ସେମାନେ ଦେବତାଙ୍କର ସୁରକ୍ଷା ଓ ଆଶ୍ରୟ ମିଳିଲା ବୋଲି ନିଶ୍ଚିତ ହେଉଥିଲେ ଏବଂ ପାପର ଦଂଶନ ବା ପଣି ଓ ବୃତ୍ରମାନଙ୍କ ଅନିଷ୍ଟକୁ ପାର ହୋଇଯାଉଥିଲେ । ଏହି ସ୍ୱର୍‌ଜୟିନୀ ଧୀ ନିଶ୍ଚୟ ସେହି **ସପ୍ତଶୀର୍ଷ୍ଣୀ ଧୀ,** ଯାହା ସତ୍ୟରୁ ଜାତ ଏବଂ ଯାହାକୁ ନବଗ୍ୱମାନଙ୍କ ସଖା ଅୟାସ୍ୟ ଆବିଷ୍କାର କରିଥିଲେ; କାରଣ ଆମକୁ କୁହାଯାଇଛି, ଏହାଦ୍ୱାରା ଅୟାସ୍ୟ ବିଶ୍ୱଜନୀନ ହୋଇ ସମସ୍ତ ଲୋକର ଜନ୍ମକୁ ଆଲିଙ୍ଗନ କରି ଏକ ଚତୁର୍ଥ ଜଗତ୍ ବା ଚାରି ପରସ୍ତବିଶିଷ୍ଟ ଜଗତ୍ ସୃଷ୍ଟି କରିଥିଲେ ଯାହାକି ନିଶ୍ଚିତ ରୂପେ ଦ୍ୟୌ, ଅନ୍ତରୀକ୍ଷ, ପୃଥିବୀ ଏହି ତିନି ନିମ୍ନଲୋକର ଊର୍ଦ୍ଧ୍ୱରେ ଥିବା ଅତିମାନସିକ ଲୋକ, ଏହା ହେଉଛି ସେହି ବୃହତ୍ ଲୋକ ଯାହାକୁ ଘୋରପୁତ୍ର କଣ୍ୱଙ୍କ କହିବା ଅନୁସାରେ ବୃତ୍ରକୁ ବଧ କଲା ପରେ ଦୁଇ ଲୋକ ବା ରୋଦସୀକୁ ଅତିକ୍ରମ କରି ମନୁଷ୍ୟ ସିଦ୍ଧିପ୍ରାପ୍ତ ହୁଏ ବା ସୃଷ୍ଟି କରେ । ସୁତରାଂ ଏହି ଚତୁର୍ଥ ଲୋକ ଯେ ସ୍ୱର୍ ଏହା

---

୪ ସାୟଣ ଏହାର ଅର୍ଥ କରିବାକୁ ଯାଇ କହନ୍ତି —''ଜଳ ନିମନ୍ତେ ମୁଁ ଏହି ମନ୍ତ୍ର ଆବୃତ୍ତି କରୁଛି ଅର୍ଥାତ୍ ବର୍ଷା ହେବା ନିମନ୍ତେ; ଯାହା ବି ହେଉ, ଏଠାରେ ପଦଟି ସପ୍ତମୀ ବିଭକ୍ତ୍ୟନ୍ତ, ଏବଂ 'ନଧ୍‌ଷେ'ର ଅର୍ଥ ମୁଁ ସ୍ଥାପନ କରୁଛି ବା ଧାରଣ କରୁଛି'' ଅଥବା ଅଧ୍ୟାତ୍ମିକ ଭାବ ଦେଇ କହିଲେ ଏହାର ଅର୍ଥ ହେବ 'ମୁଁ ଭାବୁଛି' ବା ଚିନ୍ତାରେ ଧାରଣ କରୁଛି, ଧ୍ୟାନ କରୁଛି । 'ଧୀ' ସଦୃଶ 'ଧୀଷଣା'ର ଅର୍ଥ ଚିନ୍ତା; 'ଧ୍ୟୟମ୍ ଦଧ୍‌ଷେ'ର ଅର୍ଥ ହୋଇପାରେ ''ମୁଁ ସେହି ଚିନ୍ତା ଉପରେ ଧ୍ୟାନ କରୁଛି'' ।

ସୁନିଶ୍ଚିତ । ଅୟାସ୍ୟଙ୍କ ସପ୍ତଶୀର୍ଷ୍ଣୀ ଧୀ ତାଙ୍କୁ 'ବିଶ୍ୱଜନ୍ୟ' ହେବାକୁ ସମର୍ଥ କରେ, ସମ୍ଭବତଃ ଏହାର ଅର୍ଥ : ଯିଏ କି ସମସ୍ତ ଜଗତ୍ ବା ଆତ୍ମାର ସମସ୍ତ ଲୋକକୁ ବା ଜନ୍ମକୁ ଆପଣାର ଅଧିକାରଭୁକ୍ତ ଓ ନିଜସ୍ୱ କରି, କିଂବା ସେ ସର୍ବଭୂତ ସହିତ ନିଜକୁ ଏକାତ୍ମ କରି ବିଶ୍ୱାତ୍ମକ ବା ବିଶ୍ୱଜନ୍ୟ ହୁଅନ୍ତି — ଆଉ ମଧ୍ୟ ସେ ଏକ ଚତୁର୍ଥ ଲୋକକୁ (ସ୍ୱର୍) ଅଭିବ୍ୟାପ୍ତ ବା ଜନ୍ମ ଦିଅନ୍ତି — **ତୁରୀୟଂ ସ୍ୱିଜ୍ ଜନୟଦ୍ ବିଶ୍ୱଜନ୍ୟଃ** (୧୦।୬୭।୧); ଏବଂ ଜଳଧାରା ମଧ୍ୟରେ ପ୍ରତିଷ୍ଠିତ ଯେଉଁ ଧୀ ନବଗ୍ୱ ଋଷିମାନଙ୍କୁ ଦଶମାସ ଅତିବାହିତ କରିବାକୁ ସମର୍ଥ କରେ ତାହା ''ସ୍ୱର୍ଷା'' ଅର୍ଥାତ୍ ତାହା ସ୍ୱର୍ ଉପରେ ଅଧିକାର ଆଣିଦିଏ । ଉକ୍ତ ଜଳଧାରାଗଣ ଯେ ସପ୍ତନଦୀ ତଥା ଦୁଇଟିଯାକ ଧୀ ଯେ ଅଭିନ୍ନ ଏହା ଅତ୍ୟନ୍ତ ସ୍ପଷ୍ଟ । ତେବେ ଆମେ କ'ଣ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯଥାର୍ଥ ନୁହେଁ ଯେ ନବଗ୍ୱମାନଙ୍କ ସହିତ ଅୟାସ୍ୟ ମିଳିତ ହେଲେ ନଅଜଣ ନବଗ୍ୱ ଦଶଗ୍ୱରେ ପରିଣତ ହୁଅନ୍ତି ଏବଂ ସପ୍ତଶୀର୍ଷ୍ଣୀ ସ୍ୱର୍ବିଜୟିନୀ ଧୀକୁ ଆବିଷ୍କାର କରିବା ଦ୍ୱାରା ସେମାନେ ନିଜର ନଅମାସର ଯଜ୍ଞକୁ ଦଶମାସକୁ ପ୍ରସାରିତ କରିବାକୁ ସମର୍ଥ ହୁଅନ୍ତି ? ଏହିପରି ଭାବରେ ସେମାନେ ଦଶଗ୍ୱ ହୋଇ ଉଠନ୍ତି । ଏହି ପ୍ରସଙ୍ଗରେ ଆମେ ଲକ୍ଷ୍ୟ କରିପାରୁ ଯେ ସୋମର ଯେଉଁ ମାଦକତା, ଯାହାଦ୍ୱାରା ଇନ୍ଦ୍ର ସ୍ୱର୍ର ବା ସ୍ୱର୍-ପୁରୁଷଙ୍କର (ସ୍ୱର୍-ନର) ବୀର୍ଯ୍ୟକୁ ଅଭିବ୍ୟକ୍ତ ବା ବର୍ଦ୍ଧିତ କରନ୍ତି ତାହାକୁ ଦଶ-ରଶ୍ମିଯୁକ୍ତ ଓ ଦୀପ୍ତିମନ୍ତ କରୁଥିବା ଦଶଗ୍ୱ (**ଦଶଗ୍ୱଂ ବେପୟନ୍ତମ୍**, ୮।୧୨।୨) ବୋଲି କୁହାଯାଇଛି ।

ପୂର୍ବରୁ ଯେଉଁ ୩।୩୯।୫ ଋଚାଟି ଉଦ୍ଧୃତ ହୋଇଛି ତା'ଦ୍ୱାରା ଏହି ସିଦ୍ଧାନ୍ତଟି ଏକେବାରେ ପରିପୁଷ୍ଟ ହୁଏ । ସେଠାରେ ଆମେ ଦେଖୁ ଯେ ଇନ୍ଦ୍ର ନବଗ୍ୱମାନଙ୍କ ସହାୟତାରେ ହୃତ ଗୋଯୂଥକୁ ଅନ୍ୱେଷଣ କରିବାକୁ ଅଗ୍ରସର ହୁଅନ୍ତି କିନ୍ତୁ ଦଶ ଦଶଗ୍ୱମାନଙ୍କ ସହାୟତାରେହିଁ ଏହି ଅନ୍ୱେଷଣ କାର୍ଯ୍ୟରେ ସେ ସଫଳ ହୁଅନ୍ତି ଏବଂ ''ସତ୍ୟଂ ତତ୍'' ବା ସେହି ସତ୍ୟକୁ ଲାଭ କରିବାର ଅର୍ଥ ହେଉଛି ଅନ୍ଧକାର ମଧ୍ୟରେ ଅବସ୍ଥିତ ସୂର୍ଯ୍ୟଙ୍କୁ ଲାଭ କରିବା । ଅନ୍ୟଭାଷାରେ କହିଲେ ଏହାର ଅର୍ଥ ହେବ ଯେତେବେଳେ ନଅମାସର ଯଜ୍ଞ ଦଶମାସକୁ ପ୍ରଲମ୍ବିତ ହୋଇଯାଏ, ଯେତେବେଳେ ନବଗ୍ୱମାନେ ଦଶମ ଋଷି ଅୟାସ୍ୟଙ୍କ ସପ୍ତଶୀର୍ଷ୍ଣୀ ଧୀ ଦ୍ୱାରା ଦଶ 'ଦଶଗ୍ୱ' ହୋଇଉଠନ୍ତି ସେତେବେଳେହିଁ ସୂର୍ଯ୍ୟକୁ ଲାଭ କରାଯାଏ ଏବଂ 'ସ୍ୱର୍'ରୂପକ ଜ୍ୟୋତିର୍ମୟ ଜଗତ, ଯେଉଁ ଲୋକରେ ବିଶ୍ୱଗତ ଦେବଙ୍କର ସତ୍ୟକୁ ଆମେ ପ୍ରାପ୍ତ କରିଥାଉ, ତାହା ଖୋଲିଯାଏ ଓ ଆମେ ତାହାକୁ ଜୟ କରୁ । ଏହି ସ୍ୱର୍ବିଜୟହିଁ ଅଙ୍ଗିରସ ଋଷିମାନଙ୍କ ଦ୍ୱାରା ସଫଳ ଭାବେ ଅନୁଷ୍ଠିତ ଯଜ୍ଞର ଓ ମହର୍ କର୍ମର ଲକ୍ଷ୍ୟ ।

କିନ୍ତୁ ଏହି ମାସଗୁଡ଼ିକର ସାଙ୍କେତିକ ଅର୍ଥ କ'ଣ ? କାରଣ, ବର୍ତ୍ତମାନ ଏହା ସ୍ପଷ୍ଟ ହୋଇଯାଉଛି ଯେ ଏହା ଏକ ଆଳଙ୍କାରିକ ବର୍ଣ୍ଣନା, କୌଣସି ରୂପଗାଥାର ବର୍ଷ ହେଉଛି ପ୍ରତୀକାତ୍ମକ, ମାସଗୁଡ଼ିକ ମଧ୍ୟ ପ୍ରତୀକାତ୍ମକ[*], ବର୍ଷର ଆବର୍ତ୍ତନ ମଧ୍ୟରେ ହୃତ ସୂର୍ଯ୍ୟ ଓ

ହୃତ ଗୋମାନଙ୍କ ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ ହୁଏ, କାରଣ ୧୦।୬୨।୨ ଋକ୍‌ରେ ଆମେ ଏକ ସ୍ପଷ୍ଟ ଉକ୍ତି ଦେଖିବାକୁ ପାଉ – **ଋତେନାଭିନ୍ଦନ୍ ପରିବତ୍ସରେ ବଲମ୍**, ଅର୍ଥାତ୍ ''ବର୍ଷର ଆବର୍ତ୍ତନ ମଧ୍ୟରେ ସେମାନେ ସତ୍ୟଦ୍ୱାରା 'ବଳ'କୁ ଭେଦ କରିଥିଲେ ।'' କିଂବା ସାୟଣଙ୍କ ବ୍ୟାଖ୍ୟାନୁଯାୟୀ ''ବର୍ଷବ୍ୟାପୀ ଯଜ୍ଞ ଦ୍ୱାରା ସେମାନେ 'ବଳ'କୁ ଭେଦ କରିଥିଲେ ।'' ଏହି ଉକ୍ତି ମେରୁ ପ୍ରଦେଶ ସମ୍ବନ୍ଧୀୟ ମତକୁ ଅବଶ୍ୟ ସମର୍ଥନ କରେ, କାରଣ ଏଥିରେ ସୂର୍ଯ୍ୟଙ୍କ ପ୍ରତ୍ୟାବର୍ତ୍ତନ ଦୈନିକ ନ ହୋଇ ବାର୍ଷିକ ବୋଲି କୁହାଯାଉଛି । କିନ୍ତୁ ବାହ୍ୟ ରୂପ ସହିତ ଆମେ ସମ୍ପର୍କିତ ନୋହୁଁ ଏବଂ ଏହି ତଥ୍ୟର ଯଥାର୍ଥତା ଦ୍ୱାରା ଆମର ନିଜ ଅଭିମତ କୌଣସି ପ୍ରକାରେ ବ୍ୟାହତ ହେବାରେ ଆଶଙ୍କା ନାହିଁ; କାରଣ ମଧ୍ୟ ଭଲଭାବେ ଯୁକ୍ତିସମ୍ମତ ହୋଇପାରେ ଯେ ମେରୁ ପ୍ରଦେଶର ଦୀର୍ଘରାତ୍ରୀ ବାର୍ଷିକ ସୂର୍ଯ୍ୟୋଦୟ ଓ ଅବିଚ୍ଛିନ୍ନ ଉଷାକାଳର ବିଚିତ୍ର ଅଭିଜ୍ଞତାକୁ ରହସ୍ୟବାଦୀମାନେ ଆଧ୍ୟାତ୍ମିକ ରାତ୍ରୀ ଓ ଏହାର କଷ୍ଟସାଧ୍ୟ ଦୀପ୍ତିର ସଙ୍କେତରୂପେ ଗ୍ରହଣ କରିଥିଲେ । କିନ୍ତୁ କାଳର ତଥା ବର୍ଷ ଓ ମାସଗୁଡ଼ିକର ଏହି ଧାରଣା ଯେ ପ୍ରତୀକ ରୂପେ ବ୍ୟବହୃତ ହୋଇଥିଲା, ଏହା ବେଦର ଅନ୍ୟ ସୂକ୍ତଗୁଡ଼ିକରୁ, ବିଶେଷତଃ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ରଚିତ ଗୃତ୍ସମଦଙ୍କ ସୂକ୍ତ (୨।୨୪)ରୁ ସ୍ପଷ୍ଟରୂପେ ଜଣାଯାଏ ।

ଏହି ସୂକ୍ତରେ କୁହାଯାଇଛି ଯେ ବୃହସ୍ପତି ଗୋମାନଙ୍କୁ ଉର୍ଦ୍ଧ୍ୱକୁ ଚାଳିତ କରୁଛନ୍ତି, ଦିବ୍ୟବାଣୀ ଦ୍ୱାରା, **ବ୍ରହ୍ମଣା**, ବଳକୁ ବିଦୀର୍ଣ୍ଣ କରୁଛନ୍ତି, ଅନ୍ଧକାରକୁ ଲୁକ୍‌କାୟିତ କରୁଛନ୍ତି ଓ ସ୍ୱର୍‌କୁ ପ୍ରକାଶମାନ କରୁଛନ୍ତି (ଋକ୍-୩)[୬], ଯେଉଁ କୂପର ମୁଖ ପ୍ରସ୍ତରରେ ଆବୃତ ଓ ଯାହାର ଧାରା 'ମଧୁ', ଅର୍ଥାତ୍ ସୋମର ମଧୁରତା, **ଅଶ୍ମାସ୍ୟମ୍ ଅବତଂ ମଧୁଧାରମ୍**, ସେଇ କୂପର ମୁଖ ବଳପୂର୍ବକ ଉନ୍ମୁକ୍ତ କରିଦେବା ହେଉଛି ଏହାର ପ୍ରଥମ ଫଳ (ଋଚା-୪) । ପ୍ରସ୍ତରାବୃତ ଏହି ମଧୁକୂପ ନିଶ୍ଚିତ ରୂପେ ସେହି ଆନନ୍ଦ ଅଥବା ଆନନ୍ଦର ତ୍ରିଲୋକ, ଯାହା ସତ୍, ଚିତ୍-ତପଃ ଓ ଆନନ୍ଦ ରୂପକ ସେହି ପରମ ତତ୍ତ୍ୱ ଉପରେ ଆଧାରିତ ପୁରାଣର ସତ୍ୟ ତପଃ ଓ ଜନ ଲୋକ; ଏମାନଙ୍କର ଭୂମି ହେଉଛି ସେହି ସତ୍ୟ, ଯାହା ବେଦର ଉକ୍ତିରେ '**ସ୍ୱଃ**', ଉପନିଷଦ୍ ଓ ପୁରାଣର ଉକ୍ତିରେ '**ମହଃ**' । ଆନନ୍ଦ, ବେଦର ସ୍ୱର୍ ଏବଂ ଉପନିଷଦ୍ ଓ ପୁରାଣମାନଙ୍କର ମହଃ, ସତ୍ୟର ଲୋକ[୭], ଏହି ଚାରୋଟି ସମାହାରରେ ଚାରିପ୍ରସ୍ଥବିଶିଷ୍ଟ ଚତୁର୍ଥ ଲୋକ ଗଠିତ ହେଉଛି ଏବଂ ବେଦରେ ଏହାକୁ ଚାରି ପରମ ଓ ଗୂଢ଼ ଧାମ ତଥା ''ଉର୍ଦ୍ଧ୍ୱସ୍ଥା ଚତୁର୍ନଦୀ''ର ଉତ୍ସ ବୋଲି ବର୍ଣ୍ଣନା କରାଯାଇଛି । ସେ ଯାହାହେଉ, ସମୟେ ସମୟେ ଏହି ଉର୍ଦ୍ଧ୍ୱଲୋକକୁ ଦୁଇଭାଗରେ ବିଭକ୍ତ କରାଯାଇଥିବାର

---

୫ ଲକ୍ଷ୍ୟ କରିବାର କଥା, ପୁରାଣମାନଙ୍କରେ ଯୁଗ, ମୁହୂର୍ତ୍ତ, ମାସ ସବୁ ପ୍ରତୀକାତ୍ମକ ଏବଂ ମନୁଷ୍ୟ ଦେହକୁ ବର୍ଷ ବୋଲି କୁହାଯାଇଛି ।

୬ **ଉତ୍ ଗା ଆଜଦଭିନଦ୍ ବ୍ରହ୍ମଣା ବଲମଗୂହଦ୍ଗୋ ବ୍ୟଚକ୍ଷୟତ୍ ସ୍ୱଃ ।** (ଋ. ୨।୨୪।୩)

ମନେ ହୁଏ, ସ୍ୱର୍ ହେଉଛି ଆଧାର ଏବଂ ମୟଃ ବା ଦିବ୍ୟ-ଆନନ୍ଦ ହେଉଛି ଶିଖର, ଏହିପରି ଭାବରେ ଉତ୍ତରଣକାରୀ ଆତ୍ମା ନିମନ୍ତେ ପଞ୍ଚଲୋକ ବା ପଞ୍ଚଜନ୍ ରହିଛି । ଅନ୍ୟ ତିନି ନଦୀ ହେଉଛନ୍ତି ସତ୍ତାର ତିନି ନିମ୍ନ ଶକ୍ତି ଏବଂ ଏମାନେ ତିନି ନିମ୍ନ ତତ୍ତ୍ୱ ପ୍ରକାଶ କରନ୍ତି ।

ଯେଉଁମାନେ ସ୍ୱର୍ ଦେଖିବାକୁ ସମର୍ଥ ସେମାନେ ଏହି ଗୁପ୍ତମଧୁକୂପକୁ ପାନ କରନ୍ତି ଏବଂ ଏହାର ମାଧୁର୍ଯ୍ୟର ତରଙ୍ଗିତ ନିର୍ଝରଗୁଡ଼ିକୁ ବହୁ ଧାରାରେ ଏକ ସଙ୍ଗେ ସେଚନ କରନ୍ତି — **ତମ୍ ଏବ ବିଶ୍ୱେ ପପିରେ ସ୍ୱର୍ଦୃଶୋ ବହୁ ସାକଂ ସିସିଚୁରୁଷମ୍ ଉଦ୍ରିଣମ୍** (୨।୨୪।୪) । ଏହି ଧାରାଗୁଡ଼ିକ ଏକତ୍ର ପ୍ରସାରିତ ହୁଅନ୍ତି । ଏମାନେ ହେଲେ ସେହି ସପ୍ତନଦୀ ଯେଉଁମାନଙ୍କୁ ଇନ୍ଦ୍ର ବୃତ୍ରବଧ କରି ପର୍ବତରୁ ନିମ୍ନ ଦେଶକୁ ପ୍ରବାହିତ କରିଥିଲେ, ଏମାନେ ସତ୍ୟର ନଦୀ ବା ଧାରା — **ଋତସ୍ୟ ଧାରାଃ; ଆମ ବ୍ୟାଖ୍ୟାତତ୍ତ୍ୱ** ଅନୁସାରେ ଏମାନେ ହେଲେ ଚିନ୍ମୟ ସତ୍ତାର ସେହି ସପ୍ତତତ୍ତ୍ୱର ପ୍ରତୀକ ଯାହା ସତ୍ୟ ଓ ଆନନ୍ଦ ମଧ୍ୟରେ ଦିବ୍ୟ ପରିପୂର୍ଣ୍ଣତା ଲାଭ କରନ୍ତି । ଏହି ହେତୁରୁ **ସପ୍ତଶୀର୍ଷ୍ଣୀ ଧୀ**-ଅର୍ଥାତ୍ ସପ୍ତଶୀର୍ଷ ବା ସପ୍ତଶକ୍ତି ବିଶିଷ୍ଟ ଦିବ୍ୟ ଅସ୍ତିତ୍ୱର ଜ୍ଞାନ, ବୃହସ୍ପତିଙ୍କ ସପ୍ତରଶ୍ମିଯୁକ୍ତ ଜ୍ଞାନ (**ସପ୍ତଗୁମ୍**), ଯାହାକୁ ସପ୍ତନଦୀ ରୂପକ ଜଳଧାରାଗୁଡ଼ିକ ମଧ୍ୟରେ ଥିବା ଧୀ ମଧ୍ୟରେ ସିଦ୍ଧ ବା ଧାରଣା କରିବାକୁ ହେବ, ଅର୍ଥାତ୍ ଦିବ୍ୟସତ୍ତାର ସପ୍ତରୂପ ବା ଗତିବୃତ୍ତି ମଧ୍ୟରେ ଦିବ୍ୟ ଚେତନାର ସପ୍ତରୂପକୁ ଧାରଣ କରିବାକୁ ହେବ;— **''ଧ୍ୟଂ ବୋ ଅପ୍ସୁ ବଧ୍ୱେ ସ୍ୱର୍ଷାମ୍''** ଅର୍ଥାତ୍ ସ୍ୱର୍ଜୟିନୀ ଧୀକୁ ମୁଁ ଜଳଧାରାଗୁଡ଼ିକ ମଧ୍ୟରେ ଧାରଣ କରିଛି ।

ସ୍ୱର୍ଦ୍ରଷ୍ଟା **'ସ୍ୱର୍ଦୃଶଃ'**ମାନଙ୍କ ଚକ୍ଷୁ ସମ୍ମୁଖରେ ସ୍ୱର୍କୁ ଦୃଶ୍ୟମାନ କରିବା, ମଧୁକୂପରୁ ମଧୁପାନ ହେତୁ ଏବଂ ଦିବ୍ୟଜଳ-ଧାରାଗୁଡ଼ିକର ବହିଃ ଉତ୍ସରଣ ପ୍ରଭୃତି ଫଳରେ ମନୁଷ୍ୟ ନିକଟରେ ନବୀନ ଜଗତଗୁଡ଼ିକର ବା ନବୀନ ଅସ୍ତିତ୍ୱଗୁଡ଼ିକର ପ୍ରକଟନ ବିଷୟ ପରବର୍ତ୍ତୀ ଋଚା (୨।୨୪।୫)ରେ ସ୍ପଷ୍ଟଭାବେ କୁହାଯାଇଛି —

ସନା ତା କାଚିଦ୍ ଭୁବନା ଭବୀତ୍ୱା ମାଦ୍ଭିଃ ଶରଦ୍ଭିର୍ଦୁରୋ ବରନ୍ତ ବଃ ।
ଅୟତନ୍ତା ଚରତୋ ଅନ୍ୟଦନ୍ୟଦିତ୍ ୟା ଚକାର ବୟୁନା ବ୍ରହ୍ମଣସ୍ପତିଃ ॥

ଅର୍ଥାତ୍, ''କେତେକ ସନାତନ ଲୋକ (ଅସ୍ତିତ୍ୱର ଅବସ୍ଥାରାଜି) ଦେହଧାରଣ କରିଅଛନ୍ତି, ସେମାନଙ୍କ ଦ୍ୱାରଗୁଡ଼ିକ ତୁମ ପାଇଁ ମାସ ଓ ବର୍ଷ ଦ୍ୱାରା ରୁଦ୍ଧ[୨] (ବା, ଉନ୍ମୁକ୍ତ); ବିନା ଚେଷ୍ଟାରେ ଗୋଟିଏ (ଲୋକ) ଅନ୍ୟ ଲୋକ ମଧ୍ୟକୁ ଗତି କରୁଛି ଏବଂ ବ୍ରହ୍ମଣସ୍ପତି ଏମାନଙ୍କୁ ଜ୍ଞାନ ରୂପେ ପ୍ରକାଶିତ କରୁଛନ୍ତି;'' ବୟୁନା ଅର୍ଥ ଜ୍ଞାନ ଏବଂ ଦୁଇ ରୂପ ହେଉଛନ୍ତି

---

୨ ଉପନିଷଦ୍ ଓ ପୁରାଣରେ ସ୍ୱର୍ ଓ ଦ୍ୟୌ ମଧ୍ୟରେ ଆଦୌ ପାର୍ଥକ୍ୟ ନାହିଁ; ତେଣୁ ସତ୍ୟଲୋକ ପାଇଁ ଏକ ଚତୁର୍ଥ ନାମ ଆବିଷ୍କାର କରିବାକୁ ଥିଲା; ଏହା ମହର୍ଲୋକ, ତୈତ୍ତିରୀୟ ଉପନିଷଦ ଅନୁସାରେ ଋଷି ମାହାଚାମସ୍ୟ ଏହାକୁ ଚତୁର୍ଥ ବ୍ୟାହୃତି ରୂପେ ଆବିଷ୍କାର କରିଥିଲେ । ଅନ୍ୟ ତିନିଟି ଲୋକ ହେଲେ ସ୍ୱର୍, ଭୁବଃ, ଭୂଃ ଅର୍ଥାତ୍ ବେଦର ଦ୍ୟୌ, ଅନ୍ତରିକ୍ଷ ଓ ପୃଥ୍ୱୀ ।

ବ୍ରହ୍ମଣସ୍ପତିଙ୍କ ଦ୍ୱାରା ସୃଷ୍ଟ ଦିବ୍ୟଗୁଣ-ସମ୍ପନ୍ନ ପୃଥିବୀ ଓ ସ୍ୱର୍ଗ । ସତ୍ତାର 'ଗୁହା' ମଧ୍ୟରେ ନିଗୂଢ଼ ହୋଇ ରହିଥିବା ଏମାନେ ହେଉଛନ୍ତି ସେହି ସନାତନ ଚାରିଲୋକ, ସତ୍ତାର ଗୁହ୍ୟ ଅନଭିବ୍ୟକ୍ତ ବା ଅତିଚେତନ ଅଂଶରାଜି, ଏମାନେ ସ୍ୱୟଂ ଯଦିଓ ସନାତନ ଭାବରେ ଅସ୍ତିତ୍ୱର ବିଭିନ୍ନ ଅବସ୍ଥାରୂପେ ବିଦ୍ୟମାନ (ସନା ଭୁବନା) ତଥାପି ଆମ ପକ୍ଷରେ ସେମାନେ ଅସତ୍ ଏବଂ ଭବିଷ୍ୟତ୍ ଗର୍ଭରେ ନିହିତ; ସେମାନଙ୍କୁ ଆମର ସତ୍ତାରେ ପ୍ରକାଶିତ କରିବାକୁ ହେବ (ଭବୀତ୍ୱା), ସେମାନଙ୍କର ତଥାପି ସୃଷ୍ଟିରେ ରୂପ ଗ୍ରହଣ କରିବାକୁ ବାକି ଅଛି । ସେଥିପାଇଁ ବେଦର କେତେକ ସ୍ଥାନରେ କୁହାଯାଇଛି, ସ୍ୱର୍‌କୁ ଏଠାରେ ଦୃଶ୍ୟମାନ କରାଯାଉଛି (ବ୍ୟଚକ୍ଷୟତ୍ ସ୍ୱଃ — ୨।୨୪।୩) କିଂବା ଆବିଷ୍କାର କରାଯାଉଛି ଓ କରଗତ କରାଯାଉଛି (ଅବିଦତ୍, ଅସନତ୍), ଆଉମଧ୍ୟ କୁହାଯାଇଛି, ଏହା ସୃଷ୍ଟ ବା ନିର୍ମିତ ହେଉଛି (ଧାତୁ - ଭୂ, କୃ) । ଋଷି କହୁଛନ୍ତି ଯେ ଏହି ଗୂଢ଼ ଓ ସନାତନ ଲୋକଗୁଡ଼ିକ କାଳଗତି ଦ୍ୱାରା ତଥା ମାସ ବର୍ଷଗୁଡ଼ିକ ଦ୍ୱାରା ଆମଠାରୁ ରୁଦ୍ଧ ହୋଇ ରହିଛନ୍ତି; ତେଣୁ ସ୍ୱାଭାବିକ ଭାବରେ କାଳର ଗତି ଦ୍ୱାରା ସେଗୁଡ଼ିକୁ ଆମ ମଧ୍ୟରେ ଆବିଷ୍କାର କରିବାକୁ, ବ୍ୟକ୍ତ କରିବାକୁ, ଜୟ କରିବାକୁ ତଥା ସୃଷ୍ଟି କରିବାକୁ ହେବ, ଏପରିକି ଅନ୍ୟ ଏକ ଅର୍ଥରେ କହିଲେ, ଏହାର ପ୍ରତିକୂଳରେ ଯାଇ ମଧ୍ୟ ଏହା କରିବାକୁ ହେବ । ମୋର ମନେହୁଏ, ଏକ ଆନ୍ତର ବା ମନସ୍ତାତ୍ତ୍ୱିକ 'କାଳ' ମଧ୍ୟରେ ଏହି ଯେଉଁ ବିକାଶ, ଯାହାକି ଯଜ୍ଞୀୟ ବର୍ଷ ଓ ଦଶମାସର ସୂଚକ, ଏହି ଅବଧିକୁ ଆତ୍ମପୁରୁଷଙ୍କ ଅଭିବ୍ୟଞ୍ଜକ ମନ୍ତ୍ରର (ବ୍ରହ୍ମ), ସପ୍ତଶୀର୍ଷ୍ଣୀ ସ୍ୱର୍ବିଜ୍ଞୟିନୀ 'ଧୀ'ର, ଆବିଷ୍କାର କରିବାକୁ ସମର୍ଥ ହେବା ପୂର୍ବରୁ ଅତିବାହିତ ହେବ ଏବଂ ପରିଶେଷରେ ଏହା ଆମକୁ ବୃତ୍ର ଓ ପଣିମାନଙ୍କର ଅରିଷ୍ଟକୁ ପାରି କରାଇ ନେବ ।

ନଦୀଗଣ ଓ ଲୋକ ସଂସ୍ଥାନ ମଧ୍ୟରେ ନିହିତ ସଂଯୋଗ ବା ସମ୍ପର୍କର କଥା ୧।୬୨।୪[୯] ଋକ୍‌ରେ ସ୍ପଷ୍ଟ ରୂପେ କୁହାଯାଇଛି । ସେଠାରେ ଇନ୍ଦ୍ରଙ୍କ ବିଷୟରେ କୁହାଯାଇଛି ଯେ ସେ ନବଗ୍ୱମାନଙ୍କ ସାହାଯ୍ୟରେ ଅଦ୍ରି ଭେଦ କରିଥିଲେ, ଏବଂ ଦଶଗ୍ୱମାନଙ୍କ ସାହାଯ୍ୟରେ 'ବଳ'କୁ ଭେଦ କରିଥିଲେ । ଅଙ୍ଗିରସ-ଋଷିମାନଙ୍କ ସ୍ତୁତିରେ ପ୍ରେରିତ ହୋଇ

---

[୮] ସମ୍ଭବତଃ ସାୟଣଙ୍କ କହିବା ଅନୁସାରେ ଏଠାରେ 'ବରନ୍ତ'ର ଅର୍ଥ ଉନ୍ମୁକ୍ତ, କିନ୍ତୁ 'ବୃ' ଧାତୁର ଅର୍ଥ ସାଧାରଣତଃ ବନ୍ଦ କରିବା, ରୁଦ୍ଧ କରିବା, ଆବୃତ କରିବା, ଯେଉଁଠାରୁ ନଦୀଗଣ ପ୍ରବାହିତ ହୁଅନ୍ତି ଓ ଗୋସମୂହ ବହିର୍ଗମନ କରନ୍ତି, ବିଶେଷତଃ ଏହିଭଳି ଗିରିଗୁହାଦ୍ୱାର କ୍ଷେତ୍ରରେ ଯେତେବେଳେ ପ୍ରୟୋଗ କରାଯାଏ; ବୃତ୍ର ହେଲା — ଯେ ଦ୍ୱାର ରୁଦ୍ଧ କରେ । ବି-ବୃ ଓ ଅପ-ବୃ, ଏ ଉଭୟର ଅର୍ଥ ମୁକ୍ତ କରିବା । ତଥାପି ଯଦି ଏଠାରେ ପଦଟିର ଅର୍ଥ ଉନ୍ମୁକ୍ତ କରିବା ହୁଏ ତେବେ ଏହା ଆମର ବିଚାର ଧାରାକୁ ଆହୁରି ଅଧିକ ବଳବତ୍ତର କରିବ ।

[୯] **ସ ସୁଷ୍ଟୁଭା ସ ସ୍ଟୁଭା ସପ୍ତ ବିପ୍ରୈଃ ସ୍ୱରେଣାଦ୍ରିଂ ସ୍ୱର୍ୟୋ ନବଗ୍ୱୈଃ ।**
ସରଣ୍ୟୁଭିଃ ଫଳିଗମିନ୍ଦ୍ର ଶକ୍ର ବଳଂ ରବେଣ ଦରୟୋ ଦଶଗ୍ୱୈଃ ॥ (ଋ.୧।୬୨।୪)

ଉଷା, ସୂର୍ଯ୍ୟ ଓ ଗୋମାନଙ୍କ ଦ୍ୱାରା ଇନ୍ଦ୍ର ଅନ୍ଧକାର ଦୂର କରନ୍ତି, ପାର୍ଥିବ ଗିରିର ଅଧିତ୍ୟକାକୁ ପ୍ରସାରିତ ଓ ବ୍ୟାପ୍ତ କରନ୍ତି ଏବଂ ସ୍ୱର୍ଗର ଉଚ୍ଚତର ଲୋକକୁ ତୋଳି ଧରନ୍ତି ।[୧୦] କାରଣ ଚେତନାର ଊର୍ଦ୍ଧ୍ୱଲୋକମାନଙ୍କୁ ଉନ୍ମୁକ୍ତ କରିବାର ପରିଣାମ ହେଲା ଶାରୀରିକ ସ୍ତରର ବ୍ୟାପ୍ତିରେ ଅଭିବୃଦ୍ଧି ଘଟାଇବା ଓ ମାନସିକ ସ୍ତରର ଉଚ୍ଚତାକୁ ଅଧିକ ଉନ୍ନତ କରିବା । ଋଷି ନୋଧା କହିଛନ୍ତି —''ପ୍ରକୃତରେ ଏହା ତାଙ୍କର ବହିଷ୍ଟ କର୍ମ, ସାଧକର ଚାରୁତମ ଉପଲବ୍ଧି''— **ଦସ୍ମସ୍ୟ ଚାରୁତମମ୍ ଅସ୍ତି ଦଂସଃ**, ''ମଧୁସ୍ରାବିଣୀ ଊର୍ଦ୍ଧ୍ୱା ଚାରିନଦୀ କୃତିଚ୍ଛତାର ଏହି ଦୁଇ ଲୋକକୁ ପୋଷଣ କରୁଛନ୍ତି''— **ଉପହ୍ୱରେ ୟତ୍ ଉପରା ଅପିନ୍ୱନ୍ ମଧୂର୍ଣସୋ ନଦ୍ୟଃ ଚତସ୍ରଃ** (୧।୬୨।୭) । ଏହା ମଧ ପୁଣି ସେହି ମଧୁକ୍ଷରା କୂପର ବିଷୟ ଯାହା ନିଜର ସ୍ରୋତଗୁଡ଼ିକୁ ଏକତ୍ର ନିମ୍ନ ଦିଗରେ ଅଜାଡ଼ି ଦିଏ; ଦିବ୍ୟ ସତ୍ତାର, ଦିବ୍ୟ ଚିତ୍‌ଶକ୍ତିର, ଦିବ୍ୟ-ଆନନ୍ଦର, ଦିବ୍ୟସତ୍ୟର ଉଚ୍ଚତର ଚାରି ନଦୀ ନିଜ ମଧୁରତାର ବନ୍ୟା ସହିତ ମନ ଓ ଶରୀର ରୂପକ ଦୁଇ ଲୋକ ମଧ୍ୟରେ ଅବତରଣ କରି ତାକୁ ପୋଷଣ କରନ୍ତି । ''ରୋଦସୀ'' ନାମରେ କଥିତ ବୋଲି ଏହି ଦୁଇ ଲୋକ ସାଧାରଣତଃ କୃତିଚ୍ଛତାର ଅର୍ଥାତ୍ ମିଥ୍ୟାର ଜଗତ୍ — ଋତ ବା ସତ୍ୟ ହେଉଛି ଋଜୁ; ଅନୃତ ବା ମିଥ୍ୟା ହେଉଛି କୃତିଚ୍ଛ, କାରଣ ଅନ୍ଧକାର ଓ ବିଭାଜନର ପୁତ୍ର ଅଦିବ୍ୟ ଶତ୍ରୁ ବୃତ୍ର ଓ ପଣିମାନଙ୍କ ଅନିଷ୍ଟ ପ୍ରତି ଉନ୍ମୁକ୍ତ ରହିଛନ୍ତି । ବର୍ତ୍ତମାନ ସେମାନେ ସତ୍ୟର ଅର୍ଥାତ୍ ଜ୍ଞାନର (ବୟୁନା) ରୂପରଶ୍ମିରେ ପରିଣତ ହୋଇ ଉଠୁଛନ୍ତି, ବାହ୍ୟ କର୍ମ ସହିତ ଏହି ଜ୍ଞାନ ସଙ୍ଗତି ରକ୍ଷା କରେ ଏବଂ ଏହା ସ୍ପଷ୍ଟ ରୂପେ ଗୃତ୍ସମଦଙ୍କ ସୂକ୍ତରେ କୁହାଯାଇଛି : ''**ଚରତୋ ଅନ୍ୟବ୍ ଅନ୍ୟବ୍**'' ଏବଂ ''**ୟା ଚକାର ବୟୁନା ବ୍ରହ୍ମଣସ୍ପତିଃ**'' । ତା'ପରେ ସେ ଋଷି ଅୟାସ୍ୟଙ୍କ କର୍ମର ପରିଣାମକୁ ପରିଭାଷିତ କରିବାକୁ ଅଗ୍ରସର ହୋଇଛନ୍ତି ଯାହାକି ପୃଥିବୀ ଓ କ୍ଷୌର ଚିରନ୍ତନ ତଥା ଏକୀଭୂତ ସ୍ୱରୂପକୁ ବ୍ୟକ୍ତ କରେ । ''ସେମାନଙ୍କ ଦ୍ୱୈତତା (ଦିବ୍ୟ ଓ ମାନୁଷ ?) ମଧ୍ୟରେ ଅୟାସ୍ୟ ନିଜ ସ୍ତୁତିବଚନ ଦ୍ୱାରା ସେହି ଶାଶ୍ୱତ ଏକନୀଡ଼ବାସୀ ଦୁହିଙ୍କୁ ଅନାବୃତ କଲେ; ସିଏ ପୂର୍ଣ୍ଣ ସଫଳତା ସହ ପରମ ବ୍ୟୋମରେ (ଅତିବ୍ୟକ୍ତ ପରା ଚେତନାରେ, **ପରମଂ ଗୁହ୍ୟମ୍**) ପୃଥିବୀ ଓ ସ୍ୱର୍ଗକୁ ତୋଳି ଧରିଲେ ଠିକ୍ ଯେପରି ସେହି ପରମ ଭୋକ୍ତା ନିଜ ପତ୍ନୀଦ୍ୱୟଙ୍କୁ ଏକତ୍ର ସ୍ଥାନ ଦେଇଥାନ୍ତି ।'' (୧।୬୨।୭)[୧୧] । ଆଧ୍ୟାତ୍ମିକ ସତ୍ତାର ଚିରନ୍ତନ ଆନନ୍ଦ ମଧକୁ ଉନ୍ନୀତ ଦିବ୍ୟଭାବାପନ୍ନ ମାନସିକ ଓ ଶାରୀରିକ ଅସ୍ତିତ୍ୱର ଏହି ଅନ୍ତଃପୁରୁଷଙ୍କ ଉପଭୋଗ ସମ୍ବନ୍ଧରେ ଏହାଠାରୁ ଆଉ ଅଧିକ ସ୍ପଷ୍ଟ ଓ ମନୋଜ୍ଞ ଚିତ୍ରଣ ଆଦୌ ସମ୍ଭବ ହୋଇ ନ ପାରେ ।

---

୧୦ **ଗୃଣାନୋ ଅଙ୍ଗିରୋଭିର୍ଦସ୍ମ ବିବରୁଷସା ସୂର୍ଯେଣ ଗୋଭିରଙ୍କଃ ।**
ବି ଭୂମ୍ୟା ଅପ୍ରଥୟ ଇନ୍ଦ୍ର ସାନୁ ଦିବୋ ରଜ ଉପରମସ୍ତଭାୟ ॥ (ଋ.୧।୬୨।୫)

ଏହିସବୁ ଭାବନା ଓ ଅନ୍ୟାନ୍ୟ କେତେକ ଉକ୍ତି ଗୃତ୍ସମଦଙ୍କ ସୂକ୍ତ ସହିତ ସମାନ । ରାତ୍ରି ଓ ଉଷା ଅର୍ଥାତ୍ ଅନ୍ଧକାରମୟ ଭୌତିକ ଚେତନା ଓ ସୁଦୀପ୍ତ ମାନସିକ ଚେତନା ସମ୍ବନ୍ଧରେ ଋଷି ନୋଧା କହିଛନ୍ତି – ପୃଥିବୀ ଓ ଦ୍ୟୁଲୋକର ଚତୁଷ୍ପାର୍ଶ୍ୱରେ ନବଜାତ (ପୁନର୍ଭୁବା) ସେମାନେ ନିଜ ନିଜର ଉପଯୁକ୍ତ ଗତିବୃତ୍ତି ସହିତ ଚିରନ୍ତନ ମିତ୍ରରୂପେ ପରସ୍ପର ମଧ୍ୟକୁ ଗତି କରନ୍ତି, **ସ୍ୱେଭିଃ ଏବୈଃ ... ଚରତୋ ଅନ୍ୟାନ୍ୟା ।**[୧୨] (ଏଠାରେ ଗୃତ୍ସମଦଙ୍କ ଏକ ଉକ୍ତି ତୁଳନୀୟ – **ଅୟତନ୍ତା ଚରତୋ ଅନ୍ୟଦ୍ ଅନ୍ୟଦ୍**, ଏଥିରେ ଥିବା 'ଅୟତନ୍ତା' ସେହି ସମାନ ଅର୍ଥ ବ୍ୟକ୍ତ କରୁଛି ଯାହା 'ସ୍ୱେଭିଃ ଏବୈଃ'ରେ ରହିଛି – 'ସ୍ୱତଃସ୍ଫୂର୍ତ୍ତ ଭାବେ' ।) ସେମାନଙ୍କ ପୁତ୍ରଙ୍କର ଉକ୍ତ ସାଫଲ୍ୟ ଦ୍ୱାରା ଏକ ସନାତନ ବନ୍ଧୁତ୍ୱ ମଧ୍ୟରେ ତାହା କାର୍ଯ୍ୟକାରୀ ହୁଏ ଏବଂ ଏହିପରି ଭାବେ ସେ (ପୁତ୍ର) ସେମାନଙ୍କୁ ଉର୍ଦ୍ଧ୍ୱକୁ ତୋଳି ଧରନ୍ତି, **ସନେମି ସଖ୍ୟଂ ସ୍ୱପସ୍ୟମାନଃ ସୂନୁଃ ଦାଧାର ସବସା ସୁଦଂସାଃ** (୧।୬୨।୯) । ନୋଧାଙ୍କ ସୂକ୍ତରେ ଯେପରି ଅଛି ଗୃତ୍ସମଦଙ୍କ ସୂକ୍ତରେ ମଧ୍ୟ ସେହିପରି କୁହାଯାଇଛି ଯେ ସତ୍ୟଲାଭ କରିବା ଦ୍ୱାରା, ଅନୃତକୁ ବହିଷ୍କାର କରିବା ଦ୍ୱାରା ଅଙ୍ଗିରସଗଣ ଯେଉଁ 'ସ୍ୱର୍' ଲାଭ କରନ୍ତି ତାହା ସତ୍ୟ, ସେମାନେ ପ୍ରଥମେ ସେହିଠାରୁ ଉଦ୍ଭୂତ ହୋଇଥିଲେ ଏବଂ ତାହା ସକଳ ଦିବ୍ୟ ପୁରୁଷଙ୍କ ''ସ୍ୱଧାମ'' । ''ସେମାନେ ଲକ୍ଷ୍ୟ ଅଭିମୁଖରେ ଯାତ୍ରା କରି ଗୁପ୍ତ ଗୁହା ମଧ୍ୟରେ ପଣିମାନଙ୍କ ଦ୍ୱାରା ଲୁକ୍କାୟିତ ପରମ ଧନକୁ ଲାଭ କରନ୍ତି, ଆଉ ମଧ୍ୟ ସେମାନେ ଜ୍ଞାନପ୍ରାପ୍ତ ହୋଇ, ଅନୃତକୁ ଅବଲୋକନ ପୂର୍ବକ ଯେଉଁ ଲୋକଠାରୁ ଆସିଥିଲେ ସେହି ଦିଗରେ ପୁନରୁତ୍ଥାନ କରନ୍ତି ଓ ସେହି ଲୋକରେ ପ୍ରବେଶ କରନ୍ତି । ଋତବାନ୍ ହୋଇ ସେହିଁ ଅନୃତ ସମୂହକୁ ଦର୍ଶନ କରି ଦ୍ରଷ୍ଟାମାନେ ମହାନ୍ ପଥ (ମହସ୍ ପଥଃ) (୨।୨୪।୬,୭)[୧୩] ମଧ୍ୟକୁ ଉତ୍ତରଣ କରନ୍ତି,'' ଏହି ମହାପଥ ହେଉଛି ସେହି 'ସତ୍ୟ'ର ପଥ ବା ପ୍ରଶସ୍ତ ଲୋକ, ଉପନିଷଦର ''ମହଃ'' ।

ବର୍ତ୍ତମାନ ଆମେ ଏହି ବୈଦିକ ରୂପକଳ୍ପଗୁଡ଼ିକର ଗ୍ରନ୍ଥିମୋଚନ କରିବାକୁ ଆରମ୍ଭ କରିବା । ବୃହସ୍ପତି ହେଉଛନ୍ତି ସପ୍ତରଶ୍ମିଯୁକ୍ତ ଧୀମାନ୍, ''**ସପ୍ତଗୁଃ, ସପ୍ତରଶ୍ମିଃ**'', ନାମ ରୂପ ଧରି ଜନ୍ମ ନେଇଥିବା ଏ ହେଉଛନ୍ତି ସେହି ସପ୍ତବପୁ ବା ସପ୍ତମୁଖବିଶିଷ୍ଟ ଅଙ୍ଗିରସ,

---

୧୧ **ଦ୍ୱିତା ବି ବବ୍ରେ ସନଜା ସନୀଡ଼େ ଅୟାସ୍ୟଃ ସ୍ତବମାନେଭିରର୍କୈଃ ।**
ଭଗୋ ନ ମେନେ ପରମେ ବ୍ୟୋମନ୍ଧାରୟଦ୍ରୋଦସୀ ସୁଦଂସାଃ ॥ (ଋ.୧।୬୨।୭)
ଏହି ଋକ୍ ଏବଂ ଅନ୍ୟ ଅନେକ ସୂକ୍ତାଂଶ ସ୍ପଷ୍ଟରୂପେ ତଥା ସୈଦ୍ଧାନ୍ତିକ ଭାବେ ଦେଖାଇ ଦିଏ ଯେ ଯାହା ମୋ ମନେ ହୁଏ, ''ଅନ୍ୟଦ୍ ଅନ୍ୟଦ୍'' ପଦଦ୍ୱୟର ଅର୍ଥ ସର୍ବଦା ପୃଥିବୀ ଓ ସ୍ୱର୍, ଭୌତିକ ଚେତନାରେ ଆଧାରିତ ମନୁଷ୍ୟ ଏବଂ ଅତିଚେତନା ବା ସ୍ୱର୍‌ରେ ଆଧାରିତ ଦିବ୍ୟସତ୍ତା ।

୧୨ **ସନାଦ୍ ଦିବଂ ପରି ଭୂମା ବିରୂପେ ପୁନର୍ଭୁବା ଯୁବତୀ ସ୍ୱେଭିରେବୈଃ ।**
କୃଷ୍ଣେଭିରକ୍ତୋଷା ରୁଶଦ୍ଭିର୍ବପୁର୍ଭିରା ଚରତୋ ଅନ୍ୟାନ୍ୟା ॥ (ଋ.୧।୬୨।୮)

'ସପ୍ତାସ୍ୟଃ ତ୍ରିଜାତଃ', ସେ ମଧ୍ୟ ନବରଶ୍ମିଯୁକ୍ତ ଓ ଦଶରଶ୍ମିଯୁକ୍ତ । ସପ୍ତ ବଦନ ହେଉଛନ୍ତି ସେହି ସପ୍ତ ଅଙ୍ଗିରସ, ଯେଉଁମାନେ 'ସତ୍ୟ'ର ଧାମ 'ସ୍ୱର୍'ରୁ ଆସୁଥିବା ଦିବ୍ୟବାଣୀକୁ (ବ୍ରହ୍ମ) ଆବୃତ୍ତି କରନ୍ତି, ସେ ଏହି 'ସ୍ୱର୍'ର ଅଧିପତି (ବୃହ୍ମଣସ୍ପତିଃ) । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକେ ବୃହସ୍ପତିଙ୍କ ସପ୍ତରଶ୍ମିମାଳାରୁ ଗୋଟିଏ ଗୋଟିଏ ସହ ସମ୍ପର୍କିତ; ତେଣୁ ସେମାନେ ସପ୍ତଦ୍ରଷ୍ଟା; ''ସପ୍ତ ବିପ୍ରାଃ, ସପ୍ତ ଋଷୟଃ'', ଏମାନେ ଜ୍ଞାନର ସେହି ସପ୍ତରଶ୍ମିର ପୃଥକ୍ ପୃଥକ୍ ବ୍ୟକ୍ତରୂପ । ଏହି ସପ୍ତରଶ୍ମି ପୁଣି ସୂର୍ଯ୍ୟଙ୍କ ଉଜ୍ଜ୍ୱଳ ସପ୍ତାଶ୍ୱ –''ସପ୍ତ ହରିତଃ'', ଏମାନଙ୍କ ପୂର୍ଣ୍ଣ ସମାବେଶ ଦ୍ୱାରା ଅୟାସ୍ୟଙ୍କ ସପ୍ତଶୀର୍ଷ୍ଣୀ ଧୀ ଗଠିତ ହୁଏ ଓ ଏହାଙ୍କ ଦ୍ୱାରା ନିଖୋଜ ସତ୍ୟସୂର୍ଯ୍ୟଙ୍କର ପୁନରୁଦ୍ଧାର ଘଟେ । ପୁନଶ୍ଚ ସେହି ଧୀ ସତ୍ତାର ଦିବ୍ୟ ଓ ମାନୁଷୀ ସପ୍ତତତ୍ତ୍ୱ ରୂପକ ସପ୍ତନଦୀରେ ପ୍ରତିଷ୍ଠା ଲାଭ କରିଛନ୍ତି, ସେମାନଙ୍କ ସମଗ୍ରତାହିଁ ପରିପୂର୍ଣ୍ଣ ଅଧ୍ୟାତ୍ମିକ ଜୀବନର ଭିତ୍ତି ପ୍ରତିଷ୍ଠା କରେ । 'ବୃତ୍ର' ଦ୍ୱାରା ଅବରୁଦ୍ଧ ଆମ ସତ୍ତାର ଏହି ସପ୍ତ ନଦୀର ଏବଂ 'ବଳ' ଦ୍ୱାରା ଅଧିକୃତ ସପ୍ତରଶ୍ମିର ପୁନର୍ଲାଭ, ସତ୍ୟର ଅବାଧ ଅବତରଣ ଦ୍ୱାରା ସମସ୍ତ ଅନୃତରୁ ଆମର ସମଗ୍ର ଦିବ୍ୟ ଚେତନାକୁ ମୁକ୍ତ କରି ଆଣିବା ତଥା ତାହାକୁ ପ୍ରତିଷ୍ଠା କରିବା ପ୍ରଭୃତିହିଁ ଆମକୁ ସ୍ୱର୍ଲୋକ ପ୍ରାପ୍ତିର ସ୍ଥିର ଅଧିକାରୀ ବୋଲି ସାବ୍ୟସ୍ତ କରାଏ ତଥା ଏହା ଆମର ସମସ୍ତ ଦିବ୍ୟ ଉପାଦାନର ଅନ୍ତଃପ୍ରବାହ ଦ୍ୱାରା ଅନ୍ଧକାର ଅନୃତ ଓ ମୃତ୍ୟୁର ପରପାରରେ ଅବସ୍ଥିତ ଦେବତ୍ୱ ପ୍ରତି ଆମର ମାନସିକ ଓ ଶାରୀରିକ ସତ୍ତାର ଊର୍ଦ୍ଧ୍ୱାୟନ ସମ୍ଭବ କରାଏ । ଊର୍ଦ୍ଧ୍ୱମୁଖୀ ଯାତ୍ରାର ଦ୍ୱାଦଶ ସମୟ-ବିଭାଗ ମଧ୍ୟରେ ଏହି ଜୟଲାଭ ସାଧିତ ହୁଏ ଯାହାକି ଯଜ୍ଞୀୟ ସମ୍ବତ୍ସରର ଦ୍ୱାଦଶ ମାସିକ ଆବର୍ତ୍ତନର ପ୍ରତୀକ, ଦଶମ ମାସ ନିଜ ବିଜୟ ସାବ୍ୟସ୍ତ କରିବା ପର୍ଯ୍ୟନ୍ତ ଏହି କାଳ-ବିଭାଗଗୁଡ଼ିକ ହେଉଛି ବୃହତ୍‌ରୁ ବୃହତ୍ତର ସତ୍ୟର ଉଷାମାନଙ୍କର ଆବର୍ତ୍ତନ, ଯାହା କ୍ରମାନ୍ୱୟରେ ଚାଲିଥାଏ । ତେବେ ନବ ଓ ଦଶ ରଶ୍ମିର ସୁନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟ କ'ଣ ହୋଇପାରେ ? ଏହା ଏପରି ଏକ କଠିନ ପ୍ରଶ୍ନ ଯାହାର ସମାଧାନ କରିବା ଭଳି ସ୍ଥିତିକୁ ଆମେ ଏପର୍ଯ୍ୟନ୍ତ ଆସି ନାହୁଁ; କିନ୍ତୁ ଯେଉଁ ଆଲୋକ ଆମକୁ ମିଳିଛି ତାହା ଋଗ୍‌ବେଦର ସମସ୍ତ ମୁଖ୍ୟ ରୂପକଗୁଡ଼ିକୁ ବୋଧଗମ୍ୟ କରାଇବା ପକ୍ଷରେ ଯଥେଷ୍ଟ ।

ମନୁଷ୍ୟଜୀବନ ଏକ ଯଜ୍ଞ, ଏକ ଯାତ୍ରା ଓ ଏକ ସଂଗ୍ରାମ – ଏହିରୂପକ ଉପରେ ବୈଦିକ ପ୍ରତୀକବାଦ ଆଧାରିତ । ମନୁଷ୍ୟର ଆଧ୍ୟାତ୍ମିକ ଜୀବନ ଥିଲା ପ୍ରାଚୀନ ରହସ୍ୟବାଦୀମାନଙ୍କ ପକ୍ଷେ ରଚନାଗତ ବିଷୟବସ୍ତୁ, କିନ୍ତୁ ଏହାକୁ ନିଜ ପାଖରେ ରୂପାୟିତ

---

୧୩ ଅଭିନକ୍ଷନ୍ତୋ ଅଭି ଯେ ତମାନଶୁର୍ନିଧ୍ଂ ପଣୀନା଼ ପରମ଼ଂ ଗୁହା ହିତମ୍ ।
ତେ ବିଦ୍ୱାଂସଃ ପ୍ରତିଚକ୍ଷ୍ୟାନୃତା ପୁନର୍ୟତ ଉ ଆୟନ୍ ତଦୁଦୀଯୁରାବିଶମ୍ ॥
ଋତାବାନଃ ପ୍ରତିଚକ୍ଷ୍ୟାନୃତା ପୁନରାତ ଆ ଚକ୍ରୁଃ କବୟୋ ମହସ୍ପଥଃ ।...
(ଋ. ୨।୨୪।୬, ୭)

କରିବା ଏବଂ ଏହାକୁ ଅନୁପଯୁକ୍ତମାନଙ୍କଠାରୁ ଘୋଡ଼େଇ ରଖିବା ଏ ଉଭୟ ଉଦ୍ଦେଶ୍ୟ ସାଧନ ନିମନ୍ତେ ସେମାନେ ସେ ଯୁଗର ବାହ୍ୟ ଜୀବନରୁ କାବ୍ୟିକ ରୂପକମାନ ଗ୍ରହଣ କରି ତାହାରି ମାଧ୍ୟମରେ ସେଗୁଡ଼ିକୁ ପ୍ରକାଶ କରୁଥିଲେ । ସେହି ଜୀବନ ଥିଲା ଜନ ସମୁଦାୟଙ୍କ କ୍ଷେତ୍ରରେ ମୁଖ୍ୟତଃ ପଶୁପାଳକର ତଥା ଭୂମି କର୍ଷଣକାରୀର ଜୀବନ, ଏବଂ ଏହି ଜନସମୁଦାୟ ରାଜାମାନଙ୍କ ଅଧୀନସ୍ଥ ବିଭିନ୍ନ କୁଳ ବା ବଂଶର ଯୁଦ୍ଧ ଅଭିଯାନ ଓ ସ୍ଥାନାନ୍ତର ଗମନ ଫଳରେ ବିବିଧତାରେ ପରିଣତ ହୋଇଥିଲା, ଏବଂ ଏହି ସମସ୍ତ କାର୍ଯ୍ୟକଳାପରେ ଯଜ୍ଞ ଦ୍ୱାରା ଦେବତାଙ୍କ ଉପାସନା ଥିଲା ସବୁଠାରୁ ଅଧିକ ପବିତ୍ର ଓ ମହିମମୟ ବିଷୟ ଯାହା ଅବଶିଷ୍ଟ ସବୁ କିଛିର ମର୍ମ-ଗ୍ରନ୍ଥି ସଦୃଶ । ଏହାର କାରଣ ଯଜ୍ଞ ଦ୍ୱାରା ସେମାନେ ଲାଭ କରୁଥିଲେ ଭୂମି-ଉର୍ବରକ ବୃଷ୍ଟି, ଶାନ୍ତି ଓ ଯୁଦ୍ଧ ସମୟରେ ସେମାନଙ୍କ ଜୀବନଯାତ୍ରା ନିମନ୍ତେ ଆବଶ୍ୟକ ଗୋଧନ ଓ ଅଶ୍ୱଯୂଥ, ସ୍ୱର୍ଣ୍ଣ, କ୍ଷେତ୍ର, ପରିଚର ପ୍ରଭୃତି । ଆହୁରି ମଧ୍ୟ ଗମନାଗମନ ନିମନ୍ତେ ଆସବାବର ସ୍ୱଚ୍ଛତା ଏବଂ ଆନ୍ତର୍ଜନଜାତି-ଗୋଷ୍ଠୀ ମଧ୍ୟରେ ସଂଗଠନର ଶିଥିଳତା ପ୍ରଭୃତି ହେତୁ ସେ ସମୟରେ ଜଳ ଓ ସ୍ଥଳରେ ଯାତ୍ରା ଥିଲା ଦୁର୍ଗମ ଓ ବିପଦସଂକୁଳ, ତେଣୁ ସେଥିରେ ନିରାପତ୍ତା ଲାଭ ନିମନ୍ତେ ଯଜ୍ଞ ମାଧ୍ୟମ ହେଉଥିଲା । ରହସ୍ୟବାଦୀ କବିମାନେ ସେମାନଙ୍କ ଚତୁର୍ଦ୍ଦିଗରେ ଦେଖୁଥିବା ସେହି ବାହ୍ୟ ଜୀବନଧାରାର ପ୍ରଧାନ ବ୍ୟବହାର୍ଯ୍ୟ ବିଷୟଗୁଡ଼ିକୁ ସେମାନଙ୍କ ଆନ୍ତର ଜୀବନର ତାତ୍ପର୍ଯ୍ୟପୂର୍ଣ୍ଣ ରୂପକଳ୍ପ ରୂପେ ନେଉଥିଲେ । ବେଦରେ ମନୁଷ୍ୟଜୀବନକୁ ଦେବତାମାନଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞ ରୂପେ ଉପସ୍ଥାପନା କରାଯାଇଛି, ଏହି ଯାତ୍ରା କେତେବେଳେ ବିପଜ୍ଜନକ ଜଳରାଶିକୁ ପାରିହେବା ରୂପେ, କେତେବେଳେ ସତ୍ତା-ପର୍ବତର ଗୋଟିଏ ସ୍ତରରୁ ଅନ୍ୟ ସ୍ତରକୁ ଆରୋହଣ ରୂପେ ଏବଂ ତୃତୀୟରେ ଏହା ଶତ୍ରୁ-ଦେଶଗୁଡ଼ିକର ବିପକ୍ଷରେ ସଂଗ୍ରାମ ରୂପେ ଚିତ୍ରଣ କରାଯାଇଛି । କିନ୍ତୁ ଏହି ତିନିଟି ଯାକ ଚିତ୍ରକୁ ପୃଥକ୍ ପୃଥକ୍ ରଖାଯାଇ ନାହିଁ । ଯଜ୍ଞ ମଧ୍ୟ ଏକ ଯାତ୍ରା; ବସ୍ତୁତଃ ଯଜ୍ଞହିଁ ଏକ ଦିବ୍ୟ ଲକ୍ଷ୍ୟ ଅଭିମୁଖରେ ଏକ ଯାତ୍ରା, ଯଜ୍ଞକୁହିଁ ଅଧ୍ୱର ବୋଲି ବର୍ଣ୍ଣନା କରାଯାଇଛି; ଯାତ୍ରା ତଥା ଯଜ୍ଞ ଏହି ଉଭୟକୁ ଅନ୍ଧକାରମୟ ଶକ୍ତିମାନଙ୍କ ବିରୋଧରେ ଏକ ସଂଗ୍ରାମ ବୋଲି ନିରବଚ୍ଛିନ୍ନଭାବେ କୁହାଯାଇଛି ।

ଅଙ୍ଗିରସମାନଙ୍କ ଉପାଖ୍ୟାନରେ ବୈଦିକ ରୂପକ ସମୂହର ଏହି ତିନିଟି ଯାକ ମୂଳ ଲକ୍ଷଣକୁ ସଂଯୁକ୍ତ କରାଯାଇଛି । ଅଙ୍ଗିରସମାନେ ଆଲୋକର ଯାତ୍ରୀ । ସେମାନଙ୍କ ବିଶିଷ୍ଟ କର୍ମର ବର୍ଣ୍ଣନା କରିବାକୁ ''ନକ୍ଷନ୍ତଃ'' ବା ''ଅଭିନକ୍ଷନ୍ତ'' ପଦ ବ୍ୟବହୃତ ହୋଇଛି । ସେମାନେ ଏପରି ତୀର୍ଥଯାତ୍ରୀ ଯେଉଁମାନେ କି ଲକ୍ଷ୍ୟ ଅଭିମୁଖରେ ଯାତ୍ରା କରି ପରମଧାମରେ ଉପନୀତ ହୁଅନ୍ତି – **ଅଭିନକ୍ଷନ୍ତୋ ଅଭି ୟେ ତମ୍ ଆନସୁଃ ନିଧିଂ ପରମମ୍**, ଅର୍ଥାତ୍, ସେମାନେ ପରମନିଧି ନିକଟକୁ ଯାତ୍ରା କରନ୍ତି ଓ ତାହା ଲାଭ କରନ୍ତି (୨।୨୪।୬) । ଲକ୍ଷ୍ୟ-ପଥରେ ମନୁଷ୍ୟ-ଜୀବନକୁ ଅଧିକ ଆଗକୁ ଘେନିଯିବା

ପାଇଁ ସେମାନଙ୍କ କର୍ମକୁ ଆବାହନ କରାଯାଏ – **ସହସ୍ରସାବେ ପ୍ର ତିରନ୍ତ ଆୟୁଃ** (୩।୪୩।୭) । କିନ୍ତୁ ଯଦିବା ଏହି ଯାତ୍ରା ପ୍ରଧାନତଃ ଏକ ପ୍ରକାର ଅନ୍ୱେଷଣ, ପ୍ରଚ୍ଛନ୍ନ ଆଲୋକର ଅନୁସନ୍ଧାନ, ତଥାପି ଅନ୍ଧକାରର ଶକ୍ତିମାନଙ୍କ ବିରୋଧ ହେତୁ ଏହା ପୁଣି ଏକ ଅଭିଯାନ ଓ ସଂଗ୍ରାମରେ ପରିଣତ ହୁଏ । ଏଠାରେ ଅଙ୍ଗିରସମାନେ ସେହି ସଂଗ୍ରାମର ବୀର ଓ ଯୋଦ୍ଧା –''**ଗୋଷୁ ୟୋଧାଃ**'', ଅର୍ଥାତ୍ ''ଗୋ ଅବା କିରଣରାଜି ନିମନ୍ତେ ସଂଗ୍ରାମୀ'' । 'ଇନ୍ଦ୍ର' ସେଇମାନଙ୍କ ସହିତ ଯାତ୍ରା କରନ୍ତି ଯେଉଁମାନେ ମାର୍ଗର ଯାତ୍ରୀ (**ସୁରଣ୍ୟୁଭିଃ**), ସଖା (**ସଖିଭିଃ**), ଦ୍ରଷ୍ଟା ତଥା ପବିତ୍ର ରକ୍‌ର ଉଦ୍‌ଗାତା (**ଉର୍ମିଭିଃ ଓ କବିଭିଃ**), ତା' ସହିତ ସେମାନେ ସଂଗ୍ରାମରେ ଯୋଦ୍ଧା (**ସତ୍ୱଭିଃ**) । ସେମାନେ ବାରଂବାର 'ନୃ' ବା 'ବୀର' ଉପାଧି ଦ୍ୱାରା ଅଭିହିତ ହୋଇଥା'ନ୍ତି, ଯଥା, ଉଚ୍ଚଳ ଗୋଯୂଥକୁ ଜୟ କରିବାକୁ ଇନ୍ଦ୍ରଙ୍କୁ କୁହାଯାଉଥିବା ବେଳେ **ଅସ୍ମାକେଭିଃ ନୃଭିଃ** ବୋଲି କୁହାଯାଇଛି, ଅର୍ଥାତ୍ ''ଆମ ବୀରମାନଙ୍କ ଦ୍ୱାରା'' ଜୟ ହୋଇଛି । ସେମାନଙ୍କ ଦ୍ୱାରା ବଳବାନ୍ ହୋଇ ସେ ଯାତ୍ରାରେ ଜୟଲାଭ କରନ୍ତି ଏବଂ ଲକ୍ଷ୍ୟରେ ଉପନୀତ ହୁଅନ୍ତି –''**ନକ୍ଷତ୍ୱାଭଂ ତତୁରିମ୍**'' । ସ୍ୱର୍ଗଶୁନୀ 'ସରମା'ଙ୍କ ଦ୍ୱାରା ଆବିଷ୍କୃତ ପଥ ଅନୁସରଣ କରି ଏହି ଅଭିଯାନ ବା ଯାତ୍ରା ଅଗ୍ରସର ହୁଏ, ଏହି ପଥ ହେଉଛି ସତ୍ୟର ପଥ (**ଋତସ୍ୟ ପନ୍ଥାଃ**), ମହାନ୍ ପଥ (**ମହସ୍‌ପଥଃ**), ଯାହା ପରମସତ୍ୟର ଧାମରାଜି ମଧ୍ୟକୁ ନେଇଯାଏ । ଆଉ ମଧ୍ୟ ଏହା ଯଜ୍ଞୀୟ ଯାତ୍ରା; କାରଣ ଏହାର ପର୍ଯ୍ୟାୟମାନ ନବଗ୍ୱମାନଙ୍କ ଯଜ୍ଞକାଳର ଅବଧିର ଅନୁରୂପ ଏବଂ ଏହା ସୋମରସ ଓ ପବିତ୍ର 'ବାକ୍'ର ଶକ୍ତି ଦ୍ୱାରା ସମ୍ପନ୍ନ ହୁଏ ।

ଶକ୍ତି, ବିଜୟ ତଥା ଲକ୍ଷ୍ୟପ୍ରାପ୍ତି ନିମନ୍ତେ ଉପାୟ ରୂପେ ସୋମମଦ୍ୟର ପାନ କଥା ଯାହା ରହିଛି ତାହା ବେଦର କେତେକ ପ୍ରଧାନ ରୂପକ ମଧ୍ୟରୁ ଅନ୍ୟତମ । ଇନ୍ଦ୍ର ଓ ଅଶ୍ୱିଦ୍ୱୟ ହେଉଛନ୍ତି ମହାନ୍ ସୋମପାୟୀ, କିନ୍ତୁ ସର୍ବ ଦେବତା ଏହି ଅମୃତତ୍ୱ ପ୍ରଦାୟକ ସୋମରସର ପ୍ରାପ୍ୟ ଅଂଶ ଗ୍ରହଣ କରନ୍ତି । ଅଙ୍ଗିରସମାନେ ମଧ୍ୟ ସୋମବଳରେ ଜୟ ଲାଭ କରନ୍ତି । ସରମା ପଣିମାନଙ୍କୁ ଭୟ ପ୍ରଦର୍ଶନ ପୂର୍ବକ କହୁଛନ୍ତି – ଦେଖ ଅୟାସ୍ୟ ଓ ନବଗ୍ୱ ଅଙ୍ଗିରସମାନେ ସେମାନଙ୍କ ସୋମ ଉଲ୍ଲାସର ତୀବ୍ରତାରେ ମତ୍ତ ହୋଇ ଆସୁଛନ୍ତି – ''**ଏହ ଗମନ୍ନୃଷୟଃ ସୋମଶିତା ଅୟାସ୍ୟା ଅଙ୍ଗିରସୋ ନବଗ୍ୱାଃ**'' (୧୦।୧୦୮।୮) । ଏହି ପ୍ରଚଣ୍ଡ ଶକ୍ତିବଳରେ ମନୁଷ୍ୟମାନେ 'ସତ୍ୟ'ର ପଥ ଅନୁସରଣ କରିବାକୁ ସମର୍ଥ ହୁଅନ୍ତି । ୮।୧୨।୨,୩[୧୪] ରକ୍‌ରେ କୁହାଯାଇଛି –''ହେ ଇନ୍ଦ୍ର, ଆମେ ସେହି ସୋମର ଆନନ୍ଦ କାମନା କରୁଛୁ ଯାହାଦ୍ୱାରା ତୁମେ 'ସ୍ୱର୍'ର ପୌରୁଷକୁ (ଅଥବା

---

୧୪ ଯେନା ଦଶଗ୍ୱମଧ୍ରିଗୁଂ ବେପୟନ୍ତଂ ସ୍ୱର୍ଣରମ୍ । ଯେନା ସମୁଦ୍ରମାବିଥା ତମୀମହେ ॥
ଯେନ ସିନ୍ଧୁଂ ମହୀରପୋ ରଥାଁ ଇବ ପ୍ରଚୋଦୟଃ । ପନ୍ଥାମୃତସ୍ୟ ୟାତବେ ତମୀମହେ ॥
(ଋ. ୮।୧୨।୨-୩)

ସ୍ୱର୍-ଆତ୍ମାକୁ, ସ୍ୱର୍ଣରମ୍) ପ୍ରକମ୍ପିତ କରିଥିଲ, ଏହା ସେହି ଆନନ୍ଦ ଯାହା ଦଶରଶ୍ମିଯୁକ୍ତ ଏବଂ ଏହା ଜ୍ଞାନାଲୋକକୁ ପ୍ରକାଶ କରେ କିଂବା ନିଜ ଶକ୍ତି ବଳରେ ସମଗ୍ର ସତ୍ତାକୁ ପ୍ରକମ୍ପିତ କରେ (ଦଶଗ୍ୱଂ ବେପୟନ୍ତମ୍), ଯାହାଦ୍ୱାରା ତୁମେ ମହାସିନ୍ଧୁକୁ ପରିପୁଷ୍ଟ କରିଥିଲ; ଆମେ ସେହି ସୋମମାଦକତାକୁ କାମନା କରୁଛୁ, ଯାହା ଦ୍ୱାରା ତୁମେ ରଥକୁ ଆଗକୁ ଠେଲି ନେବା ଲାଗି ପ୍ରେରିତ କରିବା ପରି ମହତୀ ନଦୀମାନଙ୍କୁ (ସପ୍ତନଦୀକୁ) ମହାସିନ୍ଧୁ ଦିଗରେ ପ୍ରଚୋଦିତ କରିଥିଲ,— ଆମେ 'ସତ୍ୟ' ପଥରେ ଯାତ୍ରା କରିବା ପାଇଁ ସେହି ଆନନ୍ଦ କାମନା କରୁଛୁ,'' **ପନ୍ଥାମ୍ ରତସ୍ୟ ୟାତବେ ତମ୍ ଈମହେ** । (୮।୧୨।୨,୩) ଏହି ସୋମଶକ୍ତି ବଳରେ ଅଦ୍ରି ଭେଦ କରାଯାଇଛି, ଅନ୍ଧକାରର ପୁତ୍ରମାନଙ୍କୁ ପରାସ୍ତ କରାଯାଇଛି । ଏହି ସୋମରସ ହେଉଛି ସେହି ମଧୁରତା ଯାହା ଉପରିସ୍ଥ ଗୂଢ଼ ଲୋକର ସ୍ରୋତମାନଙ୍କ ମଧ୍ୟଦେଇ ବହି ଆସେ, ଏହା ସପ୍ତ ଜଳଧାରା ମଧ୍ୟରେ ପ୍ରବାହିତ, ଏହି ରସ ସହିତ ରହସ୍ୟମୟ ଯଜ୍ଞର 'ଘୃତ' ସହଜରେ କ୍ଷରିତ ହୋଇଥାଏ; ଏହା ପ୍ରାଣ-ସମୁଦ୍ର ମଧ୍ୟରୁ ଉତ୍‌ଥିତ ମଧୁମୟ ତରଙ୍ଗ । ଏତାଦୃଶ ଚିତ୍ରମାନଙ୍କର ଗୋଟିଏ ମାତ୍ର ଅର୍ଥ ହୋଇପାରେ; ଏହା ସମସ୍ତ ଅସ୍ତିତ୍ୱ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଦିବ୍ୟ ଆନନ୍ଦ, ଯାହା ଥରେ ପ୍ରକାଶିତ ହେଲେ ସମଗ୍ର ଜୀବନର ଗୌରବକର କାର୍ଯ୍ୟସମୂହକୁ ପରିପୁଷ୍ଟ କରେ ଏବଂ ଏହା ସେହି ଶକ୍ତି ଯାହା ସର୍ବଶେଷରେ ମରଣଶୀଳ ଜୀବନକୁ ଅମର କରିଦିଏ, **ଅମୃତମ୍**, ଦେବତାଙ୍କ ଅମୃତରେ ପରିଣତ କରେ ।

କିନ୍ତୁ ବିଶେଷ ଭାବରେ କହିଲେ ଅଙ୍ଗିରସମାନେ ବାକ୍‌ର ଅଧିକାରୀ; ନିଜର ଦ୍ରଷ୍ଟୃଭାବ ହେଉଛି ସେମାନଙ୍କ ସର୍ବୋତ୍ତମ ବୈଶିଷ୍ଟ୍ୟଯୁକ୍ତ ଲକ୍ଷଣ, ସେମାନେ **ବ୍ରାହ୍ମଣାସଃ ପିତରଃ ସୋମ୍ୟାସଃ ... ରତାବୃଧଃ** (୬।୭୫।୧୦) — ସେମାନେ ସୋମରେ ସମୃଦ୍ଧ ଓ ବାକ୍‌ର ଅଧିକାରୀ ପିତୃଗଣ, ସୁତରାଂ ସେମାନେ ରତବର୍ଦ୍ଧକ । ଯାତ୍ରାପଥରେ ସେମାନଙ୍କୁ ପ୍ରଚୋଦିତ କରିବା ପାଇଁ ଇନ୍ଦ୍ର ସ୍ୱୟଂ ସେମାନଙ୍କ ଭାବନାର ଅଭିବ୍ୟକ୍ତିସୂଚକ ସ୍ତୋତ୍ରଗାନରେ ଯୋଗଦାନ କରନ୍ତି ଏବଂ ସେମାନଙ୍କ ଅନ୍ତରାତ୍ମାର ବାଣୀକୁ ପୂର୍ଣ୍ଣତା ଓ ଶକ୍ତିରେ ଭରିଦିଅନ୍ତି — **ସୋ ଅଙ୍ଗିରସାମ୍ ଉଚଥା ଜୁଜୁଷ୍ୱାନ୍ ବ୍ରହ୍ମା ତୂତୋଦିନ୍ଦ୍ରୋ ଗାତୁମ୍ ଇଷ୍ଟନ୍** (୨।୨୦।୫) । ଅଙ୍ଗିରସମାନଙ୍କ ଦ୍ୱାରା ଆଲୋକ ଓ ଶକ୍ତିରେ ସମୃଦ୍ଧ ହୋଇ ଇନ୍ଦ୍ର ନିଜର ବିଜୟ-ଯାତ୍ରା ସମ୍ପୂର୍ଣ୍ଣ କରନ୍ତି ଓ ପର୍ବତଶିଖରସ୍ଥ ଲକ୍ଷ୍ୟସ୍ଥଳରେ ଉପନୀତ ହୁଅନ୍ତି; ''ଆମର ପୂର୍ବ ପିତୃଗଣ, ଯେଉଁମାନେ ଥିଲେ ସପ୍ତର୍ଷି ଓ ନବଗ୍ୱ, ସେମାନେ ତାଙ୍କ ମଧ୍ୟରେ ନିଜ ଧନ-ସମ୍ପଦର ଅଭିବୃଦ୍ଧି ସାଧନ କରନ୍ତି; ସେ ଇନ୍ଦ୍ର ହେଉଛନ୍ତି ଅଭିଯାନରେ ବିଜୟୀ, ସେ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ଉପନୀତ ହୁଅନ୍ତି, ସେ ପର୍ବତ ଉପରେ ଦଣ୍ଡାୟମାନ, ଅମୋଘ ବାକ୍, ନିଜ ଜ୍ୟୋତିର୍ମୟ ଚିନ୍ତନରେ ସେ ସର୍ବୋଚ୍ଚ ବଳବାନ୍, **ନକ୍ଷଦ୍‌ଦାଭଂ ତୁରିଂ ପର୍ବତେଷ୍ଠାମ୍, ଅଦ୍ରୋଘବାଚଂ ମତିଭିଃ ଶବିଷ୍ଠମ୍** (୬।୨୨।୨) ।'' ଋକ୍‌ଗାନ ଅର୍ଥାତ୍

ଜ୍ଞାନପ୍ରଦାୟକ ସ୍ତୁତିଗାନ କରି ସେମାନେ ଆମ ସରାର ଗୁହା ମଧ୍ୟରେ ଥିବା ସୌରଜ୍ୟୋତିକୁ ଖୋଜି ପାଆନ୍ତି – **ଅର୍ଚନ୍ତୋ**[୧୫] **ଗା ଅବିଦନ୍** (୧।୬୨।୨)। ସପ୍ତ ଋଷିମାନଙ୍କ ସ୍ତୁତ ବା ସର୍ବାଧାରକ ଋତା ଦ୍ୱାରା ନବଗ୍ୱମାନଙ୍କ କର୍ମମାନ କଣ୍ଠସ୍ୱର ସାହାଯ୍ୟରେ ଇନ୍ଦ୍ର ସ୍ୱର୍ଲୋକର ଶକ୍ତିରେ ପୂର୍ଣ୍ଣ ହୁଅନ୍ତି (**ସ୍ୱରେଣ ସ୍ୱର୍ୟଃ**) ଏବଂ ଦଶଗ୍ୱମାନଙ୍କ ଉଚ୍ଚରବ 'ବଚ'କୁ ବିତୃର୍ଣ୍ଣ କରେ (୧।୬୨।୪) କାରଣ ଏହି ଆରବ ହେଉଛି ଉଚ୍ଚତର ସ୍ୱର୍ଗର ଧ୍ୱନି, ଇନ୍ଦ୍ରଙ୍କ ବିଦ୍ୟୁତ୍ ଝଲକ ସହିତ ଯେଉଁ ବଜ୍ରନାଦ ହୁଏ ଏବଂ ଅଙ୍ଗିରସମାନଙ୍କ ସ୍ୱପଥରେ ଅଗ୍ରସର ହେବା ପ୍ରଭୃତି ହେଉଛି ସ୍ୱର୍ଗ ଲୋକମାନଙ୍କରେ ଏହି ଧ୍ୱନିର ଅଗ୍ରଗତିକୁ ବୁଝାଏ – **ପ୍ର ବ୍ରହ୍ମାଣୋ ଅଙ୍ଗିରସୋ ନକ୍ଷନ୍ତ, ପ୍ର କ୍ରନ୍ଦନୁର୍ନଭନ୍ୟସ୍ୟ ବେତୁ** (୬।୪୨।୧), କାରଣ କୁହାଯାଇଛି ଯେ, ଅଙ୍ଗିରସ ସ୍ୱରୂପ ବୃହସ୍ପତିଙ୍କ ସ୍ୱର ଦ୍ୟୁଲୋକର ବଜ୍ରନାଦ ସଦୃଶ, ଏହା ସୂର୍ଯ୍ୟ, ଉଷା, ଗୋ ଓ ବାକ୍-ଜ୍ୟୋତିଃ ଆବିଷ୍କାର କରେ – **ବୃହସ୍ପତିଃ ଉଷସଂ ସୂର୍ୟଂ ଗାମ୍ ଅର୍କଂ ବିବେଦ ସ୍ତନୟନ୍ ଇବ ଦ୍ୟୌଃ** (୧୦।୬୭।୫)। ସତ୍ୟମନ୍ତ୍ର ଦ୍ୱାରା ଅର୍ଥାତ୍ ସତ୍ୟର ଛନ୍ଦ ମଧ୍ୟରେ ପ୍ରକାଶିତ ସତ୍ୟ ଚିନ୍ତନ ଦ୍ୱାରା ଗୂଢ଼ ଜ୍ୟୋତିଃକୁ ଲାଭ କରାଯାଏ ଏବଂ ଉଷାର ଜନ୍ମ ହୁଏ – **ଗୂଳ୍ହଂ ଜ୍ୟୋତିଃ ପିତରୋ ଅନ୍ୱବିନ୍ଦନ୍, ସତ୍ୟମନ୍ତ୍ରା ଅଜନୟନ୍ ଉଷାସମ୍** (୬।୭୩।୪), କାରଣ ଏମାନେ ହେଉଛନ୍ତି ଯଥାର୍ଥକାଳ ଅଙ୍ଗିରସ – **"ଇତ୍ଥା ବଦଦ୍ଭିଃ ଅଙ୍ଗିରୋଭିଃ"** (୬।୧୮।୫), ଚିନ୍ତନକୁ ସମ୍ୟକ୍ ରୂପେ ଉପସ୍ଥାପନ କରିପାରୁଥିବା ଏମାନେ ଋକ୍‌ପତି – **ସ୍ୱାଧୀଭିଃ ଋକ୍ୱଭିଃ** (୬।୩୩।୨); ଏମାନେ ସ୍ୱର୍ଗପୁତ୍ର, ମହାଶକ୍ତିଶାଳୀ ପ୍ରଭୁଙ୍କର ବୀରଗଣ, ଏମାନେ ସତ୍ୟବାକ୍ ଓ ଋତୁଧୀ-ସମ୍ପନ୍ନ, ଏହି କାରଣରୁ ଏମାନେ ଦୀପ୍ତ ଜ୍ଞାନର ଆସନ ଅଧିକାର କରିବାକୁ ଅର୍ଥାତ୍ ଯଜ୍ଞର ପରମ ଧାମକୁ ମନୋଗତ କରିବାକୁ ସମର୍ଥ ହୁଅନ୍ତି –

ଋତଂ ଶଂସନ୍ତ ଋଜୁ ଦୀଧ୍ୟାନା ଦିବସ୍ପୁତ୍ରାସୋ ଅସୁରସ୍ୟ ବୀରାଃ ।
ବିପ୍ରଂ ପଦମ୍ ଅଙ୍ଗିରସୋ ଦଧାନା ଯଜ୍ଞସ୍ୟ ଧାମ ପ୍ରଥମଂ ମନନ୍ତଃ ॥
(୧୦।୬୭।୨)

ଏ ପ୍ରକାର ଅଭିବ୍ୟକ୍ତି ଯେ କେବଳ କେତେକ ଆର୍ଯ୍ୟଋଷି ଜଣେ ଦେବତା ଓ ତାଙ୍କର ଗୋଟିଏ କୁକୁର ଦ୍ୱାରା ଗୁହାବାସୀ ଦ୍ରାବିଡ଼ମାନଙ୍କ ନିକଟରୁ ସେମାନଙ୍କ ଅପହୃତ ଗାଭୀମାନଙ୍କୁ ପୁନରୁଦ୍ଧାର କରୁଛନ୍ତି ବା ରାତ୍ରିର ଅନ୍ଧକାର ପରେ ଉଷାର ପୁନରାଗମନ ଘଟୁଛି – ଏତିକିହିଁ ବୁଝାଇବା ଛଡ଼ା ଅଧିକ କିଛି ବୁଝାଉ ନାହିଁ – ଏହାକୁ ମାନିନେବା ଆଦୌ ସମ୍ଭବ ନୁହେଁ। ଯେଉଁ ରୂପକଗୁଡ଼ିକର ଏକତ୍ର ସମାବେଶ ଘଟିଛି ଏବଂ ବାକ୍, ଧୀ, ସତ୍ୟ, ଯାତ୍ରା ଏବଂ ଅନୃତର ପରାଭବ ପ୍ରଭୃତି ଭାବନା ଉପରେ ଯେପରି ଅନବରତ

---

୧୫ 'ଅର୍ଚତି' (ଋର୍), ବେଦରେ ଏହି ଧାତୁର ଅର୍ଥ ଦୀପ୍ତ କରିବା ଓ ଋକ୍-ଗାୟନ କରିବା; 'ଅର୍କ'ର ଅର୍ଥ ସୂର୍ଯ୍ୟ, ଆଲୋକ ଓ ବୈଦିକ ସ୍ତୋତ୍ର ।

ଗୁରୁତ୍ୱ ଦିଆଯାଇଛି, ଯାହା ଏହି ସୂକ୍ତମାନଙ୍କରେ ଆମେ ସର୍ବତ୍ର ଦେଖିଥାଉ, ଏସବୁର ବ୍ୟାଖ୍ୟା ନିମନ୍ତେ ମେରୁ-ପ୍ରଦେଶୀୟ ଉଷାର ବିସ୍ମୟକର ଘଟଣାମାନ ପର୍ଯ୍ୟାପ୍ତ ନୁହେଁ । ଆମେ ଯେଉଁ ତତ୍ତ୍ୱବ୍ୟାଖ୍ୟାଟି ଉପସ୍ଥାପନ କରୁଛୁ ତାହା ବାହାରୁ କେଉଁଠୁ ଅଣାଯାଇ ନାହିଁ ବରଂ ସ୍ୱୟଂ ସୂକ୍ତଗୁଡ଼ିକର ଭାଷା ଓ ବ୍ୟଞ୍ଜନା ମଧ୍ୟରୁ ସିଧାସଳଖ ପ୍ରକାଶିତ ହୋଇଛି, କେବଳ ଏହି ବ୍ୟାଖ୍ୟାହିଁ ଏହି ବିଭିନ୍ନ ରୂପକମାନଙ୍କ ଭିତରେ ସଂହତି ସ୍ଥାପନ କରିପାରିବ ଏବଂ ଅସଙ୍ଗତିର ଆପାତ-ପ୍ରତୀୟମାନ ଜଟିଳତା ମଧ୍ୟରେ ଏକ ସହଜ ସ୍ୱଚ୍ଛତା ଓ ସାମଞ୍ଜସ୍ୟ ପ୍ରକାଶ କରିବାକୁ ସକ୍ଷମ ହେବ । ବାସ୍ତବରେ, ଥରେ କେନ୍ଦ୍ରୀୟ ତତ୍ତ୍ୱ ଅଧିଗତ ହୋଇଗଲେ ଏବଂ ବୈଦିକ ଋଷିମାନଙ୍କର ମନୋଭାବ ତଥା ସେମାନଙ୍କ ପ୍ରତୀକବାଦର ମର୍ମ ବୁଝିଗଲେ କୌଣସି ଅସଙ୍ଗତି ଓ ଅସାମଞ୍ଜସ୍ୟ ରହେ ନାହିଁ । କେତେକ ପରବର୍ତ୍ତୀ ସୂକ୍ତମାନଙ୍କ ବ୍ୟତୀତ ସର୍ବତ୍ର ପ୍ରତୀକମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ପଦ୍ଧତି ଅଛି ଯାହାକି ତା'ର କୌଣସି ଗୁରୁତ୍ୱପୂର୍ଣ୍ଣ ଅଦଳବଦଳର ସମ୍ଭାବନାକୁ ଅସ୍ୱୀକାର କରେ ଏବଂ ଏହାରି ଆଲୋକରେ ବେଦର ଆନ୍ତର ଆଶୟ ସବୁକ୍ଷେତ୍ରରେ ଅତି ଶୀଘ୍ର ନିଜକୁ ପ୍ରକଟ କରିଦିଏ ସତେ ଯେମିତି ଏହା ଆଗରୁ ସ୍ୱୟଂପ୍ରସ୍ତୁତ ହୋଇ ରହିଥିଲା । ପ୍ରତୀକଗୁଡ଼ିକ ମଧ୍ୟରେ ପାରସ୍ପରିକ ମେଳରେ ଅବଶ୍ୟ କିଛି ନିର୍ଦ୍ଧାରିତ ସ୍ୱାତନ୍ତ୍ର୍ୟ ରହିଛି, ଠିକ୍ ଯେମିତି ଯେକୌଣସି ନିୟମବଦ୍ଧ କାବ୍ୟିକ ଅଳଙ୍କାର ମଧ୍ୟରେ ସ୍ୱାତନ୍ତ୍ର୍ୟ ଥାଏ,— ଉଦାହରଣତଃ ବୈଷ୍ଣବମାନଙ୍କର ପାବନ କବିତାଗୁଡ଼ିକ; କିନ୍ତୁ ସେଗୁଡ଼ିକର ପଶ୍ଚାତରେ ଯେଉଁ ସାରଭୂତ ଭାବନା ନିହିତ ତାହା ସ୍ଥିର ଓ ସୁସଂହତ, ସେଥିରେ କୌଣସି ଅଦଳବଦଳ ନାହିଁ ।

ଅଷ୍ଟାଦଶ ଅଧ୍ୟାୟ

ମାନୁଷ ପିତୃଗଣ

ଅଙ୍ଗିରସ ଋଷିମାନଙ୍କର ଉକ୍ତ ବୈଶିଷ୍ଟ୍ୟ ପ୍ରତି ଆମର ପ୍ରଥମ ଅବଲୋକନରୁ ମନେ ହୁଏ ଯେ ବୈଦିକ ବିଚାର-ଧାରାରେ ସେମାନେ ଏକ ଶ୍ରେଣୀର ଉପଦେବତା, ସେମାନଙ୍କ ବାହ୍ୟଗୁଣ ଦିଗରୁ ଦେଖିଲେ ସେମାନେ ହେଉଛନ୍ତି ସେଇ 'ଜ୍ୟୋତିଃ', ସେଇ 'କଣ୍ଠସ୍ୱର' ଓ ସେଇ 'ଅଗ୍ନି'ଶିଖାର ଆରୋପିତ ବ୍ୟକ୍ତିତ୍ୱଗଣ ଅଥବା ଦେହଧାରୀ ବ୍ୟକ୍ତିଗଣ, କିନ୍ତୁ ଆନ୍ତର ଗୁଣ ଦିଗରୁ ଦେଖିଲେ ସେମାନେ 'ସତ୍ୟ'ର ଶକ୍ତିଗଣ, ଯେଉଁମାନେ ଆସି ସେମାନଙ୍କ ସଂଗ୍ରାମରେ ଅଂଶଗ୍ରହଣ କରନ୍ତି । କିନ୍ତୁ ସେମାନେ ଦିବ୍ୟଦ୍ରଷ୍ଟା, ଏପରିକି ସ୍ୱର୍ଗ-ସୁତ ଓ ପ୍ରଭୁଙ୍କର ବୀରପୁରୁଷ, ତା' ସତ୍ତ୍ୱେ ଏହି ଋଷିଗଣ ଆତ୍ମହାବାନ୍ ମାନବଜାତିର ପ୍ରତିନିଧି । ଏହା ସତ୍ୟ ଯେ ପ୍ରଥମେ ସେମାନେ ଦେବପୁତ୍ର (**ଦେବପୁତ୍ରାଃ**), ଅଗ୍ନିଙ୍କର ସନ୍ତାନଗଣ, ବହୁଧାଜାତ ବୃହସ୍ପତିଙ୍କର ବିଭିନ୍ନ ରୂପ, ଏବଂ ସତ୍ୟଲୋକ ଦିଗରେ ସେମାନଙ୍କ ଆରୋହଣ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି ଯେ ସେମାନେ ଯେଉଁଠାରୁ ଆସିଥିଲେ ସେଠାକୁ ପୁଣି ପ୍ରତିଗମନ କରୁଛନ୍ତି । କିନ୍ତୁ ଏହିସବୁ ବୈଶିଷ୍ଟ୍ୟ ଥିବାସତ୍ତ୍ୱେ ସେମାନଙ୍କୁ ମାନବୀୟ ଅନ୍ତରାତ୍ମାଙ୍କ ପ୍ରତିନିଧି ବୋଲି ମଧ୍ୟ କୁହାଯାଇପାରେ ଯେଉଁମାନେ ସ୍ୱୟଂ ସେହି ଊର୍ଦ୍ଧ୍ୱଲୋକରୁ ଅବତରଣ କରି ଆସିଛନ୍ତି ଏବଂ ପୁନରାୟ ତାଙ୍କୁ ସେଠାକୁ ଫେରିଯିବାକୁ ହେବ । କାରଣ ଏମାନେ ନିଜ ମୂଳ ସ୍ୱରୂପରେ ଏକ ଏକ ମାନସିକ ସତ୍ତା, ଅମୃତର ସନ୍ତାନ (**ଅମୃତସ୍ୟ ପୁତ୍ରାଃ**), ଜଣେ ଜଣେ ସ୍ୱର୍ଗ-ସନ୍ତାନ, ସ୍ୱର୍ଗଜାତ, କେବଳ ସ୍ୱୟଂ ଧାରଣ କରିଥିବା ଦେହଗୁଡ଼ିକରେହିଁ ସେମାନେ ମର୍ତ୍ତ୍ୟ । ଯଜ୍ଞରେ ଅଙ୍ଗିରସ ଋଷିଗଣଙ୍କର ଯେଉଁ ଭୂମିକା ଥାଏ ତାହା ମାନବୀୟ, ଉଦାହରଣ ସ୍ୱରୂପ, ବାକ୍‌ର ଆବିଷ୍କାର, ଦେବତାମାନଙ୍କର ଉଦ୍ଦେଶ୍ୟରେ ଅନ୍ତରାତ୍ମାର ସ୍ତୁତିଗାନ, ପୁରୋଡ଼ାଶ ଓ ସୋମରସ ଦ୍ୱାରା ଦିବ୍ୟଶକ୍ତିମାନଙ୍କର ପରିପୋଷଣ ଓ ପରିବର୍ଦ୍ଧନ, ସେମାନଙ୍କ ସାହାଯ୍ୟରେ ଦିବ୍ୟ ଉଷାକୁ ଜନ୍ମଦେବା ଏବଂ ସର୍ବପ୍ରଭାସକ ସତ୍ୟର ଜ୍ୟୋତିର୍ମୟ ରୂପକୁ ଅଧିଗତ କରିବା ଏବଂ

---

୧ ଏହା ଲକ୍ଷ୍ୟ କରିବାର କଥା ଯେ ପୁରାଣମାନଙ୍କରେ ଦୁଇ ଶ୍ରେଣୀର ପିତୃଗଣ ରହିଥିବାର କଥା ନିରୂପଣ କରାଯାଇଛି — ଦିବ୍ୟ ପିତୃଗଣ ଏକ ଶ୍ରେଣୀରେ ଦେବତା ଏବଂ ଅନ୍ୟଥିରେ ମାନବୀୟ ପୂର୍ବପୁରୁଷଗଣ ମଧ୍ୟ ରହିଛନ୍ତି; ଏହି ଉଭୟଙ୍କୁ ପିଣ୍ଡଦାନ କରାଯାଏ । ସ୍ପଷ୍ଟତଃ ଏହି ପ୍ରସଙ୍ଗରେ ପୁରାଣଗୁଡ଼ିକ ଆଦି-ବୈଦିକ ପରମ୍ପରାକୁ ଅବ୍ୟାହତ କରି ରଖିଛନ୍ତି ।

ଏହାର ଗୂଢ଼ ସୁଦୂର ଏବଂ ସମୁଚ୍ଚ ଭୂମିରେ ଅବସ୍ଥିତ ଧାମକୁ ଆରୋହଣ କରିବା ଇତ୍ୟାଦି ।

ଏହିସବୁ ଯଜ୍ଞକର୍ମରେ ସେମାନେ ଦ୍ୱିବିଧ ଭୂମିକାରେ ଥିବାର ଦେଖିବାକୁ ମିଳେ,[୧] ସେମାନେ ହେଉଛନ୍ତି ଦିବ୍ୟ ଅଙ୍ଗିରସ, **ଋଷୟୋ ଦିବ୍ୟାଃ**, ସେମାନେ କେତେକ ଆତ୍ମିକ ଶକ୍ତିର ପ୍ରତୀକ ତଥା ସେଗୁଡ଼ିକର ଅଧିକର୍ତ୍ତା ଏବଂ ସେଠାରେ ସେମାନେ ଦେବତାଙ୍କ ଭଳି କର୍ମ କରନ୍ତି, ଏବଂ ଦ୍ୱିତୀୟରେ ସେମାନେ ଋଭୁମାନଙ୍କ ପରି ମାନୁଷ ପିତୃଗଣ, **ପିତରୋ ମନୁଷ୍ୟାଃ**, ମାନୁଷ ସତ୍ତାଗଣ ଅଥବା ଅନ୍ତତଃ ମାନୁଷୀ ଶକ୍ତିଗଣ ରୂପେ ବର୍ଣ୍ଣିତ, ସେମାନେ କର୍ମ ଦ୍ୱାରା ଅମୃତତ୍ୱକୁ ଜୟ କରିଛନ୍ତି, ଲକ୍ଷ୍ୟରେ ଉପନୀତ ହୋଇଛନ୍ତି ଏବଂ ସେହି ସମାନ ଦିବ୍ୟ ସିଦ୍ଧିଲାଭ ଉଦ୍ଦେଶ୍ୟରେ ପରବର୍ତ୍ତୀ ମର୍ତ୍ତ୍ୟଜାତିକୁ ସାହାଯ୍ୟ କରିବାକୁ ସେମାନଙ୍କୁ ଆବାହନ ବି କରାଯାଇଛି । ଦଶମ ମଣ୍ଡଳରେ, ପରବର୍ତ୍ତୀ 'ଯମସୂକ୍ତ' ଗୁଡ଼ିକ ବ୍ୟତୀତ, ଅଙ୍ଗିରସମାନଙ୍କ ସମ୍ପର୍କରେ କୁହାଯାଇଛି ଯେ ସେମାନେ ଭୃଗୁ ଓ ଅଥର୍ବଣମାନଙ୍କ ସହ **ବର୍ହିଷଦ୍** ପିତୃଗଣ ଏବଂ ଯଜ୍ଞରେ ଏମାନେ ନିଜର ବିଶିଷ୍ଟ ଅଂଶ ଗ୍ରହଣ କରନ୍ତି, ଏହା ବ୍ୟତୀତ ବେଦର ଅବଶିଷ୍ଟ ଅଂଶମାନଙ୍କରେ ସେମାନଙ୍କୁ ଆହୁରି କମ୍ ସ୍ପଷ୍ଟ ମାତ୍ର ଆହୁରି ବୃହତ୍ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଆଳଙ୍କାରିକ ଭାଷାରେ ଆବାହନ କରାଯାଇଛି । ମହତୀ ମାନୁଷୀ ଯାତ୍ରା ନିମନ୍ତେ ସେହି ପିତୃମାନଙ୍କୁ ଆବାହନ କରାଯାଏ; କାରଣ ମର୍ତ୍ତ୍ୟ ଅବସ୍ଥାରୁ ଅମୃତତ୍ୱ ମଧ୍ୟକୁ, ଅନୃତରୁ ସତ୍ୟ ଦିଗକୁ ଯେଉଁ ମହାନ୍ ମାନବୀୟ ଯାତ୍ରା ଚାଲିଛି ତାକୁ ସେହି ପୂର୍ବ ପୁରୁଷଗଣ ସମ୍ପନ୍ନ କରନ୍ତି ଏବଂ ସେମାନଙ୍କ ବଂଶଧରମାନଙ୍କ ନିମନ୍ତେ ସେହି ପଥ ଉନ୍ମୁକ୍ତ କରନ୍ତି ।

ସେମାନଙ୍କ କର୍ମଧାରାର ଏହି ବୈଶିଷ୍ଟ୍ୟ ୭।୪୨ ଓ ୭।୫୨ ସୂକ୍ତରେ ଆମେ ଦେଖିବାକୁ ପାଉଁ । ବଶିଷ୍ଠଙ୍କର ଏହି ଦୁଇଟି ସୂକ୍ତରୁ ପ୍ରଥମଟିରେ ଦେବତାମାନଙ୍କୁ ନିର୍ଦ୍ଦିଷ୍ଟଭାବେ ଏହି ମହାନ୍ ଯାତ୍ରା ନିମନ୍ତେ ଆବାହନ କରାଯାଇଛି – **ଅଧ୍ୱର ଯଜ୍ଞ**[୨], ଅର୍ଥାତ୍ ଯେଉଁ ଯଜ୍ଞ ଯାତ୍ରାକରେ ବା ଦେବତାମାନଙ୍କ ଧାମ ଅଭିମୁଖରେ ଗତିକରେ ଏବଂ

---

[୨] ସାୟଣ 'ଅଧ୍ୱର' ଯଜ୍ଞର ଅର୍ଥ କରିଛନ୍ତି 'ଅହିଂସିତ ଯଜ୍ଞ' । କିନ୍ତୁ 'ଅହିଂସିତ' କଦାପି ଯଜ୍ଞର ପର୍ଯ୍ୟାୟବାଚୀ ଶବ୍ଦରୂପେ ବ୍ୟବହୃତ ହୋଇ ନ ପାରେ । 'ଅଧ୍ୱର'ର ଅର୍ଥ ହେଲା ଯାତ୍ରୀ, ଗମନଶୀଳ । ଅଧ୍ୱନ୍ ଶବ୍ଦ ସହିତ ଏହାର ସମ୍ପର୍କ ଅଛି, ଯାହାର ଅର୍ଥ ପଥ ବା ଯାତ୍ରା ଅପ୍ରଚଳିତ ଅଧ୍-ଧାତୁରୁ ଏହାର ଉତ୍ପତ୍ତି ଘଟିଛି, ଯାହାର ଅର୍ଥ ଚାଲିବା, ପ୍ରସାରିତ ହେବା, ବ୍ୟାପ୍ତ ହେବା, ସଂହତ ହେବା ଇତ୍ୟାଦି । 'ଅଧ୍ୱନ୍' ଓ 'ଅଧ୍ୱର' ଦୁଇଟି ଶବ୍ଦ ମଧ୍ୟରେ 'ଅଧ୍ୱ'ର ସମ୍ପର୍କ ଅଛି ଯାହାର ଅର୍ଥ ବାୟୁ ଆକାଶ ଏବଂ 'ଅଧ୍ୱର'ର ଅର୍ଥ ମଧ୍ୟ ସେହି ସମାନ ଅର୍ଥ । ଅଧ୍ୱର ବା ଅଧ୍ୱର-ଯଜ୍ଞ ଯେ ପଥରେ ପ୍ରବ୍ରାଜ କରିବା, ଯାତ୍ରା କରିବା, ଅଗ୍ରସର ହେବା ପ୍ରଭୃତି ଭାବ ସହିତ ସଂଯୁକ୍ତ, ଏ ସମ୍ବନ୍ଧରେ ବେଦରେ ଅସଂଖ୍ୟ ଋକ୍ ଅଛି ।

ଯୁଗପତ୍ ଏହା ଏକ ସଂଗ୍ରାମ ମଧ୍ୟ : ତେଣୁ ଏହିପରି ଭାବରେ ସ୍ତୁତି କରାଯାଇଛି — ''ହେ ଅଗ୍ନି, ସେ ପଥ ତୁମ ପକ୍ଷରେ ସୁଗମ ଏବଂ ପୂର୍ବରୁ ତାହା ତୁମକୁ ଜଣାଅଛି । ତୁମର ବୀରବାହୀ (ବା ସକ୍ରିୟ ରୂପେ ଧାବମାନ) ଅରୁଣବର୍ଣ୍ଣ ଅଶ୍ୱମାନଙ୍କୁ ସୋମର ହବିଃ ସହିତ ଯୁକ୍ତ କର । ମୁଁ ଏଠାରେ ଆସୀନ ହୋଇ ସମସ୍ତ ଜନ୍ମକୁ ଦିବ୍ୟ ବୋଲି ଜହୁଛି (ଋକ୍ - ୨)[୩], ଏହା କେଉଁ ପଥ ? ଏହା ସେହି ଦିବ୍ୟପଥ ଯାହା ଦେବତାମାନଙ୍କ ଆବାସ ଓ ନିମ୍ନସ୍ଥ ପାର୍ଥିବ ନଶ୍ୱରତା ଏହି ଉଭୟର ମଧ୍ୟବର୍ତ୍ତୀ ସ୍ଥଳରେ ବ୍ୟବସ୍ଥିତ ଏବଂ ଯାହା ମଧ୍ୟଦେଇ ଦେବତାମାନେ ପ୍ରାଣିକ ଜଗତ୍ ସ୍ୱରୂପ ଅନ୍ତରିକ୍ଷ ମାର୍ଗରେ ପାର୍ଥିବ ଯଜ୍ଞକୁ ଅବତରଣ କରନ୍ତି ଏବଂ ଏହି ଊର୍ଦ୍ଧ୍ୱ ଯାତ୍ରାରେ ଯଜ୍ଞ ଓ ଯଜ୍ଞ ଦ୍ୱାରା ମନୁଷ୍ୟ, ଏହି ଉଭୟେ ଦେବତାମାନଙ୍କ ଆବାସ ମଧ୍ୟକୁ ଆରୋହଣ କରନ୍ତି । ଅଗ୍ନି ନିଜ ଅଶ୍ୱମାନଙ୍କୁ ଅର୍ଥାତ୍ ସେ ପ୍ରତିନିଧିତ୍ୱ କରୁଥିବା ଦିବ୍ୟଶକ୍ତିର ବିଚିତ୍ର ବର୍ଣ୍ଣର ସାମର୍ଥ୍ୟ ବା ଶିଖାମାନଙ୍କୁ ଯୁକ୍ତ କରନ୍ତି; ସେମାନେ ଯେଉଁ 'ବୀର'ଙ୍କୁ ବହନ କରନ୍ତି ସିଏ ହେଉଛନ୍ତି ଆମ ମଧ୍ୟସ୍ଥ ଯୋଦ୍ଧୃଶକ୍ତି ଓ ସିଏ ଯାତ୍ରା ସୁସମ୍ପନ୍ନ କରନ୍ତି । ଦିବ୍ୟଜନ୍ମଗୁଡ଼ିକର ଅର୍ଥ ଏକ ସଙ୍ଗେ ସ୍ୱୟଂ ଦେବଗଣ ତଥା ମନୁଷ୍ୟ ମଧ୍ୟରେ ଦିବ୍ୟ ଜୀବନର ସେହି ଅଭିବ୍ୟକ୍ତିମାନ ଯାହା ବେଦରେ ଦେବତ୍ୱରୂପେ ଅଭିହିତ । ଏହାହିଁ ଯେ ପ୍ରକୃତ ଅର୍ଥ ତାହା ଚତୁର୍ଥ ମନ୍ତ୍ରରୁ ସ୍ପଷ୍ଟ ଜଣାଯାଏ । ''ଆନନ୍ଦ ମଧ୍ୟରେ ଅବସ୍ଥାନ କରୁଥିବା ଅତିଥି ଯେତେବେଳେ ବୀରଙ୍କର ଆନନ୍ଦସମୃଦ୍ଧ ଦ୍ୱାରଯୁକ୍ତ ଗୃହରେ ସଜ୍ଞାନ ହୁଅନ୍ତି ଏବଂ ଯେତେବେଳେ ଅଗ୍ନି ସମ୍ୟକ୍ ସନ୍ତୁଷ୍ଟ ହୋଇ ଗୃହ ମଧ୍ୟରେ ଅଧିଷ୍ଠିତ ହୁଅନ୍ତି ସେତେବେଳେ ସେ ସେହି ଯାତ୍ରୀ ପ୍ରାଣୀଙ୍କୁ ବାଞ୍ଛିତ ଶୁଭ ପ୍ରଦାନ କରନ୍ତି ।''[୪] ଅଥବା ଏହା ବି ହୋଇପାରେ, ତା'ର ଯାତ୍ରା ନିମନ୍ତେ ବାଞ୍ଛିତ ଶୁଭପ୍ରଦାନ କରନ୍ତି ।

ତେଣୁ ପରମ ମଙ୍ଗଳ ଅର୍ଥାତ୍ ଦିବ୍ୟ ଜନ୍ମ ତଥା ଆନନ୍ଦ ଅଭିମୁଖେ ଯାତ୍ରା ନିମନ୍ତେ ଅଗ୍ନିଙ୍କ ଉଦ୍ଦେଶ୍ୟରେ ଏହି ସୂକ୍ତ ଏକ ଆବାହାନ । ଆହୁରି ମଧ୍ୟ ଏହାର ପାରମ୍ପରିକ ପ୍ରାଥମିକ ଋକ୍‌ରେ ଯାତ୍ରା ନିମନ୍ତେ ଆବଶ୍ୟକ ସର୍ତ୍ତ ପୂରଣ ପାଇଁ ପ୍ରାର୍ଥନା କରାଯାଇଛି, ଯାହା ବିଷୟରେ ସେଠାରେ କୁହାଯାଇଛି ଯେ, ତାହା ଯାତ୍ରିଯଜ୍ଞର ରୂପଧାରୀ (ଅଧ୍ୱରସ୍ୟ ପେଶଃ), ଏବଂ ଏଗୁଡ଼ିକ ମଧ୍ୟରେ ଅଙ୍ଗିରସମାନଙ୍କ ଅଗ୍ରଗତି ହେଉଛି ପ୍ରଥମ ସର୍ତ୍ତ — ''ବାକ୍-ବିପ୍ର ଅଙ୍ଗିରସଗଣ ନିଜ ଯାତ୍ରାରେ ଅଗ୍ରଗତି କରନ୍ତୁ, ସ୍ୱର୍ଗୀୟ (ଅଥବା, ସ୍ୱର୍ଗୀୟ ବସ୍ତୁର, ମେଘର ବା ବିଦ୍ୟୁତ୍‌ର) ସ୍ତନିତ (ଗର୍ଜ୍ଜନ) ଅଗ୍ରଗାମୀ ହେଉ; ପୋଷୟିତ୍ରୀ ଧେନୁଗଣ

---

[୩] ସୁଗନ୍ତୁ ଅଗ୍ନେ ସନବିତ୍ତୋ ଅଧ୍ୱା ଯୁକ୍ଷ୍ୱା ସୁତେ ହିରତୋ ରୋହିତଶ୍ଚ ।
ଯେ ବା ସଦ୍ମନ୍ନରୁଷା ବୀରବାହୋ ହୁବେ ଦେବାନାଂ ଜନିମାନି ସତ୍ତଃ ॥

[୪] ଯଦା ବୀରସ୍ୟ ରେବତୋ ଦୁରୋଣେ ସେୟାନଶୀରତିଥିରାଚିକେତତ୍ ।
ସୁପ୍ରୀତୋ ଅଗ୍ନିଃ ସୁଧିତୋ ଦମ ଆ ସ ବିଶେ ଦାତି ବାର୍ୟମିୟଦ୍ଧ୍ୟୈ ॥ (ଋ-୭।୪୨।୪)

ନିଜର ଜଳଧାରା ବିଛାଡ଼ି ବିଛାଡ଼ି ଅଗ୍ରସର ହୁଅନ୍ତୁ ଏବଂ ପେଷା ପ୍ରସ୍ତର ଦୁଇଟି ସେମାନଙ୍କ କର୍ମରେ ନିଯୁକ୍ତ ହୁଅନ୍ତୁ – ଏହା ହେଉଛି ଯାତ୍ରି-ଯଜ୍ଞ (ଅଧ୍ୱର)ର ରୂପ ।

ପ୍ର ବ୍ରହ୍ମାଣୋ ଅଙ୍ଗିରସୋ ନକ୍ଷନ୍ତ, ପ୍ର କ୍ରନ୍ଦନୁର୍ନଭନ୍ୟସ୍ୟ ବେତୁ ।
ପ୍ର ଧେନବ ଉଦପ୍ରୁତୋ ନବନ୍ତ, ୟୁଜ୍ୟାତାମଦ୍ରୀ ଅଧ୍ୱରସ୍ୟ ପେଶଃ ॥
(ଋ - ୭।୪୨।୧)

ଦିବ୍ୟବାଣୀଯୁକ୍ତ ଅଙ୍ଗିରସଗଣ, ଜ୍ୟୋତିର୍ମୟ ସ୍ୱର୍ଗର ନିନାଦ ଯାହାକି ଜ୍ୟୋତିର୍ମୟ 'ସ୍ୱର୍'ର ଭାଷା ଏବଂ ସେହି ବାକ୍ ମଧ୍ୟରୁ ଆସୁଥିବା ଗର୍ଜ୍ଜନକାରୀ ବିଦ୍ୟୁତ୍‌ର ବଜ୍ରନାଦ, ସ୍ୱର୍-ଅଧିପତି ଇନ୍ଦ୍ରଙ୍କ ସ୍ୱର୍ଗୀୟ ବିଦ୍ୟୁତ୍ ଦ୍ୱାରା ମୁକ୍ତରୂପେ ପ୍ରବାହିତ ଦିବ୍ୟ ଜଳଧାରାମାନ ବା ସପ୍ତନଦୀ ଏବଂ ଦିବ୍ୟ ଜଳଧାରାଗୁଡ଼ିକର ବହିଃପ୍ରସ୍ରବଣ, ଅମୃତତ୍ୱପ୍ରଦାୟୀ ସୋମର ନିଷ୍ପାସନ,– ଏହି ସମସ୍ତହିଁ ଅଧ୍ୱର ଯଜ୍ଞର 'ପେଶଃ' ଅର୍ଥାତ୍ ରୂପ । ଆହୁରି ଏକ କଥା ଅଗ୍ରଗତି – ଦିବ୍ୟ ଲକ୍ଷ୍ୟ ଅଭିମୁଖରେ ସମସ୍ତଙ୍କର ଅଗ୍ରଗତି – ଏହାର ସାଧାରଣ ଗୁଣଧର୍ମ, ଏବଂ **ନକ୍ଷନ୍ତ, ବେତୁ, ନବନ୍ତ** ପ୍ରଭୃତି ଗତ୍ୟର୍ଥକ ତିନୋଟି କ୍ରିୟାପଦ ଦ୍ୱାରା ଏହି ବିଷୟଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯାଇଛି ଏବଂ ପ୍ରତ୍ୟେକ ବାକ୍ୟାଂଶର ଆରମ୍ଭରେ ପ୍ରଗତିସୂଚକ 'ପ୍ର' ଉପସର୍ଗର ପ୍ରୟୋଗ ରହିଛି ଯାହାକି ବାକ୍ୟାଂଶକୁ ଖୋଲିଦେବା ସଙ୍ଗେ ସଙ୍ଗେ ତାହାର ମର୍ମକୁ ମଧ୍ୟ ସୂଚିତ କରୁଛି ।

କିନ୍ତୁ ୫୨ତମ ସୂକ୍ତଟି ଆହୁରି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଓ ବ୍ୟଞ୍ଜନାଗର୍ଭକ । ଏହାର ପ୍ରଥମ ଋକ୍‌ର ଅର୍ଥ ଏହିପରି – ''ହେ ଅଦିତିମାତାଙ୍କ ପୁତ୍ରଗଣ (**ଆଦିତ୍ୟାସଃ**), ଆମେ ଯେପରି ଅନନ୍ତ ସତ୍ତାରେ ପରିଣତ ହେଉ (**ଅଦିତୟଃ ସ୍ୟାମ**), ବସୁମାନେ ଦେବତ୍ୱ ଓ ମର୍ତ୍ତ୍ୟତ୍ୱର ରକ୍ଷକ ହୁଅନ୍ତୁ (**ଦେବତ୍ରା ମର୍ତ୍ତ୍ୟତ୍ରା**); ହେ ମିତ୍ର-ବରୁଣ ! ତୁମ ଦ୍ୱାରା ଅଧିକୃତ ହୋଇ ଆମେ ଯେପରି ତୁମକୁ ଅଧିଗତ କରୁ; ହେ ଦ୍ୟାବାପୃଥିବି ! ଆମେ ଯେପରି ଯୋଗ୍ୟ ହୋଇ 'ତୁମେ'ରେ ପରିଣତ ହୋଇଯାଉ – **ସନେମ ମିତ୍ରା ବରୁଣା ସନନ୍ତୋ, ଭବେମ ଦ୍ୟାବା ପୃଥିବୀ ଭବନ୍ତଃ** । ଏଥିରୁ ସ୍ପଷ୍ଟରୂପେ ଜଣାଯାଏ, ଆମକୁ ଅଦିତିଙ୍କର ସନ୍ତାନ ହେବାକୁ ହେବ ଅର୍ଥାତ୍ ଆନନ୍ତ୍ୟ ଲାଭକରି ଦେବତା ହେବାକୁ ହେବ, **ଅଦିତୟଃ, ଆଦିତ୍ୟାସଃ** । ଆମକୁ ସ୍ମରଣ ରଖିବାକୁ ହେବ ଯେ ଜ୍ୟୋତିଃ ଓ ସତ୍ୟର ଅଧିପତି ସୂର୍ଯ୍ୟ-ସବିତାଙ୍କର ଶକ୍ତି ହେଉଛନ୍ତି ମିତ୍ର-ବରୁଣ । ତୃତୀୟ ଋକ୍‌ର ଅର୍ଥ ଏହିପରି – ''ଲକ୍ଷ୍ୟ ଅଭିମୁଖରେ ଦ୍ରୁତ ଗତିରେ ଯାତ୍ରା କରୁଥିବା ଅଙ୍ଗିରସମାନେ ଯେପରି ଦିବ୍ୟ ସବିତାଙ୍କ ଆନନ୍ଦ ମଧ୍ୟରେ ଉପନୀତ ହୁଅନ୍ତି; ତଥା ଆମ ଯଜ୍ଞର ସେହି ମହାନ୍ ପିତା ଏବଂ ସମସ୍ତ ଦେବତା ଏକମନା ହୋଇ ଯେପରି ତାହାକୁ (ଆନନ୍ଦକୁ)ହିଁ ହୃଦୟରେ ଗ୍ରହଣ କରନ୍ତି'' –

ତୁରଣ୍ୟବୋଽଙ୍ଗିରସୋ ନକ୍ଷନ୍ତ ଊଙ୍କଂ ଦେବସ୍ୟ ସବିତୁରିୟାନାଃ ।
ପିତା ଚ ତନ୍ନୋ ମହାନ୍ ୟଜତ୍ରୋ ବିଶ୍ୱେ ଦେବାଃ ସମନସସୋ ଜୁଷନ୍ତ ॥
(ଋ - ୬।୫୨।୩)

ଏଠାରେ ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଅଙ୍ଗିରସଗଣ ସୌର ଦେବତାଙ୍କ ଜ୍ୟୋତିଃ ଓ ସତ୍ୟ ଦିଗରେ ଅଭିଯାତ୍ରୀ ଓ ଏଥିରୁହିଁ ଭାସ୍ୱର ଗୋଯୂଥଙ୍କର ଜନ୍ମ । ସେମାନେ ସେହି ଗୋମାନଙ୍କୁ ପଣିମାନଙ୍କଠାରୁ ବଳପୂର୍ବକ ଉଦ୍ଧାର କରନ୍ତି, ଆଉ ମଧ୍ୟ ଆମେ ପୂର୍ବେ ଯେପରି ଦେଖିଛୁ — ଜ୍ୟୋତିଃ ଓ ସତ୍ୟ ଉପରେ ଆଶ୍ରିତ ଆନନ୍ଦ ଅଭିମୁଖରେ ସେମାନେ ଯାତ୍ରା କରନ୍ତି । ଏଥିରୁ ଆହୁରି ମଧ୍ୟ ସ୍ପଷ୍ଟ ହୁଏ ଯେ ଦେବତ୍ୱ ଲାଭ ଓ ଅନନ୍ତ ସତ୍ତାରୂପେ ଅଭିବୃଦ୍ଧିହିଁ (ଅଦିତୟଃ ସ୍ୟାମ) ଏହି ଯାତ୍ରାର ଅଭିପ୍ରାୟ । ଏହି ସୂକ୍ତର ଦ୍ୱିତୀୟ ଋକ୍‌ରେ ମଧ୍ୟ କୁହାଯାଇଛି — ''ଆମକୁ ଦେବତ୍ୱରେ ତଥା ମର୍ତ୍ୟତ୍ୱରେ ରକ୍ଷା କରୁଥିବା ମିତ୍ର-ବରୁଣ ଓ ବସୁଗଣ ଆମ ଭିତରେ ସେମାନଙ୍କ କ୍ରିୟା ଦ୍ୱାରା ବୃଦ୍ଧିଶୀଳ ଶାନ୍ତି ଓ ଆନନ୍ଦ ବହନପୂର୍ବକ ଆଗମନ କରନ୍ତୁ ।''

ଏହି ଦୁଇଟି ସୂକ୍ତରେ ଅଙ୍ଗିରସ ଋଷିମାନଙ୍କ କଥା ସାଧାରଣ ଭାବରେ କୁହାଯାଇଛି; କିନ୍ତୁ ଅନ୍ୟ ସୂକ୍ତମାନଙ୍କରେ ସେମାନେ ହେଲେ ମାନୁଷ ପିତୃଗଣ, ଯେଉଁମାନେ କି ପ୍ରଥମେ ଥିଲେ ଜ୍ୟୋତି-ଆବିଷ୍କାରକ, ଧୀ ଓ ବାକ୍‌ର ଅଧିକାରୀ ଏବଂ ଜ୍ୟୋତିର୍ମୟ ଆନନ୍ଦର ଗୁହ୍ୟ ଲୋକମାନଙ୍କୁ ଯାତ୍ରା କରନ୍ତି । ଆମେ ଯେଉଁସବୁ ସିଦ୍ଧାନ୍ତରେ ଏଯାଏ ଉପନୀତ ହୋଇଛୁ ସେହି ଆଲୋକରେ ବର୍ତ୍ତମାନ ସେହିସବୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ଗମ୍ଭୀର, ସୁନ୍ଦର ଓ ସୁଦୀପ୍ତ ସୂକ୍ତଗୁଡ଼ିକୁ ଅଧ୍ୟୟନ କରିପାରିବା ଯେଉଁଥିରେ ମାନୁଷ ପିତୃଗଣଙ୍କ ମହାନ୍ ଆବିଷ୍କାର ବିଷୟ ସ୍ଥାନଲାଭ କରିଛି । ବୈଦିକ ରହସ୍ୟବାଦୀମାନେ ସର୍ବଦା ନିଜ ଦୃଷ୍ଟି ସମକ୍ଷରେ ଯେଉଁ ମହତୀ ଆଶା ପୋଷଣ କରିଥିଲେ ତାହାର ଏକ ସାରଭୂତ ବର୍ଣ୍ଣନା ଆମେ ସେଠାରେ ଦେଖିବାକୁ ପାଇବା; ସେହି ଯାତ୍ରା, ସେହି ବିଜୟ, ସେହି ପ୍ରାଚୀନ ତଥା ସର୍ବପ୍ରଥମ ସାଫଲ୍ୟ ଯାହାକୁ ସେମାନେ ଏକ ଜ୍ୟୋତିର୍ମୟ 'ପୂର୍ବ ପୁରୁଷ' ଭାବେ ଆଗାମୀ ମର୍ତ୍ୟ ପିଢ଼ି ନିମନ୍ତେ ଉପସ୍ଥାପନା କରିଯାଇଛନ୍ତି । ସେହି ବିଜୟ ଥିଲା ଚତୁର୍ଦିଗରୁ ବେଷ୍ଟନ କରି ରଖୁଥିବା ରାତ୍ରୀର ଶକ୍ତିମାନଙ୍କ ଉପରେ, ରାତ୍ରୀ ପରିତକ୍ତ୍ୟା (୫।୩୦।୧୪), ସେମାନେ ହେଲେ ବୃତ୍ର, ସମ୍ବର, ବଳ, ଅସୁର, ଦୈତ୍ୟ, ଅଜଗର ସର୍ପ ପ୍ରଭୃତି ଅବଚେତନ 'ଶକ୍ତିଯୂଥ' ଯେଉଁମାନେ କି ନିଜ ମଧ୍ୟରେ ଜ୍ୟୋତିଃ ଓ ଶକ୍ତିକୁ ଅବରୋଧ କରି ସେମାନଙ୍କ ଅନ୍ଧକାର ଓ ଭ୍ରାନ୍ତିର ପୁରମାନଙ୍କରେ ମାନବକୁ ଆବଦ୍ଧ କରି ରଖନ୍ତି, କିନ୍ତୁ ସେସବୁକୁ ଯଥାଯଥ ଭାବରେ ନିଜେ ବ୍ୟବହାର କରିପାରନ୍ତି ନାହିଁ କି ମନୁଷ୍ୟ ଅର୍ଥାତ୍ ମନୋମୟ ସତ୍ତାକୁ ବି ଦିଅନ୍ତି ନାହିଁ । ସେମାନଙ୍କ ଅଜ୍ଞାନତା, ଅରିଷ୍ଟ ଓ ସଂକୀର୍ଣ୍ଣତାକୁ କେବଳ ଯେ ଆମଠାରୁ

କାଢ଼ି ବିଚ୍ୟୁତ କରିବାକୁ ହେବ, ସେତିକି ନୁହେଁ, ସେମାନଙ୍କୁ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ଜ୍ୟୋତିଃ, ଶୁଭ ତଥା ଆନନ୍ତ୍ୟର ଗୁପ୍ତ ଭଣ୍ଡାରକୁ ଆମ ପାଇଁ ଖୋଲି ଦେବାକୁ ବାଧ କରିବାକୁ ହେବ । ଏହି ମୃତ୍ୟୁ ମଧ୍ୟରୁ ଅମୃତତ୍ୱକୁ ଜୟ କରିବାକୁ ହେବ । ଏହି ଅଜ୍ଞାନର ପଶ୍ଚାତରେ ଏକ ଗୂଢ଼ ଜ୍ଞାନ ଓ ସତ୍ୟର ମହାଜ୍ୟୋତି ଆବଦ୍ଧ ହୋଇ ରହିଛି; ଏହି ଅନ୍ଧକାର-ଶକ୍ତି ଦ୍ୱାରା କାରାରୁଦ୍ଧ ହୋଇ ଶୁଭର ଅନନ୍ତ ଭଣ୍ଡାର ବିଦ୍ୟମାନ; ସୀମାବଦ୍ଧକାରୀ ଏହି ମୃତ୍ୟୁ ମଧ୍ୟରେ ସୀମାହୀନ ଅମୃତତ୍ୱ-ବୀଜ ବିଦ୍ୟମାନ । ଉଦାହରଣସ୍ୱରୂପ 'ବଳ' ହେଉଛି ଜ୍ୟୋତିଃ ସମୂହର ବଳ – **ବଲସ୍ୟ ଗୋମତଃ** (୧।୧ ୧।୫), ତା'ର ଶରୀର ଜ୍ୟୋତିରେ ନିର୍ମିତ – **ଗୋବପୁଷୋ ବଲସ୍ୟ** (୧୦।୬୮।୯) ତା'ର ବିବର ବା ଗୁମ୍ଫା ଧନସମ୍ପଦରେ ପୂର୍ଣ୍ଣ ଏକ ପୁର; ସେହି ଶରୀରକୁ ବିଚୂର୍ଣ୍ଣ କରିବାକୁ ହେବ, ସେହି ପୁରକୁ ବିଦୀର୍ଣ୍ଣ କରିବାକୁ ହେବ, ସେହି ଧନସମ୍ପଦକୁ ବଳପୂର୍ବକ ଅଧିକାର କରିବାକୁ ହେବ । ଏହି କର୍ମସମ୍ପାଦନ ମାନବଜାତି ନିମନ୍ତେ ଉଦ୍ଦିଷ୍ଟ ଥିଲା ଏବଂ ପୂର୍ବପୁରୁଷମାନେ ଏହି ଜାତି ନିମନ୍ତେ ତାହା ସମ୍ପାଦନ କରିଥିଲେ ଏହି ଯୋଗୁଁ ଯେ, ସେହି ମାର୍ଗଟି ହୁଏତ ଜ୍ଞାତ ହେବ ଏବଂ ସେହି ସମାନ ଉପାୟରେ ଏବଂ ସେହି 'ଜ୍ୟୋତି'ର ଦେବତାମାନଙ୍କ ସହ ସମାନ ସଖ୍ୟ ମାଧ୍ୟମରେ ଲକ୍ଷ୍ୟପ୍ରାପ୍ତି ସମ୍ଭବ ହେବ । ''ତୁମ ଦେବଗଣଙ୍କ ସହିତ ପ୍ରାଚୀନକାଳରୁ ଆମର ସଖ୍ୟ ଯେପରି ଥିଲା ଏବେ ମଧ୍ୟ ସେହିପରି ରହୁ, ସମ୍ୟକ୍ ବାଣୀ ଉଚ୍ଚାରଣ କରୁଥିବା ଅଙ୍ଗିରସଗଣଙ୍କ ସହିତ ମିଳି ତୁମେ ଅଚଳ ଅଚ୍ୟୁତକୁ ଚ୍ୟୁତ କରିଥିଲ ଏବଂ ତୁମ ଦିଗରେ କ୍ଷେପି ଆସୁଥିବା ବଳକୁ ବଧ କରିଥିଲ, ହେ କର୍ମସମ୍ପାଦକ ! ତୁମେହିଁ ତା'ର ନଗରଦ୍ୱାରଗୁଡ଼ିକ ଅନାବୃତ କରି ଦେଇଥିଲ'' (୬।୧୮।୫)[୫] । ମାନବୀୟ ସକଳ ପାରମ୍ପରିକ କଥାର ମୂଳରେ ଏହି ପ୍ରାଚୀନ ସ୍ମୃତି ରହିଛି – ଇନ୍ଦ୍ର ଓ ମହାସର୍ପ ବୃତ୍ରର, ଆପୋଲୋ ଓ ପାଇଥନ୍‌ର, ଥର୍ ଓ ଦୈତ୍ୟସମୂହର, ସିଗାର୍ଡ଼ ଓ ଫାଫନିରଙ୍କର ଏହି କାହାଣୀ; ଏଥିରେ ରହିଛି 'କେଲଟିକ୍' ପୁରାଣରେ ଥିବା ପରସ୍ପର ବିରୋଧୀ ଦେବଗଣଙ୍କ ଚିତ୍ର; କିନ୍ତୁ କେବଳ ବେଦ ମଧ୍ୟରେ ଏହି ରୂପକ ଚିତ୍ରମାନଙ୍କ ରହସ୍ୟର ଚାବି ଥିବାର ଆମେ ଦେଖୁ ଓ ଏହାରି ମଧ୍ୟରେହିଁ ପ୍ରାକ୍-ଐତିହାସିକ ମାନବଜାତିର ଆଶା ବା ଜ୍ଞାନ ପ୍ରଚ୍ଛନ୍ନ ଥିବାର ଦେଖାଯାଏ ।

ପ୍ରଥମେ ଆମେ ଯେଉଁ ସୂକ୍ତଟିର ଆଲୋଚନା କରିବୁ, ତାହା (୩।୩୯) ମହର୍ଷି ବିଶ୍ୱାମିତ୍ରଙ୍କର ସୂକ୍ତ; କାରଣ ଏହା ଆମକୁ ବିଷୟଟିର ମର୍ମସ୍ଥଳରେ ସିଧା ଆଣି ପହଞ୍ଚାଇ ଦିଏ । ପିତୃମାନଙ୍କ ଧୀ-ସମ୍ବନ୍ଧୀୟ (**ପିତ୍ର୍ୟା ଧୀଃ**) ବର୍ଣ୍ଣନା ସହିତ ଏହାର ଆରମ୍ଭ ହୋଇଛି ।

---

[୫] **ତନ୍ନଃ ପ୍ରତ୍ନଂ ସଖ୍ୟମସ୍ତୁ ଯୁଷ୍ମେ ଇତ୍‌ଥା ବଦଭିର୍ବଲମଙ୍ଗିରୋଭିଃ ।**
ହନ୍ନଚ୍ୟୁତଚ୍ୟଦସ୍ମେଷୟନ୍ତମୃଣୋଃ ପୁରୋ ବି ଦୁରୋ ଅସ୍ୟ ବିଶ୍ୱାଃ ॥ (ଗ - ୬।୧୮।୫)

ଅତ୍ରିଗଣ ଯେଉଁ ସ୍ୱର୍-ଜୟିନୀ ଧୀ-ର ସ୍ତୁତିଗାନ କରିଥିଲେ; ନବଗ୍ୱମାନଙ୍କ ନିମନ୍ତେ ଅୟାସ୍ୟ ଯେଉଁ ସପ୍ତଶୀର୍ଷ୍ଣୀ ଧୀ ଆବିଷ୍କାର କରିଥିଲେ; ଏହି ଧୀ ଯେ ପିତୃଗଣଙ୍କର ତା' ବ୍ୟତୀତ ଏହା ଅନ୍ୟକିଛି ହୋଇ ନ ପାରେ; କାରଣ ଏହି ସୂକ୍ତରେ ମଧ୍ୟ ପିତୃଗଣରୂପୀ ଅଙ୍ଗିରସମାନଙ୍କ ପ୍ରସଙ୍ଗରେ ସେହି କଥା କୁହାଯାଇଛି । ''ଯେଉଁ ମତି (ଧୀ) ହୃଦୟ ମଧ୍ୟରୁ ନିଜକୁ ଅଭିବ୍ୟକ୍ତ କରେ ଓ ସ୍ତୋମରେ ପରିଣତ ହୁଏ, ଅଧିପତି ଇନ୍ଦ୍ରଙ୍କ ଅଭିମୁଖରେ ତାହା ଗତି କରେ'' (୧ମା ଋକ୍)[୬] । ଆମକୁ ଲାଗେ ଇନ୍ଦ୍ର ହେଉଛନ୍ତି ଦୀପ୍ତ ମନର, ଶକ୍ତିର, ଜ୍ୟୋତିର ତଥା ଏହାର ବିଦ୍ୟୁଲ୍ଲୋକର ଅଧିପତି; ବାକ୍‌ଗଣଙ୍କୁ ଅଥବା ମତିମାନଙ୍କୁ ଗୋ ବା ନାରୀରୂପେ ଏବଂ ଇନ୍ଦ୍ରଙ୍କୁ ବୃଷଭ ବା ପତିରୂପେ ଏଥିରେ ନିରନ୍ତର ଚିତ୍ରଣ କରାଯାଇଛି ଏବଂ ବାଣୀମାନେ ତାଙ୍କୁ କାମନା କରନ୍ତି; ଏପରିକି କୁହାଯାଇଛି ଯେ ସେମାନେ ତାଙ୍କୁ ଅନ୍ୱେଷଣ କରିବା ପାଇଁ ନିଜକୁ ଊର୍ଦ୍ଧ୍ୱକୁ ପ୍ରକ୍ଷିପ୍ତ କରନ୍ତି; ଋ-୧।୯।୪ ଋକ୍ ଏଥିପାଇଁ ତୁଚ୍ଛନୀୟ — **ସିନ୍ଧୁ ପ୍ରତି ତ୍ୱାମ୍ ଉଦ୍ ଅହାସତ... ବୃଷଭଂ ପତିମ୍** । ବୈଦିକ ଭାବନା ଓ ବୈଦିକ ବାଣୀରେ ଯେଉଁ ଲକ୍ଷ୍ୟ ଉଦ୍ଦିଷ୍ଟ ତାହା ହେଉଛି 'ସ୍ୱର୍' ର ଦୀପ୍ତ ମନ, ଏବଂ ଏହାର ଅର୍ଥ ହେଉଛି ଅନ୍ତଃପୁରୁଷଙ୍କ ଅବଚେତନ ଗହ୍ୱର ମଧ୍ୟରେ ଆବଦ୍ଧ ହୋଇ ରହିଥିବା ଦୀପ୍ତିରୂପକ ଗୋଯୂଥ ଊର୍ଦ୍ଧ୍ୱକୁ ପ୍ରେରିତ ହେଉଛନ୍ତି; ସ୍ୱର୍ଲୋକର ଅଧିପତି ଇନ୍ଦ୍ର ହେଉଛନ୍ତି ଏହିସବୁ ଯୂଥର ପତି — **'ଗୋପତିଃ'** ।

ଧୀ ବିଷୟରେ ଋଷିଙ୍କ ବର୍ଣ୍ଣନା ଅବ୍ୟାହତ ରହିଛି । ଏହା ସେହି ''ଧୀ ଯାହା ଥରେ ପ୍ରକାଶିତ ହେଲେ ସର୍ବଦା ସଜ୍ଞାନରେ ଜାଗ୍ରତ୍ ଅବସ୍ଥାରେ ରହେ'', ଏହା ପଣିମାନଙ୍କ ନିଦ୍ରା ଦ୍ୱାରା ଅଭିଭୂତା ହୁଏନା, **ୟା ଜାଗୃବିଃ ବିଦଥେ ଶସ୍ୟମାନା (୨ୟା ଋକ୍)**[୭], ''ହେ ଇନ୍ଦ୍ର, ଯାହା ତୁମଠାରୁ (ବା ତୁମ ପାଇଁ) ଜାତ ହୁଏ ତା' ସମ୍ବନ୍ଧରେ ଅବଗତ ହୁଅ ।'' ବେଦରେ ଏହି ସୂତ୍ର ନିରନ୍ତର ରହିଛି । ଦେବଙ୍କର ବା ଭଗବାନଙ୍କର କାର୍ଯ୍ୟ ହେଲା ମନୁଷ୍ୟ ମଧ୍ୟରେ ତାଙ୍କ ସକାଶେ ଯାହାକିଛି ଉଦ୍‌ବୁଦ୍ଧ ହୁଏ, ସେ ସମ୍ବନ୍ଧରେ ଅବହିତ ହେବା ଏବଂ ଆମ ମଧ୍ୟରେ ତାଙ୍କ ପ୍ରତି ଥିବା ଜ୍ଞାନରେ ଯେଉଁ ଜାଗୃତି ଆସେ ସେ ବିଷୟରେ ସଚେତନ ହେବା (**ବିଦ୍ଧି, ଚେତଥଃ**, ଇତ୍ୟାଦି), ନଚେତ୍ ଏହା ମାନବୀୟ ହୋଇ ରହିଯାଏ, ''ଦେବତାଙ୍କ ନିକଟକୁ ଯାଏ'' (**ଦେବେଷ୍ଟି ଗଚ୍ଛତି**) ବୋଲି ଯାହା କୁହାଯାଇଛି ତାହା ଘଟେ ନାହିଁ । ତା'ପରେ କୁହାଯାଇଛି — ''ଏହା ପ୍ରାଚୀନ (ବା ସନାତନ)

---

୬ ଇନ୍ଦ୍ରଂ ମତିର୍ହୃଦ ଆ ବଚ୍ୟମାନାଚ୍ଛା ପତିଂ ସ୍ତୋମତଷ୍ଟା ଜିଗାତି । (ଋ - ୩।୩୯।୧)

୭, ୮ ଦିବିଣ୍ଟିଦା ପୂର୍ବ୍ୟା ଜାୟମାନା ବି ଜାଗୃବିର୍ବିଦଥେ ଶସ୍ୟମାନା ।
ଭଦ୍ରା ବସ୍ତ୍ରାଣ୍ୟର୍ଜୁନା ବସାନା ସେୟମସ୍ମେ ସନିଜା ପିତ୍ର୍ୟା ଧୀଃ ॥ (ଋ - ୩।୩୯।୨)

ଓ ଏହା ସ୍ୱର୍ଗଜାତ; ଯେତେବେଳେ ଏହା ପ୍ରକାଶିତ ହୁଏ ସେତେବେଳେ ସଜ୍ଞାନରେ ଜାଗ୍ରତ୍ ହୋଇ ରହେ; ଏହା ଶୁଭ୍ର ସୁଖମୟ ବସ୍ତ୍ରରେ ପରିହିତା, ଆମ ମଧ୍ୟରେ ଏହା ପିତୃଗଣଙ୍କ ପ୍ରାଚୀନା ଧୀ'' – **ସେୟମ୍ ଅସ୍ମେ ସନଜା ପିତ୍ର୍ୟା ଧୀଃ** (ଋକ୍-୨)[୮]। ତା'ପରେ ଋଷି ଏହି ଧୀ ସମ୍ବନ୍ଧରେ ଏହିପରି କହନ୍ତି – ''ଏ ଯମଜଙ୍କର ମାତା, ଇହଲୋକରେ ଯୁଗ୍ମମାନଙ୍କୁ ଜନ୍ମ ଦେଇଛନ୍ତି; ଜିହ୍ୱାର ଅଗ୍ରଭାଗରେ ଏ ଅବତରଣ କରନ୍ତି ଓ ସେଠାରେ ଦଣ୍ଡାୟମାନା ହୁଅନ୍ତି; ଜାତ ହେବା ସମୟରେ ଯମଜ ଦେହ ଦୁଇଟି ପରସ୍ପର ସହିତ ସଂଲଗ୍ନ ଥାଏ, ସେ ଦୁହେଁ ତମଃ ନାଶ କରନ୍ତି ଏବଂ ଜ୍ୱଳନ୍ତ ଶକ୍ତି ଉପରେ ପ୍ରତିଷ୍ଠିତ ହୋଇ ଗତି କରନ୍ତି'' (ଋକ୍ - ୩)[୯]। ଏହି ଜ୍ୟୋତିର୍ମୟ ଯମଜଦ୍ୱୟ କିଏ – ଏହା ମୁଁ ବର୍ତ୍ତମାନ ଆଲୋଚନା କରିବାକୁ ଯାଉ ନାହିଁ, କାରଣ ସେପରି କଲେ ଆମକୁ ବର୍ତ୍ତମାନର ପ୍ରସଙ୍ଗ-ପରିସରର ବାହାରକୁ ଚାଲିଯିବାକୁ ହେବ; ଏତିକି କହିଲେ ଯଥେଷ୍ଟ ହେବ ଯେ ଅଙ୍ଗିରସଗଣ ଏବଂ ସେମାନଙ୍କ ପରମ ଜନ୍ମ ('ସତ୍ୟ'ର ଲୋକ)ର ପ୍ରତିଷ୍ଠା ପ୍ରସଙ୍ଗରେ କୌଣସି ଏକ ସ୍ଥାନରେ ଏହି ଜମଜ ବିଷୟ କୁହାଯାଇଛି, ଇନ୍ଦ୍ର ଯାହାମଧ୍ୟରେ ଏହି ଅଭିବ୍ୟକ୍ତିଶୀଳ ବାଣୀକୁ (word of the expression) ସ୍ଥାପନ କରଥାନ୍ତି (୧।୮୩।୩)। ଯେଉଁ ଜ୍ୱଳନ୍ତ ଶକ୍ତିର ଭିତ୍ତିରେ ସେମାନେ ଗତି କରନ୍ତି ତାହା ସ୍ପଷ୍ଟତଃ ତମୋନାଶକ ସୂର୍ଯ୍ୟଙ୍କର ଶକ୍ତି, ସୁତରାଂ ଏହି ଭିତ୍ତିହିଁ ପରମ ଲୋକ ସହ ସମାନ, ଋତର ଭିତ୍ତି, ''**ଋତସ୍ୟ ବୁଧ୍ନେ**'', ଏବଂ ପରିଶେଷରେ ଏହା ମଧ୍ୟ ସ୍ପଷ୍ଟ ଯେ ଏମାନେ ସୂର୍ଯ୍ୟଙ୍କ ସନ୍ତାନ ଯମ ଓ ଯମୀଙ୍କ ସହିତ ଅସମ୍ପର୍କିତ ହୋଇ ନ ପାରନ୍ତି – ଏହି ଯମ ଦଶମ ମଣ୍ଡଳରେ ଅଙ୍ଗିରସ ଋଷିମାନଙ୍କ ସହିତ ସମ୍ବନ୍ଧିତ।[୧୦]

ପିତୃଗଣଙ୍କ ଏହି ଧୀ ଓ ଏହାର ତମୋନାଶକ ଯମଜ ସନ୍ତାନମାନଙ୍କର ଏହିପରି ବର୍ଣ୍ଣନା ପରେ ବିଶ୍ୱାମିତ୍ର ଏହାର ପ୍ରଥମ ସୃଜନକାରୀ ପିତୃଗଣଙ୍କ କଥା ଏବଂ ସେମାନଙ୍କର ସେହି ମହାନ୍ ଜୟର କଥା କହିଛନ୍ତି ଯାହାଦ୍ୱାରା ସେମାନେ ''ଅନ୍ଧକାର ମଧ୍ୟରେ ଅବସ୍ଥିତ ସତ୍ୟକୁ ଅର୍ଥାତ୍ ସୂର୍ଯ୍ୟଙ୍କୁ'' ଆବିଷ୍କାର କରିଥିଲେ। ''ମର୍ତ୍ତ୍ୟମାନଙ୍କ ମଧ୍ୟରେ ଏପରି କେହି

---

୯ **ଯମା ଚିଦତ୍ର ଯମସୂରସୂତ ଜିହ୍ୱାୟା ଅଗ୍ରଂ ପତଦା ହ୍ୟସ୍ଥାତ୍।**
ବପୁଂସି ଜାତା ମିଥୁନା ସଚେତେ ତମୋହନା ତପୁଷୋ ବୁଧ୍ନ ଏତା। (ଋ-୩।୩୯।୩)

୧୦ ଦଶମ ମଣ୍ଡଳସ୍ଥ ଯମ ଓ ଯମୀଙ୍କ ସଂଳାପର ଅର୍ଥ ଏହିସବୁ ତଥ୍ୟକୁ ଆଧାର କରି ବୁଝିବାକୁ ହେବ। ଏହି ସଂଳାପରେ ଭ୍ରାତା ସହିତ ଭଗିନୀ ମିଳନ ଆକାଙ୍କ୍ଷା କରିଛି ଓ ପରବର୍ତ୍ତୀ ପିଢ଼ିର ବଂଶଜମାନଙ୍କ ପାଇଁ ରହସ୍ୟ ଉଦ୍‌ଘାଟନ ନିମନ୍ତେ ଛାଡ଼ି ଦିଆ ଯାଇଛି। 'ପରବର୍ତ୍ତୀ'ର ପ୍ରକୃତ ଅର୍ଥ ହେଉଛି କାଳର ପ୍ରତୀକାତ୍ମକ ସମୟସୀମା, 'ଉତ୍ତର କାଳ', ଶବ୍ଦଟିର ଅର୍ଥ ବରଂ 'ଉଚ୍ଚତର' ବୋଲି ସୂଚନା ଦେଉଛି।

ନାହିଁ ଯିଏ ସେମାନଙ୍କୁ ଅର୍ଥାତ୍ ଗୋମାନଙ୍କ ନିମନ୍ତେ ସଂଗ୍ରାମରତ ଆମର ପ୍ରାଚୀନ ପିତୃଗଣଙ୍କୁ ନିନ୍ଦା କରିପାରେ (ଅଥବା, ଏହାର ଅର୍ଥ ମୋର ଯେପରି ମନେହୁଏ — ମର୍ତ୍ୟର ଏପରି କୌଣସି ଶକ୍ତି ନାହିଁ ଯାହା ସେମାନଙ୍କୁ ସୀମିତ ବା ବଦ୍ଧ କରି ରଖିପାରେ), ସେମାନଙ୍କ ପାଇଁ ପରାକ୍ରମୀ ଇନ୍ଦ୍ର ତଥା ସଫଳକର୍ମୀ ଇନ୍ଦ୍ର ଦୃର୍ଗ ପରି ସୁରକ୍ଷିତ ଗୋବନ୍ଦିଶାଳାଗୁଡ଼ିକର ଦ୍ୱାରକୁ ଉର୍ଦ୍ଧ୍ୱ ଆଡ଼କୁ ଉନ୍ମୁକ୍ତ କରିଦେଲେ — ଏହା ସେହି ଉର୍ଦ୍ଧ୍ୱଲୋକ ଯେଉଁଠାରେ ମିତ୍ରରୂପୀ ଇନ୍ଦ୍ର ନିଜ ଅନ୍ୟ ମିତ୍ର, ଯୋଦ୍ଧା, ନବଗ୍ୱମାନଙ୍କ ସହିତ ଆଣ୍ଠେଇ ଆଣ୍ଠେଇ ଗୋମାନଙ୍କୁ ଅନୁସରଣ କରିଥିଲେ । ଦଶଜଣ ନବଗ୍ୱଙ୍କ ସହିତ ଇନ୍ଦ୍ର ସେହି ସତ୍ୟକୁ (ସତ୍ୟଂ ତତ୍) ଲାଭ କରିଥିଲେ, ଏପରିକି ଅନ୍ଧକାର ମଧ୍ୟରେ ଅବସ୍ଥିତ ସୂର୍ଯ୍ୟଙ୍କୁ ବି ପ୍ରାପ୍ତ ହୋଇଥିଲେ'' (ଋକ୍-୪-୫)[୧୧] । ଜ୍ୟୋତିର୍ମୟ ଗୋଯୂଥକୁ ଜୟକରି ଆଣିବାର ଏବଂ ପ୍ରଚ୍ଛନ୍ନ ସୂର୍ଯ୍ୟଙ୍କୁ ଆବିଷ୍କାର କରିବାର ଏହି ରୂପକଳ୍ପଟି ବେଦରେ ପ୍ରାୟଶଃ ଦେଖାଯାଏ; କିନ୍ତୁ ପରବର୍ତ୍ତୀ ଋକ୍‌ରେ ଯେଉଁ ଅନ୍ୟଦୁଇଟି ରୂପକଳ୍ପ ସହିତ ଏହା ସଂଶ୍ଳିଷ୍ଟ, ଯାହା ବୈଦିକ ସୂକ୍ତଗୁଡ଼ିକରେ ପୁନଃ ପୁନଃ ଦେଖାଯାଏ, ତାହା ହେଉଛି — ଗୋଚାରଣ ଭୂମି ବା କ୍ଷେତ୍ର ଏବଂ ଗୋ ମଧ୍ୟରେ ଥିବା ମଧୁ । ''ଗୋଚାରଣ ଭୂମିରେ ପଦ ଓ ଖୁରଯୁକ୍ତ[୧୨]'' ସମ୍ପଦସ୍ୱରୂପ ଉଜ୍ଜ୍ୱଳ ରୂପଧାରିଣୀଙ୍କୁ ଇନ୍ଦ୍ର ଦେଖିବାକୁ ପାଇଲେ ଯାହାଙ୍କ ମଧ୍ୟରେ ମଧୁ ସଂଚିତ ହୋଇ ରହିଥିଲା ।'' (ଋକ୍-୬)[୧୩] । ଉଜ୍ଜ୍ୱଳ ରୂପଧାରିଣୀ 'ଉସ୍ରିୟା'('ଉସ୍ରା' ମଧ୍ୟ) ଆଉ ଗୋଟିଏ ଶବ୍ଦ ଯାହା ଗୋ ଅର୍ଥ ପରି ରଶ୍ମି ଓ ଗାଭୀ ଦ୍ୱ୍ୟର୍ଥବୋଧକ ଏବଂ ବେଦରେ ଏହା 'ଗୋ'ର ପ୍ରତିଶବ୍ଦରୂପେ ବ୍ୟବହୃତ ହୋଇଛି । ଆମେ ଅନବରତ ଗାଭୀ ମଧ୍ୟରେ ସଞ୍ଚିତ ଘୃତ ତଥା ଶୁଣିଥାଉ । ବାମଦେବଙ୍କ ଉକ୍ତି ଅନୁସାରେ ପଣିମାନେ ସେଠାରେ ଏହାକୁ ତିନି ଅଂଶରେ ବିଭକ୍ତ କରି ଲୁଚାଇ ରଖିଛନ୍ତି; କିନ୍ତୁ କେତେବେଳେ ଏହା ମଧୁଯୁକ୍ତ ଘୃତ ତ କେତେବେଳେ ପୁଣି କେବଳ ମଧୁ, ମଧୁମଦ୍ ଘୃତମ୍ (୯।୮୬।୩୭) ଓ ମଧୁ । ଅନ୍ୟାନ୍ୟ ସୂକ୍ତରେ

---

୧୧ ନିକିରେଷାଂ ନିନ୍ଦିତା ମର୍ତ୍ତ୍ୟେଷୁ ୟେ ଅସ୍ମାଙ୍ଂ ପିତରୋ ଗୋଷୁ ଯୋଧାଃ ।
ଇନ୍ଦ୍ର ଏଷାଂ ଦୃଂହିତା ମାହିନାବାନୁତ୍ ଗୋତ୍ରାଣି ସସ୍ୱଜେ ବଂସନାବାନ୍ ॥
ସଖା ହ ୟତ୍ର ସଖିଭିର୍ନବଗ୍ୱୈରଭିଜ୍ଞା ସତ୍ୱଭିର୍ଗା ଅନୁଗ୍ମନ୍ ।
ସତ୍ୟଂ ତଦିନ୍ଦ୍ରୋ ଦଶଭିର୍ଦଶଗ୍ୱୈଃ ସୂର୍ୟଂ ବିବେଦ ତମସି କ୍ଷିୟନ୍ତମ୍ ॥
(ଋ-୩ ।୩୯।୪,୫)

୧୨ ''ନମୋ ଗୋଃ'' । 'ନମ' ନମ୍‌ଧାତୁରୁ ନିଷ୍ପନ୍ନ, ଯାହାର ଅର୍ଥ ଗତିକରିବା, ବିଚରଣ କରିବା । ଗ୍ରୀକ୍ ଭାଷାରେ 'ନେମୋ', ନମ୍ ଶବ୍ଦର ଅର୍ଥ କ୍ଷେତ୍ର, ଗୋଚାରଣ ଭୂମି, ଗ୍ରୀକ୍ ଭାଷାର ନମୋଇ୍ (Namos) ।

୧୩ ଇନ୍ଦ୍ରୋ ମଧୁ ସଂଭୃତମୁସ୍ରିୟାୟାଂ ପଦ୍ୱଦ୍ଧିବେଦ ଶଫବଦ୍ଗମେ ଗୋଃ ॥୬॥

ଆମେ ଦେଖିଛୁ ଯେ ଗୋଜାତ ଘୃତ ଓ ସୋମଲତାର ରସ କେତେ ନିବିଡ଼ ଭାବରେ ପରସ୍ପର ସଂଯୁକ୍ତ ଏବଂ ବର୍ତ୍ତମାନ ଯେତେବେଳେ ଆମେ 'ଗୋ'ର ଅର୍ଥ ଯେ ପ୍ରକୃତରେ କ'ଣ ତାହା ନିଶ୍ଚିତ ଭାବରେ ଜାଣିପାରିଲୁ ସେତେବେଳେ ଏହି ଅଦ୍ଭୁତ ଓ ଅସଙ୍ଗତ ସଂଯୋଗଟି ସରଳ ଓ ଅତ୍ୟନ୍ତ ସ୍ପଷ୍ଟ ହୋଇ-ଯାଉଛି । ଆଉମଧ୍ୟ ଘୃତର ଅର୍ଥ ଦୀପ୍ତି, ଏହା ଭାସ୍ୱର 'ଗୋ'ଠାରୁ ଦୋହନ କରାଯାଇଥିବା ଭାସ୍ୱର ଦୁଗ୍ଧ; ଏବଂ ଦୀପ୍ତ ଚେତନା ମଧ୍ୟରେ ସଞ୍ଚିତ ହୋଇ ରହିଥିବା ଏହି ବସ୍ତୁ ହେଉଛି ମାନସିକତା ମଧ୍ୟରେ ସଚେତନ ଜ୍ଞାନର ରୂପାୟିତ ଆଲୋକ ଏବଂ ଗୋମୋଚନ ଫଳରେ ଏହା ମୁକ୍ତିଲାଭ କରେ : ସୋମ ହେଉଛି ଆହ୍ଲାଦ, ସୁଖ ଓ ଆନନ୍ଦ, ସତ୍ତାର ଦୀପ୍ତାବସ୍ଥାଠାରୁ ଏହା ଅବିଭାଜ୍ୟ; ବେଦର ବକ୍ତବ୍ୟ ଅନୁସାରେ ଆମ ମଧ୍ୟରେ ମାନସିକତାର ତିନି ସ୍ତର ଯେପରି ରହିଛି ଠିକ୍ ସେହିପରି ଘୃତର ତିନୋଟି ଭାଗ ରହିଛି, ଏଗୁଡ଼ିକ ସୂର୍ଯ୍ୟ, ଇନ୍ଦ୍ର ଓ ସୋମ ଏହି ତିନି ଦେବତାଙ୍କ ଉପରେ ନିର୍ଭରଶୀଳ, ଏବଂ ସୋମ ମଧ୍ୟ ତିନି ଅଂଶରେ, ପର୍ବତର ତିନି ସ୍ତରରେ, **ତ୍ରିଷ୍ଟୁ ସାନୁଷୁ**, ଅର୍ପିତ ହୁଏ । ଏହି ତିନି ଦେବତାଙ୍କ ସ୍ୱଭାବ ପ୍ରତି ଲକ୍ଷ୍ୟ କରି ଆମେ କଳ୍ପନା କରିପାରିବା ଯେ ସୋମ ଇନ୍ଦ୍ରିୟଗତ ମାନସିକତାରୁ, ଇନ୍ଦ୍ର ପ୍ରତ୍ୟୁତ୍ପନ୍ନ କ୍ରିୟାଶୀଳ ମାନସିକତାରୁ ଏବଂ ସୂର୍ଯ୍ୟ ଶୁଦ୍ଧ-ବିବେଚନଶୀଳ ମାନସିକତାରୁ ଦିବ୍ୟ ଆଲୋକକୁ ମୁକ୍ତ କରନ୍ତି । ଗୋଚାରଣ-ଭୂମି ସମ୍ବନ୍ଧରେ ଯଦି କହିବାକୁ ହୁଏ ତେବେ ଏ ବିଷୟରେ ଆମେ ପୂର୍ବେ କହିସାରିଛୁ । ଏହା ସେହି କ୍ଷେତ୍ର ଯାହାକୁ ଇନ୍ଦ୍ର ନିଜ ଭାସ୍ୱର ସଖାମାନଙ୍କ ନିମନ୍ତେ ଦସ୍ୟୁମାନଙ୍କଠାରୁ ଜୟ କରିଥିଲେ ଏବଂ ଅତ୍ରି ଯାହା ମଧ୍ୟରେ ଯୋଦ୍ଧା ଅଗ୍ନିଙ୍କୁ ଓ ଜ୍ୟୋତିର୍ମୟ ଗୋମାନଙ୍କୁ ଏପରିକି ସେମାନଙ୍କ ମଧ୍ୟରୁ ଯେଉଁମାନେ ବୃଦ୍ଧା ହୋଇ ମଧ୍ୟ ପୁନର୍ବାର ତରୁଣୀ ହୋଇ ଉଠିଥିଲେ, ସେଇମାନଙ୍କୁ ଦେଖିଥିଲେ । ଦେବତାମାନେ ଯଜ୍ଞ-ଦ୍ୱାରା ମାନବର ଅନ୍ତଃପୁରୁଷକୁ ଯେଉଁ ଜ୍ୟୋତିର୍ମୟ ଧାମକୁ (କ୍ଷୟକୁ) ନେଇଯା'ନ୍ତି ଏହି କ୍ଷେତ୍ର ତାହାର ଅନ୍ୟ ଏକ ରୂପକଳ୍ପ ।

ତା'ପରେ ଏହି ରୂପକଗୁଡ଼ିକର ପ୍ରକୃତ ରହସ୍ୟାର୍ଥର ସୂଚନା ଦେବା ପାଇଁ ବିଶ୍ୱାମିତ୍ର ଅଗ୍ରସର ହୋଇଛନ୍ତି — ''ଗୁହା ମଧ୍ୟରେ ନିହିତ ଓ ଜଳରାଶି ମଧ୍ୟରେ ସଂଗୁପ୍ତ ସେହି ଗୁହ୍ୟ ବସ୍ତୁକୁ ଦକ୍ଷିଣାବାନ୍ ନିଜ ଦକ୍ଷିଣ ହସ୍ତରେ (**ଦକ୍ଷିଣେ ଦକ୍ଷିଣାବାନ୍**) ଧାରଣ କରିଥିଲେ । ପୂର୍ଣ୍ଣରୂପେ ଜ୍ଞାତ ହୋଇ ସେ ଜ୍ୟୋତିଃକୁ ଅନ୍ଧକାରଠାରୁ ପୃଥକ୍ କରନ୍ତୁ (**ଜ୍ୟୋତିଃ ବୃଣୀତ ତମସୋ ବିଜାନନ୍**), ଆମେ ଯେପରି ଅଶୁଭର ଉପସ୍ଥିତିଠାରୁ ଦୂରରେ ରହୁ'' (ଋକ୍-୬-୭)[୧୪] । ଏହି ଦେବୀ ଦକ୍ଷିଣାଙ୍କ ସ୍ୱରୂପ ଜାଣିବା ପାଇଁ ଏଠାରେ ଏକ ସୂତ୍ର ମିଳୁଛି,

---

[୧୪] **ଗୁହାହିତଂ ଗୁହ୍ୟଂ ଗୂଳ୍ହମପ୍ସୁ ହସ୍ତେ ଦଧେ ଦକ୍ଷିଣେ ଦକ୍ଷିଣାବାନ୍ ॥୬॥**
ଜ୍ୟୋତିର୍ବୃଣୀତ ତମସୋ ବିଜାନନ୍ନାରେ ସ୍ୟାମ ଦୁରିତାଦଭୀକେ ॥୭॥

କୌଣସି କୌଣସି ସୂକ୍ତରେ ଏହି ଦେବୀ ହେଉଛନ୍ତି ଉଷାଙ୍କର ଏକ ରୂପ ବା ଉପାଧି ଏବଂ ଅନ୍ୟ କେତେକ ସୂକ୍ତରେ ଏହି ଦେବୀ ଯଜ୍ଞରେ ନିବେଦିତ ସମସ୍ତ ହବିଃକୁ ସଂବିଭକ୍ତ କରୁଥିବାର ମନେହୁଏ; ଏହାଙ୍କର ଯଥାର୍ଥ ସନ୍ଧାନ ଏଠାରେ ମିଳେ । ଉଷା ହେଉଛନ୍ତି ଦିବ୍ୟଦୀପ୍ତି ଏବଂ ଦକ୍ଷିଣା ହେଉଛନ୍ତି ଏହି ଉଷାଙ୍କ ସହିତ ଆଗମନ କରୁଥିବା ବିଚାରଶୀଳ ଜ୍ଞାନ ଯାହା ମନରେ ଥିବା ଦିବ୍ୟଶକ୍ତିସ୍ୱରୂପ ଇନ୍ଦ୍ରଙ୍କୁ କାର୍ଯ୍ୟକ୍ଷମ କରାଏ, ଅର୍ଥାତ୍ ଯଥାର୍ଥ ସତ୍ୟକୁ ଜାଣିବା, ଅନ୍ଧକାରଠାରୁ ଆଲୋକକୁ, ଅନୃତଠାରୁ ସତ୍ୟକୁ, କୁଟିଳତାଠାରୁ ସରଳତାକୁ ପୃଥକ୍ କରିବାରେ ସମର୍ଥ ହେବା — **ବୃଣୀତ ବିଜ୍ଞାନନ୍** । ଇନ୍ଦ୍ରଙ୍କର ଦକ୍ଷିଣହସ୍ତ ଓ ବାମହସ୍ତ ହେଲେ ଜ୍ଞାନ ମଧ୍ୟରେ ତାଙ୍କ କ୍ରିୟାର ଦୁଇ ଶକ୍ତି; କାରଣ ତାଙ୍କ ଦୁଇହସ୍ତ 'ଗଭସ୍ତି' ନାମରେ ଅଭିହିତ, ସାଧାରଣତଃ ଏହି ଶବ୍ଦର ଅର୍ଥ ସୂର୍ଯ୍ୟଙ୍କର ରଶ୍ମି, ତାଙ୍କ ଅଗ୍ରଭୁଜ ମଧ୍ୟ, ଏବଂ ସେ ଦୁହେଁ ତାଙ୍କର ବୋଧନଶୀଳ ଦୁଇଶକ୍ତି, ତାଙ୍କର ଦୁଇ ଉଜ୍ଜ୍ୱଳ ଅଶ୍ୱ (ହରୀ) ସହ ସମ୍ପର୍କିତ, ଯଥା — ଏହି ଅଶ୍ୱମାନେ ସୂର୍ଯ୍ୟଚକ୍ଷୁ (**ସୂର୍ଯ୍ୟ-ଚକ୍ଷସା**) ଏବଂ ସୂର୍ଯ୍ୟଙ୍କର ବୋଧନଶୀଳ ଦୃଷ୍ଟିଶକ୍ତିଗଣ — **ସୂର୍ଯସ୍ୟ କେତୂଃ** — ବୋଲି ବର୍ଣ୍ଣିତ । ଦକ୍ଷିଣା ହେଉଛନ୍ତି ହସ୍ତସ୍ଥ ଶକ୍ତିର ଅଧିଷ୍ଠାତ୍ରୀ, ଦକ୍ଷିଣ, ତେଣୁ ଏହି ପଦର ଏକତ୍ର ଦ୍ୱିବିଧ ବ୍ୟବହାର ଆମେ ଦେଖୁ — **ଦକ୍ଷିଣେ ଦକ୍ଷିଣାବାନ୍** । ଏହି ବିଚାରବୁଦ୍ଧିହିଁ ଯଜ୍ଞର ଯଥାଯଥ କ୍ରିୟାରେ ଓ ନୈବେଦ୍ୟସମୂହର ଯଥାଯଥ ବିତରଣରେ ଅଧ୍ୟକ୍ଷତା କରନ୍ତି ଏବଂ ପଣିମାନଙ୍କ ପୁଞ୍ଜୀଭୂତ ଧନକୁ ନିଜ ଦକ୍ଷିଣ ହସ୍ତରେ ଦୃଢ଼ରୂପେ ଧାରଣ କରିବାକୁ ଏହାହିଁ ଇନ୍ଦ୍ରଙ୍କୁ ସମର୍ଥ କରାଏ । ଶେଷରେ ଆମକୁ କୁହାଯାଇଛି ଯେ ଆମ ପାଇଁ ଗୁହା ମଧ୍ୟରେ ରଖାଯାଇଥିବା ଏବଂ ସତ୍ତାରୂପକ ଆପଃ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏହି ଗୂଢ଼ ବସ୍ତୁଟି କ'ଣ, ଏହା ସେହି ଆପଃ ଯାହା ମଧ୍ୟରେ ପିତୃଗଣ ଦିବ୍ୟଧୀକୁ ସ୍ଥାପନ କରିବେ — **ଅପ୍ସୁ ଧ୍ୟଂ ଦଧିଷେ** । ଏହା ସେହି ପ୍ରଚ୍ଛନ୍ନ ସୂର୍ଯ୍ୟ, ଆମ ଦିବ୍ୟ ଅସ୍ତିତ୍ୱର ଗୂଢ଼ ଜ୍ୟୋତିଃ, ଏହାକୁ ଆବିଷ୍କାର କରିବାକୁ ହେବ ଏବଂ ଅନ୍ଧକାର ମଧ୍ୟରେ ପ୍ରଚ୍ଛନ୍ନହୋଇ ରହିଥିବା ଏହାକୁ ଜ୍ଞାନ ଦ୍ୱାରା ବାହାରକୁ ଆଣିବାକୁ ହେବ । ଏହା ଯେ କୌଣସି ଭୌତିକ ଜ୍ୟୋତିଃ ନୁହେଁ ତାହା 'ବିଜ୍ଞାନନ୍' ପଦର ବ୍ୟବହାରରୁ ଜଣାଯାଉଛି, କାରଣ ସମ୍ୟକ୍ ଜ୍ଞାନ ଦ୍ୱାରା ଏହା ପ୍ରାପ୍ତହେବ ଏବଂ ତା'ସହିତ ନୈତିକ ଫଳଲାଭ କରିବା ଦ୍ୱାରା ବି ଅର୍ଥାତ୍ ଆମେ ସମସ୍ତ ଅଶୁଭର ଉପସ୍ଥିତିଠାରୁ, 'ଦୁରିତାତ୍', 'ଦୁରିତ'ର ଆକ୍ଷରିକ ଅର୍ଥ ଭ୍ରାନ୍ତଗତି ବା ସ୍ଖଳନ, ତା'ଠାରୁ ଦୂରକୁ ଯାଇପାରିବା; ଯେପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ଲାଭକରା ନ ଯାଇଛି ଓ ଦିବ୍ୟ ଉଷାର ଉଦୟ ନ ହୋଇଛି ସେପର୍ଯ୍ୟନ୍ତ ଆମେ ସତ୍ତାର ରାତ୍ରି ମଧ୍ୟରେ ଏହି ଅଶୁଭର ଅଧୀନସ୍ଥ ହୋଇ ବାସକରୁଥିବା ।

ଗୋଯୂଥ, ସୂର୍ଯ୍ୟ, ମଧୁମଦ୍ୟ, ଆଙ୍ଗିରସ ଉପାଖ୍ୟାନର ଯାବତୀୟ ଘଟଣା ଏବଂ ପିତୃଗଣଙ୍କର କର୍ମ, ଏହି ବିଷୟଗୁଡ଼ିକ ଯଦ୍ୟପି କର୍ମକାଣ୍ଡୀୟ ଅଥବା ପ୍ରକୃତିବାଦୀ ବ୍ୟାଖ୍ୟା

ଦୃଷ୍ଟିରୁ ଅତ୍ୟନ୍ତ ଅସଂଗତଭାବେ ଯୋଡ଼ାତାଳି ପକାଇଲା ଭଳି ଲାଗେ, ସୂକ୍ତଗୁଡ଼ିକର ଐତିହାସିକ ବା ଆର୍ଯ୍ୟ-ଦ୍ରାବିଡ଼ୀୟ ମତଯୁକ୍ତ ବ୍ୟାଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକଭାବେ ଅସମ୍ଭବ ବୋଲି ମନେହୁଏ, ତଥାପି ଯଦି ଥରେ ଏସବୁରେ ନିହିତ ମର୍ମାର୍ଥର ସନ୍ଧାନସୂତ୍ର ଆମକୁ ମିଳିଯାଏ ତେବେ ଏଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ, ସୁସଂଲଗ୍ନ ବୋଲି ବୋଧ ହୋଇଯାନ୍ତି ଏବଂ ଗୋଟିଏ ଅନ୍ୟଟି ଉପରେ ଆଲୋକପାତ କରେ । ଆମେ ତେବେ ପ୍ରତ୍ୟେକ ଋକ୍‌କୁ ତା'ର ସମଗ୍ର ଅର୍ଥ ଦେଇ ବୁଝୁ ଏବଂ ଅନ୍ୟ ଋକ୍ ସହ ଥିବା ତା'ର ସମ୍ପର୍କକୁ ମଧ୍ୟ ବୁଝିପାରୁ; ବେଦର ପ୍ରତ୍ୟେକ ଅସଂବଦ୍ଧ ପଂକ୍ତି, ପ୍ରତ୍ୟେକ ସୂକ୍ତ, ପ୍ରତ୍ୟେକ ବିକୀର୍ଣ୍ଣ ସଂକେତ ଅନିବାର୍ଯ୍ୟ- ରୂପେ ଏକ ସାଧାରଣ ସମଗ୍ରତାର ସମ୍ପତ୍ତିରେ ପର୍ଯ୍ୟବସିତ ହୁଏ । ସତ୍ୟର ଉଜ୍ଜ୍ୱଳ କିରଣରୂପକ ଗୋ-ମଧ୍ୟରେ ଆନନ୍ଦରୂପୀ ମଧୁ କିପରି ସଂଚିତ ହୋଇ ରହିଛି; ସେହି ଜ୍ୟୋତିଃର ପ୍ରଭୁ ତଥା ଉଷସ୍ୱରୂପ ସୂର୍ଯ୍ୟଙ୍କ ସହିତ ମଧୁବାହିନୀ ଗୋମାନଙ୍କ ସମ୍ପର୍କ ବା କ'ଣ, ଅନ୍ଧକାରମଧସ୍ଥ ସୂର୍ଯ୍ୟଙ୍କ ଆବିଷ୍କାର, ଅଙ୍ଗିରସଗଣଙ୍କ ଦ୍ୱାରା ପଣିମାନଙ୍କଠାରୁ ଗୋ-ବିଜୟ ବା ପୁନରୁଦ୍ଧାର ବିଷୟ କାହିଁକି ସମ୍ପର୍କିତ; ଏହି ଉଦ୍ଧାରକୁ କାହିଁକି ସେହି ସତ୍ୟର ଆବିଷ୍କାର ବୋଲି କୁହାଯାଏ; ପଦ ଓ କ୍ଷୁରଯୁକ୍ତ ସମ୍ପଦ ଏବଂ ଗୋମାନଙ୍କର କ୍ଷେତ୍ର ଓ ଚାରଣଭୂମି ପ୍ରଭୃତି କହିଲେ କ'ଣ ବୁଝାଏ, ଏ ସମସ୍ତ ଆମେ ଜାଣିପାରୁ । ଆମେ ଆହୁରି ମଧ୍ୟ ବୁଝିବାକୁ ଆରମ୍ଭ କରୁ ଯେ ପଣିମାନଙ୍କର ଗୁହା କ'ଣ ଏବଂ 'ବଳ'ର ନିଜ ମଧ୍ୟରେ ଯାହା ପ୍ରଚ୍ଛନ୍ନ ଥିଲା ତାହା ମଧ୍ୟ ବୃତ୍ର କବଳରୁ ଇନ୍ଦ୍ରଙ୍କ ଦ୍ୱାରା ବିମୋଚିତ ହୋଇଥିବା ଜଳଧାରାମାନଙ୍କ ମଧ୍ୟରେ ବି ପ୍ରଚ୍ଛନ୍ନ ରହିଥିଲା ବୋଲି କାହିଁକି କୁହାଯାଇଛି; କାରଣ ଏହି ଜଳଧାରାମାନେ ହେଲେ ସପ୍ତନଦୀ ଯାହାକୁ ଅୟାସ୍ୟଙ୍କ ସପ୍ତଶୀର୍ଷୀ ସ୍ୱର୍ଗଜୟୀ ଧୀ ଅଧିକାର କରିଥିଲା; ଗୁହା ମଧ୍ୟରୁ ସୂର୍ଯ୍ୟଙ୍କୁ କାହିଁକି ଉଦ୍ଧାର କରାଯାଏ, ଏକ ସର୍ବ-ବିଚାରକ୍ଷମ ଜ୍ଞାନ ଦ୍ୱାରା ଅନ୍ଧକାରଠାରୁ ଜ୍ୟୋତିଃକୁ ପୃଥକ୍ ବା ଚୟନ କରାଯାଏ କାହିଁକି; ସରମା ଓ ଦକ୍ଷିଣା କିଏ ଏବଂ ଇନ୍ଦ୍ର ନିଜ ଦକ୍ଷିଣହସ୍ତରେ ଯେଉଁ କ୍ଷୁରଯୁକ୍ତ ସମ୍ପଦ ଧାରଣ କରନ୍ତି ତାହାର ଅର୍ଥ କ'ଣ, ଇତ୍ୟାଦି । ଆହୁରି ମଧ୍ୟ, ଏହିସବୁ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ କଥାଗୁଡ଼ିକର କୌଣସି କଷ୍ଟକଳ୍ପିତ ଅର୍ଥ ବାହାର କରିବାକୁ ପଡ଼େନା, ସେଇ ଏକା ପଦକୁ ସାମୟିକ ସୁବିଧା ଅନୁସାରେ ବିଭିନ୍ନରୂପେ ବ୍ୟାଖ୍ୟା କରିବାକୁ ହୁଏନା କିଂବା କୌଣସି ପଂକ୍ତି ବା ପଦଗୁଚ୍ଛକୁ ବିଭିନ୍ନ ସୂକ୍ତରେ ବିଭିନ୍ନରୂପେ ଗ୍ରହଣ କରିବାକୁ ହୁଏନା ଅଥବା ଅସଂଲଗ୍ନତାକୁ ଯଥାର୍ଥ ବ୍ୟାଖ୍ୟାର ମାନଦଣ୍ଡ ହିସାବରେ ସ୍ୱୀକାର କରିବାକୁ ପଡ଼େନା; ବରଂ ଅନ୍ୟପକ୍ଷରେ ଆମର ଏହି ବ୍ୟାଖ୍ୟାରେ ଋକ୍‌ଗୁଡ଼ିକର ପଦ ଓ ଆକାର ମଧ୍ୟରେ ଆହୁରି ଅଧିକ ବିଶ୍ୱସ୍ତତା ରହେ ଏବଂ ବେଦର ସାଧାରଣ ଓ ବିଶଦ ଅର୍ଥ ନିରନ୍ତର ସ୍ୱଚ୍ଛ ଓ ପୂର୍ଣ୍ଣରୂପେ ପ୍ରକାଶିତ ହୁଏ ।

ତେଣୁ ଯେଉଁ ତତ୍ତ୍ୱକୁ ଆମେ ଆବିଷ୍କାର କରିଛୁ ତାହାକୁ ଅନ୍ୟାନ୍ୟ ସୂକ୍ତରେ ପ୍ରୟୋଗ କରିବାର ଅଧିକାର ଆମର ସାବ୍ୟସ୍ତ ହେଉଛି, ସେହି ପରିପ୍ରେକ୍ଷୀରେ ଆମେ ବଶିଷ୍ଠଙ୍କ ସୂକ୍ତଟିକୁ ୭।୭୬ ନେବା ଯାହାକୁ ମୁଁ ଏହାପରେ ପରୀକ୍ଷା କରି ଦେଖିବାକୁ ଯାଉଛି, ବାହ୍ୟଦୃଷ୍ଟିରେ ଯଦିଓ ଏହା ପ୍ରାକୃତିକ ଉଷାର ଏକ ଆନନ୍ଦମୟ ବର୍ଣ୍ଣନା ବୋଲି ମନେହୁଏ । ସେ ଯାହା ବି ହେଉ, ଯେତେବେଳେ ଆମେ ଏହାକୁ ପରୀକ୍ଷା କରୁ ସେତେବେଳେ ଏହି ପ୍ରଥମ ଧାରଣା ଦୂର ହୋଇଯାଏ; ସେଠାରେ ଏକ ଗଭୀରତର ଅର୍ଥର ବ୍ୟଞ୍ଜନା ନିରନ୍ତର ଆମ ଆଖି ଆଗରେ ପ୍ରତିଭାତ ହୁଏ ଏବଂ ଆମକୁ ମିଳିଥିବା ଚାବିକୁ ଆମେ ଯେଉଁ ମୁହୂର୍ତ୍ତରେ ପ୍ରୟୋଗ କରୁ ସେତେବେଳେ ପ୍ରକୃତ ଅର୍ଥର ସଙ୍ଗତି ପ୍ରତ୍ୟକ୍ଷ ହୋଇଯାଏ । ଦେବତା ଓ ଅଙ୍ଗିରସମାନଙ୍କ ଦ୍ୱାରା ଯେଉଁ ପରମା ଉଷା ଆନୀତା ତାଙ୍କର ଜ୍ୟୋତିଃ ମଧ୍ୟରେ ସୂର୍ଯ୍ୟୋଦୟର ବର୍ଣ୍ଣନା ସହିତ ସୂକ୍ତଟିର ଆରମ୍ଭ । ‘‘ବିଶ୍ୱପୁରୁଷ (ବୈଶ୍ୱାନର) ସବିତାଦେବ ଯେଉଁ ଜ୍ୟୋତିଃ ମଧ୍ୟକୁ ଉତ୍ତରଣ କରିଛନ୍ତି ତାହା ଅମୃତ ତଥା ସମଗ୍ର ଜନ୍ମର ଜ୍ୟୋତି, **ଜ୍ୟୋତିରମୃତଂ ବିଶ୍ୱଜନ୍ୟମ୍**; ଯଜ୍ଞ-କର୍ମ ଦ୍ୱାରା ଦେବତାମାନଙ୍କ ଚକ୍ଷୁ ଜନ୍ମଲାଭ କରିଛି (ଅଥବା, ଦେବତାମାନଙ୍କ ସଂକଳ୍ପଶକ୍ତି ଦ୍ୱାରା ‘ଦୃଷ୍ଟି’ ଜନ୍ମଲାଭ କରିଛି); ଉଷା ବିଶ୍ୱଭୁବନକୁ ବ୍ୟକ୍ତ କରିଛନ୍ତି (ଅଥବା, ଯାହାକିଛି ଜାତ ହୁଏ, ଅର୍ଥାତ୍ ସମଗ୍ର ଅସ୍ତିତ୍ୱ, ବିଶ୍ୱଂ ଭୁବନମ୍, ସେ ଅଭିବ୍ୟକ୍ତ କରୁଛନ୍ତି)’’ (ଋକ୍-୧)[୧୫]। ଏହି ଯେଉଁ ଅମୃତ ଜ୍ୟୋତିଃ, ଯାହାମଧ୍ୟକୁ ସୂର୍ଯ୍ୟ ଉତ୍ତରଣ କରନ୍ତି, ତାକୁ ଅନ୍ୟତ୍ର ସତ୍ୟଜ୍ୟୋତିଃ, ଋତଂ ଜ୍ୟୋତିଃ, ବୋଲି ମଧ୍ୟ କୁହାଯାଇଛି, ବେଦରେ ସତ୍ୟ ଓ ଅମୃତ ନିରନ୍ତର ଏକତ୍ର ସନ୍ନିବିଷ୍ଟ । ଏହି ଜ୍ଞାନଜ୍ୟୋତିଃ ହେଉଛି – ଅୟାସ୍ୟ ଯେତେବେଳେ ନିଜ ସତ୍ତାରେ ବିଶ୍ୱଜନୀନ, ‘ବିଶ୍ୱଜନ୍ୟ’, ହୋଇ ଉଠିଥିଲେ, ସେତେବେଳେ ସେ ଯେଉଁ ସପ୍ତଶୀର୍ଷୀ ଧୀ ଆବିଷ୍କାର କରିଥିଲେ, ସେଇ ଧୀ ଦ୍ୱାରା ଏଇ ଜ୍ୟୋତିଃ ପ୍ରଦତ୍ତ; ସେହି କାରଣରୁ ଏହି ଜ୍ୟୋତିଃକୁ ମଧ୍ୟ ବିଶ୍ୱଜନ୍ୟ କୁହାଯାଏ, କାରଣ ଏହା ଚତୁର୍ଥଲୋକର ଅନ୍ତର୍ଭୁକ୍ତ, ଅୟାସ୍ୟଙ୍କ ‘‘**ତୁରୀୟଂ ସ୍ୱିଦ୍**’’, ଏହି ଲୋକରୁହିଁ ଅବଶିଷ୍ଟ ଅନ୍ୟ ସମସ୍ତ ଲୋକ ଜନ୍ମଲାଭ କରିଛନ୍ତି ଏବଂ ଏହାରି ସତ୍ୟରୁ ଅବଶିଷ୍ଟ ଅନ୍ୟ ସମସ୍ତ କିଛି ମିଥ୍ୟା ଓ କପଟତାର ସୀମିତ ପରିଚୟ ପରିହାରପୂର୍ବକ ସ୍ୱକୀୟ ବୃହତ୍ ବିଶ୍ୱାତ୍ମକତା ମଧ୍ୟରେ ଅଭିବ୍ୟକ୍ତି ଲାଭ କରିଛନ୍ତି । ତେଣୁ ଏହାକୁ ଦେବଚକ୍ଷୁ ଓ ଦିବ୍ୟ ଉଷା ବୋଲି କୁହାଯାଏ ଯିଏ ସମଗ୍ର ଅସ୍ତିତ୍ୱକୁ ଅଭିବ୍ୟକ୍ତ କରନ୍ତି ।

ଏହି ଦିବ୍ୟଦୃଷ୍ଟିର ଜନ୍ମଫଳରେ ମନୁଷ୍ୟର ପଥ ସ୍ୱୟଂ ତା’ ନିକଟରେ ପ୍ରକାଶିତ ହୁଏ ଏବଂ ଦେବଗଣଙ୍କ ଦିଗରେ ଅଥବା ଦେବାଭିମୁଖୀ ସେହିସବୁ ଯାତ୍ରା (**ଦେବଯାନାଃ**)

---

୧୫ **ଉଦୁ ଜ୍ୟୋତିରମୃତଂ ବିଶ୍ୱଜନ୍ୟଂ ବିଶ୍ୱାନରଃ ସବିତା ଦେବୋ ଅଶ୍ରେତ୍ ।**
କୃତ୍ୱା ଦେବାନାମଜନିଷ୍ଟ ଚକ୍ଷୁରାବିରଗର୍ଭୁବନଂ ବିଶ୍ୱମୁଷାଃ ॥ (ଋ. ୭।୭୬।୧)

ମଧ୍ୟ ଅଭିବ୍ୟକ୍ତ ହୁଏ ଯାହା ଦିବ୍ୟ ଅସ୍ତିତ୍ୱର ଅନନ୍ତ ବ୍ୟାପ୍ତି ମଧ୍ୟକୁ ତାକୁ ନେଇଯାଏ । ''ମୋ ଦୃଷ୍ଟି ସମକ୍ଷରେ ଦେବଯାନଗୁଡ଼ିକ ଦୃଶ୍ୟ ହେଉଛନ୍ତି, ସେହିସବୁ ଯାତ୍ରା ସତ୍ୟନିୟମକୁ ଉଲ୍ଲଙ୍ଘନ କରେନା, ଏଗୁଡ଼ିକର ଗତିବିଧି ବସୁମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସମ୍ମୁଖରେ ଉଷାଙ୍କର ଚକ୍ଷୁ ଦୃଶ୍ୟମାନ ହେଲା ଏବଂ ସେ ଆମ ଗୃହରେ ଉପସ୍ଥିତା ହୋଇ ଆମ ଆଡ଼କୁ ଆସୁଛନ୍ତି''(୨)[୧୬] । ଅନ୍ତଃପୁରୁଷ ଆରୋହଣ କରୁଥିବା ସ୍ତରଗୁଡ଼ିକୁ ଏବଂ ତାଙ୍କ ବିଶ୍ରାମସ୍ଥଳକୁ ଯେପରି କ୍ଷେତ୍ର ବା ଧାମ ବୋଲି କୁହାଯାଏ ସେହିପରି ଯେଉଁ ଦେହ ଆତ୍ମାର ଆବାସସ୍ଥଳ ତାହାକୁ ବେଦରେ ନିରନ୍ତର ଗୃହରୂପେ ଚିତ୍ରଣ କରାଯାଏ । ପରମ ଧାମରେ ଉପନୀତ ହେବା ମନୁଷ୍ୟର ଗତି, ସେଥିପାଇଁ ତା'ର ପଥ ଏବଂ ଦେବଯାନଗୁଡ଼ିକ ଯେଉଁ ପଥକୁ ଲଙ୍ଘନ କରନ୍ତି ନାହିଁ ତାହା ଦେବତାମାନଙ୍କ କର୍ମ; ଜୀବନର ଦିବ୍ୟ ବିଧାନ ମଧ୍ୟକୁ ଆତ୍ମାକୁ ବିକଶିତ ହୋଇ ଉଠିବାକୁ ହେବ, ପଞ୍ଚମ ଋକ୍‌ରେ ଏହି ବାକ୍ୟାଂଶଟିର ପୁନରାବୃତ୍ତି ଘଟିଛି । ତା'ପରେ ଏପରି କୌତୂହଳଜନକ ରୂପକଳ୍ପ ଆମେ ଦେଖୁ ଯାହା ମେରୁପ୍ରଦେଶବିଷୟକ ତଥ୍ୟକୁ ସମର୍ଥନ କଲାପରି ଲାଗେ । ''ସୂର୍ଯ୍ୟୋଦୟର ପୂର୍ବେ ଏପରି ବହୁ ଦିବସ ଥିଲା (ଅଥବା, ସୂର୍ଯ୍ୟୋଦୟ ବେଳକୁ ଯାହା ପୁରୁଣା ହୋଇଯାଇଥିଲା), ଯାହା ମଧ୍ୟରେ ସେତେବେଳେ ହେ ଉଷା, ତୁମେ ଏପରି ଦେଖାଯାଉଥିଲ ଯେପରି ତୁମେ ନିଜ ପ୍ରେମିକ ସମୀପରେ ବିଚରଣ କରୁଛ ଏବଂ (ଏଥାଡ଼କୁ) ପୁନର୍ବାର ଆସୁ ନାହଁ''(୩)[୧୭] । ମରୁପ୍ରଦେଶରେ ଦୃଶ୍ୟମାନା ଉଷାଗୁଡ଼ିକ ଯେପରି ରାତ୍ରି ବିନା ବହୁକାଳ ଧରି ଅବ୍ୟାହତ ଓ ଅବ୍ୟବଚ୍ଛିନ୍ନ ରହିଥା'ନ୍ତି, ନିଶ୍ଚିତରୂପେ ଏହା ତାହାରି ଏକ ଚିତ୍ରଣ । ଏହି ଋକ୍ ମଧ୍ୟରୁ ଯେଉଁ ମନସ୍ତାତ୍ତ୍ୱିକ ଅର୍ଥ ପ୍ରକଟ ହୁଏ ତାହା ସୁସ୍ପଷ୍ଟ ।

ଏମାନେ କେଉଁ ଉଷା ? ଏମାନେ ପ୍ରାଚୀନ ପିତୃପୁରୁଷ ଅଙ୍ଗିରସମାନଙ୍କ କର୍ମ ଦ୍ୱାରା ସୃଷ୍ଟ ହୋଇଥିଲେ । ''ଏମାନେ ନିଶ୍ଚୟ ଦେବତାମାନଙ୍କ ସହିତ (ସୋମର) ଆନନ୍ଦ ଲାଭ କରିଥିଲେ ।[୧୮] ପ୍ରାଚୀନକାଳର ଏହି ଋଷିବୃନ୍ଦ, ପିତୃଗଣ, ସତ୍ୟକୁ ଧାରଣ କରିଥିଲେ,

---

[୧୬] ପ୍ର ମେ ପନ୍ଥା ଦେବୟାନା ଅଦୃଶ୍ରନ୍ନମର୍ଧନ୍ତୋ ବସୁଭିରିଷ୍କୃତାସଃ ।
ଅଭୂଦୁ କେତୁରୁଷସଃ ପୁରସ୍ତାଦ୍ ପ୍ରତୀଚ୍ୟାଗାଦଧି ହର୍ମ୍ୟେଭ୍ୟଃ ॥ (ଋ-୭।୭୬।୨)

[୧୭] ତାନୀଦହାନି ବହୁଲାନ୍ୟାସନ୍ ୟା ପ୍ରାଚୀନମୁଦିତା ସୂର୍ୟସ୍ୟ ।
ୟତଃ ପରି ଜାର ଇବାଚରନ୍ତ୍ୟୁଷୋ ଦଦୃକ୍ଷେ ନ ପୁନର୍ୟତୀବ ॥ (ଋ-୭।୭୬।୩)

[୧୮] ମୁଁ ଏଠାରେ ''ସାଧମାଦ'' ପଦଟିକୁ ବୈକଳ୍ପିକଭାବେ ପାରମ୍ପରିକ ଅର୍ଥରେ କିଛି ସମୟ ପାଇଁ ଗ୍ରହଣ କରୁଛି, ଯଦିଓ ତାହା ଯେ ଠିକ୍ ଅର୍ଥ, ସେ ବିଷୟରେ ମୁଁ ନିଶ୍ଚିତ ନୁହେଁ ।

[୧୯] ତ ଇଦ୍ଦେବାନାଂ ସଧମାଦ ଆସନ୍ନୃତାବାନଃ କବୟଃ ପୂର୍ବ୍ୟାସଃ ।
ଗୂଳ୍ହଂ ଜ୍ୟୋତିଃ ପିତରୋ ଅନ୍ୱବିନ୍ଦନ୍ସତ୍ୟମନ୍ତ୍ରା ଅଜନୟନ୍ନୁଷାସମ୍ ॥ (ଋ-୭।୭୬।୪)

ଏମାନେ ଗୂଢ଼ ଜ୍ୟୋତିଃ ଲାଭ କରିଥିଲେ, ଏମାନେ 'ଧୀ'ର ଅଧିକାରୀ ହୋଇ (ସତ୍ୟମନ୍ତ୍ରାଃ — ଅନ୍ତଃ ପ୍ରେରିତ ବାକ୍ ମଧ୍ୟରେ ପ୍ରକଟିତ ସତ୍ୟଧୀର ଅଧିକାରୀ ହୋଇ) ଉଷାଙ୍କୁ ଜନ୍ମ ଦେଇଥିଲେ''(୪)[୧୯] । ତା'ପରେ ପ୍ରଶ୍ନ ଉଠେ, ପିତୃଗଣଙ୍କୁ ଏହି ଉଷା, ପଥ, ଦେବଯାନ ପ୍ରଭୃତି କେଉଁଠାକୁ ନେଇଥିଲେ ? ସମାନ ବ୍ୟାପ୍ତି ମଧ୍ୟରୁ (ସମାନେ ଉର୍ବେ) ନେଇଥିଲେ, ଏହାକୁ ଅନ୍ୟତ୍ର ଅବାଧ ବୃହତ୍ ବୋଲି କୁହାଯାଇଛି, ଉରୌ ଅନିବାଧେ, ଏହା ସେହି ପ୍ରଶସ୍ତ ସତ୍ତା ବା ଜଗତ୍; ବୃତ୍ରକୁ ବଧକରି ସେମାନେ ଯେତେବେଳେ ଦ୍ୟୌ ଓ ପୃଥିବୀର ଅତୀତ ଧାମ ମଧକୁ ପ୍ରସ୍ଥାନ କରନ୍ତି ସେସମୟରେ ମନୁଷ୍ୟମାନେ ଏହାକୁ ସୃଷ୍ଟି କରନ୍ତି; ଏହାହିଁ ବୃହତ୍ ସତ୍ୟ ଏବଂ ଅଦିତିଙ୍କ ଅନନ୍ତ ସତ୍ତା ବୋଲି ଋଷି କଣ୍ୱ କହୁଛନ୍ତି । ''ସେମାନେ ବ୍ୟାପ୍ତି ମଧ୍ୟରେ ମିଳିତ ହୁଅନ୍ତି ଓ ସେମାନଙ୍କ ଜ୍ଞାନକୁ ଏକତ୍ର ସଙ୍ଗତିଯୁକ୍ତ କରନ୍ତି (ଅଥବା, ଉତ୍ତମରୂପେ ଜାଣନ୍ତି), ପରସ୍ପର ମଧ୍ୟରେ ଅସଂଗତି ଆଣନ୍ତି ନାହିଁ, ସେମାନେ ଦେବତାମାନଙ୍କ କର୍ମକୁ କ୍ଷୁଣ୍ଣ କରନ୍ତି ନାହିଁ (ସୀମିତ କରନ୍ତି ନାହିଁ ବା ବିଘ୍ନ ଘଟାନ୍ତି ନାହିଁ) । ସେମାନଙ୍କୁ ଉଲ୍ଲଘନ ନ କରି (ବସୁଗଣଙ୍କ ସାହାଯ୍ୟରେ) ସେମାନେ (ନିଜ) ଲକ୍ଷ୍ୟ ଦିଗରେ ଆଗେଇ ଚାଲନ୍ତି''(୫)[୨୦] । ଏହା ସ୍ପଷ୍ଟ ଯେ ସପ୍ତ ଅଙ୍ଗିରସ ମାନବ ବା ଦିବ୍ୟ ଯାହା ହୁଅନ୍ତୁ, ସେମାନେ 'ଜ୍ଞାନ'ର, 'ଧୀ'ର ବା 'ବାକ୍' ସମ୍ବନ୍ଧିତ ବିଭିନ୍ନ ତତ୍ତ୍ୱର ପ୍ରତୀକ — ସେମାନେ ସପ୍ତଶୀର୍ଷ୍ଣୀ ଧୀ, ବୃହସ୍ପତିଙ୍କ ସପ୍ତମୁଖୀ ବାଣୀ ଏବଂ ସମାନ ବ୍ୟାପ୍ତିରେ, ଏକ ବିଶ୍ୱବ୍ୟାପୀ ଜ୍ଞାନରେ ଏମାନେ ସୁସଙ୍ଗତ । ଯେଉଁ ପ୍ରମାଦ, କୁଟିଳତା, ଅନୃତ ଆଦି ଦ୍ୱାରା ମନୁଷ୍ୟମାନେ ଦେବଗଣଙ୍କ କ୍ରିୟାକୁ ଲଘନ କରନ୍ତି ଏବଂ ଏହାରି ଦ୍ୱାରା ସେମାନଙ୍କ ସତ୍ତାଗତ ଚେତନା ଓ ଜ୍ଞାନର ବିଭିନ୍ନ ତତ୍ତ୍ୱ ପରସ୍ପର ଯେପରି ଅଜ୍ଞାନ-ସଂଘର୍ଷକୁ ପଶି ଜଡ଼ିଯା'ନ୍ତି, ସେସବୁ ଦିବ୍ୟ ଉଷାଙ୍କ ଚକ୍ଷୁ ବା ଦୃଷ୍ଟି ଦ୍ୱାରା ଅପସୃତ ହୋଇଯାଏ ।

ଏହି ଦିବ୍ୟା ତଥା ଆନନ୍ଦମୟୀ ଉଷାଙ୍କ ପ୍ରତି ବଶିଷ୍ଠଗଣଙ୍କ ଆତ୍ମହା ସହିତ ସୂକ୍ତସମାପ୍ତି ଘଟିଛି । ସେଥିରେ ଉଷାଙ୍କୁ ଯୂଥଗୁଡ଼ିକର ନେତ୍ରୀ, ଋଦ୍ଧିର ପତ୍ନୀ (ବାଜପତ୍ନୀ) ଏବଂ ସୁଖ ଓ ସୂନୃତଗୁଡ଼ିକର (ସୂନୃତାନାମ୍)[୨୧] ସମ୍ପାଦୟିତ୍ରୀ ବୋଲି କୁହାଯାଇଛି । ଆଦ୍ୟ ଋଷି ପିତୃଗଣ ଯେଉଁ ସିଦ୍ଧି କାମନା କରିଥିଲେ ଏମାନେ ମଧ ସେହିଭଳି ସିଦ୍ଧି ଲାଭ

---

୨୦ ସମାନ ଉର୍ବେ ଅଧି ସଂଗତାସଃ ସଂ ଜାନତେ ନ ଯତନ୍ତେ ମିଥସ୍ତେ ।
ତେ ଦେବାନାଂ ନ ମିନନ୍ତି ବ୍ରତାନ୍ୟମର୍ଧନ୍ତୋ ବସୁରିର୍ୟାଦମାନାଃ ॥ (ଋ-୭।୭୬।୫)

୨୧ ପ୍ରତି ତ୍ୱା ସ୍ତୋମୈରୀଳତେ ବସିଷ୍ଠା ଉଷର୍ବୁଧଃ ସୁଭଗେ ତୁଷ୍ଟୁବାଂସଃ ।
ଗବାଂ ନେତ୍ରୀ ବାଜପତ୍ନୀ ନ ଉଚ୍ଛୋଷଃ ସୁଜାତେ ପ୍ରଥମା ଜରସ୍ୱ ॥
ଏଷା ନେତ୍ରୀ ରାଧସଃ ସୂନୃତାନାମୁଷା ଉଚ୍ଛନ୍ତୀ ରିଭ୍ୟତେ ବସିଷ୍ଠୈଃ । (ଋ-୭।୭୬।୬-୭)

କରିବାକୁ କାମନା କରନ୍ତି ଏବଂ ସେସବୁଥିରୁ ଦେଖାଯାଏ ଯେ ସେମାନେ ଦିବ୍ୟ ଅଙ୍ଗିରସ ନୁହନ୍ତି ବରଂ ମାନୁଷ ଅଙ୍ଗିରସ । ସେ ଯାହା ହେଉ ଅଙ୍ଗିରସଗଣଙ୍କ କଥାନକର ପୁଙ୍ଖାନୁପୁଙ୍ଖ ସମସ୍ତ ଅର୍ଥ ସାବ୍ୟସ୍ତ ହେଲା, କିନ୍ତୁ ପଣିଗଣ ତଥା ଶୁନୀ ସରମା ନିର୍ଦ୍ଦିଷ୍ଟରୂପେ କ'ଣ ତାହାରି ଉପସ୍ଥାପନା ବାକି ଅଛି । ସେଥିପାଇଁ ବର୍ତ୍ତମାନ ଚତୁର୍ଥମଣ୍ଡଳର ପ୍ରଥମ କେତେକ ସୂକ୍ତର ଆଲୋଚନା କରିବା ଦିଗରେ ମୁଖ ଫେରାଇବା ଯେଉଁଠାରେ କି ମାନୁଷ ପିତୃଗଣଙ୍କ ବିଷୟ ସ୍ପଷ୍ଟଭାବେ କୁହାଯାଇଛି ଏବଂ ସେମାନଙ୍କ ସିଦ୍ଧି ବିଷୟରେ ବର୍ଣ୍ଣନା କରାଯାଇଛି । ଆଙ୍ଗିରସ ଉପାଖ୍ୟାନର ଏହି ଦିଗଟି ସମ୍ବନ୍ଧରେ ବାମଦେବଙ୍କ ଏହି ସୂକ୍ତଗୁଡ଼ିକ ସର୍ବାପେକ୍ଷା ଅଧିକ ଆଲୋକପାତ କରନ୍ତି ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ମଧ୍ୟ । ଏଣୁ ଋଗ୍‌ବେଦ ମଧ୍ୟରେ ଅତ୍ୟନ୍ତ ଚିତ୍ତାକର୍ଷକ ସୂକ୍ତମାନଙ୍କ ମଧ୍ୟରେ ଏଗୁଡ଼ିକ ସ୍ୱୟଂ ଗଣ୍ୟ ।

ଉନବିଂଶ ଅଧ୍ୟାୟ

ପିତୃଗଣଙ୍କ ବିଜୟ

ଦିବ୍ୟଶିଖା କବିକ୍ରତୁ ଅଗ୍ନିଙ୍କ ଉଦ୍ଦେଶ୍ୟରେ ମହାନ୍ ଋଷି ବାମଦେବ ଯେଉଁ ସୂକ୍ତଗୁଡ଼ିକୁ ରଚନା କରିଛନ୍ତି ସେଗୁଡ଼ିକ ଋଗ୍‌ବେଦର ପରମରହସ୍ୟମୟ ଅଭିବ୍ୟକ୍ତି ମଧ୍ୟରେ ଅନ୍ୟତମ, ଏବଂ ଋଷିଙ୍କ ଦ୍ୱାରା ପ୍ରଯୁକ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ରୂପକଗୁଡ଼ିକର ପଦ୍ଧତିକୁ ଦୃଢ଼ଭାବେ ଆମେ ଯଦି ଆମ ମନରେ ଧାରଣ କରିବୁ ତେବେ ସେଗୁଡ଼ିକର ଅର୍ଥ ଅତ୍ୟନ୍ତ ସହଜ ହୋଇଯିବ, ଅନ୍ୟଥା ସେସବୁ କେବଳ ଆମ ବୋଧ ମଧ୍ୟରେ ଭ୍ରାନ୍ତି ସୃଷ୍ଟି କରୁଥିବା କେତେଟି ଅବୋଧ ଚିତ୍ରଗୁଡ଼ିକର ଚମକପ୍ରଦ କୁହେଳିକା ବୋଲି ମନେ ହେବ । ସୂକ୍ତଗୁଡ଼ିକରେ ଅର୍ଥବୋଧର ଚାବିକାଠି ରୂପେ ଯେଉଁ ସାଙ୍କେତିକ ପଦ୍ଧତି ରହିଛି ତାହା ପାଠକକୁ ପ୍ରତିମୁହୂର୍ତ୍ତରେ ପ୍ରୟୋଗ କରିବାକୁ ହେବ; ନଚେତ୍ ଅଧ୍ୟାତ୍ମଶାସ୍ତ୍ରର କୌଣସି ଛାତ୍ର ସେଥିରେ ନିରନ୍ତର ବ୍ୟବହୃତ ଦାର୍ଶନିକ ସଂଜ୍ଞାଗୁଡ଼ିକର ଅର୍ଥ ବିଷୟରେ ବ୍ୟୁତ୍ପନ୍ନ ନ ହୋଇ ତାହାକୁ ଅଧ୍ୟୟନ କଲେ ସେ ଯେପରି ସେଥିରୁ କିଛି ବୁଝି ପାରେନା, କିଂବା ଆମେ କହିପାରୁ ପାଣିନିଙ୍କ ସୂତ୍ରଗୁଡ଼ିକର ଅଧ୍ୟେତା ଯଦି ସେଗୁଡ଼ିକର ଅର୍ଥ-ଦ୍ୟୋତକ ବୈୟାକରଣ ସଙ୍କେତ (ପରିଭାଷା) ଗୁଡ଼ିକର ବିଶେଷ ପଦ୍ଧତିକୁ ନ ଜାଣେ ତେବେ ସେସବୁ ଯେପରି ତା'ପାଇଁ ଅବୋଧ ହୁଏ, ବେଦପାଠକକୁ ବି ସେହିପରି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିପାରେ । ସେ ଯାହା ହେଉ, ଏହା ପୂର୍ବରୁ ଆମେ ଏହିସବୁ ଗୁହ୍ୟ ଚିତ୍ରର ପଦ୍ଧତି ସମ୍ବନ୍ଧରେ ଯଥେଷ୍ଟ ଆଲୋକ ପାଇଛୁ, ତେଣୁ, ମାନୁଷ ପୂର୍ବପୁରୁଷଗଣଙ୍କ ମହାନ୍ ସଫଳତା ସମ୍ପର୍କରେ ବାମଦେବ ଯାହା କହିବାକୁ ଚାହାନ୍ତି ତାହା ଭଲଭାବେ ବୁଝିବାକୁ ସକ୍ଷମ ହେବୁ ।

ଏହି ମହା ସଫଳତା ତେବେ କ'ଣ ଥିଲା ତାହାକୁ ପ୍ରାରମ୍ଭରୁ ସୁସ୍ପଷ୍ଟ ରୂପେ ମନେ ରଖିବା ଉଦ୍ଦେଶ୍ୟରେ 'ପରାଶର ଶାକ୍ତ୍ୟ'ଙ୍କ ଦ୍ୱାରା ସ୍ପଷ୍ଟୀକୃତ ତଥା ପ୍ରାଞ୍ଜଳ ସୂତ୍ରଗୁଡ଼ିକୁ ଆମକୁ ନିଜ ସମ୍ମୁଖରେ ରଖିବାକୁ ହେବ । ''ଆମ ପିତୃଗଣ ନିଜ ରବ ଦ୍ୱାରା ଦୃଢ଼ ଓ କଠିନ ସ୍ଥାନଗୁଡ଼ିକୁ ବିଦୀର୍ଣ୍ଣ କଲେ, ନିଶ୍ଚୟହିଁ ଅଙ୍ଗିରସଗଣ ନିଜ ଉଚ୍ଚ ଧ୍ୱନି ଦ୍ୱାରା ଅଦ୍ରିକୁ ବିଦୀର୍ଣ୍ଣ କଲେ, ଆମ ମଧ୍ୟରେ ମହତ୍ ସ୍ୱର୍ଗୀୟ ଯାତ୍ରାର ପଥ ନିର୍ମାଣ କଲେ; 'ଦିବସ', 'ସ୍ୱର୍', ଦୃଷ୍ଟି ଓ ଭାସ୍ୱର ଗୋଧନ ପ୍ରଭୃତି ଲାଭ କଲେ'' — **ଚକ୍ରୁର୍ଦିବୋ ବୃହତୋ ଗାତୁମ୍ ଅସ୍ମେ, ଅହଃ ସ୍ୱର୍ ବିବିଦୁଃ କେତୁମ୍ ଉସ୍ରାଃ** (୧।୭୧।୨) । ଏହି ପଥ ଅମୃତତ୍ୱ ଅଭିମୁଖେ ଚାଳିତ କରେ ବୋଲି ସେ ଆମକୁ କହନ୍ତି; ''ଯଥାର୍ଥ ଫଳପ୍ରସୂ

ବିଷୟମାନଙ୍କ ମଧ୍ୟରେ ପ୍ରବେଶ କରିଥିବା ସେମାନେ ଅମୃତତ୍ୱ ଅଭିମୁଖେ ଏକ ପଥ ନିର୍ମାଣ କରିଥିଲେ; ସେମାନଙ୍କ ନିମନ୍ତେ ମହତ୍ତା ଦ୍ୱାରା ଓ ମହାନ୍‌ମାନଙ୍କ ଦ୍ୱାରା ('ଦେବ'ଙ୍କ ଦ୍ୱାରା) ପୃଥିବୀ ବ୍ୟାପ୍ତ ହୋଇ ରହିଥିଲା, ତାହାକୁ ଧାରଣ କରିବାକୁ ମାତା ଅଦିତି ନିଜ ପୁତ୍ରଗଣଙ୍କ ସହିତ ଆସିଥିଲେ (କିଂବା ନିଜକୁ ବ୍ୟକ୍ତ କରିଥିଲେ) (୧।୭୨।୯)[୧]।''

ଏହାର ଅର୍ଥ — ଏହି ଯେଉଁ ଶାରୀରିକ ସତ୍ତା, ଯାହା ଉପରେ ଉର୍ଦ୍ଧ୍ୱସ୍ଥ ଅନନ୍ତ ଲୋକଗୁଡ଼ିକର ମହତ୍ତ୍ୱର ପ୍ରବେଶ ଘଟିଛି ତା'ଦ୍ୱାରା ଏବଂ ଯେଉଁ ମହାନ୍ ଦେବତାମାନେ ସେହି ସମସ୍ତ ଲୋକରେ ରାଜତ୍ୱ କରନ୍ତି, ସେଇମାନଙ୍କ ଶକ୍ତି ଦ୍ୱାରା ନିଜର ସୀମାବନ୍ଧନକୁ ଭାଙ୍ଗି ଦେଇଥାଏ, ଜ୍ୟୋତିଃ ପ୍ରତି ଉନ୍ମୁକ୍ତ ହୁଏ ଏବଂ ନିଜର ଏହି ନୂତନ ବ୍ୟାପ୍ତି ମଧ୍ୟସ୍ଥ ସତ୍ତାଟି ଅନନ୍ତ ଚେତନା ସ୍ୱରୂପା ମାତା ଅଦିତିଙ୍କ ଦ୍ୱାରା ତଥା ପରମ 'ଦେବ'ଙ୍କ ଦିବ୍ୟବଳରୂପୀ ନିଜ ପୁତ୍ରମାନଙ୍କ ଦ୍ୱାରା ପୋଷିତ ହୁଏ। ଏହାହିଁ ବୈଦିକ ଅମୃତତ୍ୱ।

ଏହି ପ୍ରାପ୍ତି ଓ ପ୍ରସାରଣର ଉପାୟ ସମ୍ବନ୍ଧରେ ପରାଶର ନିଜ ରହସ୍ୟାତ୍ମକ ଅଥଚ ସ୍ପଷ୍ଟ ଓ ହୃଦୟଗ୍ରାହୀ ଭଙ୍ଗୀରେ ଖୁବ୍ ସଂକ୍ଷେପରେ କହିଛନ୍ତି — ''ସେମାନେ ଋତକୁ ଧାରଣ କରିବା ସହ ଏହାର ଧୀକୁ ସମୃଦ୍ଧ କରିଥିଲେ; ତା'ପରେ ଯଥାର୍ଥରେ ସେମାନେ, ଆତ୍ମହାବାନ୍ ସେଇ ପୁରୁଷମାନେ (ଅର୍ୟଃ) ତାହାକୁ ଧୀ ମଧ୍ୟରେ ଧାରଣ ପୂର୍ବକ ନିଜ ସମଗ୍ର ସତ୍ତା ମଧ୍ୟରେ ବିକିରଣ କଲେ — **ଦଧନ୍ ଋତଂ ଧନୟନ୍ ଅସ୍ୟ ଧୀତିମ୍, ଆଦ୍ ଇଦ୍ ଅର୍ୟୋ ଦିଧିଷ୍ୱୋ ବିଭୃତ୍ରାଃ** (୧।୭୧।୩)।'' ଏଠାରେ 'ବିଭୃତ୍ରାଃ' ପଦଟି ମଧ୍ୟରେ ଥିବା ରୂପକ ଏହି ସୂଚନା ଦିଏ ଯେ, ଆମ ସତ୍ତାର ସମସ୍ତ ତତ୍ତ୍ୱରେ ସତ୍ୟର ମତିକୁ ଧାରଣ କରିବା, ଅଥବା ସାଧାରଣ ବୈଦିକ ରୂପକ ଅନୁଯାୟୀ ସାତଟି ଯାକ ଜଳଧାରା ମଧ୍ୟରେ ସପ୍ତଶୀର୍ଷୀ ଧୀକୁ ଧାରଣ କରିବା — **ଅପ୍‌ସୁ ଧ୍ୟଂ ଦଧିଷେ**, ଅନ୍ୟତ୍ର ମଧ୍ୟ ପ୍ରାୟ ସମାନ ଭାଷାରେ ଏହି କଥା ପ୍ରକାଶିତ ହୋଇଥିବାର ଆମେ ଦେଖୁ; ଏହି ଚିତ୍ରଟି ଠିକ୍ ଏହାର ପରବର୍ତ୍ତୀ ଅଂଶରେ ଦେଖିବାକୁ ମିଳେ,— ''କର୍ମସାଧକମାନେ ତୃଷ୍ଣାରହିତ ମାନଙ୍କ (ଜଳଧାରାଗଣଙ୍କ) ଅଭିମୁଖରେ ଯାଆନ୍ତି ଏବଂ ଆନନ୍ଦର ତୃପ୍ତି ଦ୍ୱାରା ଦିବ୍ୟଜନ୍ମକୁ ବୃଦ୍ଧି କରନ୍ତି'' — ''**ଅତୃଷ୍ୟନ୍ତୀଃ ଅପସୋ ୟନ୍ତି ଅଚ୍ଛା ଦେବାନ୍ ଜନ୍ମ ପ୍ରୟସା ବର୍ଧୟନ୍ତୀଃ**।'' ପରମ ଆନନ୍ଦ ଲାଭ ନିମନ୍ତେ ଅନ୍ତଃପୁରୁଷଙ୍କ କ୍ଷୁଧାର ତୃପ୍ତିସାଧନ ଦ୍ୱାରା ସନ୍ତୁଷ୍ଟ ସପ୍ତବିଧ ସତ୍ୟସତ୍ତା ମଧ୍ୟରେ ଥିବା ସପ୍ତବିଧ ସତ୍ୟଚେତନା ଦ୍ୱାରା ଆମଠାରେ ଯେଉଁସବୁ ଦିବ୍ୟଜନ୍ମର ଅଭିବୃଦ୍ଧି ଘଟେ ତାହାହିଁ ଅମୃତତ୍ୱର ବୃଦ୍ଧି। ଏହା ସେହି ଦିବ୍ୟ ସତ୍ତା ଜ୍ୟୋତିଃ ଓ ଆନନ୍ଦ

---

[୧] **ଆ ଯେ ବିଶ୍ୱାସ୍ୱପତ୍ୟାନି ତସ୍ଥୁଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍।**
ମହ୍ନା ମହଦ୍ଭିଃ ପୃଥିବୀ ବି ତସ୍ଥେ ମାତା ପୁତ୍ରୈରଦିତିର୍ଧାୟସେ ବେଃ ॥

ରୂପକ ତ୍ରିବିଧ ତତ୍ତ୍ୱର ଅଭିବ୍ୟକ୍ତି, ଯାହାକୁ ବୈଦାନ୍ତିକମାନେ ପରବର୍ତ୍ତୀ କାଳରେ 'ସଚ୍ଚିଦାନନ୍ଦ' ବୋଲି କହିଛନ୍ତି ।

ସତ୍ୟର ଏହି ବ୍ୟାପକ ବିଚ୍ଛୁରଣର ତାତ୍ପର୍ଯ୍ୟ ଏବଂ ଆମ ମଧ୍ୟରେ ସଜ୍ଞଜ ଦେବତାଙ୍କ ଜନ୍ମ ଓ କ୍ରିୟାହିଁ ଆମର ସୀମିତ ମର୍ତ୍ତ୍ୟତ୍ୱ ସ୍ଥାନରେ ଏକ ବିଶ୍ୱାତ୍ମକ ଓ ଅମର ଜୀବନର ପ୍ରତିଶ୍ରୁତି ବହନକରେ ବୋଲି ଋଷି ପରାଶର ୧।୬୮ ସୂକ୍ତରେ ଅଧିକ ସ୍ପଷ୍ଟ କରି କହିଛନ୍ତି । ସେଠାରେ ଦିବ୍ୟ କବିକ୍ରତୁ ଅଗ୍ନିଙ୍କ ବିଷୟରେ ବର୍ଣ୍ଣନା କରିବା ବେଳେ କୁହାଯାଇଛି ଯେ ସେ ସ୍ୱର୍ଗକୁ ଆରୋହଣ କରନ୍ତି ଏବଂ ଯାହାକିଛି ସ୍ଥାବର ଓ ଯାହାକିଛି ଜଙ୍ଗମ ସେସବୁ ଉପରୁ ରାତ୍ରିର ଅବଗୁଣ୍ଠନ ପ୍ରତ୍ୟାହାର କରିନିଅନ୍ତି, ''ସେ ତାଙ୍କ ସତ୍ତାର ମହତ୍ତା ଦ୍ୱାରା ଏହି ସମସ୍ତ ଦେବତାଙ୍କୁ ପରିବେଷ୍ଟନ କରି ଏକ 'ଦେବ' ହୋଇ ଉଠନ୍ତି ।' ହେ ଦେବ, ଯେତେବେଳେ ତୁମେ ବସ୍ତୁତଃ ଶୁଷ୍କତା ମଧ୍ୟରୁ (ଜଡ଼ୀୟ ସତ୍ତା ବା ମରୁଭୂମି ମଧ୍ୟରୁ, ଯାହା ସତ୍ୟର ଧାରା ଦ୍ୱାରା ସେଚିତ ହୋଇ ନାହିଁ ବୋଲି କୁହାଯାଇଛି) ଜୀବନ୍ତ ପୁରୁଷରୂପେ ଜନ୍ମଗ୍ରହଣ କର ସେତେବେଳେ ସମସ୍ତେ ଦିବ୍ୟ ସଂକଳ୍ପ (ବା, କ୍ରତୁ)କୁ ଗ୍ରହଣ କରି ସେଥିରେ ସଂପୃକ୍ତ ହୋଇ ରହନ୍ତି; ସେମାନଙ୍କ ନିଜ ଗତିବିଧି ଦ୍ୱାରା ସତ୍ୟ ଓ ଅମୃତତ୍ୱ ଲାଭ କରି ଦେବତ୍ୱକୁ ଉପଭୋଗ କରନ୍ତି — **ଭଜନ୍ତ ବିଶ୍ୱେ ଦେବତ୍ୱଂ ନାମ, ଋତଂ ସପନ୍ତୋ ଅମୃତମ୍ ଏବୈଃ** । ଋତର ପ୍ରବେଗ, ଋତର ଚିନ୍ତନ ହୋଇଉଠେ ଏକ ବିଶ୍ୱଜନୀନ ଜୀବନ (କିଂବା, ଏହା ସମଗ୍ର ଜୀବନକୁ ବ୍ୟାପିଯାଏ) ଏବଂ ଏହା ମଧ୍ୟରେ ସମସ୍ତେ ନିଜର କ୍ରିୟାକୁ ସାର୍ଥକ କରନ୍ତି'' — **ଋତସ୍ୟ ପ୍ରେଷା ଋତସ୍ୟ ଧୀତିଃ ବିଶ୍ୱାୟୁଃ ବିଶ୍ୱେ ଅପାଂସି ଚକ୍ରୁଃ** (ଋକ୍-୧।୬୮।୩)

ୟୁରୋପୀୟ ପାଣ୍ଡିତ୍ୟ ବେଦର ଯେଉଁ ଦୁର୍ଭାଗ୍ୟଜନକ ଅପବ୍ୟାଖ୍ୟାକୁ ନେଇଆସି ଆଧୁନିକ ମନ ଉପରେ ଅଧ୍ୟାରୋପଣ କରିଛି ତା'ଦ୍ୱାରା ଅଭିଭୂତ ହୋଇ ଯେପରି ଆମେ ଆମର ମାନୁଷ ପୂର୍ବ-ପୁରୁଷମାନଙ୍କ ଅତିପାର୍ଥିବ ସିଦ୍ଧି ମଧ୍ୟରେ ପଞ୍ଜାବର ସପ୍ତ ପାର୍ଥିବ ନଦୀର ଭାବନା ନ ରଖୁ, ସେଥିପାଇଁ ପରାଶର ନିଜ ସ୍ପଷ୍ଟ ଓ ଆଲୋକଦାୟିନୀ ଶୈଳୀରେ ସପ୍ତନଦୀ ସମ୍ବନ୍ଧରେ କହିଛନ୍ତି, ''ସତ୍ୟର ଧାତ୍ରୀ ଶୋଭନ ପନ୍ଥା-ଧାରିଣୀ ଗାଭୀମାନେ (ଧେନବଃ — ଏହି ରୂପକଟି ନଦୀମାନଙ୍କ କ୍ଷେତ୍ରରେ ପ୍ରଯୁକ୍ତ, ଏବଂ **ଗାବଃ** ବା **ଉସ୍ରାଃ** ସୂର୍ଯ୍ୟଙ୍କର ଜ୍ୟୋତିର୍ମୟ ଗୋ-ମାନଙ୍କ ସମ୍ବନ୍ଧରେ ପ୍ରଯୁକ୍ତ) ହମ୍ବାରବ ପୂର୍ବକ ତାଙ୍କୁ ପୁଷ୍ଟ କରି ସ୍ୱର୍ଗସୁଖ ଭୋଗକରିଥିଲେ; ପରମ (ଲୋକ)ରୁ ବରରୂପେ ସୁମତି ଲାଭକରି ନଦୀଗୁଡ଼ିକ ଅଦ୍ରି ଉପରଦେଇ ବିସ୍ତୃତ ଓ ସମାନଭାବରେ ପ୍ରବାହିତ ହେଲେ'',—

---

୨ **ଶ୍ରୀଣନ୍ ଉପ ସ୍ଥାଦ୍ ଦିବଂ ଭୁରଣ୍ୟୁଃ ସ୍ଥାତୁଶ୍ଚ ରଥମକୃନ୍ତ୍ ବ୍ୟର୍ଣୋବ୍ ।**
ପରି ୟଦେଷାମେକୋ ବିଶ୍ୱେଷାଂ ଭୁବଦ୍ଦେବୋ ଦେବାନାଂ ମହିତ୍ୱା ॥ (ଋ-୧।୬୮।୧)

ରତସ୍ୟ ହି ଧେନବଃ ବାବଶାନାଃ, ସ୍ୱଦୁଧ୍ୱୀ ପୀପୟନ୍ତ ଦ୍ୟୁଭକ୍ତାଃ ।
ପରାବତଃ ସୁମତିଂ ଭିକ୍ଷମାଣା ବି ସିନ୍ଧବଃ ସମୟା ସସ୍ରୁରଦ୍ରିମ୍ ॥
(ଋ-୧।୭୩।୬)

ଆଉ ମଧ ୧।୭୨।୮ ଋକ୍‌ରେ ସେ ସେମାନଙ୍କୁ ଏପରି ସବୁ ଶବ୍ଦାବଳୀରେ ବର୍ଣ୍ଣନା କରିଛନ୍ତି ଯାହା ଅନ୍ୟାନ୍ୟ ସୂକ୍ତରେ ନଦୀ ସମ୍ବନ୍ଧରେ ପ୍ରୟୋଗ କରାଯାଇଛି, ସେ କହିଛନ୍ତି ଯେ, ''ସ୍ୱର୍ଗର ସପ୍ତ ଶକ୍ତିମତୀ ନଦୀଗଣ ଚିନ୍ତନକୁ ଯଥାର୍ଥ ରୂପେ ସ୍ଥାପନ କରି, ସତ୍ୟକୁ ଜାଣି, ଜ୍ଞାନ ଦ୍ୱାରା ବିଚାରପୂର୍ବକ ସୁଖର ଦ୍ୱାରଗୁଡ଼ିକ ବିଷୟରେ ଜାଣିଲେ; ସରମା ଗୋ-ମାନଙ୍କ ବ୍ୟାପ୍ତିର ଓ ଦୃଢ଼ତାର ସନ୍ଧାନ ପାଇଲେ; ଏହା ଫଳରେ ମାନୁଷ ଜୀବ ଆନନ୍ଦ ଉପଭୋଗ କରେ''—

ସ୍ୱାଧୋ ଦିବ ଆ ସପ୍ତ ୟହ୍ୱୀ ରାୟୋ ଦୁରୋ ବ୍ୟୃତଜ୍ଞା ଅଜାନନ୍ ।
ବିଦଦ୍ ଗବ୍ୟଂ ସରମା ଦୃଳ୍ହମୂର୍ବଂ ୟେନା ନୁ କ ମାନୁଷୀ ଭୋଜତେ ବିଟ୍ ॥

ଏଥିରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଏମାନେ ପଞ୍ଜାବର ଜଳଧାରା ନୁହନ୍ତି ପରନ୍ତୁ 'ସ୍ୱର୍ଗ'ର ନଦୀଗଣ, 'ସତ୍ୟ'ର ସ୍ରୋତମାନ,[୩] ସରସ୍ୱତୀଙ୍କ ପରି ଏମାନେ ଦେବୀ, ଏମାନେ ଜ୍ଞାନରେ ସତ୍ୟର ପ୍ରତିଷ୍ଠା କରି ଏହାଦ୍ୱାରା ମାନୁଷୀ ଜୀବ ନିକଟରେ ନିଃଶ୍ରେୟସର ଦ୍ୱାରଗୁଡ଼ିକୁ ଉନ୍ମୋଚନ କରନ୍ତି । ଏଥିପୂର୍ବରୁ ଯେପରି ମୁଁ ଏ ବିଷୟରେ ଜୋର୍ ଦେଇଛି, ଏଠାରେ ମଧ ଆମେ ତାହାହିଁ ଦେଖୁଛୁ ଯେ ଧେନୁମାନଙ୍କୁ ଖୋଜି ପାଇବା ତଥା ନଦୀମାନଙ୍କର ବହିଃ ପ୍ରସରଣ ଏ ଉଭୟେ ପରସ୍ପର ନିବିଡ଼ଭାବେ ସଂଶ୍ଳିଷ୍ଟ; ଏ ଉଭୟ ଏକହିଁ କର୍ମର ଅଂଶ ଏବଂ ସେହି କର୍ମ ହେଲା ମନୁଷ୍ୟ ଦ୍ୱାରା ସତ୍ୟ ଓ ଅମୃତତ୍ୱଲାଭ — **ରତଂ ସପନ୍ତୋ ଅମୃତମ୍ ଏବୈଃ ।**

ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ଯେ ସତ୍ୟ ଓ ଅମୃତତ୍ୱକୁ ଜୟ କରିବା ଅଙ୍ଗିରସମାନଙ୍କର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ, 'ସ୍ୱର୍'କୁ ଯେଉଁ ମହାସ୍ୱର୍ଗ, ବୃହତ୍ ଦ୍ୟୌଃ, କୁହାଯାଏ ତାହା ସାଧାରଣ ସ୍ୱର୍ଗ ଓ ପୃଥିବୀର ଉର୍ଦ୍ଧ୍ୱରେ ଥିବା 'ସତ୍ୟ'ର ଲୋକ ଯାହାକି ସାଧାରଣ ଶାରୀରିକ ଓ ମାନସିକ ସତ୍ତାର ଉର୍ଦ୍ଧ୍ୱସ୍ଥ ଲୋକ ଛଡ଼ା ଯେ ଅନ୍ୟ କିଛି ନୁହେଁ, ଏହା ମଧ ସ୍ପଷ୍ଟ, ଅଙ୍ଗିରସଗଣ **ବୃହତ୍ ଦ୍ୟୌଃ** ଦିଗରେ ଯେଉଁ ପଥ, ଯେଉଁ 'ସତ୍ୟ'ର ପଥ, ସୃଷ୍ଟି କରିଛନ୍ତି ଓ ଦେବଶୁନୀ ସରମା ଯେଉଁ ପଥ ଅନୁସରଣ କରିଛନ୍ତି ତାହାହିଁ ଯେ ଅମୃତତ୍ୱ

---

[୩] ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧।୩୨।୮ ଋକ୍‌ରେ 'ହିରଣ୍ୟସ୍ତୂପ ଆଙ୍ଗିରସ' ବୃତ୍ରଠାରୁ ବିମୋଚିତ ଜଳଧାରାମାନଙ୍କୁ **ମନୋ ରୁହାଣାଃ** ରୂପେ ବର୍ଣ୍ଣନା କରିଛନ୍ତି, ''ସେମାନେ ମନ ଦିଗରେ ଆରୋହଣ କରୁଛନ୍ତି'' ଏବଂ ଅନ୍ୟତ୍ର ସେମାନଙ୍କୁ ଜ୍ଞାନଯୁକ୍ତ ଜଳଧାରାମାନ — **ଆପୋ ବିଚେତସଃ** (୧।୮୩।୧) ବୋଲି କୁହାଯାଇଛି ।

ଲାଭର ପଥ — **ଅମୃତତ୍ୱାୟ ଗାତୁମ୍** (୧।୭୨।୯), 'ଉଷା'ଙ୍କର ଦୃଷ୍ଟି (କେତୁ), ଯାହାକି ଅଙ୍ଗିରସମାନଙ୍କ ଦ୍ୱାରା ବିଜିତ ଦିବସ, ତାହା ଯେ 'ସତ୍ୟ ଚେତନା'ର ଉପଯୋଗୀ ଦୃଷ୍ଟି ଏହା ସ୍ପଷ୍ଟ; ପଣିମାନଙ୍କଠାରୁ ବଳ ପ୍ରୟୋଗ କରି ଅଣାଯାଇଥିବା ସୂର୍ଯ୍ୟ ଓ ଉଷାଙ୍କର ଭାସ୍ୱର ଗୋ-ମାନେ ଯେ ଏହି 'ସତ୍ୟ ଚେତନା'ର ଦୀପ୍ତିରାଜି ଯାହା ଅୟାସ୍ୟଙ୍କ ସପ୍ତଶୀର୍ଷୀ ଧୀ-ରେ ପୂର୍ଣ୍ଣତା ପ୍ରାପ୍ତ ହୋଇଥିବା ସତ୍ୟ-ଚିନ୍ତନ ''ଋତସ୍ୟ ଧୀତିଃ'' ଗଠନରେ ସାହାଯ୍ୟ କରେ ଏହା ମଧ୍ୟ ସ୍ପଷ୍ଟ ହୁଏ; ଏହା ସ୍ପଷ୍ଟ ଯେ ବେଦର 'ରାତ୍ରୀ' ମର୍ତ୍ତ୍ୟ ଜୀବର ଅନ୍ଧକାରାବୃତ ଚେତନା, ଯାହା ମଧ୍ୟରେ ସତ୍ୟ ଅବଚେତନ-ଅବସ୍ଥାରେ ପର୍ବତଗୁହା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥାଏ; ଆହୁରି ଏହା ମଧ୍ୟ ସ୍ପଷ୍ଟ ଯେ, ରାତ୍ରୀର ଏହି ଅନ୍ଧକାର ମଧ୍ୟରେ ଅବସ୍ଥିତ ହୃତ ସୂର୍ଯ୍ୟଙ୍କର ପୁନରୁଦ୍ଧାରର ତାତ୍ପର୍ଯ୍ୟ ହେଉଛି ଅନ୍ଧକାରମୟ ଅବଚେତନ ଅବସ୍ଥା ମଧ୍ୟରୁ ସତ୍ୟ-ସୂର୍ଯ୍ୟଙ୍କୁ ଉଦ୍ଧାର କରାଇବା; ଏବଂ ପୃଥିବୀ ଅଭିମୁଖରେ ସପ୍ତନଦୀର ନିମ୍ନ ପ୍ରସରଣ ଯେ ନିଶ୍ଚୟ ଦିବ୍ୟ ବା ଅମର ଅସ୍ତିତ୍ୱର ସତ୍ୟ ମଧ୍ୟରେ ରୂପାୟିତ ହେଉଥିବା ଆମ ସତ୍ତାର ସପ୍ତବିଧ ତତ୍ତ୍ୱର ବହିଃ ପ୍ରବହମାନ କ୍ରିୟା,— ଏହା ମଧ୍ୟ ସ୍ପଷ୍ଟ; ଠିକ୍ ସେହିପରି ପଣିମାନେ ନିଶ୍ଚିତରୂପେ ହେଉଛନ୍ତି ଅବଚେତନ ଅବସ୍ଥା ମଧ୍ୟରୁ ସତ୍ୟର ଉଦୟକୁ ବିଘ୍ନିତ କରୁଥିବା ଶକ୍ତିଗଣ ଏବଂ ମନୁଷ୍ୟଠାରୁ ଏମାନେ ସମସ୍ତ ଜ୍ୟୋତିକୁ ଅପହରଣ କରି ତାକୁ ପୁଣି ରାତ୍ରି ମଧ୍ୟରେ ନିକ୍ଷେପ କରିବାକୁ ନିରନ୍ତର ପ୍ରଚେଷ୍ଟା କରନ୍ତି; ଆହୁରି ମଧ୍ୟ ବୃତ୍ର ନିଶ୍ଚିତରୂପେ ସେହି ଶକ୍ତି ଯିଏ ସତ୍ୟର ଭାସ୍ୱର ନଦୀମାନଙ୍କର ଅବାଧ ଗତିକୁ ପ୍ରତିହତ ଓ ଅବରୁଦ୍ଧ କରେ, ରାତ୍ରିର ପରପାରିରେ ଥିବା ଅମୃତତ୍ୱ ମଧ୍ୟକୁ ଆମକୁ ବହନ କରି ନେଉଥିବା ସତ୍ୟର ପ୍ରବେଗକୁ, **ଋତସ୍ୟ ପ୍ରେଷା**, ଜ୍ୟୋତିର୍ମୟ ପ୍ରେରଣାକୁ, **ଜ୍ୟୋତିଷ୍କୃତୀମ୍ ଇଷମ୍** (୭।୫।୮) ଅବଗୁଣ୍ଠିତ କରେ। ବିପରୀତ ପକ୍ଷେ, ଅଦିତିଙ୍କ ପୁତ୍ର ଦେବଗଣ ହେଉଛନ୍ତି ଅନନ୍ତ ଚେତନା ସ୍ୱରୂପା ଅଦିତିଙ୍କଠାରୁ ଜାତ ଜ୍ୟୋତିର୍ମୟ ଦିବ୍ୟଶକ୍ତିଗଣ, ଆମର ମାନବୀୟ ତଥା ମର୍ତ୍ତ୍ୟ ସତ୍ତା ମଧ୍ୟରେ ଅମୃତତ୍ୱ ସ୍ୱରୂପ ଦେବତ୍ୱ ମଧ୍ୟକୁ ଅର୍ଥାତ୍ ଦେବତ୍ୱ ଦିଗରେ ଆମର ବିକାଶ ପାଇଁ ଏମାନଙ୍କର ରୂପାୟନ ତଥା କ୍ରିୟାଶୀଳତାର ଆବଶ୍ୟକତା ରହିଛି, ଋତଚିତ୍ କବିକ୍ରତୁ ଅଗ୍ନି ଆମକୁ ଯଜ୍ଞ ସାଧନ କରିବାକୁ ସମର୍ଥ କରୁଥିବା ପ୍ରଧାନ ଦେବତା; ସେ ଏହାକୁ ଋତ ପଥରେ ଚଳାଇ ନିଅନ୍ତି, ସଂଗ୍ରାମରେ ସେ ଯୋଦ୍ଧା, କର୍ମର ସେ ଅନୁଷ୍ଠାତା ଏବଂ ନିଜ ମଧ୍ୟରେ ଅନ୍ୟ ସମସ୍ତ ଦେବତାଙ୍କୁ ଗ୍ରହଣ କରୁଥିବା ହେତୁ ସେ ଆମ ମଧ୍ୟରେ ତାଙ୍କର ଐକ୍ୟ, ବିଶ୍ୱମୂକତା ଓ ଅମୃତତ୍ୱର ଭିତ୍ତି ସ୍ଥାପନ କରନ୍ତି। ଆମେ ସତ୍ୟର ଯେଉଁ ସ୍ତରରେ ଉପନୀତ ହେଉ ତାହା ତାଙ୍କର ଓ ଅନ୍ୟ ଦେବତାମାନଙ୍କ ସ୍ୱଗୃହ ତଥା ମାନବାତ୍ମାର ମଧ୍ୟ ଚରମ ନିର୍ଣ୍ଣାୟକ ଗୃହ। ଆହୁରି ମଧ୍ୟ ଅମୃତତ୍ୱକୁ ନିଃଶ୍ରେୟସ, ଅନନ୍ତ ଆଧ୍ୟାତ୍ମିକ ସମ୍ପଦ, ପ୍ରାଚୁର୍ଯ୍ୟର ଅବସ୍ଥା, 'ରତ୍ନ', 'ରୟି', 'ବାଜ', 'ରାଧସ୍' ଇତ୍ୟାଦି

ବୋଲି ବର୍ଣ୍ଣନା କରାଯାଇଛି, ଅର୍ଥାତ୍ ଏଗୁଡ଼ିକ ଆମର ଦିବ୍ୟ ଧାମରେ ପ୍ରବେଶର ଦ୍ୱାର, ଆନନ୍ଦର ଦ୍ୱାର, – ''ରାୟୋ ଦୁରଃ'', ଏହି ଦିବ୍ୟ ଦ୍ୱାରଗୁଡ଼ିକ ସେଇମାନଙ୍କ ଦିଗରେ ବିମୁକ୍ତ ହୋଇଯାଏ ଯେଉଁମାନେ 'ଋତ'କୁ ବୃଦ୍ଧି କରନ୍ତି (**ଋତାବୃଧଃ**) ଏବଂ ସ୍ୱରସ୍ୱତୀ ଏବଂ ତାଙ୍କ ଭଗନୀଗଣ, ସପ୍ତନଦୀ ଓ ସରମା ଏହି ଦ୍ୱାରଗୁଡ଼ିକୁ ଆମ ପାଇଁ ଆବିଷ୍କାର କରିଥା'ନ୍ତି; ଏମାନଙ୍କ ଅଭିମୁଖେ ତଥା ବୃହତ୍ 'ସତ୍ୟ'ର ଅନିବାଧ ଓ ସମ ଆନନ୍ତ୍ୟ ମଧ୍ୟରେ ବିଦ୍ୟମାନ ପ୍ରଶସ୍ତ ଚାରଣ ଭୂମି (କ୍ଷେତ୍ର) ଅଭିମୁଖରେ ବୃହସ୍ପତି ଓ ଇନ୍ଦ୍ର ଭାସ୍ୱର ଗୋ-ଯୂଥମାନଙ୍କୁ ପରିଚାଳିତ କରନ୍ତି ।

ଏହି ଧାରଣାଗୁଡ଼ିକୁ ଆମ ମନରେ ସ୍ପଷ୍ଟ ରୂପେ ଦୃଢ଼ କଲେ ଆମେ ବାମଦେବଙ୍କ ଋକ୍‌ଗୁଡ଼ିକୁ ବୁଝିବାକୁ ସମର୍ଥ ହେବା, ପ୍ରତୀକାତ୍ମକ ଭାଷାରେ ଅଧିକ ଖୋଲାଖୋଲି ଭାବେ ବ୍ୟକ୍ତ ଋଷି ପରାଶରଙ୍କ ଭାବନାର ସାରକଥା ଏଥିରେ ପୁନରୁକ୍ତ ହୋଇଛି । ବାମଦେବଙ୍କ ପ୍ରାରମ୍ଭିକ ସୂକ୍ତଗୁଡ଼ିକ କବିକ୍ରତୁ ଅଗ୍ନିଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ । ଏହି ସ୍ତୁତିଗୁଡ଼ିକରେ ସେ ତାଙ୍କୁ ମନୁଷ୍ୟର ଯଜ୍ଞସଖା ବା ଯଜ୍ଞ-ନିର୍ମାତା ବୋଲି ସମ୍ବୋଧନ କରିଛନ୍ତି, ଯେ ତାକୁ ଦୃଷ୍ଟି ଓ ଜ୍ଞାନ (କେତୁ) ଲାଭ ନିମନ୍ତେ ଜାଗ୍ରତ କରନ୍ତି – **ସ ଚେତୟନ୍ ମନୁଷୋ ଯଜ୍ଞବନ୍ଧୁଃ** (୪।୧।୯); ଏହିପରି କାର୍ଯ୍ୟ କରୁଥିବା ''ସେ ସତ୍ତାର ଦ୍ୱାରଯୁକ୍ତ ଗୃହମାନଙ୍କରେ ବାସ କରି କାର୍ଯ୍ୟ ସାଧନ କରୁଛନ୍ତି; ଦେବସ୍ୱରୂପ ସେ ମର୍ତ୍ତ୍ୟ ଜୀବର କାର୍ଯ୍ୟ ସାଧନର ନିମିତ୍ତ ହେବା ନିମନ୍ତେ ଆସନ୍ତି'' – **ସ କ୍ଷେତି ଅସ୍ୟ ଦୁର୍ୟାସୁ ସାଧନ୍, ଦେବୋ ମର୍ତସ୍ୟ ସଧନିତ୍ୱମ୍ ଆପ** (୪।୧।୯) । ସେ କ'ଣ ସାଧନ କରନ୍ତି ? ପରବର୍ତ୍ତୀ ଋକ୍‌ରେ କୁହାଯାଇଛି, ''ଏହି ଅଗ୍ନି ଆମକୁ ତାଙ୍କ ଜ୍ଞାନ ମଧ୍ୟଦେଇ ଦେବଭୋଗ୍ୟ ଆନନ୍ଦ ଅଭିମୁଖରେ ଚାଳିତ କରନ୍ତି, ସକଳ ଅମରଗଣ ଏସବୁକୁ ରଚନା କରିଛନ୍ତି ଏବଂ ଦ୍ୟୌଷ୍ପିତା, ଜନିତା, ସତ୍ୟକୁ ବର୍ଷଣ କରୁଛନ୍ତି;

ସ ତୂ ନୋ ଅଗ୍ନିର୍ନୟତୁ ପ୍ରଜାନନ୍ନଚ୍ଛା ରତ୍ନଂ ଦେବଭକ୍ତଂ ଯଦସ୍ୟ ।
ଧିୟା ଯଦ୍ ବିଶ୍ୱେ ଅମୃତା ଅକୃଣ୍ୱନ୍ ଦ୍ୟୌଷ୍ପିତା ଜନିତା ସତ୍ୟମୁକ୍ଷନ୍ ॥
(ଋ-୪।୧।୧୦)

ସତ୍ୟର ମନନ ଓ ପ୍ରବେଗ ମଧ୍ୟରେ କର୍ମରତ ଅମର ଦେବତାଙ୍କର ସମସ୍ତ ଶକ୍ତି ଦ୍ୱାରା ସୃଷ୍ଟ ଏହାହିଁ ହେଲା ପରସ୍ପରଙ୍କ ଦ୍ୱାରା କଥିତ ଅମୃତତ୍ୱର ନିଃଶ୍ରେୟସ, ଆଉ ମଧ୍ୟ ସତ୍ୟର ବହିର୍ବର୍ଷଣ ହେଉଛି ଜଳଧାରାଗୁଡ଼ିକର ବହିର୍ବର୍ଷଣ, ଏବଂ ତାହା ''ଉକ୍ଷନ୍'' ପଦ ଦ୍ୱାରା ସୂଚିତ, ଏହାହିଁ ହେଉଛି ପରାଶରଙ୍କ କଥିତ ପର୍ବତ ଉପରେ ସତ୍ୟଜାତା ସପ୍ତନଦୀର ସମବିଚ୍ଛୁରଣ ।

ଏହାପରେ ବାମଦେବ ସତ୍ୟ ମଧ୍ୟରେ, ଜଳଧାରାମାନଙ୍କରେ ଓ ଆଦିଗୃହରେ

ବିଦ୍ୟମାନ ଏହି ମହାନ୍ ପ୍ରଥମ ଓ ପରମ ଶକ୍ତିସ୍ୱରୂପ ଅଗ୍ନିଙ୍କ ଜନ୍ମକଥା କହୁଛନ୍ତି । ଜଳଧାରାଗୁଡ଼ିକ ମଧ୍ୟରେ, ବୃହତ୍ ସ୍ୱର୍ର (ସ୍ୱର୍) ଭିତ୍ତି ଉପରେ, ଏହାର ଗର୍ଭରେ (ଅର୍ଥାତ୍, ଏହାଙ୍କର ଆସନ ଓ ଜନ୍ମସ୍ଥାନ ଆଦିରେ, ଏହାଙ୍କର ମୂଳ ଧାମରେ) ସେହି ଅଗ୍ନି ପ୍ରଥମ ପୁରୁଷରୂପେ ଜାତ ହୋଇଥିଲେ; ସେ ପାଦ ଓ ମସ୍ତକବିହୀନ, ସେ ନିଜର ଦୁଇ ପ୍ରାନ୍ତକୁ ଗୋପନ କରି ରଖିଛନ୍ତି, ବୃଷଭର ନିଳୟରେ ନିଜକୁ କର୍ମରେ ପ୍ରବୃତ୍ତ କରିଛନ୍ତି'' (୪।୧।୧୧)[୪] । ବୃଷଭ ହେଉଛନ୍ତି ଦେବ ବା ପୁରୁଷ, ସତ୍ୟଲୋକ ତାଙ୍କର ବାସଭୂମି, ଏବଂ ସତ୍ୟ-ଚେତନା ମଧ୍ୟରେ କାର୍ଯ୍ୟ କରି କବିକ୍ରତୁ ଅଗ୍ନି ଜଗତ୍ ସମୂହ ସୃଷ୍ଟି କରନ୍ତି, କିନ୍ତୁ ସେ ତାଙ୍କର ପାଦ ଓ ମସ୍ତକରୂପକ ଦୁଇ ପ୍ରାନ୍ତ ଭାଗକୁ ପ୍ରଚ୍ଛନ୍ନ କରନ୍ତି; ଏହାର କାରଣ ଏହି ଯେ ଅତିଚେତନ ଓ ଅବଚେତନ ଉଭୟର ମଧ୍ୟଭାଗରେ ତାଙ୍କର କର୍ମ ଚାଲିଥାଏ ଏବଂ ଏହି ଦୁଇ ସ୍ତର ମଧ୍ୟରେ ତାଙ୍କର ସର୍ବୋଚ୍ଚ ଓ ସର୍ବନିମ୍ନ ସ୍ଥିତି ଯଥାକ୍ରମେ ସଂଗୁପ୍ତ ହୋଇ ରହିଥାଏ, ପ୍ରଥମଟି ପୂର୍ଣ୍ଣ ଜ୍ୟୋତିଃ ମଧ୍ୟରେ ଓ ଦ୍ୱିତୀୟଟି ନିବିଡ଼ ଅନ୍ଧକାର ମଧ୍ୟରେ । ସେଠାରେ ସେ ପ୍ରଥମ ଓ ପରମ ଶକ୍ତିରୂପେ ଅଗ୍ରସର ହୁଅନ୍ତି ଏବଂ ସପ୍ତ ପ୍ରିୟବାନ୍ଧବୀସ୍ୱରୂପା ପରମାନନ୍ଦର ସପ୍ତଶକ୍ତିଙ୍କ କର୍ମ ଦ୍ୱାରା ବୃଷଭ ବା ପରମ ଦେବଙ୍କ ଧାମରେ ଜନ୍ମଗ୍ରହଣ କରନ୍ତି । ''ସ୍ପୃହଣୀୟ ଯୁବା, ବପୁଷ୍ମାନ୍, ଦେଦୀପ୍ୟମାନ ସେ (ଅଗ୍ନି) ପ୍ରଥମ ଶକ୍ତି ରୂପେ ଦୀପ୍ତ ଜ୍ଞାନବଳରେ ସତ୍ୟର ଆସନ, ବୃଷଭର ଆବାସ ଅଭିମୁଖରେ ଅଗ୍ରସର ହେଲେ; ସପ୍ତପ୍ରିୟାଗଣ ତାଙ୍କୁ ପ୍ରଭୁଙ୍କ ନିକଟରେ ଜନ୍ମଦେଲେ'' (୪।୧।୧୨) ।[୫]

ତା'ପରେ ମାନବ ପିତୃଗଣଙ୍କ କର୍ମ ସାଧନ ବିଷୟରେ ଋଷି କହୁଛନ୍ତି — **ଅସ୍ମାକମ୍ ଅତ୍ର ପିତରୋ ମନୁଷ୍ୟାଃ ଅଭି ପ୍ର ସେଦୁଃ ଋତମ୍ ଆଶୁଷାଣାଃ** : ଅର୍ଥାତ୍ ''ଆମର ମାନବ ପିତୃଗଣ ଏଠାରେ ସତ୍ୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହାଙ୍କ ନିକଟକୁ ଅଗ୍ରସର ହେଲେ; ପ୍ରସ୍ତର ଖଞ୍ଜା ମଧ୍ୟରେ ଅବସ୍ଥିତ ଆବରକ କାରାଗାରରେ ଆବଦ୍ଧା ସୁଦୁଘା ଉଜ୍ଜ୍ୱଳ ଗାଭୀମାନଙ୍କୁ ସେମାନେ ଊର୍ଦ୍ଧ୍ୱକୁ (ସତ୍ୟ ଅଭିମୁଖରେ) ଚାଳନ କଲେ, ଉଷାମାନେ ସେମାନଙ୍କ ଆହ୍ୱାନର ଉତ୍ତର ଦେଲେ (ଋକ୍-୧୩)[୬] । ସେମାନେ ଗିରି ବିଦୀର୍ଣ୍ଣ କରି ସେମାନଙ୍କୁ ଉଜ୍ଜ୍ୱଳ କଲେ; ସେମାନଙ୍କ ଚତୁଷ୍ପାର୍ଶ୍ୱରେ ଥିବା ଅନ୍ୟ ସମସ୍ତେ ତାଙ୍କର ଏହି

---

୪ ସ ଜାୟତ ପ୍ରଥମଃ ପସ୍ତ୍ୟାସୁ ମହୋ ବୁଧ୍ନେ ରଜସୋ ଅସ୍ୟ ଯୋନୌ ।
ଅପାଦଶୀର୍ଷା ଗୁହମାନୋ ଅନ୍ତାୟୋୟୁବାନୋ ବୃଷଭସ୍ୟ ନୀଳେ ॥ (ଋ-୪।୧।୧୧)

୫ ପ୍ର ଶର୍ଧଂ ଆର୍ତଂ ପ୍ରଥମଂ ବିପନ୍ୟା ଋତସ୍ୟ ଯୋନା ବୃଷଭସ୍ୟ ନୀଳେ ।
ସ୍ପାର୍ହୋ ଯୁବା ବପୁଷ୍ୟୋ ବିଭାବା ସପ୍ତ ପ୍ରିୟାସୋଽଜନୟନ୍ତ ବୃଷ୍ଣେ ॥ (ଋ-୪।୧।୧୨)

୬ ଅସ୍ମାକମତ୍ର ପିତରୋ ମନୁଷ୍ୟା ଅଭି ପ୍ର ସେଦୁର୍ଋତମାଶୁଷାଣାଃ ।
ଅଶ୍ନବ୍ରଜାଃ ସୁଦୁଘା ବବ୍ରେ ଅନ୍ତରୁଦୁସ୍ରା ଆଜନୁଷସୋ ହୁବାନାଃ ॥ (ଋ-୪।୧।୧୩)

ସତ୍ୟକୁ ବିଘୋଷିତ କଲେ; ଗୋ-ଯୂଥଗୁଡ଼ିକର ସେହି ଚାଳକଗଣ ସେହି କର୍ମସାଧକଙ୍କ (ଅଗ୍ନିଙ୍କ) ଉଦ୍ଦେଶ୍ୟରେ ସ୍ତୁତି ଗାନ କଲେ, ସେମାନେ ଜ୍ୟୋତିଃ ପ୍ରାପ୍ତ ହେଲେ, ସେମାନେ ନିଜ ଧୀ ଦ୍ୱାରା ଜ୍ୟୋତିର୍ମୟ ହୋଇ ଉଠିଲେ (କିଂବା, ସେମାନେ ନିଜ ଧୀ ଦ୍ୱାରା କର୍ମ ସାଧନ କଲେ) (ଋକ୍-୧୪)[୬]। ଆଲୋକାଭିଳାଷୀ ମନ ଦ୍ୱାରା (ଗୋ ସମୂହ ଦ୍ୱାରା, **ଗବ୍ୟତା ମନସା**) ସେମାନେ ଜ୍ୟୋତିର୍ମୟ ଗୋ-ମାନଙ୍କର ଚତୁଷ୍ପାର୍ଶ୍ୱରେ ଥିବା ଦୃଢ଼ ଓ ଘନୀଭୂତ ଅଦ୍ରି ବିଦୀର୍ଣ୍ଣ କଲେ; ସେହି ଆସ୍ଥାବାନ୍ ପୁରୁଷଗଣ ଦିବ୍ୟ ବାକ୍ ଦ୍ୱାରା (ବଚସା ଦୈବ୍ୟେନ) ଗାଭୀପୂର୍ଣ୍ଣ ଦୃଢ଼ବଦ୍ଧ ଗୋଷ୍ଠକୁ ଉନ୍ମୁକ୍ତ କଲେ'' (ଋକ୍-୧୫)[୮]। ଏହିସବୁ ହେଲା ଅଙ୍ଗିରସ ଉପାଖ୍ୟାନର ସାଧାରଣ ଚିତ୍ର, କିନ୍ତୁ ପରବର୍ତ୍ତୀ ଋକ୍‌ରେ ବାମଦେବ ଆହୁରି ଅଧିକ ରହସ୍ୟାର୍ଥକ ଭାଷା ବ୍ୟବହାର କରିଛନ୍ତି। ''ସେମାନେ ପୋଷୟିତ୍ରୀଙ୍କର ପ୍ରଥମ ନାମ ମନନ କଲେ, ସେମାନେ ମାତାଙ୍କର ତ୍ରିଗୁଣିତ ସପ୍ତ (ଏକୋଇଶି)ସଂଖ୍ୟକ ଉଚ୍ଚ ଆସନଗୁଡ଼ିକୁ ଲାଭ କଲେ; ସେଇ ଯୂଥର ଧେନୁମାନେ ତାହା ଜାଣି ତାକୁ ଅନୁସରଣ କଲେ; ଜ୍ୟୋତିଃ'ଗୋ'ର ବିଜୟ ଲାଭ ଫଳରେ (ବା, ପ୍ରାଚୁର୍ଯ୍ୟ ଦ୍ୱାରା) ଅରୁଣବର୍ଣ୍ଣ। ପ୍ରକାଶିତ ହେଲେ।''

ତେ ମନ୍ୱତ ପ୍ରଥମଂ ନାମ ଧେନୋସ୍ତ୍ରିସପ୍ତ ମାତୁଃ ପରମାଣି ବିନ୍ଦନ୍।
ତଜ୍ଜାନତୀରଭ୍ୟନୂଷତ ବ୍ରା ଆବିର୍ଭୁବଦରୁଣୀର୍ୟଶସା ଗୋଃ ॥ (ଋ-୪।୧।୧୬)

ଏଠାରେ ମାତା ହେଉଛନ୍ତି ଅନନ୍ତଚେତନା ଅଦିତି, ସେ ଧେନୁ ବା ଧାତ୍ରୀ ଗାଭୀ, ତାଙ୍କ ସହିତ ଅଛନ୍ତି ସପ୍ତପ୍ରବାହ-ସ୍ୱରୂପା ସପ୍ତନଦୀ, ସଙ୍ଗରେ ଉଷାରୂପିଣୀ ସନ୍ତାନମାନଙ୍କୁ ଧରିଥିବା ସେ ହେଉଛନ୍ତି ଜ୍ୟୋତିର୍ଗାଭୀ ବା ଗୌଃ; ଅରୁଣ ବର୍ଣ୍ଣା ଜଣକ ହେଉଛନ୍ତି ଦିବ୍ୟଉଷା ଏବଂ ଗୋଯୂଥ ବା ରଶ୍ମିମାଳା ହେଉଛନ୍ତି ତାଙ୍କର ଉଷାକାଳୀନ ଦୀପ୍ତିରାଜି। ତ୍ରିଗୁଣସପ୍ତ ପରମାସନସମନ୍ୱା ମାତାଙ୍କ ପ୍ରଥମ ନାମ, ଯାହାକୁ ଉଷାମାନେ ବା ମାନସିକ ଜ୍ଞାନଦୀପ୍ତିରାଜି ଜାଣନ୍ତି ଏବଂ ଯାହା ଆଡ଼କୁ ସେମାନେ ଗତି କରନ୍ତି ତାହା ନିଶ୍ଚୟ ହୋଇଥିବ ପରମ'ଦେବ'ଙ୍କର ନାମ ବା ଦେବତ୍ୱ, ଯାହା ଅନନ୍ତ ସତ୍ତା, ଅନନ୍ତ ଚେତନା ଓ ଅନନ୍ତ ଆନନ୍ଦ, ଏବଂ ସେହି ଆସନଗୁଡ଼ିକ ହେଲେ ତିନି ଦିବ୍ୟ ଜଗତ ଯାହାକୁ ସୂକ୍ତ ଆରମ୍ଭରେ ଅଗ୍ନିଙ୍କର ତିନି ପରମ ଜନ୍ମ ରୂପେ କୁହାଯାଇଛି[୯], ପୁରାଣରେ ଯାହାକୁ — ସତ୍ୟ, ତପଃ

---

[୬] ତେ ମର୍ମୃଜତ ଦଦୃବାଂସୋ ଅଦ୍ରିଂ ତଦେଷାମନ୍ୟେ ଅଭିତୋ ବି ବୋଚନ୍।
ପଶ୍ୱୟନ୍ତାସୋ ଅଭି କାରମର୍ଚନ୍ ବିଦନ୍ତ ଜ୍ୟୋତିଷ୍କୃପନ୍ତ ଧୀଭିଃ ॥ (ଋ-୪।୧।୧୪)

[୮] ତେ ଗବ୍ୟତା ମନସା ଦୃଧ୍ରମୂର୍ବ୍ଧଂ ଗା ୟେମାନଂ ପରି ଷନ୍ତମଦ୍ରିମ୍।
ଦୃହ୍ଳଂ ନରୋ ବଚସା ଦୈବ୍ୟେନ ବ୍ରଜଂ ଗୋମନ୍ତମୁଶିଜୋ ବି ବବ୍ରୁଃ ॥ (ଋ-୪।୧।୧୫)

[୯] ସପ୍ତମ ଋକ୍ ଦେଖନ୍ତୁ —''ତ୍ରିରସ୍ୟ ତା ପରମା ସନ୍ତି ସତ୍ୟା ସ୍ୱାର୍ହା ଦେବସ୍ୟ ଜନିମାନ୍ୟଗ୍ନେଃ।''

ଓ ଜନ ବୋଲି କୁହାଯାଇଛି, ଏଗୁଡ଼ିକ ସେହି 'ଦେବ'ଙ୍କର ତିନି ଆନନ୍ତ୍ୟର ଅନୁରୂପ ଓ ଏମାନଙ୍କ ମଧ୍ୟରୁ ପ୍ରତ୍ୟେକେ ତାଙ୍କ ନିଜ ନିଜ ଧାରାରେ ଆମ ଅସ୍ତିତ୍ୱର ସପ୍ତବିଧ ତତ୍ତ୍ୱକୁ ସାର୍ଥକ କରନ୍ତି : ଏହିପରି ଭାବରେ ଯେଉଁ ଅଦିତି ସତ୍ୟ ଉଷାଙ୍କର ଆବିର୍ଭାବରେ[୧୦] ନିଜ ମହିମାରେ ବ୍ୟକ୍ତ ହୁଅନ୍ତି ତାଙ୍କର ତ୍ରିଗୁଣିତ ସପ୍ତ ଆସନଶ୍ରେଣୀ ଆମେ ଦେଖିବାକୁ ପାଉ । ତେଣୁ ଆମେ ଦେଖୁ ଯେ ମାନବ ପିତୃଗଣଙ୍କର ଜ୍ୟୋତିଃ ଓ ସତ୍ୟ ପ୍ରାପ୍ତି ମଧ୍ୟ ହେଉଛି ପରମ ଓ ଦିବ୍ୟ ପଦର ଅମୃତତ୍ୱ ଦିଗରେ, ସର୍ବସୃଷ୍ଟିକାରିଣୀ 'ଅନନ୍ତ' ମାତାଙ୍କର ପ୍ରଥମ ନାମ ଦିଗରେ ଉତ୍ତରଣାଭିମୁଖୀ ଅସ୍ତିତ୍ୱର ଏହି ତ୍ରିଗୁଣସପ୍ତ ପରମା ସ୍ଥିତି ଦିଗରେ, ଏବଂ ଶାଶ୍ୱତ ଗିରି (ସାନୁ, ଅଦ୍ରି)ର ଉଚ୍ଚତମ ସ୍ତର ଦିଗରେ ଆରୋହଣ ।

ପରମ ଆନନ୍ଦ ସ୍ୱରୂପ ଏହି ଅମୃତତ୍ୱକୁ ଦେବତାମାନେ ଉପଭୋଗ କରନ୍ତି ଏବଂ ଏହାଙ୍କ ବିଷୟରେ ବାମଦେବ ଆଗରୁ କହିଛନ୍ତି ଯେ ନିଜ ତ୍ରିଗୁଣ ସପ୍ତ (ଏକୋଽଶି) ଉଲ୍ଲାସଯୁକ୍ତ ପରମ ଆନନ୍ଦ ଏପରି ଏକ ବିଷୟ ଯାହାକୁ ଅଗ୍ନି ଯଜ୍ଞ ଦ୍ୱାରା ସାଧନ କରିବେ (୧।୨୦।୭) । କାରଣ ସେ ଆଗକୁ କହୁଛନ୍ତି – "ଅନ୍ଧକାର ଦୂର ହୋଇଗଲା, ଏହାର ଆଧାର ଦୋହଲି ଯାଇଥିଲା; ସ୍ୱର୍ଗ ଉଜ୍ଜ୍ୱଳତାରେ ଭାସ୍ୱର ହୋଇ ଉଠିଲା (ରୋଚତ ଦ୍ୟୌଃ, ଯାହାର ଅର୍ଥ ସ୍ୱର୍‌ର ତିନି ଦୀପ୍ତିମୟ ଲୋକର ଅଭିବ୍ୟକ୍ତି – ଦିବୋ ରୋଚନାନି); ଦିବ୍ୟ ଉଷାଙ୍କ ଜ୍ୟୋତି ଊର୍ଦ୍ଧ୍ୱକୁ ଉତ୍‌ଥିତ ହେଲା; ମର୍ତ୍ୟମାନଙ୍କ ମଧ୍ୟରେ ରଜୁ ତଥା କୁଟିଳ ବସ୍ତୁଗୁଡ଼ିକ ଦେଖି ଦେଖି 'ସୂର୍ଯ୍ୟ' 'ସତ୍ୟ'ର ବୃହତ୍ କ୍ଷେତ୍ରମାନଙ୍କରେ ପ୍ରବେଶ କଲେ ।[୧୧] ତତ୍‌ପରେ (ସୂର୍ଯ୍ୟଙ୍କ ଦ୍ୱାରା କୁଟିଳତା ମଧ୍ୟରୁ ରଜୁତାକୁ, ଅନୃତ ମଧ୍ୟରୁ ସତ୍ୟକୁ ପୃଥକ୍ କରାଯିବା ଫଳରେ) ସେମାନେ ପ୍ରବୁଦ୍ଧ ହୋଇ ନିରୀକ୍ଷଣ କରିବାକୁ ଲାଗିଲେ; ତା'ପରେ ସେମାନେ ନିଜ ମଧ୍ୟରେ ସ୍ୱର୍ଗଭୋଗ୍ୟ ଆନନ୍ଦ ଧାରଣ କଲେ, **ରଙ୍ଗଂ ଧାରୟନ୍ତ ଦ୍ୟୁଭକ୍ତମ୍** । ହେ ମିତ୍ର, ହେ ବରୁଣ, ଆମର ଏହି ପ୍ରାର୍ଥନା ଯେ, ସମସ୍ତ ଦେବତା ଆମ ସକଳ ଗୃହରେ ଅବସ୍ଥାନ କରନ୍ତୁ, ଆମର ଧୀ ନିମନ୍ତେ ସତ୍ୟର ଆବିର୍ଭାବ

---

୧୦ ମେଧାତିଥି କାଣ୍ୱ ୧।୨୦।୭ ମନ୍ତ୍ରରେ ନିଃଶ୍ରେୟସର ପରମ ଆନନ୍ଦର ତ୍ରିସପ୍ତ ଉଲ୍ଲାସ "ରଙ୍ଘନି ତ୍ରିଃ ସାପ୍ତାନି" ଏହି ସମାନ ଭାବନା ପ୍ରକାଶ କରିଛନ୍ତି – ଅଥବା ଆହୁରି ଆକ୍ଷରିକ ଅର୍ଥରେ କହିଲେ "ଆନନ୍ଦର ତ୍ରିଗୁଣ ସପ୍ତ ଶ୍ରେଣୀ" ଯା ମଧ୍ୟରୁ ପ୍ରତ୍ୟେକଟିକୁ ଋଭୁଗଣ ପୃଥକ୍ ପୃଥକ୍ ତଥା ସଂପୂର୍ଣ୍ଣ ରୂପେ ପ୍ରକାଶ କରିଛନ୍ତି – **ଏକଂ ଏକଂ ସୁଶସ୍ତିଭିଃ** ।

୧୧ **ନେଶତ୍ ତମୋ ଦୁଧିତଂ ରୋଚତ ଦ୍ୟୌରୁଦ୍ ଦେବ୍ୟା ଉଷତୋ ଭାନୁରର୍ତ୍ତ ।**
ଆ ସୂର୍ଯ୍ୟୋ ବୃହତସ୍ତିଷ୍ଠଦଜ୍ରାଁ ରଜୁ ମର୍ତ୍ତେଷୁ ବୃଜିନା ଚ ପଶ୍ୟନ୍ ॥ (ଋ-୪।୧।୧୭)

୧୨ **ଆଦିତ୍ ପଶ୍ଚା ବୁବୁଧାନା ବ୍ୟଖ୍ୟନ୍ନାଦିଦ୍ ରଙ୍ଗଂ ଧାରୟତ ଦ୍ୟୁଭକ୍ତମ୍ ।**
ବିଶ୍ୱେ ବିଶ୍ୱାସୁ ଦୁର୍ୟାସୁ ଦେବା ମିତ୍ର ଧ୍ରୁଯେ ବରୁଣ ସତ୍ୟମସ୍ତୁ ॥ (ଋ-୪।୧।୧୮)

ଘଟୁ'' – ବିଶ୍ୱେ ବିଶ୍ୱାସୁ ଦୁର୍ୟାସୁ ଦେବା ମିତ୍ର ଧିୟେ ବରୁଣ ସତ୍ୟମ୍ ଅସ୍ତୁ (ଋକ୍-୧୮)[୧୨]। ପରାଶର ଶାକ୍ତ୍ୟ ଅନ୍ୟ ବଚନ ଭଙ୍ଗୀରେ ଯାହା ପ୍ରକାଶ କରିଛନ୍ତି ଏହା ମଧ୍ୟ ସ୍ପଷ୍ଟରୂପେ ସେହି ସମାନ ଭାବନା, ସତ୍ୟର ଚିନ୍ତା ଓ ଉଦ୍ଦୀପନା ଦ୍ୱାରା ସମଗ୍ର ଅସ୍ତିତ୍ୱ ଅନୁଷିକ୍ତ ହୋଇଉଠିବା ଏବଂ ସେହି ଚିନ୍ତା ଓ ଉଦ୍ଦୀପନା ମଧ୍ୟରେ ସମସ୍ତ ଦେବତାଙ୍କ କାର୍ଯ୍ୟ କରିବା, ଏହାର ଉଦ୍ଦେଶ୍ୟ ଏହି ଯେ ଆମ ଅସ୍ତିତ୍ୱର ପ୍ରତ୍ୟେକ ଅଙ୍ଗରେ ସେହି ଆନନ୍ଦ ଓ ଅମରତ୍ୱର ସୃଜନ କରିବା।

ଏହି ସୂକ୍ତର ଶେଷ ଅଂଶ ଏହିପରି – ''ଯେ ଶୁଦ୍ଧ ଦୀପ୍ତିରେ ପ୍ରଜ୍ୱଳ, ହବିଗୁଡ଼ିକର ଯେ ହୋତା, ଯଜ୍ଞରେ ଯେ ଶ୍ରେଷ୍ଠ, ଯେ ଆମ ସମୀପକୁ ସବୁକିଛି ବହନ କରି ଆଣନ୍ତି, ସେହି ଅଗ୍ନିଙ୍କ ଉଦ୍ଦେଶ୍ୟରେ ମୁଁ ଯେପରି ବାକ୍ୟ ଉଚ୍ଚାରଣ କରିପାରେ; ସେ ଜ୍ୟୋତିଃ-ଧେନୁମାନଙ୍କ ଶୁଦ୍ଧ ପନ୍ଥାକୁ ତଥା ଆନନ୍ଦଲତା (ସୋମ)କୁ ଚିପୁଡ଼ି ବିଶୋଧିତ ଖାଦ୍ୟ ନିଷ୍କାସନ କରନ୍ତୁ ଯାହା ଚତୁର୍ଦିଗରେ ପରିଷିକ୍ତ ହୋଇ ରହିଛି[୧୩]। ସେ ହେଉଛନ୍ତି ଯଜ୍ଞପତି, ସମସ୍ତ ଦେବଙ୍କର ଅନନ୍ତ ସତ୍ତା ତଥା ସମସ୍ତ ମନୁଷ୍ୟଙ୍କର ଅତିଥି; ଜାତବେଦ ଅଗ୍ନି ନିଜ ମଧ୍ୟରେ ଦେବଗଣଙ୍କର ବର୍ଦ୍ଧିଷ୍ଣୁ ଅଭିବ୍ୟକ୍ତିକୁ ଗ୍ରହଣ ପୂର୍ବକ ସୁଖପ୍ରଦାୟକ ହୁଅନ୍ତୁ'' (ଋକ୍-୨୦)[୧୪]।

ଚତୁର୍ଥ ମଣ୍ଡଳର ଦ୍ୱିତୀୟ ସୂକ୍ତରେ ଅତ୍ୟନ୍ତ ସ୍ପଷ୍ଟ ଓ ବ୍ୟଞ୍ଜନାତ୍ମକ ଭାବେ ଦିବ୍ୟ ଅଙ୍ଗିରସ ଗଣ ଏବଂ ମାନବ ପିତୃଗଣ ଯେ ସପ୍ତଋଷିଙ୍କ ସହ ସମାନ ସେ ବିଷୟ ବର୍ଣ୍ଣନା କରାଯାଇଛି। ଏହି ସୂକ୍ତର ପ୍ରଥମ ଚାରି ଋକ୍‌ରେ, ୪।୨।୧୧-୧୪, ମାନବ ଦ୍ୱାରା ସତ୍ୟ ଓ ଆନନ୍ଦର ଅନ୍ୱେଷଣ ସମ୍ପର୍କରେ ଏକ ଧାରଣା ଦିଆଯାଇଛି। ''ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ପାର୍ଥକ୍ୟକୁ ଏହି ଜ୍ଞାତା ପୂର୍ଣ୍ଣରୂପେ ବିବେଚନା କରନ୍ତୁ; ହେ ଦେବ, ସନ୍ତାନଠାରେ ଫଳଦାୟକ ଆନନ୍ଦ ନିମନ୍ତେ ଆମ ଉପରେ ପ୍ରଚୁର ପରିମାଣରେ 'ଦିତି'ଙ୍କୁ ଢାଳିଦିଅ ଏବଂ 'ଅଦିତି'ଙ୍କୁ ରକ୍ଷା କର (୧୧)[୧୫]। ଏହି ଏକାଦଶ ଋକ୍‌ଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏଠାରେ ଆମେ ବେଦାନ୍ତବିଖ୍ୟାତ ଜ୍ଞାନ-ଅଜ୍ଞାନର ବିରୋଧିତା ଦେଖିବାକୁ ପାଉ; ବେଦରେ ପୁନଃ ପୁନଃ ଉଲ୍ଲେଖ କରାଯାଇଥିବା ଜ୍ଞାନ ଯାହାକି ବିସ୍ତୃତ ମୁକ୍ତ ସମପୃଷ୍ଠ ସଦୃଶ, ଜ୍ଞାନସାଧକମାନେ

---

୧୩ ଅଚ୍ଛା ବୋଚେୟ ଶୁଶୁଚାନମଗ୍ନିଂ ହୋତାରଂ ବିଶ୍ୱଭରସଂ ୟଜିଷ୍ଠମ୍।
ଶୁଚ୍ୟୂଧୋ ଅତୃଣନ୍ନ ଗବାମନ୍ଧୋ ନ ପୂତଂ ପରିଷିକ୍ତମଂଶୋଃ ॥ (ଋ-୪।୧।୧୯)

୧୪ ବିଶ୍ୱେଷାମଦିତିର୍ୟଜ୍ଞିୟାନାଂ ବିଶ୍ୱେଷାମତିଥିର୍ମାନୁଷାଣାମ୍।
ଅଗ୍ନିର୍ଦେବାନାମବ ଆବୃଣାନଃ ସୁମୃଳୀକୋ ଭବତୁ ଜାତବେଦାଃ ॥ (ଋ-୪।୧।୨୦)

୧୫ ଚିତ୍ତିମଚିତ୍ତିଂ ଚିନବଦ୍ ବି ବିଦ୍ୱାନ୍ ପୃଷ୍ଠେବ ବୀତା ବୃଜିନା ଚ ମର୍ତାନ୍।
ରାୟେ ଚ ନଃ ସ୍ୱପତ୍ୟାୟ ଦେବ ଦିତିଂ ଚ ରାସ୍ୱାଦିତିମୁରୁଷ୍ୟ ॥ (ଋ-୪।୨।୧୧)

ଏହି ବିରାଟ ପୁଷ୍ଟକୁ ଉତ୍ତରଣ କରନ୍ତି ତଥା ଏଠାରେ ଆତ୍ମାନନ୍ଦରେ ସନ୍ନିବିଷ୍ଟ ଅଗ୍ନିଙ୍କୁ ଆସୀନ ଥିବାର ଦେଖନ୍ତି (୫।୭।୫); ସେହି ପ୍ରଶସ୍ତ ସତ୍ତାକୁ ସେମାନେ ନିଜ ଶରୀର ପାଇଁ ପ୍ରସ୍ତୁତ କରନ୍ତି (୫।୪।୬), ଏହାହିଁ ସେହି ସମପୃଷ୍ଠ ବ୍ୟାପ୍ତି, **ଅନିବାଧ ବୃହତ୍** । ସୁତରାଂ ଦେବଗଣଙ୍କର ଏହି ଅନନ୍ତ ସତ୍ତା ମଧ୍ୟରେ ଥିବା 'ସତ୍ୟ' ଲୋକରେ ଆମେ ଉପନୀତ ହେଉ, ଏବଂ ଏଠାରେ ଅଦିତି ମାତାଙ୍କର ତ୍ରିସପ୍ତ ପରମ ଆସନ ଅବସ୍ଥିତ, 'ଅନନ୍ତ' ମଧ୍ୟରେ ଅଗ୍ନିଙ୍କର ତିନି ପରମ ଜନ୍ମର ଏହାହିଁ ସ୍ଥାନ — **ଅନନ୍ତେ ଅନ୍ତଃ** (୪।୧।୭) । ଅନ୍ୟ ପକ୍ଷରେ କୁଟିଳ ବା ଅସମାନ ସ୍ତର[୧୬] ଯାହାକୁ ଅବିଦ୍ୟା ବୋଲି କୁହାଯାଇଛି, ଏହା ମର୍ତ୍ୟମାନଙ୍କୁ ଆବଦ୍ଧ କରି ରଖେ, ତେଣୁ ଏହା ସୀମିତ, ବିଭକ୍ତ ମର୍ତ୍ୟ-ଅସ୍ତିତ୍ୱ । ଏତଦ୍ ବ୍ୟତୀତ ଏହା ସ୍ପଷ୍ଟ ଯେ ପରବର୍ତ୍ତୀ ମନ୍ତ୍ରାର୍ଦ୍ଧରେ 'ଦିତି' ହେଉଛନ୍ତି ଅବିଦ୍ୟା ଓ 'ଅଦିତି' ବିଦ୍ୟା — **ଦିତିଂ ଚ ରାସ୍ୱ ଅଦିତିମ୍ ଉରୁଷ୍ୟ** । 'ଦିତି' ରୁ 'ଦନୁ' ମଧ୍ୟ କୁହାଯାଏ, ଏହାର ଅର୍ଥ ହେଲା ବିଭାଜନ ତଥା ବାଧକ **ଶତ୍ରିଗଣ ଅଥବା ବୃତ୍ର-ଗଣ** ହେଉଛନ୍ତି ତାଙ୍କ ସନ୍ତାନ, ଯଥା ଦନୁ, ଦାନବ, ଦୈତ୍ୟଗଣ ପ୍ରଭୃତି, ଏପରି ସ୍ଥଳେ 'ଅଦିତି' ହେଉଛନ୍ତି ଅନନ୍ତ ଅସ୍ତିତ୍ୱ ତଥା ଦେବଗଣଙ୍କର ମାତା । ଋଷିଙ୍କର କାମନା ହେଉଛି — ସନ୍ତାନ ମଧ୍ୟରେ ସିଦ୍ଧ ଆନନ୍ଦ, ଅର୍ଥାତ୍ ଦିବ୍ୟକର୍ମ ତଥା ସେଗୁଡ଼ିକର ଫଳ ମଧ୍ୟରେ ଥିବା ଆନନ୍ଦ ଏବଂ ଆମର ବିଭକ୍ତ ମର୍ତ୍ୟସତ୍ତା ଯେଉଁ ସବୁ ସମ୍ପଦ ଧାରଣ କରିଛି ଅଥଚ ବୃତ୍ର ଓ ପଣିମାନେ ଆମଠାରୁ ଯାହାକୁ ଅବରୋଧ କରି ରଖିଛନ୍ତି ସେସବୁକୁ ଜୟକରିବା ଫଳରେ ଏବଂ ସେସବୁକୁ ଆମ ଅନନ୍ତ ଦିବ୍ୟସତ୍ତା ମଧ୍ୟରେ ଧାରଣ କରିବା ଦ୍ୱାରାହିଁ ଏସବୁ ଫଳପ୍ରସୂ ହେବେ । ଏହି ଐଶ୍ୱର୍ଯ୍ୟକୁ ଆମକୁ ଆମର ମାନବୀୟ ଅସ୍ତିତ୍ୱର ସାଧାରଣ ପ୍ରବୃତ୍ତିଠାରୁ ତଥା 'ଦନୁ' ବା ଦିତିଙ୍କ ସନ୍ତାନମାନଙ୍କ ଅଧୀନତାରୁ ରକ୍ଷାକରି ଆମ ମଧ୍ୟରେ ଧାରଣ କରିବାକୁ ହେବ । ଈଶୋପନିଷଦରେ ଯେପରି ଘୋଷଣା କରାଯାଇଛି, ଅମୃତତ୍ୱ ଲାଭର ଏକ ସର୍ତ୍ତ ହେଲା ଏକହିଁ ବ୍ରହ୍ମ ମଧ୍ୟରେ ବିଦ୍ୟା ଓ ଅବିଦ୍ୟା, ଐକ୍ୟ ଓ ବହୁତ୍ୱ ଉପଲବ୍ଧି କରିବା, ଏହି ଉକ୍ତି ସହିତ ବେଦର ଭାବନା ଯେ ଅଭିନ୍ନ, ଏ ବିଷୟ ସ୍ପଷ୍ଟ ହୋଇ ଉଠିଛି ।[୧୭]

---

[୧୬] **ଚିତ୍ତିମଚିତ୍ତିଂ ଚିନବତ୍ ବି ବିଦ୍ୱାନ୍ ପୃଷ୍ଠେବ ବୀତା ବୃଜିନା ଚ ମର୍ତ୍ତାନ୍** । 'ବୃଜିନ' ଅର୍ଥ କୁଟିଳ, ସତ୍ୟର ଉନ୍ମୁକ୍ତ ଋଜୁତାକୁ ବିରୋଧ କରୁଥିବା ମିଥ୍ୟାର କୁଟିଳତାକୁ ସୂଚିତ କରିବା ପାଇଁ ବେଦରେ ଏହା ବ୍ୟବହୃତ, କିନ୍ତୁ କବିଙ୍କ ମନରେ ସ୍ପଷ୍ଟରୂପେ ରହିଛି 'ବୃଜ୍'ର ପୃଥକ୍ କରିବା ତଥା ପରଦାପକାଇ ଅଲଗା କରିଦେବା ଭଳି ଧାତୁଗତ ଅର୍ଥ, ଏବଂ ଏହି ଧାତୁଗତ ଅର୍ଥହିଁ 'ମର୍ତ୍ତାନ୍' ପଦଟିର ବିଶେଷଣ ।

[୧୭] **ବିଦ୍ୟାଞ୍ଚାବିଦ୍ୟାଞ୍ଚ ଯସ୍ତଦ୍ ବେଦୋଭୟଂ ସହ ।**
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ ॥ (ଈଶୋପନିଷଦ୍, ୧୧)

ବର୍ତ୍ତମାନ ଆମେ ସପ୍ତ ଦିବ୍ୟଋଷିଙ୍କ ବିଷୟକୁ ଆସିବା : ''ଅପରାଜିତ ସେହି ଦ୍ରଷ୍ଟାଗଣ ମାନବୀୟ ସତ୍ତାର ଆବସଗୁଡ଼ିକ ମଧ୍ୟରେ ତାଙ୍କୁ (ଦେବଙ୍କୁ, ଅଗ୍ନିଦେବଙ୍କୁ) ଧାରଣ ପୂର୍ବକ ସେହି ଦ୍ରଷ୍ଟାଙ୍କୁ (ଅଗ୍ନିଙ୍କୁ) କହିଲେ; ସେହିଠାରୁ (ଧାରଣ କରିଥିବା ଏହି ମାନବୀୟ ଶରୀର ମଧ୍ୟରୁ) ହେ ଅଗ୍ନି ! କର୍ମ ଦ୍ୱାରା ଅଭୀପ୍ସା କରୁଥିବା ତୁମେ (ଅର୍ୟଃ), ତୁମର ପ୍ରଗତିଶୀଳ ଗତିବୃତ୍ତିଗୁଡ଼ିକ ଦ୍ୱାରା ସେହିମାନଙ୍କ ଉପରେ, ସେହି ଲୋକାତୀତ ସତ୍ତାମାନଙ୍କ ଉପରେ (ସେହି 'ଦେବଙ୍କର' ଦେବତ୍ୱଗୁଡ଼ିକ ଉପରେ) ଦୃଷ୍ଟିପାତ କର ଯେଉଁମାନଙ୍କୁ ତୁମର ଦର୍ଶନ କରିବା କଥା ।''

କବିଂ ଶଶାସ୍ମୁଃ କବୟୋଽଦର୍ଧାଃ ନିଧାରୟନ୍ତୋ ଦୁର୍ୟାସ୍ୱାୟୋଃ ।
ଅତସ୍ତ୍ୱଂ ଦୃଶ୍ୟା ଅଗ୍ନ ଏତାନ୍ ପଡ୍‌ଭିଃ ପଶ୍ୟେରଦ୍‌ଭୁତାଁ ଅର୍ୟ ଏବୈଃ ॥
(୪।୨।୧୨)

ପୁଣି ସେହି ଦେବତାଙ୍କ ଦୃଷ୍ଟି ଅଭିମୁଖରେ ଯାତ୍ରାର କଥା କୁହାଯାଇଛି — ''ହେ ଯୁବତମ ଶକ୍ତି ଅଗ୍ନି, ବାଣୀଗାୟକମାନଙ୍କ ନିମନ୍ତେ, ସୋମନିବେଦକଙ୍କ ନିମନ୍ତେ ଓ ଯଜ୍ଞ-ଆୟୋଜକଙ୍କ ନିମନ୍ତେ ତୁମେ (ଯାତ୍ରାପଥରେ) ତା'ର ଶ୍ରେଷ୍ଠ ପଥପ୍ରଦର୍ଶକ ! ଦୀପ୍ତ କର୍ମସାଧକକୁ ବା କର୍ମସାଧକ ମନୁଷ୍ୟକୁ (**ଚର୍ଷଣିପ୍ରାଃ**) ତୃପ୍ତକରିବା ସହିତ ତା'ର ବୃଦ୍ଧି ନିମନ୍ତେ ବିପୁଳ ସୁଖଯୁକ୍ତ ଆନନ୍ଦ ଆନୟନ କର (୧୩)[୧୮] । ହେ ଅଗ୍ନି ! ଆମେ ହସ୍ତ, ପାଦ ଓ ଶରୀର ଦ୍ୱାରା ଯେଉଁ କାର୍ଯ୍ୟଗୁଡ଼ିକୁ କରୁଛୁ ଏବେ ତାକୁ ନେଇ ଯଥାର୍ଥ ଚିନ୍ତନଶୀଳମାନେ (ଅଙ୍ଗିରସମାନେ) ନିଜ ଦୁଇ ହସ୍ତର (ସ୍ୱର୍ଗ ଓ ପୃଥିବୀର — **ଭୁରିଜୋଃ**) କର୍ମ ଦ୍ୱାରା ତୁମ ରଥ ନିର୍ମାଣ କରନ୍ତୁ; 'ରତ'ଲାଭ ଉଦ୍ଦେଶ୍ୟରେ ସେମାନେ ଏହି ଦିଗରେ ସେମାନଙ୍କ ପଥ ନିର୍ମାଣ କରିଛନ୍ତି (ବା, ଏହାର ନିୟନ୍ତ୍ରଣକୁ ହାସଲ କରିଛନ୍ତି)'' — **ରତଂ ୟେମୁଃ ସୁଧ ଆଶୁଷାଣାଃ** (୧୪)[୧୯] । ''ଉଷାମାତାଙ୍କର ସପ୍ତ ବିପ୍ରଙ୍କ ପରି (ଯଜ୍ଞର) ପରମ ବିଧାତା ରୂପେ ଆମେ ସ୍ୱୟଂ ଯେପରି ଆମ ପାଇଁ ଦେବତାରୂପେ ଜନ୍ମଗ୍ରହଣ କରୁ; ଆମେ ଦିବସ୍ପୁତ୍ର ଅଙ୍ଗିରସରେ ପରିଣତ ହେଉ, ଶୁଦ୍ଧତାରେ ପ୍ରଦୀପ୍ତ ହୋଇ ଆମେ ଧନପୂର୍ଣ୍ଣ ଅଦ୍ରିକୁ ବିଦୀର୍ଣ୍ଣ କରୁ''(୧୫)[୨୦] । ଏଠାରେ ଅତି ସ୍ପଷ୍ଟରୂପେ

---

[୧୮] ତ୍ୱମଗ୍ନେ ବାଘତେ ସୁପ୍ରଣୀତିଃ ସୁତସୋମାୟ ବିଧତେ ୟବିଷ୍ଠ ।
ରତ୍ନଂ ଭର ଶଶମାନାୟ ଘୃଷ୍ୱେ ପୃଥୁଶ୍ଚନ୍ଦ୍ରମବସେ ଚର୍ଷଣିପ୍ରାଃ ॥ (ଋ-୪।୨।୧୩)

[୧୯] ଅଧା ହ ୟଦ୍ ବୟମଗ୍ନେ ତ୍ୱାୟା ସଡ୍‌ଭିର୍ହସ୍ତେଭିଶ୍ଚକୃମା ତନୂଭିଃ ।
ରଥଂ ନ କ୍ରନ୍ତୋ ଅପସା ଭୁରିଜୋର୍ଗତଂ ୟେମୁଃ ସୁଧ ଆଶୁଷାଣାଃ ॥ (ଋ-୪।୨।୧୪)

[୨୦] ଅଧା ମାତୁରୁଷସଃ ସପ୍ତ ବିପ୍ରା ଜାୟେମହି ପ୍ରଥମା ବେଧସୋ ନୃନ୍ ।
ଦିବସ୍ପୁତ୍ରା ଅଙ୍ଗିରସୋ ଭବେମାଽଦ୍ରିଂ ରୁଜେମ ଧନିନଂ ଶୁଚନ୍ତଃ ॥ (ଋ-୪।୨।୧୫)

ଆମେ ଦେଖୁ ଯେ ସପ୍ତ ଦିବ୍ୟ ଋଷି ବିଶ୍ୱଯଜ୍ଞର ପରମ ବିଧାୟକ ଅଟନ୍ତି ଏବଂ ମନୁଷ୍ୟ ଏହି ସପ୍ତଋଷି ''ହୋଇଉଠିବା''ର ଯେଉଁ ଅବଧାରଣା ରହିଛି ତା'ର ଅର୍ଥ ହେଲା ସେ (ମନୁଷ୍ୟ) ସେମାନଙ୍କୁ ନିଜ ମଧ୍ୟରେ ଗଠନ କରେ, ସେମାନେ ପ୍ରକୃତରେ ଯାହା ତା'ର ଅନୁରୂପ ସତ୍ତାରୂପେ ସେ ନିଜେ ବିକାଶଲାଭ କରେ, ଠିକ୍ ଯେପରି ସେ ସ୍ୱୟଂ 'ସ୍ୱର୍ଗ', 'ପୃଥିବୀ' ଓ ଅନ୍ୟ ନାନାଦେବତା ହୋଇ ଉଠେ କିଂବା ଅନ୍ୟଭାବରେ କହିଲେ ନିଜ ସତ୍ତା ମଧ୍ୟରେ ଦିବ୍ୟଜନ୍ମ ଲାଭକରେ ବା ନିର୍ମାଣ କରେ ବା ସେହି ରୂପକୁ ଧାରଣ କରେ (ଏଠାରେ 'ଜନ୍', 'କୃ', 'ତନ୍' ଏହି ତିନି ଧାତୁର ଅର୍ଥ ରହିଛି)।

ଏହି ମହାନ୍ ଉତ୍ତି ଓ କର୍ମସିଦ୍ଧିର ଲକ୍ଷ୍ୟକୁ ପ୍ରାପ୍ତ ହେବାର ଆଦିମ ଆଦର୍ଶ ରୂପେ ମାନବ ପିତୃଗଣଙ୍କ ଦୃଷ୍ଟାନ୍ତ ପରେ କୁହାଯାଇଛି। ''ହେ ଅଗ୍ନି, ଠିକ୍ ଯେପରି ଆମର ପରମ ପ୍ରାଚୀନ ପିତୃଗଣ ସତ୍ୟଲାଭର ଅଭୀପ୍ସା ସହ ବାଣୀ ପ୍ରକାଶ କରି, ଶୁଦ୍ଧତା ଓ ଜ୍ୟୋତିଃ ମଧ୍ୟକୁ ଯାତ୍ରା କରିଥିଲେ; ସେମାନେ ପୃଥିବୀକୁ (ଜଡ଼ୀୟ ସତ୍ତାକୁ) ବିଦୀର୍ଣ୍ଣ କରି ଅରୁଣବର୍ଣ୍ଣା (ଉଷା ଓ ଗୋ) ମାନଙ୍କୁ ଅନାବୃତ କରିଥିଲେ; କର୍ମ ଓ ଜ୍ୟୋତିଃରେ ପରିପୂର୍ଣ୍ଣ ହୋଇ, ଦେବତ୍ୱର ଓ ଦେବଗଣଙ୍କ ଅନ୍ୱେଷଣ କରି, ଲୌହତୁଲ୍ୟ 'ଜନ୍ମ'ମାନ ନିର୍ମାଣ କରି (ଅଥବା, ଦିବ୍ୟ ଜନ୍ମଗୁଡ଼ିକୁ ଲୌହତୁଲ୍ୟ ଗଠନ କରି), ଅଗ୍ନିଙ୍କୁ ଶୁଦ୍ଧ ଶିଖାସମୂହ କରି, ଇନ୍ଦ୍ରଙ୍କୁ ବୃଦ୍ଧି କରି ସେମାନେ ଜ୍ୟୋତିଃର (ଗୋ ସମୂହର, **ଗବ୍ୟମ୍ ଉର୍ବମ୍**) ପ୍ରଶସ୍ତତାରେ ଉପନୀତ ହୋଇଥିଲେ ଓ ତାହା ଲାଭ କରିଥିଲେ ଏବେ ମଧ୍ୟ ସେହିପରି (ଋକ୍-୧୬, ୧୭)[୨୧]। ହେ ଶକ୍ତିଶାଳୀ ପୁରୁଷ ! ସମୃଦ୍ଧିର କ୍ଷେତ୍ର ମଧ୍ୟରେ ଗୋଯୂଥ ପରି ଅନ୍ତର ମଧ୍ୟରେ ଦେବଙ୍କର ଏହି ଜନ୍ମ ପ୍ରତ୍ୟକ୍ଷ ହୋଇଥିଲା; ସେ ଦୁହେଁ ମର୍ତ୍ୟମାନଙ୍କର ବିଶାଳ ଭୋଗ (ବା, ଇଚ୍ଛା) ସାଧନ କରିଥିଲେ ଏବଂ ଉଚ୍ଚତର ସତ୍ତାର ବୃଦ୍ଧି ନିମନ୍ତେ ଆତ୍ମହାବାନ୍ ପୁରୁଷ ଭଳି ମଧ୍ୟ କାର୍ଯ୍ୟ କରିଥିଲେ।'' –

ଆ। ୟୂଥେବ କ୍ଷୁମତି ପଶ୍ୱା। ଅଖ୍ୟଦ୍ଦେବାନାଂ ୟଜ୍ଜନିମାନ୍ତ୍ୟୁଗ୍ର ।
ମର୍ତାନାଂ ଚିଦୁର୍ବଶୀରକୃପ୍ରନ୍, ବୃଧେ ଚିଦର୍ୟ ଉପରସ୍ୟାୟୋଃ ॥

(ଋ-୪।୨।୧୮)

---

୨୧ ଅଧା ୟଥା ନଃ ପିତରଃ ପରାସଃ ପ୍ରତ୍ନାସୋ ଅଗ୍ନ ଋତମାଶୁଷାଣାଃ ।
ଶୁଚୀଦୟନ୍ ଦୀଧିତିମୁକ୍ଥଶାସଃ କ୍ଷାମା ଭିନ୍ଦନ୍ତୋ ଅରୁଣୀରପ ବ୍ରନ୍ ॥
ସୁକର୍ମାଣଃ ସୁରୁଚୋ ଦେବୟନ୍ତୋଽୟୋ ନ ଦେବା ଜନିମା ଧମନ୍ତଃ ।
ଶୁଚନ୍ତୋ ଅଗ୍ନିଂ ବବୃଧନ୍ତ ଇନ୍ଦ୍ରମୂର୍ବଂ ଗବ୍ୟଂ ପରି ଷଦନ୍ତୋ ଅଗ୍ମନ୍ ॥ (ଋ-୪।୨।୧୬-୧୭)

୨୨ ଅକର୍ମ ତେ ସ୍ୱପସୋ ଅଭୂମ ଋତମବସ୍ରନ୍ଧିଷସୋ ବିଭାତୀଃ ।
ଅନୂନମଗ୍ନିଂ ପୁରୁଧା ସୁଷନ୍ଦ୍ରଂ ଦେବସ୍ୟ ମର୍ମଜତଶ୍ଚାରୁ ଚକ୍ଷୁଃ ॥ (ଋ-୪।୨।୧୯)

ଏଥିରୁ ସ୍ପଷ୍ଟ ଜଣାଯାଏ, ଅନ୍ୟଭାବରେ ହେଲେ ମଧ୍ୟ ଏହା 'ଦିତି'ଙ୍କ ଧନ ସମୂହ ଲାଭକରିବା ସହ 'ଅଦିତି'ଙ୍କୁ ସୁରକ୍ଷା ଦେବା – ଏହି ଉଭୟ ଭାବନାର ପୁନରୁକ୍ତି । ''ଆମେ ତୁମ ପାଇଁ କର୍ମ କରିଛୁ, ଆମେ କର୍ମରେ ପୂର୍ଣ୍ଣତା ଲାଭ କରିଛୁ, ବିଭାମୟୀ ଉଷାମାନେ ଋତ ମଧ୍ୟରେ (ବା, ଋତର ପରିଚ୍ଛଦରେ ଭୂଷିତା) ହୋଇଛନ୍ତି, ଅଗ୍ନିଙ୍କ ପୂର୍ଣ୍ଣତା ତଥା ତାଙ୍କର ବହୁବିଧ ଆନନ୍ଦ ମଧ୍ୟରେ, ସମସ୍ତ ଉଜ୍ଜ୍ୱଳତା ଯୁକ୍ତ ଦୀପ୍ତିମୟ ଦେବ-ଚକ୍ଷୁ ମଧ୍ୟରେ ବାସଗ୍ରହଣ କରିଛନ୍ତି (ଋକ୍-୧୯)'' ।

ଅଙ୍ଗିରସମାନଙ୍କ କଥା ପୁଣି ୪।୩।୧୧ ଋକ୍‌ରେ ଉଲ୍ଲେଖ କରାଯାଇଛି, ଏବଂ ଏହି ଋକ୍‌ର ମୁଖ୍ୟସ୍ଥାନୀୟ କେତେକ ବିଷୟ ଯାହା ଏହି ଋକ୍ ଯାଏ ଆମକୁ ନେଇଆସେ ତାହା ଏଠାରେ ଆଲୋଚ୍ୟ ବିଷୟ; କାରଣ ଏକଥା ବାରବାଂର କହିବାରେ ଦୋଷ ନାହିଁ ଯେ ଯଦି ଋକ୍‌କୁ ପୂର୍ବାପର ପ୍ରସଙ୍ଗ ଅନୁସାରେ ଦେଖା ନ ଯାଏ, ସୂକ୍ତଟିର ପରିକଳ୍ପନା ମଧ୍ୟରେ ଏହାର ସ୍ଥାନ କେଉଁଠି, ଏହାର ପୂର୍ବେ ଓ ପରେ କ'ଣ କୁହାଯାଇଛି, ଏସବୁକୁ ଯଦି ଜଣା ନ ଯାଏ ତେବେ ତା'ର ଅର୍ଥ ଯଥାର୍ଥ ରୂପେ ବୋଧଗମ୍ୟ ହୁଏ ନାହିଁ । ସୂକ୍ତଟିର ଆରମ୍ଭରେ ମନୁଷ୍ୟମାନଙ୍କ ପ୍ରତି ଏକ ଆହ୍ୱାନ ଦିଆଯାଇ କୁହାଯାଇଛି ଯେ, ଅବିଦ୍ୟା ନିଜକୁ ଗଠନ କରିବା ପୂର୍ବରୁ, **ପୁରା ତନୟିତ୍ନୋରଚିତ୍ତାତ୍** (୪।୩।୧), ସତ୍ୟଯଜ୍ଞ (**ସତ୍ୟୟଜ୍ଞମ୍**) 'ଅଗ୍ନି'ଙ୍କୁ ସେ ସୃଜନ କରୁ, ତାଙ୍କର ସ୍ୱର୍ଣ୍ଣିମ ରୂପରେ ତାଙ୍କୁ ସୃଜନ କରୁ, (**ହିରଣ୍ୟରୂପମ୍**, ହିରଣ୍ୟ, ସ୍ୱର୍ଣ୍ଣ, ସର୍ବଦା ସତ୍ୟ-ସୌର-ଜ୍ୟୋତିଃର ପ୍ରତୀକ, **ଋତଂ ଜ୍ୟୋତିଃ**) । ମନୁଷ୍ୟର କାର୍ଯ୍ୟରେ ଏବଂ ତା' ନିଜ ମଧ୍ୟରେ ନିହିତ 'ସତ୍ୟ'ରେ ପ୍ରବୁଦ୍ଧ ହେବା ପାଇଁ ଏହି ଦେବଙ୍କୁ ପ୍ରାର୍ଥନା କରାଯାଏ, ''ସତ୍ୟଚେତନ ସେ ସ୍ୱୟଂ ଧୀକୁ ଯଥାର୍ଥ ରୂପେ ସ୍ଥାପନ କରନ୍ତି'' – **ଋତସ୍ୟ ବୋଧି ଋତଚିତ୍ ସ୍ୱାଧୀଃ** (୪।୩।୪), କାରଣ, ସତ୍ୟର ଅନିୟମିତ ଉପସ୍ଥାପନହିଁ ହେଉଛନ୍ତି ସକଳ ଅନୃତ । ମନୁଷ୍ୟ-ଅନ୍ତରର ସମସ୍ତ ଦୋଷ ପାପ ଓ ତ୍ରୁଟିକୁ ନେଇ ଅଗ୍ନି ବିଭିନ୍ନ ଦେବଙ୍କ ବା ଭାଗବତ ପୁରୁଷଙ୍କ ଦିବ୍ୟଶକ୍ତିମାନଙ୍କ ନିକଟରେ ନିବେଦନ କରନ୍ତି ଯାହା ଫଳରେ ସେସବୁକୁ ଦୂର କରାଯାଇ ପାରେ ଏବଂ ଶେଷରେ ମନୁଷ୍ୟ ଅସୀମା ଅଦିତିମାତାଙ୍କ ନିକଟରେ ନିର୍ଦୋଷ ବିବେଚିତ ହୋଇପାରେ – **ଅଦିତୟେ ଅନାଗସଃ** (୧।୨୪।୧୫), କିଂବା ଅନ୍ୟତ୍ର କୁହାଯାଉଥିବା ଉକ୍ତି ଅନୁସାରେ 'ଅଦିତୟେ' ଅର୍ଥ 'ଅନନ୍ତ ଅସ୍ତିତ୍ୱ ନିମନ୍ତେ ପ୍ରସ୍ତୁତି' ହୋଇପାରେ ।

ତା'ପରେ ନବମ ଓ ଦଶମ ଋକ୍‌ରେ ମାନବୀୟ ଓ ଦିବ୍ୟ ଅସ୍ତିତ୍ୱ, 'ଦିତି' ଓ 'ଅଦିତି'ଙ୍କ ଏକତ୍ର ସମାବେଶ ବିଷୟକ ଧାରଣା ନାନା ସୂତ୍ରେ ବ୍ୟକ୍ତ ହୋଇଛି, ଦ୍ୱିତୀୟ ଜଣକ ଅର୍ଥାତ୍ 'ଅଦିତି', ପ୍ରଥମ ଜଣକ ଅର୍ଥାତ୍ 'ଦିତି'ଙ୍କ ସହିତ ନିଜକୁ ସ୍ଥାପନ, ନିୟନ୍ତ୍ରଣ ଓ ପରିପୂରଣ କରୁଛନ୍ତି । ''ଋତ ଦ୍ୱାରା ନିୟନ୍ତ୍ରିତ ଋତକୁ (ଅର୍ଥାତ୍, ଦିବ୍ୟସତ୍ୟ ଦ୍ୱାରା

ନିୟନ୍ତ୍ରିତ ମାନୁଷ ସତ୍ୟକୁ) ମୁଁ କାମନା କରୁଛି, ସେହି 'ଗୋ'-ର ପରିପକ୍ୱ ବିଷୟ ସମୂହ (ଦିତି) ଓ ତା'ର ପକ୍ୱ ମଧୁମୟ ରସ (ଅଦିତି) ଉଭୟ ଏକତ୍ର (ପୁନଶ୍ଚ, ଏହାବି ହୋଇପାରେ, ଅପୂର୍ଣ୍ଣ ମାନବୀୟ ଫଳ ଏବଂ ବିଶ୍ୱଜନୀନ ଚେତନା ଓ ଅସ୍ତିତ୍ୱର ପୂର୍ଣ୍ଣ ଆନନ୍ଦମୟ ଦିବ୍ୟଫଳ) ମୁଁ କାମନା କରୁଛି; ସେହି ଗୋ କୃଷ୍ଣବର୍ଣ୍ଣା ହୋଇଥିବାରୁ (କୃଷ୍ଣା ଏବଂ ବିଭକ୍ତ ଅସ୍ତିତ୍ୱ 'ଦିତି') ତାହା ଆଧାରର ଦୀପ୍ତିମୟ ଜଳ ବା ସହଚର ସ୍ରୋତସମୂହର ଜଳ ଦ୍ୱାରା (ଜାମର୍ୟେଣ ପୟସା) ପରିପୁଷ୍ଟ ହୋଇଛି ।"[୩] 'ବୃଷଭ' ତଥା 'ପୁରୁଷ' ଅଗ୍ନିଦେବ 'ଋତ'ଦ୍ୱାରା ଏହାର ପୃଷ୍ଠଭୂମିଗୁଡ଼ିକର ଜଳ ଦ୍ୱାରା ସିକ୍ତ ହୋଇ ଅଙ୍କିତ ଭାବେ ତଥା ବ୍ୟାପ୍ତି (ପ୍ରଶସ୍ତ ଦେଶ ବା ଅଭିବ୍ୟକ୍ତି) ପ୍ରତିଷ୍ଠା କରି ବିଚରଣ କରୁଛନ୍ତି; ବିଚିତ୍ର ବର୍ଣ୍ଣର 'ବୃଷଭ' ଶୁଦ୍ଧ ଉଜ୍ଜ୍ୱଳ ପନ୍ଥାରୁ ଦୁଗ୍ଧ ଦୋହନ କରୁଛନ୍ତି ।"[୩୪] ମୂଳ-ରୂପ, ଧାମ, ମୂଳଭିତ୍ତି ସ୍ୱରୂପ ସେହି ପରମ ପୁରୁଷଙ୍କର ଦୀପ୍ତ ଶୁଭ୍ର ଶୁଦ୍ଧତା ଏବଂ ନିମ୍ନସ୍ଥ ତ୍ରିତ ଜଗତରେ ଅଭିବ୍ୟକ୍ତ ବିଚିତ୍ର ରଙ୍ଗରେ ରଞ୍ଜିତ 'ଜୀବନ' ମଧ୍ୟରେ ଥିବା ଏହି ପ୍ରତୀକାତ୍ମକ ବିରୋଧିତା ବେଦରେ ଭୟୋ ଭୂୟଃ ଦେଖିବାକୁ ମିଳେ; ତେଣୁ ଏହି ବିଚିତ୍ରବର୍ଣ୍ଣ ବୃଷଭର ଏବଂ ଶୁଦ୍ଧ ଶୁଭ୍ର ଗୋ-ସ୍ତନ ଅଥବା ଜଳସ୍ରୋତଗୁଡ଼ିକର ଉତ୍ସର ରୂପକଟି, ଅନ୍ୟାନ୍ୟ ରୂପଙ୍କ ପରି ଏଇ ରୂପକଟିର ପୁନରାବୃତ୍ତି ଘଟିଛି — ସତ୍ୟ ଓ ଆନନ୍ତ୍ୟ ଦ୍ୱାରା ପରିପୋଷିତ ମାନବ ଜୀବନର ବିବିଧ ପରିପ୍ରକାଶ ଯାହା ସ୍ୱକର୍ମ ଦ୍ୱାରା ବିଶୋଧିତ ତଥା ଶାନ୍ତ ହୋଇଥାଏ ।

ଶେଷରେ ଋଷି ଯେ ଜ୍ୟୋତିର୍ମୟ ଗୋ ସମୂହ ଓ ଜଳଧାରାଗୁଡ଼ିକର ଏକତ୍ର ବର୍ଣ୍ଣନା କରିବାକୁ ଯାଉଛନ୍ତି ଏକଥା ମଧ୍ୟ ଆମେ ବାରବାଂର ଦେଖିବାକୁ ପାଉ । "ଅଙ୍ଗିରସମାନେ ସତ୍ୟ ଦ୍ୱାରା ଅଦ୍ରିକୁ ବିଦୀର୍ଣ୍ଣ କରି ଚତୁର୍ଦିଗକୁ ତାହା ବିକ୍ଷେପଣ କଲେ ଏବଂ ଗୋମାନଙ୍କ ସହିତ ସମ୍ମିଳିତ ହେଲେ; ମନୁଷ୍ୟମାନେ ଉଷା ମଧ୍ୟରେ ସୁଖମୟ ନିବାସ ରଚନା କଲେ, ଅଗ୍ନି ଜନ୍ମ ହେବା ପରେ ସ୍ୱର୍ ଅଭିବ୍ୟକ୍ତ ହେଲା । ହେ ଅଗ୍ନି, ସତ୍ୟ ଦ୍ୱାରା ଦିବ୍ୟ ଅମୃତ ଅକ୍ଷତ ଧାରାଗୁଡ଼ିକ ସେମାନଙ୍କର ମଧୁମୟ ପ୍ଲାବନ ସହ ଯୁକ୍ତ ହୋଇ ଏକ ଅଶ୍ୱ ସଦୃଶ

---

୨୩ ଋତେନ ଋତଂ ନିୟତମୀଳ ଆ ଗୋରାମା ସଚା ମଧୁମତ୍ ପକ୍ୱମସ୍ମେ ।
କୃଷ୍ଣା ସତୀ ରୁଶତା ଧାସିନୈଷା ଜାମର୍ୟେଣ ପୟସା ପୀପାୟ ॥ (ଋ-୪।୩।୯)

୨୪ ଋତେନ ହି ଷ୍ମା ବୃଷଭଶ୍ଚିଦକ୍ତଃ ପୁମାଁ ଅଗ୍ନିଃ ପୟସା ପୃଷ୍ଠ୍ୟେନ ।
ଅସ୍ପନ୍ଦମାନୋ ଅଚରଦ୍ ବୟୋଧା ବୃଷା ଶୁକ୍ରଂ ଦୁଦୁହେ ପୃଶ୍ନିରୂଧଃ ॥ (ଋ-୪।୩।୧୦)

୨୫ ଋତେନାଦ୍ରିଂ ବ୍ୟସନ୍ ଭିଦନ୍ତଃ ସମଙ୍ଗିରସୋ ନବନ୍ତ ଗୋଭିଃ ।
ଶୁନଂ ନରଃ ପରି ଷଦନ୍ନୁଷାସମାବିଃ ସ୍ୱରଭବଜ୍ଜାତେ ଅଗ୍ନୌ ॥
ଋତେନ ଦେବୀରମୃତା ଅମୃକ୍ତା ଅର୍ଣୋଭିରାପୋ ମଧୁମଦ୍ଭିରଗ୍ନେ ।
ବାଜୀ ନ ସର୍ଗେଷୁ ପ୍ରସ୍ତୁଭାନଃ ପ୍ର ସଦମିତ୍ ସ୍ରବିତବେ ଦଧନ୍ୟୁଃ ॥ (ଋ-୪।୩।୧୧-୧୨)

ଦିଗକୁ ଧାବିତ ହେବା ପରି ଶାଶ୍ୱତ ସ୍ରୋତରେ ପ୍ରବାହମାନ ହେଲେ ।'' (ଋକ୍-୧୧,୧୨)[୨୫] । ବାସ୍ତବିକ ଅମୃତତ୍ୱର ମହାସିଦ୍ଧି ନିମନ୍ତେ ଆବଶ୍ୟକ ହେଉଥିବା ପ୍ରାଥମିକ ସର୍ତ୍ତ ରଖିବା ନିମନ୍ତେ ଏହି ଚାରୋଟି ମନ୍ତ୍ର ଉଦ୍ଦିଷ୍ଟ । ଏଗୁଡ଼ିକ ହେଉଛନ୍ତି ମହାନ୍ 'ଗାଥା'ର ପ୍ରତୀକ, ଏହା ରହସ୍ୟବାଦୀମାନଙ୍କ କଥାନକ (Mythus), ଏଥିରେ ସେମାନେ ନିଜ ଉଚ୍ଚତମ ଆଧ୍ୟାତ୍ମିକ ଅନୁଭୂତିକୁ ଅସଂସ୍କୃତ ଜନଙ୍କଠାରୁ ଗୋପନ କରି ରଖିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ ସେଗୁଡ଼ିକ ଏପରି ଗୁପ୍ତ ହୋଇ ରହିଗଲା ଯେ ପରବର୍ତ୍ତୀ ବଂଶଧରମାନଙ୍କଠାରେ ମଧ୍ୟ ସେହିପରି ହୋଇ ରହିଛି । ସେଇ ଅନୁଭୂତିଗୁଡ଼ିକ ଥିଲା ରହସ୍ୟାର୍ଥକ ପ୍ରତୀକ ବା ରୂପକ, ତାହା ସେହି ଉଦ୍ଦେଶ୍ୟରେ ସୁରକ୍ଷିତ କରି ରଖାଯାଇଥିଲା ଯାହା କେବଳ ସେଇମାନଙ୍କଠାରେ ନିଜ ସତ୍ୟକୁ ପ୍ରକଟ କରିବ ଯେଉଁମାନେ ସଂସ୍କାରିତ, ଜ୍ଞାତା ଓ ଦ୍ରଷ୍ଟା; ଏହି ସୂକ୍ତର ଅନ୍ତିମ ଋକ୍‌ରେ ସ୍ୱୟଂ ବାମଦେବ ଅତ୍ୟନ୍ତ ସରଳ ତଥା ପ୍ରଭାବଶାଳୀ ଭାଷାରେ ଆମକୁ କହିଛନ୍ତି — ''ହେ ଅଗ୍ନି, ହେ ବିଧାୟକ, ତୁମେ ଜ୍ଞାନୀ, ତୁମ ପ୍ରତି ଏହି ସବୁ ଗୁହ୍ୟ ବଚନଗୁଡ଼ିକୁ ମୁଁ ଉଚ୍ଚାରଣ କରିଛି । ଏହି ସମସ୍ତ ମାର୍ଗଦର୍ଶୀ ବାକ୍ ତଥା ଦ୍ରଷ୍ଟୃଜ୍ଞାନ ବାକ୍ ନିଜ ଅର୍ଥକୁ ସେଇମାନଙ୍କ ନିକଟରେ ପ୍ରକଟ କରନ୍ତି ଯେଉଁମାନେ ଦ୍ରଷ୍ଟା — ମୁଁ ମୋର ବାଣୀଗୁଡ଼ିକରେ ତଥା ମୋ ମତିରେ ପ୍ରଦୀପ୍ତ ହୋଇ ଏ ସମସ୍ତ କହିଛି ।''

ଏତା ବିଶ୍ୱା ବିଦୁଷେ ତୁଭ୍ୟଂ ବେଧୋ ନୀଥାନ୍ୟଗ୍ନେ ନିଣ୍ୟା ବଚାଂସି ।
ନିବଚନା କବୟେ କାବ୍ୟାନ୍ୟଶଂସିଷ୍ଟ ମତିଭିର୍ବିପ୍ର ଉକ୍ଥୈଃ ॥

(ଋ-୪।୩।୧୬)

ପ୍ରକୃତରେ ଏହିସବୁ ରହସ୍ୟାତ୍ମକ ଶବ୍ଦଗୁଡ଼ିକ ନିଜ ରହସ୍ୟାର୍ଥକୁ ପ୍ରଚ୍ଛନ୍ନ କରି ରଖିଥିବାରୁ ପୁରୋହିତ, କର୍ମକାଣ୍ଡବିତ୍, ବୈୟାକରଣ, ପଣ୍ଡିତ, ଐତିହାସିକ ତଥା ପୁରାଣବିତ୍ ମାନଙ୍କ ଦ୍ୱାରା ଉପେକ୍ଷିତ ହୋଇଛନ୍ତି । ସେମାନଙ୍କ ପାଇଁ ଏଗୁଡ଼ିକ ଅଜ୍ଞାତ ବାକ୍ ତଥା ଭ୍ରମୋତ୍ପାଦକ ମୋହର-ଛାପ, ପ୍ରାଚୀନତମ ମହାନ୍ ପୂର୍ବପୁରୁଷ ତଥା ସେମାନଙ୍କ ପରବର୍ତ୍ତୀ ଜ୍ଞାନଦୀପ୍ତ ବଂଶଧରମାନଙ୍କ ପାଇଁ ଏହା ଏପରି ନ ଥିଲା — **ନିଣ୍ୟା ବଚାଂସି ନୀଥାନି ନିବଚନା କାବ୍ୟାନି ।**

ବିଂଶ ଅଧ୍ୟାୟ

ସ୍ୱର୍ଗଶୁନୀ ସରମା

'ସତ୍ୟ'-ବିଷୟକ ବୈଦିକ ବିଚାର ଏବଂ ଆଦି ପିତୃପୁରୁଷଙ୍କ ଦ୍ୱାରା ଉଷାଙ୍କ ପ୍ରଭାରାଜିର ଆବିଷ୍କାର ଉପରେ ପୂର୍ଣ୍ଣତଃ ଅବଗତ ହେବାପାଇଁ ଆଙ୍ଗିରସ ଜଥାନଙ୍କର ଦୁଇଟି ନିତ୍ୟ ସହଚର ତଥ୍ୟ ତଥାପି ଜାଣିବାକୁ ବାକି ରହିଛି; ସେଥିପାଇଁ ଆମେ ଏହା ଉପରେ ଆହୁରି ଆଗକୁ ଆଲୋକପାତ କରିବା । ବେଦ-ବ୍ୟାଖ୍ୟାରେ ଥିବା ପରସ୍ପର ଘନିଷ୍ଠ ଦୁଇଟି ସମସ୍ୟାକୁ ପ୍ରଥମେ ନିର୍ଣ୍ଣୟ କରିବାକୁ ହେବ, ଯଥା : ସରମା କିଏ ଓ ପଣିମାନଙ୍କର ଯଥାର୍ଥ କର୍ମ କ'ଣ । ସରମା ଯେ ଜ୍ୟୋତିଃର, ସମ୍ଭବତଃ ଉଷାଙ୍କର, ଏକ ଶକ୍ତି ତାହା ନିଃସନ୍ଦେହ; କାରଣ ଥରେ ତାହା ଜଣାପଡ଼ିଗଲେ ଗୋଟିଏ ପକ୍ଷରେ ଇନ୍ଦ୍ର ଓ ଆଦି ଆର୍ଯ୍ୟଋଷିଗଣ ଏବଂ ଅପର ପକ୍ଷରେ 'ଗୁହା'-ନିବାସୀ ବୃତ୍ରଗଣ — ଏ ଉଭୟଙ୍କ ସଂଗ୍ରାମ ଯେ ପ୍ରାଚୀନ ଭାରତୀୟ ଇତିହାସର କେବଳ ଏକ ବିଚିତ୍ର ବିବୃତି ନୁହେଁ ବରଂ ଜ୍ୟୋତିଃ ଓ ଅନ୍ଧକାରର ଶକ୍ତିମାନଙ୍କ ମଧ୍ୟରେ ଏକ ପ୍ରତୀକାତ୍ମକ ସଂଗ୍ରାମ ଏବଂ ଏଥିରେ ସରମା ହେଉଛନ୍ତି ଜ୍ୟୋତିର୍ମୟ ଗୋଯୂଥର ଅନ୍ୱେଷଣରେ ନେତ୍ରୀ ଏବଂ ମାର୍ଗ ତଥା ପର୍ବତମଧ୍ୟସ୍ଥ ଗୁପ୍ତଧନଭଣ୍ଡାର, ଆବିଷ୍କାରିକା ଏବଂ ସେହିଁ ନିଶ୍ଚିତଭାବେ ମାନବ ମନମଧ୍ୟସ୍ଥ ସତ୍ୟ-ଉଷାଙ୍କର ଜଣେ ଅଗ୍ରଗାମିନୀ ବିଭାବ ହୋଇଥିବେ — ଏ କଥାଟି ସ୍ପଷ୍ଟ ହୋଇଯିବ । ଆହୁରି ମଧ୍ୟ ଆମେ ଯଦି ନିଜକୁ ପଚାରୁ ଯେ ସତ୍ୟାନୁସନ୍ଧିତ୍ସୁ ସାମର୍ଥ୍ୟମାନଙ୍କ ମଧ୍ୟରେ କେଉଁ ଶକ୍ତି ଆମ ସତ୍ତାରେ ସେହି ଅଜ୍ଞାତର ତିମିର ମଧ୍ୟରେ ନିହିତ ସତ୍ୟକୁ, ଯାହା ଆମ ସତ୍ତା ମଧ୍ୟରେ ପ୍ରଚ୍ଛନ୍ନ, ତାକୁ ଆବିଷ୍କାର କରେ, ତେବେ ଆମେ ସଙ୍ଗେ ସଙ୍ଗେ ସମ୍ବୋଧିର କଥା ଭାବୁ । କାରଣ ସରମା ସରସ୍ୱତୀ ନୁହନ୍ତି, ସେ ଅନ୍ତଃପ୍ରେରଣା ନୁହନ୍ତି, ଯଦିଓ ଉଭୟ ନାମର ସାଦୃଶ୍ୟ ଅଛି । ସରସ୍ୱତୀ ଜ୍ଞାନର ପୂର୍ଣ୍ଣ ପ୍ରବାହ ପ୍ରଦାନ କରନ୍ତି, ସେ ସ୍ୱୟଂ ମହତୀ ସ୍ରୋତସ୍ୱିନୀ, ମହୋ ଅର୍ଣଃ, ଅଥବା ସେ ତାହାକୁ ପ୍ରବୁଦ୍ଧ କରାନ୍ତି ଏବଂ ସମସ୍ତ ଧୀକୁ ପୂର୍ଣ୍ଣଭାବେ ପ୍ରଦୀପ୍ତ କରାନ୍ତି — ବିଶ୍ୱା ଧିୟୋ ବି ରାଜତି । ସରସ୍ୱତୀ ସ୍ୱୟଂ ସତ୍ୟର ପ୍ରବାହ ଓ ସେ ଏହାର ଅଧିକାରିଣୀ; ସରମା ସତ୍ୟପଥର ଯାତ୍ରିଣୀ ଏବଂ ଏହାର ଅନ୍ୱେଷିକା, ସେ ସ୍ୱୟଂ ସତ୍ୟର ଅଧିକାରିଣୀ ନୁହନ୍ତି ବରଂ ଅପହୃତ ସତ୍ୟର ଅନୁସନ୍ଧାନ କରି ତାକୁ ଖୋଜି ପାଆନ୍ତି । ସେ ମଧ୍ୟ ଦେବୀ ଇଳାଙ୍କ ପରି ସ୍ୱତଃ-ପ୍ରକାଶକ ଜ୍ଞାନର ସର୍ବାଙ୍ଗୀଣ ବାକ୍, ମାନବର ଗୁରୁ ନୁହନ୍ତି; କାରଣ ସରମା ନିଜ ଅନ୍ୱେଷଣୀୟ ବସ୍ତୁର ସନ୍ଧାନ ପାଇବା

ପରେ ବି ସେ ତାହାକୁ ଅଧିକାର କରନ୍ତି ନାହିଁ କିନ୍ତୁ କେବଳ ଋଷିମାନଙ୍କୁ ଓ ସେମାନଙ୍କର ଦିବ୍ୟ ସହାୟକମାନଙ୍କୁ ତା' ବିଷୟରେ ସୂଚନା ଦେଇ ଦିଅନ୍ତି, କାରଣ ତଥାପି ସନ୍ଧାନପ୍ରାପ୍ତ ଜ୍ଞାନ-ଜ୍ଯୋତିଃ ଉପରେ ଅଧିକାର ପାଇଁ ସେମାନଙ୍କୁ ଯୁଦ୍ଧ କରିବାକୁ ହୁଏ ।

ସେ ଯାହାହେଉ, ସରମାଙ୍କ ସମ୍ପର୍କରେ ସ୍ୱୟଂ ବେଦର ବକ୍ତବ୍ୟ କ'ଣ ବର୍ତ୍ତମାନ ତାହା ଦେଖିବା । ଋ.୧।୧୦୪ ସୂକ୍ତରେ ତାଙ୍କ ନାମର ଉଲ୍ଲେଖ ନ ଥିବା ଗୋଟିଏ ଋକ୍ ଅଛି, ସୂକ୍ତଟି ଅଙ୍ଗିରସ ବା ପଣିଙ୍କ ବିଷୟରେ ବି ନୁହେଁ, ତଥାପି ବେଦର ଏହି ବାକ୍ୟଟି ତାଙ୍କର ବୈଶିଷ୍ଟ୍ୟକୁ ଯଥାଯଥ ଭାବେ ବର୍ଣ୍ଣନା କରିଛି (ଋକ୍-୫)– ''ଏହି ପଥପ୍ରଦର୍ଶିକା ଦୃଷ୍ଟିଗୋଚରା ହୋଇ ଯେଉଁ ସଦନ ଅଭିମୁଖେ ଯାତ୍ରାକଲେ ତାହା ବୋଧହୁଏ 'ଦସ୍ୟୁ'ମାନଙ୍କର ବାସସ୍ଥାନ,'' –

ପ୍ରତି ୟତ୍ ସ୍ୟା ନିଥା ଅଦର୍ଶି ଦସ୍ୟୋଃ ଓକୋ ନ ଅଚ୍ଛା ସଦନମ୍ ଜାନତୀ ଗାତ୍ ।

ସରମାଙ୍କର ଏହି ଦୁଇଟି ମୂଳ ବୈଶିଷ୍ଟ୍ୟ; ଦୃଷ୍ଟିଗୋଚର ହେବା ପୂର୍ବରୁହିଁ ଜ୍ଞାନ ପ୍ରଥମେ ତାଙ୍କ ନିକଟକୁ ଆସେ, ସାମାନ୍ୟତମ ସୁରାକ ପାଇଲେ ତାହା ସହଜ ଭାବରେ ଉତ୍ସାରିତ ହୁଏ ଏବଂ ଅନ୍ୱେଷକର ଅବଶିଷ୍ଟ କର୍ମ-ସାମର୍ଥ୍ୟକୁ ଓ ଦିବ୍ୟଶକ୍ତିମାନଙ୍କୁ ସେ ଏହି ଜ୍ଞାନ ଦ୍ୱାରା ପଥପ୍ରଦର୍ଶନ କରାନ୍ତି । ଆହୁରି ମଧ୍ୟ ବିଧ୍ୱଂସକମାନଙ୍କ ସଦନ, **ସଦନମ୍**, ଅର୍ଥାତ୍ ସେମାନଙ୍କ ଆବାସ ଅଭିମୁଖେ ସେ ଚଳାଇ ନିଅନ୍ତି ଯାହା ଅସ୍ତିତ୍ୱର ଅନ୍ୟ ଧ୍ରୁବରେ ଅବସ୍ଥିତ ସତ୍ୟ-ସଦନର ବିପରୀତ ପାର୍ଶ୍ୱ — ଅନ୍ଧକାରର ଗୁହା ବା ଗୂଢ଼ ପ୍ରଦେଶ ମଧ୍ୟରେ, **ଗୁହାୟାମ୍**, ଠିକ୍ ଯେପରି ଆଲୋକର ଗୁହା ବା ଗୂଢ଼ ପ୍ରଦେଶରେ ଦେବଗଣଙ୍କର ସଦନ ରହିଛି । ଅନ୍ୟଭାବରେ କହିଲେ, ସରମା ଏପରି ଏକ ଶକ୍ତି ଯିଏ ଅତିଚେତନ 'ସତ୍ୟ'ରୁ ଆମ ମଧ୍ୟରେ ଅବତୀର୍ଣ୍ଣା ହୋଇଛନ୍ତି, ସେ ଆମକୁ ଆମର ଅବଚେତନା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଜ୍ଯୋତିଃ ନିକଟକୁ ନେଇ ଚାଲିଛନ୍ତି । ଏହି ସବୁ ବୈଶିଷ୍ଟ୍ୟ ଯଥାଯଥରୂପେ ଅନ୍ତର୍ଜ୍ଞାନକ୍ଷେତ୍ରରେହିଁ ପ୍ରଯୁଜ୍ୟ ।

ବେଦର ଅଳ୍ପ କେତେକ ସୂକ୍ତରେ ସରମାଙ୍କ ନାମର ଉଲ୍ଲେଖ ରହିଛି, ବିଶେଷତଃ ଅଙ୍ଗିରସଗଣଙ୍କ କର୍ମସିଦ୍ଧି ଅଥବା ଅସ୍ତିତ୍ୱର ଉଚ୍ଚତମ ସ୍ତରକୁ ଉନ୍ନୀତ ହେବା ସହିତ ସେ ନିଶ୍ଚିତ ରୂପେ ସମ୍ପୃକ୍ତା । ଏହି ସୂକ୍ତମାନଙ୍କ ମଧ୍ୟରେ ଅତ୍ରିଗଣଙ୍କ ସୂକ୍ତ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ଏହା ପୂର୍ବରୁ ଆମେ ନବଗ୍ୱ ଓ ଦଶଗ୍ୱ ଅଙ୍ଗିରସମାନଙ୍କ ସମ୍ବନ୍ଧରେ ପର୍ଯ୍ୟାଲୋଚନା କଲାବେଳେ ଏହାର ଉଲ୍ଲେଖ କରିଛୁ (୫।୪୫) । ପ୍ରଥମ ତିନି ମନ୍ତ୍ରରେ ଏହି ମହତ୍ କର୍ମସାଫଲ୍ୟ ବିଷୟରେ ସଂକ୍ଷେପରେ କୁହାଯାଇଛି – ''ମନ୍ତ୍ରବାକ୍ ଦ୍ୱାରା ସ୍ୱର୍ଗର ଅଦ୍ରିକୁ ବିଦୀର୍ଣ୍ଣ କରି ସେ ସେମାନଙ୍କୁ ପାଇଲେ, ପ୍ରକାଶମାନା ଉଷାଙ୍କର ପ୍ରଭାଗଣ ଚତୁର୍ଦିଗରେ ଖେଳି ହୋଇଗଲେ; ବନ୍ଦୀଗୋଷ୍ଠ ମଧ୍ୟରେ ଯେଉଁମାନେ ଥିଲେ ସେମାନଙ୍କୁ ସେ ମୁକ୍ତ

କରିଦେଲେ, ସ୍ୱର୍ ଊର୍ଦ୍ଧ୍ୱକୁ ଉତ୍‌ଥିତ ହେଲା; ମାନୁଷ ଦ୍ୱାରଗୁଡ଼ିକୁ ଜଣେ ଦେବ ଜନ୍ମୁକ୍ତ କରିଦେଲେ (୪୫।୧)[୧]। ସୂର୍ଯ୍ୟ ବଳ ଓ ମହିମାକୁ ବିପୁଳଭାବେ ପ୍ରାପ୍ତ ହେଲେ; ଗୋମାନଙ୍କ 'ମାତା' (ଉଷା) ଏହା ଜାଣି ବୃହତ୍ ମଧ୍ୟରୁ ଆସିଲେ; ନଦୀଗୁଡ଼ିକ ପରିପ୍ଲାବିନୀ ହେଲେ, ସେହି ପ୍ଲାବନର ପ୍ରବାହଗୁଡ଼ିକ ଜଳମାର୍ଗକୁ କାଟି ପ୍ରଶାଖାରେ ବାହାରିଗଲେ, ଏକ ସୁଗଠିତ ସ୍ତମ୍ଭ ପରି ସ୍ୱର୍ଗ ଦୃଢ଼ ହୋଇଉଠିଲା (୪୫।୨)[୨]। ଏହି ବାକ୍ ଉଦ୍ଦେଶ୍ୟରେ ମହତୀମାନଙ୍କ (ମହୀନାମ୍ – 'ନଦୀମାନଙ୍କର' ବା ଜମ୍ ସମ୍ଭାବନାରେ ଜହିଲେ 'ଉଷାମାନଙ୍କର') ପରମ ଜନ୍ମ ପାଇଁ ଗର୍ଭଧାରୀ ପର୍ବତର ଗର୍ଭସ୍ଥ ବସ୍ତୁଗୁଡ଼ିକ ବାହାରକୁ ଆସିଲେ, ଅଦ୍ରି ପୃଥକ୍ ହୋଇ ବିଦୀର୍ଣ୍ଣ ହେଲା, ସ୍ୱର୍ଗ ପୂର୍ଣ୍ଣତା ପ୍ରାପ୍ତ ହେଲା (କିମ୍ବା, ନିଜକୁ କୃତକୃତ୍ୟ କଲା); ସେମାନେ (ପୃଥିବୀ ଉପରେ) ଅବସ୍ଥାନ ଜଲେ ଓ ବୃହତ୍ତା ବିତରଣ କଲେ'' (୪୫।୩)[୩]। ସୂକ୍ତର ଅବଶିଷ୍ଟ ଅଂଶରୁ ଯାହା ସୂଚନା ମିଳେ ଏବଂ ପ୍ରୟୋଗ କରାଯାଇଥିବାର ଉକ୍ତିଗୁଡ଼ିକରୁ ଯେଉଁ ନିଶ୍ଚିତ ପ୍ରମାଣ ମିଳେ ସେଥିରୁ ସ୍ପଷ୍ଟ ରୂପେ ଜଣାଯାଏ ଯେ ଇନ୍ଦ୍ର ଓ ଅଙ୍ଗିରସମାନଙ୍କ ସମ୍ବନ୍ଧରେ ଋଷି ଏହିସବୁ କଥା କହୁଛନ୍ତି; କାରଣ ଏଗୁଡ଼ିକ ହେଉଛି ଅଙ୍ଗିରସ-ଗାଥାର ସାଧାରଣ ସୂତ୍ର ଏବଂ ଯେଉଁ ସୂକ୍ତମାନଙ୍କରେ ଉଷା ଗୋଯୂଥ ତଥା ସୂର୍ଯ୍ୟଙ୍କର ଉଦ୍ଧାର ସମ୍ପର୍କରେ ବର୍ଣ୍ଣନା କରାଯାଇଛି ସେଥିରେ ଏହି ସମାନ ଉକ୍ତିର ବ୍ୟବହାର ପୁନଃପୌନିକ ଭାବେ ରହିଛି। ଏଗୁଡ଼ିକର ଅର୍ଥ କ'ଣ ତାହା ଆମେ ଏହା ପୂର୍ବରୁ ଦେଖିଛୁ। ଅଦ୍ରି ହେଉଛି ଗଠିତ ହୋଇସାରିଥିବା ଆମର ମନ-ପ୍ରାଣ-ଶରୀର ରୂପକ ତ୍ରିବିଧ ଅସ୍ତିତ୍ୱ, ଏହାର ଶିଖର ସ୍ୱର୍ଗ ମଧ୍ୟକୁ ଉତ୍‌ଥିତ, ଇନ୍ଦ୍ର ତାହାକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରନ୍ତି ଓ ପ୍ରଚ୍ଛନ୍ନ ଜ୍ୟୋତିଃରାଜି ଚତୁର୍ଦ୍ଦିଗରେ ବିକୀର୍ଣ୍ଣ ହୋଇ ଯାଆନ୍ତି; ଜ୍ୟୋତିର୍ମୟ ଗୋଯୂଥ ସମୂହର ଊର୍ଦ୍ଧ୍ୱପ୍ରବହଣ ଫଳରେ ସ୍ୱର୍, ଅତିଚେତନାର ଉଚ୍ଚତର ସ୍ୱର୍ଗ, ଅଭିବ୍ୟକ୍ତ ହୁଏ। ସତ୍ୟ-ସୂର୍ଯ୍ୟ ନିଜ ଜ୍ୟୋତିଃର ସମସ୍ତ ବଳ ଓ ମହିମା ବିକିରଣ କରନ୍ତି, ଜ୍ୟୋତିର୍ମୟ ବ୍ୟାପ୍ତି ମଧ୍ୟରୁ ଆନ୍ତର ଉଷା ଜ୍ଞାନଗର୍ଭା ହୋଇ ଆଗମନ କରନ୍ତି –''**ଜ୍ଞାନତୀ ଘାର୍**''। ୧।୧୦୪।୫ ଋକ୍‌ରେ – ଯିଏ ଦସ୍ୟୁମାନଙ୍କ ଆବାସ ଆଡ଼କୁ ନେଇଯାନ୍ତି – ଯେଉଁ ଉକ୍ତିଟି ତାଙ୍କ ଉଦ୍ଦେଶ୍ୟରେ ରହିଛି ତାହା ଏହା ସହ ସମାନ; ଏବଂ ୩।୩୧।୬ ଋକ୍‌ରେ ସରମାଙ୍କ

---

୧ ବିଦା ଦିବୋ ବିଷ୍ୟନ୍ନଦ୍ରିମୁକ୍ଥୈରାୟତ୍ୟା ଉଷସୋ ଅର୍ଚିନୋ ଗୁଃ।
ଅପାବୃତ ବ୍ରଜିନୀରୁବ୍ ସ୍ୱର୍ଗାଦ୍ ବି ଦୁରୋ ମାନୁଷୀର୍ଦେବ ଆବଃ॥ (ଋ. ୫। ୪୫।୧)

୨ ବି ସୂର୍ଯ୍ୟୋ ଅମତିଂ ନ ଶ୍ରିୟଂ ସାଦୋର୍ବାଦ୍ ଗବାଂ ମାତା ଜ୍ଞାନତୀ ଘାର୍।
ଧନ୍ୱର୍ଣସୋ ନଦ୍ୟଃ ଖାଦୋଅର୍ଣାଃ ସ୍ଥୂଣେବ ସୁମିତା ଦୃଂହତ ଦ୍ୟୌଃ॥ (ଋ. ୫। ୪୫।୨)

୩ ଅସ୍ମା ଉକ୍‌ଥାୟ ପର୍ବତସ୍ୟ ଗର୍ଭୋ ମହୀନାଂ ଜନୁଷେ ପୂର୍ବ୍ୟାୟ।
ବି ପର୍ବତୋ ଜିହୀତ ସାଧତ ଦ୍ୟୌରାବିବାସତୋ ଦସୟତ ଭୂମ॥ (ଋ. ୫। ୪୫।୩)

ସମ୍ବନ୍ଧରେ କୁହାଯାଇଛି – ସତ୍ୟର ନଦୀଗୁଡ଼ିକ ଏହାଙ୍କ ସତ୍ତାର ଓ ଗତିବୃତ୍ତିର ବହିଃ ପ୍ରସ୍ରବଣର ପ୍ରତୀକ (**ଋତସ୍ୟ ପ୍ରେଷା**), ସେମାନେ ପ୍ରଚଣ୍ଡ ବେଗଯୁକ୍ତ ନିଜ ପ୍ରବାହ ମଧ୍ୟରେ ଅବତରଣ କରନ୍ତି ଓ ନିଜ ଜଳରାଶି ନିମନ୍ତେ ଏଠାରେ ଏକ ପ୍ରଣାଳୀ ନିର୍ମାଣ କରନ୍ତି; ଉଚ୍ଚତର ବା ଅମୃତ ଜୀବନର ବୃହତ୍ 'ସତ୍ୟ'କୁ ସହଯୋଗ କରିବା ନିମନ୍ତେ ସ୍ୱର୍ଗ, ଅର୍ଥାତ୍ ମାନସିକ ସତ୍ତା, ଏକ ସୁଗଠିତ ସ୍ତମ୍ଭ ପରି ତ୍ରୁଟିଶୂନ୍ୟ ଓ ଦୃଢ଼ଭାବେ ଗଠିତ, ସେହି ଅମୃତ ଜୀବନ ଏଠାରେ ବ୍ୟକ୍ତ ହୋଇଛି ଏବଂ ସେହି 'ସତ୍ୟ'ର ବିଶାଳତା ସମସ୍ତ ଶାରୀରିକ ସତ୍ତା ମଧ୍ୟରେ ଅଧିଷ୍ଠିତ ହୋଇଛି । ପ୍ରସୂତ ପର୍ବତଗର୍ଭସ୍ଥ ବସ୍ତୁମାନ, **ପର୍ବତସ୍ୟ ଗର୍ଭଃ**, ହେଉଛନ୍ତି ପ୍ରଭାଗଣ, ସେମାନେ ସପ୍ତଶୀର୍ଷ୍ଣୀ ଧୀର ଅଙ୍ଗୀଭୂତ, **ଋତସ୍ୟ ଧୀତିଃ**, ଯାହା ଅନ୍ତଃପ୍ରେରିତ ବାକ୍‌ର ଉତ୍ତର ସ୍ୱରୂପ ପ୍ରକାଶିତ ହୋଇଛି, ଏହାହିଁ ସପ୍ତ ମହାନଦୀଙ୍କୁ ସେମାନଙ୍କ ପରମ ଜନ୍ମ ଦିଗରେ ଚାଳିତ କରେ ତଥା ଏହିମାନେ ହେଉଛନ୍ତି ସକ୍ରିୟ ଗତିରେ ପ୍ରକ୍ଷିପ୍ତ ହୋଇଥିବା ସତ୍ୟର ସାର ଉପାଦାନର ଅଂଶୀଭୂତ, **ଋତସ୍ୟ ପ୍ରେଷା** ।

ତା'ପରେ ''ପୂର୍ଣ୍ଣବାଣୀର ସେହିସବୁ ଦେବପ୍ରିୟ ବାକ୍ୟ ଦ୍ୱାରା'' ଇନ୍ଦ୍ର ଓ ଅଗ୍ନିଙ୍କ ପ୍ରଶସ୍ତି ଗାନକରିବା ପରେ – କାରଣ ଦ୍ରଷ୍ଟୃଜ୍ଞାନ ଦ୍ୱାରା ଋଷିମାନେ ଉତ୍ତମରୂପେ ଯଜ୍ଞକର୍ମ ସମ୍ପନ୍ନ କରୁଥିବା ପରି ସେହି ବାକ୍ୟଗୁଡ଼ିକ ଦ୍ୱାରା ମରୁତ୍‌ମାନେ[୪] ଯଜ୍ଞ ଅନୁଷ୍ଠାନ କରନ୍ତି – **ଉକ୍ଥେଭିଃ ହି ଷ୍ମା କବୟଃ ସୁଯଜ୍ଞାଃ ... ମରୁତୋ ୟଜନ୍ତି** (ଋକ୍ ୪) – ଋଷି ତା'ପରେ ମନୁଷ୍ୟମାନଙ୍କ ମୁଖରେ ଏକ ଉଦ୍‌ବୋଧନ ଓ ପାରସ୍ପରିକ ଉତ୍ସାହର କଥା କହିଛନ୍ତି, ଯାହାଦ୍ୱାରା ସେମାନେ ପିତୃଗଣଙ୍କ ପରି କାର୍ଯ୍ୟ କରିବେ ଓ ସେହି ସମାନ ଦିବ୍ୟ ପରିଣାମ ଲାଭ କରିବେ । ''ଏବେ ଆସ, ଆଜି ଆମର ମତି ପରିପୂର୍ଣ୍ଣ ହେଉ, ଆମେ ଯେପରି ଦୁଃଖ କଷ୍ଟ ଓ ଅସ୍ୱସ୍ତିକୁ ନଷ୍ଟକରୁ, ଉଚ୍ଚତର ଶୁଭକୁ ଗ୍ରହଣ କରୁ ।''

ଏତୋ ନ୍ୱଦ୍ୟ ସୁଧୋ ଭବାମ ପ୍ର ଦୁଚ୍ଛୁନା ମିନବାମା ବରୀୟଃ; (ଋକ୍ ୫)[୫]

''ଆମେ ଯେପରି ସର୍ବଦା ସମସ୍ତ ବିରୁଦ୍ଧ ବିଷୟଗୁଡ଼ିକୁ ଆମଠାରୁ ଦୂରରେ ରଖୁ, (ଏହା ସେହି ସବୁ ବିଷୟ ଯାହା ଆକ୍ରମଣ ଓ ବିଭାଜିତ କରେ – ଦ୍ୱେଷାଂସି); ଆସ, ଯଜ୍ଞପତିଙ୍କ ଅଭିମୁଖେ ଅଗ୍ରସର ହେବା ।[୫] ହେ ବନ୍ଧୁଗଣ, (ସ୍ପଷ୍ଟତଃ ଏମାନେ ହେଉଛନ୍ତି ସପ୍ତଶୀର୍ଷ୍ଣୀ ଆଙ୍ଗିରସ, ଧୀ) ଆସ, ଆମେ ଏପରି ଏକ ଧୀ ରଚନା କରିବା ଯିଏ ହେଉଛନ୍ତି ମା' (ଅଦିତି ବା ଉଷା) ଏବଂ ଯିଏ ଗୋ-ମାନଙ୍କୁ କାରାବ୍ରଜରୁ ମୁକୁଳାଇ ଦିଅନ୍ତି''

---

୪ 'ଜୀବନ'ର ଚିନ୍ତାସିଦ୍ଧକାରୀ ଶକ୍ତିଗଣ, ଯେଉଁମାନେ ଅତଃପର ପ୍ରକଟ ହେବେ ।

୫ ଆରେ ଦ୍ୱେଷାଂସି ସନୁତର୍ଦଧାମ, ଅୟାମ ପ୍ରାଞ୍ଚୋ ୟଜମାନମଚ୍ଛ ॥ (ଋ. ୫ । ୪୫ ।୫)

୬ ଏତା ଧିୟଂ କୃଣବାମା ସଖାୟୋଽପ ୟା ମାଡୀଂ ଋଣୁତ ବ୍ରଜଂ ଗୋଃ ॥ (ଋ. ୫ । ୪୫ ।୬)

(୫।୪୫।୫,୬)[୬] । ଏହାର ତାତ୍ପର୍ଯ୍ୟ ଅତ୍ୟନ୍ତ ସ୍ପଷ୍ଟ; ଏହିପରି ପୂତ୍ତମାନଙ୍କରେ ବେଦର ଅନ୍ତର୍ନିହିତ ଅର୍ଥ ପ୍ରତୀକର ଆବରଣ ମଧ୍ୟରୁ ଅର୍ଦ୍ଧ ପ୍ରକାଶିତ ଅବସ୍ଥାରେ ଥାଏ ।

ତା'ପରେ, ଋଷି ସେହି ମହାନ୍ ତଥା ପ୍ରାଚୀନ ଦୃଷ୍ଟାନ୍ତକୁ ଉଲ୍ଲେଖ କରି ତାହାର ପୁନରାବୃତ୍ତି ପାଇଁ ମନୁଷ୍ୟମାନଙ୍କୁ ଯେଉଁ ଆହ୍ୱାନ ଜଣାଇଛନ୍ତି ତାହା ହେଉଛି : ଅଙ୍ଗିରସଗଣଙ୍କ ଦ୍ୱାରା ପ୍ରତିଷ୍ଠାପିତ ଦୃଷ୍ଟାନ୍ତ, ସରମାଙ୍କ କର୍ମସିଦ୍ଧି । ''ନବଗ୍ୱମାନେ ଦଶମାସ ଯାଏ ମନ୍ତ୍ର ଆବୃତ୍ତି କରିବା ବେଳେ ଏଠାରେ ଅଦ୍ରି ଗତିମାନ୍ ହୋଇଉଠିଲା, ସତ୍ୟାନୁସନ୍ଧାନରେ ଯାଉଥିବା ସରମା ଗୋମାନଙ୍କୁ ଲାଭ କଲେ, ଅଙ୍ଗିରସ ସଙ୍କଳ୍ପ ବସ୍ତୁକୁ ସତ କରିଦେଲେ । ଏହି ବିଶାଳ ଏକ ଦେବଙ୍କ ଉଦୟକାଳରେ ('ଉଷା' ଅନନ୍ତା ଅଦିତିଙ୍କ ପ୍ରତୀକ,— ମାତା ଦେବାନାମ୍ ଅଦିତେଃ ଅନୀକମ୍) ଅଙ୍ଗିରସମାନେ ଗୋ-ମାନଙ୍କ ସହିତ ଏକାଠି ହୋଇ ଆସିଲେ (ଅଥବା ଏପରି ବି ହୋଇପାରେ, ଦୀପ୍ତି ସମୂହ ଦ୍ୱାରା ଆସିଲେ । ଏହି ପ୍ରକାଶ, ଗୋ ଓ କିରଣ ଦ୍ୱାରା ସୂଚିତ); ପରମଲୋକରେ ଏମାନଙ୍କର (ଦୀପ୍ତିମାନଙ୍କର) ଜଘ ଥିଲା; ଋତ ପଥରେ ଯାତ୍ରା କରି ସରମା ଗୋ-ମାନଙ୍କୁ ଦେଖିଲେ'' (ଋକ୍ ୬,୮)[୭,୮] । ଆମେ ଏଠାରେ ଦେଖିଲୁ ଯେ ଋତର ପଥ ଅନୁସରଣ କରି ସିଧା 'ସତ୍ୟ'କୁ ଯାତ୍ରା କରିଥିବା ସରମାଙ୍କ ଗତି ଦ୍ୱାରା ସପ୍ତର୍ଷି, ଯେଉଁମାନେ କି ଅୟାସ୍ୟ ଓ ବୃହସ୍ପତିଙ୍କର ସପ୍ତଶୀର୍ଷୀ ଅଥବା ସପ୍ତରଶ୍ମିଯୁକ୍ତ 'ଧୀ'ର ପ୍ରତିନିଧିତ୍ୱ କରନ୍ତି, ସେମାନେ ଗୁପ୍ତ ଥିବା ସମସ୍ତ ଜ୍ୟୋତିଃକୁ ଲାଭ କରୁଛନ୍ତି ଏବଂ ଏହିସବୁ ଜ୍ୟୋତିଃର ଶକ୍ତି ବଳରେ ସେମାନେ ସମସ୍ତେ ଏକତ୍ର ହେଉଛନ୍ତି, ବସିଷ୍ଠ ଆମଙ୍କୁ ଯେପରି କହିସାରିଛନ୍ତି, ସମ ବ୍ୟାପ୍ତିରେ (**ସମାନେ ଉର୍ବେ**) ସେମାନେ ଏକତ୍ର ଉପନୀତ ହୋଇଥିଲେ, ସେହିଠାରୁ 'ଉଷା' ଜ୍ଞାନ ସହିତ ଅବତରଣ କରିଥିଲେ (**ଉର୍ବାଦ୍ ଜ୍ଞାନତୀ ଗାତ୍** – ଋକ୍ ୨) ଅଥବା, ବ୍ୟକ୍ତ ହୋଇଥିବା ତଥ୍ୟ ଅନୁସାରେ, ମହତୀ ଜଣଙ୍କ ଉଦୟ କାଳରେ ଅର୍ଥାତ୍ ଅନନ୍ତ ଚେତନା ମଧ୍ୟରେ ସମସ୍ତେ ଏକତ୍ର ହେଉଛନ୍ତି । ବସିଷ୍ଠଙ୍କ ଉକ୍ତି ଅନୁସାରେ ସେଠାରେ ସେମାନେ ଜ୍ଞାନରେ ସଂଯୁକ୍ତ ଓ ଏକମତ ହୁଅନ୍ତି ଏବଂ ମିଳିତ ପ୍ରୟାସ କରନ୍ତି ନାହିଁ—''**ସଂଗତାସଃ ସଂ ଜ୍ଞାନତେ ନ ୟତନ୍ତେ ମିଥଃ ତେ**'' (୭।୭୬।୫) ଅର୍ଥାତ୍ ଅନ୍ୟ ଏକ ସୂକ୍ତରେ ଯେପରି କୁହାଯାଇଛି, ସାତଜଣଯାକ ମିଶି ଏକରେ ପରିଣତ ହୋଇଯାଆନ୍ତି; ସେମାନେ ଜଣେ ସପ୍ତମୁଖବିଶିଷ୍ଟ ଅଙ୍ଗିରସ ହୋଇଉଠନ୍ତି, ଏ ରୂପକଟି ସପ୍ତଶୀର୍ଷୀ ଧୀର ଅନୁରୂପ, ଏବଂ ସରମାଙ୍କ

---

୬ ଅନୂନୋଦତ୍ର ହନ୍ତୟତୋ ଅଦ୍ରିରାର୍ଚନ୍ ୟେନ ଦଶ ମାସୋ ନବଗ୍ୱାଃ ॥
ଋତଂ ୟତୀ ସରମା ଗା ଅବିନ୍ଦଦ୍ ବିଶ୍ୱାନି ସତ୍ୟାଙ୍ଗିରାଣ୍ଟକାର ॥ (ଋ. ୫ । ୪୫ ।୬)

୮ ବିଶ୍ୱେ ଅସ୍ୟା ବ୍ୟୁଷି ମାହିନାୟାଃ ସଂ ୟଦ୍ ଗୋଭିରଙ୍ଗିରସୋ ନବନ୍ତ ।
ଉସ୍ର ଆସାଂ ପରମେ ସଧସ୍ଥ ଋତସ୍ୟ ପଥା ସରମା ବିଦଦ୍ ଗାଃ ॥ (ଋ. ୫ । ୪୫ ।୮)

ଆବିଷ୍କାରର ଫଳରୂପେ ଏହି ସଂଯୁକ୍ତ ଅଙ୍ଗିରସ ସମସ୍ତ ବିଷୟକୁ ସତ କରିଦିଅନ୍ତି (ଋକ୍-୭)। ଏହି ସଂଗତ, ଏକତ୍ରିତ, ପୂର୍ଣ୍ଣତା ପ୍ରାପ୍ତ ''କବିକ୍ରତୁ'' ସମସ୍ତ ଅନୃତ ଓ କୁଟିଳତାକୁ ସଂଶୋଧନ କରେ ଏବଂ ସମସ୍ତ ଧୀ, ପ୍ରାଣ ଓ କ୍ରିୟାକୁ ସତ୍ୟର ଧାରାରେ ପରିବର୍ତ୍ତିତ କରେ। ଏହି ସୂକ୍ତରେ ଏହା ମଧ୍ୟ କୁହାଯାଇଛି ଯେ, ସରମାଙ୍କ କାର୍ଯ୍ୟ ଏକାନ୍ତ ଭାବେ ସଂବୋଧିର କାର୍ଯ୍ୟ, ଯାହା ଅକୈତବ ସତ୍ୟର ପଥ ଦେଇ ସିଧା ସତ୍ୟ ନିକଟକୁ ଯାଏ, ଯାହାକି ଅନ୍ଧକାର ଓ ମିଥ୍ୟା ପ୍ରିତିଭାସମାନଙ୍କର ଆବରଣ ମଧ୍ୟରୁ ସତ୍ୟକୁ ମୁକ୍ତ କରେ, ସଂଶୟ ଓ ପ୍ରମାଦର କୁଟିଳ ପଥ ଦେଇ ନୁହେଁ; ତାଙ୍କ ଦ୍ୱାରା ଆବିଷ୍କୃତ ଜ୍ୟୋତିରାଜି ମାଧ୍ୟମରେ ଦ୍ରଷ୍ଟମନ ସତ୍ୟର ପୂର୍ଣ୍ଣ ପ୍ରକାଶ ଲାଭ କରିପାରେ। ସୂକ୍ତର ଅବଶିଷ୍ଟ ଅଂଶରେ କୁହାଯାଇଥିବା କଥାଗୁଡ଼ିକ ହେଲା, ସପ୍ତାଶ୍ୱ 'ସୂର୍ଯ୍ୟ' ତାଙ୍କର ''ସେହି କ୍ଷେତ୍ର ଅଭିମୁଖେ ଉଦିତ ହେଉଛନ୍ତି ଯାହା ତାଙ୍କର ଦୀର୍ଘ ଯାତ୍ରାର ଅବସାନରେ ବିସ୍ତୀର୍ଣ୍ଣ ହୋଇଯାଇଛି,'' ବେଗବାନ୍ ପକ୍ଷୀର (ଶ୍ୟେନର) ସୋମପ୍ରାପ୍ତି, ଜ୍ୟୋତିର୍ମୟ ଗୋ-ମାନଙ୍କ କ୍ଷେତ୍ରକୁ ଯୁବା ଦ୍ରଷ୍ଟାଙ୍କ ଗମନ, ''ଜ୍ୟୋତିର୍ମୟ ମହାସାଗର'' ମଧ୍ୟକୁ ସୂର୍ଯ୍ୟଙ୍କର ଉତ୍ତରଣ, ''ମନସ୍ୱୀମାନଙ୍କ ଦ୍ୱାରା ଚାଳିତ ଏକ ପୋତ ପରି'' ଏହାକୁ ଅତିକ୍ରମଣ ଏବଂ ସେମାନଙ୍କ ଆହ୍ୱାନର ଉତ୍ତର ସ୍ୱରୂପ ମାନବ ଉପରେ ସେହି ମହାସାଗର ଜଳର ଅବତରଣ ପ୍ରଭୃତି। ସେହି ଜଳଧାରାଗୁଡ଼ିକ ମଧ୍ୟରେ ଅଙ୍ଗିରସଙ୍କର ସପ୍ତବିଧ ଧୀ ମାନବ-ଦ୍ରଷ୍ଟା ଦ୍ୱାରା ପ୍ରତିଷ୍ଠା ଲାଭ କରେ। ଯଦି ଆମେ ସେମାନଙ୍କ ପ୍ରତୀକାତ୍ମକ ଅଭିବ୍ୟକ୍ତି[୯] ସହ ସ୍ମରଣ ରଖୁ ଯେ ସୂର୍ଯ୍ୟ ଅତିଚେତନ ବା ସତ୍ୟଚେତନ ଜ୍ଞାନର ପ୍ରତୀକ ଏବଂ ଜ୍ୟୋତିର୍ମୟ ଅର୍ଣ୍ଣବ ହେଉଛି ମାତା ଅଦିତିଙ୍କର ତ୍ରିଗୁଣସପ୍ତ ଆସନ ବିଶିଷ୍ଟ ଅତିଚେତନର ଲୋକରାଜି, ତା'ହେଲେ ବିଷୟଗୁଡ଼ିକର ଅର୍ଥବୋଧ ଆଦୌ କଷ୍ଟକର ହେବ ନାହିଁ। ସରମାଙ୍କ ଦ୍ୱାରା ଗୋ-ଯୂଥମାନଙ୍କର ଆବିଷ୍କାର ପରେ ପରେ ଅଙ୍ଗିରସମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟସାଧନ ତଥା ସତ୍ୟଲୋକ ମଧ୍ୟକୁ ସେମାନଙ୍କର ମିଳିତ ଉତ୍ତରଣ ପରେ ପରମ ଲକ୍ଷ୍ୟର ଚରମ ସିଦ୍ଧି ସମ୍ଭବ ହୋଇଥାଏ।

ଏହି ପ୍ରସଙ୍ଗରେ ଯେଉଁ ଅନ୍ୟ ଏକ ସୂକ୍ତର ବିଶେଷ ଗୁରୁତ୍ୱ ରହିଛି ତାହା ବେଦର ତୃତୀୟ ମଣ୍ଡଳସ୍ଥ ବିଶ୍ୱାମିତ୍ରଙ୍କ ଦ୍ୱାରା ରଚିତ ସୂକ୍ତ (ଋ. ୩।୩୨)। ''ଜ୍ୟୋତିର୍ମୟ ଜଣଙ୍କର (ଦେବ, ରୁଦ୍ରଙ୍କ) ମହାନ୍ ପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ ନିମନ୍ତେ ଆହୁତିର ଶିଖାରେ କମ୍ପିତ ହୋଇ ଅଗ୍ନି (ଦିବ୍ୟଶକ୍ତି) ଜାତହେଲେ; ସେମାନଙ୍କ ଏ ସନ୍ତାନ ମହାନ୍, ଏହା ଏକ

---

[୯] ଏହି ଅର୍ଥ ଦ୍ୱାରା ଏବେ ଅସ୍ପଷ୍ଟ ଥିବା ଅନେକ ବୈଦିକ ଉକ୍ତିର ଅର୍ଥ ଆମେ ସହଜରେ ବୁଝିପାରିବା। ଉଦାହରଣତଃ ୮।୬୮।୯ରେ ଥିବା, ''ଯୁଦ୍ଧରେ ତୁମର ସହାୟତା ଲାଭକରି ଆମେ ଜଳରାଶିରେ ତଥା ସୂର୍ଯ୍ୟଙ୍କ ମଧ୍ୟରେ ଥିବା ଧନକୁ ଯେପରି ଜୟ କରିଅନ୍ତୁ,''– **ଅପ୍ସୁ ସୂର୍ଯ୍ୟେ ମହଦ୍ଧନମ୍**।

ବିଶାଳ ଜନ୍ମ; ଜ୍ୟୋତିର୍ମୟ ଅଶ୍ୱଗୁଡ଼ିକର ଚାଳକଙ୍କର (ଇନ୍ଦ୍ରଙ୍କର ଅର୍ଥାତ୍ ଦିବ୍ୟମନର) ଯଜ୍ଞମାନଙ୍କ ଦ୍ୱାରା ଏକ ମହାନ୍ ଗତି ହୋଇଚାଲିଛି ।[୧୦] ତାଙ୍କ ସଂଗ୍ରାମରେ ବିଶ୍ୱେଦ୍ରୀ (ଉଷାଗଣ) ତାଙ୍କଠାରେ ସଂସକ୍ତ ହୋଇ ରହିଛନ୍ତି, ସେମାନେ (ଉଷାମାନେ) ଅନ୍ଧକାର ମଧ୍ୟରୁ ଜ୍ଞାନବଳରେ ଏକ ମହାଜ୍ୟୋତିକୁ ବିମୋଚିତ କରନ୍ତି; ତାଙ୍କ ଆଡ଼କୁ ଉଷାଗଣ ଉଠି ଆସୁଛନ୍ତି ବୋଲି ଜାଣିପାରିଥିବା ଇନ୍ଦ୍ର ଜ୍ୟୋତିର୍ମୟ ଗୋମାନଙ୍କର ଏକମାତ୍ର ପତି ହେଲେ ।[୧୧] ସେଇ ଗାଈମାନଙ୍କୁ ଯେଉଁମାନେ କି (ପଣିମାନଙ୍କର) ଦୃଢ଼ସ୍ଥାନସବୁରେ ଜାରୀବଦ୍ଧ ଥିଲେ, ଧୀର ଭାବୁକଗଣ ସେଇ ବଦ୍ଧଦ୍ୱାରକୁ ବିଦୀର୍ଣ୍ଣ କରି ସେମାନଙ୍କୁ ମୁକ୍ତ କଲେ; ମନ ଦ୍ୱାରା ସପ୍ତ ଋଷି ସେମାନଙ୍କୁ ସମ୍ମୁଖକୁ (ଅଥବା, ଉର୍ଦ୍ଧ୍ୱ ଆଡ଼କୁ ପରମଙ୍କ ଦିଗରେ) ଚାଳିତ କଲେ, ସେମାନେ ଋତର ସମଗ୍ର ପଥ (ଯାତ୍ରାର ଲକ୍ଷ୍ୟ ବା କ୍ଷେତ୍ର) ଖୋଜି ପାଇଲେ; (ଋତର ପରମ ଆସନ କଥା) ଜାଣିପାରି ଇନ୍ଦ୍ର ପ୍ରଣତି ପୂର୍ବକ ସେମାନଙ୍କ ମଧ୍ୟରେ ପ୍ରବେଶ କଲେ ।''

ବିଳୌ ସତୀରଭି ଧୀରା ଅତୃନ୍ଦନ୍ ପ୍ରାଚାହିନ୍ୱନ୍ ମନସା ସପ୍ତବିପ୍ରାଃ ।
ବିଶ୍ୱାମବିନ୍ଦନ୍ ପଥ୍ୟାମୃତସ୍ୟ ପ୍ରଜାନନ୍ନିତ୍ଥା ନମସା ବିବେଶ ॥ (ଋକ୍ : ୩।୩୧।୫)

ଏହା ହେଉଛି ସତ୍ୟଜ୍ଞାନର ସେହି ଚିରାଚରିତ ମହାଜନ୍ମ, ମହାଜ୍ୟୋତିଃ, ମହତୀ ଦିବ୍ୟଗତି, ଯାହା ସହିତ ରହିଛି ଲକ୍ଷ୍ୟପ୍ରାପ୍ତି ଓ ଉର୍ଦ୍ଧ୍ୱସ୍ଥ ପରମ ଲୋକସମୂହ ମଧ୍ୟରେ ଦେବ ଓ ଦ୍ରଷ୍ଟା (ଋଷି)ମାନଙ୍କର ପ୍ରବେଶ । ତା'ପରେ ଏହି କାର୍ଯ୍ୟରେ ସରମାଙ୍କର ଯେଉଁ ଭୂମିକା ରହିଛି, ଆମେ ତାହା ଦେଖିବାକୁ ପାଉଁ – ''ଯେତେବେଳେ ସରମା ଅଦ୍ରିର ଉତ୍ସସ୍ଥାନ ଦେଖିଲେ, ସେ ଇନ୍ଦ୍ର (ବୋଧହୁଏ ସରମା) ସେହି ମହାନ୍ ଓ ପରମ ଲକ୍ଷ୍ୟକୁ (ଯାତ୍ରାକୁ) ଦୃଷ୍ଟିରୁ ଅନବଚ୍ଛିନ୍ନ ରଖିଲେ । ଶୋଭନପଦଯୁକ୍ତା ସେ ତାଙ୍କୁ (ଇନ୍ଦ୍ରଙ୍କୁ) ଅବିନାଶୀମାନଙ୍କ (ଉଷାଙ୍କର ଅବଧ ଗୋମାନଙ୍କ) ସମ୍ମୁଖକୁ ନେଇଗଲେ; ସେ ପ୍ରଥମେ ଜାଣିପାରି ସେମାନଙ୍କ ରବ (ଧ୍ୱନି) ଅଭିମୁଖରେ ଗମନ କଲେ'' (ଋକ୍ : ୬)[୧୨] । 'ସଂବୋଧ୍'ଯେ ମାର୍ଗ ପ୍ରଦର୍ଶନ କରେ ସେକଥା ଏଠାରେ ପୁଣି କୁହାଯାଇଛି; ସେ ଏହା ଜାଣି ତତ୍କ୍ଷଣାତ୍ ସମସ୍ତଙ୍କର ଅଗ୍ରବର୍ତିନୀ ହୋଇ ପ୍ରଚ୍ଛନ୍ନ ଦୀପ୍ତିସମୂହର ରବ ଅଭିମୁଖରେ ଧାବିତା ହେଲେ ତଥା ବାହ୍ୟତଃ

---

୧୦ ଅଗ୍ନିର୍ଜଙ୍ଘେ ଜୁହ୍ୱା ରେଜମାନୋ ମହସ୍ପୁତ୍ରୋ ଅରୁଷସ୍ୟ ପ୍ରୟକ୍ଷେ ।
ମହାନ୍ ଗର୍ଭୋ ମହ୍ୟା ଜାତମେଷାଂ ମହୀ ପ୍ରବୃଦ୍ଧର୍ୟଶ୍ୱସ୍ୟ ୟଜ୍ଞୈଃ ॥ (ଋ. ୩ । ୩୧ ।୩)

୧୧ ଅଭି ଜୈତ୍ରୀରସଚନ୍ତ ସ୍ପୃଧାନଂ ମହି ଜ୍ୟୋତିସ୍ତମସୋ ନିରଜାନନ୍ ।
ତଂ ଜାନତୀଃ ପ୍ରତ୍ୟୁଦାୟନ୍ନୁଷାସଃ ପତିର୍ଗବାମଭବଦେକ ଇନ୍ଦ୍ରଃ ॥ (ଋ. ୩ । ୩୧ ।୪)

୧୨ ବିଦଦ୍ ୟଦୀ ସରମା ରୁଗ୍ଣମଦ୍ରେର୍ମହି ପାଥଃ ପୂର୍ବ୍ୟଂ ସଧ୍ର୍ୟକ୍ଚ ।
ଅଗ୍ରଂ ନୟତ୍ ସୁପଦ୍ୟକ୍ଷରାଣାମଚ୍ଛା ରବଂ ପ୍ରଥମା ଜାନତୀ ଗାତ୍ ॥ (ଋ. ୩ । ୩୧ ।୬)

ସୁଦୃଢ଼ ତଥା ଅଭେଦ୍ୟ (ବୀଳୁ, ଦୃଳ୍ହ) ବୋଲି ପ୍ରତୀୟମାନ ହେଉଥିବା ସେହି ଅଦ୍ରି ଯେଉଁଠି ବିଦୀର୍ଣ୍ଣ ହୋଇଯାଇଥିଲା, ସେଇ ସ୍ଥାନକୁ ଅନ୍ୱେଷକମାନଙ୍କ ପାଇଁ ପ୍ରବେଶଯୋଗ୍ୟ କରାଇଲେ ।

ସୂକ୍ତଟିର ଅବଶିଷ୍ଟ ଅଂଶରେ ଅଙ୍ଗିରସମାନଙ୍କର ଓ ଇନ୍ଦ୍ରଙ୍କର କର୍ମସାଧନ ବିଷୟକ ବର୍ଣ୍ଣନା ଅବ୍ୟାହତ ରହିଛି । ''ସେମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠବିପ୍ର ସିଏ ସେମାନଙ୍କ ସହିତ ବନ୍ଧୁତା କରିବାକୁ ଗମନ କଲେ; ଗର୍ଭଧାରୀ ଅଦ୍ରି ନିଜ ଗର୍ଭ ମଧ୍ୟରେ ଥିବା ବସ୍ତୁଗୁଡ଼ିକୁ ସୁକର୍ମସାଧକମାନଙ୍କ ନିମନ୍ତେ ବାହାରକୁ ପ୍ରକ୍ଷେପଣ କଲା; ନିଜ ପୌରୁଷବଳରେ ବଳୀୟାନ୍ ହୋଇ ସେ (ଇନ୍ଦ୍ର) ଯୁବକ (ଅଙ୍ଗିରସ)ମାନଙ୍କ ସହିତ ଧନପ୍ରାଚୁର୍ଯ୍ୟକୁ କାମନା କରି ତା' ଉପରେ ଅଧିକାର ସାବ୍ୟସ୍ତ କଲେ, ତା'ପରେ ଜ୍ୟୋତିଃର ମନ୍ତ୍ର ଗାନ କରି ସେ ତତ୍କ୍ଷଣାତ୍ ଅଙ୍ଗିରସ ହୋଇଗଲେ ।[୧୩] ଆମ ସମ୍ମୁଖରେ ପ୍ରତ୍ୟେକ ବସ୍ତୁର ରୂପ ଓ ପ୍ରତିମାନ (measure) ହେବାପୂର୍ବକ ସମସ୍ତ ଜନ୍ମ ବିଷୟରେ ଜ୍ଞାତା ସେ 'ଶୁଷ୍ଣ'କୁ ବଧ କଲେ''(ଋକ୍ ୭,୮)[୧୪]; ଅର୍ଥାତ୍ ଦିବ୍ୟମନହିଁ ଜଗତରେ ପ୍ରତ୍ୟେକ ବସ୍ତୁର ପ୍ରତିରୂପ ଗ୍ରହଣ କରେ ଏବଂ ଏହାର ପ୍ରକୃତ ଦିବ୍ୟମୂର୍ତ୍ତି ଓ ଅର୍ଥକୁ ଅଭିବ୍ୟକ୍ତ କରେ ଏବଂ ଜ୍ଞାନ ଓ କ୍ରିୟାକୁ ବିକୃତ କରୁଥିବା ମିଥ୍ୟାଶକ୍ତିକୁ ବଧ କରେ । ''ଗୋ ଅନ୍ୱେଷକ, ସ୍ୱର୍ଗପଦ ଅଭିମୁଖେ ଯାତ୍ରୀ ସତ୍ସଖା ସେ, ସ୍ତୁତିଗାନ ପୂର୍ବକ ତାଙ୍କ ମିତ୍ରମାନଙ୍କୁ (ଯଥାର୍ଥ ଆତ୍ମ ଅଭିବ୍ୟକ୍ତିର) ସମସ୍ତ ତ୍ରୁଟି-ବିଚ୍ୟୁତିରୁ[୧୫] ମୁକ୍ତ କରନ୍ତି । 'ଆଲୋକ' (ଗୋ) କାମୀ ମନ ସହିତ ଜ୍ଞାନଦୀପ୍ତି-ପ୍ରକାଶକ ବଚନ ଦ୍ୱାରା ଅମୃତତ୍ୱ ଦିଗରେ ପଥ ନିର୍ମାଣ କରି ସେମାନେ ନିଜ ଧାମଗୁଡ଼ିକରେ ପ୍ରବେଶ କଲେ (**ନି ଗବ୍ୟତା ମନସା ସେଦୁଃ ଅର୍କୈଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍**) । ଏହାହିଁ ସେମାନଙ୍କର ସେହି ବିସ୍ତୀର୍ଣ୍ଣ ସଦନ, ଏହା ସେହି ସତ୍ୟ ଯା' ଦ୍ୱାରା ସେମାନେ ମାସଗୁଡ଼ିକୁ ('ଦଶଗ୍ୱ'ମାନଙ୍କର ଦଶମାସ) ଅଧିକାର କଲେ ।[୧୬] ଦୃଷ୍ଟିରେ ସଙ୍ଗତିଯୁକ୍ତ ହୋଇ (ବା, ସମ୍ୟକ୍‌ରୂପେ ଦର୍ଶନ କରି), (ବସ୍ତୁଗୁଡ଼ିକର) ଆଦି ବୀଜକୁ ଦୋହନ କରି ସେମାନେ ନିଜ ସଦନରେ ('ସ୍ୱର୍'ରେ) ଆମୋଦିତ ହେଲେ । ଏମାନଙ୍କ (ବାକ୍‌ର) ଘୋଷ ସମଗ୍ର ସ୍ୱର୍ଗ ଓ ପୃଥିବୀକୁ ଉତ୍ତପ୍ତ କରିଦେଲା (ଅର୍ଥାତ୍, ତପ୍ତ ଶୁଦ୍ଧତା ସୃଷ୍ଟି କଲା, **ଘର୍ମ, ତପ୍ତଂ ଘୃତମ୍**, ଯାହା ସୌର 'ଗୋ' ମାନଙ୍କଠାରୁ ଦୋହନ

---

୧୩ ଅଗଚ୍ଛଦୁ ବିପ୍ରତମଃ ସଖୀୟନ୍ନସୂଦୟତ୍ ସୁକୃତେ ଗର୍ଭମଦ୍ରିଃ ।
ସସାନ ମର୍ୟୋ ଯୁବଭିର୍ମଖସ୍ୟନ୍ନଥାଭବଦଙ୍ଗିରାଃ ସଦ୍ୟୋ ଅର୍ଚନ୍ ॥ (ଋ. ୩ । ୩୧ ।୭)

୧୪ ସତଃ ସତଃ ପ୍ରତିମାନଂ ପୁରୋଭୂର୍ବିଶ୍ୱା ବେଦ ଜନିମା ହନ୍ତି ଶୁଷ୍ଣମ୍ ।...

୧୫ ...ପ୍ର ଣୋ ଦିବଃ ପଦବୀର୍ଗବ୍ୟୁରର୍ଚନ୍ସଖା ସଖୀରମୁଞ୍ଚନ୍ନିରବଦ୍ୟାତ୍ ॥ (ଋ. ୩ । ୩୧ ।୮)

୧୬ ନି ଗବ୍ୟତା ମନସା ସେଦୁରର୍କୈଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍ ।
ଇଦଂ ଚିନ୍ନୁ ସଦନଂ ଭୂର୍ଯେଷାଂ ୟେନ ମାସାଁ ଅସିଷାସନ୍ତତେନ ॥ (ଋ. ୩ । ୩୧ ।୯)

କରାଯାଇଛି); ଜାତବସ୍ତୁ ମଧ୍ୟରେ ସେମାନେ ଦୃଢ଼ ନିଷ୍ଠାକୁ ଏବଂ ଗୋମାନଙ୍କ ମଧ୍ୟରେ ବୀରଗଣଙ୍କୁ ପ୍ରତିଷ୍ଠା କଲେ (ଅର୍ଥାତ୍, ଜ୍ଞାନାଲୋକ ମଧ୍ୟରେ ସଂଗ୍ରାମୀ ଶକ୍ତିର ପ୍ରତିଷ୍ଠା ହେଲା)[୧୭]।

"ଯେଉଁମାନେ ଜନ୍ମଗ୍ରହଣ କଲେ (ଯଜ୍ଞପୁତ୍ର) ସେହି ମାନଙ୍କ ଦ୍ୱାରା, ହବ୍ୟବସ୍ତୁସବୁ ଦ୍ୱାରା, ଜ୍ୟୋତିଃଦାୟକ ମନ୍ତ୍ରଗୁଡ଼ିକ ଦ୍ୱାରା ସେହିମାନଙ୍କୁ ବୃତ୍ରହନ୍ତା ଇନ୍ଦ୍ର ଜ୍ୟୋତିର୍ମୟ ଉଚ୍ଚଲୋକ ଦିଗରେ ପ୍ରେରଣ କଲେ; ପ୍ରଶସ୍ତା ଓ ପ୍ରଫୁଲ୍ଲିତା 'ଗୋ' (ଗୋ — 'ଅଦିତି', ବୃହତ୍ ଓ ଆନନ୍ଦମୟ ପରମଚେତନା) ତାଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ ଘୃତମିଶ୍ରିତ ମଧୁ ପ୍ରଭୃତିକୁ ଆଣି ନିଜ ଦୁଗ୍ଧରୂପେ ପ୍ରଦାନ କଲେ।[୧୮] ଏହି ପିତାଙ୍କ ନିମନ୍ତେ (ସ୍ୱର୍ଗ ନିମନ୍ତେ) ମଧ୍ୟ ସେମାନେ ବୃହତ୍ ଓ ଉଜ୍ଜ୍ୱଳ ସଦନ ନିର୍ମାଣ କଲେ; ସେହି ସୁକର୍ମକାରୀମାନେ ଏହାର ସମ୍ପୂର୍ଣ୍ଣ ଦର୍ଶନ ଲାଭକଲେ। ନିଜର ବିଶାଳ-ସହାୟତା ପ୍ରଦାନ ପୂର୍ବକ ସେହି ମହାନ୍ ପିତାମାତା (ଦ୍ୟୌ ଓ ପୃଥିବୀ) ସେହି ଉଚ୍ଚ ଲୋକରେ ଆସୀନ ହୋଇ ସକଳ ଆନନ୍ଦକୁ ଭୋଗାୟିତ କଲେ।[୧୯] ଯେତେବେଳେ (ଅଶୁଭ ଓ ମିଥ୍ୟାର) ଉତ୍ଖନନ କରିବା ପାଇଁ ସେହି ବୃହତ୍ 'ଧୀଷଣା' ସ୍ୱର୍ଗ-ମର୍ତ୍ତ୍ୟରେ ସଦ୍ୟବ୍ୟାପ୍ତି ଲାଭ କରିଥିବା ତାଙ୍କୁ ଧାରଣ କଲେ, ସେତେବେଳେ ଅନବଦ୍ୟା ତଥା ସଂଗତବାକ୍ ଇନ୍ଦ୍ରଙ୍କ ପାଇଁ ଦୁନିର୍ବାର ଶକ୍ତି ଆସି ବିଦ୍ୟମାନ ହେଲା।"[୨୦] ସେ ବୃହତ୍ ବହୁବିଧ ତଥା ଆନନ୍ଦମୟ କ୍ଷେତ୍ରକୁ (ଗୋ-ମାନଙ୍କର ବୃହତ୍ କ୍ଷେତ୍ର, ସ୍ୱର୍କୁ) ଜାଣିଛନ୍ତି ଓ ତାଙ୍କ ବନ୍ଧୁଗଣଙ୍କ ନିମନ୍ତେ ବିଚରଣଶୀଳ ଯୂଥମାନଙ୍କୁ ଏକସଙ୍ଗେ ପ୍ରେରଣ କରିଛନ୍ତି। ମାନବାତ୍ମା (ଅଙ୍ଗିରସ)ମାନଙ୍କ ଦ୍ୱାରା ପ୍ରଦୀପ୍ତ ହୋଇ ସୂର୍ଯ୍ୟ, ଉଷା, ପଥ ଓ ଅଗ୍ନିଙ୍କୁ ଇନ୍ଦ୍ର ଏକତ୍ର ସୃଷ୍ଟି କରିଛନ୍ତି।"[୨୧]

ସୂକ୍ତର ଅବଶିଷ୍ଟ ଋକ୍‌ଗୁଡ଼ିକ ସେହି ସମାନ ରୂପକଳ୍ପକୁ ଅବ୍ୟାହତ ରଖିଛନ୍ତି, ତା'ସହ

---

୧୭ ସଂପଶ୍ୟମାନା ଅମଦନ୍ନଭି ସ୍ୱଂ ପୟଃ ପ୍ରକ୍ସ୍ୟ ରେତସୋ ଦୁଘାନାଃ।
ବି ରୋଦସୀ ଅଚପଦ୍ ଘୋଷ ଏଷାଂ ଜାତେ ନିଷ୍ଠାମଦଧୁର୍ଗୌଷୁ ବୀରାନ୍ ॥ (ଋ. ୩।୩୧ ।୧୦)

୧୮ ସ ଜାତେଭିର୍ବୃତ୍ରହା ସେତୁ ହବ୍ୟୈରୁତ୍ତ୍ରିୟା ଅସୃଜଦିନ୍ଦ୍ରୋ ଅର୍ଚତଃ।
ଉରୁଚ୍ୟସ୍ମୈ ଘୃତବଦ୍ ଭରନ୍ତୀ ମଧୁ ସ୍ୱାଦୁ ଦୁଦୁହେ ଜେନ୍ୟା ଗୌଃ ॥ (ଋ. ୩।୩୧ ।୧୧)

୧୯ ପିତ୍ରେ ଚିଜ୍ଜନୁଷଃ ସଦନଂ ସମସ୍ମୈ ମହି ତ୍ୱିଷୀମତ୍ ସୁକୃତୋ ବି ହି ଖ୍ୟନ୍।
ବିଷ୍ଟଭ୍ନନ୍ତଃ ସ୍କମ୍ଭନେନା ଜନିତ୍ରୀ ଆସୀନା ଊର୍ଧ୍ୱଂ ରଭସଂ ବି ମିନ୍ୱନ୍ ॥ (ଋ. ୩।୩୧ ।୧୨)

୨୦ ମହୀ ଯଦି ଧିଷଣା ଶିଶ୍ନଥେ ଧାତ୍ ସଦ୍ୟୋବୃଧଂ ବିତ୍ତଂ ରୋଦସ୍ୟୋଃ।
ଗିରୋ ଯସ୍ମିନ୍ନନବଦ୍ୟାଃ ସମୀଚୀର୍ବିଶ୍ୱା ଇନ୍ଦ୍ରାୟ ତବିଷୀରନୁତ୍ତାଃ ॥ (ଋ. ୩। ୩୧ ।୧୩)

୨୧ ମହି କ୍ଷେତ୍ରଂ ପୁରୁଶ୍ଚନ୍ଦ୍ରଂ ବିବିଦ୍ୱାନାଦିତ୍ ସଖ୍ୟଶ୍ଚ ରଥଂ ସମୈରତ୍।
ଇନ୍ଦ୍ରୋ ନୃଭିରଜନଦ୍ ଦୀଦ୍ୟାନଃ ସାକଂ ସୂର୍ଯଂ ଉଷସଂ ଗାତୁମଗ୍ନିମ୍ ॥ (ଋ. ୩। ୩୧ ।୧୫)

ବୃଷ୍ଟିର ଯେଉଁ ବିଖ୍ୟାତ ରୂପକଟି ମଣ୍ଡିରେ ଆସି ମିଶିଛି ତାହାକୁ ଏଯାଏ ଅତିଶୟ ଭୁଲ୍‌ଭାବେ ବୁଝାଯାଇଛି । ''ଆଦିତ୍ଯାତଙ୍କୁ ମୁଁ ନବରୂପରେ ନିର୍ମାଣ କରୁଛି ଏଇଥିପାଇଁ ଯେ ମୁଁ ଜୟଲାଭ କରିବି । ତୁମେ ଆମର ଅଦିବ୍ୟ ଦ୍ରୋହୀମାନଙ୍କୁ ଅପସାରଣ କର ଏବଂ ସ୍ୱର୍‌କୁ ଆମ ଅଧିକାରଭୁକ୍ତ କର ।'' ଆମ ସମ୍ମୁଖରେ ପାବନୀ ବୃଷ୍ଟିଧାରା (ଜଳଧାରାରୂପେ) ବିସ୍ତୃତ ହୋଇଛି; ସ୍ୱସ୍ତିର ଅବସ୍ଥାରୂପୀ ସେମାନଙ୍କ ଅପର କୂଳକୁ ଆମକୁ ଉତ୍ତୀର୍ଣ୍ଣ କର । ତୁମ ରଥରେ ବସି ସଂଗ୍ରାମ ପୂର୍ବକ ଆମକୁ ଶତ୍ରୁଠାରୁ ରକ୍ଷାକର; ଗୋ-ମାନଙ୍କୁ ଜୟକରି ଆଣିବାକୁ ତୁରନ୍ତ ଆମକୁ ସମର୍ଥ କର ।[୨୩] ବୃତ୍ରହନ୍ତା ଗୋପତିମାନଙ୍କୁ (ମନୁଷ୍ୟମାନଙ୍କୁ) ଦେଖାଇଛନ୍ତି; ସେ ତାଙ୍କର ଦୀପ୍ତ ବିଧାନ (ବା ରଶ୍ମି) ସହିତ କୃଷ୍ଣବର୍ଣ୍ଣ (ପଣିମାନଙ୍କ ପରି ଆଲୋକଶୂନ୍ୟ) ମାନଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି, ସୂନୃତ ଦ୍ୱାରା ସେ ଋତକୁ (ଋତ ସ୍ୱରୂପ ଗୋ-ମାନଙ୍କୁ) ପ୍ରଦର୍ଶନ କରି ତାଙ୍କ ନିଜର ସମସ୍ତ ଦ୍ୱାର ଉନ୍ମୁକ୍ତ କରିଛନ୍ତି''— **ପ୍ର ସୂନୃତା ଦିଶମାନ ଋତେନ ଦୁରଶ୍ଚ ବିଶ୍ୱା ଅବୃଣୋଦ୍ ଅପ ସ୍ୱାଃ** (ଋକ୍-୨୧)[୨୪]; ଏହାର ଅର୍ଥ ହେଲା — ଆମ ଅନ୍ଧକାର ମଧ୍ୟରେ ତାଙ୍କ ପ୍ରବେଶ ଫଳରେ (**ଅନ୍ତଃ କୃଷ୍ଣାନ୍ ଗାତ୍**) ପଣିମାନଙ୍କ ଦ୍ୱାରା ଅବରୁଦ୍ଧ ''ମାନବୀୟ ଦ୍ୱାରଗୁଡ଼ିକୁ'' ଉନ୍ମୋଚିତ କରିବା ପରେ ସେ ନିଜ ଧାମ 'ସ୍ୱର୍'ର ଦ୍ୱାରଗୁଡ଼ିକୁ ଖୋଲି ଦିଅନ୍ତି ।

ଏହିପରି ଭାବରେ ଏହି ଯେଉଁ ସୂକ୍ତର ଅଧିକାଂଶ ଋକ୍‌ର ଅନୁବାଦ ମୁଁ କଲି ତା'ର କାରଣ ହେଲା ଯେ ଏହା ବୈଦିକ କବିତାର ରହସ୍ୟମୟ ଓ ସମ୍ପୂର୍ଣ୍ଣ ମନସ୍ତାତ୍ତ୍ୱିକ ଚରିତ୍ରକୁ ବିସ୍ମୟକର ଭାବେ ଅବମୁକ୍ତ କରିଦେଉଛି ଏବଂ ଏହାରି ଦ୍ୱାରା ସରମାଙ୍କୁ ରୂପାୟିତ କରୁଥିବା ପ୍ରତୀକଗୁଡ଼ିକୁ ସ୍ପଷ୍ଟ ଭାବେ ଉପସ୍ଥାପିତ କରିହେବ । ଋଗ୍‌ବେଦରେ ସରମାଙ୍କ ସମ୍ପର୍କରେ ଅନ୍ୟ ଯେଉଁସବୁ ପ୍ରତିନିର୍ଦ୍ଦେଶ ଅଛି ସେଥିରେ ଏହି ଅବଧାରଣାଠାରୁ ଆଉ ଅଧିକ ଗୁରୁତ୍ୱପୂର୍ଣ୍ଣ କିଛି ମିଳେ ନାହିଁ । ୪।୧୬।୮ ଋକ୍‌ରେ ଏ ବିଷୟରେ ସଂକ୍ଷେପରେ କିଛି କୁହାଯାଇଥିବାର ଆମେ ଦେଖୁ । ''ଯେତେବେଳେ ହେ ଇନ୍ଦ୍ର (ପୁରୁହୂତ) ତୁମେ ପର୍ବତକୁ ଚିରି ତା'ମଧ୍ୟରୁ

---

୨୩ ତମଙ୍ଗିରସ୍ୱନ୍ନମସା ସପର୍ୟନ୍ ନବ୍ୟଂ କୃଣୋମି ସନ୍ୟସେ ପୁରାଜାମ୍ ।
ଦ୍ରୁହୋ ବି ୟାହି ବହୂଲା ଅଦେବୀଃ ସ୍ୱଶ୍ଚ ନୋ ମଘବନ୍ ସ୍ପାତୟେ ଧାଃ ॥
(ଋ. ୩।୩୪।୧୧)

୨୩ ମିହଃ ପାବକାଃ ପ୍ରତତା ଅଭୂବନ୍ ସ୍ୱସ୍ତି ନଃ ପିପୃହି ପାରମାସାମ୍ ।
ଇନ୍ଦ୍ର ତ୍ୱଂ ରଥିରଃ ପାହି ନୋ ରିଷୋ ମକ୍ଷୂମକ୍ଷୂ କୃଣୁହି ଗୋଜିତୋ ନଃ ॥
(ଋ. ୩।୩୩।୧୦)

୨୪ ଅଦେଦିଷ୍ଟ ବୃତ୍ରହା ଗୋପତିର୍ଗା ଅନ୍ତଃ କୃଷ୍ଣାଁ ଅରୁଷୈର୍ଧାମଭିର୍ଗାତ୍ ।
ପ୍ର ସୂନୃତା ଦିଶମାନ ଋତେନ ଦୁରଶ୍ଚ ବିଶ୍ୱା ଅବୃଣୋଦପ ସ୍ୱାଃ ॥ (ଋ. ୩।୩୩।୧୨)

ଜଳଧାରା ନିଃସାରିତ କଲ ସେତିକିବେଳେ ତୁମ ସମ୍ମୁଖରେ ସରମା ଅବିର୍ଭୂତା ହେଲେ; ସେପରି କରି ତୁମେ ଆମର ନେତା ରୂପେ କାରାଗୋଷ୍ଠଗୁଡ଼ିକୁ ଭାଙ୍ଗି ଅଙ୍ଗିରସମାନଙ୍କ ଦ୍ୱାରା ସ୍ତୁତ ହୋଇ ବଳପୂର୍ବକ ଆମ ପାଇଁ ପ୍ରଚୁର ସମ୍ପଦ ବାହାରକୁ ଆଣିଲ''[୨୫] । ଏହାହିଁ 'ସମ୍ବୋଧି' ଯାହା ଦିବ୍ୟମନ ସମ୍ମୁଖରେ ତାହାର ଅଗ୍ରଗାମିନୀ ରୂପେ ଅରିବ୍ୟାପ୍ତା ହେବା ଫଳରେ ଜଳଧାରାଗୁଡ଼ିକ ବିମୁକ୍ତ ହୋଇ ଆସନ୍ତି, ଅର୍ଥାତ୍ 'ସତ୍ୟର ପ୍ରବାହମାନ। ଘଟିବୁଲି ଯାହା 'ବୃତ୍ର'ଦ୍ୱାରା ପର୍ବତ ମଧ୍ୟରେ ଅନୁବଦ୍ଧିତା ହୋଇ ରହିଥିଲା ତାହାର ଉସରଣ ଘଟେ (ଋକ୍-୭); ଆଉମଧ୍ୟ ଏହି ସମ୍ବୋଧି ସାହାଯ୍ୟରେ ଏହି ଦେବତା (ଇନ୍ଦ୍ର) ଜ୍ୟୋତିଃର ଉଦ୍ଧାର କାର୍ଯ୍ୟରେ ଏବଂ ପଣିମାନଙ୍କ ଦୁର୍ଗଦ୍ୱାର ପଣ୍ଡାତରେ ପ୍ରସ୍ତର ମଧ୍ୟରେ ଲୁଚା ହୋଇ ରହିଥିବା ପ୍ରଚୁର ସମ୍ପଦ ଜୟ କରିବାରେ ଆମର ନେତା ହୋଇଯା'ନ୍ତି ।

ପରାଶର ଶାକ୍ତ୍ୟଙ୍କର ଗୋଟିଏ ସୂକ୍ତ (୧।୭୨)ରେ ମଧ୍ୟ ଆମେ ସରମାଙ୍କ ଅନ୍ୟ ଏକ ପ୍ରସଙ୍ଗ ଦେଖିବାକୁ ପାଉ । ପରାଶରଙ୍କର ଅଧିକାଂଶ ସୂକ୍ତ, ଯେଉଁଗୁଡ଼ିକ ବୈଦିକ ରୂପକମାନଙ୍କର ଅର୍ଥ ସର୍ବାଧିକ ସ୍ପଷ୍ଟ ରୂପେ ପ୍ରକଟ କରନ୍ତି, ସେଇଭଳି ସୂକ୍ତମାନଙ୍କ ମଧ୍ୟରୁ ଏହା ଅନ୍ୟତମ; ପରାଶର ଜଣେ ଜ୍ୟୋତିଷ୍ମାନ୍ କବି ଯେ ସର୍ବଦା ରହସ୍ୟବାଦୀଙ୍କର ଅଚ୍ଛାଦନର ଏକ ପ୍ରାନ୍ତଭାଗ ଅପେକ୍ଷା ଆହୁରି ଅଧିକ କିଛି ଅନାବୃତ କରିଦେବାକୁ ଚାହାନ୍ତି । ଏହି ସୂକ୍ତଟି ସଂକ୍ଷିପ୍ତ, ମୁଁ ଏହାର ସମ୍ପୂର୍ଣ୍ଣ ଅନୁବାଦ କରିବି ।

ନି କାବ୍ୟା ବେଧସଃ ଶଶ୍ୱତସ୍କର୍ହସ୍ତେ ଦଧାନୋ ନର୍ୟା ପୁରୂଣି ।
ଅଗ୍ନିର୍ଭୁବଦ୍ ରୟିପତୀ ରୟୀଣାଂ ସତ୍ରା ଚକ୍ରାଣୋ ଅମୃତାନି ବିଶ୍ୱା ॥୧॥

''ନିଜ ହସ୍ତରେ ବହୁବିଧ ଶକ୍ତି (ନର୍ୟା ପୁରୂଣି – ଦିବ୍ୟପୁରୁଷଙ୍କ ଶକ୍ତିମାନଙ୍କୁ) ଧାରଣ କରି ସେ ନିଜ ଭିତରେ ବସ୍ତୁମାନଙ୍କର ଚିରବିଧାତାଙ୍କର ଦ୍ରଷ୍ଟୃଜ୍ଞାନ ସୃଷ୍ଟି କରିଛନ୍ତି; ଅଗ୍ନି ସମସ୍ତ ଅମୃତତ୍ୱ ଏକତ୍ର ସୃଷ୍ଟି କରି ଦିବ୍ୟସମ୍ପଦମାନଙ୍କର ଅଧିପତି ହେଉଛନ୍ତି ।''

ଅସ୍ମେ ବତ୍ସଂ ପରି ଷନ୍ତଂ ନ ବିନ୍ଦନ୍ନିଚ୍ଛନ୍ତୋ ବିଶ୍ୱେ ଅମୃତା ଅମୂରାଃ ।
ଶ୍ରମୟୁବଃ ପଦବ୍ୟୋ ଧିୟଂଧାସ୍ତସ୍ଥୁଃ ପଦେ ପରମେ ତାର୍ବ୍ୟସ୍ୟ ॥୨॥

''ଅଜ୍ଞାନତା ଦ୍ୱାରା ଅନାବଦ୍ଧ ଅମର ପୁରୁଷମାନେ ତାଙ୍କୁ ପ୍ରାପ୍ତ ହେବାକୁ ଇଚ୍ଛା କରି (ଗୋମାତା 'ଅଦିତି'ଙ୍କର) 'ବତ୍ସା'ରୂପେ ସର୍ବତ୍ର ଆମ ମଧ୍ୟରେ ବିଦ୍ୟମାନ ଥିବାର ତାଙ୍କୁ ଦେଖିଲେ; ଅଧ୍ୱବସାୟ ଦ୍ୱାରା ପରମ ଧାମ ଅଭିମୁଖରେ ଯାତ୍ରା କରି ଓ ଧୀକୁ ଧାରଣ କରି ପରମ ପଦ ମଧ୍ୟରେ ସେମାନେ ଅଗ୍ନିଙ୍କର ଭାସ୍ୱର ମହିମାରେ ଉପନୀତ ହେଲେ ।''

---

୨୫ ଅପୋ ୟଦଦ୍ରିଂ ପୁରୁହୂତ ଦର୍ଦରାବିର୍ଭୁବଦ୍ ସରମା ପୂର୍ବ୍ୟଂ ତେ ।
ସ ନୋ ନେତା ବାଜମା ଦର୍ଷି ଭୂରିଂ ଗୋତ୍ରା ରୁଜନ୍ନଙ୍ଗିରୋଭିର୍ଗୃଣାନଃ ॥ (ଋ. ୪।୧୬।୮)

ତିସ୍ରୋ ଯଦଗ୍ନେ ଶରଦସ୍ତ୍ୱାମିଚ୍ଛୁଚିଂ ଘୃତେନ ଶୁଚୟଃ ସପର୍ୟାନ୍ ।
ନାମାନି ଚିଦ୍ ଦଧିରେ ୟଜ୍ଞିୟାନ୍ୟସୂଦୟନ୍ତ ତନ୍ୱଃ ସୁଜାତାଃ ।।୩।।

"ହେ ଅଗ୍ନି, ଯେତେବେଳେ ତିନୋଟି ବର୍ଷ ମଧ୍ୟଦେଇ (ତିନିଟି ପ୍ରତୀକାତ୍ମକ ଋତୁ ବା କାଳାଂଶ, ଯାହା ହୁଏତ ତିନି ମାନସିକ ସ୍ୱର୍ଗ ମଧ୍ୟଦେଇ ଯାତ୍ରା ସହ ସମ୍ପର୍କିତ) ସେହି ବିଶୁଦ୍ଧ ପୁରୁଷମାନେ ଶୁଦ୍ଧସ୍ୱରୂପ ତୁମକୁ ଘୃତ ଦ୍ୱାରା ପରିଚର୍ଯ୍ୟା କଲେ ସେତେବେଳେ ସେମାନେ ଯଜ୍ଞୀୟ ନାମମାନ ଧାରଣ ପୂର୍ବକ ସୁଜାତ ରୂପଗୁଡ଼ିକୁ (ପରମ ସ୍ୱର୍ଗ ଅଭିମୁଖେ) ସଞ୍ଚାଳନ କଲେ ।"

ଆ ରୋଦସୀ ବୃହତୀ ବେବିଦାନାଃ ପ୍ର ରୁଦ୍ରିୟା ଜଭ୍ରିରେ ୟଜ୍ଞିୟାସଃ ।
ବିଦନ୍ମର୍ତୋ ନେମଧିତା ଚିକିତ୍ୱାନଗ୍ନିଂ ପଦେ ପରମେ ତସ୍ଥିବାଂସମ୍ ।।୪।।

"ରୁଦ୍ରପୁତ୍ର ତଥା ଯଜ୍ଞପତି ସେମାନେ ବୃହତ୍ ସ୍ୱର୍ଗ ଓ ପୃଥିବୀର ଜ୍ଞାନ ଲାଭକରି ସେମାନଙ୍କୁ ସମ୍ମୁଖ ଦିଗରେ ଧାରଣ କଲେ, ମର୍ତ୍ୟମାନବ ଅନ୍ତର୍ଦୃଷ୍ଟିର ସହ ଜାଗ୍ରତ ହେଲା ଏବଂ ପରମ ପଦରେ ଦଣ୍ଡାୟମାନ ଅଗ୍ନିଙ୍କୁ ଲାଭ କଲା ।"

ସଂଜାନାନା ଉପ ସୀଦନ୍ନଭିଜ୍ଞୁ ପତ୍ନୀବନ୍ତୋ ନମସ୍ୟଂ ନମସ୍ୟନ୍ ।
ରିରିକ୍ୱାଂସସ୍ତନ୍ୱଃ କୃଣ୍ୱତ ସ୍ୱାଃ ସଖା ସଖ୍ୟୁର୍ନିମିଷି ରକ୍ଷମାଣାଃ ।।୫।।

"ପୂର୍ଣ୍ଣରୂପେ (ଅଥବା, ସଙ୍ଗତିର ସହ) ଜ୍ଞାନ ଲାଭ କରିଥିବା ସେମାନେ ତାଙ୍କ ନିକଟରେ ନତଜାନୁ ହେଲେ; ସେମାନେ ନିଜ ପତ୍ନୀଙ୍କ (ଦେବତାଙ୍କ ସ୍ତ୍ରୀଶକ୍ତିଙ୍କ) ସହିତ ସେହି ନମସ୍ୟଙ୍କୁ ନମସ୍କାର କଲେ; ନିଜକୁ ପବିତ୍ର କରି (ଅଥବା, ସମ୍ଭବତଃ ସ୍ୱର୍ଗ ଓ ପୃଥିବୀର ସୀମା ଅତିକ୍ରମ କରି) ସେମାନେ ଦିବ୍ୟସଖାଙ୍କ ତୀକ୍ଷ୍ଣଦୃଷ୍ଟି ଦ୍ୱାରା ସୁରକ୍ଷିତ ହୋଇ ପ୍ରତ୍ୟେକ ସଖା ନିଜର (ସତ ବା ଦିବ୍ୟ) ରୂପ ସୃଷ୍ଟି କଲେ ।"

ତ୍ରିଃ ସପ୍ତ ୟଦ୍ ଗୁହ୍ୟାନି ତ୍ୱେ ଇତ୍ପଦାବିଦନ୍ନିହିତା ୟଜ୍ଞିୟାସଃ ।
ତେଭୀ ରକ୍ଷନ୍ତେ ଅମୃତଂ ସଜୋଷାଃ ପଶୁଞ୍ଚ ସ୍ଥାତୃଞ୍ଚରଥଂ ଚ ପାହି ।।୬।।

"ଯଜ୍ଞୀୟ ଦେବତାମାନେ ତୁମ ମଧ୍ୟରେ ପ୍ରଚ୍ଛନ୍ନ ତ୍ରି-ସପ୍ତ ଗୂଢ଼ ଆସନଗୁଡ଼ିକୁ ଦେଖିବାକୁ ପାଇଲେ; ସେମାନେ ସମହୃଦୟ ହୋଇ ସେମାନଙ୍କ ଦ୍ୱାରା ଅମୃତତ୍ୱକୁ ରକ୍ଷା କଲେ । ସ୍ଥିର ତଥା ଗତିମାନ୍ ପଶୁ-ଯୂଥକୁ ତୁମେ ରକ୍ଷା କର ।"

ବିଦ୍ମାଁ ଅଗ୍ନେ ବୟୁନାନି କ୍ଷିତୀନାଂ ବ୍ୟାନୁଷକ୍ଛୁରୁଧୋ ଜୀବସେ ଧାଃ ।।
ଅନ୍ତର୍ବିଦ୍ୱାଁ ଅଧ୍ୱନୋ ଦେବୟାନାନତନ୍ଦ୍ରୋ ଦୂତୋ ଅଭବୋ ହବିର୍ବାଟ୍ ।।୭।।

"ଜଗତମାନଙ୍କ ମଧ୍ୟରେ ସମସ୍ତ ଅଭିବ୍ୟକ୍ତିର (ଅଥବା, ଜନ୍ମର) ଜ୍ଞାନପ୍ରାପ୍ତ (ଅଥବା, ମନୁଷ୍ୟମାନଙ୍କର ସମସ୍ତ ଜ୍ଞାନର ବିଜ୍ଞାତା) ହେ ଅଗ୍ନି, ତୁମର ଶକ୍ତିଗୁଡ଼ିକୁ ଜୀବନ ଧାରଣ ପାଇଁ ସତତ ପ୍ରତିଷ୍ଠା କର । ଦେବତାମାନଙ୍କର ଯାତ୍ରାପଥ ସମ୍ପର୍କରେ ଅନ୍ତରରେ ଅବଗତ ହୋଇ ତୁମେ ସେମାନଙ୍କର ଅତନ୍ଦ୍ର ଦୂତ ଓ ହବ୍ୟବାହକ ହୋଇ ଉଠିଛ ।"

ସ୍ୱାଧୋ ଦିବ ଆ ସପ୍ତ ୟହ୍ୱୀ ରାୟୋ ଦୁରୋ ବ୍ୟତଞ୍ଚା ଅଜୀନନ୍ ।
ବିଦଦ୍‌ଗବ୍ୟଂ ସରମା ଦୃଳ୍ହମୂର୍ବଂ ୟେନା ନୁ କଂ ମାନୁଷୀ ଭୋଜତେ ବିଟ୍ ॥୮॥

‘‘‘ଧୀ’ର ଯଥାର୍ଥ ସଂସ୍ଥାପିକା ଓ ରତଞ୍ଚା ଦ୍ୟୁଲୋକର ସପ୍ତ ମହତୀଗଣ (ନଦୀଗଣ) ସ୍ୱର୍ଗୀୟ ସମୃଦ୍ଧିର ଦ୍ୱାରଗୁଡ଼ିକ ବିଷୟରେ ଅବଗତା ହେଲେ, ‘ସରମା’ ତୋମାନଙ୍କର ସେହି ଦୃଢ଼ତା ଓ ବିସ୍ତୃତିକୁ ଦେଖିବାକୁ ପାଇଲେ ଯଦ୍ଦ୍ୱାରା ମନୁଷ୍ୟ ବର୍ତ୍ତମାନ (ପରମ ସମ୍ପଦଗୁଡ଼ିକୁ) ଉପଭୋଗ କରୁଛି ।’’

ଆ। ୟେ ବିଶ୍ୱା ସ୍ୱପତ୍ୟାନି ତସ୍ଥୁଃ କୃଣ୍ୱାନାସୋ ଅମୃତତ୍ୱାୟ ଗାତୁମ୍ ।
ମହ୍ନା ମହଭିଃ ପୃଥିବୀ ବି ତସ୍ଥେ ମାତା ପୁତ୍ରୈରଦିତିର୍ଧାୟସେ ବଃ ॥୯॥

‘‘ଯଥାର୍ଥ ଫଳପ୍ରସୂ, ସକଳ ବିଷୟ ମଧ୍ୟରେ ଅନୁପ୍ରବିଷ୍ଟ ସେମାନେ ଅମୃତତ୍ୱ ଦିଗରେ ପଥ ନିର୍ମାଣ କଲେ; ମହାନ୍ (ଦେବ)ବୃନ୍ଦଙ୍କ ଦ୍ୱାରା ଓ ମହତ୍ତ୍ୱ ଦ୍ୱାରା ପୃଥିବୀ ବିସ୍ତୃତ ହୋଇ ରହିଛି; ମାତା ଅଦିତି ନିଜ ପୁତ୍ରମାନଙ୍କ ସହିତ ତାହାକୁ ଊର୍ଦ୍ଧ୍ୱରେ ଧାରଣ କରିବାକୁ ଆସିଲେ ।’’

ଅଧ୍ ଶ୍ରିୟଂ ନି ଦଧୁଷ୍ଟାରୁମସ୍ମିନ୍ ଦିବୋ ୟଦକ୍ଷୀ ଅମୃତା ଅକୃଣ୍ୱନ୍ ।
ଅଧ କ୍ଷରନ୍ତି ସିନ୍ଧବୋ ନ ସୃଷ୍ଟା ପ୍ର ନୀଚୀରଗ୍ମେ ଅରୁଷୀରଜୀନନ୍ ॥୧୦॥

‘‘ଯେତେବେଳେ ଅମରମାନେ ଦ୍ୟୁଲୋକରେ ଚକ୍ଷୁଦ୍ୱୟକୁ (ବୋଧହୁଏ ଏ ଦୁଇଟି ସୂର୍ଯ୍ୟଙ୍କର ଦୁଇ ଦୃଷ୍ଟିଶକ୍ତିର, ଇନ୍ଦ୍ରଙ୍କ ଦୁଇ ଅଶ୍ୱର ସମାର୍ଥକ) ନିର୍ମାଣ କଲେ ସେତେବେଳେ ସେମାନେ ତାଙ୍କ ମଧ୍ୟରେ ଜାଜ୍ୱଲ୍ୟ ମହିମା ପ୍ରତିଷ୍ଠା କଲେ; ନଦୀଗୁଡ଼ିକ ସତେ ଯେପରି ମୁକ୍ତ ହୋଇ ନିମ୍ନକୁ ପ୍ରବାହିତ ହେଲେ; ହେ ଅଗ୍ନେ, ଯେଉଁସବୁ ଜ୍ୟୋତିଷ୍ମତୀଗଣ (ଗୋ-ସମୂହ) ଏଠାରେ ନିମ୍ନରେ ଥିଲେ ସେମାନେ ଏହା ଜାଣିଲେ ।’’

ପରାଶରଙ୍କ ସୂକ୍ତଟି ଏହିଭଳି, ମୁଁ ଏହାର ଯଥାସମ୍ଭବ ଆକ୍ଷରିକ ଅନୁବାଦ କରିଛି, ଏଥିପାଇଁ ଅବଶ୍ୟ ଇଂରାଜୀ ଭାଷାରେ ପ୍ରକାଶର ଅପୌଷ୍ଟବତା କିଛି ରହିଛି । ଏହା ଉପରେ ପ୍ରଥମ ଦୃଷ୍ଟିପାତରେ ଏହା ସ୍ପଷ୍ଟ ହୋଇଯାଏ ଯେ, ପ୍ରଥମରୁ ଶେଷଯାଏ ଏହା ହେଉଛି ଜ୍ଞାନର, ‘ସତ୍ୟ’ର, ପରମ ଦେବତାଙ୍କଠାରୁ କୌଣସି ପାର୍ଥକ୍ୟ ବାରି ହେଉ ନ ଥିବା ଦିବ୍ୟ ଅଗ୍ନିଶିଖାର, ଦିବ୍ୟଶକ୍ତିରୂପୀ ଦେବଗଣଙ୍କ ଆରୋହଣର ସୂକ୍ତ, ଯେଉଁଥିରେ ସେମାନେ ଯଜ୍ଞ ଦ୍ୱାରା ନିଜ ଦେବତ୍ୱ ପ୍ରତି, ସେମାନଙ୍କ ପରମ ନାମଗୁଡ଼ିକ ପ୍ରତି, ସେମାନଙ୍କ ଯଥାର୍ଥ ରୂପ ପ୍ରତି, ପରମ ଦେବଙ୍କର ତ୍ରିସପ୍ତ ଆସନଯୁକ୍ତ ସେମାନଙ୍କର ପ୍ରୋଜ୍ଜ୍ୱଳ ମହିମାର ପରମାବସ୍ଥା ପ୍ରତି ଉତ୍ତରଣ କରିଥାନ୍ତି । ଏହିପରି ଏକ ଉତ୍ତରଣର ଅର୍ଥ ମାନବ-ମଧ୍ୟସ୍ଥ ଦିବ୍ୟଶକ୍ତିମାନଙ୍କର ନିଜ ସାଧାରଣ ବିଶ୍ୱାତ୍ମକ ରୂପମଧ୍ୟରୁ ଊର୍ଦ୍ଧ୍ୱସ୍ଥ ଜ୍ୟୋତିର୍ମୟ ସତ୍ୟ ମଧ୍ୟକୁ ଆରୋହଣ ବ୍ୟତୀତ ଆଉକିଛି ହୋଇ ନ ପାରେ । ପରାଶର ସ୍ୱୟଂ ଆମକୁ ଯେପରି

କହୁଛନ୍ତି, ଦେବତାମାନଙ୍କର ଏହି କ୍ରିୟା ଦ୍ୱାରା ମର୍ତ୍ୟମନୁଷ୍ୟ ଜ୍ଞାନଦ୍ୱାରା ପ୍ରବୁଦ୍ଧ ହୁଏ ଓ ଅଗ୍ନିଙ୍କୁ ପରମ ପଦ ରୂପକ ଲକ୍ଷ୍ୟ ସ୍ଥାନରେ ଦଣ୍ଡାୟମାନ ହୋଇଥିବାର ଦେଖେ —

ବିଦନ୍ ମର୍ତ୍ତୋ ନେମଧିତା ଚିକିତ୍ୱାନ୍ ଅଗ୍ନିଂ ପଦେ ପରମେ ତସ୍ଥିବାଂସମ୍ ।

ଏହିପରି ଏକ ସୂକ୍ତରେ ସରମା ଯଦି ସତ୍ୟର ଏକ ଶକ୍ତି ନ ହୁଅନ୍ତି, ତାଙ୍କର ଗୋ-ମାନେ ଯଦି ଜ୍ୟୋତିର, ଦିବ୍ୟ-ଉଷାଙ୍କର, ରଶ୍ମିମାଳା ନ ହୁଅନ୍ତି ତେବେ ଏଠାରେ ତାଙ୍କ ଭୂମିକା ବା କ'ଣ ? ପ୍ରାଚୀନ ଯୁଦ୍ଧରତ ଜନଜାତିମାନଙ୍କର ଗୋବୃନ୍ଦ ଏବଂ ପରସ୍ପର ମଧ୍ୟରେ ଲୁଣ୍ଠନ ଓ ଗବାଦି-ଅପହରଣରତ ଆମର ପୂର୍ବଜ ଆର୍ଯ୍ୟ ଓ ଦ୍ରାବିଡ଼ମାନଙ୍କର ରକ୍ତାକ୍ତ ସଂଘର୍ଷ-ଯୁକ୍ତ କଳହ ସହିତ ଅମୃତତ୍ୱ ଓ ଦେବତ୍ୱର ଜ୍ୟୋତିର୍ମୟ ସ୍ୱୟଂପ୍ରକାଶ ଜ୍ଞାନର ଆରୋପରେ କ'ଣ ସମ୍ପର୍କ ରହିପାରେ ? ଅଥବା ସତ୍ୟକୁ ଚିନ୍ତା କରୁଥିବା ଓ ଜାଣୁଥିବା ଏବଂ ପ୍ରଚ୍ଛନ୍ନ ଦ୍ୱାରଗୁଡ଼ିକୁ ଆବିଷ୍କାର କରିଦେଉଥିବା ସେହି ନଦୀଗୁଡ଼ିକର ସଂଜ୍ଞା ଅବା କ'ଣ ? ଅଥବା, ଆମେ ତେବେ କ'ଣ ତଥାପି କହିବା ଯେ ଏହି ନଦୀମାନେ ପଞ୍ଜାବର ନଦୀ, ଯାହା ଅନାବୃଷ୍ଟି ଦ୍ୱାରା ବା ଦ୍ରାବିଡ଼ମାନଙ୍କ ଦ୍ୱାରା ଅବରୁଦ୍ଧ ହୋଇଥିଲା, ଏବଂ ସରମା ଆର୍ଯ୍ୟମାନଙ୍କର ଦୌତ୍ୟକର୍ମ ବିଷୟକ ଏକ ପୌରାଣିକ ଉପାଖ୍ୟାନର ପାତ୍ରବିଶେଷ ବା କେବଳ ସେ ଏକ ଭୌତିକ 'ଉଷା' ?

ଦଶମମଣ୍ଡଳର ଗୋଟିଏ ସମ୍ପୂର୍ଣ୍ଣ ସୂକ୍ତ, ସରମାଙ୍କର ଏହି ''ଦୌତ୍ୟକର୍ମ'' ଉଦ୍ଦେଶ୍ୟରେ ପ୍ରଚୋଦିତ । ଏହା ସରମା ଓ ପଣିମାନଙ୍କ ମଧ୍ୟରେ ସଂଳାପ; କିନ୍ତୁ ଆମେ ପୂର୍ବରୁ ଏହାଙ୍କ ବିଷୟରେ ଯାହା ଜାଣିଛୁ ଏଠାରେ ତା'ଠାରୁ ଅଧିକ ବିଶେଷ କିଛି ନାହିଁ, ଅଥଚ ଏଥିରେ ଥିବା ପ୍ରଧାନ ତଥା ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଗୁହାମଧସ୍ଥ ସମ୍ପଦସବୁର ଅଧିପତିମାନଙ୍କ ସମ୍ବନ୍ଧରେ ଆମର ଧାରଣା ଆଣିଦେବାରେ ଏହା ଆମକୁ ସାହାଯ୍ୟ କରେ । ସେ ଯାହାହେଉ, ଆମେ ଲକ୍ଷ୍ୟ କରିପାରୁ ଯେ ଏହି ସୂକ୍ତ ତଥା ଅନ୍ୟାନ୍ୟ ସୂକ୍ତରେ ସରମା ଯେ ଦିବ୍ୟଶୁନୀ ଏ ବିଷୟରେ କୌଣସି ସାମାନ୍ୟତମ ସୂଚନା ନାହିଁ, ସମ୍ଭବତଃ ବୈଦିକ ରୂପକମାନଙ୍କର ପରବର୍ତ୍ତୀ ଅଂଶରେ ସରମାଙ୍କଠାରେ ସ୍ୱର୍ଗଶୁନୀ ବୋଲି ଆରୋପ କରାଯାଇଛି । ଏହା ନିଶ୍ଚିତ ଯେ, ଇଏ ହେଉଛନ୍ତି ଜ୍ୟୋତିଷ୍ମତୀ ଶୋଭନପଦଯୁକ୍ତା ଦେବୀ, ପଣିମାନେ ଏହାଙ୍କ ଦ୍ୱାରା ଆକୃଷ୍ଟ ହୁଅନ୍ତି ଏବଂ ଏହାଙ୍କୁ ସେମାନେ ନିଜ ଭଗିନୀରୂପେ ପାଇବାକୁ କାମନା କରନ୍ତି — ସେମାନଙ୍କର ଗବାଦି ପଶୁମାନଙ୍କୁ ରକ୍ଷା କରିବା ନିମନ୍ତେ ଶୁନୀରୂପେ ନୁହେଁ, ପରନ୍ତୁ ସେମାନଙ୍କ ଧନରକ୍ଷଣରେ ଅଂଶଗ୍ରହଣ କରିବା ନିମନ୍ତେ ତାଙ୍କୁ ସେମାନେ ପାଇବାକୁ ଇଚ୍ଛା କରନ୍ତି । ସେ ଯାହା ବି ହେଉ, ସ୍ୱର୍ଗଶୁନୀର ଏହି ରୂପକଟି ଅତ୍ୟନ୍ତ ଉପଯୁକ୍ତ ଓ ମନୋହର ଏବଂ ଏହି ଉପାଖ୍ୟାନରୁ ଏହାର ବିକାଶ ଘଟିବା ଅବଶ୍ୟମ୍ଭାବୀ ଥିଲା । ପୂର୍ବବର୍ତ୍ତୀ ସୂକ୍ତମାନଙ୍କରୁ ଗୋଟିକରେ (୧।୬୨) ଅବଶ୍ୟ ଗୋଟିଏ ପୁତ୍ର ବିଷୟରେ

ଆମେ ଉଲ୍ଲେଖ କରିଛୁ ଯେ ସରମା ତାଙ୍କ ପାଇଁ ''ଅନ୍ନ ଆଣିଥିଲେ'' । ଏହି ବାକ୍ୟାଂଶକୁ ସ୍ପଷ୍ଟ କରିବା ପାଇଁ କଥାନକଟିଏ ବି ଯୋଡ଼ି ଦିଆଯାଇଛି ଯେ, ପେ ହୃତ ଗୋମାନଙ୍କୁ ଖୋଜି ଆଣିବେ ଏଇ ସର୍ତ୍ତରେ ଯେ ଯଦି ଯଜ୍ଞରେ ତାଙ୍କ ସନ୍ତାନ ପାଇଁ ଅନ୍ନ ଦିଆଯାଏ — କିନ୍ତୁ ଏହି ଟୀକାକୁ ପ୍ରମାଣସିଦ୍ଧ କରିବା ପାଇଁ ଏହା ଏକ କଳ୍ପନା-ପ୍ରସୂତ କଥା, କାରଣ ସ୍ୱୟଂ ଋଗ୍‌ବେଦରେ ଏହାର କୌଣସି ଉଲ୍ଲେଖ ନାହିଁ । ବେଦର ଉକ୍ତି ଅନୁସାରେ — ''ଯଜ୍ଞରେ'' ଅଥବା ଅଧିକ ସମ୍ଭବତଃ ଏହାର ଅର୍ଥ ''ଇନ୍ଦ୍ର ଓ ଅଙ୍ଗିରସ ଋଷିମାନଙ୍କର (ଗୋ-ମାନଙ୍କ ନିମନ୍ତେ) ଅନ୍ୱେଷଣ କାର୍ଯ୍ୟରେ ସରମା ଏହି 'ପୁତ୍ର' ପାଇଁ ଏକ ଭୂମି ଆବିଷ୍କାର କରିଥିଲେ'' — **ବିଦତ୍ ସରମା ତନୟାୟ ଧାସିମ୍ (୧।୬୨।୩)**; କାରଣ ଏହାହିଁ 'ଧାସୀମ୍' ଶବ୍ଦର ଯେତେଦୂର ସମ୍ଭାବ୍ୟ ଅର୍ଥ । ଏଠାରେ ଯେଉଁ ତନୟର କଥା ଉଲ୍ଲେଖ କରାଯାଇଛି, ଏହାକୁ ସମସ୍ତ ସମ୍ଭାବ୍ୟ ଦୃଷ୍ଟିରୁ ଦେଖିଲେ ଇଏ ହେଉଛନ୍ତି ଯଜ୍ଞଜାତ ପୁତ୍ର, ଯାହା ବୈଦିକ ରୂପକଳ୍ପର ଏକ ନିତ୍ୟ ଉପାଦାନ ଏବଂ ଏହା କଦାପି ସରମାଙ୍କଠାରୁ ଜାତ ଶ୍ୱାନ-ବଂଶର ନୁହେଁ । ଏହିପରି ଅନ୍ୟ ଏକ ବାକ୍ୟାଂଶ ମଧ୍ୟ ବେଦର (୧।୯୬।୪) ମନ୍ତ୍ରରେ ଅଛି — **ସଃ ମାତରିଶ୍ୱା ପୁରୁବାରପୁଷ୍ଟିଃ ବିଦତ୍ ଗାତୁଂ ତନୟାୟ ସ୍ୱର୍ବିତ୍**''— ''ମାତରିଶ୍ୱା (ପ୍ରାଣଦେବତା, ବାୟୁଦେବ) ନାନା ବାଞ୍ଛିତ ବିଷୟକୁ (ଜୀବନର ଉତ୍ତମର ଲକ୍ଷ୍ୟଗୁଡ଼ିକୁ) ବୃଦ୍ଧିକରି ଦିବ୍ୟ ପୁତ୍ର ନିମନ୍ତେ ପଥ ଆବିଷ୍କାର କଲେ, ସ୍ୱର୍ ଆବିଷ୍କାର କଲେ'' । ଏଠାରେ ବିଷୟଟି ଏକାଉଛି କିନ୍ତୁ ପୁତ୍ର ସହିତ ଶ୍ୱାନଶାବକମାନଙ୍କର କୌଣସି ସମ୍ବନ୍ଧ ନାହିଁ ।

ଦଶମ ମଣ୍ଡଳର ଅନ୍ତିମ ଭାଗସ୍ଥ ଗୋଟିଏ ସୂକ୍ତରେ ଯମଦୂତ ରୂପେ ଦୁଇଟି 'ସାରମେୟ' ଶ୍ୱାନ ବିଷୟରେ ଉଲ୍ଲେଖ ରହିଛି, କିନ୍ତୁ ସରମା ଯେ ସେମାନଙ୍କ ମା' ତାହାର କୌଣସି ଇଙ୍ଗିତ ସେଠାରେ ନାହିଁ । ଏବିଷୟଟି ପ୍ରସିଦ୍ଧ ଅନ୍ତ୍ୟେଷ୍ଟି ସୂକ୍ତ (୧୦।୧୪)ରେ ବିଦ୍ୟମାନ, ଏବଂ ଋଗ୍‌ବେଦରେ ଯମଙ୍କର ତଥା ତାଙ୍କର ଦୁଇ ଶ୍ୱାନଙ୍କର ପ୍ରକୃତ ସ୍ୱରୂପ କ'ଣ ତାହା ଲକ୍ଷଣୀୟ ବିଷୟ । ପରବର୍ତ୍ତୀ ବିଚାରଗୁଡ଼ିକରେ ଯମ ହେଉଛନ୍ତି ମୃତ୍ୟୁର ଦେବତା ଓ ତାଙ୍କ ନିଜର ଏକ ବିଶିଷ୍ଟ ଲୋକ ଥିବାର କଥା ଆସିଛି; କିନ୍ତୁ ଋଗ୍‌ବେଦ ଅନୁଯାୟୀ ମନେ ହୁଏ, ସେ ଥିଲେ ପ୍ରଥମେ ସୂର୍ଯ୍ୟଙ୍କର ଗୋଟିଏ ରୂପ — ଏପରିକି ପରବର୍ତ୍ତୀ କାଳର ଈଶୋପନିଷଦରେ ଆମେ ଦେଖୁ 'ଯମ' ନାମଟି ସୂର୍ଯ୍ୟଙ୍କ ସମବାଚୀ ଶବ୍ଦରୂପେ ପ୍ରୟୋଗ କରାଯାଇଛି — ପରେ ସେ ଅତି ଜ୍ୟୋତିଷ୍ମାନ୍ 'ସତ୍ୟାଧିପତି'ଙ୍କର ଯମଜ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ପରିଗଣିତ । ସେ ଧର୍ମର, ସତ୍ୟନିୟମର, ସତ୍ୟଧର୍ମର ରକ୍ଷକ, ଯାହା ଅମୃତତ୍ୱର ଗୋଟିଏ ସର୍ତ୍ତ ଏବଂ ସେହି କାରଣରୁ ସେ ନିଜେ ଅମୃତତ୍ୱର ରକ୍ଷକ । ତାଙ୍କର ଲୋକ ହେଉଛି 'ସ୍ୱର୍', ଅମୃତଲୋକ,

ଅମୃତେ ଲୋକେ ଅକ୍ଷିତେ, ଯେଉଁ ଲୋକରେ, ୯।୧୧୩।୭ ଋକ୍‌ରେ କୁହାଯିବା ପରି, ଅବିନଶ୍ୱର ଜ୍ୟୋତିଃ ବିଦ୍ୟମାନ ଏବଂ 'ସ୍ୱର୍' ପ୍ରତିଷ୍ଠିତ — **ଯତ୍ର ଜ୍ୟୋତିରଜସ୍ରମ୍, ଯସ୍ମିନ୍ ଲୋକେ ସ୍ୱର୍ ହିତମ୍**। ପ୍ରକୃତରେ କହିବାକୁ ଗଲେ ୧୦।୧୪ ସୂକ୍ତଟି ମୃତ୍ୟୁର ସୂକ୍ତ ହିସାବରେ ଯେତେ ନୁହେଁ, ସେତେ ବେଶୀ ପ୍ରାଣ ଓ ଅମୃତତ୍ୱର ସୂକ୍ତ। ଯମ ଓ ପ୍ରାଚୀନ ପିତୃଗଣ ସେହି ଲୋକର ପଥ ଆବିଷ୍କାର କରିଛନ୍ତି ଯାହା ଗୋମାନଙ୍କର ଚାରଣଭୂମି ଓ ଯେଉଁଠାରୁ ଶତ୍ରୁ ଜ୍ୟୋତିର୍ମୟ ଗୋଯୂଥଙ୍କୁ ଅପହରଣ କରିବାକୁ ଅସମର୍ଥ — **ୟମୋ ନୋ ଗାତୁଂ ପ୍ରଥମୋ ବିବେଦ, ନୈଷା ଗବ୍ୟୂତିଃ ଅପଭର୍ତବା ଉ, ୟତ୍ରା ନଃ ପୂର୍ବେ ପିତରଃ ପରେୟୁଃ** (ଋକ୍ ୨)। ସ୍ୱର୍ଗାରୋହୀ ମର୍ତ୍ୟର ଆତ୍ମାକୁ ''ଶୁଭ (ବା ଫଳପ୍ରସୂ ପଥରେ ଚତୁଃଅକ୍ଷି ବିଶିଷ୍ଟ ବିଚିତ୍ର ବର୍ଣ୍ଣର ଦୁଇ ସାରମେୟ ଶ୍ୱାନଙ୍କୁ ଡେଇଁ ଯିବାକୁ ଆଦେଶ ଦିଆଯାଇଛି (ଋକ୍ ୧୦)''[୬]। ଏମାନେ ଏହି ସ୍ୱର୍ଗପଥର ଚତୁରକ୍ଷି ବିଶିଷ୍ଟ ମାର୍ଗରକ୍ଷୀ ଓ ଏମାନେ ନିଜର ଦିବ୍ୟଦୃଷ୍ଟି ଦ୍ୱାରା ମନୁଷ୍ୟକୁ ତା'ର ଯାତ୍ରାପଥରେ ରକ୍ଷା କରନ୍ତି — **ୟୌ ତେ ଶ୍ୱାନୌ ୟମ ରକ୍ଷିତାରୌ ଚତୁରକ୍ଷୌ ପଥିରକ୍ଷୀ ନୃଚକ୍ଷସୌ** (ଋକ୍ ୧୧) ଏବଂ ଆତ୍ମାକୁ ନିଜ ପଥରେ ଯିବାବେଳେ ଏମାନଙ୍କୁ ରକ୍ଷୀ ରୂପେ ପଠାଇବା ପାଇଁ ଯମଙ୍କୁ କୁହାଯାଇଛି। ଏହି କୁକୁରମାନେ ''ଚତୁର୍ଦିଗରେ ଭ୍ରମଣ କରନ୍ତି, ସହଜରେ ତୃପ୍ତ ହୁଅନ୍ତି ନାହିଁ'' ଏବଂ ଧର୍ମରାଜଙ୍କର ଦୂତରୂପେ ମନୁଷ୍ୟମାନଙ୍କ ମଧ୍ୟରେ ବିଚରଣ କରନ୍ତି।''[୭] ଆଉମଧ୍ୟ ସୂକ୍ତଟିରେ ପ୍ରାର୍ଥନା କରାଯାଇଛି — ''ଏଠାରେ ଏହି ସୁଖହୀନ ଲୋକରେ ସେ ଦୁହେଁ (ଶ୍ୱାନଦ୍ୱୟ) ଆମକୁ ଆନନ୍ଦ ପ୍ରତ୍ୟର୍ପଣ କରନ୍ତୁ ଯା'ଫଳରେ ଆମେ ସୂର୍ଯ୍ୟଙ୍କୁ ଅବଲୋକନ କରିପାରିବୁ (ଋକ୍ ୧୨)''[୮]। ଆମେ ତଥାପି ଏଠାରେ ପ୍ରାଚୀନ ବୈଦିକ ବିଚାରକ୍ରମ ମଧ୍ୟରେ ଅର୍ଥାତ୍ ଜ୍ୟୋତିଃ ଆନନ୍ଦ ଓ ଅମୃତତ୍ୱର ବିଚାର ମଧ୍ୟରେ ରହିଛୁ ଏବଂ ଏହି ସାରମେୟ ଶ୍ୱାନଦ୍ୱୟ ସରମାଙ୍କର ମୂଳ ବୈଶିଷ୍ଟ୍ୟଗୁଡ଼ିକର ଅଧିକାରୀ, ଅର୍ଥାତ୍ ସେମାନଙ୍କର ଦୃଷ୍ଟିଶକ୍ତି, ବ୍ୟାପ୍ତ-ବିଚରଣ-କ୍ଷମ ଗତି, ଲକ୍ଷ୍ୟରେ ଉପନୀତ ହେବାକୁ ଥିବା ପଥ ଉପରେ ଭ୍ରମଣ କରିବାର ସାମର୍ଥ୍ୟ ଇତ୍ୟାଦି ରହିଛି। ସରମା ଗୋ-ମାନଙ୍କ ବ୍ୟାପ୍ତି ମଧ୍ୟକୁ ଘେନିଯାନ୍ତି; ଏହି ଶ୍ୱାନଦ୍ୱୟ ସେହି ଅଭେଦ୍ୟ ଚାରଣ ଭୂମିର, ଅର୍ଥାତ୍ କ୍ଷେତ୍ରର ଯାତ୍ରାରେ ଆତ୍ମାକୁ ସୁରକ୍ଷା ଦିଅନ୍ତି। ଏହି ଭୂମି ହେଉଛି ଜ୍ୟୋତିର୍ମୟ ଓ ଅବିନଶ୍ୱର ଗୋଯୂଥଙ୍କ କ୍ଷେତ୍ର। ସରମା ଆମକୁ ସତ୍ୟ ଦିଗରେ ଓ ସୂର୍ଯ୍ୟ-ଦର୍ଶନ ଦିଗରେ ନେଇଯା'ନ୍ତି ଯାହା ଆନନ୍ଦ ଲାଭର ପଥ; ଏହି ଶ୍ୱାନଦ୍ୱୟ ଦୁଃଖମୟ ଇହ ଜଗତରେ ମନୁଷ୍ୟକୁ ସୁଖଶାନ୍ତି

---

[୬] **ଅତି ଦ୍ରବ ସାରମେୟୌ ଶ୍ୱାନୌ ଚତୁରକ୍ଷୌ ଶଂବଲୌ ସାଧୁନା ପଥା**। (୧୦।୧୪।୧୦)

[୭] **ଉରୂଣସାବସୁତୃପା ଉଦୁମ୍ବଲୌ ୟମସ୍ୟ ଦୂତୌ ଚରତୋ ଜନାଁ ଅନୁ**। (୧୦।୧୪।୧୨)

[୮] **ତାବସ୍ମଭ୍ୟଂ ଦୃଶୟେ ସୂର୍ୟାୟ ପୁନର୍ଦାତାମସୁମଦ୍ୟେହ ଭଦ୍ରମ୍**॥ (୧୦।୧୪।୧୨)

ଆଣିଦିଅନ୍ତି ଯାହା ଦ୍ୱାରା ସେ ସୂର୍ଯ୍ୟ-ଦୃଷ୍ଟି ଭାଉ କରିବାକୁ ସମର୍ଥ ହୁଏ । ସରମାଙ୍କୁ ପଥ ଉପରେ ଧାବମାନା ଶୋଭନ ପଦଯୁକ୍ତା ଦେବୀରୂପେ ଅଥବା ସ୍ୱର୍ଗର ଶୁନୀରୂପେ, ପଥ ମଧ୍ୟସ୍ଥ ଏହି ଦୂରଗାମୀ ପ୍ରହରୀମାନଙ୍କର ମାତାରୂପେ, ଅଥବା ଅନ୍ୟ ଯେଉଁ ଭାବରେ ଚିତ୍ରଣ କରାଯାଉ ନା କାହିଁକି ସବୁ କ୍ଷେତ୍ରରେ ସେହି ସମାନ ଭାବର ପରିଚୟ ମିଳେ । ସେ ହେଉଛନ୍ତି 'ସତ୍ୟ'ର ଅନ୍ୱେଷିକା ତଥା ଆବିଷ୍କାରିକା ଶକ୍ତି, ସେ ଅନ୍ତର୍ଦୃଷ୍ଟିର ଦିବ୍ୟଶକ୍ତିଙ୍କ ଦ୍ୱାରା ପ୍ରଚ୍ଛନ୍ନ ଜ୍ୟୋତିଃ ଓ ଅଭୀପ୍ସ ଅମୃତତ୍ୱର ସନ୍ଧାନ ପାଆନ୍ତି । ପରନ୍ତୁ, ତାଙ୍କର କାର୍ଯ୍ୟ କେବଳ ଖୋଜିବା ଓ ସନ୍ଧାନ ପାଇବା ଭିତରେହିଁ ସୀମିତ ।

ଏକ ବିଂଶ ଅଧ୍ୟାୟ

ଅନ୍ଧକାରର ସନ୍ତାନଗଣ

ଥରେ ନୁହେଁ, ବାରଂବାର ଆମେ ଦେଖିଛୁ ଯେ ଅଙ୍ଗିରସଗଣ, ଇନ୍ଦ୍ର ଓ ସରମା, ପଣିଗଣଙ୍କର ଗୁହା ଏବଂ ଉଷା, ସୂର୍ଯ୍ୟ ଓ ଗୋମାନଙ୍କ ଜୟ ପ୍ରଭୃତିର କାହାଣୀକୁ ଆକ୍ରମଣକାରୀ ଆର୍ଯ୍ୟ ଓ ଗୁହାବାସୀ ଦ୍ରାବିଡ଼ମାନଙ୍କ ମଧ୍ୟରେ କୌଣସି ରାଜନୈତିକ ଓ ସାମରିକ ସଂଘର୍ଷର ବିବରଣରୂପେ ବ୍ୟାଖ୍ୟା କରିବା ଅସମ୍ଭବ । ଏହା ହେଉଛି ଜ୍ୟୋତିଃ-ଅନୁସନ୍ଧାନିଗଣ ଓ ଅନ୍ଧକାର ଶକ୍ତିମାନଙ୍କ ମଧ୍ୟରେ ସଂଘର୍ଷ; ଗୋମାନେ ହେଲେ ସୂର୍ଯ୍ୟ ଓ ଉଷାଙ୍କର ଦୀପ୍ତିପୁଞ୍ଜ, ସେମାନେ କଦାପି ଗୋ-ପଶୁ ନୁହନ୍ତି; 'ଇନ୍ଦ୍ର' ଆର୍ଯ୍ୟମାନଙ୍କ ନିମନ୍ତେ ଗୋମାନଙ୍କର ଯେଉଁ ଭୀତିମୁକ୍ତ ବିସ୍ତୃତ କ୍ଷେତ୍ର ଜୟ କରନ୍ତି ତାହା ହେଉଛି ବିଶାଳ 'ସ୍ୱର୍', ସୌରଦୀପ୍ତ ଜଗତ୍ ଓ ସ୍ୱର୍ଗର ତ୍ରିବିଧ ଜ୍ୟୋତିର୍ମୟ ଲୋକ । ତେଣୁ ସେହି ସମାନ ଦୃଷ୍ଟିରୁ ଗ୍ରହଣ କରିବାକୁ ହେବ ଯେ 'ପଣିଗଣ' ହେଉଛନ୍ତି ଅନ୍ଧକାର-ଗୁହାରେ ଥିବା ଶକ୍ତିବୃନ୍ଦ । ଏକଥା ପ୍ରାୟ ସତ୍ୟ ଯେ ପଣିମାନେ 'ଦସ୍ୟୁ' ବା 'ଦାସ'; ସେମାନେ ସବୁବେଳେ ଏହି ନାମରେ ଅଭିହିତ, ସେମାନେ ଆର୍ଯ୍ୟବର୍ଣ୍ଣର ବିପରୀତ ଦାସବର୍ଣ୍ଣ ବୋଲି ବର୍ଣ୍ଣିତ, ଏବଂ ବର୍ଣ୍ଣ ବା ରଙ୍ଗ ଶବ୍ଦଟି ବ୍ରାହ୍ମଣଗ୍ରନ୍ଥ ଓ ପରବର୍ତ୍ତୀ ରଚନାମାନଙ୍କରେ ଜାତି ବା ଶ୍ରେଣୀ ଅର୍ଥରେ ବ୍ୟବହୃତ, ତେଣୁ ଯଦିଓ ଋଗ୍ବେଦରେ ବର୍ଣ୍ଣ ଶବ୍ଦର ପ୍ରୟୋଗ ରହିଛି ତଥାପି ଏହା ସେହି ଅର୍ଥରେ ଗ୍ରହଣ କରାଯାଇ ନାହିଁ । ଦସ୍ୟୁମାନେ ପବିତ୍ର ବାକ୍‌ର ଜୁଗୁପ୍ସୁ; ଦେବତାମାନଙ୍କୁ ଯେଉଁମାନେ କୌଣସି ହବିଃ ବା ସୋମରସ ପ୍ରଦାନ କରନ୍ତି ନାହିଁ ଏମାନେ ସେଇ; ଏମାନେ ନିଜର ଗୋ ଓ ଅଶ୍ୱସମ୍ପଦ ଓ ଅନ୍ୟାନ୍ୟ ସମ୍ପଦ ନିଜ ପାଇଁ ସାଇତି ରଖନ୍ତି, ଋଷିମାନଙ୍କୁ ଦିଅନ୍ତି ନାହିଁ; ଏମାନେ ହେଉଛନ୍ତି ସେଇ ଯେଉଁମାନେ ଯଜ୍ଞ କରନ୍ତି ନାହିଁ । ଆମେ ଯଦି ଇଚ୍ଛା କରୁ ତେବେ ଅନୁମାନ କରିପାରୁ ଯେ ଭାରତରେ ସେସମୟରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକ ସଂଘର୍ଷ ଘଟିଥିଲା ଏବଂ ସେଇ କାରଣରୁ ଋଷିମାନେ ସେହି ଉଭୟ ପକ୍ଷର ମାନୁଷ ପ୍ରତିନିଧିମାନଙ୍କୁ ଏକ ରୂପକ ରୂପେ ଗ୍ରହଣ କରିନେଇ ସେମାନଙ୍କୁ ଆଧାତ୍ମିକ ସଂଘର୍ଷ କ୍ଷେତ୍ରରେ ପ୍ରୟୋଗ କରିଛନ୍ତି, ଠିକ୍ ଏହିପରି ସେମାନେ ନିଜ ଭୌତିକ ଜୀବନର ଅଙ୍ଗୀଭୂତ ଅନ୍ୟାନ୍ୟ କ୍ଷେତ୍ରରେ ଏହାକୁ ଆଧାତ୍ମିକ ଯଜ୍ଞ, ଆଧାତ୍ମିକ ସମ୍ପଦ, ଆଧାତ୍ମିକ ଯୁଦ୍ଧ ଏବଂ ଯାତ୍ରା ପ୍ରଭୃତିର ପ୍ରତୀକରୂପେ ଆରୋପଣ କରିଛନ୍ତି । ଏହା ସୁନିଶ୍ଚିତ ଯେ, ବିଶେଷତଃ ଋଗ୍ବେଦରେ କୌଣସି ସ୍ଥୂଳ ସଂଗ୍ରାମ ଓ ଲୁଣ୍ଠନର କଥା ସେମାନେ କହି ନାହାନ୍ତି ବରଂ ଆଧାତ୍ମିକ ସଂଘର୍ଷ ଓ ବିଜୟର କଥାହିଁ କହିଛନ୍ତି ।

ଯଦି କେତେକ ଅତ୍ରତତ୍ର ସୂକ୍ତକୁ ନେଇ ସେଥିରେ ଏକ ନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟ ଭରିଦିଆଯାଏ ତେବେ ସେହି ଅର୍ଥ ହୁଏତ ସେହି କ୍ଷେତ୍ରରେ ଠିକ୍ ବୋଲି ଲାଗିପାରେ ଏବଂ ଅନ୍ୟପକ୍ଷରେ ଯଦି ଏହି ଅର୍ଥ ପାଇଁ ସ୍ପଷ୍ଟତଃ ଅପ୍ରଯୋଜ୍ୟ ଅନ୍ୟ ବହୁ ସୂକ୍ତକୁ ଉପେକ୍ଷା କରିବାକୁ ହେଉଥିବ, ତେବେ ତାହା ହେବ ଅନାନ୍ତରିକ ଅଥବା ତ୍ରୁଟିଯୁକ୍ତ ପଦ୍ଧତି । ପଣିଗଣ, ସେମାନଙ୍କ ସମ୍ପଦ, ସେମାନଙ୍କ ସମସ୍ତ ସ୍ୱଭାବ-ଚରିତ୍ର, ଦେବଗଣ ଋଷିଗଣ ତଥା ଆର୍ଯ୍ୟମାନଙ୍କ ଦ୍ୱାରା ସେମାନଙ୍କ ଉପରେ ବିଜୟ — ଏହିସବୁ ସହ ସମ୍ପର୍କିତ ବେଦର ଉକ୍ତିଗୁଡ଼ିକୁ ସାମଗ୍ରିକ ରୂପେ ଗ୍ରହଣ କରିବା ଆବଶ୍ୟକ ଏବଂ ଏହି ଅନୁଚ୍ଛେଦଗୁଡ଼ିକୁ ଏକତ୍ର ବିଚାରକୁ ନେଇ ସେଥିରୁ ଯେଉଁ ସିଦ୍ଧାନ୍ତ ମିଳେ ତାହାକୁ ସମାନ ରୂପେ ସମସ୍ତ କ୍ଷେତ୍ରରେ ଆମେ ସ୍ୱୀକାର କରିବା ଉଚିତ । ଏହି ପଦ୍ଧତି ଅବଲମ୍ବନ କରୁଥିବା ବେଳେ ଆମେ ଦେଖୁ ଯେ ଏହିସବୁ ମଧ୍ୟରୁ ଅନେକ ସୂକ୍ତରେ ପଣିମାନଙ୍କୁ ମନୁଷ୍ୟ ବୋଲି ମନେ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ସେମାନେ ହୁଏତ ଭୌତିକ ଅଥବା ଆଧ୍ୟାତ୍ମିକ ଅନ୍ଧକାରର ଶକ୍ତିବୃନ୍ଦ; ଅନ୍ୟ ସୂକ୍ତମାନଙ୍କରେ ସେମାନଙ୍କୁ ଆଦୌ ଭୌତିକ ଅନ୍ଧକାରର ଶକ୍ତି ବୋଲି କୁହାଯାଇ ପାରିବ ନାହିଁ ପରନ୍ତୁ ସେମାନେ ହୁଏତ ଦେବକାମୀ ଓ ଯଜ୍ଞସାଧକମାନଙ୍କର ମାନବଶତ୍ରୁ ନ ହେଲେ ବି ଆଧ୍ୟାତ୍ମିକ 'ଜ୍ୟୋତିଃ'ର ଶତ୍ରୁ ହୋଇଥିବେ; ଏଉଳି ଆହୁରି କେତେକ ସୂକ୍ତ ଅଛି ଯେଉଁଥିରେ ସେମାନଙ୍କୁ ମାନୁଷ ଶତ୍ରୁ ବା ଭୌତିକ ଆଲୋକର ଶତ୍ରୁ ବୋଲି କୁହାଯାଇ ପାରିବ ନାହିଁ କିନ୍ତୁ ନିଶ୍ଚିତରୂପେ ସେମାନେ ଆଧ୍ୟାତ୍ମିକ 'ଜ୍ୟୋତିଃ', 'ସତ୍ୟ' ଓ 'ଧୀତି'ର ଶତ୍ରୁ । ଏହିସବୁ ତଥ୍ୟରୁ ଆମେ ଏକମାତ୍ର ସିଦ୍ଧାନ୍ତରେ ଉପନୀତ ହୋଇପାରୁ ଯେ ସେମାନେ ସର୍ବଦା ତଥା ଏକାନ୍ତ ଭାବେ ଆଧ୍ୟାତ୍ମିକ 'ଜ୍ୟୋତି'ରହିଁ ଶତ୍ରୁ ।

ଏହି 'ଦସ୍ୟୁ'ମାନଙ୍କର ସାଧାରଣ ଚରିତ୍ର ସମ୍ବନ୍ଧରେ ଅନୁସନ୍ଧାନର ମୂଳସୂତ୍ର ହିସାବରେ ଋ.୫।୧୪।୪ ଋକ୍‌କୁ ନେଇପାରୁ ।

ଅଗ୍ନିର୍ଜାତୋ ଅରୋଚତ, ଘ୍ନନ୍ଦସ୍ୟୁଜ୍ଜ୍ୟୋତିଷା ତମଃ ।
ଅବିନ୍ଦଦ୍ ଗା ଅପଃ ସ୍ୱଃ ॥

''ଅଗ୍ନି ଜାତ ହୋଇ ପ୍ରଦୀପ୍ତ ହୋଇ ଉଠିଲେ ଏବଂ 'ଜ୍ୟୋତିଃ' ଦ୍ୱାରା ଦସ୍ୟୁମାନଙ୍କୁ ବା ଅନ୍ଧକାରକୁ ବଧ କଲେ; ଗୋମାନଙ୍କୁ, ଜଳଧାରାଗୁଡ଼ିକୁ ଓ 'ସ୍ୱର୍'କୁ ଲାଭ କଲେ ।''

ଦସ୍ୟୁମାନେ ଦୁଇଟି ବଡ଼ ଶ୍ରେଣୀରେ ବିଭକ୍ତ, 'ପଣି' ନାମକ ଗୋଟିଏ ଶ୍ରେଣୀର ଦସ୍ୟୁ ଯେଉଁମାନେ ଗୋ ତଥା ଜଳଧାରା ଉଭୟକୁ ଅବରୋଧ କରନ୍ତି ପରନ୍ତୁ ସେମାନେ ବିଶେଷତଃ ଗୋମାନଙ୍କୁ ରୋଧିବା ସହ ସମ୍ବନ୍ଧିତ, 'ବୃତ୍ର' ଅନ୍ୟ ଏକ ଶ୍ରେଣୀ, ଏମାନେ ତ ଜଳଧାରାମାନଙ୍କୁ ଓ ଜ୍ୟୋତିକୁ ବାଧା ଦିଅନ୍ତି, ପରନ୍ତୁ ଏମାନେ ବିଶେଷତଃ ଜଳଧାରାଗୁଡ଼ିକୁ ଅବରୋଧ କରନ୍ତି; କିନ୍ତୁ ଏହି ଉଭୟ ଶ୍ରେଣୀର ସମସ୍ତ ଦସ୍ୟୁ ବିନା ବ୍ୟତିକ୍ରମରେ ସ୍ୱର୍ ଦିଗରେ ଉତ୍ତରଣର ବାଟ ଓଗାଳନ୍ତି ଏବଂ ଆର୍ଯ୍ୟ ଋଷିମାନଙ୍କ ସମ୍ପଦ ଆହରଣର କାର୍ଯ୍ୟରେ

ବିରୁଦ୍ଧାଚରଣ କରନ୍ତି । ଜ୍ୟୋତିକୁ ଅସ୍ୱୀକାର କରିବା ଅର୍ଥ ସ୍ୱର୍ଦୃଷ୍ଟିର (**स्वर्दृश्**) ଏବଂ ସୂର୍ଯ୍ୟଦୃଷ୍ଟିର, ପରମ ଜ୍ଞାନଦୃଷ୍ଟି, **ଉପମା କେତୁଃ** (ଋ-୫ । ୩୪ । ୯)ର ବିରୁଦ୍ଧାଚରଣ; ଜଳରାଶିକୁ ପ୍ରତ୍ୟାଖ୍ୟାନ କରିବାର ଅର୍ଥ ସ୍ୱର୍ର ପ୍ରଚୁର ପ୍ରସ୍ରବଣର (**स्वर्वतीः अपः**), ରତର ବେଗ ବା ପ୍ରସ୍ରବଣର, **ରତସ୍ୟ ପ୍ରେଷା, ରତସ୍ୟ ଧାରାଃ**, ଅବରୋଧ; ସମ୍ପଦକୁ ଅଧିକାରକୁ ଆଣିବାରେ ବିରୋଧ କରିବାର ଅର୍ଥ ସ୍ୱର୍ର ମହତ୍ ଐଶ୍ୱର୍ଯ୍ୟକୁ ଅର୍ଥାତ୍ ବସୁ, ଧନ, ବାଜ, ହିରଣ୍ୟ ପ୍ରଭୃତି ତଥା ସୂର୍ଯ୍ୟ ଓ ଜଳରାଶିରେ ଯେଉଁ ମହତ୍ ସମ୍ପଦ ବିଦ୍ୟମାନ – **अप्सु सूर्ये महद् धनम्** (୮।୬୮।୯) – ସେସବୁକୁ ରୋଧିବା । ତଥାପି ଯେହେତୁ ଆଲୋକ ଓ ଅନ୍ଧକାର, ସତ୍ୟ ଓ ମିଥ୍ୟା, ଦିବ୍ୟମାୟା ଓ ଅଦିବ୍ୟମାୟା ମଧ୍ୟରେ ସଂଗ୍ରାମ ଚାଲିଛି ତେବେ ଏଠାରେ ସମସ୍ତ ଦସ୍ୟୁଙ୍କୁ ସମାନଭାବେ ଅନ୍ଧକାର ସହିତ ଏକ ବୋଲି ଧରା ଯାଇଛି; ଏବଂ ଅଗ୍ନିଙ୍କ ଜନ୍ମ ତଥା ତାଙ୍କର ପ୍ରଜ୍ୱଳନ ଫଳରେ ଯେଉଁ 'ଜ୍ୟୋତିଃ'ର ଉତ୍ପତ୍ତି ଘଟିଥାଏ ତା' ଦ୍ୱାରା ସେ ଅନ୍ଧକାର ତଥା ଦସ୍ୟୁମାନଙ୍କୁ ବଧ କରନ୍ତି । ଏହି କ୍ଷେତ୍ରରେ ଇତିହାସପରକ ବ୍ୟାଖ୍ୟା ଆଦୌ ପ୍ରଯୋଜ୍ୟ ନୁହେଁ, କିନ୍ତୁ ଯଦି ଆମେ ଦୈନିକ ସୂର୍ଯ୍ୟୋଦୟର କାରଣ ଯଜ୍ଞାଗ୍ନିର ପ୍ରଜ୍ୱଳନ ଭଳି ଗଭୀର ତତ୍ତ୍ୱକୁ ନ ଦେଇ ତାହାକୁ ହାଲୁକା କରିଦେଉ ତେବେ ପ୍ରକୃତିପରକ ଅର୍ଥ ହୁଏତ ଚଳିଯାଇ ପାରେ; କିନ୍ତୁ ବେଦରୁ ମିଳୁଥିବା ତୁଳନାତ୍ମକ ଅଧ୍ୟୟନରୁ ଆମକୁ ବିବେଚନା କରିବାକୁ ହେବ – ଅତ୍ରତତ୍ର କେତେକ ସୂକ୍ତର ସାମର୍ଥ୍ୟକୁ ଆଶ୍ରୟ କରି ନୁହେଁ ।

ଆର୍ଯ୍ୟ ଓ ପଣି ବା ଦସ୍ୟୁମାନଙ୍କ ମଧ୍ୟରେ ବିରୋଧ ବିଷୟ ପଞ୍ଚମ ମଣ୍ଡଳରେ (୩୪ତମ ସୂକ୍ତରେ) ଓ ତୃତୀୟ ମଣ୍ଡଳର ୩୪ତମ ସୂକ୍ତରେ ରହିଛି ଯେଉଁଥିରେ ''**आर्यं वर्णम्**'' ଉକ୍ତିଟିକୁ ଆମେ ଦେଖିବାକୁ ପାଉ । ସ୍ମରଣ ରଖିବାକୁ ହେବ ଯେ ଦସ୍ୟୁମାନଙ୍କୁ 'ଅନ୍ଧକାର' ସହ ସମାନ ବୋଲି କୁହାଯାଇଛି; ତେଣୁ ନିଶ୍ଚିତଭାବେ ଆର୍ଯ୍ୟମାନଙ୍କୁ 'ଆଲୋକ' ସହିତ ସମ୍ବନ୍ଧିତ କରିବା ଉଚିତ, ଏବଂ ବସ୍ତୁତଃ ଆମେ ଦେଖୁ ଯେ ବେଦରେ ସ୍ପଷ୍ଟତଃ 'ଦାସ-ଅନ୍ଧକାର'ର ବିପରୀତ ସ୍ଥାନରେ ସୂର୍ଯ୍ୟାଲୋକକୁ '**ଆର୍ଯ୍ୟ-ଜ୍ୟୋତିଃ**' ବୋଲି କୁହାଯାଇଛି । ବଶିଷ୍ଠ ମଧ୍ୟ ତିନି ଆର୍ଯ୍ୟସମ୍ପ୍ରଦାୟ ବିଷୟରେ କହିଛନ୍ତି, ସେମାନେ ''**ज्योतिरग्राः**'' ଅର୍ଥାତ୍ ସେମାନେ ଜ୍ୟୋତିଃଚାଳିତ ଓ ସେମାନଙ୍କ ସମ୍ମୁଖରେ ଜ୍ୟୋତିଃ ଥାଏ (୭।୩୩।୭) । ଏହି ଆର୍ଯ୍ୟ-ଦସ୍ୟୁ ପ୍ରଶ୍ନର ଯଥାଯଥ ଚର୍ଚ୍ଚା କରାଯାଇ ପାରିବାର କେବଳ ବାଟ ହେଲା ଯଦି ଏହାର ପ୍ରାସଙ୍ଗିକ ସୂକ୍ତଗୁଡ଼ିକୁ ଅତିବ୍ୟାପକ ଭାବେ ଆଲୋଚନା ପୂର୍ବକ ପରୀକ୍ଷା କରିବା ଏବଂ ସେଥିରେ ଥିବା ଅସୁବିଧାଗୁଡ଼ିକୁ ବି ସମ୍ମୁଖୀନ ହେବା; କିନ୍ତୁ ମୋର ବର୍ତ୍ତମାନର ଉଦ୍ଦେଶ୍ୟସାଧନ ନିମନ୍ତେ ଏହି ପ୍ରାରମ୍ଭିକ ତଥ୍ୟହିଁ ଯଥେଷ୍ଟ । ଆଉ ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ବେଦରେ **ରତଂ ଜ୍ୟୋତିଃ, ହିରଣ୍ୟଂ ଜ୍ୟୋତିଃ**, ସତ୍ୟ-ଆଲୋକ, ସ୍ୱର୍ଣ୍ଣିମ ଆଲୋକ, ବୋଲି ଯେଉଁ କଥା ଅଛି ତାହାର ତଥ୍ୟଟି ଏହି ଯେ, ସୌର

ଆଲୋକ ସହ ଆସୁଥିବା ଆର୍ଯ୍ୟ, ଋତ ଓ ହିରଣ୍ୟ – ଏହି ତିନିଟି ବିଶେଷଣ ପାରସ୍ପରିକ ଅର୍ଥବ୍ୟଞ୍ଜକ ଓ ପ୍ରାୟ ସମାର୍ଥକ । ସୂର୍ଯ୍ୟ ସତ୍ୟର ଅଧିପତି, ସେହି କାରଣରୁ ତାଙ୍କ ଆଲୋକ ଋତଂ ଜ୍ୟୋତିଃ; ଏହି ସତ୍ୟ ଜ୍ୟୋତିଃର ଅଧିକାରୀ ଆର୍ଯ୍ୟ, ସେ ଦେବ ହୁଅନ୍ତୁ ବା ମର୍ତ୍ତ୍ୟଦେହୀ ହୁଅନ୍ତୁ, ଏହାହିଁ ତାଙ୍କର ଆର୍ଯ୍ୟତ୍ୱକୁ ରୂପ ଦିଏ; ତା'ପରେ 'ହିରଣ୍ୟ' ବିଶେଷଣଟି ସୂର୍ଯ୍ୟଙ୍କ ସମ୍ପର୍କରେ ବରାବର ପ୍ରଯୁକ୍ତ ହୋଇଛି ଏବଂ ବେଦରେ ସମ୍ଭବତଃ ହିରଣ୍ୟ ହେଉଛି ସତ୍ୟର ସାରତତ୍ତ୍ୱର ପ୍ରତୀକ, କାରଣ ଏହାର ମୂଳତତ୍ତ୍ୱ ହେଲା 'ଜ୍ୟୋତିଃ', ହୈମ ସମ୍ଭବ, ଯାହା ସୂର୍ଯ୍ୟଙ୍କ ମଧ୍ୟରେ ଏବଂ 'ସ୍ୱର୍'ର ଜଳରାଶି ମଧ୍ୟରେ, ଅପ୍ସୁ ସୂର୍ଯ୍ୟେ, ବିଦ୍ୟମାନ – ତେଣୁ ''ହିରଣ୍ୟଂ ଜ୍ୟୋତିଃ'' ବିଶେଷଣ ଆମେ ଦେଖିବାକୁ ପାଉ । ଏହି ହିରଣ୍ୟ ବା ଦୀପ୍ତ ଆଲୋକ ହେଉଛି ସତ୍ୟର ରଙ୍ଗ (ବର୍ଣ୍ଣ); ଆଉ ମଧ୍ୟ ଏହାହିଁ ଆର୍ଯ୍ୟମାନଙ୍କ ଦ୍ୱାରା ବିଦିତ ଜ୍ୟୋତିଃପୂର୍ଣ୍ଣ ଧୀତିଗୁଡ଼ିକର ରଙ୍ଗ, ଶୁକ୍ର ଓ ଶ୍ୱେତବର୍ଣ୍ଣ ଉଜ୍ଜ୍ୱଳ ଗୋମାନେ ହେଉଛନ୍ତି ଜ୍ୟୋତିଃର ରଙ୍ଗ; ଅନ୍ୟପକ୍ଷରେ 'ଦସ୍ୟୁ' ଅନ୍ଧକାର-ଶକ୍ତି ହୋଇଥିବାରୁ କୃଷ୍ଣବର୍ଣ୍ଣ । ମୋର କହିବାର କଥା, ସତ୍ୟଜ୍ୟୋତିର ଉଜ୍ଜ୍ୱଳତା, ଜ୍ୟୋତିଃ ଆର୍ୟମ୍ (୧୦।୪୩।୪) ହେଉଛି ଆର୍ଯ୍ୟବର୍ଣ୍ଣ, ଜ୍ୟୋତିରଗ୍ରାଃ, ଆର୍ଯ୍ୟମାନଙ୍କ ରଙ୍ଗ; ଏବଂ ଅଜ୍ଞାନ-ରାତ୍ରିର ଅନ୍ଧକାର ହେଲା ପଣିଗଣଙ୍କ ରଙ୍ଗ ଦାସବର୍ଣ୍ଣ । ଏହି ଭାବରେ ସମ୍ଭବତଃ ସ୍ୱଭାବ ଅର୍ଥରେ ବର୍ଣ୍ଣକୁ ନିଆଯାଇପାରେ ଅଥବା ସେହି ଅନୁରୂପ ସ୍ୱଭାବର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ଅର୍ଥରେ ମଧ୍ୟ, (ଏଣୁ) ରଙ୍ଗ ହେଲା ସ୍ୱଭାବର ପ୍ରତୀକ; ମୋତେ ଲାଗୁଛି, ପ୍ରାଚୀନ ଆର୍ଯ୍ୟଋଷିମାନଙ୍କ ମଧ୍ୟରେ ଏହିପରି ବ୍ୟକ୍ତକରିବା ଥିଲା ପ୍ରଚଳିତ ବ୍ୟାବହାରିକ ପ୍ରବୃତ୍ତି, ଏଇଥିରୁହିଁ ପରବର୍ତ୍ତୀ କାଳରେ ଚାରି ଜାତିର ପାର୍ଥକ୍ୟ ବୁଝାଇବା ପାଇଁ ଶ୍ୱେତ, ରକ୍ତ, ପୀତ ଓ କୃଷ୍ଣ ଇତ୍ୟାଦି ବିଭିନ୍ନ ରଙ୍ଗ ବ୍ୟବହୃତ ହୋଇଛି ।

ଋ. ୫ । ୩୪ ସୂକ୍ତରେ କଥାଟି ଏହିପରି –''ସେ (ଇନ୍ଦ୍ର) ପାଶ୍ର ବା ଦଣ୍ଡ ଦ୍ୱାରା ଆରୋହଣ କରିବାକୁ ଇଚ୍ଛା କରନ୍ତି ନାହିଁ; ସୋମଦାନ କରୁ ନ ଥିବା ବ୍ୟକ୍ତି ଜଳଦ ତଥା ସମୃଦ୍ଧ ହେଲେ ବି ସେ ତା'ଠାରେ ସଂସକ୍ତ ହୁଅନ୍ତି ନାହିଁ; ସେ ତାକୁ ଜୟ କରନ୍ତି କିମ୍ବା ନିଜ ଦୁର୍ଦ୍ଧର୍ଷ ଗତିରେ ତାକୁ ବଧ କରନ୍ତି; ଦେବକାମୀ(ଦେବୟୁଃ)କୁ ତା'ର ଭୋଗ ନିମନ୍ତେ ପରିପୂର୍ଣ୍ଣ ଗୋଗୋଷ୍ଠ ପ୍ରଦାନ କରନ୍ତି ।ଋକ୍ ୫। ଯୁଦ୍ଧର ଆଘାତରେ (ଶତ୍ରୁ) ବିଜାରଜ, ଦୃଢ଼ଚକ୍ରଧାରୀ, ସୋମରସର ଅଦାତାଙ୍କ ପ୍ରତି ବୀତସ୍ପୃହ କିନ୍ତୁ ସୋମଦାତାଙ୍କର ବୃଦ୍ଧିକର୍ତ୍ତା ସେଇ ଉଗ୍ର ଇନ୍ଦ୍ର ସମସ୍ତଙ୍କୁ ଦମନ କରନ୍ତି । ଆର୍ଯ୍ୟ ସେ, ଦାସକୁ ସମ୍ପୂର୍ଣ୍ଣଭାବେ ଆୟତ୍ତ କରନ୍ତି ।ଋକ୍ ୬। ସେ ପଣିର ଭୋଗ୍ୟ ବସ୍ତୁଗୁଡ଼ିକୁ ଅଡ଼େଇଧରି, ତା'ଠାରୁ ତାହା ହରଣ କରି ନେଇ ଆସୁଛନ୍ତି, ବୀରଶକ୍ତିରେ ସମୃଦ୍ଧ (ଆକ୍ଷରିକ ଅର୍ଥରେ : 'ମନୁଷ୍ୟରେ ସମୃଦ୍ଧ', ସୂନରଂ ବସୁଃ, ବୀର, ଓ ନୃ ଶବ୍ଦଗୁଡ଼ିକ ବହୁ ସମୟରେ ଏକହିଁ ଅର୍ଥରେ ପ୍ରଯୁକ୍ତ ହୋଇଥା'ନ୍ତି) ସେହି ସମ୍ପଦକୁ । ଯେଉଁ ମନୁଷ୍ୟ ଇନ୍ଦ୍ରଙ୍କ ବଜ୍ରକୁ ଦ୍ୱେଷ କରେ ସେ ଏକ

ଦୁର୍ଗମ ଯାତ୍ରା ପଥରେ ବହୁ ପ୍ରକାର ବାଧାର ସମ୍ମୁଖୀନ ହୋଇଥାଏ — **ଦୁର୍ଗେ[୧] ଚନ ଧ୍ରିୟତେ ଆ ପୁରୁ**। ଋକ୍ ୭ । ଯେତେବେଳେ ଜ୍ୟୋତିର୍ମୟ ଗୋମାନଙ୍କ ଦ୍ୱାରା ସମୃଦ୍ଧ ତଥା ସକଳ ଶକ୍ତିରେ ପରିପୂର୍ଣ୍ଣ ସେହି ଦୁଇଜଣଙ୍କୁ ମଘବା ଜାଣିଲେ ସେତେବେଳେ ସେ ଜ୍ଞାନରେ ସମୃଦ୍ଧ ହୋଇ ଜଣେ ତୃତୀୟ ବ୍ୟକ୍ତିକୁ ନିଜ ସହାୟକ କଲେ ଏବଂ ଅତ୍ୟନ୍ତ ତୀବ୍ର ବେଗରେ ଧାବମାନ ହୋଇ ନଜ ଯୋଦ୍ଧାମାନଙ୍କ ସାହାଯ୍ୟରେ ବହୁସଂଖ୍ୟକ ଗୋଙ୍କୁ (**ଗବ୍ୟମ୍**) ଉର୍ଦ୍ଧ୍ୱଦିଗରେ ମୁକ୍ତ କରିଦେଲେ ।ଋକ୍ ୮।''' ଆହୁରି ମଧ୍ୟ ସୂକ୍ତର ଶେଷ ଋକ୍ ସର୍ବୋଚ୍ଚ ଜ୍ଞାନ ଦୃଷ୍ଟିରେ ଉପନୀତ ହୋଇଥିବା ଆର୍ଯ୍ୟର (ଦେବ ବା ମନୁଷ୍ୟର) କଥା କହେ (**ଉପମାଂ କେତୁମ୍ ଅର୍ୟଃ**) — ଜଳଧାରାଗଣ ସଂଗଠିତ ଭାବେ ତାଙ୍କୁ ଓ ତାଙ୍କ ମଧସ୍ଥ ଆବାସକୁ ସଂଗ୍ରାମର ଦୃଢ଼ ତଥା ଜାଜ୍ୱଲ୍ୟ ଶକ୍ତିରୂପେ ପରିପୋଷଣ କରୁଛନ୍ତି, **କ୍ଷତ୍ରମ୍ ଅମବତ୍ ତ୍ୱେଷମ୍** (ଋକ୍ ୯) ।[୩]

ଏହି ପ୍ରତୀକମାନଙ୍କ ସମ୍ବନ୍ଧରେ ଏଥି ପୂର୍ବରୁ ଯାହାସବୁ ଆମେ ଜାଣିଛୁ ସେଥିରୁ ଏହି ସୂକ୍ତର ଆନ୍ତର ଅର୍ଥ ସହଜରେ ବୁଝିଯାଇ ପାରିବୁ । ଦିବ୍ୟମନଃଶକ୍ତି ସ୍ୱରୂପ ଇନ୍ଦ୍ର ଅଜ୍ଞାନ-ଶକ୍ତିମାନଙ୍କଠାରୁ ସେମାନଙ୍କ ଗୁପ୍ତଧନକୁ ନେଇ ଆସନ୍ତି, ସେମାନେ ଯେତେବେଳେ ଧନବାନ୍ ତଥା ସମୃଦ୍ଧ ହୋଇ ରହିଥା'ନ୍ତି ସେତେବେଳେ ମଧ୍ୟ ସେ ସେମାନଙ୍କ ସହିତ ବନ୍ଧୁତା କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି; ସେ ଜ୍ୟୋତିର୍ମୟୀ ଉଷାଙ୍କର ଅବରୁଦ୍ଧ ଗୋମାନଙ୍କୁ ଆଣି ଦେବକାମୀ ଯଜ୍ଞକାରୀ ମାନବକୁ ପ୍ରଦାନ କରନ୍ତି । ସେ ନିଜେହିଁ 'ଆର୍ଯ୍ୟ' ଯିଏ ଜ୍ଞାନହୀନ ଜୀବନକୁ ଉଚ୍ଚତର ଜୀବନର ସମ୍ପୂର୍ଣ୍ଣ ଅଧୀନକୁ ଆଣନ୍ତି, ଯଦ୍ଦ୍ୱାରା ଏହି ଜୀବନ

---

୧ ପରମ ଆନନ୍ଦ ଦିଗରେ ଯାତ୍ରାରେ ପଥ ସୁଗମ ଓ ନିଷ୍କଣ୍ଟକ, ସୁଗ, କରିବାକୁ ଋଷିମାନେ ଦେବଗଣଙ୍କ ନିକଟରେ ସର୍ବଦା ପ୍ରାର୍ଥନା କରନ୍ତି; 'ସୁଗ'ର ବିପରୀତ ଦୁର୍ଗ, ଏହା ସେହି ପଥ ଯାହା ବିବିଧ (ପୁରୁ) ବିପଦ, ଦୁଃଖଭୋଗ ଓ ବିଘ୍ନରେ ସମାକୀର୍ଣ୍ଣ ।

୨ **ନ ପଞ୍ଚଭିର୍ଦଶଭିର୍ବଷ୍ଟ୍ୟାରଭଂ ନାସୁନ୍ୱତା ସଚତେ ପୁଷ୍ୟତା ଚନ ।**
ଜିନାତି ବେଦମୂୟା ହନ୍ତି ବା ଧୂନିରା ଦେବୟୁଂ ଭଜତି ଗୋମତି ବ୍ରଜେ ॥୫॥
ବିତ୍ୱକ୍ଷଣଃ ସମୃତୌ ଚକ୍ରମାସଜୋଽସୁନ୍ୱତୋ ବିଷୂଣଃ ସୁନ୍ୱତୋ ବୃଧଃ ।
ଇନ୍ଦ୍ରୋ ବିଶ୍ୱସ୍ୟ ଦମିତା ବିଭୀଷଣୋ ୟଥାବଶଂ ନୟତି ଦାସମାର୍ୟଃ ॥୬॥
ସମୀଂ ପଣେରଜତି ଭୋଜନଂ ମୁଷେ ବି ଦାଶୁଷେ ଭଜତି ସୂନରଂ ବସୁ ।
ଦୁର୍ଗେ ଚନ ଧ୍ରିୟତେ ବିଶ୍ୱ ଆ ପୁରୁ ଜନୋ ୟୋ ଅସ୍ୟ ତବିଷୀମଚୁକ୍ରୁଧତ୍ ॥୭॥
ସଂ ୟଜ୍ଜନୌ ସୁଧନୌ ବିଶ୍ୱଶର୍ଧସାବବେଦିନ୍ଦ୍ରୋ ମଘବା ଗୋଷୁ ଶୁଭ୍ରିଷୁ ।
ୟୁଜଂ ହ୍ୟନ୍ୟମକୃତ ପ୍ରବେପୟନ୍ୟୁଦୀଂ ଗବ୍ୟଂ ସୃଜତେ ସତ୍ୱଭିର୍ଧୁନିଃ ॥୮॥

୩ **ସହସ୍ରସାମାଗ୍ନିବେଶିଂ ଗୃଣୀଷେ ଶତ୍ରିମଗ୍ନ ଉପମାଂ କେତୁମର୍ୟଃ ।**
ତସ୍ୱା ଆପଃ ସଂୟତଃ ପୀପୟନ୍ତ ତସ୍ମିନ୍ କ୍ଷତ୍ରମମବଦ୍ୱେଷମସ୍ଥୁ ॥୯॥

ନିକଟରେ ଏହା ନିଜର ସମସ୍ତ ସମ୍ପଦ ଅଜାଡ଼ି ଦେଇପାରେ । ଦେବଗଣଙ୍କୁ ପ୍ରତୀକରୂପେ ବୁଝାଇବା ପାଇଁ 'ଆର୍ଯ୍ୟ' ଓ 'ଅର୍ୟ' ଶବ୍ଦର ପ୍ରୟୋଗ କେବଳ ଏହି ସୂକ୍ତରେ ନୁହେଁ ଅନ୍ୟ ସୂକ୍ତମାନଙ୍କରେ ମଧ୍ୟ ରହିଛି, ଏହାର ଉଦ୍ଦେଶ୍ୟ ମନେହୁଏ ଆର୍ଯ୍ୟ ଓ ଦସ୍ୟୁ ମଧ୍ୟରେ ଯେଉଁ ବିରୋଧିତା ତାହା ଆଦୌ କୌଣସି ରାଷ୍ଟ୍ରୀୟ ବା ଉପଜାତୀୟ ବା କେବଳ ମାନବିକ ପାର୍ଥକ୍ୟ ନୁହେଁ ବରଂ ଏହାର ଏକ ଗଭୀର ତାତ୍ପର୍ଯ୍ୟ ଅଛି । ଏହା ନିଶ୍ଚିତ ଯେ ଏହି ଯୋଦ୍ଧାମାନେ ହେଲେ ସପ୍ତ ଅଙ୍ଗିରସ, କାରଣ ସେମାନେ ଗୋମାନଙ୍କୁ ମୁକ୍ତ କରିବା କାର୍ଯ୍ୟରେ ଇନ୍ଦ୍ରଙ୍କ ସହାୟକ, ପରନ୍ତୁ ସାୟଣ 'ସତ୍ତ୍ୱଭିଃ'ର ବ୍ୟାଖ୍ୟା କରି ସେମାନଙ୍କୁ ମରୁତ୍ ବୋଲି ଯାହା କହିଛନ୍ତି, ସେମାନେ ତାହା ନୁହନ୍ତି । କିନ୍ତୁ ଜ୍ୟୋତିର୍ମୟ ଗୋମାନଙ୍କ ମଧ୍ୟରେ ପ୍ରବେଶ କରି ଓ ଧୀତିର ସଙ୍ଘବଦ୍ଧ ଜ୍ୟୋତିମାନଙ୍କୁ ଅଧିକାର କରି ଇନ୍ଦ୍ର ଯେଉଁ ତିନିଜଣଙ୍କୁ ସାକ୍ଷାତ୍ କରନ୍ତି ବା ସେମାନଙ୍କୁ ଜାଣିପାରନ୍ତି ସେମାନେ କିଏ — ଏହା ନିରୂପଣ କରିବା ଆହୁରି କଠିନ । ଖୁବ୍ ସମ୍ଭବ, ଏମାନେ ସେହି ତିନିଜଣ ଯେଉଁମାନଙ୍କ ଦ୍ୱାରା ଅଙ୍ଗିରସ-ଜ୍ଞାନର ସପ୍ତରଶ୍ମି ଦଶ ସଂଖ୍ୟାକୁ ଉନ୍ନୀତ ହୁଏ, ଯାହା ଫଳରେ ସେମାନେ ସଫଳତା ସହ ଦଶମାସ ଅତିବାହିତ କରି ସୂର୍ଯ୍ୟ ଓ ଗୋମାନଙ୍କୁ ମୁକ୍ତ କରନ୍ତି; କାରଣ ଦୁଇଜଣଙ୍କୁ ଦେଖିବା ଅବା ଜାଣିବା ଏବଂ ତୃତୀୟ ଜଣଙ୍କ ସାହାଯ୍ୟ ପାଇବା ପରେହିଁ ଇନ୍ଦ୍ର ପଣିଗଣଙ୍କ ଗୋଯୂଥକୁ ମୁକ୍ତ କରନ୍ତି । ଆଉ ମଧ୍ୟ ଜ୍ୟୋତି ଦ୍ୱାରା ତଥା 'ସ୍ୱର୍'ର ଦୀପ୍ତ ତ୍ରିଲୋକ ଦ୍ୱାରା ଚାଳିତ ତିନି 'ଆର୍ଯ୍ୟ'ଜନଙ୍କୁ ପ୍ରତୀକତତ୍ତ୍ୱ ସହିତ ମଧ୍ୟ ସମ୍ପୃକ୍ତ କରାଯାଇପାରେ; କାରଣ ପରମ ଜ୍ଞାନଦୃଷ୍ଟି, ଉପମା କେତୁଃ, ଲାଭ କରିବା ସେମାନଙ୍କ କର୍ମର ଅନ୍ତିମ ପରିଣାମ ଏବଂ ଏହି ପରମ ଜ୍ଞାନ ହେଉଛି ତାହା ଯାହାର ରହିଛି ସ୍ୱର୍ଦୃଷି ଏବଂ ଏହାହିଁ ନିଜର ତିନି ଜ୍ୟୋତିର୍ମୟ ଲୋକରେ, ରୋଚନାନି, ବିଦ୍ୟମାନ । ଋ.୩।୨।୧୪ ଋକ୍‌ରେ ଆମେ ଦେଖୁ — **ସ୍ୱର୍ଦୃଶଂ କେତୁଂ ଦିବୋ ରୋଚନସ୍ଥାମ୍ ଉଷର୍ବୁଧମ୍**, "ସେହି ସ୍ୱର୍ ଅବଲୋକନ କରୁଥିବା ଜ୍ଞାନ-ଦୃଷ୍ଟିହିଁ ପ୍ରଭାମୟ ଲୋକସବୁରେ ବିଦ୍ୟମାନ ଏବଂ ତାହା ଉଷାକାଳରେହିଁ ଜାଗ୍ରତ ହୁଏ ।"

ଋ.୩।୩।୪ରେ ବିଶ୍ୱାମିତ୍ର "ଆର୍ଯବର୍ଣ" କଥାଟିର ପ୍ରୟୋଗ କରିଛନ୍ତି ଏବଂ ତା'ସହିତ ଏହାର ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟର ସମାଧାନ-ସୂତ୍ର ଦେଇଛନ୍ତି । ଏହି ସୂକ୍ତର ତିନିଟି ଋକ୍ (୮-୧୦) ଏହିପରି — "ଯେ ସ୍ୱର୍ର ଓ ଦିବ୍ୟ ଜଳରାଶି ଉପରେ ଅଧିକାର ଲାଭ କରନ୍ତି ସେହି ପରମ ବାଞ୍ଛନୀୟ ସଦାପରାଭବକାରୀ ଓ ଶକ୍ତିଦାତାଙ୍କୁ ସେମାନେ ସ୍ତୁତି କରନ୍ତି; ଯେଉଁ ଇନ୍ଦ୍ର ପୃଥିବୀ ଓ ସ୍ୱର୍ଗର ଅଧିକାର ଲାଭ କରନ୍ତି ତାଙ୍କ ଜାଗରଣରେ ଭାବୁକମାନେ ଆନନ୍ଦ ପାଆନ୍ତି । ଇନ୍ଦ୍ର 'ଅଶ୍ୱମାନଙ୍କୁ' ଅଧିକାର କରନ୍ତି ତଥା 'ସୂର୍ଯ୍ୟ'ଙ୍କୁ ଓ ବହୁଳ ଉପଭୋଗରୂପିଣୀ 'ଧେନୁ'କୁ ଜୟ କରନ୍ତି; ଆଉ ମଧ୍ୟ ସେ ହିରଣ୍ମୟ ଭୋଗକୁ ଅଧିଗତ କରନ୍ତି ଓ ଦସ୍ୟୁମାନଙ୍କୁ ବଧ କରି ଆର୍ଯ୍ୟବର୍ଣ୍ଣକୁ ପୋଷଣ (ଅଥବା, ରକ୍ଷା)

କରନ୍ତି; ଓଷଧି ଓ ଦିବସକୁ, ବୃକ୍ଷ ଓ ଅନ୍ତରିକ୍ଷକୁ ସେ ଜୟ କରନ୍ତି; ସେ ବଳକୁ ବିଦୀର୍ଣ୍ଣ କରି ବାକ୍‌ରାଜିର ବକ୍ତାଙ୍କୁ ସମ୍ମୁଖକୁ ଯିବାକୁ ଉଦ୍‌ବୋଧିତ କରନ୍ତି । ଯେଉଁମାନେ ତାଙ୍କ ବିରୋଧରେ ନିଜ କର୍ମସଂକଳ୍ପ (**ଅଭିକ୍ରତୂନାମ୍**) ପ୍ରୟୋଗ କରନ୍ତି ସେମାନଙ୍କୁ ସେ ଏହିଭାବେ ଆୟତ୍ତ କରନ୍ତି ।''[୪] ଆର୍ଯ୍ୟମାନଙ୍କ ନିମନ୍ତେ ଇନ୍ଦ୍ର ଯେଉଁ ସମ୍ପଦମାନ ଜୟ କରନ୍ତି ଏଠାରେ ସେଗୁଡ଼ିକ ଯେ ପ୍ରତୀକାର୍ଥଯୁକ୍ତ ତତ୍ତ୍ୱ, ତାହା ଆମେ ଦେଖିବାକୁ ପାଉ, ଏବଂ ଏହି ସମ୍ପଦଗୁଡ଼ିକ ହେଉଛନ୍ତି – ସୂର୍ଯ୍ୟ, ଦିବସ, ପୃଥିବୀ, ସ୍ୱର୍ଗ ଓ ଅନ୍ତରିକ୍ଷ, ଅଶ୍ୱଯୂଥ, ପୃଥିବୀଜାତ ସମସ୍ତ ଉଦ୍ଭିଦ, ଓଷଧି, ବନସ୍ପତି (**ବନସ୍ପତୀନ୍** – ଏହା ଦ୍ୱିଅର୍ଥକ, ଯିଏ ବନସ୍ତର ଅଧିପତି / ଯିଏ ଭୋଗର ପ୍ରଭୁ); ଏବଂ ଏଠାରେ ବଳ ଓ ତା'ର ଦସ୍ୟୁମାନଙ୍କର ବିରୋଧୀ ରୂପେ 'ଆର୍ଯ୍ୟ ବର୍ଣ୍ଣ'ର କଥା କୁହାଯାଇଛି ।

କିନ୍ତୁ ଏହା ପୂର୍ବର ଋକ୍ (ଋ.୩।୩୪।୪-୬)ମାନଙ୍କରେ ସତ୍ୟ ଓ ଜ୍ୟୋତିରେ ପୂର୍ଣ୍ଣ ଆର୍ଯ୍ୟଧୀତିର ରଙ୍ଗ ହିସାବରେ 'ବର୍ଣ୍ଣ'ର ପ୍ରୟୋଗ ଆମେ ଦେଖିଛୁ । ''ସ୍ୱର୍ବିଜୟୀ ଇନ୍ଦ୍ର ଦିନଗୁଡ଼ିକୁ ପ୍ରସବ କରି (ଅଙ୍ଗିରସମାନଙ୍କ) ଇଚ୍ଛାବଳରେ (ଦସ୍ୟୁମାନଙ୍କର) ଏହି ସେନାବାହିନୀକୁ ଆକ୍ରମଣ କରି ଜୟ କରିଥିଲେ; ମନୁଷ୍ୟ ପାଇଁ ଦିବସମାନଙ୍କ ଜ୍ଞାନଦୃଷ୍ଟିକୁ (**କେତୁମ୍ ଅହ୍ନାମ୍**) ଭାସ୍ୱର କଲେ, ବିଶାଳ ଭୋଗ ନିମନ୍ତେ ସେ ଜ୍ୟୋତିଲାଭ କଲେ (ଋକ୍-୪); ... ସେ ନିଜ ଉପାସକଙ୍କ ନିମନ୍ତେ ଏହି ଧୀଗୁଡ଼ିକୁ ଜ୍ଞାନ-ଚେତନା-ଯୁକ୍ତ କଲେ, (ଦସ୍ୟୁମାନଙ୍କ ବାଧା ଅତିକ୍ରମ କରି) ସେ ଏସମସ୍ତ ଧୀତିର ଉଜ୍ଜ୍ୱଳ ବର୍ଣ୍ଣକୁ ସମ୍ମୁଖକୁ ଆଣିଲେ – **ଅଚେତୟଦ୍ ଧିୟ ଇମା ଜରିତ୍ରେ, ପ୍ର ଇମଂ ବର୍ଣମ୍ ଅତିରତ୍ ଶୁକ୍ରମ୍ ଆସାମ୍** (ଋକ୍-୫) । ସେମାନେ ମହେନ୍ଦ୍ରଙ୍କ ଅନେକ ମହତ୍ ଓ ନିର୍ଦ୍ଦୋଷ କର୍ମ ଆରମ୍ଭ କଲେ (ଅଥବା, ପ୍ରଶଂସା କଲେ); ସେ ନିଜ ପରାଭବକାରୀ ଶକ୍ତି ଓ ନିଜ ଜ୍ଞାନର ସକଳ କ୍ରିୟା ଦ୍ୱାରା (**ମାୟାଭିଃ**) ଅସାଧୁ ଦସ୍ୟୁମାନଙ୍କୁ ଦମନ କଲେ ।'' (ଋକ୍-୬)[୫]

ଏଠାରେ ବୈଦିକ ''କେତୁମ୍ ଅହ୍ନାମ୍'' ଅର୍ଥାତ୍ ଦିବସମାନଙ୍କ ଜ୍ଞାନଦୃଷ୍ଟିର କଥା ଆମେ ଦେଖୁ, ଏହାର ଅର୍ଥ – ମହାନନ୍ଦ ମଧକୁ ଘେନି ଯାଉଥିବା 'ସତ୍ୟସୂର୍ଯ୍ୟ'ଙ୍କ ଜ୍ୟୋତିଃ; କାରଣ, ମନୁଷ୍ୟ ନିମନ୍ତେ 'ଇନ୍ଦ୍ର'ଙ୍କ ଦ୍ୱାରା ସ୍ୱର୍ଜୟ ମଧ ଦେଇ ଦିବସଗୁଡ଼ିକ ଉତ୍ପନ୍ନ ହୁଅନ୍ତି, ଏହା ସମ୍ଭବ ହୋଇଥାଏ ଅଙ୍ଗିରସମାନଙ୍କ ସାହାଯ୍ୟରେ 'ପଣି'ମାନଙ୍କ ସେନାବାହିନୀ ଧ୍ୱଂସ

---

୪ ସତ୍ରାସାହଂ ବରେଣ୍ୟଂ ସହୋଦାଂ ସସବାଂସଂ ସ୍ୱରପଶ୍ଚ ଦେବୀଃ ।
ସମାନ ୟଃ ପୃଥିବୀଂ ଦ୍ୟାମୁତେମାମିନ୍ଦ୍ରଂ ମଦନ୍ତ୍ୟନୁ ଧୀରଣାସଃ ॥୮॥
ସମାନାତ୍ୟା ଉତ ସୂର୍ୟଂ ସମାନେନ୍ଦ୍ରଃ ସସାନ ପୁରୁଭୋଜସଂ ଗାମ୍ ।
ହିରଣ୍ୟୟମୁତ ଭୋଗଂ ସସାନ ହତ୍ୱୀ ଦସ୍ୟୂନ୍ ପ୍ରାର୍ୟଂ ବର୍ଣମାବତ୍ ॥୯॥
ଇନ୍ଦ୍ର ଓଷଧୀରସନୋଦହାନି ବନସ୍ପତୀଁରସନୋଦନ୍ତରିକ୍ଷମ୍ ।
ବିଭେଦ ବଳଂ ନୁନୁଦେ ବିବାଚୋଽଥାଭବଦ୍ ଦମିତାଭିକ୍ରତୂନାମ୍ ॥୧୦॥

ହେବା ତଥା ସୂର୍ଯ୍ୟ ଓ ଜ୍ୟୋତିର୍ଗୋମାନେ ଉର୍ଦ୍ଧ୍ୱକୁ ଗତିତ ହେବା ଦ୍ୱାରା । ମନୁଷ୍ୟର ଶକ୍ତି ରୂପେ ଦେବତାମାନେ ଏହିସବୁ କାର୍ଯ୍ୟ ମନୁଷ୍ୟ ନିମନ୍ତେ କରନ୍ତି କିନ୍ତୁ ନିଜ ପାଇଁ ନୁହେଁ, ଯେହେତୁ ସେମାନେ ପୂର୍ବରୁ ଏସବୁକୁ ଅଧିକାର କରିସାରିଛନ୍ତି;— କାରଣ, ଦିବ୍ୟମାନବ ବା 'ପୁରୁଷ' ଇନ୍ଦ୍ର 'ନୃ' (ମାନବଙ୍କ) ପାଇଁ ପୌରୁଷର ଅନେକ ଶକ୍ତି ବହନ କରନ୍ତି, ନୃବତ୍ ... ନର୍ୟା ପୁରୂଣି (ଋକ୍-୫); ସେ ତାକୁ ଏହିସବୁ 'ଧୀ'ର ଜ୍ଞାନ ମଧ୍ୟରେ ପ୍ରବୁଦ୍ଧ କରନ୍ତି ଯାହାକୁ କି (ଜ୍ଞାନକୁ) ପ୍ରତୀକାତ୍ମିକା ଭାଷାରେ ପଣିଗଣଙ୍କଠାରୁ ମୁକ୍ତ କରାଯାଇଥିବା ଜ୍ୟୋତିର୍ଗୋଯୂଥ କୁହାଯାଏ; ଏବଂ ଏହି ସମସ୍ତ 'ଧୀତି'ର ଉଜ୍ଜ୍ୱଳ ରଙ୍ଗ, **ଶୁକ୍ରଂ ବର୍ଣମ୍** ଆସାମ୍, ସ୍ପଷ୍ଟତଃ ନବମ ଋକ୍‌ରେ ଉକ୍ତ ସେହି ''ଶୁକ୍ର ବା ଶ୍ୱେତ'' ଆର୍ଯ୍ୟବର୍ଣ୍ଣ । ଇନ୍ଦ୍ର ଏହି ଧୀତିଗୁଡ଼ିକର ରଙ୍ଗକୁ ପଣିଗଣଙ୍କ ବିରୁଦ୍ଧ-କ୍ଷେତ୍ରର ସୀମାବାହାରକୁ ନେଇଯା'ନ୍ତି ବା ବୃଦ୍ଧି କରନ୍ତି — **ପ୍ର ବର୍ଣମ୍ ଅତିରତ୍ ଶୁକ୍ରମ୍** — ଏବଂ ଏହି କାର୍ଯ୍ୟ ଦ୍ୱାରା ସେ ଦସ୍ୟୁମାନଙ୍କୁ ବଧ କରି ଆର୍ଯ୍ୟବର୍ଣ୍ଣକୁ ରକ୍ଷା, ପୋଷଣ ଓ ବୃଦ୍ଧି କରନ୍ତି — **ହତ୍ୱୀ ଦସ୍ୟୂନ୍ ପ୍ର ଆର୍ଯଂ ବର୍ଣମ୍ ଆବତ୍** । ଆଉ ମଧ୍ୟ ଏହି ଦସ୍ୟୁମାନେ କୁଟିଳ (**ବୃଜିନାନ୍**), ଏବଂ ଏମାନେ ଇନ୍ଦ୍ରଙ୍କ କର୍ମ ବା ଜ୍ଞାନରୂପୀ 'ମାୟା' ଦ୍ୱାରା ପରାଭୂତ ହୁଅନ୍ତି, ଅନ୍ୟତ୍ର ଏହି ବିଷୟରେ ଆମକୁ କୁହାଯାଇଛି ଯେ ସେ ଏହିସବୁ ଦ୍ୱାରା 'ଦସ୍ୟୁ', 'ବୃତ୍ର' ବା 'ବଳ'ର ଯେଉଁ ବିରୋଧୀ 'ମାୟା', ତାହାକୁ ପରାସ୍ତ କରନ୍ତି । ବେଦରେ ଅନ୍ୟତ୍ର ଦେଖାଯାଏ ଯେ ଋତୁ ଓ କୁଟିଳ ଶବ୍ଦ ଦୁଇଟି ସତ୍ୟ ଓ ମିଥ୍ୟାର ସମାର୍ଥକ । ସୁତରାଂ ସ୍ପଷ୍ଟରୂପେ ଜଣାଯାଏ ଯେ ଏହି ପଣିଦସ୍ୟୁମାନେ ମିଥ୍ୟା ଓ ଅଜ୍ଞାନତାର କୁଟିଳ ଶକ୍ତିଗଣ, ଯେଉଁମାନେ କି ନିଜ ମିଥ୍ୟାଜ୍ଞାନ, ମିଥ୍ୟାଶକ୍ତି, ସଂକଳ୍ପ ଓ କର୍ମକୁ ଦେବଗଣଙ୍କର ତଥା ଆର୍ଯ୍ୟମାନଙ୍କର ସତ୍ୟଜ୍ଞାନ, ସତ୍ୟଶକ୍ତି, ସଂକଳ୍ପ ଓ କର୍ମମାନଙ୍କ ବିରୋଧରେ ପ୍ରୟୋଗ କରନ୍ତି । 'ଜ୍ୟୋତିଃ'ର ବିଜୟ କହିଲେ ଏହି ମିଥ୍ୟା ବା ଆସୁର ଜ୍ଞାନ ରୂପକ ଅନ୍ଧକାର ବିରୋଧରେ 'ସତ୍ୟ'ର, ଦିବ୍ୟଜ୍ଞାନର ବିଜୟ; ଏବଂ 'ସୂର୍ଯ୍ୟ'ଙ୍କ ଉତ୍ତରଣ, 'ଦିବସ'ମାନଙ୍କର ଜନ୍ମ, 'ଉଷା'ଙ୍କ ଉଦୟ, ଜ୍ୟୋତିର୍ମୟ କିରଣରୂପୀ ଗୋଯୂଥଙ୍କର ଉଦ୍ଧାର ଓ ଜ୍ୟୋତିର୍ଲୋକ ମଧ୍ୟକୁ ସେମାନଙ୍କ ଆରୋହଣ ପ୍ରଭୃତି ହେଉଛି ଏହି ବିଜୟର ତାତ୍ପର୍ଯ୍ୟ ।

ଗୋମାନେ ଯେ ସତ୍ୟଧୀତି ଏକଥା 'ସୋମ'ଙ୍କ ଉଦ୍ଦେଶ୍ୟରେ ରଚିତ ଋ.୯।୧୧୧

---

* ଇନ୍ଦ୍ରଃ ସ୍ୱର୍ଷା ଜନୟନ୍ନହାନି ବିଗାୟୋଶିଗ୍‌ଭିଃ ପୃଚନା ପରିଷ୍ଟିଃ ।
ପ୍ରାରୋଚୟନ୍ମନବେ କେତୁମହ୍ନାମବିନ୍ଦଜ୍ଜ୍ୟୋତିର୍ବୃହତେ ରଣାୟ ॥୪॥
(ଇନ୍ଦ୍ରସ୍ତୁଜୋ ବର୍ହଣା ଆ ବିବେଶ ନୃବତ୍ ଦଧାନୋ ନର୍ୟା ପୁରୂଣି) ।
ଅଚେତୟଦ୍ ଧିୟ ଇମା ଜରିତ୍ରେ ପ୍ରେମଂ ବର୍ଣମତିର୍ହ୍ରସ୍ୱଶୁକ୍ରମାସାମ୍ ॥୫॥
ମହୋ ମହାନି ପନୟନ୍ତ୍ୟସ୍ୟେନ୍ଦ୍ରସ୍ୟ କର୍ମ ସୁକୃତା ପୁରୂଣି ।
ବୃଜନେନ ବୃଜିନାନ୍ ହଂ ପିପେଷ ମାୟାଭିର୍ଦସ୍ୟୁମଭିଭୂତ୍ୟୋଜାଃ ॥୬॥

ସୂକ୍ତରେ ଖୁବ୍ ସ୍ପଷ୍ଟରୂପେ କୁହାଯାଇଛି । ''ଏହି ହିରଣ୍ମୟ ଆଲୋକ ଦ୍ୱାରା ସେ ନିଜକୁ ପୂତ କରି ଆପେ ଯୋଚି ହୋଇ ଯାଉଥିବା ସୂର୍ଯ୍ୟାଶ୍ୱ ପରି ଆପେ ସଂଯୋଜିତ ତାଙ୍କ ଅଶ୍ୱମାନଙ୍କ ଦ୍ୱାରା ବିରୁଦ୍ଧ ଶକ୍ତିମାନଙ୍କୁ ଅତିକ୍ରମ କରିଯା'ନ୍ତି । ନିଃସାରିତ ଏହି 'ସୋମ' ଧାରା, ସ୍ୱୟଂପୂତ ଜ୍ୟୋତିର୍ମୟ ତଥା ଜ୍ଞାନଦୀପ୍ତ ଏହି 'ଦେବ' ସେତିକିବେଳେ ଜ୍ୟୋତିଷ୍ମାନ୍ ହୋଇଉଠନ୍ତି ଯେତେବେଳେ ସେ ରକ୍‌ଗାତାମାନଙ୍କ ସହିତ, ସପ୍ତମୁଖ ରକ୍‌ଗାୟକ (ଅଙ୍ଗିରସ-ଶକ୍ତିଗଣ)ଙ୍କ ସହିତ, ବସ୍ତୁଗୁଡ଼ିକର ସକଳ ଆକୃତିକୁ ଆବୋରି ରହନ୍ତି (ରକ୍-୧) । ହେ ସୋମ, ତୁମେ ପଣିମାନଙ୍କର ସେହି ଧନର ସନ୍ଧାନ ପାଅ; ତୁମେ ନିଜ ଗୃହରେ ('ସ୍ୱର୍'ରେ) ମାଆମାନଙ୍କ ଦ୍ୱାରା (ପଣିଗଣଙ୍କ ଗୋବୃନ୍ଦ ଏହି ଭାବେ ପ୍ରାୟଶଃ ଅନ୍ୟ ସୂକ୍ତମାନଙ୍କରେ ଅଭିହିତ) ଓ ତୁମେ ନିଜ ଗୃହର ସତ୍ୟଧୀତି ଦ୍ୱାରା ନିଜକୁ ଉଜ୍ଜ୍ୱଳ କର — **ସଂ ମାତୃଭିଃ ମର୍ଜୟସି, ସ୍ୱ ଆ ଦମେ, ଋତସ୍ୟ ଧୀତିଭିଃ ଦମେ** । ସତେ ଯେପରି ଉଚ୍ଚତର ଜଗତର (**ପରାବତଃ**) 'ସାମ' (ସମତାପୂର୍ଣ୍ଣ ସିଦ୍ଧି, **ସମାନେ ଊର୍ବେ** — ସମାନ ବ୍ୟାପ୍ତିରେ) ଯାହାକୁ 'ସ୍ୱର୍' ବୋଲାଯାଏ ସେହିଠାରେ ସତ୍ୟଧୀତିଗୁଡ଼ିକ ନିଜ ଆନନ୍ଦ ଲାଭ କରନ୍ତି । ତ୍ରିବିଧ ଜଗତର (ଅଥବା, ତ୍ରିବିଧ ମୌଳିକ ପ୍ରକୃତିର ଏହି ଜ୍ୟୋତିର୍ମୟୀ ଗାଭୀମାନଙ୍କ ଦ୍ୱାରା ସେ ଜ୍ଞାନର ପ୍ରଶସ୍ତ ଅଭିବ୍ୟକ୍ତିକୁ ଧାରଣ କରନ୍ତି, ଦୀପ୍ତ ହୋଇ ସେ ପ୍ରଶସ୍ତ ଅଭିବ୍ୟକ୍ତିକୁ ଧାରଣ କରନ୍ତି'' (ରକ୍-୨)[୬] । ଆମେ ଦେଖୁ ଯେ, ଏହି ଯେଉଁ ପଣିଙ୍କ ଗୋମାନଙ୍କ କଥା କୁହାଯାଇଛି ସେମାନଙ୍କ ଦ୍ୱାରା 'ସୋମ' ନିଜ ଧାମରେ ସ୍ୱଚ୍ଛ ଓ ଉଜ୍ଜ୍ୱଳ ହୁଅନ୍ତି, ଏହି ଧାମଟି ହେଉଛି 'ଅଗ୍ନି' ତଥା ଅନ୍ୟ ଦେବଗଣଙ୍କର ନିବାସ, ତାହା ଆମ ଜାଣିବାରେ 'ସ୍ୱର୍'ର ବିସ୍ତୃତ 'ସତ୍ୟ', **ଋତଂ ବୃହତ୍**, ପୁଣି ଏହିସବୁ ଉଜ୍ଜ୍ୱଳ ଗୋ, ଯେଉଁମାନଙ୍କ ମଧ୍ୟରେ ପରମ ଲୋକର ତ୍ରିବିଧ ପ୍ରକୃତି (**ତ୍ରିଧାତୁଭିଃ ଅରୁଷୀଭିଃ**) ବିଦ୍ୟମାନ ଏବଂ ଯେଉଁମାନଙ୍କ ଦ୍ୱାରା 'ସୋମ' ସେହି 'ସତ୍ୟ'ରଂ ଜନ୍ମ ବା ପ୍ରଶସ୍ତ ଅଭିବ୍ୟକ୍ତିକୁ ଧାରଣ କରନ୍ତି, ସେମାନେ ସତ୍ୟାନୁଭବୀ 'ଧୀତି' (ଭାବ) ଅଟନ୍ତି । ତିନିଟି ଜ୍ୟୋତିର୍ମୟ ଲୋକ ସମେତ ଏହି ଯେଉଁ 'ସ୍ୱର୍', ଯାହାର ବ୍ୟାପ୍ତି ମଧ୍ୟରେ 'ତ୍ରିଧାତୁ'ର ସମାନ ସାର୍ଥକତା

---

[୬] **ଅୟା ରୁଚା ହରିଣ୍ୟା ପୁନାନୋ ବିଶ୍ୱା ଦ୍ୱେଷାଂସି ତରତି ସ୍ୱୟୁଗ୍ୱଭିଃ ।**
ସୂରୋ ନ ସ୍ୱୟୁଗ୍ୱଭିଃ ।
ଧାରା ସୁତସ୍ୟ ରୋଚତେ ପୁନାନୋ ଅରୁଷୋ ହରିଃ ।
ବିଶ୍ୱା ୟଦ୍ରୂପା ପରିୟାତ୍ୟୃକ୍ୱଭିଃ ସପ୍ତାସ୍ୟେଭିର୍ଗୃଣ୍ୱଭିଃ ॥୧॥
ତ୍ୱଂ ତ୍ୟତ୍ ପଣୀନାଂ ବିଦୋ ବସୁ ସଂ ମାତୃଭିର୍ମର୍ଜୟସି ସ୍ୱ ଆ ଦମ
ଋତସ୍ୟ ଧୀତିଭିର୍ଦମେ ।
ପରାବତୋ ନ ସାମ ତଦ୍ ୟତ୍ରା ରଣନ୍ତି ଧୀତୟଃ ।
ତ୍ରିଧାତୁଭିରରୁଷୀଭିର୍ବୟୋ ଦଧେ ରୋଚମାନୋ ବୟୋ ଦଧେ ॥୨॥ (ଋ. ୯।୧୧୧)

ରହିଛି, ତ୍ରିଧାତୁ, ଏହା ସେହି ସଙ୍କେତିକ ଉକ୍ତି (ତ୍ରିଧାତୁ) ତ୍ରିତ ଉର୍ଦ୍ଧ୍ୱତମ ଲୋକକୁ ଗଠନ କରୁଥିବା (ତିସ୍ରଃ ପରାବତଃ) ପରମ ତ୍ରିବିଧ ତତ୍ତ୍ୱକୁ ବୁଝାଇବା ସନ୍ଦର୍ଭରେ ପ୍ରୟୋଗ କରାଯାଏ, ଏହାକୁ ଅନ୍ୟତ୍ର ପ୍ରଶସ୍ତ ଓ ଭୟମୁକ୍ତ ଚାରଣଭୂମି ବୋଲି ବର୍ଣ୍ଣନା କରାଯାଇଛି, ଏହା ମଧ୍ୟରେ ଗୋମାନେ ସ୍ୱଚ୍ଛନ୍ଦରେ ବିଚରଣ କରି ନିଜେ ଆନନ୍ଦ ଲାଭ କରନ୍ତି (ରଣ୍ୟନ୍ତି) ଏବଂ ଏଠାରେ ମଧ୍ୟ ଏହା ସେହି ଭୂମି ଯେଉଁଠାରେ ସତ୍ୟଧୀତିଗୁଡ଼ିକ ନିଜର ସୁଖ ଭୋଗ କରନ୍ତି — **ୟତ୍ର ରଣନ୍ତି ଧୀତୟଃ** । ପରବର୍ତ୍ତୀ ଋକ୍‌ରେ କୁହାଯାଇଛି, 'ସୋମ'ଙ୍କ ଦିବ୍ୟ ରଥ ଜ୍ଞାନ ଲାଭ କରିବା ପୂର୍ବକ ପରମ ଦିଶାର ଅନୁସରଣ କରେ ଏବଂ ଶ୍ରମପୂର୍ବକ କିରଣମାନଙ୍କ ସାହାଯ୍ୟରେ ଅଗ୍ରସର ହୁଏ,— **ପୂର୍ବାମ୍ ଅନୁ ପ୍ରଦିଶଂ ୟାତି ଚେକିତତ୍, ସଂ ରଶ୍ମିଭିଃ ୟତତେ ଦର୍ଶତୋ ରଥୋ ଦୈବ୍ୟୋ ଦର୍ଶତୋ ରଥଃ** । ଏହି ପରମଦିଶା ହେଉଛି ନିଶ୍ଚିତ ରୂପେ ଦିବ୍ୟ ବା ବୃହତ୍ ସତ୍ୟର ଦିଶା; ଏହି ରଶ୍ମିମାନ୍ ହେଉଛନ୍ତି ସ୍ପଷ୍ଟତଃ 'ଉଷା'ଙ୍କର ବା ସତ୍ୟ-ସୂର୍ଯ୍ୟଙ୍କର ରଶ୍ମିମାନ୍; ଏମାନେ ପଣିମାନଙ୍କ ଦ୍ୱାରା ଗୁହାୟିତ ଗୋଯୂଥ, ଏମାନେ ହେଲେ ପ୍ରଦୀପ୍ତ ଧୀ ଓ ଉଜ୍ଜ୍ୱଳ ରଙ୍ଗର ଧୀତିରାଜି — **ଧ୍ୟୟଃ, ଉତସ୍ୟ ଧୀତୟଃ** ।

ଯେଉଁ ଯେଉଁ ସ୍ଥାନରେ ପଣି, ଗୋ ଓ ଅଙ୍ଗିରସଗଣଙ୍କ ରୂପକଳ୍ପ ଆସିଛି ସେ ସେବୁଠାରେ ବେଦର ଏହି ସମସ୍ତ ଅନ୍ତଃସାକ୍ଷ୍ୟକୁ କୌଣସି ଅସାମଞ୍ଜସ୍ୟ ବିନା ଏହି ସମାନ ସିଦ୍ଧାନ୍ତକୁ ପ୍ରତିଷ୍ଠାପିତ କରନ୍ତି । ପଣିଗଣ ହେଉଛନ୍ତି ସତ୍ୟଧୀତିର ଅବରୋଧକ, ନିର୍ଜ୍ଞାନ ଅନ୍ଧକାରର ଅଧିବାସୀ (**ତମଃ ଅବୟୁନମ୍**), ଯାହାକୁ ଇନ୍ଦ୍ର ଓ ଅଙ୍ଗିରସମାନେ ଦିବ୍ୟବାକ୍ ଓ 'ସୂର୍ଯ୍ୟ'ଙ୍କ ଦ୍ୱାରା ନିବାରଣ କରନ୍ତି, ଏଇ କାରଣରୁ ଯେ ଯେଉଁଠାରେ ପ୍ରଥମେ ତମଃ ଅଧିକାର କରି ରହିଥିଲା ସେଠାରେ 'ସତ୍ୟ'ର ପ୍ରଶସ୍ତ ଅବସ୍ଥା ପ୍ରତିଷ୍ଠିତ ହୋଇପାରିବ । ଇନ୍ଦ୍ର ପଣିଗଣଙ୍କ ସହିତ ଯୁଦ୍ଧ କରନ୍ତି କୌଣସି ସ୍ଥୂଳ ଅସ୍ତ୍ରଶସ୍ତ୍ର ଦ୍ୱାରା ନୁହେଁ ବରଂ ବାକ୍‌ରାଜି ଦ୍ୱାରା — **ପଣୀନ୍ ବଚୋଭିଃ ଅଭି ୟୋଧତ୍ ଇନ୍ଦ୍ରଃ** (ଋ. ୬।୩୯।୨) । ଏହା ଯଥେଷ୍ଟ ହେବ ଯେ ଯେଉଁ ଯେଉଁ ସୂକ୍ତରେ ଏହି ବାକ୍ୟାଂଶ ଆସେ ତାହାକୁ ବ୍ୟାଖ୍ୟା ବିନା ଅନୁବାଦ କଲେ ବି ସେଥିରୁ ଏହି ପ୍ରତୀକବାଦର ଗୁଣଧର୍ମ ନିର୍ବିବାଦରେ ସ୍ପଷ୍ଟ ହୋଇଯାଏ । ''ଏହି ଦିବ୍ୟ ତଥା ଉଲ୍ଲାସଶୀଳ କ୍ରାନ୍ତଦ୍ରଷ୍ଟାଙ୍କର, ଯଜ୍ଞବାହକଙ୍କର, ଦୀପ୍ତଧୀତିଯୁକ୍ତ ମଧୁର

---

୬ ଋ. ୬ ।୨ ୧।୨-୩ ରେ ଥିବା 'ବୟଃ' ପଦଟି ଦ୍ରଷ୍ଟବ୍ୟ, ସେଥିରେ କୁହାଯାଇଛି ଯେ, ଇନ୍ଦ୍ର, ଯେ ଜ୍ଞାନବାନ୍ ଏବଂ ଯେ ଆମ ବାକ୍‌ଗୁଡ଼ିକୁ ବହନ କରନ୍ତି ତଥା ବାକ୍ ଦ୍ୱାରା ଯଜ୍ଞରେ ବୃଦ୍ଧିଲାଭ କରନ୍ତି — **ଇନ୍ଦ୍ରଂ ୟୋ ବିଦ୍ୟାନୋ ଗିର୍ବାହସଂ ଗୀର୍ଭିର୍ୟଜ୍ଞବୃଧମ୍**, ସେ ନିର୍ଜ୍ଞାନ ତମଃକୁ, ଯାହା ସ୍ୱୟଂ ବ୍ୟାପ୍ତ ହୋଇ ରହିଥିଲା ତାକୁ ସୂର୍ଯ୍ୟଙ୍କ ଦ୍ୱାରା ଏପରି ଏକ ରୂପରେ ପରିବର୍ତ୍ତିତ କରେ ଯାହା ଜ୍ଞାନରହିଁ ଏକ ଅଭିବ୍ୟକ୍ତି —

ସ ଇତ୍ ତମୋ ଅବୟୁନଂ ତତନ୍ୱତ୍ ସୂର୍ୟେଣ ବୟୁନବଚ୍ଚକାର ।

ମନ୍ତ୍ରଗାୟକଙ୍କର (ସୋମଙ୍କର) ହେ ଦେବ, ତୁମେ ଆମକୁ ସେହି 'ବାକ୍'ର ବକ୍ତାଙ୍କ ସହ ଯୁକ୍ତ କର ଯାହାଙ୍କ ପ୍ରେରଣାକୁ ଜ୍ୟୋତିଃ-ଗୋଗଣ ଅଗ୍ରଭାଗରେ ଥାଇ ଚାଳିତ କରୁଛନ୍ତି, (**ଇଷୋ ଗୋଅଗ୍ରାଃ**) ।୧। ସତ୍ୟ ସହ ସଂଯୋଗ କାରକ, ସତ୍ୟଧୀତି ସହିତ ଯାହାଙ୍କ ରଥ ସଂଯୋଜିତ (**ରତଧୀତିଭିଃ ରତୟୁଗ୍ ଯୁଜାନଃ**) ସେ ଇନ୍ଦ୍ର ଗିରି ପରିପାର୍ଶ୍ୱରେ ବିଚରଣ କରୁଥିବା ଜ୍ୟୋତିଃ-ଗୋମାନଙ୍କୁ (**ଉସ୍ରାଃ**) କାମନା କଲେ; (ତା'ପରେ) 'ବଳ'ର ଅଭଗ୍ନ ଗିରି-ଅଧିତ୍ୟକାକୁ (ସାନୁ) ବିଚୂର୍ଣ୍ଣ କଲେ ଓ ବାକ୍ ଦ୍ୱାରା ପଣିଗଣଙ୍କ ବିରୋଧରେ ଯୁଦ୍ଧ କଲେ ।୨। ସେ (ସୋମ) ଚନ୍ଦ୍ରଶକ୍ତି ରୂପେ (ଇନ୍ଦୁ) ଅହୋରାତ୍ର ଓ ବର୍ଷ ବର୍ଷ ବ୍ୟାପୀ ଆଲୋକହୀନା ରାତ୍ରିମାନଙ୍କୁ ଜ୍ୟୋତିଷ୍ମତୀ କଲେ ଓ ସେମାନେ (ରାତ୍ରିମାନେ) ଦିବସମାନଙ୍କ ଦୃଷ୍ଟି (କେତୁ) ବହନ କଲେ; ଜନ୍ମତଃ ଶୁଦ୍ଧ 'ଉଷା'ମାନଙ୍କୁ ସେ (ସୋମ) ରଚନା କଲେ ।୩। ଏ ସେହି ଯେ ସ୍ୱୟଂ ପ୍ରଦୀପ୍ତ ହୋଇଉଠି ଆଲୋକହୀନାମାନଙ୍କୁ ଆଲୋକମୟ କଲେ; ସତ୍ୟ ଦ୍ୱାରା ସେ ବହୁସଂଖ୍ୟକ ଉଷାଙ୍କୁ ଦୀପ୍ତିମତୀ କଲେ, କର୍ମସାଧକମାନଙ୍କୁ (ଧନ ଦ୍ୱାରା) ପରିତୃପ୍ତ କରିବା ପୂର୍ବକ (**ଚର୍ଷଣିପ୍ରାଃ**) 'ସତ୍ୟ'ରେ ଯୋଚିତ ଅଶ୍ୱ ଓ ସ୍ୱରପ୍ରାପକ ରଥଚକ ସହିତ ଯାତ୍ରା କଲେ'' (ଋ.୬।୩୯।୧-୪)[୮] । ପଣିଗଣଙ୍କ ଗୋଯୂଥ ସହିତ ସର୍ବଦା ଧୀ, ରତ ଓ ବାକ୍‌ର ଉଲ୍ଲେଖ ଦେଖିବାକୁ ମିଳେ; ଦିବ୍ୟମନଃଶକ୍ତି ରୂପୀ ଇନ୍ଦ୍ରଙ୍କ ବାକ୍ ଦ୍ୱାରା ଗୋ-ଅବରୋଧକମାନଙ୍କୁ ଜୟ କରାଯାଉଛି; ଯାହା ତମୋମୟ ଥିଲା ତାହା ଆଲୋକରେ ପରିଣତ ହୋଇଯାଉଛି; ସତ୍ୟରେ ଯୋଚା ଅଶ୍ୱମାନଙ୍କ ଦ୍ୱାରା ଚାଳିତ ରଥ (ଜ୍ଞାନ ଦ୍ୱାରା – **ସ୍ୱର୍ବିଦା ନାଭିନା**) ସେହି ସତ୍-ଚିତ୍-ଆନନ୍ଦର ଜ୍ୟୋତିର୍ମୟ ବ୍ୟାପ୍ତିକୁ ପ୍ରାପ୍ତ ହୁଏ ଯାହା ବର୍ତ୍ତମାନ ଆମ ଦୃଷ୍ଟିର ଅନ୍ତରାଳରେ ରହିଛି । ''ଇନ୍ଦ୍ର 'ବଳ'କୁ ବ୍ରହ୍ମ ଦ୍ୱାରା ବିଦୀର୍ଣ୍ଣ କରନ୍ତି, ଅନ୍ଧକାରକୁ ଅନ୍ତରାଳକୁ ନେଇଯା'ନ୍ତି ଓ 'ସ୍ୱର୍'କୁ ପ୍ରତ୍ୟକ୍ଷ କରାନ୍ତି'' –

ଉଦ୍ ଗା ଆଜଦ୍ ଅଭିନଦ୍ ବ୍ରହ୍ମଣା ବଲମ୍ ।
ଅଗୂହତ୍ ତମୋ ବ୍ୟଚକ୍ଷୟତ୍ ସ୍ୱଃ ॥ ଋ. ୨।୨୪।୩

---

[୮] ମନ୍ଦ୍ରସ୍ୟ କବେର୍ଦିବ୍ୟସ୍ୟ ବହ୍ନେର୍ବିପ୍ରମନ୍ମନୋ ବଚନସ୍ୟ ମଧ୍ୱଃ ।
ଅପା ନସ୍ତସ୍ୟ ସଚନସ୍ୟ ଦେବେଷୋ ଯୁବସ୍ୱ ଗୃଣତେ ଗୋଅଗ୍ରାଃ ॥୧॥
ଅୟମୁଶାନଃ ପର୍ୟଦ୍ରିମୁସ୍ରା ରତଧୀତିଭିର୍ଗତୟୁଗ୍ୟଜାନଃ ।
ରୁଜଦରୁଗ୍ଣଂ ବି ବଲସ୍ୟ ସାନୁଂ ପଣୀଁର୍ଗୋଭିରଭି ଯୋଧଦିନ୍ଦ୍ରଃ ॥୨॥
ଅୟଂ ଦ୍ୟୋତୟଦଦ୍ୟୁତୋ ବ୍ୟଭ୍ରୂନ୍ ଦୋଷା ବସ୍ତୋଃ ଶରଦ ଇନ୍ଦୁରିନ୍ଦ୍ର ।
ଇମଂ କେତୁମଦଧୁର୍ନୂ ଚିଦହ୍ନାଂ ଶୁଚିଜ୍ଜନ୍ମନ ଉଷସଶ୍ଚକାର ॥୩॥
ଅୟଂ ରୋଚୟଦରୁଚୋ ରୁଚାନୋଽୟଂ ବାସୟଦ୍ ବ୍ୟୁତେନ ପୂର୍ବୀଃ ।
ଅୟମୀୟତ ରତୟୁଗ୍ଭିରଶ୍ୱୈଃ ସ୍ୱର୍ବିଦା ନାଭିନା ଚର୍ଷଣିପ୍ରାଃ ॥୪॥

ସମଗ୍ର ଋଗ୍‌ବେଦ ହେଉଛି ଆଲୋକ-ଶକ୍ତିଗଣଙ୍କ ବିଜୟଗୀତି, ତଥା ସତ୍ୟର ଯେଉଁ ମୂଳ ସଦ୍ମ ଓ ଆସନ ରହିଛି, ଯାହା ସକଳ ମିଥ୍ୟାର ଆକ୍ରମଣରୁ ମୁକ୍ତ, ତା' ମଧ୍ୟରୁ ସତ୍ୟଶକ୍ତି ଓ ସତ୍ୟ ଦୃଷ୍ଟି ଦ୍ୱାରା ଆରୋହଣର ବିଜୟଗୀତି । " 'ସତ୍ୟ' ଦ୍ୱାରା ଗୋ (ଦୀପ୍ତ ଧୀତି) ମାନେ 'ସତ୍ୟ' ମଧ୍ୟରେ ପ୍ରବେଶ କରନ୍ତି; 'ସତ୍ୟ' ଅଭିମୁଖେ ଅଧ୍ୟବସାୟୀ ହୋଇ ଜଣେ 'ସତ୍ୟ'କୁ ଜୟ କରେ; 'ସତ୍ୟ' ଦିଗରେ ପ୍ରବଳ ଗତିଶୀଳ ଶକ୍ତିହିଁ ଜ୍ୟୋତିର୍ଗୋଗଣକୁ ଅନ୍ୱେଷଣ କରେ ଏବଂ (ଶତ୍ରୁକୁ) ଭେଦ କରି ଅଗ୍ରସର ହୁଏ; 'ସତ୍ୟ' ପାଇଁ ଦୁଇ ପ୍ରଶସ୍ତ ଲୋକ — ସ୍ୱର୍ଗ ଓ ପୃଥିବୀ — ବହୁଳ ଓ ଗଭୀର ହୋଇ ଉଠନ୍ତି, କାରଣ 'ସତ୍ୟ' ପାଇଁ ଦୁଇ ପରମା ମାତା ନିଜର ସ୍ତନ୍ୟ ଦାନ କରନ୍ତି"—

ଋତେନ ଗାବ ଋତମା ବିବେଶୁଃ ।
ଋତଂ ୟେମାନ ଋତମିତ୍ ବନୋତି,
ଋତସ୍ୟ ଶୁଷ୍ମଃ ତୁରୟା ଉ ଗବ୍ୟୁଃ ।
ଋତାୟ ପୃଥ୍ୱୀ ବହୁଳେ ଗଭୀରେ,
ଋତାୟ ଧେନୂ ପରମେ ଦୁହାତେ ॥ (ଋ. ୪।୨୩।୯-୧୦)

ଦ୍ୱାବିଂଶ ଅଧ୍ୟାୟ

'ଦସ୍ୟୁ'ମାନଙ୍କ ଉପରେ ବିଜୟ

ଆର୍ଯ୍ୟଦେବତା ଓ ଆର୍ଯ୍ୟଋଷି ଏ ଉଭୟଙ୍କ ବିରୋଧରେ 'ଦସ୍ୟୁ'ମାନେ ଦଣ୍ଡାୟମାନ । ବସ୍ତୁଗୁଡ଼ିକର ପରମସତ୍ୟ ମଧ୍ୟରେ ବିଦ୍ୟମାନା 'ଅଦିତି'ଙ୍କଠାରୁ ଦେବଗଣଙ୍କର ଜନ୍ମ ତଥା ନିମ୍ନସ୍ଥ ଅନ୍ଧକାର ମଧ୍ୟରେ ବିଦ୍ୟମାନା 'ଦିତି'ଙ୍କଠାରୁ ଦସ୍ୟୁ ବା ଦାନବଗଣଙ୍କର ଜନ୍ମ; ଏ ଦୁହେଁ ଯଥାକ୍ରମେ 'ଆଲୋକ'ର ଓ 'ରାତ୍ରି'ର ଅଧିପତିଗଣ ଏବଂ ସେମାନେ ପୃଥିବୀ, ସ୍ୱର୍ଗ, ଅନ୍ତର୍ବର୍ତ୍ତୀ (ମଧ୍ୟ) ଲୋକ ଏଇ ତ୍ରିବିଧ ଜଗତରେ ତଥା ଦେହ, ମନ ଓ ଏ ଉଭୟର ସଂଯୋଜକ ପ୍ରାଣବାୟୁର ଜଗତରେ ପରସ୍ପରର ମୁହାଁମୁହିଁ ହୋଇ ଦଣ୍ଡାୟମାନ । ଋ. ୧୦।୧୦୮ ସୂକ୍ତ ଅନୁଯାୟୀ ସରମା ପରମଲୋକରୁ, **ପରାକାତ୍**, ଅବତରଣ କରନ୍ତି; ତାଙ୍କୁ 'ରସା'ର ଜଳରାଶି ଅତିକ୍ରମ କରିବାକୁ ହୁଏ, ସେ ରାତ୍ରିର ସାକ୍ଷାତ୍ ଦର୍ଶନ ପାଆନ୍ତି ଓ କାଳେ ସେ ତାକୁ (ରାତ୍ରିକୁ) ପାର ହୋଇଯିବେ ଏହି ଭୟରେ ରାତ୍ରି ତାଙ୍କୁ ନିଜ ମଧ୍ୟରେ ସ୍ଥାନ ଦିଏ – **ଅତିଷ୍ଠଦୋ ଭିୟସା**; ସେ ଦସ୍ୟୁଗଣଙ୍କ ଆବାସରେ, **ଦସ୍ୟୋଃ ଓକୋ ନ... ସଦନମ୍**, ଉପଗତା ହୁଅନ୍ତି, ଏହାକୁ ସେମାନେ ବସ୍ତୁମାନଙ୍କ ସୀମାର ପରପାରରେ ଅବସ୍ଥିତ ମିଥ୍ୟାଲୋକ ବୋଲି ସେମାନେ ସ୍ୱୟଂ ବର୍ଣ୍ଣନା କରିଛନ୍ତି, **ରେକୁ ପଦମ୍ ଅଲକମ୍** (୧୦।୧୦୮।୭) । ପରମଲୋକ ମଧ୍ୟ ବସ୍ତୁସୀମା-ଅତିକ୍ରମ ଦ୍ୱାରା ଅଥବା ଊର୍ଦ୍ଧ୍ୱାରୋହଣ ଦ୍ୱାରା ଏହାକୁ ଲଙ୍ଘିଯାଏ; ଏହା ହେଉଛି **ରେକୁ ପଦମ୍**, କିନ୍ତୁ ଏହା **ଅଲଜମ୍** ନୁହେଁ, **ସତ୍ୟମ୍**, ଅର୍ଥାତ୍ ମିଥ୍ୟାର ଲୋକ ନୁହେଁ, ବରଂ 'ସତ୍ୟ'ର ଲୋକ । ଏହି ଅଲକ-ଲୋକଟି ଜ୍ଞାନରହିତ ଅନ୍ଧକାର – **ତମଃ ଅବୟୁନଂ ତତନ୍ୱତ୍**; ଯେତେବେଳେ 'ଇନ୍ଦ୍ର'ଙ୍କ ବିଶାଳତା ଦ୍ୟୌ ପୃଥିବୀ ଓ ଅନ୍ତରିକ୍ଷକୁ ଅତିକ୍ରମ କରେ (**ରିରିଚେ**) ସେତେବେଳେ ସେ ଆର୍ଯ୍ୟଗଣଙ୍କ ନିମନ୍ତେ ଜ୍ଞାନ ଓ ସତ୍ୟର ଏକ ବିପରୀତ ଲୋକ, **ବୟୁନବତ୍**, ସୃଷ୍ଟି କରନ୍ତି, ଏହା ଏହି ତ୍ରିଲୋକକୁ ଅତିକ୍ରମ କରୁଥିବା ହେତୁ ଏହାକୁ **ରେକୁ ପଦମ୍** କୁହାଯାଏ । ବସ୍ତୁଗୁଡ଼ିକର ଆକୃତି ବିଶିଷ୍ଟ ଜୀବନ ମଧ୍ୟରେ ଅବସ୍ଥିତ ଏହି ଅନ୍ଧକାରକୁ, 'ରାତ୍ରୀ'ର ଏହି ନିମ୍ନ ଜଗତ୍ ଏବଂ ଅଚେତନାକୁ ସେହି ପର୍ବତର ରୂପକ ଦ୍ୱାରା ପ୍ରତୀକାତ୍ମକ କରାଯାଇଛି ଯାହା ଧରିତ୍ରୀଗର୍ଭରୁ ଉଠି ସ୍ୱର୍ଗପୃଷ୍ଠ ଯାଏ ମୁଣ୍ଡ ଟେକିଛି । ଏହାକୁ ଗିରି-ଅଧୋଭାଗସ୍ଥ ଗୁପ୍ତ ଗୁହା ବା ଅନ୍ଧକାରର ଗୁମ୍ଫା ଭାବେ ରୂପାୟିତ କରାଯାଇଛି ।

ଗୁମ୍ଫା ହେଉଛି ପଣିଗଣଙ୍କର ଏକମାତ୍ର ଆବାସ, କିନ୍ତୁ ସେମାନଙ୍କ କର୍ମକ୍ଷେତ୍ର ହେଲା ପୃଥିବୀ, ସ୍ୱର୍ଗ ଓ ମଧ୍ୟଲୋକ । ସେମାନେ ନିଶ୍ଚେତନାର ସନ୍ତାନ କିନ୍ତୁ ସେମାନଙ୍କ

କର୍ମରେ ସେମାନେ ଠିକ୍ ନିଶ୍ଚେତନ ନୁହନ୍ତି; ସେମାନଙ୍କର ଅଛି ଆପାତପ୍ରତୀୟମାନ ଜ୍ଞାନର ନାନା ରୂପ (ମାୟାଃ), କିନ୍ତୁ ସେଗୁଡ଼ିକ ଅଜ୍ଞାନର ରୂପରାଜି, ସେମାନଙ୍କର ସତ୍ୟ ଡୁବି ହୋଇ ରହିଛି ନିଶ୍ଚେତନାର ଅନ୍ଧକାର ମଧ୍ୟରେ ଏବଂ ସେମାନଙ୍କ ଉପରିଭାଗ ବା ସମ୍ମୁଖ ଭାଗ ସତ୍ୟ ନୁହେଁ, ବରଂ ମିଥ୍ୟା । କାରଣ, ଆମେ ଏହି ଜଗତକୁ ଯେପରି ଦେଖୁଛୁ ଏହା ଅନ୍ଧକାରରେ ଗୂଢ଼ ହୋଇ ରହିଥିବା ଅନ୍ଧକାର ମଧ୍ୟରୁ ବ୍ୟକ୍ତ (ତମଃ ଆସୀତ୍ ତମସା ଗୂଢମ୍), ଏହା ସମସ୍ତ ବସ୍ତୁକୁ ଆବୃତ କରିଥିବା ଗଭୀର ତଥା ଅତଳ ବନ୍ୟା, ନିଶ୍ଚେତନ ମହାସାଗର, ଅସତ୍, ଅପ୍ରକେତଂ ସଲିଲମ୍ (୧୦।୧୨୯।୩)[୧]; 'ସେହି ଅସତ୍ ମଧ୍ୟରେ ଋଷିଗଣ ନିଜ ହୃଦୟସ୍ଥ କାମନା ଦ୍ୱାରା ମନୋଗତ ଧୀ ଦ୍ୱାରା ତାଙ୍କୁ ଆବିଷ୍କାର କଲେ ଯିଏକି ଯଥାର୍ଥ ସତ୍‌କୁ ରୂପ ଦେଇଛନ୍ତି ।[୨] ବସ୍ତୁରାଜିଗତ ସତ୍ୟର ଏହି ଅନସ୍ତିତ୍ୱ, ଅସତ୍, ହେଉଛି ସେମାନଙ୍କ ପ୍ରଥମ ବିଭାବ ଯାହା ନିଶ୍ଚେତନା-ସମୁଦ୍ର ଗର୍ଭରୁ ଉଦ୍ଭୂତ; ଏବଂ ଏହାର ମହାନ୍ଧକାର ହେଉଛି ବୈଦିକ 'ରାତ୍ରୀ', — ରାତ୍ରିଂ ଜଗତୋ ନିବେଶନୀମ୍ (୧।୩୫।୧), ଯାହା ନିଜ ଅନ୍ଧକାରମୟ ବକ୍ଷ ମଧ୍ୟରେ ଜଗତକୁ ତଥା ଏହାର ସମସ୍ତ ଅପ୍ରକାଶିତ ସମ୍ଭାବନାକୁ ଚାପି ଧରିଛି । ଆମର ଏହି ତ୍ରିବିଧ ଜଗତ୍ ଉପରେ ରାତ୍ରିର ରାଜ୍ୟ ବିସ୍ତୃତ ହୋଇ ରହିଛି ଏବଂ ଏହାରି ମଧ୍ୟରୁ ସ୍ୱର୍ଗରେ ଅର୍ଥାତ୍ ମାନସିକ ସତ୍ତାରେ ଜାତା 'ଉଷା' ଅନ୍ଧକାର ମଧ୍ୟରେ ଆଣୁନ୍ନ ତଥା ରାହୁଗ୍ରସ୍ତ (eclipsed) ସୂର୍ଯ୍ୟଙ୍କୁ ଅନ୍ଧକାର ମଧ୍ୟରୁ ଉଦ୍ଧାର କରନ୍ତି ଓ ଅସତ୍ ଅର୍ଥାତ୍ 'ରାତ୍ରି' ମଧ୍ୟରେ ପରମା ବିବସ୍ୱର ଦର୍ଶନ ସୃଷ୍ଟି କରନ୍ତି, ଅସତି ପ୍ର କେତୁଃ (୧।୧୨୪।୧୧) । ସୁତରାଂ ଏହି ତିନି ରାଜ୍ୟରେ ଏହାର ଅବିରତ ଉତ୍ଥାନ ପତନ ମଧ୍ୟରେ ଆଲୋକର ଅଧିପତିଗଣ ଓ ଅଜ୍ଞାନର ଅଧିପତିଗଣଙ୍କ ମଧ୍ୟରେ ସଂଗ୍ରାମ ଚାଲିଥାଏ ।

'ପଣି' ଶବ୍ଦର ଅର୍ଥ ବ୍ୟବସାୟୀ, ବଣିକ, ଏହା ପଣ୍-ଧାତୁରୁ (ଆଉ ମଧ୍ୟ 'ପନ୍'[୩]ରୁ, ଯଥା : ତାମିଲ 'ପନ୍', ଗ୍ରୀକ୍ ponos - ଶ୍ରମ) ଆସିଛି ଏବଂ ହୁଏତ ମନେ କରିପାରୁ ଯେ ପଣିମାନେ ହେଲେ ସେହି ଶକ୍ତି ଯେଉଁମାନେ କି ଜୀବନର ସେହିସବୁ ଅତି ସାଧାରଣ ଅନାଲୋକିତ ଇନ୍ଦ୍ରିୟକର୍ମ ଉପରେ କର୍ତ୍ତୃତ୍ୱ ଜାହିର କରନ୍ତି, ଯେଉଁମାନଙ୍କ ସଙ୍ଘ

---

୧ ତମ ଆସୀତ୍ତମସା ଗୂଳ୍ହମଗ୍ରେଽପ୍ରକେତଂ ସଲିଲଂ ସର୍ବମା ଇଦମ୍ ।
ତୁଚ୍ଛ୍ୟେନାଭ୍ୱପିହିତଂ ୟଦାସୀତ୍ତପସସ୍ତନ୍ମହିନାଜାୟତୈକମ୍ ॥

୨ ସତୋ ବନ୍ଧୁମସତି ନିରବିନ୍ଦନ୍ ହୃଦି ପ୍ରତୀଷ୍ୟା କବୟୋ ମନୀଷା ॥ (ଋ. ୧୦।୧୨୯।୪)

୩ ସାୟଣ 'ପନ୍'ର ଅର୍ଥ କରିଛନ୍ତି 'ପ୍ରଶଂସା', କିନ୍ତୁ ଅନ୍ୟ ଏକ ସ୍ଥାନରେ ସେ 'ବ୍ୟବହାର' ମୂଳକ ଅର୍ଥ ମଧ୍ୟ ସ୍ୱୀକାର କରିଛନ୍ତି । ମୁଁ ଭାବୁଛି ଅଧିକାଂଶ ସ୍ଥଳରେ ଏହାର ଅର୍ଥ କର୍ମ । କର୍ମବାଚକ 'ପଣ୍'ରୁ କର୍ମେନ୍ଦ୍ରିୟମାନଙ୍କର ପୂର୍ବବର୍ତ୍ତୀ ନାମଗୁଡ଼ିକ ଆସିଛି — ପାଣି-ହାତ, ପାଦ ବା ଖୁରା; ଲାଟିନ୍ : ପେନିସ୍, ସମାନାର୍ଥକ ପାୟୁ ମଧ୍ୟ ।

ମୂଳଟି ରହିଥାଏ ଅନ୍ଧକାରମୟ ଅବଚେତନ ଶାରୀର ସତ୍ତା ମଧ୍ୟରେ, ଦିବ୍ୟ ମାନସରେ ନୁହେଁ । ଏହି କର୍ମର ସ୍ଥାନରେ ମାନସିକ ଅସ୍ତିତ୍ୱର ମଧ୍ୟଦେଇ ଉର୍ଦ୍ଧ୍ୱରୁ ଆସୁଥିବା ମନ-ପ୍ରାଣର ଦୀପ୍ତ କର୍ମଧାରା ପ୍ରତିଷ୍ଠା କରିବା ହେଉଛି ମନୁଷ୍ୟର ସମଗ୍ର ଅଧ୍ୟବସାୟର ଉଦ୍ଦେଶ୍ୟ । ଏଣୁ ଯିଏ ଏହି ଭାବରେ ଆତ୍ମହା କରେ, ଶ୍ରମ କରେ, ଯୁଦ୍ଧ କରେ, ଯାତ୍ରା କରେ, ସତ୍ତା ରୂପକ ସାନୁ ଆରୋହଣ କରେ, ସିଏହିଁ 'ଆର୍ଯ୍ୟ' (ଆର୍ଯ୍ୟ, ଅର୍ଯ୍ୟ, ଅରି — ଏସବୁର ବିଭିନ୍ନ ଅର୍ଥ ହୋଇପାରେ ଯଥା : ଶ୍ରମ କରିବା, ଯୁଦ୍ଧ କରିବା, ଆରୋହଣ ବା ଉତ୍ତରଣ କରିବା, ଯାତ୍ରା କରିବା, ଯଜ୍ଞ ପ୍ରସ୍ତୁତ କରିବା ଇତ୍ୟାଦି) କାରଣ, ଆର୍ଯ୍ୟମାନଙ୍କ କର୍ମ ହେଉଛି ଯଜ୍ଞ, ଯାହାର ଅର୍ଥ ଏକାଧାରରେ ଏକ ସଂଗ୍ରାମ, ଉତ୍ତରଣ ଓ ଯାତ୍ରା, ଅନ୍ଧକାର-ଶକ୍ତିମାନଙ୍କ ବିରୋଧରେ ଏକ ସଂଗ୍ରାମ, ପୃଥିବୀ ଓ ସ୍ୱର୍ଗକୁ ଅତିକ୍ରମ କରି ପର୍ବତର ଶିଖର ସବୁର ଉପରେ ସ୍ଥିତ ଲୋକକୁ ଅର୍ଥାତ୍ 'ସ୍ୱର୍' ମଧ୍ୟକୁ ଏକ ଉତ୍ତରଣ, ନଦୀ ଓ ମହାସାଗରର ଅପର ପାର୍ଶ୍ୱରେ ସ୍ଥିତ ବସ୍ତୁମାନଙ୍କ ସୀମାତୀତ ଆନନ୍ତ୍ୟ ମଧ୍ୟକୁ ଏକ ଅଭିଯାତ୍ରା । ଆର୍ଯ୍ୟବର୍ଗର ରହିଛି କର୍ମସଙ୍କଳ୍ପ, ସେ କର୍ମସାଧକ (କାରୁ, କିରି ଇତ୍ୟାଦି), ତାଙ୍କ କର୍ମରେ ଯେଉଁ ଦେବଗଣ ନିଜ ଶକ୍ତି ବିନିଯୋଗ କରନ୍ତି ସେମାନେ **ସୁକ୍ରତୁ** ଅର୍ଥାତ୍ ଯଜ୍ଞ ନିମନ୍ତେ ଯେଉଁମାନେ ଶକ୍ତିରେ ପରିପୂର୍ଣ୍ଣ; ଦସ୍ୟୁ ବା ପଣି ହେଉଛି ଏ ଉଭୟର ବିପରୀତ, **ଅକ୍ରତୁ** । ଆର୍ଯ୍ୟବର୍ଗ ହେଉଛନ୍ତି ଯଜ୍ଞ ସାଧକ — **ୟଜମାନଃ, ୟଜ୍ୟୁଃ** । ଯେଉଁ ଦେବଗଣ ସେମାନଙ୍କ ଯଜ୍ଞ ଗ୍ରହଣ କରନ୍ତି, ଧାରଣ କରନ୍ତି, ସେମାନଙ୍କୁ ପ୍ରେରଣା ଦିଅନ୍ତି ସେମାନେ **ୟଜତ** ବା **ୟଜତ୍ର** — ଯଜ୍ଞର ଶକ୍ତିଗଣ; ଦସ୍ୟୁ ହେଉଛି ଏ ଉଭୟର ବିପରୀତ, ସେ **ଅୟଜ୍ୟୁ** । ଆର୍ଯ୍ୟବର୍ଗ ଯଜ୍ଞ ମଧ୍ୟରେ ଆବିଷ୍କାର କରନ୍ତି ଦିବ୍ୟବାକ୍, **ଗୀଃ, ମନ୍ତ୍ର, ବ୍ରହ୍ମ, ଉକ୍ଥ** ପ୍ରଭୃତି । ସେମାନେ ହୁଅନ୍ତି ବ୍ରହ୍ମା ବା ମନ୍ତ୍ରଗାୟକ; ଦେବଗଣ ମନ୍ତ୍ରବଚନରେ ଆନନ୍ଦ ଲାଭ କରନ୍ତି ଓ ସେଇ 'ଗୀ'କୁ ବହନ କରନ୍ତି — **ଗୀର୍ବାହସଃ, ଗୀର୍ବଣସଃ,** ଅନ୍ୟ ପକ୍ଷରେ ଦସ୍ୟୁଗଣ ହେଲେ ମନ୍ତ୍ରବାକ୍‌ର ବିଦ୍ୱେଷୀ ଓ ବିନାଶକ — **ବ୍ରହ୍ମଦ୍ୱିଷଃ,** ସେମାନେ ମନ୍ତ୍ରବାକ୍‌କୁ ବିକୃତ କରି ଦିଅନ୍ତି — **ମୃଧ୍ରବଚସଃ** । ଦିବ୍ୟ ଶ୍ୱାସ ଗ୍ରହଣ ପାଇଁ ସେମାନଙ୍କର ଶକ୍ତି ନ ଥାଏ ଏବଂ ଦିବ୍ୟ ବାକ୍ ଉଚ୍ଚାରଣ କରିବାକୁ ମୁଖ ବି ନ ଥାଏ, ସେମାନେ **ଅନାସଃ,** ନ ଥାଏ ସେମାନଙ୍କର ମନ୍ତ୍ରବାକ୍ ଓ ଏହାର ଅନ୍ତର୍ନିହିତ ସତ୍ୟକୁ ଭାବିବା କି ମନୋଗତ କରିବାର ଶକ୍ତି — ସେମାନେ **ଅମନ୍ୟମାନାଃ,** କିନ୍ତୁ ଆର୍ଯ୍ୟବର୍ଗ ମନ୍ତ୍ରବାକ୍ ମନନ କରନ୍ତି, **ମନ୍ୟମାନାଃ,** ଧୀ, ଧୀତି ଓ ଆର୍ଷଜ୍ଞାନର ଧାରକ, ସେମାନେ — **ଧୀରଃ, ମନୀଷୀ, କବି;** ଦେବଗଣ ମଧ୍ୟ ଦିବ୍ୟମାନସର ପରମ ଧାୟୀ — **ପ୍ରଥମୋ ମନୋତା ଧ୍ୟଃ, କବୟଃ** । ଆର୍ଯ୍ୟମାନେ ଦେବକାମୀ — **ଦେବୟୁଃ, ଉଶିଜଃ;** ସେମାନେ ବାକ୍; ଧୀ ଓ ଯଜ୍ଞ ଦ୍ୱାରା ନିଜ ମଧ୍ୟରେ ନିଜ ସତ୍ତାଗତ ଦେବତାମାନଙ୍କ ବୃଦ୍ଧିସାଧନ କରିବାକୁ କାମନା କରନ୍ତି; ଦସ୍ୟୁମାନେ ହେଉଛନ୍ତି ଦେବନିନ୍ଦୁକ — **ଦେବଦ୍ୱିଷଃ,** ଦେବତ୍ୱର

ବିଘ୍ନକାରୀ — **ଦେବନିଦଃ**, ସେମାନେ ନିଜର କୌଣସି ବୃଦ୍ଧି ଚାହାନ୍ତି ନାହିଁ, **ଅବୃଧଃ** । ଆର୍ଯ୍ୟମାନଙ୍କଠାରେ ଦେବଗଣ ପ୍ରଚୁର ସମ୍ପଦ ଅଜାଡ଼ି ଦିଅନ୍ତି, ଆର୍ଯ୍ୟଗଣ ନିଜ ସମ୍ପଦ ଦେବଗଣଙ୍କୁ ଅର୍ପଣ କରନ୍ତି; କିନ୍ତୁ ଦସ୍ୟୁ ନିଜ ଧନକୁ ଆର୍ଯ୍ୟମାନଙ୍କଠାରୁ ଆଗୁଡାଇ ରଖେ ଯେତେବେଳଯାଏ ସେ ଧନ ତା'ଠାରୁ ଜୋର କରି ଛଡ଼ାର ନ ନିଆଯାଇଛି । ଏବଂ ଦେବଗଣ ମନୁଷ୍ୟ ମଧ୍ୟରେ ଯେଉଁ ଅମୃତ ସୋମରସର ଆନନ୍ଦ ପ୍ରଦାନ ପାଇଁ କାମନା କରନ୍ତି; ତାହାକୁ ସେଇ ଦେବଗଣଙ୍କ ନିମନ୍ତେ ସେ ନିଷ୍ପାସନ କରେ ନାହିଁ; ଯଦିବା ସେ ରେବାନ୍, ଅର୍ଥାତ୍ ତା'ର ଗୁହା ଯଦିଓ ଗୋ ଅଶ୍ୱ ଓ ଧନସମ୍ପଦରେ ପୂର୍ଣ୍ଣ ହୋଇ ରହିଥାଏ — **ଗୋଭିଃ ଅଶ୍ୱେଭିଃ ବସୁଭିଃ ନ୍ୟୃଷ୍ଟମ୍** (ଋ. ୧୦।୧୦୮।୭) — ତଥାପି ସେ **ଅରାଧସ୍** ଅର୍ଥାତ୍ ଧନହୀନ, କାରଣ, ତା'ର ଧନ ମାନବ ଲାଗି ଅବା ତା' ନିଜ ଲାଗି ବି କୌଣସି ସମୃଦ୍ଧି ବା ଆନନ୍ଦ ଆଣି ଦିଏ ନାହିଁ — 'ପଣି' ତା' ନିଜ ସରାରେହିଁ କୃପଣ । ଆର୍ଯ୍ୟଗଣ ଓ ଦସ୍ୟୁଗଣଙ୍କ ମଧ୍ୟରେ ପ୍ରଚଳିତ ଯୁଦ୍ଧରେ ସେ ସର୍ବଦା ଲୁଣ୍ଠନ ଓ ଧ୍ୱଂସ କରିବାକୁ ଚାହେଁ, ଆର୍ଯ୍ୟମାନଙ୍କ ଜ୍ୟୋତିର୍ମୟ ଗୋମାନଙ୍କୁ ଅପହରଣ କରି ନେଇ ଗୁହାର ଅନ୍ଧକାର ମଧ୍ୟରେ ପୁନରାୟ ଲୁକ୍‌କାୟିତ କରିବାକୁ ସେ ସର୍ବଦା ଚାହୁଁଥାଏ । "**ଏଇ ଋକ୍ଷଜ ପଣିକୁ ବଧ କର, କାରଣ ସେ ବୃକ (ବୃକଃ — ବିଦାରକ)**" (ଋ. ୬।୫୧।୧୪)[୪] ।

ଏକଥା ସ୍ପଷ୍ଟ ଯେ, ଯେଉଁମାନେ ଆର୍ଯ୍ୟର ଗୋଷ୍ଠିଧର୍ମ ପ୍ରତି ଓ କେବଳଣଙ୍କ ପ୍ରତି ଘୃଣା ବା ବିଦ୍ୱେଷ ଭାବ ପୋଷଣ କରନ୍ତି ସେହି ମାନବଶତ୍ରୁମାନଙ୍କ ସମ୍ବନ୍ଧରେ ଏହି ବର୍ଣ୍ଣନା ପ୍ରୟୋଗ କରିବା ଅତ୍ୟନ୍ତ ସହଜ, କିନ୍ତୁ ଆମେ ଦେଖିବା, ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଅସମ୍ଭବ, କାରଣ ଋ. ୧।୩୩।୩ ସୂକ୍ତରେ ଏହିସବୁ ପାର୍ଥକ୍ୟ ଥିବା ବିଷୟରେ ସ୍ପଷ୍ଟ ଭାବେ କୁହାଯାଇଛି ଏବଂ ଦସ୍ୟୁମାନଙ୍କ ସହିତ ଇନ୍ଦ୍ର ଓ ତାଙ୍କ ମାନବମିତ୍ରମାନଙ୍କ ଯୁଦ୍ଧ ଅତି ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି, ସେଥିରେ ଏହି ସମସ୍ତ ଦସ୍ୟୁ ପଣି ବା ବୃତ୍ର କୌଣସି ମତେ ବି ମନୁଷ୍ୟ ଯୋଦ୍ଧା, ଉପଜାତି ବା ଚଷ୍ଟର ହେବା ସମ୍ଭବ ନୁହେଁ । ହିରଣ୍ୟସ୍ତୂପ ଅଙ୍ଗିରସଙ୍କ ଏହି ସୂକ୍ତର ପ୍ରଥମ ଦଶଟି ଋକ୍‌ରେ (୧।୩୩।୧-୧୦) ରୋମାନଙ୍କ ନିମନ୍ତେ ସଂଗ୍ରାମର କଥା ସ୍ପଷ୍ଟ ଏବଂ ସେହି ଅନୁସାରେ 'ପଣି'ଙ୍କ କଥା ବି ଉଲ୍ଲିଖିତ ।

ଏତାୟାମୋପ ଗବ୍ୟନ୍ତ ଇନ୍ଦ୍ରମସ୍ମାକଂ ସୁ ପ୍ରମତିଂ ବାବୃଧାତି ।
ଅନାମୃଣଃ କୁବିଦାଦସ୍ୟ ରାୟୋ ଗବାଂ କେତଂ ପରମାବର୍ଜତେ ନଃ ॥୧॥

"ଆସ, ଗୋମାନଙ୍କୁ ଅନ୍ୱେଷଣ ପୂର୍ବକ ଆମେ ଇନ୍ଦ୍ରଙ୍କ ନିକଟକୁ ଯିବା; କାରଣ ସେ ଆମ ମଧ୍ୟରେ ଧୀ ବୃଦ୍ଧି କରନ୍ତି; ସେ ଅପରାହତ ଏବଂ ତାଙ୍କର ସମ୍ପଦରାଜିରେ ସେ ପୂର୍ଣ୍ଣ, ଆମ ପାଇଁ ସେ ଜ୍ୟୋତିଃ-ଗୋମାନଙ୍କ ପରମ ଜ୍ଞାନ-ଦୃଷ୍ଟିକୁ ଉନ୍ମୋଚନ କରନ୍ତି (ଅନ୍ଧକାରଠାରୁ ପୃଥକ୍ କରନ୍ତି)" — **ଗବାଂ କେତଂ ପରମ୍ ଆବର୍ଜତେ ନଃ ।**

---

[୪] **ଇହି ନ୍ୟତ୍ରିଣଂ ପଣିଂ ବୃକୋ ହି ଷଃ ॥**

ଉପେଦହଂ ଧନଦାମପ୍ରତୀତଂ ଜୁଷ୍ଟାଂ ନ ଶ୍ୟେନୋ ବସତିଂ ପତାମି ।
ଇନ୍ଦ୍ରଂ ନମସ୍ୟନ୍ନୁପମେଭିରର୍କୈର୍ୟଃ ସ୍ତୋତୃଭ୍ୟୋ ହବ୍ୟୋ ଅସ୍ତି ୟାମନ୍ ॥୨॥

''ପକ୍ଷୀ ଯେପରି ନିଜ ପ୍ରିୟ ନୀଡ଼ ଅଭିମୁଖେ ଉଡ଼ି ଯାଏ ମୁଁ ସେହିପରି ଅଦମ୍ୟ ଧନଦଙ୍କ ନିକଟକୁ ଯିବି, ସମସ୍ତ ପରମ ଜ୍ୟୋତିର୍ବାକ୍ ସହିତ ମୁଁ ଇନ୍ଦ୍ରଙ୍କୁ ନମସ୍କାର କରୁଛି, ଏ ସେହି ଇନ୍ଦ୍ର ଯାହାଙ୍କୁ ତାଙ୍କ ସ୍ତୁତିଗାତାମାନେ ନିଶ୍ଚିତ ଭାବେ ନିଜ ଯାତ୍ରାରେ ଆବାହନ କରନ୍ତି ।''

ନି ସର୍ବସେନ ଇଷୁଧୀଁରସକ୍ତ ସମର୍ଯୋ ଗା ଅଜତି ୟସ୍ୟ ବଷ୍ଟି ।
ଚୋଷ୍କୂୟମାଣ ଇନ୍ଦ୍ର ଭୂରି ବାମଂ ମା ପଣିର୍ଭୂରସ୍ମଦଧ୍ ପ୍ରବୃଦ୍ଧଃ ॥୩॥

''ସେ ନିଜର ସମଗ୍ର ସୈନ୍ୟବାହିନୀ ନେଇ ଆସନ୍ତି, ସେ ନିଜ ତୂଣୀରଗୁଡ଼ିକୁ ଖୁବ୍ ଦୃଢ଼ ଭାବରେ ବାନ୍ଧିଥା'ନ୍ତି; ସେ ଯୋଦ୍ଧା ('ଆର୍ଯ୍ୟ'), ସେ ଯାହାକୁ ଚାହାନ୍ତି ତା' ନିକଟକୁ ଗୋମାନଙ୍କୁ ଆଣନ୍ତି, (ଆମ ବାକ୍ ଦ୍ୱାରା) ବୃଦ୍ଧିପ୍ରାପ୍ତ ହେ ଇନ୍ଦ୍ର, ତୁମେ ନିଜର ପ୍ରଚୁର ଆନନ୍ଦକୁ ନିଜ ପାଇଁ ଧରି ରଖ ନାହିଁ, ଆମ ପାଖରେ ତୁମେ ପଣି ହୋଇଯାଅ ନାହିଁ'' — **ଚୋଷ୍କୂୟମାଣଃ ଇନ୍ଦ୍ର ଭୂରି ବାମଂ ମା ପଣିଃ ଭୂଃ ଅସ୍ମଦ୍ ଅଧ୍ ପ୍ରବୃଦ୍ଧଃ ।**

ଏହି ଶେଷୋକ୍ତ ଅଂଶଟି ପ୍ରଣିଧାନଯୋଗ୍ୟ ଏବଂ ସାଧାରଣରେ ପ୍ରଚଳିତ ବ୍ୟାଖ୍ୟାରେ ''ଆମ ପ୍ରତି କୃପଣ ହୁଅନା'' ବୋଲି ଯେଉଁ ଅର୍ଥ କରାଯାଏ ସେଥିରେ ଏହାର ପ୍ରକୃତ ଗୁରୁତ୍ୱ ରହେ ନାହିଁ । କିନ୍ତୁ ପଣିମାନେ ଯେ ସମ୍ପଦକୁ ଆବୋରି ନିଜ ପାଇଁ ଧରି ରଖନ୍ତି ଏବଂ ଦେବ ବା ମନୁଷ୍ୟ କାହାକୁ ହେଲେ ତାହା ଦିଅନ୍ତି ନାହିଁ, ଏହି ଅର୍ଥ ତାହା ଦ୍ୱାରା ଉପେକ୍ଷିତ ହୁଏ । ଏହାର ସ୍ପଷ୍ଟ ଅର୍ଥ ଏହିପରି — ''ତୁମ ଆନନ୍ଦର ପ୍ରଚୁର ସମ୍ପଦ ଲାଭକରି ତୁମେ ସେହି 'ପଣି' ହୁଅନା ଯିଏ ତା'ର ସମସ୍ତ ସମ୍ପଦ ନିଜ ପାଇଁ ରଖେ ତଥା ମନୁଷ୍ୟଠାରୁ ବି ତାହା ଅବରୁଦ୍ଧ କରି ରଖିଥାଏ; ପଣିଗଣ ଯେପରି ନିଜ ଅବଚେତନ ଗୁପ୍ତ ଗୁହା ମଧ୍ୟରେ (ଧନ) ରଖି ଦିଅନ୍ତି ତୁମେ ସେହିପରି ତୁମ ଅତିଚେତନା ମଧ୍ୟରେ ଆନନ୍ଦକୁ ଆମଠାରୁ ପ୍ରଚ୍ଛନ୍ନ କରି ରଖନା ।''

ତା'ପରେ ସୂକ୍ତଟିରେ ପୃଥିବୀ ଓ ସ୍ୱର୍ଗର ଅଧିକାର ନିମନ୍ତେ ପଣି ବା ଦସ୍ୟୁ ସହ ଇନ୍ଦ୍ରଙ୍କ ସଂଗ୍ରାମ ବିଷୟରେ କୁହାଯାଇଛି ।

ବଧୀର୍ହି ଦସ୍ୟୁଂ ଧନିନଂ ଘନେନ ଏକଶ୍ଚରନ୍ନୁପଶାକେଭିରିନ୍ଦ୍ର ।
ଧନୋରଧ୍ ବିଷୁଣକ୍ ତେ ବ୍ୟାୟନ୍ନୟକ୍ଷାନଃ ସନକାଃ ପ୍ରେତିମୀୟୁଃ ॥୪॥

''ଆହୁରି ମଧ ହେ ଇନ୍ଦ୍ର, ତୁମ କାର୍ଯ୍ୟସାଧକ ସକଳ ଶକ୍ତିରେ ଯୁକ୍ତ ହୋଇ ଏକାକୀ ବିଚରଣ ପୂର୍ବକ ଅସ୍ତ୍ରପ୍ରହାର ଦ୍ୱାରା ଧନଶାଳୀ ଦସ୍ୟୁକୁ ତୁମେ ବଧ କର; ତୁମ ଧନୁରେ ଆହତ ସେମାନେ (ଶରରୂପୀ ଶକ୍ତିମାନେ) ସବୁ ଦିଗକୁ ପ୍ରଧାବିତ ହେଲେ ଏବଂ ଯେଉଁମାନେ ଧନ ସଞ୍ଚୟ କରନ୍ତି ଅଥଚ ଯଜ୍ଞ କରନ୍ତି ନାହିଁ ସେମାନେ ମୃତ୍ୟୁ କବଳରେ ପଡ଼ିଲେ ।''

ପରା ଚିଚ୍ଛୀର୍ଷା ବବ୍ରୁରୁସ୍ତ ଇନ୍ଦ୍ରାୟେୟକ୍ୱାନୋ ଯତ୍ରନ୍ତି: ସ୍ୱଧୟା ମଦନ୍ତ:।
ପ୍ର ଯଦ୍ ଦିବୋ ହରିବ: ସାତରୁତ୍ର ନିରବ୍ରତଂ। ଅଧମୋ ରୋଦସ୍ୟୋ: ॥୫॥

"ହେ ଉଜ୍ଜ୍ୱଳ ଅଶ୍ୱାଧିପତି, ସ୍ୱର୍ଗରେ ଦୃଢ଼ପଦରେ ଦଣ୍ଡାୟମାନ (ହେ ଇନ୍ଦ୍ର), ଯେଉଁମାନେ ତୁମ କର୍ମଧାରାର ବିଧାନ ପାଳନ କରନ୍ତି ନାହିଁ (ଅବ୍ରତାନ୍), ଯଜ୍ଞ କରନ୍ତି ନାହିଁ ଅଥଚ ଯାଜ୍ଞିକମାନଙ୍କୁ ସ୍ୱଧା କରନ୍ତ ସେମାନଙ୍କୁ ଯେତେବେଳେ ତୁମେ ସ୍ୱର୍ଗ ଓ ପୃଥିବୀରୁ ବିଚ୍ୟୁତ କଲ ସେତେବେଳେ ସେମାନଙ୍କ ମସ୍ତକ ସେମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଛିଟିକି ପଡ଼ିଲା ।"

ଅୟୁଯୁତ୍ସନ୍ତନବଦ୍ୟସ୍ୟ ସେନାମୟାତୟନ୍ତ କ୍ଷିତୟୋ ନବଗ୍ୱା:।
ବୃଷାୟୁଧୋ ନ ବଧ୍ରୟୋ ନିରଷ୍ଟା: ପ୍ରବଭିରିନ୍ଦ୍ରାଜିତଯନ୍ତ ଆୟନ୍ ॥୬॥

"ସେମାନେ ଅନବଦ୍ୟଙ୍କ ସେନାବାହିନୀ ବିରୋଧରେ ଯୁଦ୍ଧ କରେ; ନବଗ୍ୱମାନେ ନିଜ ଯାତ୍ରାପଥରେ ତାଙ୍କୁ ପ୍ରବୃତ୍ତ କରାଇଲେ; ବୃଷ ସହିତ ଯୁଦ୍ଧରତ ବଳଦ ପରି ସେମାନେ ଏଣେତେଣେ ବିକ୍ଷିପ୍ତ ହେଲେ, ଇନ୍ଦ୍ର କିଏ ବୋଲି ଜାଣିପାରି ସେମାନେ ତାଙ୍କ ପାଖରୁ ପର୍ବତର ନିମ୍ନାଞ୍ଚଳକୁ ପଳାୟନ କରେ ।

ତ୍ୱମେତାନ୍ ରୁଦତୋ ଜକ୍ଷତଶ୍ଚାୟୋଧୟୋ ରଜସ ଇନ୍ଦ୍ର ପାରେ।
ଅବାଦହୋ ଦିବ ଆ ଦସ୍ୟୁମୁତ୍ରା ପ୍ର ସୁନ୍ୱତ: ସ୍ତୁବତ: ଶଂସମାବୋ: ॥୭॥

"ହେ ଇନ୍ଦ୍ର, ଅନ୍ତରିକ୍ଷର ପର ପାରିରେ (ରଜସ: ପାରେ, ଅର୍ଥାତ୍ ସ୍ୱର୍ଗର ସୀମାରେ) ଯେଉଁମାନେ ହସୁଥିଲେ ଓ କାନ୍ଦୁଥିଲେ ସେମାନଙ୍କ ସହିତ ତୁମେ ଯୁଦ୍ଧ କଲ; ଉର୍ଦ୍ଧ୍ୱ ସ୍ୱର୍ଗରେ ରହି ଦସ୍ୟୁକୁ ଦହନ କଲ, ଯେଉଁମାନେ ତୁମ ସ୍ତୁତିରାୟତ, ତୁମ ଉଦ୍ଦେଶ୍ୟରେ ସୋମ-ସମର୍ପଣକାରୀ, ସେମାନଙ୍କ ଅଭିବ୍ୟକ୍ତିକୁ ତୁମେ ପୋଷଣ କଲ ।"

ଚକ୍ରାଣାସ: ପରୀଣହଂ ପୃଥିବ୍ୟା: ହିରଣ୍ୟେନ ମଣିନା ଶୁମ୍ଭମାନା:।
ନ ହିନ୍ୱାନାସସ୍ତିତିରୁସ୍ତ ଇନ୍ଦ୍ରଂ ପରି ସ୍ୱଶୋ ଅଦଧାତ୍ ସୂର୍ଯ୍ୟେଣ ॥୮॥

"ପୃଥିବୀର ଚତୁଷ୍ପାର୍ଶ୍ୱରେ ପରିକ୍ରମଣ କରି ସେମାନେ ହିରଣ୍ମୟ ରଙ୍ଗର (ଏହା ସୂର୍ଯ୍ୟଙ୍କର ଏକ ପ୍ରତୀକ) ଆଲୋକରେ ଉଜ୍ଜ୍ୱଳ ହୋଇ ଉଠିଲେ; ସେମାନେ ଅତି ଦ୍ରୁତବେଗରେ ଧାବମାନ ହେଲେ ମଧ୍ୟ ଇନ୍ଦ୍ରଙ୍କୁ ଅତିକ୍ରମ କରି ପାରିଲେ ନାହିଁ କାରଣ ସେ ସୂର୍ଯ୍ୟଙ୍କ ଦ୍ୱାରା ଚତୁର୍ଦିଗରେ ଗୁପ୍ତଚର ନିଯୁକ୍ତ କରିଥିଲେ ।"

ପରି ଯଦିନ୍ଦ୍ର ରୋଦସୀ ଉଭେ ଅବୁଭୋଜୀର୍ମହିନା ବିଶ୍ୱତ: ସୀମ୍।
ଅମନ୍ୟମାନାଁ ଅଭି ମନ୍ୟମାନୈର୍ନିର୍ବ୍ରହ୍ମଭିରଧମୋ ଦସ୍ୟୁମିନ୍ଦ୍ର ॥୯॥

"ହେ ଇନ୍ଦ୍ର, ନିଜ ମହତ୍ତ୍ୱ ଦ୍ୱାରା ତୁମେ ଯେତେବେଳେ ପୃଥିବୀ ଓ ସ୍ୱର୍ଗକୁ ଅଧିକାର କଲ ସେତେବେଳେ (ସତ୍ୟ) ଚିନ୍ତନରେ ଅପାରଗମାନଙ୍କୁ ସତ୍ୟଚିନ୍ତକଙ୍କ ଦ୍ୱାରା ଆକ୍ରମଣ ଦ୍ୱାରା – (**ଅମନ୍ୟମାନାନ୍ ଅଭି ମନ୍ୟମାନୈ:**)[୬]– ବାଣୀର ପ୍ରବକ୍ତାମାନଙ୍କ ଦ୍ୱାରା (**ବ୍ରହ୍ମଭି:**) ତୁମେ ଦସ୍ୟୁମାନଙ୍କୁ ବାହାରକୁ ନିକ୍ଷେପ କଲ ।"

ନ ୟେ ଦିବଃ ପୃଥିବ୍ୟା ଅନ୍ତମାପୁର୍ନ ମାୟାଭିର୍ଧନଦାଂ ପର୍ୟଭୂବନ୍ ।
ୟୁଜଂ ବଜ୍ରଂ ବୃଷଭଶ୍ଚକ୍ର ଇନ୍ଦ୍ରୋ ନିର୍ଜ୍ୟୋତିଷା ତମସୋ ଗା ଅଦୁକ୍ଷତ୍ ॥୧୦॥

"ସେମାନେ (ଦସ୍ୟୁମାନେ) ସ୍ୱର୍ଗ ଓ ପୃଥିବୀର ପ୍ରାନ୍ତରେ ଉପନୀତ ହେଲେ ନାହିଁ;[୬] ବୃଷା 'ଇନ୍ଦ୍ର' ବଜ୍ରକୁ ସହାୟକ କରି ଜ୍ୟୋତିଃ ଦ୍ୱାରା ଅନ୍ଧକାର ମଧ୍ୟରୁ ରଶ୍ମିରୂପକ ଗୋମାନଙ୍କୁ ଦୋହନ କଲେ ।"

ଉକ୍ତ ଯୁଦ୍ଧ ପୃଥିବୀରେ ହୁଏନା, ଅନ୍ତରିକ୍ଷର ପର ପାରରେ ହୁଏ; ବଜ୍ରର ବହ୍ନି ଦ୍ୱାରା 'ଦସ୍ୟୁ'ମାନଙ୍କୁ ସ୍ୱର୍ଗରୁ ବିତାଡ଼ିତ କରାଯାଏ, ସେମାନେ ପୃଥିବୀର ଚତୁର୍ଦିଗରେ ପରିକ୍ରମଣ କରନ୍ତି ଏବଂ ସ୍ୱର୍ଗ ଓ ପୃଥିବୀଠାରୁ ଦୂରକୁ ନିକ୍ଷିପ୍ତ ହୁଅନ୍ତି, ଯାହା ଫଳରେ ସେମାନେ ସ୍ୱର୍ଗରେ ବା ପୃଥିବୀରେ କେଉଁଠି ହେଲେ ସ୍ଥାନ ପାଇ ପାରନ୍ତି ନାହିଁ, କାରଣ ବର୍ତ୍ତମାନ ଏସବୁ ଇନ୍ଦ୍ରଙ୍କ ମହିମାରେ ପୂର୍ଣ୍ଣ ହୋଇ ଯାଇଛି, ଆଉ ମଧ୍ୟ ସେମାନେ ତାଙ୍କ ବିଦ୍ୟୁତ୍‌ଠାରୁ ନିଜକୁ ଲୁଚାଇ ରଖିବାକୁ ଅକ୍ଷମ ହୁଅନ୍ତି, କାରଣ 'ସୂର୍ଯ୍ୟ' ନିଜର ସମସ୍ତ ରଶ୍ମି ଦ୍ୱାରା ତାଙ୍କୁ ଯେଉଁସବୁ ଗୁପ୍ତଚର ଦିଅନ୍ତି ସେମାନଙ୍କୁ ସେ ସବୁଠାରେ ନିଯୁକ୍ତ କରନ୍ତି ଏବଂ ଏହିସବୁ ରଶ୍ମିର ଉଜ୍ଜ୍ୱଳତାରେ 'ପଣି'ମାନେ ଦୃଶ୍ୟମାନ ହୁଅନ୍ତି । ଏହା ଆର୍ଯ୍ୟ ଓ ଦ୍ରାବିଡ଼ ଉପଜାତି ମଧ୍ୟରେ କୌଣସି ପାର୍ଥିବ ସଂଗ୍ରାମର ବର୍ଣ୍ଣନା ହୋଇ ନ ପାରେ; ବିଦ୍ୟୁତ୍ ମଧ୍ୟ କୌଣସି ଭୌତିକ ବିଦ୍ୟୁତ୍ ହେବା ସମ୍ଭବ ନୁହେଁ, କାରଣ ରାତ୍ରିର ଶକ୍ତିମାନଙ୍କ ଧ୍ୱଂସ ସହିତ କିଂବା ଅନ୍ଧକାର ମଧ୍ୟରୁ ଉଷାଙ୍କ ଗୋମାନଙ୍କର ଦୋହନ ସହିତ ତା'ର କୌଣସି ସମ୍ପର୍କ ନାହିଁ । ତେବେ ଏକଥା ସ୍ପଷ୍ଟ ଯେ ଏହିସବୁ ଅଯାଜ୍ଞିକ, ମନ୍ତ୍ରଜୁଗୁପ୍ସକ, ଏପରିକି ତାହାର (ମନ୍ତ୍ରର) ଚିନ୍ତା କରିବାକୁ ମଧ୍ୟ ଅକ୍ଷମ, ସେମାନେ ଆର୍ଯ୍ୟ ସମ୍ପ୍ରଦାୟର ମାନବଶତ୍ରୁ ନୁହନ୍ତି । ସେମାନେ ହେଲେ ସେହି ସମସ୍ତ ଶକ୍ତି, ଯେଉଁମାନେ କି ମାନବ ମଧ୍ୟରେ ସ୍ୱର୍ଗ ଓ ପୃଥିବୀକୁ ଅଧିକାର କରିବାକୁ ଚେଷ୍ଟା କରନ୍ତି, ସେମାନେ ଦୈତ୍ୟ, ଦ୍ରାବିଡ଼ ଜାତି ନୁହନ୍ତି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସେମାନେ ଚେଷ୍ଟା କରନ୍ତି କିନ୍ତୁ "ପୃଥିବୀ ଓ ସ୍ୱର୍ଗର ସୀମାରେ" ଉପନୀତ ହେବାରେ ବିଫଳ ହୁଅନ୍ତି; ଆମେ ଧାରଣା କରିପାରୁ ଯେ, ଏହି ଶକ୍ତିମାନେ ବା ବିନା ମନ୍ତ୍ର ଓ ଯଜ୍ଞ ଦ୍ୱାରା ପୃଥିବୀ ଓ ସ୍ୱର୍ଗର ଉର୍ଦ୍ଧ୍ୱସ୍ଥ ପରମଲୋକକୁ ଯିବାକୁ ଇଚ୍ଛା କରନ୍ତି ଯାହା କେବଳ ମନ୍ତ୍ର ଓ ଯଜ୍ଞ ଦ୍ୱାରା ଜୟ କରାଯାଇପାରେ । ସେମାନେ 'ସତ୍ୟ'କୁ ଅଜ୍ଞାନର ବିଧାନ ଦ୍ୱାରା ଅଧିକାର କରିବାକୁ ଚାହାନ୍ତି; କିନ୍ତୁ ସେମାନେ ପୃଥିବୀ ଓ ସ୍ୱର୍ଗର ପ୍ରାନ୍ତରେ ଉପନୀତ ହେବାକୁ ଅକ୍ଷମ ହୁଅନ୍ତି; କେବଳ 'ଇନ୍ଦ୍ର' ଓ ଦେବଗଣହିଁ

---

[୪] ମନ୍ତ୍ରଘ ଏହି ବାକ୍ୟଟି ଶ୍ରୀଅରବିନ୍ଦଙ୍କ ଅନୁବାଦରେ ସ୍ଥାନ ପାଇ ନ ଥିବାରୁ ଆମେ ଏହାକୁ ଏଠାରେ ସ୍ଥାନ ଦେଇଛୁ – ସମ୍ପାଦକ

[୬] **ମାୟାଭିଃ ଧନଦାଂ ନ ପର୍ୟଭୂବନ୍** – ନିଜ ମାୟା ଦ୍ୱାରା ସେମାନେ ଧନଦ (ଇନ୍ଦ୍ର)ଙ୍କୁ ଜୟ କରି ପାରି ନ ଥିଲେ ।

ମନ, ପ୍ରାଣ ଓ ଶରୀର ରୂପକ ଏହି ତିନି ସ୍ତରରେ ନିଜର ମହତ୍ତା ଦ୍ୱାରା ପରିପୂର୍ଣ୍ଣ କଲା ପରେହିଁ ଏହି ମନ-ପ୍ରାଣ-ଦେହର ବିଧାନକୁ ଲଙ୍ଘନ କରିବାକୁ ସମର୍ଥ ହୁଅନ୍ତି । ମନେ ହୁଏ ସରମା (୧୦।୧୦୮।୬)[୭] ପଣିମାନଙ୍କର ଏହି ଉଡାଉଡାଖ ବିଷୟର ସୂଚନା ଦେଉଛନ୍ତି; ''ହେ ପଣିଗଣ, ତୁମ୍ଭମାନଙ୍କର ବାକ୍ ସଫଳତା ଲାଭ କରିବାକୁ ସମର୍ଥ ନ ହେଉ, ତୁମ୍ଭମାନଙ୍କର ଶରୀର ଅହିତ ଓ ଅମଙ୍ଗଳ୍ୟ ହେଉ; ପନ୍ଥା ତୁମ ଦ୍ୱାରା ଭ୍ରଷ୍ଟ ନ ହେଉ, ବୃହସ୍ପତି ତୁମକୁ (ଦିବ୍ୟ ଓ ମାନୁଷ) ଉଭୟ ଲୋକର ସୁଖ ନ ଦିଅନ୍ତୁ ।'' ପଣିଗଣ ଉଦ୍ଧତ ଭାବରେ କହିଛନ୍ତି, ଯଦି ଇନ୍ଦ୍ର ସେମାନଙ୍କ ଗୁହାରେ ବାସ କରନ୍ତି ଓ ଗୋମାନଙ୍କର ରକ୍ଷକ ହୁଅନ୍ତି ତେବେ ସେମାନେ ତାଙ୍କ ସହିତ ବନ୍ଧୁତା କରିବେ,[୮] କିନ୍ତୁ ସରମା ଏହାର ଉତ୍ତରରେ କହିଛନ୍ତି ଯେ ଇନ୍ଦ୍ର ସମସ୍ତଙ୍କୁ ପରାଭବ କରନ୍ତି ଏବଂ ସେ ଜାହା ଦ୍ୱାରା ପରାଭୂତ ବା ଉତ୍ପୀଡ଼ିତ ହୁଅନ୍ତି ନାହିଁ,[୯] ଏହାପରେ ପୁଣି ସେମାନେ ସରମାଙ୍କୁ ନିଜ ସହ ଭ୍ରାତୃତ୍ୱ ପାଇଁ ପ୍ରସ୍ତାବ କଲେ ଯଦି ସେ (ସରମା) ସେମାନଙ୍କ ସହିତ ବାସ କରିନ୍ତି ଓ ଦେବଗଣଙ୍କ ସାହାଯ୍ୟରେ ସମସ୍ତ ବାଧା ଅତିକ୍ରମ କରି ଯେଉଁ ସୁଦୂର ଲୋକରୁ ସେ ଆସିଛନ୍ତି ସେଠାକୁ ଯଦି ସେ ଆଉ ଫେରି ନ ଯାଆନ୍ତି, ପ୍ରବାଧିତା ସହସା ଦୈବ୍ୟେନ । ସରମା ଉତ୍ତର ଦେଲେ, ''ଭ୍ରାତୃତ୍ୱ ଓ ଭଗ୍ନୀତ୍ୱ ମୁଁ କିଛି ଜାଣେନା, ଇନ୍ଦ୍ର ଓ ଉଗ୍ର ଅଙ୍ଗିରସମାନେ ତାହା ଜାଣନ୍ତି; ଗୋକାମନା କରି ସେମାନେ ମୋତେ ସୁରକ୍ଷା ଦେଇଛନ୍ତି, ସେଣୁ ମୁଁ ଆସିଛି । ହେ ପଣିଗଣ, ଏଠାରୁ ଅନ୍ୟ କୌଣସି ଏହାଠୁ ଭଲ ଏକ ସ୍ଥାନକୁ ପଳାୟନ କର । ଯେଉଁ ଗୋମାନଙ୍କୁ ତୁମେ ଅବରୋଧ କରି ରଖିଛ, ଯେଉଁ ଲୁପ୍ତାୟିତ ଗୋମାନଙ୍କୁ ବୃହସ୍ପତି, ସୋମ, ସବନ-ପ୍ରସ୍ତର (ଗ୍ରାବାଣଃ) ଓ ଜ୍ଞାନୋତ୍ତର ଋଷିମାନେ ଅନ୍ୱେଷଣ କରିଛନ୍ତି, ସେମାନେ 'ସତ୍ୟ' ଦ୍ୱାରା ଉର୍ଦ୍ଧ୍ୱାଭିମୁଖେ ଚାଳିତ ହୁଅନ୍ତୁ ।''[୧୦]

'ସୂର୍ଯ୍ୟ'ଙ୍କୁ ତଥା ବିକାଶକ 'ପୂଷଣ'ଙ୍କୁ ନିବେଦିତ ଋ. ୬।୫୩ ସୂକ୍ତରେ ପଣିଗଣ ସ୍ୱେଚ୍ଛାକୃତ ଭାବେ ନିଜ ଭଣ୍ଡାରକୁ ଖୋଲି ଦେବା ବିଷୟ ଆମେ ଦେଖିବାକୁ ପାଉ ।

---

୭ ଅସେନ୍ୟା ବଃ ପଣୟୋ ବଚାଂସି, ଅନିଷବ୍ୟାସ୍ତନ୍ୱଃ ସନ୍ତୁ ପାପୀଃ ।
ଅଧୃଷ୍ଟୋ ବ ଏତବା ଅସ୍ତୁ ପନ୍ଥାଃ, ବୃହସ୍ପତିର୍ବ ଉଭୟାନ ମୃଳାତ୍ ॥

୮ ଆ ଚ ଗଚ୍ଛାନ୍ ମିତ୍ରମେନା ଦଧାମ, ଅଥା ରବାଂ ଗୋପତିର୍ନୋ ଭବାତି । (୧୦।୧୦୮।୩)

୯ ନାହଂ ତଂ ବେଦ ଦଭ୍ୟଂ ଦଭତ୍ ସଃ, ଯସ୍ୟେଦଂ ଦୂତୀରସରଂ ପରାକାତ୍ । (୧୦।୧୦୮।୪)

୧୦ ନାହଂ ବେଦ ଭ୍ରାତୃତ୍ୱଂ ନୋ ସ୍ୱସୃତ୍ୱମିନ୍ଦ୍ରୋ ବିଦୁରଙ୍ଗିରସଶ୍ଚ ଘୋରାଃ ।
ଗୋକାମା ମେ ଅଚ୍ଛଦୟନ୍ ଯଦାୟମପାଚ ଇତ ପଣୟୋ ବରୀୟଃ ॥
ଦୂରମିତ ପଣୟୋ ବରୀୟ ଉଦ୍‌ଗାବୋ ଯନ୍ତୁ ମିନତୀର୍ଗତେନ ।
ବୃହସ୍ପତିର୍ୟା ଅବିନ୍ଦନ୍ନିଗୂଳ୍ହାଃ ସୋମୋ ଗ୍ରାବାଣ ଋଷୟଶ୍ଚ ବିପ୍ରାଃ ॥
(ଋ. ୧୦।୧୦୮।୧୦-୧୧)

ବୟମ୍ ତ୍ୱା ପଥସ୍ପତେ ରଥଂ ନ ବାଜସାତୟେ ।
ଧିୟେ ପୂଷନ୍ନୟୁଜ୍ମହି ॥୧॥

"ହେ ପୂଷନ୍, ହେ ମାର୍ଗପତି, ପ୍ରାଚୁର୍ଯ୍ୟ ଓ ଧୀ ଲାଭ ପାଇଁ ଆମେ ତୁମ ସହ ରଥରେ ଯୋଚା ହେବା ପରି ଯୁକ୍ତ ହେଉଛୁ ।"...

ଅଦିସ୍ପନ୍ତଂ ଚିଦାଘୃଣେ ପୂଷନ୍ ଦାନାୟ ଚୋଦୟ ।
ପଣେର୍ଭିଦ୍ ବି ମ୍ରଦା ମନଃ ॥୩॥

"ହେ ଦୀପ୍ତିମାନ୍ ପୂଷନ୍, ଆଦୌ ଦାନ କରିବାକୁ ଅନିଚ୍ଛୁକ 'ପଣି'କୁ ତୁମେ ଦାନ ପାଇଁ ପ୍ରେରଣା ଦିଅ, ପଣିର ମନକୁ ବି କୋମଳ କରିଦିଅ ।"

ବି ପଥୋ ବାଜସାତୟେ ଚିନୁହି ବି ମୃଧୋ ଜହି ।
ସାଧନ୍ତାମୁଗ୍ର ନୋ ଧିୟଃ ॥୪॥

"ଯେଉଁ ପଥସବୁ ପ୍ରାଚୁର୍ଯ୍ୟ ଲାଭ ଦିଗରେ ନେଇ ଯାଆନ୍ତି ସେଗୁଡ଼ିକୁ ତୁମେ ବାଛି ଦେଖାଇ ଦିଅ, ଆକ୍ରାମକମାନଙ୍କୁ ବଧ କର, ଆମମାନଙ୍କ ଧୀ ପୂର୍ଣ୍ଣତା ପ୍ରାପ୍ତ ହେଉ ।"

ପରି ତ୍ମନ୍ଧି ପଣୀନାମାରୟା ହୃଦୟା କବେ ।
ଅଥେମସ୍ମଭ୍ୟଂ ରନ୍ଧୟ ॥୫॥

"ହେ ଋଷି, ତୁମେ ନିଜ ଅଙ୍କୁଶ ଦ୍ୱାରା ପଣିର ହୃଦୟକୁ ବିଦ୍ଧ କର; ଏହିପରି ଭାବେ ତୁମେ ସେମାନଙ୍କୁ ଆମର ବଶୀଭୂତ କରାଅ ।"

ବି ପୂଷନ୍ନାରୟା ତୁଦ ପଣେରିଚ୍ଛ ହୃଦି ପ୍ରିୟମ୍ ।
ଅଥେମସ୍ମଭ୍ୟଂ ରନ୍ଧୟ ॥୬॥

"ହେ ପୂଷଣ, ତୁମ ଅଙ୍କୁଶ ଦ୍ୱାରା ତୁମେ ସେମାନଙ୍କୁ ପ୍ରହାର କର ଏବଂ ପଣିର ହୃଦୟରେ ଆମ ଆନନ୍ଦ କାମନା କର; ଏହିପରି ଭାବେ ସେମାନଙ୍କୁ ଆମର ବଶୀଭୂତ କର ।"...

ୟାଂ ପୂଷନ୍ ବ୍ରହ୍ମଚୋଦନୀମାରାଂ ବିଭର୍ଷ୍ୟାଘୃଣେ ।
ତୟା ସମସ୍ୟ ହୃଦୟମା ରିଖ କିକିରା କୃଣୁ ॥୮॥

"ହେ ଜ୍ୟୋତିର୍ମୟ ପୂଷଣ, ଯେଉଁ ଅଙ୍କୁଶ ତୁମେ ବହନ କରୁଛ ତାହା ମନ୍ତ୍ର ବାକ୍‌କୁ ଉତ୍ଥିତ ହେବାରେ ପ୍ରେରିତ କରେ, ତାହା ଦ୍ୱାରା ତୁମେ ସମସ୍ତଙ୍କ ହୃଦୟରେ ତୁମର ବାକ୍ୟପଂକ୍ତି ଲେଖ, ସେମାନଙ୍କୁ ଛିନ୍ନ ଭିନ୍ନ କର, (ଏହିପରି ଭାବେ ସେମାନଙ୍କୁ ଆମ ବଶୀଭୂତ କରାଅ) ।"

ୟା ତେ ଅଷ୍ଟ୍ରା ଗୋଓପଶାଽଘୃଣେ ପଶୁସାଧନୀ ।
ତସ୍ୟାସ୍ତେ ସୁମ୍ନମୀମହେ ॥୯॥

"ତୁମ ଅଙ୍କୁଶ, ଯାହାକି ତୁମ କିରଣର ଅଗ୍ରଭାଗ, ତାହା ଧୀଦୃଷ୍ଟିରୂପକ ପଶୁପଲଙ୍କୁ

ପୂର୍ଣ୍ଣତା ପ୍ରାପ୍ତ କରାଏ (**ପଶୁସାଧନୀ – ଧୀଦୃଷ୍ଟି, ଯଥା : ୪ର୍ଥ ଋକ୍‌ର ସାଧନ୍ତାଂ ଧିୟଃ**), ଆମେ ତା'ର ଆନନ୍ଦ କାମନା କରୁଛୁ ।''

ଉତ ନୋ ଗୋଷଣିଂ ଧିୟମଶ୍ୱସାଂ ବାଜସାମୁତ ।
ନୃବତ୍ କୃଣୁହି ବୀତୟେ ॥୧୦॥

''ଆମ ନିମନ୍ତେ ଗୋ-ଜୟୀ, ଅଶ୍ୱଜୟୀ ଓ ଧନପ୍ରାଚୁର୍ଯ୍ୟଜୟୀ ଧୀ ସୃଷ୍ଟିକର ।''

ପଣିଗଣଙ୍କର ଏହି ପ୍ରତୀକ ବିଷୟରେ ଆମେ କରିଥିବା ବ୍ୟାଖ୍ୟା ଯଦି ଯଥାର୍ଥ ତେବେ ଏହାର ସାଧାରଣ ଅର୍ଥକୁ ବଜାୟ ରଖି ମଧ୍ୟ ଏହି ଭାବଗୁଡ଼ିକ ପର୍ଯ୍ୟାପ୍ତ ଭାବେ ବୋଧଗମ୍ୟ ହେଉଛି, ଅଥଚ ସାୟଣ ଏହାର (ପଣିର) ଅର୍ଥ କରିଛନ୍ତି ସେ ଜଣେ କୃପଣ ବା ଲୋଭୀ ବ୍ୟକ୍ତି ଯାହାକୁ କୋମଳମନା ଓ ଦାନଶୀଳ କରିଦେବା ନିମନ୍ତେ କ୍ଷୁଧାତୁର କବି ସୂର୍ଯ୍ୟଦେବଙ୍କୁ କାକୁସ୍ଥ ହୋଇ ପ୍ରାର୍ଥନା କରିଛନ୍ତି । ବୈଦିକ ବିଚାର ଏରକି ଥିଲା ଯେ ଦିବ୍ୟଜୀବନ ସହ ସମ୍ବନ୍ଧିତ ଯେଉଁ ସମସ୍ତ ଐଶ୍ୱର୍ଯ୍ୟ ଅବଚେତନ ଅନ୍ଧକାର ଓ ଅଜ୍ଞାନତାର ସାଧାରଣ ଜୀବନ ମଧ୍ୟରେ ପ୍ରଚ୍ଛନ୍ନ ରହିଛି ସେହିସବୁ ଗୁପ୍ତ ସମ୍ପଦକୁ ନିଶ୍ଚିତ ରୂପେ ଉଦ୍ଧାର କରିବାକୁ ହେବ, ସେଥିପାଇଁ ପ୍ରଥମେ ଅନୁତାପବିହୀନ ଶତ୍ରୁମାନଙ୍କର ଧ୍ୱଂସ ଅବଶ୍ୟମ୍ଭାବୀ ଏବଂ ତା'ପରେ ନିମ୍ନତର ଜୀବନକୁ ଉଚ୍ଚତର ଜୀବନର ଅଧୀନସ୍ଥ କରିବାକୁ ହେବ । ଆମେ ଯାହା ଦେଖିଲୁ, ଇନ୍ଦ୍ରଙ୍କ ସମ୍ବନ୍ଧରେ କୁହାଯାଇଛି ଯେ ସେ 'ଦସ୍ୟୁ'କୁ ହୁଏତ ବଧ କରନ୍ତି ନଚେତ୍ ଜୟ କରନ୍ତି ଏବଂ ତା'ର ସେହି ଧନ ସମ୍ପଦକୁ ଆର୍ଯ୍ୟଙ୍କୁ ହସ୍ତାନ୍ତର କରନ୍ତି । ସେହିପରି 'ସରମା' ମଧ୍ୟ ପଣିଗଣଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରି ଶାନ୍ତି ରକ୍ଷା ସକାଶେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରନ୍ତି, ବରଂ ଦେବଗଣ ତଥା ଆର୍ଯ୍ୟଙ୍କଠାରେ ପଣିମାନେ ଆତ୍ମସମର୍ପଣ ମାଧ୍ୟମରେ ଅବନତ ହୁଅନ୍ତୁ ବୋଲି ସେ ପ୍ରସ୍ତାବ ଦିଅନ୍ତି ଓ କହନ୍ତି ଯେ ସେମାନଙ୍କ ପାଖରେ ଅବରୁଦ୍ଧ ଥିବା ଗୋମାନଙ୍କୁ ଉର୍ଦ୍ଧ୍ୱାରୋହଣ କରି ଦିଆଯାଉ ଏବଂ ସେମାନେ ନିଜେ ଅନ୍ଧକାରରୁ ବାହାରି ଅନ୍ୟ ଭଲ ଏକ ସ୍ଥାନକୁ ପ୍ରସ୍ଥାନ କରନ୍ତୁ, **ଆ ବରୀୟଃ** (ଋ. ୧୦।୧୦୮।୧୦-୧୧) । ଆହୁରି ମଧ୍ୟ, ଜ୍ୟୋତିର୍ମୟ ଦ୍ରଷ୍ଟା, ସତ୍ୟାଧିପତି 'ପୂଷଣ'ଙ୍କର ଯେଉଁ ଅଙ୍କୁଶ, ତାହା ନିଜ ପ୍ରଚଣ୍ଡାଘାତ ଦ୍ୱାରା ସେମାନଙ୍କ ରୁଦ୍ଧ ହୃଦୟକୁ ଉନ୍ମୋଚନ କରେ ଏବଂ ତାହାହିଁ ହୃଦୟର ଗଭୀର ପ୍ରଦେଶରୁ ପବିତ୍ର ବାକ୍‌ର (ମନ୍ତ୍ରର) ଉତ୍ଥାନ ଘଟାଏ, ଏହି ଅଙ୍କୁଶର ଅଗ୍ରଭାଗ ଦୀପ୍ତ ଓ ତାହା ଜ୍ୟୋତିର୍ମୟ ଗୋମାନଙ୍କୁ ପୂର୍ଣ୍ଣତା ପ୍ରଦାନ କରେ ଏବଂ ଉଜ୍ଜ୍ୱଳ ଭାବନାଗୁଡ଼ିକୁ ସିଦ୍ଧ କରାଏ, ଏହାରି ଦ୍ୱାରାହିଁ ପଣିର ହୃଦୟ-ପରିବର୍ତ୍ତନ ସାଧିତ ହୁଏ; ତା'ପରେ ତା'ର ଅନ୍ଧକାରାଚ୍ଛନ୍ନ ହୃଦୟ ମଧ୍ୟରେ 'ସତ୍ୟ-ଦେବତା' ଆର୍ଯ୍ୟର କାମାନୁରୂପା କାମନା ପୋଷଣ କରନ୍ତି । ତେଣୁ 'ଜ୍ୟୋତିଃ' ଓ 'ସତ୍ୟ'ର ଏହି ଅନ୍ତର୍ଭେଦୀ କ୍ରିୟା ଦ୍ୱାରା ସାଧାରଣ ତଥା ଅଜ୍ଞାନ ଇନ୍ଦ୍ରିୟକ୍ରିୟାତ୍ମିକା ଶକ୍ତିଗୁଡ଼ିକ ଆର୍ଯ୍ୟଙ୍କର ବଶୀଭୂତ ହୋଇଯା'ନ୍ତି ।

କିନ୍ତୁ ସାଧାରଣତଃ ସେମାନେ (ପଣିମାନେ) ତାଙ୍କର ଶତ୍ରୁ, ବଶ୍ୟତା ଓ ସେବା ଅର୍ଥରେ ଦାସ ନୁହନ୍ତି (କର୍ମାର୍ଥକ 'ଦସ୍' ଧାତୁରୁ ଦାସ – ଭୃତ୍ୟ), କିନ୍ତୁ ଧ୍ୱଂସ ଓ କ୍ଷତି ଅର୍ଥରେ 'ଦାସ' (ଦସ, ଦସ୍ୟୁ, ଜଣେ ଶତ୍ରୁ, ଲୁଣ୍ଠକ – ଏହି ଶବ୍ଦ ବିଭକ୍ତ କରିବା, ଆଘାତ କରିବା, କ୍ଷତି କରିବା ଅର୍ଥ ବୁଝାଉ ଥିବା 'ଦସ୍'ରୁ ନିଷ୍ପନ୍ନ) । 'ପଣି'ର ଅର୍ଥ ହେଉଛି – ଯିଏ ଜ୍ୟୋତିରୂପକ ଗୋଯୂଥ, ତୀବ୍ରଗତି ରୂପକ ଅଶ୍ୱଗଣ ଏବଂ ଦିବ୍ୟ ପ୍ରାଚୁର୍ଯ୍ୟ ରୂପକ ସମ୍ପଦମାନ ଅପହରଣ କରେ । ସେ ହେଉଛି 'ବୃକ', ଖାଦକ (ଅତ୍ରି), ସେ ବିଘ୍ନକାରୀ 'ନିଦ୍' ଓ ବାକ୍-ବିକୃତକାରୀ । ସେ ଶତ୍ରୁ, ତସ୍କର, ମିଥ୍ୟା ବା ଅଶୁଭ ଚିନ୍ତକ, ଯିଏକି ନିଜକୃତ ଲୁଣ୍ଠନ ଦ୍ୱାରା ତଥା ବିଘ୍ନ ଘଟାଇବା ଦ୍ୱାରା 'ପଥ' ଦୁର୍ଗମ କରେ; ''ଏହି ଧୀବିଭ୍ରାନ୍ତକାରୀ କୁଟିଳ ଶତ୍ରୁ ତଥା ତସ୍କରକୁ ଆମଠାରୁ ବହୁ ଦୂରକୁ ନିକ୍ଷେପ କର, ହେ ଅସ୍ତିତ୍ୱର ପ୍ରଭୁ (ସତ୍‌ପତେ) ! ଆମର ପଥ ସୁଗମ କର । ପଣିକୁ ବଧ କର, କାରଣ ସେ ବୃକ, ଭକ୍ଷକ'' (ଋ. ୬।୫୧।୧୩-୧୪)[୧୧] ।... ଆକ୍ରମଣ ପାଇଁ ସେ ଉଦ୍ୟତ, ଦେବଗଣ ତାକୁ ପ୍ରତିହତ କରିବା ଉଚିତ । ''ଏହି ଦେବ (ସୋମ) ଜାତ ହୋଇ ଓ ଇନ୍ଦ୍ରଙ୍କୁ ସହାୟକ ରୂପେ ଲାଭ କରି ବଳପୂର୍ବକ ପଣିକୁ ପ୍ରତିହତ କରିଥିଲେ'' (ଋ. ୬।୪୪।୨୨),[୧୨] ଏବଂ ସ୍ୱର୍, ସୂର୍ଯ୍ୟ ଓ ସମସ୍ତ ସମ୍ପଦ ଲାଭ କରିଥିଲେ । ପଣିମାନଙ୍କୁ ହୁଏତ ବଧ ନଚେତ୍ ପରାହତ କରିବା ଆବଶ୍ୟକ ଯାହା ଫଳରେ ସେମାନଙ୍କ ଧନ ସମ୍ପଦକୁ ବଳପୂର୍ବକ ସେମାନଙ୍କଠାରୁ ଛିନ୍ନ କରି ମହତ୍ତର ଜୀବନ ନିମନ୍ତେ ବିନିଯୋଗ କରାଯାଇପାରେ । ''ହେ ସରସ୍ୱତି, ପଣିକୁ ତୁମେ ତା'ର ପଙ୍‌କ୍ତିବଦ୍ଧ ସୈନ୍ୟମାନଙ୍କ ବ୍ୟୂହ ମଧ୍ୟରେ ବିନାଶ କରିଥିଲ । ଏହା ତୁମର ଏକ ମହତ୍ ଅବଦାନ । ହେ ସରସ୍ୱତି, ଦେବଗଣଙ୍କର ବିଘ୍ନକାରୀମାନଙ୍କୁ ବିଦଳିତ କର'' (ଋ. ୬।୬୧।୧,୩) ।[୧୩] ''ହେ ଅଗ୍ନି-ସୋମ, ଯେତେବେଳେ ତୁମେ ପଣିଠାରୁ ଗୋମାନଙ୍କୁ ବଳପୂର୍ବକ ଲୁଣ୍ଠନ କରି ନେଲ ଓ ବହୁଜନଙ୍କ ପାଇଁ ଏକମାତ୍ର 'ଜ୍ୟୋତି' ପ୍ରାପ୍ତ କଲ ସେତେବେଳେ ତୁମର ଶକ୍ତି ଜାଗ୍ରତ ହୋଇଥିଲା'' (ଋ. ୧।୯୩।୪) ।[୧୪]

ଦେବଗଣ ଉଷାକାଳରେ ଯଜ୍ଞ ନିମନ୍ତେ ଜାଗ୍ରତ ହେବାବେଳେ ସେହି ଫଳପ୍ରସୂ

---

[୧୧] ଅପ ତ୍ୟଂ ବୃଜିନଂ ରିପୁଂ ସ୍ତେନମଗ୍ନେ ଦୁରାଧ୍ୟମ୍ । ଦବିଷ୍ଠମସ୍ୟ ସତ୍‌ପତେ କୃଧୀ ସୁଗମ୍ ॥
... ଜହୀ ନ୍ୟତ୍ରିଣଂ ପଣିଂ ବୃକୋ ହି ଷଃ ॥ (ଋ. ୬।୫୧।୧୩-୧୪)

[୧୨] ଅୟଂ ଦେବଃ ସହସା ଜାୟମାନ ଇନ୍ଦ୍ରେଣ ଯୁଜା ପଣିମସ୍ତଭାୟତ୍ । (ଋ. ୬।୪୪।୨୨)

[୧୩] ୟା ଶଶ୍ୱନ୍ତମାଚଖାଦାବସଂ ପଣିଂ ତା ତେ ଦାତ୍ରାଣି ତବିଷା ସରସ୍ୱତି ।
ସରସ୍ୱତି ଦେବନିଦୋ ନିବର୍ହୟ ॥ (ଋ. ୬।୬୧।୧, ୩)

[୧୪] ଅଗ୍ନିଷୋମା ଚେତି ତଦ୍ ବୀର୍ୟଂ ବାଂ ୟଦମୁଷ୍ଣୀତମବସଂ ପଣିଂ ଗାଃ ।
(ଅବାତିରତଂ ବୃସୟସ୍ୟ ଶେଷଃ) ଅବିନ୍ଦତଂ ଜ୍ୟୋତିରେକଂ ବହୁଭ୍ୟଃ ॥ (ଋ. ୧।୯୩।୪)

ଅଗ୍ରଗତିରେ ବିଘ୍ନ ଘଟାଇବାକୁ ପଣିମାନେ ଯେପରି ଜାଗ୍ରତ ନ ହୁଅନ୍ତି; ସେମାନେ ନିଜ ଅନ୍ଧକାର ଗୁହା ମଧ୍ୟରେ ଶୋଇ ରହନ୍ତୁ । ''ହେ ପ୍ରାଚୁର୍ଯ୍ୟର ରାଣୀ ଉଷା, ଆମର ପୂର୍ତ୍ତାକାରୀ ସେମାନଙ୍କୁ (ଦେବଗଣଙ୍କୁ) ଜାଗ୍ରତ କର, କିନ୍ତୁ ପଣିମାନେ ଅପ୍ରବୁଦ୍ଧ ହୋଇ ଶୋଇ ରହନ୍ତୁ । ହେ ଐଶ୍ୱର୍ଯ୍ୟର ରାଣୀ, ପ୍ରାଚୁର୍ଯ୍ୟର ଅଧିପତିମାନଙ୍କ ନିମନ୍ତେ ତୁମେ ଐଶ୍ୱର୍ଯ୍ୟମୟୀ ଉଷା, ତୁମ ସ୍ତୋତାମାନଙ୍କ ପାଇଁ ତୁମେ ପ୍ରାଚୁର୍ଯ୍ୟମୟୀ, ହେ 'ଉଷା' ତୁମେହିଁ 'ସତ୍ୟ' । ଯୁବତୀ ସେ ଆମ ସମ୍ମୁଖରେ ଦୀପ୍ତିମୟୀ ହୋଇ ଉଠୁଛନ୍ତି, ସେ ନିଜର ଅରୁଣବର୍ଣ୍ଣ ଗୋ ଯୂଥ ସୃଷ୍ଟି କରିଛନ୍ତି; ଅସତ୍ ମଧ୍ୟରେ ଜ୍ଞାନଦୃଷ୍ଟି ସୁବ୍ୟାପ୍ତ ହୋଇ ପ୍ରକଟ ହେଉଛି'' (ଋ. ୧।୧୨୪।୧୦, ୧୧)[୧୫] । ଆହୁରି ମଧ୍ୟ ଋ. ୪।୫୧।୧-୩[୧୬] ଋକ୍‌ମାନଙ୍କରେ କୁହାଯାଇଛି — ''ଦେଖ, ଆମ ସମ୍ମୁଖରେ ଅନ୍ଧକାର ମଧ୍ୟରୁ ଏହି ଜ୍ଞାନପୂର୍ଣ୍ଣ ପରମ ଜ୍ୟୋତିଃ ଉଦିତ ହୋଇଛି; ପ୍ରଭାମୟୀ ଦ୍ୟୁ-କନ୍ୟା ଉଷାମାନେ ଉତ୍ତା ହୋଇଛନ୍ତି, ସେଇ ଉଷାମାନେ ମନୁଷ୍ୟ ନିମନ୍ତେ ପଥ ସୃଷ୍ଟି କରିଛନ୍ତି । ଉଷାଗଣ ଆମ ସମ୍ମୁଖରେ ଯଜ୍ଞସ୍ତମ୍ଭ ପରି ଦଣ୍ଡାୟମାନା; ବିମଳା ଓ ପାବନୀ ରୂପେ ଉଦୀୟମାନା (ଉଷାଗଣ) ଅନ୍ଧକାର ରୂପକ କାରାଗୋଷ୍ଠର ଦ୍ୱାର ମୁକ୍ତ କରି ଦେଉଛନ୍ତି । ପ୍ରଚୁର ସୁଖଦାନ ନିମନ୍ତେ ଆଜି ଉଷାମାନେ ପ୍ରକଟ ହୋଇ ଭୋକ୍ତାମାନଙ୍କୁ ଜ୍ଞାନରେ ପ୍ରବୁଦ୍ଧ କରୁଛନ୍ତି; ଆଲୋକର କୌଣସି ଲୀଳା ନ ଥିବା ସେହି ଅନ୍ଧକାର ମଧ୍ୟରେ ପଣିମାନେ ଶୋଇ ରହନ୍ତୁ, ଆଦୌ ଜାଗ୍ରତ ନ ହୁଅନ୍ତୁ ।'' ସେମାନଙ୍କୁ ଉଚ୍ଚତର ଲୋକ ମଧ୍ୟରୁ ନିମ୍ନର ଏହି ଅନ୍ଧକାର ମଧ୍ୟକୁ ସେମାନଙ୍କୁ ନିଜକୁ ନିକ୍ଷିପ୍ତ କରିବାକୁ ହେବ ଏବଂ ଏହି ଅବସରରେ ସେହି ରାତ୍ରି ମଧ୍ୟରେ ସେମାନଙ୍କ ଦ୍ୱାରା କାରାରୁଦ୍ଧ ହୋଇ ରହିଥିବା ଉଷାମାନଙ୍କୁ ଉଚ୍ଚତମ ଲୋକ ମଧ୍ୟକୁ ଉତ୍ତୋଳିତ କରି ନେବାକୁ ହେବ ।

ନ୍ୟକ୍ରତୂନ୍ ଗ୍ରଥ୍ନୋ ମୃଧ୍ରବାଚଃ ପଣାଁରଶ୍ରଦ୍ଧାଁ ଅବୃଧାଁ ଅୟଜ୍ଞାନ୍ ।

---

୧୫ ପ୍ର ବୋଧୟୋଷଃ ପୃଣତୋ ମଘୋନ୍ୟବୁଧ୍ୟମାନାଃ ପଣୟଃ ସସନ୍ତୁ ।
ରେବଦୁଚ୍ଛ ମଘବଦ୍ଭ୍ୟୋ ମଘୋନି ରେବତ୍ ସ୍ତୋତ୍ରେ ସୂନୃତେ ଜାରୟନ୍ତୀ ॥୧୦॥
ଅବେୟମଶ୍ୱୈଦ୍ ଯୁବତିଃ ପୁରସ୍ତାଦ୍ ଯୁଙ୍କ୍ତେ ଗବାମରୁଣାନାମନୀକମ୍ ।
ବି ନୂନମୁଚ୍ଛାଦସତି ପ୍ର କେତୁର୍ଗୃହଂ ଗୃହମୁପ ତିଷ୍ଠାତେ ଅଗ୍ନିଃ ॥୧୧॥

୧୬ ଇଦମୁ ତ୍ୟତ୍ ପୁରୁତମଂ ପୁରସ୍ତାଜ୍ଜ୍ୟୋତିସ୍ତମସୋ ବୟୁନାବଦଗ୍ମାତ୍ ।
ନୂନଂ ଦିବୋ ଦୁହିତରୋ ବିଭାତୀର୍ଗାତୁଂ କୃଣବନ୍ନୁଷସୋ ଜନାୟ ॥୧॥
ଅସ୍ଥୁରୁ ଚିତ୍ରା ଉଷସଃ ପୁରସ୍ତାନ୍ନିତା ଇବ ସ୍ୱରବୋଽଧ୍ୱରେଷୁ ।
ବ୍ୟୁ ବ୍ରଜସ୍ୟ ତମସୋ ଦ୍ୱାରୋଚ୍ଛନ୍ତୀରବ୍ରଞ୍ଚୁଚୟଃ ପାବକାଃ ॥୨॥
ଉଚ୍ଛନ୍ତୀରଦ୍ୟ ଚିତୟନ୍ତ ଭୋଜାନ୍ ରାଧୋଦେୟାୟୋଷସୋ ମଘୋନୀଃ ।
ଅଚିତ୍ରେ ଅନ୍ତଃ ପଣୟଃ ସମନ୍ତବୁଧ୍ୟମାନାସ୍ତମସୋ ବିମଧ୍ୟେ ॥୩॥

ପ୍ରପ୍ର ତାନ୍ ଦସ୍ୟୁଁରଗ୍ନିର୍ବିବାୟ ପୂର୍ବଣ୍ଡ କାରାପରାଁ ଅୟକ୍ଷ୍ୟନ୍ ।। (ଋ. ୬।୬।୩)

ଯେଉଁ ପଣିମାନେ କୁଟିଳତାର ଗ୍ରନ୍ଥି ରଚନା କରନ୍ତି, କର୍ମରେ ଯେଉଁମାନେ ସଂକଳ୍ପବିହୀନ, ମନ୍ତ୍ର ବାକ୍‌ର ବିକୃତକାରୀ, ସେହି ବିଶ୍ୱାସହୀନ ବୃଦ୍ଧିରହିତ ଓ ଅଯାଜ୍ଞିକମାନଙ୍କୁ ଅଗ୍ନି ଦୂରରୁ ଦୂରତର ସ୍ଥାନକୁ ବିତାଡ଼ିତ କରିଛନ୍ତି, ଅଯାଜ୍ଞିକମାନଙ୍କୁ ସେହି ପରମପ୍ରଭୁ ନୀଚତମ ସ୍ଥାନକୁ ଘଉଡ଼ାଇ ଦେଇଛନ୍ତି ।''

ୟୋ ଅପାଚୀନେ ତମସି ମଦନ୍ତୀଃ ପ୍ରାଚୀଣ୍ଡକାର ନୃତମଃ ଶଚୀଭିଃ ।...´ ।।୪।।

''ଆହୁରି ମଧ୍ୟ ଯେଉଁମାନେ (ଗୋ, ଉଷା) ନିମ୍ନତମ ଅନ୍ଧକାର ମଧ୍ୟରେ ସୁଖସୁପ୍ତ ଭାବେ ରହିଥିଲେ ସେମାନଙ୍କୁ (ପଣିଙ୍କୁ) ନିଜ ଶକ୍ତି ଦ୍ୱାରା ସେହି ନୃତମ (ଅଗ୍ନି) ଉଚ୍ଚତମ ଲୋକକୁ ଚାଳିତ କରିଛନ୍ତି ।''

ୟୋ ଦେହ୍ୟୋ ଅନମୟତ୍ ବଧସ୍ନେର୍ୟୋ ଅର୍ୟପତ୍ନୀରୁଷସଣ୍ଡକାର ।... ।।୫।।

''... ସେ ନିଜ ଆଘାତ ଦ୍ୱାରା ସୀମାବଦ୍ଧକାରୀ ପ୍ରାଚୀରଗୁଡ଼ିକୁ ଭଗ୍ନ କରିଛନ୍ତି ଓ ଉଷାମାନଙ୍କୁ ଆର୍ଯ୍ୟର ସହଚାରିଣୀ (ଅର୍ୟପତ୍ନୀ) କରିଛନ୍ତି'' — **ଅର୍ୟପତ୍ନୀ ଉଷସଃ ଚକ୍ରାର** । ନଦୀ ଓ ଉଷାମାନେ 'ବୃତ୍ର' ବା 'ବଳ'ର ଅଧିକାରରେ ଥିବାବେଳେ ସେମାନଙ୍କୁ **'ଦାସପତ୍ନୀଃ'** ବୋଲି କୁହାଯାଇଛି; ଦେବଗଣଙ୍କ କର୍ମ ଦ୍ୱାରା ସେମାନେ **'ଅର୍ୟପତ୍ନୀଃ'** ଅର୍ଥାତ୍ ଆର୍ୟର ସହାୟିକା ସହଚରୀ ହୋଇଯା'ନ୍ତି ।

ଅଜ୍ଞାନତାର ଅଧିପମାନଙ୍କୁ ବଧ କରିବାକୁ ହେବ କିଂବା 'ସତ୍ୟ'ର ଓ ସତ୍ୟାନ୍ୱେଷୀମାନଙ୍କର ଅଧୀନସ୍ଥ କରିବାକୁ ହେବ, କିନ୍ତୁ ସେମାନଙ୍କ ସମ୍ପଦ ମାନବୀୟ ପୂର୍ଣ୍ଣତା ନିମନ୍ତେ ଅପରିହାର୍ଯ୍ୟ; ଏହା ଯେପରି ''ପଣିମାନଙ୍କ ସମ୍ପଦପୂର୍ଣ୍ଣ ମସ୍ତକ ଉପରେ'' ଇନ୍ଦ୍ରଙ୍କ ଅବସ୍ଥାନ — **ପଣୀନାଂ ବର୍ଷିଷ୍ଠେ ମୂର୍ଧନ୍ ଅସ୍ଥାତ୍** (ଋ. ୬।୪୫।୩୧); ସେ ସ୍ୱୟଂ ଜ୍ୟୋତି ରୂପକ ଗୋ ଓ ତୀବ୍ରତା ରୂପକ ଅଶ୍ୱ ବନିଯାନ୍ତି[୧୭] ଓ ପ୍ରଚୁର ପରିମାଣରେ ନିତ୍ୟବର୍ଧମାନ ସହସ୍ରବିଧ ସମ୍ପଦ ପ୍ରଦାନ କରନ୍ତି ।[୧୮] ଆମେ ପୂର୍ବରୁ ଜାଣିଛୁ ଯେ ପଣିଗଣଙ୍କର ଏହି ଜ୍ୟୋତିର୍ମୟ ସମ୍ପଦର ପୂର୍ଣ୍ଣତା ଓ ସ୍ୱର୍ଗ ଅଭିମୁଖେ ତା'ର ଉତ୍ତରଣ ହେଉଛି 'ପଥ' ଓ 'ଅମୃତତ୍ୱ'ର ଜନ୍ମ । ''ଅଙ୍ଗିରସମାନେ (ସତ୍ୟର) ପରମ ଅଭିବ୍ୟକ୍ତିକୁ ଧାରଣ କରିଥିଲେ, ସେମାନେ ଉତ୍ତମ ରୂପେ କର୍ମ ସମ୍ପାଦନ କରି 'ଅଗ୍ନି' ପ୍ରଜ୍ୱଳନ କରିଥିଲେ; ସେମାନେ ପଣିର ସମଗ୍ର ଭୋଗକୁ ତଥା ସେମାନଙ୍କ ଗୋଯୂଥ ଓ ଅଶ୍ୱସମୂହକୁ ଲାଭ କରିଥିଲେ । ଅଥର୍ବଣ୍ ପ୍ରଥମେ 'ପଥ' ନିର୍ମାଣ କଲେ, ତା'ପରେ 'ସତ୍ୟ ବିଧାନ'ର ରକ୍ଷକ ଓ ଆନନ୍ଦମୟ ପୁରୁଷ ରୂପେ 'ସୂର୍ଯ୍ୟ'ଙ୍କର ଜନ୍ମ ହେଲା — **ତତଃ ସୂର୍ୟୋ ବ୍ରତପା ବେନ ଆଜନି** । ଉଶନା କାବ୍ୟ ଗୋମାନଙ୍କୁ ଊର୍ଦ୍ଧ୍ୱକୁ ଚାଳନା କଲେ । ସେମାନଙ୍କ ସହିତ

---

[୧୭] **ଗୌରସି ବୀର ଗବ୍ୟତେ, ଅଶ୍ୱୋ ଅଶ୍ୱାୟତେ ଭବ ।।** (ଋ. ୬।୪୫।୨୬)

[୧୮] **ୟସ୍ୟ ବାୟୋରିବ ଦ୍ରବତ୍ ଭଦ୍ରା ରାତିଃ ସହସ୍ରିଣୀ ।।** (ଋ. ୬।୪୫।୩୨)

ଆମେ ଯେପରି ସତ୍ୟ ବିଧାନର ଅଧିପତିଙ୍କ ସନ୍ତାନ ରୂପେ ଜାତ ହୋଇଥିବା ଅମୃତତ୍ୱକୁ ଯଜ୍ଞ ଦ୍ୱାରା ଲାଭ କରିପାରୁ।" – **ୟମସ୍ୟ ଜାତମ୍ ଅମୃତଂ ଯଜାମହେ** (ଋ. ୧।୮୩।୪,୫)।[୧୯] **ଅଙ୍ଗିରା** ଋଷି ଦ୍ରଷ୍ଟୃସଂଜ୍ଞକର ପ୍ରତୀକ, **ଅଥର୍ବଣ୍** 'ପଥ'ରେ ଯାତ୍ରା କରୁଥିବା ଋଷି, **ଉଶନା** ଜାବ୍ୟ ଦ୍ରଷ୍ଟୃଜ୍ଞାନରୁ ଜାତ ସ୍ୱର୍ଗାଭିମୁଖୀ ଜୀବନର ଋଷି। ଅଙ୍ଗିରସଗଣ ନିମ୍ନତର ଜୀବନ ଓ ଏହାର ତ୍ରୁଟିଜନିତ ପଣ୍ଡାତରେ ପ୍ରଚ୍ଛନ୍ନ ଥିବା ସତ୍ୟର ଦୀପ୍ତି ଓ ଶକ୍ତିମାନଙ୍କର ସମ୍ପଦ ଜୟ କରନ୍ତି, ସେମାନଙ୍କ ବଳ ଦ୍ୱାରା ଅଥର୍ବଣ୍ 'ପଥ' ରଚନା କରନ୍ତି ଓ ତା'ପରେ ଜ୍ୟୋତିଃର ଅଧିପତି 'ସୂର୍ଯ୍ୟ' ଦିବ୍ୟ ବିଧାନ ଓ ଯମଶକ୍ତିର ରକ୍ଷକ ରୂପେ ଜାତ ହୁଅନ୍ତି; 'ଉଶନା' ଆମର ଧୀ ରୂପକ ଯୂଥବଦ୍ଧ ଜ୍ୟୋତିଃମାନଙ୍କୁ ସତ୍ୟ ପଥ ଦେଇ ସୂର୍ଯ୍ୟ-ଅଧିକୃତ ଊର୍ଦ୍ଧ୍ୱସ୍ଥ ଆନନ୍ଦ ମଧକୁ ଚାଳିତ କରନ୍ତି। ଏହିପରି ଭାବେ ସତ୍ୟ ବିଧାନରୁ ଅମୃତତ୍ୱର ଜନ୍ମ ହୁଏ, ଏବଂ ଏହାକୁ ଲାଭ କରିବା ନିମନ୍ତେ ଆର୍ଯ୍ୟର ଅନ୍ତରାତ୍ମା ଯଜ୍ଞ ଦ୍ୱାରା ଆତ୍ମାହୁତି କରେ।

---

[୧୯] ଆଦଙ୍ଗିରାଃ ପ୍ରଥମଂ ଦଧିରେ ବୟ ଇଷ୍ଟାପୂୟଃ ଶମ୍ୟା ଯେ ସୂକୃତ୍ୟୟା।
ସର୍ବଂ ପଣେଃ ସମବିନ୍ଦନ୍ତ ଭୋଜନମଶ୍ୱାବନ୍ତଂ ଗୋମନ୍ତମା ପଶୁଂ ନରଃ ॥୪॥
ୟଜ୍ଞୈରଥର୍ବା ପ୍ରଥମଃ ପଥସ୍ତତେ ତତଃ ସୂର୍ଯୋ ବ୍ରତପା ବେନ ଆଜନି।
ଆ ଗା ଆଜଦୁଶନା କାବ୍ୟଃ ସଚା ୟମସ୍ୟ ଜାତମମୃତଂ ଯଜାମହେ ॥୫॥

ତ୍ରୟୋବିଂଶ ଅଧ୍ୟାୟ

ସିଦ୍ଧାନ୍ତଗୁଡ଼ିକର ସାର

ବର୍ତ୍ତମାନ ଆମେ ଋଗ୍‌ବେଦର ଆଙ୍ଗିରସ ଉପାଖ୍ୟାନକୁ ସମସ୍ତ ସମ୍ଭାବ୍ୟ ଦିଗରୁ ତଥା ଏଥିରେ ଥିବା ତାହାର ସକଳ ମୁଖ୍ୟ ପ୍ରତୀକ ଦ୍ୱାରା ଅତି ନିବିଡ଼ ଭାବେ ଯେପରି ପରୀକ୍ଷା ନିରୀକ୍ଷା କଲୁ ଓ ତା'ଦ୍ୱାରା ଆମେ ଯେଉଁସବୁ ସିଦ୍ଧାନ୍ତରେ ଉପନୀତ ହେଲୁ, ସେଥିରୁ ସେଗୁଡ଼ିକର ସାର ନିଶ୍ଚିତ ରୂପେ ନିର୍ଦ୍ଧାରଣ କରିବା ଅବସ୍ଥାରେ ଆମେ ପହଞ୍ଚିଛୁ । ପୂର୍ବରୁ ମୁଁ ଯେପରି କହିଛି, ଆଙ୍ଗିରସ ଉପାଖ୍ୟାନ ଓ ବୃତ୍ରର ପୌରାଣିକ କଥାନକ, ଏ ଦୁଇଟିଯାକ ବେଦର ପ୍ରଧାନ ଆଧ୍ୟାତ୍ମିକ ରହସ୍ୟବ୍ୟଞ୍ଜକ ରୂପକଥା; ଏ ବିଷୟଦ୍ୱୟ କେବଳ ଥରେ ନୁହେଁ ଅନବରତ ଥରକୁ ଥର ସର୍ବତ୍ର ଆସିଛନ୍ତି : ପ୍ରତୀକାତ୍ମକ ରୂପକମାନଙ୍କ ସହ ଅତି ନିବିଡ଼ଭାବେ ସଂଯୁକ୍ତ ସୂତ୍ରଦ୍ୱୟ ରୂପେ ଏ ଦୁଇଟି ବିଭିନ୍ନ ସୂକ୍ତ ମଧ୍ୟରେ ପ୍ରସୃତ ହୋଇଛନ୍ତି ଓ ଏହାଙ୍କ ଚତୁଷ୍ପାର୍ଶ୍ୱରେ ବୈଦିକ ପ୍ରତୀକ ବ୍ୟବସ୍ଥାର ଅବଶିଷ୍ଟ ସମସ୍ତ ବିଷୟ ସଂଗ୍ରଥିତ । ଏ ଦୁଇଟି ଯେ ବେଦର କେନ୍ଦ୍ରୀୟ ଭାବ, ତା' ନୁହେଁ, ପରନ୍ତୁ ଏହି ଦୁଇଟିକୁ ସୁପ୍ରାଚୀନ ସୌଧର ପ୍ରଧାନ ସ୍ତମ୍ଭଦ୍ୱୟ ବୋଲି କହିବାକୁ ହେବ । ଏହି ରୂପକଳ୍ପଦ୍ୱୟର ତାତ୍ପର୍ଯ୍ୟ ନିର୍ଦ୍ଧାରିତ ହୋଇଗଲେ ସମୁଦାୟ ଋଗ୍‌ବେଦ-ସଂହିତାର ରହସ୍ୟାର୍ଥ ପ୍ରତିଷ୍ଠିତ ହୋଇଯିବ । 'ବୃତ୍ର' ଓ 'ଆପଃ' ଯଦି ମେଘ ତଥା ଜଳ ବୃଷ୍ଟିର ତଥା ପରିପ୍ଲାବିତା ହୋଇ ପ୍ରବାହିତା ପଞ୍ଜାବସ୍ଥ ସପ୍ତ ନଦୀର ପ୍ରତୀକ ହୁଅନ୍ତି ଏବଂ ଯଦି ଅଙ୍ଗିରସମାନେ ପାର୍ଥିବ ଉଷାର ଆନୟନକାରୀ ହୁଅନ୍ତି ତେବେ ବେଦ ହେଉଛି ସେହିସବୁ ପ୍ରାକୃତିକ ଘଟଣାର ପ୍ରତୀକାତ୍ମିକା ବର୍ଣ୍ଣନା ଯେଉଁଥିରେ ଦେବବୃନ୍ଦ, ଋଷିଗଣ ଓ ବିଘ୍ନକାରୀ ଦୈତ୍ୟଗଣଙ୍କୁ ବ୍ୟକ୍ତି ରୂପ ଦିଆ ଯାଇଛି । ବୃତ୍ର ଓ ବଳ ଯଦି ଦ୍ରାବିଡ଼-ଦେବତା ହୁଅନ୍ତି ଏବଂ ପଣି ଓ ବୃତ୍ରଗଣ ଯଦି ମନୁଷ୍ୟ ଶତ୍ରୁ ହୁଅନ୍ତି ତେବେ ବେଦକୁ ସେସମୟର ପ୍ରକୃତି-ଉପାସକ ଅସଭ୍ୟ (Barbarians) ଆର୍ଯ୍ୟମାନଙ୍କ ଦ୍ୱାରା ଦ୍ରାବିଡ଼ୀୟ ଭାରତ ଉପରେ ଆକ୍ରମଣର ଏକ କାବ୍ୟିକ ଓ ଉପାଖ୍ୟାନମୂଳକ ବିବରଣୀ ବୋଲି କହିବାକୁ ହେବ । କିନ୍ତୁ ଅନ୍ୟ ପକ୍ଷରେ ଏହା ଯଦି 'ଜ୍ୟୋତିଃ'ର ଆଧ୍ୟାତ୍ମିକ ଶକ୍ତିଗଣ ଓ ଅନ୍ଧକାର ମଧ୍ୟରେ, ସତ୍ୟ ଓ ମିଥ୍ୟା, ଜ୍ଞାନ ଓ ଅଜ୍ଞାନ, ମୃତ୍ୟୁ ଓ ଅମୃତତ୍ୱ ମଧ୍ୟରେ ସଂଗ୍ରାମର ପ୍ରତୀକାତ୍ମକ ଚିତ୍ର ହୁଏ ତେବେ ତାହାହିଁ ହେବ ସମଗ୍ର ବେଦର ପ୍ରକୃତ ଅର୍ଥ ।

ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ ଅଙ୍ଗିରସ ଋଷିଗଣ 'ଉଷା'ର ଆନୟନକାରୀ ତଥା ଅନ୍ଧକାର ମଧ୍ୟରୁ ସୂର୍ଯ୍ୟଙ୍କ ଉଦ୍ଧାରକ ଅଟନ୍ତି, କିନ୍ତୁ ଏହି ଉଷା, ସୂର୍ଯ୍ୟ,

ଅନ୍ଧକାର ପ୍ରଭୃତି ହେଉଛନ୍ତି ଏକ ଆଧ୍ୟାତ୍ମିକ ବୈଶିଷ୍ଟ୍ୟସୂଚକ ରୂପକଳ୍প । ଅଜ୍ଞାନ-ଅନ୍ଧକାର ମଧ୍ୟରୁ 'ସତ୍ୟ'କୁ ଜୟ କରି ଆଣିବା ଏବଂ 'ସତ୍ୟ'ର ବିଜୟ ଦ୍ୱାରା ଅମୃତତ୍ୱକୁ ମଧ୍ୟ ଜୟ କରିବା ହେଉଛି ବେଦର କେନ୍ଦ୍ରୀୟ ଭାବ । କାରଣ ବୈଦିକ "ରତମ୍" ଯେପରି ଏକ ଆଧ୍ୟାତ୍ମିକ ଭାବବୋଧକ ଶବ୍ଦ ସେହିପରି ମନସ୍ତାତ୍ତ୍ୱିକ ବିଚାର ମଧ୍ୟ । ଏହି ଦେହରୂପୀ ପୃଥିବୀ, ପ୍ରାଣିକ ଶକ୍ତି ରୂପକ ଅନ୍ତରିକ୍ଷ, ମନଃ ରୂପକ ଏହି ଦୃଶ୍ୟମାନ ଆକାଶ ବା ସ୍ୱର୍ଗ, ଏସବୁର ଅତୀତ ହୋଇ ରହିଥିବା ସତ୍ୟ ସତ୍ତା, ସତ୍ୟ ଚେତନା ଓ ଅସ୍ତିତ୍ୱର ସତ୍ୟ-ଆନନ୍ଦ ବିଦ୍ୟମାନ । ଦେବଗଣଙ୍କ ନିଜସ୍ୱ ଆବାସ ଓ ଅମୃତତ୍ୱର ଚିରି ସ୍ୱରୂପ ସେହି ଅତିଚେତନ ସତ୍ୟର ପରମ ଲୋକରେ ପହଞ୍ଚିବାକୁ ହେଲେ ଆମକୁ ଏହି ସମସ୍ତ ଲୋକ ଅତିକ୍ରମ କରି ଅଗ୍ରସର ହେବାକୁ ପଡ଼ିବ । ଏହାହିଁ ସ୍ୱର୍ଗୋଚ୍ଚ, ଏଠାକୁ ଯାତ୍ରା କରିବା ନିମନ୍ତେ ଅଙ୍ଗିରସଗଣ ନିଜ ଭବିଷ୍ୟତ୍ ବଂଶଧରଙ୍କ ପାଇଁ ପଥ ଆବିଷ୍କାର କରିଛନ୍ତି ।

ଅଙ୍ଗିରସଗଣ ଏକସଙ୍ଗେ ଦିବ୍ୟଋଷି ଓ ଆଦିପିତୃଗଣ — ଦିବ୍ୟଋଷିରୂପେ ସେମାନେ ଦେବଗଣଙ୍କୁ ଓ ସେମାନଙ୍କ ପାର୍ଥିବ ପ୍ରତିନିଧିମାନଙ୍କୁ ସେମାନଙ୍କ ଜାଗତିକ ତଥା ମାନବୀୟ କର୍ମରେ ସହଯୋଗ କରନ୍ତି; ଆଦି ପିତୃଗଣଭାବେ ସେମାନେ ପ୍ରଥମେ ଜ୍ଞାନଲାଭ କରିଥିଲେ, ଏହି ଜ୍ଞାନ ହେତୁ ବୈଦିକ ସୂକ୍ତଗୁଡ଼ିକୁ ଆବୃତ୍ତି କରିବା ସହ ସୃଷ୍ଟିରତ କରାଯାଇଛି ଏବଂ ଅନୁଭୂତିକୁ ନବ ନବ ରୂପ ଦିଆଯାଏ । ସପ୍ତ ଦିବ୍ୟ ଅଙ୍ଗିରସମାନେ ହେଉଛନ୍ତି ଅଗ୍ନିଙ୍କର ପୁତ୍ର ବା ଶକ୍ତି, 'କବିକ୍ରତୁ'ର ବିଭିନ୍ନ ବିଭାବ ଓ ସହଜ ଦିବ୍ୟଜ୍ଞାନ ବିଶିଷ୍ଟ ଦିବ୍ୟଶକ୍ତିର ସେହି ଶିଖାରାଜି; ଜୟ ନିମନ୍ତେ ଯାହାଙ୍କୁ ପ୍ରଜ୍ୱଳନ କରାଯାଏ । ପାର୍ଥିବ ଅସ୍ତିତ୍ୱର ବୃଦ୍ଧି(ଉପଚୟ)ଗୁଡ଼ିକ ମଧ୍ୟରେ ପ୍ରଚ୍ଛନ୍ନ ଭୃଗୁବୃନ୍ଦ ଏହି ଅଗ୍ନିଶିଖାକୁ ଲାଭ କରିଛନ୍ତି, କିନ୍ତୁ ଅଙ୍ଗିରସବୃନ୍ଦ ଏହାକୁ ଯଜ୍ଞବେଦୀରେ ପ୍ରଜ୍ୱଳନ କରନ୍ତି ଓ ଯଜ୍ଞୀୟ ସମ୍ବତ୍ସରର ବିଭିନ୍ନ କାଳ ମଧ୍ୟଦେଇ ଅବିଚ୍ଛିନ୍ନ ଭାବେ ଯଜ୍ଞ ସାଧନ କରନ୍ତି, ଏହି ଯଜ୍ଞୀୟ ସମ୍ବତ୍ସର ହେଉଛି ସେହି ଦିବ୍ୟ ସାଧନାର ପ୍ରତୀକ ଯାହା ଦ୍ୱାରା ସତ୍ୟ-ସୂର୍ଯ୍ୟଙ୍କୁ ଅନ୍ଧକାର ମଧ୍ୟରୁ ପୁନରୁଦ୍ଧାର କରାଯାଏ । ଯେଉଁମାନେ ଏହି ସମ୍ବତ୍ସରର ନଅମାସ କାଳ ଯଜ୍ଞ କରନ୍ତି ସେମାନେ 'ନବଗ୍ୱ' ଅର୍ଥାତ୍ ନଅଟି ଗୋ ବା ନଅଟି ରଶ୍ମିର ଋଷି, ସେମାନେ ସୂର୍ଯ୍ୟଙ୍କ ଗୋଯୂଥ ଅନ୍ୱେଷଣରେ ଓ ପଣିମାନଙ୍କ ସହିତ ସଂଗ୍ରାମ ନିମନ୍ତେ ଇନ୍ଦ୍ରଙ୍କ ଅଭିଯାନରେ ପ୍ରବୃତ୍ତ ହୁଅନ୍ତି । ଯେଉଁମାନେ ଦଶମାସକାଳ ଯଜ୍ଞ କରନ୍ତି ସେମାନେ 'ଦଶଗ୍ୱ' ବା ଦଶରଶ୍ମିଯୁକ୍ତ ଋଷି, ସେମାନେ ଇନ୍ଦ୍ରଙ୍କ ସହିତ ପଣିମାନଙ୍କ ଗୁହାରେ ପ୍ରବେଶ କରି ଅପହୃତ ଗୋଯୂଥକୁ ଉଦ୍ଧାର କରନ୍ତି ।

ନିଜ ସତ୍ତା ମଧ୍ୟରେ ମନୁଷ୍ୟ ଯାହା ଧାରଣ କରେ ତାହା ଉଚ୍ଚତର ବା ଦିବ୍ୟ ପ୍ରକୃତିଙ୍କୁ ଅର୍ପଣ କରିବାର ନାମହିଁ 'ଯଜ୍ଞ' ଏବଂ ଏହାର ଫଳ ରୂପେ ଦେବଗଣ ଯାହା ଅଜ୍ଞାତରେ ଦାନ କରନ୍ତି ତା' ଦ୍ୱାରା ତା'ର ମାନବତ୍ୱ ଅଧିକ ସମୃଦ୍ଧ ହୁଏ । ଏହି ଭାବରେ

ଯେଉଁ ସମ୍ପଦ ଲାଭ ହୁଏ ତାହା ଆଧ୍ୟାତ୍ମିକ ଧନ, ସମୃଦ୍ଧି, ଆନନ୍ଦ ପ୍ରଭୃତି ଯାହାକି ଯାତ୍ରା ନିମନ୍ତେ ଏକ ବଳ ଓ ସଂଗ୍ରାମ ନିମନ୍ତେ ଏକ ଶକ୍ତି । କାରଣ ଯଜ୍ଞ ଏକ ଯାତ୍ରା, ଏକ ଅଗ୍ରଗମନ; ଅଗ୍ନିଙ୍କ ଦ୍ୱାରା ପରିଚାଳିତ ହୋଇ ସ୍ୱୟଂ ଯଜ୍ଞ ଦିବ୍ୟ ପଥ ଦେଇ ଊର୍ଦ୍ଧ୍ୱସ୍ଥ ଦେବଗଣଙ୍କ ନିକଟକୁ ଅଗ୍ରସର ହୁଏ ଏବଂ ଅଙ୍ଗିରସ ରୂପୀ ପିତୃପୁରୁଷଙ୍କ ଦ୍ୱାରା ଦିବ୍ୟ ଜଗତ ରୂପକ ସ୍ୱର୍ଲୋକ ମଧ୍ୟକୁ ଉତ୍ତରଣ ହେଉଛି ଏହି ଯାତ୍ରାର ଏକ ପ୍ରତୀକ । ସେମାନଙ୍କର ଏହି ଯଜ୍ଞଯାତ୍ରା ମଧ୍ୟ ଏକ ସଂଗ୍ରାମ, କାରଣ ପଣି ବୃତ୍ର ତଥା ଅଶୁଭ ଓ ମିଥ୍ୟାର ଅନ୍ୟାନ୍ୟ ଶକ୍ତିମାନେ ଏଥିରେ ବାଧା ଦିଅନ୍ତି ଏବଂ ପଣିମାନଙ୍କ ସହିତ ଇନ୍ଦ୍ର ଓ ଅଙ୍ଗିରସ ଋଷିମାନଙ୍କର ଏହି ଦ୍ୱନ୍ଦ୍ୱ ଓ ସଂଗ୍ରାମ ଏକ ପ୍ରମୁଖ କଥାବସ୍ତୁ ।

ଦିବ୍ୟ ଅଗ୍ନିଙ୍କର ପ୍ରଜ୍ୱଳନ, ଘୃତ ଓ ସୋମରସର ଆହୁତି ଏବଂ ପବିତ୍ର ମନ୍ତ୍ରୋଚ୍ଚାରଣ – ଏଗୁଡ଼ିକ ହେଉଛନ୍ତି ଯଜ୍ଞର ପ୍ରଧାନ ଅଙ୍ଗ । ସ୍ତୁତି ଓ ଆହୁତି ଦ୍ୱାରା ଦେବତାମାନେ ବୃଦ୍ଧି ଲାଭ କରନ୍ତି; କୁହାଯାଏ ଯେ ସେମାନେ ମନୁଷ୍ୟ ମଧ୍ୟରେ ଜାତ, ସୃଷ୍ଟ ବା ଅଭିବ୍ୟକ୍ତ ହୁଅନ୍ତି ଏବଂ ଏଠାରେ ସେମାନଙ୍କର ବିକାଶ ଓ ମହତ୍ତା ଦ୍ୱାରା ସେମାନେ ପୃଥିବୀ ଓ ସ୍ୱର୍ଗକୁ ବିକଶିତ କରାନ୍ତି ଅର୍ଥାତ୍ ଦୈହିକ ଓ ମାନସିକ ଅସ୍ତିତ୍ୱକୁ ସେମାନଙ୍କ ଚରମ ସାମର୍ଥ୍ୟ ଯାଏ ବୃଦ୍ଧି କରନ୍ତି ଏବଂ ଏହି ସତ୍ତାଗୁଡ଼ିକୁ ଅତିକ୍ରମ କରି ସେମାନେ ନିଜ ସୁଯୋଗ ଅନୁଯାୟୀ ଉଚ୍ଚତର ଜଗତ୍ ବା ଲୋକମାନ ସୃଷ୍ଟି କରନ୍ତି । ଉଚ୍ଚତର ସତ୍ ହେଉଛି ଦିବ୍ୟ ତଥା ଅନନ୍ତ, – ଜ୍ୟୋତିର୍ମୟୀ ଗାଭୀ, ଅନନ୍ତା ମାତା, 'ଅଦିତି' ଏହାର ପ୍ରତୀକ; ନିମ୍ନତର ଅସ୍ତିତ୍ୱ ହେଉଛି ତାଙ୍କ ତାମସ-ସ୍ୱରୂପ 'ଦିତି'ର ଅଧିକୃତ କ୍ଷେତ୍ର । ଉଚ୍ଚତର ସତ୍ତା ବା ଦିବ୍ୟ ସତ୍ତାକୁ ଜୟ କରି ଏହାକୁ ଧାରଣ କରିବା ଏବଂ ନିମ୍ନତର ବା ମାନୁଷ ଅସ୍ତିତ୍ୱକୁ ଏହାର ବିଧାନ ତଥା ସତ୍ୟର ଅଧୀନସ୍ଥ କରିବା ହେଉଛି ଯଜ୍ଞର ଲକ୍ଷ୍ୟ । ଜ୍ୟୋତିର୍ମୟୀ ଗାଭୀଠାରୁ ଯଜ୍ଞର 'ଘୃତ' ଲାଭ କରାଯାଏ; ଏହା ହେଉଛି ମାନୁଷୀ ମାନସିକତା ମଧ୍ୟରେ ସୌର ଆଲୋକର ନିର୍ମଳତା ବା ଉଜ୍ଜ୍ୱଳତା । 'ସୋମ' ହେଉଛି ଅସ୍ତିତ୍ୱର ଅମୃତମୟ ଆନନ୍ଦ, ଏହା ଜଳରାଶି ଓ ବନସ୍ପତି ମଧ୍ୟରେ ଗୁପ୍ତ ହୋଇ ରହିଛି ଏବଂ ଦେବ ଓ ମନୁଷ୍ୟଗଣଙ୍କ ପାନ ନିମନ୍ତେ ଏହାକୁ ନିଷ୍କାଶନ କରାଯାଏ । 'ମନ୍ତ୍ର ବାକ୍' ହେଉଛି 'ସତ୍ୟ'ର ଧୀ-ବିଭାସକ ଅନ୍ତଃପ୍ରେରିତା ବାଣୀ ଯାହା ଆତ୍ମା ମଧ୍ୟରୁ ଉଦ୍‌ଗତା ହୋଇ ଓ ହୃଦୟରେ ଗଠିତା ହୋଇ ମନ ଦ୍ୱାରା ରୂପ ଗ୍ରହଣ କରେ । ଘୃତ ଦ୍ୱାରା ବିକଶିତ ଅଗ୍ନିଦେବ ଏବଂ ମନ୍ତ୍ର ବାକ୍ ଦ୍ୱାରା ବିକଶିତ ତଥା ସୋମ ରୂପକ ଜ୍ୟୋତିର୍ମୟ ଶକ୍ତି ଓ ଆନନ୍ଦ ଦ୍ୱାରା ଓଜସ୍ୱୀ ଇନ୍ଦ୍ର-ଦେବ ସୂର୍ଯ୍ୟଙ୍କ ଗୋଯୂଥକୁ ଉଦ୍ଧାର କରିବାରେ ଅଙ୍ଗିରସମାନଙ୍କୁ ସାହାଯ୍ୟ କରନ୍ତି ।

ବୃହସ୍ପତି ହେଉଛନ୍ତି ସୃଜନଶୀଳ 'ବାକ୍'ର ଅଧିପତି । ଯଦି ଅଗ୍ନିହିଁ ହେଉଛନ୍ତି ଶ୍ରେଷ୍ଠ ଅଙ୍ଗିରସ, ତେବେ ଅଙ୍ଗିରସଗଣ ଏହି ଅଗ୍ନିଶିଖାରୁ ଜନ୍ମଗ୍ରହଣ କରନ୍ତି, 'ବୃହସ୍ପତି' ହେଉଛନ୍ତି ସପ୍ତମୁଖ ବିଶିଷ୍ଟ ଏକତମ ଅଙ୍ଗିରସ, ଏହି ସପ୍ତମୁଖ ହେଉଛି 'ଧୀ'ର ଜ୍ୟୋତିର୍ମୟ

ସପ୍ତ ରଶ୍ମି ଓ ଏହାର ପ୍ରକାଶକ ବାଣୀ (ମନ୍ତ୍ର) ଏବଂ ଋଷିମାନେ ହେଉଛନ୍ତି ତାଙ୍କରି ଉଚ୍ଚାରଣଗତ ବିଭିନ୍ନ ଶକ୍ତି । 'ସତ୍ୟ'ର ଏହି ସପ୍ତଶିର ବିଶିଷ୍ଟ ସମ୍ପୂର୍ଣ୍ଣ ଧୀ ମନୁଷ୍ୟ ନିମନ୍ତେ ଯଜ୍ଞର ଲକ୍ଷ୍ୟ ସ୍ୱରୂପ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ସମ୍ପଦକୁ ତଥା ଚତୁର୍ଥ ସ୍ତର ବା ଦିବ୍ୟଲୋକକୁ ଜୟ କରେ । ଏଣୁ ଅଗ୍ନି, ଇନ୍ଦ୍ର ବୃହସ୍ପତି, ସୋମ ପ୍ରଭୃତିଙ୍କ ବର୍ଣ୍ଣନାରେ କୁହାଯାଇଛି ଯେ — ଏମାନେ ସୂର୍ଯ୍ୟଙ୍କ ଗୋଯୂଥର ଛେଡା ଓ ଯେଉଁ 'ଦସ୍ୟୁ'ମାନେ ଏହି ଯୂଥକୁ ମନୁଷ୍ୟଠାରୁ ପ୍ରଚ୍ଛନ୍ନ ଓ ଅବରୁଦ୍ଧ କରି ରଖନ୍ତି ସେମାନଙ୍କର ବିନାଶକ । ସରସ୍ୱତୀ ହେଉଛନ୍ତି ଦିବ୍ୟ ବାକ୍‌ର ଏକ ପ୍ରବାହ ବା ସତ୍ୟପ୍ରେରଣା, ସେ ମଧ୍ୟ ଦସ୍ୟୁ-ବିନାଶିନୀ ଓ ଜ୍ୟୋତିର୍ମୟ ଗୋଯୂଥର ବିଜୟିନୀ; ସେହି ଗୋଯୂଥ ସରମାଙ୍କ ଦ୍ୱାରା ଆବିଷ୍କୃତ ହୋଇଥାଏ, ସିଏ 'ଇନ୍ଦ୍ର'ଙ୍କର ଅଗ୍ରଗାମିନୀ, ସୌର ଦେବୀ ଅଥବା ଉଷାଦେବୀ, ମନେ ହୁଏ ସେ ହେଉଛନ୍ତି ସତ୍ୟର ସମ୍ବୋଧି-ଶକ୍ତିର ପ୍ରତୀକ । 'ଉଷା' ହେଉଛନ୍ତି ଏକାଧାରରେ ଏହି ମହାନ୍ ବିଜୟରେ ଜଣେ କର୍ମୀ ଏବଂ ତାଙ୍କର ପୂର୍ଣ୍ଣ ପ୍ରକାଶରେହିଁ ଏହାର ଉଚ୍ଚତମ ପରିଣାମ ନିହିତ ।

'ଉଷା' ହେଉଛନ୍ତି ଦିବ୍ୟ-ଅଭିବ୍ୟକ୍ତିର ଦେବୀ, କାରଣ ତାଙ୍କ ଆଗମନରେ ଯେଉଁ 'ସୂର୍ଯ୍ୟ' ଉଦିତ ହୁଅନ୍ତି, ସେ ଅତିଚେତନ ସତ୍ୟର ସୂର୍ଯ୍ୟ ଅଟନ୍ତି; ସେ ଯେଉଁ ଦିବସ ନେଇ ଆସନ୍ତି ତାହା ସତ୍ୟ ଜ୍ଞାନ ମଧ୍ୟରେ ସତ୍ୟ-ଜୀବନର ଦିବସ, ଯେଉଁ ରାତ୍ରିକୁ ସେ ଦୂର କରି ଦିଅନ୍ତି ତାହା ଅଜ୍ଞାନର ରାତ୍ରି, ଯାହାର ବକ୍ଷରେ 'ଉଷା' ଏପର୍ଯ୍ୟନ୍ତ ଗୂଢ଼ାବସ୍ଥାରେ ରହିଛନ୍ତି । 'ଉଷା' ସ୍ୱୟଂ ସତ୍ୟ, ସୂନୃତା, ସତ୍ୟଗୁଡ଼ିକର ଜନନୀ । ଦିବ୍ୟ ଉଷାଙ୍କର ଏହି ସତ୍ୟଗୁଡ଼ିକୁ ତାଙ୍କର ଗୋବୃନ୍ଦ ବା ଜ୍ୟୋତିର୍ମୟ ଗୋଯୂଥ ବୋଲି କୁହାଯାଏ; ସେମାନଙ୍କ ସହ ସତ୍ୟର ଯେଉଁ ଶକ୍ତିରାଜି ଥାଆନ୍ତି ଓ ପ୍ରାଣକୁ ଅଧିକାର କରିଥା'ନ୍ତି ସେମାନଙ୍କୁ ତାଙ୍କ ଅଶ୍ୱ ବୋଲି କୁହାଯାଏ । ଏହି ଗୋ ତଥା ଅଶ୍ୱ-ପ୍ରତୀକର ଚତୁଷ୍ପାର୍ଶ୍ୱରେ ବୈଦିକ ପ୍ରତୀକବାଦର ଅଧିକାଂଶ ଭାଗ ଗତି କରୁଛି । କାରଣ ମନୁଷ୍ୟ ଦେବଗଣଙ୍କଠାରୁ କାମନା କରୁଥିବା ସମ୍ପଦଗୁଡ଼ିକ ମଧ୍ୟରେ ଏଗୁଡ଼ିକହିଁ ପ୍ରଧାନ ଉପାଦାନ । ଅନ୍ଧକାରର ସ୍ୱାମୀ ଦୈତ୍ୟମାନେ ଉଷାଙ୍କ ଗୋମାନଙ୍କୁ ଅପହରଣ କରି ସେମାନଙ୍କ ଅଧଃସ୍ଥ ଗୁପ୍ତଗୁହା ସ୍ୱରୂପ ଅବଚେତନ ମଧ୍ୟରେ ଲୁଚ୍ଛାୟିତ କରି ରଖିଛନ୍ତି । ଏମାନେ ଜ୍ଞାନର ଜ୍ୟୋତିଃ, ସତ୍ୟର ମତି, ରାବୋ ମତୟଃ, ଏବଂ ସେହି ବଦ୍ଧ ଆଗାର ମଧ୍ୟରୁ ଏମାନଙ୍କୁ ମୁକ୍ତ କରିବାକୁ ହେବ । ଏମାନଙ୍କ ମୁକ୍ତିର ଅର୍ଥ ଦିବ୍ୟ ଉଷାଙ୍କ ଶକ୍ତିମାନଙ୍କର ଊର୍ଦ୍ଧ୍ୱ-ପ୍ରବହଣ ।

ଏହା ମଧ୍ୟ ଅନ୍ଧକାର ମଧ୍ୟରେ ଅବସ୍ଥିତ ସୂର୍ଯ୍ୟଙ୍କର ପୁନରୁଦ୍ଧାରକୁ ବୁଝାଏ, କାରଣ କୁହାଯାଇଛି ଯେ 'ସୂର୍ଯ୍ୟ' 'ତତ୍ ସତ୍ୟ' ଅଟନ୍ତି ଯାହାକୁ ଇନ୍ଦ୍ର ଓ ଅଙ୍ଗିରସଗଣ ପଣିମାନଙ୍କ ଗୁହା ମଧ୍ୟରୁ ଲାଭ କରିଥିଲେ । ଏହି ଗୁହା ବିଦୀର୍ଣ୍ଣ କରିବା ଦ୍ୱାରା ସତ୍ୟ-ସୂର୍ଯ୍ୟଙ୍କର ରଶ୍ମିମାଳା ରୂପକ ଉଷାଙ୍କ ଗୋବୃନ୍ଦ ସରା ରୂପକ ପର୍ବତ ଆରୋହଣ କରନ୍ତି ଓ ସୂର୍ଯ୍ୟ ମଧ୍ୟ ସ୍ୱୟଂ ଦିବ୍ୟ ଅସ୍ତିତ୍ୱର ଜ୍ୟୋତିର୍ମୟ ପର ସମୁଦ୍ରକୁ ଆରୋହଣ କରି ଯାଆନ୍ତି । ଜଳରାଶି

ଉପରେ ଜାହାଜର ଗତି ପରି ଅପର ତଟରେ ପହଞ୍ଚିବା ପର୍ଯ୍ୟନ୍ତ ମନୀଷୀମାନେ ତାଙ୍କୁ ଏହି ଜଳରାଶି ଉପର ଦେଇ ଚଳାଇ ନେଇଯା'ନ୍ତି ।

ପଣିମାନେ ଗୋଯୂଥକୁ ଲୁଚାଇ ରଖିଛି, ସେମାନେ ନୀଚ ଚେତନା ରୂପକ ଗୁହାର ସ୍ୱାମୀଗଣ, ଏମାନେ ଏକ ଶ୍ରେଣୀର 'ଦସ୍ୟୁ', ବୈଦିକ ପ୍ରତୀକବାଦରେ ଏମାନଙ୍କୁ ଆର୍ଯ୍ୟ ଦେବତାଙ୍କର, ଆର୍ଯ୍ୟ ଋଷିଙ୍କର ଓ କର୍ମ ସମ୍ପାଦକମାନଙ୍କ ବିରୋଧୀର ସ୍ଥାନ ଦିଆଯାଇଛି । ଆର୍ଯ୍ୟ ତାଙ୍କୁହିଁ କୁହାଯାଏ ଯିଏ ଯଜ୍ଞ କର୍ମ କରନ୍ତି ଓ ଜ୍ୟୋତିର ପାବନ ମନ୍ତ୍ର ଲାଭ କରିଥା'ନ୍ତି, ଯିଏ ଦେବଗଣଙ୍କୁ କାମନା କରି ସେମାନଙ୍କର ବୃଦ୍ଧି ଘଟାନ୍ତି ଏବଂ ତାଙ୍କରି ବଳରେହିଁ ସତ୍ୟ-ଅସ୍ତିତ୍ୱର (ସତ୍) ବୃହତ୍ତା ମଧ୍ୟକୁ ବିକଶିତ ହୋଇଥା'ନ୍ତି; ସେ ହେଉଛନ୍ତି ଜ୍ୟୋତିର ଯୋଦ୍ଧା ଓ 'ସତ୍ୟ' ଦିଗରେ ଅଭିଯାତ୍ରୀ । ଦସ୍ୟୁ ହେଉଛି ସେହି ଅଦିବ୍ୟ ସତ୍ତା ଯିଏ କୌଣସି ଯଜ୍ଞ କରେ ନାହିଁ, ଧନ ସଞ୍ଚୟ କରେ ଅଥଚ ତାହାର ବ୍ୟବହାର ସିଏ ଯଥାଯଥ ଭାବେ କରିପାରେ ନା, କାରଣ ସେ ମନ୍ତ୍ରବାକ୍ ଉଚ୍ଚାରଣ କରିବାକୁ ବା ଅତିଚେତନର ସତ୍ୟକୁ ମନରେ ଧରି ରଖିବାକୁ ଅସମର୍ଥ; ସିଏ ମନ୍ତ୍ରବଚନ, ଦେବତା ଓ ଯଜ୍ଞକୁ ଘୃଣା କରେ, ଉଚ୍ଚତର ଅସ୍ତିତ୍ୱ ଉଦ୍ଦେଶ୍ୟରେ ନିଜର କିଛି ହେଲେ ଅର୍ପଣ କରେ ନା କିନ୍ତୁ ଆର୍ଯ୍ୟମାନଙ୍କଠାରୁ ଧନ ଅପହରଣ କରି ତାହାକୁ ରୁଦ୍ଧ କରି ରଖେ । ସେ ତସ୍କର, ଶତ୍ରୁ, ବୃକ, ଭକ୍ଷକ, ବିଖଣ୍ଡକ (ଦୈତ୍ୟ), ବିଘ୍ନକାରୀ ଓ ଅବରୋଧକ ଅଟେ । ଦସ୍ୟୁମାନେ ହେଉଛନ୍ତି ସତ୍ୟର ଓ ଅମୃତତ୍ୱର ଅନ୍ୱେଷକଙ୍କୁ ବାଧା ଦେଉଥିବା ଅନ୍ଧକାର ଓ ଅଜ୍ଞାନତାର ନାନାବିଧ ଶକ୍ତି । ଦେବଗଣ ହେଲେ ଜ୍ୟୋତିଃର ଶକ୍ତି, ଅନନ୍ତର ସନ୍ତାନ, ଏକ ପରମ 'ଦେବ'ଙ୍କ ବିଭିନ୍ନ ରୂପ ଓ ବ୍ୟକ୍ତିସତ୍ତା, ସେମାନେ ନିଜ ସହାୟତା ଦ୍ୱାରା ଏବଂ ନିଜ ବିକାଶ ଦ୍ୱାରା ତଥା ମନୁଷ୍ୟ ମଧ୍ୟରେ ମାନୁଷ କର୍ମ ଦ୍ୱାରା ମନୁଷ୍ୟକୁ ସତ୍ୟ ଓ ଅମୃତତ୍ୱ ମଧ୍ୟକୁ ଉନ୍ନୀତ କରାନ୍ତି ।

ଏହିପରି ଆଙ୍ଗିରସ ଉପାଖ୍ୟାନର ଟୀକାରୁ ବେଦର ସମଗ୍ର ରହସ୍ୟ ଉଦ୍‌ଘାଟନ ନିମନ୍ତେ ଏକ ଚାବିକାଠି ଆମକୁ ମିଳେ । କାରଣ ଯେଉଁସବୁ ଗୋ ଓ ଅଶ୍ୱଙ୍କୁ ଆର୍ଯ୍ୟମାନେ ହରାଇଥିଲେ ଓ ଦେବଗଣ ସେସବୁକୁ ସେମାନଙ୍କ ନିମନ୍ତେ ପୁନରୁଦ୍ଧାର କରିଥିଲେ, 'ଇନ୍ଦ୍ର' ସେସବୁର ଅଧିପତି ଓ ଦାତା ଏବଂ ସେ ସ୍ୱୟଂ 'ଗୋ' ଓ 'ଅଶ୍ୱ' – ଯଥାର୍ଥରେ ଏମାନେ ଦେହଧାରୀ ପଶୁ ନୁହନ୍ତି; ସମ୍ପଦର ଏସବୁ ଉପାଦାନକୁ ଯଜ୍ଞ ମାଧ୍ୟମରେ ଯଦି ପ୍ରାର୍ଥନା କରାଯାଇଥାଏ ଏବଂ ଏସବୁ ଯଦି ଆଧ୍ୟାତ୍ମିକ ସମ୍ପଦର ପ୍ରତୀକ ହୋଇଥା'ନ୍ତି, ତେବେ ଏଥି ସହିତ ପୁତ୍ର, ଧନ, ସ୍ୱର୍ଣ୍ଣ, ବୀରଗଣ ପ୍ରଭୃତି ଯେଉଁସବୁ ପ୍ରାପ୍ୟ ବସ୍ତୁ ସର୍ବଦା ପ୍ରାର୍ଥନା କରାଯାଏ ସେସବୁ ମଧ୍ୟ ଏହିପରି ଆଧ୍ୟାତ୍ମିକ ସମ୍ପଦର ପ୍ରତୀକ ଅଟନ୍ତି । ଯେଉଁ ଗୋଠାରୁ ଘୃତାଦି ଲବ୍ଧ ହୁଏ ଯଦି ତାହା ସ୍ଥୂଳ ଗୋପଶୁ ନ ହୋଇ ଉଜ୍ଜ୍ୱଳଶରୀରା ମାତା ହୁଅନ୍ତି, ତେବେ ଯେଉଁ ଘୃତ ଜଳରାଶି ମଧ୍ୟରେ ଲବ୍ଧ ହୋଇଥାଏ ଏବଂ କୁହାଯାଇଛି ଯେ ପଣିମାନେ

ତାହାକୁ ଗୋ ମଧ୍ୟରେ ତିନି ପ୍ରସ୍ଥରେ ଘୋଡ଼ାଇ ରଖିଛନ୍ତି, ତାହା ମଧ୍ୟ କୌଣସି ସୂକ୍ଷ୍ମ ହବ୍ୟ ବସ୍ତୁର ହବନ ନୁହେଁ । ଠିକ୍ ସେହିପରି 'ସୋମ'ର ମଧୁରସ ସମ୍ଭରେ ମଧ୍ୟ, କୁହାଯାଇଛି ଯେ ତାହା ନଦୀଗଣଙ୍କ ମଧ୍ୟରେ ଅବସ୍ଥାନ କରୁଥାଏ ଓ ମହାସମୁଦ୍ରର ମଧୁମୟ ତରଙ୍ଗ ରୂପେ ଉତ୍ଥିତ ହୁଏ ଏବଂ ଉର୍ଦ୍ଧ୍ୱକୁ ଦେବଗଣଙ୍କ ସମୀପକୁ ପ୍ରବାହିତ ହୁଏ । ଏହା ଯଦି ଏହିପରି ପ୍ରତୀକାତ୍ମକ ତେବେ ଯଜ୍ଞର ଅନ୍ୟାନ୍ୟ ହବ୍ୟବସ୍ତୁ ମଧ୍ୟ ପ୍ରତୀଚାତ୍ମକ ହେବାକୁ ବାଧ୍ୟ; ବାହ୍ୟ ଯଜ୍ଞ ଆନ୍ତର ଅର୍ପଣର ପ୍ରତୀକ ବ୍ୟତୀତ ଅନ୍ୟକିଛି ହୋଇ ନ ପାରେ । ଆଉ ମଧ୍ୟ ଯଦି ଅଙ୍ଗିରସ ଋଷିବୃନ୍ଦ ଅଂଶତଃ ପ୍ରତୀଚାତ୍ମକ ହୁଅନ୍ତି କିମ୍ବା ଦେବଗଣଙ୍କ ପରି ସେମାନେ ଯଜ୍ଞର ଅର୍ଦ୍ଧଦିବ୍ୟ କର୍ମୀ ଓ ସହାୟକ ହୋଇଥା'ନ୍ତି ତେବେ ଭୃଗୁଗଣ, ଅଥର୍ବଣ୍ ଋଷିବୃନ୍ଦ (ଅଥର୍ବାଣଃ), ଉଶନା, କୁତ୍ସ ଏବଂ ଅନ୍ୟ ଯେଉଁମାନେ ସେମାନଙ୍କ ସହିତ କର୍ମରେ ସମ୍ପର୍କିତ ସେମାନେ ମଧ୍ୟ ଯଜ୍ଞକର୍ମରେ ଏହି ଭୂମିକା ଗ୍ରହଣ କରିବା ସ୍ୱାଭାବିକ । ଆଙ୍ଗିରସ ଉପାଖ୍ୟାନ ଓ ଦସ୍ୟୁଗଣଙ୍କ ସହିତ ସଂଗ୍ରାମର କାହାଣୀ ଯଦି ରୂପକଥା ହୁଏ ତେବେ ଋଗ୍‌ବେଦରେ ଦୈତ୍ୟମାନଙ୍କ ବିରୋଧରେ ଋଷିମାନଙ୍କୁ ଦେବଗଣ ସାହାଯ୍ୟ କରିବାର ଯେଉଁ ଆଖ୍ୟାନମୂଳକ ବର୍ଣ୍ଣନା ରହିଛି ତାହା ମଧ୍ୟ ସେହିପରି (ପ୍ରତୀଚାତ୍ମକ) ହେବା ଉଚିତ; କାରଣ ସେଗୁଡ଼ିକ ମଧ୍ୟ ସେହି ସମାନ ଶବ୍ଦ ପ୍ରୟୋଗରେ ବର୍ଣ୍ଣିତ ତଥା ବୈଦିକ କବିମାନେ ସେଗୁଡ଼ିକୁ ନିରନ୍ତର ଆଙ୍ଗିରସ କାହାଣୀର ସମପର୍ଯ୍ୟାୟର କୋଇ ଗଣନା କରିଛନ୍ତି ।

ସେହିପରି, ଦସ୍ୟୁଗଣଙ୍କ କଥା, ଏମାନେ ବୃତ୍ର ପଣି ତଥା ଅନ୍ୟାନ୍ୟ ନାମରେ ଅଭିହିତ, ଏମାନେ ଦାନ ଓ ଯଜ୍ଞକୁ ପ୍ରତ୍ୟାଖ୍ୟାନ କରନ୍ତି ତଥା ମନ୍ତ୍ରବାକ୍ ଓ ଦେବତାମାନଙ୍କୁ ଘୃଣା କରନ୍ତି ଏବଂ ଏମାନଙ୍କ ସହ ଆର୍ଯ୍ୟବର୍ଗ ନିରନ୍ତର ଯୁଦ୍ଧରତ । ଯଦି ଏମାନେ ମାନୁଷ ଶତ୍ରୁ ନ ହୋଇ ଅନ୍ଧକାର, ମିଥ୍ୟା ଓ ପାପାଚାରର ଶକ୍ତି ହୋଇଥା'ନ୍ତି ତେବେ ଆର୍ଯ୍ୟଗଣଙ୍କ ସଂଗ୍ରାମରାଜି ତଥା ରାଜା ଓ ରାଷ୍ଟ୍ର ପ୍ରଭୃତି ବିଷୟକ ଯେତେ ବିଚାର ସେସବୁ ଆଧ୍ୟାତ୍ମିକ ପ୍ରତୀକ ଓ ନୀତିଗର୍ଭକ ଉପାଖ୍ୟାନର ରୂପ ଗ୍ରହଣ କରିବେ । ଏମାନେ ସମ୍ପୂର୍ଣ୍ଣ ରୂପେ ପ୍ରତୀକାତ୍ମକ ଅଥବା କେବଳ ଆଂଶିକ ରୂପେ — ଏ ବିଷୟରେ ସିଦ୍ଧାନ୍ତ ଗ୍ରହଣ କରିବା ପାଇଁ ଆମକୁ ଆହୁରି ବିସ୍ତାରିତ ପରୀକ୍ଷା-ନିରୀକ୍ଷା କରିବାକୁ ହେବ, କିନ୍ତୁ ବର୍ତ୍ତମାନ ଆମର ଏହା ଆସନ୍ନ ଉଦ୍ଦେଶ୍ୟ ନୁହେଁ । ଏହି ପ୍ରବନ୍ଧମାଳାରେ ଆମର କେବଳ ଲକ୍ଷ୍ୟ ଥିଲା ଯେ ବୈଦିକ ସୂକ୍ତଗୁଡ଼ିକ ଯେ ପ୍ରାଚୀନ ଭାରତୀୟ ରହସ୍ୟବାଦୀମାନଙ୍କର ପ୍ରତୀଚାତ୍ମିକା ତତ୍ତ୍ୱବାକ୍ ଏବଂ ଏଗୁଡ଼ିକର ଅର୍ଥ ଯେ ଆଧ୍ୟାତ୍ମିକ ଓ ମନସ୍ତାତ୍ତ୍ୱିକ ଉଭୟ, ଏହି ଭାବଗୁଡ଼ିକ ସମ୍ବନ୍ଧରେ କହି ଆମେ ଯେଉଁ କାର୍ଯ୍ୟଟି ଆରମ୍ଭ କରିଥିଲୁ ତା'ର କୌଣସି ଆପାତତଃ ଗ୍ରାହ୍ୟ ଯୁକ୍ତି ଅଛି କି ନା ସେତିକି ମାତ୍ର ପ୍ରତିପାଦନ କରିବା । ଆମେ ଏଠାରେ ଏହିପରି ଏକ ଆପାତତଃ ଯୁକ୍ତିସମ୍ମତ ସିଦ୍ଧାନ୍ତ ମାତ୍ର ପ୍ରତିଷ୍ଠା କରିଛୁ; କାରଣ ଏହି ଦୃଷ୍ଟିକୋଣ ରଖି

ଗାମ୍ଭୀର୍ଯ୍ୟର ସହ ବେଦକୁ ଜାଣିବାକୁ ଅଗ୍ରସର ହେବା ପାଇଁ ଏବଂ ଏହାକୁ ଏକ ପ୍ରତୀକାର୍ଥଯୁକ୍ତ କାବ୍ୟିକ ସୃଷ୍ଟି ଭାବେ ବିଶଦ ଟୀକା କରିବା ପାଇଁ ଏହି ଆଲୋଚନା ପର୍ଯ୍ୟାପ୍ତ ଭୂମିକା ଗ୍ରହଣ କରିବ ।

ତଥାପି ଆମର ଏହି ତଥ୍ୟ ଦୃଢ଼ ରୂପେ ପ୍ରତିଷ୍ଠା କରିବା ପାଇଁ ଆଙ୍ଗିରସ ଓ ଜ୍ୟୋତିଃର ଉପାଖ୍ୟାନ ସହତ ଘନିଷ୍ଠ ଭାବେ ସମ୍ବନ୍ଧିତ ବୃତ୍ର ଓ ଜଳଧାରାଗୁଡ଼ିକର ଉପାଖ୍ୟାନକୁ ଆମେ ଯେପରି ଦେଖିଛୁ ତାକୁ ଭଲଭାବେ ପରୀକ୍ଷା କରିବା ଉଚିତ । ପ୍ରଥମେ ଦେଖିବା ବୃତ୍ରହନ୍ତା ଇନ୍ଦ୍ର, ଏବଂ ତାଙ୍କ ସହିତ ଅଗ୍ନି, ବୈଦିକ ବିଶ୍ୱଦେବଗଣଙ୍କ ମଧ୍ୟରେ ଦୁଇ ମୁଖ୍ୟ ଦେବ ଏବଂ ଯଦି ତାଙ୍କ ସ୍ୱରୂପ ତଥା କର୍ମଗୁଡ଼ିକୁ ଯଥାର୍ଥ ଭାବରେ ସ୍ଥିର ନିଶ୍ଚିତ କରାଯାଏ ତେବେ ଆମ ଦ୍ୱାରା ଆର୍ଯ୍ୟ-ଦେବଗଣଙ୍କର ସାଧାରଣ ସ୍ୱରୂପ ନିଶ୍ଚିତ ଭାବରେ ନିର୍ଦ୍ଧାରଣ କରିବା ସମ୍ଭବ ହେବ । ଦ୍ୱିତୀୟରେ ମରୁଦ୍‌ଗଣ — ଏମାନେ ଇନ୍ଦ୍ରଙ୍କର ସଙ୍ଗୀ ଓ ଦିବ୍ୟ ମନ୍ତ୍ରଗାୟକ, ବୈଦିକ ଉପାସନା ସହ ସମ୍ପର୍କିତ, ବେଦର ପାର୍ଥିବପ୍ରକୃତି-ଭିତ୍ତିକ ମତ ସପକ୍ଷରେ ଏମାନେ ଏକ ଶକ୍ତ ଯୁକ୍ତିବିନ୍ଦୁ ଅଟନ୍ତି; ଏମାନେ ଯେ ଝଡ଼ ବାତ୍ୟାର ଦେବତା ଏଥିରେ କୌଣସି ସନ୍ଦେହ ନାହିଁ ଏବଂ ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ବରିଷ୍ଠ ବୈଦିକ ଦେବତାଙ୍କର ଯଥା ଅଗ୍ନି ବା ଅଶ୍ୱିଯୁଗଳ (ଅଶ୍ୱିନୌ) ବା ମିତ୍ର-ବରୁଣ କିଂବା ତ୍ୱଷ୍ଟା ଓ ଦେବୀଗଣ ଏପରିକି ସୂର୍ଯ୍ୟ ବା ଉଷା, ଏମାନଙ୍କ ମଧ୍ୟରୁ କାହାରି ହେଲେ ବି ସୁସ୍ପଷ୍ଟ ଭୌତିକ ସ୍ୱରୂପର ଉଲ୍ଲେଖ ବେଦରେ କରାଯାଇ ନାହିଁ । ଏଣୁ ଯଦି ଦେଖାଇ ଦିଆ ଯାଇପାରେ ଯେ ଏହି ଝଡ଼ବାତ୍ୟା ରୂପକ ଦେବବୃନ୍ଦଙ୍କର ମଧ୍ୟ ଭିନ୍ନ ଏକ ଆଧ୍ୟାତ୍ମିକ ସ୍ୱରୂପ ଓ ଏମାନଙ୍କର ଏକ ପ୍ରତୀକାତ୍ମକତା ରହିଛି ତେବେ ବୈଦିକ ଧର୍ମ ଓ କର୍ମକାଣ୍ଡର ଗଭୀରତର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଉ କୌଣସି ସନ୍ଦେହର ଅବକାଶ ରହିବ ନାହିଁ । ପରିଶେଷରେ କୁହାଯାଇପାରେ, ସୂକ୍ଷ୍ମ ଭାବେ ପରୀକ୍ଷା କରି ଯଦି ଦେଖାଯାଏ ଯେ ବୃତ୍ର ଓ ତା'ର ସହଚର ଶୁଷ୍ଣ, ନମୁଚି ଓ ଅନ୍ୟ ଦୈତ୍ୟମାନେ ହେଉଛନ୍ତି ଆଧ୍ୟାତ୍ମିକ ଅର୍ଥରେ 'ଦସ୍ୟୁ' ଏବଂ ଯେଉଁ ସ୍ୱର୍ଗୀୟ ଜଳରାଶିକୁ ସେମାନେ ଅବରୁଦ୍ଧ କରି ରଖନ୍ତି, ଏହି ଅର୍ଥକୁ ଯଦି ଆହୁରି ପୁଙ୍ଖାନୁପୁଙ୍ଖଭାବେ ପରୀକ୍ଷା କରାଯାଏ ତେବେ ଋଷି, ଦେବତା ଓ ଦୈତ୍ୟମାନଙ୍କ ସମ୍ପର୍କରେ ଥିବା ଗଳ୍ପଗୁଡ଼ିକୁ ଆମେ କୌଣସି ଏକ ନିଶ୍ଚିତ ପ୍ରାରମ୍ଭିକ ସୂତ୍ରର ରୂପକଥା ହିସାବରେ ବିଚାର କରିବାକୁ ଆଗେଇ ଯାଇ ପାରିବା ଏବଂ ବୈଦିକ ଲୋକ ସଂସ୍ଥାନର ପ୍ରତୀକାତ୍ମକତାକୁ ନେଇ ଆହୁରି ସନ୍ତୋଷଜନକ ଟୀକା କରିବା ଆମ ପାଇଁ ସହଜ ହୋଇ ପାରିବ ।

ବର୍ତ୍ତମାନ ସ୍ଥିତିରେ ଏହାଠାରୁ ଅଧିକ କିଛି ଉଦ୍ୟମ ଆମେ କରିପାରୁ ନାହୁଁ; କାରଣ ସୂକ୍ତଗୁଡ଼ିକରେ ବୈଦିକ ପ୍ରତୀକବାଦକୁ ଯେପରି କ୍ରିୟାନ୍ୱିତ କରାଯାଇଛି ତାହାର ଟିକିନିଖି ଉଲ୍ଲେଖ କରିବାରେ ଅତ୍ୟନ୍ତ ଜଟିଳତା ରହିଛି, ଏହାର ବିଚାରଧାରାରେ ଅତ୍ୟନ୍ତ

ବହୁଳତା ରହିଛି । ମନ୍ତ୍ରଗୁଡ଼ିକର ପ୍ରତିଛାୟ ଅର୍ଥକୁ ଏବଂ ପାର୍ଶ୍ୱସ୍ଥ ଅସ୍ପଷ୍ଟ ନିର୍ଦ୍ଦେଶକୁ ନେଇ ବ୍ୟାଖ୍ୟା କରୁଥିବା ଟୀକାକାରଙ୍କ ନିକଟରେ ଏହିସବୁ ବିଷୟ ଅତ୍ୟଧିକ ଜୁହେଳିକା ସୃଷ୍ଟି କରିଥାଏ, ସର୍ବୋପରି ବିସ୍ମୃତି ତଥା ଅନ୍ୟଥାବୋଧର ସହିତ ଜଡିଯାଇଥିବା ଯୁଗ ପରେ ଯୁଗ ଫଳରେ ଏହା ଏତେ ଅସ୍ପଷ୍ଟ ହୋଇଉଠିଛି ଯେ ସେସବୁକୁ ବିଚାରକୁ ନେଇ କାର୍ଯ୍ୟକରିବାକୁ ଏହି ଗୋଟିଏ ଗ୍ରନ୍ଥ ପର୍ଯ୍ୟାପ୍ତ ନୁହେଁ । ବର୍ତ୍ତମାନ ସ୍ଥିତିରେ ଆମେ କେବଳ ଏହାର ପ୍ରମୁଖ ସୂତ୍ରସବୁର ଅନୁସନ୍ଧାନ କରିପାରିବା ଏବଂ ଯଥାସମ୍ଭବ ଏହାର ଏକ ସୁରକ୍ଷିତ ଓ ସମୁଚିତ ଭିତ୍ତି ସ୍ଥାପନ କରିପାରିବା ମାତ୍ର ।

(ପ୍ରଥମ ଭାଗ ସମାପ୍ତ)

ବେଦରହସ୍ୟ

(ଦ୍ୱିତୀୟ ଭାଗ)

ନିର୍ବାଚିତ ସୂକ୍ତାବଳି

ଅଧ୍ୟାୟ – ୧

ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦ

(ଋଗ୍‌ବେଦ : ମଣ୍ଡଳ-୧, ସୂକ୍ତ : ୧୭୦, ଋଷି : ଅଗସ୍ତ୍ୟ ମୈତ୍ରାବରୁଣି)

ନ ନୂନମସ୍ତି ନୋ ଶ୍ୱଃ କସ୍ତଦ୍ ବେଦ ଯଦଦ୍ଭୁତମ୍
ଅନ୍ୟସ୍ୟ ଚିତ୍ତମଭି ସଂଚରେଣ୍ୟମୁତାଧୀତଂ ବି ନଶ୍ୟତି ॥୧॥

ଇନ୍ଦ୍ର :

ଅର୍ଥ (ଅନ୍ୱୟ ସହ) : ଏହା ବର୍ତ୍ତମାନ ନୁହେଁ [ନ ନୂନମ୍ ଅସ୍ତି], ଏହା ଆଗାମିକାଲି ମଧ୍ୟ ନୁହେଁ [ନୋ ଶ୍ୱଃ]; ଯାହା ପରମ ତଥା ଅଦ୍ଭୁତ ଏଭଳି ସେହି ସତ୍ୟକୁ କିଏ ବା ଜାଣେ [ତଦ୍ କଃ ବେଦ ଯଦ୍ ଅଦ୍ଭୁତମ୍]? ଅନ୍ୟର ଚେତନା ମଧ୍ୟରେ ଏହାଙ୍କର ଗତି ଓ କ୍ରିୟା ରହିଛି [ଅନ୍ୟସ୍ୟ ଚିତ୍ତମ୍ ଅଭି ସଞ୍ଚରେଣ୍ୟମ୍], କିନ୍ତୁ ଚିର ମାଧ୍ୟମରେ ତାହାକୁ ଜାଣିବାକୁ ଚେଷ୍ଟାକଲେ [ଉତ ଆଧୀତମ୍] ସେ ବିଲୁପ୍ତ ହୋଇଯାଆନ୍ତି [ବି ନଶ୍ୟତି] ।୧।

କିଂ ନ ଇନ୍ଦ୍ର ଜିଘାଂସସି ଭ୍ରାତରୋ ମରୁତସ୍ତବ ।
ତେଭିଃ କଲ୍ପସ୍ୱ ସାଧୁୟା ମା ନଃ ସମରଣେ ବଧୀଃ ॥୨॥

ଅଗସ୍ତ୍ୟ :

ଅର୍ଥ (ଅନ୍ୱୟ ସହ) : ହେ ଇନ୍ଦ୍ର, ତୁମେ ଆମକୁ ଆଘାତ କରିବାକୁ କାହିଁକି ଇଚ୍ଛା କରୁଛ [ଇନ୍ଦ୍ର, କିଂ ନଃ ଜିଘାଂସସି] ? ମରୁଦ୍‌ଗଣ ତୁମର ଭାଇ [ମରୁତଃ ତବ ଭ୍ରାତରଃ] । ସେମାନଙ୍କ ମାଧ୍ୟମରେ ତୁମେ ପୂର୍ଣ୍ଣତା ସମ୍ପାଦନ କର [ତେଭିଃ ସାଧୁୟା କଲ୍ପସ୍ୱ]; ଆମର ସଂଘର୍ଷ ମଧ୍ୟରେ ଆମକୁ ବଧ କର ନାହିଁ [ସମରଣେ ନଃ ମା ବଧୀଃ] ।୨।

କିଂ ନୋ ଭ୍ରାତରଗସ୍ତ୍ୟ ସଖା ସନ୍ନତି ମନ୍ୟସେ ।
ବିଦ୍ମା ହି ତେ ଯଥା ମନୋଽସ୍ମଭ୍ୟମିନ୍ନ ଦିତ୍ସସି ॥୩॥
ଅରଂ କୃଣ୍ୱନ୍ତୁ ବେଦିଂ ସମଗ୍ନିମିନ୍ଧତାଂ ପୁରଃ ।
ତତ୍ରାମୃତସ୍ୟ ଚେତନଂ ୟଜ୍ଞଂ ତେ ତନବାବହୈ ॥୪॥

ଇନ୍ଦ୍ର :

ଅର୍ଥ (ଅନ୍ୱୟ ସହ) : ହେ ମୋର ଭାଇ ଅଗସ୍ତ୍ୟ ! [ଭ୍ରାତଃ ଅଗସ୍ତ୍ୟ] ତୁମେ ମୋର ସଖା ହୋଇ ମଧ୍ୟ ତୁମ ଭାବନାକୁ ମୋଠାରୁ ଉଚ୍ଚ କରି ରଖୁଛ କାହିଁକି [ସଖା ସନ୍ ନଃ ଅତିମନ୍ୟସେ, କିମ୍] ? କାରଣ [ଇତ୍], ଆମଠାରେ ତୁମ ମନକୁ ସମର୍ପଣ ନ କରିବାକୁ ତୁମେ ଯେପରି ଇଚ୍ଛା କରୁଛ [ୟଥା ତେ ମନଃ ଅସ୍ମଭ୍ୟଂ ନ ଦିତ୍ସସି] ତାହା ମୁଁ ଭଲଭାବେ ଜାଣେ [ବିଦ୍ମ ହି] ।୩। ସେମାନେ ବେଦିକୁ ପ୍ରସ୍ତୁତ କରନ୍ତୁ [ବେଦିମ୍ ଅରଂ କୁର୍ବନ୍ତୁ], ଅଗ୍ନିଙ୍କୁ ସେମାନେ ସମ୍ମୁଖରେ ସମିଦ୍ଧ କରି ରଖନ୍ତୁ [ପୁରଃ ଅଗ୍ନିଂ ସମିନ୍ଧତାମ୍] । ଅମୃତତ୍ୱ ଦିଗରେ ଜାଗ୍ରତ୍ ଚେତନା ସେଠାରେ ରହିଛି [ତତ୍ର ଅମୃତସ୍ୟ ଚେତନମ୍] । ଆମେ ଦୁହେଁ ମିଳିତଭାବେ ତୁମ ନିମନ୍ତେ ତୁମର ଫଳପ୍ରସୂ ଯଜ୍ଞ ବିସ୍ତାର କରିବା ଆସ [ତେ ୟଜ୍ଞଂ ତନବାବହୈ] ।୪।

ତ୍ୱମୀଶିଷେ ବସୁପତେ ବସୂନାଂ
ତ୍ୱଂ ମିତ୍ରାଣାଂ ମିତ୍ରପତେ ଧେଷ୍ଠଃ ।
ଇନ୍ଦ୍ର ତ୍ୱଂ ମରୁଦ୍ଭିଃ ସଂ ବଦସ୍ୱା-
-ଧ ପ୍ରାଶାନ ରତୁଧା ହବୀଂଷି ।।୫।।

ଅଗସ୍ତ୍ୟ :

ଅର୍ଥ (ଅନ୍ୱୟ ସହ) : ସକଳ ବସୁ (ମୂଳବସ୍ତୁ)ମାନଙ୍କର ମୂଳ ଉପାଦାନ ହେ ଇନ୍ଦ୍ର ! [ବସୂନାଂ ବସୁପତେ ଇନ୍ଦ୍ର] ତୁମେ ଶକ୍ତିମାନ୍ ପ୍ରଭୁ [ତ୍ୱମ୍ ଈଶିଷେ] । ମିତ୍ରଶକ୍ତିମାନଙ୍କର ହେ ମିତ୍ରପତି ! [ମିତ୍ରାଣାଂ ମିତ୍ରପତେ] ନିଜ ଧାମକୁ ଅଧିକାର ମଧ୍ୟରେ ରଖିବାରେ ତୁମେ ସର୍ବୋତ୍ତମ ବଳଶାଳୀ [ତ୍ୱଂ ଧେଷ୍ଠଃ] । ତୁମେ ମରୁଦ୍‌ଗଣଙ୍କ ସହ ସମ୍ମତ ହୁଅ [ତ୍ୱଂ ମରୁଦ୍ଭିଃ ସଂବଦସ୍ୱ] ଏବଂ ତା'ପରେ [ଅଧ] ସତ୍ୟର ବିଧାନରେ ଅବଧାରିତ [ରତୁଧାଃ] ସମର୍ପଣଗୁଡ଼ିକୁ ଭୋଗକର [ହବୀଂଷି ପ୍ରାଶାନ] ।୫।

ଭାଷ୍ୟ

ଉକ୍ତ ସୂକ୍ତର ମୂଳ ତତ୍ତ୍ୱଟି ଆଧ୍ୟାତ୍ମିକ ଅଗ୍ରଗତିର ସେଇ ଅବସ୍ଥାର ଅନ୍ତର୍ଗତ ଯେତେବେଳେ ମାନବ ବ୍ୟକ୍ତି 'ଧୀ'ର ଦ୍ରଷ୍ଟୃଚେତନା ସାହାଯ୍ୟରେ ଉନ୍ନତ ସ୍ତରକୁ ଦ୍ରୁତ ଅତିକ୍ରମ କରିଯିବା ପାଇଁ ଇଚ୍ଛା କରେ ଏଇ ଉଦ୍ଦେଶ୍ୟରେ ଯେ ସିଏ ସଚେତନଭାବେ କରୁଥିବା ଗୋଟିଏ ପରେ ଗୋଟିଏ କର୍ମ – ଏପରିକି ପ୍ରଗତିଶୀଳ ପୂର୍ଣ୍ଣବିକାଶ ନ କରି

ମଧ୍ୟ — ଅପରିପକ୍ୱ ସ୍ଥିତିରେହିଁ ସକଳ ବସ୍ତୁର ମୂଳ-ଉପରେ ସତେ ଯେପରି ଉପନୀତ ହୋଇଯିବ । ତା'ର ଏଇ ପ୍ରୟାସକୁ ଦେବତାଗଣ, ଯେଉଁମାନେ ମାନବୀୟ ବିଶ୍ୱ ତଥା ଜାଗତିକ ବିଶ୍ୱ ଉପରେ ଆଧିପତ୍ୟ କରୁଛନ୍ତି ସେଇମାନେ ବିରୋଧ କରିଛନ୍ତି ଏବଂ ଫଳରେ ଏକ ଭୟଙ୍କର ସଂଘର୍ଷ ମାନୁଷୀ ଚେତନା ମଧ୍ୟରେ ଦେଖାଦେଇଛି ଯେଉଁଥିରେ ଗୋଟିଏ ପକ୍ଷରେ ଏକ ଅହଂଭାବ ପ୍ରଣୋଦିତ ବ୍ୟଗ୍ରତାଯୁକ୍ତ ବ୍ୟକ୍ତି-ଆତ୍ମା ଏବଂ ଅପର ପକ୍ଷରେ ବିଶ୍ୱଗତ ଭଗବତ୍ ଅଭିପ୍ରାୟକୁ ସିଦ୍ଧ କରିବାକୁ ଚାହୁଁଥିବା ବିଶ୍ୱଶକ୍ତିମାନେ ।

ଏହିପରି ଏକ ସଂଘର୍ଷର ସନ୍ଧିକ୍ଷଣରେ ଋଷି ଅଗସ୍ତ୍ୟ ତାଙ୍କ ଆନ୍ତର ଉପଲବ୍ଧିର କ୍ଷେତ୍ରରେ ଇନ୍ଦ୍ରଙ୍କର ସମ୍ମୁଖୀନ ହୋଇଛନ୍ତି — ଯେଉଁ ଇନ୍ଦ୍ର ହେଉଛନ୍ତି ବିଶୁଦ୍ଧ ଧୀଲୋକର ଲୋକର ଅର୍ଥାତ୍ ସ୍ୱର୍ଲୋକର ଅଧିପତି, ଏହି ଧିଷଣାର ଭିତର ଦେଇ ଉତ୍ତୀର୍ଣ୍ଣଶୀଳ ବ୍ୟକ୍ତି-ଆତ୍ମା ଦିବ୍ୟସତ୍ୟ ମଧ୍ୟକୁ ଉନ୍ନୀତ ହୁଏ ।

ଇନ୍ଦ୍ର ସର୍ବପ୍ରଥମେ ସର୍ବବସ୍ତୁର ଅଜ୍ଞେୟ 'ପରମ ଆଦିମୂଳ'ଙ୍କ ବିଷୟରେ କହୁଛନ୍ତି ଯାହା ଅଭିମୁଖେ ଅଗସ୍ତ୍ୟ ଏତେ ଅଧୀର ଭାବେ ଆଗେଇ ଯିବାକୁ ପ୍ରୟାସ କରୁଛନ୍ତି । ସେ 'କାଳ' ମଧ୍ୟରେ ଲଭ୍ୟ ନୁହନ୍ତି । ବର୍ତ୍ତମାନର ବାସ୍ତବ ଘଟଣାବହୁଳତା ଭିତରେ ନତୁବା ଭାବୀକାଳର ସମ୍ଭାବ୍ୟ ପରିଣାମଗୁଡ଼ିକ ଭିତରେ ବି ସେ ରହି ନ ଥା'ନ୍ତି । ସେ ବର୍ତ୍ତମାନ କାଳରେ ନାହାନ୍ତି କିଂବା ପରେ ବି ଏହାଙ୍କର ଆବିର୍ଭାବ ନାହିଁ । ଏହାଙ୍କର ସ୍ଥିତି ଦେଶ ଓ କାଳର ପରପାରରେ, ସୁତରାଂ, ଯାହା ଦେଶକାଳରେ ସୀମିତ, ସେସବୁ ଦ୍ୱାରା ସ୍ୱୟଂ ସେ ବୋଧଗମ୍ୟ ହେବେ ନାହିଁ, ସେ ଯେଉଁ ଚେତନାର ଆକାର ତଥା କ୍ରିୟା ମଧ୍ୟରେ ନିଜକୁ ଅଭିବ୍ୟକ୍ତ କରନ୍ତି, ତାହା ତାଙ୍କର ନିଜସ୍ୱ ନୁହେଁ; ଆହୁରି ମଧ୍ୟ ତାଙ୍କର ସେଇ ସମସ୍ତ କ୍ରିୟାବଳି ଭିତର ଦେଇ ଏକଥା ବୁଝାଯାଏ ଯେ ସେହି 'ତତ୍'ହିଁ ଆମର ଉପଲବ୍ଧିର ବିଷୟ ହେବା ବିଧେୟ । ପରନ୍ତୁ କେହି ଯଦି ଇଚ୍ଛାକୃତଭାବେ ତାଙ୍କ ନିଜଟରେ ଉପନୀତ ହେବାକୁ ଏବଂ ତାଙ୍କ ନିଜର ଗୋଚରକୁ ଆଣିବାକୁ ମାନସିକ ଭାବରେ ପ୍ରୟାସ କରେ, ତେବେ ସେହି ତତ୍ସ୍ୱରୂପ ତା'ର ଚିନ୍ତା ମଧ୍ୟରୁ ଅପସୃତ ହୋଇଯା'ନ୍ତି — ଏମିତି ଭାବରେ ଅଦୃଶ୍ୟ ହୋଇ ଯାଆନ୍ତି ଯେପରି ସେହି ତତ୍ସ୍ୱରୂପ ମୂଳରୁହିଁ ସେଠାରେ ନ ଥିଲେ । (ମନ୍ତ୍ର-୧)

ଅଗସ୍ତ୍ୟ ତା' ସତ୍ତ୍ୱେ ବି ବୁଝିପାରୁ ନାହାନ୍ତି ଯେ ଯିଏ ସର୍ବଭୂତର ସର୍ବୋତ୍ତମ ଲକ୍ଷ୍ୟ ଏବଂ ତାଙ୍କର ସମସ୍ତ ଚିନ୍ତା ଓ ଅନୁଭବ ଯାହାଙ୍କୁ ଲାଭ କରିବାକୁ ଅତିଶୟ ବ୍ୟଗ୍ର ଭାବେ ଦାବି କରୁଛି, ସେଥିରୁ ତାଙ୍କୁ କାହିଁକି, କେଉଁଥିପାଇଁ ପ୍ରବଳଭାବେ ବିରୋଧ କରାଯାଉଛି । ମରୁଦ୍‌ଗଣ ହେଉଛନ୍ତି 'ଧୀ'ଶକ୍ତି, ଯାହାଙ୍କର ପ୍ରଭାବଶାଳୀ ସାମର୍ଥ୍ୟ ଏବଂ ସେମାନଙ୍କର ଅଗ୍ରଗତିରେ ଦୃଢ଼ ଓ ଆପାତ ବିଧ୍ୱଂସକ ମନେ ହେଉଥିବା ସଂବେଗମାନ ପୂର୍ବପ୍ରତିଷ୍ଠିତ ଚିନ୍ତାରାଜିକୁ ଭାଙ୍ଗି ନଷ୍ଟ କରିଦିଏ ଅଥଚ ନୂତନ ଭାବରେ ରଚିତ ହେବାକୁ

ଯାଉଥିବା ସିଦ୍ଧିର ଗଠନଗୁଡ଼ିକୁ ଲାଭ କରିବାରେ ସେଗୁଡ଼ିକ ସାହାଯ୍ୟ କରନ୍ତି । ଇନ୍ଦ୍ର, ଯିଏ କି ଅବିମିଶ୍ର ପ୍ରଜ୍ଞାର ଶକ୍ତି, ସିଏ ସେମାନଙ୍କର ଭାଇ,— ସତ୍ତା ଦୃଷ୍ଟିରୁ ଦେଖିଲେ ଇନ୍ଦ୍ର ଜ୍ୟେଷ୍ଠ, ତଥାପି ସ୍ୱଭାବ ଦୃଷ୍ଟିରୁ ସେ ସେମାନଙ୍କର ଆତ୍ମୀୟ । ସେମାନଙ୍କର (ମରୁଦ୍‌ଗଣଙ୍କର) ସହାୟକ ବସ୍ତୁମାନଦେଇ ଇନ୍ଦ୍ର ସେହି ପୂର୍ଣ୍ଣତା ସମ୍ପାଦନ କରିବା ଉଚିତ ସେଇ ଦିଗରେ ଯେଉଁ ଦୁଷ୍କର କର୍ମରେ ଅଗସ୍ତ୍ୟ ପ୍ରଯତ୍ନଶୀଳ — ଯେଉଁଥିରେ ସିଏ ଭୀଷଣ ସଂଘର୍ଷରେ ଲାଗିଛନ୍ତି — ଇନ୍ଦ୍ର ସେଥିରେ ବୈରୀର ଭୂମିକା ନିର୍ବାହ ନ କରନ୍ତୁ, ସେଥିରେ ମିତ୍ରକୁ ବଧ ନ କରି ବରଂ ସହାୟତା କରନ୍ତୁ । (ମନ୍ତ୍ର-୨)

ଇନ୍ଦ୍ରଦେବ, ଉତ୍ତରରେ କହୁଛନ୍ତି ଯେ ଅଗସ୍ତ୍ୟ ତାଙ୍କର ସଖା ଓ ଭ୍ରାତା — ଏଇ ଦୃଷ୍ଟିରୁ ଯେହେତୁ ସେ ଭ୍ରାତା ଆତ୍ମିକ ସ୍ତରରେ ସେ ଦୁହେଁ ପରମ ପ୍ରଭୁଙ୍କର ସନ୍ତାନ; ଏବଂ ମିତ୍ର ଏଥିଯୋଗୁଁ ଯେ ଏକହିଁ ପ୍ରୟାସରେ ସେ ଦୁହେଁ କର୍ମ କରିବାକୁ ଅଙ୍ଗୀକାରବଦ୍ଧ ଏବଂ ଯେଉଁ ଦିବ୍ୟପ୍ରେମ ଭଗବାନ୍ ଓ ମାନବକୁ ବାନ୍ଧି ରଖେ ସେଥିପାଇଁ ସେଦୁହେଁ ଏକ (one), ଅଧିକନ୍ତୁ ଏଇ ବନ୍ଧୁତା ଓ ସହଯୋଗିତା ଫଳରେ ଆପଣା କ୍ରମପ୍ରଗତିରେ ପୂର୍ଣ୍ଣତା ଆଣିବାକୁ ବର୍ତ୍ତମାନ ଯାତ୍ରାପଥରେ ଯେଉଁ ଅବସ୍ଥାରେ ଆସି ଉପନୀତ ହୋଇଛନ୍ତି, ସେଇଟି ତାଙ୍କରି (ଇନ୍ଦ୍ରଙ୍କର) ସହାୟତା ହୋଇଥିଲେହେଁ ଅଗସ୍ତ୍ୟ ତାଙ୍କ ପ୍ରତି ନିମ୍ନତର ଶକ୍ତି ଭଳି ହେୟ ଆଚରଣ କରୁଛନ୍ତି; ଏବଂ ଦେବଲୋକର ସର୍ତ୍ତମାନ ନିଜ ଭିତରେ ପୂରା ସଂସିଦ୍ଧ କରିବା ବିନା ସେଇ ଲୋକକୁ ଅତିକ୍ରମିଯିବାକୁ ସେ ଚେଷ୍ଟିତ । ତାଙ୍କର ବର୍ଦ୍ଧିତ ଧୀ-ଶକ୍ତିକୁ ସେ ସ୍ୱକୀୟ ଲକ୍ଷ୍ୟ ଅଭିମୁଖରେ ନେଇ ଚାଲିଛନ୍ତି, ଯେଉଁ ଜାଗାରେ କି ଅଗସ୍ତ୍ୟଙ୍କୁ ମାଧମ କରି ଏଇ ଧୀ-ସମ୍ପଦମାନ ବିଶ୍ୱଗତ ବିପୁଳ ଧୀମତ୍ତା ନିକଟରେ ସମର୍ପି ଦେବା ପ୍ରୟୋଜନ ଥିଲା ଯଦ୍ଦ୍ୱାରା ତାଙ୍କର ପ୍ରଜ୍ଞା ମାନବଜାତିର ଉପଲବ୍ଧିରେ ସମୃଦ୍ଧି ଆଣିଦେଇଥା'ନ୍ତା ତଥା ଅଗସ୍ତ୍ୟଙ୍କୁ ସତ୍ୟର ମାର୍ଗରେ ଅଗ୍ରସର କରାଇ ନେଇଥା'ନ୍ତା । ଏଇଠାରେ, ଇନ୍ଦ୍ର ପୁଣି କହୁଛନ୍ତି (ଅଗସ୍ତ୍ୟଙ୍କ ଉଦ୍ଦେଶ୍ୟରେ) : ଏବେ ତାଙ୍କର ଅହଂପ୍ରଣୋଦିତ ପ୍ରଚେଷ୍ଟାର ପରିସମାପ୍ତି ଘଟୁ ଓ ଉକ୍ତ ମହାଯଜ୍ଞର ପୁନରାରମ୍ଭ ହେଉ; ଯଜ୍ଞର ପୁରୋହିତ ରୂପେ ତଥା ଏଇ ଅଭିଯାତ୍ରାର ପ୍ରଥମ ଭୂମିକା ଓ ଯାତ୍ରାର ପଥନିର୍ଦ୍ଦେଶ ରୂପେ ଅଗ୍ନିଦେବଙ୍କୁ ଯିଏକି ଏ ଯଜ୍ଞର ପୁରୋଧା, ଦିବ୍ୟଶକ୍ତିର ବହ୍ନି, ତାଙ୍କୁ ଜଳିବାକୁ ଦିଆଯାଉ । ଇନ୍ଦ୍ର ଓ ଅଗସ୍ତ୍ୟ — ଜଣେ ବିଶ୍ୱାତ୍ମକ ଶକ୍ତି ଓ ଅନ୍ୟ ଜଣକ ମାନବ ବ୍ୟକ୍ତି-ଆତ୍ମା, ଉଭୟେ ସମନ୍ୱିତ ଓ ମିଳିତ ଭାବରେ ଫଳପ୍ରଦ ଆନ୍ତର କ୍ରିୟାଶୀଳତାକୁ ବିଶୁଦ୍ଧ ବୁଦ୍ଧିମତ୍ତାର ସ୍ତରକୁ ଉଠାଇ ନେବେ, ଯଦ୍ଦ୍ୱାରା ପରିଣାମରେ ସେହି ସ୍ତରରେ ତାହାକୁ ସମୃଦ୍ଧ କରିବେ ଏବଂ ତାହାର ଉର୍ଦ୍ଧ୍ୱକୁ ମଧ୍ୟ ନେଇ ଚାଲିବେ, କାହିଁକି ନା, ଏକଥା ନିଶ୍ଚିତ ଯେ ଭାଗବତ କ୍ରିୟାନ୍ୱୟନରେ ନିମ୍ନତର ସତ୍ତା କ୍ରମଶଃ ଯେତେ ଅଧିକ ଉତ୍ତରୋତ୍ତର ସମର୍ପିତ ହୋଇଚାଲିବ, ତା'ର ସୀମିତ ଓ

ଅହଂଗ୍ରସ୍ତ ଚେତନା ଅସୀମ ଓ ଅମୃତମୟ ସ୍ଥିତି ପ୍ରତି ସେତେ ଜାଗରୂକ ହେବ – ଯାହା ତା'ର ଲକ୍ଷ୍ୟ । (ମନ୍ତ୍ର-୩-୪)

ଇନ୍ଦ୍ରଦେବଙ୍କର ଏଇ ଇଚ୍ଛା ଋଷି ଅଗସ୍ତ୍ୟ ମାନି ନେଇଛନ୍ତି ଏବଂ ତାଙ୍କ ନିଜରେ ନିଜକୁ ସମର୍ପିତ କରୁଛନ୍ତି । ଇନ୍ଦ୍ରଙ୍କର କ୍ରିୟାଧାରା ମଧ୍ୟରେ ପରମପ୍ରଭୁଙ୍କୁ ପ୍ରତ୍ୟକ୍ଷ କରିବାକୁ ଓ ତାଙ୍କର ଅଭିଳାଷକୁ ପରିପୂର୍ଣ୍ଣ କରିବାକୁ ସେ ସ୍ୱୀକୃତ ହୋଇଛନ୍ତି । ଇନ୍ଦ୍ର ତାଙ୍କର ନିଜ ଲୋକରେ ଥାଇ, ସତ୍ତାର ମୂଳଭତ୍ତ୍ୱସବୁର (ବସୁମାନଙ୍କର) ସର୍ବମୟ ପ୍ରଭୁ, ବସୁ – ଯାହାସବୁ ମନ, ପ୍ରାଣ ଓ ଦେହରୂପୀ ତ୍ରିଧାଙ୍ଗଗତରେ ଅଭିବ୍ୟାପ୍ତ; ତଥା ଏହି କାରଣରୁହିଁ ତାଙ୍କ ଭିତରେ ଏଭଳି ଶକ୍ତି ରହିଛି ଯାହାଦ୍ୱାରା ଏ ବିଶ୍ୱ ଜଗତରେ ନିଜକୁ ବ୍ୟାପ୍ତ କରୁଥିବା ଦିବ୍ୟସତ୍ୟକୁ ପ୍ରକୃତିର କ୍ରିୟାଧାରା ମଧ୍ୟରେ ପରିପୂର୍ଣ୍ଣ କରିବା ନିମନ୍ତେ ଏଇ ତ୍ରିବିଧ ଲୋକରେ ବସ୍ତୁରୂପଗୁଡ଼ିକୁ ଉପଯୋଗ କରିପାରନ୍ତି; ସେହିପରି ପ୍ରେମ ଓ ଆନନ୍ଦର ସର୍ବୋଚ୍ଚ ପ୍ରଭୁରୂପେ ଇନ୍ଦ୍ରଙ୍କର ଏଭଳି ଶକ୍ତି ରହିଛି ଯାହା ଉକ୍ତ ସଂରଚନାର ବସ୍ତୁରୂପଗୁଡ଼ିକୁ ପ୍ରକୃତିର ପଦ୍ଧତିରେ ଉକ୍ତ ସମାନ ତ୍ରିବିଧ (ମନ, ପ୍ରାଣ ଓ ଶରୀର) ଲୋକରେ ଯଥାସ୍ଥାନରେ ସଂସ୍ଥାପିତ କରିପାରନ୍ତି । ଅଗସ୍ତ୍ୟଙ୍କଠାରେ ଯାହାକିଛି ଉପଲବ୍ଧି ଘଟିଥିଲା, ସେସବୁକୁ ସେ ଯଜ୍ଞର ହବିଃ ରୂପେ ଇନ୍ଦ୍ରଙ୍କ ହସ୍ତରେ ସମର୍ପି ଦେଲେ ଯାହାଫଳରେ କି ତାଙ୍କରି ଦ୍ୱାରା ଅଗସ୍ତ୍ୟଙ୍କ ଚେତନାର ନିର୍ଦ୍ଦିଷ୍ଟ ଅଙ୍ଗରେ ଏବଂ ସଦ୍ୟ ରଚନା ଦିଗରେ ସେସବୁକୁ ପ୍ରବର୍ତ୍ତିତ କରାଯାଇ ପାରିବ । ଇନ୍ଦ୍ର ପୁନରାୟ ଅଗସ୍ତ୍ୟଙ୍କ ସତ୍ତାର ଊର୍ଦ୍ଧ୍ୱମୁଖୀ ଅଭୀପ୍ସୁ ଶକ୍ତିମାନଙ୍କ (ମରୁତ୍‌ଗଣଙ୍କ) ସହ ସୁହୃଦ୍ ଭଳି ଆଳାପ ଆରମ୍ଭ କରିଛନ୍ତି; ଋଷିଙ୍କର ଚିନ୍ତାବଳି ଏବଂ ଭାସ୍ୱର ଜ୍ଞାନ ମାଧ୍ୟମରେ ଆମ ପାଖକୁ ଅବିମିଶ୍ର ପ୍ରଜ୍ଞା ଆସି ଏକ ସହମତିତା ଯେପରି ପ୍ରତିଷ୍ଠା କରିପାରେ । ସେତେବେଳେ ଯାଇ ଉକ୍ତ ଶକ୍ତି (ଇନ୍ଦ୍ରଶକ୍ତି) ଉଭୟ ଲୋକର ସତ୍ୟର ବିଧାନକୁ (ଋତଧାଃ) ଆଶ୍ରୟ କରି ରୂପାୟିତ ଓ ପରିଚାଳିତ ବସ୍ତୁନିଚୟର ଯଥାର୍ଥ ସ୍ଥିତିକୁ ଅନୁସରଣ କରି ଯଜ୍ଞାହୁତିଗୁଡ଼ିକୁ ଅଗସ୍ତ୍ୟଙ୍କ ମଧ୍ୟରେ ଉପଭୋଗ କରିବେ । (ମନ୍ତ୍ର-୫)

ଅଧ୍ୟାୟ – ୨

ଜ୍ୟୋତିର୍ଦାତା ଇନ୍ଦ୍ର

(ଋଗ୍‌ବେଦ : ମଣ୍ଡଳ-୧, ସୂକ୍ତ : ୪, ଋଷି : ମଧୁଚ୍ଛନ୍ଦା ବୈଶ୍ୱାମିତ୍ର)

ସୁରୂପକୃତ୍ନୁମୂତୟେ ସୁଦୁଘାମିବ ଗୋଦୁହେ ।
ଜୁହୂମସି ଦ୍ୟବିଦ୍ୟବି ॥୧॥

ଅର୍ଥ (ଅନ୍ୱୟ ସହ) : ସୁରୂପଗୁଡ଼ିକର ରୂପକାର [ସୁରୂପକୃତ୍ନୁମ୍], 'ଗୋ'-ଦୋହକମାନଙ୍କ ନିମନ୍ତେ [ଗୋଦୁହେ] ସେ ଜଣେ ଉତ୍ତମ ଦୋହକ ଭଳି [ସୁଦୁଘାମ୍ ଇବ] । ଦିନ ପରେ ଦିନ [ଦ୍ୟବିଦ୍ୟବି] ଆମର ଯେପରି ବିକାଶ ଘଟେ ସେଥିପାଇଁ [ଊତୟେ] ଆମେ ତାଙ୍କୁ ଆବାହନ କରୁଛୁ [ଜୁହୂମସି] ।

ଉପ ନଃ ସବନା ଗହି ସୋମସ୍ୟ ସୋମପାଃ ପିବ ।
ଗୋଦା ଇଦ୍ ରେବତୋ ମଦଃ ॥୨॥

ଅର୍ଥ (ଅନ୍ୱୟ ସହ) : ଆମର [ନଃ] ସୋମ-ହବନ ନିକଟକୁ [ସୋମସ୍ୟ ସବନା ଉପ] ତୁମେ ଆସ [ଆ ଗହି] । ହେ ସୋମପା [ସୋମପାଃ], ସୋମ-ମଦ୍ୟକୁ ପାନକର [ମଦଃ ପିବ]; ତୁମ ଆନନ୍ଦର ମାଦକତା [ରେବତଃ] ପ୍ରକୃତରେ [ଇତ୍] ଜ୍ୟୋତିଃ ପ୍ରଦାନ କରିଥାଏ [ଗୋଦା] ।

ଅଥା ତେ ଅନ୍ତମାନାଂ ବିଦ୍ୟାମ ସୁମତୀନାମ୍ ।
ମା ନୋ ଅତି ଖ୍ୟ ଆ ଗହି ॥୩॥

ଅର୍ଥ (ଅନ୍ୱୟ ସହ) : ଏହାପରେ [ଅଥ] ତୁମର ଅନ୍ତକୁ ସ୍ପର୍ଶ କରୁଥିବା ସୁଚିନ୍ତାଗୁଡ଼ିକୁ [ତେ ଅନ୍ତମାନାଂ ସୁମତୀନାମ୍] କୌଣସି ପ୍ରକାରେ ଆମେ ଜାଣିବାକୁ ପାଉଁ [ବିଦ୍ୟାମ] । ଆମକୁ ଅତିକ୍ରମ କରିଯାଉଥିବା ବସ୍ତୁ ଆମକୁ ଦର୍ଶାଅ ନାହିଁ [ମା ନଃ ଅତି ଖ୍ୟ], ଅସ [ଆ ଗହି] ।

ପରେହି ବିଗ୍ରମସ୍ତମିନ୍ଦ୍ରଂ ପୃଚ୍ଛା ବିପଶ୍ଚିତମ୍ ।
ୟସ୍ତେ ସଖିଭ୍ୟ ଆ ବରମ୍ ॥୪॥

ଅର୍ଥ (ଅନ୍ୱୟ ସହ) : ତାଙ୍କ ପାଖକୁ ଆସ [ପରେହି], ସତ୍ୟଦର୍ଶୀମନସ୍ୱୀ [ବିପଶ୍ଚିତମ୍] ବଳଶାଳୀ [ବିଗ୍ରମ୍] ଦୁର୍ଧର୍ଷ [ଅସ୍ତୃତମ୍] ଇନ୍ଦ୍ରଙ୍କୁ [ଇନ୍ଦ୍ରମ୍] ପ୍ରଶ୍ନକର [ପୃଚ୍ଛ], ଯିଏ [ୟଃ] ତୁମ ସଖାଗଣଙ୍କ ନିମନ୍ତେ [ତେ ସଖିଭ୍ୟଃ] ପରମ ମଙ୍ଗଳ ଆଣିଦେଇଛନ୍ତି [ବରମ୍ ଆ] ।

ଉତ ବ୍ରୁବନ୍ତୁ ନୋ ନିଦୋ ନିରନ୍ୟତଶ୍ଚିଦାରତ ।
ଦଧାନା ଇନ୍ଦ୍ର ଇଦ୍ କୃବଃ ॥୫॥

ଅର୍ଥ (ଅନ୍ୱୟ ସହ) : ଆହୁରି ମଧ୍ୟ [ଉତ] ବିରୋଧୀମାନେ [ନିଦଃ[୧]] ଆମକୁ କହନ୍ତୁ [ବ୍ରୁବନ୍ତୁ] କି ''ନା [ନୋ], ଇନ୍ଦ୍ରଙ୍କଠାରେ [ଇନ୍ଦ୍ରେ] ତୁମ କର୍ମକୁ ଆଧାରିତ କରି [କୃବଃ ଦଧାନାଃ] ତୁମେମାନେ ଆଗକୁ ବଢ଼ିଆସ [ଆ-ରତ] ଏପରିକି [ଚିତ୍] ଅନ୍ୟ ଭୂମିକ୍ଷେତ୍ରରେ ମଧ୍ୟ ଚର୍ଷଣ କର [ଅନ୍ୟତଃ] ।''

ଉତ ନଃ ସୁଭଗାଁ ଅରିର୍ବୋଚେୟୁର୍ଦସ୍ମ କୃଷ୍ଟୟଃ ।
ସ୍ୟାମେଦିନ୍ଦ୍ରସ୍ୟ ଶର୍ମଣି ॥୬॥

ଅର୍ଥ (ଅନ୍ୱୟ ସହ) : ଏବଂ [ଉତ] ହେ ସିଦ୍ଧକର୍ମୀଗଣ [ଦସ୍ମ] ! ଯୋଦ୍ଧାମାନେ [ଅରିଃ] ତଥା କର୍ମୀମାନେ [କୃଷ୍ଟୟଃ[୨]] ଆମମାନଙ୍କୁ [ନଃ] ପୂର୍ଣ୍ଣସୌଭାଗ୍ୟବାନ୍ ବୋଲି [ସୁଭଗାନ୍]

---

୧ ଅଥବା, ନିନ୍ଦୁକ, ନିଦଃ । ମୋ ବିଚାରରେ 'ନିଦ୍' ଧାତୁ ''ବନ୍ଧନ'', ''ସମାବଦ୍ଧୀକରଣ'', ''ସୀମିତୀକରଣ'' ଆଦି ଅର୍ଥ ବହନ କରେ, ଭାଷାବିଜ୍ଞାନର ବ୍ୟୁତ୍ପତ୍ତି ଅନୁସାରେ ଏହିସବୁ ଅର୍ଥକୁ ପୂର୍ଣ୍ଣ ନିଶ୍ଚୟତା ସହ ଏଠାରେ ଦିଆଯାଇପାରେ । ନିବିଡ = ଆବଦ୍ଧ, ନିଦାନ = ବନ୍ଧନରଜ୍ଜୁ — ଏହି ଉଭୟ ଶବ୍ଦର ମୂଳରେ ଏହି ଧାତୁ ରହିଛି । କିନ୍ତୁ ଉକ୍ତ ଧାତୁଟିର ଅର୍ଥ ମଧ୍ୟ ନିନ୍ଦାକରିବା । ଗୁହ୍ୟାର୍ଥବ୍ୟଞ୍ଜକ ଏହି ବିଶିଷ୍ଟ ପଦ୍ଧତି ଅନୁସାରେ ବିଭିନ୍ନ ସୂକ୍ତରେ ଅର୍ଥଦୃଷ୍ଟିରୁ ଗୋଟିଏ ବା ଅନ୍ୟଟି ପ୍ରାଧାନ୍ୟ ଲାଭ କରୁଥିଲେ ବି ଏକ ଅନ୍ୟଟିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରେ ନାହିଁ ।

୨ ''ଅରିଃ କୃଷ୍ଟୟଃ''କୁ ଅର୍ଥ କରାଯାଇପାରେ ''ଆର୍ଯ୍ୟଜନଗଣ'' କିମ୍ବା ''ଯୁଦ୍ଧପ୍ରିୟ ଜାତିଗଣ'' । 'କୃଷ୍ଟି' ଓ 'ଚର୍ଷଣୀ' ଶବ୍ଦଦ୍ୱୟର ଅର୍ଥ ପାୟଣ କରିଛନ୍ତି 'ମାନବ' । ଏଦୁଇଟିର ଧାତୁ ଯଥାକ୍ରମେ 'କୃଷ୍', 'ଚର୍ଷ୍', ଯାହାର ମୌଳିକ ଅର୍ଥ ଶ୍ରମ, ଉଦ୍ୟମ ଅଥବା ଶ୍ରମସାପେକ୍ଷ କର୍ମ । ଏହାର ଅର୍ଥ ମଧ୍ୟ କେବେ ହୁଏ ବୈଦିକ କର୍ମର କର୍ତ୍ତା ତ କେବେ କେବଳ କର୍ମ,— କର୍ମୀ କିମ୍ବା କୃତି ।

କହନ୍ତୁ [ବୋଚେୟୁଃ]; ଆମେ ଇନ୍ଦ୍ରଙ୍କ ଶାନ୍ତିରେହିଁ ନିବାସ କରୁଁ [ଇନ୍ଦ୍ରସ୍ୟ ଶର୍ମଣି ଇତ୍ ସ୍ୟାମ]।

ଏମାଶୁମାଶବେ ଭର ୟଜ୍ଞଶ୍ରିୟଂ ନୃମାଦନମ୍।
ପତୟନ୍ ମନ୍ଦୟତ୍ସଖମ୍ ॥୭॥

ଅର୍ଥ (ଅନ୍ୱୟ ସହ) : ତୀବ୍ରତା ପାଇଁ [ଆଶବେ] ତୀବ୍ରବେଗରେ [ଆଶୁମ୍] ସଖାଗଣଙ୍କୁ ଆମୋଦିତ କରୁଥିବା ଇନ୍ଦ୍ରଙ୍କ [ମନ୍ଦୟତ୍ସଖମ୍] ମାର୍ଗକୁ ଗ୍ରହଣ କରି [ପତୟନ୍] ମାନବଗଣଙ୍କୁ ମଦାନ୍ୱିତ କରୁଥିବା [ନୃମାଦନମ୍] ଏହି ଯଜ୍ଞଶ୍ରୀକୁ [ଇଂ ୟଜ୍ଞଶ୍ରୀୟମ୍] ତୁମେ ବହନ କରିଆଣ [ଆ ଭର]।

ଅସ୍ୟ ପୀତ୍ୱା ଶତକ୍ରତୋ ଘନୋ ବୃତ୍ରାଣାମଭବଃ।
ପ୍ରାବୋ ବାଜେଷୁ ବାଜିନମ୍ ॥୮॥

ଅର୍ଥ (ଅନ୍ୱୟ ସହ) : ଏହାକୁ ପାନ କରିବା ପରେ [ଅସ୍ୟ ପୀତ୍ୱା], ହେ ଶତକର୍ମଶାଳିନ୍ [ଶତକ୍ରତୋ]! ତୁମେ ବୃତ୍ରଗଣଙ୍କର ହନ୍ତା ହୋଇଛ [ବୃତ୍ରାଣାଂ ଘନଃ ଅଭବଃ] ଏବଂ ମାନସସମୃଦ୍ଧି ମଧ୍ୟରେ [ବାଜେଷୁ] ସମୃଦ୍ଧ ମନକୁ [ବାଜିନମ୍] ତୁମେ ରକ୍ଷା କରିଛ [ପ୍ର-ଆବଃ]।

ତଂ ତ୍ୱା ବାଜେଷୁ ବାଜିନଂ ବାଜୟାମଃ ଶତକ୍ରତୋ।
ଧନାନାମିନ୍ଦ୍ର ସାତୟେ ॥୯॥

ଅର୍ଥ (ଅନ୍ୱୟ ସହ) : ହେ ଶତକର୍ମଶାଳିନ୍ ଇନ୍ଦ୍ର [ଶତକ୍ରତୋ ଇନ୍ଦ୍ର]! ଆମ ଧନଗୁଡ଼ିକର [ଧନାନାମ୍] ସୁରକ୍ଷିତ ଉପଭୋଗ ନିମନ୍ତେ [ସାତୟେ] ନିଜ ସମୃଦ୍ଧିରେ ସମୃଦ୍ଧ ତୁମକୁ [ବାଜେଷୁ ବାଜିନଂ ତଂ ତ୍ୱା] ପୁନଃ ସୁସମୃଦ୍ଧ କରୁଛୁ [ବାଜୟାମଃ]।

ୟୋ ରାୟୋଽବନିର୍ମହାନ୍ସୁପାରଃ ସୁନ୍ୱତଃ ସଖା।
ତସ୍ମା ଇନ୍ଦ୍ରାୟ ଗାୟତ ॥୧୦॥

ଅର୍ଥ (ଅନ୍ୱୟ ସହ) : ଯେ ନିଜର ଆନନ୍ଦ-ବିଶାଳତାରେ ଅବନୀ ସଦୃଶ ଅଟନ୍ତି [ୟଃ ମହାନ୍ ରାୟଃ ଅବନିଃ], ଯିଏ ସୋମଦାତାଙ୍କ ସଖା ଅଟନ୍ତି ଏବଂ ତାଙ୍କୁ ପରପାର ପର୍ଯ୍ୟନ୍ତ ବହନ କରିନିଅନ୍ତି [ସୁନ୍ୱତଃ ସୁପାରଃ ସଖା], ସେହି ଇନ୍ଦ୍ରଙ୍କ ପ୍ରତି [ତସ୍ମୈ ଇନ୍ଦ୍ରାୟ] ତୁମେମାନେ ମନ୍ତ୍ରୋଚ୍ଚାରଣ କର [ଗାୟତ]।

(ସାୟଣଭାଷ୍ୟ)

୧. "(କର୍ମର) କର୍ତ୍ତା, ଯାହାଙ୍କର (ଅଛି) ଏଭ ଶୋଭନ ଦୃପ, ଇନ୍ଦ୍ର, ତାଙ୍କୁ ଆମେ ଆମର ସୁରକ୍ଷା ଲାଗି ଆବାହନ କରୁନ୍ତୁ ଯେପରି ଜଣେ ଗୋଦୋହକ ତା'ର ଉତ୍ତମ ଦୁଧିଆଳୀ ଗାଈକୁ (ଡାକୁଥାଏ)।

୨. "ହେ ସୋମପାୟି ଇନ୍ଦ୍ର ! ତୁମେ ଆମର (ତ୍ରି) ସୋମପାନୀୟ ଅର୍ପଣ ଅନୁଷ୍ଠାନକୁ ଆସ; ତୁମ ଧନବାନ୍ ମାଦକତା ନିଶ୍ଚୟ ଗୋଦାନ କରିଥାଏ।

୩. "ତା'ପରେ ତୁମର ନିକଟବର୍ତ୍ତୀ ଲୋକମାନଙ୍କ ମଧ୍ୟରେ (ବଣ୍ଟାଯମାନ) ହୋଇଥିବା ତୁମକୁ ଆମେ ଯେପରି ଜାଣି ପାରିବୁ। ଆମଠାରୁ ତୁମେ ଦୂରେଇ (ଯାଅ) ନାହିଁ (ଏବଂ) ତୁମେ (ନିଜକୁ ଅନ୍ୟମାନଙ୍କ ଆଗରେ) ପ୍ରଚ୍ଛାଶିତ କର ନାହିଁ, କିନ୍ତୁ ଆମ ନିକଟକୁ ଆସ।

୪. "(ଯଜ୍ଞମାନକୁ ହୋତା କହୁଛନ୍ତି) ତୁମେ ଯାଙ୍କ ନିକଟକୁ ଆସ ଏବଂ ମୋଭଳି ଜ୍ଞାନୀ (ମୁଁ ତାଙ୍କୁ ଠିକ୍‌ଭାବେ ସ୍ତୁତି କରିଛି କି ନାହିଁ) ତାହା ତାଙ୍କୁ ପଚାର, ଏ ସେହି ଇନ୍ଦ୍ର ଯିଏ ମେଧାବୀ ଓ ଅହିଂସକ, ଯିଏ ତୁମ ସଖାମାନଙ୍କୁ (ହୋତା ବ୍ରାହ୍ମଣଙ୍କୁ) ଉତ୍ତମ ସମ୍ପଦ ପ୍ରଦାନ କରନ୍ତି।

୫. "ଆମେ (ଅର୍ଥାତ୍, ଆମେ ହୋତାମାନେ) ଜହ୍ନୁଁ (ଅର୍ଥାତ୍, ଇନ୍ଦ୍ରଙ୍କ ସ୍ତୁତି କରୁ),— ଆହୁରି ମଧ୍ୟ, ତୁମେ ନିନ୍ଦୁକମାନେ (ଏହି ସ୍ଥାନରୁ) ତଥା ଅନ୍ୟ ସ୍ଥାନଗୁଡ଼ିକରୁ (ବାହାରି ଯାଅ) — (ଆମର ହୋତା ବ୍ରାହ୍ମଣ) ଇନ୍ଦ୍ରଙ୍କରହିଁ ସେବକ ହୁଅନ୍ତୁ।

୬. "ହେ (ଶତ୍ରୁ) ବିନାଶକ ! ଆମ ଶତ୍ରୁମାନେ ବି କହନ୍ତୁ ବି ଆମେ ଧନବାନ୍ ବୋଲି,— ମଣିଷମାନେ (ଅର୍ଥାତ୍, ଆମର ସଖାମାନେ ଅବଶ୍ୟ ଏଭଥା କହିବେ); ଇନ୍ଦ୍ରଙ୍କ (ପ୍ରସାଦରୁ) ଆମେ ଶାନ୍ତି ଲାଭ କରୁ।

୭. "ତୁମେ 'ସୋମ' ଆଣ ଯାହା ଯଜ୍ଞର ସମ୍ପଦ, ଯାହାର କାରଣରୁ ମାନବମାନେ ମଦାନ୍ୱିତ ହୋଇଥାନ୍ତି, (ଏହା ସେହି ସୋମ-ହବିଃ) ଯାହା ସୋମ-ହବିଃ ମଧ୍ୟରେ ପରିବ୍ୟାପ୍ତ ଇନ୍ଦ୍ରଙ୍କ ନିମନ୍ତେ ଆହୁତିତ୍ରୟ ମଧ୍ୟରେ ପରିବ୍ୟାପ୍ତ, ଯାହା ଯଜ୍ଞବିଧିରେ ଲାଗିଥାଏ ଓ ଇନ୍ଦ୍ରଙ୍କ ପାଇଁ ପ୍ରିୟ ତଥା (ଯଜ୍ଞମାନକୁ) ଖୁସି ପ୍ରଦାନ କରିଥାଏ।

୮. "ହେ ବହୁକର୍ମବାହକ ! ତୁମେ ତାହା ପାନକରି ବୃତ୍ରଗଣଙ୍କ (ଅର୍ଥାତ୍, ବୃତ୍ର ଦ୍ୱାରା ପରିଚାଳିତ ଶତ୍ରୁଙ୍କର) ଘାତକ ହୋଇଛ ଯୁଦ୍ଧଗୁଡ଼ିକରେ ତୁମେ ନିଜ ଯୋଦ୍ଧାକୁ ପୂର୍ଣ୍ଣରୂପେ ରକ୍ଷା କରିଛ।

୯. "ଶତକର୍ମବାହକ ହେ ଇନ୍ଦ୍ର ! ଧନସମୃଦ୍ଧିର ଉପଭୋଗ ନିମନ୍ତେ ରଣରେ" ଅତ୍ୟନ୍ତ ବଳଶାଳୀ ତୁମକୁ ଆମେ ଖାଦ୍ୟପ୍ରାଚୁର୍ଯ୍ୟ ସଂଯୁକ୍ତ କରୁଛୁ।

୧୦. ''ସେହି ଇନ୍ଦ୍ରଙ୍କ ସ୍ତୁତିଗାନ କର ଯିଏ ସମ୍ପଦର ରକ୍ଷାକାରୀ, ମହାନ୍, (କର୍ମର) ଉତ୍ତମ ପରିପୂର୍ତ୍ତିସାଧକ-ଯଜ୍ଞର ଏକତମ ସଖା ।''

ଭାଷ୍ୟ

ବିଶ୍ୱାମିତ୍ରଙ୍କ ପୁତ୍ର ମଧୁଚ୍ଛନ୍ଦା ସୋମଯଜ୍ଞରେ ସ୍ୱହସ୍ତରେ ସୋମହବି ନେଇ ଇନ୍ଦ୍ରଙ୍କୁ, ଯିଏ ଜ୍ୟୋତିଃଭାସ୍ୱର ମନର ଅଧିପତି, ତାଙ୍କୁ ଆବାହନ କରୁଛନ୍ତି ଏଇ କାରଣରୁ ଯେ ସେଇ ଜ୍ୟୋତିଃ ତାଙ୍କ ମନକୁ ଆଲୋକରେ ଭରିଦେବ । ଏଇ ସୂକ୍ତରେ ଯେତେଗୁଡ଼ିଏ ପ୍ରତୀକ ରହିଛି, ସେଗୁଡ଼ିକ ସାମୂହିକ ଯଜ୍ଞର ପ୍ରତୀକ । ଏ ସୂକ୍ତର ପ୍ରତିପାଦ୍ୟ ବିଷୟ ହେଉଛି : ଇନ୍ଦ୍ରଙ୍କଠାରେ ବଳ ଓ ଆନନ୍ଦର ସମୃଦ୍ଧି ଘଟୁ, ଆଉ ସେସବୁର ବୃଦ୍ଧି ସୋମ-ମଦ୍ୟ ପାନ କରିବା ହେତୁ; ଇନ୍ଦ୍ର (ଯଜ୍ଞ ସ୍ଥଳକୁ) ଆସନ୍ତୁ ଓ ଅମୃତତ୍ୱର ରସ ସ୍ୱରୂପ ସୋମ ପାନ କରନ୍ତୁ ଏବଂ ତା'ର ଫଳସ୍ୱରୂପ ମାନବ-ସତ୍ତା ଜ୍ଞାନଭାସ୍ୱରତା ପ୍ରାପ୍ତ ହେଉ, ଯଦ୍ଦ୍ୱାରା ତା'ର ଅନ୍ତର୍ଜ୍ଞାନ ଆଗରେ ଯେଉଁ ବାଧାସବୁ ରହିଛି, ସେଗୁଡ଼ିକ ଦୂର ହୋଇଯିବ ଏବଂ ବିମୁକ୍ତ ମନର ସର୍ବୋତ୍ତମ ବିଭବମାନ ସେ ଲାଭକରିବ ।

ମାତ୍ର ଏଇ ସୋମ ନାମକ ବସ୍ତୁଟି କ'ଣ, ଯାହା କେବେ କେବେ ଅମୃତ ନାମରେ ଅଭିହିତ ହୋଇଛି, ଗ୍ରୀକ୍ ଭାଷାରେ ଅମୃତର ବାଚ୍ୟ Ambrosia, ତାହା ସତରେହିଁ

---

[୩] ୮ମ ଋକ୍‌ରେ ସାୟଣ ''ବାଜିନାମ୍''କୁ 'ରଣକ୍ଷେତ୍ରରେ ଯୋଦ୍ଧା' ଅର୍ଥ ଦେଇ ବୁଝାଇଛନ୍ତି ଏବଂ ଠିକ୍ ତା' ପର ଋକ୍‌ରେ ସେହି ସମାନ ପଦର ଅର୍ଥ ହୋଇଛି 'ଯୁଦ୍ଧରେ ଯିଏ ବଳବାନ୍' ଏବଂ ''ବାଜେଷୁ ବାଜିନାଂ ବାଜୟାମଃ''ରେ ସେହି ସମାନ ପଦକୁ ଭିନ୍ନ ଭିନ୍ନ ତିନିଟି ଅର୍ଥ ଦେଇଛନ୍ତି : ''ଯୁଦ୍ଧ'', ''ବଳ'' ଓ ''ଅନ୍ନ'' । ସାୟଣଙ୍କ ଟୀକାପଦ୍ଧତିରେ ଥିବା ଅସଂଗତିର ଏହା ଏକ ବିଶେଷ ଉଦାହରଣ ।

ମୁଁ ଏଠାରେ ଦୁଇଟି ଅର୍ଥ ଏକସଙ୍ଗେ ଉପସ୍ଥାପନ କରିଛି ଏଇଥିପାଇଁ ଯେ ପାଠକ ଉଭୟ ଟୀକାପଦ୍ଧତି ଓ ତାହାର ଅର୍ଥନିର୍ଣ୍ଣୟର ଏକ ସହଜ ତୁଳନା କରି ଦେଖିପାରିବେ । ଟୀକାକାରଙ୍କ (ସାୟଣଙ୍କ) ବ୍ୟାଖ୍ୟାର ମଝିରେ ମଝିରେ ଆବଶ୍ୟକ ସ୍ଥଳେ ବନ୍ଧନୀ ମଧ୍ୟରେ ମୋର କିଛି କିଛି ଲେଖିବାର ଉଦ୍ଦେଶ୍ୟ ହେଲା ଅର୍ଥକୁ ପୂର୍ଣ୍ଣ ଓ ବୋଧକ୍ଷମ କରିବା । ଏପରିକି ଯେଉଁ ପାଠକ ସଂସ୍କୃତ ଭାଷା ସହିତ ଅପରିଚିତ, ମୁଁ ଭାବୁଛି ଯେ ସେ ଏହି ଗୋଟିଏ ଉଦାହରଣରୁ ସେହି ଯୁକ୍ତିକୁ ସମର୍ଥନ କରିପାରିବେ — ଆଧୁନିକ ଯୁକ୍ତିଧର୍ମୀ ମନ କାହିଁକି ସାୟଣଙ୍କ ଟୀକାକୁ ବୈଦିକ ସଂହିତାର ବିଶ୍ୱସନୀୟ ପ୍ରାମାଣିକ କୃତିରୂପେ ଗ୍ରହଣ କରିବାକୁ ଅସ୍ୱୀକାର କରେ ।

ଅମରତ୍ୱର ସାରବସ୍ତୁ ସଦୃଶ ନୁହେଁ କି ? ସୋମ ହେଉଛି ସେଇ ଦିବ୍ୟାନନ୍ଦ, ଯିଏ ଆନନ୍ଦତତ୍ତ୍ୱର ପ୍ରତୀକ, ଯେଉଁ ଉପରୁ ବୈଦିକ ବିଚାର ଦୃଷ୍ଟିରୁ ମାନବ-ସତ୍ତା ଉଦ୍ଭୂତ ହୋଇଛି ତଥା ମାନସିକ-ବ୍ୟକ୍ତିସତ୍ତାଟିର ପ୍ରାଦୁର୍ଭାବ ଘଟିଛି । ଏଇ ଗୂଢ଼ ଆନନ୍ଦହିଁ ସକଳ ଅସ୍ତିତ୍ୱର ମୂଳ ଆଧାର, ତାହାର ପରିପୋଷଣକାରୀ ପରିବେଶ ଏବଂ ଅଧିକନ୍ତୁ ପରିପୋଷଣର ସାରବସ୍ତୁ କହିଲେ ଚଳେ । ତୈତ୍ତିରୀୟ ଉପନିଷଦରେ କୁହାଯାଇଛି[୪] : ଏହି ଆନନ୍ଦହିଁ ଦିବ୍ୟସୁଖର ନୈସର୍ଗିକ ଆକାଶତତ୍ତ୍ୱ, ଯାହା ନ ଥିଲେ କାହାର ବି ଅସ୍ତିତ୍ୱ ନଥା'ନ୍ତା । ଐତରେୟ ଉପନିଷଦ୍ କହୁଛନ୍ତି[୫] ସୋମ ଚନ୍ଦ୍ର ଦେବତା ରୂପେ ବିରାଟ ପୁରୁଷଙ୍କର (Universal Purusha) ଇନ୍ଦ୍ରିୟ-ଅଧିଷ୍ଠିତ ମନରୁ ଜାତ ହୋଇଥା'ନ୍ତି ଏବଂ ଯେତେ ମନୁଷ୍ୟରୂପୀ ଜୀବର ସୃଷ୍ଟି ହେଲା, ସେତେବେଳେ ଏଇ ସୋମଦେବତା ଚନ୍ଦ୍ରମା ରୂପେ ପୁନରାୟ ମାନବ-ଅନ୍ତରରେ ଇନ୍ଦ୍ରିୟ-ଅଧିଷ୍ଠିତ ମନ ରୂପେ ଅଭିବ୍ୟକ୍ତ ହେଲେ । କାରଣ ଇନ୍ଦ୍ରିୟ ସଂବେଦନ ରହିଥିବାର ମୂଳ ହେତୁ ହେଉଛି ଆନନ୍ଦ ଅଥବା ଏତଥା ବି ଆମେ କହିପାରୁ ଯେ ସତ୍ତାର (ବା ଅସ୍ତିତ୍ୱର) ଯେଉଁ ଗୂଢ଼ ଆନନ୍ଦ, ତାକୁ ଭୌତିକ ଚେତନାର ସ୍ତରରେ ରୂପାନ୍ତରିତ କରିବାର ପ୍ରଯତ୍ନଶୀଳତାହିଁ ଇନ୍ଦ୍ରିୟ ସଂବେଦନ । ତେବେ ଉକ୍ତ ଚେତନାରେ ଯାହା 'ଅଦ୍ରି' ତାହା ନିଦା, ପାହାଡ଼, ପ୍ରସ୍ତର ଅବା ଘନୀଭୂତ ପଦାର୍ଥ ନାମରେ ପରିଚିତ ହୋଇଥାଏ ପ୍ରତୀକ ରୂପେ । ତାହାରି ଭିତରେ ଦିବ୍ୟଜ୍ୟୋତିଃ ଓ ଦିବ୍ୟ-ଆନନ୍ଦ, ଦୁଇଟି ଯାକହିଁ ଲୁଚି ଯାଆନ୍ତି, ସେତିକି ଜେବଳ ନୁହେଁ — ଉଭୟେ ବନ୍ଦୀ ଭଳି ଅଦୃଶ୍ୟବତ୍ ହୋଇଯା'ନ୍ତି, ଏଇ ଦୁଇଟିକୁ ସେଠାରୁ ମୁକ୍ତ କରିବାକୁ ବା ବାହାରକୁ ନେଇ ଆସିବାକୁ ହେବ । ଆନନ୍ଦ-'ରସ' ରୂପେ ବିଦ୍ୟମାନ, ଯାହାକୁ କୁହାଯାଏ ନିଷ୍ପାସିତ ରସ ବା ସାର ରସ । ଇନ୍ଦ୍ରିୟ ଅଧିଷ୍ଠିତ ବିଷୟରେ ତଥା ଇନ୍ଦ୍ରିୟାନୁଭୂତିରେ, ପୃଥ୍ୱୀ-ବକ୍ଷର ପ୍ରକୃତିରୁ ଉପଜାତ ବନସ୍ପତି ଓ ଉଦ୍ଭିଦରେ ଏଇ ରହସ୍ୟପୂର୍ଣ୍ଣ ସୋମଲତା ମଧ୍ୟରେ ଥିବା ଉକ୍ତ ରସତତ୍ତ୍ୱ ପ୍ରତୀକ ଭାବରେ ରହିଛି; ଯାବତୀୟ ଇନ୍ଦ୍ରିୟ କ୍ରିୟାର ଏବଂ ସେଗୁଡ଼ିକର ସୁଖାନୁଭୂତିର ପଶ୍ଚାତରେ ଥିବା ତତ୍ତ୍ୱରେ ତାହା ଆମକୁ ରସ ପ୍ରଦାନ କରେ; ଏବଂ ଏହା ସେଇସବୁ ଇନ୍ଦ୍ରିୟାନୁଭୂତିରୁ ଦିବ୍ୟରସ ରୂପେ ନିଷ୍ପାସିତ ହୋଇଆସିଥାଏ । ଏଇ ରସକୁ ସେଥିରୁ କ୍ଷାରିତ କରିବାକୁ ପଡ଼େ, ଥରେ କ୍ଷାରିତ ହୋଇଗଲେ, ପୁଣି ତାହାକୁ ବିଶୁଦ୍ଧ ତଥା ତୀବ୍ର-ଘନ କରିବାକୁ ହୁଏ ଯେତେବେଳଯାଏ ତାହା ଉଜ୍ଜ୍ୱଳ କିରଣରେ ଭାସ୍ୱର,

---

୪ ତୈତ୍ତିରୀୟ ଉପନିଷଦ୍ କହୁଛନ୍ତି : "କୋ ହ୍ୟେବାନ୍ୟାତ୍ କଃ ପ୍ରାଣ୍ୟାତ୍ ଯଦେଷ ଆକାଶ ଆନନ୍ଦୋ ନ ସ୍ୟାତ୍ । ଏଷ ହ୍ୟେବାନନ୍ଦୟାତି ।" ୨।୭

୫ ଐତରେୟ ଉପନିଷଦ୍ କହୁଛନ୍ତି : "ମନସଶ୍ଚନ୍ଦ୍ରମାଃ" । ୧।୪। ... ଚନ୍ଦ୍ରମା ମନୋଭୂତ୍ୱା ହୃଦୟଂ ପ୍ରାବିଶତ୍ । ୨।୪

ପୂର୍ଣ୍ଣ ଗତିଶୀଳତାରେ ଯୁକ୍ତ, ପୂର୍ଣ୍ଣ ବଳଶାଳୀ, 'ଗୋମତ୍', 'ଆଶୁ', 'ୟୁବାକୁ' ହୋଇ ନ ଯାଇଛି । ଫଳରେ ତାହା ଯେପରି ସୋମ-ଯଜ୍ଞରେ ଆହୂତ ଦେବତାଙ୍କ ପ୍ରମୁଖ ଖାଦ୍ୟ ହୋଇଯାଏ । ଦେବତାବୃନ୍ଦ ଯଜ୍ଞରେ ଉପସ୍ଥିତ ହୋଇ ସେହି ଆନନ୍ଦର ଆପଣା ଭୋଗର ଅଂଶ ସ୍ୱୀକାର କରନ୍ତି ଏବଂ ସେଇ ଉଲ୍ଲାସକର ଭୋଗରେ ବଳଯୁକ୍ତ ହୋଇ ସେମାନେ ମନୁଷ୍ୟ ଅନ୍ତରରେ ବର୍ଦ୍ଧିତ ହୁଅନ୍ତି, ମନୁଷ୍ୟକୁ ତା'ର ଉଚ୍ଚତମ ସାମର୍ଥ୍ୟର ସମ୍ଭାବନାର ଶିଖରଯାଏଁ ଉଠାଇ ନିଅନ୍ତି ଏବଂ ତାକୁ ସର୍ବୋଚ୍ଚ ଉପଲବ୍ଧି ଲାଭ କରିବା ନିମନ୍ତେ ଯୋଗ୍ୟତାସମ୍ପନ୍ନ କରି ଦିଅନ୍ତି । ଯେଉଁ ମାନବଗଣ ସ୍ୱୀୟ ଅନ୍ତରର ଆନନ୍ଦକୁ ହବିଃ ରୂପେ ଦିବ୍ୟଶକ୍ତିଗଣଙ୍କୁ ଉତ୍ସର୍ଗ ନ କରି, ନିଜର ଇନ୍ଦ୍ରିୟ ତଥା ନିମ୍ନତର ଜୀବନ ଲାଗି ସଂଚୟ କରି ରଖିବାକୁ ଅଧିକ ପସନ୍ଦ କରନ୍ତି, ସେମାନେ ପ୍ରକୃତରେ ଦେବ-ଆରାଧକ ନୁହନ୍ତି, ବରଂ ପଣିମାନଙ୍କର ପ୍ରଶଂସକ ଯେଉଁମାନେ କି ଇନ୍ଦ୍ରିୟ-ଚେତନାର ଅଧିପତି, ଉକ୍ତ ଚେତନାକୁ ନେଇ କାରବାର କରିବା ଭଳି ସେମାନେ କେବଳ ସୀମିତ କ୍ରିୟାବଳି ଭିତରେ ବାଣିଜ୍ୟ କରନ୍ତି (traffickers); ସେଇମାନେ ରହସ୍ୟମୟ ସୋମ-ସୁରାକୁ ପେଷଣ ଓ ନିଷ୍ପାସନ କରନ୍ତି ନାହିଁ, ଦେବତାଙ୍କୁ ପରିଶୁଦ୍ଧ ସୋମହବିଃ ଅର୍ପଣ କରନ୍ତି ନାହିଁ, ପବିତ୍ର ମନ୍ତ୍ରୋଚ୍ଚାରଣ କରନ୍ତି ନାହିଁ । ଉକ୍ତ ପଣିଗଣ ଭାସ୍ୱର ଚେତନାରୁ ଦିବ୍ୟକିରଣରାଜିକୁ, ସୂର୍ଯ୍ୟଙ୍କର ସେଇ ଜ୍ୟୋତିର୍ମୟ ଗୋଯୂଥକୁ ଚୋରି କରି ନିଅନ୍ତି, ଆଉ ସେମାନଙ୍କୁ ନେଇ ଅବଚେତନର ଗୁମ୍ଫାରେ ନିଦା ପଥରର ଜଡ଼ ଚେତନାରେ ବନ୍ଦ କରି ରଖିଦିଅନ୍ତି । ତପ୍‌ରେ ଦେବଶୂନୀ ସରମା, ଯିଏକି ଜ୍ୟୋତିର୍ମୟୀ ଅନ୍ତର୍ଜ୍ଞାନ-ସ୍ୱରୂପିଣୀ, ସିଏ ଯେବେ ଗୋ-ଯୂଥଙ୍କର ପଦକ୍ଷୁରାର ଚିହ୍ନ ବାରି ତାଙ୍କୁ ଅନୁସରଣ କରି କରି ପଣିଙ୍କର ଗୁହା ନିକଟରେ ପହଞ୍ଚନ୍ତି, ସେତେବେଳେ ତାଙ୍କୁ ମଧ୍ୟ ସେଇ ପଣିଗଣ ଲାଞ୍ଛ ଦେଇ କଳୁଷିତ କରିବାର ପ୍ରୟାସ ଛାଡ଼ନ୍ତି ନାହିଁ !

ପରନ୍ତୁ, ଏଇ ସୂକ୍ତରେ ଯେଉଁ ବିଷୟର ଅବତାରଣା କରାଯାଇଛି ସେଇଟି ଆମର ଆନ୍ତର ଯାତ୍ରାର କ୍ଷେତ୍ରରେ ପ୍ରଗତିର ଏକ ବିଶେଷ ଅବସ୍ଥାରେ ଉପନୀତ ହେବାର ପରବର୍ତ୍ତୀ ପର୍ଯ୍ୟାୟର ଅବସ୍ଥାକୁ ଦର୍ଶାଉଛି – ଯେଉଁଠାରେ ଆମେ (ମାନବ ଆତ୍ମା) 'ପଣି'ଗଣକୁ ଅତିକ୍ରମଣ କରି ସାରିଛୁ ଏବଂ 'ବୃତ୍ର' ଓ ଆଚ୍ଛାଦକ, ଯିଏ ଆମର ସମସ୍ତ ଶକ୍ତିକୁ ଓ କ୍ରିୟାକଳାପକୁ ଜୋର କରି ଆମଠାରୁ ଛଡ଼ାଇ ନେବା ପାଇଁ ଲାଗି ପଡ଼ିଥା'ନ୍ତି, ଅଥଚ ଆମେ ଇତି ମଧ୍ୟରେ ସେମାନଙ୍କୁ ପରାଭୂତ କରିସାରିଛୁ; ଏବଂ 'ବଳ', ଯିଏ ଆମଠାରୁ ଜ୍ୟୋତିଃକୁ ପୃଥକ୍ କରି ଅବରୁଦ୍ଧ କରି ରଖିଥିଲା, ତାକୁ ବି ଆମେ ସଂଗ୍ରାମ ଦ୍ୱାରା ହଟାଇ ଦେଇଛୁ ଓ ତାକୁ ଡେଇଁ ଆସିଛୁ । କିନ୍ତୁ, ଏସବୁ ପରେ ମଧ୍ୟ ଏପରି କିଛି ବିରୋଧିଶକ୍ତି ରହିଛନ୍ତି, ଯେଉଁମାନେ ଆମର ପୂର୍ଣ୍ଣତାପ୍ରାପ୍ତି ପଥରେ ବାଧକ ହୋଇ ଠିଆ ହୁଅନ୍ତି ।

ଏମାନେ ହେଲେ ସୀମାରେ ଆବଦ୍ଧ କରି ଦେଉଥିବା ଶକ୍ତିଗଣ, ସୀମାବଦ୍ଧକାରିଗଣ, ନିନ୍ଦୁକଗଣ, ଯଦ୍ୟପି ଆମଠାରୁ କିରଣରାଜିକୁ ପୂରାପୂରି ଘୋଡ଼ାଇ ରଖନ୍ତି ନାହିଁ କିମ୍ବା ଉର୍ଜ୍ଜାକୁ କ୍ଷୀଣ କରିଦିଅନ୍ତି ନାହିଁ, ତଥାପି ଆମର ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ଅନୁକ୍ଷଣ ପ୍ରୟାସ ଚାଲୁ ରଖିଥା'ନ୍ତି ଯେମିତି ଆମେ ଆଉ ଆଗକୁ ନ ଯାଉ । ଏହା ଫଳରେ – ଏବେଯାଏଁ ଆମେ ଆଗରୁ ଲାଭ କରିଥିବା ବିକାଶ ବା ଉନ୍ନତିରେ ଥିବା ତ୍ରୁଟି ଓ ଅଭାବକୁ ନେଇ ଆମର ଆସିବାକୁ ଥିବା ବିକାଶ ଆଗରେ ସ୍ଥାପନ କରନ୍ତି ସୀମାବଦ୍ଧତାର ପ୍ରତିବନ୍ଧକ ରୂପେ । ସୁତରାଂ ଏଇ ପର୍ଯ୍ୟାୟରେ ଋଷି ମଧୁଚ୍ଛନ୍ଦା ଇନ୍ଦ୍ରଦେବଙ୍କୁ ଆହ୍ୱାନ କରୁଛନ୍ତି ଏଠାରେ ପହଞ୍ଚି ଏ ତ୍ରୁଟିକୁ ଦୂର କରିଦେବା ପାଇଁ ଏବଂ ସେ ସ୍ଥାନରେ ଏକ କ୍ରମବର୍ଦ୍ଧନଶୀଳ ଜ୍ୟୋତିଃକୁ ସ୍ଥିରପ୍ରତିଷ୍ଠ କରିଦେବା ସକାଶେ ।

ଇନ୍ଦ୍ର ପ୍ରତିନିଧିତ୍ୱ କରୁଥିବା ତତ୍ତ୍ୱଟି ହେଉଛି ମାନସ-ଶକ୍ତି, ଯାହା ପ୍ରାଣମୟ ଚେତନାର ସୀମାରୁ ତଥା ତାହାର ଧୂଆଁଳିଆ ଅସ୍ପଷ୍ଟତାରୁ ମୁକ୍ତ । ଏହା ସେଇ ଜ୍ୟୋତିର୍ମୟୀ ପ୍ରଜ୍ଞା, ଯାହା ଧିଷଣାର ଓ କ୍ରିୟାର ରୂପାବଳୀକୁ ଯଥାର୍ଥରୂପେ ଓ ପରିପୂର୍ଣ୍ଣ ଭାବରେ ଗଢ଼େ ଏବଂ ଯାହା ପ୍ରାଣର ସ୍ନାୟୁଗତ ଆବେଗରେ ବିକୃତ ହୋଇ ନ ଥାଏ ବି ଇନ୍ଦ୍ରିୟଗତ ମିଥ୍ୟାଭାସ ଦ୍ୱାରା ବ୍ୟାହତ ହୋଇ ନ ଥାଏ । ସେଇ କାରଣରୁ ସେଠାରେ ଏପରି ଏକ ଗାଭୀର ଉପମା ଦିଆଯାଇଛି, ଯେଉଁ ଗାଈ ପ୍ରଚୁର ପରିମାଣରେ ଦୁଗ୍ଧ ଦିଏ ତା'ର ଗୋଷ୍ଠର ଦୋହନକାରୀକୁ; ସେଥିପାଇଁ ତାହା 'ଦୋଗ୍ଧ୍ରୀ' ନାମରେ ପରିଚିତ । ସଂସ୍କୃତରେ ଗୋ ଶବ୍ଦର ଅର୍ଥ ଯେପରି ଗାଈ, ସେପରି ଅନ୍ୟ ଏକ ଅର୍ଥ : ଆଲୋକ ରଶ୍ମି । ବୈଦିକ ପ୍ରତୀକବାଦିଗଣ ଦ୍ୱି-ଅର୍ଥ-ବୋଧକ ଶବ୍ଦକୁ ଏକସଙ୍ଗେ ଦୁଇଟି ପ୍ରରୂପରେ ପ୍ରୟୋଗ କରିଛନ୍ତି । ସେମାନଙ୍କ ଲାଗି ତାହା କେବଳ ପ୍ରରୂପ ନୁହେଁ – ବରଂ ଅଧିକ ମୂଲ୍ୟବାନ୍; କାହିଁକି ନା 'ଆଲୋକ' ସେମାନଙ୍କ ଦୃଷ୍ଟିରେ ଉକ୍ତ ପ୍ରତୀକ ଯାହା ଧିଷଣାର ଉପଯୁକ୍ତ କାବ୍ୟିକ ଚିତ୍ରକଳ୍ପ (Poetic image) ମାତ୍ର ନୁହେଁ, ଯଥାର୍ଥରେ ତାହାର ଏକ ଭୌତିକ ରୂପ ମଧ୍ୟ । ସେଇପରି ଗୋଧନ, ଦୋଗ୍ଧ୍ରୀ ଧେନୁଗଣ ହେଉଛନ୍ତି ସୂର୍ଯ୍ୟଦେବଙ୍କର ଗୋଯୂଥ, କାରଣ ସ୍ୱୟଂ ସୂର୍ଯ୍ୟ ସ୍ୱପ୍ରକାଶ ଓ ଅନ୍ତର୍ବୋଧଯୁକ୍ତ ମନ କିମ୍ବା ଉଷା ହେଉଛନ୍ତି ସେହି ଦେବୀ, ଯିଏ ସୌର-ମହିମାକୁ ପରିପ୍ରକାଶ କରନ୍ତି । ଋଷି (ମଧୁଚ୍ଛନ୍ଦା) ଏହି ସତ୍ୟ-ଜ୍ୟୋତିଃର ପୂର୍ଣ୍ଣତର କ୍ରିୟାଶୀଳତାର ସହାୟତାରେ ଇନ୍ଦ୍ରଦେବ ଯେପରି ତାଙ୍କର ଗ୍ରହଣଶୀଳ ମନ ଉପରେ ଆପଣାର ଅତ୍ୟଧିକ କିରଣ ଢାଳି ଦେଇ ତାଙ୍କର ନିତ୍ୟ-ପ୍ରତିଦିନର ସତ୍ୟପ୍ରକାଶକୁ କ୍ରମବର୍ଦ୍ଧମାନ କରନ୍ତି – ଏଥିପାଇଁ ସେ ଇନ୍ଦ୍ରଙ୍କୁ ଆବେଦନ କରୁଛନ୍ତି । (ମନ୍ତ୍ର-୧)

ଦିବ୍ୟସତ୍ତା ଓ ଦିବ୍ୟକ୍ରିୟା ମଧ୍ୟରେ ଯେଉଁ ଆନନ୍ଦ ଥାଏ ତାହାକୁ ସୋମରସ

(Soma-wine) ନାମରେ ପ୍ରତୀକାତ୍ମକ ଆଳଙ୍କାରିକ ଚିତ୍ର ପ୍ରଦାନ କରାଯାଇଛି, ତାହାର ସଚେତନ ଅଭିବ୍ୟକ୍ତି ଦ୍ୱାରା ଶୁଦ୍ଧ ଜ୍ଞାନଭାସ୍ୱର ବୁଦ୍ଧିର କ୍ରିୟା ଶକ୍ତିମନ୍ତ ତଥା ପରିବର୍ଦ୍ଧିତ ହୋଇଥାଏ । ପ୍ରଜ୍ଞା ଏହାଦ୍ୱାରା ବଳାନ୍ୱିତ ହେବା ସଙ୍ଗେ ସଙ୍ଗେ ଏହାର କ୍ରିୟାସ୍ୱରୂପ ଅନ୍ତଃପ୍ରେରଣା ମାଦକତାରେ ଭରା ଆନନ୍ଦରେ ପରିଣତ ହୋଇଥାଏ, ଏହାରି ଦ୍ୱାରା ରଶ୍ମିଗଣ ପ୍ରାଚୁର୍ଯ୍ୟଭରେ ଓ ଆନନ୍ଦପୂର୍ଣ୍ଣଭାବେ ଅନ୍ତଃ ପ୍ରଦେଶକୁ ଆସିଥା'ନ୍ତି । — ''ଜ୍ୟୋତିଃ-ପ୍ରଦାନ ହେଉଛି ଯଥାର୍ଥରେ ତୁମରି ଆନନ୍ଦ ମଧ୍ୟରେ ନିହିତ ତୁମ ମାଦକତା ପ୍ରାପ୍ତି ।'' (ମନ୍ତ୍ର-୨)

କାରଣ ଏବେ ମଧ୍ୟ ଜୋରକରି ସୀମିତତାରେ ବାନ୍ଧି ରଖୁଥିବା ଉକ୍ତ ଶକ୍ତିଗଣଙ୍କ ଦ୍ୱାରା ସୀମିତତାର ଏହି ବାଧାବିପତ୍ତିମାନ ମଝିବାଟରେ ଆସି ପଥରୋଧ କରୁଛନ୍ତି; ସେମାନଙ୍କୁ ଜୋର-ଜବରଦସ୍ତି ପଥରୁ ଅପସାରିତ କରି ଆମେ ଜ୍ଞାନ-ବୁଦ୍ଧିର ଶେଷ ତତ୍ତ୍ୱରୁ ଜ୍ୟୋତିଃଭାସ୍ୱର ପ୍ରଜ୍ଞାର କିଛି ଦୂରଯାଏ ପହଞ୍ଚିପାରୁ — ଯାହା ଏଇ ଜ୍ଞାନଗମ୍ୟତାର ସମ୍ଭାବ୍ୟ ପ୍ରାପ୍ତି । ସତ୍ୟ ଧିଷଣା, ସତ୍ୟ ସଂବେଦନର ପୂର୍ଣ୍ଣ ପ୍ରତିଷ୍ଠାହିଁ **ସୁମତି** ଶବ୍ଦର ପୂର୍ଣ୍ଣ ଅଭିପ୍ରାୟ । ବୈଦିକ ମତି ଅର୍ଥରେ ଖାଲି ଭାବନା ନୁହେଁ ବରଂ ମନୋବୃତ୍ତିର ଭାବଗତ ଅଂଶ ମଧ୍ୟ ମିଶି ରହିଛି । ସୁମତି ହେଉଛି ବିଚାର-ଭାବନା ମଧ୍ୟରେ ପ୍ରକାଶର ଜ୍ୟୋତିଃ; ଅନ୍ତଃସତ୍ତାର ଭାସ୍ୱର ପ୍ରସନ୍ନତା ଓ ଆତ୍ମାର କୋମଳ ଦୟାଳୁତା ବି, ଏସକଳ ଏଇଥିରେ ବିଦ୍ୟମାନ । କିନ୍ତୁ ଏଇ ସୂକ୍ତାଂଶରେ ସତ୍ୟ ଚିନ୍ତନ ଉପରେ ଜୋର୍ ଦିଆଯାଇଛି, ମନୋଗତ ଭାବାଳୁତା ଉପରେ ନୁହେଁ । ଯାହା ବି ହେଉ ଏହା ମଧ୍ୟ ପ୍ରୟୋଜନ ଯେ ଅଧିକୃତ ଚେତନାର କ୍ଷେତ୍ରଗୁଡ଼ିକରେ ସୁମତିର ଅଭିବୃଦ୍ଧି ଆରମ୍ଭ ହେବା ଉଚିତ; ହେଲେ ଜ୍ୟୋତିଃର ଝଲକ ଓ ଦୀପ୍ତିର ଆଭା ସେଠାରେ ପ୍ରକାଶିତ ନ ହେଉ, କାରଣ, ସେପରି ହେଲେ ଆମ ଶକ୍ତିଗୁଡ଼ିକ ଉର୍ଦ୍ଧ୍ୱକୁ ଅତିକ୍ରମ କରିବା ବେଳେ ତାହାକୁ ସୁରୂପରେ ବ୍ୟକ୍ତ କରିବା ପାଇଁ ଅଶକ୍ତ ହେବେ ତଥା ଗ୍ରହଣଶୀଳ ମନକୁ ଦ୍ୱିଧାଗ୍ରସ୍ତ କରିବେ । ଇନ୍ଦ୍ର କେବଳ ପ୍ରଦୀପକ ହୁଅନ୍ତୁ ନାହିଁ, ସୁମତିର ରଚୟିତା ମଧ୍ୟ ହୁଅନ୍ତୁ । — **ସୁରୂପକୃତ୍ନୁ** । (ମନ୍ତ୍ର-୩)

ତା'ପରେ ଋଷି ସାମୂହିକ ଯୋଗର ସାଧକ ଜଣେ ସଖାଙ୍କ ଦିଗରେ ବୁଲି ପଡୁଛନ୍ତି, ଅଥବା ବୋଧହୁଏ ସେ ନିଜ ମନକୁ ସଂବୋଧନ କରି କହୁଛନ୍ତି ଏବଂ ତାଙ୍କୁ ଅଥବା ଅନ୍ୟକୁ (ସଖାଙ୍କୁ ଅଥବା ମନକୁ) ପ୍ରୋତ୍ସାହିତ କରୁଛନ୍ତି ତାଙ୍କୁ (ଋଷିଙ୍କୁ) ବିରୋଧ କରୁଥିବା ପ୍ରତିକୂଳ ପରାମର୍ଶଗୁଡ଼ିକର ବାଧାବନ୍ଧନଗୁଡ଼ିକୁ ଯେପରି ଅତିକ୍ରମ କରିଯିବେ ଏବଂ ପ୍ରଦାନ କରାଯାଇଥିବା ସମସ୍ତ ଉଚ୍ଚତମ ଶୁଭ ଦିଗରେ ଦିବ୍ୟପ୍ରଜ୍ଞାଙ୍କୁ (ଇନ୍ଦ୍ରଙ୍କୁ) ପ୍ରଶ୍ନ କରିବା ମାଧ୍ୟମରେ ଯେପରି ପ୍ରଗତି କରିବେ । କାରଣ ଏହା ସେହି ପ୍ରଜ୍ଞା ଯାହା ତଥାପି ରହିଥିବା ସମସ୍ତ ଅସ୍ପଷ୍ଟ ଚିନ୍ତା ଓ ବାଧାକୁ ଭଲଭାବେ ଦେଖିପାରେ ଓ ତାହାର ସମାଧାନ ବା

ଅପସାରଣ କରିପାରେ । ଏହା ସେହି ପ୍ରଜ୍ଞା ଯାହା ସ୍ୱୀୟ ଗତିଶୀଳତାରେ ତୀବ୍ର ତଥା ପ୍ରଚଣ୍ଡ ବଳଶାଳୀ ତଥା ନିଜ ସାମର୍ଥ୍ୟ ବଳରେ ତାହା କେବେ ବି ପଥଭ୍ରଷ୍ଟ ହୁଏ ନାହିଁ କିଂବା ଝୁଣ୍ଟି ପଡ଼େ ନାହିଁ; ସାଧାରଣ ପ୍ରାଣମୟ ଚେତନାର ଆବେଗ ପଙ୍କରେ ସ୍ଖଳନ ଯେପରି ସ୍ୱାଭାବିକ ରୂପେ ଘଟିଥାଏ ଏହି ପ୍ରଜ୍ଞାର ଅବସ୍ଥା ସେପରି ହୁଏ ନାହିଁ ଅଥବା ସମ୍ଭବତଃ ଆପଣାର ଅପରାଜେୟ ଦୁରତିକ୍ରମ୍ୟ ଶକ୍ତି ହେତୁ ଉକ୍ତ ପ୍ରଜ୍ଞା (ଇନ୍ଦ୍ର) କୌଣସି ବି ଆକ୍ରମଣ ଦ୍ୱାରା ପ୍ରତିହତ ହୁଏ ନାହିଁ — ସେହି ଆକ୍ରମଣ ଆବରଣ (ବୃତ୍ର)ମାନଙ୍କ ଆଡୁ ହୋଇଥାଉ ବା ସୀମାରେ ବାନ୍ଧି ରଖୁଥିବା ଶକ୍ତିମାନଙ୍କ ଆଡୁ ହୋଇଥାଉ । (ମନ୍ତ୍ର-୪)

ଏହା ପର ମନ୍ତ୍ରରେ ରହିଛି ଋଷି ମଧୁଚ୍ଛନ୍ଦା ଯେଉଁ ଫଳପ୍ରାପ୍ତି ଲାଗି ପରୀକ୍ଷା କରୁଛନ୍ତି ତାହାର ବର୍ଣ୍ଣନା । ମାନସିକ ଜ୍ଞାନର ପରିପୂର୍ଣ୍ଣତା ଯାଏ ଏହି ପୂର୍ଣ୍ଣତର ଆଲୋକ ଉନ୍ମୋଚିତ ହେବା ସଙ୍ଗେ ସଙ୍ଗେ 'ସୀମିତତା'ର ଶକ୍ତିଗଣ ମଧ୍ୟ ସନ୍ତୁଷ୍ଟ ହୋଇଯିବେ ଏବଂ ଆହୁରି ଆଗକୁ ଯିବା ପାଇଁ ତଥା ନୂତନ ଜ୍ୟୋତିର୍ମୟ କର୍ମ ପାଇଁ ଅନୁଜ୍ଞା ପ୍ରଦାନ ପୂର୍ବକ ସେମାନେ ନିଜକୁ ପ୍ରତ୍ୟାହୃତ କରିନେବେ । ଫଳତଃ ସେମାନେ କହିବେ — "ହଁ, ଯାହାକୁ ଆମେ ଅଦ୍ୟାବଧି ଅସ୍ୱୀକାର କରି ଆସିଛୁ ସେଥିରେ ତୁମକୁ ଏବେ ଅଧିକାର ମିଳି ଯାଇଛି । ଯେଉଁ ଯେଉଁ କ୍ଷେତ୍ର ଉପରେ ତୁମେ ଆଗେ ବିଜୟ ଲାଭ କରିଥିଲ କେବଳ ସେତିକି ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ତଥା ତୁମେ ପୂର୍ବରୁ ପାଦ ଦେଇ ନ ଥିବା ପ୍ରକ୍ଷେତ୍ରରେ ବି ନିଜ ବିଜୟଯାତ୍ରା ଜାରି ରଖ । ଆପଣାର ଏ ଅଭିଯାନର କ୍ରିୟାକୁ ସମଗ୍ରଭାବେ ଦିବ୍ୟପ୍ରଜ୍ଞା ଉପରେ ଆଧାରିତ କରି ରଖ, ଅନ୍ୟ ନିମ୍ନତର ସାମର୍ଥ୍ୟ ପାଖରେ ନୁହେଁ । କାରଣ, ମହତ୍ତର ଶରଣାଗତିହିଁ ତୁମକୁ ମହତ୍ତର ଅଧିକାର ପ୍ରଦାନ କରିଥାଏ ।

ମନ୍ତ୍ରରେ ଥିବା 'ଆରତ' ଶବ୍ଦଟି, ଯାହାର ଅର୍ଥ ଗତି କରିବା ଅଥବା ପ୍ରୟାସ କରିବା, ଯାହାର ସଜାତୀୟ ଶବ୍ଦଗଣ ହେଲେ — ଅରି, ଅର୍ୟ, ଆର୍ୟ, ଆରତ, ଅରଣି ଇତ୍ୟାଦି — ବୈଦିକ କେନ୍ଦ୍ରୀୟ ଭାବଧାରାକୁ ଏହା ଅଭିବ୍ୟକ୍ତ କରେ । 'ଅର୍'ଧାତୁ ସଦାବେଳେ ପ୍ରୟାସ ଅଥବା ସଂଘର୍ଷର ଗତିବୃତ୍ତିକୁ କିଂବା ଅତିକ୍ରମ କରାଯାଇଥିବା ଇଚ୍ଛତା ଅଥବା ଶ୍ରେଷ୍ଠ ସ୍ଥିତିକୁ ବୁଝାଏ; ନାଆରେ ଆହୁଲା ମାରିବା, ଭୂମି କର୍ଷଣ କରିବା, ଯୁଦ୍ଧ କରିବା, ଉପରକୁ ଉଠାଇବା, ଉଚ୍ଚତାକୁ ଆରୋହଣ କରିବା ଆଦିରେ ଏହି ଧାତୁର ପ୍ରୟୋଗ କରାଯାଏ । ତା'ହେଲେ ସେହି ମଣିଷକୁ 'ଆର୍ଯ୍ୟ' କୁହାଯାଏ ଯିଏ ବୈଦିକ କର୍ମ ଅର୍ଥାତ୍ ଆନ୍ତର ଓ ବାହ୍ୟ ଉଭୟ କର୍ମ ବା 'ଅପସ୍', ମାଧ୍ୟମରେ ନିଜକୁ ପରିପୂର୍ଣ୍ଣ କରେ — ଏହି କର୍ମ ହେଉଛି ଦେବଗଣଙ୍କ ପାଇଁ ଉଦ୍ଦିଷ୍ଟ ଯଜ୍ଞର ସାଧାରଣ ଧର୍ମ । ପରନ୍ତୁ ଏହି ଯଜ୍ଞ ଏକ ଯାତ୍ରା, ପଦାକ୍ରମ, ଯୁଦ୍ଧ, ଆରୋହଣର ପ୍ରରୂପ ମଧ୍ୟ ହୋଇପାରେ । ଉଚ୍ଚ ଶିଖରଗୁଡ଼ିକୁ ଆରୋହଣ କରିବାକୁ ହୋଇଥାଏ ଆର୍ଯ୍ୟଜନର ଶ୍ରମ, ତା'ର ପଦାକ୍ରମ, ଯାହା ଏକାଧାରରେ

ଏକ ଆନୁକ୍ରମିକ ବିକାଶ ତଥା ଏକ ଉତ୍ତରଣ, ସେଥିରେ ସେ ସଂଘର୍ଷ କରିଥାଏ । ଏହା ହେଉଛି ତା'ର ଆର୍ଯ୍ୟତ୍ୱ, ଆର୍ଯ୍ୟଗୁଣ, ଗ୍ରୀକ୍ ଭାଷାରେ ଥିବା ଗୁଣାର୍ଥକ 'ଅରେଟେ' ଶବ୍ଦଟି ଏହି ସମାନ ଧାତୁରୁ ନିଷ୍ପନ୍ନ । ମନ୍ତ୍ରସ୍ଥ 'ଆରତ'କୁ ତା'ର ଆନୁଷଙ୍ଗିକ ବାକ୍ୟାଂଶ ସହ ଅନୁବାଦ କଲେ ହୁଏତ ଏମିତି ହୋଇପାରେ – ''ବାହାରି ଆସ ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରବେଶ କରିଯାଅ ।'' (ମନ୍ତ୍ର-୫)

· ବାକ୍-ପ୍ରତିଧ୍ୱନି ଦ୍ୱାରା ବିଚାର-ସଂଯୋଗ ରୂପକ ବୈଦିକ ସୂକ୍ଷ୍ମ ରୀତିଟି ଯାହା ରହିଛି ତାହାକୁ ପରବର୍ତ୍ତୀ ଋକ୍‌ରେ ''ଅରିଃ କୃଷ୍ଟୟଃ'' କହିବା ବେଳେ ପୁଣି ଗ୍ରହଣ କରାଯାଇଛି । ମୋର ମନେହୁଏ – ''ଅରିଃ କୃଷ୍ଟୟଃ'' କଥାଟି ଏ ପୃଥିବୀରେ ରହୁଥିବା କୌଣସି ଆର୍ଯ୍ୟଜାତିର ଦେଶରାଜି ନୁହେଁ – ଯଦିଓ ଏହି ଅର୍ଥ ସେବେ ସମ୍ଭବ ଯେବେ ସାମୂହିକ ବା ରାଷ୍ଟ୍ରୀୟ ଯୋଗର ବିଚାରକୁ ମଧ୍ୟ ଗ୍ରହଣ କରାଯାଏ, ବରଂ କହିବାକୁ ଗଲେ ଏମାନେ ସେହି ଶକ୍ତି ଯିଏ ମନୁଷ୍ୟକୁ ତା'ର ଊର୍ଦ୍ଧ୍ୱାରୋହଣର ଅଭିଯାତ୍ରାରେ ସହାୟତା କରନ୍ତି – ଯିଏ ତା'ର ଆଧ୍ୟାତ୍ମିକ ସୁହୃଦ୍, ଯିଏ ତା'ର ବନ୍ଧୁ, ମିତ୍ର, ଭ୍ରାତା, ଏକଇ ଯୁଆଳିରେ ବନ୍ଧା ସହଚର (ସଖାୟଃ, ୟୁଜଃ, ଜାମୟଃ) ଭଳି କାର୍ଯ୍ୟରେ ସତୀର୍ଥ, ଅର୍ଥାତ୍ ଜଣକର ଯେଉଁ ଆସ୍ପୃହା, ଅନ୍ୟମାନଙ୍କର ବି ସେଇ ଆସ୍ପୃହା, ଜଣକର ପୂର୍ଣ୍ଣତା ନେଇ ସେମାନେ ବି ପୂର୍ଣ୍ଣ ହୁଅନ୍ତି । ବିରୋଧକମାନେ ଯେମିତି କ୍ରମଶଃ ସନ୍ତୁଷ୍ଟ ହୋଇ ଯାଆନ୍ତି ଓ ପଥ ଛାଡ଼ି ଦିଅନ୍ତି, ସେମାନେ ମଧ୍ୟ ସେହିପରି ସନ୍ତୁଷ୍ଟ ହୋଇ ମାନବୀୟ ଆନନ୍ଦର ପୂର୍ଣ୍ଣତା ଦ୍ୱାରା ସାଧିତ ସେମାନଙ୍କର ସେଇ କାର୍ଯ୍ୟର ସୁସମ୍ପନ୍ନତାକୁ ଅନ୍ତତଃ ପ୍ରଦାନ କରିବା ଉଚିତ । ଏବଂ ଏହିପରି ଅବସ୍ଥାରେ ଇନ୍ଦ୍ରଙ୍କର ସେହି ଶାନ୍ତି ମଧ୍ୟରେ ମାନବାତ୍ମା ବିଶ୍ରାନ୍ତି ଲାଭ କରିବ ଯାହା ଦିବ୍ୟ-ଜ୍ୟୋତିଃ ସହିତ ଆସିଥାଏ – ପୂର୍ଣ୍ଣତାପ୍ରାପ୍ତ ମନୋବୃତ୍ତିର ତାହା ସେହି ଶାନ୍ତି ଯାହା ପରିପୂର୍ଣ୍ଣ ଚେତନା (Consumated Consciousness) ତଥା ଦିବ୍ୟାନନ୍ଦ (Beatitude)ର ଶିଖର ଉପରେ ଅବସ୍ଥିତ । (ମନ୍ତ୍ର-୬)

ଏହି କାରଣରୁ କାର୍ଯ୍ୟପଦ୍ଧତିରେ ବେଗ ବା ତୀବ୍ରତା ଆଣିବା ନିମନ୍ତେ ଦିବ୍ୟାନନ୍ଦକୁ ଅଜାଡ଼ି ଦିଆଯାଇଛି ଏବଂ ତାହାକୁ ଇନ୍ଦ୍ରଙ୍କ ନିକଟରେ ସମର୍ପିତ କରିଦିଆଯାଇଛି ଯେପରି ତାହା ତାଙ୍କର (ଇନ୍ଦ୍ରଙ୍କର) ତୀବ୍ର କ୍ରିୟାର ସହଯୋଗୀ ହୋଇପାରେ । କାହିଁକିନା ଏହି ଗଭୀରତମ ଆନନ୍ଦହିଁ ଆନ୍ତର ସମ୍ବେଦନରେ ଅଭିବ୍ୟକ୍ତ ହୋଇଥାଏ, ଯଦ୍ଦ୍ୱାରା ସେହି ମନୁଷ୍ୟ ଅଥବା ସେହି ଦେବତା ବଳଶାଳୀ ହୋଇ ଉଠନ୍ତି । ସେତେବେଳେ ଏହି ଦିବ୍ୟ ପ୍ରଜ୍ଞା (ଇନ୍ଦ୍ର) ଏବେବି ଅସମାପ୍ତ ହୋଇ ରହିଥିବା ଯାତ୍ରା ପଥରେ ଅଗ୍ରସର ହେବାରେ ସକ୍ଷମ ହେବେ ଏବଂ ଦେବସଖ (ଋଷି)ଙ୍କ ଦିଗରେ ଅବତରି ଆସୁଥିବା ସୋମ-ଆହୁତିର ପ୍ରତିଦାନରୂପେ ଦିବ୍ୟାନନ୍ଦର ନୂତନ ଶକ୍ତିରାଜି ପ୍ରଦାନ କରିବେ । (ମନ୍ତ୍ର-୭)

କାରଣ, ମାନବସ୍ଥ ଦିବ୍ୟମନ ଏହିଭଳି ଶକ୍ତି ସାମର୍ଥ୍ୟରେ ଯୁକ୍ତ ହୋଇ ବିରୁଦ୍ଧ ଶକ୍ତିଗଣଙ୍କୁ ଯଥା ଆବରକ ବା ଅବରୋଧକଗଣଙ୍କୁ ସେମାନଙ୍କ ଚଳନା ତଥା ଚିନ୍ତାର ଶତଧା କାର୍ଯ୍ୟକଳାପକୁ ବିଧ୍ୱଂସ କରି ଦେଇଛନ୍ତି; ଅତୀତ ଯୁଦ୍ଧଗୁଡ଼ିକରେ ଅତ୍ରି (ଉଜ୍ଜ୍ୱଳ) ତଥା ଦସ୍ୟୁମାନଙ୍କୁ ଜୟ କରି ସେମାନଙ୍କଠାରୁ ହାସଲ କରିଥିବା ଆମ ସମ୍ପତ୍ତିଗୁଡ଼ିକୁ ମଧ୍ୟ ରକ୍ଷା କରିବା ବେଳେ ସେ ଏହି ଶକ୍ତି ସହ ଯୁକ୍ତ ହୋଇଥିଲେ। (ମନ୍ତ୍ର-୮)

ଋଷି ମଧୁଚ୍ଛନ୍ଦା ଆପଣା ବକ୍ତବ୍ୟକୁ ଅବ୍ୟାହତ ରଖି ଆମକୁ କହୁଛନ୍ତି ଯେ : ଯଦ୍ୟପି ଉକ୍ତ ଦିବ୍ୟପ୍ରଜ୍ଞା ଆଗରୁହିଁ ସୁସମୃଦ୍ଧ ଓ ନାନାଭାବେ ଆମ ମଧ୍ୟରେ ସାଉଟା ହୋଇଛି ତଥାପି ଆମେ ପ୍ରାର୍ଥନା କରୁଛୁ ଯେ ଅବରୋଧକ ତଥା ବୃତ୍ରଗଣଙ୍କୁ ବିତାଡ଼ିତ କରିବା ସଙ୍ଗେ ସଙ୍ଗେ ପ୍ରାଚୁର୍ଯ୍ୟର ଶକ୍ତି ଯେପରି ଅଧିକ ବୃଦ୍ଧି ଲାଭ କରେ, ଯାହା ଫଳରେ ଆମ ଧନ ସମୃଦ୍ଧି ପରିପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ସ୍ଥିର ପ୍ରତିଷ୍ଠା ଲାଭ କରିବ। (ମନ୍ତ୍ର-୯)

ଏହା କହିବାର କାରଣ, ସମଗ୍ର ମହିମାକୁ ଧାରଣ କରୁଥିବା ଏବଂ ସବୁ ସୀମିତତାରୁ ମୁକ୍ତ ଏହି ଦିବ୍ୟାଲୋକ ହେଉଛି ଆନନ୍ଦର ଏକ ସାମ୍ରାଜ୍ୟ; ଏହା ସେହି ଶକ୍ତି ଯାହା ମାନବାତ୍ମାକୁ ବହୁ କରି ନେଇଥାଏ ଏବଂ ସଂଗ୍ରାମ ମଧ୍ୟରେ ତାହାକୁ ସୁରକ୍ଷିତ ଭାବେ ତା'ର ଯାତ୍ରାର ଶେଷ ବିନ୍ଦୁ ଯାଏ, ଅଭୀପ୍ସା-ଶିଖାର ଉତ୍ତମ ଶିଖରଯାଏ ପାର କରାଇ ନେଇଯାଏ। (ମନ୍ତ୍ର-୧୦)

ଅଧ୍ୟାୟ – ୩

ଇନ୍ଦ୍ର ଓ ତାଙ୍କର ବିଚାରଶକ୍ତିଗଣ

(ଋଗ୍‌ବେଦ : ମଣ୍ଡଳ-୧, ସୂକ୍ତ : ୧୭୧, ଋଷି : ଅଗସ୍ତ୍ୟ ମୈତ୍ରାବରୁଣି)

ପ୍ରତି ବ ଏନା ନମସାହମେମି
ସୂକ୍ତେନ ଭିକ୍ଷେ ସୁମତିଂ ତୁରାଣାମ୍ ।
ରରାଣତା ମରୁତୋ ବେଦ୍ୟାଭିର୍ନି
ହେଳୋ ଧତ୍ତ ବି ମୁଚଧ୍ୱମଶ୍ୱାନ୍ ।୧।

ଅର୍ଥ (ଅନ୍ୱୟ ସହ) : ଏହି ନମସ୍କାର ସହିତ ମୁଁ ତୁମମାନଙ୍କ ଦିଗରେ ଆସୁଛି [ଏନା ନମସା ଅହଂ ବଃ ପ୍ରତି ଏମି], ସୂକ୍ତବାକ୍ ଦ୍ୱାରା ମୁଁ ତ୍ୱରଗତିମାନଙ୍କଠାରୁ ସୁମତି ଭିକ୍ଷା କରୁଛି [ସୂକ୍ତେନ (ଅହମ୍) ତୁରାଣାଂ ସୁମତିଂ ଭିକ୍ଷେ] । ହେ ମରୁଦ୍‌ଗଣ [ମରୁତଃ] ! ଜ୍ଞାନ-ବସ୍ତୁମାନଙ୍କରେ ହର୍ଷ ଲାଭ କର [ବେଦ୍ୟାଭିଃ ରରାଣତ], କ୍ରୋଧ ବର୍ଜ୍ଜନ କର [ହେଳଃ ନି ଧତ୍ତ], ଅଶ୍ୱମାନଙ୍କୁ ଯୁଆଳିମୁକ୍ତ କର [ଅଶ୍ୱାନ୍ ବି ମୁଚଧ୍ୱମ୍] ।

ଏଷ ବଃ ସ୍ତୋମୋ ମରୁତୋ ନମସ୍ୱାନ୍
ହୃଦା ତଷ୍ଟୋ ମନସା ଧାୟି ଦେବାଃ ।
ଉପେମା ୟାତ ମନସା ଜୁଷାଣା
ୟୂୟଂ ହି ଷ୍ଠା ନମସ ଇଦ୍ ବୃଧାସଃ ।୨।

ଅର୍ଥ (ଅନ୍ୱୟ ସହ) : ହେ ମରୁଦ୍‌ଗଣ [ମରୁତଃ] ! ଏହା ହେଉଛି ତୁମମାନଙ୍କ ପ୍ରତି ସ୍ତୁତି [ଏଷଃ ବଃ ସ୍ତୋମଃ]; ଏହା ନମସ୍କାରରେ ପରିପୂର୍ଣ୍ଣ [ନମସ୍ୱାନ୍], ଏହା ହୃଦୟ ଦ୍ୱାରା ରଚିତ [ହୃଦା ତଷ୍ଟଃ], ହେ ଦେବଗଣ [ଦେବାଃ] ! ଏହା ମନ ମାଧ୍ୟମରେ ପ୍ରତିଷ୍ଠା ଲାଭକରିଛି [ମନସା ଧାୟି] । ତୁମେ ମନ ଦ୍ୱାରା [ମନସା] ମୋର ଏହି ସ୍ତୁତିବାକ୍ୟଗୁଡ଼ିକର ନିକଟତର ହୁଅ [ଇମାଃ ଉପ ୟାତ] ଏବଂ ମନ ଦ୍ୱାରା ଆଲିଙ୍ଗନ କର [ଜୁଷାଣାଃ]; କାରଣ, ତୁମ୍ଭେମାନେ ହେଉଛ ନମସ୍କାରର[୧] ବୃଦ୍ଧିସାଧକ [ୟୂୟଂ ହି ନ ନମସଃ ବୃଦ୍ଧାସଃ ଇତ୍ ସ୍ଥାଃ]

ସ୍ତୂତାସୋ ନୋ ମରୁତୋ ମୃଳୟନ୍ତୂତ
ସ୍ତୂତୋ ମଘବା ଶମ୍ଭବିଷ୍ଟଃ ।
ଉର୍ଧ୍ୱା ନଃ ସନ୍ତୁ କୋମ୍ୟା ବନା-
ନ୍ୟହାନି ବିଶ୍ୱା ମରୁତୋ ଜିଗୀଷା ।୩।

ଅର୍ଥ (ଅନ୍ୱୟ ସହ) : ସ୍ତୁତି ପ୍ରାପ୍ତିପୂର୍ବକ ଏହି ମରୁଦ୍‌ଗଣ [ସ୍ତୂତାସୋ ମରୁତଃ] ଆମ ପ୍ରତି ମୃଦୁଭାବ ବହନ କରନ୍ତୁ [ନଃ ମୃଳୟନ୍ତୁ], (ଆହୁରି ମଧ – ଉତ) ଇନ୍ଦ୍ର [ମଘବା] ସ୍ତୁତିଲାଭ କରି [ସ୍ତୂତଃ] ଐଶ୍ୱର୍ଯ୍ୟର ପୂର୍ଣ୍ଣ ବିଗଚଳ ହୋଇଥନ୍ତି [ଶମ୍ଭବିଷ୍ଟଃ]। ଆମର ଉର୍ଦ୍ଧ୍ୱମୁଖ କାମ୍ୟ ଆନନ୍ଦରାଜି [କୋମ୍ୟା ବନାନି][୨] ଉର୍ଦ୍ଧ୍ୱସ୍ତରକୁ ଉତ୍ତୋଳିତ ହୁଅନ୍ତୁ [ଉର୍ଧ୍ୱା ସନ୍ତୁ], ହେ ମରୁଦ୍‌ଗଣ [ମରୁତଃ] ! ଆମର ସକଳ ଦିବସ [ବିଶ୍ୱା ଅହାନି] ବିଜୟେଚ୍ଛା ଦ୍ୱାରା [ଜିଗୀଷା] ଉର୍ଦ୍ଧ୍ୱଦିଗରେ ଉତ୍‌ଥିତ ହୁଅନ୍ତୁ ।

ଅସ୍ୱାଦହଂ ତବିଷାଦୀଷମାଣ
ଇନ୍ଦ୍ରାଭିୟା ମରତୋ ରେଜମାନଃ ।
ୟୁଷ୍ମଭ୍ୟଂ ହବ୍ୟା ନିଶିତାନ୍ୟାସନ୍
ତାନ୍ୟାରେ ଚକୃମା ମୃଳତା ନଃ ।୪।

ଅର୍ଥ (ଅନ୍ୱୟ ସହ) : ଏହି ବଳବାନଙ୍କ ଦ୍ୱାରା ଶାସିତ ହୋଇଥିବା, [ଅସ୍ୱାତ୍ ତବିଷାତ୍ ଈଷମାଣଃ], ଇନ୍ଦ୍ରଙ୍କ ଭୟରେ କମ୍ପମାନ ହୋଇ ଉଠୁଥିବା ମୁଁ [ଇନ୍ଦ୍ରାତ୍ ଭିୟା ରେଜମାନଃ ଅହମ୍] ହେ ମରୁଦ୍‌ଗଣ [ମରୁତଃ] ! ତୁମ ପାଇଁ ଯେଉଁ ହବନୀୟ ଦ୍ରବ୍ୟଗୁଡ଼ିକୁ ତୀବ୍ର କରି ରଖାଯାଇଥିଲା [ୟୁଷ୍ମଭ୍ୟଂ ହବ୍ୟା ନିଶିତାନି ଆସନ୍] ସେସବୁକୁ ଅତି ଦୂରରେ ଯତ୍ନରେ ରଖାଯାଇଛି [ଆରେ ଚକୃମା] । ଆମ ପ୍ରତି କୃପାଳୁ ହୁଅ [ନଃ ମୃଳତ] ।

---

[୧] ନମସ୍ – ''ନମସ୍''ର ଅର୍ଥ କରିବା ବେଳେ ସାୟଣ ଏହି ସୂକ୍ତର ସର୍ବତ୍ର ତାଙ୍କର ପ୍ରିୟ ଅର୍ଥ ''ଅନ୍ନ'' ବୋଲି କହିଛନ୍ତି; କାରଣ ''ନମସ୍କାରର ବିବର୍ଧକ'' ରୂପି ଅର୍ଥ ଏଠାରେ ଅସମ୍ଭବ ଲାଗେ । ଏହି ସୂକ୍ତ ତଥା ଅନ୍ୟ ସୂକ୍ତଗୁଡ଼ିକରେ ଏହା ସ୍ପଷ୍ଟ ଯେ 'ନମସ୍' ନିଜର ଆକ୍ଷରିକ ଅର୍ଥର ପଶ୍ଚାତରେ ଏକ ମନସ୍ତାତ୍ତ୍ୱିକ ଅର୍ଥ ବହନ କରୁଛି ଯାହା ଏହି ସୂକ୍ତରେ ସ୍ପଷ୍ଟ ରୂପେ ଦୃଢ଼ତା ସହ ନିଜକୁ ବ୍ୟକ୍ତ କରୁଛି ।

[୨] 'ବନାନି' – ଉଭୟାର୍ଥକ – ''ଜଙ୍ଗଲଗୁଡ଼ିକ'' ତଥା ''ଭୋଗମାନ'', ଅଥବା ବିଶେଷଣଭାବେ ପ୍ରଯୁକ୍ତ ହେଲେ ''ଭୋଗ୍ୟ'' ଅର୍ଥ ହେବ । ବେଦରେ ସାଧାରଣତଃ ଏହା ଦ୍ୱ୍ୟର୍ଥକ, ଯଥା – ''ରୋମାଣି ପୃଥିବ୍ୟାଃ'' – ଆମ ଭୌତିକ ସତ୍ତାର ପ୍ରୀତିକର ବୃଦ୍ଧି ।

ୟେନ ମାନାସଶ୍ଚିତୟନ୍ତ ଉସ୍ରା।
ବ୍ୟୁଷ୍ଟିଷୁ ଶବସା ଶଶ୍ୱତୀନାମ୍ ।
ସ ନୋ ମରୁଦ୍ଭିର୍ବୃଷଭ ଶ୍ରବୋ ଧା।
ଉଗ୍ର ଉଗ୍ରେଭିଃ ସ୍ଥବିରଃ ସହୋଦାଃ ।୫।

ଅର୍ଥ (ଅନ୍ୱୟ ସହ) : ଯାହାଙ୍କ ଦ୍ୱାରା [ୟେନ] ମନର ଗତିବୃତ୍ତିଗୁଡ଼ିକ [ମାନାସଃ] ଆମ ପ୍ରଭାତଗୁଡ଼ିକରେ [ବ୍ୟୁଷ୍ଟିଷୁ] ଅନବଚ୍ଛିନ୍ନ ଉଷାମାନଙ୍କର ଉଜ୍ଜ୍ୱଳ ଶକ୍ତିରାଜି ମାଧ୍ୟମରେ [ଉସ୍ରା[୩] ଶବସା[୪]] ସଚେତ ଓ ପ୍ରଦୀପ୍ତ ହୋଇ ଉଠୁଛନ୍ତି [ଚିତୟନ୍ତଃ], ସେହି ତୁମେ ହେ ବୃଷଭ [ସଃ ବୃଷଭ[୫]] ! ମରୁଦ୍‌ଗଣଙ୍କ ମାଧ୍ୟମରେ [ମରୁଦ୍ଭିଃ] ଆମଭିତରେ [ନଃ] ଅନ୍ତଃପ୍ରେରିତ ଜ୍ଞାନର ପ୍ରତିଷ୍ଠା କର [ଶ୍ରବଃ ଧାଃ] – ସେହି ଉଗ୍ର (ମରୁତ)ମାନଙ୍କ ଦ୍ୱାରା [ଉଗ୍ରେଭିଃ] ତୁମେ ହୋଇଛ ପ୍ରବଳ [ଉଗ୍ରଃ], ଅଟଳ ଗତିମାନ୍ [ସ୍ଥବିରଃ] ଓ ଶକ୍ତିଦାତା [ସହୋଦାଃ] ।

---

[୩] ଉସ୍ରାଃ – ସ୍ତ୍ରୀଲିଙ୍ଗରେ ପ୍ରଯୁକ୍ତ ଏହି ଶବ୍ଦଟି ବୈଦିକ 'ଗୋ' ଶବ୍ଦର ସମାନାର୍ଥକ, ଏହାର ଅର୍ଥ ଗାଈ ଓ ଆଲୋକରଶ୍ମି । 'ଉଷା'ଙ୍କୁ ମଧ୍ୟ ଗୋମତୀ କୁହାଯାଏ, ଅର୍ଥାତ୍ ଯିଏ ରଶ୍ମି-ପରିବୃତା ବା ସୂର୍ଯ୍ୟଙ୍କ ଗାଈମାନଙ୍କ ସହଗାମିନୀ । ଏହି ମନ୍ତ୍ରରେ ସନ୍ନିବେଶିତ ''ଉସ୍ରା ବ୍ୟୁଷ୍ଟିଷୁ'' ଉକ୍ତି ମଧ୍ୟରେ ରହିଛି ଏକ ଗୂଢ଼ାର୍ଥକ ଧ୍ୱନିଗତ ସାମଞ୍ଜସ୍ୟ ଯାହା ବୈଦିକ ଋଷିମାନଙ୍କର ଶବ୍ଦକୌଶଳ ଭିତରୁ ଏକତମ – ଏହାରି ମାଧ୍ୟମରେ ସେମାନେ କୌଣସି ଚିନ୍ତା ବା ସଂଯୋଗକୁ ସୂଚିତ କରିବାକୁ ଚାହାନ୍ତି ଯାହା ଖୋଲାଖୋଲି ଭାବେ ପ୍ରକାଶ ପାଇବା ଏକାନ୍ତ ବାଞ୍ଛନୀୟ ବୋଲି ସେମାନେ ମନେ କରନ୍ତି ନାହିଁ ।

[୪] ଶବସ୍ – ସାମର୍ଥ୍ୟ (strength), ବଳ (force), ଶକ୍ତି (power)କୁ ବୁଝାଇବା ପାଇଁ ବେଦରେ ନାନା ଶବ୍ଦର ପ୍ରୟୋଗ ରହିଛି, ଏବଂ ପ୍ରତ୍ୟେକଟି ନିଜ ସହ ଏକ ଅସଦୃଶ ବୈଶିଷ୍ଟ୍ୟର ପୃଷ୍ଠଭୂମିକା ବହନ କରୁଥାଏ । 'ଶବସ୍'ର ଅର୍ଥ ସାଧାରଣତଃ ଆଲୋକ ଓ ଶକ୍ତି ।

[୫] ବୃଷଭ – ''ପୁରୁଷ'', ''ଅଧୀଶ୍ୱର'' ବା ''ମହାବୀର୍ଯ୍ୟବାନ୍'' । ବେଦରେ ଇନ୍ଦ୍ରଙ୍କୁ 'ବୃଷଭ' ଓ 'ବୃଷନ୍' ବୋଲି ସବୁବେଳେ କୁହାଯାଇଛି । ଏହି ସୂକ୍ତରେ ଶବ୍ଦଟିର ଯେପରି ବ୍ୟବହାର ହୋଇଛି ସେପରି ଅର୍ଥରେ ଅନ୍ୟତ୍ର ମଧ୍ୟ ହୋଇଛି, ପୁଣି ଅନ୍ୟ କେଉଁଠି ବିଶେଷଣ ରୂପେ ବ୍ୟବହୃତ ହେଲାବେଳେ ଉଦ୍ଦେଶ୍ୟ ରହିଛି ଯେ ଗୋଜାତିର ଆଲେଖ୍ୟ ବା ରୂପକ ଉପସ୍ଥାପନ କରିବା, ଉଦାହରଣତଃ –''ବୃଷଭଃ ମତୀନାମ୍''– ମତି ବା ମାନସିକ ବିଚାରର ଅଧୀଶ୍ୱର – ଏଥିରେ ବୃଷଭ ଓ ଗୋ ଯୂଥର ରୂପରେଖ ଆଣିବାର ଉଦ୍ଦେଶ୍ୟ ରହିଛି ।

ତ୍ୱଂ ପାହୀନ୍ଦ୍ର ସହୀୟସୋ ନୄନ୍
ଉବା ମରୁଦ୍ଭିରବୟାତହେଳୋଃ ।
ସୁପ୍ରକେତେଭିଃ ସାସହିର୍ଦଧାନୋ
ବିଦ୍ୟାମେଷଂ ବୃଜନଂ ଜୀରଦାନୁମ୍ ।୬।

ଅର୍ଥ (ଅନ୍ୱୟ ସହ) : ହେ ଇନ୍ଦ୍ର [ଇନ୍ଦ୍ର] ! ପ୍ରବୃଦ୍ଧ-ବୀର୍ଯ୍ୟବାନ୍ ସେହି ଦେବଶକ୍ତି ଗଣଙ୍କୁ [ସହୀୟସଃ ନୄନ୍୬] ତୁମେ ରକ୍ଷାକର [ତ୍ୱଂ ପାହି]; ମରୁତ୍‌ମାନଙ୍କ ପ୍ରତି ଥିବା ତୁମର କ୍ରୋଧକୁ ତୁମେ ପରିହାର କର [ମରୁଦ୍ଭିଃ ଅବୟାତହେଳାଃ ଉବ],— ତୁମ ମଧ୍ୟରେ ଯେଉଁ ଶକ୍ତିଶାଳିତା ରହିଛି [ସାସହିଃ] ତାହା ଆଧାରିତ ହୋଇଛି [ବଧାନାଃ] ସେହି ସତ୍ୟବୋଧଧାରୀମାନଙ୍କ ଦ୍ୱାରା (ମରୁତ୍‌ମାନଙ୍କ ଦ୍ୱାରା) [ସୁପ୍ରକେତେଭିଃ] । ଆମେ ସେହି ଦୃଢ଼ପ୍ରେରଣା ଲାଭ କରୁଁ [ବୃଜନମ୍ ଇଷଂ ବିଦ୍ୟାମ] ଯାହା ଖୁବ୍‌ଶୀଘ୍ର ବାଧାବନ୍ଧନଗୁଡ଼ିକୁ ବିନଷ୍ଟ କରିଦେବ [ଜୀରଦାନୁମ୍] ।

ଭାଷ୍ୟ

ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦ (ସୂ.୧/୧୭୦)ର ଏହା ପରବର୍ତ୍ତୀ ସୂକ୍ତ, ମରୁତ୍‌ଗଣଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହା ଅଗସ୍ତ୍ୟଙ୍କ ଉକ୍ତି — ଅଧିକ ବଳବାନ୍ ଦେବ(ଇନ୍ଦ୍ର)ଙ୍କ ନିର୍ଦ୍ଦେଶରେ ସେ (ଅଗସ୍ତ୍ୟ) ଏମାନଙ୍କ (ମରୁତ୍‌ଗଣଙ୍କ) ଯଜ୍ଞକୁ ମଝିରୁ ବ୍ୟାହତ କରିଥିଲେ । ଆଲୋଚ୍ୟ ସୂକ୍ତଟି ପ୍ରଥମ ମଣ୍ଡଳର ଇନ୍ଦ୍ର ଓ ମରୁତ୍‌ଗଣଙ୍କ ସମ୍ବାଦ ସ୍ୱରୂପ ସେହି ୧୬୫ତମ ସୂକ୍ତ ସହିତ ପରୋକ୍ଷଭାବେ ସମ୍ବନ୍ଧିତ ଯେଉଁଥିରେ ସ୍ୱର୍ଲୋକର ଅଧିପତି (ଇନ୍ଦ୍ର)ଙ୍କର ପ୍ରଭୁତ୍ୱକୁ ଘୋଷଣା କରାଯିବା ସଙ୍ଗେ ସଙ୍ଗେ ଏହି ଅଳ୍ପଶକ୍ତିମାନ୍ ଅଥଚ ଦୀପ୍ତିମାନ୍ ଦେବଗଣଙ୍କୁ (ମରୁତ୍‌ଗଣଙ୍କୁ) ସେହି ଉଚ୍ଚତର ସତ୍ୟଦିଗରେ ପ୍ରେରିତ କରିବେ ଯାହା ଇନ୍ଦ୍ରଙ୍କ ସତ୍ୟ ସହ ସଂଲଗ୍ନ । ''ସେମାନଙ୍କର (ମନୁଷ୍ୟମାନଙ୍କର) ବିବିଧ ଚିନ୍ତା ରୂପକ ଆଲୋକରେ ତୁମମାନଙ୍କ ଶ୍ୱାସ-ଶକ୍ତି ପ୍ରଦାନପୂର୍ବକ ତୁମେମାନେ ସେମାନଙ୍କ ମଧ୍ୟରେ

---

୬ ନୄନ୍ — ମନେହୁଏ ନୃ ଶବ୍ଦଟି ମୂଳତଃ ସକ୍ରିୟ, ଦ୍ରୁତଗତିଶୀଳ ବା ବଳବାନ୍ ଅର୍ଥବୋଧକ । ଆମେ ଜାଣୁ 'ନୃମ୍ଣା'ର ଅର୍ଥ ବଳ, ଏବଂ ''ନୃତମ ନୃମ୍ଣାମ୍''ର ଅର୍ଥ ଦେବଶକ୍ତିମାନଙ୍କ ମଧ୍ୟରେ ଯିଏ ଶକ୍ତିମତ୍ତମ । ପରବର୍ତ୍ତୀ ସମୟରେ ଏହା ପୁରୁଷ ବା ନର (ମନୁଷ୍ୟ) ଅର୍ଥ ମଧ୍ୟକୁ ଆସିଗଲା ଏବଂ ବେଦରେ ଏହା ପୁଂ-ଦେବତାଙ୍କଠାରେ ବହୁଳଭାବେ ପ୍ରଯୁକ୍ତ ହୋଇଛି ଯେଉଁମାନେ କି ସେହି 'ପ୍ରକୃତି-ଶକ୍ତି'ମାନଙ୍କ ଉପରେ, ଅନ୍ୟ ଦିଗରୁ କହିଲେ ସ୍ତ୍ରୀଶକ୍ତିଗଣଙ୍କ ଉପରେ ପ୍ରଭୁ ହୋଇଛନ୍ତି — 'ପ୍ନା' ଶବ୍ଦ ଦ୍ୱାରା ସ୍ତ୍ରୀ-ଶକ୍ତିଗଣ ଅଭିହିତ ।

ମଦୀୟ ସତ୍ୟରାଜିର ଜ୍ଞାନଲାଭ ଦିଗରେ ପ୍ରଚୋଦକ ହୁଅ । କର୍ତ୍ତା ତାଙ୍କର ଉଦ୍ଦିଷ୍ଟ କର୍ମ ପାଇଁ ସକ୍ରିୟ ହୋଇଉଠୁଥିବା ବେଳେ ଏବଂ ମନସ୍ୱୀର ମେଧା ନିଜ ମଧ୍ୟରେ ଆମକୁ ରଚନା କରୁଥିବା ବେଳେ, ହେ ମରୁଦ୍‌ଗଣ ! ସେହି ଜ୍ଞାନଦୀପ୍ତଙ୍କ (ବିପ୍ରଙ୍କ) ପ୍ରତି ତୁମେ ନିଶ୍ଚିତରୂପେ ଗତିକର ।''[୭]

ଏହି ସୂକ୍ତସ୍ଥ ସମ୍ବାଦର ଉପସଂହାର ଏହି ଶବ୍ଦଗୁଡ଼ିକ ସହ ଘଟିଛି ଯାହା ହେଉଛି ଅଧସ୍ତନ ଶକ୍ତିଗଣଙ୍କ ପ୍ରତି ଇନ୍ଦ୍ରଙ୍କର ଶେଷ ଆଦେଶ ।

ଏହି ମନ୍ତ୍ରଗୁଡ଼ିକ ସ୍ପଷ୍ଟରୂପେ ସିଦ୍ଧ କରୁଛନ୍ତି ଯେ ମରୁଦ୍‌ଗଣଙ୍କ କ୍ରିୟାକଳାପରେ ମନସ୍ତାତ୍ତ୍ୱିକ ବିଷୟ ରହିଛି । ସେମାନେ ଯଥାର୍ଥରେ ମନୋବିଚାରର ଦେବଗଣ ନୁହନ୍ତି, ବରଂ ଶକ୍ତିର ଦେବଗଣ । ତଥାପି ସେମାନଙ୍କ ଶକ୍ତି ମାନସ ମଧ୍ୟରେ ପ୍ରଭାବଶାଳୀ ହୋଇଥାଏ । ଗୁରୁଜ୍ଞାନ ଲାଭ କରି ନ ଥିବା ଆର୍ଯ୍ୟ ପୁରୋହିତମାନଙ୍କ ପାଇଁ ମରୁଦ୍‌ଗଣ ହେଲେ ଝଞ୍ଝାବାୟୁ, ଝଡ଼ବତାସ ଓ ବୃଷ୍ଟିର ଶକ୍ତିଗଣ । ଏମାନଙ୍କ ଉପରେ ଝଡ଼-ତୋଫାନର ରୂପକକୁ ସାଧାରଣତଃ ପ୍ରୟୋଗ କରାଯାଇଥାଏ, ଏମାନଙ୍କୁ ରୁଦ୍ରଗଣ ମଧ୍ୟ କୁହାଯାଏ ଯାହାଙ୍କ ସ୍ୱଭାବ ଭୀମ ଓ ଉଗ୍ର, ଏମାନେ ଶକ୍ତି ଦେବତା 'ଅଗ୍ନି'ଙ୍କ ସହ ସମାନ ଭାବରେ ସମ୍ବୋଧିତ ହୁଅନ୍ତି । ବେଳେବେଳେ ଇନ୍ଦ୍ର ଯଦିଓ ''ଇନ୍ଦ୍ରଜ୍ୟେଷ୍ଠା ମରୁଦ୍‌ଗଣଃ'' ଅର୍ଥାତ୍ ମରୁଦ୍‌ଗଣଙ୍କ ଜ୍ୟେଷ୍ଠ ଇନ୍ଦ୍ର ବୋଲି ଅଭିହିତ ତଥାପି ମନେହୁଏ ପ୍ରଥମେ ସେମାନେ ବରଂ ବାୟୁଦେବ ତଥା ବାୟୁମଣ୍ଡଳର ଅନ୍ତର୍ଗତ, ଯିଏ (ବାୟୁ) କି ବୈଦିକ ଜ୍ଞାନ ଅନୁସାରେ ପ୍ରାଣର ପତି, ପ୍ରାଣୋଚ୍ଛ୍ୱାସର ପ୍ରେରକ ବା ପ୍ରତ୍ୟୁତ୍ପନ୍ନ ଶକ୍ତିରୂପେ ଗୃହୀତ । 'ପ୍ରାଣ' ଅର୍ଥାତ୍ ମାନବ ମଧ୍ୟରେ ଯାହା ପ୍ରାଣିକ ଓ ସ୍ନାୟବିକ କାର୍ଯ୍ୟକଳାପ ରୂପେ ପ୍ରତିଷ୍ଠିତ । କିନ୍ତୁ ଏଇ ଯାହା କୁହାଗଲା ତାହା ସେମାନଙ୍କ ବାହ୍ୟରୂପର ଏକ ଅଂଶମାତ୍ର । ଉଗ୍ରତା ଭଳି ଜ୍ଞାନଦୀପ୍ତି ମଧ୍ୟ ସେମାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ । ସେମାନଙ୍କ ସମ୍ବନ୍ଧିତ ସମସ୍ତ କିଛି ପ୍ରକାଶମୟ – ସେମାନେ ସ୍ୱୟଂ, ସେମାନଙ୍କ ପ୍ରୋଜ୍ଜ୍ୱଳ ଆୟୁଧରାଜି, ସେମାନଙ୍କର ସ୍ୱର୍ଣ୍ଣିମ ଆଭରଣ ସମୂହ, ସେମାନଙ୍କ ଦୀପ୍ତିମୟ ରଥ ଇତ୍ୟାଦି । ସେମାନେ ଯେ କେବଳ ବାରିଧାରା ତଥା ସ୍ୱର୍ଗର ସମ୍ପଦସ୍ୱରୂପ ବର୍ଷାକୁ ପଠାଇଥା'ନ୍ତି ଏବଂ ନୂତନ ପ୍ରଗତି ତଥା ନବସର୍ଜ୍ଜନା ନିମନ୍ତେ ପଥନିର୍ମାଣ ପାଇଁ ସୁପ୍ରତିଷ୍ଠିତ ବସ୍ତୁଗୁଡ଼ିକୁ ଭାଙ୍ଗିଦିଅନ୍ତି ସେତିକି ନୁହେଁ, ଇନ୍ଦ୍ର, ମିତ୍ର, ବରୁଣ ପ୍ରଭୃତିଙ୍କ କାର୍ଯ୍ୟଧାରାରେ ସେମାନେ ଯେ ଅଂଶଗ୍ରହଣ କରନ୍ତି ସେତିକି ନୁହେଁ, ବରଂ ଏମାନଙ୍କ ପରି ସେମାନେ (ମରୁଦ୍‌ଗଣ) ମଧ୍ୟ 'ସତ୍ୟ'ର ସଖା, 'ଜ୍ୟୋତିଃ'ର

---

୭ ...ମନ୍ମାନି ଚିତ୍ରା ଅପିବାତୟନ୍ତ ଏଷାଂ ଭୂତ ନବେଦା ମ ଋତାନାମ୍ ॥
ଆ ୟଦ୍ ଦ୍ରୁବସ୍ୟାଦ୍ ଦ୍ରୁବସେ ନ କାରୁରସ୍ଥାଞ୍ଜକ୍ରେ ମାନ୍ୟସ୍ୟ ମେଧା ।
ଓ ଷ୍ଟୁ ବର୍ତ ମରୁତୋ ବିପ୍ରମଚ୍ଛ... ॥ (ଋ.୧।୧୬୫।୧୩-୧୪)

ସ୍ରଷ୍ଟା । ସେହି ହେତୁ ଋଷି ଗୋତମ ରାହୂଗଣ ସେମାନଙ୍କୁ ପ୍ରାର୍ଥନା କରି କହନ୍ତି[୮] – ''ତୁମେ, 'ସତ୍ୟ'ର ଭାସ୍ୱର ଶକ୍ତିର ହେ ଅଧିକାରିଗଣ, ତୁମମାନଙ୍କୁ ମୋର ପ୍ରାର୍ଥନା ଯେ, ନିଜ ବଳବୀର୍ଯ୍ୟ ଦ୍ୱାରା ସେହି ଶକ୍ତିକୁ ବ୍ୟକ୍ତ କର; ତୁମମାନଙ୍କ ବଜ୍ରାଘାତରେ ରାକ୍ଷସକୁ ବିଦ୍ଧ କର । ଆବରକ ଘନାନ୍ଧକାରକୁ ପ୍ରଚ୍ଛନ୍ନ କରିଦିଅ, ଉକ୍ଷକମାନଙ୍କୁ ବିତାଡ଼ିତ କର, ଆମର କାମ୍ୟ ଆଲୋକର ରଚନା କର ।'' ଆହୁରି ମଧ୍ୟ ଅନ୍ୟ ଏକ ସୂକ୍ତରେ ଋଷି ଅଗସ୍ତ୍ୟ ସେମାନଙ୍କୁ କହୁଛନ୍ତି[୯] – ''ନିଜର ନିତ୍ୟସନ୍ତାନ ଭଳି ସେମାନେ ମଧୁ(ଆନନ୍ଦ)କୁ ବହନ କରନ୍ତି ଏବଂ ସେମାନେ ନିଜ କ୍ରୀଡ଼ାରେ ଜେଦି କରନ୍ତି, ଜ୍ଞାନର କ୍ରିୟାରେ ସେମାନେ ତେଜସ୍ୱୀ ।'' ତେଣୁ ମରୁଦ୍‌ଗଣ ହେଉଛନ୍ତି ମାନସ-ଶକ୍ତିଗଣ, ଜ୍ଞାନଭାବରେ ସହାୟକଶକ୍ତିଗଣ । ସେମାନେ କୌଣସି ପ୍ରତିଷ୍ଠିତ ସତ୍ୟ ବା ସ୍ତିମିତ ଆଲୋକ ନୁହନ୍ତି, ବରଂ ସେମାନଙ୍କର ରହିଛି ଗତିବୃତ୍ତି, ଅନୁସନ୍ଧାନ, ବିଦ୍ୟୁତ୍‌ପ୍ରଭା, ଏବଂ ଯେତେବେଳେ ସତ୍ୟୋପଲବ୍ଧି ହୁଏ, ସେହି ସତ୍ୟର ବିବିଧ ରଶ୍ମିର ଏମାନେ ହେଉଛନ୍ତି ବହୁପାର୍ଶ୍ୱ ବିଶିଷ୍ଟ କ୍ରୀଡ଼ା ।

ଆଗରୁ (ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦରେ) ଆମେ ଦେଖିଛୁ ଯେ ଇନ୍ଦ୍ରଙ୍କ ସହ ତାଙ୍କର କଥୋପକଥନରେ ଅଗସ୍ତ୍ୟ ଅନେକ ଥର ମରୁତ୍‌ଗଣଙ୍କ ବିଷୟ ଉଲ୍ଲେଖ କରିଛନ୍ତି । ସେମାନେ ଇନ୍ଦ୍ରଙ୍କ ଭ୍ରାତା, ସେହି କାରଣରୁ ସେ ନିଜ ପୂର୍ଣ୍ଣତା ନିମନ୍ତେ ଯେଉଁ ସଂଗ୍ରାମ କରୁଛନ୍ତି ସେ କ୍ଷେତ୍ରରେ ଇନ୍ଦ୍ରଦେବ ତାଙ୍କ (ଅଗସ୍ତ୍ୟଙ୍କ) ଉପରେ ପ୍ରହାର ନ କରନ୍ତୁ । ସେମାନେ (ମରୁଦ୍‌ଗଣ) ହେଉଛନ୍ତି ତାଙ୍କ ପୂର୍ଣ୍ଣତା ପଥରେ ସହାୟକ, ତେଣୁ ଇନ୍ଦ୍ର ସେମାନଙ୍କୁ ଏଥିରେ ଉପଯୋଗ କରିବା ଏକାନ୍ତ ଉଚିତ । ସମର୍ପଣ ଓ ସମନ୍ୱୟର ବଚନକୁ ଉପସଂହାର କରିବାର ଏକ ପଦ୍ଧତିରୂପେ ସେ ଇନ୍ଦ୍ରଙ୍କୁ ପ୍ରାର୍ଥନା କରୁଛନ୍ତି ଯେ, ମରୁତ୍‌ଗଣଙ୍କ ସହିତ ସେ ପୁଣି ସଂଳାପ କରି ସେମାନଙ୍କ ସହ ସମ୍ମତ ହୁଅନ୍ତୁ ଯାହାଫଳରେ ଯଜ୍ଞ ଦିବ୍ୟସତ୍ୟର ଠିକ୍ ସେହି କ୍ରମ ଓ ଗତିଧାରାରେ ଯାତ୍ରା କରିବ ଯେଉଁ ଦିଗରେ ଏହା ନିର୍ଦ୍ଦେଶିତ ହୋଇଛି । ତେବେ ଯେଉଁ ସଂକଟ, ଋଷିଙ୍କ ମନରେ ଏକ ପ୍ରଭାବଶାଳୀ ଛାପ ରଖିଯାଇଛି ତାହା ହେଲା ସେହି ଭୟଙ୍କର ସଂଘର୍ଷର ସ୍ୱରୂପ, ଯାହା ଉଚ୍ଚତର ଦିବ୍ୟଶକ୍ତି (ଇନ୍ଦ୍ର) ଅଗସ୍ତ୍ୟ ଓ ମରୁଦ୍‌ଗଣଙ୍କ ସମ୍ମୁଖୀନ ହୋଇ ସେମାନଙ୍କ ଉଗ୍ର ଅଗ୍ରଗତିକୁ ଅବରୋଧ କରିବାରୁ ଘଟିଛି ।

---

୮ ଯୂୟଂ ତତ୍ସତ୍ୟଶବସ ଆବିଷ୍ଟର୍ତେ ମହିତ୍ୱନା । ବିଧତା ବିଦ୍ୟୁତା ରକ୍ଷଃ ॥
ଗୂହତା ଗୁହ୍ୟଂ ତମୋ ବି ଯାତ ବିଶ୍ୱମତ୍ରିଣମ୍ । ଜ୍ୟୋତିଷର୍ତା ଯଦୁଷ୍ଟୁସି ॥
(ଋ. ୧।୮୬।୯-୧୦)

୯ ''ନିତ୍ୟଂ ନ ସୂନୁଂ ମଧୁ ବିଭ୍ରତ ଉପ କ୍ରୀଳନ୍ତି କ୍ରୀଡା ବିଦଥେଷୁ ଘୃଷ୍ୱୟଃ ।''
(ଋ. ୧।୬୬।୨)

ଦୁଇପକ୍ଷ ମଧ୍ୟରେ କ୍ରୋଧ ଓ କଳହ ଲାଗି ରହିଥିଲା; ଏକପକ୍ଷରେ ବିଶ୍ୱ ଉପରେ ରାଜତ୍ୱ କରୁଥିବା ଦିବ୍ୟଧୀଶକ୍ତି (ଇନ୍ଦ୍ର) ଏବଂ ଅନ୍ୟପକ୍ଷରେ ଅଗସ୍ତ୍ୟଙ୍କ ମନ ମଧ୍ୟରେ ଥିବା ଦାନ୍ତିକ ତଥା ଆତ୍ମହାଣୀଳ ଶକ୍ତିଗଣ । ମାନବସତ୍ତାର ଲକ୍ଷ୍ୟହାସଲ କରିବାରେ ଏହି ଉଭୟଙ୍କ ଭୂମିକା ରହିଛି । କିନ୍ତୁ ଅଧସ୍ତନ ଦିବ୍ୟଶକ୍ତିଗଣ (ମରୁଦ୍‌ଗଣ) ଯେପରି ସ୍ଥିର କରିବେ ସେହି ଭାବେ ଯାତ୍ରାଟି ନିର୍ଦେଶିତ ହେବା ଉଚିତ ନୁହେଁ — ବରଂ ଗୂଢ଼ ଦିବ୍ୟପ୍ରଜ୍ଞା ଦ୍ୱାରା ଦୃଢ଼ଭାବେ ଅଭୀପ୍ସିତ ତଥା ଉର୍ଦ୍ଧ୍ୱରେ ସଂସ୍ଥାପିତ ଚେତନା ଦ୍ୱାରା ଏହା ନିର୍ଦ୍ଧାରିତ ହେବା ଉଚିତ — ଏହି ଦିବ୍ୟପ୍ରଜ୍ଞା ସତ୍ୟକୁ ସର୍ବଦା ବହନ କରୁଥାଏ ଏବଂ ତାହାକୁ (ସତ୍ୟକୁ) ଏବେ ବି ସନ୍ଧାନ କରୁଥିବା ଅଭିବ୍ୟକ୍ତ ବୁଦ୍ଧିବିବେକ ସକାଶେ ପ୍ରେରଣ କରୁଥାଏ । ସେହି କାରଣରୁ ମାନବସତ୍ତାର ମାନସରାଜ୍ୟ (ଅଗସ୍ତ୍ୟଙ୍କ ମନ) ମହତ୍ତର ଶକ୍ତିମାନଙ୍କର ରଣକ୍ଷେତ୍ରରେ ପର୍ଯ୍ୟବସିତ ହୋଇଛି ଏବଂ ଏବେ ବି ସେହି ଅନୁଭୂତିର ବିସ୍ମୟାବିଷ୍ଟ ଭୀତି ତଥା ଆଶଙ୍କା ଦ୍ୱାରା ତାହା ପ୍ରକମ୍ପିତ ହେଉଛି ।

ଇନ୍ଦ୍ରଙ୍କ ପାଖରେ ଅଗସ୍ତ୍ୟଙ୍କ ଆମ୍ ସମର୍ପଣ ହୋଇଯାଇଛି; ବର୍ତ୍ତମାନ ଅଗସ୍ତ୍ୟ ମରୁଦ୍‌ଗଣଙ୍କୁ ନିବେଦନ କରୁଛନ୍ତି କି ମୈତ୍ରୀ ସ୍ଥାପନର ସର୍ତ୍ତଗୁଡ଼ିକୁ ସେମାନେ ଗ୍ରହଣ କରି ନିଅନ୍ତୁ, ଯାହା ଫଳରେ ତାଙ୍କ ଆନ୍ତରସତ୍ତାର ସମ୍ପୂର୍ଣ୍ଣ ସଙ୍ଗତି ପୁନଃ ସଂସ୍ଥାପିତ ହୋଇପାରିବ । ମରୁଦ୍‌ଗଣଙ୍କୁ ସେ ସେହି ସମର୍ପଣାତ୍ମକ ବଚନର ସହ ବିନତି କରୁଛନ୍ତି ଯାହାକୁ ସେମାନଙ୍କ ଉର୍ଦ୍ଧ୍ୱତର ଦେବ (ଇନ୍ଦ୍ର)ଙ୍କଠାରେ ସେ କରିଥିଲେ ଏବଂ ତାହାକୁ ସେ ଏହି ପ୍ରକ୍ସଳ ସେନାଙ୍କ ପ୍ରତି ବିସ୍ତାରିତ କରୁଛନ୍ତି । ମାନସିକ ସ୍ତରର ଯେଉଁ ପୂର୍ଣ୍ଣତା ତଥା ଏହାର ଯେଉଁ ଶକ୍ତିଚୟ ଯଥା — ସ୍ପଷ୍ଟତା, ଶୁଦ୍ଧତା, ସତ୍ୟାବଗତିର ସାମର୍ଥ୍ୟ ପ୍ରଭୃତି ଯାହା ସେ କାମନା କରନ୍ତି ତାହା ଅସମ୍ଭବ ହେବ ଯଦି ଉଚ୍ଚତର ଜ୍ଞାନ ଦିଗରେ ଗତି କରୁଥିବା 'ବିଚାର-ଶକ୍ତିଗଣ'ଙ୍କର ମୁକ୍ତ କ୍ରିୟା ନ ହୁଏ । କିନ୍ତୁ ସେହି ଗତିକ୍ରିୟା ଭ୍ରାନ୍ତ ଦିଗରେ ପ୍ରବାହିତ ହୋଇଯାଇଛି ଓ ଉପଯୁକ୍ତ ରୂପେ ପ୍ରଦୀପିତ ହୋଇ ନାହିଁ, ତେଣୁ ଇନ୍ଦ୍ରଙ୍କର ଅତ୍ୟନ୍ତ ଦୃଢ଼ ବିରୋଧ ଦ୍ୱାରା ତାହା ଅଟକି ଯାଇଛି ଏବଂ ସାମୟିକ ଭାବେ ଅଗସ୍ତ୍ୟଙ୍କ ମାନସିକ ବିଚାରରୁ ତାହା ବିଦାୟ ନେଇଛି । ମରୁଦ୍‌ଗଣ ଏହି ରୂପେ ବାଧାପ୍ରାପ୍ତ ହୋଇ ତାଙ୍କୁ ଛାଡ଼ି ଅନ୍ୟ ଯାଜ୍ଞିକମାନଙ୍କ ପାଖକୁ ଚାଲି ଯାଇଛନ୍ତି; ସେମାନଙ୍କର ରଶ୍ମିମୟ ରଥଗୁଡ଼ିକ ଅନ୍ୟତ୍ର ପ୍ରକାଶମାନ ହୋଇ ଉଠୁଛନ୍ତି, ସେମାନଙ୍କ ବାତପ୍ରମୀ ଅଶ୍ୱମାନଙ୍କର ଟାପୁ ଅନ୍ୟ କ୍ଷେତ୍ରରେ ବଜ୍ରନିର୍ଘୋଷ ସୃଷ୍ଟି କରୁଛି । ଋଷି ଅଗସ୍ତ୍ୟ ସେମାନଙ୍କୁ ପ୍ରାର୍ଥନା କରୁଛନ୍ତି — ସେମାନେ ନିଜର ରୋଷ ପରିହାର କରନ୍ତୁ, ଜ୍ଞାନର ତଥା ସେଥିନିମନ୍ତେ ସକଳ କ୍ରିୟାର ଯେଉଁ ପ୍ରୟାସ ଚାଲିଛି ସେଥିରେ ସେମାନେ ପୁନଶ୍ଚ ଅଂଶଗ୍ରହଣ କରନ୍ତୁ; ସେମାନେ ଆଉ ତାଙ୍କୁ ଛାଡ଼ି ନ ଯାଆନ୍ତୁ, ସେମାନଙ୍କ ରଥଯୁଆଳିରୁ ଘୋଡ଼ାମାନଙ୍କୁ ଫିଟାଇ ଦିଅନ୍ତୁ, ତଳକୁ

ଅବତରଣ ପୂର୍ବକ ଯଜ୍ଞବେଦୀରେ ସେମାନେ ନିଜ ଆସନ ଗ୍ରହଣ କରନ୍ତୁ, ସେମାନଙ୍କ ହବିର୍ଭାଗକୁ ସେମାନେ ସ୍ୱୀକାର କରନ୍ତୁ । (ମନ୍ତ୍ର - ୧)

କାରଣ, ସେ (ଅଗସ୍ତ୍ୟ) ନିଜ ମଧ୍ୟରେ ଏହି ସମସ୍ତ ଭାସ୍ୱର ଉର୍ଜାଗୁଡ଼ିକୁ ପୁଣି ପ୍ରତିଷ୍ଠା କରିପାରିବେ, ଏବଂ ସେମାନଙ୍କଠାରେ ସେ ଯେଉଁ ସ୍ତୋତ୍ର ନିବେଦନ କରୁଛନ୍ତି ତାହାକୁ ବୈଦିକ ଋଷିଙ୍କ ଭାଷାରେ "ସ୍ତୋମ" କୁହାଯାଏ । ଏହା ରହସ୍ୟବାଦୀମାନଙ୍କର ପଦ୍ଧତି, ଯାହା ଏବେ ଭାରତୀୟ ଯୋଗମାର୍ଗଗୁଡ଼ିକରେ ଆଂଶିକରୂପେ ଚିହ୍ନି ରହିଛି, ସେହି ଅନୁଯାୟୀ 'ବାକ୍', ସୃଜନ ଶକ୍ତିଯୁକ୍ତ ବାକ୍ ହେଉଛି ଏକ ଶକ୍ତି । ଏହା କହିବାର କାରଣ ହେଲା, ସମଗ୍ର ସୃଷ୍ଟି ହେଉଛି ଅଭିବ୍ୟକ୍ତି ବା ଶବ୍ଦୋଚ୍ଚାରଣ, ଅନନ୍ତଙ୍କର ଗୁପ୍ତଧାମ ମଧ୍ୟରେ ସବୁକିଛି ବିଦ୍ୟମାନ, ଗୁହାହିତମ୍ ଏବଂ ଏକ ସକ୍ରିୟ ଚେତନା ମାଧ୍ୟମରେ ପ୍ରତୀୟମାନ ରୂପ ମାତ୍ର ପ୍ରକାଶକୁ ଅଣା ଯାଇଥାଏ । ଏପରିକି ବୈଦିକ ବିଚାରର କେତେକ ସମ୍ପ୍ରଦାୟ ମନେ କରନ୍ତି ଯେ 'ବାକ୍' ଓ ଧ୍ୱନିର ଦେବୀଙ୍କ ଦ୍ୱାରା ବିଶ୍ୱ ଭୁବନଗୁଡ଼ି ସୃଷ୍ଟ, କାରଣ ସୃଷ୍ଟିର ଆଦିରେ ରହିଛି ବ୍ୟୋମ-ମଣ୍ଡଳୀୟ ସ୍ପନ୍ଦନ । ସ୍ୱୟଂ ବେଦରେ କେତେକ ମନ୍ତ୍ରରୁ ରହିଛି ଯେଉଁଥିରେ ଅନୁଷ୍ଟୁଭ୍, ତ୍ରିଷ୍ଟୁଭ୍, ଜଗତୀ, ଗାୟତ୍ରୀ ପ୍ରଭୃତି ପଦ୍ୟ ଛନ୍ଦ ବିଷୟରେ ବର୍ଣ୍ଣନା କରିବା ବେଳେ କୁହାଯାଇଛି ଯେ ସେଗୁଡ଼ିକ ସେହି ଛନ୍ଦୋଗତିର ପ୍ରତୀକ ଯେଉଁଥିରେ ବିଶ୍ୱଗତ ବସ୍ତୁଗୁଡ଼ିକର ଗତିଛନ୍ଦକୁ ନିକ୍ଷିପ୍ତ କରାଯାଇଛି ।

ତେବେ ଅଭିବ୍ୟକ୍ତି ବା ଉଚ୍ଚାରଣ ଦ୍ୱାରା ଆମେ ସର୍ଜନା କରୁ ଏବଂ ମନୁଷ୍ୟମାନଙ୍କୁ କୁହାଯାଇଛି ଯେ ମନ୍ତ୍ର ଦ୍ୱାରା ସେମାନେ ସ୍ୱୟଂ ନିଜ ମଧ୍ୟରେ ଦେବତାମାନଙ୍କୁ ସୃଜନ କରନ୍ତୁ । ଆହୁରି ମଧ୍ୟ, ମନ୍ତ୍ରବାକ୍ ମାଧ୍ୟମରେ ଆମ ଚେତନାରେ ଆମେ ଯାହା ସୃଜନ କଲୁ, ତାହାକୁ ଆମ ମଧ୍ୟରେ ପ୍ରତିଷ୍ଠା କରିବାକୁ ଏବଂ କେବଳ ଆମର ଆନ୍ତର ଜୀବନରେ ନୁହେଁ ବାହ୍ୟ ଭୌତିକ ଜଗତରେ ମଧ୍ୟ ପ୍ରଭାବଜ୍ଞ କରିବା ନିମନ୍ତେ ମାଧ୍ୟମ ହେଉଛି 'ମନ୍ତ୍ର' । ମନ୍ତ୍ରବାକ୍‌ର ଉଚ୍ଚାରଣ ଦ୍ୱାରା ଆମେ ଗଢୁ, ସ୍ତୋତ୍ର ଦ୍ୱାରା ଆମେ ତାହାର ପ୍ରତିଷ୍ଠା କରୁ । 'ଗୀଃ' ବା 'ବଚସ୍' ଶବ୍ଦ ଦ୍ୱୟ ଶବ୍ଦୋଚ୍ଚାରଣ ଶକ୍ତି ଅର୍ଥରେ ପ୍ରଯୁକ୍ତ; ସ୍ତୁତିର ଶକ୍ତି ରୂପେ 'ସ୍ତୋମ' ଶବ୍ଦ ପ୍ରଯୁକ୍ତ । 'ମନ୍ନା' ବା 'ମନ୍ତ୍ର'କୁ ଉଭୟ ଗୁଣର ପରିଚାୟକ ରୂପେ, ମାନସିକ ଗଭୀର ଚିନ୍ତନର ପ୍ରକାଶ, ଏବଂ 'ବ୍ରହ୍ମନ୍' – ହୃଦୟ ଓ ଆତ୍ମାର ଅଭିବ୍ୟକ୍ତି ରୂପେ, ପ୍ରୟୋଗ କରାଯାଇଛି, – ମନେହୁଏ 'ବ୍ରହ୍ମନ୍'[୧୦] ଶବ୍ଦର ପ୍ରାଚୀନ ଅର୍ଥ ଏଇଥିପାଇଁ

---

୧୦ 'ବୃହ୍'ରୁ ନିଷ୍ପନ୍ନ ଶବ୍ଦ ମଧ୍ୟ ମିଳେ (ବୃହତ୍ତି, ବ୍ରହ୍ମଣସ୍ପତି); ଏହାର ପୂର୍ବତର ରୂପ 'ବୃହନ୍' ଓ 'ବ୍ରହନ୍' ଥିବାର ମନେହୁଏ । ଏହା ଅତ୍ୟନ୍ତ ସମ୍ଭବ ଯେ ଏହି ବ୍ରହନ୍ (ଷଷ୍ଠୀ – ବ୍ରହ୍ନଃ)ରୁ ଗ୍ରୀକ୍ ଭାଷାରେ ଫ୍ରେନ୍, ଫ୍ରେନୋସ୍ (Phren, Phrenos) ଶବ୍ଦ ରହିଛି ଯାହାର ଅର୍ଥ ମନ ।

ଅଭିପ୍ରେତ ଥିଲା । ପରେ ପରମାତ୍ମା ବା ବିଶ୍ୱପୁରୁଷ ଅର୍ଥରେ ଏହାର ପ୍ରୟୋଗ ଘଟିଛି ।

ସୂକ୍ତର ଦ୍ୱିତୀୟ ଋକ୍‌ରେ ମନ୍ତ୍ର ରଚନାର ପଦ୍ଧତି ବର୍ଣ୍ଣିତ ହେବା ସହିତ ଏହାର ସାଫଲ୍ୟ ନିମନ୍ତେ ସର୍ତ୍ତଗୁଡ଼ିକର ମଧ୍ୟ ଉଲ୍ଲେଖ ରହିଛି । ''ସ୍ତୋମ'' ଏହା ଏକସଙ୍ଗେ ସ୍ତୁତି ଓ ଆତ୍ମ-ସମର୍ପଣାତ୍ମକ ବାକ୍ – ମରୁଦ୍‌ଗଣଙ୍କଠାରେ ଅଗସ୍ତ୍ୟ ବାକ୍ ନିବେଦନ କରୁଛନ୍ତି । ଏହା ହୃଦୟ ଦ୍ୱାରା ଗଠିତ ହୁଏ, ମନ ଦ୍ୱାରା ପୁଷ୍ଟି ଲାଭ କରି ଏହା ମନୋଭୂମିରେ ନିଜର ସମୁଚିତ ସ୍ଥାନ ପ୍ରାପ୍ତ କରିଥାଏ । ମନ୍ତ୍ର, ଏହା ଯଦିଓ ମନୋଗତ ଚିନ୍ତାକୁ ବ୍ୟକ୍ତ କରିଥାଏ ତଥାପି ଏହାର ସାରତତ୍ତ୍ୱରେ ଏହା ବୁଦ୍ଧିର ରଚନା ନୁହେଁ । ପବିତ୍ର ତଥା ଫଳପ୍ରସୂ କୌଣସି ବାକ୍ ତାହା ଅତିମାନସ ସ୍ତରରୁ ଏକ ପ୍ରେରଣା ରୂପେ ଉତ୍ସାରିତ ହୋଇ ଅବଶ୍ୟ ଆସିଥିବ – ବୈଦିକ ସଂଜ୍ଞାରେ ଏହା 'ଋତ', 'ସତ୍ୟ'– ଏବଂ ହୃଦୟ ହେଉ ଅଥବା ଜ୍ଞାନଭାସ୍ୱର ବୁଦ୍ଧି ବା 'ମନୀଷା' ହେଉ ଏହାରି ମାଧ୍ୟମରେ ବହିଃସ୍ଥ ଚେତନାରେ ଏହା ଗୃହୀତ ହୋଇଥାଏ । ବୈଦିକ ମନସ୍ତତ୍ତ୍ୱରେ କେବଳ ଭାବର ଆସ୍ଥାନ ରୂପେ ହୃଦୟ ସୀମିତ ନୁହେଁ; ଆମ ଅବଚେତନାର ଅତି ନିକଟସ୍ଥ ସ୍ୱତଃସ୍ଫୂର୍ତ୍ତ ମାନସର ସକଳ ବ୍ୟାପକ ଗତିଗୁଡ଼ିକର ମଧ୍ୟ ଏଠାରେ ସମାବେଶ – ଏହି ଅବଚେତନାରୁ ଯାବତୀୟ ଇନ୍ଦ୍ରିୟବୋଧ, ଭାବପ୍ରବଣତା, ଜନ୍ମଗତ ପ୍ରବୃତ୍ତି, ଆବେଗ ପ୍ରଭୃତି ଉଠି ଆସିଥା'ନ୍ତି ଏବଂ ସେହି ସମସ୍ତ ଅନ୍ତର୍ବୋଧ ଓ ଆନ୍ତର ପ୍ରେରଣା ଆସି ମନରେ ବୁଦ୍ଧିର ରୂପ ଗ୍ରହଣ କରିବା ପୂର୍ବରୁ ଏହି ସକଳ ସାଧନର ମଧ୍ୟ ଦେଇ ଯାତ୍ରା କରିଥା'ନ୍ତି । ବେଦ ଓ ବେଦାନ୍ତରେ ଯାହା 'ହୃଦୟ', ହୃଦ୍ ବା ବ୍ରହ୍ମନ୍ ବୋଲି ଅଭିହିତ ତା'ର ପରିଭାଷା ଏହିପରି । ମନୁଷ୍ୟର ସାମ୍ପ୍ରତିକ ସ୍ଥିତି ଯାହା ସେଥିରୁ ଏହି ବୋଧ ହୁଏ ଯେ ପୁରୁଷଙ୍କର ଅବସ୍ଥିତି କେନ୍ଦ୍ରସ୍ଥଳରେ । ସାଧାରଣ ମନୁଷ୍ୟ ମଧ୍ୟରେ ଥିବା ଅବଚେତନର ବିଶାଳତାର ସନ୍ନିକଟ ହୋଇ ଏହି ପୁରୁଷ ରହିଛନ୍ତି – ଆଜିଯାଏ ମଣିଷ ସେହି ଉଚ୍ଚତର ସ୍ତରକୁ ଉତ୍ତୋଳିତ ହୋଇ ନାହିଁ ଯେଉଁଥିରେ ଅନନ୍ତଙ୍କ ସହିତ ସମ୍ପର୍କ ହୋଇଥିବ ଭାସ୍ୱର, ନିବିଡ଼ ଓ ପ୍ରତ୍ୟକ୍ଷ – ଯେଉଁ ଅବସ୍ଥାରେ ବିଶ୍ୱାତ୍ମ-ପୁରୁଷଙ୍କର ପ୍ରେରଣା ଅତି ସହଜରେ ଅନୁପ୍ରବେଶ କରିପାରୁଥିବ ଏବଂ ବ୍ୟକ୍ତିସତ୍ତା ମଧ୍ୟରେ ତତ୍‌କ୍ଷଣାତ୍ ସ୍ଥାନଗ୍ରହଣ କରିପାରୁଥିବ । ଏହି ହେତୁ ହୃଦୟର ଶକ୍ତି ଦ୍ୱାରା ମନ୍ତ୍ର ରୂପଗ୍ରହଣ କରିଥାଏ ।

କିନ୍ତୁ ଅନ୍ୟ ଏକ ସ୍ୱୀକୃତିର ଆବଶ୍ୟକତା ରହିଛି । ବ୍ୟକ୍ତିଗତ ମନ ତ ସ୍ୱୀକାର କରି ନେଇଛି; ବିଶ୍ୱ ମଣ୍ଡଳର ପ୍ରଭାବକ ଶକ୍ତିମାନଙ୍କ ସ୍ୱୀକୃତି ମିଳିବା ମଧ୍ୟ ଆବଶ୍ୟକ । ସୂକ୍ତର ଯେଉଁ ଶବ୍ଦଗୁଡ଼ିକ ମନ ଦ୍ୱାରା ଧାରଣ କରାଯାଇଥାଏ ସେସବୁ ନୂତନ ମାନସିକ ଢାଞ୍ଚାର ଆଧାର ଗଠନ କରିଥା'ନ୍ତି ଏବଂ ଏଇଥିରୁହିଁ ଭବିଷ୍ୟତ୍ ଧୀଶକ୍ତିଗୁଡ଼ିକ ନିଜର ଅଗ୍ରଗତି ଆରମ୍ଭ କରିବେ । ମରୁଦ୍‌ଗଣ ସେଗୁଡ଼ିକର ସନ୍ନିକଟକୁ ଆସନ୍ତୁ ଏବଂ ସେଗୁଡ଼ିକ ଉପରେ ବିରାଜମାନ ହୁଅନ୍ତୁ, ବ୍ୟକ୍ତିର ମନ ମଧ୍ୟସ୍ଥ ରଚନାଗୁଡ଼ିକୁ ବୈଶ୍ୱ ମନର ଶକ୍ତିଗଣ

ଅନୁମୋଦନ କରନ୍ତୁ ତଥା ସେଥିସହ ସମ୍ମିଳିତ ହୁଅନ୍ତୁ । ଏହାରି ଦ୍ୱାରା କେବଳ ଆମର ଆନ୍ତର ବାହ୍ୟ କ୍ରିୟା ନିଜର ପରମ ସାଫଲ୍ୟ ଲାଭ କରିଥାଏ ।

ମରୁଦ୍‌ଗଣ ଯେ ନିଜର ସ୍ୱୀକୃତି ଦେବାକୁ ନାସ୍ତି କରିଦେବେ ଅଥବା ସେମାନଙ୍କର ମତାନ୍ତରକୁ ଦୀର୍ଘକାଳ ପର୍ଯ୍ୟନ୍ତ ଲମ୍ବାଇ ରଖିବେ ତାହାର କୌଣସି କାରଣ ନାହିଁ । ଦିବ୍ୟଶକ୍ତିଗଣ ନିଜର ବ୍ୟକ୍ତିଗତ ଆବେଗର ଅପେକ୍ଷା ଏଙ୍କ ଦିବ୍ୟବିଧାନକୁ ମାନିନେଇଥା'ନ୍ତି, ସେମାନଙ୍କର ସାର ସ୍ୱଭାବ ଯାହା ସେହି ଅନୁସାରେ ସେମାନେ 'ଅମର'ଠାରେ ମର୍ତ୍ୟର ସମର୍ପଣ ପ୍ରୟାସରେ ସହାୟକ ହେବା ଉଚିତ, ଋତ ଓ ମହତ୍ ବିଷୟରେ ମାନବୀୟ ପ୍ରଣପ୍ରୟିକ ଅଭୀପ୍ସା କରୁଥିବା ବେଳେ ସେମାନେ ସେଥିରେ ନମନ-ପ୍ରକ୍ରିୟାର ବୃଦ୍ଧିସାଧନ କରିବା ଉଚିତ । (ମନ୍ତ୍ର - ୨)

ସ୍ତୁତ ତଥା ସ୍ୱୀକୃତ ହେବା ପରେ ଇନ୍ଦ୍ର ତାଙ୍କର ମର୍ତ୍ୟ-ସମ୍ପର୍କରେ ଆଉ ପୀଡ଼ାର କାରଣ ହୋଇ ନାହାନ୍ତି; ଭଗବତ୍ ସ୍ୱର୍ଣ୍ଣ ବର୍ତ୍ତମାନ ପୂର୍ଣ୍ଣ ରୂପେ ଶାନ୍ତି ଓ ସୁଖର ସୃଜନ କରୁଛି । ସ୍ତୁତ ଓ ସ୍ୱୀକୃତ ହେବା ପରେ ମରୁଦ୍‌ଗଣ ମଧ୍ୟ ନିଜ ହିଂସାତ୍ମକ କ୍ରିୟାକୁ ଅପସାରିତ କରିଦେବା ଉଚିତ । ସେମାନେ ନିଜର ସୌମ୍ୟ ରୂପଧାରଣ ପୂର୍ବକ, ନିଜ କାର୍ଯ୍ୟରେ ସହାନୁଭୂତିଶୀଳ ହେବା ପୂର୍ବକ ବ୍ୟକ୍ତି-ଆତ୍ମାକୁ ସଂଘର୍ଷ ତଥା ବିକ୍ଷୋଭର ମାର୍ଗରେ ନ ନେବା ପୂର୍ବକ ସେମାନେ ପୂର୍ଣ୍ଣତଃ ଉପକାରୀ ହେବା ସଙ୍ଗେ ଶକ୍ତିଶାଳୀ କାର୍ଯ୍ୟସାଧନର ମାଧ୍ୟମ ହୋଇଉଠିବା ଉଚିତ ।

ପୂର୍ଣ୍ଣ ସଙ୍ଗତି ପ୍ରତିଷ୍ଠିତ ହେଲା, ଅଗସ୍ତ୍ୟଙ୍କ ପାଇଁ ଯେଉଁ ନୂତନ ଓ ଋଜୁ ଯୋଗପଥ ନିର୍ଦ୍ଦେଶିତ ହୋଇଛି ସେଥିରେ ତାଙ୍କ ଯୋଗ ବିଜୟୀ ଭାବର ସହ ଅଗ୍ରଗତି କରିଚାଲିବ । ସର୍ବଦା ଲକ୍ଷ୍ୟଟି ହେଲା ଉଚ୍ଚତର ସ୍ତରକୁ ଉନ୍ନୀତ ହେବା,— ସାଧାରଣ ଜୀବନଟି ଯେପରି ବିଭକ୍ତ ଏବଂ ଇନ୍ଦ୍ରିୟ ବୋଧରେ, ଭାବାବେଗରେ, ଚିନ୍ତା ଓ କର୍ମରେ ଅହଂଭାବଗ୍ରସ୍ତ ତା'ଠାରୁ ଊର୍ଦ୍ଧ୍ୱସ୍ତରକୁ ଉନ୍ନୀତ ହେବା । ଆହୁରି ମଧ୍ୟ, ଯାହା ବିରୋଧୀ ତଥା କ୍ଷତିକାରୀ ସେସବୁ ଉପରେ ବିଜୟର ମାର୍ଗରେ ସେହି ସମାନ ସଶକ୍ତ ସଂକଳ୍ପ ସହ ସର୍ବଦା ଗତି କରିବା । କିନ୍ତୁ ଏହା ହେବା ଉଚିତ ଏକ ସର୍ବାଙ୍ଗୀଣ ଅଭ୍ୟୁତ୍‌ଥାନ । ମଣିଷ ତା'ର କାମନା ମାଧ୍ୟମରେ ଯେତେସବୁ ଆମୋଦ ଇଚ୍ଛା କରୁଛି, ତା'ର ଜାଗ୍ରତ୍ ଚେତନାରେ ସେ ଯେତେସବୁ ସକ୍ରିୟ ଇଚ୍ଛା,— ବେଦର ସଂକ୍ଷିପ୍ତ ପ୍ରତୀକାତ୍ମିକା ଭାଷାରେ ଯାହାକୁ ''ଅହାନି'' ବା ଦିବସଗୁଡ଼ିକ ବୋଲି କୁହାଯାଇଛି — ଏ ସମସ୍ତର ସେହି ଉଚ୍ଚସ୍ତରକୁ ଉନ୍ନୀତ ହେବାର ଅଛି । ''ବନାନି'' କହିବା ଦ୍ୱାରା ଏହି ଅର୍ଥ ବ୍ୟକ୍ତ ହେଉଛି ଯେ ସକଳ କ୍ରିୟାତ୍ମକ ବିଷୟ ମଧ୍ୟରେ ଆନନ୍ଦର ଅନ୍ୱେଷଣ କରୁଥିବା ଏକ ଗ୍ରହଣଶୀଳ ଇନ୍ଦ୍ରିୟ ସମ୍ବେଦନ, ଏହାରି ଅନ୍ୱେଷଣ କରିବା ପାଇଁହିଁ ସେଗୁଡ଼ିକର ସୃଷ୍ଟି । ଏସବୁକୁ ବି ବାଦ୍ ଦେବାର ନୁହେଁ । ବର୍ଜନ

କରିଦେବାର କିଛି ବି ନାହିଁ, ଦିବ୍ୟଚେତନାର ବିଶୁଦ୍ଧ ସ୍ତର ଦିଗରେ ସବୁକିଛି ଉନ୍ନୀତ ହେବେ । (ମନ୍ତ୍ର - ୩)

ଅଗସ୍ତ୍ୟ ପ୍ରଥମେ ଅନ୍ୟ ଅବସ୍ଥା ବା ପରିସ୍ଥିତି ମଧ୍ୟରେ ମରୁଦ୍‌ଗଣଙ୍କ ନିମନ୍ତେ ଯଜ୍ଞ ପ୍ରସ୍ତୁତ କରିଥିଲେ । ସେହି 'ଚିନ୍ତାଶକ୍ତିମାନଙ୍କ' ହାତରେ ସେ ନିଜ ମଧ୍ୟରେ ଥିବା ସମସ୍ତ କିଛି ସମର୍ପି ଦେବାକୁ ଚାହିଁଛନ୍ତି – ସେ ସେହି ସମସ୍ତର ଉପରକୁ ସେମାନଙ୍କର (ମରୁଦ୍‌ଗଣଙ୍କ) ପୂର୍ଣ୍ଣ ଶକ୍ତିମତ୍ତାକୁ ନିକ୍ଷେପ କରି ଦେଇଥିଲେ; କିନ୍ତୁ ଯଜ୍ଞରେ ଦୋଷଥିବା ହେତୁ ମଧ୍ୟପଥରେ ସେ ସେହି ବଳଶାଳୀ (ଇନ୍ଦ୍ର)ଙ୍କୁ ଶତ୍ରୁ ଭଳି ସମ୍ମୁଖୀନ ହୋଇଛନ୍ତି ଏବଂ ତା'ଫଳରେ ସେ ଯେଉଁ ଭୟ ପାଇଛନ୍ତି ତଥା ତୀବ୍ର ଯନ୍ତ୍ରଣା ଭୋଗିଛନ୍ତି ସେଥିରେ ତାଙ୍କର ଆଖି ଖୋଲିଛି ଏବଂ ତାଙ୍କର ବ୍ୟକ୍ତି-ଆତ୍ମା ସମର୍ପଣ କରିଛି । ତଥାପି ଏହି ଅନୁଭୂତିର ଭାବାବେଗରେ ପ୍ରତିସ୍ପନ୍ଦିତ ହୋଇ ସେ ବାଧ ହୋଇଛନ୍ତି ସେହି ସମସ୍ତ କର୍ମପ୍ରକ୍ରିୟାକୁ ତ୍ୟାଗ କରିବାକୁ ଯାହାକୁ ସେ ଅତି ପ୍ରବଳ ଭାବରେ ପ୍ରସ୍ତୁତ କରିଥିଲେ । ଏଥର ସେ ପୁନଶ୍ଚ ମରୁଦ୍‌ଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞ ନିବେଦନ କରୁଛନ୍ତି, କିନ୍ତୁ ସେଥିରେ 'ଇନ୍ଦ୍ର' ଭଳି ଏକ ପ୍ରତିଭାବାନ୍ ନାମକୁ ସାମିଲ କରିଛନ୍ତି – ଏ ହେଉଛନ୍ତି ତତୋଽଧିକ ପରାକ୍ରମୀ ଦେବତା । ଯଜ୍ଞ ବ୍ୟାହତ ହେଲା ବୋଲି ମରୁଦ୍‌ଗଣ ନିଜ ମନରେ ଆକ୍ରୋଶ ନ ରଖନ୍ତୁ, ବରଂ ଏହି ଅଭିନବ ତଥା ଅଧିକ ବିଧିସମ୍ମତଭାବେ ପରିଚାଳିତ କର୍ମକୁ ସେମାନେ ସ୍ୱୀକାର କରନ୍ତୁ । (ମନ୍ତ୍ର - ୪)

ସୂକ୍ତଟିର ଅନ୍ତିମ ଦୁଇ ଋଚାରେ ଅଗସ୍ତ୍ୟ ମରୁଦ୍‌ଗଣଙ୍କଠାରୁ ମୁଖ ଫେରାଇ ଇନ୍ଦ୍ରଙ୍କ ଦିଗକୁ ଆସିଛନ୍ତି । ମାନବୀୟ ମାନସର କ୍ରମବର୍ଦ୍ଧମାନ ଜ୍ଞାନର ପ୍ରତିନିଧିତ୍ୱ କରନ୍ତି ମରୁଦ୍‌ଗଣ, ଅବଚେତନାର ଅନ୍ଧକାର ମଧ୍ୟରୁ ଉଦିତ ହେବାଠାରୁ ମନର ଗତିଧାରାଗୁଡ଼ିକର ଯେପରି ଅସ୍ପଷ୍ଟରୂପେ ଆରମ୍ଭ ଘଟିଥିଲା ସେହିଠାରୁ ଆରମ୍ଭ କରି ଜ୍ୟୋତିର୍ମୟ ଚେତନା ରୂପରେ, ଯେଉଁଥିରେ ପୁରୁଷ ହେଉଛନ୍ତି ''ଇନ୍ଦ୍ର'' ଅର୍ଥାତ୍ ପ୍ରତିନିଧିମୂଳକ ସତ୍ତା, ସେହି ସ୍ୱରୂପରେ ରୂପାନ୍ତରିତ ହୋଇଯିବା ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟ ଚାଲିଥାଏ । ଧୂମାଚ୍ଛନ୍ନ ଅବସ୍ଥାରୁ ସେଗୁଡ଼ିକ ଜ୍ଞାନପ୍ରକାଶଯୁକ୍ତ ହୋଇଥାନ୍ତି; ସାନ୍ଧ୍ୟ ଗୋଧୂଳିର ଅବସ୍ଥା, ଯାହା ଅର୍ଦ୍ଧାଲୋକିତ ବା ଭ୍ରାନ୍ତିଜନକ ପ୍ରତିଭାସରେ ପରିଣତ ହୋଇଥିଲା, ଏହିସବୁ ଅନ୍ଧତା ମଧ୍ୟରୁ ସେମାନେ ଉତ୍ତୋଳିତ ହୋଇ ଆସି ଦିବ୍ୟଭାସ୍ୱରତାକୁ ଧାରଣ କରିଥାନ୍ତି । ମହାକାଳର ବକ୍ଷରେ କ୍ରମେ କ୍ରମେ, ମାନବୀୟ ଆତ୍ମଚେତନାର ସେହି ସମସ୍ତ ପ୍ରାଭାତିକ ବେଳାରେ, ଅବିରଳ ଭାବେ ଚାଲି ଆସିଥିବା ଉଷାଗୁଡ଼ିକ ଦ୍ୱାରା ଏହି ମହାନ୍ ବିବର୍ତ୍ତନ ସମ୍ଭବ ହୋଇଛି । କାରଣ, ବେଦରେ ଉଷା ହେଉଛନ୍ତି ମାନବର ଭୌତିକ ଚେତନା ଉପରେ ଦିବ୍ୟ-ଆଲୋକ ସଞ୍ଚାରକ ନବୀନ ଉନ୍ମୀଳନର ପ୍ରତୀକସ୍ୱରୂପା ଦେବୀ । ସେ ଓ ତାଙ୍କର ଭଉଣୀ ନିଶା ବା

ରାତ୍ରୀ ଜଣକ ପରେ ଜଣ ହୋଇ ଆସିଥାନ୍ତି; କିନ୍ତୁ ସେହି ଅନ୍ଧକାର ସ୍ୱୟଂ ହେଉଛି ଆଲୋକର ଜନନୀ ଏବଂ ଏହି କୃଷ୍ଣ-ଛୁଇତା-ଶୋଭିତା ମାତା ନିଜ ଗର୍ଭରେ ଯାହା ପ୍ରସ୍ତୁତ କରିଥା'ନ୍ତି ତାହାକୁ ବ୍ୟକ୍ତ କରିବା ନିମନ୍ତେ ଉଷାଦେବୀ ପ୍ରତିଦିନ ଆଗମନ କରିଥା'ନ୍ତି । ଯାହା ବି ହେଉ, ଋଷି ଏଠାରେ ବୋଧହୁଏ ଅପ୍ରତିହତା ଉଷା ବିଷୟରେ କହିବାକୁ ଚାହାନ୍ତି, ଯାହା ଏହି ସମସ୍ତ ପ୍ରତୀୟମାନ ବିରତି ତଥା ଧୂମାଚ୍ଛନ୍ନତାର ମଧ୍ୟରେ ଦ୍ୱାରା ବ୍ୟାହତା ହେଉ ନ ଥିବ । କ୍ରମାନୁବର୍ତ୍ତୀ ପ୍ରକାଶର ଏହି ଯେଉଁ ନିରବଚ୍ଛିନ୍ନତା, ତାହାର ପ୍ରୋଜ୍ଜ୍ୱଳ ଶକ୍ତି ଦ୍ୱାରା ମନୁଷ୍ୟର ମନ ପୂର୍ଣ୍ଣତମଲୋକର ଧାମ ମଧ୍ୟକୁ କ୍ଷିପ୍ର ଗତିରେ ଆରୋହଣ କରିଥାଏ । କିନ୍ତୁ ଏହି ରୂପାନ୍ତରକୁ ସର୍ବଦା ଯେଉଁ ଶକ୍ତି ସମ୍ଭାବିତ ତଥା ସମ୍ଭବ କରାଇଥାଏ ତାହା ହେଉଛି ଇନ୍ଦ୍ରଙ୍କର ପ୍ରଭାବଶାଳୀ ଶକ୍ତି । ଏହା ହେଉଛି ସେହି ପରମ ଧୀଶକ୍ତି ଯାହା 'ଉଷା'ଗୁଡ଼ିକ ମାଧ୍ୟମରେ, ମରୁଦ୍‌ଗଣଙ୍କ ମାଧ୍ୟମରେ, ମାନବସତ୍ତାର ଆଧାରରେ ସ୍ୱୟଂ ଅଜାଡ଼ି ହୋଇ ଯାଇଛି । ସେହି ଜ୍ୟୋତିର୍ଗୋଧନର ବୃଷଭ ହେଉଛନ୍ତି ଇନ୍ଦ୍ର, ସେହି ହେଉଛନ୍ତି ଚିନ୍ତାଶକ୍ତିଗୁଡ଼ିକର ସ୍ୱାମୀ, ଭାସ୍ୱର ଉଷାଗୁଡ଼ିକର ପ୍ରଭୁ ।

ଏଠାରେ ଆହୁରି ମଧ୍ୟ କୁହାଯାଇଛି, ଜ୍ଞାନଜ୍ୟୋତିଃର ପ୍ରକାଶ ପ୍ରକ୍ରିୟାରେ ଇନ୍ଦ୍ର ମରୁଦ୍‌ଗଣଙ୍କୁ ସାଧନଭାବେ ଉପଯୋଗ କରନ୍ତୁ । ସେମାନଙ୍କ ଦ୍ୱାରା ତାଙ୍କର ଅତିମାନସିକ ଜ୍ଞାନର ପ୍ରତିଷ୍ଠା ସେ କରନ୍ତୁ । ସେମାନଙ୍କ ଶକ୍ତିରେ ମାନବପ୍ରକୃତି ମଧ୍ୟରେ ଥିବା ତାଙ୍କ ଶକ୍ତି ସମର୍ଥିତ ହେବ ଏବଂ ସେହି ପ୍ରକୃତିକୁ ସେ ନିଜର ଦିବ୍ୟପ୍ରତିବଦ୍ଧତା ତଥା ତାଙ୍କ ଦିବ୍ୟଶକ୍ତି ପ୍ରଦାନ କରିବେ, ଯାହା ଫଳରେ ଏହା (ମାନବ ପ୍ରକୃତି) ଆଘାତ ପାଇଲେ ଟଳମଳ ନ ହେବ ଅଥବା ଆମର ଅତିସାଧାରଣ ସାମର୍ଥ୍ୟ ଦୃଷ୍ଟିରୁ ବହୁ ବିରାଟ ସେହିସବୁ ଶକ୍ତିଶାଳୀ କ୍ରିୟାବଳିକୁ ବହନ କରିବାକୁ ଅକ୍ଷମ ନ ହେବ । (ମନ୍ତ୍ର - ୫)

ଏହି ଭାବେ ବଳାନ୍ୱିତ ମରୁଦ୍‌ଗଣ ସର୍ବଦା ପ୍ରଭୁଶକ୍ତିର ମାର୍ଗନିର୍ଦ୍ଦେଶ ତଥା ସୁରକ୍ଷା ଆବଶ୍ୟକ କରିବେ । ଏମାନେ ହେଉଛନ୍ତି ପୃଥକ୍ ପୃଥକ୍ ଚିନ୍ତାଶକ୍ତିର ପୁରୁଷଗଣ, ଇନ୍ଦ୍ର ହେଲେ ସକଳ ଚିନ୍ତାଶକ୍ତିର ଏକମେବ ପୁରୁଷ । ଏହାଙ୍କ ମଧ୍ୟରେ ସେମାନେ ନିଜର ପୂର୍ଣ୍ଣତା ତଥା ସଙ୍ଗତି ଲାଭ କରିଥା'ନ୍ତି । ତେବେ ଏହି ଅଙ୍ଗୀ ଓ ଏହି ଅଙ୍ଗଗୁଡ଼ିକ ମଧ୍ୟରେ ଆଉ ସଂଘର୍ଷ ତଥା ମତାନ୍ତର ନ ରହୁ । ଇନ୍ଦ୍ରଙ୍କୁ ସ୍ୱୀକାର କରି ମରୁଦ୍‌ଗଣ ତାଙ୍କଠାରୁ ଲାଭ କରିବେ ବସ୍ତୁଗୁଡ଼ିକର ଯଥାଯଥଜ୍ଞାନ ଯାହା ତାଙ୍କ ପାଇଁ ଜ୍ଞେୟର ବିଷୟ । କୌଣସି ଅପୂର୍ଣ୍ଣ ଜ୍ଞାନାଲୋକ ଦ୍ୱାରା ସେମାନେ ଏବେ ଭ୍ରାନ୍ତ ହେବେ ନାହିଁ କିମ୍ବା କୌଣସି ସୀମିତ ଶକ୍ତିର କବଳରେ ପଡ଼ି ସେମାନେ ବହୁ ଦୂରକୁ ଚାଲିଯିବେ ନାହିଁ । ବ୍ୟକ୍ତିସତ୍ତା ଓ ଏହାର ପୂର୍ଣ୍ଣତା ପଥରେ ଯାହା ଅନ୍ତରାୟ ସେମାନଙ୍କ ବିପକ୍ଷରେ ଇନ୍ଦ୍ର ନିଜର ଶକ୍ତିକୁ ଯେପରି ପ୍ରୟୋଗ କରିଛନ୍ତି ତାହାର କ୍ରିୟାକୁ ଏମାନେ ଚଳେଇ ରଖିବାକୁ ସକ୍ଷମ ହେବେ ।

ତେଣୁ, ଦିବ୍ୟଶକ୍ତିମାନଙ୍କର ତଥା ସେମାନଙ୍କ ଅଭିଳାଷର ଏହି ସଙ୍ଗତି ମଧ୍ୟରେ ମାନବୀୟତତ୍ତ୍ୱ ସେହି ଉତ୍ସାହ ଲାଭ କରୁ ଯାହା ଏହି ବିଶ୍ୱର ଅସଂଖ୍ୟ ବିରୋଧକୁ ଖଣ୍ଡନ କରିବାକୁ ପର୍ଯ୍ୟାପ୍ତଭାବେ ସମର୍ଥ ହୋଇପାରିବ ଏବଂ ନାନା ବିବିଧତା ଦ୍ୱାରା ଗଠିତ ମାନବ ବ୍ୟକ୍ତି ତଥା ଜାତି ମଧ୍ୟରେ ଥିବା ଲକ୍ଷ୍ୟ ଦିଗରେ ଏ ଉଭୟେ ଏତେ ଦ୍ରୁତ ଯାତ୍ରା କରିବେ ଏବଂ ସେହି ଲକ୍ଷ୍ୟର ବହୁ ଦୂରସ୍ଥ ହେଲେ ବି ଏହାର ଝଲକ ଏତେ ପ୍ରତିନିୟତ ଦେଖା ଦେବ ଯେ ସ୍ୱୟଂ ଲକ୍ଷ୍ୟରେ ପ୍ରାୟ ଉପନୀତ ହୋଇଗଲେଣି ଭଳି ମନେ କରିବେ ।
(ମନ୍ତ୍ର - ୬)

ଅଧ୍ୟାୟ – ୪

ଅଗ୍ନି : ତେଜୋମୟ ଜ୍ରତୁ

(ଋଗ୍‌ବେଦ : ମଣ୍ଡଳ-୧, ସୂକ୍ତ : ୭୭, ଋଷି : ପରାଶର ଶାକ୍ତ୍ୟ)

କଥା ଦାଶେମାଗ୍ନୟେ ଜାସ୍ମୈ
ଦେବଜୁଷ୍ଟୋଚ୍ୟତେ ଭାମିନେ ଗୀଃ ।
ୟୋ ମର୍ତ୍ତେଷ୍ୱମୃତ ଋତାବା
ହୋତା ୟଜିଷ୍ଠ ଇଦ୍ କୃଣୋତି ଦେବାନ୍ ॥୧॥

ଅର୍ଥ (ଅନ୍ୱୟ ସହ) : ଅଗ୍ନିଙ୍କୁ ଆମେ ହବିଃଦାନ କିପରି କରିବୁ [ଅସ୍ମୟେ କଥା ଦାଶେମ] ? ଏହି ଜ୍ୟୋତିର୍ମୟ ଦେବଙ୍କ ନିମନ୍ତେ [ଅସ୍ମୈ ଭାମିନେ] ଦେବଗୃହୀତ କେଉଁ ବାକ୍ୟ ବୋଲାଯାଏ [କା ଦେବଜୁଷ୍ଟା ଗୀଃ ଉଚ୍ୟତେ] ? ଏହା ତାଙ୍କରି ନିମନ୍ତେ ଯିଏ ମର୍ତ୍ତ୍ୟମାନଙ୍କ ମଧ୍ୟରେ ଅମୃତ [ୟଃ ମର୍ତ୍ତ୍ୟେଷୁ ଅମୃତଃ], ଯିଏ ଋତ ସମ୍ପନ୍ନ [ଋତାବା], ଯିଏ ଯାଜ୍ଞିକମାନଙ୍କ ମଧ୍ୟରେ ଶ୍ରେଷ୍ଠ ହୋତା [ୟଜିଷ୍ଠଃ ହୋତା], ଯିଏ ଦେବଗଣଙ୍କୁ ଗଢ଼ିଥା'ନ୍ତି [ଦେବାନ୍ ଇତ୍ କୃଣୋତି] ।

ୟୋ ଅଧ୍ୱରେଷୁ ଶଂତମ ଋତାବା
ହୋତା ତମୂ ନମୋଭିରା କୃଣୁଧ୍ୱମ୍ ।
ଅଗ୍ନିର୍ୟଦ୍ ବେର୍ମର୍ତାୟ ଦେବାନ୍ସ
ଚା ବୋଧତି ମନସା ୟଜାତି ॥୨॥

ଅର୍ଥ (ଅନ୍ୱୟ ସହ) : ଯିଏ ଯଜ୍ଞଗୁଡ଼ିକରେ ଶାନ୍ତିମୟ ହୋତା [ୟଃ ଅଧ୍ୱରେଷୁ ଶଂତମ ହୋତା], ଯିଏ ଋତସମ୍ପନ୍ନ [ଋତାବା], ଆମ୍ ସମର୍ପଣ ଦ୍ୱାରା ତୁମେ ତାଙ୍କୁ ନିଜ ମଧ୍ୟରେ ଗଠନ କର [ନମୋଭିଃ ତମ୍ ଉ ଆ କୃଣୁଧ୍ୱମ୍]; ମର୍ତ୍ତ୍ୟମାନଙ୍କ ନିମନ୍ତେ ଅଗ୍ନି ଯେତେବେଳେ ଦେବଗଣଙ୍କୁ ଅଭିବ୍ୟକ୍ତ କରନ୍ତି (ଅଥବା - ଦେବଗଣଙ୍କ ମଧ୍ୟରେ ପ୍ରବେଶ କରନ୍ତି) [ୟଦ୍ ମର୍ତାୟ ଅଗ୍ନିଃ ଦେବାନ୍ ବେଃ] ସେତେବେଳେ ସେ ମଧ୍ୟ ସେମାନଙ୍କ ବିଷୟରେ ଜାଣନ୍ତି [ସ ଚ ବୋଧତି] ଏବଂ ମନ ଦ୍ୱାରା ସେମାନଙ୍କ ଯଜ୍ଞାହୁତି ପ୍ରଦାନ କରନ୍ତି [ମନସା ୟଜାତି] ।

ସ ହି କ୍ରତୁଃ ସ ମର୍ୟଃ ସ ସାଧୁ-
ର୍ମିତ୍ରୋ ନ ଭୂଦଭୁତସ୍ୟ ରଥୀଃ ।
ତଂ ମେଧେଷୁ ପ୍ରଥମଂ ଦେବୟନ୍ତୀ-
ର୍ବିଶ ଉପ ବ୍ରୁବତେ ଦସ୍ମମାରୀଃ ॥୩॥

ଅର୍ଥ (ଅନ୍ୱୟ ସହ) : କାରଣ, ସେହିଁ ସଂକଳ୍ପ [ହି ସଃ କ୍ରତୁଃ], ସେହିଁ ବଳ [ସଃ ମର୍ୟଃ], ସେହିଁ ପୂର୍ଣ୍ଣତା ସମ୍ପାଦକ [ସଃ ସାଧୁଃ], ଏପରିକି ମିତ୍ରଦେବଙ୍କ ପରି [ମିତ୍ରଃ ନ] ସେ ପରମ ପୁରୁଷଙ୍କ ରଥୀ ହୋଇଥା'ନ୍ତି [ଅଭୁତସ୍ୟ ରଥୀଃ ଭୂତ୍] । ସମୃଦ୍ଧ ହବିଃ ମଧ୍ୟରେ [ମେଧେଷୁ] ଦେବକାମୀ ଆର୍ଯ୍ୟ ପ୍ରଜାଗଣ [ଦେବୟନ୍ତୀଃ ଆରୀଃ ବିଶଃ] ତାଙ୍କ ଉଦ୍ଦେଶ୍ୟରେ [ତମ୍] ପ୍ରଥମେ ସ୍ତବଗାନ କରନ୍ତି [ପ୍ରଥମମ୍ ଉପ ବ୍ରୁବତେ] ।

ସ ନୋ ନୃଣାଂ ନୃତମୋ ରିଶାଦା
ଅଗ୍ନିର୍ଗିରୋଽବସା ବେତୁ ଧୀତିମ୍ ।
ତନା ଚ ୟେ ମଘବାନଃ ଶବିଷ୍ଠା
ବାଜପ୍ରସୂତା ଇଷୟନ୍ତ ମନ୍ମ ॥୪॥

ଅର୍ଥ (ଅନ୍ୱୟ ସହ) : ଶକ୍ତିଶାଳୀମାନଙ୍କ ମଧ୍ୟରେ ଶକ୍ତିମତ୍ତମ [ନୃଣାଂ ନୃତମଃ] ଏବଂ ବିନାଶକମାନଙ୍କର ଖାଦକ [ରିଶାଦାଃ] ସେହି ଅଗ୍ନି [ସଃ ଅଗ୍ନିଃ] ନିଜର ଉପସ୍ଥିତି ଦ୍ୱାରା [ଅବସା] ବାକ୍ ତଥା ସେମାନଙ୍କର ବୋଧନକୁ [ଗିରଃ ଧୀତିମ୍] ଅଭିବ୍ୟକ୍ତ କରନ୍ତୁ (ଅଥବା, ଶବ୍ଦ ଓ ଚିନ୍ତା ମଧ୍ୟକୁ ପ୍ରବେଶ କରନ୍ତୁ) [ବେତୁ], ଏବଂ ନିଜ ବ୍ୟାପକତାରେ [ତନା ଚ] ଯେଉଁମାନେ ପ୍ରାଚୁର୍ଯ୍ୟର ଦେବ [ମଘବାନଃ], ଶକ୍ତିରେ ତେଜୋବତ୍ତମ [ଶବିଷ୍ଠାଃ] ସେମାନେ ନିଜର ପ୍ରାଚୁର୍ଯ୍ୟକୁ ଅଜାଡ଼ି ଦିଅନ୍ତୁ [ବାଜ-ପ୍ରସୂତାଃ (ସ୍ୟୁଃ)] ଏବଂ ଚିନ୍ତାକୁ ସେମାନଙ୍କ ପ୍ରବୃତ୍ତି ପ୍ରଦାନ କରନ୍ତୁ [ମନ୍ମ ଇଷୟନ୍ତ] ॥

ଏବାଗ୍ନିର୍ଗୋତମେଭିର୍ଗତାବା
ବିପ୍ରେଭିରସ୍ତୋଷ୍ଟ ଜାତବେଦାଃ ।
ସ ଏଷୁ ଦ୍ୟୁମ୍ନଂ ପୀପୟତ୍ ସ ବାଜଂ
ସ ପୁଷ୍ଟିଂ ୟାତି ଜୋଷମା ଚିକିତ୍ୱାନ୍ ॥୫॥

ଅର୍ଥ (ଅନ୍ୱୟ ସହ) : ଏହି ଭାବେ [ଏବ] ଗତବାନ୍ ଅଗ୍ନି [ଗତାବା ଅଗ୍ନିଃ] ଜ୍ୟୋତିଃର ସ୍ୱାମୀମାନଙ୍କ ଦ୍ୱାରା [ଗୋତମେଭିଃ୧] ସ୍ତୁତ ହୋଇଛନ୍ତି [ଅସ୍ତୋଷ୍ଟ], ଶୁଦ୍ଧୀଭୂତ ମାନସଗୁଡ଼ିକ ଦ୍ୱାରା [ବିପ୍ରେଭିଃ] ସେ ଜଗତଗୁଡ଼ିକର ଜ୍ଞାତା [ଜାତବେଦାଃ] । ସେମାନଙ୍କ

ମଧ୍ୟରେ [ଏଷୁ] ସେ ଜ୍ଞାନର ଶକ୍ତିକୁ [ସଃ ଦ୍ୟୁମ୍ନମ୍] ପରିପୋଷିତ କରିବେ [ପୀପୟତ୍], ସେ ମଧ୍ୟ ସମ୍ପଦକୁ (ପରିପୋଷିତ କରିବେ) [ସଃ ବାଜମ୍]; ନିଜର ଜ୍ଞାନ ଦ୍ୱାରା [ଚିକିତ୍ୱାନ୍] ସେ ପରିପୁଷ୍ଟିକୁ [ପୁଷ୍ଟିମ୍] ଏବଂ ସଙ୍ଗତିକୁ [ଜୋଷମା] ପ୍ରାପ୍ତ କରିବେ [ଆଯାତି]।

ଭାଷ୍ୟ

ଏହି ସୂକ୍ତର ଦ୍ରଷ୍ଟା ହେଉଛନ୍ତି ଋଷି ଗୋତମ ରାହୂଗଣଃ, ଅଗ୍ନି ହେଉଛନ୍ତି ବିଶ୍ୱରେ କ୍ରିୟାରତ ଦିବ୍ୟକ୍ରତୁ — ତାଙ୍କରି ସ୍ତୁତିରେ ଏହି ସୂକ୍ତଟି ରଚିତ।

ବୈଦିକ ଦେବଗଣଙ୍କ ମଧ୍ୟରେ ଅଗ୍ନି ହେଉଛନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସର୍ବାପେକ୍ଷା ଅଧିକ ବିଶ୍ୱାତ୍ମକ ଦେବ। ସ୍ଥୂଳ ଜଗତରେ ସେ ହେଉଛନ୍ତି ଜଣେ ସାଧାରଣ ଖାଦକ ଓ ଉପଭୋକ୍ତା। ସେ ମଧ୍ୟ ଜଣେ ବିଶୋଧକ (ପାବକ); ସେ ଯେତେବେଳେ ଭକ୍ଷଣ ଓ ଭୋଗ କରୁଥା'ନ୍ତି ତା'ସହ ସେ ପାବନ ବି କରୁଥା'ନ୍ତି। ଏ ସେହି ଅଗ୍ନି ଯିଏ ପ୍ରସ୍ତୁତ କରନ୍ତି ଏବଂ ନିଖୁଣ ବା ପରିପୂର୍ଣ୍ଣ କରନ୍ତି; ଆହୁରି ମଧ୍ୟ ଏ ସେହି ଅଗ୍ନି ଯିଏ ଆତ୍ମସାତ୍ କରି ନିଅନ୍ତି ଏବଂ ତାଙ୍କ ଶକ୍ତିର ଉଷ୍ମତା ନିର୍ମାଣକାର୍ଯ୍ୟ କରିଥାଏ। ସେ ଜୀବନର ଉଷ୍ମତା ଅଟନ୍ତି ଏବଂ ବସ୍ତୁମାନଙ୍କ ମଧ୍ୟରେ ସେ ରସ ସୃଷ୍ଟି କରନ୍ତି, ଯାହା ସେଗୁଡ଼ିକର ମୂଳ ସତ୍ତାର ନିର୍ଯାସ ଏବଂ ସେମାନଙ୍କ ଆନନ୍ଦର ମୂଳ ଉପାଦାନ।

ସେହି ସମାନ ରୂପେ ପ୍ରାଣରେ ସେ କ୍ରତୁ (ସଂକଳ୍ପଶକ୍ତି), କ୍ରିୟାଶୀଳ ପ୍ରାଣଶକ୍ତି, ଏବଂ ସେହି ଶକ୍ତି ରୂପେ ସେ ମଧ୍ୟ ସେହି ସମାନ କ୍ରିୟାଗୁଡ଼ିକୁ କରିଥା'ନ୍ତି। ଭକ୍ଷଣ, ଭୋଗ, ପାବନ, ପ୍ରସ୍ତୁତି, ନିର୍ମାଣ ପ୍ରଭୃତି କରିବା ମାଧ୍ୟମରେ ସେ ସର୍ବଦା ଉର୍ଦ୍ଧ୍ୱ ଦିଗକୁ ଉଠି ଚାଲିଥା'ନ୍ତି ଏବଂ ତାଙ୍କର ଶକ୍ତିଗୁଡ଼ିକୁ ମାନସିକ ଶକ୍ତି ରୂପକ 'ମରୁତ୍' ରୂପେ ପରିବର୍ତ୍ତିତ କରିଦେଇଥା'ନ୍ତି। ଆମର ବାସନା ତଥା ଅପରିଷ୍କୃତ ଭାବାବେଗଗୁଡ଼ିକ ହେଉଛନ୍ତି ସେହି ଅଗ୍ନିଙ୍କ ଦହନ କ୍ରିୟାର ଧୂମ। ଆମର ସମସ୍ତ ସ୍ନାୟବିକ ଶକ୍ତି ତାଙ୍କରି ବଳରେ ସମାନଙ୍କ କାର୍ଯ୍ୟକୁ ସୁନିଶ୍ଚିତ କରିଥା'ନ୍ତି।

---

୧ ଗୋତମେଭିଃ — ଏହାର ବାହ୍ୟ ଅର୍ଥ ଅନୁସାରେ ତାତ୍ପର୍ଯ୍ୟ ହେଲା — ଏହା ଏକ ଋଷି ବଂଶର ନାମ — ''ଗୋତମ ରାହୂଗଣ'' — ଯିଏ ଏହି ସୂକ୍ତର ଦ୍ରଷ୍ଟା ଜଣେ। କିନ୍ତୁ ଦେଖାଯାଏ ଯେ ସୂକ୍ତରେ ଯେଉଁଠି ଯେଉଁଠି ଋଷିଙ୍କର ନାମକୁ ପ୍ରୟୋଗ କରାଯାଇଛି ସର୍ବତ୍ର ତାହାର ଅର୍ଥ ସହିତ ଏକ ଭିତିରି ସମ୍ପର୍କ ରହିଛି। ଏହି ସୂକ୍ତରେ ''ଗୋତମେଭିଃ ରତାବା, ବିପ୍ରେଭିଃ ଜାତବେଦାଃ'' ପ୍ରଭୃତି ଯେଉଁ ଶବ୍ଦବୃନ୍ଦ ରହିଛି ସେଥିରେ ତାତ୍ପର୍ଯ୍ୟ ଥିବା ନିଃସନ୍ଦେହ, ଠିକ୍ ଯେପରି ତୃତୀୟ ଋକ୍‌ରେ ''ଦସ୍ମମ୍ ଆରାଃ'' ପଦଗୁଡ଼ିକ ଦେଖାଯାଏ।

ଆମର ସ୍ୱାୟବିକ ସତ୍ତାରେ ସେ ଯଦି କ୍ରତୁ ହେଲେ ଏବଂ ସେ ତାହାକୁ କର୍ମ ଦ୍ୱାରା ବିଶୋଧନ କରନ୍ତି, ମନରେ ମଧ୍ୟ ସେ କ୍ରତୁ ଅଟନ୍ତି ଏବଂ ଅଭୀପ୍ସା ଦ୍ୱାରା ତାହାକୁ ସେ ବିଶୋଧନ କରନ୍ତି । ଯେତେବେଳେ ସେ ବୁଦ୍ଧିରେ ପ୍ରବେଶ କରନ୍ତି ସେତେବେଳେ ସେ ନିଜ ଦିବ୍ୟଜନ୍ମସ୍ଥଳ ତଥା ଗୃହର ନିକଟବର୍ତ୍ତୀ ହୁଅନ୍ତି । ଚିନ୍ତାରାଜିକୁ ସେ ଫଳସାଧକ ଶକ୍ତି ଦିଗରେ ନେଇ ଯାଆନ୍ତି; ସକ୍ରିୟ ଶକ୍ତିରାଜିକୁ ସେ ଆଲୋକ ଦିଗରେ ନେଇ ଯାଆନ୍ତି ।

ଯଦିଓ ସେ ସର୍ବତ୍ର ଜାତ ଓ ସର୍ବ ବସ୍ତୁରେ ନିବାସ କରନ୍ତି ତଥାପି 'ସତ୍ୟ' ହେଉଛି ତାଙ୍କର ଜନ୍ମସ୍ଥାନ ତଥା ଗୃହ — ଏହି ସତ୍ୟ ହେଉଛି ଅନନ୍ତ, ବିରାଟ ବିଶ୍ୱାତ୍ମିକା ଦିବ୍ୟପ୍ରଜ୍ଞା, ଯାହା ମଧ୍ୟରେ ଜ୍ଞାନ ଓ ଶକ୍ତି ଏକତ୍ୱ ଲାଭ କରିଥା'ନ୍ତି । କାରଣ ବସ୍ତୁଗୁଡ଼ିକର ସତ୍ୟ ମଧ୍ୟରେ ସର୍ବ ସଂକଳ୍ପର ସମନ୍ୱୟ ଘଟିଥାଏ — ସେହି କାରଣରୁ ଏହା ଫଳୋତ୍ପାଦକ; ସକଳ ଚିନ୍ତା ହେଉଛି ସେହି ପ୍ରଜ୍ଞାର ଏକ ଏକ ଅଂଶ — ପ୍ରଜ୍ଞା ହେଉଛି ଦିବ୍ୟ ବିଧାନ, ଏବଂ ସେହି କାରଣରୁ ଏହା ଦିବ୍ୟକର୍ମର ପୂର୍ଣ୍ଣତଃ ଏକ ନିୟମବର୍ତ୍ତୀ ବସ୍ତୁ । ପୂର୍ଣ୍ଣତାପ୍ରାପ୍ତ ଅଗ୍ନି ନିଜ ଗୃହରେ — ସତ୍ୟ, ଋତ, ବୃହତ୍ ମଧ୍ୟରେ — ବଳଶାଳୀ ହୋଇଥା'ନ୍ତି । ମାନବଜାତିର ଅଭୀପ୍ସାକୁ ଊର୍ଦ୍ଧ୍ୱ ଦିଗରେ ପରିଚାଳିତ କରି ସେ ଯେଉଁ ଲକ୍ଷ୍ୟସ୍ଥଳକୁ ନେଇଥା'ନ୍ତି ଏହା ସେହି ସ୍ଥଳ, ଆର୍ଯ୍ୟଜନର ଏହାହିଁ ଆତ୍ମା, ବୈଶ୍ୱଯଜ୍ଞର ଏହା ହେଉଛି ଶିର ।

ଏହା ହେଉଛି ସେହି ମହାନ୍ ସରଣିର ପ୍ରଥମ ସମ୍ଭାବନାର ସମୟ ଯେତେବେଳେ ମନରୁ ଅତିମାନସକୁ ବ୍ୟକ୍ତି ସଂକ୍ରମଣ କରିଥାଏ, ବୁଦ୍ଧିର ରୂପାନ୍ତରଣ ଘଟିଥାଏ, ମାନସ ସତ୍ତାର ଯିଏ ଏବେ ଅଭିଷିକ୍ତ ନେତା ତାହାର ଦିବ୍ୟ-ଆଲୋକରେ ରୂପାନ୍ତରଣ ଘଟେ, — ବୈଦିକ ଯୋଗର ଏହି ପରମ ତଥା ଗମ୍ଭୀର ଅବସ୍ଥାରେ ଋଷି 'ଗୋତମ ରାହୂଗଣ' ଅନ୍ତଃପ୍ରେରିତ ବାକ୍‌କୁ ନିଜ ମଧ୍ୟରେ କାମନା କରୁଛନ୍ତି । ସେହି ବାକ୍ ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ସେହି ଶକ୍ତିର ଉପଲବ୍ଧିରେ ସାହାଯ୍ୟ କରିବ ଯାହା ଏହି ଅତିକ୍ରମଣକୁ ଫଳାନ୍ୱିତ କରିବ ଏବଂ ସେହି ଦୀପ୍ତ ସମୃଦ୍ଧିର ଅବସ୍ଥା ସୃଷ୍ଟି କରିବ ଯେଉଁଥିରୁ ଏହି ରୂପାନ୍ତରଣର ଶୁଭାରମ୍ଭ କରିବାକୁ ହେବ ।

ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଯଜ୍ଞ ହେଉଛି ବିଶ୍ୱାତ୍ମକ ଓ ବ୍ୟକ୍ତିଗତ କ୍ରିୟାବଳିର ପ୍ରତୀକ ଯାହା ହୋଇଛି ଆତ୍ମ-ସଚେତନ, ଜ୍ଞାନଦୀପ୍ତ ଓ ତାହାର ଲକ୍ଷ୍ୟ ବିଷୟରେ ସଚେତନ । ବିଶ୍ୱର ସମଗ୍ର ପ୍ରକ୍ରିୟାଟି ସ୍ୱଭାବତଃ, ସ୍ୱତଃପ୍ରେରିତ ବା ଅସ୍ୱତଃ-ପ୍ରେରିତଭାବେ, ଏକ ଯଜ୍ଞ । ଆତ୍ମୋତ୍ସର୍ଗ ମାଧ୍ୟମରେ ଆତ୍ମ-ପରିପୂର୍ଣ୍ଣତା, ଦାନ ଦ୍ୱାରା ବୃଦ୍ଧିଲାଭ ହେଉଛି ବିଶ୍ୱର ବିଧାନ । ଯାହା ନିଜକୁ ଦେବାକୁ ପ୍ରତ୍ୟାଖ୍ୟାନ କରେ ତାହା ମଧ୍ୟ ତଥାପି ବିଶ୍ୱଶକ୍ତିମାନଙ୍କର ଖାଦ୍ୟ ହୋଇଥାଏ । ''ଯେ ଖାଦକ ସେ ସ୍ୱୟଂ ଖାଦିତ ହୋଇଥାଏ'' — ଏହା ଏକ

ଅର୍ଥଗର୍ଭକ ତଥା ଭୟଙ୍କର ବିଚାର ସୂତ୍ର — ଏଇ ଉକ୍ତିର ସହ ଏକ ଉପନିଷଦ୍ ଈଶ୍ୱର ଏହି ତତ୍ତ୍ୱଟିର ଉପସଂହାର କରିଛନ୍ତି,[୨] ଏବଂ ଅନ୍ୟ ଏକ ସୃଷ୍ଟି ମଧ୍ୟରେ ଦେବଗଣଙ୍କ ପଶୁ ରୂପେ ମଣିଷମାନେ ବର୍ଣ୍ଣିତ ହୋଇଛନ୍ତି[୩] । ଏହି ବିଧାନଟି ଯେତେବେଳେ ସ୍ୱୀକୃତି ପାଇ କରେ ତଥା ସ୍ୱତଃପ୍ରବୃତ୍ତଭାବେ ଏହାକୁ ଗ୍ରହଣ କରି ନିଆଯାଏ ସେତେବେଳେ ଯାଇ ଏହି ମୃତ୍ୟୁଲୋକକୁ ଅତିକ୍ରମ କରାଯାଇ ପାରିବ ଏବଂ ଯଜ୍ଞକର୍ମ ଦ୍ୱାରା ଅମରତ୍ୱକୁ ସମ୍ଭବ କରାଇବା ସଙ୍ଗେ ତାହାକୁ ମଧ୍ୟ ସିଦ୍ଧ କରାଯାଇ ପାରିବ । ମାନବ ଜୀବନର ସମସ୍ତ ଶକ୍ତି ଓ ଅନ୍ତଃନିହିତ ସାମର୍ଥ୍ୟରାଜିକୁ, ଯଜ୍ଞର ରୂପକ ପ୍ରତୀକ ମଧ୍ୟରେ, ବୈଶ୍ୱ ଦିବ୍ୟଜୀବନ ପ୍ରତି ଉତ୍ସର୍ଗ କରି ଦିଆଯାଏ ।

ଦିବ୍ୟଜୀବନର ତ୍ରିବିଧା ଶକ୍ତି ହେଲା ଜ୍ଞାନ, ଶକ୍ତି ଓ ଆନନ୍ଦ; ଚିନ୍ତାରାଜି ଓ ଏରୁଡ଼ିଙ୍କର ସକଳ ରଚନା, ସଂକଳ୍ପ ଓ ଏହାର ସକଳ କର୍ମ, ପ୍ରେମ ଓ ଏହାର ଯେତେ ସଙ୍ଗତୀକରଣ, ଏ ସମସ୍ତ ମାନବୀୟ କାର୍ଯ୍ୟକଳାପର ଅନ୍ତର୍ଗତ, ଏସବୁକୁ ଭାଗବତ ସ୍ତରକୁ ଉନ୍ନୀତ କରିବାକୁ ହେବ । ସତ୍ୟ ଓ ମିଥ୍ୟା, ଆଲୋକ ଓ ଅନ୍ଧକାର, ମନୋଧାରଣାଗତ ଉଚିତ ଓ ଅନୁଚିତ, ଏ ସମସ୍ତ ଦ୍ୱୈଧତା ହେଉଛି ଜ୍ଞାନର ଭ୍ରାନ୍ତି ଯାହା ଅହଂଗ୍ରସ୍ତ ପାର୍ଥକ୍ୟବୋଧରୁ ଜାତ; ଅହଂକବଳିତ ପ୍ରେମ ଓ ଘୃଣା, ହର୍ଷ ଓ ବିଷାଦ, ସୁଖ ଓ ଦୁଃଖ, ଏ ସମସ୍ତ ଦ୍ୱୈଧତା ହେଲା ପ୍ରେମର ଭ୍ରାନ୍ତି ଯାହା 'ଆନନ୍ଦ'ର ବିକୃତ ରୂପାବଳି; ଶକ୍ତି ଓ ଦୁର୍ବଳତା, ପାପ ଓ ପୁଣ୍ୟ, କର୍ମ ଓ ଅକର୍ମ ପ୍ରଭୃତି ଦ୍ୱୈଧତା ହେଲେ ସଂକଳ୍ପର ଭ୍ରାନ୍ତି, ଏ ସମସ୍ତ ଦିବ୍ୟଶକ୍ତିର ବିକୃତିକାରୀ ଅଟନ୍ତି । ଏହି ସକଳ ଭ୍ରାନ୍ତି ମୁଣ୍ଡ ଟେକନ୍ତି ଏବଂ ଏପରିକି ଆମ କର୍ମ ନିମନ୍ତେ ଏରୁଡ଼ିଙ୍କ ପ୍ରୟୋଜନ ହୋଇଥା'ନ୍ତି କାରଣ ଦିବ୍ୟ ଜୀବନର ଉକ୍ତ ତ୍ରିବିଧ ଶକ୍ତି ପରସ୍ପରଠାରୁ ବିଚ୍ଛିନ୍ନ ହୋଇଯାଇଥା'ନ୍ତି, ବିଭେଦକ 'ଅଜ୍ଞାନ' ଦ୍ୱାରା ଶକ୍ତିଠାରୁ ଜ୍ଞାନ ପୃଥକ୍ ହୋଇଥାଏ, ଉକ୍ତ ଉଭୟଠାରୁ ପ୍ରେମ ପୃଥକ୍ ହୋଇ ରହିଥାଏ । ଅଜ୍ଞାନକୁ ଅର୍ଥାତ୍ ବିଶ୍ୱକୁ ଜବରିତ କରି ରଖିଥିବା ମିଥ୍ୟାକୁ ମୂଳୋତ୍ପାଟିତ କରିବାକୁ ହେବ । ତେବେ ଦେଖିବ 'ସତ୍ୟ' ମଧ୍ୟ ଦେଇ ଯଥାର୍ଥ ସଙ୍ଗତି ପ୍ରତି, ଅଖଣ୍ଡ ଆନନ୍ଦ ପ୍ରତି, ଦିବ୍ୟ-ଆନନ୍ଦ ମଧ୍ୟରେ ପ୍ରେମର ପରମ ଚରିତାର୍ଥତା ପ୍ରତି ପଥ ଉନ୍ମୁକ୍ତ ହୋଇ ରହିଛି । ଅତଏବ, ମନୁଷ୍ୟ ମଧ୍ୟରେ ଅବସ୍ଥିତ କ୍ରତୁ (ସଂକଳ୍ପ) ଯେତେବେଳେ ଦିବ୍ୟ ହୋଇ ଉଠିବ ଏବଂ ସତ୍ୟର ଅଧିକୃତ ବସ୍ତୁ ହୋଇ ଉଠିବ, ଅମୃତୋ ରତାବା, ସେତେବେଳେ ଯାଇ ଆମେ ଗତି କରୁଥିବା ପୂର୍ଣ୍ଣତା ରୂପକ ଲକ୍ଷ୍ୟ ମାନବଜାତି ମଧ୍ୟରେ ରୂପାୟିତ ହୋଇପାରିବ ।

ତା'ହେଲେ, ଅଗ୍ନି ହେଉଛନ୍ତି ସେହି ଦେବ ଯିଏ ମର୍ତ୍ୟଜନ ମଧ୍ୟରେ ସଚେତନ

---

୨ ଅହମନ୍ନମ୍, ଅନ୍ନମଦନ୍ତମଦ୍ମି । ତୈତ୍ତିରୀୟ ଉପନିଷଦ୍, ୩।୧୦।୬

୩ ପଶୁରେବ ସ ଦେବାନାମ୍ । ବୃ. ଉପନିଷଦ୍, ୧।୪।୧୦

ହେବେ । ତାଙ୍କ ଉଦ୍ଦେଶ୍ୟରେ ଅନ୍ତଃପ୍ରେରିତା ବାକ୍ ବ୍ୟକ୍ତ କରିବାର ଅଛି, ଏହି ଦ୍ୱାରଯୁକ୍ତ ଆବସରେ ତଥା ଏହି ଯଜ୍ଞର ବେଦୀରୂପକ ଆସନ ଉପରେ ତାଙ୍କୁ ପ୍ରତିଷ୍ଠିତ କରିବାକୁ ଅଛି ।

''ଅଗ୍ନିକୁ ଆମେ ହବିଃଦାନ କିପରି କରିବୁ ?'' ଏହା ହେଉଛି ଋଷିଙ୍କ ପ୍ରଶ୍ନ । ଯଜ୍ଞ ସମ୍ପର୍କୀୟ ଦାନ ନିମନ୍ତେ ଯେଉଁ ''ଦାଶେମ।'' ଶବ୍ଦ ପ୍ରୟୋଗ କରାଯାଇଛି ତାହାର ଆକ୍ଷରିକ ଅର୍ଥ ହେଉଛି ବିତରଣ ବା ବଣ୍ଟନ; ବିବେଚନା ଅର୍ଥରେ ବ୍ୟବହୃତ ଏହି 'ଦଶ୍' ଧାତୁ ସହିତ ଏହାର ଗୂଢ଼ ସମ୍ବନ୍ଧ ରହିଛି । ତତ୍ତ୍ୱତଃ ଯଜ୍ଞ ହେଉଛି ଏକ ବ୍ୟବସ୍ଥା, ବିଭିନ୍ନ ବୈଶ୍ୱ ମହାଶକ୍ତିମାନଙ୍କ ମଧ୍ୟରେ ମାନବୀୟ କ୍ରିୟାକଳାପ ତଥା ଭୋଗ୍ୟ ବିଷୟଗୁଡ଼ିକୁ ବିତରଣ କରିଦେବା – ଏହି ବିଷୟଗୁଡ଼ିକ ବି ସେମାନଙ୍କ ରାଜ୍ୟର ଅନ୍ତର୍ଗତ । ସେହି କାରଣରୁ ଦେବଗଣଙ୍କ ଦ୍ୱାରା ସୁରକ୍ଷା ବିଷୟରେ ବେଦସୂକ୍ତଗୁଡ଼ିକ ପୁନଃ ପୁନଃ କହିଥା'ନ୍ତି । ନିଜ କାର୍ଯ୍ୟର ଯଥାର୍ଥ ବ୍ୟବସ୍ଥା ଓ ବିତରଣ କିପରି ହୋଇପାରିବ ଯାଜକ ନିକଟରେ ଏହା ଏକ ସମସ୍ୟା; କାରଣ ଯଜ୍ଞ ସର୍ବଦା ଯଥାର୍ଥ ନିୟମ ଏବଂ ଦିବ୍ୟ ବିଧାନ (ଯାହାକୁ 'ଋତୁ' ବୋଲି କୁହାଯାଇଛି ଏବଂ ପରେ ଏହା ହୋଇଛି 'ବିଧି') ଅନୁସାରେ ହେବା ଉଚିତ । ଯଥାର୍ଥ ବ୍ୟବସ୍ଥା ପ୍ରତି ଆମର ଯେଉଁ ସଂକଳ୍ପ ତାହାହିଁ ହେଉଛି ମର୍ତ୍ତ୍ୟଜୀବ ମଧ୍ୟରେ ନିହିତ ପରମ ନିୟମ ତଥା ସତ୍ୟର ରାଜତ୍ୱ ନିମନ୍ତେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ।

ସମସ୍ୟାଟିର ସମାଧାନ ନିର୍ଭର କରେ ଉପଯୁକ୍ତ ଉପଲବ୍ଧି ଉପରେ, ଉପଯୁକ୍ତ ଉପଲବ୍ଧିର ଆରମ୍ଭ ହୁଏ ପ୍ରଦୀପକ 'ବାକ୍' ମଧ୍ୟରୁ, ଏହି ବାକ୍ ହେଉଛି ଅନ୍ତଃପ୍ରେରିତ ଚିନ୍ତନର ଅଭିବ୍ୟକ୍ତି ଯାହା ବୃହତ୍-ଲୋକରୁ ଋଷିଙ୍କ ମଧ୍ୟକୁ ନିଃସୃତ ହୋଇ ଆସିଛି । ଏହି କାରଣରୁ ଋଷି ପର ପ୍ରଶ୍ନଟି କରିଛନ୍ତି – ''ଅଗ୍ନିଙ୍କ ପ୍ରତି କେଉଁ ଶବ୍ଦ ଉଚ୍ଚାରଣ କରାଯାଏ (... କା ... ଉଚ୍ୟତେ) ? ସ୍ତୁତି-ବକ୍ କ'ଣ, ସିଦ୍ଧିକାରକ ବାକ୍ କ'ଣ ? ଏଥିରେ ଦୁଇଟି ସର୍ତ୍ତ ପୂରଣ କରିବାର ଅଛି । ସେହି ବାକ୍ (ଗୀଃ) ଅନ୍ୟ ଦିବ୍ୟଶକ୍ତିମାନଙ୍କ ଦ୍ୱାରା ଗୃହୀତ ହେଉଥିବ, ଅର୍ଥାତ୍, ପ୍ରକୃତି ମଧ୍ୟରେ ଏହା କିଛି ସମ୍ଭାବ୍ୟତା ବ୍ୟକ୍ତ କରିପାରୁଥିବ ଅଥବା ଏହା ମଧ୍ୟକୁ ଉପଲବ୍ଧିର କୌଣସି ଆଲୋକ ଆଣାଯାଇ ପାରୁଥିବ, ଯାହା ଦ୍ୱାରା କି ସେହି ଦିବ୍ୟକର୍ମକର୍ତ୍ତାଗଣ ମାନବଜାତିର କୃତ୍ରିମ ଚେତନା ମଧ୍ୟରେ ଆବିର୍ଭୂତ ହେବାକୁ ଅନୁପ୍ରେରିତ ହେବେ ଏବଂ ଖୋଲାଖୋଲିଭାବେ ସେମାନଙ୍କର ସ୍ୱକୀୟ ନିର୍ଦ୍ଦିଷ୍ଟ କର୍ମକୁ ଅଙ୍ଗୀକାର କରିନେବେ । ଅନ୍ୟ ସର୍ତ୍ତଟି ହେଲା, ଜ୍ୟୋତିର୍ମୟ ଶିଖାଧାରୀ ଏହି ଅଗ୍ନିଦେବଙ୍କର ଯେଉଁ ଦ୍ୱୈତ ସ୍ୱଭାବ ରହିଛି ଏହି ବାକ୍ ତାହାର ପ୍ରଦୀପକ ହୋଇଥିବା ଦରକାର । 'ଭାମ'ର ଉଭୟ ଅର୍ଥ ରହିଛି – ଜ୍ଞାନଜ୍ୟୋତିଃ ଏବଂ କର୍ମର ଅଗ୍ନିଶିଖା । ଅଗ୍ନି ହେଉଛନ୍ତି 'ଜ୍ୟୋତିଃ' ତଥା 'ଶକ୍ତି' ।

ସେହି 'ବାକ୍'ର ଆଗମନ ଘଟେ । "ଯୋ ମର୍ତ୍ୟେଷୁ ଅମୃତୋ ଋତାବା ।" ବିଶେଷତଃ, ଅଗ୍ନି ହେଉଛନ୍ତି ମର୍ତ୍ୟମାନଙ୍କ ମଧ୍ୟରେ ଅମୃତ । ଏ ସେହି ଅଗ୍ନିଦେବ ଯାହାଙ୍କ ମାଧ୍ୟମରେ ଅନନ୍ତଙ୍କର ଅନ୍ୟ ଭାଃ-ସନ୍ତାନଗଣ ଭଗବାନଙ୍କର ଅଭିବ୍ୟକ୍ତି ତଥା ଆତ୍ମବିସ୍ତର (ଦେବତୀତି, ଦେବତାତି)କୁ କ୍ରିୟାନ୍ୱିତ କରିବାରେ ସମର୍ଥ ହୋଇଥା'ନ୍ତି, ଯାହା ହେଉଛି ଏକାଧାରରେ ବୈଶ୍ୱ ପ୍ରକ୍ରିୟାର ତଥା ମାନବୀୟ ଯଜ୍ଞର ଲକ୍ଷ୍ୟ । କାରଣ, ସେ ହେଉଛନ୍ତି ଦିବ୍ୟସଂକଳ୍ପ ଯିଏ ସକଳ ବସ୍ତୁରେ ସତତ ବିଦ୍ୟମାନ, ଯିଏ ସତତ ଭାଙ୍ଗୁଛନ୍ତି ଓ ଗଢ଼ୁଛନ୍ତି, ଯିଏ ସତତ ରଚନା କରୁଛନ୍ତି ଓ ପରିପୂର୍ଣ୍ଣ କରିବାରେ ଲାଗିଛନ୍ତି, ଏହି ବିଶ୍ୱର ବହୁବିଧତାରେ ଭରା ପ୍ରଗତିକୁ ସେ ବଳ ପ୍ରଦାନ କରୁଛନ୍ତି । ଏ ହେଉଛନ୍ତି ସିଏ ଯିଏକି ସକଳ ମରଣ ଓ ପରିବର୍ତ୍ତନ ମଧ୍ୟରେ ଅବ୍ୟାହତଭାବେ ତିଷ୍ଠି ରହିଥାଆନ୍ତି । ଏହା ଶାଶ୍ୱତ ରୂପେ ତଥା ନିରବଚ୍ଛିନ୍ନଭାବେ ସତ୍ୟଯୁକ୍ତ ହୋଇ ବିଦ୍ୟମାନ । 'ପ୍ରକୃତି'ର ଅନ୍ତିମ ତମସା ମଧ୍ୟରେ ଏବଂ 'ଜଡ଼ଜଗତ'ର ନିମ୍ନତମ ନିର୍ବୋଧତା ମଧ୍ୟରେ ଏହି ଦିବ୍ୟ 'ସଂକଳ୍ପ'ହିଁ ଗୂଢ଼ ଜ୍ଞାନ ରୂପେ ବିଦ୍ୟମାନ ଏବଂ ଏହି ସମସ୍ତ ଅନ୍ଧ ଗତିବୃତ୍ତିକୁ ଏହା ବାଧ କରିଥାଏ ବିଧ୍ୟବିଧାନକୁ ପ୍ରାୟ ଯାନ୍ତ୍ରିକଭାବେ ମାନିବାକୁ ଏବଂ ସେମାନଙ୍କ ସ୍ୱଭାବର ସତ୍ୟକୁ ଆଧାର କରି ବଞ୍ଚିବାକୁ । ଏ ହେଉଛନ୍ତି ସିଏ, ଯିଏ ବୀଜର ଗୁଣ ଅନୁଯାୟୀ ବୃକ୍ଷକୁ ବଢ଼ାଇଥା'ନ୍ତି ଏବଂ ତାଙ୍କରି ଦ୍ୱାରା ପ୍ରତ୍ୟେକ କର୍ମ ସ୍ୱକୀୟ ଉଚିତ ଫଳଲାଭ କରିଥାଏ । ମନୁଷ୍ୟର ଅଜ୍ଞାନାନ୍ଧକାର — ଯଦିଓ ଏହା ଭୌତିକ ପ୍ରକୃତିର ଅନ୍ଧାରଠାରୁ କମ୍, ତଥାପି ବେଶ୍ ବଡ଼ — ତା' ମଧ୍ୟରେ ଏହା ହେଉଛି ଦିବ୍ୟ 'ସଂକଳ୍ପ' ଯାହା ଶାସନ କରେ ତଥା ମାର୍ଗ ଦେଖାଏ, ତା'ର ଅନ୍ତର୍ଦ୍ଦର ଏବଂ ପଥଚ୍ୟୁତିର ଉଦ୍ଦେଶ୍ୟ କ'ଣ ତାହାକୁ ଓ ତା' ମଧ୍ୟରେ ହେଉଥିବା ବିଶ୍ୱଗତ ମିଥ୍ୟାର କ୍ରିୟା ମଧ୍ୟରୁ ବିଶ୍ୱଗତ 'ସତ୍ୟ'ର ଉତ୍ତରୋତ୍ତର ବିକାଶଶୀଳ ଅଭିବ୍ୟକ୍ତି କିପରି ଘଟୁଛି ତାହା ସେ ଜାଣିଥା'ନ୍ତି । ପ୍ରଭାସ୍ୱର ସକଳ ଦେବଙ୍କ ମଧ୍ୟରେ ଏହି ଏକମାତ୍ର ଦେବ ଯେ କି ଅଜ୍ଞାନ-ରାତ୍ରିର ଅନ୍ଧକାର ମଧ୍ୟରେ ପ୍ରଦୀପ୍ତଭାବେ ପୂର୍ଣ୍ଣ ଦୃଷ୍ଟିରେ ଜଳି ଉଠିଥା'ନ୍ତି ଯାହା ଦିବସର ପ୍ରଭାଠାରୁ କୌଣସି ଗୁଣରେ କମ୍ ନୁହେଁ । ଏହାଙ୍କ ବ୍ୟତୀତ ଅନ୍ୟ ଦେବଗଣ ହେଉଛନ୍ତି ଉଷର୍ବୁଧ, ଉଷାର ଆଗମନ ସହିତ ପ୍ରବୋଧିତ ହୋଇଥା'ନ୍ତି ।

ସେହି କାରଣରୁ ସେ ହେଉଛନ୍ତି 'ହୋତା' (ଯଜ୍ଞରେ ଆହୁତିଦାତା ବ୍ରାହ୍ମଣ), ଯଜ୍ଞ ନିମନ୍ତେ ସେ ବଳବତ୍ତମ ବା ଯୋଗ୍ୟତମ (**ୟବିଷ୍ଠ**), ସେ ସର୍ବଶକ୍ତିଯୁକ୍ତ (**ଶବିଷ୍ଠ**), ଯେ ସର୍ବଦା 'ସତ୍ୟ'ର ବିଧାନକୁ ଅନୁସରଣ କରନ୍ତି (ଋତାବା) । ଆମେ ମନେରଖିବା ଯେ 'ହବ୍ୟ' ସର୍ବଦା 'କର୍ମ'ର ପ୍ରତୀକ ଏବଂ ମନର ବା ଦେହର ପ୍ରତ୍ୟେକ କର୍ମକୁ ବୁଝିବାକୁ ହେବ ଯେ ଆମର ସମୃଦ୍ଧିକୁ ଆମେ ବିଶ୍ୱପରା ତଥା ବିଶ୍ୱ-ଇଚ୍ଛାଠାରେ ଅର୍ପଣ କରୁଛୁ । ଅଗ୍ନି, ଯିଏ ହେଉଛନ୍ତି ଦିବ୍ୟ 'କ୍ରତୁ', ଯିଏ ମାନବୀୟ କର୍ମଗତ ସଂକଳ୍ପର ପଶ୍ଚାତରେ

ଦଣ୍ଡାୟମାନ । ସଜ୍ଞାନ ହବନ ଦ୍ୱାରା ସେ ସମ୍ମୁଖକୁ ଆସିଥା'ନ୍ତି; ସମ୍ମୁଖରେ ସଂସ୍ଥାପିତ ସେ ଜଣେ ବ୍ରାହ୍ମଣ (ପୁରୋ-ହିତ), ହବିଃର ପରିଚାଳନା କରନ୍ତି ଏବଂ ଏହାର ଫଳପ୍ରଦତାକୁ ସ୍ଥିରନିଶ୍ଚିତ କରିଥା'ନ୍ତି ।

ଏହି ସ୍ୱୟଂ-ପରିଚାଳିତ 'ସତ୍ୟ' ଦ୍ୱାରା, ଏହି ବିଶ୍ୱରେ ନିର୍ଦୋଷ 'କ୍ରତୁ' ରୂପେ କର୍ମରତ ଜ୍ଞାନ ଦ୍ୱାରା ସେ ମର୍ତ୍ୟମାନଙ୍କ ମଧ୍ୟରେ ଦେବତାମାନଙ୍କୁ ଗଢ଼ିଥା'ନ୍ତି (**ଦେବାନ୍ କୃଣୋତି**), ମୃତ୍ୟୁ-କବଳିତ ଏକ ଦେହ ମଧ୍ୟରେ ଅଗ୍ନିଦେବ ଦିବ୍ୟ ସମ୍ଭାବନାଗୁଡ଼ିକୁ ଅଭିବ୍ୟକ୍ତ କରିଥା'ନ୍ତି; ସେଗୁଡ଼ିକର ଫଳପ୍ରଦ ସାରୂପ୍ୟ ତଥା ପୂର୍ଣ୍ଣତା ଅଗ୍ନିଦେବହିଁ ଆଣିଥା'ନ୍ତି । ଆମ ମଧ୍ୟରେ 'ଅମର'ଗଣଙ୍କର ତେଜୋମୟ ରୂପଗୁଡ଼ିକୁ ସେ ଗଠନ କରିଥା'ନ୍ତି । (ଏପର୍ଯ୍ୟନ୍ତ ୧ମ ମନ୍ତ୍ରର ଭାଷ୍ୟ)

ଏକ ବିଶ୍ୱଶକ୍ତି ରୂପେ ସେ ବିରୋଧୀ ମାନବୀୟ ଉପାଦାନ ଉପରେ ଏହି କର୍ମ କରୁଥା'ନ୍ତି, ଏପରିକି ଆମର ଅଜ୍ଞାନତା ହେତୁ ସ୍ୱର୍ଗ ଦିଗରେ ଆମର ପ୍ରବୃତ୍ତିକୁ ଆମେ ବିରୋଧ କରୁଥାଉ ତଥା ଆମର କର୍ମକୁ ଏକ ଅହଂପ୍ରଣୋଦିତ ଜୀବନ ଉଦ୍ଦେଶ୍ୟରେ ଅର୍ପଣ କରିବାରେ ଅଭ୍ୟସ୍ତ ହୋଇଥାଉ ଏବଂ ଏପର୍ଯ୍ୟନ୍ତ ବି ଦିବ୍ୟ ସମର୍ପଣ କରିପାରି ନାହୁଁ ଅଥବା ତାହା କରିବାର ସମ୍ଭାବନା ବି ନାହିଁ, ଏପରି ଅବସ୍ଥାରେ ମଧ୍ୟ ସେ ତାଙ୍କର କାର୍ଯ୍ୟ କରିଚାଲିଥା'ନ୍ତି । କିନ୍ତୁ ସ୍ୱୟଂ ଅଗ୍ନି ଆମ ମଧ୍ୟରେ ସେହି ଅନୁପାତରେ ରୂପ ଗ୍ରହଣ କରନ୍ତି ଠିକ୍ ଯେଉଁ ଅନୁପାତରେ ଆମେ ଅହଂକୁ ଦମନ କରି ପ୍ରତ୍ୟେକ କର୍ମରେ ବିଶ୍ୱାତ୍ମକ ଦିବ୍ୟସତ୍ତାଙ୍କ ନିକଟରେ ପ୍ରଣତ ହେବାକୁ ତଥା ଏହାର ଅତି କ୍ଷୁଦ୍ର ଗତିବିଧିରେ ବି ପରମ 'କ୍ରତୁ'ଙ୍କ ସେବା କରିବାକୁ ଏହାକୁ ବାଧ କରିପାରୁ । ଏହି ଦିବ୍ୟକ୍ରତୁ ମାନବର ମନରେ ଉପସ୍ଥିତ ହୋଇ ତାହାକୁ ସଜ୍ଞାନ କରନ୍ତି ଏବଂ ଦିବ୍ୟଜ୍ଞାନ ଦ୍ୱାରା ତାହାକୁ ଭାସ୍ୱର କରନ୍ତି । ଏହି ଭାବେ କୁହାଯାଇ ପାରିବ ଯେ ମଣିଷ ନିଜର ଚେଷ୍ଟା ଦ୍ୱାରା ସେହି ମହାନ୍ ଦେବଗଣଙ୍କୁ ରୂପ ପ୍ରଦାନ କରୁଛି ।

ଏଠାରେ 'ଆ କୃଣୁଧ୍ୱମ୍' ସଂସ୍କୃତ ବାକ୍ ପ୍ରଯୁକ୍ତ ହୋଇଛି । ଏହି 'ଆ' ଉପସର୍ଗଟି ଏହି ବିଚାର ସୂଚିତ କରେ ଯେ ବାହାରେ ଥିବା କିଛି ବସ୍ତୁକୁ ନିଜ ମଧ୍ୟକୁ ଟାଣି ନେଇ ଆସିବା ଏବଂ ତାହାକୁ ଆମ ନିଜ ଚେତନା ମଧ୍ୟରେ କ୍ରିୟାନ୍ୱିତ କରିବା ଅଥବା ରୂପାୟନ କରିବା । 'ଆ-କୃ' ନିଜର ପ୍ରତିଲୋମ ସୂଚକ 'ଆ-ଭୂ' ସହିତ ସମ୍ପର୍କିତ । ଅମରତ୍ୱର ସମ୍ପର୍କରେ ରହିବା ସହିତ ମର୍ତ୍ୟର ନିକଟତର ହେବା ବେଳେ, ଏବଂ ଦେବତାର ଦିବ୍ୟ-ଆକୃତି ଯେତେବେଳେ ମାନବୀୟ ଆକୃତି ଉପରେ ଆସି ନିକ୍ଷିପ୍ତ ହୁଏ 'ଆ-ଭୂ' ତାହାକୁହିଁ ବୁଝାଏ – ''ହେବା'', ପୂର୍ବକଥିତ ଭଳି, ମାନବ ମଧ୍ୟରେ ରୂପ ଗ୍ରହଣ କରିବା । ବିଶ୍ୱଗତ ଦିବ୍ୟଶକ୍ତିଗଣ ଏହି ବିଶ୍ୱ ମଧ୍ୟରେ କର୍ମ କରନ୍ତି ଏବଂ ନିଜର ଅସ୍ତିତ୍ୱ ବହନ କରିଥା'ନ୍ତି;

ମଣିଷ ସେମାନଙ୍କୁ ନିଜ ମଧ୍ୟକୁ ନେଇ ଆସେ, ନିଜ ଚେତନା ମଧ୍ୟରେ ସେମାନଙ୍କର ଏକ ପ୍ରତିରୂପ ସୃଷ୍ଟି କରେ ଏବଂ ସେହି ପ୍ରତିରୂପରେ ପ୍ରାଣ ଓ ଇର୍ଦ୍ଧ୍ୱତ୍ୱ ପ୍ରତିଷ୍ଠା କରିଥାଏ, ଅଭିପ୍ରାୟ ଏହା ଥାଏ ଯେ ପରମ ସତ୍ତା ତାଙ୍କ ସ୍ୱକୀୟ ଦିବ୍ୟରୂପ ତଥା ବିଶ୍ୱ-ଶକ୍ତିଗୁଡ଼ିକ ମଧ୍ୟରେ ସଜୀବ ହୋଇ ଉଠିଛନ୍ତି ।[୪]

ଏହିଭଳି, ଯେତେବେଳେ ମର୍ତ୍ୟ (ମରଣଶୀଳ) ମଧ୍ୟରେ ଏହି ଅଗ୍ନିଦେବ ''ଗୃହପତି''[୫] (ତା' ନିବାସର ପ୍ରଭୁ) ସଦୃଶ ଉପସ୍ଥିତ ଓ ଜ୍ଞାନଗମ୍ୟ ସେତେବେଳେ ସେ ନିଜ ଦିବ୍ୟତ୍ୱର ପ୍ରକୃତ ସ୍ୱଭାବରେ ଆବିର୍ଭୂତ ହୁଅନ୍ତି । ଆମେ ଯେତେବେଳେ ଅନ୍ଧକାରରେ ଆଚ୍ଛନ୍ନ ହୋଇଯାଉ ଏବଂ 'ସତ୍ୟ' ଓ 'ଧର୍ମ'ର ବିପକ୍ଷରେ ବିଦ୍ରୋହ କରୁ ସେତେବେଳେ ଆମର ଅଗ୍ରଗତି ମନେ ହୁଏ ଅଜ୍ଞାନତାରୁ ଅଜ୍ଞାନତା ଦିଗରେ ଝୁଣ୍ଟି ଉଠି ପଡ଼ି ଚାଲିଛି ଏବଂ ଦୁଃଖକଷ୍ଟ ତଥା ବାଧାବିଘ୍ନରେ ଭରି ଉଠିଛି । ସତ୍ୟରେ ନିରନ୍ତର ଆତ୍ମସମର୍ପଣ ଦ୍ୱାରା, ''ନମୋଭିଃ'' — ସମର୍ପଣଗୁଡ଼ିକ ଦ୍ୱାରା ଆମେ ଆମ ମଧ୍ୟରେ ସେହି ଦିବ୍ୟକ୍ରତୁର ପ୍ରତିରୂପ ନିର୍ମାଣ କରୁ, ଯାହା ହେଉଛି ବିପରୀତ ପକ୍ଷେ ଶାନ୍ତିରେ ପରିପୂର୍ଣ୍ଣ, କାରଣ ଏହା ସତ୍ୟ ଓ ଧର୍ମର ସୁରକ୍ଷିତ ବିଷୟ । ବିଶ୍ୱଗତ ପ୍ରଜ୍ଞାରେ ସମର୍ପଣ ଫଳରେ ସୃଷ୍ଟ ଆତ୍ମାର ସମତା[୬] ଆମକୁ ପରମ ଶାନ୍ତି ଓ ସ୍ଥିରତା ପ୍ରଦାନ କରିଥାଏ । ଏବଂ ସେହି ପ୍ରଜ୍ଞା ଯେହେତୁ 'ସତ୍ୟ'ର ରଜ୍ଜୁମାର୍ଗଗୁଡ଼ିକରେ ଆମର ସକଳ ପଦକ୍ଷେପକୁ ନିର୍ଦ୍ଦେଶିତ କରୁଛି, ତେଣୁ ଆମେ ଏହାରି ଦ୍ୱାରା ସକଳ 'ଦୁରିତ' (ସ୍ଖଳନ)ର ଅତୀତ ଅବସ୍ଥାକୁ ଉତ୍ତୀର୍ଣ୍ଣ ହୋଇଯିବୁ ।

ଆହୁରି ମଧ୍ୟ, ଆମର ମାନବତ୍ୱ ମଧ୍ୟରେ ଅଗ୍ନି ଜ୍ଞାନଗମ୍ୟ ହେବା ସହିତ ଆମ ମଧ୍ୟରେ ଦେବଗଣଙ୍କର ସୃଷ୍ଟି ସାରୂପ୍ୟ ଅଭିବ୍ୟକ୍ତିରେ ପରିଣତ ହୋଇଥାଏ, ଏହା ଆଉ ପରଦାର ଅନ୍ତରାଳର ବିକାଶ ହୋଇ ରହେ ନାହିଁ, ଆମ ମଧ୍ୟରେ ହେଉଥିବା ଦେବତାର ଅଭିବୃଦ୍ଧି ବିଷୟରେ ସଚେତନ ହେବା ସହ ଆମର ଅନ୍ତରସ୍ଥ ସଂକଳ୍ପ ବୁଦ୍ଧିଲାଭ କରେ, ସେହି ପ୍ରକ୍ରିୟା ଦିଗରେ ଜାଗ୍ରତ୍ ହୋଇଉଠେ, ସେହି ବିକାଶର ଦିଗଗୁଡ଼ିକୁ ବି ଅନୁଭବ କରିପାରେ । ମାନବୀୟ କର୍ମ ବିଶ୍ୱାତ୍ମକ ଶକ୍ତିମାନଙ୍କ ଦିଗରେ ବୁଦ୍ଧିଗ୍ରାହ୍ୟଭାବେ ସଞ୍ଚାଳିତ ତଥା ନିୟୋଜିତ ହୋଇଯାଏ, ଏହା ଆଉ ଯାନ୍ତ୍ରିକ, ଅନିଚ୍ଛୁକ ବା ଅପୂର୍ଣ୍ଣ ହବିଃ ହୋଇ ରହେ ନାହିଁ; ଚିନ୍ତାଶୀଳ ତଥା ଅବେକ୍ଷକ ମନ ଯଜ୍ଞରେ ଅଂଶଗ୍ରହଣ କରେ ଏବଂ ଯଜ୍ଞ-ସଂକଳ୍ପର ତାହା ଏକ ଉପାୟରେ ପରିଣତ ହୁଏ । (ଏପର୍ଯ୍ୟନ୍ତ ୨ୟ ମନ୍ତ୍ରର ଭାଷ୍ୟ)

---

୪ ହିନ୍ଦୁର ପ୍ରତିମାପୂଜାର ଏହା ହେଉଛି ପ୍ରକୃତ ତତ୍ତ୍ୱ ଓ ଶାସ୍ତ୍ରୀୟ ବିଚାର, ଯାହାକି ମହାନ୍ ବୈଦିକ ପ୍ରତୀକମାନଙ୍କର ଭୌତିକ ତାତ୍ପର୍ଯ୍ୟକୁ ଏହିଭାବେ ବହନ କରୁଥାଏ ।

୫ 'ଗୃହପତି'; ବା 'ବିଶ୍ପତି' — ଜୀବଗଣଙ୍କ ମଧ୍ୟରେ ପ୍ରଭୁ ବା ରାଜା ।

୬ ଗୀତୋକ୍ତ 'ସମତା' ।

ଅଗ୍ନି, ଯାହାକୁ ଆମେ ସଂକଳ୍ପ ବୋଲି କହିଥାଉ, ସେ ହେଉଛନ୍ତି ସଚେତନ 'ସତ୍ତା'ର ଶକ୍ତି, ଯିଏ ମନ ଓ ଦେହର ସକଳ କ୍ରିୟାକଳାପର ପଶ୍ଚାତରେ ବେଶ୍ ପ୍ରଭାବଶାଳୀ । ଅଗ୍ନି ହେଉଛନ୍ତି ଆମ ମଧ୍ୟସ୍ଥ ବଳବାନ୍ 'ଦେବ' (**'ମର୍ୟଃ'** - ଶକ୍ତିମାନ୍ ପୁରୁଷ), ସମସ୍ତ ଆକ୍ରାମକ ଶକ୍ତି ବିରୋଧରେ ସେ ନିଜର ଶକ୍ତି ପ୍ରକାଶ କରିଥା'ନ୍ତି, ଆଳସ୍ୟକୁ ସେ ନିଷେଧ କରିଥା'ନ୍ତି, ହୃଦୟର ତଥା ଶକ୍ତିର ପ୍ରତ୍ୟେକ ବିଫଳତାକୁ ସେ ଦୂର କରିଥା'ନ୍ତି, ପୌରୁଷର ସକଳ ଅଚ୍ଛତାକୁ ସେ କାଢ଼ି ଫିଙ୍ଗି ଦିଅନ୍ତି । ସେ ହେଉଛନ୍ତି ଯୋଗସାଧକ (ସାଧୁ); ନିଜ କର୍ମଶାଳାରେ କାର୍ଯ୍ୟରତ ସେ ଜଣେ ଦିବ୍ୟକାରିଗର, ହାତୁଡ଼ିର ପ୍ରହାରରେ ସେ ଆମର ପୂର୍ଣ୍ଣତାକୁ ଗଢ଼ୁଛନ୍ତି । ଏହି ସୂକ୍ତରେ ତାଙ୍କୁ ପରମ ପୁରୁଷଙ୍କର ରଥୀ ବା ସାରଥି ହେବା କଥା କୁହାଯାଇଛି । ସେ ପରମ ପୁରୁଷ ତଥା **'ଅଦ୍ଭୁତ'** ଯିଏ ''ଅନ୍ୟର ଚେତନାକୁ'' (**ଅନ୍ୟସ୍ୟ ଚିତ୍ତମ୍**)[୭] ସଞ୍ଚରିତ ହୋଇ ନିଜକୁ ପରିପୂର୍ଣ୍ଣ କରନ୍ତି, (ଏହି ସମାନ ଶବ୍ଦ, 'ଅଦ୍ଭୁତ'କୁ ଆମେ ଇନ୍ଦ୍ର ଓ ଅଗସ୍ତ୍ୟ ସମ୍ବାଦ ସୂକ୍ତରେ ଦେଖିଛୁ), ସାରଥି ନିଜ ହାତରେ ଘୋଡ଼ା ଲଗାମ ଧରି ରଥର ଗତିକୁ ନିୟନ୍ତ୍ରଣ କରିବା ଭଳି ସେ କାର୍ଯ୍ୟକଳାପର ନିୟନ୍ତ୍ରଣ କରନ୍ତି । ଏପରିକି 'ପ୍ରେମ' ଓ 'ଜ୍ୟୋତିଃ'ର ଦେବତା ମିତ୍ର ମଧ୍ୟ ସାରଥି । ଜ୍ଞାନଦୀପ୍ତ 'ପ୍ରେମ' ଦିବ୍ୟକର୍ମଧାରାର ଲକ୍ଷ୍ୟ ସ୍ୱରୂପ ସଙ୍ଗତିକୁ ସମ୍ପନ୍ନ କରେ । କିନ୍ତୁ ଏଥିପାଇଁ ଦିବ୍ୟସଂକଳ୍ପ ଓ ଆଲୋକର ଦେବ ଏହି ଅଗ୍ନିଙ୍କର ଶକ୍ତି ମଧ୍ୟ ପ୍ରୟୋଜନ । ଶକ୍ତି ଓ ପ୍ରେମ ଏକୀଭୂତ ହେଲେ ଏବଂ ଉଭୟେ ଜ୍ଞାନାଲୋକରେ ଆଲୋକିତ ହେଲେ ଇହଲୋକସ୍ଥ ଈଶ୍ୱରଙ୍କ ଇଚ୍ଛା ପୂର୍ଣ୍ଣ କରିପାରିବେ ।

'ସଂକଳ୍ପ' ପ୍ରଥମ ଆବଶ୍ୟକ ବସ୍ତୁ, ଯଥାଯଥ ସ୍ୱରୂପ ପ୍ରଦାନ କରିବାରେ ଏହା ମୁଖ୍ୟ ଶକ୍ତି । ଏହି କାରଣରୁ ଯେତେବେଳେ ମର୍ତ୍ତ୍ୟଜାତି ସଚେତନଭାବେ ମହାନ୍ ଲକ୍ଷ୍ୟ ପ୍ରତି ମୁହେଁଇ ଆସେ ଏବଂ ଦ୍ୟୌ-ପୁତ୍ର-ଗଣଙ୍କ ଉଦ୍ଦେଶ୍ୟରେ ସେମାନେ ନିଜର ସମୃଦ୍ଧ ସାମର୍ଥ୍ୟଗୁଡ଼ିକୁ ହବନ କରିବା ମାଧ୍ୟମରେ ନିଜ ସତ୍ତାରେ ଭଗବାନଙ୍କୁ ରୂପଦେବାକୁ ପ୍ରାର୍ଥନା କରନ୍ତି, ସେତେବେଳେ ସେମାନେ ଏହି ପ୍ରଥମ ତଥା ପ୍ରମୁଖ ଅଗ୍ନିଦେବଙ୍କ ପ୍ରତି ଉପଲବ୍ଧିଶୀଳ ଚିନ୍ତାକୁ ଉତ୍ତୋଳିତ କରନ୍ତି ଏବଂ ସୃଜନଶୀଳ ବାକ୍‌କୁ ରୂପ ଦେଇଥା'ନ୍ତି । କାରଣ, ଯେଉଁମାନେ ଏହି କାର୍ଯ୍ୟଟିକୁ କରନ୍ତି ଓ ଏହି ଉଦ୍ୟମକୁ ସ୍ୱୀକାର କରନ୍ତି ସେଇମାନେ ହେଉଛନ୍ତି ଆର୍ଯ୍ୟ, — ଏହି କାର୍ଯ୍ୟଟି ହେଉଛି ସବୁଠୁ ବ୍ୟାପକ ଏବଂ ଏହି ଉଦ୍ୟମଟି ହେଉଛି ସବୁଠୁ ମହାନ୍, — ଏବଂ ଅଗ୍ନି ହେଉଛନ୍ତି ସେହି ଶକ୍ତି ଯିଏ ଦିବ୍ୟକର୍ମର ଯୋଜନାକୁ ଆଲିଙ୍ଗନ କରନ୍ତି ଏବଂ ସେହି କ୍ରିୟା ଦ୍ୱାରା ଉଦ୍ଦିଷ୍ଟ ଲକ୍ଷ୍ୟକୁ ପୂରଣ କରନ୍ତି । ଦିବ୍ୟ-ସଂକଳ୍ପରୂପୀ ଏହି ଅଗ୍ନି, ଯିଏ କଷ୍ଟକର ପ୍ରୟାସ ଓ ସଂଗ୍ରାମକୁ ସ୍ୱୀକାର କରନ୍ତି, କର୍ମ

କରନ୍ତି ଓ ଜୟ କରନ୍ତି; ଯନ୍ତ୍ରଣା ସହନ୍ତି ଓ ବିଜୟୀ ହୁଅନ୍ତି, ତାଙ୍କ ବିନା ଜଣେ ଆର୍ଯ୍ୟ ହେବ କିପରି ? (ଏ ପର୍ଯ୍ୟନ୍ତ ୩ୟ ମନ୍ତ୍ରର ଭାଷ୍ୟ)

ଏଣୁ ଏହି ପ୍ରୟାସକୁ ନଷ୍ଟ କରିଦେବାକୁ ଲାଗିଥିବା ସକଳ ଶକ୍ତିକୁ ଏହି 'କ୍ରତୁ' ମୂଲୋତ୍ପାଟିତ କରନ୍ତି, ସକଳ ଦିବ୍ୟ ବଳୀୟାନ୍‌ମାନଙ୍କ ମଧ୍ୟରେ ବଳବତ୍ତମ (ନୃଣାଂ ନୃତମଃ) ଏହି ଦେବଙ୍କ ମଧ୍ୟରେ ପରମପୁରୁଷ ସ୍ୱୟଂ ରୂପାନ୍ୱିତ ହୋଇଛନ୍ତି, ତେଣୁ ଏହା ଅବଶ୍ୟମ୍ଭାବୀ ଯେ ଏହି ସକଳ ମାନବୀୟ ପାତ୍ରରେ ସେ ନିଜର ଉପସ୍ଥିତି ପ୍ରଦାନ କରିବାର କୃପା କରିବେ । ମନକୁ ଏହି ଶକ୍ତିଯଜ୍ଞର ସାଧନ ରୂପେ ବ୍ୟବହାର କରିବେ ଏବଂ ନିଜର ସେହି ଉପସ୍ଥିତି ଦ୍ୱାରା ଅଭିବ୍ୟକ୍ତ କରିବେ ସେହି ପ୍ରେରଣାଦାୟୀ ତଥା ଉପଲବ୍ଧିଶୀଳ 'ବାକ୍'ଗୁଡ଼ିକୁ, ଯାହା ଦେବତାମାନଙ୍କର ସଞ୍ଚରଣ ନିମନ୍ତେ ଏକ ରଥ ହୋଇଥାଏ, ଧାନଶୀଳ 'ଧୀ'କୁ ସେ ସେହି ପ୍ରଦୀପକ ବୋଧଶକ୍ତି ପ୍ରଦାନ କରିବେ ଯାହା ଦିବ୍ୟଶକ୍ତିଗଣଙ୍କ ରୂପଗୁଡ଼ିକୁ ସ୍ୱାଗତ କରିବ — ସେମାନେ ଯେପରି ଆମର ଜାଗ୍ରତ୍ ଚେତନା ମଧ୍ୟରେ ନିଜ ନିଜର ବାହ୍ୟ ଆଲେଖ୍ୟ ପ୍ରଦାନ କରିପାରିବେ ।

ଏହାପରେ ଶକ୍ତିମାନ୍ ସେହି ଅନ୍ୟ ଦେବଗଣ — ଇନ୍ଦ୍ର ଓ ଅଶ୍ୱିନ, ଉଷା ଓ ସୂର୍ଯ୍ୟ, ବରୁଣ ଓ ମିତ୍ର ଏବଂ ଅର୍ଯ୍ୟମା — ଯେଉଁମାନେ କି ନିଜ ସହ ଉଚ୍ଚତର ଜୀବନର ପ୍ରଚୁର ସମ୍ପଦ ବହନ କରି ଆଣିଥା'ନ୍ତି — ସେମାନେ ମାନବ ମଧ୍ୟରେ ନିଜ ନିଜର ସେହି ସୃଜନଶୀଳ ବିସ୍ତାର ସହିତ ଉଜ୍ଜ୍ୱଳତମ ବଳକୁ ଧାରଣ କରିପାରନ୍ତି । ସେମାନେ ଆମ ମଧ୍ୟରେ ସେମାନଙ୍କ ପ୍ରାଚୁର୍ଯ୍ୟର ରଚନା କରନ୍ତୁ, ଆମ ସତ୍ତାର ଗୁପ୍ତ ଗୁହାରୁ ସେସବୁକୁ ସେମାନେ ବର୍ଷାଭଳି ବାହାରକୁ ଅଜାଡ଼ି ଦିଅନ୍ତୁ, ଯେପରି କି ଦିବସୋଜ୍ଜ୍ୱଳ କର୍ମବୀଥିଗୁଡ଼ିକରେ ସେଗୁଡ଼ିକର ଉପଯୋଗ ହୋଇପାରିବ, ଏବଂ ସେଗୁଡ଼ିକର ପ୍ରଚୋଦନା ମନୋମୟ ପୁରୁଷସ୍ଥ ଦିବ୍ୟସମ୍ଭାବନାଯୁକ୍ତ ଚିନ୍ତାକୁ ସେମାନେ ଊର୍ଦ୍ଧ୍ୱଦିଗରେ ସେପର୍ଯ୍ୟନ୍ତ ଅଭୀପ୍ସୁ କରି ରଖନ୍ତୁ ଯେପର୍ଯ୍ୟନ୍ତ ତାହା ପରମଜ୍ୟୋତିଃରେ ରୂପାନ୍ତରିତ ହୋଇ ନ ଯାଇଛି ।

(ଏ ପର୍ଯ୍ୟନ୍ତ ୪ର୍ଥ ମନ୍ତ୍ରର ଭାଷ୍ୟ)

ଏବେ ସୂକ୍ତର ଅନ୍ତିମ ମନ୍ତ୍ର । ଋଷି ଗୋତମଙ୍କ ପବିତ୍ର ମନ୍ତ୍ରଗୁଡ଼ିକ ଦ୍ୱାରା ଦିବ୍ୟସଂକଳ୍ପରୂପୀ ଅଗ୍ନି ଏହିରୂପେ ପ୍ରେରଣାଦାୟୀ ବାକ୍ୟଗୁଡ଼ିକ ସହ ସ୍ତୁତ ହୋଇଛନ୍ତି । ଏଥିରେ ଋଷି ନିଜ ନାମ (ଗୋତମ) ଉଲ୍ଲେଖ କରିବା ସହ ନିଜର ବଂଶକୁ ଏକ ପ୍ରତୀକାତ୍ମକ ଶବ୍ଦ ମାଧ୍ୟମରେ ବ୍ୟକ୍ତ କରିଛନ୍ତି (ରାହୂଗଣ); ଏହି ନାମ ମଧ୍ୟରେ ଆମେ ବୈଦିକ 'ଗୋ' ଦେଖିବାକୁ ପାଉ, ଯାହାର ତାତ୍ପର୍ଯ୍ୟ 'ଜ୍ୟୋତିର୍ମୟ', ଏବଂ 'ଗୋତମ'ର ଅର୍ଥ 'ପୂର୍ଣ୍ଣତଃ ଜ୍ୟୋତିର୍ମୟ' । କାରଣ, ଯେଉଁମାନଙ୍କର ଜ୍ୟୋତିର୍ମୟ 'ଧୀ'-ପ୍ରାଚୁର୍ଯ୍ୟ ରହିଛି (ଅର୍ଥାତ୍,

ଯେଉଁମାନେ ଗୋତମ ହୋଇଯାଇଛନ୍ତି) ସେମାନଙ୍କ ଦ୍ୱାରା ଦିବ୍ୟସତ୍ୟର ପ୍ରଭୁ ଏହି ଅଗ୍ନି ଏହି ଅବର ଦିବ୍ୟରଶ୍ମି ସ୍ୱରୂପ ଜଗତରେ ପୂର୍ଣ୍ଣରୂପେ ଗୃହୀତ ଓ ସ୍ତୁତ ହୋଇଥା'ନ୍ତି — **'ଗୋତମେଭିଃ ରତାବା'** । ଏବଂ ଯେଉଁମାନେ 'ବିପ୍ର' ଅର୍ଥାତ୍ ଯେଉଁମାନଙ୍କ ମନ ଶୁଦ୍ଧ, ସ୍ପଷ୍ଟ ତଥା ଉନ୍ମୁକ୍ତ, ସେମାନଙ୍କଠାରେ ସେହି ମହାନ୍ ଜନ୍ମ (ଜାତ)ଗୁଡ଼ିକର ଯଥାର୍ଥ ଜ୍ଞାନ ଉନ୍ମେଷିତ ହୁଏ — ଏହି ଭୌତିକ ଜଗତର ପଶ୍ଚାତରେ ସେହି ଜନ୍ମଗୁଡ଼ିକ ଘଟିଥାଏ ଏବଂ ସେହି ଲୋକରୁ ଏହି ଲୋକ ଉଦ୍ଭୂତ ହେବା ସହ ଏହା ତାହାରି ସକଳ ବଳକୁ ଧାରଣ କରୁଛି, — **'ବିପ୍ରେଭିଃ ଜାତବେଦାଃ'** ।

ଅଗ୍ନି ହେଉଛନ୍ତି **'ଜାତବେଦାଃ'** — ଜନ୍ମ ଏବଂ ଜଗତଗୁଡ଼ିକର ଜ୍ଞାତା, (**ଚିକିତ୍ୱାନ୍**) । ସେ ପଞ୍ଚ ଲୋକକୁ[୮] ସମଗ୍ର ରୂପେ ଜାଣନ୍ତି ଏବଂ ନିଜ ଚେତନାରେ ସେ ଏହି ସୀମିତ ତଥା ଅନ୍ୟାଶ୍ରିତ ଭୌତିକ ସଙ୍ଗତି ମଧ୍ୟରେ ଆବଦ୍ଧ ନୁହନ୍ତି । ଉଚ୍ଚତମ ତ୍ରିଲୋକରେ[୯], ସେହି ରହସ୍ୟମୟୀ ଧେନୁର[୧୦] ପହ୍ନାଠାରେ, ଚତୁଃଶୃଙ୍ଗଧାରୀ ସେହି 'ବୃଷଭ'ର[୧୧] ପ୍ରାଚୁର୍ଯ୍ୟମୟ ଲୋକରେ ତାଙ୍କର ପ୍ରବେଶ ରହିଛି । ସେହି ପ୍ରାଚୁର୍ଯ୍ୟ ମାଧ୍ୟମରେ ସେ ଆର୍ଯ୍ୟ ସାଧକ ମଧ୍ୟରେ ଜ୍ଞାନାଲୋକର ପୁଷ୍ଟିସାଧନ କରିବେ, ସେମାନଙ୍କର ଦିବ୍ୟପ୍ରତିଭାଗୁଡ଼ିକୁ ସେ ଋଦ୍ଧିମନ୍ତ କରିବେ । ତାଙ୍କର ସେହି ଜ୍ୟୋତିର୍ମୟ ଜ୍ଞାନର ପରିପୂର୍ଣ୍ଣତା ତଥା ସମୃଦ୍ଧି ଦ୍ୱାରା ସେ ଚିନ୍ତା ସହ ଚିନ୍ତାର, ବାକ୍ ସହିତ ବାକ୍‌ର ମିଳନ ଘଟାଇବା କାର୍ଯ୍ୟଟି ସେପର୍ଯ୍ୟନ୍ତ କରି ଚାଲିଥିବେ ଯେପର୍ଯ୍ୟନ୍ତ ମାନବୀୟ ବୁଦ୍ଧି ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଦିବ୍ୟପ୍ରଜ୍ଞାକୁ ଧାରଣ କରି ସେଇଥିରେ ପରିଣତ ହେବା ପାଇଁ ଯଥେଷ୍ଟ ସଙ୍ଗତିଯୁକ୍ତ ହୋଇଯାଇ ନାହିଁ । (ଏପର୍ଯ୍ୟନ୍ତ ୫ମ ମନ୍ତ୍ରର ଭାଷ୍ୟ)

---

୮ ସେହି ଲୋକଗୁଡ଼ିକ ଯଥାକ୍ରମେ : ଜଡ଼, ପ୍ରାଣଶକ୍ତି, ମନ, ସତ୍ୟ ଓ ଆନନ୍ଦ, ଏମାନେ ବିଶେଷତଃ ଗୋଟିଏ ଗୋଟିଏ ବଳ । ଏମାନଙ୍କୁ କ୍ରମାନୁସାରେ ଏହି ନାମରେ ବୋଲାଯାଏ — ଭୂଃ, ଭୁବଃ, ସ୍ୱଃ, ମହଃ ଓ ଜନ ବା ମୟସ୍ ।

୯ ଦିବ୍ୟ-ଅସ୍ତିତ୍ୱ, ଚେତନା, ଆନନ୍ଦ, — ସଚ୍ଚିଦାନନ୍ଦ ।

୧୦ ଅଦିତି, ଅନନ୍ତ ଚେତନା, ଭୁବନଗୁଡ଼ିକର ଜନନୀ ।

୧୧ ଦିବ୍ୟପୁରୁଷ, ସଚ୍ଚିଦାନନ୍ଦ; ତାଙ୍କର ଚତୁଃଶୃଙ୍ଗ ହେଲେ — ସଚ୍ଚିଦାନନ୍ଦ ଓ ସତ୍ୟ ।

ଅଧ୍ୟାୟ – ୫

ସୂର୍ଯ୍ୟ ସବିତା – ସ୍ରଷ୍ଟା ଓ ପୋଷକ

(ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୧)

(ଋଗ୍‌ବେଦ : ମଣ୍ଡଳ-୫, ସୂକ୍ତ : ୮୧, ଋଷି : ଗୋତମ ରାହୂଗଣ)

ୟୁଞ୍ଜତେ ମନ ଉତ ୟୁଞ୍ଜତେ ଧିୟୋ
ବିପ୍ରା ବିପ୍ରସ୍ୟ ବୃହତୋ ବିପଶ୍ଚିତଃ ।
ବି ହୋତ୍ରା ଦଧେ ବୟୁନାବିଦେକ
ଇନ୍ମହୀ ଦେବସ୍ୟ ସବିତୁଃ ପରିଷ୍ଟୁତିଃ ॥୧॥

ଅର୍ଥ (ଅନ୍ୱୟ ସହ) : ଜ୍ଞାନଦୀପ୍ତ ମନୁଷ୍ୟମାନେ [ବିପ୍ରାଃ] ସେମାନଙ୍କ ମନକୁ ଯୋଗଯୁକ୍ତ କରନ୍ତୁ [ମନଃ ୟୁଞ୍ଜତେ] ଏବଂ ସେମାନେ ନିଜର ଧୀଗୁଡ଼ିକୁ [ଉତ ଧିୟଃ] ଜ୍ଞାନଦୀପ୍ତଙ୍କ ସହ [ବିପ୍ରସ୍ୟ], ବୃହତ୍ ତଥା ସତ୍ୟର ଦ୍ରଷ୍ଟାଙ୍କ ସହ [ବୃହତଃ ବିପଶ୍ଚିତଃ] ଯୁକ୍ତ କରନ୍ତୁ [ୟୂଞ୍ଜତେ] । ସର୍ବ ଘଟଣାର ଜ୍ଞାତା [ବୟୁନବିତ୍] ସେ ଏକକ ରୂପେ [ଏକଃ ଇତ୍] ଯଜ୍ଞର ବଳକୁ [ହୋତ୍ରା] ସୁବ୍ୟବସ୍ଥିତ କରୁଛନ୍ତି [ବି ଦଧେ] । ଦିବ୍ୟ ସ୍ରଷ୍ଟସ୍ୱରୂପ ସେହି ସବିତାଙ୍କର [ଦେବସ୍ୟ ସବିତୁଃ] ସର୍ବ ବସ୍ତୁରେ ବ୍ୟାପ୍ତ ସ୍ତୁତି [ପରିଷ୍ଟୁତିଃ] ମହାନ୍ ଅଟେ [ମହୀ] ।

ବିଶ୍ୱା ରୂପାଣି ପ୍ରତି ମୁଞ୍ଚତେ କବିଃ
ପ୍ରାସାବିଦ୍ ଭଦ୍ରଂ ଦ୍ୱିପଦେ ଚତୁଷ୍ପଦେ ।
ବି ନାକମକ୍ଷତ୍ ସବିତା ବରେଣ୍ୟୋ
ଽନୁ ପ୍ରୟାଣମୁଷସୋ ବି ରାଜତି ॥୨॥

ଅର୍ଥ (ଅନ୍ୱୟ ସହ) : ସେହି ଦ୍ରଷ୍ଟା [କବିଃ] ସକଳ ରୂପକୁ ଧାରଣ କରନ୍ତି [ବିଶ୍ୱା ରୂପାଣି ପ୍ରତି ମୁଞ୍ଚତେ] ଏବଂ ସେଥି ମଧ୍ୟରୁ ସେ ଦ୍ୱିପଦ ଓ ଚତୁଷ୍ପଦ ସୃଷ୍ଟି ନିମନ୍ତେ [ଦ୍ୱିପଦେ ଚତୁଷ୍ପଦେ] ଶୁଭ ସୃଜନ କରନ୍ତି [ଭଦ୍ରଂ ପ୍ରାସାବୀତ୍] । ସେ ସ୍ରଷ୍ଟା [ସବିତା], ସେ ପରମ ଶୁଭ [ବରେଣ୍ୟଃ], ସେ ସ୍ୱର୍ଗକୁ ପୂର୍ଣ୍ଣରୂପେ ବ୍ୟକ୍ତ କରିଥା'ନ୍ତି [ନାକଂ ବି

ଅକ୍ଷର୍] ଏବଂ ଉଷାର ଯାତ୍ରାପଥକୁ ଅନୁସରଣ କରୁ କରୁ [ଉଷସଃ ପ୍ରୟାଣମ୍ ଅନୁ] ତାଙ୍କ ଜ୍ୟୋତିଃ ସର୍ବଭୂତରେ ରାଜତ୍ୱ କରୁଛି [ବିରାଜତି] ।

ୟସ୍ୟ ପ୍ରୟାଣମନ୍ୱନ୍ୟ ଇଦ୍ୟୟୁର୍ଦେବା
ଦେବସ୍ୟ ମହିମାନମୋଜସା ।
ୟଃ ପାର୍ଥିବାନି ବିମମେ ସ ଏତଶୋ
ରଜାଂସି ଦେବଃ ସବିତା ମହିତ୍ୱନା ॥୩॥

ଅର୍ଥ (ଅନ୍ୱୟ ସହ) : ଯାହାଙ୍କ ଯାତ୍ରାପଥକୁ ଅନୁସରଣ ପୂର୍ବକ [ୟସ୍ୟ ପ୍ରୟାଣମ୍ ଅନୁ] ଅନ୍ୟ ଦେବଗଣ ମଧ୍ୟ [ଅନ୍ୟେ ଦେବାଃ ଇତ୍] ତାଙ୍କରି ଓଜଃ ଦ୍ୱାରା [ଓଜସା] ଦିବ୍ୟତାର ମହତ୍ତାକୁ [ଦେବସ୍ୟ ମହିମାନମ୍] ପ୍ରାପ୍ତ ହୋଇଥା'ନ୍ତି [ୟୟୁଃ] । ଯେ ଜ୍ୟୋତିର୍ମୟ [ୟଃ ଏତଶଃ], ଦିବ୍ୟ ସ୍ରଷ୍ଟା [ଦେବଃ ସବିତା] ସେ ନିଜ ମହତ୍ତା ଦ୍ୱାରା [ସଃ ମହିତ୍ୱନା] ପାର୍ଥିବ ଆଲୋକର ଲୋକଗୁଡ଼ିକୁ [ପାର୍ଥିବାନି ରଜାଂସି] ପରିମାପନ କରିଥା'ନ୍ତି [ବିମମେ] ।

ଉତ ୟାସି ସବିତସ୍ତ୍ରୀଣି ରୋଚନୋ-
ତ ସୂର୍ୟସ୍ୟ ରଶ୍ମିଭିଃ ସମୁଚ୍ୟସି ।
ଉତ ରାତ୍ରୀମୁଭୟତଃ ପରୀୟସ
ଉତ ମିତ୍ରୋ ଭବସି ଦେବ ଧର୍ମଭିଃ ॥୪॥

ଅର୍ଥ (ଅନ୍ୱୟ ସହ) : ହେ ସବିତୃଦେବ [ସବିତଃ] ! ଆହୁରି ମଧ୍ୟ [ଉତ] ତୁମେ ଜ୍ୟୋତିର୍ମୟ ତ୍ରିଭୁବନକୁ ଯାତ୍ରା କରୁଛ [ତ୍ରୀଣି ରୋଚନା ୟାସି]; ଏବଂ [ଉତ] ତୁମେ 'ସୂର୍ଯ୍ୟ'ଙ୍କ ରଶ୍ମି ଦ୍ୱାରା ସମ୍ୟକ୍ (ପୂର୍ଣ୍ଣ ରୂପେ) ବ୍ୟକ୍ତ ହୋଇଛ [ସୂର୍ୟସ୍ୟ ରଶ୍ମିଭିଃ ସମୁଚ୍ୟସି]; ଏବଂ ତୁମେ 'ରାତ୍ରି'କୁ ଉଭୟ ଦିଗରୁ ପରିବୃତ ହୋଇ ରହିଛ [ଉତ ରାତ୍ରୀମ୍ ଉଭୟତଃ ପରୀୟସେ]; ଏବଂ [ଉତ] ହେ ଦେବ [ଦେବ], ତୁମ କର୍ମର ଧର୍ମଗୁଡ଼ିକ ଦ୍ୱାରା [ଧର୍ମଭିଃ] ତୁମେ ପ୍ରେମର ଦେବତା 'ମିତ୍ର' ହୋଇଛ [ମିତ୍ରଃ ଭବସି] ।

ଉତେଶିଷେ ପ୍ରସବସ୍ୟ ତ୍ୱମେକ ଇତ୍
ଉତ ପୂଷା ଭବସି ଦେବ ୟାମଭିଃ ।
ଉତେଦଂ ବିଶ୍ୱଂ ଭୁବନଂ ବି ରାଜସି
ଶ୍ୟାବାଶ୍ୱସ୍ତେସବିତଃ ସ୍ତୋମମାନଶେ ॥୫॥

ଅର୍ଥ (ଅନ୍ୱୟ ସହ) : ଆହୁରି ମଧ୍ୟ [ଉତ] ତୁମେ ଏକାକୀହିଁ [ତ୍ୱମ୍ ଏକଃ ଇତ୍]

ପ୍ରତ୍ୟେକ ସୃଷ୍ଟି ନିମନ୍ତେ [ପ୍ରସବସ୍ୟ] ପ୍ରଭାବଶାଳୀ ଅଟ [ଇଶିଷେ]; ପୁନଶ୍ଚ [ଉତ] ହେ ଦେବ [ଦେବ] ! ତୁମର ଗତିରାଜି ଦ୍ୱାରା [ୟାମଭିଃ] ତୁମେ 'ପୋଷକ' ଦେବରେ ପରିଣତ ହୋଇଛ [ପୂଷା ଭବସି]; ପୁନଶ୍ଚ [ଉତ] ଏହି ସକଳ ବିଶ୍ୱ ଭୁବନକୁ [ଇଦଂ ବିଶ୍ୱଂ ଭୁବନମ୍] ତୁମେ ପୂର୍ଣ୍ଣରୂପେ ଜ୍ୟୋତିର୍ମୟ କରୁଛ [ବି ରାଜସି] । ହେ ସବିତର୍ [ସବିତଃ] ! 'ଶ୍ୟାବାଶ୍ୱ' ତୁମର ସ୍ତୁତିକୁ ଲାଭ କରିଛନ୍ତି [ଶ୍ୟାବାଶ୍ୱଃ ତେ ସ୍ତୋମମ୍ ଆନଶେ] ।[୧]

ଭାଷ୍ୟ

ବୈଦିକ ପଦ୍ଧତିରେ ସ୍ଥାନଲାଭ କରିଥିବା ଦୁଇ ବିଶିଷ୍ଟ ଦେବତା ହେଲେ ଦୀପ୍ତିରେ ଚକମକ ମରୁଦ୍‌ଗଣଙ୍କ ସହ 'ଇନ୍ଦ୍ର' ଏବଂ ଆର୍ଯ୍ୟଙ୍କ ଯଜ୍ଞର ସିଦ୍ଧିଦାତା 'ଅଗ୍ନି' । ଅଗ୍ନି ହେଉଛନ୍ତି ଆଦ୍ୟ ଏବଂ ସେ ମଧ୍ୟ ଅନ୍ତ । 'ସଂକଳ୍ପ' ଅର୍ଥାତ୍ ଜ୍ଞାନ ସ୍ୱରୂପ ଏହି ଦେବ ହେଉଛନ୍ତି ଅମୃତତ୍ୱ ଦିଗରେ ଆରୋହଣର ପ୍ରୟାସ କରୁଥିବା ମର୍ତ୍ୟଜନର ପ୍ରଥମ ପ୍ରେରଣାଦାତା । ଆମେ ଏହି ଦିବ୍ୟଚେତନାଙ୍କୁ ଅର୍ଥାତ୍ ଯିଏ ଦିବ୍ୟଶକ୍ତି ସହ ଏକାତ୍ମ ଅଟନ୍ତି, ଅମୃତ ଜୀବନର ଆଧାର ବା ମୂଳ ଭିତ୍ତି ସ୍ୱରୂପ ତାଙ୍କ (ଅଗ୍ନିଙ୍କ) ଭୁବନରେ ଆମେ ଉପସ୍ଥିତ ହେଉ । ସ୍ୱର୍ଗାଧିପତି ଇନ୍ଦ୍ର ଆମର ପ୍ରଧାନ ସହାୟକ, ସେ ପ୍ରଦୀପ୍ତ ବୁଦ୍ଧିର ସ୍ୱରୂପ, ତାଙ୍କରି ଗୁଣଧର୍ମରେ ଆମର ଏହି ଅସ୍ପଷ୍ଟ ଭୌତିକ ମାନସ ଗୁଣଧର୍ମକୁ ବଦଳାଇ ଦେବାକୁ ହେବ ଯଦି ଆମକୁ ସେହି ଦିବ୍ୟଚେତନାକୁ ଧାରଣ କରିବାର ସାମର୍ଥ୍ୟ ପ୍ରାପ୍ତ ହେବାକୁ ଅଛି । 'ଇନ୍ଦ୍ର' ଓ 'ମରୁଦ୍‌ଗଣ'ଙ୍କ ସାହାଯ୍ୟରେ ଏହି ଧର୍ମାନ୍ତରଣ ସଫଳ ହୋଇଥାଏ । 'ମରୁଦ୍‌ଗଣ'ଙ୍କ କାର୍ଯ୍ୟ ହେଲା ଆମର ସ୍ନାୟୁଜାତ ମାନସିକତାରୁ ସୃଷ୍ଟ ଏହି ସକଳ ଉଦ୍ଦୀପନାକୁ ନେଇ ଗଠିତ ପାଶବିକ ଚେତନାକୁ ନେବା, ନିଜର ଜ୍ୟୋତିର୍ମଣ୍ଡଳ ଦ୍ୱାରା ତାହାକୁ ଆତ୍ମଗତ କରିବା ଏବଂ ସେଗୁଡ଼ିକୁ ସତ୍ତାଶୈଳର ସେହି ଶିଖର ଦିଗରେ ଚଳେଇ ନେବା ଯାହାକୁ 'ସ୍ୱର୍ଲୋକ' ତଥା 'ଇନ୍ଦ୍ର'ଙ୍କ ସତ୍ୟରାଜିର ଲୋକ ବୋଲି କୁହାଯାଇଛି । ଏହି 'ପଶୁମାନଙ୍କ'ଠାରୁ ଆମର ମାନସିକ କ୍ରମବିକାଶର ଆରମ୍ଭ ହୋଇଥାଏ;

---

୧. (ସଂସ୍କୃତରେ) ପ୍ରଚଳିତ ରୂଢ଼ପଦଯୁକ୍ତ ତଥା ସାହିତ୍ୟିକ ମୂଲ୍ୟଯୁକ୍ତ ବାକ୍ୟାଂଶର ଏକ ଭଲ (ଇଂରାଜୀ) ଅନୁବାଦ କରିବାକୁ ହେଲେ ମୂଳ ରଚନାଟିର ଭାବ ଓ ଲୟକୁ ଅନୁସରଣ କରିବାକୁ, ସଂସ୍କୃତ ଶବ୍ଦମାନଙ୍କରେ କିଛି ପରିବର୍ତ୍ତନ ନିମନ୍ତେ ଏକ ସ୍ୱାଧୀନତାର ପ୍ରୟୋଜନ ରହିଛି । ସେଥିପାଇଁ ମନ୍ତ୍ରଭାଷ୍ୟ ରଚନା ମଧ୍ୟରେ ଏହି ସୂକ୍ତାଂଶଗୁଡ଼ିକର ଅର୍ଥକୁ ମୁଁ ସେପରି ନ କରି ଅଧିକ ଶାବ୍ଦିକ ଭାବରେ କରିଛି ।

ଆମର ଉତ୍ତରଣର ପ୍ରଗତି ଅନୁସାରେ ସେମାନେ 'ସୂର୍ଯ୍ୟ'ଙ୍କର ଜ୍ୟୋତିର୍ମୟ ଗୋଧନ (ଗାବଃ)ରେ, ରଶ୍ମିଜାଳରେ ପରିଣତ ହୁଅନ୍ତି — ଏମାନେ ବେଦର ଦିବ୍ୟଗାବଃ (ଗୋଗଣ) । ବୈଦିକ ପ୍ରତୀକର ମନସ୍ତାତ୍ତ୍ୱିକ ତତ୍ତ୍ୱ ଏହିପରି ।

କିନ୍ତୁ ତା'ହେଲେ 'ସୂର୍ଯ୍ୟ' କିଏ, ଏହି ଗୋରୂପୀ ରଶ୍ମିରାଜି କାହାଠାରୁ ଆଗକୁ ଯାତ୍ରା କରନ୍ତି ? ସେହିଁ ହେଉଛନ୍ତି 'ସତ୍ୟ'ର ସ୍ୱାମୀ, ସେ 'ସୂର୍ଯ୍ୟ' ଯେ ଜ୍ଞାନଜ୍ୟୋତିଃରେ ଉଦ୍ଭାସିତ କରନ୍ତି, ସୃଷ୍ଟି ରଚନା କରୁଥିବା ସେ 'ସବିତା', ସେ 'ପୂଷନ୍' ଯେ ପୋଷଣ ବା ବିକଶିତ କରନ୍ତି । ତାଙ୍କର ରଶ୍ମିମାଳା ନିଜ ସ୍ୱଭାବରେ ହେଉଛନ୍ତି ସତ୍ୟପ୍ରକଟନ, ଆତ୍ମପ୍ରେରଣା, ସଂବୋଧି, ଜ୍ଞାନୋଦ୍ଭାସିତ ବିବେକ ପ୍ରଭୃତି ମାନସୋତ୍ତର କ୍ରିୟାରାଜି, ଏବଂ ଏଗୁଡ଼ିକ ମାନସୋତ୍ତର ସେହି ବିଧାନର କ୍ରିୟା ଗଠନ କରନ୍ତି ଯାହାକୁ ବେଦାନ୍ତ କହେ 'ବିଜ୍ଞାନ' ଏବଂ ବେଦ କହେ 'ଋତମ୍', ଅର୍ଥାତ୍ ସେହି ନାମରେ ବିଦିତ 'ସତ୍ୟ' । କିନ୍ତୁ ଏହି ରଶ୍ମିଜାଳ ମଧ୍ୟ ମନୁଷ୍ୟର ମାନସିକତା ମଧ୍ୟକୁ ଅବତରଣ କରନ୍ତି ଏବଂ ଏହାର ଶିଖର ପ୍ରଦେଶରେ 'ସ୍ୱର୍', ଅର୍ଥାତ୍ ଜ୍ଞାନୋଦ୍ଭାସିତ ବୁଦ୍ଧିର ଜଗତ୍ ରଚନା କରନ୍ତି ଯାହାର ପ୍ରଭୁ ହେଉଛନ୍ତି 'ଇନ୍ଦ୍ର' ।

କାରଣ ଏହି 'ବିଜ୍ଞାନ' ଏକ ଦିବ୍ୟଗୁଣ, ମାନବୀୟ ପ୍ରତିଭା ନୁହେଁ । ସ୍ୱୟଂ ଉଦ୍ଭାସିତ ସତ୍ୟରେ ଗଠିତ ଦିବ୍ୟମନ ଭଳି ମାନବର ମନ ଗଠିତ ନୁହେଁ; ଏହା ଏକ ଇନ୍ଦ୍ରିୟଲବ୍ଧ ଜ୍ଞାନଯୁକ୍ତ 'ମନସ୍' ଯାହା 'ସତ୍ୟ'କୁ ଗ୍ରହଣ କରିବା ସହ ବୁଝି ମଧ୍ୟ ପାରେ,[୨] କିନ୍ତୁ ଏହା ତାହାର ସମଧର୍ମୀ ନୁହେଁ । ମାନବୀୟ ବୁଦ୍ଧିବିଚାର ଉପରେ ଜ୍ଞାନାଲୋକ ସେହିପରି କୋହଳ ହୋଇ ନିଜକୁ ଉପସ୍ଥାପନ କରିବାକୁ ହେବ ଯେପରିକି ଦୈହିକ ଚେତନାର ସାମର୍ଥ୍ୟ ଓ ସୀମିତତାଗୁଡ଼ିକର ଧରଣ ସହିତ ଏହା ଗ୍ରହଣସମର୍ଥ ହୋଇପାରୁଥିବ । ଏହା ନିଜର ପ୍ରକୃତିକୁ ପ୍ରଗତିଶୀଳ ଭାବେ ଏପରି ଆଗେଇ ନେବ ଯାହା ଦ୍ୱାରା ଆମ ମାନସିକ ବିକାଶ ନିମନ୍ତେ କ୍ରମୋତ୍ତର ବିବର୍ତ୍ତନର ଅବସ୍ଥାଗୁଡ଼ିକୁ ଅଭିବ୍ୟକ୍ତ କରିପାରୁଥିବ । ସେହି କାରଣରୁ, ସୂର୍ଯ୍ୟରଶ୍ମିଗଣ ଆମ ମାନସିକ ଜୀବନକୁ ଗଠନ କରିବାକୁ ପ୍ରୟାସ କରୁଥିବା ବେଳେ କ୍ରମୋତ୍ତର ତିନି ମାନସିକ ଲୋକ ସୃଷ୍ଟି କରନ୍ତି — ସେଥିରେ ଗୋଟିଏ ଅନ୍ୟକୁ ବଢ଼ିକରି ବିଦ୍ୟମାନ, — ପ୍ରଥମଟି ହେଉଛି ଇନ୍ଦ୍ରିୟଧର୍ମୀ, ସୌନ୍ଦର୍ଯ୍ୟାତ୍ମକ ଓ ସମ୍ବେଦନଶୀଳ ମନ, ଦ୍ୱିତୀୟଟି ହେଲା ବିଶୁଦ୍ଧ ବୁଦ୍ଧି, ତୃତୀୟଟି ହେଲା ଦିବ୍ୟପ୍ରଜ୍ଞା । ମାନସିକ ତ୍ରିଭୁବନର ପୂର୍ଣ୍ଣତା

---

୨. ବୁଝିବା ଅର୍ଥରେ ବୈଦିକ ଶବ୍ଦ ହେଉଛି 'ଧୀ', ଯାହା ଗ୍ରହଣ କରି ଯଥା ସ୍ଥାନରେ ଧରିରଖେ ।

୩. ଆମ ସତ୍ତାର ପ୍ରାକୃତିକ ସ୍ତରଟି ଦୈହିକ ହେବା ସ୍ୱାଭାବିକ, କିନ୍ତୁ ଅନ୍ୟ ସ୍ତରଗୁଡ଼ିକ ଆମ ପାଇଁ ଉନ୍ମୀଳିତ ଥାଆନ୍ତି, କାରଣ ଆମ ସତ୍ତାର ଅଂଶ ସେହି ପ୍ରତ୍ୟେକଟି ମଧ୍ୟରେ ବଞ୍ଚି ରହିଥାଏ ।

ଓ ସିଦ୍ଧି ସତ୍ତାର କେବଳ ଶୁଦ୍ଧ ମାନସିକ ସ୍ତରକୁ ଆଶ୍ରୟ କରିଛି [୩], ଏମାନେ ସେହି ତ୍ରିସ୍ୱର୍ଗର — ''ତିସ୍ରୋ ଦିବଃ''— ଉର୍ଦ୍ଧ୍ୱରେ, ଯାହାକୁ ସେମାନଙ୍କର ତ୍ରିଭାସ୍ୱରତା— ''ତ୍ରୀଣି ରୋଚନାନି''— ବୋଲି କୁହାଯାଇଛି । କିନ୍ତୁ ସେମାନଙ୍କ ଜ୍ୟୋତିଃ ଦୈହିକ ଚେତନା ଉପରେ ଅବତରଣ କରେ ଏବଂ ଏହାର ଭୌତିକ କ୍ଷେତ୍ରଗୁଡ଼ିକରେ ତଦନୁରୂପ ରଚନାଗୁଡ଼ିକୁ ସମ୍ପାଦନ କରେ, ବୈଦିକ ଭାଷାରେ ଏହା ହେଉଛି ''ପାର୍ଥିବାନି ରଜାଂସି''— ଆଲୋକର ପାର୍ଥିବ ମଣ୍ଡଳରାଜି । ସେମାନଙ୍କ ସଂଖ୍ୟା ମଧ୍ୟ ତିନି — ''ତିସ୍ରଃ ପୃଥିବୀଃ'' । ଆହୁରି ମଧ୍ୟ ସୂର୍ଯ୍ୟ ସବିତା ହେଉଛନ୍ତି ଏହି ସମସ୍ତ ଲୋକର ସ୍ରଷ୍ଟା ।

ଏହାହେଲା ଆମର ବିବିଧ ମନସ୍ତାତ୍ତ୍ୱିକ ସ୍ତରଗୁଡ଼ିକର ସ୍ୱରୂପ, ପ୍ରତ୍ୟେକ ସ୍ତରକୁ ଏକ ଏକ ଲୋକ ଭାବେ ଗଣନା କରାଯାଏ, ଏହାରି ମଧ୍ୟରେ ବୈଦିକ ଋଷିମାନଙ୍କ ତାତ୍ତ୍ୱିକ ଅବଧାରଣାର କୁଞ୍ଜି ଆମେ ପାଇପାରୁଛୁ । ଜଣେ ମାନବ ବ୍ୟକ୍ତି ହେଉଛି ଏଭଳି ଏକ ସୁନିୟୋଜିତ ଏକକ ଯାହା ମଧ୍ୟରେ ବ୍ରହ୍ମାଣ୍ଡର ସଂରଚନା ପ୍ରତିଫଳିତ ହେଉଛି । ଏହା ନିଜ ମଧ୍ୟରେ ସେହି ବିଭିନ୍ନ ସ୍ତରର ସେହି ସମାନ ବ୍ୟବସ୍ଥାକୁ ଏବଂ ଶକ୍ତିଗଣଙ୍କର ଖେଳକୁ ପୁନରାବୃତ୍ତି କରୁଥାଏ । ମଣିଷ ଅନ୍ତର୍ଗତଭାବରେ ସମଗ୍ର ବ୍ରହ୍ମାଣ୍ଡକୁ ସ୍ୱୟଂ ବହନ କରୁଥାଏ, ତାହାର ଆଧାର ହୋଇଥାଏ, ବାହ୍ୟ ସ୍ୱରୂପରେ ସେ ଏକ ଆଧେୟ ରୂପେ ସମଗ୍ର ଜଗତ୍ ମଧ୍ୟରେ ରହିଥାଏ । ଋଷିଗଣ ଅମୂର୍ତ୍ତ ଅପେକ୍ଷା ମୂର୍ତ୍ତ ଭାଷା ବ୍ୟବହାରକୁ ପସନ୍ଦ କରୁଥିବାରୁ ଭୌତିକ ଚେତନାକୁ 'ଭୂଃ' ତଥା ଭୌତିକ ଜଗତ୍ ବୋଲି କହନ୍ତି ଅର୍ଥାତ୍ ପୃଥିବୀ । ଶୁଦ୍ଧ ମାନସିକ ଚେତନାକୁ ସେମାନେ 'ଦ୍ୟୌଃ', ସ୍ୱର୍ଗ କହନ୍ତି, ଯାହା ହେଉଛି 'ସ୍ୱର୍' ବା ପ୍ରଭାସ୍ୱର ମନର ଲୋକ, ଶିଖର ସ୍ତର । ଏ ଉଭୟର ମଧ୍ୟବର୍ତ୍ତୀ ସ୍ତର ହେଲା ଗତି ତଥା କର୍ମଶୀଳ ଜଗତ୍, ପ୍ରାଣିକ ବା ସ୍ନାୟୁତାନ୍ତ୍ରିକ ଚେତନା — ଏହାକୁ ସେମାନେ ବୋଧହୁଏ ନାମ ଦେଇଛନ୍ତି 'ଅନ୍ତରୀକ୍ଷ' ଅର୍ଥାତ୍ ମାଧ୍ୟଦୃଷ୍ଟି ଅଥବା 'ଭୁବଃ', ଏହା ବହୁମୁଖୀ କ୍ରିୟାତ୍ମକ ଲୋକସମୂହ ଯାହା ଭୂଲୋକର ରଚୟିତା ।

କାରଣ ଋଷିମାନଙ୍କ ତାତ୍ତ୍ୱିକ ବିଚାର ଅନୁଯାୟୀ ଯେକୌଣସି ଲୋକ ହେଉଛି ପ୍ରଥମତଃ ଚେତନାର ଏକ ସଂରଚନା, ବସ୍ତୁଗୁଡ଼ିକର ଭୌତିକ ସଂରଚନା ହେଉଛି ଅପ୍ରଧାନ ବା ଗୌଣ । ଜଗତ୍ କହିଲେ ତାହା ଏକ ଲୋକ ଯାହା ମଧ୍ୟରେ ଏକ ସଚେତନ ସତ୍ତା ନିଜକୁ ସରୂପ କରିଥାଏ । କାରଣାତ୍ମକ ଏକ 'ସତ୍ୟ' ରହିଛି, 'ସୂର୍ଯ୍ୟ ସବିତା' ରୂପକ ବ୍ୟକ୍ତିସ୍ୱରୂପ ମଧ୍ୟରେ ତାହା ବିରାଜମାନ, ତାହାହିଁ ସକଳ ରୂପ ବା ତନୁର ରଚୟିତା ବା ସବିତା । କାରଣ ଏହା ହେଉଛି ଅନନ୍ତ ସତ୍ତା ମଧ୍ୟରେ କାରଣସ୍ୱରୂପ 'ପ୍ରଜ୍ଞା', — ଏହି ପ୍ରଜ୍ଞା କୌଣସି କଳ୍ପନାର ବିଷୟ ନୁହେଁ ବରଂ ତାହା ବାସ୍ତବ ତଥା କର୍ମଗତିମାନ୍, — ତାହାହିଁ 'ବିଧି'ର ଉତ୍ସ, ଶକ୍ତିଗୁଡ଼ିକର ଉତ୍ସ, ବସ୍ତୁଗୁଡ଼ିକର ରୂପରାଜିର ଉତ୍ସ, ଯେଉଁ କାର୍ଯ୍ୟ

ସେହି ବସ୍ତୁଗୁଡ଼ିକର ଅନ୍ତର୍ନିହିତ ଶକ୍ତି ସାମର୍ଥ୍ୟ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ମାଧ୍ୟମରେ ନିର୍ଦ୍ଦିଷ୍ଟ ରୂପକୁ ଆଶ୍ରୟ କରି ହେଉଛି ତାହାର ଉତ୍ସ ମଧ୍ୟ । କାରଣ, କାରଣସ୍ୱରୂପ 'ପ୍ରଜ୍ଞା' ହେଉଛି ସତ୍ତାର ପ୍ରକୃତ ଶକ୍ତି, ଏହାକୁ 'ସତ୍ୟମ୍' ବୋଲି କୁହାଯାଇଛି ଅର୍ଥାତ୍ ସତ୍ତା ମଧ୍ୟରେ ଯାହା 'ସତ୍'; ସେହି ପ୍ରଜ୍ଞା ଯେହେତୁ ସକଳ ଗତିବୃତ୍ତି ତଥା ସଂରଚନାକୁ ନିର୍ଦ୍ଧାରଣ କରୁଛି ତେଣୁ ତାହାକୁ କୁହାଯାଏ 'ଋତମ୍' ଅର୍ଥାତ୍ ଯାହା ଗତିକ୍ରିୟାଗତ 'ସତ୍ୟ'; ସେହି ପ୍ରଜ୍ଞା ନିଜର ଆତ୍ମଦୃଷ୍ଟିରେ, ନିଜର କର୍ମ ପରିସରରେ ଏବଂ ନିଜର କ୍ରିୟାବିଧିରେ ଯେହେତୁ ବ୍ୟାପକ ତଥା ଅସୀମ ତେଣୁ ତାହାକୁ କୁହାଯାଏ 'ବୃହତ୍', 'ବିରାଟ୍' ବା 'ମହତ୍' ।

ସବିତା : 'ସତ୍ୟ' ଦ୍ୱାରା ସୃଷ୍ଟି କରୁଥିବା 'ସ୍ରଷ୍ଟା', ଏହାର ଅର୍ଥ ଏପରି ନୁହେଁ ଯେ ତାଙ୍କ ସୃଷ୍ଟି ହେଉଛି କୌଣସି କୃତ୍ରିମ ସାଦୃଶ୍ୟ ରଚନା କରିବା ଅଥବା ବସ୍ତୁଗୁଡ଼ିକୁ ଯାନ୍ତ୍ରିକ ନ୍ୟାୟରେ ଗଢ଼ିବା । ସବିତା ଶବ୍ଦରେ ଯେଉଁ ଧାତୁ ରହିଛି ତାହାର ଅର୍ଥ ଏକ ପ୍ରବୃତ୍ତି, — ଆଗକୁ ନିକ୍ଷେପ କରିବା ଅଥବା ବାହାରକୁ ପ୍ରେରଣ କରିବା, — ସୃଜନ ଅର୍ଥରେ ବ୍ୟବହୃତ ସାଧାରଣ ଶବ୍ଦ ''ସୃଷ୍ଟି''ର ଅର୍ଥ ଏଥିରେ ରହିଛି, ଏଣୁ ଏଥିରେ ଜନ୍ମ ଦେବା ଅର୍ଥ ଆସୁଛି । କାରଣ-ସ୍ୱରୂପ 'ପ୍ରଜ୍ଞା'ର କ୍ରିୟା କୌଣସି କୃତ୍ରିମ ପ୍ରରୂପ ସୃଷ୍ଟି କରେ ନାହିଁ, ବରଂ 'ତପସ୍' ମଧ୍ୟରୁ ଅର୍ଥାତ୍ ନିଜ ସତ୍ତା ଉପରେ ଚେତନାର ଚାପ ଦ୍ୱାରା ସେ ତାହାକୁ ସୃଷ୍ଟି କରେ ଯାହା ନିଜ ମଧ୍ୟରେ ଗୁପ୍ତ ଭାବେ ରହିଥିଲା, ଯାହା ସମ୍ଭାବ୍ୟ ରୂପେ ଅପ୍ରତ୍ୟକ୍ଷ ଥିଲା ତଥା 'ପରାପୂର'ଙ୍କ ମଧ୍ୟରେ ପୂର୍ବରୁ ଥିବା ସତ୍ୟରୂପେ ବିଦ୍ୟମାନ ଥିଲା ।

ଏହାପରେ, ଭୌତିକ ଜଗତର ଶକ୍ତି ଓ ପ୍ରକ୍ରିୟାଗୁଡ଼ିକ ଏହି ଜଗତର ଜନକ ଅତିଭୌତିକ କ୍ରିୟାଧାରାର ସତ୍ୟରାଜିକୁ ପୁନରାବୃତ୍ତି କରିଚାଲେ ଠିକ୍ ଯେପରି କୌଣସି ପ୍ରତୀକ ମଧ୍ୟରେ ଘଟିଥାଏ । ଏବଂ ଭୌତିକ ତଥା ଅତିଭୌତିକ ସ୍ତରର ଶକ୍ତି ଓ ପ୍ରକ୍ରିୟାମାନ ଯେହେତୁ ସମାନ ଏବଂ ସେହି ସମସ୍ତ ଦ୍ୱାରା ଆମର ଆନ୍ତରଜୀବନ ଓ ତାହାର ଅଗ୍ରଗତି ସୁପରିଚାଳିତ ହେଉଥାଏ, ତେଣୁ ଋଷିଗଣ ଆନ୍ତରଜୀବନର କ୍ରିୟାବଳିକୁ ପ୍ରକାଶ କରିବା ପାଇଁ ଭୌତିକ 'ପ୍ରକୃତି'ର ପ୍ରଚଳିତ ଘଟନା ଓ କ୍ରିୟାବଳିକୁ ସାମାନ୍ୟତଃ ପ୍ରତୀକରୂପେ ଆପଣେଇ ନେଇଛନ୍ତି, ଯାହାକୁ କୌଣସି ପବିତ୍ର କବିତାର ମୂର୍ତ୍ତ ଭାଷାରେ ସୂଚିତ କରିବା ଥିଲା ଏକ କଠିନ କାର୍ଯ୍ୟ, ଯାହା ଏହି ଦୃଶ୍ୟମାନ ବିଶ୍ୱର ଶକ୍ତିଗଣ ଦେବଗଣଙ୍କ ବାହ୍ୟ ଆରାଧନାରେ ଯୁଗପତ୍ ଉପଯୋଗୀ ହୋଇ ପାରୁଥିବ । ଏହି ସୌରଶକ୍ତି ହେଉଛି ଦିବ୍ୟଜ୍ୟୋତିଃ ଓ ସତ୍ୟର ଦେବ 'ସୂର୍ଯ୍ୟ'ଙ୍କର ଭୌତିକ ରୂପ, ଏହି 'ସତ୍ୟ' ମଧ୍ୟଦେଇ ଆମେ 'ଅମରତ୍ୱ'କୁ ପ୍ରାପ୍ତ ହେଉ ଯାହା ବୈଦିକ ସାଧନାର ଅନ୍ତିମ ଲକ୍ଷ୍ୟ । ସେହି କାରଣରୁ ସୂର୍ଯ୍ୟ ଓ ତାହାର କିରଣମାଳା, ଉଷା ଓ ଦିବସ ଓ ରାତ୍ରି ପ୍ରଭୃତି ପ୍ରରୂପକୁ

ଆଶ୍ରୟ କରି ମାନବର ଜୀବନ ଯେ ଆଲୋକ ଓ ଅନ୍ଧକାର ରୂପକ ଦୁଇ ମେରୁ ମଧ୍ୟରେ ରହିଛି ବୋଲି ଦର୍ଶାଇ ଆର୍ଯ୍ୟ-ଋଷିଗଣ ପ୍ରତିପାଦନ କରିଛନ୍ତି ଯେ ମାନବାତ୍ମା ପ୍ରଗତିଶୀଳଭାବେ ପ୍ରଦୀପିତ ହୋଇ ଚାଲିଛି । ଏହି ଭାବେ ଅତ୍ରିବଂଶଜ ଶ୍ୟାବାଶ୍ୱ 'ପ୍ରଜାପତ୍ୟ' 'ସବିତା'ଙ୍କର ସ୍ତୁତି କରି କହିଛନ୍ତି ଯେ ସିଏ 'ସ୍ରଷ୍ଟା', 'ପୋଷକ' ।

''ସୂର୍ଯ୍ୟ'' ଆମ ମନ ଓ ଚିନ୍ତାକୁ ''ସତ୍ୟ''ର ଆଲୋକରେ ପ୍ରଦୀପିତ କରନ୍ତି । ସେ ହେଉଛନ୍ତି 'ବିପ୍ର', ଜ୍ୟୋତିର୍ମୟ । ଇଏ ସେହି ଦେବତା ଯିଏ ବ୍ୟକ୍ତିଗତ ମନକୁ ତା' ନିଜର ତଥା ପରିବେଶର ପରିସ୍ଥିତିଗ୍ରସ୍ତ ଚେତନା ମଧ୍ୟରୁ ବ୍ୟକ୍ତିନିଷ୍ଠ ମାନବୀୟ ମନକୁ ମୁକ୍ତି ପ୍ରଦାନ କରିଥା'ନ୍ତି ଏବଂ ସେହିସବୁ ସୀମିତ ଗତିବୃତ୍ତିକୁ ବିସ୍ତାରିତ କରି ଦେଇଥା'ନ୍ତି ଯାହା ନିଜ ବ୍ୟକ୍ତିତ୍ୱଟି ସହିତ ଗ୍ରସ୍ତ ରହିବା ଦ୍ୱାରା ଏହା ଉପରେ ଆସି ଲଦି ହୋଇଥାଏ । ତେଣୁ ସେ 'ବୃହତ୍' – 'ପ୍ରଶସ୍ତ' । କିନ୍ତୁ ତାଙ୍କର ପ୍ରକାଶ ଏକ ଅସ୍ପଷ୍ଟ ଆଲୋକ ନୁହେଁ, ତଥା ଏହା ମଧ୍ୟ ନୁହେଁ ଯେ ତାଙ୍କର ସେହି ବିଶାଳତା ବ୍ୟକ୍ତି ଓ ବସ୍ତୁ ପ୍ରତି ସଂଶୟିତ ଓ ବିଘଟିତ ବିଚାରଦୃଷ୍ଟି ମଧ୍ୟରୁ ଆସିଥାଏ; ଅଥଚ ଏହା ନିଜ ମଧ୍ୟରେ ବିଷୟଗୁଡ଼ିକର ସେହି ସ୍ପଷ୍ଟ ପ୍ରତିବୋଧକୁ ଧାରଣ କରୁଥାଏ ଯାହା ଭିତରେ ଥାଏ ସେହି ବିଷୟଗୁଡ଼ିକର ଅଙ୍ଗଭଙ୍ଗି ତଥା ସେଗୁଡ଼ିକର ସହଚାରୀ ବିଷୟରାଜି । ସେହି କାରଣରୁ ସେ 'ବିପଶ୍ଚିତ୍', ଅର୍ଥାତ୍ ଯିଏ ନିଜ ଅବବୋଧରେ ସ୍ପଷ୍ଟ । ମନୁଷ୍ୟ ଏହି ସୌର-ପ୍ରକାଶର କିଛି ମାତ୍ର ଅଂଶକୁ ପ୍ରାପ୍ତ କରିବା ସଙ୍ଗେ ସଙ୍ଗେ ତା' ନିଜ ମଧ୍ୟରେ ଅବସ୍ଥିତ ଦିବ୍ୟ-ସୂର୍ଯ୍ୟଙ୍କର ସଚେତନ ସ୍ଥିତି ସହିତ ନିଜ ସମଗ୍ର ମନୋଭାବ ତଥା ଏହାର ଚିତ୍ତବୃତ୍ତିର ସମ୍ବନ୍ଧକୁ ସଂଯୋଜିତ କରିଦେବାକୁ ପ୍ରୟାସ କରିଥାଏ । କହିବାର ଏହି ଅଭିପ୍ରାୟ ଯେ, ସୂକ୍ତର ତଥ୍ୟ ଅନୁଯାୟୀ, ସେମାନେ ନିଜର ଯାବତୀୟ ଧୂମାଚ୍ଛନ୍ନ ମାନସିକ ଅବସ୍ଥା ଏବଂ ସେମାନଙ୍କର ସକଳ ଭ୍ରାନ୍ତ ବିଚାରକୁ ନିଜ ମଧ୍ୟରେ ଅଭିବ୍ୟକ୍ତ ଏହି ଆଲୋକ ସହିତ ନିୟୋଜିତ କରି ଦିଅନ୍ତି ଯାହା ଫଳରେ ମାନସିକ ଅସ୍ପଷ୍ଟତା ସ୍ପଷ୍ଟ ହୋଇଯିବ ଏବଂ ବିଚାରର ଭ୍ରାନ୍ତିଗୁଡ଼ିକ ସେହି ସତ୍ୟରୂପେ ବଦଳିଯିବ ଯାହାକୁ ସେଗୁଡ଼ିକ ବିକୃତରୂପେ ଉପସ୍ଥାପନ କରୁଛନ୍ତି । ସୂକ୍ତରେ କଥିତ ''ୟୁଞ୍ଜତେ'', 'ଯୋଡ଼ିଯିବା' ବନିଯାଏ 'ଯୋଗ' । ଯିଏ ଜ୍ଞାନଦୀପ୍ତ (ବିପଶ୍ଚିତ୍), ଯିଏ ବୃହତ୍, ଯିଏ ସ୍ପଷ୍ଟ ଜ୍ଞାତା (ବିପ୍ର) ସେହି ସବିତାଙ୍କ ସହିତ ''ସେମାନେ ନିଜ ମନକୁ ସଂଯୋଜିତ କରନ୍ତି, ସେମାନେ ନିଜ ବିଚାରକୁ ସଂଯୋଜିତ କରନ୍ତି (ଅର୍ଥାତ୍, ଯାହା ଦ୍ୱାରା ସେମାନେ ତାଙ୍କର ଏକ ଅଙ୍ଗ ହୋଇଯିବେ ଅଥବା ତାଙ୍କ ସହ ସମ୍ବନ୍ଧିତ ହୋଇଯିବେ ।''

ତା'ପରେ ଏହି ସତ୍ୟାଧିପତି ନିଜ ପ୍ରତି ଆହୂତ ସମସ୍ତ ମାନବୀୟ ଶକ୍ତିକୁ 'ସତ୍ୟ'ର ଧର୍ମରେ ସୁବ୍ୟବସ୍ଥିତ କରନ୍ତି; କାରଣ ସେ ମାନବ ମଧ୍ୟରେ ଏକମାତ୍ର ସର୍ବାଧିକାରସମ୍ପନ୍ନ

ଦିବ୍ୟଶକ୍ତିରେ ପରିଣତ ହୁଅନ୍ତି ଯିଏ ସକଳ ଜ୍ଞାନ ଓ କର୍ମ ଉପରେ ରାଜତ୍ୱ କରୁଛନ୍ତି । ବିରୋଧୀ ତତ୍ତ୍ୱଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ପ୍ରତିହତ ନ ହୋଇ ସେ ନିଜ ରାଜତ୍ୱକୁ ପୂର୍ଣ୍ଣରୂପେ ସଂଚାଳିତ କରନ୍ତି; କାରଣ ସେ ସମଗ୍ର ବ୍ୟକ୍ତଜଗତକୁ ଜାଣନ୍ତି, ସେସବୁର କାରଣତତ୍ତ୍ୱକୁ ଜାଣନ୍ତି, ସେଗୁଡ଼ିକର ବିଧାନ ଓ ବିଧିକୁ ସେ ବହନ କରନ୍ତି, ସେଗୁଡ଼ିକର ଉଚିତ ପରିଣାମଗୁଡ଼ିକୁ ଆସିବାକୁ ସେ ବାଧ କରନ୍ତି । ମାନବ ମଧ୍ୟରେ ସପ୍ତ 'ହୋତ୍ର' (**ଯଜ୍ଞୀୟ ଶକ୍ତି**) ରହିଛି, ତା'ର ଆଧ୍ୟାତ୍ମିକ ଜୀବନରେ ଏହି ସପ୍ତ ହୋତ୍ରର ପ୍ରତ୍ୟେକ ଅଂଶ ଅନ୍ୟଟି ସହିତ ସଂଯୁକ୍ତ – ଦେହ (ଜଡ଼), ଜୀବନ (ପ୍ରାଣ), ମନ, ବିଜ୍ଞାନ, ଆନନ୍ଦ, ଇଚ୍ଛା ଏବଂ ଶେଷରେ ମୂଳସତ୍ତା । ମନୋଜଗତରେ ଜ୍ଞାନର ଅସ୍ପଷ୍ଟତା ଥିଲେ ଏବଂ ତାହାକୁ ବଜାୟ ରଖିଲେ ଏହି ସଂଯୋଗରେ ଅନିୟମିତ କ୍ରିୟା ହୁଏ ଏବଂ ସମ୍ବନ୍ଧରେ ଦୋଷ ଦେଖା ଦିଏ, ଏହାହିଁ ମାନବର ସମସ୍ତ ସ୍ଖଳନ ତଥା ଦୁଃଖର କାରଣ, ସମସ୍ତ ଅମଙ୍ଗଳ କର୍ମ ତଥା ଅମଙ୍ଗଳ ଅବସ୍ଥାର କାରଣ । ସତ୍ୟର ଅଧିପତି 'ସୂର୍ଯ୍ୟ' ଯଜ୍ଞସ୍ଥଳରେ ସେହି ସପ୍ତହୋତ୍ରର ପ୍ରତ୍ୟେକକୁ ଠିକ୍ ସ୍ଥାନରେ ଆଣି ରଖନ୍ତି । ''କାର୍ଯ୍ୟ-କାରଣମୟ ଜଗତର ବେତ୍ତା ସେ ଯଜ୍ଞୀୟ ଶକ୍ତିଗଣଙ୍କୁ ସୁସଂସ୍ଥାପିତ କରନ୍ତି ।'' (**ବି ହୋତ୍ରା ଦଧେ ବୟୁନବିତ୍ ଏକମ୍**)

ମନୁଷ୍ୟ ଏହିଭାବେ ଏହି ଦିବ୍ୟସ୍ରଷ୍ଟାଙ୍କର ବିଶାଳ ତଥା ସର୍ବବ୍ୟାପକ ସ୍ତୁତିରେ ଯାଇ ଉପନୀତ ହୁଏ ଯାହା ତା' ନିଜ ମଧ୍ୟରେ ଅବସ୍ଥିତ । ଏହି ଋଚାରେ ଥିବା ସୂଚନା ଏହି ପ୍ରକାର, ଏବଂ ଏହାର ପର ଋଚାରେ ଅଧିକ ସ୍ପଷ୍ଟ ସୂଚନା ରହିଛି ଯେ ଏହାର ପରିଣାମରେ ଆସେ ମାନବର ସମଗ୍ର ସତ୍ତାର ଏହି ଜଗତର ଏକ ଯଥାଯଥ ତଥା ଶୁଭ ସଂରଚନା – କାରଣ, ଏହି ସମଗ୍ର ଇହଜୀବନ ହେଉଛି ନିରନ୍ତର ବିସୃଜନ । ''ଦିବ୍ୟ ସ୍ରଷ୍ଟୃ ସ୍ୱରୂପ ସେହି ସବିତାଙ୍କର ସର୍ବବସ୍ତୁରେ ବ୍ୟାପ୍ତି ମହାନ୍ ଅଟେ ।'' (**ଦେବସ୍ୟ ସବିତୁଃ ପରିଷ୍ଟୁତିଃ ମହୀ ଇତ୍ ।**) (ମନ୍ତ୍ର - ୧)

'ସୂର୍ଯ୍ୟ' ଦ୍ରଷ୍ଟା, ସତ୍ୟ ପ୍ରକଟନକାରୀ । ତାଙ୍କ 'ସତ୍ୟ' ସ୍ୱକୀୟ ପ୍ରକାଶରେ ବହନ କରିଥାଏ ସମସ୍ତ ଆକାରର ବସ୍ତୁକୁ, ଆମ ଜଗତର ଅଂଶୀଭୂତ ସମସ୍ତ ସାଂସାରିକ ବିଷୟ ଏବଂ ଅନୁଭୂତିକୁ, ଆମ ଅନ୍ତଃ ଓ ବାହ୍ୟ ବିଶ୍ୱଚେତନାର ସମସ୍ତ ପ୍ରକାର ଚିତ୍-ଆକାରକୁ । ଏହା ପ୍ରକଟ କରେ ସେଗୁଡ଼ିକର ଅନ୍ତର୍ଗତ ସତ୍ୟକୁ, ସେଗୁଡ଼ିକର ବୋଧକୁ, ସେଗୁଡ଼ିକର ଉଦ୍ଦେଶ୍ୟକୁ, ସେଗୁଡ଼ିକର ଔଚିତ୍ୟ ତଥା ଯଥାର୍ଥ ବ୍ୟବହାରକୁ । ଯଜ୍ଞଗୁଡ଼ିକର ଶକ୍ତିକୁ ଠିକ୍‌ଭାବେ ବ୍ୟବସ୍ଥାପିତ କରି ଆମ ସମଗ୍ର ଜୀବନର ଧର୍ମ ସ୍ୱରୂପ ଏହି ସତ୍ୟ 'ଭଦ୍ର' ଉତ୍ପାଦନ କରିଥାଏ । କାରଣ, ପ୍ରତ୍ୟେକ ଜିନିଷ ତିଷ୍ଠି ରହିବା ପଛରେ ଏକ ଯୁକ୍ତିସଂଗତ କାରଣ ଥାଏ, ସେଗୁଡ଼ିକର ସାଧୁ ଉପଯୋଗ ଏବଂ ସେଗୁଡ଼ିକର ଉଚିତ ଭୋଗ ସନ୍ନିହିତ ଥାଏ । ସେଗୁଡ଼ିକର ଅନ୍ତଃସତ୍ୟଟି ଆବିଷ୍କୃତ ହୋଇ ବିନିଯୁକ୍ତ ହେଲେ ସକଳ ବସ୍ତୁ ବ୍ୟକ୍ତି-

ଆତ୍ମା ନିମନ୍ତେ ଶୁଭ ଫଳଦାୟକ ହୋଇଥା'ନ୍ତି, ଏହାର କଲ୍ୟାଣ ଅଭିବୃଦ୍ଧି ଘଟାଇଥା'ନ୍ତି, ପରମସୁଖର ବିସ୍ତାର କରିଥା'ନ୍ତି । ଏହି ଦିବ୍ୟ-କ୍ରାନ୍ତି ଉଭୟ କ୍ଷେତ୍ରରେ ପ୍ରଭାବଜ ହୋଇଥାଏ – ନିମ୍ନତର ଭୌତିକ ଜୀବନ କ୍ଷେତ୍ରରେ ଏବଂ ଅଧିକ ଭାବେ ପୂରିଉଠିଥିବା ଆନ୍ତର ଜୀବନରେ, ଏହାହିଁ ଅଭିବ୍ୟକ୍ତି ଘଟାଇବା ନିମନ୍ତେ ଦେହର ବିନିଯୋଗ କରିଥାଏ । ''ସେହି ଦ୍ରଷ୍ଟା ସକଳ ରୂପକୁ ଧାରଣ କରନ୍ତି ଏବଂ ସେଥି ମଧ୍ୟରୁ ସେ ଦ୍ୱିପଦ ଓ ଚତୁଷ୍ପଦ ସତ୍ତା ନିମନ୍ତେ ଶୁଭ ସୃଜନ କରନ୍ତି । (**ଜବିଃ ବିଶ୍ୱା ରୂପାଣି ପ୍ରତି ମୁଞ୍ଚତେ, ଦ୍ୱିପଦେ ଚତୁଷ୍ପଦେ[୪] ଭଦ୍ରଂ ପ୍ରାସାବୀତ୍ ।**)

ସୂକ୍ତର ଅବଶିଷ୍ଟ ଭାଗରେ ନବ ସୃଷ୍ଟି ରଚନାର ପଦ୍ଧତି ବର୍ଣ୍ଣିତ ହୋଇଛି । ସ୍ରଷ୍ଟା ରୂପରେ, ପରମ ବରେଣ୍ୟ ରୂପରେ ସୂର୍ଯ୍ୟ ଆମ ମାନବ ଚେତନାରେ ଏହାର ସଂଗୁପ୍ତ ସ୍ୱର୍ଗୀୟ ଶିଖରଗୁଡ଼ିକୁ ଶୁଦ୍ଧ ମାନସିକ ସ୍ତରଗୁଡ଼ିକରେ ଅଭିବ୍ୟକ୍ତ କରି ଦିଅନ୍ତି, ଏଣୁ ଆମର ଦୈହିକ ଚେତନା ରୂପକ ପୃଥିବୀରୁ ଆମେ ଉପରକୁ ଦେଖିବାକୁ ସମର୍ଥ ହେଉ ଏବଂ 'ଅଜ୍ଞାନ' ରୂପକ ରାତ୍ରିର ସକଳ ଅସ୍ପଷ୍ଟତାରୁ ମୁକ୍ତ ହେଉ । ପ୍ରାକୃତିକ ସୂର୍ଯ୍ୟଙ୍କ ଭଳି ସେ ଆମ ସତ୍ତାର ସମସ୍ତ ପ୍ରଦେଶକୁ ଆଲୋକିତ କରି କରି 'ଉଷା'ଦେବୀଙ୍କର ଯାତ୍ରାକୁ ଅନୁସରଣ କରନ୍ତି ଏବଂ ଆମ ସତ୍ତା ଉପରେ ତାଙ୍କ କିରଣ ପ୍ରତିଫଳିତ ହୁଏ; କାରଣ ଜୀବନର ନିମ୍ନ ଭୂମିରେ ସ୍ୱୟଂ 'ସତ୍ୟ' ବା ଅତିମାନସିକ ବିଧାନ ସ୍ୱାଧିକାର ଗ୍ରହଣ କରିବା ପୂର୍ବରୁ ମାନସିକ ଜ୍ଞାନୋଜ୍ଜ୍ୱଳତା ସର୍ବୁବେଳେ ଏକ ପ୍ରାରମ୍ଭିକ ଆବଶ୍ୟକତା ହୋଇ ରହିଥାଏ । ''ସେ ସ୍ରଷ୍ଟା, ସେ ପରମ ବରଣୀୟ, ସେ ସମଗ୍ର ସ୍ୱର୍ଗକୁ ବ୍ୟାପ୍ତ କରୁଛନ୍ତି 'ଉଷା'ଙ୍କ ପ୍ରଗତିର ଯାତ୍ରାକୁ ଅନୁସରଣ ପୂର୍ବକ (ଅଥବା ତାଙ୍କ ପ୍ରୟାଣ ଅନୁସାରେ) ସେ ବିରାଜିତ ହେଉଛନ୍ତି ।'' (**ବି ନାକମ୍ ଅଖ୍ୟତ୍ ସବିତା ବରେଣ୍ୟଃ, ଅନୁ ପ୍ରଯାଣମ୍ ଉଷସୋ ବିରାଜତି ।**) (ମନ୍ତ୍ର - ୨)

ଅନ୍ୟ ସର୍ବଦେବ 'ସୂର୍ଯ୍ୟ'ଙ୍କର ଏହି ଗତି ସଞ୍ଚାରର ଅନୁଗମନ କରନ୍ତି ଏବଂ ତାଙ୍କରି ଜ୍ୟୋତିଃର ଶକ୍ତି ଦ୍ୱାରା ସେମାନେ ତାଙ୍କରି ବିଶାଳତାକୁ ପ୍ରାପ୍ତ କରନ୍ତି । ଏହାର ଅର୍ଥ ହେଲା, ମନୁଷ୍ୟ ମଧ୍ୟରେ ନିହିତ ଅନ୍ୟ ସମସ୍ତ ଦିବ୍ୟପ୍ରତିଭା ଅଥବା ସମ୍ଭାବନା ତା'ର ଅନ୍ତଃସ୍ଥ 'ସତ୍ୟ' ଓ 'ଜ୍ୟୋତିଃ'ର ପ୍ରସାରତା ଅନୁଯାୟୀ ପ୍ରସାରିତ ହୋଇଥାଏ; ସୁକଳ୍ପିତ ମାନସୋତ୍ତର ବିଜ୍ଞାନ ବଳରେ ସେମାନେ ପ୍ରାପ୍ତ ହୁଅନ୍ତି ଯଥାର୍ଥ ସମ୍ବୃତିର, ଉଚିତ କର୍ମଧାରାର, ଉଚିତ ଜ୍ଞାନର ସେହି ସମାନ ଅନନ୍ତ ବ୍ୟାପକତାକୁ । 'ସତ୍ୟ' ନିଜ ବିଶାଳତା ମଧ୍ୟରେ ସବୁକିଛିକୁ ଅନନ୍ତ ଓ ବିଶ୍ୱଗତ 'ଜୀବନ'ର ଧାରା ରୂପେ ଗଢ଼ି ତୋଳିଥାଏ,

---

୪ ''ଦ୍ୱିପଦ'' ଓ ''ଚତୁଷ୍ପଦ'' ଶବ୍ଦ ଦ୍ୱୟର ବ୍ୟାଖ୍ୟା ଅନ୍ୟ ପ୍ରକାରେ କରାଯାଇପାରେ । ତାହା କଲେ ଏଠାରେ ଲେଖାଟି ଏକ ବୃହତ୍ ସ୍ଥାନ ଅଧିକାର କରିବ ।

ସୀମିତ ବ୍ୟକ୍ତିଗତ ଜୀବନକୁ ଏହି ତତ୍ତ୍ୱରେ ବଦଳେଇ ଦେଇଥାଏ, ସବିତା ରୂପେ ସେ ଯେଉଁ ଭୌତିକ ଚେତନାର ଲୋକଗୁଡ଼ିକୁ ରଚନା କରିଥିଲେ ସେଗୁଡ଼ିକୁ ତଦନ୍ତର୍ଗତ ଯଥାର୍ଥ ସତ୍ତାର ଧର୍ମରେ ବ୍ୟବସ୍ଥାପିତ କରିଥାଏ । ଆମ ମଧ୍ୟରେ ଏହା ବି ଏକ ସୃଷ୍ଟି, ଯଥାର୍ଥରେ କହିଲେ ଯଦିଓ ସମ୍ଭାବନା ରୂପେ ଯାହା ପୂର୍ବରୁ ବିଦ୍ୟମାନ ଥିଲା କିନ୍ତୁ ଅଜ୍ଞାନାନ୍ଧକାରରେ ଆଚ୍ଛନ୍ନ ହୋଇ ରହିଥିଲା ତାହାକୁ ଏହା ଅଭିବ୍ୟକ୍ତ କରେ, – ଠିକ୍ ଯେପରି ଏହି ଭୌତିକ ପଥିବୀର ଲୋକଗୁଡ଼ିକ ଅନ୍ଧକାର ଦ୍ୱାରା ଆମ ଆଖି ଆଗରେ ପ୍ରଚ୍ଛନ୍ନ ହୋଇଯାଏ, କିନ୍ତୁ ସୂର୍ଯ୍ୟ 'ଉଷା'ର ଅନୁଯାତ୍ରିକ ହୋଇ ଯେତେବେଳେ ଆଗେଇ ଚାଲନ୍ତି, ସେତେବେଳେ ଗୋଟି ଗୋଟି କରି ସମସ୍ତଙ୍କୁ ମାପି ଦୃଷ୍ଟି ସମ୍ମୁଖକୁ ଆଣିଥା'ନ୍ତି । ''ସେହି ଯାତ୍ରା-କ୍ରମଗୁଡ଼ିକୁ ଅନୁସରଣ କରି କରି ଅନ୍ୟ ଦେବତାଗଣ ତାଙ୍କରି ଶକ୍ତି ସାହାଯ୍ୟରେ ତାଙ୍କ ଦିବ୍ୟତ୍ୱର ବ୍ୟାପକତାରେ ଯାଇ ପହଞ୍ଚିଥା'ନ୍ତି – ସେହି ଜ୍ୟୋତିର୍ମୟ ସବିତୃଦେବ ନିଜର ମହତ୍ତା ବଳରେ ଆଲୋକର ଏହି ପାର୍ଥିବ ଲୋକକୁ ପୂର୍ଣ୍ଣ ରୂପେ ପରିମାପିତ କରିଥା'ନ୍ତି ।''

(ମନ୍ତ୍ର - ୩)

କିନ୍ତୁ 'ଦିବ୍ୟସତ୍ୟ' ଯେ କେବଳ ଆମର ଦୈହିକ ବା ପାର୍ଥିବ ଚେତନାର ପରିପୂର୍ଣ୍ଣ ସାମର୍ଥ୍ୟ ପର୍ଯ୍ୟନ୍ତ ପ୍ରଭାସିତ କରୁଛି ଏବଂ ନିଜ ପୂର୍ଣ୍ଣାଙ୍ଗ କ୍ରିୟା ନିମନ୍ତେ ତାହାକୁ ଗଠନ କରୁଛି ତାହା ନୁହେଁ । ବିଶୁଦ୍ଧ ମନର ତ୍ରି-ଭୁବନକୁ (ତ୍ରୀଣି ରୋଚନା) ଏହା ପରିବ୍ୟାପ୍ତ ହୋଇଯାଏ; ସମ୍ବେଦନା ଓ ଭାବାବେଗଗୁଡ଼ିକର, ବୁଦ୍ଧିର ଏବଂ ବୋଧିସମ୍ପନ୍ନ ବିବେଚନାର ଯେତେସବୁ ଦିବ୍ୟସମ୍ଭାବନା ରହିଛି ତା' ସହ ଆମକୁ ସମ୍ପର୍କିତ କରିଥାଏ ଏବଂ ଉଚ୍ଚତର ମାନସିକ ଶକ୍ତିଗୁଡ଼ିକୁ ସୀମିତତାରୁ ଏବଂ ପାର୍ଥିବ ଜଗତ୍ ସହିତ ଏହାର ଅବିରତ ସମ୍ପର୍କରୁ ମୁକ୍ତ କରି ଆମର ସମଗ୍ର ମାନସିକ ସତ୍ତାକୁ ଏହା ପୂର୍ଣ୍ଣତା ପ୍ରଦାନ କରିଥାଏ । ଏହାର କ୍ରିୟାବଳି ସେମାନଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ସମ୍ଭବ କରାଏ; ସୂର୍ଯ୍ୟଙ୍କ କିରଣରାଜି ଦ୍ୱାରା ଅର୍ଥାତ୍ ଆମ ମଧ୍ୟରେ ଅଭିବ୍ୟକ୍ତ ହୋଇଥିବା ଦିବ୍ୟ-ଅତିମାନସର ପ୍ରଭାରାଜି ଦ୍ୱାରା ସେହି ମାନସିକ ଶକ୍ତିଗଣ ପୂର୍ଣ୍ଣ 'ସତ୍ୟ'ର ଜୀବନରେ ଆସି ଏକତ୍ରିତ ହୁଅନ୍ତି । ''ଆହୁରି ମଧ୍ୟ, ହେ ସବିତଃ ! ତୁମେ ଭାସ୍ୱର ତ୍ରିଲୋକକୁ ଯାତ୍ରା କର, ଏବଂ 'ସୂର୍ଯ୍ୟ'ଙ୍କ କିରଣମାଳା ଦ୍ୱାରା ତୁମେ ପୂର୍ଣ୍ଣ ରୂପେ ନିଜକୁ ବ୍ୟକ୍ତ କରିଥାଅ (ଅଥବା, କିରଣଗୁଡ଼ିକ ଦ୍ୱାରା ତୁମେ ଏକତ୍ର ସ୍ଥାପିତ ହୋଇଛ) ।'' (**ଉତ ୟାସି ସବିତଃ ତ୍ରୀଣି ରୋଚନା, ଉତ ସୂର୍ୟସ୍ୟ ରଶ୍ମିଭିଃ ସମୁଚ୍ୟସି ।**)

ତା'ପରେ ଅମୃତତ୍ୱର ଉଚ୍ଚତର ରାଜ୍ୟ ସଚ୍ଚିଦାନନ୍ଦ ବ୍ୟକ୍ତ ହୋଇ ଇହଲୋକରେ ସମ୍ୟକ୍ ପ୍ରଭାସ୍ୱର ହୋଇଉଠନ୍ତି । ଅତିମାନସର ଆଲୋକରେ ଉର୍ଦ୍ଧ୍ୱଲୋକ ଓ ନିମ୍ନଲୋକ ମଧ୍ୟରେ ଥିବା ବିରୋଧର ସମାଧାନ ଘଟେ । ଆମ ସମଗ୍ର ସତ୍ତାର ଉଭୟ ପାର୍ଶ୍ୱସ୍ଥ ଅଜ୍ଞାନତା,

ବର୍ତ୍ତମାନ ଅବସ୍ଥା ଉପରେ ଯେପରି ହେଉଛି ସେତିକିମାତ୍ର ନୁହେଁ, ପ୍ରକାଶମୟ ହୋଇଉଠେ । ଏହି ଉଚ୍ଚତର ରାଜ୍ୟ 'ଆନନ୍ଦ'ର ଧର୍ମରେ ସ୍ୱାଭିବ୍ୟକ୍ତିର ସହ ବିଦ୍ୟମାନ ଯାହା ଆମ ପାଇଁ 'ପ୍ରେମ' ଓ 'ଜ୍ୟୋତିଃ'ର ତତ୍ତ୍ୱ, 'ମିତ୍ର' ଦେବ ଯାହାର ପ୍ରତିନିଧିତ୍ୱ କରନ୍ତି । 'ସତ୍ୟ'ର ଅଧିଷ୍ଠାତୃ-ଦେବତା ନିଜକୁ ପୂର୍ଣ୍ଣ ଦେବତ୍ୱରେ ପ୍ରକଟ କଲାବେଳେ ଆନନ୍ଦର ଦେବ ହୋଇ ଯାଆନ୍ତି । ତାଙ୍କ ଅସ୍ତିତ୍ୱର ଧର୍ମ, ଯେଉଁ ବିଧାନ ତାଙ୍କର କାର୍ଯ୍ୟକଳାପକୁ ପରିଚାଳିତ କରେ, ଦୃଶ୍ୟତଃ ତାହା ହେଉଛି ପ୍ରେମ; କାରଣ ଜ୍ଞାନ ଓ କର୍ମକୁ ଯଦି ଠିକ୍ ଧାରାରେ ବ୍ୟବସ୍ଥାପିତ କରାଯାଏ ତେବେ ଏହି ଲୋକରେ ସବୁକିଛି ମଙ୍ଗଳ, ସମୃଦ୍ଧି ଓ ଆନନ୍ଦରେ ପରିବର୍ତ୍ତିତ ହୋଇଯିବ । ''ହେ ପ୍ରଭୋ, ତୁମେ ଆହୁରି ମଧ୍ୟ 'ରାତ୍ରି'କୁ ଉଭୟ ପାର୍ଶ୍ୱରୁ ଘେରି ରହିଛ ଏବଂ ତୁମ କର୍ମର ବିଧାନ ଅନୁସାରେ ତୁମେ 'ମିତ୍ର' ଦେବ ବନିଯାଇଛ ।''
(ମନ୍ତ୍ର-୪)

ପରିଶେଷରେ ଭଗବତ୍ ଅସ୍ତିତ୍ୱର 'ସତ୍ୟ' ଆମ ମଧ୍ୟରେ ବିଶ୍ୱଗତ ସକଳ ସୃଷ୍ଟିର ଏକମାତ୍ର ଈଶ୍ୱର ହୋଇଥା'ନ୍ତି; ଏବଂ ତାଙ୍କର ସତତ ଅଭ୍ୟାଗମନ ଦ୍ୱାରା ଅଥବା ତାଙ୍କର ନିରବଚ୍ଛିନ୍ନ ପ୍ରଗତି ଦ୍ୱାରା ଯିଏ ସ୍ରଷ୍ଟା ଥିଲେ ସେ ପୋଷକ ବନିଥା'ନ୍ତି, 'ସବିତା' ବନିଯାଆନ୍ତି 'ପୂଷା' । ନିଜର ଅବିରତ ପ୍ରଗତିଶୀଳ ସୃଷ୍ଟି ଦ୍ୱାରା ସେ ଆମକୁ ସେପର୍ଯ୍ୟନ୍ତ ଶକ୍ତି ଓ ଜ୍ଞାନରେ ସମୃଦ୍ଧ କରିଚାଲନ୍ତି ଯେପର୍ଯ୍ୟନ୍ତ ଆମ ସୃଷ୍ଟିର ସମଗ୍ର ଜଗତକୁ ସେ ପ୍ରତ୍ୟୁତ୍ତର ନ କରିଛନ୍ତି । ବୃଦ୍ଧିପ୍ରାପ୍ତ ହୋଇ ଆମେ ପୂର୍ଣ୍ଣ, ବୈଶ୍ୱ ଓ ଅନନ୍ତ ହୋଇ ଥାଉଁ । ଏହି ଭାବେ ଅତ୍ରିସୁତ 'ଶ୍ୟାବାଶ୍ୱ' ନିଜ ସତ୍ତାରେ ସବିତାଙ୍କୁ ଉଭାସକ ସତ୍ୟ ତଥା ସୃଜନଶୀଳ, ପ୍ରଗତିଶୀଳ ମନୁଷ୍ୟର ପୋଷକ ରୂପେ ସ୍ତୁତି କରିବାରେ ସଫଳ ହୋଇଥିଲେ – ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ନିଜକୁ ଅହଂର ସୀମିତତାରୁ ମୁକ୍ତ କରି ବିଶ୍ୱାତ୍ମକତାରେ, ସାନ୍ତତାରୁ ମୁକ୍ତ କରି ଅନନ୍ତତାରେ ଉପନୀତ କରାଇ ପାରିଛନ୍ତି । ''ଆହୁରି ମଧ୍ୟ, ସୃଜନର ଏକମାତ୍ର ଶକ୍ତି; ହେ ଦେବ ! ତୁମର ଗମନାଗମନ ଦ୍ୱାରା ତୁମେ ହୋଇଥାଅ ଆମର ପୋଷକ; ଏହି ସମଗ୍ର ଜଗତକୁ (ଆକ୍ଷରିକ ଅର୍ଥରେ – ସମ୍ଭୂତିକୁ) ତୁମେ ପୂର୍ଣ୍ଣରୂପେ ଜ୍ୟୋତିଷ୍ମାନ୍ କର । ହେ ସବିତଃ ! ଶ୍ୟାବାଶ୍ୱ ତୁମ ସ୍ତୁତିକୁ ପ୍ରାପ୍ତ ହେବାରେ ସଫଳ ହୋଇଛନ୍ତି ।'' (ମନ୍ତ୍ର-୫)

ଅଧ୍ୟାୟ – ୬

ଦିବ୍ୟ ଉଷା

(ଋଗ୍‌ବେଦ : ମଣ୍ଡଳ-୩, ସୂକ୍ତ : ୬୧, ଋଷି : ବିଶ୍ୱାମିତ୍ର)

ଉଷୋ ବାଜେନ ବାଜିନି ପ୍ରଚେତାଃ
ସ୍ତୋମଂ ଜୁଷସ୍ୱ ଗୃଣତୋ ମଘୋନି ।
ପୁରାଣୀ ଦେବି ଯୁବତିଃ ପୁରନ୍ଧି-
ରନୁ ବ୍ରତଂ ଚରସି ବିଶ୍ୱବାରେ ॥୧॥

ଅର୍ଥ (ଅନ୍ୱୟ ସହ) : ହେ ଉଷା [ଉଷଃ], ସାରତତ୍ତ୍ୱରେ ସମୃଦ୍ଧା [ବାଜେନ ବାଜିନି], ତୁମକୁ ବ୍ୟକ୍ତ କରୁଥିବା ବ୍ୟକ୍ତିର ସ୍ତୁତି ସହ [ସ୍ତୋମମ୍], ତୁମେ ସଚେତନଭାବେ [ପ୍ରଚେତାଃ] ସନ୍ନିହିତ ହୋଇ ରୁହ [ଜୁଷସ୍ୱ], ହେ ସମୃଦ୍ଧିମତି [ମଘୋନି], ହେ ଦେବି [ଦେବି] ! ତୁମେ ପୁରାତନୀ ହୋଇ ମଧ୍ୟ ଚିର ଯୁବତୀ [ପୁରାଣୀ ଯୁବତିଃ], ବହୁମୁଖୀ ଧୀ-ଧାରିଣୀ [ପୁରନ୍ଧିଃ], ତୁମ ବ୍ରତ (କର୍ମର ବିଧାନ)କୁ ଅନୁସରଣ ପୂର୍ବକ ତୁମେ ଗତି କରୁଛ [ବ୍ରତମ୍ ଅନୁ ଚରସି], ହେ ସକଳ ବରବାହିନି [ବିଶ୍ୱବାରେ] !

ଉଷୋ ଦେବ୍ୟମର୍ତ୍ୟା ବି ଭାହି
ଚନ୍ଦ୍ରରଥା ସୂନୃତା ଈରୟନ୍ତୀ ।
ଆ ତ୍ୱା ବହନ୍ତୁ ସୁୟମାସୋ ଅଶ୍ୱା
ହିରଣ୍ୟବର୍ଣାଂ ପୃଥୁପାଜସୋ ଯେ ॥୨॥

ଅର୍ଥ (ଅନ୍ୱୟ ସହ) : ହେ ଦିବ୍ୟ ଉଷା [ଦେବି ଉଷଃ] ! ଆନନ୍ଦର ରଥରେ ତୁମେ ଅମର୍ତ୍ତ୍ୟରୂପେ ଦେଦୀପ୍ୟମାନା [ଚନ୍ଦ୍ରରଥା ଅମର୍ତ୍ତ୍ୟା], 'ସତ୍ୟ'ର ପ୍ରିୟ ବାକ୍ୟକୁ ପ୍ରକ୍ଷେପ କରି କରି [ସୂନୃତା ଈରୟନ୍ତୀ] ତୁମେ ବିଭାସିତ ହୁଅ [ବି ଭାହି] । ସୁଶାସିତ ଅଶ୍ୱଗଣ [ସୁୟମାସଃ ଅଶ୍ୱାଃ] ତୁମକୁ ଏଠାକୁ ବହନ କରିଆଣନ୍ତୁ [ତ୍ୱା ଆ ବହନ୍ତୁ] ଯେଉଁମାନେ କି [ଯେ] ସ୍ୱର୍ଣ୍ଣବର୍ଣ୍ଣ [ହିରଣ୍ୟବର୍ଣାମ୍] ଏବଂ ବ୍ୟାପକ ବଳଯୁକ୍ତ [ପୃଥୁପାଜସଃ] ।

ଉଷଃ ପ୍ରତୀଚୀ ଭୁବନାନି ବିଶ୍ୱୋ-
ର୍ଧ୍ୱା ତିଷ୍ଠସ୍ୟମୃତସ୍ୟ କେତୁଃ ।
ସମାନମର୍ଥଂ ଚରଣୀୟମାନା
ଚକ୍ରମିବ ନବ୍ୟସ୍ୟା ବବୃତ୍ସ୍ୱ ॥୩॥

ଅର୍ଥ (ଅନ୍ୱୟ ସହ) : ହେ ଉଷା [ଉଷଃ], ସକଳ ଭୁବନର ସମ୍ମୁଖୀନ ହେବା ସହ [ବିଶ୍ୱା ଭୁବନାନି ପ୍ରତୀଚୀ] ତୁମେ ଊର୍ଦ୍ଧ୍ୱସ୍ଥା ହୋଇ ବିଦ୍ୟମାନା [ଊର୍ଧ୍ୱା ତିଷ୍ଠସି] ଏବଂ ତୁମେ ସେମାନଙ୍କର 'ଅମୃତତ୍ୱ'ର ବୋଧ ସ୍ୱରୂପା [ଅମୃତସ୍ୟ କେତୁଃ]; ସମାନ କ୍ଷେତ୍ରରେ ବିଚରଣଶୀଳା [ସମାନମ୍ ଅର୍ଥଂ ଚରଣୀୟମାନା], ହେ ନବୀନ ଦିବା [ନବ୍ୟସି] ! ତୁମେ ଚକ୍ର ଭଳି [ଚକ୍ରମ୍ ଇବ] ସେମାନଙ୍କ ଉପରେ ଗତି କରି ଚାଲ [ଆ ବବୃତ୍ସ୍ୱ]।

ଅବ ସ୍ୟୂମେବ ଚିନ୍ୱତୀ ମଘୋନ୍ୟୁ-
ଷା ୟାତି ସ୍ୱସରସ୍ୟ ପତ୍ନୀ ।
ସ୍ୱର୍ଜନନ୍ତୀ ସୁଭଗା ସୁଦଂସା
ଆନ୍ତାଦ୍ଦିବଃ ପପ୍ରଥ ଆ ପୃଥିବ୍ୟାଃ ॥୪॥

ଅର୍ଥ (ଅନ୍ୱୟ ସହ) : ପ୍ରାଚୁର୍ଯ୍ୟମୟୀ ଉଷା [ମଘୋନୀ ଉଷାଃ] ସିଲାଇ ହୋଇଥିବା ନିଜ ବସ୍ତ୍ରରୁ ବିଚ୍ୟୁତ ହୋଇ ଯାଇଥିବା ଜଣେ ବ୍ୟକ୍ତି ପରି [ସ୍ୟୂମ ଅବ ଚିନ୍ୱନ୍ତୀ ଇବ] ଯାତ୍ରା କରୁଛନ୍ତି [ୟାତି], ସେ ହେଉଛନ୍ତି ଆନନ୍ଦର ବଧୂ [ସ୍ୱସରସ୍ୟ ପତ୍ନୀ]; 'ସ୍ୱର୍'କୁ ଜନ୍ମ ଦେଉଥିବା [ସ୍ୱର୍ଜନନ୍ତୀ], ନିଜ କର୍ମରେ ଯେ ପୂର୍ଣ୍ଣ କର୍ମ-କୁଶଳା [ସୁଦଂସା], ନିଜର ଭୋଗରେ ଯେ ସମ୍ପୂର୍ଣ୍ଣ ତ୍ରୁଟିହୀନା [ସୁଭଗା] ସେଇ ଉଷା ଦ୍ୟୁଲୋକର ଅନନ୍ତତାଠାରୁ [ଆ ଦିବଃ ଅନ୍ତାତ୍] ପୃଥିବୀ ପର୍ଯ୍ୟନ୍ତ [ଆ ପୃଥିବ୍ୟାଃ] ପରିବ୍ୟାପ୍ତା ହୋଇଛନ୍ତି [ପପ୍ରଥେ]।

ଅଚ୍ଛା ବୋ ଦେବୀମୁଷସଂ ବିଭାତୀଂ
ପ୍ର ବୋ ଭରଧ୍ୱଂ ନମସା ସୁବୃକ୍ତିମ୍ ।
ଊର୍ଧ୍ୱଂ ମଧୁଧା ଦିବି ପାଜ୍ଞୋ ଅଶ୍ରେତ୍
ପ୍ର ରୋଚନା ରୁରୁଚେ ରଣ୍ୱସଂଦୃକ୍ ॥୫॥

ଅର୍ଥ (ଅନ୍ୱୟ ସହ) : ଦିବ୍ୟ ଉଷା, ଯେ କି ତୁମ ଦିଗରେ ଉଜ୍ଜ୍ୱଳତରା ହୋଇ ଉଠୁଛନ୍ତି [ବଃ ଆ ବିଭାତୀଂ ଦେବୀମ୍ ଉଷସମ୍] ତାଙ୍କୁ ସାକ୍ଷାତ୍ କର [ଅଚ୍ଛ] ଏବଂ ସମର୍ପଣ ପୂର୍ବକ [ନମସା] ତୁମର ସମଗ୍ର ଶକ୍ତିକୁ [ବଃ ସୁବୃକ୍ତିମ୍] ପ୍ରକାଶୋନ୍ମୁଖୀ କରାଅ [ପ୍ର ଭରଧ୍ୱମ୍] । ଦ୍ୟୁଲୋକରେ ସମୁଲ୍ଲସିତ ଯେଉଁ ଶକ୍ତି [ଦିବି ଊର୍ଧ୍ୱଂ ପାଜଃ] ତାହା ପ୍ରତି

ସେ ମାଧୁର୍ଯ୍ୟ ଅଧିଷ୍ଠାନର ସହ [ମଧୁଧା] ଉଦିତା ହେଉଛନ୍ତି [ଅଶ୍ରେତ୍]; ଜ୍ୟୋତିର୍ମୟ ଭୁବନଗୁଡ଼ିକୁ [ରୋଚନା] ସେ ଅଭିବ୍ୟକ୍ତି ଦିଗରେ ପ୍ରରୋଚିତ କରୁଛନ୍ତି [ପ୍ର ରୁରୁଚେ] ତଥା ତାଙ୍କର ଦୃଶ୍ୟ ପରମାନନ୍ଦ ପ୍ରଦାନ କରେ [ରଣ୍ୱସଂଦୃକ୍] ।

ରତାବରୀ ଦିବୋ ଅର୍କୈରବୋଧା
ରେବତୀ ରୋଦସୀ ଚିତ୍ରମସ୍ଥାତ୍ ।
ଆୟତୀମଗ୍ନ ଉଷସଂ ବିଭାତୀଂ
ବାମମେଷି ଦ୍ରବିଣଂ ଭିକ୍ଷମାଣଃ ॥୬॥

ଅର୍ଥ (ଅନ୍ୱୟ ସହ) : ଦ୍ୟୁଲୋକର ଜ୍ଞାନଜ୍ୟୋତିଃ ମାଧ୍ୟମରେ [ଦିବଃ ଅର୍କୈଃ] ଜଣେ ତାଙ୍କୁ ବୁଝିଥାଏ ଯେ ସେ (ଉଷା) ହେଉଛନ୍ତି ସତ୍ୟର ବାହିକା [ରତାବରୀ ଆ ଅବୋଧ୍] ଏବଂ ପ୍ରହର୍ଷିଣୀ ସେ [ରେବତୀ] ବିଚିତ୍ର ରଙ୍ଗରେ ରଞ୍ଜିତା ହୋଇ ସ୍ୱର୍ଗ ଓ ମର୍ତ୍ତ୍ୟକୁ ପ୍ରବେଶ କରୁଛନ୍ତି [ଚିତ୍ରଂ ରୋଦସୀ ଅସ୍ଥାତ୍] । ହେ ଅଗ୍ନି [ଅଗ୍ନେ] ! ବିଭା ପ୍ରକାଶ ପୂର୍ବକ [ବିଭାତୀମ୍] ତୁମ ନିକଟକୁ ଆଗମନ କରୁଥିବା ଉଷାଙ୍କୁ [ଆୟତୀମ୍] ତୁମେ ଭିକ୍ଷା କରିଥାଅ [ଭିକ୍ଷମାଣଃ], ଆନନ୍ଦର ଦ୍ରବକୁ [ବାମଂ ଦ୍ରବିଣମ୍] ଉପଲବ୍ଧି କରିଥାଅ [ଏଷି] ।

ରତସ୍ୟ ବୁଧ୍ନ ଉଷସାମିଷଣ୍ୟନ୍
ବୃଷା ମହୀ ରୋଦସୀ ଆ ବିବେଶ ।
ମହୀ ମିତ୍ରସ୍ୟ ବରୁଣସ୍ୟ ମାୟା
ଚନ୍ଦ୍ରେବ ଭାନୁଂ ବି ଦଧେ ପୁରୁତ୍ରା ॥୭॥

ଅର୍ଥ (ଅନ୍ୱୟ ସହ) : ରତର ଭୂମିରେ [ରତସ୍ୟ ବୁଧ୍ନେ], 'ଉଷା'ମାନଙ୍କର ଆଧାରରେ [ଉଷସାମ୍ (ବୁଧ୍ନେ)] ସେ ନିଜର ପ୍ରେରଣାକୁ ଆଗରେ ସନ୍ନିହିତ କରି [ଇଷଣ୍ୟନ୍] ସେମାନଙ୍କର ପ୍ରଭୁ [ବୃଷା] ଦ୍ୟାବାପୃଥିବୀର ବିଶାଳତା ମଧ୍ୟକୁ [ମହୀ ରେଦସୀ] ପ୍ରବେଶ କରୁଛନ୍ତି [ଆ ବିବେଶ] । ମିତ୍ର ଓ ବରୁଣଙ୍କ ବିରାଟ ଜ୍ଞାନ [ବରୁଣସ୍ୟ ମିତ୍ରସ୍ୟ ମହୀ ମାୟା] ପ୍ରୀତିପଦ ଉଜ୍ଜ୍ୱଳତାରେ ସମନ୍ୱିତ ହୋଇ [ଚନ୍ଦ୍ରା ଇବ] ସେହି ସ୍ୱର୍ଜ୍ୟୋତିକୁ [ଭାନୁମ୍] ବିବିଧ ବିଭାବରେ [ପୁରୁତ୍ରା] ବ୍ୟବସ୍ଥାପିତ କରୁଛି [ବି ଦଧେ] ।

ଭାଷ୍ୟ

ସୂର୍ଯ୍ୟ ସବିତା ନିଜର ବିଭାତୀକରଣ କାର୍ଯ୍ୟ 'ଉଷା'ଙ୍କର ବିକାଶ ପରେ କରିଥା'ନ୍ତି । ଅନ୍ୟ ଏକ ସୂକ୍ତରେ ମନର ଗତିବୃତ୍ତିକୁ ଏପରି ବର୍ଣ୍ଣନା କରାଯାଇଛି ଯେ ଏହା ସତେ ଯେପରି ନିରନ୍ତର ବୃଦ୍ଧିଲାଭ କରୁଥିବା ଓ ଉଜ୍ଜ୍ୱଳ ହୋଇ ଉଠୁଥିବା ସଚେତନ ଉଷାଗଣଙ୍କର ଶକ୍ତି ଦ୍ୱାରା ସଚେତନ ଓ ଜ୍ଞାନଦୀପ୍ତ ହୋଇଉଠିଛି । ସମଗ୍ର ବେଦରେ ସର୍ବତ୍ର ସ୍ୱର୍-ଦୁହିତା ଉଷାଙ୍କର ସେହି ଏକହିଁ ଉଦ୍ଦିଷ୍ଟ କର୍ମ । ସେ ହେଉଛନ୍ତି ଜାଗୃତିର ମାଧ୍ୟମ, ଅନ୍ୟ ଦେବଗଣଙ୍କର କର୍ମଧାରା ତଥା ବୃଦ୍ଧି ପାଇଁ ସେ ହେଉଛନ୍ତି ମାଧ୍ୟମ; ବୈଦିକ ଉପଲବ୍ଧିରେ ତାଙ୍କର ପ୍ରକାଶ ଘଟିବା ହେଉଛି ପ୍ରଥମ ସର୍ତ୍ତ । ସେ ଉତ୍ତରୋତ୍ତର ଜ୍ୟୋତିର୍ମୟୀ ହେବା ଫଳରେ ମାନବର ସମଗ୍ର ପ୍ରକୃତି ବିଶୋଧିତ ହୋଇଥାଏ; ତାଙ୍କରି ସହାୟତାରେ ମାନବ ସତ୍ୟରେ ଉପନୀତ ହୁଏ, 'ଆନନ୍ଦ'ର ଉପଭୋଗ ମଧ୍ୟ ତାଙ୍କରି ଜରିଆରେ ହୋଇଥାଏ । ଋଷିପ୍ରଦର୍ଶିତ ଏହି ଦିବ୍ୟ-ଉଷା ହେଉଛନ୍ତି ଦିବ୍ୟାଲୋକର ଆଗମନୀ ଯାହା ଗୋଟିକ ପରେ ଗୋଟିଏ ଅବଗୁଣ୍ଠନକୁ ଅପସାରିତ କରିଦେଉଥା'ନ୍ତି ଏବଂ ମନୁଷ୍ୟର କର୍ମାବଳି ମଧ୍ୟରେ ତେଜୋମୟ ଦେବତ୍ୱର ପ୍ରକଟନ କରାଉଥା'ନ୍ତି । ଏହି ଆଲୋକ ମଧ୍ୟରେ ସେହି ଉଦ୍ଦିଷ୍ଟ 'କର୍ମ'ଟି କରାଯାଏ, ଯଜ୍ଞ ହବନ କରାଯାଏ ଏବଂ ଯଜ୍ଞର ଅଭୀଷ୍ଟ ଫଳ ମାନବଜାତି ଦ୍ୱାରା ପ୍ରାପ୍ତ ହୋଇଥାଏ ।

ପ୍ରକୃତରେ, ବେଦରେ ଏପରି ଅନେକ ସୂକ୍ତ ଅଛି ଯେଉଁଥିରେ ପ୍ରାକୃତିକ ଉଷାର ବର୍ଣ୍ଣାଢ୍ୟ ତଥା ସୌନ୍ଦର୍ଯ୍ୟମୟ ଅଳଙ୍କାର ବା ରୂପକ ସମ୍ଭାର ଏହି ଉଷାଦେବୀଙ୍କର ଆନ୍ତର ସତ୍ୟକୁ ଆବୃତ କରି ଦେଇଛି, କିନ୍ତୁ ମହାନ୍ ଋଷି ବିଶ୍ୱାମିତ୍ରଙ୍କର ଏହି ସୂକ୍ତରେ ବୈଦିକ ଉଷାଙ୍କର ଆଧ୍ୟାତ୍ମିକ ପ୍ରତୀକାତ୍ମକତାର ମୂକ୍ତ ଅଭିବ୍ୟକ୍ତି ଘଟିଛି ଏବଂ ଏହା ଚିନ୍ତାର ସମ୍ମୁଖ ଭାଗରେ ରହିଛି । ସେ ତାଙ୍କୁ ସଂବୋଧନ କରି କହୁଛନ୍ତି – ''ସାରତତ୍ତ୍ୱରେ ସମୃଦ୍ଧା ହେ ଉଷଃ, ତୁମର ସ୍ତାବକ ବ୍ୟକ୍ତିଠାରେ ତୁମେ ସଚେତନଭାବେ ନିବିଡ଼ ହୋଇଥାଅ, ହେ ସମୃଦ୍ଧିମତି !'' 'ପ୍ରଚେତସ୍' ଓ ଏହାର ସମ୍ପର୍କିତ ଶବ୍ଦ 'ବିଚେତସ୍' – ଉକ୍ତ ଶବ୍ଦଦ୍ୱୟ ବୈଦିକ ବାକ୍-ବିନ୍ୟାସ ଧାରାରେ ନିତ୍ୟପ୍ରଚଳିତ ପରିଭାଷା ରୂପେ ବ୍ୟବହୃତ; ମନେହୁଏ ପରବର୍ତ୍ତୀ ଭାଷାରେ ଏ ଦୁଇଟିର ଭାବ ବେଦାନ୍ତର 'ପ୍ରଜ୍ଞାନ' ଓ 'ବିଜ୍ଞାନ' ଶବ୍ଦ ଦ୍ୱାରା ବ୍ୟକ୍ତ ହୋଇଛି । 'ପ୍ରଜ୍ଞାନ' ହେଉଛି ଏଭଳି ଏକ ଚେତନା ଯାହା ସକଳ ବସ୍ତୁକୁ ତା'ର ସମକ୍ଷରେ ନିରୀକ୍ଷଣର ବିଷୟ ରୂପେ ବୋଧ କରିଥାଏ; ଦିବ୍ୟମନ ମଧ୍ୟରେ ଏହା ବସ୍ତୁ-ସମ୍ପର୍କିତ ଏପରି ଜ୍ଞାନ ଯାହା ହେଉଛି ସେଗୁଡ଼ିକର ଆଦି ଉତ୍ସ, ସ୍ୱାମୀ ତଥା ସାକ୍ଷୀ । 'ବିଜ୍ଞାନ' ହେଉଛି ଏପରି ବ୍ୟାପକ ଜ୍ଞାନ ଯାହା ବସ୍ତୁଗୁଡ଼ିକୁ ଧାରଣ କରିଥାଏ, ସେଗୁଡ଼ିକର

ଅନ୍ତର ମଧ୍ୟକୁ ପ୍ରବେଶ କରିଯାଏ, ସେଗୁଡ଼ିକର ସତ୍ୟ ସହିତ ଏକପ୍ରକାର ଐକାନ୍ତିକତା ଦ୍ୱାରା ଚେତନା ସ୍ତରରେ ସେଗୁଡ଼ିକୁ ପରିବ୍ୟାପ୍ତ କରି ଦେଇଥାଏ । ଋଷିଙ୍କର ସତ୍ୟପ୍ରକଟନଶୀଳ ଧୀ ତଥା ବାକ୍‌କୁ ଉଷା ଜ୍ଞାନର ଶକ୍ତିଭାବେ ବ୍ୟାପ୍ତରୂପ ଦେଇଛନ୍ତି, ଯାହା ସେହି ସକଳ ସତ୍ୟ ବିଷୟରେ ସଚେତନ, ଯେଉଁଗୁଡ଼ିକୁ କି ସେମାନେ ମନୁଷ୍ୟ ମଧ୍ୟରେ ପରିପ୍ରକାଶ ନିମନ୍ତେ ମନର ସମ୍ମୁଖରେ ସ୍ଥାନ ଦେଇଛନ୍ତି । ଏଠାରେ ଏହି ଅର୍ଥ ସୂଚିତ ହେଉଛି ଯେ ଏହି ସ୍ତୁତି ପରିପୂର୍ଣ୍ଣ ଓ ସମ୍ପ୍ରସାରିତ ହେବ; କାରଣ ଉଷା ହେଉଛନ୍ତି **''ବାଜେନ ବାଜିନୀ, ମଘୋନୀ''**; ତାଙ୍କର ଭଣ୍ଡାର ସାରତତ୍ତ୍ୱରେ ପରିପୂର୍ଣ୍ଣ; ତାଙ୍କର ରହିଛି ସକଳ ପ୍ରାଚୁର୍ଯ୍ୟ ।

ଏହି ଉଷା ନିଜର ବିକାଶ ମାର୍ଗରେ ସର୍ବଦା ଦିବ୍ୟକର୍ମର ବିଧାନ ଅନୁସାରେ ଗତି କରିଥାଏ; ତାହାର ସେହି ଗତି କ୍ରିୟାରେ ତାହା ଅନେକ ବିଚାର ଆଣିଥାଏ, କିନ୍ତୁ ତାହାର ପଦକ୍ଷେପଗୁଡ଼ିକ ନିଶ୍ଚିତ ଏବଂ ତାହାର ହାତରେ ରହିଛି ସମସ୍ତ କାମ୍ୟବସ୍ତୁ, ସେଗୁଡ଼ିକ ହେଉଛନ୍ତି ସକଳ ପରମ ବର, 'ଆନନ୍ଦ'ର ବର, ଦିବ୍ୟସତ୍‌ର ଆଶିଷରାଜି । ତାହା ପ୍ରାଚୀନା ଏବଂ ଶାଶ୍ୱତୀ, ତାହା ଏପରି 'ଜ୍ୟୋତିଃ'ର ଉଷା ଯାହା ଆଦି କାଳରେ ଥିଲା, ପୁରାଣୀ, କିନ୍ତୁ ତାହାର ଆଗମନ ବେଳେ ତାହାକୁ ସ୍ୱାଗତ କରୁଥିବା ବ୍ୟକ୍ତି-ଆତ୍ମା ପାଇଁ ସେ ନିତ୍ୟଯୁବତୀ ଏବଂ ଅମ୍ଳାନା । (ମନ୍ତ୍ର-୧)

ସେ ହେଉଛନ୍ତି ଦିବ୍ୟ ଉଷା, 'ସତ୍ୟ' ଓ 'ଆନନ୍ଦ'ର ଶକ୍ତି ବା 'ସ୍ୱର୍'କୁ ମନୁଷ୍ୟ ମଧ୍ୟରେ ଜାଗ୍ରତ୍ କରୁଥିବା ସେହି ଅମୃତ ସତ୍‌ର ଆଲୋକ ରୂପେ (ସୂନୃତା) ସେ ବିଭାସିତା, ହୋଇ ଉଠିବେ, (ସୂନୃତାଃ, — ଏହି ଶବ୍ଦଟି ଏକସଙ୍ଗେ ସତ୍ୟ ଓ ମଧୁର ଅର୍ଥ ବ୍ୟକ୍ତ କରେ); କାରଣ, ତାଙ୍କ ବିଚରଣର ରଥଟି କ'ଣ ଏକସଙ୍ଗେ ଜ୍ୟୋତିଃ ଓ ଆନନ୍ଦର ରଥ ନୁହେଁ ? ପୁଣି 'ଚନ୍ଦ୍ରରଥା'ରେ ଥିବା 'ଚନ୍ଦ୍ର' ଶବ୍ଦଟିକୁ ଦେଖିବା — ଚନ୍ଦ୍ରଦେବ 'ସୋମ'ଙ୍କ ପ୍ରତୀକକୁ ବୁଝାନ୍ତି, ଯିଏ ଅମୃତତ୍ୱର ଆନନ୍ଦମୟ ଦେବ, ତାହାକୁ ସେ ମାନବ ମଧ୍ୟରେ ଅଜାଡ଼ି ଦେଉଛନ୍ତି, ଆନନ୍ଦ ଓ ଅମୃତ, — ଅର୍ଥାତ୍ ଏହା ଉଭୟ ପ୍ରଦ୍ୟୋତ ତଥା ଆନନ୍ଦମୟ । ଉଷାଙ୍କୁ ବହନ କରି ଆଣୁଥିବା ଅଶ୍ୱଗଣ ସ୍ୱାୟବିକ ଶକ୍ତିର ପ୍ରତୀକ ଯାହା ଆମର ସମସ୍ତ କ୍ରିୟା ଓ ଗତିବୃତ୍ତିକୁ ବଳପ୍ରଦାନ କରେ ଓ ଆଗକୁ ବାହି ନେଇଯାଏ — ଏହାକୁ ପୂରାପୂରି ନିୟନ୍ତ୍ରଣରେ ରଖିବାକୁ ହେବ; ସେମାନେ ଉଜ୍ଜ୍ୱଳ ସ୍ୱର୍ଣ୍ଣ ରଙ୍ଗର, ଏହା ସେମାନଙ୍କ ପ୍ରକୃତି (କାରଣ, ଏହି ପ୍ରାଚୀନ ପ୍ରତୀକବାଦରେ ରଙ୍ଗ ହେଉଛି ଗୁଣ, ଚରିତ୍ର, ସ୍ୱଭାବର ସୂଚକ), ଯାହା ହେବା ଉଚିତ ସଂକେନ୍ଦ୍ରିତ ଭାସ୍ୱରତାଯୁକ୍ତ ସୁ-ଜ୍ଞାନର ଗତିଶୀଳତା; ଏହାର ପ୍ରସାରତାରେ ଏହା ହେବା ଉଚିତ ସେହି ବିଶାଳ ସଂକେନ୍ଦ୍ରିତ ଶକ୍ତିର ଏକ ପୁଞ୍ଜ, — **ପୃଥୁପାଜସୋ ୟେ** । (ମନ୍ତ୍ର-୨)

ଦିବ୍ୟ ଉଷା ଏହି ଭାବେ ତାଙ୍କର ଜ୍ଞାନାଲୋକ ବା ପ୍ରଜ୍ଞାନ ସହ ଆତ୍ମା ଅଭିମୁଖେ ଆଗମନ କରନ୍ତି, ସେହି ଜ୍ଞାନର କ୍ଷେତ୍ର ସ୍ୱରୂପ ସକଳ ଲୋକର ସେ ସମ୍ମୁଖୀନ ହୋଇଥା'ନ୍ତି — ଅର୍ଥାତ୍ ତାଙ୍କୁ ଆମର ବିଶ୍ୱଗତ ସତ୍ତା ଯଥା ମନ, ପ୍ରାଣ, ଦୈହିକ ଚେତନା ପ୍ରଭୃତି ସକଳ ଉପାନ୍ତ୍ୟ କ୍ଷେତ୍ରର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେ ଉତ୍ତୋଳିତା ହୋଇ ସେଗୁଡ଼ିକର ଉର୍ଦ୍ଧ୍ୱସ୍ଥ ଆମ ମାନସୋତ୍ତର ଶିଖରଗୁଡ଼ିକରେ, ଉଚ୍ଚତମ ସ୍ୱର୍ଗରେ, ଅମୃତତ୍ୱର ଅଥବା ଅମୃତର ସଂଜ୍ଞାନ ରୂପରେ, **ଅମୃତସ୍ୟ କେତୁଃ**, ଉତ୍ତା ହୋଇଥା'ନ୍ତି, ସେଗୁଡ଼ିକ ମଧ୍ୟରେ ଶାଶ୍ୱତ ତଥା ଆନନ୍ଦମୟ ସତ୍ତାକୁ ଅଥବା ସେହି ଶାଶ୍ୱତ ସର୍ବାନନ୍ଦମୟ ଦେବତାଙ୍କୁ ପ୍ରକଟ କରୁଥା'ନ୍ତି । ଏହି ଭାବେ ସମୁଲ୍ଲସିତା ସେ ଦିବ୍ୟଜ୍ଞାନକୁ ଗତି ଦେବା ନିମନ୍ତେ ପ୍ରସ୍ତୁତା ହୋଇ ଦଣ୍ଡାୟମାନା, ଚିରନ୍ତନ ସତ୍ୟର ଏକ ନବ୍ୟ ପ୍ରକଟନ ରୂପେ ସେ, **ନବ୍ୟସି**, ସେଗୁଡ଼ିକର (ମନ, ପ୍ରାଣ ଓ ଶରୀରର) ସଙ୍ଗତୀକୃତ, ସମୀକୃତ କାର୍ଯ୍ୟାବଳୀ ଉପରେ, ସମତଳ କ୍ଷେତ୍ର ଉପରେ, ଚକଟିଏ ସମଭାବେ ଗଡ଼ି ଯାଉଥିବା ଭଳି ଆଗେଇ ଚାଲିଥା'ନ୍ତି; କାରଣ ଏବେ ସେଗୁଡ଼ିକର ପାର୍ଥକ୍ୟ ଓ ବୈଷମ୍ୟ ଦୂର ହୋଇଯାଇଛି ଏବଂ ସେହି ସମଗତିରେ ସେଗୁଡ଼ିକ କୌଣସି ବାଧା ଦେଉ ନାହାନ୍ତି । (ମନ୍ତ୍ର-୩)

ମନ୍ତ୍ରରେ କଥିତମତେ, ପ୍ରାଚୁର୍ଯ୍ୟମୟୀ ସେ ନିଜକୁ ପୃଥକ୍ କରି ନେଉଛନ୍ତି ଏବଂ ବସ୍ତୁଗୁଡ଼ିକର ସତ୍ୟକୁ ଘୋଡ଼େଇ ରଖିଥିବା, ଅତି ବ୍ୟାପକଭାବରେ ସୀବନ କରାଯାଇଥିବା ବସ୍ତ୍ରକୁ ଖସାଇ ଦେଇ ସେହି 'ପ୍ରେମିକ'ଙ୍କ ପତ୍ନୀ ପରି ସେ, **ସ୍ୱସରସ୍ୟ ପତ୍ନୀ**, ତାଙ୍କ ସର୍ବସୁଖମୟ 'ପ୍ରଭୁ'ଙ୍କ ଅଭିମୁଖେ ଗତି କରୁଛନ୍ତି । ଆନନ୍ଦ ଉପଭୋଗରେ ପରିପୂର୍ଣ୍ଣା, ସମସ୍ତ କାର୍ଯ୍ୟର ପରିପୂର୍ଣ୍ଣ ପରିଣାମଯୁକ୍ତା, **ସୁଭଗା, ସୁଦଂସାଃ**, ସେ ନିଜର ସତ୍ୟ ପ୍ରକଟନ ଦ୍ୱାରା ଆମ ମଧ୍ୟରେ 'ସ୍ୱର୍'କୁ ଜନ୍ମ ଦିଅନ୍ତି — ଆମ ଭିତରେ ଅନାଲୋକିତ ଜ୍ଞାନଭାସ୍ୱର ମନକୁ, ଆମର ଉଚ୍ଚତମ ମାନସସ୍ୱର୍ଗକୁ ପ୍ରକଟିତ କରନ୍ତି । (ମନ୍ତ୍ର-୪)

ଏହି ଦିବ୍ୟ-ଉଷା ବ୍ୟାପକଭାବେ ନିଜର ଆଲୋକକୁ ମାନବ ଉପରେ ଅଜାଡ଼ି ଦେଉଥିବାରୁ ମନୁଷ୍ୟର କର୍ତ୍ତବ୍ୟ ହେଲା ତାଙ୍କର ଦିବ୍ୟକର୍ମର ବିଧାନ ଓ ସଞ୍ଚାର ନିକଟରେ ନିଜର ସମର୍ପଣ ଦ୍ୱାରା ତାଙ୍କରି ନିମନ୍ତେ ନିଜ ସତ୍ତାର ସଶକ୍ତ ପୂର୍ଣ୍ଣତାକୁ ତଥା ନିଜର ସାମର୍ଥ୍ୟକୁ ବ୍ୟକ୍ତ କରିବା ଯାହା ହେଉଛି ତାଙ୍କ ଆଲୋକର ବାହନ ବା ଯଜ୍ଞକ୍ରିୟାର ବେଦୀ ସଦୃଶ । (ମନ୍ତ୍ର-୫ର ପ୍ରଥମାର୍ଦ୍ଧ)

ଏହାପରେ ଋଷି ଏହି ଦିବ୍ୟ ଉଷାଙ୍କ ଦ୍ୱାରା ମନୁଷ୍ୟ ମଧ୍ୟରେ ହେଉଥିବା ଦୁଇ ମୁଖ୍ୟ କ୍ରିୟାକୁ ନେଇ ବର୍ଣ୍ଣନା କରୁଛନ୍ତି — ପ୍ରଥମଟି ହେଉଛି 'ଆଲୋକ'ର ପୂର୍ଣ୍ଣ ଶକ୍ତି ପ୍ରତି ମନୁଷ୍ୟକୁ ଉତ୍ତୋଳିତ କରାଇ 'ସତ୍ୟ'ର ପ୍ରକଟନ କରିବା, ଅନ୍ୟଟି ହେଉଛି ମାନସିକ ଓ ଦୈହିକ ଜୀବନକୁ 'ଆନନ୍ଦ'ର ପ୍ରବାହରେ ଭରିଦେବା,— ଯାହାକୁ 'ଅମୃତ', 'ସୋମ

ଆସବ', ଅମର ସତ୍ତାର ସୁଖାନୁଭୂତି ବୋଲି ଅଭିହିତ କରାଯାଏ । ବିଶୁଦ୍ଧ ମନୋମୟ ଜଗତରେ, ଦିବି, ସେ 'ଆଲୋକ'ର ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ମାତ୍ରାରେ ବିକଶିତ ହେବାକୁ ଉଦିତା ହୁଅନ୍ତି, **ଉର୍ଧ୍ୱଂ ପାଜଃ ଅଶ୍ରେତ୍**, ଏବଂ ସେହି ବିଶୁଦ୍ଧ ଓ ସମୁଚ୍ଚ ସ୍ତରରୁ ସେ **'ମଧୁ'** ବା ସୋମମଧୁକୁ ଏଠାରେ ପ୍ରତିଷ୍ଠା କରନ୍ତି । ସେ ପ୍ରକାଶମୟ ତ୍ରିଲୋକକୁ ବ୍ୟକ୍ତ କରାନ୍ତି, **ରୋଚନା**; ତା'ପରେ ସେ ସ୍ୱୟଂ ସୌନ୍ଦର୍ଯ୍ୟମୟୀ ହୋଇ ଉଠନ୍ତି ଅଥବା ସୌନ୍ଦର୍ଯ୍ୟମୟ ଦୃଶ୍ୟ ସୃଷ୍ଟି କରିଥା'ନ୍ତି (୫ମ ମନ୍ତ୍ରର ଉତ୍ତରାର୍ଦ୍ଧ) । ବିଶୁଦ୍ଧ ମାନସର ଫଳପ୍ରଦ ପ୍ରଭା ଦ୍ୱାରା, ଅନୁଭୂତି-ପ୍ରଦାୟିନୀ ବାକ୍ ବଳରେ, **'ଦିବୋ ଅର୍କୈଃ'**, 'ସତ୍ୟ'ର ବାହିକା ବୋଲି ସେ ବୋଧା ହୁଅନ୍ତି ଏବଂ 'ସତ୍ୟ'ରେ ଯୁକ୍ତ ହୋଇ ଆନନ୍ଦରେ ଭରା ମାନସୋତ୍ତର ଜଗତରୁ ସେ ନିଜର ବିବିଧ ଚିନ୍ତା ଓ କାର୍ଯ୍ୟାବଳି ସହ ମାନସିକ ତଥା ଦୈହିକ ଚେତନା ମଧ୍ୟକୁ ପ୍ରବେଶ କରନ୍ତି, ଏହି ଉଭୟ ପ୍ରତିଷ୍ଠିତ ସୀମିତ ଚେତନାର ବ୍ୟବଧାନରେ ମଣିଷର କର୍ମଧାରା ସାଧାରଣତଃ ଗତି କରୁଥାଏ । ଏହିଭଳି ବୈଭବରେ ଭରା ହୋଇ ସେ ଯେତେବେଳେ ଆଗମନ କରନ୍ତି, **'ବାଜେନ ବାଜିନୀ'**, ସେତେବେଳେ ଅଗ୍ନି, ଯେ କି ଇହଲୋକରେ ମରଜୀବକୁ ଉତ୍ତୋଳିତ କରିବା ନିମନ୍ତେ ଦେହ ଓ ମନ ମଧ୍ୟରେ ଦିବ୍ୟ 'ଶକ୍ତି' ରୂପେ କାର୍ଯ୍ୟରତ ତାଙ୍କୁ, 'ସୋମ' ନିମନ୍ତେ, ଆନନ୍ଦ-ସୁରା, ଉତ୍‌ଫୁଲ୍ଲତାର ସାରସତ୍ତାକୁ ଲାଭ କରିବା ନିମନ୍ତେ ଭିକ୍ଷା କରନ୍ତି । (ମନ୍ତ୍ର-୬)

ଆମ ଅନ୍ତରରେ ବିଦ୍ୟମାନ ଅତିମାନସ ଜଗତ୍ ହେଉଛି 'ସତ୍ୟ'ର ଆଧାର ଭୂମି, ତାହାହିଁ 'ଉଷା'ଗଣଙ୍କର ମୂଳଧାମ । ଏହି ଉଷାଗଣଙ୍କ ଆଗମନର ଅର୍ଥ ମର୍ତ୍ତ୍ୟ ପ୍ରକୃତି ଉପରେ ଆଲୋକର ବା ଅମର 'ସତ୍ୟ'ର – **'ଋତଂ ଜ୍ୟୋତିଃ'** – ଅବତରଣ । ଉଷାଗଣଙ୍କର ଯେ ପ୍ରଭୁ ସେ 'ସତ୍ୟ'ର ଈଶ୍ୱର, ଭାସ୍କର, ସବିତା (ସ୍ରଷ୍ଟା), ସଂସ୍ଥାପକ, ସେ ସେହି ସତ୍ୟର ଭିତ୍ତି ଭୂମିରେ, ମାନସର ଉର୍ଦ୍ଧ୍ୱରେ ଥାଇ କର୍ମାବଳିର ପ୍ରେରଣାକୁ ଅଗ୍ରତଃ କରି, ଏହି ଦେବୀଙ୍କ ସହ ଦୈହିକ ତଥା ମାନସିକ ଜୀବନ ମଧ୍ୟକୁ ପ୍ରବେଶ କରନ୍ତି, ଫଳରେ ଏହି ଉଭୟ ଆଉ ଅସ୍ପଷ୍ଟ ବା ତମସାଚ୍ଛନ୍ନ ରହନ୍ତି ନାହିଁ ପରନ୍ତୁ ସୀମିତତାରୁ ମୁକ୍ତ ହୋଇ ବିଶାଳତା **'ମହୀ ରୋଦସୀ'** ନିମନ୍ତେ ସମର୍ଥ ହୁଅନ୍ତି । 'ସତ୍ୟ'ର ସେହି ପ୍ରଭୁ ହେଉଛନ୍ତି ସକଳ ବସ୍ତୁର ଏକମାତ୍ର ପ୍ରଭୁ । ସେ 'ବରୁଣ', ବିଶାଳତା ଓ ଶୁଦ୍ଧତାର ଆତ୍ମା; ସେ 'ମିତ୍ର' ଦେବ, ପ୍ରେମ ତଥା ଆଲୋକ ଓ ସଙ୍ଗତିର ଉତ୍ସ । ତାଙ୍କର ସୃଜନଶୀଳ **'ପ୍ରଜ୍ଞା'**, **'ମହୀ ମିତ୍ରସ୍ୟ ବରୁଣସ୍ୟ ମାୟା'**, ସୀମାହୀନ ଆୟତନର ଅଧିକାରିଣୀ – କାରଣ ସେ ବରୁଣ, ସେ ଆନନ୍ଦ ଓ ହର୍ଷର ଆଲୋକ ରୂପେ ବ୍ୟକ୍ତ ହୁଅନ୍ତି, **ଚନ୍ଦ୍ରେବ** – କାରଣ ସେ 'ମିତ୍ର', – ସେ ବ୍ୟବସ୍ଥାପିତ କରନ୍ତି, ପୂର୍ଣ୍ଣଭାବେ ସଙ୍ଗଠିତ କରନ୍ତି । ଅସଂଖ୍ୟ ରୂପ ମଧ୍ୟରେ, ପରିମୁକ୍ତା ପ୍ରକୃତିର ବିସ୍ତୃତି ମଧ୍ୟରେ ସେ ନିଃସୀମା, ଏସବୁ 'ସତ୍ୟ'ର ସେ

ଭାସ୍ୱର ଅଭିବ୍ୟକ୍ତି, ନିର୍ମଳ ପ୍ରକାଶ । ସେ ଏହି ଅଗଣନ ଦ୍ୟୁତିକୁ ସଂଗ୍ରଥିତ କରିଥା'ନ୍ତି ଯାହା ସହ ତାଙ୍କର 'ଉଷା' ଆମ ଲୋକଗୁଡ଼ିକରେ ପ୍ରବେଶ କରିପାରିଥା'ନ୍ତି; ତାଙ୍କର ଯଥାର୍ଥ ଓ ପ୍ରୀତିକର ସ୍ୱରଗୁଡ଼ିକୁ ସେ ଏକ ସମସ୍ୱରତାରେ ସଂଯୋଜିତ କରିଥା'ନ୍ତି ।

(ମନ୍ତ୍ର-୭)

ଦିବ୍ୟଉଷାଙ୍କର ଆଗମନ ହେଉଛି ପରମ-ଦେବଙ୍କର ଆଗମନ । 'ସତ୍ୟ'ର ଆଲୋକ ତଥା 'ପରମାନନ୍ଦ'ର ଆଲୋକ ରୂପେ ସେ — **ଅମୃତସ୍ୟ କେତୁଃ, ସ୍ୱସରସ୍ୟ ପତ୍ନୀ** — 'ପ୍ରଜ୍ଞାନ' ଓ 'ଆନନ୍ଦ' ସ୍ୱରୂପ ଈଶ୍ୱରଙ୍କ ମଧ୍ୟରୁ ସେ ଆମ ଉପରେ ବର୍ଷି ହୋଇଯାଉଛନ୍ତି ।

ଅଧ୍ୟାୟ – ୭

ଭଗ ସବିତା, ଯେ ଭୋକ୍ତା – ତାଙ୍କ ଉଦ୍ଦେଶ୍ୟରେ

(ଋଗ୍‌ବେଦ : ମଣ୍ଡଳ - ୫, ସୂକ୍ତ : ୮୨, ଋଷି : ଶ୍ୟାବାଶ୍ୱ ଆତ୍ରେୟ)

ତତ୍ସବିତୁର୍ବୃଣୀମହେ ବୟଂ ଦେବସ୍ୟ ଭୋଜନମ୍ ।
ଶ୍ରେଷ୍ଠଂ ସର୍ବଧାତମଂ ତୁରଂ ଭଗସ୍ୟ ଧୀମହି ॥୧॥

ଅର୍ଥ (ଅନ୍ୱୟ ସହ) : ସେହି ସବିତୃଦେବଙ୍କର [ତତ୍‌ସବିତୁଃ ଦେବସ୍ୟ] ଶ୍ରେଷ୍ଠ [ଶ୍ରେଷ୍ଠମ୍], ସମସ୍ତଙ୍କୁ ଉପଯୁକ୍ତ ସ୍ଥାନ ଦେଇଥିବା [ସର୍ବଧାତମମ୍], ଲକ୍ଷ୍ୟ ସାଧନକାରୀ [ତୁରମ୍] ସେହି ଭୋଗ୍ୟ ବସ୍ତୁକୁ [ଭୋଜନମ୍] (ଆନନ୍ଦକୁ) ଆମେମାନେ ବରଣ କରୁଛୁ [ବୟଂ ବୃଣୀମହେ], ଏପରିକି ଆମେ ଆମ ଚିନ୍ତାରେ 'ଭଗ'ଙ୍କୁ (ଆନନ୍ଦକୁ) ଧ୍ୟାନ କରୁଛୁ [ଭଗସ୍ୟ ଧୀମହି] ।

ଅସ୍ୟ ହି ସ୍ୱୟଶସ୍ତରଂ ସବିତୁଃ କଚ୍ଚନ ପ୍ରିୟମ୍ ।
ନ ମିନନ୍ତି ସ୍ୱରାଜ୍ୟମ୍ ॥୨॥

ଅର୍ଥ (ଅନ୍ୱୟ ସହ) : କାରଣ [ହି], ସେମାନେ ଏହି ସବିତାଙ୍କର [ଅସ୍ୟ ସବିତୁଃ] ବସ୍ତୁଗତ କୌଣସି ସୁଖକୁ [କଚ୍ଚନ ପ୍ରିୟମ୍] କ୍ଷୀଣ କରନ୍ତି ନାହିଁ [ନ ମିନନ୍ତି], କାରଣ, ସେ ଆତ୍ମ-ଜୟଶୀଳ ଅଟନ୍ତି [ସ୍ୱୟଶସ୍ତରମ୍], ଏହି ଦିବ୍ୟଭୋକ୍ତାଙ୍କର ସ୍ୱରାଜତାକୁ [ସ୍ୱରାଜ୍ୟମ୍] (କ୍ଷୀଣ କରନ୍ତି ନାହିଁ) ।

ସ ହି ରତ୍ନାନି ଦାଶୁଷେ ସୁବାତି ସବିତା ଭଗଃ ।
ତଂ ଭାଗଂ ଚିତ୍ରମୀମହେ ॥୩॥

ଅର୍ଥ (ଅନ୍ୱୟ ସହ) : ଦାତାଙ୍କ ନିମନ୍ତେ [ଦାଶୁଷେ] ଆନନ୍ଦ ଉତ୍ପନ୍ନ କରୁଥିବା [ରତ୍ନାନି ସୁବାତି] ଏହି ଦେବ ହେଉଛନ୍ତି ବସ୍ତୁଗୁଡ଼ିକର ଜନ୍ମଦାତା [ସ ହି ଭଗଃ ସବିତା]; ଆମେମାନେ ସେହି ଆନନ୍ଦୋପଭୋଗର ବିଚିତ୍ର ବୈଭବକୁ [ତଂ ଚିତ୍ରଂ ଭାଗମ୍] ଆକାଙ୍କ୍ଷା କରୁଛୁ [ଈମହେ] ।

ଅଦ୍ୟା ନୋ ଦେବ ସବିତଃ ପ୍ରଜାବତ୍ପାବୀଃ ସୌଭଗମ୍ ।
ପରା ଦୁଃଷ୍ୱପ୍ନ୍ୟଂ ସୁବ ॥୪॥

ଅର୍ଥ (ଅନ୍ୱୟ ସହ) : ହେ ଦିବ୍ୟସ୍ରଷ୍ଟା [ଦେବ ସବିତଃ], ଆଜି ତୁମେ ଆମ ମଧ୍ୟରେ [ଅଦ୍ୟ ନଃ] ଫଳୋତ୍ପାଦକ ସୌଭାଗ୍ୟକୁ [ପ୍ରଜାବତ୍ ସୌଭଗମ୍] ଜନ୍ମଦିଅ [ପାବୀଃ], ଦୁଃସ୍ୱପ୍ନର ବିଷୟଗୁଡ଼ିକୁ [ଦୁଃଷ୍ୱପ୍ନ୍ୟମ୍] ବହିଷ୍କାର କର [ପରା ସୁବ] ।

ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ ।
ୟଦ୍ ଭଦ୍ରଂ ତନ୍ନ ଆସୁବ ॥୫॥

ଅର୍ଥ (ଅନ୍ୱୟ ସହ) : ହେ ସବିତୃଦେବ [ସବିତଃ ଦେବ], ସକଳ ଦୁରିତକୁ (କଳୁଷକୁ) [ବିଶ୍ୱାନି ଦୁରିତାନି] ବିଦୂରିତ କର [ପରା ସୁବ]; ଯାହା ମଙ୍ଗଳକର [ୟତ୍ ଭଦ୍ରମ୍] ତାହା ଆମ ନିମନ୍ତେ ଜ୍ଞାତ କରାଅ [ତତ୍ ନଃ ଆସୁବ] ।

ଅନାଗସୋ ଅଦିତୟେ ଦେବସ୍ୟ ସବିତୁଃ ସବେ ।
ବିଶ୍ୱା ବାମାନି ଧୀମହି ॥୬॥

ଅର୍ଥ (ଅନ୍ୱୟ ସହ) : ଅନନ୍ତ ସତ୍ତା ନିମନ୍ତେ [ଅଦିତୟେ] ଦିବ୍ୟ-ସବିତାଙ୍କର [ଦେବସ୍ୟ ସବିତୁଃ] ଉତ୍ପାଦନରେ [ସବେ] ଆମେ ଦୋଷ ରହିତ ହେବା ପୂର୍ବକ [ଅନାଗସଃ] ଆନନ୍ଦର ସକଳ ବସ୍ତୁକୁ ଧ୍ୟାନ କରୁଛୁ [ବିଶ୍ୱା ବାମାନି ଧୀମହି] ।

ଆ ବିଶ୍ୱଦେବଂ ସତ୍ପତିଂ ସୂକ୍ତୈରଦ୍ୟା ବୃଣୀମହେ
ସତ୍ୟସବଂ ସବିତାରମ୍ ॥୭॥

ଅର୍ଥ (ଅନ୍ୱୟ ସହ) : ଏହି ବିଶ୍ୱପ୍ରସାରୀ ଦେବଙ୍କୁ [ବିଶ୍ୱଦେବମ୍], ଅସ୍ତିତ୍ୱର ପତିଙ୍କୁ [ସତ୍ପତିମ୍], ସତ୍ୟପ୍ରସୂ ସ୍ରଷ୍ଟାଙ୍କୁ [ସତ୍ୟସବଂ ସବିତାରମ୍] ଆଜି [ଅଦ୍ୟ] ସୂକ୍ତବାକ୍‌ଗୁଡ଼ିକ ଦ୍ୱାରା [ସୂକ୍ତୈଃ] ବରଣ କରୁଛୁ [ଆ ବୃଣୀମହେ] –

ୟ ଇମେ ଉଭେ ଅହନୀ ପୁର ଏତ୍ୟପ୍ରୟୁଚ୍ଛନ୍ ।
ସ୍ୱାଧୀର୍ଦେବଃ ସବିତା ॥୮॥

ଅର୍ଥ (ଅନ୍ୱୟ ସହ) : ଯେଉଁ ଦିବ୍ୟ-ଜନ୍ମଦାତା [ୟଃ ଦେବଃ ସବିତା], ଯିଏ ଖଲନରହିତ ହୋଇ [ଅପ୍ରୟୁଚ୍ଛନ୍] ଏବଂ ନିଜ ଧୀକୁ ସୁବ୍ୟବସ୍ଥିତ କରି [ସ୍ୱାଧୀଃ] ଏହି ଦିବସ ଓ ରାତ୍ରି ଉଭୟର [ଇମେ ଉଭେ ଅହନୀ] ପୁରୋଭାଗରେ ଗମନ କରୁଛନ୍ତି [ପୁରଃ ଏତି] –

ୟ ଇମା ବିଶ୍ୱା ଜାତାନ୍ୟାଶ୍ରାବୟତି ଶ୍ଲୋକେନ ।
ପ୍ର ଚ ସୁବାତି ସବିତା ॥୯॥

ଅର୍ଥ (ଅନ୍ୱୟ ସହ) : ଯେଉଁ ଦିବ୍ୟସ୍ରଷ୍ଟା [ୟଃ ସବିତା] ସ୍ତୁତି ବାକ୍ ଦ୍ୱାରା [ଶ୍ଲୋକେନ] ଏହି ସକଳ ଜାତ ଜୀବଙ୍କୁ [ଇମା ବିଶ୍ୱା ଜାତାନି] ଜ୍ଞାନ ଶ୍ରବଣ କରାଉଛନ୍ତି [ଆ ଶ୍ରାବୟତି] ଏବଂ ସେମାନଙ୍କୁ ଜନ୍ମ ଦେଉଛନ୍ତି [ପ୍ର ସୁବାତି ଚ] ।

ଭାଷ୍ୟ

ବେଦରେ ବରୁଣ, ମିତ୍ର, ଭଗ ଓ ଅର୍ୟମନ୍ ଏହି ଚାରି ମହାନ୍ ଦେବତା ନିରନ୍ତର ଆବିର୍ଭୂତ ହୁଅନ୍ତି ଯେଉଁମାନେ କି ନିଜ ପ୍ରକୃତି ଓ କ୍ରିୟା ଦୃଷ୍ଟିରୁ ଘନିଷ୍ଠଭାବେ ସମ୍ବନ୍ଧିତ । ଋଷିଙ୍କର ଧୀ ମଧ୍ୟରେ ବରୁଣ ଓ ମିତ୍ର ନିରବଚ୍ଛିନ୍ନଭାବେ ଯୁଗଳ ଦେବତାଭାବେ ସ୍ଥାନ ପାଇଛନ୍ତି; ବେଳେ ବେଳେ ତ୍ରିଦେବ ରୂପେ ବରୁଣ, ମିତ୍ର ଓ ଭଗ ଅଥବା ବରୁଣ, ମିତ୍ର ଓ ଅର୍ୟମନ୍ ଆବିର୍ଭୂତ ହୁଅନ୍ତି । ଏମାନଙ୍କ ମଧ୍ୟରୁ କୌଣସି ଜଣେ ଦେବଙ୍କୁ ପୃଥଗ୍‌ଭାବେ ଉଦ୍ଦିଷ୍ଟ ସୂକ୍ତମାନ ଅପେକ୍ଷାକୃତ କ୍ୱଚିତ୍ ଦେଖାଯାଏ ଯଦିଓ ବରୁଣଙ୍କୁ ଦେବତାରୂପେ ରଖାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସୂକ୍ତ ରହିଛି । କିନ୍ତୁ ଯେଉଁ ମନ୍ତ୍ରଗୁଡ଼ିକରେ ଏମାନଙ୍କର ନାମ ରଖା ଯାଇଥାଏ, ସୂକ୍ତଗୁଡ଼ିକ ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ହୋଇଥାଉ ଅଥବା ବିଶ୍ୱଦେବଙ୍କ (ବିଶ୍ୱଦେବାଃ) ଆବାହନ ମଧ୍ୟରେ ହୋଇଥାଉ, ତାହାର ସଂଖ୍ୟା ଅତ୍ୟନ୍ତ ଅଳপ ।

ସାୟଣଙ୍କ ଭାଷ୍ୟ ଅନୁସାରେ ଏହି ଚତୁର୍ଦେବ ହେଉଛନ୍ତି ସୌର ଶକ୍ତିଗଣ, ବରୁଣ ନକାରାତ୍ମକଭାବେ ରାତ୍ରିର ଦେବତା, ମିତ୍ର ସକାରାତ୍ମକଭାବେ ଦିବସର ଦେବତା, ଭଗ ଓ ଅର୍ୟମନ୍ ସୂର୍ଯ୍ୟଙ୍କର ଦୁଇ ନାମ । ଏହି ସମସ୍ତ ବିଶେଷ ଗୁଣ ଉପରେ ଅଧିକ ଗୁରୁତ୍ୱ ଦେବା ଆମର ଆବଶ୍ୟକତା ନାହିଁ, କିନ୍ତୁ ଏହା ନିଶ୍ଚିତ ଯେ ଏହି ଚତୁର୍ଦେବ ସୌରଗୁଣଯୁକ୍ତ ଅଟନ୍ତି । ସେମାନଙ୍କ ମଧ୍ୟରେ ବୈଦିକ ଦେବତାମାନଙ୍କର ଯେଉଁ ବିଶେଷ ସ୍ୱରୂପ ରହିଛି ଅର୍ଥାତ୍ ସେମାନଙ୍କର ବିଭିନ୍ନ ବ୍ୟକ୍ତିତ୍ୱ ଓ କ୍ରିୟାର ପରିପ୍ରକାଶ ହେଉଥିବା ବେଳେ ମଧ୍ୟ ସେମାନଙ୍କର ମୌଳିକ ଏକତ୍ୱ ସ୍ପଷ୍ଟ ଭାବରେ ପ୍ରକାଶ ପାଇଥାଏ । କେବଳ ଯେ ଏହି ଚାରି ଦେବତା ପରସ୍ପର ଘନିଷ୍ଠଭାବେ ସଂଘବଦ୍ଧ ସେତିକି ନୁହେଁ ପରନ୍ତୁ ମନେ ହୁଏ ଏମାନେ ଯେପରି ପରସ୍ପରର ସ୍ୱଭାବ ଓ ସ୍ୱଗୁଣର ଅଂଶୀଦାର ଅଟନ୍ତି ଏବଂ ଏସମସ୍ତେ ସ୍ପଷ୍ଟତଃ ଯେପରି ସୃଜନାତ୍ମକ ଓ ପ୍ରଦୀପକ ସୌର ରୂପବାନ୍ ସୂର୍ଯ୍ୟ ସବିତାଙ୍କର ବିଭୂତି ।

ସୂର୍ଯ୍ୟ ସବିତା ହେଉଛନ୍ତି ସ୍ରଷ୍ଟା । ବସ୍ତୁଗୁଡ଼ିକର ସତ୍ୟ ଅନୁସାରେ, 'ଋତମ୍'ର ସଂଜ୍ଞା ଅନୁସାରେ ଏହି ଭୁବନଗୁଡ଼ିକୁ ଦିବ୍ୟ-ଚେତନା ମଧ୍ୟରୁ ପ୍ରକାଶକୁ ଅଣାଯାଇଛି, ଏବଂ ଏହି ଦିବ୍ୟ-ଚେତନାକୁ କୁହାଯାଇଛି ଅଦିତି, ଅନନ୍ତସତ୍ତାର ଦେବୀ, ଦେବମାତା, ଅବିଭାଜ୍ୟ ଚେତନା, ସେହି ଦିବ୍ୟ ଜ୍ୟୋତିଃ, ଯାହା କଦାପି କ୍ଷୀଣ ହୁଏନା ଏବଂ ଏହା ସେହି ରହସ୍ୟମୟୀ ଧେନୁର ପ୍ରତୀକ ଯାହାର କଦାପି ବଧ ହୋଇପାରେନା । ସେହି ସୃଷ୍ଟି ମଧ୍ୟରେ ବରୁଣ ଓ ମିତ୍ର, ଅର୍ଯ୍ୟମନ୍ ଓ ଭଗ ଏହି ଚାରି ଦେବତା ପ୍ରଭାବୀ ଶକ୍ତିରଣ ଅଟନ୍ତି । ବରୁଣ 'ସଚ୍ଚିଦାନନ୍ଦ' ଭିତରେ ଥିବା 'ସତ୍' ଅର୍ଥାତ୍ ବିଶୁଦ୍ଧ ଏବଂ ବ୍ୟାପକ ଅସ୍ତିତ୍ୱ ମୂଳକ ତତ୍ତ୍ୱର ପ୍ରତିନିଧି ଅଟନ୍ତି; ଯେଉଁ ଦିବ୍ୟଚେତନା 'ଶକ୍ତି'ରୂପେ କ୍ରିୟାରତ, ଅର୍ଯ୍ୟମନ୍ ତାହାରି ଆଲୋକର ପ୍ରତିନିଧିତ୍ୱ କରନ୍ତି; ମିତ୍ରଦେବ ସୃଷ୍ଟିର ଆନନ୍ଦତତ୍ତ୍ୱର ଉପଯୋଗ-ପୂର୍ବକ ଜ୍ୟୋତିଃ ଓ ଜ୍ଞାନର ପ୍ରତିନିଧି ଅଟନ୍ତି ଏବଂ ସେ ମଧ୍ୟ ସଙ୍ଗତିର ବିଧାନକୁ ପାଳନ କରୁଥିବା 'ପ୍ରେମ' ଅଟନ୍ତି । ସୃଜନଶୀଳ ଭୋଗ ସ୍ୱରୂପ ଆନନ୍ଦର ପ୍ରତିନିଧି ଅଟନ୍ତି ଭଗ; ସେ ସୃଷ୍ଟିର ଆନନ୍ଦକୁ ଭୋଗ କରନ୍ତି, ସୃଷ୍ଟ ବସ୍ତୁମାନଙ୍କର ଆନନ୍ଦକୁ ଉପଭୋଗ କରନ୍ତି । 'ମାୟା' ବୋଲି ଯାହାକୁ କୁହାଯାଏ ତାହା ବରୁଣ ତଥା ମିତ୍ରଙ୍କର ରୂପାୟନକାରିଣୀ ପ୍ରଜ୍ଞା ଯାହା ସେହି ଆଲୋକକୁ ଅସଂଖ୍ୟ ଗୁଣରେ ବ୍ୟକ୍ତ କରେ; ଯାହା ଭୁବନଗୁଡ଼ିକୁ ଅଭିବ୍ୟକ୍ତ କରିବା ପାଇଁ 'ଉଷା'ଙ୍କ ଦ୍ୱାରା ଆନୀତା ଅଦିତିଙ୍କର ଜ୍ୟୋତିଃ ଅଟେ ।

ଏହି ଚତୁର୍ଦେବ ନିଜ ନିଜର ମନସ୍ତାତ୍ତ୍ୱିକ କ୍ରିୟାବଳୀ ଅନୁସାରେ ମାନବ ମନରେ ଏବଂ ମାନବୀୟ ସ୍ୱଭାବ ମଧ୍ୟରେ କାର୍ଯ୍ୟ କରୁଥିବା ବେଳେ ସେହି ସମାନ ତତ୍ତ୍ୱର ପ୍ରତିନିଧିତ୍ୱ କରନ୍ତି । ସେମାନେ ମାନବ ମଧ୍ୟରେ ତାହାର ସତ୍ତାର ନାନା ସ୍ତରକୁ ଗଢ଼ି ତୋଳନ୍ତି ଓ ପରିଶେଷରେ ତାହାକୁ ଦିବ୍ୟ 'ସତ୍ୟ'ର ବିବିଧ ସଂଜ୍ଞା ଓ ରୂପ ମଧ୍ୟରେ ରୂପାୟିତ କରନ୍ତି । ବିଶେଷତଃ ମିତ୍ର ଓ ବରୁଣଙ୍କୁ ନିରନ୍ତର ଏହିପରି ବର୍ଣ୍ଣନା କରାଯାଇଛି ଯେ ସେ ଦୁହେଁ ନିଜର କର୍ମବିଧାନକୁ ଦୃଢ଼ତାର ସହ ଧରିଥା'ନ୍ତି, 'ସତ୍ୟ'ର ବୃଦ୍ଧି ସାଧନ କରିଥା'ନ୍ତି, 'ସତ୍ୟ'କୁ ସ୍ୱର୍ଶ କରିଥା'ନ୍ତି ଏବଂ 'ସତ୍ୟ' ଦ୍ୱାରା ସେହି କର୍ମଗତ ଦିବ୍ୟ-ସଂକଳ୍ପକୁ ଅଥବା ଏହାର ମହାନ୍ ତଥା ଅବିବାଦିତ ଯଜ୍ଞୀୟ କର୍ମକୁ ଭୋଗ କରନ୍ତି ।

ବରୁଣ ବିଶାଳତା, ସାଧୁତା ଓ ଶୁଦ୍ଧତାର ପ୍ରତିନିଧିତ୍ୱ କରନ୍ତି; ଯେକୌଣସି ବସ୍ତୁ ସାଧୁତାରୁ ତଥା ଶୁଦ୍ଧତାରୁ ବିଚ୍ୟୁତ ହୋଇଯିବାର ଅର୍ଥ ବରୁଣଙ୍କ ସତ୍ତାଠାରୁ ସେ ଦୂରେଇ ଯାଉଛି ଏବଂ ଏହି ପାପର ଦଣ୍ଡସ୍ୱରୂପ ବରୁଣ ସେହି ଆକ୍ରାନ୍ତା ଉପରେ ପ୍ରହାର କରିଥା'ନ୍ତି । ମଣିଷ ଯେପର୍ଯ୍ୟନ୍ତ ବରୁଣଙ୍କ 'ସତ୍ୟ' ରୂପକ ବିଶାଳତାରେ ଉପନୀତ ନ ହୋଇଛି ସେପର୍ଯ୍ୟନ୍ତ ସେ ବିଶ୍ୱ-ଯଜ୍ଞର ସ୍ତମ୍ଭଗୁଡ଼ିକରେ ମନ-ପ୍ରାଣ-ଶରୀର ରୂପକ ତ୍ରିବିଧ ବନ୍ଧନ-ରଜ୍ଜୁ ଦ୍ୱାରା ବଳି ରୂପେ ବନ୍ଧା ହୋଇଥାଏ ଏବଂ ସେ ଅଧିକାରୀ ଓ ଭୋକ୍ତା ଭାବେ ମୁକ୍ତି

ଲାଭ କରି ନ ଥାଏ । ବରୁଣଙ୍କ ପାଶରୁ ବିମୋଚିତ ହେବା ନିମନ୍ତେ, ତାଙ୍କ ପବିତ୍ରତାରେ ବିଘ୍ନ ଆଣିବା ହେତୁ ଉପୁଜିଥିବା ତାଙ୍କର କ୍ରୋଧରୁ ରକ୍ଷା ପାଇବା ନିମନ୍ତେ ହୋଇଥିବା ପୁନଃ ପୁନଃ ପ୍ରାର୍ଥନା ଆମେ ଏଥିପାଇଁ ବେଦରେ ଦେଖିବାକୁ ପାଇଥାଉଁ । ଅନ୍ୟ ପକ୍ଷରେ ମିତ୍ରଦେବ ହେଉଛନ୍ତି ଦେବଗଣଙ୍କ ମଧ୍ୟରେ ସର୍ବପ୍ରିୟ; ସଙ୍ଗତିର ସ୍ଥିର ସ୍ଥିତି ଦ୍ୱାରା, ବସ୍ତୁଗୁଡ଼ିକର ବିଧାନ ମଧ୍ୟରେ ସ୍ୱୟଂ ପରିପୂର୍ଣ୍ଣ ହୋଇ ଉଠୁଥିବା 'ପ୍ରେମ'ର କ୍ରମୋତ୍ତରଭାବେ ଉଜ୍ଜ୍ୱଳ ହୋଇ ଉଠୁଥିବା ଧାମ ଦ୍ୱାରା – **''ମିତ୍ରସ୍ୟ ଧାମଭିଃ''** – ସେ ସମସ୍ତଙ୍କୁ ଏକତ୍ର ବନ୍ଧନଭୁକ୍ତ କରିଥା'ନ୍ତି । ତାଙ୍କ ନାମ 'ମିତ୍ର'କୁ ସର୍ବଦା ଦ୍ୱି-ଅର୍ଥକତାର ପ୍ରୟୋଗ ଚାତୁରୀ ସହିତ ପ୍ରୟୋଗ କରାଯାଇଛି – ଏହାର ସଖା ରୂପକ ଅର୍ଥ ମଧ୍ୟ ରହିଛି, ଏ ସେଇଥିପାଇଁ 'ମିତ୍ର' ଯେହେତୁ ସମସ୍ତଙ୍କ ମଧ୍ୟରେ ମିତ୍ର ନିବାସ କରୁଛନ୍ତି, ସେହି କାରଣରୁ ଅନ୍ୟ ଦେବତାମାନେ ମାନବର ସଖା ହୋଇଥା'ନ୍ତି । ବେଦରେ 'ଅର୍ଯମନ୍'ଙ୍କର ଅବତାରଣା କରାଯାଇଛି କିନ୍ତୁ ତାଙ୍କ ସ୍ୱରୂପରେ ସେପରି ବିଶେଷ ଭିନ୍ନତା ପରିଲକ୍ଷିତ ହୁଏ ନାହିଁ, କାରଣ ବେଦରେ ତାଙ୍କ ପ୍ରସଙ୍ଗ ସ୍ୱଳ୍ପ ଦେଖାଯାଏ । 'ଭଗ'ଙ୍କର ଗୁଣ କର୍ମର ଚିତ୍ରଣ ଅଧିକ ସ୍ପଷ୍ଟ ରୂପେ ରହିଛି ଏବଂ ବିଶ୍ୱରେ ଓ ମାନବ ମଧ୍ୟରେ ତାହା ଏକା ପ୍ରକାର ।

ସବିତାଙ୍କ ପ୍ରତି ନିବେଦିତ ଶ୍ୟାବାଶ୍ୱଙ୍କର ଏହି ସୂକ୍ତରେ 'ଭଗ' ଓ 'ସୂର୍ଯ୍ୟ ସବିତା'ଙ୍କ ସହିତ ତାଙ୍କର ଏକତ୍ୱ ଏହି ଉଭୟ କ୍ରିୟାବଳିକୁ ଆମେ ଦେଖିବାକୁ ପାଉ; କାରଣ 'ସତ୍ୟ'ର ସୃଜନଶୀଳ 'ଦେବ' 'ସୂର୍ଯ୍ୟ'ଙ୍କ ଉଦ୍ଦେଶ୍ୟରେ ସୂକ୍ତଟି ସମ୍ବୋଧିତ ହୋଇଛି, କିନ୍ତୁ ବିଶେଷତଃ ଭଗରୂପୀ ସୂର୍ଯ୍ୟ ହେଉଛନ୍ତି ଦିବ୍ୟ ଭୋଗର ଦେବତା । 'ଭଗ' ଶବ୍ଦଟିର ଅର୍ଥ ଭୋଗ ଅଥବା ଭୋକ୍ତା ଏବଂ ଏହି ଅର୍ଥକୁ ଏହା ଧାରଣ କରିଛି ବିଶେଷତଃ ଏହା ଦିବ୍ୟ ନାମ 'ଭଗ' ସହ ଉପଯୁକ୍ତ ବୋଲି, ଏହି ସୂକ୍ତର ରଚାଗୁଡ଼ିକରେ 'ଭୋଜନମ୍', 'ଭାଗ', 'ସୌଭଗମ୍' ପଦାବଳୀର ପ୍ରୟୋଗ ଦ୍ୱାରା ଏହି ଅର୍ଥଟି ଗୁରୁତ୍ୱ ଲାଭ କରିଛି । ଆମେ ଦେଖିଛୁ ଯେ 'ସବିତା' ଅର୍ଥ 'ସ୍ରଷ୍ଟା', କିନ୍ତୁ ବିଶେଷତଃ ଅବ୍ୟକ୍ତାବସ୍ଥାରୁ ବହିଃନିଃସାରଣ କରିବା ତଥା ଉତ୍ସର୍ଜନ କରିବା ଏବଂ ଅଭିବ୍ୟକ୍ତି ମଧ୍ୟକୁ ନେଇ ଆସିବା । ଶବ୍ଦଟିର ଏହି ଧାତୁଗତ ଅର୍ଥଟି ସମଗ୍ର ସୂକ୍ତରେ ଯେପରି ନିରନ୍ତର ସ୍ଥାନଗ୍ରହଣ କରି ରହିଛି ତାହାକୁ କୌଣସି ଅନୁବାଦରେ ଠିକ୍‌ଭାବେ ପ୍ରକାଶ କରିବା ଅସମ୍ଭବ । ଏକେବାରେ ପ୍ରଥମ ଋକ୍‌ରେ ଏହି ପ୍ରକାର ଅର୍ଥଟି ଅନ୍ତରାଳରେ ବିଦ୍ୟମାନ; କାରଣ 'ଭୋଜନମ୍' ଅର୍ଥ ଭୋଗ ଓ ଖାଦ୍ୟ ଉଭୟ, ଆହୁରି ମଧ୍ୟ ଏଠାରେ ଏହା କହିବାର ଅଭିପ୍ରାୟ ରହିଛି ଯେ ''ସବିତାଙ୍କର ଭୋଗ'' ହେଉଛନ୍ତି 'ସୋମ' – ଏହା ସେହି ସମାନ 'ସୁ' ଧାତୁରୁ ନିଷ୍ପନ୍ନ, ଯାହାର ଅର୍ଥ ଜନ୍ମଦେବା, ଚିପୁଡ଼ି ବାହାର କରିବା, ବିନ୍ଦୁ ବିନ୍ଦୁ କରି ନିଃସାରିତ କରିବା । 'ସୋମ' ହେଉଛନ୍ତି ଦିବ୍ୟସତ୍ତା ସ୍ୱରୂପ ଦେବଗଣଙ୍କର ଭୋଜନ, ସର୍ବୋତ୍ତମ ରସ, ମହାନ୍

'ସବିତା'ଙ୍କର ଶୀର୍ଷତମ ଉତ୍ପାଦନ । ଋଷି ଯାହାର ପ୍ରାପ୍ତିକୁ ଚାହୁଁଛନ୍ତି ତାହା ହେଉଛି ଅମର ତଥା ଅମୃତତ୍ୱବିଧାୟକ 'ଆନନ୍ଦ'ର ସକଳ ବସ୍ତୁ ମଧ୍ୟରେ ଭୋଗ ।

ଏହି ଆନନ୍ଦ ଯାହା ଦିବ୍ୟସ୍ରଷ୍ଟା ସ୍ୱରୂପ 'ସୂର୍ଯ୍ୟ ସବିତା'ଙ୍କ ଭୋଗ୍ୟବସ୍ତୁ ତାହା ହେଉଛି 'ସତ୍ୟ'ର ସର୍ବୋଚ୍ଚ ପରିଣାମ; କାରଣ ଦିବ୍ୟାନନ୍ଦର ପଥ ବୋଲି ସତ୍ୟର ଅନୁସରଣ କରାଯାଏ । ଏହି 'ଆନନ୍ଦ' ହେଉଛି ସର୍ବୋଚ୍ଚ ତଥା ଶ୍ରେଷ୍ଠ ଭୋଗ । ସତ୍ୟଜିତ୍ତିକୁ ଏହା ସୁବ୍ୟବସ୍ଥାପିତ କରିଥାଏ; କାରଣ ଏହି 'ଆନନ୍ଦ', ସର୍ବଭୂତସ୍ଥ ଏହି ଦିବ୍ୟାନନ୍ଦ, ଥରେ ଯଦି ପ୍ରାପ୍ତ ହୋଇଯାଏ ତେବେ ଏହାହିଁ ଜଗତର ସକଳ ବିକୃତି ତଥା ସକଳ ଦୁରିତକୁ ସୁପଥରେ ବ୍ୟବସ୍ଥାପିତ କରିଦିଏ । ମନୁଷ୍ୟକୁ ଏହା ଲକ୍ଷ୍ୟ ଦିଗରେ ଘେନିଯାଏ । ଯଦି ଆମେ ସତ୍ୟ ଓ ବସ୍ତୁଗୁଡ଼ିକର ଧର୍ମ ଦ୍ୱାରା ଆନନ୍ଦରେ ଉପନୀତ ହେଉ ତେବେ 'ଆନନ୍ଦ' ଦ୍ୱାରା ମଧ୍ୟ ଆମେ ବସ୍ତୁଗୁଡ଼ିକର ଧର୍ମ ଓ ସତ୍ୟରେ ଉପନୀତ ହୋଇପାରିବୁ । 'ଭଗ' ରୂପଧାରୀ ଏହି ଦିବ୍ୟ'ସ୍ରଷ୍ଟା'କୁ ଆଶ୍ରୟ କରି ଭଗବାନଙ୍କ ନିମନ୍ତେ ତଥା ସକଳ ବସ୍ତୁର ଯଥାର୍ଥ ଭୋଗ ନିମନ୍ତେ ଏହି ମାନବୀୟ ସାମର୍ଥ୍ୟ ବିଦ୍ୟମାନ । ମାନବୀୟ ମନ, ହୃଦୟ ଓ ପ୍ରାଣିକ ଶକ୍ତି ତଥା ଦୈହିକ ସତ୍ତା ଏହି 'ଭଗ'କୁ ଯେତେବେଳେ ଆଦରି ନେବେ, ମନୁଷ୍ୟ ନିଜେ ଯେତେବେଳେ ଏହି ଦିବ୍ୟରୂପକୁ ଗ୍ରହଣ କରିନେବ ସେତେବେଳେ ଯାଇ ଏହି ପାର୍ଥିବ ଆନନ୍ଦ ସ୍ୱୟଂ ଅଭିବ୍ୟକ୍ତ ହେବ । (ମନ୍ତ୍ର-୧)

ଏହି ଦିବ୍ୟ 'ଭୋକ୍ତା' ବସ୍ତୁଗୁଡ଼ିକରେ ଯାହାକିଛି ସୁଖ ଲାଭ କରନ୍ତି ତାହାକୁ ଦେବତା ନୁହେଁ କି ଅସୁର ନୁହେଁ, ନା ମିତ୍ର ନା ଶତ୍ରୁ, ନା କୌଣସି ଘଟନା ନା କୌଣସି ଇନ୍ଦ୍ରିୟାନୁଭବ, କେହି ବି ସୀମିତ କରିପାରନ୍ତି ନାହିଁ, କେହି ବି କ୍ଷୀଣ କରିପାରନ୍ତି ନାହିଁ, ତାଙ୍କ ଭୋଗର ତାହା ଯେକୌଣସି ଆଧାର ବା ବିଷୟ ହୋଇଥାଉ ପଛେ । କାରଣ ତାଙ୍କର ଯେଉଁ ଦୀପ୍ତିମୟ ସ୍ୱୟଂ ସାମ୍ରାଜ୍ୟ – ସ୍ୱରାଜ୍ୟ – ରହିଛି, ଅନନ୍ତ ସତ୍ତା ମଧ୍ୟରେ ନିଜର ଯେଉଁ ପରିପୂର୍ଣ୍ଣ ଅଧିକାର ରହିଛି, 'ସତ୍ୟ' ଧର୍ମର ଯେଉଁ ଅସୀମ ଆନନ୍ଦ ଓ ବିଶାଳତା ରହିଛି ତାହାକୁ କ୍ଷୀଣ ବା ସୀମିତ ବା ଆହତ କରିବା ପାଇଁ କିଛି ହେଲେ ନାହିଁ । (ମନ୍ତ୍ର-୨)

ଏହି କାରଣରୁ ଏହି ଦେବତାହିଁ ଯଜ୍ଞଦାତାଙ୍କ ନିକଟକୁ ସପ୍ତ ଆନନ୍ଦ, 'ସପ୍ତରଶ୍ମି', ଆଣିଥା'ନ୍ତି । ଆମ ଉପରେ ସେ ତାହା ଅଜାଡ଼ି ଦିଅନ୍ତି; କାରଣ ସେମାନେ ଏହି ଜଗତ୍ ମଧ୍ୟରେ ବିଦ୍ୟମାନ ଠିକ୍ ଯେପରି ସେମାନେ ଦିବ୍ୟସତ୍ତା ମଧ୍ୟରେ ରହିଥା'ନ୍ତି, ସେମାନେ ଆମ ମଧ୍ୟରେ ବି ବିଦ୍ୟମାନ, ଏବଂ ସେମାନଙ୍କର କେବଳ ଏକ ଅଭିପ୍ରାୟ ଯେ ଆମ ବାହ୍ୟ ଚେତନା ଉପରେ ସେମାନେ ନିଜକୁ ଉନ୍ମୁକ୍ତ କରିଦେବେ । ଏହି ସପ୍ତଉଙ୍ଗୀ ଆନନ୍ଦର ଯେଉଁ ସମୃଦ୍ଧି ତଥା ବିଚିତ୍ର ବୃଦ୍ଧି ବା ବିପୁଳତା, ଆମ ସତ୍ତାର ସକଳ ସ୍ତରରେ ଯିଏ ପୂର୍ଣ୍ଣ

ସିଏ ହେଉଛନ୍ତି 'ଭଗ', ପୂର୍ଣ୍ଣ ହୋଇଯାଇଥିବା ଯଜ୍ଞରେ ସିଏ ହେଉଛନ୍ତି ଭୋଗ ବା 'ଭଗ ସବିତା'ଙ୍କର ଏକ ଅଂଶ, ଏବଂ ଏ ହେଉଛନ୍ତି ସେହି ଚିତ୍ର-ବିଚିତ୍ର ସମ୍ପଦ ଯାହା ଦିବ୍ୟ 'ଭୋକ୍ତା'ଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ତାହାକୁ ଋଷି ଯଜ୍ଞ ମଧ୍ୟରେ ନିଜ ପାଇଁ ତଥା ନିଜ ସଖାମାନଙ୍କ ପାଇଁ କାମନା କରୁଛନ୍ତି । (ମନ୍ତ୍ର-୩)

ଏହା ପରେ ଶ୍ୟାବାଶ୍ୱ 'ଭଗ ସବିତା'ଙ୍କୁ ପ୍ରାର୍ଥନା କରୁଛନ୍ତି କି ସେ କୃପାପରବଶ ହୋଇ ଆଜି ମଧ୍ୟ ତାଙ୍କୁ ଆନନ୍ଦରୂପକ ସମ୍ପଦ ପ୍ରଦାନ କରନ୍ତୁ ଯାହା ବନ୍ଧ୍ୟ ହୋଇ ନଥିବ ପରନ୍ତୁ କ୍ରିୟାକଳାପରେ ଭରି ରହିଥିବ, ଆତ୍ମାର ସନ୍ତାନଗଣଙ୍କ ଦ୍ୱାରା ସମୃଦ୍ଧ ହୋଇଥିବ, **ପ୍ରଜାବତ୍ ସୌଭଗମ୍** । ଆନନ୍ଦ ହେଉଛି ସୃଜନଶୀଳ, 'ଜନ', ଅର୍ଥାତ୍ ଏହା ସେହି ଆନନ୍ଦ ଯାହା ଜଗତ୍ ଓ ଜୀବନର ଜନକ; ଆମ ଉପରେ ଅଜାଡ଼ି ପଡୁଥିବା ସମୃଦ୍ଧିର ଅଭିପ୍ରାୟ ଏହା ଯେ, ଏହା ହେଉଛି ସତ୍ୟର ନ୍ୟାୟରେ ଧାରଣା କରାଯାଇଥିବା ଏକ ସୃଜନ ଏବଂ ଯାହା ମିଥ୍ୟାକୁ ଆଶ୍ରୟ କରି ରହିଛି, ଦିବ୍ୟ 'ସତ୍ୟ' ବିଷୟରେ ଅଜ୍ଞାନତା ଦ୍ୱାରା ଗଠିତ ସତ୍ୟ ବିରୋଧୀ ଯେଉଁ ସ୍ୱପ୍ନ, **ଦୁଃଷ୍ୱପ୍ନ୍ୟମ୍**, ତାହା ଦୂର ହେଉ, ଆମ ସଚେତନ ସତ୍ତାମଧ୍ୟରୁ ବହିଷ୍କୃତ ହେଉ । (ମନ୍ତ୍ର-୪)

ପରବର୍ତ୍ତୀ ମନ୍ତ୍ରରେ ଋଷି 'ଦୁଃଷ୍ୱପ୍ନ୍ୟମ୍'ର ଅର୍ଥକୁ ସ୍ପଷ୍ଟ କରୁଛନ୍ତି । ସେ ସକଳ ଦୁରିତ, **ବିଶ୍ୱାନି ଦୁରିତାନି**, ବହିଷ୍କାର କରିବାକୁ ଚାହୁଁଛନ୍ତି । ବେଦରେ '**ସୁବିତମ୍**' ଓ '**ଦୁରିତମ୍**'ର ଆକ୍ଷରିକ ଅର୍ଥ ହେଉଛି - ସୁପଥରେ ଚାଲିବା ଓ କୁପଥରେ ଚାଲିବା । **ସୁବିତମ୍** ହେଉଛି ଚିନ୍ତା ଓ କର୍ମର ସତ୍ୟ, **ଦୁରିତମ୍** ହେଉଛି ପ୍ରମାଦ ବା ସ୍ଖଳନ, ପାପ ବା ଦୁଷ୍କୃତି । **ସୁବିତମ୍** ହେଉଛି ସୁଗତି, ଆନନ୍ଦ, ଆନନ୍ଦର ପଥ; **ଦୁରିତମ୍** ହେଉଛି ବିପତ୍ତି, ଦୁଃଖକଷ୍ଟ, ପ୍ରମାଦ ଓ ଦୁଷ୍କର୍ମର ସକଳ ପରିଣାମ । ଯେତେସବୁ ଦୁରିତ, **ବିଶ୍ୱାନି ଦୁରିତାନି**, ସେହି ଦୁଃଷ୍ୱପ୍ନ୍ୟରେ ରହିଛି ସେସବୁକୁ ଆମ ମଧ୍ୟରୁ ବହିଷ୍କୃତ କରି ଦେବାକୁ ହେବ । 'ଭଗ' ଏହା ପରିବର୍ତ୍ତେ ସକଳ ମାଙ୍ଗଳିକ ବସ୍ତୁ, '**ଭଦ୍ରମ୍**', ପ୍ରେରଣ କରନ୍ତି, 'ଭଦ୍ରମ୍' ଅର୍ଥାତ୍ ଆନନ୍ଦର ପରିପ୍ରେକ୍ଷୀରେ ଯାହା ହିତକର, ଦିବ୍ୟଭୋଗର ଯାହାସବୁ କଲ୍ୟାଣକର ବସ୍ତୁ, ଯଥାର୍ଥ କ୍ରିୟା-କଳାପର ଅନ୍ତର୍ଗତ ଖୁସି, ଏକ ଯଥାର୍ଥ ସୃଜନ ।
(ମନ୍ତ୍ର-୫)

କାରଣ, 'ସବ' ଶବ୍ଦର ଦ୍ୱୈତ ଅର୍ଥ ରହିଛି : ଗୋଟିଏ ''ବିସର୍ଗ'', ଏହା ସୃଷ୍ଟି ଅର୍ଥରେ ବ୍ୟବହୃତ, ଅନ୍ୟଟି ଯଜ୍ଞ ଅର୍ଥାତ୍ 'ସୋମ'ର ନିଷ୍କାସନ ଓ ଆହୁତିପ୍ରଦାନ । ଭଗ-ସବିତାଙ୍କ ସୃଷ୍ଟିରେ ଅଥବା ତାଙ୍କର ପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଯଜ୍ଞରେ, ''ସବେ'', ମାନବଗଣ ସେହି 'ଆନନ୍ଦ' ଦ୍ୱାରା ପାପ ଓ ଅପବାଦର ଉର୍ଦ୍ଧ୍ୱରେ ଉପନୀତ ହୋଇଥା'ନ୍ତି, **ଅନାଗସଃ**, ସେମାନେ ଅଦିତି-ଦୃଷ୍ଟିରେ ନିର୍ଦ୍ଦୋଷ ହୋଇଥା'ନ୍ତି, ଅର୍ଥାତ୍ ମୁକ୍ତିପ୍ରାପ୍ତ ବ୍ୟକ୍ତି-ଆତ୍ମାର

ପ୍ରାପ୍ୟ ଅଖଣ୍ଡିତ ତଥା ଅନନ୍ତ ଚେତନା ପ୍ରାପ୍ତି ନିମନ୍ତେ ଯୋଗ୍ୟ ହୋଇଥା'ନ୍ତି । ସେହି ମୁକ୍ତିପ୍ରାପ୍ତି ହେତୁ ସେମାନଙ୍କ ମଧ୍ୟରେ ଆନନ୍ଦ ବିଶ୍ୱାତ୍ମକ ହେବାରେ ସମର୍ଥ । ସେମାନଙ୍କ ଧ୍ୟାନ ଦ୍ୱାରା ସେମାନେ ଆନନ୍ଦର ସକଳ ବସ୍ତୁକୁ, ବିଶ୍ୱା ବାମାନି, ଧାରଣ କରିବାକୁ ସମର୍ଥ; କାରଣ 'ଧୀ' ହେଉଛି ଏପରି ଏକ ବୋଧ ଯାହା ଧାରଣ କରେ ଓ ବ୍ୟବସ୍ଥିତ କରେ, ତାହାରି ମଧ୍ୟରେ ରହିଛି ଜଗତର ଯଥାର୍ଥ ବ୍ୟବସ୍ଥା, ଯଥାର୍ଥ ସମ୍ବନ୍ଧର, ଯଥାର୍ଥ ଉଦ୍ଦେଶ୍ୟର, ଉଚିତ ଉପଯୋଗର, ଉଚିତ ସଫଳତାର ଅନ୍ତର୍ବୋଧ, ସକଳ ବସ୍ତୁ ପ୍ରତି ଦିବ୍ୟ ଓ ସୁଖପୂର୍ଣ୍ଣ ଉଦ୍ଦେଶ୍ୟ । (ମନ୍ତ୍ର-୬)

ଏ ହେଉଛନ୍ତି ବିଶ୍ୱାତ୍ମକ 'ଦିବ୍ୟସତ୍ତା', 'ସତ୍'ର ଅଧିପତି, ଯାହାଙ୍କଠାରୁ ସକଳ ବସ୍ତୁ ସତ୍ୟର ସର୍ତ୍ତ ଅନୁସାରେ, 'ସତ୍ୟମ୍', ରଚିତ ହୋଇଛନ୍ତି, ଏହାଙ୍କୁହିଁ ଯଜ୍ଞସାଧକଗଣ 'ଭଗ ସବିତା' ବୋଲି ସଂଜ୍ଞାଦେଇ ପାବନ 'ମନ୍ତ୍ର' ମାଧ୍ୟମରେ ତାଙ୍କୁ ଆପେ ଗ୍ରହଣ କରିବାକୁ ଅଭିଳାଷ କରୁଛନ୍ତି । ଏ ହେଉଛନ୍ତି ସେହି ସ୍ରଷ୍ଟା ଯାହାଙ୍କ ସୃଷ୍ଟି ହେଉଛି 'ସତ୍ୟ', ଯାହାଙ୍କ ଯଜ୍ଞ ହେଉଛି ନିଜ ସ୍ଥିତିଗତ ଦିବ୍ୟ ଓ ଅପ୍ରମାଦୀ ପୁଇଙ୍କ ରୂପକ ସ୍ୱକୀୟ 'ଆନନ୍ଦ'ର ବର୍ଷଣ ମାଧ୍ୟମରେ ମାନବାତ୍ମା ମଧ୍ୟରେ ବନ୍ୟା ଆଣିବା । 'ସତ୍ୟ'ର ଅଧିପତି 'ସୂର୍ଯ୍ୟ ସବିତା' ରୂପେ ସେ ଏହି ରାତ୍ରୀ ଓ ଏହି ଉଷା, ବ୍ୟକ୍ତ ଚେତନା ଓ ଅବ୍ୟକ୍ତ ଚେତନା, ଜାଗ୍ରତ୍ ସତ୍ତା ଓ ଅବଚେତନ ତଥା ଅତିଚେତନ — ଉଭୟର ସମ୍ମୁଖୀନ ହୁଅନ୍ତି, ଯାହାଙ୍କ ଅନ୍ୟୋନ୍ୟ କ୍ରିୟା ଆମର ସକଳ ଅନୁଭୂତି ସୃଷ୍ଟି କରିଥାଏ; ଏବଂ ତାଙ୍କ ଘଡିରେ ସେ କିଛିକୁ ଉପେକ୍ଷା କରନ୍ତି ନାହିଁ, କଦାପି ଅନବଧାନଭାବେ ରହନ୍ତି ନାହିଁ, କଦାପି ସ୍ଖଳିତ ହୁଅନ୍ତି ନାହିଁ । ଅବଚେତନା ରୂପକ ରାତ୍ରିର ଗର୍ଭରୁ ଦିବ୍ୟ'ଜ୍ୟୋତିଃ'କୁ ପ୍ରକାଶ କରାଇ, ସଚେତନାର ସେହି ଅନିଶ୍ଚିତ ତଥା ବିକାରଗ୍ରସ୍ତ ପ୍ରତିଫଳନଗୁଡ଼ିକୁ 'ଆଲୋକ'ର ଭାସ୍ୱର ଜ୍ୟୋତିଃ-ସ୍ତମ୍ଭରେ ପରିଣତ କରି ସେ ସେହି ଉଭୟର ସମ୍ମୁଖକୁ ଯାଇଥା'ନ୍ତି ଏବଂ ତାଙ୍କର ଧୀ ସତତ ଯଥାର୍ଥଭାବେ ନ୍ୟସ୍ତ ହୋଇଥାଏ । ସକଳ ଦୋଷର ମୂଳ ଉତ୍ସ ହେଲା ପ୍ରମାଦଯୁକ୍ତ ପ୍ରୟୋଗ, ସତ୍ୟକୁ ଅସ୍ଥାନରେ ରଖିବା, ଆୟୋଜନରେ ତ୍ରୁଟି, ଭୁଲ୍ ସମ୍ପର୍କ, ସମୟ ଓ ସ୍ଥାନ ତଥା ବିଷୟବସ୍ତୁ ଓ କ୍ରମସଂସ୍ଥାନର ଅନୁଚିତ ବିନ୍ୟାସ । କିନ୍ତୁ ଏହି 'ସତ୍ୟାଧିପତି'ଙ୍କ କ୍ଷେତ୍ରରେ ଏପରି ତ୍ରୁଟି, ଏପରି ସ୍ଖଳନ, ଏପରି ଅସ୍ଥାନ ବିନ୍ୟାସ ଘଟି ନଥାଏ ।
(ମନ୍ତ୍ର-୭, ୮)

'ସୂର୍ଯ୍ୟ ସବିତା', ଯିଏ 'ଭଗ' ବୋଲି ଅଭିହିତ ସିଏ ଆମ ଅନ୍ତଃ ଓ ବାହ୍ୟ ରୂପେ ବିରଚିତ ଭୁବନଗୁଡ଼ିକର ମଧ୍ୟବର୍ତ୍ତୀ ହୋଇ ଦଣ୍ଡାୟମାନ । ସୃଜନାତ୍ମିକା ଚେତନା ମଧ୍ୟରେ ଯାହାକିଛି ଜନ୍ମଗ୍ରହଣ କରିବାର ଥାଏ ସେସବୁକୁ ସେ ବିଜ୍ଞାନ ମଧ୍ୟରେ ଗ୍ରହଣ କରିଥାନ୍ତି; ସେଠାରେ ସେ ଏହାକୁ ସେହି ଜ୍ଞାନ ଦ୍ୱାରା ଯାହା ଅବତରଣ ମାତ୍ରେ 'ବାକ୍'କୁ ଶ୍ରବଣ ଓ

ଗ୍ରହଣ କରିଥାଏ, ଦିବ୍ୟ-ଛନ୍ଦୋଲୟରେ ଏହାକୁ ନିଜ ଯଥାର୍ଥ ସ୍ଥାନରେ ନିହିତ କରିଥାଏ ଏବଂ ସେହି ହେତୁ ବସ୍ତୁଗୁଡ଼ିକର ଗତିଛନ୍ଦ ମଧ୍ୟକୁ ପ୍ରେରିତ କରିଦେଇଥାଏ, **ଆଶ୍ରାବୟତି ଶ୍ଲୋକେନ ପ୍ର ଚ ସୁବାତି** । ଯେତେବେଳେ ସକ୍ରିୟ ଆନନ୍ଦର ପ୍ରତ୍ୟେକ ରଚନା, **ପ୍ରଜାବତ୍ ସୌଭଗମ୍**, ଏହି ଭାବେ ଅବ୍ୟକ୍ତ ମଧ୍ୟରୁ ନିର୍ଗତ ହୋଇଆସନ୍ତି, ବସ୍ତୁଗୁଡ଼ିକର ତ୍ରୁଟିରହିତ ଛନ୍ଦ ମଧ୍ୟରେ ଜ୍ଞାନ ଦ୍ୱାରା ଉପଯୁକ୍ତ ରୂପେ ଗୃହୀତ ଓ ଶ୍ରୁତ ହୁଅନ୍ତି, ସେତେବେଳେ ଯାଇ 'ଭଗ ସବିତା'ଙ୍କ ଦ୍ୱାରା ରଚିତ ଏହି ଯେଉଁ ସୃଷ୍ଟି ଏବଂ ଏହି ସୃଷ୍ଟିର ଯେତେସବୁ ଜନ୍ମଗ୍ରହଣ, ଆମର ପୁତ୍ରପୁତ୍ରୀଗଣ, ଆମର ସନ୍ତାନଗଣ, **ପ୍ରଜା, ଅପତ୍ୟମ୍**, ସମସ୍ତେ ଆନନ୍ଦର ବସ୍ତୁରେ ପରିଣତ ହେବେ, **ବିଶ୍ୱା ବାମାନି** । ମାନବ ମଧ୍ୟରେ ଏହାହିଁ 'ଭଗ'ଙ୍କର ସାଧ ବିଷୟ, ବିଶ୍ୱଯଜ୍ଞର ପୂର୍ଣ୍ଣଭାଗ । (ମନ୍ତ୍ର-୯)

ଅଧ୍ୟାୟ – ୮

ବାୟୁ, ପ୍ରାଣଶକ୍ତିମାନଙ୍କ ଦେବତା

(ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୮, ଋଷି : ବାମଦେବ)

ବିହି ହୋତ୍ରା ଅବୀତା ବିପୋ ନ ରାୟୋ ଅର୍ୟଃ ।
ବାୟବା ଚନ୍ଦ୍ରେଣ ରଥେନ ୟାହି ସୁତସ୍ୟ ପୀତୟେ ॥୧॥

ଅର୍ଥ (ଅନ୍ୱୟ ସହ) : ଅବ୍ୟକ୍ତ ହୋଇ ରହିଥିବା [ଅବୀତା] ଯାଜ୍ଞିକ ଶକ୍ତିଗୁଡ଼ିକୁ [ହୋତ୍ରା] ତୁମେ ଜଣେ ସମୃଦ୍ଧିର ଅଭିବ୍ୟଞ୍ଜକ ତଥା କର୍ମବିଧାୟକ ଭଳି [ରାୟଃ ବିପଃ ଅର୍ୟଃ ନ] ଅଭିବ୍ୟକ୍ତ କର [ବିହି]; ହେ ବାୟୋ [ବାୟୋ] ! ସୋମରସ ପାନ ନିମନ୍ତେ [ସୁତସ୍ୟ ପୀତୟେ] (ତୁମେ) ଆନନ୍ଦ-ଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ୟାହି] ।

ନିର୍ୟୁବାଣୋ ଅଶସ୍ତୀର୍ନିୟୁତ୍ୱାଁ ଇନ୍ଦ୍ରସାରଥିଃ ।
ବାୟବା ଚନ୍ଦ୍ରେଣ ରଥେନ ୟାହି ସୁତସ୍ୟ ପୀତୟେ ॥୨॥

ଅର୍ଥ (ଅନ୍ୱୟ ସହ) : ଅଭିବ୍ୟକ୍ତିର ସକଳ ନକାରାତ୍ମକତାକୁ [ଅଶସ୍ତୀଃ] ନିରସ୍ତ କରିବା ପୂର୍ବକ [ନିର୍ୟୁବାଣଃ], ରଥଯୁଆଳିରେ ଯୋଚା ଯାଉଥିବା ଅଶ୍ୱମାନଙ୍କ ସହ [ନିୟୁତ୍ୱାନ୍], ଇନ୍ଦ୍ରଙ୍କ ସାରଥିତ୍ୱରେ [ଇନ୍ଦ୍ରସାରଥିଃ], ହେ ବାୟୋ [ବାୟୋ] ! ସୋମପାନ ନିମନ୍ତେ [ସୁତସ୍ୟ ପୀତୟେ] (ତୁମେ) ଆନନ୍ଦ-ଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ୟାହି] ।

ଅନୁ କୃଷ୍ଟେ ବସୁଧୃତୀ ୟେମାତେ ବିଶ୍ୱପେଶସା ।
ବାୟବା ଚନ୍ଦ୍ରେଣ ରଥେନ ୟାହି ସୁତସ୍ୟ ପୀତୟେ ॥୩॥

ଅର୍ଥ (ଅନ୍ୱୟ ସହ) : ସେହି ଉଭୟ, କଳା [କୃଷ୍ଟେ] ତଥାପି ସକଳ ମୌଳିକ ଉପାଦାନକୁ ଧାରଣ କରନ୍ତି [ବସୁଧୃତୀ], ସେମାନଙ୍କ ଭିତରେ ସମସ୍ତ ରୂପରାଜି ବିଦ୍ୟମାନ [ବିଶ୍ୱପେଶସା], ନିଜ ପ୍ରୟାସ ମଧ୍ୟରେ ସେମାନେ ତୁମକୁହିଁ ଅନୁପାଳନ କରିବେ [ଅନୁ ୟେମାତେ] । ହେ ବାୟୋ [ବାୟୋ] ! ସୋମପାନ ନିମନ୍ତେ [ସୁତସ୍ୟ ପୀତୟେ] (ତୁମେ) ଆନନ୍ଦ-ଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ୟାହି] ।

ବହନ୍ତୁ ତ୍ୱା ମନୋୟୁଜୋ ୟୁକ୍ତାସୋ ନବତିର୍ନବ ।
ବାୟବା ଚନ୍ଦ୍ରେଣ ରଥେନ ୟାହି ସୁତସ୍ୟ ପୀତୟେ ॥୪॥

ଅର୍ଥ (ଅନ୍ୱୟ ସହ) : ମନରେ ଯୋଚା ଯାଇଥିବା [ମନୋୟୁଜଃ] ଅନେଶତ ସଂଖ୍ୟକ ସେମାନେ (ଅଶ୍ୱଗଣ) [ନବତିଃ ନବ] ରଥରେ ଯୋଚିତ ହୋଇ [ୟୁକ୍ତାସଃ] ତୁମକୁ ବହନ କରନ୍ତୁ [ତ୍ୱା ବହନ୍ତୁ] । ହେ ବାୟୋ [ବାୟୋ] ! ସୋମପାନ ନିମନ୍ତେ [ସୁତସ୍ୟ ପୀତୟେ] ତୁମ ଆନନ୍ଦଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ୟାହି] ।

ବାୟୋ ଶତଂ ହରୀଣାଂ ୟୁବସ୍ୱ ପୋଷ୍ୟାଣାମ୍ ।
ଉତ ବା ତେ ସହସ୍ରିଣୋ ରଥ ଆ ୟାତୁ ପାଜସା ॥୫॥

ଅର୍ଥ (ଅନ୍ୱୟ ସହ) : ହେ ବାୟୋ [ବାୟୋ] ! ପୋଷଣୀୟ ବା ବର୍ଦ୍ଧନୀୟ [ପୋଷ୍ୟାଣାମ୍] ଶତସଂଖ୍ୟକ [ଶତମ୍] ଭାସ୍ୱର ଅଶ୍ୱଗଣଙ୍କୁ [ହରୀଣାମ୍] ଯୋଚିଦିଅ [ୟୁବସ୍ୱ], ଅଥବା [ଉତ ବା] ସହସ୍ର ଅଶ୍ୱଯୁକ୍ତ ତୁମ ରଥ [ସହସ୍ରିଣଃ ତେ ରଥଃ] ଶକ୍ତି ପୁଞ୍ଜ ଧାରଣ ପୂର୍ବକ [ପାଜସା] ଏଠାରେ ପହଞ୍ଚିଯାଉ [ଆ ୟାତୁ] ।

ଭାଷ୍ୟ

ବୈଦିକ ଋଷିମାନଙ୍କର ମନସ୍ତାତ୍ତ୍ୱିକ ଭାବଧାରାଗୁଡ଼ିକର ଆଶ୍ଚର୍ଯ୍ୟଜନକ ଗାମ୍ଭୀର୍ଯ୍ୟ ପ୍ରାୟଶଃ ରହିଥାଏ, ବିଶେଷତଃ ଅବଚେତନାରୁ ଉତ୍ଥିତ ମନ ଓ ପ୍ରାଣର ସଚେତନ କ୍ରିୟାକଳାପକୁ ନେଇ ସେମାନେ ଯେତେବେଳେ କାରବାର କରୁଥା'ନ୍ତି ତା'ଠାରୁ ଅଧିକ ଗାମ୍ଭୀର୍ଯ୍ୟ ଅନ୍ୟତ୍ର ଦେଖାଯାଏ ନାହିଁ । ଏପରି ବି କୁହାଯାଇପାରେ ଯେ, ଏହାହିଁ ଥିଲା ଜ୍ଞାନୋଦୟର ସେହି ପ୍ରାଚୀନ ଉଷା କାଳରେ ଅନ୍ତଃପ୍ରେରଣାପ୍ରାପ୍ତ ଋଷିଗଣଙ୍କ ଦ୍ୱାରା ବିକଶିତ ଏହି ସମୃଦ୍ଧ ତଥା ସୂକ୍ଷ୍ମ ଦର୍ଶନର ସମଗ୍ର ଆଧାର । ଋଷି ବାମଦେବ ଏହାକୁ ଯେତେ ଅଧିକତର ସୂକ୍ଷ୍ମତା ତଥା ଯଥାର୍ଥତା ସହ ପ୍ରକାଶ କରିଛନ୍ତି ସେପରି ଅନ୍ୟ କେହି କରି ନାହାନ୍ତି, ସେ ଏକାଧାରରେ ଗମ୍ଭୀରତମ ଦ୍ରଷ୍ଟାମାନଙ୍କ ମଧ୍ୟରୁ ଜଣେ ଏବଂ ବୈଦିକ ଯୁଗର ମଧୁରତମ ଗାୟକମାନଙ୍କ ଭିତରୁ ମଧ୍ୟ ଜଣେ । ତାଙ୍କର ଗୋଟିଏ ସୂକ୍ତ, ଚତୁର୍ଥ ମଣ୍ଡଳର ଅନ୍ତିମ ସୂକ୍ତ ପ୍ରକୃତରେ ଅତି ଗୁରୁତ୍ୱପୂର୍ଣ୍ଣ, କାରଣ ଆମକୁ ମିଳିଥିବା ପ୍ରତୀକ ତତ୍ତ୍ୱର କୁଞ୍ଜି ଏଥିମଧ୍ୟରେ ରହିଛି, ଯାହା ଯଜ୍ଞର ରୂପକମାନଙ୍କ ପଶ୍ଚାତରେ ମନସ୍ତାତ୍ତ୍ୱିକ ଅନୁଭୂତି ତଥା ଅବବୋଧର ସେହି ସମସ୍ତ ସତ୍ୟତାକୁ ଲୁଚାଇ ରଖିଛି ଯାହାକୁ କି ଆର୍ଯ୍ୟ ପୂର୍ବପୁରୁଷଗଣ ଅତ୍ୟନ୍ତ ପବିତ୍ର ମନେ କରୁଥିଲେ ।

ସୂକ୍ତଟିରେ ବାମଦେବ ଅବଚେତନାର ସେହି ମହାସାଗର କଥା କହିଛନ୍ତି ଯାହା ଆମ ସମଗ୍ର ଜୀବନ ତଥା କାର୍ଯ୍ୟକଳାପରେ ନିମ୍ନ ଦେଶରେ ରହିଥାଏ । ସେହି ସମୁଦ୍ର ମଧ୍ୟରୁ ଇନ୍ଦ୍ରିୟଗତ ଜୀବନର ''ମଧୁମାନ୍ ଊର୍ମିଃ'' ଉରୋଳିତ ହେଉଛି, ଏହା ସହିତ ରହିଛି ନିଜର ଅନୁପଲବ୍ଧ ଆନନ୍ଦର ଅନଭିବ୍ୟକ୍ତ ଭାର ଏବଂ ତାହା ଊର୍ଦ୍ଧ୍ୱରୁ ଅବତରଣ କରିଥିବା ସେହି ''ଘୃତ'' ଓ ''ସୋମ''ରେ ଭରା ହୋଇ ଅର୍ଥାତ୍ ବିଶୁଦ୍ଧ ମାନସିକ ଚେତନା ଓ ପ୍ରଭାସ୍ୱର ଆନନ୍ଦ ରସରେ ଭରା ହୋଇ ଅମୃତତ୍ୱର ସ୍ୱର୍ଗ ଦିଗରେ ଆରୋହଣ କରେ । ମାନସିକ ଚେତନାର ଗୂଢ଼ ନାମ — ''ଗୁହ୍ୟଂ ନାମ''— କହିରେ ଏହା ହେଉଛି ଏକ ଜିହ୍ୱା ସଦୃଶ, ଯାହା ମାଧ୍ୟମରେ ଦେବଗଣ ଜଗତର ସ୍ୱାଦ ଅନୁଭବ କରିଥା'ନ୍ତି, ଯାହା ଅମୃତର ନାଭି ତାହା ହେଉଛି 'ଆନନ୍ଦ', 'ସୋମ' ତାହାରି ପ୍ରତୀକ ।[୧] କାରଣ, କୁହାଯାଇଛି ଯେ, ଏହି ସମଗ୍ର ସୃଷ୍ଟି ଦିବ୍ୟପୁରୁଷ ରୂପୀ ଚତୁଃଶୃଙ୍ଗଧାରୀ ବୃଷଭ ଦ୍ୱାରା ଅବଚେତନା ମଧ୍ୟରୁ ଉଦ୍‌ବମିତ ହୋଇଛି, ସେହି ଚତୁଃଶୃଙ୍ଗ ହେଉଛି — ଅନନ୍ତ 'ସତ୍ତା' (ସତ୍), 'ଚେତନା' (ଚିତ୍), 'ଆନନ୍ଦ' ଓ 'ସତ୍ୟ' ।[୨] ପ୍ରାଗୈତିହାସିକ ଜଗତର ଯେଉଁ ପ୍ରାଚୀନ ରହସ୍ୟାତ୍ମକ ତଥା ଅଦ୍ଭୁତ କଳା ଥିଲା ସେଥିମଧ୍ୟରୁ ଯାହା ବଞ୍ଚି ରହିଛି ତାହା ଆମକୁ ଯେପରି ସ୍ମରଣ କରାଇ ଦିଏ ଯେ ସେହି ରୂପକଗୁଡ଼ିକ କିପରି ବଇବର୍ ପରସ୍ପର ବିରୋଧାଭାସୀ — ବାମଦେବ ଏହିସବୁ ରୂପକ ମଧ୍ୟରେ 'ପୁରୁଷ'କୁ ଏକ ନର-ବୃଷଭ ରୂପକ ମାଧ୍ୟମରେ ବର୍ଣ୍ଣନା କରୁଛନ୍ତି, ଯାହାଙ୍କର ଚାରି ଶିଙ୍ଗ ହେଉଛନ୍ତି ଏହି ଚାରି ଦିବ୍ୟ ତତ୍ତ୍ୱ, ତାଙ୍କର ତିନି ପାଦ ବା ତିନି ଚରଣ ହେଉଛି ତିନି ମାନବିକ ତତ୍ତ୍ୱ ଯଥା, ମାନସିକତା, ପ୍ରାଣିକ କର୍ମଶୀଳତା ଏବଂ ଜଡ଼ତତ୍ତ୍ୱ । ତାଙ୍କର ଦୁଇ ଶୀର ହେଲେ 'ଆତ୍ମା' ଓ 'ପ୍ରକୃତି'ର ଦ୍ୱୈତ ଚେତନା, ଅର୍ଥାତ୍ 'ପୁରୁଷ' ଓ 'ପ୍ରକୃତି', ତାଙ୍କର ସପ୍ତ ହସ୍ତ ହେଉଛି ସପ୍ତ ତତ୍ତ୍ୱ ସହ ସମ୍ପର୍କିତ ସପ୍ତ ପ୍ରାକୃତିକ କ୍ରିୟାକଳାପ । ''ତ୍ରିଧା ବଦ୍ଧଃ'' — ମନରେ ବଦ୍ଧ, ପ୍ରାଣିକ ଶକ୍ତିଗୁଡ଼ିକରେ ବଦ୍ଧ, ଦେହରେ ବଦ୍ଧ — ''ଏହି ବୃଷଭ ଉଚ୍ଚରବ କରନ୍ତି; ଏହି ମହାନ୍ 'ଦେବ' ମର୍ତ୍ୟମାନଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି ।''[୩]

''ଘୃତମ୍'' ବିଷୟରେ ଦେଖିଲେ, ଏହା ହେଉଛି ମନଃସତ୍ତାର ନିର୍ମଳ ପ୍ରଭା

---

୧ ସମୁଦ୍ରାଦୂର୍ମିର୍ମଧୁମାଁ ଉଦାରଦୁପାଂଶୁନା ସମମୃତତ୍ୱମାନଟ୍ ।
ଘୃତସ୍ୟ ନାମ ଗୁହ୍ୟଂ ୟଦସ୍ତି ଜିହ୍ୱା ଦେବାନାମମୃତସ୍ୟ ନାଭିଃ ॥ (ଋ. ୪.୫୮.୧)

୨ ଚତୁଃଶୃଙ୍ଗୋଽବମୀଦ୍ ଗୌର ଏତତ୍ ॥ (ଋ. ୪.୫୮.୨)

୩ ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ ପାଦା ଦ୍ୱେ ଶୀର୍ଷେ ସପ୍ତହସ୍ତାସୋ ଅସ୍ୟ ।
ତ୍ରିଧା ବଦ୍ଧୋ ବୃଷଭୋ ରୋରବୀତି ମହୋ ଦେବୋ ମର୍ତ୍ୟାଁ ଆ ବିବେଶ ॥
(ଋ. ୪.୫୮.୩)

ଯାହା 'ସତ୍ୟ'କୁ ପ୍ରତିଫଳିତ କରେ, ଏହାକୁ 'ପଣି'ମାନେ ଅର୍ଥାତ୍ ନିମ୍ନ ଇନ୍ଦ୍ରିୟଗତ କ୍ରିୟାକଳାପର ସ୍ୱାମୀମାନେ ଲୁଚାଇ ରଖିଛନ୍ତି ଏବଂ ଅବଚେତନା ମଧ୍ୟରେ ରୁଦ୍ଧ କରି ରଖିଛନ୍ତି; ଆମର ଚିନ୍ତାଗୁଡ଼ିକ ମଧ୍ୟରେ, ଆମର କାମନାଗୁଡ଼ିକ ମଧ୍ୟରେ, ଆମର ଦୈହିକ ଚେତନା ମଧ୍ୟରେ 'ଜ୍ୟୋତିଃ' ଓ 'ଆନନ୍ଦ' ଉକ୍ତ ତ୍ରିଧା ସ୍ୱରୂପରେ ଅଧିଷ୍ଠିତ ହୋଇ ରହିଛନ୍ତି କିନ୍ତୁ ଆମଠାରୁ ନିଗୂଢ଼ ସ୍ଥିତିରେ । ଦେବଗଣ 'ଘୃତ' ରୂପକ ବିଶୋଧିତ ଧାରାଗୁଡ଼ିକୁ ଗାଈ ମଧ୍ୟରେ ପାଇଥା'ନ୍ତି, ଏହି ଗାଈ ହେଉଛି ଉର୍ଦ୍ଧ୍ୱରୁ ଅବତରଣ କରିଥିବା 'ଜ୍ୟୋତିଃ'ର ପ୍ରତୀକ ।[୪] ଋଷି କହନ୍ତି, ଏହି ଧାରାମାନ ଜିନିଷଗୁଡ଼ିକର ହୃଦୟରୁ, ଅବଚେତନାର ମହାସାଗର ମଧ୍ୟରୁ, **ହୃଦ୍ୟାତ୍ ସମୁଦ୍ରାତ୍**, ଉତ୍ଥିତ ହୋଇଥା'ନ୍ତି, କିନ୍ତୁ ସେମାନେ ଶତ୍ରୁ ବୃତ୍ରର ଶତ ବନ୍ଦିକ୍ଷେତ୍ରଗୁଡ଼ିକରେ ଅବରୁଦ୍ଧା ହୋଇ ଯାଇଛନ୍ତି, ଯାହା ଫଳରେ ଏମାନେ ସେହି ସେହି ବିବେକଠାରୁ, ସେହି ଜ୍ଞାନଠାରୁ ଦୂରରେ ରହିଥିବେ, ଯେଉଁ ଜ୍ଞାନ କି ଆମ ମଧ୍ୟରେ ରହି ନିତ୍ୟ ପ୍ରୟାସ କରି ଚାଲିଛି ପ୍ରଚ୍ଛାଦିତ ହୋଇ ରହିଥିବା ସେହି ଅନ୍ଧକାର କ୍ଷେତ୍ରକୁ ଆଲୋକିତ କରିବା ନିମନ୍ତେ, ଯାହା କାରାରୁଦ୍ଧ ହୋଇ ରହିଛି ତାହାକୁ ମୁକ୍ତ କରିବା ନିମନ୍ତେ ।[୫] ଅବଚେତନା ରାଜ୍ୟର ସୀମାବର୍ତ୍ତୀ ପଥରେ ସେମାନେ ଗତି କରନ୍ତି, ସେମାନଙ୍କ ଗତି ବାସନା ଭଳି ପ୍ରବଳ ହୋଇଥିଲେ ବି ଘନ, ପ୍ରାଣିକ ସଂବେଦନାର କ୍ରିୟା ଦ୍ୱାରା ସୀମିତ — ପ୍ରାଣ-ଶକ୍ତି, 'ବାୟୁ', **ବାତ ପ୍ରମିୟଃ**, ତାହାରି କ୍ଷୁଦ୍ର କ୍ଷୁଦ୍ର ଗତିବୃତ୍ତି ମଧ୍ୟରେ ସୀମିତ । ସଚେତନ ହୃଦୟ ଓ ମନର ଅନୁଭୂତିଗୁଡ଼ିକ ଦ୍ୱାରା ବିଶୋଧିତ ହୋଇ, 'ପ୍ରକୃତି'ର ଏହି ଶକ୍ତିଗୁଡ଼ିକ ପରିଶେଷରେ 'ଅଗ୍ନି'ଙ୍କ ସହ ବିବାହ କରିବାରେ ସମର୍ଥା ହୁଅନ୍ତି, ଯେଉଁ ଅଗ୍ନି ହେଉଛନ୍ତି ଭଗବତ୍ 'ସଂକଳ୍ପ ଶକ୍ତି', ଏହି ଦେବ ସେମାନଙ୍କର ସୀମାବନ୍ଧନଗୁଡ଼ିକୁ ଭାଙ୍ଗି ଦିଅନ୍ତି ଏବଂ ଏ ନିଜେ ସେମାନଙ୍କ ଏବେର ପ୍ରାଚୁର୍ଯ୍ୟମୟ ଊର୍ମି ଦ୍ୱାରା ସଂବର୍ଦ୍ଧିତ ହୋଇଥା'ନ୍ତି ।[୬] ଏହାହିଁ ହେଉଛି ଏହି ସତ୍ତାର ସଙ୍କଟ ଯାହା ମାଧ୍ୟମରେ ମର୍ତ୍ୟ ପ୍ରକୃତି ନିଜକୁ ପରିବର୍ତ୍ତିତ କରି ଅମୃତତ୍ୱ ପାଇଁ ପ୍ରସ୍ତୁତ ହୋଇଥାଏ ।

ଉକ୍ତ ସୂକ୍ତର ଅନ୍ତିମ ମନ୍ତ୍ରରେ ବାମଦେବ ସମଗ୍ର ଜୀବନର ସ୍ଥିତିକୁ ବର୍ଣ୍ଣନା କରିଛନ୍ତି

---

[୪] ତ୍ରିଧା ହିତଂ ପଣିଭିର୍ଗୁହ୍ୟମାନଂ ଗବି ଦେବାସୋ ଘୃତମନ୍ୱବିନ୍ଦନ୍ । (ଋ. ୪.୫୮.୪)

[୫] ଏତା ଅର୍ଷନ୍ତି ହୃଦ୍ୟାତ୍ ସମୁଦ୍ରାତ୍ ଶତବ୍ରଜା ରିପୁଣା ନାବଚକ୍ଷେ । (ଋ. ୪.୫୮.୫)

[୬] ସମ୍ୟକ୍ ସ୍ରବନ୍ତି ସରିତୋ ନ ଧେନା ଅନ୍ତର୍ହୃଦା ମନସା ପୂୟମାନାଃ ।
ଏତେ ଅର୍ଷନ୍ତ୍ୟୂର୍ମୟୋ ଘୃତସ୍ୟ (ମୃଗା ଇବ କ୍ଷିପଣୋରୀଷମାଣାଃ) ॥
ସିନ୍ଧୋରିବ ପ୍ରାଧ୍ୱନେ ଶୂଘନାସୋ ବାତପ୍ରମିୟଃ ପତୟନ୍ତି ୟହ୍ୱାଃ ।
ଘୃତସ୍ୟ ଧାରା ଅରୁଷୋ ନ ବାଜୀ କାଷ୍ଠା ଭିନ୍ଦନ୍ ଊର୍ମିଭିଃ ପିନ୍ୱମାନଃ ॥
(ଋ. ୪.୫୮.୬-୭)

ଯେ ଏହା ଉର୍ଦ୍ଧ୍ୱରେ ଦିବ୍ୟ 'ପୁରୁଷ'ଙ୍କ ଧାମ ମଧ୍ୟରେ, ନିମ୍ନରେ ଅବଚେତନାର ମହାସାଗର ମଧ୍ୟରେ ତଥା 'ପ୍ରାଣ' ମଧ୍ୟରେ, ଅନ୍ତଃ ସମୁଦ୍ରେ ହୃଦି ଅନ୍ତରାୟୁଷି, ସଂସ୍ଥାପିତ । ତେବେ ସଚେତନ ମନ ହେଉଛି ଏକ ସଂଯୋଗସୂତ୍ର ଯାହା ମଧ୍ୟଦେଇ ପର ସମୁଦ୍ର ସହିତ ନିମ୍ନ ସମୁଦ୍ରର, ଅତିଚେତନା ସହିତ ଅବଚେତନାର, ଦିବ୍ୟଜ୍ୟୋତିଃ ସହିତ 'ପ୍ରକୃତି'-ଘତ ଆଦିମ ତମଃର ସମ୍ପର୍କ କରାଯାଇଥାଏ ।

ବାୟୁ 'ଜୀବନ'ର ପ୍ରଭୁ । ପ୍ରାଚୀନ ଋଷିଙ୍କ କହିବା ଅନୁସାରେ ଏହା ଏକ ମହାଶକ୍ତିରୂପେ ଗଣ୍ୟ ହେଉଥିଲା ଯାହା ସକଳ ଭୌତିକ ସତ୍ତା ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ରହିଛି ଏବଂ ଯାହା ସକଳ କାର୍ଯ୍ୟକଳାପର କାରଣ । ଏହି ଅବଧାରଣାରୁ ପରବର୍ତ୍ତୀ ସମୟରେ 'ପ୍ରାଣ'ର ବିଚାର ଗଠିତ ହୋଇଛି ଅର୍ଥାତ୍, ସେ ଜୀବନର ବିଶ୍ୱାତ୍ମକ ପ୍ରାଣବାୟୁ । 'ପ୍ରାଣ'ର ସଂଜ୍ଞାନିରୂପଣ ମଧ୍ୟରେ ମାନବ ଅସ୍ତିତ୍ୱର ସମସ୍ତ ପ୍ରାଣିକ ତଥା ସ୍ନାୟୁତାନ୍ତ୍ରିକ କ୍ରିୟାକଳାପ ଆସିଥାଏ ଏବଂ ଏସବୁ ବାୟୁରାଜ୍ୟର ଅନ୍ତର୍ଗତ । ତଥାପି ତୁଳନାତ୍ମକଭାବେ ଦେଖିଲେ ଋଗ୍‌ବେଦରେ ଏହି ମହାନ୍ ଦେବତାଙ୍କ ଉଦ୍ଦେଶ୍ୟରେ ଖୁବ୍ କମ୍ ସୂକ୍ତ ରହିଛି ଏବଂ ଏପରିକି ସେହି ସୂକ୍ତଗୁଡ଼ିକରେ ଯଦିଓ ତାଙ୍କୁ ପ୍ରଧାନତଃ ଆବାହନ କରାଯାଇଛି ତଥାପି ସେଥିରେ ସେ ସାଧାରଣତଃ ଏକକ ଭାବେ ରୂପାୟିତ ହୋଇ ନାହାନ୍ତି ପରନ୍ତୁ ଅନ୍ୟ ଦେବତାଙ୍କ ସହିତ, ସତେ କି ସେ ସେମାନଙ୍କ ଉପରେ ନିର୍ଭରଶୀଳ । ବାୟୁଙ୍କୁ ବିଶେଷତଃ ଇନ୍ଦ୍ରଙ୍କ ସହ ଯୋଡ଼ା ଯାଇଥାଏ ଏବଂ ବୈଦିକ ଋଷିମାନେ ଏହି ଦେବତାଙ୍କଠାରୁ ଯେଉଁ କ୍ରିୟାକଳାପ ଆଶା କରନ୍ତି ତାହା ପ୍ରାୟ ମନେହୁଏ ଅନ୍ୟ ଉଚ୍ଚ ଦେବତାଙ୍କର ସାହାଯ୍ୟ ଫଳରେହିଁ ସମ୍ଭବ ହେବ । ମଣିଷ ମଧ୍ୟରେ 'ପ୍ରାଣ'ଶକ୍ତିର ଦିବ୍ୟ କ୍ରିୟାର ପ୍ରଶ୍ନ ଯେତେବେଳେ ଉଠେ, 'ଅଗ୍ନି' ଯେତେବେଳେ ବୈଦିକ 'ଅଶ୍ୱ', 'ଦଧିକ୍ରାବଣ୍' ରୂପ ଧାରଣ କରନ୍ତି, ସେତେବେଳେ ସେ ସାଧାରଣତଃ 'ବାୟୁ'ର ସ୍ଥାନ ଗ୍ରହଣ କରିଥା'ନ୍ତି ।

ଋଷିମାନଙ୍କର ମୌଳିକ ଅବଧାରଣାଗୁଡ଼ିକୁ ଆମେ ଯଦି ବିଚାର କରୁ ତେବେ ବାୟୁଦେବଙ୍କର ଏହି ସ୍ଥିତି ଆମର ବୋଧଗମ୍ୟ ହେବ । ଉଚ୍ଚତର ଚେତନା ଦ୍ୱାରା ନିମ୍ନତର ସତ୍ତାର, ଦିବ୍ୟତା ଦ୍ୱାରା ମର୍ତ୍ତ୍ୟର ପ୍ରଦୀପନ ଥିଲା ସେମାନଙ୍କର ମୁଖ୍ୟ ବୈଚାରିକ ଦୃଷ୍ଟିକୋଣ । ଜ୍ୟୋତିଃ ଓ ଶକ୍ତି, ଗୋ ଓ ଅଶ୍ୱ ପ୍ରଭୃତି ଥିଲେ ସେମାନଙ୍କର ହବ୍ୟ ବସ୍ତୁ । ଶକ୍ତି ଥିଲା ସର୍ତ୍ତ, ଜ୍ୟୋତିଃ ଥିଲା ମୁକ୍ତିଦାୟକ ମଧ୍ୟସ୍ଥ; ଏବଂ ଇନ୍ଦ୍ର ଓ ସୂର୍ଯ୍ୟ ଥିଲେ ଜ୍ୟୋତିଃର ପ୍ରମୁଖ ଅବତରଣକାରୀ । ଆହୁରି ମଧ୍ୟ ଯେଉଁ ଶକ୍ତି ସେମାନଙ୍କର ଆବଶ୍ୟକ ଥିଲା ତାହା ହେଉଛି ଦିବ୍ୟ 'ସଂକଳ୍ପ' ଯାହା ସକଳ ମାନବୀୟ ବଳ ମଧ୍ୟରେ ବିଦ୍ୟମାନ ଏବଂ ତାହା ସ୍ୱୟଂ ନିଜକୁ ପ୍ରକଟ କରୁଛି; ଏବଂ ଏହି 'ସଂକଳ୍ପ'ର, ଏହି ସଚେତନ ବଳର କ୍ଷମତାହିଁ ସ୍ନାୟୁତାନ୍ତ୍ରିକ ପ୍ରାଣସତ୍ତା ମଧ୍ୟରେ ଉପସ୍ଥିତ ଥାଏ, ନିଜକୁ ଏହାରି ମଧ୍ୟରେ ପ୍ରକଟିତ

କରୁଥାଏ, ବାୟୁଦେବଙ୍କଠାରୁ ଅଗ୍ନି ଅଧିକ ପ୍ରଭାବୀ, ବିଶେଷତଃ 'ଅଗ୍ନି ଦଧିକ୍ରାବଣ୍' ଥିଲେ ଏକ ପ୍ରତୀକ । କାରଣ ଅଗ୍ନି ହେଉଛନ୍ତି ତପୋଦେବ, 'ଦିବ୍ୟ-ଚେତନା', ସେ ନିଜକୁ ବିଶ୍ୱଶକ୍ତି ମଧ୍ୟରେ ରୂପାୟିତ କରୁଛନ୍ତି, ତା' ମଧ୍ୟରେ 'ପ୍ରାଣ' ହେଉଛି ନିମ୍ନ ସତ୍ତାର ଏକ ପ୍ରତିନିଧି ମାତ୍ର । ଏହି କାରଣରୁ ବାମଦେବଙ୍କ ସୂକ୍ତରେ, ଚତୁର୍ଥ ମଣ୍ଡଳ, ଅଠାବନତମ ସୂକ୍ତରେ, ଦେଖାଯାଏ ଯେ ଇନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନି, ଏହି ଦେବଗଣ ଅବଚେତନା ମଧ୍ୟରୁ ସଚେତନ ଦିବ୍ୟତାର ଏହି ମହାନ୍ ଅଭିବ୍ୟକ୍ତିକୁ ରୂପାୟିତ କରିଛନ୍ତି । 'ବାତ' ବା 'ବାୟୁ' ଅର୍ଥାତ୍ ସ୍ନାୟୁତାନ୍ତ୍ରିକ କ୍ରିୟାକଳାପ ହେଉଛି ଅଭିବୃଦ୍ଧିଶୀଳ 'ମନ'ର ପ୍ରଥମ ସର୍ତ୍ତ ମାତ୍ର । ମନୁଷ୍ୟ ନିମନ୍ତେ 'ବାୟୁ'ର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଲା 'ପ୍ରାଣ' ସହିତ 'ମନ'ର ମିଳନ ଘଟିବା ଏବଂ ମନର ବିବର୍ତ୍ତନ ନିମନ୍ତେ ପ୍ରାଣ ସାହାଯ୍ୟ ଓ ସହଯୋଗ କରିବା । ସେହି କାରଣରୁ ମନର ପ୍ରଭୁ 'ଇନ୍ଦ୍ର' ଏବଂ ପ୍ରାଣର ଦେବତା 'ବାୟୁ' ଏକତ୍ର ଯୋଡ଼ି ହୋଇ ରହିଥା'ନ୍ତି ଏବଂ ଦ୍ୱିତୀୟ ଜଣକ କୌଣସି ପ୍ରକାରେ ପ୍ରଥମ ଜଣକ ଉପରେ ନିର୍ଭରଶୀଳ; 'ମରୁଦ୍‌ଗଣ' ହେଲେ ଚିନ୍ତା-ଶକ୍ତିଗଣ, ସେମାନଙ୍କର ଉତ୍ପତ୍ତିବିନ୍ଦୁକୁ ଲକ୍ଷ୍ୟକଲେ ମନେ ହେବ ସେମାନେ ଯେପରି ବାୟୁଦେବଙ୍କର ଶକ୍ତି ସେହିପରି ଇନ୍ଦ୍ରଦେବଙ୍କର ମଧ୍ୟ, କିନ୍ତୁ ଋଷିଗଣଙ୍କ ପାଇଁ 'ବାୟୁ'ଙ୍କ ଅପେକ୍ଷା ସେମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ, ଏପରିକି ସେମାନଙ୍କ କ୍ରିୟାତ୍ମକତା ପରିପ୍ରେକ୍ଷୀରେ ବାୟୁସେନାର ପ୍ରାକୃତିକ ଅଧ୍ୟକ୍ଷଙ୍କ ଅପେକ୍ଷା ସେମାନେ 'ଅଗ୍ନି-ରୁଦ୍ର'ଙ୍କ ସହିତ ଅଧିକ ଘନିଷ୍ଠଭାବେ ସମ୍ବନ୍ଧିତ ।

ଏହି ଉଦ୍ଧୃତ ସୂକ୍ତଟି ହେଉଛି, ଯାହା ଉପରୋକ୍ତ ମଣ୍ଡଳର ଅଡ଼ଚାଳିଶ ତମ ସୂକ୍ତ, ସେହି ତିନି ସୂକ୍ତ ମଧ୍ୟରୁ ଅନ୍ତିମ, ଯେଉଁଥିରେ ବାମଦେବ ଇନ୍ଦ୍ର ଓ ବାୟୁଙ୍କୁ ଆବାହନ କରୁଛନ୍ତି 'ସୋମ'-ମଦ୍ୟକୁ ପାନ କରିବାକୁ । ଭାସ୍ୱର ଶକ୍ତିର ଦେବଦ୍ୱୟ ରୂପେ, **ଶବସସ୍ପତୀ**, ଏ ଦୁହିଁଙ୍କୁ ସଂଯୁକ୍ତ ରୂପେ ଆବାହନ କରାଯାଇଛି, ପୂର୍ବ ମଣ୍ଡଳରେ ଅନ୍ୟ ଏକ ସୂକ୍ତରେ ଏହି ଉଭୟଙ୍କୁ ଠିକ୍ ଯେପରି **ଧୟସ୍ପତୀ** ରୂପେ ଆବାହନ କରାଯାଇଥିଲା । 'ଇନ୍ଦ୍ର'— ମାନସିକ ଶକ୍ତିର ଅଧିଷ୍ଠିତ ଦେବ, 'ବାୟୁ'— ସ୍ନାୟୁତାନ୍ତ୍ରିକ ବା ପ୍ରାଣିକ ଶକ୍ତିର ଅଧିଷ୍ଠିତ ଦେବ ଏବଂ ଚିନ୍ତା ନିମନ୍ତେ ତଥା କର୍ମ ନିମନ୍ତେ ଏହି ଉଭୟଙ୍କ ମିଳନ ଆବଶ୍ୟକ ଅଟେ । ସମାନ ରଥରେ ଆସି ଆନନ୍ଦରୂପକ ମଦିରାକୁ ପାନ କରିବା ପାଇଁ ଏହି ଉଭୟଙ୍କୁ ଆମନ୍ତ୍ରଣ କରାଯାଇଛି, ଏହି ଆନନ୍ଦ ନିଜ ସହିତ ଆଣିଥାଏ ଦିବ୍ୟୀ-କରଣର ଶକ୍ତିମାନ । କୁହାଯାଇଛି ଯେ 'ବାୟୁ' ପ୍ରଥମ ଢୋକ ପିଇବାର ଅଧିକାରୀ; କାରଣ, ସହଯୋଗୀ ପ୍ରାଣିକ ଶକ୍ତିଗଣ ଦିବ୍ୟକର୍ମର ଆନନ୍ଦ ନିମନ୍ତେ ପ୍ରଥମେ ସମର୍ଥ ହେବା ଉଚିତ ।

ଉକ୍ତ ସୂକ୍ତର ତୃତୀୟ ମନ୍ତ୍ରରେ ଯେଉଁଥିରେ ଯଜ୍ଞଫଳ ନିରୂପଣ କରାଯାଇଛି, ସେଥିରେ କେବଳ 'ବାୟୁ'ଙ୍କୁ ଆବାହନ କରାଯାଇଛି, କିନ୍ତୁ ତାହା ହୋଇଥିଲେ ବି 'ଇନ୍ଦ୍ର'ଙ୍କ

ସହିତ ତାଙ୍କର ସାହଚର୍ଯ୍ୟ ସେଥିରେ ସ୍ପଷ୍ଟ ରୂପେ ସଙ୍କେତିତ ହୋଇଛି । ଅମରତ୍ୱ ପ୍ରଦାୟକ ମଦ୍ୟକୁ ପାନ କରିବା ପାଇଁ ଶୁଭ ଶୁଭ୍ର ରଥରେ ତାଙ୍କର ଆସିବାର ଅଛି[୭], ଅନ୍ୟ ଏକ ସୂକ୍ତରେ 'ଉଷା'ଙ୍କୁ ଠିକ୍ ଏହିପରି ଆବାହନ କରାଯାଇଛି । ରଥ ଉର୍ଜାଗତ ଗତିବୃତ୍ତିର ପ୍ରତୀକ ଏବଂ ଏହା ଭାସ୍ୱର ପ୍ରାଣିକ ଶକ୍ତିଗୁଡ଼ିକର ଆନନ୍ଦଭରା ଗତିସଞ୍ଚାର, ଏହାକୁ 'ବାୟୁ' ସ୍ୱରୂପରେ ଆଗରୁ ଆବାହନ କରାଯାଇ ସାରିଛି । ଆରମ୍ଭରୁ ତୃତୀୟ ଋକ୍ ମଧ୍ୟରେ ଏହି ପ୍ରଭାସ୍ୱର ହର୍ଷଦ ଗତିର ଦିବ୍ୟ ଉପଯୋଗିତାକୁ ସୂଚିତ କରାଯାଇଛି ।

ଏହି ଦେବତାଙ୍କୁ ଅଭିବ୍ୟକ୍ତ କରିବାର ଅଛି — ସେହିସବୁ ଅନଭିବ୍ୟକ୍ତ ଯଜ୍ଞୀୟ କ୍ରିୟାମିକା ଶକ୍ତିରାଜିକୁ, ଅବଚେତନାର ଅନ୍ଧକାର ମଧ୍ୟରେ ଏପର୍ଯ୍ୟନ୍ତ ବି ଗୂଢ଼ ହୋଇ ରହିଥିବା ଶକ୍ତିମାନଙ୍କୁ ସଚେତନ କ୍ରିୟାରୂପକ ଆଲୋକ ମଧ୍ୟକୁ ତାଙ୍କର ଆଣିବାକୁ ଅଛି । କର୍ମକାଣ୍ଡୀୟ ଭାଷ୍ୟ ଅନୁଯାୟୀ ଏହି ବାକ୍ୟାଂଶଟିର ଅନୁବାଦ ଏପରି ହୋଇପାରେ, ''ଅରୁଣ୍ଡ ହବିଃଗୁଡ଼ିକୁ ତୁମେ ଭୋଜନ କର'' ଅଥବା, 'ବୀ' ଧାତୁର ଅନ୍ୟ ଏକ ଅର୍ଥ ଦୃଷ୍ଟିରୁ ଏହାର ଅର୍ଥ ଏପରି କରାଯାଇପାରେ : ''ସର୍ବଥା ଅନାହୁତ ଯଜ୍ଞୀୟ ଶକ୍ତିଗୁଡ଼ିକ ନିକଟରେ ତୁମେ ଉପସ୍ଥିତ ହୁଅ''; କିନ୍ତୁ ଏହି ସମସ୍ତ ଅର୍ଥ ପ୍ରତୀକାତ୍ମକ ଭାବେ ମନସ୍ତାତ୍ତ୍ୱିକ ଅର୍ଥ ସହିତ ସଂଗତ ହୋଇ ପାରୁଛନ୍ତି । ଯେଉଁ ସମସ୍ତ 'ସାମର୍ଥ୍ୟ' ଓ କ୍ରିୟାକଳାପ ଅବଚେତନା ମଧ୍ୟରୁ ଏପର୍ଯ୍ୟନ୍ତ ଉଦ୍ଧୃତ ହୋଇ ନାହାନ୍ତି, 'ଇନ୍ଦ୍ର' ଓ 'ବାୟୁ'ଙ୍କ ମିଳିତ କ୍ରିୟା ଦ୍ୱାରା ସେମାନଙ୍କ ଗୁପ୍ତ ଗୁହା ମଧ୍ୟରୁ ସେମାନଙ୍କୁ ମୁକ୍ତ କରି କର୍ମରେ ବିନିଯୁକ୍ତ କରିବାର ଅଛି ।

କାରଣ, ପ୍ରାଣିକ ମାନସିକତାର ସାଧାରଣ ସ୍ତରୀୟ କର୍ମ ପ୍ରତି ସେମାନେ ଆହୂତ ନୁହନ୍ତି । 'ବାୟୁ'ଙ୍କୁ ସେହି ବଳଗୁଡ଼ିକୁ ଏଭଳି ଅଭିବ୍ୟକ୍ତ କରିବାର ଅଛି ଠିକ୍ ଯେପରି ''ସେ ଜଣେ ସମୃଦ୍ଧିର ପ୍ରକଟକ, ଆର୍ଯ୍ୟକର୍ମର କର୍ମୀ'', **ବୀତୋ ନ ରାୟୋ ଅର୍ୟଃ** । କେଉଁ ପ୍ରକାର ଶକ୍ତିର ଉତ୍‌ଥାନ କରିବାକୁ ଅଛି ଏହି ଶବ୍ଦଗୁଡ଼ିକ ତାହାର ଯଥେଷ୍ଟ ସୂଚନା ପ୍ରଦାନ କରେ । ଯାହା ବି ହେଉ, ଏହି ଉକ୍ତିଟି ଭିତରେ ପ୍ରଚ୍ଛନ୍ନ ଭାବେ 'ଇନ୍ଦ୍ର'ଙ୍କ ପ୍ରତି ସଙ୍କେତ ରହିବା ସମ୍ଭବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଯାହା ସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଛି ସେଥିରେ ସୂଚନା ରହିଛି ଯେ ଉଜ୍ଜ୍ୱଳତର ଦେବ (ଇନ୍ଦ୍ର)ଙ୍କର ଜ୍ଞାନଦୀପ୍ତ ତଥା ଅଭୀପ୍ସୁ ଶକ୍ତି ଦ୍ୱାରା 'ବାୟୁ'ଙ୍କ କ୍ରିୟା ସଞ୍ଚାଳିତ ହେବାର ଆବଶ୍ୟକତା ରହିଛି । କାରଣ, ଯେଉଁ ଆନନ୍ଦ ପ୍ରକଟିତ ହୋଇ ଚାଲିଛି ତାହାର ରହସ୍ୟ ଦିଗରେ 'ଇନ୍ଦ୍ର'ଙ୍କ ଜ୍ଞାନାଲୋକହିଁ ଚଳାଇ ନେଇଥାଏ, ଏବଂ ଏହି କର୍ମରେ ସେହିଁ ପ୍ରଥମ ଶ୍ରମିକ । ଅନ୍ୟ ଦେବଗଣଙ୍କ ମଧ୍ୟରୁ

---

୭ ବାୟବା ବା ଚନ୍ଦ୍ରେଣ ରଥେନ ଯାହି ସୁତସ୍ୟ ପୀତୟେ ।

୮ ବିହି ହୋତ୍ରା ଅବୀତା ।

ବିଶେଷତଃ ଇନ୍ଦ୍ର ଅଗ୍ନି ଓ ସୂର୍ଯ୍ୟଙ୍କ ନିକଟରେ 'ଅର୍ୟ' ଶବ୍ଦଟି ପ୍ରଯୁକ୍ତ ହୋଇଛି, ଏହି ଶବ୍ଦଟି ଏପରି ସଘନ ଅର୍ଥ ବ୍ୟକ୍ତ କରେ ଯେ ଯାହାର ଅନୁବାଦ ଶବ୍ଦଶଃ ସମ୍ଭବ ନୁହେଁ — ଏହାର ଅର୍ଥ, ଯେଉଁମାନେ ସେହି ଉଚ୍ଚ ଅଭୀପ୍ସା ଦିଗରେ ଉତ୍ତୋଳିତ ହେଉଛନ୍ତି ଏବଂ ଶୁଭ ତଥା ଆନନ୍ଦରେ ଉପଗତ ହେବା ନିମନ୍ତେ ଏକ ହବିଃ ରୂପେ ମହାନ୍ ଶ୍ରମ-ସାଧନ କରୁଛନ୍ତି ।

ଦ୍ୱିତୀୟ ମନ୍ତ୍ରରେ ଇନ୍ଦ୍ରଙ୍କର ମାର୍ଗନିର୍ଦ୍ଦେଶନାର ଆବଶ୍ୟକତାକୁ ଅତି ସ୍ପଷ୍ଟ ରୂପେ ପୁଷ୍ଟ କରାଯାଇଛି । ଅବ୍ୟକ୍ତର ଅଭିବ୍ୟକ୍ତିକୁ ଅବରୋଧ କରୁଥିବା ସମସ୍ତ ନକାରାତ୍ମକତାକୁ ବିଦୂରିତ କରି, **ନିର୍ଯୁବାଣୋ ଅଶସ୍ତିଃ**, ବାୟୁଙ୍କୁ ଆସିବାର ଅଛି । 'ଅଶସ୍ତିଃ'ର ଆକ୍ଷରିକ ଅର୍ଥ ''ଦ୍ୟୋତିତ ହେଉ ନଥିବା ବସ୍ତୁଗୁଡ଼ିକ'' ଏବଂ ଏଥିରୁ ଏହି ଅର୍ଥ ପ୍ରକଟିତ ହୁଏ ଯେ ଆଲୋକ ଓ ସାମର୍ଥ୍ୟର ଅବରୋଧକ 'ବୃତ୍ର' ଭଳି ଆଚ୍ଛାଦକ ଶକ୍ତିଗୁଡ଼ିକ ଦ୍ୱାରା ଯାହାସବୁ ପ୍ରକଟିତ ହେବାକୁ ପ୍ରତୀକ୍ଷାରତ ଏବଂ ଦେବଗଣଙ୍କ ପ୍ରଭାବରେ ତଥା 'ବାକ୍'ର ଯୋଗ୍ୟ ସାଧନଟିଏ ହେବା ମାଧ୍ୟମରେ ଅଭିବ୍ୟକ୍ତି ଲାଭ ନିମନ୍ତେ ଯାହାସବୁ ପ୍ରସ୍ତୁତ ସେଗୁଡ଼ିକୁ ଅଟକାଇ ରଖିବା । 'ବାକ୍' ହେଉଛି ଅଭିବ୍ୟକ୍ତିଶୀଳ ଶକ୍ତି, **ଶସ୍ତ୍ରମ୍, ଗୀର୍, ବଚସ୍** । କିନ୍ତୁ ଦିବ୍ୟଶକ୍ତିମାନଙ୍କ ଦ୍ୱାରା ଏହାର ସୁରକ୍ଷା କରିବାର ଅଛି ତଥା ଏହା ଯଥାର୍ଥ ସଫଳତା ପ୍ରାପ୍ତ ହେବାର ଅଛି । 'ବାୟୁ'ଙ୍କର ଏହି କାର୍ଯ୍ୟ କରିବାର ଅଛି; ନକାରତାର, ଆଚ୍ଛାଦନର, ଅନଭିବ୍ୟକ୍ତିର ସକଳ ଶକ୍ତିଙ୍କୁ ତାଙ୍କର ବିଦୂରିତ କରିବାର ଅଛି । ଏହି କାର୍ଯ୍ୟଟିକୁ କରିବା ପାଇଁ ''ତାଙ୍କର ଯୁଆଳିବଦ୍ଧ ଅଶ୍ୱଗଣଙ୍କ ଓ ସାରଥିରୂପୀ ଇନ୍ଦ୍ରଙ୍କ ସହିତ'' ଏଠାରେ ଆସି ପହଞ୍ଚିବାର ଅଛି, **ନିୟୁତ୍ୱାନ୍ ଇନ୍ଦ୍ରସାରଥିଃ** । ଇନ୍ଦ୍ର, ବାୟୁ, ସୂର୍ଯ୍ୟ — ଏମାନଙ୍କ ଅଶ୍ୱଙ୍କ ନାମରେ ଯଥାର୍ଥତା ରହିଛି । ଇନ୍ଦ୍ରଙ୍କ ଅଶ୍ୱମାନଙ୍କ ନାମ **ହରି** ବା **ବଭ୍ରୁ**, ଅର୍ଥାତ୍ ଅରୁଣ ବା ପିଙ୍ଗଳ; 'ସୂର୍ଯ୍ୟ'ଙ୍କ ଅଶ୍ୱଙ୍କ ନାମ **ହରିତ୍**, ଏହା ଗଭୀରତର, ପରିପୂର୍ଣ୍ଣ ଓ ପ୍ରଗାଢ଼ ଭାସ୍ୱରତାକୁ ସୂଚିତ କରେ; ବାୟୁଙ୍କ ଅଶ୍ୱଙ୍କ ନାମ **ନିୟୁତ୍**, ଯୋଚିବା ଯୋଗ୍ୟ ଅଶ୍ୱଗଣ, କାରଣ ସେମାନେ ଏପରି ଗତିଶୀଳ ଶକ୍ତିର ପ୍ରତୀକ ଯାହା ଶକ୍ତିକୁ ତା' କର୍ମରେ ସଂଯୋଚିତ କରିଦିଏ । କିନ୍ତୁ 'ବାୟୁ'ଙ୍କର ଅଶ୍ୱ ହେଲେ ବି ସେମାନେ 'ଇନ୍ଦ୍ର'ଙ୍କ ଦ୍ୱାରା ସଞ୍ଚାଳିତ ଅବଶ୍ୟ ହେବେ, ଅର୍ଥାତ୍ ସ୍ନାୟୁତାନ୍ତ୍ରିକ ଓ ପ୍ରାଣିକ ଶକ୍ତିର ପ୍ରଭୁଙ୍କ ଗତିବୃତ୍ତିଗୁଡ଼ିକ ମନଃପ୍ରଭୁଙ୍କ ଦ୍ୱାରା ପରିଚାଳିତ ହେବେ ।

ତୃତୀୟ ଋକ୍‌କୁ ଦେଖିଲେ ପ୍ରଥମରେ ମନେ ହେବ ଏହା ଏକ ଅସମ୍ବନ୍ଧିତ ଧାରଣା ମଧ୍ୟରେ ରହିଛି; ଏହା ଅନ୍ଧକାରାବୃତ 'ଦ୍ୟୌଃ' ଓ 'ପୃଥିବୀ'ର କଥା କହୁଛି । ଏ ଉଭୟେ ନିଜ ନିଜର ସକଳ ରୂପ ସହ ନିଜ ନିଜର ପ୍ରୟାସ ମାଧ୍ୟମରେ ଇନ୍ଦ୍ରଚାଳିତ ରଥରେ ସ୍ଥିତ 'ବାୟୁ'ଙ୍କର ଗତିବୃତ୍ତିକୁ ମାନୁଛନ୍ତି, ଅଥବା ତାହାକୁ ଅନୁସରଣ କରୁଛନ୍ତି । ଏହି ଋକ୍‌ରେ

ଏମାନଙ୍କ ନାମର ଉଲ୍ଲେଖ ନାହିଁ କିନ୍ତୁ ଏମାନେ ବସୁଧ୍ରୀ ରୂପେ ବର୍ଣ୍ଣିତ ଅର୍ଥାତ୍ ସେ ଦୁହେଁ କୃଷ୍ଣ ବା ଅନ୍ଧକାରାବୃତ ମୂଳତତ୍ତ୍ୱର ଧାରକ ଅଥବା ସେହି ସମ୍ପଦର ବାହକ; 'ବସୁଧ୍ରୀ' ମଧ୍ୟରେ ବସୁଧାର ପର୍ଯ୍ୟାପ୍ତ ସଙ୍କେତ ରହିଛି ଏବଂ ଏଥିରେ ଯେଉଁ ଦ୍ୱିବଚନର ପ୍ରୟୋଗ ରହିଛି ସେଥିରୁ ତାହାର ସହଚର 'ସ୍ୱର୍ଗ' ବୋଲି ଆପେ ଜଣାଯାଉଛି । ଏହା ମଧ୍ୟ ଆମର ଜାଣିବା ଉଚିତ ଯେ, ଏଠାରେ ପିତୃରୂପୀ 'ସ୍ୱର୍ଗ' ଓ ମାତୃରୂପିଣୀ 'ପୃଥିବୀ'ର କଥା ନୁହେଁ, ଦୁଇ ଭଉଣୀଙ୍କ କଥା କୁହାଯାଇଛି, ରୋଦସୀ, ଦ୍ୟୌ ଓ ପୃଥିବୀର ସ୍ତ୍ରୀଲିଙ୍ଗଧାରୀ ରୂପ, ଯେଉଁମାନେ ମାନସିକ ଓ ଦୈହିକ ଚେତନାର ପ୍ରତୀକ । ସେମାନଙ୍କର ଏହା ଅନ୍ଧକାରାଚ୍ଛନ୍ନ ଅବସ୍ଥା — ମାନସିକ ଓ ଭୌତିକ ଦୁଇ ସୀମାର ମଧ୍ୟବର୍ତ୍ତୀ ତିମିରାବୃତ ଚେତନା, — ଯାହା ପ୍ରାଣିକ ଗତିଶୀଳ ପ୍ରକ୍ରିୟା ମାଧ୍ୟମରେ 'ବାୟୁ'ଙ୍କ ନିୟନ୍ତ୍ରଣରେ ଅଥବା ତାଙ୍କର ଗତିସଞ୍ଚାର ଅନୁଯାୟୀ କାର୍ଯ୍ୟ କରିବାକୁ ଆରମ୍ଭ କରିଛି, ଉଦ୍ଦେଶ୍ୟ ହେଉଛି ସେମାନଙ୍କର ଆଚ୍ଛନ୍ନ ରୂପଗୁଡ଼ିକୁ ପ୍ରକାଶ କରିବା; କାରଣ ଏହି ଉଭୟଙ୍କ ମଧ୍ୟରେ ସଙ୍କଳ୍ପ ରୂପ ମଗ୍ନ ଅବସ୍ଥାରେ ରହିଛନ୍ତି ଏବଂ ସେଗୁଡ଼ିକର ଅଭିବ୍ୟକ୍ତି ନିମନ୍ତେ ସେଗୁଡ଼ିକୁ ବାଧ୍ୟ କରିବାକୁ ହେବ । ଏହି ଭାବେ ଆମେ ଦେଖିପାରୁଛୁ ଯେ ଏହି ମନ୍ତ୍ରଟି ପରବର୍ତ୍ତୀ ମନ୍ତ୍ରଦ୍ୱୟର ଅର୍ଥକୁ ପରିପୂର୍ଣ୍ଣ ରୂପ ଦେଉଛି । କାରଣ ସବୁ କ୍ଷେତ୍ରରେ ଏହା ଦେଖା ଯାଇଛି ଯେ, ଯେତେବେଳେ ବେଦକୁ ଠିକ୍‌ଭାବେ ବୁଝାଯାଇଥାଏ ସେତେବେଳେ ତା' ମଧ୍ୟରେ ଥିବା ସୁଗଭୀର ନ୍ୟାୟସଙ୍ଗତ ସଙ୍ଗତି ତଥା ଅର୍ଥଗର୍ଭକ କ୍ରମାନ୍ୱୟତା ନିଜକୁ ସୁବ୍ୟକ୍ତ କରେ ।

ଏହି ସୂକ୍ତର ଅବଶିଷ୍ଟ ଋକ୍ ଦୁଇଟି ସୂଚିତ କରେ ଦ୍ୟୌ ଓ ପୃଥିବୀ ଉଭୟଙ୍କ କ୍ରିୟାର ଏବଂ ଆନନ୍ଦ ଦିଗରେ ବାୟୁଙ୍କ ରଥ ବିକ୍ରମ ଗତିରେ ଯାଉଥିବା ବେଳେ ସେଇ ଉଭୟଙ୍କ ଅନଭିବ୍ୟକ୍ତ ଊର୍ଜା ଓ ରୂପକୁ ଅଭିବ୍ୟକ୍ତ କରିବାର ପରିଣାମକୁ । ସର୍ବପ୍ରଥମେ ତାଙ୍କ ଅଶ୍ୱଗଣ ନିଜର ସାଧାରଣଭାବେ ପୂର୍ଣ୍ଣ ତଥା ନିର୍ଦ୍ଦିଷ୍ଟ ସଂଖ୍ୟାରେ ଉପନୀତ ହେବାର ଅଛି । ''ସେହି ନବନବତି ସଂଖ୍ୟା ବିଶିଷ୍ଟ ଶକ୍ତି ମନ ଦ୍ୱାରା ଯୋଚିତ ହୋଇ ତୁମକୁ ବହନ କରନ୍ତୁ ।''[୧୦] ବାରଂବାର ଆସୁଥିବା ନବନବତି, ଶତ, ସହସ୍ର ପ୍ରଭୃତି ସଂଖ୍ୟାର ବେଦରେ ଏକ ପ୍ରତୀକାର୍ଥ ରହିଛି ଯାହାକୁ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ଦେଇ ସ୍ପଷ୍ଟ କରିବା ଅତ୍ୟନ୍ତ କଠିନ । ରହସ୍ୟାତ୍ମିକା ସଂଖ୍ୟା ସାତକୁ ସାତରେ ଗୁଣି ପୂର୍ବରେ ଓ ଶେଷରେ ଏକ ମିଶାଇ ଯେଉଁ ଶତ ସଂଖ୍ୟା ହେଉଛି, ୧+୪୯+୪୯+୧ = ୧୦୦, ଏହାରି ଭିତରେ ବୋଧହୁଏ ଏହାର ରହସ୍ୟ ମିଳିପାରିବ । ସପ୍ତ ହେଉଛି ଅଭିବ୍ୟକ୍ତ 'ପ୍ରକୃତି'ର ମୌଳିକ ତତ୍ତ୍ୱ, ଅର୍ଥାତ୍ ଜାଗତିକ ଲୀଳା ମଧ୍ୟରେ ଦିବ୍ୟଚେତନାର ସପ୍ତରୂପ । ବହୁତ୍ୱର ସହିତ ଗଠିତ ଏଥିରୁ

---

[୯] ଅନୁ କୃଷ୍ଣେ ବସୁଧ୍ରୀ ଯେମାତେ ବିଶ୍ୱପେଶସା ।

[୧୦] ବହନ୍ତୁ ତ୍ୱା ମନୋୟୁଜୋ ୟୁକ୍ତାସୋ ନବତିର୍ନବ ।

ପ୍ରତ୍ୟେକଟି ନିଜ ମଧ୍ୟରେ ଅନ୍ୟ ଛଅ ତତ୍ତ୍ୱକୁ ବହନ କରୁଥାଏ, ତେଣୁ ପୂର୍ଣ୍ଣ ସଂଖ୍ୟାଟି ହେଉଛି ଅଣଚାଶ; ଏହାର ଊର୍ଦ୍ଧ୍ୱକୁ ଏକକଟିଏ ଯୋଡ଼ି ଦେଲେ ଯାହା ହୁଏ ସେଥିମଧ୍ୟରୁ ସବୁକିଛି ବିକଶିତ ହେଉଛି, ଆମକୁ ପଚାଶ ସଂଖ୍ୟାର ଏକ ସମାହିତି ପ୍ରଦାନ କରୁଛି ଏବଂ ସକ୍ରିୟ ଚେତନାର ଏକ ପୂର୍ଣ୍ଣାଙ୍ଗ ଅଙ୍କ ସଂସ୍ଥାନ ଗଠନ କରୁଛି । କିନ୍ତୁ ଏହାର ଆରୋହଣ ତଥା ଅବରୋହଣ କ୍ରମରେ ଦ୍ୱିଗୁଣୀକରଣର ଏକ ପ୍ରକ୍ରିୟା ରହିଛି, ଦେବଗଣଙ୍କର ଅବତରଣ, ମାନବର ଉତ୍ତରଣ । ଏହି ଭାବେ ଆମେ ଅନେଶତ (୧, ୪୯+୪୯ = ୯୯) ସଂଖ୍ୟା ପାଉଛୁ, ବେଦରେ ନାନା ପ୍ରକାରେ ଅଶ୍ୱଗଣ, ନଗରମାନ, ନଦୀଗଣ ଇତ୍ୟାଦି କ୍ଷେତ୍ରରେ ଏହା ପ୍ରଯୁକ୍ତ ହୋଇଛି ଏବଂ ଯଦିଓ ସେଗୁଡ଼ିକର ପ୍ରୟୋଗ ପୃଥକ୍ ପୃଥକ୍ କିନ୍ତୁ ତା' ସହିତ ରହିଛି ସଜାତୀୟ ପ୍ରତୀକବାଦ । ତମସାବୃତି-ସୂଚକ ଏକକଟିଏ ଆମେ ଯଦି ନିମ୍ନରେ ଯୋଗ କରିବା, ଯାହା ମଧ୍ୟକୁ ସବୁକିଛିର ଅବତରଣ ଘଟିଥାଏ, ଊର୍ଦ୍ଧ୍ୱସ୍ଥ ଜ୍ୟୋତିର୍ମୟ ଏକକ ଦିଗରେ ସବୁକିଛିର ଉତ୍ତରଣ ଘଟିଥାଏ, ଏସବୁକୁ ଏକତ୍ର କଲେ ଆମେ ଶତ ସଂଖ୍ୟାର ଏକ ପୂର୍ଣ୍ଣ ଅଙ୍କ ସଂସ୍ଥାନ ଦେଖିବାକୁ ପାଇବା ।

ଏହି କାରଣରୁ 'ବାୟୁ'ଙ୍କ ଗତିସଂଚାରର ପରିଣାମ ହେଉଛି ଚେତନାର ଏକ ନାନାମୁଖୀ ଶକ୍ତି; ଏହା ମାନସିକ କ୍ରିୟାକଳାପର ପୂର୍ଣ୍ଣତମ ଜାଗୃତି ଯାହା ବର୍ତ୍ତମାନ କେବଳ ଅନ୍ତର୍ଗୂଢ଼ ଏବଂ ମନୁଷ୍ୟର ଆନ୍ତର ସାମର୍ଥ୍ୟ ରୂପେ ରହିଛି, — ଏମାନେ ହେଉଛନ୍ତି ସେହି ଅନେଶତ ଅଶ୍ୱ ଯେଉଁମାନେ ମନ ଦ୍ୱାରା ଯୁଆଳିରେ ଯୋଟା ଯାଇଛନ୍ତି । ପରବର୍ତ୍ତୀ ସୂକ୍ତରେ ପୂର୍ଣ୍ଣତାସାଧକ ଏକକଟିକୁ ଯୋଡ଼ା ଯାଇଛି । ଏବେ ଅଶ୍ୱଙ୍କ ସଂଖ୍ୟା ଏକଶତ ହେଲା, ଏବଂ ଯେହେତୁ ଏବେ ଯେଉଁ କ୍ରିୟାଟି ହେଉଛି ତାହା ଆଲୋକିତ ମାନସର, ଏହି ଅଶ୍ୱଗଣ 'ବାୟୁ' ଓ 'ଇନ୍ଦ୍ର'ଙ୍କୁ ବହନ କରୁଥିଲେ ମଧ୍ୟ ଆଉ ଏବେ ସେମାନେ କେବଳ 'ନିୟୁତ୍' ନୁହନ୍ତି, ପରନ୍ତୁ ହୋଇଗଲେ 'ହରି', ଯାହା ଇନ୍ଦ୍ରଙ୍କ ଜ୍ୟୋତିଷ୍ମାନ୍ ପିଙ୍ଗଳ ଅଶ୍ୱର ରଙ୍ଗ ।[୧୧] ''ହେ ବାୟୋ ! ଶତସଂଖ୍ୟକ ପୋଷ୍ୟ ଅଶ୍ୱଙ୍କୁ ଯୋଚିଦିଅ ।''

କିନ୍ତୁ କାହିଁକି ସେମାନେ ପୋଷ୍ୟ ବା ବର୍ଦ୍ଧନୀୟ ? କାରଣ ଶତ ସଂଖ୍ୟା ବିବିଧପ୍ରକାରେ ସମ୍ମିଳିତ ଗତିବୃତ୍ତିର ସାମାନ୍ୟ ପୂର୍ଣ୍ଣତାର ପରିଚାୟକ, ସେମାନଙ୍କ ସମ୍ମିଳିତତାର, ସର୍ବୋଚ୍ଚତାର ନୁହେଁ । ଶତର ପ୍ରତ୍ୟେକ ଏକକକୁ ଦଶଗୁଣିତ କରାଯାଇପାରେ; ସମସ୍ତେ ନିଜ ପ୍ରକାର ମଧ୍ୟରେ ବୃଦ୍ଧିଲାଭ କରିପାରନ୍ତି : କାରଣ ''**ପୋଷ୍ୟାଣାମ୍**''ବାକ୍ୟାଂଶଟି ମଧ୍ୟରେ ବିକାଶର ଯେଉଁ ସୂଚନା ରହିଛି ତାହାର ଏହାହିଁ ପ୍ରକୃତି । ସେହି କାରଣରୁ ଋଷି କହୁଛନ୍ତି ଯେ ତୁମେ (ବାୟୁ) ହୁଏତ ଶତର ସାଧାରଣ

---

[୧୧] ବାୟୋ ଶତଂ ହରୀଣାଂ ୟୁବସ୍ୱ ପୋଷ୍ୟାଣାମ୍ ।

ପୂର୍ଣ୍ଣତାକୁ ବହନ କରି ଆସ ଯାହା ପରବର୍ତ୍ତୀ ସମୟରେ ସେହି ଶତର ପ୍ରତ୍ୟେକ ଏକକ ଦଶଗୁଣିତ ହୋଇ ନିଜ ନିଜ ପୂର୍ଣ୍ଣତା ନିମନ୍ତେ ପରିପୋଷିତ ହେବେ, ଅଥବା ତୁମେ ଇଚ୍ଛାକଲେ ତୁମର ସହସ୍ର ସହିତ ଆସିପାରିବ ଏବଂ ତୁମର ଗତି ନିଜର ସମଗ୍ର ସମ୍ଭାବିତ ଉର୍ଜାର ଅଧିକତମ ବିକଶିତ ପୁଞ୍ଜ ସହ ଆଗମନ କରୁ ।[୧୨] ଏହା ହେଉଛି ସେହି ସର୍ବ-ଆଧାୟକ, ସର୍ବଶକ୍ତିସାଧକ ମାନସିକ ଆଲୋକ ଯାହା ସହିତ ରହିଛି ତାଙ୍କର ଦିବ୍ୟ ସତ୍ତା, ସାମର୍ଥ୍ୟ, ଆନନ୍ଦ, ଜ୍ଞାନ, ମତି, ପ୍ରାଣଶକ୍ତି, ଶାରୀରିକ କ୍ରିୟାକଳାପ ପ୍ରଭୃତିର ସର୍ବାଙ୍ଗ ପରିପୂର୍ଣ୍ଣତା । କାରଣ, ଏହା ପ୍ରାପ୍ତ ହୋଇଗଲେ ଅବଚେତନା ବାଧ ହେବ ପୂର୍ଣ୍ଣକରି ଗଢ଼ାଯାଇଥିବା ଜୀବନର ସମୃଦ୍ଧ ତଥା ଭରପୂର ଗତିସଂଚାର ନିମନ୍ତେ ତା'ର ସମସ୍ତ ଗୁପ୍ତ ସମ୍ଭାବନାକୁ ପ୍ରମୁକ୍ତ କରିଦେବା ପାଇଁ ।

---

୧୨ ଉତ ବା ତେ ସହସ୍ରିଣୋ ରଥ ଆ ଯାତୁ ପାଜସା ।

ଅଧ୍ୟାୟ – ୯

ବୃହସ୍ପତି, ଆତ୍ମାର ଶକ୍ତି

(ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ)

ୟସ୍ତସ୍ତମ୍ଭ ସହସା ବି କ୍ଷୋ ଅନ୍ତାନ୍
ବୃହସ୍ପତିସ୍ତ୍ରିଷଧସ୍ଥୋ ରବେଣ ।
ତଂ ପ୍ରତ୍ନାସ ଋଷୟୋ ଦୀଧ୍ୟାନାଃ
ପୁରୋ ବିପ୍ରା ଦଧିରେ ମନ୍ଦ୍ରଜିହ୍ୱମ୍ ।୧।

ଅର୍ଥ (ଅନ୍ୱୟ ସହ) : ଏ ହେଉଛନ୍ତି ବୃହସ୍ପତି [ବୃହସ୍ପତିଃ] ଯିଏ ଆମ ପରିପୂର୍ଣ୍ଣତା ରୂପକ ତ୍ରିଜଗତରେ ବିଦ୍ୟମାନ ରହି [ୟଃ ତ୍ରିଷଧସ୍ଥଃ] ନିଜ ବଳ ଦ୍ୱାରା [ସହସା] ତଥା ଉଚ୍ଚ ରବ ଦ୍ୱାରା [ରବେଣ] ଧରଣୀର ଚରମ ପ୍ରାନ୍ତଗୁଡ଼ିକୁ ପ୍ରତିଷ୍ଠା କରିଛନ୍ତି [ଅନ୍ତାନ୍ କ୍ଷଃ ବି ସ୍ତସ୍ତମ୍ଭ], ପ୍ରାଚ୍ତନ ଋଷିଗଣ [ପ୍ରତ୍ନାସଃ ଋଷୟଃ] ତାଙ୍କୁ ଧ୍ୟାନ କରିଥିଲେ [ତଂ ଦୀଧ୍ୟାନାଃ] ଏବଂ ଜ୍ଞାନଦୀପ୍ତ ହୋଇ [ବିପ୍ରାଃ] ମଧୁ ଜିହ୍ୱାଯୁକ୍ତ ତାଙ୍କୁ [ମନ୍ଦ୍ର ଜିହ୍ୱମ୍] ସେମାନଙ୍କ ପୁରୋଭାଗରେ ସ୍ଥାନ ଦେଇଥିଲେ [ପୁରଃ ଦଧିରେ] ॥

ଧୁନେତୟଃ ସୁପ୍ରକେତଂ ମଦନ୍ତୋ
ବୃହସ୍ପତେ ଅଭି ୟେ ନସ୍ତତସ୍ରେ ।
ପୃଷନ୍ତଂ ସୁପ୍ରମଦଙ୍ଗମୂର୍ବଂ
ବୃହସ୍ପତେ ରକ୍ଷତାଦସ୍ୟ ୟୋନିମ୍ ।୨।

ଅର୍ଥ (ଅନ୍ୱୟ ସହ) : ହେ ବୃହସ୍ପତି [ବୃହସ୍ପତେ] , ନିଜ ଗତିବୃତ୍ତିର ଉଚ୍ଛ୍ୱାସ ଦ୍ୱାରା ପ୍ରତିସ୍ପନ୍ଦିତ ହୋଇ [ଧୁନେତୟଃ], ସିଦ୍ଧ ଚେତନା ଦ୍ୱାରା ପ୍ରମୋଦିତ ହୋଇ [ସୁପ୍ରକେତଂ ମଦନ୍ତଃ] ସେହି ଋଷିଗଣ [ୟେ] ଆମ ନିମନ୍ତେ [ନଃ] ପ୍ରାଚୁର୍ଯ୍ୟମୟ [ପୃଷନ୍ତମ୍], କ୍ଷିପ୍ର [ସୁପ୍ରମ୍], ଅଜେୟ [ଅଦବ୍‌ଧମ୍], ବିଶାଳ [ଉର୍ବମ୍] ଏହି ସତ୍ତାର ଉତ୍ପତ୍ତିଲୋକକୁ [ଅସ୍ୟ ୟୋନିମ୍] ସଂଗ୍ରଥିତ କରିଛନ୍ତି [ତତସ୍ରେ] । ହେ ବୃହସ୍ପତି [ବୃହସ୍ପତେ] ! ଏହାର ରକ୍ଷା କର [ରକ୍ଷତାତ୍] ।

ବୃହସ୍ପତେ ୟା ପରମା ପରାବତ୍
ଅତ ଆ ତ ଋତସ୍ପୃଶୋ ନି ଷେଦୁଷଃ ।
ତୁଭ୍ୟଂ ଖାତା ଅବତା ଅଦ୍ରିଦୁଗ୍ଧା
ମଧ୍ୱଃ ଶ୍ଚୋତନ୍ତ୍ୟଭିତୋ ବିରପ୍ଶମ୍ ।୩।

ଅର୍ଥ (ଅନ୍ୱୟ ସହ) : ହେ ବୃହସ୍ପତି [ବୃହସ୍ପତେ], ସତ୍ୟସ୍ପର୍ଶୀ ସେହି ଋଷିମାନେ [ତେ ଋତସ୍ପୃଶଃ] ଯାହା ସଭାର ପରମ ପରଧାମ [ୟା ପରମା ପରାବତ୍] ଏହି ଜଗତର ଆହୁରି ଉର୍ଦ୍ଧ୍ୱରେ [ଅତଃ] ଆସୀନ ହୋଇଛନ୍ତି [ଆ ନିଷେଦୁଃ] । ତୁମ ପାଇଁ [ତୁଭ୍ୟମ୍] ଏହି ପର୍ବତରୁ କ୍ଷରିତ ମଧୁରେ ପୂର୍ଣ୍ଣ କୂପଗୁଡ଼ିକୁ ଖୋଦନ କରାଯାଇଛି [ଅଦ୍ରିଦୁଗ୍ଧାଃ ଅବତାଃ ଖାତାଃ] ଏବଂ ସେଗୁଡ଼ିକର ମଧୁରତା [ମଧ୍ୱଃ] ଚତୁର୍ଦିଗରେ ଝରିଝରି ଯାଉଛି [ଅଭିତଃ ଶ୍ଚୋତନ୍ତି] ତଥା ସେଗୁଡ଼ିକ ଉଚ୍ଛୁଳି ପଡୁଛନ୍ତି [ବିରପ୍ଶମ୍] ।

ବୃହସ୍ପତିଃ ପ୍ରଥମଂ ଜାୟମାନୋ
ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।
ସପ୍ତାସ୍ୟସ୍ତୁବିଜାତୋ ରବେଣ
ବି ସପ୍ତରଶ୍ମିରଧମତ୍ ତମାଂସି ।୪।

ଅର୍ଥ (ଅନ୍ୱୟ ସହ) : ବୃହସ୍ପତି [ବୃହସ୍ପତିଃ] ଯିଏ ସପ୍ତମୁଖଯୁକ୍ତ [ସପ୍ତାସ୍ୟଃ], ଯାହାଙ୍କର ରହିଛି ସପ୍ତରଶ୍ମି [ସପ୍ତରଶ୍ମିଃ], ଯିଏ ବହୁଧା ଜନ୍ମଗ୍ରହଣ କରିଛନ୍ତି [ତୁବିଜାତଃ], ମହତ୍ ଜ୍ୟୋତିଃରୁ [ମହୋ ଜ୍ୟୋତିଷଃ] ପରମ ବ୍ୟୋମରେ [ପରମେ ବ୍ୟୋମନ୍] ସେ ପ୍ରଥମେ ଜନ୍ମ ନେବା ସଙ୍ଗେ ସଙ୍ଗେ [ପ୍ରଥମଂ ଜାୟମାନଃ] ଆମକୁ ଆଚ୍ଛାଦନ କରିଥିବା ଅନ୍ଧକାରଗୁଡ଼ିକୁ [ତମାଂସି] ତାଙ୍କ ଉଚ୍ଚ ରବ ଦ୍ୱାରା [ରବେଣ] ସମ୍ପୂର୍ଣ୍ଣ ରୂପେ ଅପସାରିତ କରି ଦେଇଥିଲେ [ଅଧମତ୍] ।

ସ ସୁଷ୍ଟୁଭା ସ ରକ୍ୱତା ଗଣେନ
ବଲଂ ରୁରୋଜ ଫଲିଗଂ ରବେଣ ।
ବୃହସ୍ପତିରୁସ୍ରିୟା ହବ୍ୟସୂଦଃ
କନିକ୍ରଦଦ୍ ବାବଶତୀରୁଦାଜତ୍ ।୫।

ଅର୍ଥ (ଅନ୍ୱୟ ସହ) : ସେ [ସଃ] ସ୍ତୁତିଗାୟକମାନଙ୍କ ଗଣ ଦ୍ୱାରା [ସୁଷ୍ଟୁଭା ଗଣେନ] ଏବଂ ଜ୍ଞାନ ପ୍ରଦୀପକ ସୂକ୍ତର ଗଣ ଦ୍ୱାରା [ରକ୍ୱତା (ଗଣେନ)] ନିଜର ଉଚ୍ଚ ରବ ଦ୍ୱାରା [ରବେଣ] 'ବଳ'କୁ [ବଲମ୍] ଖଣ୍ଡ ବିଖଣ୍ଡ କରି ଭାଙ୍ଗି ଦେଇଥିଲେ [ଫଲିଗଂ ରୁରୋଜ] । ଆମର ଅର୍ପଣୀୟ ବସ୍ତୁଗୁଡ଼ିକୁ ବେଗବାନ୍ କରୁଥିବା [ହବ୍ୟସୂଦଃ] ସେହି

ଜ୍ୟୋତିର୍ଗଣଙ୍କୁ (ଜ୍ୟୋତିର୍ମୟ ଗୋବୃନ୍ଦଙ୍କୁ) [ଉସ୍ରିୟାଃ] ବୃହସ୍ପତି [ବୃହସ୍ପତିଃ] ଉଚ୍ଚ ସ୍ୱରରେ ହାଙ୍କି ହାଙ୍କି [କନିକ୍ରଦତ୍] ଊର୍ଦ୍ଧ୍ୱ ଦିଗରେ ପ୍ରେରଣ କରିଥା'ନ୍ତି [ଉଦାଜତ୍]; ସେମାନେ ସସ୍ନେହରେ ପ୍ରତ୍ୟୁତ୍ତର ଦେଇଥା'ନ୍ତି [ବାବଶତୀଃ]।

ଏବା ପତ୍ରେ ବଶ୍ୱଦେବାୟ ବୃଷ୍ଣେ
ୟଜ୍ଞୈର୍ବିଧେମ ନମସା ହବିର୍ଭିଃ।
ବୃହସ୍ପତେ ସୁପ୍ରଜା ବୀରବନ୍ତୋ
ବୟଂ ସ୍ୟାମ ପତୟୋ ରୟୀଣାମ୍ ।୬।

ଅର୍ଥ (ଅନ୍ୱୟ ସହ) : ଏହିପରି [ଏବ] 'ପିତା'ଙ୍କୁ, ବିଶ୍ୱାତ୍ମକ ଦେବଙ୍କୁ, ଦିବ୍ୟବୃଷଭଙ୍କୁ [ପିତ୍ରେ, ବିଶ୍ୱଦେବାୟ, ବୃଷ୍ଣେ] ଆସ ଆମେ ଆମର ଯଜ୍ଞଗୁଡ଼ିକ ଦ୍ୱାରା, ନମନ ଦ୍ୱାରା ଏବଂ ହବିଃ ସମର୍ପଣ ଦ୍ୱାରା ତାଙ୍କରି ଅର୍ଚ୍ଚନା କରିବା [ୟଜ୍ଞୈଃ ନମସା ହବିର୍ଭିଃ ବିଧେମ]; ହେ ବୃହସ୍ପତି [ବୃହସ୍ପତେ] ଊର୍ଜାରେ ଭରପୂର ହୋଇ [ବୀରବନ୍ତଃ] ଏବଂ ସନ୍ତାନଗଣରେ ସମୃଦ୍ଧ ହୋଇ [ସୁପ୍ରଜାଃ] ଆମେ [ବୟମ୍] ଆନନ୍ଦଗୁଡ଼ିକର ସ୍ୱାମୀ ହେଉଁ [ରୟୀଣାଂ ପତୟଃ ସ୍ୟାମ]।

ସ ଇଦ୍ ରାଜା ପ୍ରତିଜନ୍ୟାନି ବିଶ୍ୱା
ଶୁଷ୍ମେଣ ତସ୍ଥାବଭି ବୀର୍ୟେଣ।
ବୃହସ୍ପତିଂ ୟଃ ସୁଭୃତଂ ବିଭର୍ତି
ବଲ୍‌ଗୂୟତି ବନ୍ଦତେ ପୂର୍ବଭାଜମ୍ ।୭।

ଅର୍ଥ (ଅନ୍ୱୟ ସହ) : ଯିଏ ସମ୍ୟକ୍ ଧୃତ ବୃହସ୍ପତିଙ୍କୁ ଧାରଣ କରିଛନ୍ତି [ୟଃ ସୁଭୃତଂ ବୃହସ୍ପତିଂ ବିଭର୍ତି] ଏବଂ ଯିଏ ଉଲ୍ଲାସକର ନୃତ୍ୟ କରନ୍ତି [ବଲ୍‌ଗୂୟତି] ତଥା ଯିଏ ତାଙ୍କୁ ବନ୍ଦନା କରିବା ସହିତ ତାଙ୍କ ଭୋଗର ପ୍ରଥମ ଫଳକୁ ତାଙ୍କୁହିଁ ପ୍ରଦାନ କରନ୍ତି [ପୂର୍ବଭାଜଂ ବନ୍ଦତେ] ସେ ହିଁ ରାଜା [ସ ଇଦ୍ ରାଜା], ଲୋକ ଲୋକାନ୍ତରରେ ଯାହାସବୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଅଭିମୁଖକୁ ଆସନ୍ତି [ବିଶ୍ୱା ପ୍ରତିଜନ୍ୟାନି] ସେସବୁକୁ ସେ ନିଜର ବଳ ଓ ବୀର-ଶକ୍ତି ଦ୍ୱାରା [ଶୁଷ୍ମେଣ ବୀର୍ୟେଣ] ଜୟ କରିଯା'ନ୍ତି [ଅଭି ତସ୍ଥୌ]।

ସ ଇତ୍ କ୍ଷେତି ସୁଧିତ ଓକସି ସ୍ୱେ
ତସ୍ମା ଇଳା ପିନ୍ୱତେ ବିଶ୍ୱଦାନୀମ୍।
ତସ୍ମୈ ବିଶଃ ସ୍ୱୟମେବା ନମନ୍ତେ
ୟସ୍ମିନ୍ ବ୍ରହ୍ମା ରାଜନି ପୂର୍ବ ଏତି ।୮।

ଅର୍ଥ (ଅନ୍ୱୟ ସହ) : ହଁ [ଇତ୍], ସେ ନିଜର ପ୍ରକୃଷ୍ଟ ନିବାସରେ [ସଃ ସ୍ୱେ ଓକସି] ଦୃଢ଼ ଆସନରେ ଅବସ୍ଥାନ କରୁଛନ୍ତି [ସୁଧ୍ରତଃ କ୍ଷେତି] ଏବଂ ତାଙ୍କରି ପାଇଁ 'ଇଳା' ସବୁବେଳେ ସମୃଦ୍ଧିର ସହ ବୃଦ୍ଧିପ୍ରାପ୍ତା ହେଉଛନ୍ତି [ତସ୍ମୈ ଇଳା ବିଶ୍ୱଦାନୀଂ ପିନ୍ୱତେ]। ଯାହାଙ୍କଠାରେ ସକଳ ପ୍ରଜା (ସର୍ବପ୍ରାଣୀ) ସ୍ୱୟଂପ୍ରେରଣାରେ ନମନ କରନ୍ତି [ତସ୍ମୈ ବିଶଃ ସ୍ୱୟମ୍ ଏବ ନମନ୍ତେ], ଏହି ରାଜାଙ୍କ ମଧ୍ୟରେ [ୟସ୍ମିନ୍ ରାଜନି] 'ଆତ୍ମ-ଶକ୍ତି' ପୁରୋଭାଗରେ ଗତି କରେ [ବ୍ରହ୍ମ ପୂର୍ବଃ ଏତି]।

ଅପ୍ରତୀତୋ ଜୟତି ସଂ ଧନାନି
ପ୍ରତିଜନ୍ୟାନ୍ୟୁତ ୟା ସଜନ୍ୟା।
ଅବସ୍ୟବେ ୟୋ ବରିବଃ କୃଣୋତି
ବ୍ରହ୍ମଣେ ରାଜା ତମବନ୍ତି ଦେବାଃ ।୯।

ଅର୍ଥ (ଅନ୍ୱୟ ସହ) : କେହି ତାଙ୍କୁ ଜିତି ପାରନ୍ତି ନାହିଁ [ଅପ୍ରତୀତଃ], ଯେଉଁ ସମସ୍ତ ଲୋକ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ [ପ୍ରତିଜନ୍ୟାନି] ଏବଂ [ଉତ] ଯେଉଁ ଲୋକରେ ସେ ନିବାସ କରନ୍ତି [ୟା ସଜନ୍ୟା], ଏ ଉଭୟ ଲୋକର ସମ୍ପଦକୁ ସେ ପୂର୍ଣ୍ଣ ରୂପେ ଜୟ କରିଥା'ନ୍ତି [ଧନାନି ସଂଜୟତି]; ଏ ସେହି ରାଜା ଅଟନ୍ତି [ରାଜା] ଯିଏ [ୟଃ] ତାଙ୍କ ଅଭିବ୍ୟକ୍ତିକୁ କାମନା କରୁଥିବା ଆତ୍ମଶକ୍ତି (ବ୍ରହ୍ମା) ନିମନ୍ତେ [ଅବସ୍ୟବେ ବ୍ରହ୍ମଣେ] ଶ୍ରେଷ୍ଠ ଶ୍ରେୟଃ ରଚନା କରନ୍ତି [ବରିବଃ କୃଣୋତି], ଦେବଗଣ ତାଙ୍କୁ ପାଇବାକୁ ଅଭିଳାଷ କରନ୍ତି [ଦେବାଃ ତମ୍ ଅବନ୍ତି]।

ଇନ୍ଦ୍ରଶ୍ଚ ସୋମଂ ପିବତଂ ବୃହସ୍ପତେ
ୟସ୍ମିନ୍ୟଜ୍ଞେ ମନ୍ଦସାନା ବୃଷଣ୍ୱସୂ।
ଆ ବାଂ ବିଶନ୍ତ୍ୱିନ୍ଦବଃ ସ୍ୱାଭୁବୋୟସ୍ମେ
ରୟିଂ ସର୍ବବୀରଂ ନି ୟଚ୍ଛତମ୍ ।୧୦।

ଅର୍ଥ (ଅନ୍ୱୟ ସହ) : ହେ ବୃହସ୍ପତି [ବୃହସ୍ପତେ] ତୁମେ ଓ ଇନ୍ଦ୍ର [ଇନ୍ଦ୍ରଃ ଚ] ଏହି ଯଜ୍ଞରେ ପ୍ରହୃଷ୍ଟମନା ହେବା ପୂର୍ବକ [ଅସ୍ମିନ୍ ୟଜ୍ଞେ ମନ୍ଦସାନା] ତଥା ଐଶ୍ୱର୍ଯ୍ୟର ମୂଳ ଉପାଦାନକୁ ବର୍ଷଣ କରିବା ପୂର୍ବକ [ବୃଷଣ୍ୱସୂ] ଏହି ସୋମରସ ପାନ କର [ସୋମଂ ପିବତମ୍]। ଏହି ଆନନ୍ଦର ଶକ୍ତିରାଜି [ଇନ୍ଦବଃ] ତୁମ ଦୁହିଙ୍କ ମଧ୍ୟକୁ ପ୍ରବେଶ କରନ୍ତୁ [ବାମ୍ ଆବିଶନ୍ତୁ] ଏବଂ ସୁରୂପ ଧାରଣ କରନ୍ତୁ [ସ୍ୱାଭୁବଃ], ସର୍ବ ବଳବୀର୍ଯ୍ୟରେ ପୂର୍ଣ୍ଣ ଆନନ୍ଦକୁ [ସର୍ବବୀରଂ ରୟିମ୍] ଆମ ମଧ୍ୟରେ ତୁମେ ଦୁହେଁ ନିୟନ୍ତ୍ରିତ କର [ନିୟଚ୍ଛତମ୍]।

ବୃହସ୍ପତ ଇନ୍ଦ୍ର ବର୍ଧତଂ ନଃ
ସଚା ସା ବାଂ ସୁମତିର୍ଭୂତ୍ୱସ୍ମେ ।
ଅବିଷ୍ଟଂ ଧିୟୋ ଜିଗୃତଂ ପୁରନ୍ଧୀର୍
ଜଜସ୍ତମର୍ୟୋ ବନୁଷାମରାତୀଃ ।୧୧।

ଅର୍ଥ (ଅନ୍ୱୟ ସହ) : ହେ ବୃହସ୍ପତି, ହେ ଇନ୍ଦ୍ର [ବୃହସ୍ପତେ ଇନ୍ଦ୍ର] ! ତୁମେ ଦୁହେଁ ଏକ ସଙ୍ଗେ ଆମ ମଧ୍ୟରେ ବର୍ଦ୍ଧିତ ହୁଅ [ସଚା ନଃ ବର୍ଧତମ୍] ଏବଂ ତୁମର ସେହିଁ ମାନସିକ ପୂର୍ଣ୍ଣତା [ବାଂ ସୁମତିଃ] ଆମ ମଧ୍ୟରେ ସଂଚରିତ ହେଉ [ଅସ୍ମେ ଭୂତୁ]; ଚିନ୍ତା ଓ ବିଚାରଗୁଡ଼ିକୁ ପରିପୁଷ୍ଟ କର [ଧିୟଃ ଅବିଷ୍ଟମ୍], ମନର ବହୁମୁଖୀ ଶକ୍ତିଗୁଡ଼ିକୁ ପ୍ରକଟିତ କରାଅ [ପୁରନ୍ଧୀଃ ଜିଗୃତମ୍]; ଆର୍ଯ୍ୟଜନଙ୍କୁ ଜୟ କରି ଅଧିକାର କରିବାକୁ ଚାହୁଁଥିବା ଶତ୍ରୁଗଣ ଯେଉଁ ସକଳ ଦାରିଦ୍ର୍ୟ ସୃଷ୍ଟି କରିଥା'ନ୍ତି ସେସବୁକୁ [ଅର୍ୟଃ ବନୁଷାମ୍ ଅରାତୀଃ] ବିନଷ୍ଟ କରିଦିଅ [ଜଜସ୍ତମ୍ ।]

ଭାଷ୍ୟ

ସ୍ତୁତିର ଏହି ରହସ୍ୟାତ୍ମକ ସୂକ୍ତଟିକୁ ଋଷି ବାମଦେବ ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ କରିଛନ୍ତି ତାଙ୍କର ତିନୋଟି ନାମ ରହିଛି — ବୃହସ୍ପତି, ବ୍ରହ୍ମଣସ୍ପତି ଓ ବ୍ରହ୍ମା । ବେଦର ପରବର୍ତ୍ତୀ ପୌରାଣିକ ଦେବତାଙ୍କ ଜନ୍ମବୃତ୍ତରେ ବୃହସ୍ପତି ଓ ବ୍ରହ୍ମା ଦୁଇ ପୃଥକ୍ ଦେବତାରେ ପରିଣତ ହୋଇଗଲେ । 'ବ୍ରହ୍ମା' ହେଉଛନ୍ତି ସ୍ରଷ୍ଟା, ପୌରାଣିକ ତ୍ରିଦେବ ମଧ୍ୟରୁ ଏକତମ; 'ବୃହସ୍ପତି'ଙ୍କ ସ୍ୱରୂପ ପ୍ରତିପାଦନରେ ସେତେକିଛି ବିରାଟ ପ୍ରାଧାନ୍ୟ ଦିଆଯାଇ ନାହିଁ, ସେ ହେଉଛନ୍ତି ଦେବଗଣଙ୍କ ଆଧ୍ୟାତ୍ମିକ ଗୁରୁ, ତଥା ପ୍ରସଙ୍ଗକ୍ରମେ ବୃହସ୍ପତି(Jupiter) ନାମକ ଗ୍ରହର ପ୍ରତିରକ୍ଷକ; 'ବ୍ରହ୍ମଣସ୍ପତି' ଯିଏ ଏକଦା ମଧ୍ୟବର୍ତ୍ତୀ ସୂତ୍ର ରୂପେ ଏହି ଉଭୟଙ୍କର ସଂଯୋଜକ ଥିଲେ, ସେହି ସଂଜ୍ଞାଟି ଅନ୍ତର୍ହିତ ହୋଇଗଲା । ଏହି ବୈଦିକ ଦେବତାଙ୍କ ସ୍ୱରୂପକୁ ପୁନଃ-ସଂସ୍ଥାପନ କରିବାକୁ ହେଲେ ଯାହା ବିଯୁକ୍ତ ହୋଇଯାଇଛି ତାହାକୁ ପୁନଶ୍ଚ ସଂଯୋଜିତ କରିବାକୁ ହେବ ଏବଂ ମୌଳିକ ବୈଦିକ ଧାରଣାର ଆଲୋକରେ ଦୁଇ ବିଚ୍ଛିନ୍ନ ସଂଜ୍ଞାର ଗୁଣବତ୍ତାକୁ ସଂଶୋଧିତ କରିବାକୁ ହେବ ।

ବେଦରେ ଥିବା 'ବ୍ରହ୍ମନ୍' ସାଧାରଣତଃ 'ବେଦବାକ୍' ବା ମନ୍ତ୍ରକୁ ବୁଝାଏ, ଏହାର ଗଭୀରତମ ବୈଶିଷ୍ଟ୍ୟ ଦୃଷ୍ଟିରୁ ଏହା ଆତ୍ମା ବା ସତ୍ତାର ଗଭୀର ପ୍ରଦେଶଗୁଡ଼ିକ ମଧ୍ୟରୁ ଉଦିତ ବୋଧଜ୍ଞାନର ଅଭିବ୍ୟକ୍ତି । ଏହା ସେହି ସ୍ୱରର ଛନ୍ଦ ଯାହା ଏହି ଲୋକ-ଲୋକାନ୍ତରକୁ ସୃଷ୍ଟି କରିଛି ଏବଂ ସଦାସର୍ବଦା ସୃଷ୍ଟି କରି ଚାଲିଛି । ସମଗ୍ର ଜଗତ୍ ହେଉଛି ପରିପ୍ରକାଶ

ବା ଅଭିବ୍ୟକ୍ତି, 'ବାକ୍' ଦ୍ୱାରା କୃତ ଏକ ସଂରଚନା । 'ଚିନ୍ମୟ ସତ୍ତା' ଆପଣା ସୁଖରେ, ମୁନା, ଆପଣା ମଧ୍ୟରେ ସ୍ଥିତ ବସ୍ତୁଗୁଡ଼ିକୁ ଉଜ୍ଜ୍ୱଳ ଭାବେ ବ୍ୟକ୍ତ କରିବାକୁ ଅତିଚେତନା (superconscient) କୁହାଯାଏ; ଆପଣାର ବସ୍ତୁଗୁଡ଼ିକୁ ଆବୃତ ଅବସ୍ଥାରେ ଆପଣା ମଧ୍ୟରେ ଧାରଣ କରିବାକୁ ଅବଚେତନା (subconscient) କୁହାଯାଏ । ସ୍ୱୟଂଭାସ୍ୱର ସେହି ପରମପୁରୁଷ ତମସାଚ୍ଛନ୍ନତା ମଧ୍ୟକୁ ଅବତରଣ କରନ୍ତି, ତାହା ହେଉଛି ରାତ୍ରି, ଯେଉଁଠି ଘନାନ୍ଧକାର ଦ୍ୱାରା ଅନ୍ଧକାର ଗୂଢ଼ ହୋଇଥାଏ, **ତମଃ ତମସା ଗୂଢ଼ମ୍**, ଚେତନା ବିଭାଜିତ ହୋଇଯିବା କାରଣରୁ ଯେଉଁଠାରେ ସମସ୍ତ କିଛି ଅରୂପସତ୍ତା ମଧ୍ୟରେ ଗୂଢ଼ଭାବେ ରହିଥାଏ, **ତୁଚ୍ଛ୍ୟେନାଭ୍ୱପିହିତମ୍** । ସଚେତନା ମଧ୍ୟରେ ନିଜର ବିଶାଳ ଏକତ୍ୱକୁ ପୁନଃ ସଂରଚନା କରିବା ପାଇଁ ଏହା ସେହି ମହାରାତ୍ରି ମଧ୍ୟରୁ 'ବାକ୍' ମାଧ୍ୟମରେ ପୁଣି ଉତ୍ଥିତ ହୁଏ, **ତନ୍ମହିନା ଜାୟତୈକମ୍** । ଏହି ବିଶାଳ ସତ୍ତା, ସର୍ବଧାରକ ତଥା ସର୍ବରଚୟିତା ହେଉଛନ୍ତି 'ବ୍ରହ୍ମନ୍' (ବ୍ରହ୍ମା) । ମାନବ-ଚେତନା ମଧ୍ୟରେ ନିହିତ ଅବଚେତନା ମଧ୍ୟରୁ 'ଆତ୍ମା'ର ଅଭ୍ୟୁତ୍ଥାନ ଘଟୁଛି ଏବଂ ଅତିଚେତନା ଦିଗରେ ଉଠିଚାଲିଛି, ତାହା ଏହାକୁହିଁ ବୁଝାଏ । ସୃଜନଶୀଳ ଶକ୍ତି ରୂପକ ବାକ୍ ବ୍ୟକ୍ତି ମଧ୍ୟରୁ ନିଃସୃତ ହୋଇ ଊର୍ଦ୍ଧ୍ୱ ଦିଗରେ ଯେଉଁ ଯାତ୍ରା କରିଥାଏ ତାହାକୁ ମଧ୍ୟ 'ବ୍ରହ୍ମନ୍' (ବ୍ରହ୍ମା) କୁହାଯାଏ ।

'ଭଗବାନ୍', 'ଦେବ', ଆତ୍ମାର ସଚେତନ 'ଶକ୍ତି' ରୂପେ ନିଜକୁ ଅଭିବ୍ୟକ୍ତ କରନ୍ତି, ଅବଚେତନ ରୂପକ ଜଳରାଶି ମଧ୍ୟରୁ, ଉତ୍ଥିତ 'ବାକ୍' ଦ୍ୱାରା ସେହି ଶକ୍ତି ଭୁବନଗୁଡ଼ିକର ସର୍ଜନା କରିଥାଏ, **ଅପ୍ରକେତଂ ସଲିଲଂ ସର୍ବମ୍**, — ଅଚେତନାର ଜଳଧି ମଧ୍ୟରେ ସବୁକିଛି ରହିଥିଲା — ବିଖ୍ୟାତ 'ସୃଷ୍ଟିସୂକ୍ତ'ରେ (ଋଗ୍, ୧୦:୧୨୯) ସରଳଭାବେ ଏହିପରି ସଂଜ୍ଞା ଦିଆଯାଇଛି (ଅପ୍ରକେତଂ ସଲିଲମ୍) । 'ଦେବ'ଙ୍କର ଏହି ଶକ୍ତି ହେଉଛନ୍ତି 'ବ୍ରହ୍ମନ୍' (ବ୍ରହ୍ମା), ଏହି ଶବ୍ଦଟିର ଅର୍ଥ ସଚେତନ ଆତ୍ମଶକ୍ତି କହିଲେ ତା' ଉପରେ ଯେତେ ଜୋର୍ ଆସୁଛି ତା' ଅପେକ୍ଷା ଏହାକୁ ବ୍ୟକ୍ତ କରୁଥିବା 'ବାକ୍' ଉପରେ ସେତେ ନୁହେଁ । ଜଣେ ସଚେତନ ମାନବସତ୍ତା ମଧ୍ୟରେ ବିଭିନ୍ନ ଲୋକ-ସଂସ୍ଥାନର ଯେଉଁ ଅଭିବ୍ୟକ୍ତି ଘଟିଛି ତାହା ସେତେବେଳେ ସମ୍ପନ୍ନ ହୁଏ, ଯେତେବେଳେ ତା' ମଧ୍ୟରେ ଅତିଚେତନାର ଅଭିବ୍ୟକ୍ତି ଘଟେ, 'ସତ୍ୟ' (ସତ୍) ଓ 'ଆନନ୍ଦ', ଏହାହିଁ ପରା 'ବାକ୍' ବା 'ବେଦ'ର ସଂକଳ୍ପିତ କାର୍ଯ୍ୟ । ପରା ବାକ୍‌ର ପତି 'ବୃହସ୍ପତି', ଏହି ନାମଟି ଉପରେ ବାକ୍‌ର ଆତ୍ମଶକ୍ତି ରୂପକ ଅର୍ଥର ଯେତେ ଜୋର୍ ଅଛି ତା' ଅପେକ୍ଷା ଅନ୍ତରାଳରେ ଥିବା ସାଧାରଣ ଆତ୍ମଶକ୍ତିର ଧୀ-ରୂପକ ଅର୍ଥ ଉପରେ ସେତେ ନୁହେଁ । ବୃହସ୍ପତି ଦେବଗଣକୁ ଦେଇଥା'ନ୍ତି ଜ୍ଞାନବାକ୍, ଅତିଚେତନ-ଅଭିବ୍ୟକ୍ତିର ଛନ୍ଦ, ବିଶେଷତଃ ଏହାକୁ ସେ ଇନ୍ଦ୍ରଙ୍କୁ ପ୍ରଦାନ କରିଥା'ନ୍ତି ଯିଏ ହେଉଛନ୍ତି 'ମନ'ର ଦେବତା, ଏହାକୁ ସେ ସେତିକିବେଳେ ଦେଇଥା'ନ୍ତି ଯେତେବେଳେ

ଏ ଦୁହେଁ ମହାନ୍ ସିଦ୍ଧି ନିମନ୍ତେ ମନୁଷ୍ୟ ମଧ୍ୟରେ ''ଆର୍ଯ୍ୟ''ଶକ୍ତି ରୂପେ କାର୍ଯ୍ୟ କରନ୍ତି । ଏଥିରୁ ଆମକୁ ବୁଝିବା ସହଜ ହୋଇଯିବ ଯେ ଏହି ବୈଦିକ ଧାରଣାଗୁଡ଼ିକ ବ୍ୟାପକଭାବେ ତା'ର ବୈଶିଷ୍ଟ୍ୟ ବହନ କରେ, କିନ୍ତୁ କମ୍ ସୂକ୍ଷ୍ମ ତଥା ଗାମ୍ଭୀର୍ଯ୍ୟକୁ ବହନ କରୁଥିବା ପୌରାଣିକ ପ୍ରତୀକବାଦ ମଧ୍ୟକୁ ପ୍ରବେଶ କରିବା ଫଳରେ ସେଠାରେ ବ୍ରହ୍ମା ହୋଇଛନ୍ତି 'ସ୍ରଷ୍ଟା' ଏବଂ ବୃହସ୍ପତି ହୋଇଛନ୍ତି ଦେବଗୁରୁ । ପାର୍ଥକ୍ୟ ସୃଷ୍ଟି କରୁଥିବା ଉଭୟ ବଳ ବା ପ୍ରାଧାନ୍ୟର ମିଳନ ଓ ସମତ୍ୱ ସ୍ଥାପନ 'ବ୍ରହ୍ମଣସ୍ପତି' ନାମଟି ମଧ୍ୟରେ ସାଧନ କରାଯାଇଛି । ସେହି ଏକ ଦେବତାଙ୍କର ଯେଉଁ ଦୁଇଟି ସାଧାରଣ ତଥା ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ରହିଛି ତାହା ମଧ୍ୟରେ ଏହା ଏକ ସଂଯୋଗକାରୀ ନାମ ।

ସେ ହେଉଛନ୍ତି ବୃହସ୍ପତି ଯିଏ 'ଭୂମି'ର ଅନ୍ତ ତଥା ସ୍ଥିତିଗତ ସତ୍ୟଗୁଡ଼ିକୁ ଦୃଢ଼ତାର ସହ ପ୍ରତିଷ୍ଠା କରିଛନ୍ତି, 'ଭୂମି' (Earth) ଅର୍ଥାତ୍ ଭୌତିକ ଚେତନା । ଏହି ଯେଉଁ ଅସ୍ତିତ୍ୱ, ଯାହା ଭିତରୁ ସମସ୍ତ ରୂପ ଛନ୍ଦର ସୃଷ୍ଟି ହୋଇଛି, ତାହା ହେଉଛି ଏକ ତମସାଚ୍ଛନ୍ନ, ତରଳ ଓ ଅନିଶ୍ଚିତ ଗତିବୃତ୍ତି, — **ସଲିଲମ୍**, ଜଳ । ପ୍ରଥମ ଆବଶ୍ୟକତା ହେଉଛି ଏହି ତରଳ ତଥା ପ୍ରବହମାନ ତତ୍ତ୍ୱ ମଧ୍ୟରୁ ଯଥେଷ୍ଟ ସ୍ଥିର ରଚନାଟିଏ ଗଢ଼ିବାର ଅଛି ଯଦ୍ଦ୍ୱାରା ସଚେତନ ଜୀବନ ନିମନ୍ତେ ଏକ ଆଧାର ଗଠନ କରିହେବ । ବୃହସ୍ପତି ବଳ ପ୍ରୟୋଗ ପୂର୍ବକ, **ସହସା**, ଅବଚେତନାର ପ୍ରତିରୋଧ ଉପରେ ଏକ ପ୍ରକାର ଚାପ ପ୍ରୟୋଗ କରି, ଦୈହିକ ଚେତନାର ଗଠନ ମଧ୍ୟରେ ତଥା ଏହାର ଜଗତ୍ ମଧ୍ୟରେ ଏହା କରିଥା'ନ୍ତି । ଏହି ମହାନ୍ ରଚନାକୁ ସେ ରୂପ ଦିଅନ୍ତି ମନ, ପ୍ରାଣ ଓ ଦେହ ରୂପକ ତ୍ରିତତ୍ତ୍ୱକୁ ଦୃଢ଼ଭାବେ ପ୍ରତିଷ୍ଠା କରିବା ଦ୍ୱାରା, ଯେଉଁଗୁଡ଼ିକ କି ସର୍ବଦା ଏକତ୍ର ବିଦ୍ୟମାନ ଏବଂ ଏକ ଅନ୍ୟଟି ମଧ୍ୟରେ ସଂପ୍ରବିଷ୍ଟ ହୋଇ ରହିଛି ଅଥବା ବୈଶ୍ୱ ଶ୍ରମ ଓ ସିଦ୍ଧିର ଏହି ଜଗତରେ ସେମାନେ ପରସ୍ପର ବିବର୍ତ୍ତିତ ହୋଇଛନ୍ତି । ଏହି ତ୍ରିସତ୍ତା ସମ୍ମିଳିତଭାବେ ଅଗ୍ନିଙ୍କର ତ୍ରିବିଧ ଆସନ ରଚନା କରନ୍ତି ଏବଂ ସେଠାରେ ସେ (ଅଗ୍ନି) ଯଜ୍ଞର ଲକ୍ଷ୍ୟ ସ୍ୱରୂପ କର୍ମର ସିଦ୍ଧି ବା ପୂର୍ଣ୍ଣତାର କ୍ରମୋଉର ଗତିଶୀଳ କର୍ମକୁ କ୍ରିୟାନ୍ୱିତ କରନ୍ତି । ବୃହସ୍ପତି **ରବେଣ**, ଧ୍ୱନି ଦ୍ୱାରା, ଉଚ୍ଚରବ ଦ୍ୱାରା ରଚନା କରନ୍ତି, କାରଣ ଯେହେତୁ 'ବାକ୍' ସଦାନବୀନ ଅନ୍ତର୍ବୋଧ ଓ ବିରଚନଗୁଡ଼ିକ ପ୍ରତି ଆମକୁ ଜାଗ୍ରତ୍ କରାଏ ତେଣୁ ତାହା ହେଉଛି ଆତ୍ମାର ରବ । ''ଏ ହେଉଛନ୍ତି ବୃହସ୍ପତି ଯିଏ ଆମ ପରିପୂର୍ଣ୍ଣତା ରୂପକ ତ୍ରିଜଗତରେ ବିଦ୍ୟମାନ ରହି ନିଜ ବଳ ଦ୍ୱାରା ତଥା ଉଚ୍ଚ ରବ ଦ୍ୱାରା ଧରଣୀର ଚରମ ପ୍ରାନ୍ତଗୁଡ଼ିକୁ ସ୍ଥିର କରିଛନ୍ତି ।''[୧]

ଏହି ସୂକ୍ତରେ କୁହାଯାଇଛି ଯେ, ପ୍ରାଚୀନ ବା ପ୍ରାକ୍ତନ ଋଷିଗଣ ତାଙ୍କୁ (ବୃହସ୍ପତିଙ୍କୁ)

---

[୧] ଯସ୍ତସ୍ତମ୍ଭ ସହସା ବି କ୍ଷୋ ଅନ୍ତାନ୍, ବୃହସ୍ପତିସ୍ତ୍ରିଷଧସ୍ଥୋ ରବେଣ ।

ଧ୍ୟାନ କରିଥିଲେ; ଧ୍ୟାନ ଦ୍ୱାରା ସେମାନେ ଜ୍ୟୋତିର୍ମନସ୍ୱୀ ହୋଇ ଯାଇଥିଲେ; ଜ୍ୟୋତିର୍ମୟ ହୋଇ ସେମାନେ ତାଙ୍କୁ ଆନନ୍ଦଜିହ୍ୱ ଦେବତାଭାବେ, **ମନ୍ଦ୍ରଜିହ୍ୱମ୍**, ପୁରୋଭାଗରେ ରଖିଥିଲେ, —ଏହି 'ମନ୍ଦ୍ରଜିହ୍ୱା'ର ଅର୍ଥ, ଏହା ଏପରି ଜିହ୍ୱା ଯାହା ମଦ ଉତ୍ପାଦକ 'ସୋମ', ମଦ୍ୟ, ମଧୁ ବା ରସରୁ ଆନନ୍ଦ ଲାଭ କରିଥାଏ, **ମଧୁମାନ୍ ଉର୍ମିଃ**, ମାଧୁର୍ଯ୍ୟ ତରଙ୍ଗ ବୋଲି ଯାହା କୁହାଯାଇଛି, ସଚେତନ ସତ୍ତା ମଧ୍ୟରେ ଯାହା ଗୁହାହିତ ହୋଇ ରହିଛି, ତାହା ମଧ୍ୟରୁ ଏହାକୁ କ୍ରମେ କ୍ରମେ ମୁକ୍ତ କରିବାକୁ ହୋଇଥାଏ ।' କିନ୍ତୁ ଏଠାରେ ପ୍ରଶ୍ନଟି ହେଉଛି, କାହା ବିଷୟରେ ଏସବୁ କୁହାଯାଇଛି ? ଯେଉଁ **ସପ୍ତ ଦିବ୍ୟ ଋଷି, ଋଷୟଃ ଦିବ୍ୟାଃ**, ତାହାଙ୍କୁ ଲକ୍ଷ୍ୟ କରି ? ଯେଉଁମାନେ ଚେତନାର ସପ୍ତ ସ୍ତର ମଧ୍ୟରୁ ପ୍ରତ୍ୟେକକୁ ପରିପୂର୍ଣ୍ଣ କରିବା ଦ୍ୱାରା, ଏକସଙ୍ଗେ ସେହି ସବୁ ମଧ୍ୟରେ ସଙ୍ଗତି ସ୍ଥାପନ କରିବା ଦ୍ୱାରା ଜାଗତିକ ବିବର୍ତ୍ତନକୁ ସୁପରିଚାଳିତ କରିଥା'ନ୍ତି ? ଅଥବା ମାନବ ପିତୃପୁରୁଷଗଣ, **ପିତରୋ ମନୁଷ୍ୟାଃ**, ଯାହାଙ୍କ ବିଷୟରେ କୁହାଯାଇଛି କି, ଯେଉଁମାନେ ଉଚ୍ଚତର ଜ୍ଞାନକୁ ପ୍ରଥମେ ଆବିଷ୍କାର କରିଥିଲେ ଏବଂ ମନୁଷ୍ୟ ନିମନ୍ତେ 'ଋତଚିତ୍'ର ଆନନ୍ତ୍ୟକୁ ରୂପାୟିତ କରିଥିଲେ ? ଉକ୍ତ ଅଂଶଟି ଉଭୟଙ୍କ ଉଦ୍ଦେଶ୍ୟରେ ହୋଇ ଥାଇପାରେ, କିନ୍ତୁ ଏଥିରେ ଯାହା ସଂକେତ ରହିଛି ସେଥିରୁ ମନେ ହୁଏ ଏହା ଅଧିକଭାବେ 'ପ୍ରଯ୍ନାସଃ' ବା ମାନବ ପିତୃପୁରୁଷଙ୍କ (ପିତରୋ ମନୁଷ୍ୟାଃ) ଦ୍ୱାରା ଅଭିଜିତ 'ସତ୍ୟ' ପ୍ରତି । ବେଦର '**ଦୀଧାନାଃ**' ପଦର ଉଭୟ ତାତ୍ପର୍ଯ୍ୟ ରହିଛି, ଦେଦୀପ୍ୟମାନ, ଦୀପ୍ତିମୟ ହୋଇ ଉଠିବା ଏବଂ ଚିନ୍ତା କରିବା, ଧ୍ୟାନ କରିବା, ଧୀ ମଧ୍ୟରେ ମନକୁ ସ୍ଥିର କରିବା । ଦ୍ୱ୍ୟର୍ଥକ ବା ବିବିଧାର୍ଥକ ଅସାମାନ୍ୟ ବୈଦିକ ଅଳଙ୍କାର ମାଧ୍ୟମରେ ଏହାର ଅନବରତ ପ୍ରୟୋଗ ହୋଇ ଆସିଛି । ଉକ୍ତ ପ୍ରଥମ ତାତ୍ପର୍ଯ୍ୟଟି ଅନୁସାରେ ଏହାକୁ '**ବିପ୍ରାଃ**' ସହିତ ଯୋଡ଼ା ଯାଇଛି, ଏହାର ଏହି ଭାବାର୍ଥ ଯେ, 'ବୃହସ୍ପତି'ଙ୍କ ବିଜୟଶାଳିନୀ ଶକ୍ତି ଦ୍ୱାରା ଋଷିଗଣ ଅଧିକରୁ ଅଧିକ ଦେଦୀପ୍ୟମାନ ହୋଇଉଠି ଶେଷରେ ଜ୍ଞାନଦୀପ୍ତ, **ବିପ୍ରାଃ**, ହୋଇଗଲେ । ଦ୍ୱିତୀୟ ତାତ୍ପର୍ଯ୍ୟଟି ଅନୁସାରେ ଏହା '**ଦଧ୍ରେ**' ପଦଟି ସହିତ ସମ୍ବନ୍ଧିତ ଏବଂ ଭାବାର୍ଥ ହେଲା ଯେ, ବୃହସ୍ପତିଙ୍କର ପବିତ୍ର ତଥା ପ୍ରଦୀପକ 'ବାକ୍' ରୂପକ ରବ ଦ୍ୱାରା ଆତ୍ମା ମଧ୍ୟରୁ ଉତ୍ଥିତ ବୋଧ୍ ଉପରେ ଋଷିଗଣ ଧ୍ୟାନ କରି, ସେସବୁକୁ ଦୃଢ଼ତାର ସହ ଧୀ ମଧ୍ୟରେ ଧାରଣ କରି, ସେହି ମାନସିକ ସ୍ତରରେ ଆଲୋକିତ ହୋଇ ଯାଇଥିଲେ, ଯାହାକି ଅତି-ଚେତନାର ପୂର୍ଣ୍ଣ ପ୍ରବାହ ପ୍ରତି ଉନ୍ମୀଳିତ ଥାଏ । ଏହିଭାବେ ସେମାନେ ଚିନ୍ତାତ୍ମାର ସେହି କାର୍ଯ୍ୟକଳାପକୁ, ସାଧାରଣତଃ ପୃଷ୍ଠଭାଗରେ ବା ପରଦାର ଅନ୍ତରାଳରେ ରହି ଯାହା କାର୍ଯ୍ୟରତ ତାହାକୁ ସଚେତନ ସତ୍ତାର ସମ୍ମୁଖକୁ

---

[୨] ତଂ ପ୍ରଯ୍ନାସ ଋଷୟୋ ଦୀଧାନାଃ, ପୁରୋ ବିପ୍ରା ଦଧ୍ରେ ମନ୍ଦ୍ରଜିହ୍ୱମ୍ ।

ଆଣିବାରେ ସକ୍ଷମ ହେଉଥିଲେ ଏବଂ ଏହାକୁ ସେମାନେ ନିଜ ପ୍ରକୃତିର ମୁଖ୍ୟ କାର୍ଯ୍ୟକଳାପ ରୂପେ ଗଠନ କରିବାରେ ସକ୍ଷମ ହେଉଥିଲେ । ପରିଣାମତଃ ବୃହସ୍ପତି ସେମାନଙ୍କ ନିମନ୍ତେ ସେମାନଙ୍କ ମଧ୍ୟରେ ଜୀବନାନନ୍ଦକୁ ଅର୍ଥାତ୍ ଅମରତ୍ୱର ମଦ୍ୟ ବା ପରମାନନ୍ଦକୁ ଆସ୍ୱାଦନ କରିବାକୁ ସମର୍ଥ ହୋଇଥିଲେ । ଏଥି ନିମନ୍ତେ ପ୍ରଥମ ପଦକ୍ଷେପ ହେଉଛି ଦୃଢ଼ପ୍ରତିଷ୍ଠ ଦୈହିକ ଚେତନାର ଗଠନ କରିବା, ସଚେତନ କ୍ରିୟାକଳାପର ନାୟକ ସ୍ୱରୂପ ଏହି ସଂବୋଧ୍-ଆତ୍ମାର ମନକୁ ପୁରୋଭାଗକୁ ଆଣିବା ଦ୍ୱାରା ଆନନ୍ଦ ପ୍ରତି ଯେଉଁ ଜାଗରଣ ଘଟେ ତାହାହିଁ ହେଉଛି ସିଦ୍ଧି କିଂବା ଅତି କମ୍‌ରେ ସିଦ୍ଧିର ସର୍ତ୍ତ । (ପ୍ରଥମ ମନ୍ତ୍ର ଦ୍ରଷ୍ଟବ୍ୟ)

ମାନବ ମଧ୍ୟରେ 'ଋତଚିତ୍'ର ଗଠନ ହେଉଛି ପରିଣାମର ବିଷୟ । ପ୍ରାକ୍ତନ ଋଷିଗଣ ଏହି ଗତିବୃତ୍ତିର ତୀବ୍ରତମ ପ୍ରତିସ୍ପନ୍ଦନକୁ ପ୍ରାପ୍ତ ହୋଇଥିଲେ; ଆମ ସକ୍ରିୟ ଜୀବନର ସଂରଚନା କରୁଥିବା ଚେତନା-ପ୍ରବାହର ପୂର୍ଣ୍ଣତମ ଓ ତ୍ୱରମାଣ ସ୍ରୋତ ଆଉ ଅବଚେତନ ସ୍ଥିତିଭଳି ଅଦୃଶ୍ୟ ରହେ ନାହିଁ, ବରଂ ପୂର୍ଣ୍ଣଚେତନାର ଆନନ୍ଦରେ ପୂର୍ଣ୍ଣ ହୋଇଉଠେ,— ସୃଷ୍ଟି ସୂକ୍ତରେ ବର୍ଣ୍ଣିତ ମହାସାଗର ପରି ''**ଅପ୍ରକେତମ୍**'' ରହେ ନାହିଁ ପରନ୍ତୁ ''**ସୁପ୍ରକେତମ୍**'' ହୋଇଯାଏ । ଏହି ପ୍ରକାରେ ସେମାନଙ୍କୁ (ଋଷିମାନଙ୍କୁ) ''**ଧୂନେତୟଃ ସୁପ୍ରକେତଂ ମଦନ୍ତଃ**'' ବୋଲି ବର୍ଣ୍ଣନା କରାଯାଇଛି । ଏହି ଚିତ୍-ଗତିବୃତ୍ତିର ପୂର୍ଣ୍ଣ ତୀବ୍ରତାକୁ ଉପଲବ୍ଧି କରିବା ଦ୍ୱାରା ତଥା ମାନବ ମନ ମଧ୍ୟସ୍ଥ ଏହାର ପୂର୍ଣ୍ଣ ଆଲୋକ ଓ ଆନନ୍ଦ ସହିତ ସମ୍ପୂର୍ଣ୍ଣ ଐକ୍ୟ ଲାଭ କରିବା ପୂର୍ବକ ସେମାନେ ମାନବଜାତି ନିମନ୍ତେ ଏହି ସମସ୍ତ ତୀବ୍ର, ପ୍ରଦୀପ୍ତ ଏବଂ ଆନନ୍ଦକର ଜ୍ଞାନ ଦ୍ୱାରା 'ସତ୍ୟ-ଚେତନା'କୁ 'ଋତମ୍ ବୃହତ୍'କୁ ବୟନ କରିଛନ୍ତି, ଯାହାକି ଏହି ସଚେତ ସତ୍ତାର ମାତୃଗର୍ଭ ଅଥବା ଯୋନି । କାରଣ ପରା ଚେତନା ମଧ୍ୟରୁ ଅବଚେତନା ମଧ୍ୟକୁ ସତ୍ତା ଅବତରଣ କରିଥାଏ ଏବଂ ଏହି ଅବଚେତନାକୁ ବହନ କରୁଥାଏ ଯାହା ଇହଲୋକରେ ଏକ ସଚେତନ ବ୍ୟକ୍ତି-ଆତ୍ମାରୂପେ ଏକକ ମାନବବ୍ୟକ୍ତି ଉଦ୍‌ଭୂତ ହୋଇଛି । ଏହି ସତ୍ୟଚେତନା ସ୍ୱପ୍ରକୃତିରେ ଏହିପରି — ନିଜର ବହିଃପ୍ରସ୍ରବଣରେ ଏହା ପ୍ରାଚୁର୍ଯ୍ୟମୟ, **ପୃଷନ୍ତମ୍**, ଅଥବା, ଏହା ବି ହୋଇପାରେ ନିଜ ସୁସଙ୍ଗତ ଗୁଣଗୁଡ଼ିକର ବିବିଧତାରେ ଏହା ବହୁରଙ୍ଗବିଶିଷ୍ଟ; ଏହାର ଗତି ତୀବ୍ର, **ସୃପ୍ରମ୍**; ସେହି ତେଜୋଦୀପ୍ତ ତୀବ୍ରତା ଦ୍ୱାରା ଏହା ସେହି ସମସ୍ତ ଉପରେ ବିଜୟ ଲାଭ କରନ୍ତି ଯେଉଁମାନେ ଏହାଙ୍କୁ ଦମନ କରିବାକୁ ଅଥବା ତ୍ରୁଟିତ କରିବାକୁ ଚାହାନ୍ତି, ଅର୍ଥାତ୍ ଏହା **ଅଦବ୍‌ଧମ୍**; ଏ ସମସ୍ତ ବ୍ୟତିରେକେ ଏହା ବିଶାଳ, ପରିବ୍ୟାପ୍ତ, ଅନନ୍ତ, **ଉର୍ବମ୍** । ଏହି ସମସ୍ତ ପରିପ୍ରେକ୍ଷୀରେ ଏହା ସେହି ସୀମିତ ଗତିବୃତ୍ତିର ବିପରୀତ ଯାହା ଅବଚେତନା ମଧ୍ୟରୁ ଉତ୍ପନ୍ନ ହୋଇଥାଏ; କାରଣ ଏହି ଅବଚେତନା ପରିମିତ ତଥା ଧୂସର, ମନ୍ଦଗତି ତଥା ଅବରୁଦ୍ଧ, ବିରୋଧୀଶକ୍ତିଗୁଡ଼ିକର ବିରୋଧ ଦ୍ୱାରା ଏହା ସହଜରେ ପରାଜିତ ହୁଏ

ତଥା ଭାଙ୍ଗିଯାଏ, ଏହାର ଆୟତନ ଦୃଷ୍ଟିରୁ ଏହା ଅତ୍ୟନ୍ତ ସଂକୀର୍ଣ୍ଣ ତଥା ସୀମାବଦ୍ଧ। (ଦ୍ୱିତୀୟ ମନ୍ତ୍ର ଦ୍ରଷ୍ଟବ୍ୟ) ।[୩] କିନ୍ତୁ ମାନବ ମଧ୍ୟରେ ଯେଉଁ 'ଋତଚିତ୍' ଅଭିବ୍ୟକ୍ତ ହୋଇଛି ତାହା 'ବୃତ୍ର', 'ବଳ' ପ୍ରଭୃତି ପ୍ରତିରୋଧକ-ଶକ୍ତିଗୁଡ଼ିକର ଉତ୍‌ଥାନ ଦ୍ୱାରା ପୁନଶ୍ଚ ଆବୃତ ହୋଇଯାଇପାରେ। ସେହି କାରଣରୁ ମାନବାତ୍ମାର ପୂର୍ଣ୍ଣଶକ୍ତି ଦ୍ୱାରା ଏହାକୁ ସେହି ଆବରଣର ସମ୍ଭାବନାରୁ ରକ୍ଷା କରିବା ନିମନ୍ତେ ଋଷି ବୃହସ୍ପତିଙ୍କୁ ପ୍ରାର୍ଥନା କରୁଛନ୍ତି।

ଅତିଚେତନାର ଆଧାର ହେଉଛି 'ଋତଚିତ୍', ଏହାର ସ୍ୱଭାବ ହେଉଛି 'ଆନନ୍ଦ'। ଏହା (ଋତଚିତ୍) ଅତିଚେତନାର ପରମ ସ୍ତର, **ପରମା ପରାବତ୍**, ଏହିଠାରୁ ସତ୍ତାର ଅବତରଣ ଘଟିଛି, ଏହାକୁ ଉପନିଷଦମାନଙ୍କରେ ବର୍ଣ୍ଣିତ ପରମ **ପରାର୍ଦ୍ଧ** କୁହାଯାଇଛି, 'ସଚ୍ଚିଦାନନ୍ଦ'ର ସ୍ଥିତି। ଦୈହିକ ଚେତନା ମଧ୍ୟରୁ (**ଅତଃ**) ଉଦ୍‌ଗତ ହୋଇ ପ୍ରାଚ୍ତନ ଋଷିଗଣ 'ଋତଚିତ୍' ସହିତ ସଂସ୍ପର୍ଶ ଲାଭ କରିବା ସଦୃଶ ସେମାନେ (ମାନବାତ୍ମାଗଣ) ଉଚ୍ଚତମ ସତ୍ତା ପ୍ରତି ଉତ୍ତୋଳିତ ହେଉଛନ୍ତି।[୪] ସେମାନେ ଏହାକୁ ନିଜର ଆସ୍ଥାନ ଓ ନିବାସ-କ୍ଷୟ, ଓକସ୍ — କରିଥା'ନ୍ତି। କାରଣ ଦୈହିକସତ୍ତା ରୂପକ ପାହାଡ଼ ମଧ୍ୟରେ ମାନବାତ୍ମା ନିମନ୍ତେ ସେହି ସକଳ ମଧୁଭରା କୂପ ନିଖାତ ହୋଇଛି ଯେଉଁଗୁଡ଼ିକ ବି କଠୋର ଅନମନୀୟତା ମଧ୍ୟରୁ ସୁପ୍ତ ଆନନ୍ଦ ରସକୁ ନିଷ୍ପ୍ଳୁତ କରି ଆଣିଥା'ନ୍ତି; ସତ୍ୟର ସ୍ପର୍ଶ ଘଟିବା ପରେ ମଧୁଭରା ନଦୀଗଣ, ଅମୃତତ୍ୱ-ମଦ୍ୟଭରା ବେଗବତୀ ନିର୍ଝରିଣୀଗଣ କ୍ଷରିତ ତଥା ପ୍ରସ୍ତୁତ ହୋଇ ମାନବ ଚେତନାର ସମଗ୍ର ବ୍ୟାପକତା ଉପରେ ପ୍ରାଚୁର୍ଯ୍ୟର ବନ୍ୟା ରୂପେ ଅଜାଡ଼ି ହୋଇ ପଡ଼ିଥାନ୍ତି।[୫] (ତୃତୀୟ ମନ୍ତ୍ର ଦ୍ରଷ୍ଟବ୍ୟ)

ବୃହସ୍ପତି ଏହି ପ୍ରକାରେ ଋତଚିତ୍‌ଗତ 'ଜ୍ୟୋତିଃ'ର ସେହି ବିରାଟତ୍ୱ ମଧ୍ୟରୁ ଉତ୍ଭୂତ ହୋଇ ପରମା ପରା ଚେତନାର ସ୍ୱର୍ଗୀୟ ଅନ୍ତରୀକ୍ଷ ମଣ୍ଡଳରେ — **ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍** — ପ୍ରଥମ ଦେବ ରୂପେ ପ୍ରକଟିତ ହୋଇ ଆମ ସଚେତନ ସତ୍ତାର ପୂର୍ଣ୍ଣ ସପ୍ତବିଧ ସମ୍ଭାବନା ମଧ୍ୟରେ ସ୍ୱୟଂ ଉପସ୍ଥିତ ହୋଇଥା'ନ୍ତି, ଭୌତିକଠାରୁ ଆରମ୍ଭ କରି ବିଶୁଦ୍ଧତମ ଆଧ୍ୟାତ୍ମିକତା ଯାଏ ସମସ୍ତ କ୍ଷେତ୍ରକୁ ଅଧିଗ୍ରହଣ କରି ସେ ନିଜର ସପ୍ତନୀତିର ଆନ୍ତର କ୍ରୀଡ଼ା ରୂପକ ସକଳ ଆକୃତି ମଧ୍ୟରେ ବହୁ ରୂପରେ ଜନ୍ମଗ୍ରହଣ କରି, ଆମର ସ୍ଥୂଳଭାଗ ତଥା ଗଭୀରତାଗୁଡ଼ିକୁ ଆଲୋକିତ କରୁଥିବା ସେହି ସମସ୍ତ କ୍ଷେତ୍ରର ସପ୍ତବିଧ

---

୩ ଧୁନେତୟଃ ସୁପ୍ରକେତଂ ମଦନ୍ତୋ ବୃହସ୍ପତେ ଅଭି ଯେ ନସ୍ତତସ୍ରେ।
ପୃଷନ୍ତଂ ସୃପ୍ରମଦଙ୍ଗମୂର୍ବଂ ବୃହସ୍ପତେ ରକ୍ଷତାଦସ୍ୟ ଯୋନିମ୍ ॥

୪ ବୃହସ୍ପତେ ୟା ପରମା ପରାବଦ୍ ଆ ତ ଋତସ୍ପୃଶୋ ନି ଷେଦୁଃ।

୫ ତୁଭ୍ୟଂ ଖାତା ଅବତା ଅଦ୍ରିଦୁଗ୍ଧା ମଧ୍ୱଃ ଶ୍ଚୋତନ୍ତ୍ୟଭିତୋ ବିରପ୍ଶମ୍।

କିରଣ ଦ୍ୱାରା ସ୍ୱୟଂ ଦୀପ୍ତିମନ୍ତ ହୋଇ, ତଥା ନିଜର ବିଜୟନାଦ ସ୍ୱରୂପ ରବକୁ ପ୍ରକଟ କରି ସେ 'ରାତ୍ରୀ'ର ସକଳ ଶକ୍ତିକୁ, 'ଅଚେତନା'ର ସମସ୍ତ ଅଧିକୃତ ଅଞ୍ଚଳକୁ, ସକଳ ସମ୍ଭାବ୍ୟ ଅନ୍ଧକାରକୁ ନିରାକୃତ ତଥା ଛିନ୍ନଛତ୍ର କରି ଦିଅନ୍ତି ।[୬] (ଚତୁର୍ଥ ମନ୍ତ୍ର ଦ୍ରଷ୍ଟବ୍ୟ)

ବୃହସ୍ପତି 'ବାକ୍'ର ଶକ୍ତିରାଜି ଦ୍ୱାରା, ସ୍ୱର-ଛନ୍ଦ-ଲୟ ରୂପକ ଆତ୍ମଶକ୍ତିର ସେନାବାହିନୀ ଦ୍ୱାରା ସବୁକିଛିକୁ ପ୍ରକାଶକୁ ଆଣନ୍ତି ଏବଂ ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାରକୁ ବିଦୂରିତ କରି କରି 'ରାତ୍ରି'ର ଅନ୍ତ ଘଟାଇଥା'ନ୍ତି । ବେଦରେ ଏଇମାନେ ହେଉଛନ୍ତି 'ବ୍ରହ୍ମଗଣ' ଯେଉଁମାନେ ବାକ୍ ଅଥବା 'ବ୍ରହ୍ମନ୍' ବା 'ମନ୍ତ୍ର' ଦ୍ୱାରା ଶକ୍ତିମନ୍ତ ହୋଇଥା'ନ୍ତି; ଯଜ୍ଞରେ ଏଇମାନେ ଦିବ୍ୟ 'ରକ୍' ଅଥବା 'ସ୍ତୁଭ୍' ବା 'ସ୍ତୋମ'କୁ ଦ୍ୟୁଲୋକ ଦିଗରେ ଉତ୍ତୋଳିତ କରିଥା'ନ୍ତି । 'ରକ୍', 'ଅର୍କ' ଶବ୍ଦ ସହିତ ସମ୍ବନ୍ଧିତ, ଯାହାର ଅର୍ଥ ଦ୍ୟୁତି ଅଥବା ଜ୍ଞାନଜ୍ୟୋତିଃ, ଏହା ସେହି 'ବାକ୍' ଯାହାକୁ ପ୍ରଦୀପକ ଚେତନା ମଧ୍ୟରେ ଉପଲବ୍ଧିର ଶକ୍ତି ବୋଲି ବିବେଚନା କରାଯାଏ; 'ସ୍ତୁଭ୍' ଏପରି ଏକ 'ବାକ୍' ଯାହାକୁ ବସ୍ତୁଗୁଡ଼ିକର ସ୍ଥିରୀକୃତ ସ୍ୱରଲୟ ମଧ୍ୟରେ ଏକ ଶକ୍ତିରୂପେ ବିବେଚନା କରାଯାଏ ଯାହା ସ୍ତୁତି କରିବା ସହ ଦୃଢ଼ତା ଆଣିଥାଏ । ଯାହାକୁ ବ୍ୟକ୍ତ କରିବାର ଅଛି ତାହାକୁ ଚେତନା ମଧ୍ୟରେ ଉପଲବ୍ଧି କରିବାର ଅଛି, 'ବାକ୍'ର ଶକ୍ତି ଦ୍ୱାରା ତାହାକୁ ସ୍ତୁତି କରିବା ସହ ପ୍ରତିଷ୍ଠା କରିବାର ଅଛି । ''ବ୍ରହ୍ମଗଣ'' ବା ବ୍ରାହ୍ମଣ-ସୈନ୍ୟମାନେ ହେଉଛନ୍ତି 'ବାକ୍'ର ପୁରୋହିତଗଣ, ଦିବ୍ୟ ଛନ୍ଦରେ ରଚନାକାରୀଗଣ । ସେଇମାନଙ୍କ ରଣହୁଙ୍କାର ଦ୍ୱାରା ବୃହସ୍ପତି 'ବଳ'କୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଇଛନ୍ତି ।

'ବୃତ୍ର' ଯେପରି ଗୋଟିଏ ଶତ୍ରୁ ବା ଦସ୍ୟୁ, ସିଏ ସଚେତନ ସତ୍ତାରୂପକ ସପ୍ତନଦୀକୁ ରୋକି ଦେଇଥାଏ, — ବୃତ୍ରକୁ ଅଚେତନାର ରୂପ ଦିଆଯାଇଛି, ସେହିପରି 'ବଳ' ହେଉଛି ସେହି ଶତ୍ରୁ ବା ଦସ୍ୟୁ ଯିଏ ନିଜ 'ବିଳ' ବା 'ଗୁହା'ରେ ଜ୍ୟୋତିଃ ରୂପକ ଗୋଧନକୁ ରୁଦ୍ଧ କରି ରଖିଦିଏ; ସେ ହେଉଛି ଅବଚେତନାର ମୂର୍ତ୍ତରୂପ । ଅନ୍ୟପକ୍ଷରେ ତା'ର ମୂଳ ତତ୍ତ୍ୱଟି ହେଉଛି ଆଲୋକ, **ବଳଂ ଗୋମନ୍ତମ୍, ବଳଂ ଗୋବପୁଷମ୍,** କିନ୍ତୁ ସେ ନିଜ ମଧ୍ୟରେ ଆଲୋକକୁ ଅଟକାଇ ରଖିଥାଏ, ତାହାର ସଚେତନ ପ୍ରକଟନକୁ ଅସ୍ୱୀକାର କରେ । ତାହାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦେବାକୁ ହେବ ଯଦ୍ଦ୍ୱାରା ଗୁହାରୁଦ୍ଧ ରଶ୍ମିଗଣ ମୁକ୍ତିଲାଭ କରିବେ । ସେମାନଙ୍କର ଏହି ଉଦ୍ଧାର ପାଇବାକୁ ଏହିପରି ବ୍ୟକ୍ତ କରାଯାଇଛି — ଦେହରୂପକ ପାହାଡ଼ର ନିମ୍ନ-ପ୍ରଦେଶରେ ଥିବା ଗୁହା ମଧ୍ୟରୁ 'ଉଷା'ଙ୍କ ଗୋଧନ ରୂପକ ସେହି ଜ୍ୟୋତିର୍ଗୋ-

---

୬ ବୃହସ୍ପତିଃ ପ୍ରଥମଂ ଜାୟମାନୋ ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।
ସପ୍ତାସ୍ୟସ୍ତୁବିଜାତୋ ରବେଣ ବି ସପ୍ତରଶ୍ମିରଧମତ୍ ତମାଂସି ।୪।

ଗଣଙ୍କ ଉଦ୍ଧାର, ଏବଂ ବୃହସ୍ପତିଙ୍କ ଦ୍ୱାରା ସେମାନଙ୍କୁ ଉଚ୍ଚକୁ ହାଙ୍କିନେବାର ତତ୍ତ୍ୱଟି ହେଲା ଆମ ସତ୍ତାର ଉଚ୍ଚ ଶିଖରଗୁଡ଼ିକୁ ଆରୋହଣ କରିବା ଯେଉଁଠାରେ ଆମେ ସେମାନଙ୍କ ସହିତ ତଥା ସେମାନଙ୍କ ଦ୍ୱାରା ଆରୋହଣ କରୁଛୁ । ଅତିଚେତନ ଜ୍ଞାନର ବାଣୀରେ ସେ ସେମାନଙ୍କୁ ଆହ୍ୱାନ କରନ୍ତି; ସଚେତନ ସଂବୋଧିର ପ୍ରତ୍ୟୁତ୍ତର ସହିତ ସେମାନେ ତାଙ୍କୁ ଅନୁସରଣ କରନ୍ତି । ସେମାନେ ନିଜର ଏହି ଯାତ୍ରାପଥରେ ଏହି ଗତିବିଧି ପ୍ରତି ନିଜର ଅନ୍ତଃସଂବେଗ ପ୍ରଦାନ କରିଥା'ନ୍ତି ଯାହା ଯଜ୍ଞର ବସ୍ତୁକୁ ଗଠନ କରିଥାଏ ଏବଂ ଦେବତାଙ୍କ ଅର୍ଥେ ଅର୍ପଣୀୟ ହବିଃଗୁଡ଼ିକୁ ରଚନା କରିଥାଏ ତଥା ଏସବୁକୁ ସେପର୍ଯ୍ୟନ୍ତ ଉର୍ଦ୍ଧ୍ୱକୁ ବହି ନିଆ ଯାଉଥାଏ ଯେପର୍ଯ୍ୟନ୍ତ ସେମାନେ ନିଜର ଦିବ୍ୟ ଲକ୍ଷ୍ୟରେ ଉପନୀତ ହୋଇ ନାହାନ୍ତି ।[୭] (ପଞ୍ଚମ ମନ୍ତ୍ର ଦ୍ରଷ୍ଟବ୍ୟ)

ସ୍ୱୟଂ-ଅଭିବ୍ୟଞ୍ଜକ ଆତ୍ମା, ବୃହସ୍ପତି ହେଉଛନ୍ତି 'ପୁରୁଷ' ସର୍ବବସ୍ତୁର ଜନକ; ସେ ବିଶ୍ୱାତ୍ମକ ଦେବତା; ସେ ହେଉଛନ୍ତି ଗୋଧନ ମଧ୍ୟରେ 'ବୃଷଭ', ବିବର୍ତ୍ତିତ ଅଥବା ସଂବର୍ତ୍ତିତ ଏହି ସକଳ ଜ୍ୟୋତିର୍ମୟ ଶକ୍ତିର ସେ ଅଧିପତି ଓ ପିତା, ସେ ଦିବସରେ ସକ୍ରିୟ ଅଥବା ବସ୍ତୁଗୁଡ଼ିକର ରାତ୍ରି କାଳରେ ସେ ପ୍ରଚ୍ଛନ୍ନ ଭାବେ କର୍ମରତ, ଏହା (ଦିବସ-ରାତ୍ରି) ସଂଭୂତି ବା ବିଶ୍ୱସତ୍ତାକୁ, ଭୁବନମ୍, ରଚନା କରିଛି । ଏହି ବୃହସ୍ପତିଙ୍କ ନାମ ନେଇ ଋଷି ବୋଧହୁଏ ଆମକୁ କହୁଛନ୍ତି ସେହି 'ପୁରୁଷ'ଙ୍କ ପ୍ରତି ଉଦ୍ଦିଷ୍ଟ ଯଜ୍ଞରେ, ତାହାର କ୍ରିୟାବିଧି ମଧ୍ୟରେ, ଆମ ସତ୍ତାର ସକଳ ଉପାଦାନକୁ ଯଜ୍ଞୀୟ କର୍ମ ଦ୍ୱାରା ସମର୍ପି ଦେବାକୁ ଯାହା ମଧ୍ୟରେ ପୂଜା ତଥା ସମର୍ପଣର ସହ ସମର୍ପିତ ହୋଇଥିବା ଗ୍ରହଣୀୟ ଆହୁତି ତୁଲ୍ୟ ସର୍ବାତ୍ମାଙ୍କ ପ୍ରତି ସେସବୁ ଉତ୍ସର୍ଗ କରିଦିଆଯାଇଥାଏ । ଏହି ଦେବତାଙ୍କ କୃପାରୁ ଯଜ୍ଞ ଦ୍ୱାରା ଆମେ ଜୀବନ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ବୀରଶକ୍ତିରେ ପୂର୍ଣ୍ଣ ହୋଇଉଠିବୁ, ଆତ୍ମାର ସନ୍ତାନମାନଙ୍କ ଦ୍ୱାରା ସମୃଦ୍ଧ ହେବୁ, ଦିବ୍ୟଜ୍ଞାନ ତଥା ସତ୍‌କର୍ମ ମାଧ୍ୟମରେ ପ୍ରାପ୍ୟ ଦିବ୍ୟାନନ୍ଦ-ସମୃଦ୍ଧିର ଆମେ ପ୍ରଭୁ ହୋଇପାରିବୁ ।[୮] (ଷଷ୍ଠ ମନ୍ତ୍ର ଦ୍ରଷ୍ଟବ୍ୟ)

କାରଣ ଆତ୍ମବଳ ତଥା ଅତିକ୍ରମଣଶୀଳ ଶକ୍ତି ସେହି ମାନବସତ୍ତା ମଧ୍ୟରେ ପୂର୍ଣ୍ଣତା ଲାଭ କରିଥାଏ ଯିଏ ପ୍ରକୃତି ମଧ୍ୟରେ ଏକ ନେତୃଶକ୍ତି ରୂପେ ବିକଶିତ ହୋଇଥିବା ଏହି 'ଆତ୍ମ'ଶକ୍ତି (ବୃହସ୍ପତି)ଙ୍କୁ ନିଜ ମଧ୍ୟରେ ଧାରଣ କରୁଥାଏ ଏବଂ ଦୃଢ଼ ରୂପେ ବହନ

---

୭ ସ ସୁଷ୍ଟୁଭା ସ ରକ୍ୱତା ଗଣେନ ବଳଂ ରୁରୋଜ ଫଲିଗଂ ରବେଣ ।
ବୃହସ୍ପତିରୁସ୍ରିୟା ହବ୍ୟସୂଦଃ କନିକ୍ରଦଦ୍ ବାବଶତୀରୁଦାଜତ୍ ।

୮ ଏବା ପିତ୍ରେ ବିଶ୍ୱଦେବାୟ ବୃଷ୍ଣେ ୟଜ୍ଞୈର୍ବିଧେମ ନମସା ହବିର୍ଭିଃ ।
ବୃହସ୍ପତେ ସୁପ୍ରଜା ବୀରବନ୍ତୋ ବୟଂ ସ୍ୟାମ ପତୟୋ ରୟୀଣାମ୍ ।

କରିବାରେ ସମର୍ଥ ହୋଇଥାଏ, ଏହାରି ଦ୍ୱାରା ଯିଏ ପ୍ରାଚୀନ ଋଷିଙ୍କ କୃତକର୍ମ ସଦୃଶ ଆନ୍ତର ସାଧନାର ତ୍ୱରିତ ତଥା ଉଲ୍ଲାସକର ଗତିବୃତ୍ତିରେ ଉପନୀତ ହୋଇଥାଏ, ଯିଏ ନିଜ ମଧ୍ୟରେ 'ପ୍ରାଣ' ରୂପକ ଅଶ୍ୱର ସୁସଙ୍ଗତ ଉଲ୍ଲମ୍ଫନ ଓ ଉଲ୍ଲାସକର ଗତିକୁ ହାସଲ କରିଥାଏ ଏବଂ ଯିଏ ସମସ୍ତ ସାଫଲ୍ୟ ତଥା ଭୋଗର ପ୍ରଥମ ଫଳଗୁଡ଼ିକୁ ସର୍ବଦା ଏହି ଦେବଙ୍କୁ ଅର୍ପଣପୂର୍ବକ ଅର୍ଚ୍ଚନା କରିଥାଏ । ସେହି ଶକ୍ତିର ସହ ଡେଇଁ ପଡ଼ି ସେ ସେହି ସମସ୍ତ ଉପରେ ପ୍ରଭୁତ୍ୱ ହାସଲ କରିଥାଏ ଯାହାସବୁ ଜନ୍ମଗୁଡ଼ିକରୁ, ଲୋକଗୁଡ଼ିକରୁ ଏବଂ ସତ୍ତାର ବିକାଶ ମଧ୍ୟରେ ପ୍ରାପ୍ତ ତା'ର ଅଭିଜ୍ଞତା ସମ୍ମୁଖରେ ଖୋଲି ହୋଇ ଯାଇଥିବା ଚେତନାର ସ୍ତରଗୁଡ଼ିକରୁ ତା' ନିକଟକୁ ଆସିଥାଏ । ସେ ହୁଏ ଏକ ରାଜା, **ସମ୍ରାଟ୍**, ବିଶ୍ୱ-ପରିବେଶର ସେ ହୁଏ ଶାସକ ।[୯] (ସପ୍ତମ ମନ୍ତ୍ର ଦ୍ରଷ୍ଟବ୍ୟ)

କାରଣ ଏହିପରି ଏକ ଆତ୍ମାହିଁ ଦୃଢ଼ପ୍ରତିଷ୍ଠ ଜୀବନରୂପକ ସ୍ୱକୀୟ ଆବାସକୁ, ଯାହା 'ଋତଚିତ୍' ତଥା ଅନନ୍ତ ସମଗ୍ରତା ରୂପେ ଅଭିହିତ, ତାହାକୁ ପ୍ରାପ୍ତ ହୋଇଥାଏ ଏବଂ ଏହାରି ପାଇଁ 'ଇଳା' ଯିଏ ହେଉଛନ୍ତି ପରା ବାକ୍, 'ଋତଚିତ୍'ର ସର୍ବପ୍ରଥମ ଶକ୍ତି, ଯାହାଙ୍କର ରହିଛି ଜ୍ଞାନଯୁକ୍ତ ପ୍ରତ୍ୟକ୍ଷ ସତ୍ୟପ୍ରକଟନଶୀଳ ଦୃଷ୍ଟି ଏବଂ ସେହି ଜ୍ଞାନ ମଧ୍ୟରେ ସେ ହୋଇଥା'ନ୍ତି କର୍ମ, ପରିଣାମ ତଥା ଅନୁଭୂତି ଯୁକ୍ତ ବସ୍ତୁନିହିତ 'ସତ୍ୟ'ର ସ୍ୱତଃପ୍ରବୃତ୍ତ ଆତ୍ମସିଦ୍ଧି, ସେହି 'ଇଳା' ଦେହରେ ତଥା ବିଷୟସମୃଦ୍ଧିରେ ନିରନ୍ତର ବିକଶିତ ହେଉଥା'ନ୍ତି । ସକଳ ପ୍ରଜା ବୃହସ୍ପତିଙ୍କ ପ୍ରତି ଆନତ ହୋଇ ରହିଛନ୍ତି, ତାଙ୍କରି ଅନ୍ତର୍ଗତ ସତ୍ୟଠାରେ ସେମାନେ ସମର୍ପଣ କରନ୍ତି କାରଣ ସେମାନଙ୍କ ଅନ୍ତର୍ଗତ ସତ୍ୟ ଏବଂ ଏହି ସତ୍ୟ ସମାନ । ଏହା ଏଇଥି ପାଇଁ ଯେ ସଚେତନ 'ଆତ୍ମ-ଶକ୍ତି' ହେଉଛି ସ୍ରଷ୍ଟ୍ରୀ ଓ କାର୍ଯ୍ୟସିଦ୍ଧିକାରିଣୀ ଶକ୍ତି, ତାହାହିଁ ଏହାଙ୍କ ସକଳ କ୍ରିୟାକଳାପର ନେତୃତ୍ୱ କରୁଛି । ସର୍ବପ୍ରାଣୀଙ୍କ ସହ ତାଙ୍କର ସମ୍ବନ୍ଧ-ରକ୍ଷାରେ ଏହି ସତ୍ୟହିଁ ତାଙ୍କୁ ପଥନିର୍ଦ୍ଦେଶ କରୁଥାଏ, ସେହି ହେତୁ ସେ ସେମାନଙ୍କ ଉପରେ ସର୍ବତୋଭାବେ ତଥା ସ୍ୱତଃପ୍ରବୃତ୍ତ ପ୍ରଭୁତ୍ୱର ସହ କ୍ରିୟା କରିଥା'ନ୍ତି । ଯେତେବେଳେ ଆତ୍ମଶକ୍ତି, ବୃହସ୍ପତି, ବ୍ରହ୍ମା, ଯିଏ ଆଧ୍ୟାତ୍ମିକ ଆଲୋକ ତଥା ମନ୍ତ୍ରୀ, ଜଣକୁ ନେତୃତ୍ୱ ଦେଉଥା'ନ୍ତି ତାହା ହେଉଛି ମାନବର ଏକ ଆଦର୍ଶ-ସ୍ଥିତି, ଏବଂ ନିଜକୁ 'ଇନ୍ଦ୍ର', କର୍ମର ରାଜକୀୟ ଦିବ୍ୟଚେତନା ବୋଲି ଜ୍ଞାନ କରି ନିଜକୁ ଶାସନ କରିବା ସଙ୍ଗେ ସଙ୍ଗେ ନିଜର ସମଗ୍ର ପରିବେଶକୁ ସେମାନଙ୍କର ସାଧାରଣ 'ସତ୍ୟ' ଅନୁଯାୟୀ ଶାସନ କରିବା ଉଚିତ, ବ୍ରହ୍ମା ରାଜନି ପୂର୍ବ ଏତି ।[୧୦] (ଅଷ୍ଟମ ମନ୍ତ୍ର ଦ୍ରଷ୍ଟବ୍ୟ)

---

[୯] ସ ଇଦ୍ ରାଜା ପ୍ରତିଜନ୍ୟାନି ବିଶ୍ୱା ଶୁଷ୍ମେଣ ତସ୍ଥାବଭି ବୀର୍ଯେଣ ।
ବୃହସ୍ପତିଂ ୟଃ ସୁଭୃତଂ ବିଭର୍ତି ବଲ୍‌ଗୂୟତି ବନ୍ଦତେ ପୂର୍ବଭାଜମ୍ ।

କାରଣ, ଏହି 'ବ୍ରହ୍ମ', ଏହି ସୃଜନଶୀଳ 'ଆତ୍ମା', ନିଜକୁ ଅଭିବ୍ୟକ୍ତ କରିବାକୁ ଚାହାନ୍ତି ଏବଂ ମାନବ ପ୍ରକୃତିର ରାଜ୍ୟପଣ ମଧ୍ୟରେ ନିଜର ଅଭିବୃଦ୍ଧି ସାଧନ କରିବାକୁ ଚାହାନ୍ତି, ଆହୁରି ମଧ୍ୟ ଯିଏ ଆଲୋକ ଓ ଶକ୍ତିର ସେହି ରାଜ୍ୟପଣକୁ ସିଦ୍ଧ କରିଥାଏ, 'ବ୍ରହ୍ମ'ଙ୍କ ନିମନ୍ତେ ନିଜ ମଧ୍ୟରେ ମାନବର ସେହି ପରମ ମଙ୍ଗଳ ରଚନା କରିଥାଏ, ଯିଏ ନିଜ ମଧ୍ୟରେ ଅନୁଭବ କରେ ଯେ ସେ ନିରନ୍ତର ସେହି ଦିବ୍ୟ ବିଶ୍ୱଶକ୍ତିଗଣଙ୍କ ଦ୍ୱାରା ପାଳିତ ପୋଷିତ ଓ ସଂବର୍ଦ୍ଧିତ ହେଉଛି, ଯେଉଁମାନେ ସେହି ପରମ ଚରିତାର୍ଥତା ନିମନ୍ତେ କର୍ମରତ, ତାଙ୍କ ମଧ୍ୟରେ ବି ସେ ନିଜର ଅଭିବୃଦ୍ଧି ସାଧନ କରିବାକୁ ଚାହାନ୍ତି । ଆତ୍ମଶକ୍ତିର ରାଜତ୍ୱ ନିମନ୍ତେ ପ୍ରୟୋଜନ ଆତ୍ମାର ସେହି ସକଳ ସମ୍ପଦକୁ ସେ ଜୟ କରିଥା'ନ୍ତି ଯେଉଁସବୁ ନିଜ ଚେତନା-ସ୍ତରର ଅନ୍ତର୍ଭୁକ୍ତ ଏବଂ ଚେତନାର ଅନ୍ୟ ସ୍ତରରୁ ଆସି ତାଙ୍କ ମଧ୍ୟରେ ସ୍ୱୟଂ ଉପସ୍ଥିତ ହୋଇଥା'ନ୍ତି । ତାଙ୍କର ବିଜୟଶୀଳ ପ୍ରଗତିରେ କୌଣସି କିଛି ବି ଆଘାତ ବା ବ୍ୟାହତ କରିପାରେ ନାହିଁ ।[୧୧] (ନବମ ମନ୍ତ୍ର ଦ୍ରଷ୍ଟବ୍ୟ)

ଏହି ଭାବେ ଇନ୍ଦ୍ର ଓ ବୃହସ୍ପତି ସେହି ଦୁଇ ଦିବ୍ୟଶକ୍ତି, ଆମ ମଧ୍ୟରେ ଏ ଉଭୟଙ୍କର ପରିପୂର୍ଣ୍ଣତା ତଥା ଅମର 'ସତ୍ୟ'ର ସଚେତନ ସଂପ୍ରାପ୍ତି ହେଉଛି ଆମ ପରିପୂର୍ଣ୍ଣତା ପାଇଁ ଦୁଇ ସର୍ତ୍ତସ୍ୱରୂପ । ଋଷି ବାମଦେବ ତାଙ୍କୁ ଏଇଥି ପାଇଁ ଆବାହନ କରୁଛନ୍ତି ଯେ ସେ ଏହି ମହାଯଜ୍ଞରେ ଅମର ଆନନ୍ଦରୂପକ ସୋମ ମଦ୍ୟକୁ ପାନ କରି, ଏହାର ଉଲ୍ଲାସକର ଆନନ୍ଦରୂପକ ମାଦକତାର ଉପଭୋଗ କରିବା ପୂର୍ବକ ଆତ୍ମାର ସଦ୍‌ବସ୍ତୁକୁ ତଥା ସମ୍ପଦରାଜିକୁ ଅଜାଡ଼ି ଦିଅନ୍ତୁ । ପରା ଚେତନାର ସେହିସବୁ ଅଭିବର୍ଷଣ ଆତ୍ମଶକ୍ତି ମଧ୍ୟରେ ପ୍ରବେଶ କରି ସମ୍ୟକ୍ ରୂପଗ୍ରହଣ ଅବଶ୍ୟମ୍ଭାବୀ । ଏହି ଭାବେ ଏକ ଆନନ୍ଦ ସଂରଚିତ ହେବ, ଏହା ଏକ ପ୍ରଭାବକ ସଂଗତି, ପରିପୂର୍ଣ୍ଣ ପ୍ରକୃତିର ସକଳ ଶକ୍ତି ଓ ସାମର୍ଥ୍ୟରେ ଭରା ଏବଂ ନିଜର ତଥା ନିଜ ଜଗତର ସ୍ୱାମୀ ହୋଇଥିବ ।[୧୨] (ଦଶମ ମନ୍ତ୍ର ଦ୍ରଷ୍ଟବ୍ୟ)

ତେଣୁ ବୃହସ୍ପତି ଓ ଇନ୍ଦ୍ର ଆମ ମଧ୍ୟରେ ବୃଦ୍ଧିଲାଭ କରନ୍ତୁ ଏହି ଉଭୟେ ସୁମତିର ଯେଉଁ ଅବସ୍ଥା ନିର୍ମାଣ କରିଥା'ନ୍ତି ତାହାରି ଅଭିବ୍ୟକ୍ତି ଘଟିବ; କାରଣ ତାହାହିଁ ପ୍ରଥମ

---

୧୦ ସ ଇତ୍ କ୍ଷେତି ସୁଧିତ ଓକସି ସ୍ୱେ ତସ୍ମା ଇଳା ପିନ୍ୱତେ ବିଶ୍ୱଦାନୀମ୍ ।
ତସ୍ମୈ ବିଶଃ ସ୍ୱୟମେବା ନମନ୍ତେ ଯସ୍ମିନ୍ ବ୍ରହ୍ମା ରାଜନି ପୂର୍ବ ଏତି ।

୧୧ ଅପ୍ରତୀତୋ ଜୟତି ସଂ ଧନାନି ପ୍ରତିଜନ୍ୟାନ୍ୟୁତ ଯା ସଜନ୍ୟା ।
ଅବସ୍ୟବେ ଯୋ ବରିବଃ କୃଣୋତି ବ୍ରହ୍ମଣେ ରାଜା ତମବନ୍ତି ଦେବାଃ ।

୧୨ ଇନ୍ଦ୍ରଶ୍ଚ ସୋମଂ ପିବତଂ ବୃହସ୍ପତେଽସ୍ମିନ୍ୟଜ୍ଞେ ମନ୍ଦସାନା ବୃଷଣ୍ୱସୂ ।
ଆ ବାଂ ବିଶନ୍ତ୍ୱିନ୍ଦବଃ ସ୍ୱାଭୁବୋଽସ୍ମେ ରୟିଂ ସର୍ବବୀରଂ ନି ଯଚ୍ଛତମ୍ ।

ସର୍ତ୍ତ । ବିକାଶଲାଭ କରୁଥିବା ବିଚାରଗୁଡ଼ିକୁ ସେ ଦୁହେଁ ପରିପୁଷ୍ଟ କରନ୍ତୁ ଏବଂ ମନୋମୟ ପୁରୁଷର ସେହିସବୁ ଶକ୍ତିକୁ ପ୍ରକାଶକୁ ଆଣନ୍ତୁ ଯାହା ସମୃଦ୍ଧ ତଥା ବହୁମୁଖୀ ଧିଷଣା ଦ୍ୱାରା ଋତଚିତ୍‌ର ଜ୍ଞାନଦୀପ୍ତି ଓ ତ୍ୱରତାକୁ ଧାରଣ କରିବା ନିମନ୍ତେ ସମର୍ଥ ହେବ । ଆକ୍ରାମକ ଶକ୍ତିଗଣ ଆର୍ଯ୍ୟ ସଂଗ୍ରାମୀ ମଧ୍ୟରେ ମାନସିକ ଦାରିଦ୍ର୍ୟଗୁଡ଼ିକୁ ଏବଂ ଭାବାବେଗାତ୍ମକ ପ୍ରକୃତିଗତ ଦାରିଦ୍ର୍ୟକୁ, ଯାବତୀୟ ନିରାନନ୍ଦକୁ ହୁଏତ ସୃଷ୍ଟି କରିପାରନ୍ତି । ଆତ୍ମଶକ୍ତି ଓ ମନଃଶକ୍ତି (ବୃହସ୍ପତି ଓ ଇନ୍ଦ୍ର) ଏକ ସଙ୍ଗେ ବୃଦ୍ଧିଲାଭ କରି ସେହି ସକଳ ଦାରିଦ୍ର୍ୟ ଓ ଅଜ୍ଞତାକୁ ବିଧ୍ୱସ୍ତ କରିଦିଅନ୍ତି । ଉଭୟେ ମିଳି ମାନବକୁ ତା'ର ରାଜପଦରେ ଏବଂ ସମୃଦ୍ଧ ରାଜ୍ୟରେ ପହଞ୍ଚାଇ ଦିଅନ୍ତି ।[୧୩] (ଏକାଦଶ ମନ୍ତ୍ର ଦ୍ରଷ୍ଟବ୍ୟ)

---

୧୩ ବୃହସ୍ପତ ଇନ୍ଦ୍ର ବର୍ଧତଂ ନଃ ସଚା ସା ବାଂ ସୁମତିର୍ଭୂତ୍ୱସ୍ମେ ।
ଅବିଷ୍ଟଂ ଧିୟୋ ଜିଗୃତଂ ପୁରନ୍ଧୀର୍ ଜଜସ୍ତମର୍ୟୋ ବନୁଷାମରାତୀଃ ।

ଅଧ୍ୟାୟ – ୧୦

ଅଶ୍ୱିନୌ, ଆନନ୍ଦର ଦେବଦ୍ୱୟ

(ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୫, ଋଷି : ବାମଦେବ)

ଏଷ ସ୍ୟ ଭାନୁରୁଦିୟର୍ତି ଯୁଜ୍ୟତେ ରଥଃ
ପରିଜ୍ମା ଦିବୋ ଅସ୍ୟ ସାନବି ।
ପୃକ୍ଷାସୋ ଅସ୍ମିନ୍ ମିଥୁନା ଅଧି ତ୍ରୟୋ
ଦୃତିସ୍ତୁରୀୟୋ ମଧୁନୋ ବି ରପ୍‌ଶତେ ॥୧॥

ଅର୍ଥ (ଅନ୍ୱୟ ସହ) : ଦେଖ, ସେହି 'ଭାସ୍ୱର' [ଏଷଃ ସ୍ୟଃ ଭାନୁଃ] ଉଦିତ ହେଉଛନ୍ତି [ଉଦିୟର୍ତି] ଏବଂ ଏହି ଦେବଲୋକର [ଅସ୍ୟ ଦିବଃ] ସମୁଚ୍ଚ ପ୍ରଦେଶରେ [ସାନବି] ସର୍ବପ୍ରବେଶନଶୀଳ ରଥ [ପରିଜ୍ମା ରଥଃ] ଯୋଚା ଯାଉଛି [ଯୁଜ୍ୟତେ]; ସେମାନଙ୍କର ଯୁଗଳତ୍ରୟଙ୍କ ଉପରେ [ତ୍ରୟଃ ମିଥୁନା ଅଧି] ତୃପ୍ତିକର ଆନନ୍ଦକୁ [ପୃକ୍ଷାସଃ] ସ୍ଥାନାପନ୍ନ କରାଯାଇଛି [ଅସ୍ମିନ୍] ଏବଂ ଚତୁର୍ଥଟି [ତୁରୀୟଃ] ମଧୁ ରୂପକ ଚର୍ମଥଳି [ମଧୁନଃ ଦୃତିଃ] ଉସ୍ରାବିତ ହୋଇଯାଉଛି [ବି ରପ୍‌ଶତେ] ।

ଉଦ୍ ବାଂ ପୃକ୍ଷାସୋ ମଧୁମନ୍ତ ଈରତେ
ରଥା ଅଶ୍ୱାସ ଉଷସୋ ବ୍ୟୁଷ୍ଟିଷୁ ।
ଅପୋର୍ଣୁବନ୍ତସ୍ତମ ଆ ପରୀବୃତଂ
ସ୍ୱର୍ଣ ଶୁକ୍ରଂ ତନ୍ୱନ୍ତ ଆ ରଜଃ ॥୨॥

ଅର୍ଥ (ଅନ୍ୱୟ ସହ) : ତୁମ ଦୁହିଁଙ୍କ ମଧୁମୟ ଆନନ୍ଦରାଜି [ବାଂ ମଧୁମନ୍ତଃ ପୃକ୍ଷାସଃ] ଊର୍ଦ୍ଧ୍ୱ ଦିଗରେ ଗତି କରୁଛନ୍ତି [ଉଦ୍ ଈରତେ]; ଉଷାଙ୍କର ବର୍ଣ୍ଣମୟ ବିଭା ମଧ୍ୟରେ [ଉଷସଃ ବ୍ୟୁଷ୍ଟିଷୁ] ଅଶ୍ୱଗଣ ତଥା ରଥଗଣ ଉତ୍ତୋଳିତ ହେଉଛନ୍ତି [ଅଶ୍ୱାସଃ ରଥାଃ (ଉଦ୍ ଇରତେ)] ଏବଂ ସେ ଦୁହେଁ ଚତୁର୍ଦ୍ଦିଗରେ ଘୋଟି ରହିଥିବା ଅନ୍ଧକାର ରୂପକ ପର୍ଦାକୁ [ଆ ପରୀବୃତଂ ତମଃ] ଅପସାରଣ କରୁଛନ୍ତି [ଅପ-ଉର୍ଣୁବନ୍ତଃ] ତଥା ସେ ଦୁହେଁ ଏହି ଅଧଃସ୍ଥ ଜଗତକୁ [ରଜଃ] ଜ୍ୟୋତିର୍ମୟ ସ୍ୱର୍ଲୋକ ସଦୃଶ [ସ୍ୱଃ ନ] ଭାସ୍ୱର ରୂପରେ [ଶୁକ୍ରମ୍] ପରିବ୍ୟାପ୍ତ କରୁଛନ୍ତି [ଆ ତନ୍ୱନ୍ତ] ।

ମଧ୍ୱଃ ପିବତଂ ମଧୁପେଭିରାସଭି-
ରୁତ ପ୍ରିୟଂ ମଧୁନେ ୟୁଞ୍ଜାଥାଂ ରଥମ୍ ।
ଆ ବର୍ତନିଂ ମଧୁନା ଜିନ୍ୱଥସ୍ପଥୋ
ଦୃତିଂ ବହେଥେ ମଧୁମନ୍ତମଶ୍ୱିନା ॥୩॥

ଅର୍ଥ (ଅନ୍ୱୟ ସହ) – ମଧୁପାୟୀ ମୁଖ ଦ୍ୱାରା [ମଧୁପେଭିଃ ଆସଭିଃ] ତୁମେ ଦୁହେଁ ମଧୁପାନ କର [ମଧ୍ୱଃ ପିବତମ୍], ମଧୁ ନିମନ୍ତେ [ମଧୁନେ] ତୁମ ପ୍ରିୟ ରଥକୁ [ପ୍ରିୟଂ ରଥମ୍] ଯୋଚାକର [ୟୁଞ୍ଜାଥାମ୍] । ମଧୁ ଦ୍ୱାରା [ମଧୁନା] ତୁମେ ଦୁହେଁ ଗତି ଓ ପଥଗୁଡ଼ିକୁ [ବର୍ତନିଂ ପଥଃ] ଆମୋଦିତ କରୁଛ [ଆ ଜିନ୍ୱଥ]; ହେ ଅଶ୍ୱିଦ୍ୱୟ [ଅଶ୍ୱିନା] ! ତୁମେ ଦୁହେଁ ମଧୁପୂର୍ଣ୍ଣ ଚର୍ମଥଳିକୁ ବହନ କରୁଛ [ମଧୁମନ୍ତଂ ଦୃତିଂ ବହେଥେ] ।

ହଂସାସୋ ୟେ ବାଂ ମଧୁମନ୍ତୋ ଅସ୍ରିଧୋ
ହିରଣ୍ୟପର୍ଣା ଉହୁବ ଉଷର୍ବୁଧଃ ।
ଉଦପ୍ରୁତୋ ମନ୍ଦିନୋ ମନ୍ଦିନିସ୍ପୃଶୋ
ମଧ୍ୱୋ ନ ମକ୍ଷଃ ସବନାନି ଗଚ୍ଛଥଃ ॥୪॥

ଅର୍ଥ (ଅନ୍ୱୟ ସହ) : ଯେଉଁ ହଂସମାନେ ତୁମ ଦୁହିଁଙ୍କୁ ବହନ କରନ୍ତି [ୟେ ହଂସାସଃ ବାମ୍ ଉହୁବଃ] ସେମାନେ ମଧୁପୂର୍ଣ୍ଣ [ମଧୁମନ୍ତଃ], ସୁବର୍ଣ୍ଣପକ୍ଷଯୁକ୍ତ [ହିରଣ୍ୟପର୍ଣାଃ], ଉଷାକାଳରେ ପ୍ରବୋଧିତ ହୁଅନ୍ତି [ଉଷର୍ବୁଧଃ], ଆଘାତ ଦେବା ପାଇଁ ସେମାନେ ଆସି ନ ଥା'ନ୍ତି [ଅସ୍ରିଧଃ]; ସେମାନେ ବୃଷ୍ଟି ଉଦ୍‌ଗାର କରିଥା'ନ୍ତି [ଉଦପ୍ରୁତଃ], ସେମାନେ ଆନନ୍ଦପୂର୍ଣ୍ଣ [ମନ୍ଦିନଃ] ଏବଂ ତାଙ୍କ ସ୍ୱର୍ଶ ଆନନ୍ଦ ବହନ କରେ [ମନ୍ଦିନିସ୍ପୃଶଃ] । ମଧୁସ୍ରାବ ପ୍ରତି ମଧୁମକ୍ଷିକାଙ୍କ ଗମନ ପରି [ମଧ୍ୱଃ ମକ୍ଷଃ ନ] ତୁମେ ଦୁହେଁ ସୋମାହୁତି ପ୍ରତି ଯାତ୍ରା କରିଥାଅ [ସବନାନି ଗଚ୍ଛଥଃ] ।

ସ୍ୱଧ୍ୱରାସୋ ମଧୁମନ୍ତୋ ଅଗ୍ନୟ
ଉସ୍ରା ଜରନ୍ତେ ପ୍ରତି ବସ୍ତୋରଶ୍ୱିନା ।
ୟନ୍ନିକ୍ତହସ୍ତସ୍ତରଣିର୍ବିଚକ୍ଷଣଃ
ସୋମଂ ସୁଷାବ ମଧୁମନ୍ତମଦ୍ରିଭିଃ ॥୫॥

ଅର୍ଥ (ଅନ୍ୱୟ ସହ) : ମଧୁମନ୍ତ ଅଗ୍ନିଗଣ [ମଧୁମନ୍ତଃ ଅଗ୍ନୟଃ] ଯଜ୍ଞର ସୁନେତା ଅଟନ୍ତି [ସ୍ୱଧ୍ୱରାସଃ] ଏବଂ ପ୍ରତିଦିନ [ପ୍ରତି ବସ୍ତୋଃ] ସେମାନେ ତୁମର ଭାସ୍ୱରତାକୁ ପ୍ରାର୍ଥନା କରନ୍ତି [ଉସ୍ରାଃ ଜରନ୍ତେ], ହେ ଅଶ୍ୱିଦ୍ୱୟ [ଅଶ୍ୱିନା] ! ଯେତେବେଳେ କି [ୟତ୍]

ଜଣେ ବିଶୋଧିତ ହସ୍ତ ଦ୍ୱାରା [ନିଭୃତହସ୍ତଃ], ସମ୍ୟକ୍ ଦୂରଦୃଷ୍ଟିର ସହ [ବିଚକ୍ଷଣଃ], ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ଯାତ୍ରା କରିବାର ଶକ୍ତିରେ ଯୁକ୍ତ ହୋଇ [ତରଣିଃ] ପେଷା ପଥରଗୁଡ଼ିକ ଦ୍ୱାରା [ଅଦ୍ରିଭିଃ] ମଧୁମନ୍ତ ସୋମମଦ୍ୟକୁ ନିଷ୍ପାସନ କରିଛନ୍ତି [ମଧୁମନ୍ତଂ ସୋମଂ ସୁଷାବ]।

ଆକେନିପାସୋ ଅହଭିର୍ଦବିଧ୍ୱତଃ
ସ୍ୱର୍ଣ ଶୁକ୍ରଂ ତନ୍ୱନ ଆ ରଜଃ।
ସୁରଣ୍ଧିଦଶ୍ୱାନ୍ ୟୁୟୁଜାନ ଇୟତେ
ବିଶ୍ୱାଁ ଅନୁ ସ୍ୱଧୟା ଚେତଥସ୍ପଥଃ ॥୬॥

ଅର୍ଥ (ଅନ୍ୱୟ ସହ) : ଅଗ୍ନିଗଣ ସେମାନଙ୍କ ନିକଟରେ ସୋମମଦ୍ୟ ପାନପୂର୍ବକ [ଆକେନିପାସଃ] ଅଶ୍ୱାରୋହଣ କରି ଧାଇଁବାରେ ଲାଗନ୍ତି [ଅହଭିଃ ଦବିଧ୍ୱତଃ] ଏବଂ ନିମ୍ନ ଜଗତକୁ [ରଜଃ] ଜ୍ୟୋତିର୍ମୟ ସ୍ୱର୍ ସଦୃଶ [ସ୍ୱର୍ ନ] ପ୍ରୋଜ୍ଜ୍ୱଳ ସ୍ୱରୂପରେ ବିସ୍ତାରିତ କରନ୍ତି [ଶୁକ୍ରମ୍ ଆତନ୍ୱନ୍ତ]। ସୂର୍ଯ୍ୟ ମଧ୍ୟ ନିଜ ଅଶ୍ୱମାନଙ୍କୁ ଯୋଟି ଯାତ୍ରା କରନ୍ତି [ସୁରଃ ଚିତ୍ ଅଶ୍ୱାନ୍ ୟୁୟୁଜାନଃ ଇୟତେ]; 'ପ୍ରକୃତି'ର ସୁବ୍ୟବସ୍ଥାପିକା ଶକ୍ତି ଦ୍ୱାରା [ସ୍ୱଧୟା] ସକଳ ପଥ ଅନୁସରଣପୂର୍ବକ [ବିଶ୍ୱାନ୍ ପଥଃ ଅନୁ] ତୁମେ ଦୁହେଁ ସଚେତନଭାବେ ଗତି କରୁଛ [ଚେତଥଃ]।[୧]

ପ୍ର ବାମବୋଚମଶ୍ୱିନା ଧ୍ରୟଂଧା
ରଥଃ ସ୍ୱଶ୍ୱୋ ଅଜରୋ ୟୋ ଅସ୍ତି।
ୟେନ ସଦ୍ୟଃ ପରି ରଜାଂସି ୟାଥୋ
ହବିଷ୍ମନ୍ତଂ ତରଣିଂ ଭୋଜମଚ୍ଛ ॥୭॥

ଅର୍ଥ (ଅନ୍ୱୟ ସହ) : ହେ ଅଶ୍ୱିଦ୍ୱୟ [ଅଶ୍ୱିନା]! ମୋ ନିଜ ମଧ୍ୟରେ ଧୀ-ଧାରଣପୂର୍ବକ [ଧ୍ରୟଂଧାଃ] ମୁଁ ବାକ୍ ପ୍ରକାଶ କରିଛି ଯେ [ପ୍ର ଅବୋଚମ୍], ତୁମ ଦୁହିଁଙ୍କ ଯେଉଁ ରଥ [ବାଂ ୟଃ ରଥଃ] ଅକ୍ଷୟ [ଅଜରଃ] ଏବଂ ସର୍ବାଙ୍ଗ ପରିପୂର୍ଣ୍ଣ ଅଶ୍ୱଙ୍କ ଦ୍ୱାରା ବାହିତ [ସ୍ୱଶ୍ୱଃ ଅସ୍ତି] – ତୁମ ଦୁହିଁଙ୍କ (ଯେଉଁ) ରଥ ଦ୍ୱାରା [ୟେନ] ତୁମେ ଏକ କ୍ଷଣରେ [ସଦ୍ୟଃ] ସକଳ ଭୁବନକୁ ପରିଭ୍ରମଣ କରିଥାଅ [ରଜାଂସି ପରି ୟାଥଃ] (ତାହା) ହବିଃରେ ସମୃଦ୍ଧ ଭୋଗ ପ୍ରତି ଗତିଶୀଳ [ହବିଷ୍ମନ୍ତଂ ଭୋଜମ୍ ଅଚ୍ଛ], ତାହା ଲକ୍ଷ୍ୟରେ ନେଇ ପହଞ୍ଚାଇ ଦେଇଥାଏ [ତରଣିମ୍]।

---

[୧] ଅଥବା, ବିଧିପୂର୍ବକ ତୁମେ ଦୁହେଁ ସକଳ ପଥର ଜ୍ଞାନ ଲାଭ କରୁଛ।

ଭାଷ୍ୟ

ରଗ୍‌ବେଦର ଏହି ସୂକ୍ତମାନ ରଭୁଗଣଙ୍କୁ ସମ୍ବୋଧନ କରାଯାଇଥିବା ସୂକ୍ତଗୁଚ୍ଛ ଭଳି ସେହି ଯମଜ ଉଜ୍ଜ୍ୱଳଦ୍ୱୟଙ୍କ ପ୍ରତି ସମ୍ବୋଧିତ, ଏଥିମଧ୍ୟରେ ପ୍ରତୀକବାଦର ଅଭିବ୍ୟକ୍ତି ପୂରି ରହିଛି ଏବଂ ସେମାନଙ୍କ ପ୍ରତୀକବାଦ ବିଷୟରେ ଏକ ଦୃଢ଼ ସଂଜ୍ଞାନ ବିନା ବୁଝିବା ସମ୍ଭବ ନୁହେଁ । ଅଶ୍ୱିଦ୍ୱୟଙ୍କ ପ୍ରତି ଉଦ୍ଦିଷ୍ଟ ଏହିସବୁ ସୂକ୍ତର ତିନୋଟି ବିଶେଷ ଅଙ୍ଗ ରହିଛି, ସେମାନଙ୍କ ରଥର, ସେମାନଙ୍କ ଅଶ୍ୱର ଏବଂ ସେମାନଙ୍କ ସର୍ବବ୍ୟାପୀ ତୀବ୍ର ଗତିବୃତ୍ତିର ସ୍ତୁତି; ସେମାନଙ୍କର ମଧୁ ଅନ୍ୱେଷଣ ଓ ମଧୁ ମଧ୍ୟରେ ସେମାନଙ୍କର ପ୍ରହର୍ଷ, ଏବଂ ସେମାନଙ୍କ ରଥରେ ବହନ କରି ଆଣୁଥିବା ପରିତୋଷକର ଆନନ୍ଦ; ତୃତୀୟରେ ସୂର୍ଯ୍ୟଙ୍କ ସହିତ, ସୂର୍ଯ୍ୟକନ୍ୟା ସୂର୍ଯ୍ୟାଙ୍କ ସହିତ ତଥା ଉଷାଙ୍କ ସହିତ ସେମାନଙ୍କର ଘନିଷ୍ଠ ସମ୍ପର୍କ ।

ଅନ୍ୟ ଦେବଗଣଙ୍କ ପରି ଅଶ୍ୱିଦ୍ୱୟ ମଧ୍ୟ ସତ୍ୟଚେତନା ବା **ଋତମ୍** ମଧ୍ୟରୁ ଅବତରଣ କରିଥା'ନ୍ତି; ସେ ଦୁହିଁଙ୍କର ଜନ୍ମ ବା ଅଭିବ୍ୟକ୍ତି ଘଟିଛି ସ୍ୱର୍ଗରୁ । **ଦ୍ୟୌଃ** ବା ବିଶୁଦ୍ଧ ମନରୁ; ଏ ଦୁହିଁଙ୍କର ଗତି ସର୍ବଲୋକକୁ ବ୍ୟାପୀ ରହିଛି,— ଏ ଦୁହିଁଙ୍କର କ୍ରିୟା ଦେହଠାରୁ ଆରମ୍ଭ କରି ପ୍ରାଣିକ ପୁରୁଷ ଓ ଚିନ୍ତନ ମଧ୍ୟ ଦେଇ ଅତିଚେତନ 'ସତ୍ୟ' ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଛି । ପ୍ରକୃତରେ ମହାସମୁଦ୍ରଠାରୁ ଏହି ସତ୍ତାର ଅନିଶ୍ଚିତତାଠାରୁ ଆରମ୍ଭ ହୋଇ ଅବଚେତନାରୁ ଊର୍ଦ୍ଧ୍ୱକୁ ଉଠି ଆସିଥାଏ ଏବଂ ସେହିସବୁ ଜଳରାଶିର ବନ୍ୟା ମଧ୍ୟରେ ଆତ୍ମାକୁ ସେ ଦୁହେଁ ପରିଚାଳନା କରିଥା'ନ୍ତି ଏବଂ ଏହି ଯାତ୍ରାପଥରେ ଆତ୍ମା ଯେପରି ଜଳମଗ୍ନ ହୋଇ ନଯାଏ ସେଥିରୁ ଏହାକୁ ରକ୍ଷା କରିଥା'ନ୍ତି । ସେହି କାରଣରୁ ସେ ଦୁହିଁଙ୍କୁ **ନାଶତ୍ୟା**, ଗତିର ଦେବତା, ଯାତ୍ରା ବା ସମୁଦ୍ରଯାତ୍ରାର ନେତା ବୋଲି କୁହାଯାଇଥାଏ ।

ସେ ଦୁହେଁ ମନୁଷ୍ୟକୁ 'ସତ୍ୟ' ଦ୍ୱାରା ସାହାଯ୍ୟ କରିଥା'ନ୍ତି । ବିଶେଷତଃ ଯେଉଁ ସତ୍ୟ ସତ୍ୟ-ରୂପକ ସୂର୍ଯ୍ୟଙ୍କ ସହିତ ଏବଂ ତାଙ୍କର କନ୍ୟା 'ସୂର୍ଯ୍ୟା'ଙ୍କ ସହିତ ସମ୍ପର୍କ ହେତୁ ଲବ୍ଧ ହୋଇଥାଏ, କିନ୍ତୁ ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ ସେ ଦୁହେଁ ସତ୍ତାର ଆନନ୍ଦ ଦ୍ୱାରା ତାହାକୁ ସାହାଯ୍ୟ କରିଥା'ନ୍ତି । ସେ ଦୁହେଁ ଆନନ୍ଦର ଦେବତା, **'ଶୁଭସ୍ପତୀ'**; ସେ ଦୁହିଁଙ୍କର ରଥ ବା ଗତିବୃତ୍ତି ସତ୍ତାର ସକଳ ସ୍ତରରେ ଥିବା ଆନନ୍ଦର ଭୋଗଗୁଡ଼ିକ ଦ୍ୱାରା ଭରା ହୋଇ ରହିଥାଏ; ସେ ଦୁହେଁ ମଧୁ ଉଛୁଳା ଚର୍ମକୁ (ଚର୍ମଥଳିକୁ) ଧାରଣ କରିଥା'ନ୍ତି; ସେ ଦୁହେଁ ମଧୁ ବା ମାଧୁର୍ଯ୍ୟର ଅନ୍ୱେଷଣ କରନ୍ତି ଏବଂ ସବୁକିଛିକୁ ସେଥିରେ ଭରି ଦିଅନ୍ତି । ତେଣୁ ସେ ଦୁହେଁ ସେହି 'ଆନନ୍ଦ'ର ଫଳପ୍ରଦ ଶକ୍ତିଦ୍ୱୟ ଯାହା (ଆନନ୍ଦ) ଋତଚିତ୍ ମଧ୍ୟରୁ ପ୍ରବାହିତ ଏବଂ ତ୍ରିଲୋକରେ ଯାହା ବିବିଧ ପ୍ରକାରେ ଅଭିବ୍ୟକ୍ତ ହୋଇ ମନୁଷ୍ୟର ଯାତ୍ରାରେ ସହାୟକ ହୋଇଥାଏ । ତେଣୁ ସେ ଦୁହିଁଙ୍କ ଗତି ଓ କ୍ରିୟା ସର୍ବଲୋକରେ ପ୍ରସାରିତ ।

ତାଙ୍କର ନାମରୁ ଯାହା ସୂଚନା ମିଳେ ସେ ଦୁହେଁ ବିଶେଷତଃ ଅଶ୍ୱାରୋହୀ ଅଥବା ଅଶ୍ୱ-ଚାଳକ, ଅଶ୍ୱିନୌ – ମନୁଷ୍ୟ-ସତ୍ତାର ସବୁକୁ ସେମାନେ ଯାତ୍ରାର ପ୍ରତୀକଭାବେ ବ୍ୟବହାର କରନ୍ତି : ଆହୁରି ମଧ୍ୟ ସେମାନେ ମନୁଷ୍ୟମାନଙ୍କ ଚିନ୍ତାରେ କାର୍ଯ୍ୟ କରି ନିର୍ଦ୍ଦିଷ୍ଟ ସତ୍ୟଦିଗରେ ପରିଚାଳନା କରନ୍ତି । ସେମାନେ ଦେହକୁ ଦେଇଥା'ନ୍ତି ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଓ ସମଗ୍ରତା; ସେମାନେ ହେଉଛନ୍ତି ଦିବ୍ୟବୈଦ୍ୟ । ଅନ୍ୟ ଦେବତାମାନଙ୍କ ମଧ୍ୟରେ ଏହି ଦୁହେଁ ମନୁଷ୍ୟ ନିକଟକୁ ଆସି ତା' ପାଇଁ ଆରାମ ଓ ହର୍ଷ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇ ରହିଥା'ନ୍ତି, ଆଗମିଷ୍ଠା, ଶୁଭସ୍ପତୀ । କାରଣ ଏହା ହେଉଛି ସେ ଦୁହିଁଙ୍କର ବିଶିଷ୍ଟ ତଥା ପୂର୍ଣ୍ଣ କ୍ରିୟା । ମୁଖ୍ୟତଃ ଏ ଦୁହେଁ ହେଉଛନ୍ତି ମଙ୍ଗଳର ତଥା ଆନନ୍ଦର ଦେବତା, ଶୁଭସ୍ପତୀ ।

ଏହି ପ୍ରସ୍ତୁତ ସୂକ୍ତରେ ବାମଦେବଙ୍କ ଦ୍ୱାରା ଅଶ୍ୱିଦ୍ୱୟଙ୍କ ସ୍ୱରୂପ ନିରନ୍ତର ଗୁରୁତ୍ୱର ସହିତ ଉପସ୍ଥାପିତ ହୋଇଛି । ପ୍ରାୟ ସମସ୍ତ ମନ୍ତ୍ରରେ 'ମଧୁ', 'ମଧୁମାନ୍' ଶବ୍ଦ ତୁରନ୍ତିର ସମ୍ବନ୍ଧ ଅବିରତ ପୁନରାବୃତ୍ତି ଘଟିଛି । ଏହି ସୂକ୍ତଟି ସତ୍ତାର ମାଧୁର୍ଯ୍ୟ ପ୍ରତି ଉଦ୍ଦିଷ୍ଟ; ଆଧାରଗତ ଆନନ୍ଦର ଏହା ଏକ ସ୍ତୁତି ।

ଜ୍ୟୋତିଃଗୁଡ଼ିକ ମଧ୍ୟରେ ଯେ ମହାନ୍ 'ଜ୍ୟୋତିଃ', ଯିଏ 'ସତ୍ୟସୂର୍ଯ୍ୟ', ଯାହା ହେଉଛି ଋତଚିତ୍‌ର ପ୍ରଦୀପନ ତାହା ଜୀବନର ଗତିବୃତ୍ତି ମଧ୍ୟରୁ କ୍ରମେ ଉଦିତ ହେଉଛି, ତାହା ପ୍ରଦୀପ୍ତ 'ମନ' ବା 'ସ୍ୱର୍'କୁ ସୃଷ୍ଟି କରିବ, ଯାହା ନିମ୍ନସ୍ଥ ତ୍ରିବିଧ ଜଗତର ବିବର୍ତ୍ତନକୁ ପୂର୍ଣ୍ଣତା ପ୍ରଦାନ କରିବ, **ଏଷ ସ୍ୟଃ ଭାନୁଃ ଉଦିୟର୍ତି** । ମନୁଷ୍ୟ ମଧ୍ୟରେ 'ସୂର୍ଯ୍ୟ'ଙ୍କର ଏହି ଉଦୟ ଦ୍ୱାରା ଅଶ୍ୱିଦ୍ୱୟଙ୍କର ପୂର୍ଣ୍ଣ କ୍ରିୟାକଳାପ ସମ୍ଭବ ହୋଇଥାଏ; କାରଣ ଏହା 'ଋତ' ଦ୍ୱାରା 'ଉପଲବ୍ଧ' ଆନନ୍ଦ, ଯାହା ସ୍ୱର୍ଗୀୟ ଆନନ୍ଦରୁ ଅବଚରି ଆସିଥାଏ । ସେହି କାରଣରୁ ଅଶ୍ୱିଦ୍ୱୟଙ୍କ ରଥ ଏହି ଦ୍ୟୌଃରେ, ପ୍ରଦୀପ୍ତ ମନର ସେହି ଉତ୍ତର ବା ଲୋକରେ ଯୋଚା ହୋଇ ରହିଥାଏ । ସେହି ରଥ ସର୍ବବ୍ୟାପୀ; ଏହା ସର୍ବତ୍ର ଗମନ କରିଥାଏ । ଆମ ଚେତନାର ସକଳ ଲୋକରେ ଏହାର ତୀବ୍ରତା ମୁକ୍ତଭାବେ ସଂଚରି ଯାଇଥାଏ । **'ଯୁଜ୍ୟତେ ରଥଃ ପରିଜ୍ମା ଦିବୋ ଅସ୍ୟ ସାନବି ।'**

ଅଶ୍ୱିଦ୍ୱୟଙ୍କର ପୂର୍ଣ୍ଣ ସର୍ବବ୍ୟାପୀ ଗତିବିଧି ନିଜ ସହିତ ଆଣିଥାଏ ସତ୍ତାଗତ ଆନନ୍ଦର ସମସ୍ତ ସମ୍ଭାବ୍ୟ ଚରିତାର୍ଥତାର ପରିପୂର୍ଣ୍ଣତା । ବେଦର ଭାଷାରେ ପ୍ରତୀକାତ୍ମକ ଭାବେ କୁହାଯାଇଛି ଯେ ସେଦୁହିଁଙ୍କ ରଥସ୍ଥ ପରିତୃପ୍ତିଗୁଡ଼ିକ, **ପୃକ୍ଷାସଃ**, ତିନି ଯୁଗଳ (ମିଥୁନ)ରେ ଉପଲବ୍ଧ ହୋଇଥାଏ, **ପୃକ୍ଷାସଃ ଅସ୍ମିନ୍ ମିଥୁନା ଅଧି ତ୍ରୟଃ** । କର୍ମକାଣ୍ଡୀୟ ଟୀକାରେ ଏହି 'ପୃକ୍ଷାସ' ଶବ୍ଦଟିର ଅର୍ଥ 'ଅନ୍ନ' କରାଯାଇଛି, ସେହିପରି 'ପ୍ରୟସ୍' ଶବ୍ଦଟିର ମଧ୍ୟ । ଏଥିରେ ଥିବା ଧାତୁର ଅର୍ଥ ହେଉଛି ପରିଭୋଗ, ସମଗ୍ରତା, ତୃପ୍ତି ପ୍ରଭୃତି, ତା'ଛଡ଼ା ଭୌତିକ ଅର୍ଥରେ ''ସ୍ୱାଦୁତା'' ବା ତୃପ୍ତିକର ଅନ୍ନ ପ୍ରଭୃତି ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ

ପ୍ରହର୍ଷ, ଆମୋଦ ବା ତୃପ୍ତି ପ୍ରଭୃତି ଅର୍ଥ ଏଥିରେ ହୁଏତ ଥାଇପାରେ । ତାହା ହେଲେ ଅଶ୍ୱିଦ୍ୱୟଙ୍କ ରଥରେ ଯେଉଁ ସବୁ ପରିତୃପ୍ତି ବା ସ୍ୱାଦୁତା ପରିବହନ କରାଯାଇଛି ତାହା ତ୍ରିଯୁଗଳରେ ବିଭକ୍ତ; ଅଥବା ବାକ୍ୟାଂଶଟିର ସରଳ ଅର୍ଥ ଅନୁଯାୟୀ ସେମାନେ ତିନି କିନ୍ତୁ ନିବିଡ଼ଭାବେ ଏକତ୍ର ରହିଛନ୍ତି । ସେ ଯାହା ବି ହେଉ ଏହା ତ୍ରିବିଧ ତୃପ୍ତି ବା ସୁଖଭୋଗ ସହିତ ସମ୍ପର୍କିତ ଯାହା ଆମ ପ୍ରଗତିଶୀଳ ଚେତନାର ତ୍ରିବିଧ ଗତିବିଧି ବା ଜଗତର ଅନ୍ତର୍ଗତ,— ଦେହର ତୃପ୍ତି, ପ୍ରାଣର ତୃପ୍ତି, ମନର ତୃପ୍ତି । ସେମାନେ ଯଦି ତିନି ଯୁଗଳ ହେଲେ, ତେବେ ଆମେ ଅବଶ୍ୟ ବୁଝିବା ଯେ ଅଶ୍ୱିଦ୍ୱୟଙ୍କ ପରି ଦ୍ୱୈତ ତଥା ଆପେ ସଂଯୁକ୍ତ ଯୁଗଳ ପ୍ରତ୍ୟେକ ଲୋକର ରହିଛି, ଯାହା ଆନନ୍ଦର ଦ୍ୱୈତ ଗତିବୃତ୍ତି । ଏହି ଉଜ୍ଜ୍ୱଳ ତଥା ଶୁଭପ୍ରଦ 'ଯୁଗଳ'ଙ୍କ ପ୍ରଭେଦ ଦର୍ଶାଇବା ଅଥବା ଏହି ଉଭୟଙ୍କ ମଧ୍ୟରୁ ପ୍ରତ୍ୟେକେ କେଉଁ ଗୁଣର ବହୁଳ ପ୍ରତିନିଧିତ୍ୱ କରନ୍ତି ତାହା ନିର୍ଣ୍ଣୟ କରିବା ସ୍ୱୟଂ ବେଦ ପକ୍ଷେ ବି କଷ୍ଟସାଧ୍ୟ । 'ଋଭୁ'ତ୍ରୟଙ୍କ କ୍ଷେତ୍ରରେ ଆମକୁ ଯେପରି ସଙ୍କେତ ଦିଆଯାଇ ଥିଲା ଏ କ୍ଷେତ୍ରରେ ସେଭଳି କିଛି ସଙ୍କେତ ନାହିଁ । ତଥାପି ସ୍ୱର୍ଗସୁତଭାବେ ପରିଚିତ ସେହି ଯମଜଦ୍ୱୟଙ୍କର ଯେଉଁ ଗ୍ରୀକ୍ ନାମ "ଡିଓସ୍କୋରୋଇ" (Dioskouroi), **ଦିବୋ ନପାତା** (ବେଦ) ରହିଛି, ଏହିଠାରେ ରହିଛି କିଛି ଜାଣିବାର ସୂତ୍ର । ଜ୍ୟେଷ୍ଠଜଣଙ୍କ ନାମ "କାସ୍ତୋର" ଯିଏ ସମ୍ଭବତଃ 'କାସ୍ତୃ' ହୋଇ ପାରନ୍ତି, ଯାହାର ଅର୍ଥ 'ପ୍ରଭାସ୍ୱର ଦେବ'; କନିଷ୍ଠ ଜଣକ "ପୋଲୁଡ୍ୟୁକସ୍"[୨] ସମ୍ଭବତଃ ହୋଇପାରନ୍ତି 'ପୁରୁଦଂଶସ୍', ଯାହା ବେଦରେ 'ଅଶ୍ୱିଦ୍ୱୟ'ଙ୍କର ଏକ ବିଶେଷଣ ବୋଧକ ନାମ ରୂପେ ପ୍ରଯୁକ୍ତ ହୋଇଛି, ଯାହାର ଅର୍ଥ କର୍ମରେ ଯିଏ ବିବିଧ । ଯଦି ଏପରି ହୁଏ ତେବେ 'ଅଶ୍ୱିନ'ଙ୍କର ଯମଜଭାବେ ଜନ୍ମ ନେବା ଆମକୁ ସତତ ଦର୍ଶିତ ବୈଦିକ ଦ୍ୱୈତତା ସ୍ମରଣ କରାଇଦିଏ — ଶକ୍ତି ଓ ଜ୍ୟୋତିଃ, ଜ୍ଞାନ ଓ ସଂକଳ୍ପ, ଚେତନା ଓ ଊର୍ଜ୍ଜା, ଗୋ ଓ ଅଶ୍ୱ । ଅଶ୍ୱିଦ୍ୱୟ ଯେଉଁ ସମସ୍ତ ତୃପ୍ତି ଆମ ନିକଟକୁ ଆଣନ୍ତି ସେଥିରେ ଏହି ଦୁଇତତ୍ତ୍ୱ ଅବିଭାଜ୍ୟ ଭାବେ ଏକ ହୋଇ ରହିଛି; 'ଜ୍ୟୋତିଃ' ବା 'ଚେତନା' ଯେଉଁଠି ରୂପଗ୍ରହଣ କରିଛି ସେଥିରେ 'ଶକ୍ତି' ଓ 'ଊର୍ଜ୍ଜା' ବିଦ୍ୟମାନ; ଯେଉଁଠାରେ 'ଶକ୍ତି' ବା 'ଊର୍ଜ୍ଜା'ର ରୂପ ବିଦ୍ୟମାନ ସେଠାରେ 'ଆଲୋକ' ଓ 'ଚେତନା' ନିହିତ ।

କିନ୍ତୁ ସେ ଦୁହିଁଙ୍କ ରଥ ଆମ ନିମନ୍ତେ ଯେଉଁ ସମସ୍ତ ତୃପ୍ତି ବହନ କରିଥାଏ, ତାହା କେବଳ ଏହି ତିନି ସ୍ୱରୂପ ନୁହେଁ; ଅନ୍ୟ ଗୋଟିଏ ଅଛି, ତାହା ଚତୁର୍ଥ ତୃପ୍ତି, ମଧୁପୂର୍ଣ୍ଣ ଚର୍ମଥଳି ଏବଂ ଏହି ଚର୍ମଥଳିର ବହିର୍ଭାଗରେ ଏହି ମଧୁ କ୍ଷରିତ ହେଉଛି ତଥା ଉଛୁଳି ସବୁ

---

[୨] Poludeukes ର k ଅକ୍ଷରଟି ମୂଳତଃ 'ଶ' ଥିବାର ସଙ୍କେତ ଦେଉଛି; ସେହି ଅବସ୍ଥାରେ ନାମଟି ବୋଧହୁଏ "ପୁରୁଦଂଶସ୍" ଥିଲା; କିନ୍ତୁ ସେ କାଳର ଆର୍ଯ୍ୟ ଭାଷାଗୁଡ଼ିକର ପ୍ରାରମ୍ଭିକ ଚଳମାନ ଅବସ୍ଥାରେ ଉଷ୍ମବର୍ଣ୍ଣଗୁଡ଼ିକରେ ଏଭଳି ଅଦଳବଦଳ ବେଶ୍ ସାଧାରଣ କଥା ଥିଲା ।

ଆଡ଼କୁ ବହିଯାଉଛି । **ଦୃତିଃ ତୁରୀୟଃ ମଧୁନଃ ବି ରପ୍ଶତେ** । ମନ, ପ୍ରାଣ ଓ ଦେହ ଏମାନେ ହେଲେ ତିନି; ଚେତନାର ଚତୁର୍ଥ ସ୍ତର ତୁରୀୟ, ହେଉଛି ଅତିଚେତନ, ଋତଚିତ୍ । ଅଶ୍ୱିଦେବଦ୍ୱୟ ନିଜ ସହିତ ଏକ ଚର୍ମଥଳି, ଦୃତି, ଆଣନ୍ତି; ଆକ୍ଷରିକ ଅର୍ଥରେ ଏହା ଏକ କର୍ତ୍ତିତ ବା ଛିନ୍ନ ବସ୍ତ୍ର, ଋତଚିତ୍‌ର ଏକ ଆଂଶିକ ଗଠନ, ଯେଉଁଥିରେ ଅତିଚେତନ ଆନନ୍ଦର ମଧୁକୁ ରଖିବାର ଅଛି; କିନ୍ତୁ ଏହା ତାହାକୁ ଧରି ରଖି ପାରିବ ନାହିଁ; ସେହି ଅପରାଜେୟ ଭାବେ ଭରି ରହିଥିବା ପ୍ରାଚୁର୍ଯ୍ୟ ତଥା ଅସୀମ ମଧୁରତା ଫାଟି ପଡ଼ୁଛି ଏବଂ ଆମର ସମଗ୍ର ଅସ୍ତିତ୍ୱକୁ ଆନନ୍ଦସିକ୍ତ କରି କରି ସବୁଆଡ଼କୁ ଉଛୁଳି ପଡ଼ୁଛି । [ମନ୍ତ୍ର-୧]

ସେହି ମଧୁ ଦ୍ୱାରା ତୃପ୍ତିର ଯେଉଁ ଯୁଗଳତ୍ରୟ – ମାନସିକ, ପ୍ରାଣିକ, ଦୈହିକ – ସେମାନେ ଏହି ସର୍ବବ୍ୟାପକ ତଥା ଉଛୁଳା ପ୍ରାଚୁର୍ଯ୍ୟ ଦ୍ୱାରା ସଂସିକ୍ତ ହୋଇ ତାହାର ମାଧୁର୍ଯ୍ୟରେ ମଧୁମୟ ହୋଇଯାଆନ୍ତି, **ମଧୁମନ୍ତଃ** । ଏବଂ ସେମାନେ ଏପରି ହେବା ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱଗମନ କରିବା ଆରମ୍ଭ କରିଦିଅନ୍ତି । ନିମ୍ନ ଜଗତରେ ଆମର ଯାବତୀୟ ତୃପ୍ତି ଦିବ୍ୟ ଆନନ୍ଦର ସ୍ୱର୍ଗରେ ଅତିଚେତନା ପ୍ରତି, 'ସତ୍ୟ' ପ୍ରତି, ଦିବ୍ୟ ଆନନ୍ଦ ପ୍ରତି ଆକର୍ଷିତ ହୋଇ ଊର୍ଦ୍ଧ୍ୱଦିଗରେ ଅପ୍ରତିରୋଧ ଭାବେ ଉଡ଼ିବାରେ ଲାଗନ୍ତି । କାରଣ, ଗୁପ୍ତଭାବେ ହେଉ ବା ମୁକ୍ତଭାବେ ହେଉ, ସଚେତନ ଭାବେ ହେଉ ବା ଅବଚେତନ ଭାବେ ହେଉ, ସତ୍ତାର ଆନନ୍ଦ ହେଉଛି ଆମର ସମସ୍ତ କାର୍ଯ୍ୟକଳାପର ନେତା, ଏବଂ ସେହି ଯୁଗଳତ୍ରୟ ସହିତ ସେହି ଦେବଗଣଙ୍କର ସମସ୍ତ ରଥ ଓ ଅଶ୍ୱ ଊର୍ଦ୍ଧ୍ୱ-ଉଦ୍‌ଗୟନ କରିବାରେ ଲାଗି ଯାଆନ୍ତି । ଆମ ସତ୍ତାର ଯେତେ ବିବିଧ ଗତିବୃତ୍ତି, ସେସବୁରେ ବେଗ ପ୍ରଦାନ କରୁଥିବା 'ଶକ୍ତି'ର ଯେତେ ସ୍ୱରୂପ ସମସ୍ତେ 'ସତ୍ୟ'ର ଊର୍ଦ୍ଧ୍ୱଗ ଆଲୋକକୁ ଅନୁସରଣ କରନ୍ତି ତାହାର ନିବାସ ଅଭିମୁଖେ । **ଉତ୍ ବାଂ ପୃକ୍ଷାସଃ ମଧୁମନ୍ତଃ ଈରତେ, ରଥା ଅଶ୍ୱାସଃ ଉଷସଃ ବ୍ୟୁଷ୍ଟିଷୁ** ।

'' 'ଉଷା'ଙ୍କ ବିପୁଳ ପ୍ରଭାରାଶି ମଧ୍ୟରେ'' ସେମାନେ ଉତ୍‌ଥିତ ହୁଅନ୍ତି; କାରଣ ଉଷା ହେଉଛନ୍ତି ସତ୍ୟର ପ୍ରଭା, ସେ ଆମର ମନୋଭୂମିରେ ଏଇଥିପାଇଁ ଉଦିତା ହୁଅନ୍ତି ଯେ ଆମ ସତ୍ତାର ଅନ୍ଧକାର ବା ଅର୍ଦ୍ଧାଲୋକିତ ରାତ୍ରି ମଧ୍ୟକୁ ପୂର୍ଣ୍ଣଚେତନାରୂପକ ଦିନକୁ ନେଇ ଆସିବେ । ସେ ଆମ ମଧ୍ୟକୁ 'ଦକ୍ଷିଣା' ରୂପେ ଆସନ୍ତି ଯିଏ ହେଉଛନ୍ତି ବିଶୁଦ୍ଧ ସମ୍ବୋଧିଗତ ବିବେକ ଏବଂ ଆମ ମଧ୍ୟରେ ବିଦ୍ୟମାନ 'ଦେବ' ଶକ୍ତି 'ଅଗ୍ନି' ଯିଏ 'ସତ୍ୟ' ପ୍ରତି ଅଭୀପ୍ସା କରିବା ବେଳେ ତାଙ୍କରି ମଧ୍ୟରେ ପରିପୁଷ୍ଟ ହୋଇଥା'ନ୍ତି; ଅଥବା ସେ ଆସନ୍ତି 'ସରମା' ରୂପେ ଯିଏ ହେଉଛନ୍ତି ଆବିଷ୍କାରଶୀଳା ସମ୍ବୋଧି, ସେ ଅବଚେତନାର ସେହି ଗୁହା ମଧ୍ୟକୁ ଭେଦି ଯାଆନ୍ତି ଯେଉଁଠି ଇନ୍ଦ୍ରିୟ-କ୍ରିୟାରୂପକ କୃପଣ ପ୍ରଭୁଗଣ ସୂର୍ଯ୍ୟଙ୍କ ଦୀପ୍ତ ଗୋଧନକୁ ଲୁଚାଇ ରଖିଥାନ୍ତି ଏବଂ 'ଇନ୍ଦ୍ର'ଙ୍କୁ ସେକଥା ସୂଚିତ କରିଥା'ନ୍ତି । ତା'ପରେ

ଉଚ୍ଚ ମନର ଅଧିପତି (ଇନ୍ଦ୍ର) ଆସି ଗୁହାକୁ ବିଦୀର୍ଣ୍ଣ କରନ୍ତି ଏବଂ ଗୋ-ଗୋଷ୍ଠକୁ ଉର୍ଦ୍ଧ୍ୱକୁ ଅଡ଼େଇ ନିଅନ୍ତି, **ଉଦାଜତ୍**, ସେହି ଉର୍ଦ୍ଧ୍ୱ ସ୍ଥାନର ଅର୍ଥ 'ଋତଚିତ୍', ଦେବଗଣଙ୍କର ସ୍ୱକୀୟ ନିବାସ, ସେହି ଦିଗରେ । ଆମର ସଚେତନ ଅସ୍ତିତ୍ୱ ହେଉଛି ଏକ ସାନୁମାନ୍ (ଅଦ୍ରି) ଯେଉଁଥିରେ ରହିଛି କ୍ରମୋତ୍ତର ଅନେକ ଶିଖର, **ସାନୂନି**; ଅବଚେତନାରୂପକ ଗୁହା ରହିଛି ନିମ୍ନରେ; ଆମେ ଉର୍ଦ୍ଧ୍ୱଦିଗରେ 'ସତ୍ୟ' ଓ 'ଆନନ୍ଦ'ର ଦେବତାଙ୍କ ପ୍ରତି, ଯେଉଁଠି ଅମୃତତ୍ୱର ଆସନଗୁଡ଼ିକ ବିଦ୍ୟମାନ ତାହାରି ପ୍ରତି ଆରୋହଣ କରୁଛୁ, **ୟତ୍ରାମୃତାସ ଆସତେ** ।[୩]

'ଅଶ୍ୱିନଦ୍ୱୟ'ଙ୍କ ଏହି ଯେଉଁ ରଥ ଯେଉଁଥିରେ ରହିଛି ଉର୍ଦ୍ଧ୍ୱାୟିତ ତଥା ରୂପାନ୍ତରିତ ତୃପ୍ତିଗୁଡ଼ିକର ଭାର ତାହାରି ଉର୍ଦ୍ଧ୍ୱ ଗତିବୃତ୍ତି ଦ୍ୱାରା ଆମ ମଧ୍ୟସ୍ଥ ସତ୍ତାଗୁଡ଼ିକର ଜଗତଗୁଡ଼ିକୁ ଘୋଟିକରି ରହିଥିବା 'ରାତ୍ରି'ର ଆବରଣ ଅପସୃତ ହୋଇଥାଏ । ମନ, ପ୍ରାଣ, ଦେହରୂପକ ଏହି ଜଗତଗୁଡ଼ିକ 'ସତ୍ୟସୂର୍ଯ୍ୟ'ଙ୍କ କିରଣଜାଳ ପ୍ରତି ଉନ୍ମୁକ୍ତ ହୋଇଥା'ନ୍ତି । ଆମ ମଧ୍ୟସ୍ଥ ଏହି ନିମ୍ନଜଗତ, **ରଜଃ**, ନିଜର ସମସ୍ତ ଶକ୍ତି ଓ ତୃପ୍ତି ଏହି ଉର୍ଦ୍ଧ୍ୱାରୋହଣାତ୍ମକ ଗତିବୃତ୍ତି ଦ୍ୱାରା ଯେପରି ବିସ୍ତାରିତ ତଥା ରୂପାୟିତ ହୋଇଥାଏ ତାହା ପ୍ରାପ୍ତ କରିଥାଏ ସେହି ଆଲୋକିତ ବୋଧିମାନସର ଭାସ୍ୱରତା 'ସ୍ୱର୍'କୁ ଯାହା ଫଳରେ ଏହା ଉର୍ଦ୍ଧ୍ୱତର 'ଜ୍ୟୋତିଃ'କୁ ସିଧାସଳଖ ଗ୍ରହଣ କରିଥାଏ । ଆମର ମନ, କ୍ରିୟା, ପ୍ରାଣ, ଆବେଗ, ସତ୍ତ୍ୱ – ସବୁକିଛି ଦିବ୍ୟ 'ସୂର୍ଯ୍ୟ'ଙ୍କର ତେଜଃ ଓ ସମ୍ବୋଧିରେ, ଶକ୍ତି ଓ ଜ୍ୟୋତିଃରେ ଭରିଯାଇଥାଏ,– **ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ** ।[୪] ନିମ୍ନର ମାନସିକ ଅସ୍ତିତ୍ୱ ଉଚ୍ଚତର 'ଦେବ'ଙ୍କର ସ୍ୱରୂପ ଓ ପ୍ରତିଫଳନରେ ରୂପାନ୍ତରିତ ହୋଇଯାଏ । **ଅପୋର୍ଣୁବନ୍ତଃ ତମ ଆ ପରୀବୃତମ୍, ସ୍ୱଃ ନ ଶୁକ୍ରଂ ତନ୍ୱନ୍ତ ଆ ରଜଃ** । (ମନ୍ତ୍ର-୨)

ଏହି ଋଚାଟିରେ (୨ୟ ଋଚା) ଅଶ୍ୱିନଦ୍ୱୟଙ୍କର ପୂର୍ଣ୍ଣ ତଥା ଅନ୍ତିମ ଗତିବୃତ୍ତିର ସାଧାରଣ ବର୍ଣ୍ଣନା ଶେଷ ହୋଇଛି । ତୃତୀୟ ଋଚାରେ ଋଷି ବାମଦେବ ତାଙ୍କ ନିଜ ଉର୍ଦ୍ଧ୍ୱାରୋହଣ, ତାଙ୍କ ନିଜ 'ସୋମ'-ହବି, ନିଜ ପଥଯାତ୍ରା ତଥା ଯଜ୍ଞ ପ୍ରଭୃତି ଦିଗରେ ମୁଖ ଫେରାଇଛନ୍ତି; ଏଥିପାଇଁ ସେ ସେହି ଦୁହିଁଙ୍କର ଆନନ୍ଦଦାୟକ ତଥା ଗୌରବବର୍ଦ୍ଧକ କ୍ରିୟାକୁ ଦାବି କରୁଛନ୍ତି । ଅଶ୍ୱିନଦ୍ୱୟଙ୍କ ମୁଖ ସୃଷ୍ଟି ହୋଇଛି ମଧୁପାନ କରିବା ନିମନ୍ତେ; ତା'ହେଲେ ଋଷିଙ୍କ ଯଜ୍ଞରେ ସେ ଦୁହେଁ ତାହା ପାନ କରନ୍ତୁ । **ମଧ୍ୱଃ ପିବତଂ ମଧୁପେଭିଃ ଆସଭିଃ** । ମଧୁ ନିମନ୍ତେ ସେ ଦୁହେଁ ନିଜ ରଥକୁ ଯୋଚା କରନ୍ତୁ, ତାଙ୍କ ରଥ

---

[୩] ଋଗ୍ବେଦ, ୯/୧୫/୨ ।

[୪] ଗାୟତ୍ରୀମନ୍ତ୍ରର ଏହା ସେହି ପ୍ରସିଦ୍ଧ ଅଂଶ, ଋ. ୩/୬୨/୧୦ ।

ମନୁଷ୍ୟମାନଙ୍କର ପ୍ରିୟ; ଉତ ପ୍ରିୟଂ ମଧୁନେ ଯୁଞ୍ଜାଥାଂ ରଥମ୍ । କାରଣ ମନୁଷ୍ୟର ଗତିକୁ, ତା'ର ପ୍ରଗତିଶୀଳ କର୍ମଧାରାକୁ ତଥା ଏହାର ସକଳ ପଛାକୁ ଏ ଦୁହେଁ ସେହି ନିର୍ଦ୍ଦିଷ୍ଟ ମଧୁ ତଥା 'ଆନନ୍ଦ'ର ମାଧୁର୍ଯ୍ୟରେ ରଚନା କରିଛନ୍ତି । ଆ କର୍ତ୍ତଂ ମଧୁନା ଜିନ୍ୱଥଃ ପଥଃ । କାରଣ ସେ ଦୁହେଁ ଏଉଳି ମଧୁଚର୍ମ ଥଳି ବହନ କରୁଛନ୍ତି ଯେଉଁଥିରେ ତାହା ପୂରା ଭରିଯାଇଛି ଓ ଉଛୁଳି ପଡୁଛି । ଦୃତିଂ ବହେଥେ ମଧୁମନ୍ତମ୍ ଅଶ୍ୱିନା । ଅଶ୍ୱିନଦ୍ୱୟଙ୍କ ଶ୍ରମ ହେତୁ ଆନନ୍ଦ ଅଭିମୁଖେ ମାନବର ଅଗ୍ରଗତି ଆନନ୍ଦପ୍ରଦ ହୋଇଥାଏ; ତା'ର ସମସ୍ତ ଯାତ୍ରା, ସଂଗ୍ରାମ ତଥା ପ୍ରଚେଷ୍ଟା ଦିବ୍ୟହର୍ଷରେ ପୂରି ଉଠିଥାଏ । 'ସତ୍ୟ' ଦ୍ୱାରା 'ସତ୍ୟ' ପ୍ରତି ପ୍ରଗତି ଘଟିଥାଏ, ଏହି ଯେଉଁ କଥାଟି ବେଦରେ କୁହାଯାଇଛି, ସେହି ଅନୁସାରେ ମାନସିକ ଓ ଦୈହିକ ଚେତନାଗତ ସତ୍ୟର ବିକାଶଶୀଳ ବିଧାନ ଦ୍ୱାରା ଆମେ ପରିଣାମତଃ ମନ ଓ ଦେହକୁ ଅତିକ୍ରମ କରି ଅତିଚେତନ 'ସତ୍ୟ'ରେ ଉପନୀତ ହେଉ, ସେହି କାରଣରୁ ଏଠାରେ ଏକ ସଂକେତ ରହିଛି ଯେ 'ଆନନ୍ଦ' ଦ୍ୱାରା ହିଁ 'ଆନନ୍ଦ' ପ୍ରତି ଅଗ୍ରଗତି ଘଟିଥାଏ,— ଆମ ସମସ୍ତ ସତ୍ତାରେ ଏକ ଦିବ୍ୟହର୍ଷର ବିକାଶ ଦ୍ୱାରା ହିଁ ଆମ ସକଳ କ୍ରିୟାକଳାପରେ ଆମେ ଅତିଚେତନ ଆନନ୍ଦକୁ ପ୍ରାପ୍ତ ହୋଇଥାଉ । (୩ୟ ମନ୍ତ୍ର)

ଉର୍ଦ୍ଧ୍ୱ ଦିଗରେ ଏହି ଗତିବିଧିରେ ଅଶ୍ୱିନଦ୍ୱୟଙ୍କ ରଥବାହକ ଅଶ୍ୱଗଣ ପକ୍ଷୀରୂପେ ଅର୍ଥାତ୍ ହଂସରୂପେ ବଦଳି ଯାଆନ୍ତି, ହଂସାସଃ । ବେଦୋକ୍ତ 'ପକ୍ଷୀ' ପ୍ରାୟ ସବୁବେଳେ ମୁକ୍ତ ତଥା ଉର୍ଦ୍ଧ୍ୱଦିଗ ପ୍ରତି ଉଡ୍ଡୀନ ଆତ୍ମାର ପ୍ରତୀକ, ଅନ୍ୟ କ୍ଷେତ୍ରରେ ଏହା ପ୍ରମୁକ୍ତ ତଥା ଉର୍ଦ୍ଧ୍ୱକୁ, ଆମ ସତ୍ତାର ଉଚ୍ଚ ଶିଖର ଦିଗରେ ଉଡ଼ି ଚାଲୁଥିବା ଶକ୍ତିର ପ୍ରତୀକ, ଯିଏ ମୁକ୍ତପକ୍ଷରେ ସବୁ ଦିଗରେ ଉଡ଼ିପାରୁଥାଏ, 'ଅଶ୍ୱ' ବା ପ୍ରାଣଶକ୍ତିର ସାଧାରଣ ସୀମିତ ଗତି ବା ଶ୍ରମଶୀଳ ଦୌଡ଼ ମଧ୍ୟରେ ସଂଶ୍ଳିଷ୍ଟ ହୋଇ ନଥାଏ । ଆନନ୍ଦର ଏହି ଦେବଦ୍ୱୟଙ୍କ ସ୍ୱତନ୍ତ୍ର ରଥକୁ ଆକର୍ଷଣ କରୁଥିବା ଶକ୍ତିଗୁଡ଼ିକ ସେତିକି ବେଳେ ଏହିଭଳି ହୋଇ ଉଠିଥା'ନ୍ତି ଯେତେବେଳେ ସତ୍ୟସୂର୍ଯ୍ୟ ଆମ ଆଧାରରେ ଉଦିତ ହୁଅନ୍ତି । ଏହି ପକ୍ଷଯୁକ୍ତ ଗତିବୃତ୍ତିଗୁଡ଼ିକ ମଧୁପୂର୍ଣ୍ଣ, ମଧୁମନ୍ତଃ, ଯାହା ଉଛୁଳିପଡୁଥିବା ଚର୍ମଥଳିରୁ ଝରିପଡୁଛି । ସେହିମାନେ ଅଜେୟ, ଅସ୍ରିଧଃ, ତାଙ୍କ ଉଡ଼ାଣରେ କୌଣସି ପ୍ରକାର ଆଘାତ ପାଇ ନଥା'ନ୍ତି; ଅଥବା, ଏହାର ଭାବାର୍ଥ ଏପରି ହୋଇପାରେ, ସେମାନେ ମିଥ୍ୟା ବା ଆଘାତଦାୟକ ଗତି କରନ୍ତି ନାହିଁ । ଆହୁରି ମଧ୍ୟ ସେମାନେ ସୁବର୍ଣ୍ଣ ପକ୍ଷଯୁକ୍ତ, ହିରଣ୍ୟପର୍ଣାଃ । ସୁବର୍ଣ୍ଣ ହେଉଛି 'ସୂର୍ଯ୍ୟ'ଙ୍କ ଆଭାର ପ୍ରତୀକାତ୍ମକ ବର୍ଣ୍ଣ । ଏହି ସମସ୍ତ ଶକ୍ତିରେ ଯୁକ୍ତ ପକ୍ଷଗୁଡ଼ିକ ଜ୍ୟୋତିର୍ମୟ ଜ୍ଞାନରେ ପରିପୂର୍ଣ୍ଣ, ପରିତୃପ୍ତ ତଥା ସିଦ୍ଧିଦାୟିନୀ ଗତିବୃତ୍ତିରୂପେ ଅଭିହିତ, ପର୍ଣ । କାରଣ 'ଉଷା'ଙ୍କ ଆଗମନ ସହ ଏହି ବିହଙ୍ଗଗଣ ପ୍ରବୋଧିତ ହୋଇଥା'ନ୍ତି; ଏହିମାନେ ହେଲେ ପକ୍ଷଧାରୀ ଶକ୍ତିଗଣ, ଏମାନେ ନିଜ ନୀଡ଼ଗୁଡ଼ିକରୁ ସେତିକିବେଳେ ନିର୍ଗତ ହୋଇଥା'ନ୍ତି ଯେତେବେଳେ

ସ୍ୱର୍-ତନୟା (ଉଷା) ଆମ ମାନବୀୟ ମାନସ ସ୍ତରଗୁଡ଼ିକ ଉପରେ ପ୍ରଭାବ ପକାଇଥା'ନ୍ତି, **ଦିବୋ ଅସ୍ୟ ସାନବି** । କ୍ଷିପ୍ର-ସଂଚାରୀ ଯମଜଦ୍ୱୟଙ୍କ (ଅଶ୍ୱିନୌ) ରଥର ଏହି ହଂସମାନେ ହେଲେ ବାହନ । **ହଂସାସୋ ଯେ ବାଂ ମଧୁମନ୍ତୋ ଅସ୍ରିଧୋ, ହିରଣ୍ୟପର୍ଣା ଉହୁବ ଉଷର୍ବୁଧଃ** ।

ମଧୁମୟ ଏହି ପକ୍ଷଧାରୀ ଶକ୍ତିରାଜି ଊର୍ଦ୍ଧ୍ୱକୁ ଉଡ୍ଡୀନ ହେବା ମାତ୍ରେ ସ୍ୱର୍ଲୋକର ଛଟ୍ଟରାଶିକୁ ଆମ ଉପରେ ବର୍ଷଣ କରିଥା'ନ୍ତି, ଅର୍ଥାତ୍ ଉଚ୍ଚ ମାନସିକ ଚେତନାର ପୂର୍ଣ୍ଣ ବର୍ଷଣ; ସେହି ଶକ୍ତିଗଣ ନିଜ ମୂଳ ପ୍ରବୃତ୍ତିରେ ଆନନ୍ଦ, ପ୍ରହର୍ଷ, ଅମର-ଆସବର ଉନ୍ମାଦନା ଅଟନ୍ତି; ଆହୁରି ମଧ୍ୟ ଏମାନେ ସେହି ପରା ଚେତନାର ସଂସ୍ପର୍ଶରେ ତଥା ସଚେତନ ସମ୍ପର୍କରେ ଆସନ୍ତି ଯାହା ସେହି ଦିବ୍ୟ ଆନନ୍ଦ ମଧ୍ୟରେ ନିତ୍ୟ ଅବସ୍ଥିତା, ସ୍ୱକୀୟ ଦିବ୍ୟମାଦକତାରେ ନିତ୍ୟ ଉଲ୍ଲସିତା । **ଉଦପ୍ରୁତୋ ମନ୍ଦିନୋ ମନ୍ଦିନିସ୍ପୃଶଃ** । ସେହିମାନଙ୍କ ଆକର୍ଷଣରେ ଟଣା ହୋଇ ଏହି ଆନନ୍ଦ-ଦେବତାଦ୍ୱୟ ମଧୁସ୍ରାବ ପ୍ରତି ମଧୁମକ୍ଷିଗଣଙ୍କ ଆଗମନ ପରି ଋଷିଙ୍କ ସୋମ-ହବିଃ ଅଭିମୁଖେ ଆସିଥା'ନ୍ତି; **ମଧ୍ୱୋ ନ ମକ୍ଷଃ ସବନାନି ଗଚ୍ଛଥଃ** । ସ୍ୱୟଂ ମଧୁସ୍ରଷ୍ଟା ସେମାନେ ମଧୁମକ୍ଷିକା ଭଳି ସେହି ମଧୁ ଅନ୍ୱେଷଣ କରୁଥା'ନ୍ତି ଯାହା ସେମାନଙ୍କ ପାଇଁ ଅଧିକ ଆନନ୍ଦର ଉପାଦାନ ହୋଇପାରିବ । (୪ର୍ଥ ମନ୍ତ୍ର)

ଜ୍ଞାନଦୀପ୍ତିର ସେହି ସମାନ ଗତିବୃତ୍ତି ଯଜ୍ଞକ୍ରିୟାରେ ଯେ ହୋଇଥାଏ ତାହା ଅଶ୍ୱିନଦ୍ୱୟଙ୍କ ଊର୍ଦ୍ଧ୍ୱମୁଖୀ ଉଡ୍ଡ଼ୟନର ପରିଣାମ ରୂପେ ପୂର୍ବେ ବର୍ଣ୍ଣିତ ହୋଇସାରିଛି, ତାହାକୁ ଏଠାରେ ଅଗ୍ନିଙ୍କ ଜ୍ୱଳନଗୁଡ଼ିକର ସହାୟତାରେ ଫଳପ୍ରଦ ହୋଇଥାଏ ବୋଲି ବର୍ଣ୍ଣନା କରାଯାଉଛି । କାରଣ, ସେହି 'ସଂକଳ୍ପ'ର ଅଗ୍ନିଶିଖାଗୁଡ଼ିକ, ଆତ୍ମସତ୍ତା ମଧ୍ୟରେ ଜାଜ୍ୱଲ୍ୟମାନ ସେହି ଦିବ୍ୟ 'ଶକ୍ତି', ଏ ସମସ୍ତେ ମଧ୍ୟ ଉଚ୍ଛୁଳା ମଧୁରେ ପ୍ରସିକ୍ତ ହୋଇ ଯାଉଛନ୍ତି, ସେହି କାରଣରୁ ସେମାନେ ଯଜ୍ଞକୁ ପ୍ରଗତିଶୀଳଭାବେ ଲକ୍ଷ୍ୟ ଦିଗରେ ଚଳେଇ ନେବାର ଯେଉଁ ସ୍ୱକୀୟ ମହତ୍ କର୍ମ[୫] ତାହାର ପରିପୂର୍ଣ୍ଣ ଅନୁଷ୍ଠାନ କରିପାରନ୍ତି । ସେହି ପ୍ରଗତି ନିମନ୍ତେ ସେମାନେ ନିଜର ଜ୍ୱାଳାମୟୀ ଜିହ୍ୱା ଦ୍ୱାରା ଅଶ୍ୱିନଦ୍ୱୟଙ୍କ ପ୍ରତ୍ୟହ ମିଳନ ଅଭିଳାଷ କରନ୍ତି ଯିଏ ବୋଧି-ଜ୍ଞାନର ଭାସ୍ୱରତାରେ ପ୍ରଦୀପ୍ତ ଏବଂ ସେମାନଙ୍କର ଆଗ୍ନେୟ ଶକ୍ତି[୬] ରୂପକ ବିଚାର ଦ୍ୱାରା ସେମାନଙ୍କୁ ତୋଳି ଧରିଥା'ନ୍ତି । **ସ୍ୱଧ୍ୱରାସୋ ମଧୁମନ୍ତଃ ଅଗ୍ନୟଃ ଉସ୍ରା ଜରନ୍ତେ ପ୍ରତି ବସ୍ତୋରଶ୍ୱିନା** ।

---

୫ ଅଧ୍ୱର – ଯଜ୍ଞ ପ୍ରତି ଉଦ୍ଦିଷ୍ଟ ଏହି ଶବ୍ଦଟି ପ୍ରକୃତରେ ଏକ ବିଶେଷଣ ପଦ ଏବଂ ଏହାର ପୂର୍ଣ୍ଣ ଉକ୍ତିଟି ହେଉଛି **ଅଧ୍ୱର ଯଜ୍ଞ**, ଅର୍ଥାତ୍ ଅଧ୍ୱା ବା ପଥରେ ସଞ୍ଚରଣ କରୁଥିବା ଯଜ୍ଞକର୍ମ, ଏହା ଏପରି ଏକ ଯଜ୍ଞ ଯାହାର ସ୍ୱଭାବ ହେଉଛି ପ୍ରଗତି ତଥା ଯାତ୍ରା । ଏହି ଯଜ୍ଞର ନେତା ହେଉଛନ୍ତି 'ଅଗ୍ନି', ଦିବ୍ୟ 'ସଂକଳ୍ପ' ।

୬ ଶବୀରୟା ଧିୟା, ଋ. ୧।୩।୨ ।

ଏହି ଆଗ୍ନେୟ ଅଭୀପ୍ସା ସେତିକିବେଳେ ଉତ୍ପନ୍ନ ହୁଏ ଯେତେବେଳେ ସେହି 'ଯାଜକ' ବିଶୁଦ୍ଧ ହସ୍ତ ଦ୍ୱାରା, ପୂର୍ଣ୍ଣ ବିବେକଯୁକ୍ତ ଦୃଷ୍ଟି ଦ୍ୱାରା, ନିଜର ଆତ୍ମଶକ୍ତି ଦ୍ୱାରା ଯାତ୍ରା କରନ୍ତି ତାଙ୍କ ଯାତ୍ରାର ଅନ୍ତିମ ପଦ ପର୍ଯ୍ୟନ୍ତ, ଯଜ୍ଞର ଲକ୍ଷ୍ୟରେ ଉପନୀତ ହେବା ପର୍ଯ୍ୟନ୍ତ ସମସ୍ତ ବାଧାବିଘ୍ନ ମଧ୍ୟଦେଇ ତଥା ସମସ୍ତ ଅବରୋଧକଙ୍କୁ ପ୍ରତିହତ କରି ଏବଂ ଯେତେବେଳେ ସେ ପେଷା ପଥର ଦ୍ୱାରା ଅମରତ୍ୱଦାୟକ ମଦ୍ୟକୁ ନିଷ୍ପାସିତ କରିଥିବେ ତଥା ଅଶ୍ୱିଦ୍ୱୟଙ୍କ ମଧ୍ୟରେ ବି ତାହା ପରିପୂର୍ଣ୍ଣ ହୋଇ ଉଠିଥିବ । **ଯଜ୍ଞିଭହସ୍ତ-ସ୍ତରଣିର୍ବିଚକ୍ଷଣଃ ସୋମଂ ସୁଷାବ ମଧୁମନ୍ତମଦ୍ରିଭିଃ** । କାରଣ, ବସ୍ତୁଗୁଡ଼ିକରୁ ମିଳୁଥିବା ବୈୟକ୍ତିକ ପ୍ରହର୍ଷ ଅଶ୍ୱିଦ୍ୱୟଙ୍କର ତ୍ରିବିଧ ତୃପ୍ତିରୁ ଲାଭ ହୋଇଥାଏ, ଚତୁର୍ଥ ତୃପ୍ତିଟି ଦ୍ୱାରା 'ସତ୍ୟ' ମଧ୍ୟରୁ ଝରି ପଡ଼ୁଥିବା ଆନନ୍ଦଲାଭ । **'ନିଭହସ୍ତଃ'** ଅର୍ଥାତ୍ **ଯଜ୍ଞର ବିଶୋଧିତ** ହସ୍ତମାନ ହେଉଛି ସମ୍ଭବତଃ ବିଶୋଧିତ ଶାରୀର ସତ୍ତାର ପ୍ରତୀକ[୭]; ବିଶୋଧିତ ପ୍ରାଣଶକ୍ତିରୁ ଆସିଥିବା ଶକ୍ତି; ସ୍ପଷ୍ଟ ମାନସିକ ଦୃଷ୍ଟିର ଶକ୍ତି, 'ବିଚକ୍ଷଣ', ସତ୍ୟ-ଦୀପ୍ତ ମନର ସୂଚକ । ଅଶ୍ୱିନଙ୍କର ତ୍ରିବିଧ ତୃପ୍ତି ଉପରେ ମଧୁ ଉଛୁଳି ପଡ଼ିବା ନିମନ୍ତେ ମନ ପ୍ରାଣ ଓ ଦେହ କ୍ଷେତ୍ରରେ ଏହିସବୁ ହେଉଛି ସର୍ତ୍ତ । (୫ମ ମନ୍ତ୍ର)

ଯଜ୍ଞକର୍ତ୍ତା ଯେତେବେଳେ ଯଜ୍ଞରେ ଏହି ଭାବେ ବସ୍ତୁଗୁଡ଼ିକର ମଧୁରତା ଆନନ୍ଦକୁ ନିଗାଡ଼ି ଆଣନ୍ତି ସେତେବେଳେ 'ଆସ୍ୟହାଗ୍ନି'ଙ୍କ ଶିଖାଗୁଡ଼ିକ ସେସବୁକୁ ସମୀପରୁ ପାନ କରିବାକୁ ସମର୍ଥ ହୁଅନ୍ତି, ସେମାନେ ସେସବୁକୁ **ଅଳ୍ପ ଅଳ୍ପ କରି ପାନ କରନ୍ତି ନାହିଁ** ଅଥବା କଷ୍ଟରେ ଦୂର ସ୍ଥାନରୁ ତଥା ଚେତନାର ଅପହଞ୍ଚ ସ୍ତରରୁ ସେସବୁକୁ ଆଣିବାକୁ ବାଧ ହୁଅନ୍ତି ନାହିଁ । ସେହି ହେତୁ, ସେମାନେ ତତ୍କ୍ଷଣାତ୍ ତଥା ଅବାଧରେ ତାହାକୁ ପାନ କରିବା ପୂର୍ବକ ଉଲ୍ଲସିତ ଶକ୍ତି ଓ ଗତିତୀବ୍ରତାରେ ପରିଣତ ହୁଅନ୍ତି ଏବଂ ଆମ ନିମ୍ନତର ଚେତନାକୁ ମୁକ୍ତ ତଥା ଜ୍ଞାନଦୀପ୍ତ 'ମନଃ'ରୂପକ ଜଗତର ଭାସ୍ୱର ରୂପ ମଧ୍ୟକୁ ପ୍ରସାରିତ କରି ନେଇ ଗଢ଼ିତୋଳିବା ନିମନ୍ତେ ଆମ ସତ୍ତାରୂପକ କ୍ଷେତ୍ର ଉପରେ ଧାବନଶୀଳ ତଥା ତୀବ୍ର ସଂଚଳନଶୀଳ ହୁଅନ୍ତି । **ଆକେ-ନିପାସଃ ଅହଭିଃ ଦବିଧ୍ୱତଃ, ସ୍ୱଃ ନ ଶୁକ୍ରଂ ତନ୍ୱନ୍ତ ଆ ରଜଃ** । ଏହି ଯେଉଁ ସୂତ୍ରଟିର ପ୍ରୟୋଗ ଏଠାରେ ହୋଇଛି ତାହା ଦ୍ୱିତୀୟ ରଚାର ଅବିକଳ ପୁନରାବୃତ୍ତି; କିନ୍ତୁ ଏହି ରଚାରେ ଦେଖାଯାଏ ଚତୁର୍ବିଧ ତୃପ୍ତିରେ ପରିପୂର୍ଣ୍ଣ 'ଅଭୀପ୍ସା'-ଅଗ୍ନିର ଶିଖାଗଣ କାର୍ଯ୍ୟ କରୁଛନ୍ତି । ସେଠାରେ ଦେବଗଣଙ୍କର ଘଟୁଛି 'ଜ୍ୟୋତିଃ'ର ସାମାନ୍ୟ ସ୍ୱର୍ଗରେ ଅବାଧ ଉଦ୍ଭୟନ; ଏଠାରେ ମନୁଷ୍ୟ କରୁଛି ତା'ର ଯଜ୍ଞରେ ଦୃଢ଼ ପ୍ରୟାସ ଓ ଅଭୀପ୍ସା । କାରଣ, 'କାଳ' ଦ୍ୱାରା, ଜିବାଗୁଡ଼ିକ ଦ୍ୱାରା,

---

୭ ଯାହା ବି ହେଉ, ହସ୍ତ ବା ଭୁଜ ସେତିକି ବେଳେ ଅନ୍ୟ ପ୍ରକାରେ ପ୍ରତୀକାର୍ଥ ପ୍ରକାଶ କରିଥାଏ ଯେତେବେଳେ 'ଇନ୍ଦ୍ର'ଙ୍କ ଦୁଇ ହାତ ବା ଭୁଜର ପ୍ରଶ୍ନ ଉଠେ ।

ଅହଭିଃ, କାର୍ଯ୍ୟ ପୂର୍ଣ୍ଣତା ଲାଭ କରିଥାଏ – ଅହଭିଃ କହିଲେ 'ସତ୍ୟ'ର ଉଷାଗଣଙ୍କର କ୍ରମୋତ୍ତର ଆଗମନ ଦ୍ୱାରା – ଜଣ ଜଣ ପ୍ରତ୍ୟେକେ ନିଜ ମଧ୍ୟରେ ବହନ କରୁଥା'ନ୍ତି ରାତ୍ରି ଉପରେ ବିଜୟକୁ, ସେହି ସମାନ କଥା ଭଗିନୀଗଣଙ୍କର ଅବ୍ୟାହତ ତଥା ନିରନ୍ତର ଆଗମନ ଦ୍ୱାରା ଘଟିଥାଏ ଯାହା ଆମେ ଆଗରୁ 'ଦିବ୍ୟ ଉଷା' ସୂକ୍ତରେ ଉଲ୍ଲେଖ କରି ସାରିଛୁ । ଉଷାର ଦୀପ୍ତି ମାନବ ନିକଟକୁ ଯାହାସବୁ ଆଣିଥାଏ ତାହାକୁ ମାନବ ତତ୍‌କ୍ଷଣାତ୍ ଗ୍ରହଣ ବା ଧାରଣ କରିପାରେ ନାହିଁ; ତେଣୁ ଏହାକୁ ନିରବଚ୍ଛିନ୍ନ ଭାବେ ପୁନଃ ପୁନଃ ଆବର୍ତ୍ତିତ ହେବାକୁ ପଡ଼ିଥାଏ, ଯାହା ଫଳରେ ସେ ଆଲୋକରେ ବୃଦ୍ଧିଲାଭ କରିପାରେ ।

କିନ୍ତୁ ନିମ୍ନଚେତନାକୁ ରୂପାନ୍ତରିତ କରିବା ନିମନ୍ତେ କେବଳ ଯେ 'ଅଭୀପ୍ସା'ର ଅଗ୍ନିଗୁଡ଼ିକ କ୍ରିୟାରତ ତାହା ନୁହେଁ । 'ସତ୍ୟସୂର୍ଯ୍ୟ' ମଧ୍ୟ ତାଙ୍କ କ୍ଷିପ୍ରଗତି ଅଶ୍ୱଙ୍କୁ ରଥରେ ଯୋଚି ଗତି କରୁଥା'ନ୍ତି; **ସୁରଣ୍ଧିତ୍ ଅଶ୍ୱାନ୍ ୟୁଯୁଜାନ ଈୟତେ** । ଅଶ୍ୱିନଦ୍ୱୟ ମଧ୍ୟ ମାନବ ଚେତନାର ଅଗ୍ରଗତିର ସକଳ ପଥ ବିଷୟରେ ସଂଜ୍ଞାନ ନିଅନ୍ତି ଯାହା ଫଳରେ ଏହା ପରିପୂର୍ଣ୍ଣ ଓ ସୁସଂଗତ ହୋଇପାରିବ ତଥା ତାହାର ବହୁମୁଖୀ ଗତିବୃତ୍ତି ହୋଇପାରିବ । ନାନା ପଥରେ ଆଗେଇ ଯାଉଥିବା ଏହି ଗତିବୃତ୍ତି 'ପ୍ରକୃତି'ର ସ୍ୱତଃସ୍ଫୂର୍ତ୍ତ ଆତ୍ମ-ବିରଚିତ କର୍ମ ଦ୍ୱାରା ଦିବ୍ୟଜ୍ଞାନର ଆଲୋକ ମଧ୍ୟରେ ଆସି ଏକତ୍ରିତ ହୋଇଥା'ନ୍ତି, ଏହାକୁ ସେ(ପ୍ରକୃତି) ସେତିକିବେଳେ ଧାରଣ କରେ ଯେତେବେଳେ ସଂକଳ୍ପ ଓ ଜ୍ଞାନ ସଂପୂର୍ଣ୍ଣ ଆତ୍ମ-ସଚେତନ ଏବଂ ଆନ୍ତର ଜ୍ଞାନର ପଥନିର୍ଦ୍ଦେଶରେ ପରିଚାଳିତ କର୍ମ ମଧ୍ୟରେ ପରସ୍ପର ସାମରସ୍ୟର ସହ ପରିଣୀତ ହୋଇ ଯାଇଥା'ନ୍ତି । **ବିଶ୍ୱାନ୍ ଅନୁ ସ୍ୱଧୟା ଚେତଥଃ ପଥଃ** । (୬ଷ୍ଠ ମନ୍ତ୍ର)

ବାମଦେବ ତାଙ୍କ ସୂକ୍ତର ଉପସଂହାର କରୁଛନ୍ତି । ସେ ନିଜର ଉଚ୍ଚ ଜ୍ଞାନ ଦ୍ୱାରା ଭାସ୍ୱର 'ଧୀ'କୁ ଦୃଢ଼ଭାବେ ଧାରଣ କରିବାକୁ ସମର୍ଥ ହୋଇଛନ୍ତି ଏବଂ 'ବାକ୍' ଶକ୍ତିକୁ ରୂପପ୍ରଦାନ ତଥା ସଂଯୋଜନ କରିବା ଦ୍ୱାରା ସେ ନିଜ ମଧ୍ୟରେ ଅଶ୍ୱିନଙ୍କ ରଥକୁ ବ୍ୟକ୍ତ କରିଛନ୍ତି, ଅର୍ଥାତ୍, ଅଶ୍ୱିନଙ୍କର ଅମୃତ ଗତିବୃତ୍ତିର ଆନନ୍ଦକୁ ବ୍ୟକ୍ତ କରିଛନ୍ତି; ଏହି ଆନନ୍ଦର ଗତିବୃତ୍ତି ମ୍ଳାନ ହୁଏ ନାହିଁ ବା ପୁରୁଣା ହୁଏ ନାହିଁ ବା କ୍ଳାନ୍ତ ହୁଏ ନାହିଁ,– ତାହା ବୟୋହୀନ ତଥା ଅକ୍ଷୟ, **ଅଜରଃ**,– କାରଣ ଏହି ରଥ ପରିପୂର୍ଣ୍ଣ ତଥା ପ୍ରମୁକ୍ତ ଶକ୍ତିଗୁଡ଼ିକ ଦ୍ୱାରା ଟଣାଯାଉଛି, ମାନବୀୟ ପ୍ରାଣଶକ୍ତିରୂପକ ସୀମିତ, ଆଶୁକ୍ଳାନ୍ତ, ଆଶୁ-ଉଚ୍ଛୁଙ୍ଖଳ ଘୋଡ଼ାମାନଙ୍କ ଦ୍ୱାରା ନୁହେଁ । **ପ୍ର ବାମ୍ ଅବୋଚମ୍ ଅଶ୍ୱିନା ଧ୍ୟୟନ୍ଧାଃ, ରଥଃ ସ୍ୱଶ୍ୱଃ ଅଜରୋ ୟଃ ଅସ୍ତି** । ଏହି ଗତିବୃତ୍ତି ମଧ୍ୟରେ ସେମାନେ ନିମ୍ନଚେତନାର ସକଳ ଲୋକକୁ ସେମାନଙ୍କ ତୀବ୍ରଗତିସାଧକ ଆନନ୍ଦ ଦ୍ୱାରା ଆବୃତ କରି କ୍ଷଣକ ମଧ୍ୟରେ ପାର ହୋଇଯାଆନ୍ତି, ଏବଂ ସୋମରସରୂପକ ହବିଃରେ ପରିପୂର୍ଣ୍ଣ ମନୁଷ୍ୟ ମଧ୍ୟରେ ଥିବା ବିଶ୍ୱଗତ

ପରିଭୋଗ ମଧ୍ୟକୁ ଏହିଭାବେ ପ୍ରବେଶ କରିଥା'ନ୍ତି ଯଦ୍ଦ୍ୱାରା ସେମାନେ ପ୍ରବଳଭାବରେ ତା' ମଧ୍ୟକୁ ପ୍ରବେଶ କରି ସମସ୍ତ ବିରୋଧୀଙ୍କ ମଧ୍ୟରେ ବି ମହାନ୍ ଲକ୍ଷ୍ୟ ପ୍ରତି ତାକୁ ଚଳେଇ ନେଇ ପାରିବେ। **ଯେନ ସଦ୍ୟଃ ପରି ରଜାଂସି ଯାଥଃ, ହବିଷ୍ମନ୍ତଂ ତରଣିଂ ଭୋଜମ୍ ଅଚ୍ଛ।** (୭ମ ମନ୍ତ୍ର)

ଅଧ୍ୟାୟ – ୧୧

ଋଭୁଗଣ – ଅମୃତତ୍ୱର ଶିଳ୍ପିଗଣ

(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୨୦, ଋଷି : ମେଧାତିଥି କାଣ୍ୱ)

ଅୟଂ ଦେବାୟ ଜନ୍ମନେ ସ୍ତୋମୋ ବିପ୍ରେଭିରାସୟା ।
ଅକାରି ରତ୍ନଧାତମଃ ॥୧॥

ଅର୍ଥ (ଅନ୍ୱୟ ସହ) : ଦେଖ, ଜ୍ଞାନଦୀପ୍ତ ମନସ୍ୱୀମାନଙ୍କ ଦ୍ୱାରା [ବିପ୍ରେଭିଃ] ମୁଖନିଃସୃତ ଶ୍ୱାସବାୟୁ ମାଧ୍ୟମରେ [ଆସୟା] ଦିବ୍ୟଜନ୍ମ ନିମନ୍ତେ [ଦେବାୟ ଜନ୍ମନେ] ଏହି ସ୍ତୁତି ରଚିତ ହୋଇଛି [ଅୟଂ ସ୍ତୋମଃ ଅକାରି], ତାହା ପୂର୍ଣ୍ଣତଃ ଦିବ୍ୟ ଆନନ୍ଦ ପ୍ରଦାନ କରିଥାଏ [ରତ୍ନଧାତମଃ] ।

ୟ ଇନ୍ଦ୍ରାୟ ବଚୋୟୁଜା ତତକ୍ଷୁର୍ମନସା ହରୀ ।
ଶମୀଭିର୍ୟଜ୍ଞମାଶତ ॥୨॥

ଅର୍ଥ (ଅନ୍ୱୟ ସହ) : ଏପରିକି ସେମାନେ [ୟେ] ମନ ଦ୍ୱାରା [ମନସା] ଇନ୍ଦ୍ରଙ୍କ ନିମନ୍ତେ [ଇନ୍ଦ୍ରାୟ] 'ବାକ୍' ରୂପକ ଯୁଆଳିରେ ଆବଦ୍ଧ [ବଚୋୟୁଜା] ଦୁଇ ଉଜ୍ଜ୍ୱଳ ଅଶ୍ୱର ରଚନା କରି ଥିଲେ [ହରୀ ତତକ୍ଷୁଃ], ତଥା ସେମାନଙ୍କ ନିଜ କର୍ମ ସମ୍ପାଦନ ଦ୍ୱାରା [ଶମୀଭିଃ] ସେମାନେ ଯଜ୍ଞର ଆନନ୍ଦ ଲାଭ କରିଛନ୍ତି [ୟଜ୍ଞମ୍ ଆଶତ] ।

ତକ୍ଷନ୍ନାସତ୍ୟାଭ୍ୟାଂ ପରିଜ୍ମାନଂ ସୁଖଂ ରଥମ୍ ।
ତକ୍ଷନ୍ଧେନୁଂ ସବର୍ଦୁଘାମ୍ ॥୩॥

ଅର୍ଥ (ଅନ୍ୱୟ ସହ) : ସେମାନେ ସମୁଦ୍ର ଯାତ୍ରାର ଯୁଗଳ ଦେବଙ୍କ ନିମନ୍ତେ (ଅଶ୍ୱିନଦ୍ୱୟଙ୍କ ନିମନ୍ତେ) [ନାସତ୍ୟାଭ୍ୟାମ୍] ସେମାନଙ୍କର ସର୍ବ ପ୍ରବେଶନଶୀଳ [ପରିଜ୍ମାନମ୍] ସୁଖରଥକୁ [ସୁଖଂ ରଥମ୍] ରଚନା କରିଛନ୍ତି [ତକ୍ଷନ୍], ସେମାନେ ମିଷ୍ଟ ଦୁଗ୍ଧଦାତ୍ରୀ [ସବର୍ଦୁଘାମ୍] ପୋଷୟିତ୍ରୀ ଧେନୁକୁ ରଚନା କରିଛନ୍ତି [ଧେନୁଂ ତକ୍ଷନ୍] ।

ୟୁବାନା ପିତରା ପୁନଃ ସତ୍ୟମନ୍ତ୍ରା ଋଜୂୟବଃ ।
ଋଭବୋ ବିଷ୍ଟ୍ୟକ୍ରତ ॥୪॥

ଅର୍ଥ (ଅନ୍ୱୟ ସହ) : ସରଳ ମାର୍ଗର ଅନ୍ୱେଷୀ [ଋକ୍ୱଯଃ] ମନୋ ବିଚାରରେ 'ସତ୍ୟ' ଶୀଳ [ସତ୍ୟମନ୍ତ୍ରାଃ] ହେ ଋଭୁଗଣ [ଋଭବଃ] ! ତୁମର ପରିବ୍ୟାପ୍ତି ଦ୍ୱାରା [ବିଷ୍ଟି] ତୁମେ ନିଜ ପିତାମାତାଙ୍କୁ [ପିତରା] ପୁଣି ଯୁବା କରାଇ ପାରିଛ [ପୁନଃ ଯୁବାନା ଅକୃତ] ।

ସଂ ବୋ ମଦାସୋ ଅଗ୍ମତେନ୍ଦ୍ରେଣ ଚ ମରୁତ୍ୱତା ।
ଆଦିତ୍ୟେଭିଶ୍ଚ ରାଜଭିଃ ॥୫॥

ଅର୍ଥ (ଅନ୍ୱୟ ସହ) : ମଦ୍ୟର ମାଦକତାଗୁଡ଼ିକ [ମଦାସଃ] ମରୁତ୍‌ଗଣ ଯୁକ୍ତ ଇନ୍ଦ୍ରଙ୍କ ସହ [ମରୁତ୍‌ବତା ଇନ୍ଦ୍ରେଣ ଚ], ଅଦିତିପୁତ୍ର ରାଜାମାନଙ୍କ ସହିତ [ଆଦିତ୍ୟେଭିଃ ରାଜଭିଃ ଚ] ତୁମମାନଙ୍କ ନିକଟକୁ [ବଃ] ସମ୍ପୂର୍ଣ୍ଣରୂପେ ଆଗମନ କରିଥାଏ [ସମ୍-ଅଗ୍ମତ] ।

ଉତ ତ୍ୟଂ ଚମସଂ ନବଂ ତ୍ୱଷ୍ଟୁର୍ଦେବସ୍ୟ ନିଷ୍କୃତମ୍ ।
ଅକର୍ତ ଚତୁରଃ ପୁନଃ ॥୬॥

ଅର୍ଥ (ଅନ୍ୱୟ ସହ) : ଆହୁରି ମଧ୍ୟ [ଉତ], ନୂତନ [ନବମ୍] ତଥା ଉତ୍ତମରୂପେ ନିର୍ମିତ [ନିଷ୍କୃତମ୍] ତ୍ୱଷ୍ଟୃଦେବଙ୍କର ଏହି ପାନପାତ୍ରକୁ [ତ୍ୱଷ୍ଟୁଃ ଦେବସ୍ୟ ତ୍ୟଂ ଚମସମ୍] ତୁମେ ପୁଣି ଚତୁର୍ଗୁଣ ବୃଦ୍ଧି କରିଛ [ପୁନଃ ଚତୁରଃ ଅକର୍ତ] ।

ତେ ନୋ ରତ୍ନାନି ଧତ୍ତନ ତ୍ରିରା ସାପ୍ତାନି ସୁନ୍ୱତେ ।
ଏକମେକଂ ସୁଶସ୍ତିଭିଃ ॥୭॥

ଅର୍ଥ (ଅନ୍ୱୟ ସହ) : ତେଣୁ ତୁମେମାନେ ସୋମ ହବନକାରୀ ଆମମାନଙ୍କ ନିମନ୍ତେ [ସୁନ୍ୱତେ ନଃ] ତ୍ରିଗୁଣ ସପ୍ତସଂଖ୍ୟକ ଆନନ୍ଦରୂପକ ରତ୍ନଗୁଡ଼ିକୁ [ତ୍ରିଃ ସାପ୍ତାନି ରତ୍ନାନି] ଧାରଣ କର [ଆ ଧତ୍ତନ], ସେଗୁଡ଼ିକ ନିଜର ଶୋଭନ ପ୍ରକାଶନରେ ପ୍ରତ୍ୟେକ ପୃଥକ୍ ପୃଥକ୍ [ତେ ସୁଶସ୍ତିଭିଃ ଏକମ୍ ଏକମ୍] ।

ଅଧାରୟନ୍ତ ବହ୍ନୟୋଽଭଜନ୍ତ ସୁକୃତ୍ୟୟା ।
ଭାଗଂ ଦେବେଷୁ ଯଜ୍ଞିୟମ୍ ॥୮॥

ଅର୍ଥ (ଅନ୍ୱୟ ସହ) : ସେମାନେ (ସେହି ରତ୍ନଗୁଡ଼ିକୁ) ନିଜ ମଧ୍ୟରେ ସଜ୍ଜୀବ କରିଥିଲେ [ଅଧାରୟନ୍ତ] ଏବଂ ନିଜ ମଧ୍ୟରେ ବହନ କରିଥିଲେ [ବହ୍ନୟଃ], ସେମାନେ ନିଜ ଶୋଭନ କର୍ମ ଦ୍ୱାରା [ସୁକୃତ୍ୟୟା] ଦେବଗଣଙ୍କ ମଧ୍ୟରେ [ଦେବେଷୁ] ଯଜ୍ଞଭାଗ ସ୍ୱରୂପ ଭୋଗକୁ [ଯଜ୍ଞିୟଂ ଭାଗମ୍] ବିଭାଜିତ କରିଥିଲେ [ଅଭଜନ୍ତ] ।

ଭାଷ୍ୟ

ପ୍ରାପ୍ତ ସୂଚନା ଅନୁସାରେ 'ରଭୁଗଣ' ହେଉଛନ୍ତି ସୂର୍ଯ୍ୟଙ୍କର କିରଣରାଜି । ଏହା ବି ସତ୍ୟ ଯେ ବରୁଣ, ମିତ୍ର, ଭଗ ଓ ଅର୍ୟମନ୍ ପ୍ରଭୃତିଙ୍କ ଭଳି ସେମାନେ 'ସତ୍ୟ'ସ୍ୱରୂପ ସୌର 'ଜ୍ୟୋତିଃ'ଶକ୍ତି, କିନ୍ତୁ ବେଦରେ ସେମାନଙ୍କର ପ୍ରକୃତ ଚରିତ୍ର ହେଉଛି ସେମାନେ ଅମୃତତ୍ୱର ଶିଳ୍ପିଗଣ । ସେମାନେ ସେହି ମାନବ ସତ୍ତାମାନଙ୍କର ପ୍ରତିନିଧିତ୍ୱ କରନ୍ତି ଯେଉଁମାନେ ଜ୍ଞାନଶକ୍ତିରେ ତଥା ନିଜ କର୍ମରେ ପ୍ରାପ୍ତ ପୂର୍ଣ୍ଣତା ବଳରେ ଦେବତ୍ୱ ଅବସ୍ଥାକୁ ଉନ୍ନୀତ ହୋଇଛନ୍ତି । ସେମାନଙ୍କର କର୍ମ ହେଉଛି ମନୁଷ୍ୟକୁ ଆଲୋକ ଓ ଆନନ୍ଦର ସେହି ସ୍ତର ପ୍ରତି ଉତ୍ତୋଳନ କାର୍ଯ୍ୟରେ 'ଇନ୍ଦ୍ର'ଙ୍କୁ ସାହାଯ୍ୟ କରିବା ଯାହାକୁ ସେମାନେ ଭାଗବତ ବିଶେଷାଧିକାର ରୂପେ ଅର୍ଜ୍ଜନ କରିଛନ୍ତି । ବେଦରେ ସେମାନଙ୍କ ଉଦ୍ଦେଶ୍ୟରେ ଅଭିବ୍ୟକ୍ତ ସୂକ୍ତ ସଂଖ୍ୟା କମ୍ ଏବଂ ସେଥିରେ ଆମର ଦୃଷ୍ଟିପାତ ମାତ୍ରେ ସେଗୁଡ଼ିକ ଅତ୍ୟନ୍ତ ରହସ୍ୟମୟ ଜଣା ପଡ଼ନ୍ତି; କାରଣ ବାରଂବାର ଆବୃତ୍ତ ହେଉଥିବା ନିର୍ଦ୍ଦିଷ୍ଟ କେତେକ ରୂପ ତଥା ପ୍ରତୀକରେ ସେଗୁଡ଼ିକ ଭରି ହୋଇ ରହିଥା'ନ୍ତି । କିନ୍ତୁ ବେଦର ମୁଖ୍ୟ ସୂତ୍ରଟି ଥରେ ଜ୍ଞାତ ହୋଇଗଲେ ସେମାନେ ବିପରୀତ ପକ୍ଷେ ଅତ୍ୟନ୍ତ ସ୍ପଷ୍ଟ ତଥା ସରଳ ହୋଇ ଯାଆନ୍ତି ଏବଂ ଏଭଳି ଏକ ସୁସଂଗତ ଓ ଆଗ୍ରହଦାୟକ ଦୃଷ୍ଟିଭଙ୍ଗୀର ଉପସ୍ଥାପନା କରନ୍ତି ଯାହା ବେଦର ଅମୃତତ୍ୱ ବିଷୟକ ଗାଥା ଉପରେ ଏକ ସ୍ପଷ୍ଟ ଆଲୋକର ଛାପ ପକାଇ ଥାଏ ।

'ରଭୁଗଣ' ହେଉଛନ୍ତି 'ଜ୍ୟୋତିଃ'ର ଶକ୍ତିଗଣ; ସେମାନେ ବସ୍ତୁଜଗତ୍ ମଧ୍ୟକୁ ଅବତରଣ କରି ସେଠାରେ ସେହି ମାନବୀୟ ଅତିରିକ୍ତ ଗୁଣରୂପେ ଜନ୍ମଗ୍ରହଣ କରିଥା'ନ୍ତି ଯାହା ଦିବ୍ୟ ଓ ଅମର ହେବାକୁ ଆସ୍ପୃହା କରୁଥାଏ । ଏହି ଭୂମିକାରେ ସେମାନଙ୍କୁ 'ସୁଧନ୍ୱନ୍'[୧]ଙ୍କ ସନ୍ତାନଗଣ ବୋଲି ନାମିତ କରାଯାଇଛି, ଏହା ଏକ ପୈତୃକ ନାମ ଯାହା ଜ୍ୟୋତିର୍ମୟ ଶକ୍ତିର ସ୍ୱର୍ଣ୍ଣଲାଭ କରିଥିବା 'ଭୌତିକତା'ର ପୂର୍ଣ୍ଣ ସାମର୍ଥ୍ୟ ମଧ୍ୟରୁ ଜନ୍ମଗ୍ରହଣ କରିଥିବା କଥାନକର ସୂଚକ ମାତ୍ର । କିନ୍ତୁ ନିଜର ଯଥାର୍ଥ ପ୍ରକୃତିରେ ସେମାନେ ଜ୍ୟୋତିର୍ମୟ 'ଶକ୍ତି'ରୁ ଅବତରଣ କରିଛନ୍ତି ଏବଂ ସେହି କାରଣରୁ ସେମାନଙ୍କୁ ବେଳେବେଳେ ''ଇନ୍ଦ୍ରାମୁଜ, ଜ୍ୟୋତିର୍ମୟ ଶକ୍ତିର ପୌତ୍ର'' ଭାବେ ସମ୍ବୋଧନ କରାଯାଇଛି । କାରଣ ମାନବ ମଧ୍ୟସ୍ଥ ଦିବ୍ୟମନଃସ୍ୱରୂପ ଇନ୍ଦ୍ର ଜ୍ୟୋତିର୍ମୟ 'ଶକ୍ତି' ମଧ୍ୟରୁ ଉତ୍ପନ୍ନ – ଠିକ୍ ଯେପରି ଅଗ୍ନି ଶୁଦ୍ଧ

---

୧ ''ଧନ୍ୱନ୍'' – ଏହି ନାମ ମଧ୍ୟରେ ''ଧନୁ'' ଅର୍ଥ ନାହିଁ, ପରନ୍ତୁ ଏଥିରେ ରହିଛି ଭୌତିକତାର ଏକ ପିଣ୍ଡ ଅଥବା ମରୁସ୍ଥଳ ରୂପକ ଅର୍ଥ, ଅନ୍ୟଥା ଏହା ଗିରି ବା ବୃହତ୍ ଶିଳାର ଅର୍ଥ ହୋଇପାରେ ଯାହାଠାରୁ ଆପଃ ଏବଂ ରଶ୍ମିମାଳା ନିର୍ଗତ ହେଉଛନ୍ତି ।

'ଶକ୍ତି' ମଧ୍ୟରୁ ଜାତ – ଏବଂ ଦିବ୍ୟ ମନଃ ସ୍ୱରୂପ ଇନ୍ଦ୍ରଙ୍କଠାରୁ ଅମୃତତ୍ୱ ପ୍ରତି ମାନବୀୟ ଅଭୀପ୍ସାର ଜାଗରଣ ଘଟିଥାଏ ।

ଋଭୁଗଣଙ୍କ ଜନ୍ମକ୍ରମ ଅନୁସାରେ ସେମାନଙ୍କ ତିନୋଟି ନାମ ଏହି ପ୍ରକାରେ – 'ଋଭୁ' ବା 'ଋଭୁକ୍ଷନ୍', ଅର୍ଥାତ୍ କୁଶଳ ଜ୍ଞାନୀ ବା ଜ୍ଞାନର ଗଠନ କର୍ତ୍ତା, ଦ୍ୱିତୀୟରେ 'ବିଭ୍ୱ' ବା 'ବିଭୁ', ବ୍ୟାପନଶୀଳ ବା ସ୍ୱୟଂ-ବିସ୍ତାରୀ, ତୃତୀୟରେ 'ବାଜ', ପ୍ରାଚୁର୍ଯ୍ୟମୟତ୍ୱ ।

ସେମାନଙ୍କ ନାମ ହିଁ ସେମାନଙ୍କ ସ୍ୱଭାବ ଓ କର୍ମର ସୂଚକ, କିନ୍ତୁ ପ୍ରକୃତରେ ସେମାନେ ତ୍ରିତ-ସ୍ୱରୂପ ଅଟନ୍ତି, ସେହି କାରଣରୁ, ସେମାନଙ୍କୁ 'ଋଭୁଗଣ' ବୋଲି ଅଭିହିତ କରାଗଲେ ବି 'ଋଭବଃ' ଓ 'ବାଜାଃ' ବୋଲି ଆହ୍ୱାନ କରାଯାଏ । ପ୍ରଥମେ 'ଋଭୁ', ସେମାନଙ୍କ ମଧ୍ୟରେ ଜ୍ୟେଷ୍ଠ, ସେ ନିଜର ଚିନ୍ତା ଓ କର୍ମ ଦ୍ୱାରା ଅମୃତତ୍ୱର ରୂପ ଗଠନ କରିବାକୁ ଆରମ୍ଭ କରନ୍ତି; ଦ୍ୱିତୀୟରେ, 'ବିଭ୍ୱ', ସେ ଦିଅନ୍ତି ଏହି କର୍ମରେ ବ୍ୟାପକତା; 'ବାଜ', ଗଣନାରେ କନିଷ୍ଠ, ସେ ଏଥିରେ ଦିବ୍ୟ ଆଲୋକ ଓ ତତ୍ତ୍ୱର ପ୍ରାଚୁର୍ଯ୍ୟ ଆଣି ଯୋଗାଇ-ଥା'ନ୍ତି ଯାହା ଦ୍ୱାରା କାର୍ଯ୍ୟଟି ପୂର୍ଣ୍ଣ ସିଦ୍ଧ ହୋଇ ପାରିବ । ମନକୁ କ୍ଷେତ୍ର ତଥା ମୂଳ ଉପାଦାନ କରି 'ଧୀ-ଶକ୍ତି' ମାଧ୍ୟମରେ ସେମାନେ ଅମୃତତ୍ୱର ଏହି ସମସ୍ତ କର୍ମ ଓ ରୂପାୟନ କରିଥା'ନ୍ତି ବୋଲି ନିରନ୍ତର ବେଦରେ ପୁନଃ ପୁନଃ କୁହାଯାଇଛି; 'ଶକ୍ତି'ଯୁକ୍ତ ହୋଇ ସେଗୁଡ଼ିକ ସିଦ୍ଧ ହୋଇଥା'ନ୍ତି; ଅମୃତତ୍ୱ ସମ୍ପାଦନର ସର୍ତ୍ତ ସ୍ୱରୂପ ସୃଜନାତ୍ମକ ତଥା ଫଳୋତ୍ପାଦକ କର୍ମର ପୂର୍ଣ୍ଣତା ଦ୍ୱାରା, **ସ୍ୱପସ୍ୟୟା, ସୁକୃତ୍ୟୟା**, ସେମାନେ ସଂଘଟ ହୋଇଥା'ନ୍ତି । ଏହି ସୂକ୍ତରେ ସଂକ୍ଷେପରେ ସାରତଃ ଆମ ସମ୍ମୁଖରେ ବ୍ୟକ୍ତ ହୋଇଥିବା ଏହି ସମସ୍ତ ହେଉଛି ଅମୃତତ୍ୱର ସେହି କାରିଗରମାନଙ୍କର ରଚନା – **ଇନ୍ଦ୍ରଙ୍କର ଅଶ୍ୱଗଣ**, ଅଶ୍ୱିନଦ୍ୱୟଙ୍କ ରଥ, ମଧୁଦୁହା 'ଧେନୁ', ବିଶ୍ୱାତ୍ମକ 'ଜନକ-ଜନନୀ', ଦେବଗଣଙ୍କର ଏକକ ପାନ-ପାତ୍ର, ଯାହାକୁ ପ୍ରଥମେ ବସ୍ତୁଗୁଡ଼ିକର ସ୍ରଷ୍ଟା ତ୍ୱଷ୍ଟା ରଚନା କରିବା ପରେ ଏମାନେ ତାହାକୁ ଚତୁର୍ଧା କରି ଦେଇଥିଲେ ।

ଶଂସିତ ସୂକ୍ତଟି ନିଜ ଉଦ୍ଦେଶ୍ୟକୁ ସୂଚିତ କରିବା ସହ ଆରମ୍ଭ ହୋଇଛି । ଋଭୁଗଣଙ୍କର ଶକ୍ତିକୁ ଏହା ଏକ ସ୍ତୁତି, ଦିବ୍ୟଜନ୍ମର କାର୍ଯ୍ୟ ନିମନ୍ତେ ଏହା ରଚିତ, ଏବଂ ଏହା ସେହି ମନୁଷ୍ୟମାନଙ୍କ ଦ୍ୱାରା ରଚିତ ଯେଉଁମାନଙ୍କ ମନ ଜ୍ଞାନ-ଜ୍ୟୋତିଃର ଉପଲବ୍ଧି କରିସାରିଛି ଏବଂ ଋଭୁଗଣଙ୍କ ଜନ୍ମସ୍ଥାନ ସ୍ୱରୂପ 'ଜ୍ୟୋତିଃ' ଶକ୍ତିର ଅଧିକାରୀ ହୋଇପାରିଛି । ଏହି ଜଗତରେ ପ୍ରାଣଶକ୍ତିର ମୁଖଶ୍ୱାସରୁ ଏହାର ସୃଷ୍ଟି । ଏହି ଶକ୍ତିର ଲକ୍ଷ୍ୟ ହେଉଛି ମାନବାତ୍ମା ମଧ୍ୟରେ 'ଆନନ୍ଦ'ର ପୂର୍ଣ୍ଣ ଆହ୍ଲାଦକୁ ପ୍ରତିଷ୍ଠା କରିବା ଯାହାକୁ ଦିବ୍ୟ 'ଜୀବନ'ର ତ୍ରିଗୁଣସପ୍ତ ଆନନ୍ଦ ବୋଲି କୁହାଯାଇଛି ।'

---

୨ ପ୍ରଥମ ମନ୍ତ୍ର ଦ୍ରଷ୍ଟବ୍ୟ ।

'ଋଭୁଗଣ' ଏହି ଦିବ୍ୟ 'ଜନ୍ମ'ର ପ୍ରତିନିଧିତ୍ୱ କରୁଛନ୍ତି — ଏମାନେ ଦିନେ ମାନବ ଥିଲେ, ପରେ ଅମର ହୋଇଛନ୍ତି । ସେମାନଙ୍କର ଯେଉଁ କର୍ମ — ଊର୍ଦ୍ଧ୍ୱଦିଗରେ ମାନବ ବିବର୍ତ୍ତନ ରୂପକ ସେହି ମହାନ୍ କର୍ମ, ଯାହା ବିଶ୍ୱ ଯଜ୍ଞର ଶିଖର,— ତାହାକୁ ସୁସମ୍ପନ୍ନ କରିବା ଦ୍ୱାରା ସେମାନେ ସେହି ଯଜ୍ଞରେ (ବିଶ୍ୱ-ଯଜ୍ଞରେ) ନିଜର ଦିବ୍ୟ ଭାଗ ଓ ସ୍ୱତ୍ୱକୁ ଦିବ୍ୟ ଶକ୍ତିମାନଙ୍କ (ଦେବଗଣଙ୍କ) ସହ ଲାଭ କରିବାର ସୁଯୋଗ ପାଇଛନ୍ତି । ସଂଗଠନ ତଥା ଊର୍ଦ୍ଧ୍ୱମୁଖୀ ପ୍ରଗତିର ଏମାନେ ହେଉଛନ୍ତି ସେହି ମାନବୀୟ ଶକ୍ତିଗଣ ଯେଉଁମାନେ ଦେବଗଣଙ୍କୁ ମାନବ-ଦିବ୍ୟୀକରଣ କାର୍ଯ୍ୟରେ ସହଯୋଗ କରିଥା'ନ୍ତି । ସେମାନେ ଯେତେସବୁ କାର୍ଯ୍ୟ ସିଦ୍ଧ କରିଛନ୍ତି ସେଗୁଡ଼ିକ ମଧ୍ୟରେ 'ଇନ୍ଦ୍ର'ଙ୍କର ତେଜସ୍ୱୀ ଅଶ୍ୱଗଣ ହେଉଛନ୍ତି କେନ୍ଦ୍ର ସ୍ୱରୂପ, ସେମାନେ ନିଜର ଗତିରେ ପ୍ରବୃତ୍ତ ହେବାକୁ ବାକ୍ ଦ୍ୱାରା ରଥଦଣ୍ଡରେ ନିୟୋଜିତ ହୋଇଥା'ନ୍ତି, ଅର୍ଥାତ୍ 'ବାକ୍' ଦ୍ୱାରା ନିୟୋଜିତ ହୋଇ ମନ ଦ୍ୱାରା ରୂପଗ୍ରହଣ କରନ୍ତି । ଜ୍ୟୋତିର୍ମୟ ମନର, ମାନବସ୍ଥ ଦିବ୍ୟ ମନର ପ୍ରମୁକ୍ତ ଗତିକ୍ରିୟା ନିମନ୍ତେ ସର୍ତ୍ତ ହେଲା ଅନ୍ୟାନ୍ୟ ସମସ୍ତ ଅମୃତତ୍ୱ-ପ୍ରଦାୟକ କର୍ମ କରିବା ।[୩]

ଋଭୁଗଣଙ୍କ ଦ୍ୱିତୀୟ କୃତିଟି ହେଉଛି ଅଶ୍ୱିନଦ୍ୱୟଙ୍କ ପାଇଁ ରଥନିର୍ମାଣ — ଏହି ଯୁଗଳ ଦେବ ହେଉଛନ୍ତି ମାନବ-ଯାତ୍ରାର ପ୍ରଭୁ, — ଯାତ୍ରା କହିଲେ, ମାନବର ଅନ୍ତର୍ଗତ ଆନନ୍ଦର ସମ୍ମୁଖ ଗତିବୃତ୍ତି ଯାହା ନିଜର କ୍ରିୟା ଦ୍ୱାରା ମାନବ ସତ୍ତାର ସକଳ ଲୋକ ଓ ସ୍ତରକୁ ବ୍ୟାପ୍ତ ହୋଇଯାଏ ଏବଂ ଏଥି ସହିତ ବସ୍ତୁ-ଜଗତସ୍ଥ ମାନବ ନିମନ୍ତେ ଆଣିଥାଏ ସ୍ୱାସ୍ଥ୍ୟ, ଯୌବନ, ଶକ୍ତି, ସମଗ୍ରତା । ପ୍ରାଣିକ ସତ୍ତା ମଧ୍ୟକୁ ଆଣିଥାଏ ପରିଭୋଗର ତଥା କର୍ମର ସାମର୍ଥ୍ୟ, ମାନସ ସତ୍ତା ମଧ୍ୟକୁ ଆଣିଥାଏ ପ୍ରଫୁଲ୍ଲିତ ଊର୍ଜା — ଏହାକୁ ସଂକ୍ଷେପରେ କହିଲେ ସକଳ ଅଙ୍ଗ ସମେତ ମାନବ ସତ୍ତାର ବିଶୁଦ୍ଧ ଆହ୍ଲାଦ ଶକ୍ତି ।[୪]

ମଧୁର ଦୁଗ୍ଧବତୀ ଧେନୁ ରଚନା ହେଉଛି 'ଋଭୁଗଣ'ଙ୍କ ତୃତୀୟ କୃତି । କୌଣସି ଏକ ସ୍ଥାନରେ କୁହାଯାଇଛି ଯେ ଋଭୁଗଣଙ୍କ ଏହି ଧେନୁକୁ ତାହାର ଆଚ୍ଛାଦକ ତ୍ୱଚାତଳୁ, ଅର୍ଥାତ୍ ପ୍ରକୃତିର ବାହ୍ୟ ଗତିବୃତ୍ତି ଓ କ୍ରିୟା ମଧ୍ୟରୁ, ଉଦ୍ଧାର କରାଯାଇଛି (**ନିଷ୍ଟର୍ମଣୋ ଗାମରିଣୀତ ଧୀତିଭିଃ**) । ଏହି ପୋଷୟିତ୍ରୀ ଧେନୁ ହେଉଛି ବିଶ୍ୱାତ୍ମକ ରୂପଗୁଡ଼ିକର ତଥା ବିଶ୍ୱାତ୍ମିକା ଗତିବୃତ୍ତିର ଧେନୁ, **ବିଶ୍ୱଜୁବାମ୍ ବିଶ୍ୱରୂପାମ୍**, ଅନ୍ୟ ପ୍ରକାରେ କହିଲେ, ଜଗଜ୍ଜନନୀ, ଅନନ୍ତ ଚିତ୍‌ସତ୍ତାର 'ଚେତନା', 'ଅଦିତି'ଙ୍କର ପ୍ରଥମ ଜ୍ୟୋତି । 'ଋଭୁଗଣ'ଙ୍କ ଦ୍ୱାରା ସେହି ଚେତନାକୁ 'ପ୍ରକୃତି'ର ଆବରକ ଗତିବୃତ୍ତି ମଧ୍ୟରୁ ବାହାରକୁ ଅଣା ଯାଇଛି ଏବଂ ସେମାନଙ୍କ ଦ୍ୱାରା ଇହଲୋକରେ ଆମ ମଧ୍ୟରେ ତାହାର ଏକ ଆକୃତି ଗଠନ

---

[୩] ଦ୍ୱିତୀୟ ମନ୍ତ୍ର ଦ୍ରଷ୍ଟବ୍ୟ ।

[୪] ତୃତୀୟ ମନ୍ତ୍ରର ପ୍ରଥମାର୍ଦ୍ଧ — ତକ୍ଷନ୍ଧେନୁଂ ସବର୍ଦୁଘାମ୍ ।

କରାଯାଇଛି । ଦ୍ୱୈତତାଶକ୍ତିର କ୍ରିୟା ଦ୍ୱାରା ସେ ନିଜ ସନ୍ତାନଠାରୁ, ଅର୍ଥାତ୍ ନିମ୍ନ-ଜଗତର ଅନ୍ତର୍ଗତ ଆତ୍ମାଠାରୁ, ବିଯୁକ୍ତ ହୋଇ ଯାଇଛି; 'ଋଭୁଗଣ' ଏହାକୁ ତାହାର ଅନନ୍ତ-ଜନନୀଙ୍କ ସହିତ ସତତ ସାହଚର୍ଯ୍ୟକୁ ପୁନଃ ସଂସ୍ଥାପନ କରିଥା'ନ୍ତି ।[୫] (ତୃତୀୟ ମନ୍ତ୍ରର ଉତ୍ତରାର୍ଦ୍ଧ ଦ୍ରଷ୍ଟବ୍ୟ)

ଋଭୁଗଣଙ୍କର ଅନ୍ୟ ଏକ ମହାନ୍ କୃତି ହେଉଛି ସେମାନଙ୍କର ପୂର୍ବକୃତିଗୁଡ଼ିକର ଯଥା : ଇନ୍ଦ୍ରଙ୍କର ଜ୍ୟୋତି, ଅଶ୍ୱିନଦ୍ୱୟଙ୍କର ଗତିବୃତ୍ତି, ପୋଷୟିତ୍ରୀ 'ଧେନୁ'ର ପୂର୍ଣ୍ଣ ଦୋହନ ଇତ୍ୟାଦି, ଏସବୁର ଶକ୍ତିକୁ ଧାରଣ କରି ଜଗତର ବୃଦ୍ଧ ପିତାମାତାଙ୍କର — ଦ୍ୟୌଃ ଓ ପୃଥିବୀର — ଯୌବନର ପୁନଃ ପ୍ରତିଷ୍ଠା । ଏହି ଉଭୟଙ୍କ ମିଳନ ଅବସରରେ ସେମାନଙ୍କ ଅବସ୍ଥାକୁ ଏଭଳି ପ୍ରଦର୍ଶିତ କରାଯାଇଛି ଯେ ଦୀର୍ଘକାଳୀନ ବାର୍ଦ୍ଧକ୍ୟରେ ସେ ଦୁହେଁ ଗ୍ରସ୍ତ ଏବଂ ନିପତିତ ଯଜ୍ଞ-ଖମ୍ଭଦ୍ୱୟ ଭଳି ପଡ଼ି ରହିଛନ୍ତି, ଜୀର୍ଣ୍ଣ-ଶୀର୍ଣ୍ଣ ହେବା ସହ ପୀଡ଼ା ମଧ୍ୟ ପାଉଛନ୍ତି । କୁହାଯାଇଛି ଯେ, 'ଋଭୁଗଣ' ସୂର୍ଯ୍ୟଙ୍କ ଆବାସକୁ, ଯେଉଁଠି ସେ ନିଜ 'ସତ୍ୟ'ର ଅନାବୃତ ପ୍ରଭାମଣ୍ଡଳ ସହ ନିବାସ କରନ୍ତି, ସେମାନେ ଆରୋହଣ କରନ୍ତି ଏବଂ ସେଠାରେ ସେମାନେ ଦ୍ୱାଦଶ ଦିବସ ନିଦ୍ରା ଯିବା ପରେ ଦ୍ୟୌଃ ଓ ପୃଥିବୀକୁ ପରିବ୍ୟାପ୍ତ ହୋଇ, 'ସତ୍ୟ'ର ପ୍ରବାହ ରୂପକ ପ୍ରଚୁର ବୃଷ୍ଟି ଦ୍ୱାରା ତାହାକୁ ପୂର୍ଣ୍ଣ କରି, ସେହି ଉଭୟ ଲୋକକୁ ପରିପୋଷିତ କରି, ତାଙ୍କ ମଧ୍ୟରେ ଯୌବନ ତଥା ଉତ୍ତମତାର ପୁନଃପ୍ରତିଷ୍ଠା କରନ୍ତି ।[୬] ସେମାନେ ନିଜ କାର୍ଯ୍ୟାବଳି ଦ୍ୱାରା ସ୍ୱର୍ଗକୁ ବ୍ୟାପି ଯାଆନ୍ତି; ମାନସ ସତ୍ତାରେ ସେମାନେ ଦିବ୍ୟ ବିକାଶ ଆଣନ୍ତି;[୭] ଏହାକୁ ଏବଂ ଦୈହିକ ସତ୍ତାକୁ ଏକ ଅଭିନବ ତଥା ତରୁଣ ଓ ଅମୃତ ଗତିବୃତ୍ତି ପ୍ରଦାନ କରିଥା'ନ୍ତି ।[୮] କାରଣ ସେହି 'ସତ୍ୟ'ର ଆବାସ ମଧ୍ୟରୁ ନିଜ ସହିତ ସେମାନେ ଯେଉଁ ପୂର୍ଣ୍ଣତାକୁ ବହନ କରି ଆଣିଥା'ନ୍ତି ତାହାହିଁ ସେମାନଙ୍କ କର୍ମର ସର୍ତ୍ତ, 'ସତ୍ୟ'ର ଋଜୁ ପନ୍ଥାରେ ଗତିସଚ୍ଚଳତାକୁ ଏବଂ ମାନସ ସତ୍ତାର ସେହି ସକଳ ବିଚାର ଓ ବାକ୍ୟାବଳି ସହିତ ପରମ ସଫଳତାଯୁକ୍ତ ସ୍ୱୟଂ 'ସତ୍ୟ'କୁ ନେଇ ଆସିଥା'ନ୍ତି । ସେମାନଙ୍କ ବ୍ୟାପକତା ମଧ୍ୟରେ ନିଜର ଏହି ସକଳ ଶକ୍ତିକୁ ବହନ କରି ସେମାନେ ଏହି ନିମ୍ନ ଲୋକକୁ ପ୍ରବେଶ କରନ୍ତି ଏବଂ ଏହାର ଗର୍ଭରେ ଅମୃତ ରସକୁ ଅଜାଡ଼ି ଦିଅନ୍ତି ।[୯]

ଅର୍ଥାତ୍ ଏହି ଅମୃତ ରସ ରୂପକ ମଦ୍ୟ ଓ ଏହାର ମାଦକତାକୁ ସେମାନେ ନିଜର କୃତି ଦ୍ୱାରା ହାସଲ କରିଥା'ନ୍ତି ଏବଂ ମନୁଷ୍ୟର ଯଜ୍ଞକୁ ଆସିବା ବେଳେ ନିଜ ସହିତ

---

୫ ତକ୍ଷନ୍ ଧେନୁଂ ସବର୍ଦୁଘାମ୍ । ଅନ୍ୟ ତଥ୍ୟର ସ୍ପଷ୍ଟତା ନିମନ୍ତେ ଋ.ବେ. ୪/୩୩/୪ ଓ ୮ ଏବଂ ୮/୩୬/୪, ଇତ୍ୟାଦି ଦ୍ରଷ୍ଟବ୍ୟ ।

୬ ଋ. ବେ. ୪/୩୩/୨, ୩, ୭; ୩୬/୧୩; ୧/୧୬୧/୭ ।

୭ ଋ. ବେ. ୪/୩୩/୧,୨ । ୮ ଋ. ବେ. ୫/୩୬/୩ । ୯ ଚତୁର୍ଥ ମନ୍ତ୍ର ଦ୍ରଷ୍ଟବ୍ୟ ।

ଚାହାକୁ ଆଣିଥା'ନ୍ତି । ଆହୁରି ମଧ୍ୟ ତାଙ୍କ ସହ ଆସି ଉପବେଶନ କରନ୍ତି 'ଇନ୍ଦ୍ର' ଓ 'ମରୁତ୍', ଦିବ୍ୟ-'ମନ' ଓ 'ଚିନ୍ତା'-ଶକ୍ତି, ଏବଂ ଅଦିତିଙ୍କ ଅର୍ଥାତ୍ ଅନନ୍ତଙ୍କ ପୁତ୍ର ଚାରି ରାଜା – 'ବରୁଣ', 'ମିତ୍ର', 'ଅର୍ୟମା', 'ଭଗ', ଅର୍ଥାତ୍ 'ସତ୍ୟ-ଚେତନା'ର ବିଶୁଦ୍ଧି ଓ ବିଶାଳତା (ବରୁଣ), ଏହାର ପ୍ରେମ ଓ ଆଲୋକ ତଥା ସଂଗତିର ବିଧାନ (ମିତ୍ର), ଏହାର ଶକ୍ତି ଓ ଅଭୀପ୍ସା (ଅର୍ୟମା), ଏହାର ବସ୍ତୁ ସମ୍ପର୍କୀୟ ବିଶୁଦ୍ଧ ମଙ୍ଗଳକର ଉପଭୋଗ (ଭଗ) ।[୧୦]

ଆହୁରି ମଧ୍ୟ, ଦେବତାମାନେ ଯଜ୍ଞରେ ଚତୁର୍ଗୁଣିତ ପାତ୍ରରେ, **ଚମସଂ ଚତୁର୍ବୟମ୍**, ଅମୃତର ଝରକୁ ପାନ କରିଥା'ନ୍ତି । କାରଣ, ବସ୍ତୁଗୁଡ଼ିକର ନିର୍ମାତା 'ତ୍ୱଷ୍ଟା' ଆରମ୍ଭରେ ମାନବକୁ ଏକମାତ୍ର ପାତ୍ର ବା ଭୌତିକ ଚେତନା ବା ଭୌତିକ ଶରୀର ପ୍ରଦାନ କରିଥିଲେ ଯାହା ମଧ୍ୟରେ ସେ ଦେବଗଣଙ୍କ ପ୍ରତି ସତ୍ତାର ଆନନ୍ଦକୁ ଅର୍ପଣ କରିବେ । 'ଋଭୁଗଣ' ଅର୍ଥାତ୍ ଭାସ୍ୱର ଜ୍ଞାନର ଦେବଗଣ, ଏହାକୁ 'ତ୍ୱଷ୍ଟା'ଙ୍କ ଦ୍ୱାରା ନବୀକୃତ ତଥା ପୂର୍ଣ୍ଣତଃ ସମ୍ପାଦିତ ପରକାଳୀନ ରଚନା ରୂପେ ଗ୍ରହଣ କରନ୍ତି ଏବଂ ଚାରି ସ୍ତରରୁ ଉପାଦାନ ସଂଗ୍ରହ କରି ପ୍ରାଣିକ, ମାନସିକ ଏବଂ କାରଣ ବା ବୈଚାରିକ ଶରୀର ରୂପକ ଅନ୍ୟ ତିନି ଶରୀର ନିର୍ମାଣ କରନ୍ତି ।[୧୧]

ଯେହେତୁ ସେମାନେ ଆନନ୍ଦର ଏହି ଚତୁର୍ଗୁଣ ପାନପାତ୍ରକୁ ରଚନା କରିଛନ୍ତି ଏବଂ ସେହି କାରଣରୁ ମାନବକୁ 'ସତ୍ୟ'ଚେତନାର ସ୍ତରରେ ନିବାସ କରିବାର ଯୋଗ୍ୟ କରାଇଛନ୍ତି ତେଣୁ ସଂପୂରିତ ମାନବ-ସତ୍ତା ମଧ୍ୟରେ ପରମ ସତ୍‌ଙ୍କର ତ୍ରିଗୁଣ-ସପ୍ତ ଦିବ୍ୟ ଆହ୍ଲାଦକୁ ପ୍ରତିଷ୍ଠା କରିବାକୁ ସେମାନେ ସମର୍ଥ ଯାହା ମନ, ପ୍ରାଣ ଓ ଦେହ ମଧ୍ୟକୁ ଅଜାଡ଼ି ହୋଇ ଆସୁଛି । ଏମାନେ (ତ୍ରିଗୁଣ ସପ୍ତ) ଏକଶ୍ରେଣୀବଦ୍ଧ ହୋଇ ଥିଲେ ବି ପ୍ରତ୍ୟେକଟି ନିଜର ପୃଥକ୍ ପରମ ସୁଖର ପୂର୍ଣ୍ଣ ଅଭିବ୍ୟକ୍ତି ଦ୍ୱାରା ପୂର୍ଣ୍ଣ ରୂପେ ଆନନ୍ଦ ପ୍ରଦାନ କରିଥା'ନ୍ତି ।[୧୨]

ମାନବ-ଚେତନା ମଧ୍ୟରେ ସତ୍ତାର ଏହିସବୁ ଆନନ୍ଦ-ବନ୍ୟାକୁ ସମର୍ଥନ କରିବା ପୂର୍ବକ ଧାରଣ କରିବାର ଶକ୍ତି 'ଋଭୁଗଣ'ଙ୍କର ରହିଛି; ଏବଂ ସେମାନେ ନିଜର କର୍ମର ପୂର୍ଣ୍ଣତା ପରିପ୍ରେକ୍ଷୀରେ ଏହାକୁ ପ୍ରବିଭକ୍ତ କରି ଅଭିବ୍ୟକ୍ତ ଦେବଗଣଙ୍କ ମଧ୍ୟରେ ପ୍ରତ୍ୟେକ ଦେବତାଙ୍କ ଯଜ୍ଞଭାଗକୁ ବିତରଣ କରିବାରେ ସମର୍ଥ । କାରଣ ଏହିଭଳି ତ୍ରୁଟିହୀନ ବିଭାଗୀକରଣ ହେଉଛି ସାର୍ଥକ ଯଜ୍ଞର, ପୂର୍ଣ୍ଣାଙ୍ଗ କର୍ମର, ସମଗ୍ର ସର୍ତ୍ତ ।[୧୩]

'ଋଭୁଗଣ' ହେଉଛନ୍ତି ଏହିପରି, ଏବଂ ବସ୍ତୁଗୁଡ଼ିକୁ ଅମୃତତ୍ୱରେ ଗଠନ କରିବା ନିମନ୍ତେ, ଯଦିଓ ସେମାନେ ନିଜ ପାଇଁ ସେଗୁଡ଼ିକୁ ସେହିପରି କରିଥା'ନ୍ତି, ମାନବର

---

୧୦ ପଞ୍ଚମ ମନ୍ତ୍ର ଦ୍ରଷ୍ଟବ୍ୟ । ୧୧ ଷଷ୍ଠ ମନ୍ତ୍ର ଦ୍ରଷ୍ଟବ୍ୟ ।

୧୨ ସପ୍ତମ ମନ୍ତ୍ର ଦ୍ରଷ୍ଟବ୍ୟ । ୧୩ ଅଷ୍ଟମ ମନ୍ତ୍ର ଦ୍ରଷ୍ଟବ୍ୟ ।

ଯଜ୍ଞକୁ ଆବାହନ କରାଯାଏ । ''ସେ ହୋଇଥାଏ ସମୃଦ୍ଧିମାନ୍ (ବାଜୀ) ଏବଂ ଶ୍ରମ ନିମନ୍ତେ ବଳବାନ୍ (ଅର୍ବା), ଆମ୍-ଅତିବ୍ୟାପ୍ତି ବଳରେ ସେ ହୋଇଥାଏ ଜଣେ ଋଷି, ସେ ହୋଇଥାଏ ଜଣେ ବୀର (ଶୂର) ତଥା ଯୁଦ୍ଧମାନଙ୍କରେ ତୀବ୍ର ପ୍ରହାର ପୂର୍ବକ ଶତ୍ରୁବିଦ୍ଧ କରିବାର ଜଣେ ପ୍ରହାରକ, ସେ ନିଜ ମଧ୍ୟରେ ଆନନ୍ଦର ଓ ସମଗ୍ର ଶକ୍ତିର ବିଜ୍ଞାଶକୁ ଧାରଣ କରିଥାଏ ଯାହାକୁ 'ବାଜ' ତଥା 'ବିଶ୍ୱ' 'ଋଭୁଗଣ' ପରିପୋଷଣ କରନ୍ତି... କାରଣ ତୁମେମାନେ ହେଉଛ ସ୍ପଷ୍ଟ ବିଚାରବନ୍ତ କବିଗଣ ଓ ବିପଶ୍ଚିତ୍‌ଗଣ; ଏହି ଧାରଣା ନେଇ ଆମ ଆତ୍ମାର ଧୀ-ଯୁକ୍ତ ହୋଇ (ବ୍ରହ୍ମଣା) ଆମେ ଆମର ଜ୍ଞାନକୁ ତୁମମାନଙ୍କ ଆଗରେ ପ୍ରକାଶ କରୁଛୁ । ଜ୍ଞାନଯୁକ୍ତ ହୋଇ ତୁମେମାନେ ଆମ ଚିନ୍ତାର ପରିପାର୍ଶ୍ୱରେ ବିଚରଣ କର ଏବଂ ଆମ ନିମନ୍ତେ ସକଳ ମାନବୀୟ ଭୋଗ ନିର୍ମାଣ କର – ଭାପ୍ସର ସମୃଦ୍ଧି (ଦ୍ୟୁମନ୍ତଂ ବାଜମ୍) ଓ ଉର୍ବରକ ଶକ୍ତି (ବୃଷଣ୍ଶୁଷ୍ମମ୍) ଏବଂ ଉଚ୍ଚତମ ଆନନ୍ଦ (ରୟିମ୍) ରଚନା କର । ତୁମ ଆନନ୍ଦରେ ତୁମେ ରଚନା କର ଏହି ଜଗତରେ ପ୍ରଜା (ସନ୍ତାନ), ଏହି ଭୋଜରେ ଆନନ୍ଦ (ରୟିମ୍), ଏହିଠାରେ ଅନ୍ତଃପ୍ରେରଣାର ମହତୀ ଶକ୍ତି (ବୀରବର୍ ଶ୍ରବଃ) । ହେ ଋଭୁଗଣ ! ଆମକୁ ଦିଅ ସେହି ବିଚିତ୍ର ସମ୍ପତ୍ତି (ଚିତ୍ରଂ ବାଜଃ) ଯାହା ଦ୍ୱାରା ଆମେ ସାଧାରଣ ମାନବଗଣଙ୍କ ଊର୍ଦ୍ଧ୍ୱ ବସ୍ତୁଜ୍ଞାତ ପ୍ରତି ଜାଗରିତ ହୋଇଯିବୁ ।''[୧୪]

---

୧୪ ଋ. ବେ. ୪/୩୬/୬-୯ ।

ସ ବାଜ୍ୟର୍ବା ସ ରଷ୍ଟିର୍ବଚସ୍ୟୟା ସ ଶୂରୋ ଅସ୍ତା ପୃତନାସୁ ଦୁଷ୍ଟରଃ ।
ସ ରାୟସ୍ପୋଷଂ ସ ସୁବୀର୍ୟଂ ଦଧେ ଯଂ ବାଜୋ ବିଶ୍ୱୈ। ଋଭବୋ ଯମାବିଷୁଃ ॥୬॥
(ଶ୍ରେଷ୍ଠଂ ବଃ ପେଶୋ ଅଧ୍ ଧାୟି ଦର୍ଶତଂ ସ୍ତୋମୋ ବାଜା ଋଭବସ୍ତଂ ଜୁଜୁଷ୍ଟନ ।)
ଧୀରାସୋ ହି ଷ୍ଠା କବୟୋ ବିପଶ୍ଚିତସ୍ତାନ୍ ବ ଏନା ବ୍ରହ୍ମଣା ବେଦୟାମସି ॥୭॥
ୟୂୟମସ୍ମଭ୍ୟଂ ଧିଷଣାଭ୍ୟସ୍ପରି ବିଦ୍ୱାଂସୋ ବିଶ୍ୱା ନର୍ୟାଣି ଭୋଜନା ।
ଦ୍ୟୁମତ୍ତଂ ବାଜଂ ବୃଷଣ୍ଶୁଷ୍ମମୁତ୍ତମମା ନୋ ରୟିମୃଭବସ୍ତକ୍ଷତା ବୟଃ ॥୮॥
ଇହ ପ୍ରଜାମିହ ରୟିଂ ରରାଣା ଇହ ଶ୍ରବୋ ବୀରବତ୍ ତକ୍ଷତା ନଃ ।
ୟେନ ବୟଂ ଚିତୟେମାତ୍ୟନ୍ୟାନ୍ ତଂ ବାଜଂ ଚିତ୍ରମୃଭବୋ ଦଦା ନଃ ॥୯॥

ଅଧ୍ୟାୟ – ୧୨

ବିଷ୍ଣୁ – ସର୍ବବ୍ୟାପୀ ଦେବ

(ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୫୪, ଋଷି : ଦୀର୍ଘତମାଃ ଔଚଥ୍ୟ)

ବିଷ୍ଣୋର୍ନୁ କଂ ବୀର୍ୟାଣି ପ୍ର ବୋଚଂ
ୟଃ ପାର୍ଥିବାନି ବିମମେ ରଜାଂସି ।
ୟୋ ଅସ୍କଭାୟଦୁତ୍ତରଂ ସଧସ୍ଥଂ
ବିଚକ୍ରମାଣସ୍ତ୍ରେଧୋରୁଗାୟ ॥୧॥

ଅର୍ଥ (ଅନ୍ୱୟ ସହ) : ବିଷ୍ଣୁଙ୍କର [ବିଷ୍ଣୋଃ ନୁ] ବୀରତ୍ୱପୂର୍ଣ୍ଣ କର୍ମଗୁଡ଼ିକୁ [ବୀର୍ୟାଣି କମ୍] ମୁଁ ଉପସ୍ଥାପନ କରୁଛି [ପ୍ର ବୋଚମ୍], ଏ ହେଉଛନ୍ତି ସେହି ଦେବ ଯିଏ [ୟଃ] ପାର୍ଥିବ ଭୁବନଗୁଡ଼ିକୁ [ପାର୍ଥିବାନି ରଜାଂସି] ମାପି ନେଇଛନ୍ତି [ବିମମେ], ଆହୁରି ମଧ୍ୟ ଯିଏ [ୟଃ] ଆମ ଆତ୍ମସିଦ୍ଧିର ଉର୍ଦ୍ଧ୍ୱ ଆସନଗୁଡ଼ିକୁ [ଉତ୍ତରଂ ସଧସ୍ଥମ୍] ଧରି ରଖିଛନ୍ତି [ଅସ୍କଭାୟତ୍], ଯିଏ ନିଜ ବିଶ୍ୱଗତ ଗତିକ୍ରିୟାର ତ୍ରି-ଚରଣ ମଧ୍ୟରେ ବିଚରଣଶୀଳ [ଉରୁଗାୟଃ ତ୍ରେଧା ବିଚକ୍ରମାଣଃ] ।

ପ୍ର ତଦ୍‌ବିଷ୍ଣୁଃ ସ୍ତବତେ ବୀର୍ୟେଣ
ମୃଗୋ ନ ଭୀମଃ କୁଚରୋ ଗିରିଷ୍ଠାଃ ।
ୟସ୍ୟୋରୁଷୁ ତ୍ରିଷୁ ବିକ୍ରମଣେ-
ଷ୍ୱଧ୍ୟକ୍ଷିୟନ୍ତି ଭୁବନାନି ବିଶ୍ୱା ॥୨॥

ଅର୍ଥ (ଅନ୍ୱୟ ସହ) : 'ସେହି ବିଷ୍ଣୁ' [ତଦ୍‌ବିଷ୍ଣୁଃ] ନିଜର ବୀର୍ଯ୍ୟ ଦ୍ୱାରା [ବୀର୍ୟେଣ ସମୁଚ୍ଚରେ ପ୍ରତିଷ୍ଠାପିତ କରନ୍ତି [ପ୍ର ସ୍ତବତେ] ଏବଂ ସେ ହେଉଛନ୍ତି ଏକ ଭୟଙ୍କର ସିଂହ ଭଳି [ଭୀମଃ ମୃଗଃ ନ] ଯିଏ ଦୁର୍ଗମ ସ୍ଥାନରେ ପରିଭ୍ରମଣ କରନ୍ତି [କୁଚରଃ], ଆହୁରି ମଧ୍ୟ ସେ ପର୍ବତ ଶିଖରର ଗୁହାବାସୀ [ଗିରିଷ୍ଠାଃ], ଯାହାଙ୍କ [ୟସ୍ୟ] ବ୍ୟାପକ ତ୍ରିବିକ୍ରମଣରେ [ଉରୁଷୁ ତ୍ରିଷୁ ବିକ୍ରମଣେଷୁ] ସକଳ ଭୁବନ [ବିଶ୍ୱା ଭୁବନାନି] ନିଜର ବାସଭୂମି ଲାଭ କରିଥା'ନ୍ତି [ଅଧ୍ କ୍ଷିୟନ୍ତି] ।

ପ୍ର ବିଷ୍ଣବେ ଶୂଷମେତୁ ମନ୍ମ
ଗିରିକ୍ଷିତ ଉରୁଗାୟାୟ ବୃଷ୍ଣେ ।
ୟ ଇଦଂ ଦୀର୍ଘଂ ପ୍ରୟତଂ ସଧସ୍ଥ-
ମେକୋ ବିମମେ ତ୍ରିଭିରିତ୍ପଦେଭିଃ ॥୩॥

ଅର୍ଥ (ଅନ୍ୱୟ ସହ) : ଗିରିନିବାସୀ [ଗିରିକ୍ଷିତଃ] ବ୍ୟାପକ ବିକ୍ରମଶୀଳ ବୃଷଭ [ଉରୁଗାୟାୟ ବୃଷ୍ଣେ] ସର୍ବତ୍ର ପ୍ରବେଶନଶୀଳ ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ [ବିଷ୍ଣବେ] ଆମ ଶକ୍ତି ଓ ମନ ଗତି କରୁ [ଶୂଷଂ ମନ୍ମ ପ୍ର-ଏତୁ], ଏ ହେଉଛନ୍ତି ସେହି 'ଏକ' [ଏକଃ] ଯିଏ ନିଜର କେବଳ ତ୍ରି ଚରଣରେ [ୟଃ ତ୍ରିଭିଃ ଇତ୍ ପଦେଭିଃ] ଆମ ସ୍ୱ-କୃତିର [ପ୍ରୟତମ୍] ଏହି ସମସ୍ତ ଦୀର୍ଘ ତଥା ପରିବ୍ୟାପ୍ତ ଧାମକୁ [ଇଦଂ ଦୀର୍ଘଂ ସଧସ୍ଥମ୍] ମାପି ନେଇଥିଲେ [ବିମମେ] ।

ୟସ୍ୟ ତ୍ରୀ ପୂର୍ଣା ମଧୁନା ପଦାନ୍ୟ-
କ୍ଷୀୟମାଣା ସ୍ୱଧୟା ମଦନ୍ତି ।
ୟ ଉ ତ୍ରିଧାତୁ ପୃଥିବୀମୁତ ଦ୍ୟା-
ମେକୋ ଦାଧାର ଭୁବନାନି ବିଶ୍ୱା ॥୪॥

ଅର୍ଥ (ଅନ୍ୱୟ ସହ) : ଏ ହେଉଛନ୍ତି ସିଏ ଯାହାଙ୍କ ତିନି ପଦକ୍ଷେପ [ୟସ୍ୟ ତ୍ରୀ ପଦାନି] ମଧୁ-ଆସବରେ ପରିପୂର୍ଣ୍ଣ [ମଧୁନା ପୂର୍ଣା] ଏବଂ ସେମାନେ ଅକ୍ଷୟ [ଅକ୍ଷୀୟମାଣା] କିନ୍ତୁ ସେମାନଙ୍କ ସ୍ୱଭାବଗତ ଆତ୍ମ-ସଙ୍ଗତି ଦ୍ୱାରା [ସ୍ୱଧୟା] ସେମାନେ ତୀବ୍ର ଆନନ୍ଦ ଉପଭୋଗ କରନ୍ତି [ମଦନ୍ତି]; ଆହୁରି ମଧ୍ୟ [ଉ] ଯିଏ [ୟଃ] ତ୍ରିତତ୍ତ୍ୱକୁ [ତ୍ରିଧାତୁ] ତଥା ଧରା ଓ ସ୍ୱର୍ଗକୁ [ପୃଥିବୀମ୍ ଉତ ଦ୍ୟାମ୍] ଏପରିକି ସକଳ ଭୁବନକୁ [ବିଶ୍ୱା ଭୁବନାନି] ଏକାକୀ ଧାରଣ କରୁଛନ୍ତି [ଏକଃ ଦାଧାର] ।

ତଦସ୍ୟ ପ୍ରିୟମଭି ପାଥୋ ଅଶ୍ୟାଂ
ନରୋ ୟତ୍ର ଦେବୟବୋ ମଦନ୍ତି ।
ଉରୁକ୍ରମସ୍ୟ ସ ହି ବନ୍ଧୁରିତ୍ଥା
ବିଷ୍ଣୋଃ ପଦେ ପରମେ ମଧ୍ୱ ଉତ୍ସଃ ॥୫॥

ଅର୍ଥ (ଅନ୍ୱୟ ସହ) : ଏହା ମୋର ଆଶା ଯେ, ଏହାଙ୍କ ଗତିକ୍ରିୟାର ସେହି ଲକ୍ଷ୍ୟକୁ [ଅସ୍ୟ ପାଥଃ ତତ୍ ପ୍ରିୟମ୍] ମୁଁ ପ୍ରାପ୍ତ ହୋଇ ତାକୁ ଭୋଗ କରେ [ଅଭି-ଅଶ୍ୟାମ୍], ତାହା ସେହି ଆନନ୍ଦ ଯେଉଁଥିରେ [ୟତ୍ର] ଦେବାଭିଳାଷୀ ମାନବାତ୍ମାଗଣ

[ଦେବୟବଃ ନରଃ] ଉତ୍‌ଫୁଲ୍ଲତା ଅନୁଭବ କରନ୍ତି [ମଦନ୍ତି]; କାରଣ [ହି] ବ୍ୟାପକ ଗତିଶୀଳ ବିଷ୍ଣୁଙ୍କର [ଉରୁକ୍ରମସ୍ୟ ବିଷ୍ଣୋଃ] ପରମ ପଦରେ [ପରମେ ପଦେ] ସେ ହିଁ ମନୁଷ୍ୟମାନଙ୍କ ବନ୍ଧୁ [ସଃ ଇତ୍‌ଥା ବନ୍ଧୁଃ], ସେ ହିଁ ସେହି ମାଧୁର୍ଯ୍ୟର ଉତ୍ସ [ସଃ ମଧ୍ୱଃ ଉତ୍ସଃ]।

ତା ବାଂ ବାସ୍ତୂନ୍ୟୁଶ୍ମସି ଗମଧ୍ୟୈ
ୟତ୍ର ଗାବୋ ଭୂରିଶୃଙ୍ଗା। ଅୟାସଃ।
ଅତ୍ରାହ ତଦୁରୁଗାୟସ୍ୟ ବୃଷ୍ଣଃ
ପରମଂ ପଦମବ ଭାତି ଭୂରି ॥୬॥

ଅର୍ଥ (ଅନ୍ୱୟ ସହ) : ତୁମ ଦୁହିଁଙ୍କ ସେହି ବାସସ୍ଥାନଗୁଡ଼ିକୁ ଆମେ କାମନା କରୁଛୁ [ବାଂ ତା ବାସ୍ତୂନି ଉଶ୍ମସି] ଯାହା ଆମ ଯାତ୍ରାର ଲକ୍ଷ୍ୟ ସ୍ଥଳ [ଗମଧ୍ୟୈ], ଯେଉଁଠାକୁ ବହୁ ଶୃଙ୍ଗଯୁକ୍ତ 'ଆଲୋକ' ରୂପୀ ଗୋଯୂଥମାନ [ୟତ୍ର ଭୂରିଶୃଙ୍ଗାଃ ଗାବଃ] ଯାତ୍ରା କରିଥା'ନ୍ତି [ଅୟାସଃ]; ବ୍ୟାପକ-ଗତିମାନ୍ ବିଷ୍ଣୁଙ୍କର [ଉରୁଗାୟସ୍ୟ ବୃଷ୍ଣଃ] ପରମ ପଦ [ପରମଂ ପଦମ୍] ଏହି ଲୋକରେ ଆମ ଉପରେ [ଅତ୍ର ଇହ] ବହୁଗୁଣ ବିଶାଳତା ସହ [ଭୂରି] ଉଜ୍ଜ୍ୱଳ ରୂପରେ ଦୃଶ୍ୟମାନ ହେଉଛି [ଅବ ଭାତି]।

ଭାଷ୍ୟ

ଏହି ସୂକ୍ତରେ ଦେବତା ହେଉଛନ୍ତି ସର୍ବବ୍ୟାପକ 'ବିଷ୍ଣୁ', ଋଗ୍‌ବେଦରେ ଏହାଙ୍କର ଏକ ଘନିଷ୍ଠ ଗହନ ତଥା ପ୍ରାୟ ତାଦାତ୍ମ୍ୟ ସମ୍ବନ୍ଧ 'ରୁଦ୍ର'ଙ୍କ ସହିତ ରହିଛି; ପରବର୍ତ୍ତୀ ବୈଦିକ ସମ୍ପ୍ରଦାୟରେ ତାଙ୍କୁ ବେଶ୍ ଉଚ୍ଚ ସ୍ଥାନ ଦିଆଯାଇଛି। 'ରୁଦ୍ର' ହେଉଛନ୍ତି ଜଣେ ଭୟଙ୍କର ତଥା ପ୍ରଚଣ୍ଡ ଦେବ କିନ୍ତୁ ତାଙ୍କ ସହ ଯେଉଁ କଲ୍ୟାଣକାରୀ ଗୁଣଟି ରହିଛି ତାହା 'ବିଷ୍ଣୁ'ଙ୍କର ପରମ ଆନନ୍ଦମୟ ସତ୍ୟର ନିକଟତର; ମନୁଷ୍ୟ ପ୍ରତି ତଥା ତା'ର ସହାୟକ ଦେବତାଙ୍କ ପ୍ରତି ବିଷ୍ଣୁଙ୍କର ଯେଉଁ ନିରବଚ୍ଛିନ୍ନ ସଖ୍ୟ ରହିଛି ତାହାର ପଶ୍ଚାତରେ ଏକ ପ୍ରବଳ ରୌଦ୍ର ବିଦ୍ୟମାନ,— ''ଏକ ଭୟଙ୍କର ସିଂହ ଭଳି ସେ କୁପିତ ତଥା ଦୁର୍ଗମ ସ୍ଥାନଗୁଡ଼ିକରେ ପରିଭ୍ରମଣ କରନ୍ତି'', — ଏହି ଉକ୍ତିଟିକୁ 'ରୁଦ୍ର'ଙ୍କ ପ୍ରସଙ୍ଗରେ କହିବା ଅତ୍ୟନ୍ତ ସାଧାରଣ। 'ରୁଦ୍ର' ହେଉଛନ୍ତି ଅତ୍ୟନ୍ତ ତୀବ୍ରତା ସହ ଯୁଦ୍ଧଶୀଳ ମରୁଦ୍‌ଗଣଙ୍କ ଜନକ; 'ଏବୟା ମରୁତ୍' ନାମରେ ପ୍ରସ୍ତୁତ ପଞ୍ଚମ ମଣ୍ଡଳର ଅନ୍ତିମ ସୂକ୍ତରେ ବିଷ୍ଣୁଙ୍କୁ ସ୍ତୁତି କରି କୁହାଯାଇଛି ଯେ 'ବିଷ୍ଣୁ' ହେଉଛନ୍ତି ଏକ ଉତ୍ସ, ମରୁଦ୍‌ଗଣ ତାଙ୍କରିଠାରୁ ଉତ୍ପନ୍ନ,

ସେମାନେ ତାଙ୍କରି ସଦୃଶ ହୋଇଥା'ନ୍ତି ଏବଂ ସ୍ୱୟଂ 'ବିଷ୍ଣୁ' ସଂଗ୍ରାମରତ ଶକ୍ତିଗୁଡ଼ିକର ଏକତା ଓ ସମଗ୍ରତାର ସମରୂପ । 'ରୁଦ୍ର' ହେଉଛନ୍ତି ବିଶ୍ୱରେ ଆରୋହଣଧର୍ମୀ 'ଦେବ', 'ବିଷ୍ଣୁ' ମଧ୍ୟ ସେହି ସମାନ 'ଦେବ' ଯିଏ ସେହି ଆରୋହଣଧର୍ମୀ ଶକ୍ତିଗୁଡ଼ିକୁ ସାହାଯ୍ୟ ତଥା ସଂପ୍ରେରିତ କରନ୍ତି ।

ୟୁରୋପୀୟ ପଣ୍ଡିତମାନଙ୍କ ଦ୍ୱାରା ଗୋଟିଏ ମତ ଦୀର୍ଘଦିନ ଧରି ପ୍ରଚଳିତ ଥିଲା ଯେ ପୌରାଣିକ ଦୈବତ ବିଚାରଧାରାରେ 'ବିଷ୍ଣୁ' ଓ 'ଶିବ'ଙ୍କ ପ୍ରାଧାନ୍ୟ ଏକ ପରବର୍ତ୍ତୀ ବିକାଶ ଧାରାରେ ଘଟିଛି ଏବଂ ବେଦରେ ଏହି ଦେବଦ୍ୱୟଙ୍କର ସ୍ଥାନ ଓ ମାନ ବେଶ୍ ଗୌଣ ତଥା 'ଇନ୍ଦ୍ର' ଓ 'ଅଗ୍ନି'ଙ୍କ ତୁଳନାରେ ଏହାଙ୍କ ସ୍ଥାନ ନିମ୍ନରେ । ଏପରିକି ବହୁସଂଖ୍ୟକ ବିଦ୍ୱାନ୍‌ଙ୍କର ଏବେ ଏକ ସର୍ବଜନସମ୍ମତ ବିଚାର ଯେ 'ଶିବ' ଦ୍ରାବିଡ଼ମାନଙ୍କଠାରୁ ପ୍ରାପ୍ତ ଏକ ପରବର୍ତ୍ତୀ ଧାରଣା ଏବଂ ଦେଶୀୟ ସଂସ୍କୃତି ଉପରେ ବୈଦିକ ସମ୍ପ୍ରଦାୟ ଯେପରି ଆକ୍ରମଣ କରିଥିଲା ତା' ନିଜ ଉପରେ ସେହି ଆକ୍ରାନ୍ତ ଦେଶୀୟ ସଂସ୍କୃତିର ଆଂଶିକ ବିଜୟକୁ ଏହା ଦର୍ଶାଏ । ବୈଦିକ ଦୃଷ୍ଟିକୋଣକୁ ପୂରାପୂରି ଭୁଲ୍ ଭାବେ ବୁଝିବା ହେତୁ ତା'ର ଏକ ଆଂଶିକ ପ୍ରଭାବ ରୂପେ ଏହି ପ୍ରମାଦ ଦେଖାଦେବା ଅନିବାର୍ଯ୍ୟ ଏବଂ ଏଥିପାଇଁ ପ୍ରାଚୀନ 'ବ୍ରାହ୍ମଣ' ଗ୍ରନ୍ଥୋଭବ କର୍ମକାଣ୍ଡ ହିଁ ଦାୟୀ ଏବଂ ୟୁରୋପୀୟ ପାଣ୍ଡିତ୍ୟ ବେଦର ଗୌଣ ତଥା ବାହ୍ୟ ତତ୍ତ୍ୱ ସ୍ୱରୂପ ବୈଦିକ କଥାନକଗୁଡ଼ିକୁ ଅତିରଞ୍ଜନ କରିବା ମାଧ୍ୟମରେ ତାହାକୁ ଏକ ଅଭିନବ ତଥା ତତୋଽଧିକ ବିଭ୍ରାନ୍ତିକର ରୂପ ପ୍ରଦାନ କରିଛି ।

ବୈଦିକ ଦେବତାମାନଙ୍କ ପ୍ରାଧାନ୍ୟ ଏହି ସମସ୍ତ ଅନୁସାରେ ମପାଯାଏ ନାହିଁ ଯେ କେତେ ସଂଖ୍ୟାରେ ସୂକ୍ତ କେଉଁମାନଙ୍କ ନାମରେ ରହିଛି ଅଥବା ଋଷିମାନଙ୍କ ଚିନ୍ତା ମଧ୍ୟରେ କେତେଦୂର ସେମାନଙ୍କୁ ଆବାହନ କରାଯାଇଛି, ବରଂ ଯେଉଁ କର୍ମବିଶେଷକୁ ସେମାନେ ଅନୁପାଳନ କରୁଛନ୍ତି ସେହି ଅନୁସାରେ ମପାଯାଏ । ବେଦର ବେଶୀଭାଗ ସୂକ୍ତ 'ଅଗ୍ନି' ଓ 'ଇନ୍ଦ୍ର'ଙ୍କ ଉଦ୍ଦେଶ୍ୟରେ ରହିଛି ବୋଲି ସେ ଦୁହେଁ ଯେ 'ବିଷ୍ଣୁ' ଓ 'ରୁଦ୍ର'ଙ୍କ ଅପେକ୍ଷା ମହାନ୍, ଏହା ନୁହେଁ, କିନ୍ତୁ ସେମାନେ ଆନ୍ତର ଓ ବାହ୍ୟ ଜଗତରେ ଯେଉଁ କର୍ମବିଶେଷକୁ ସିଦ୍ଧ କରୁଛନ୍ତି ତାହା ପ୍ରାଚୀନ ରହସ୍ୟବାଦୀ ଋଷିମାନଙ୍କ ଆଧ୍ୟାତ୍ମିକ ସାଧନାମାର୍ଗ ପାଇଁ ଥିଲା ଅତ୍ୟନ୍ତ ସକ୍ରିୟ, ଅତୀବ ଗୁରୁତ୍ୱପୂର୍ଣ୍ଣ ତଥା ଅବାଧ ଫଳଦାୟକ; ସେମାନଙ୍କ ପ୍ରାଧାନ୍ୟ ଲାଭର ଏହାହିଁ ଏକମାତ୍ର କାରଣ । ମରୁଦ୍‌ଗଣ ହେଉଛନ୍ତି 'ରୁଦ୍ର'ଙ୍କ ସନ୍ତାନ, ଏମାନେ ନିଜର ପ୍ରଚଣ୍ଡ ଓ ଶକ୍ତିମାନ୍ 'ପିତା'ଙ୍କଠାରୁ ଦେବତ୍ୱରେ ଉଚ୍ଚ ନୁହନ୍ତି, କିନ୍ତୁ ଏମାନଙ୍କ ଉଦ୍ଦେଶ୍ୟରେ ବହୁ ସୂକ୍ତ ଉଚ୍ଚାରିତ ହୋଇଛି ଏବଂ ଅନ୍ୟ ଦେବଙ୍କ ସମ୍ପର୍କିତ ସୂକ୍ତଗୁଡ଼ିକରେ ଏହାଠାରୁ ବହୁଗୁଣ ଅଧିକ ବାର ଏମାନଙ୍କ ନାମୋଲ୍ଲେଖ ନିରନ୍ତର ଘଟିଛି, କାରଣ ଏମାନେ ଯେଉଁ କର୍ମବିଶେଷକୁ ସିଦ୍ଧ କରନ୍ତି ତାହା ବୈଦିକ ସାଧନାମାର୍ଗରେ ନିରବଚ୍ଛିନ୍ନ ତଥା

ତାତ୍କ୍ଷଣିକ । ଅନ୍ୟପକ୍ଷରେ ବେଦର ମୌଳିକ ଦେବତା 'ବିଷ୍ଣୁ', 'ରୁଦ୍ର', 'ବ୍ରହ୍ମଣସ୍ପତି', ଏମାନେ ପରେ ବିଷ୍ଣୁ-ଶିବ-ବ୍ରହ୍ମା ତ୍ରିଦେବ ରୂପେ ପୁରାଣରେ ଉପସ୍ଥାପିତ, ଏମାନେ ବୈଦିକ କର୍ମର ଅବସ୍ଥା ଓ ପରିସ୍ଥିତିକୁ ବଳ ଯୋଗାଇ ଥାଆନ୍ତି ଏବଂ ପଶ୍ଚାତରେ ଥାଇ ଅପେକ୍ଷାକୃତ ଅଧିକ ସମ୍ମୁଖସ୍ଥ ତଥା କର୍ମତତ୍ପର ଦେବଗଣଙ୍କ ଦ୍ୱାରା ସେହି କାର୍ଯ୍ୟରେ ସହାୟତା କରିଥା'ନ୍ତି, କିନ୍ତୁ ସେମାନେ କମ୍ ନିକଟତର ଏବଂ ସେହି କର୍ମର ଦୈନିକ ଗତିବିଧି ସହିତ ଏମାନେ ପ୍ରତ୍ୟକ୍ଷରେ କମ୍ ସଂଶ୍ଳିଷ୍ଟ ଥାଆନ୍ତି ।

'ବ୍ରହ୍ମଣସ୍ପତି' 'ବାକ୍' ଦ୍ୱାରା ସୃଷ୍ଟି ରଚନା କରିଥା'ନ୍ତି; ସେ ନିଶ୍ଚେତନା ଅନ୍ଧକାରର ମହାସମୁଦ୍ର ମଧ୍ୟରୁ ଆଲୋକ ତଥା ଦୃଶ୍ୟମାନ ଜଗତକୁ ଆବାହନ କରିଥା'ନ୍ତି ଏବଂ ସଚେତନ ସୃଷ୍ଟିର ରଚନାଗୁଡ଼ିକରୁ ସେମାନଙ୍କର ଉଚ୍ଚତମ ଲକ୍ଷ୍ୟ ଦିଗରେ କରୁଥିବା ଗତିକୁ ତ୍ୱରାନ୍ୱିତ କରିଥା'ନ୍ତି । 'ବ୍ରହ୍ମଣସ୍ପତି'ଙ୍କର ଏହି ରଚନାତ୍ମକ ଗୁଣ ହେତୁ ପରବର୍ତ୍ତୀ କାଳୀନ 'ସ୍ରଷ୍ଟା' ରୂପୀ 'ବ୍ରହ୍ମା' ଧାରଣାଟିର ଉତ୍ପତ୍ତି ଘଟିଛି ।

'ବ୍ରହ୍ମଣସ୍ପତି'ଙ୍କ ରଚନାର ଊର୍ଦ୍ଧ୍ୱମୁଖୀ ପ୍ରବର୍ତ୍ତନ ନିମନ୍ତେ ପ୍ରୟୋଜନୀୟ ଶକ୍ତି 'ରୁଦ୍ର' ଯୋଗାଇ ଥାଆନ୍ତି । ବେଦରେ ତାଙ୍କୁ ଦ୍ୟୌଃର ମହାଦେବ ଭାବେ ଅଭିହିତ କରାଯାଇଛି, କିନ୍ତୁ ସେ ନିଜ କର୍ମ ପୃଥିବୀରେହିଁ ଆରମ୍ଭ କରନ୍ତି ଏବଂ ଆମ ଆରୋହଣର ପାଞ୍ଚଟି ସ୍ତରରେ ପ୍ରବର୍ତ୍ତିତ ଯଜ୍ଞରେ ସେ ନିଜର ପ୍ରଭାବ ପ୍ରଦାନ କରିଥା'ନ୍ତି । ଏହି 'ଉଗ୍ର ଦେବ'ହିଁ ସଚେତନ ସତ୍ତାକୁ ତା'ର ଊର୍ଦ୍ଧ୍ୱତର ଉଦ୍‌ବର୍ତ୍ତନ ପ୍ରତି ଆଗେଇ ନେଇଥା'ନ୍ତି; ତାଙ୍କ ଶକ୍ତି ସକଳ ବିଘ୍ନକାରିଣୀ ଶକ୍ତିଙ୍କ ବିରୋଧରେ ସଂଗ୍ରାମ କରିଥାଏ, ପାପାଚାରୀ ଓ ଶତ୍ରୁ ଉପରେ ପ୍ରହାର କରିଥାଏ; ଦୋଷଦୁର୍ବଳତା ତଥା ସ୍ଖଳନ ପ୍ରତି ଅସହନଶୀଳ ସେ ହେଉଛନ୍ତି ଦେବଗଣଙ୍କ ମଧ୍ୟରେ ସବୁଠୁ ଭୟଙ୍କର, ବୈଦିକ ଋଷିଗଣଙ୍କର ଯଦି କାହା ପ୍ରତି ପ୍ରକୃତ ଭୟ ଥାଏ ତେବେ ସେ ହେଉଛନ୍ତି ଏହି ଏକହିଁ ଦେବ । 'ଅଗ୍ନି', ଯାହାଙ୍କର ଅନ୍ୟ ନାମ 'କୁମାର', ପୁରାଣରେ ଯାହାଙ୍କୁ 'ସ୍କନ୍ଦ' ରୂପେ ରୂପାୟିତ କରାଯାଇଛି — ପୃଥିବୀପୃଷ୍ଠରେ ସେ ହେଉଛନ୍ତି ଏହି 'ରୁଦ୍ର'-ଶକ୍ତିର ସନ୍ତାନ । ଭୀଷଣତା ଦ୍ୱାରା ନିଜକୁ ଦୀପ୍ତିମନ୍ତ କରୁଥିବା ମରୁଦ୍‌ଗଣ ହେଲେ ପ୍ରାଣିକ ଶକ୍ତିଗଣ, 'ରୁଦ୍ର'ଙ୍କର ସନ୍ତାନ । ରୁଦ୍ରଙ୍କର ପ୍ରାରମ୍ଭିକ ପାର୍ଥିବ ଅମାର୍ଜିତ ରଚନାଠାରୁ ମନ ରୂପକ ଜ୍ୟୋତିର୍ମୟ ସ୍ୱର୍-ଲୋକ ପର୍ଯ୍ୟନ୍ତ ଯେଉଁ ଦାରୁଣ ସଂଗ୍ରାମ କରିବାକୁ ହୋଇଥାଏ ସେଥିରେ 'ଅଗ୍ନି' ଓ 'ମରୁତ୍' ହେଉଛନ୍ତି ନାୟକ । କିନ୍ତୁ ବାହ୍ୟ ଓ ଆନ୍ତର ଜୀବନର ଯାବତୀୟ ତ୍ରୁଟିଯୁକ୍ତ ରଚନା ଓ ଗୋଷ୍ଠୀସବୁକୁ ଏହି ଯେଉଁ ପ୍ରଚଣ୍ଡ ତଥା ଶକ୍ତିମାନ୍ 'ରୁଦ୍ର' ଭାଙ୍ଗି ଛିନ୍ନଛତ୍ର କରି ଦେଇଥା'ନ୍ତି ତାଙ୍କର ମଧ୍ୟ ଏକ ଦୟାଳୁ ଗୁଣ ରହିଛି । ସେ ହେଉଛନ୍ତି ଜଣେ ପରମ ଦୁଃଖହାରୀ । ଯିଏ ତାଙ୍କ ପଥରୋଧ କରେ ତାକୁ ସେ ବିନାଶ କରିଥା'ନ୍ତି; ସହାୟତା ନିମନ୍ତେ ତାଙ୍କୁ ଡାକିଲେ ଏବଂ ସେ ସନ୍ତୁଷ୍ଟ

ହେଲେ ସକଳ କ୍ଷତି, ସକଳ ଅମଙ୍ଗଳ ତଥା ସମସ୍ତ ଦୁଃଖକଷ୍ଟର ଉପଶମ କରିଥା'ନ୍ତି । ଆମ ପାଇଁ ସଂଗ୍ରାମରତ ଶକ୍ତି ହେଉଛି ତାଙ୍କରି ବରଦାନ, ଆହୁରି ମଧ୍ୟ ପରିଣାମରେ ଯେଉଁ ଶାନ୍ତି ଓ ଆହ୍ଲାଦ ମିଳିଥାଏ ତାହା ମଧ୍ୟ ତାଙ୍କରି । ଏହି ବୈଦିକ ଦେବଙ୍କର ଏହି ସମସ୍ତ ଗୁଣ ମଧ୍ୟରେ ରହିଛି ପୁରାଣର 'ଶିବ-ରୁଦ୍ର' ଧାରଣାର ବିକାଶ ନିମନ୍ତେ ଯାବତୀୟ ଆବଶ୍ୟକ ବିଷୟ, ଯଥା ସିଏ ସଂହାରକ ପୁଣି ଦୁଃଖହାରୀ, ଶୂଇଙ୍କର ପୁଣି ଭୟଙ୍କର, ଯେଉଁ ଶକ୍ତି ଭୁବନ ଭୁବନରେ କ୍ରିୟାରତ ତାହାର ସେ ସ୍ୱାମୀ ଏବଂ ସେ ଜଣେ 'ଯୋଗୀ' ଯିଏ ପରମ ସ୍ୱାତନ୍ତ୍ର୍ୟ ତଥା ଶାନ୍ତିକୁ ଉପଭୋଗ କରୁଥା'ନ୍ତି ।

'ବ୍ରହ୍ମଣସ୍ପତି'ଙ୍କର ବାକ୍-ସୃଷ୍ଟି ନିମନ୍ତେ, 'ରୁଦ୍ର'-ଶକ୍ତିର କର୍ମଗୁଡ଼ିକ ନିମନ୍ତେ ବିଷ୍ଣୁ ସ୍ଥିତିଶୀଳ ଉପାଦାନଗୁଡ଼ିକୁ ଯୋଗାଇ ଦେଇଥା'ନ୍ତି — ଯଥା 'ଅନ୍ତରୀକ୍ଷ' ଲୋକଗୁଡ଼ିକର କ୍ରମାନୁବର୍ତ୍ତୀ ଗତି, ଆରୋହଣର ନାନା ସ୍ତର, ପରମ ଲକ୍ଷ୍ୟ ପ୍ରଭୃତି । ସେ ତିନିଟି ବିକ୍ରମଣ କରିଛନ୍ତି ଏବଂ ସେହି ବିକ୍ରମଣରେ ସେ ଯେଉଁ ଆୟତନ ସୃଷ୍ଟି କରିଛନ୍ତି ସେଥିରେ ସକଳ ଲୋକକୁ ସଂସ୍ଥାପିତ କରିଛନ୍ତି । ସର୍ବବିକ୍ରମୀ ଏହି ଦେବ ସେହି ଲୋକଗୁଡ଼ିକରେ ନିବାସ କରିବା ସଙ୍ଗେ ସଙ୍ଗେ ଦେବଗଣଙ୍କ କର୍ମ ଓ ଗତିକ୍ରିୟା ନିମନ୍ତେ ଅଳ୍ପ ବା ବୃହତ୍ତର ଆୟତନ ପ୍ରଦାନ କରିଥା'ନ୍ତି । ଇନ୍ଦ୍ରଙ୍କର 'ବୃତ୍ର'ବଧ ବେଳେ ସେ ଏହି ମହାସଂଗ୍ରାମରେ ନିଜର ମିତ୍ର ତଥା ସହଯୋଗୀ ସଖା[୧] 'ବିଷ୍ଣୁ'ଙ୍କୁ ଏହା କହି ପ୍ରାର୍ଥନା କରିଥା'ନ୍ତି — "ହେ ବିଷ୍ଣୋ ! ଅତ୍ୟନ୍ତ ବିଶାଳତାର ସହ ତୁମେ ନିଜର ବିକ୍ରମଣ କର,"[୨] ଏବଂ ସେହି ବିଶାଳତା ମଧ୍ୟରେ ସେ ବୃତ୍ରର ବିନାଶ କରିଥା'ନ୍ତି, ଏ ସେହି ବୃତ୍ର ଯିଏ ସୀମିତ କରିଦିଏ, ଏ ସେହି ବୃତ୍ର ଯିଏ ଆବୃତ କରି ରଖେ । 'ବିଷ୍ଣୁ'ଙ୍କର ପରମୋଚ୍ଚ ବିକ୍ରମଣ, ତାଙ୍କର ପରମ ଧାମ ହେଉଛି ଆନନ୍ଦ ଓ ଆଲୋକର ତ୍ରିଧାଲୋକ, ପ୍ରିୟଂ ପଦମ୍, ଯାହାକୁ ସୂରୀଗଣ ଦର୍ଶନର ଦୀପ୍ତିମାନ୍ ଚକ୍ଷୁ ଭଳି ସ୍ୱର୍ଲୋକରେ ବିସ୍ତୃତ ହୋଇଥିବାର ଦେଖିଥା'ନ୍ତି,[୩] ଯାହାକି ବିଷ୍ଣୁଙ୍କର ପରମ ଧାମ, ବୈଦିକ ଯାତ୍ରାର ତାହାହିଁ ଲକ୍ଷ୍ୟ । ଏଠାରେ ଆମେ ପୁଣି ଦେଖୁ ଯେ 'ସଂରକ୍ଷକ' ତଥା 'ପ୍ରେମର ଈଶ୍ୱର' ସ୍ୱରୂପ ପୌରାଣିକ 'ନାରାୟଣ'ଙ୍କର ଏହି ବୈଦିକ 'ବିଷ୍ଣୁ' ହେଉଛନ୍ତି ସ୍ୱାଭାବିକ ପୂର୍ବବର୍ତ୍ତୀ ଦେବ ତଥା ପର୍ଯ୍ୟାପ୍ତ ପ୍ରମାଣଯୁକ୍ତ ଉତ୍ସ ।

ପୁରାଣର ଦୈବତ ବ୍ୟବସ୍ଥାପନାରେ ଯେପରି 'ତ୍ରିଦେବ'ଙ୍କୁ ସର୍ବୋଚ୍ଚ ସ୍ଥାନରେ ରଖି ଅନ୍ୟ ଦେବଙ୍କୁ ନିମ୍ନ ସ୍ଥାନ ଦିଆଯାଇଛି ତାହାକୁ ବେଦର ମୌଳିକ ଧାରଣା ଅବଶ୍ୟହିଁ

---

୧ ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା । ୧/୨୨/୧୯

୨ ଅଥାବ୍ରବୀଦ୍ ବୃତ୍ରମିନ୍ଦ୍ରୋ ହନିଷ୍ୟନ୍ତ୍ସଖେ ବିଷ୍ଣୋ ବିତରଂ ବିକ୍ରମସ୍ୱ । ୪/୧୮/୧୧

୩ ତଦ୍ ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ ।
ଦିବୀବ ଚକ୍ଷୁରାତତମ୍ ॥ ୧/୨୨/୨୦

ଅମାନ୍ୟ କରେ। ବୈଦିକ ଋଷିଙ୍କ ଦୃଷ୍ଟିରେ ବିଶ୍ୱାତ୍ମକ 'ଦେବ' କେବଳ ଏକ,— ବିଷ୍ଣୁ, ରୁଦ୍ର, ବ୍ରହ୍ମଣସ୍ପତି, ଅଗ୍ନି, ଇନ୍ଦ୍ର, ବାୟୁ, ମିତ୍ର, ବରୁଣ ପ୍ରଭୃତି ତତ୍‌ସମ ରୂପଗଣ ଏବଂ ତାଙ୍କରି ଜାଗତିକ ଗୁଣାବଳି। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେବ ଅନ୍ତର୍ଗତ ଭାବେ ସ୍ୱୟଂ ସେହି 'ସମଗ୍ର ଦେବ' ଏବଂ ପ୍ରତ୍ୟେକ ଦେବତା ଅନ୍ୟ ଦେବତାଙ୍କୁ ନିଜ ମଧ୍ୟରେ ସନ୍ନିହିତ କରି ରଖିଥା'ନ୍ତି। ପରମ ତଥା ଏକ 'ଦେବ'ଙ୍କ ଯେଉଁ ଧାରଣା ବେଦର ରଚାଗୁଡ଼ିକରେ ଥିଲା ଅଥଚ ତାହା ସେତେ ସ୍ପଷ୍ଟ ହୋଇ ନ ଥିଲା କି ତାହାର ସ୍ୱରୂପ ନିର୍ଣ୍ଣୟ ନ କରି ଛାଡ଼ି ଦିଆ ଯାଇଥିଲା, ତାଙ୍କୁ କ୍ୱଚିତ୍ କ୍ଲୀବ ଲିଙ୍ଗରେ 'ତତ୍' ବା 'ଏକଂ ସତ୍' ଭାବରେ କୁହା ଯାଇଥିଲା ମାତ୍ର ତାହାର ସମ୍ପୂର୍ଣ୍ଣ ଉଦୟ ଉପନିଷଦ୍‌ରେ ଆସି ସମ୍ଭବ ହେଲା, ଅନ୍ୟପକ୍ଷରେ ଅନ୍ୟ ଦେବତାମାନଙ୍କୁ କର୍ମକାଣ୍ଡୀୟ ଧାରାରେ ସୀମିତ କରିଦେବା ଦ୍ୱାରା ଏବଂ କ୍ରମଶଃ ବୃଦ୍ଧିଶୀଳ ପୌରାଣିକ କଥାସାହିତ୍ୟର ଚାପ ହେତୁ ସେମାନଙ୍କର ମାନବୀୟ ତଥା ବ୍ୟକ୍ତିଗତ ଗୁଣଗୁଡ଼ିକର ନିର୍ଣ୍ଣୟ ବଢ଼ି ଚାଲିବା ଦ୍ୱାରା ସେମାନଙ୍କ ମାନ ନିମ୍ନକୁ ଚାଲିଗଲା ଏବଂ ବ୍ରହ୍ମା ବିଷ୍ଣୁ ଓ ରୁଦ୍ର, ଯେଉଁମାନଙ୍କ ଉପଯୋଗ ପ୍ରଥମେ କମ୍ ଥିଲା ଏବଂ ନିଜର ନାମ ଓ ଗୁଣରେ ଯେଉଁମାନେ ସାଧାରଣ ଥିଲେ ସେମାନେ ହିନ୍ଦୁ ଦେବକୁଳର ପୌରାଣିକ ଦେବ ପର୍ଯ୍ୟାୟର ଅନ୍ତିମ ସଂରଚନାରେ ସିଂହାସନାରୂଢ଼ ହୋଇଗଲେ।

ସର୍ବପ୍ରବେଶନଶୀଳ 'ବିଷ୍ଣୁ'ଙ୍କ ପ୍ରତି ସମ୍ବୋଧିତ ଦୀର୍ଘତମାଃ ଔଚଥ୍ୟଙ୍କର ଏହି ସୂକ୍ତରେ 'ବିଷ୍ଣୁ'ଙ୍କ କାର୍ଯ୍ୟକଳାପର ବିଶେଷତ୍ୱ, 'ବିଷ୍ଣୁ'ଙ୍କ ତ୍ରିବିକ୍ରମର ମହତ୍ତା ଆଦି ବିଷୟ ସଂକୀର୍ତ୍ତିତ। ଏଥିପାଇଁ ଆମ ମନରେ ଯେଉଁସବୁ ପରବର୍ତ୍ତିକାଳୀନ ପୌରାଣିକ ଗାଥା ସଂଲଗ୍ନ ତାହାକୁ ପରିତ୍ୟାଗ କରିବାକୁ ହେବ। ବାମନରୂପୀ 'ବିଷ୍ଣୁ', ଅସୁର ବଳି ଏବଂ ଭୂମି ସ୍ୱର୍ଗ ଓ ଅନ୍ଧକାରାବୃତ (ଅସୂର୍ଯ୍ୟ) ପାତାଳ ରୂପକ ଅଧଃସ୍ଥ ଲୋକଗୁଡ଼ିକୁ ଦିବ୍ୟ ପାଦ ଦ୍ୱାରା ଅଧିକାର ପ୍ରଭୃତି କଥା ସହିତ ଆମର ଏଠାରେ କୌଣସି ସମ୍ପର୍କ ଯୋଡ଼ିବାର ନାହିଁ। ବେଦରେ 'ବିଷ୍ଣୁ'ଙ୍କ ତ୍ରିବିକ୍ରମଣର ଅର୍ଥକୁ ଋଷି ଦୀର୍ଘତମାଃ ସ୍ପଷ୍ଟ ରୂପେ ପରିଭାଷିତ କରିଛନ୍ତି — ଭୂମି, ସ୍ୱର୍ ଓ ତ୍ରିତ-ତତ୍ତ୍ୱ, **ତ୍ରି-ଧାତୁ**। ସ୍ୱର୍-ଉର୍ଦ୍ଧ୍ୱରେ ଅଥବା ସ୍ୱର୍ଲୋକ ଉପରେ, **ନାକସ୍ୟ ପୃଷ୍ଠେ**, ଅଧ୍ୟାରୋପିତ ଏହି ତ୍ରିତ-ତତ୍ତ୍ୱ ହେଉଛି ଏହାର ଉଚ୍ଚତମ ସ୍ତର, ତାହାହିଁ ହେଉଛି ଏହି ସର୍ବ-ପ୍ରବେଶନଶୀଳ ଦେବଙ୍କର ପରମପଦ ବା ପରମଧାମ।

'ବିଷ୍ଣୁ' ହେଉଛନ୍ତି ବ୍ୟାପକ ଗତିଶୀଳ ଦେବ (ଉରୁକ୍ରମଃ)। ଈଶୋପନିଷଦ୍‌ର ଭାଷାରେ କହିଲେ — ସେ ସର୍ବତ୍ର ବ୍ୟାପୀ ଯାଇଛନ୍ତି — **ସ ପର୍ଯ୍ୟଗାତ୍**, — ଜଣେ 'ଦ୍ରଷ୍ଟା' 'ମନୀଷୀ' ଓ 'ସ୍ରଷ୍ଟା' ଏହି ତ୍ରି-ରୂପରେ ସେ ନିଜକୁ ବିସ୍ତାରିତ କରି ଦେଇଛନ୍ତି ଅତିଚେତନାର 'ଆନନ୍ଦ' ମଧ୍ୟରେ, ମନଃସ୍ୱର୍ଗରେ, ଦୈହିକ ଚେତନାରୂପୀ ଭୂମି ଉପରେ — **ତ୍ରେଧା ବିଚକ୍ରମାଣଃ**। ତାଙ୍କର ସେହି ତ୍ରି-ପଦରେ ସେ ଭୂଲୋକସ୍ଥ ଭୁବନଗୁଡ଼ିକର ସକଳ ବିସ୍ତୃତିକୁ

ମାପି ନେଇଛନ୍ତି ଏବଂ ସେଗୁଡ଼ିକୁ ରୂପ ଦେଇଛନ୍ତି; କାରଣ ବୈଦିକ ଭାବଧାରାରେ ଆମ ବାସସ୍ଥାନ ସ୍ୱରୂପ ଏହି ପାର୍ଥିବ ଜଗତ ହେଉଛି ନାନା ଚରଣ ମଧ୍ୟରୁ କେବଳ ଗୋଟିଏ ଯାହା ଆମକୁ ତା'ର ଊର୍ଦ୍ଧ୍ୱସ୍ଥ ପ୍ରାଣିକ ତଥା ମାନସିକ ଲୋକଗୁଡ଼ିକ ଦିଗରେ ନେଇ ଯାଇଥାଏ ଏବଂ ସେଗୁଡ଼ିକର ଆଧାର ହୋଇଥାଏ । ନିଜର ସେହି ଚରଣଗୁଡ଼ିକରେ ସେ ଭୂଲୋକକୁ ଓ ମଧ୍ୟମ ଲୋକକୁ ଧାରଣ କରନ୍ତି,— ଭୂଃ ହେଉଛି ଜଡ଼ ଜଗତ୍, ଭୁବଃ — ମଧ୍ୟ-ଲୋକ, ଏହା ହେଉଛି ଗତିଶୀଳ 'ପ୍ରାଣ'-ତତ୍ତ୍ୱର ପ୍ରଭୁ ବାୟୁ ଦେବଙ୍କ ଲୋକ,— ତ୍ରିସ୍ୱର୍ଗ ତଥା ଏହାର ଜ୍ୟୋତିର୍ମୟ ତ୍ରି-ଶିଖରକୁ, ତ୍ରୀଣି ରୋଚନା, ଧାରଣ କରନ୍ତି । ଋଷି ଏହି ତ୍ରିସ୍ୱର୍ଗକୁ ପୂର୍ଣ୍ଣତାଦାୟକ ଉଚ୍ଚତର ଧାମ (ଉରୁଂ ସଧସ୍ଥମ୍) ବୋଲି ବର୍ଣ୍ଣନା କରିଛନ୍ତି । ଭୂମି (ଭୂଃ), ମଧ୍ୟଲୋକ (ଭୁବଃ) ଓ ସ୍ୱର୍ (ସ୍ୱଃ) ପ୍ରଭୃତି ହେଉଛନ୍ତି ସଚେତନ ସତ୍ତାର ପ୍ରଗତିଶୀଳ ଆତ୍ମପରିପୂର୍ଣ୍ଣତା ପ୍ରକ୍ରିୟାରେ ତ୍ରିବିଧ ସ୍ଥାନ,— ଭୂଲୋକ : ତଳ ଆସନ, ପ୍ରାଣଲୋକ : ମଧ୍ୟମ ଆସନ, ସ୍ୱର୍ : ଉଚ୍ଚତର ଆସନ । 'ବିଷ୍ଣୁ'ଙ୍କ ତ୍ରିଧା ଗତିକ୍ରମରେ ଏହି ସମସ୍ତ ସମାବିଷ୍ଟ ହୋଇଛି ।[୪]

କିନ୍ତୁ ଏହା ପରେ ଆହୁରି କିଛି ଅଛି; ରହିଛି ଅନ୍ୟ ଏକ ଲୋକ ଯେଉଁଠାରେ ଆତ୍ମ ପରିପୂର୍ଣ୍ଣତା ସିଦ୍ଧ ହୋଇଥାଏ, 'ବିଷ୍ଣୁ'ଙ୍କ ଉଚ୍ଚତମ ଚରଣ । ଦ୍ୱିତୀୟ ମନ୍ତ୍ରରେ ଋଷି ''ତତ୍'' ଶବ୍ଦ ପ୍ରୟୋଗ କରି ତାହାକୁ ସରଳ ଭାବେ ବ୍ୟକ୍ତ କରିଛନ୍ତି; ନିଜ ତୃତୀୟ ଚରଣ ମଧ୍ୟରେ ଆହୁରି ଆଗକୁ ଗତି କରି ''ତତ୍'' 'ବିଷ୍ଣୁ' ନିଜର ଦିବ୍ୟ ବୀର୍ଯ୍ୟ ଦ୍ୱାରା ପ୍ରସ୍ତୁତ କରନ୍ତି ଅଥବା ଦୃଢ଼ତାର ସହ ପ୍ରତିଷ୍ଠା କରନ୍ତି, ପ୍ର ସ୍ତବତେ । ଏହା ପରେ 'ବିଷ୍ଣୁ'ଙ୍କୁ ଯେଉଁ ଭାଷାରେ ବର୍ଣ୍ଣନା କରାଯାଇଛି ସେଥିରେ ତାଙ୍କର ଆଦିତତ୍ତ୍ୱ ପ୍ରଚଣ୍ଡ 'ରୁଦ୍ର'ଙ୍କ ସଂକେତ ରହିଛି — ଭୀମ ମାରାତ୍ମକ 'ସିଂହ' (ମୃଗ) ପଶୁପତି (ପଶୁମାନଙ୍କର ଦିବ୍ୟ ସ୍ୱାମୀ) ରୂପେ ସେ ଲୋକଗୁଡ଼ିକରେ ବିବର୍ତ୍ତନ ପ୍ରକ୍ରିୟାରେ କାର୍ଯ୍ୟାରମ୍ଭ କରନ୍ତି, ତଥା ସତ୍ତାରୂପକ ପର୍ବତରେ ସେ ଉଚ୍ଚରୁ ଉଚ୍ଚକୁ ଗତି କରନ୍ତି, ଶିଖରଗୁଡ଼ିକରେ ସ୍ଥିତ ହେବା ପର୍ଯ୍ୟନ୍ତ ସେ ଦୁର୍ଗମ ଓ ଅଗମ୍ୟ ସ୍ଥାନଗୁଡ଼ିକୁ ପରିଭ୍ରମଣ କରି ଚାଲିଥା'ନ୍ତି । ଏହି ଭାବେ 'ବିଷ୍ଣୁ'ଙ୍କୁ ଏହି ବ୍ୟାପକ ତିନି ଗତିକ୍ରମରେ ଏହି ସମସ୍ତ ପଞ୍ଚ ଲୋକ ତଥା ତଦନ୍ତର୍ଗତ ସକଳ ପ୍ରାଣୀ ନିବାସ କରୁଛନ୍ତି । ଭୂମି, ଦ୍ୟୌଃ ଓ ଆନନ୍ଦଲୋକ, ''ତତ୍'', ଏହି ସମସ୍ତ ତାଙ୍କର ତ୍ରି-ବିକ୍ରମଣ । ପୃଥିବୀ ଓ ଦ୍ୟୌଃର ମଧ୍ୟବର୍ତ୍ତୀ ଲୋକ ଅନ୍ତରୀକ୍ଷ ବା ପ୍ରାଣ-ଜଗତ୍ ରହିଛି

---

୪ ବିଷ୍ଣୋର୍ନୁ କଂ ବୀର୍ୟାଣି ପ୍ର ବୋଚଂ
ୟଃ ପାର୍ଥିବାନି ବିମମେ ରଜାଂସି ।
ୟୋ ଅସ୍କଭାୟଦୁତ୍ତରଂ ସଧସ୍ଥଂ
ବିଚକ୍ରମାଣସ୍ତ୍ରେଧୋରୁଗାୟ ॥୧॥ (ପ୍ରଥମ ମନ୍ତ୍ର ଦ୍ରଷ୍ଟବ୍ୟ)

ଯାହାର ଆକ୍ଷରିକ ଅର୍ଥ ''ମଧ୍ୟବର୍ତ୍ତୀ ସଂଯୋଜକ ଲୋକ'' । ଦ୍ୟୌଃ ଓ ଆନନ୍ଦଲୋକର ମଧ୍ୟବର୍ତ୍ତୀ ଅନ୍ୟ ଏକ ବିଶାଳ ଅନ୍ତରିକ୍ଷ ବା ମଧ୍ୟବର୍ତ୍ତୀ ସଂଯୋଜକ ଲୋକ 'ମହର୍ଲୋକ' ରହିଛି ଅର୍ଥାତ୍ ତାହା ହେଉଛି ବସ୍ତୁଗୁଡ଼ିକର ଅତିଚେତନ 'ସତ୍ୟ' ଜଗତ୍ ।[୫]

ମନୁଷ୍ୟର ଯେଉଁ ଶକ୍ତି ଓ ଚିନ୍ତା,– ଶକ୍ତି ଆସିଥାଏ 'ଶକ୍ତିମାନ୍' 'ରୁଦ୍ର'ଙ୍କଠାରୁ ଏବଂ ଚିତ୍ତ ଆସିଥାଏ 'ବାକ୍'ର ସୃଜନଶୀଳ ସ୍ୱାମୀ 'ବ୍ରହ୍ମଣସ୍ପତି'ଙ୍କଠାରୁ, – ଏହି ଉଭୟଙ୍କର ଏହି ମହାନ୍ ଯାତ୍ରାରେ 'ବିଷ୍ଣୁ'ଙ୍କ ନିମନ୍ତେ ଅଥବା 'ବିଷ୍ଣୁ'ଙ୍କ ପ୍ରତି ଗତି କରିବାକୁ ଅଛି – ସେ ଏହାର ଲକ୍ଷ୍ୟ ସ୍ଥଳରେ, ଶୀର୍ଷରେ, ପର୍ବତ ଚୂଡ଼ାରେ ଦଣ୍ଡାୟମାନ । ଏହି ବିଶ୍ୱାତ୍ମକ ବିସ୍ତୃତ ଗତିବୃତ୍ତି ତାଙ୍କରି; ସେ ଏହି ଜଗତର 'ବୃଷଭ' ରୂପରେ ଶକ୍ତିର ସକଳ ଉର୍ଜାକୁ ଏବଂ ଚିନ୍ତାର ସକଳ ଗୋ-ଯୂଥକୁ ଉପଭୋଗ ତଥା ଗର୍ଭଧାରଣକ୍ଷମ କରିଥା'ନ୍ତି । ଏହି ସୁଦୂର-ପ୍ରସାରୀ ମହାକାଶ, ଯାହା ଆମ ଆଗରେ ଆତ୍ମପରିପୂର୍ଣ୍ଣତାର ଜଗତ୍ ରୂପେ ଏବଂ ମହାଯଜ୍ଞର ତ୍ରିଧା ଯଜ୍ଞବେଦୀ ରୂପେ ପ୍ରତିଭାତ ତାହା ଏହି ଭାବେ ମପାଯାଇଛି, ସର୍ବଶକ୍ତିମାନ୍ ଅନନ୍ତଙ୍କ ତ୍ରିଚରଣ ଦ୍ୱାରା ଏହିଭଳି ଗଠିତ ହୋଇଛି ।[୬]

ସେହି ତିନୋଟି ଯାକ ଚରଣ ଅସ୍ତିତ୍ୱର ଅନ୍ତର୍ଗତ ଆହ୍ଲାଦ-ରୂପକ ମଧୁ-ମଦ୍ୟରେ ପରିପ୍ଲୁତ । ଏହି 'ବିଷ୍ଣୁ' ସେହି ସବୁକୁ ଅସ୍ତିତ୍ୱର ଦିବ୍ୟ ଆନନ୍ଦ ଦ୍ୱାରା ପୂର୍ଣ୍ଣ କରିଥା'ନ୍ତି । ତାହାରି ଦ୍ୱାରା ସେମାନେ ଶାଶ୍ୱତ ଭାବେ ପରିପୋଷିତ ହେଉଥା'ନ୍ତି, ସେମାନେ ନଷ୍ଟ ବା ବିନାଶପ୍ରାପ୍ତ ହୁଅନ୍ତି ନାହିଁ, କିନ୍ତୁ ସେମାନଙ୍କ ସ୍ୱାଭାବିକ ଗତିବୃତ୍ତିର ଆତ୍ମ-ସମନ୍ୱୟରେ ରହିଥାଏ ସବୁବେଳେ ଏକ ଅତୁଟ ଆନନ୍ଦ, ସେମାନଙ୍କ ବିଶାଳ ଓ ଅନନ୍ତ ସତ୍ତାର ଅକ୍ଷୟ ମାଦକତା । ବିଷ୍ଣୁ ସେମାନଙ୍କୁ ଅନବରତ ଧରି ରଖିଥା'ନ୍ତି, ଅବିନଶ୍ୱର ଭାବେ ସଂରକ୍ଷଣ କରୁଥା'ନ୍ତି । ସେ 'ଏକ', ସେ ଏକାକୀ, ସେ ସ୍ୱୟଂସ୍ଥିତିସମ୍ପନ୍ନ 'ଦେବତା', ଏବଂ ସେ ନିଜର ଅସ୍ତିତ୍ୱ ମଧ୍ୟରେ ତ୍ରିତ ଦିବ୍ୟ ତତ୍ତ୍ୱକୁ (ତ୍ରିଧାତୁ) ଧାରଣ କରୁଥା'ନ୍ତି, ଆମେ ତାହାଙ୍କୁ

---

୫ ପ୍ର ତଦ୍‌ବିଷ୍ଣୁଃ ସ୍ତବତେ ବୀର୍ଯେଣ
ମୃଗୋ ନ ଭୀମଃ କୁଚରୋ ଗିରିଷ୍ଠାଃ ।
ୟସ୍ୟୋରୁଷୁ ତ୍ରିଷୁ ବିକ୍ରମଣେ
ଷ୍ୱଧିକ୍ଷିୟନ୍ତି ଭୁବନାନି ବିଶ୍ୱା ॥୨॥ (ଦ୍ୱିତୀୟ ମନ୍ତ୍ର ଦ୍ରଷ୍ଟବ୍ୟ)

୬ ପ୍ର ବିଷ୍ଣବେ ଶୂଷମେତୁ ମନ୍ମ
ଗିରିକ୍ଷିତ ଉରୁଗାୟାୟ ବୃଷ୍ଣେ ।
ୟ ଇଦଂ ଦୀର୍ଘଂ ପ୍ରୟତଂ ସଧସ୍ଥ
ମେକୋ ବିମମେ ତ୍ରିଭିରିତ୍‌ପଦେଭିଃ ॥୩॥ (ତୃତୀୟ ମନ୍ତ୍ର ଦ୍ରଷ୍ଟବ୍ୟ)

ଆମର ଆନନ୍ଦ ଲୋକ ମଧ୍ୟରେ, ଆମର ଆଧାରଭୂତ 'ଭୂଃ' ମଧ୍ୟରେ, 'ସ୍ୱର୍' ମଧ୍ୟରେ ବି ଯେଉଁଠି ଆମ ଅନ୍ତଃ-ମନୋମୟ ପୁରୁଷ ବିଦ୍ୟମାନ ତାଙ୍କ ଦ୍ୱାରା ତାଙ୍କୁ ସ୍ପର୍ଶ କରୁ; ଆମେ ତାଙ୍କୁ ଉପଲବ୍ଧି କରୁ। ଏହି ସମସ୍ତ ପଞ୍ଚଲୋକକୁ ସେ ହିଁ ଧାରଣ କରିଥା'ନ୍ତି।[୭] ତ୍ରିଧାତୁ, ଅସ୍ତିତ୍ୱର ତ୍ରିତ-ଉପାଦାନ ହେଉଛି ବେଦାନ୍ତ ବାକ୍ୟରେ 'ସଚ୍ଚିଦାନନ୍ଦ'; ବେଦର ପ୍ରଚଳିତ ଭାଷା ଅନୁସାରେ ତାହା 'ବସୁ' ବା ମୂଳ-ସତ୍‌ବସ୍ତୁ, 'ଉର୍ଜ୍', ଆମ ଅସ୍ତିତ୍ୱର ବଳପ୍ରାଚୁର୍ଯ୍ୟ, 'ପ୍ରିୟମ୍' ବା 'ମୟସ୍', ଆମ ଅସ୍ତିତ୍ୱର ଅତ୍ୟନ୍ତ ସାରମର୍ମରେ ନିହିତ ଆନନ୍ଦ ଓ ପ୍ରେମ। ଯାହା କିଛି ଅସ୍ତିତ୍ୱ ଲାଭ କରିଛି ସେହି ସବୁକିଛି ଏହି ତ୍ରି-ବସ୍ତୁରେ ଗଠିତ ଏବଂ ଆମ ନିଜ ଯାତ୍ରାର ଲକ୍ଷ୍ୟସ୍ଥଳରେ ଉପନୀତ ହେବା କେଳେ ଆମେ ଏହି ସମସ୍ତର ପୂର୍ଣ୍ଣତା ଲାଭ କରିଥାଉ।

ଯାତ୍ରାର ଲକ୍ଷ୍ୟ ହେଉଛି ଆନନ୍ଦ, 'ବିଷ୍ଣୁ'ଙ୍କ ତ୍ରି-ଚରଣର ଏହା ଅନ୍ତିମ। ଋଷି ''ତତ୍'' ଭଳି ଏକ ଅନିର୍ଦ୍ଦେଶ୍ୟ ଶବ୍ଦ ସାହାଯ୍ୟରେ ତାହାର ପ୍ରଥମ ଅସ୍ପଷ୍ଟ ସଂକେତ ଦେଇଛନ୍ତି; ଏହା ସେହି ଆନନ୍ଦର ସଙ୍କେତ ବହନ କରେ ଯାହା 'ବିଷ୍ଣୁ'ଙ୍କ ବିକ୍ରମଣର ଲକ୍ଷ୍ୟସ୍ଥଳ। ଏହା ସେହି 'ଆନନ୍ଦ' ଯାହା ମନୁଷ୍ୟ ପାଇଁ ନିଜ ଉତ୍ତରଣ-ପଥରେ ଏକ ଜଗତ୍ ଯେଉଁଠି ସେ ଦିବ୍ୟ ଆନନ୍ଦରସର ଆସ୍ୱାଦନ କରିଥାଏ, ଅନନ୍ତ 'ଚିତ୍'ର ପୂର୍ଣ୍ଣ ଊର୍ଜା ଲାଭ କରିଥାଏ। ନିଜର ଅନନ୍ତ 'ସତ୍'ର ଉପଲବ୍ଧି କରିଥାଏ। ଅସ୍ତିତ୍ୱରୂପ ମଧୁ-ମଦ୍ୟର ଏକ ଉଚ୍ଚାସୀନ ଉତ୍ସ ରହିଛି ଯେଉଁଥିରେ 'ବିଷ୍ଣୁ'ଙ୍କର ଚରଣତ୍ରୟ ପୂରି ଉଠିଛି। ଏହି ଦେବଙ୍କର ଅଭିଳାଷୀ ଆତ୍ମାଗଣ ସେହି ମାଧୁର୍ଯ୍ୟ-ମଦ୍ୟର ପୂର୍ଣ୍ଣ ଉଲ୍ଲାସରେ ଜୀବନଧାରଣ କରନ୍ତି। ପରମ ପଦରେ, ବ୍ୟାପକଭାବେ ଗତିଶୀଳ (ଉରୁକ୍ରମଃ) ବିଷ୍ଣୁଙ୍କର ପରମ ଧାମରେ ଦିବ୍ୟ ମାଧୁର୍ଯ୍ୟର ଆଦି ସ୍ୱରୂପ ମଧୁ-ମଦ୍ୟର ନିର୍ଝରିଣୀ ବିଦ୍ୟମାନ,— କାରଣ ସେଠାରେ ସେହି 'ଦେବ' ନିବାସ କରନ୍ତି, ତାଙ୍କ ପ୍ରତି ଅଭୀପ୍ସୁ ଆତ୍ମାଗଣଙ୍କର

---

୭ ୟସ୍ୟ ତ୍ରୀ ପୂର୍ଣ୍ଣା ମଧୁନା ପଦାନ୍ୟ-
କ୍ଷୀୟମାଣା ସ୍ୱଧୟା ମଦନ୍ତି।
ୟ ଉ ତ୍ରିଧାତୁ ପୃଥିବୀମୁତ ଦ୍ୟା-
ମେକୋ ଦାଧାର ଭୁବନାନି ବିଶ୍ୱା ॥୪॥ (ଚତୁର୍ଥ ମନ୍ତ୍ର ଦ୍ରଷ୍ଟବ୍ୟ)
ତଦସ୍ୟ ପ୍ରିୟମଭି ପାଥୋ ଅଶ୍ୟାଂ
ନରୋ ୟତ୍ର ଦେବୟବୋ ମଦନ୍ତି।
ଉରୁକ୍ରମସ୍ୟ ସ ହି ବନ୍ଧୁରିତ୍ଥା
ବିଷ୍ଣୋଃ ପଦେ ପରମେ ମଧ୍ୱ ଉତ୍ସଃ ॥୫॥ (ପଞ୍ଚମ ମନ୍ତ୍ର ଦ୍ରଷ୍ଟବ୍ୟ)

ସେ ହେଉଛନ୍ତି ଯଥାର୍ଥ ବନ୍ଧୁ ଓ ପ୍ରେମିକ, ବିଶ୍ୱ ମଧ୍ୟରେ ବିକ୍ରମଣ କରୁଥିବା ସେହି 'ଦେବ' ଅଚଳ ତଥା ସମ୍ପୂର୍ଣ୍ଣ ବାସ୍ତବ 'ବିଷ୍ଣୁ'ଙ୍କ ଅଭିମୁଖେ ଆରୋହଣ କରନ୍ତି ।

ଏଠାରେ ଦ୍ୱିବିଧତା ରହିଛି । ଇହଲୋକରେ ବିଷ୍ଣୁ ଗତିଶୀଳ, ପରଲୋକରେ ଏହି 'ଦେବ' ନିତ୍ୟ ସ୍ଥିତିଶୀଳ ତଥା ମଧୁ-ଆସ୍ୱାଦକ, ଏବଂ ଏହି ଯୁଗଳଙ୍କର ଯେଉଁ ପରମୋଚ୍ଚ ନିବାସସ୍ଥଳ ରହିଛି ତାହା ସଚ୍ଚିଦାନନ୍ଦ ସ୍ୱରୂପ ତ୍ରିତ ଜଗତ୍ ଯାହାକୁ ଆମେ ଏହି ଦୀର୍ଘ ଯାତ୍ରାର, ମହାନ୍ ଊର୍ଦ୍ଧ୍ୱମୁଖୀ ଗତିର ଲକ୍ଷ୍ୟ ରୂପେ ଇଚ୍ଛା କରିଥାଉ । ସେହିଠାରେ ହିଁ ସଚେତନ ଚିତ୍ତ, ସଚେତନ ଶକ୍ତି ରୂପକ ବହୁଶୃଙ୍ଗଯୁକ୍ତ ଗୋ-ଯୂଥମାଳା ବିଚରଣ କରୁଛନ୍ତି — ତାହାହିଁ ସେମାନଙ୍କର ଲକ୍ଷ୍ୟସ୍ଥଳ, ତାହାହିଁ ସେମାନଙ୍କର ଆଶ୍ରୟ । ସେହି ଜଗତଗୁଡ଼ିକରେ ସେହି ପରମୋଚ୍ଚ ଚରଣର ଯେଉଁ ବିରାଟ ପରିପୂର୍ଣ୍ଣ ଅସୀମ ଦୀପ୍ତି ରହିଛି ଏବଂ ଯାହା ଇହଲୋକବାସୀ ଆମ ସମସ୍ତଙ୍କ ଉପରେ ଝଲସି ଉଠୁଛି ତାହା ବ୍ୟାପକ ବିଚରଣଶୀଳ ସେହି 'ବୃଷଭ'ଙ୍କର, ବହୁଶୃଙ୍ଗଧାରୀ ଗୋଯୂଥସକଳଙ୍କ ସ୍ୱାମୀଙ୍କର ଚରଣ, ତାହା ହିଁ ପରମଧାମ,— 'ବିଷ୍ଣୁ' ସର୍ବବ୍ୟାପୀ ବିଶ୍ୱାତ୍ମକ 'ଦେବତା', ଆମ ଆତ୍ମାସକଳର ସେ ପ୍ରେମିକ ଓ ସଖା, ବିଶ୍ୱାତୀତ ସତ୍ ତଥା ବିଶ୍ୱାତୀତ ଆନନ୍ଦର ସେ ଅଧୀଶ୍ୱର ।[୯]

---

୯ ତା ବାଂ ବାସ୍ତୂନ୍ୟୁଶ୍ମସି ଗମଧ୍ୟୈ
ଯତ୍ର ଗାବୋ ଭୂରିଶୃଙ୍ଗା। ଅୟାସଃ ।
ଅତ୍ରାହ ତଦୁରୁଗାୟସ୍ୟ ବୃଷ୍ଣଃ
ପରମଂ ପଦମବ ଭାତି ଭୂରିଃ ॥୬॥ (ଷଷ୍ଠ ମନ୍ତ୍ର ଦ୍ରଷ୍ଟବ୍ୟ)

ଅଧ୍ୟାୟ – ୧୩

ସୋମ, ଆନନ୍ଦ ଓ ଅମୃତତ୍ୱର ଅଧିଷ୍ଠିତ ଦେବ

(ଋଗ୍‌ବେଦ : ମଣ୍ଡଳ - ୯, ସୂକ୍ତ : ୮୩ : ଋଷି : ପବିତ୍ର ଆଙ୍ଗିରସଃ)

ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ
ପ୍ରଭୁର୍ଗାତ୍ରାଣି ପର୍ଯେଷି ବିଶ୍ୱତଃ ।
ଅତପ୍ତତନୂର୍ନ ତଦାମୋ ଅଶ୍ନୁତେ
ଶୃତାସ ଇଦ୍‌ବହନ୍ତସ୍ତତ୍‌ସମାଶତ ॥୧॥

ଅର୍ଥ (ଅନ୍ୱୟ ସହ) : ହେ ଆତ୍ମାର ଅଧିପତି [ବ୍ରହ୍ମଣସ୍ପତେ] ! ତୁମର ବିଶୋଧନକାରୀ ଛାଙ୍କୁଣି [ତେ ପବିତ୍ରମ୍] ବିସ୍ତାରିତ ହୋଇଯାଇଛି [ବିତତମ୍]; ତୁମେ ଜୀବଭୂତ ହେବା ସଙ୍ଗେ ସଙ୍ଗେ [ପ୍ରଭୁଃ] ସେମାନଙ୍କ ଗାତ୍ରର ସର୍ବାଙ୍ଗରେ ପରିବ୍ୟାପ୍ତ ହୋଇଛ [ଗାତ୍ରାଣି ବିଶ୍ୱତଃ ପର୍ଯେଷି]। ଯିଏ ଅପକ୍ୱ [ଆମଃ] ଏବଂ ଯାହାର ତନୁ ଅଗ୍ନିତାପରେ ତପ୍ତ ହୋଇ ନାହିଁ [ଅତପ୍ତତନୂଃ], ସେ ସେହି ଆନନ୍ଦକୁ ଆସ୍ୱାଦନ କରିପାରେ ନାହିଁ [ତତ୍ ନ ଅଶ୍ନୁତେ]; କେବଳ ସେହିମାନେ ଏହାକୁ (ଆନନ୍ଦକୁ) ବହନ କରି [ତତ୍ ବହନ୍ତଃ] ଉପଭୋଗ କରିବାକୁ ସମର୍ଥ [ସମାଶତ ଇତ୍], ଯେଉଁମାନେ ଅଗ୍ନି ଦ୍ୱାରା ପ୍ରସ୍ତୁତ କରା ହୋଇଛନ୍ତି [ଶୃତାସଃ]।

ତପୋଷ୍ପବିତ୍ରଂ ବିତତଂ ଦିବସ୍ପଦେ
ଶୋଚନ୍ତୋ ଅସ୍ୟ ତନ୍ତବୋ ବ୍ୟସ୍ଥିରନ୍ ।
ଅବନ୍ତ୍ୟସ୍ୟ ପବୀତାରମାଶବୋ
ଦିବସ୍ପୃଷ୍ଠମଧି ତିଷ୍ଠତି ଚେତସା ॥୨॥

ଅର୍ଥ (ଅନ୍ୱୟ ସହ) : ତାଙ୍କ ତାପ ରୂପକ ବିଶୋଧନକାରୀ ଛାଙ୍କୁଣି [ତପୋଃ ପବିତ୍ରମ୍] 'ସ୍ୱର୍ଗ' ଧାମରେ ବ୍ୟାପ୍ତ ହୋଇଛି [ଦିବସ୍ପଦେ ବିତତମ୍]; ଉଜ୍ଜ୍ୱଳ କିରଣଯୁକ୍ତ ଏହାଙ୍କ ତନ୍ତୁଗୁଡ଼ିକ [ଅସ୍ୟ ଶୋଚନ୍ତଃ ତନ୍ତବଃ] ବିସ୍ତାରିତ ହୋଇଯାଇଛି [ବ୍ୟସ୍ଥିରନ୍]। ଏହାଙ୍କ କ୍ଷିପ୍ରଗାମୀ ଆନନ୍ଦରସରାଜି [ଅସ୍ୟ ଆଶବଃ] ତାଙ୍କ ବିଶୋଧନକାରୀ ଆତ୍ମାକୁ [ପବୀତାରମ୍] ପରିପୁଷ୍ଟ କରନ୍ତି [ଅବନ୍ତି]; ସଚେତନ ଆତ୍ମା ସାହାଯ୍ୟରେ [ଚେତସା] ଦ୍ୟୁଲୋକର ସମୁଚ୍ଚ ସ୍ତରକୁ [ଦିବଃ ପୃଷ୍ଠମ୍] ଉତ୍ତରଣ କରନ୍ତି [ଅଧି ତିଷ୍ଠତି]।

ଅରୂରୁଚଦୁଷସଃ ପୃଶ୍ନିରଗ୍ରିୟ
ଉକ୍ଷା ବିଭର୍ତି ଭୁବନାନି ବାଜୟୁଃ
ମାୟାବିନୋ ମମିରେ ଅସ୍ୟ ମାୟୟା
ନୃଚକ୍ଷସଃ ପିତରୋ ଗର୍ଭମା ଦଧୁଃ ॥୩॥

ଅର୍ଥ (ଅନ୍ୱୟ ସହ) : ଏ ହେଉଛନ୍ତି ସର୍ବଶ୍ରେଷ୍ଠ ଛାବୁଲା ବୃଷଭ [ଅଗ୍ରିୟଃ ପୃଶ୍ନିଃ] ଯିଏ ଉଷାଙ୍କୁ ପ୍ରଦୀପିତ କରିଛନ୍ତି [ଉଷସଃ ଅରୂରୁଚତ୍], ଏ ହେଉଛନ୍ତି ସେହି 'ପୁରୁଷ' [ଉକ୍ଷା] ଯିଏ ସୃଷ୍ଟିର ଭୁବନଗୁଡ଼ିକୁ [ଭୁବନାନି] ଧାରଣ କରିଛନ୍ତି [ବିଭର୍ତି] ଏବଂ ପ୍ରାଚୁର୍ଯ୍ୟ ବାଞ୍ଛା କରୁଛନ୍ତି [ବାଜୟୁଃ]; ପୂର୍ବରୁ ରଚନା-ଜ୍ଞାନ-ପ୍ରାପ୍ତ ପିତୃଗଣ [ମାୟାବିନଃ ପିତରଃ] ଏହାଙ୍କ (ସୋମଙ୍କ) ଜ୍ଞାନଶକ୍ତି ଦ୍ୱାରା [ଅସ୍ୟ ମାୟୟା] ତାଙ୍କର ଏକ ଆକୃତି ରଚନା କରିଛନ୍ତି [ମେମିରେ]; ଶତ ଦୃଷ୍ଟିଧାରୀ ସେମାନେ [ନୃଚକ୍ଷସଃ] ଜନ୍ମାଭିମୁଖ ଏକ ଶିଶୁ ପରି [ଗର୍ଭମ୍] ତାଙ୍କୁ ନିଜ ମଧ୍ୟରେ ଧାରଣ କରିଛନ୍ତି [ଆ ଦଧୁଃ]।

ଗନ୍ଧର୍ବ ଇତ୍‌ଥା ପଦମସ୍ୟ ରକ୍ଷତି
ପାତି ଦେବାନାଂ ଜନିମାନ୍ୟଦ୍ଭୁତଃ ।
ଗୃଭ୍‌ଣାତି ରିପୁଂ ନିଧୟା ନିଧାପତିଃ
ସୁକୃତମା ମଧୁନୋ ଭକ୍ଷମାଶତ ॥୪॥

ଅର୍ଥ (ଅନ୍ୱୟ ସହ) : ଗନ୍ଧର୍ବ ରୂପେ [ଗନ୍ଧର୍ବଃ ଇତ୍‌ଥା] ସେ ନିଜର ଯଥାର୍ଥ ଆସନର ରକ୍ଷା କରୁଛନ୍ତି [ଅସ୍ୟ ପଦଂ ରକ୍ଷତି]; 'ଏକ' ପରମୋଚ୍ଚ ତଥା ଅଦ୍ଭୁତ [ଅଦ୍ଭୁତଃ] ରୂପେ ସେ ଦେବଗଣଙ୍କ ଜନ୍ମର ଯତ୍ନ ନେଉଛନ୍ତି [ଦେବାନାଂ ଜନିମାନି ପାତି]; ଆନ୍ତର କର୍ମ ବ୍ୟବସ୍ଥାର (ନିଧାନର) ପତି ସେ [ନିଧାପତିଃ] ଆନ୍ତର କର୍ମ ବ୍ୟବସ୍ଥା (ନିଧାନ) ଦ୍ୱାରା [ନିଧୟା] ସେ ଶତ୍ରୁକୁ କରଗତ କରିଥା'ନ୍ତି [ରିପୁଂ ଗୃଭ୍‌ଣାତି]। କର୍ମରେ ଯେଉଁମାନେ ସମ୍ପୂର୍ଣ୍ଣ ସିଦ୍ଧହସ୍ତ [ସୁକୃତମାଃ] ସେମାନେ ମଧୁ ରସର ଭୋଗକୁ ଆସ୍ୱାଦନ କରିଥା'ନ୍ତି [ମଧୁନଃ ଭକ୍ଷମ୍ ଆଶତ]।

ହବିର୍ହବିଷ୍ମା ମହି ସଦ୍ମ ଦୈବ୍ୟଂ
ନଭୋ ବସାନଃ ପରି ୟାସ୍ୟଧ୍ୱରମ୍ ।
ରାଜା ପବିତ୍ରରଥୋ ବାଜମାରୁହଃ
ସହସ୍ରଭୃଷ୍ଟିର୍ଜୟସି ଶ୍ରବୋ ବୃହତ୍ ॥୫॥

ଅର୍ଥ (ଅନ୍ୱୟ ସହ) : ଗର୍ଭରେ ହବିଃଧାରୀ ହେ (ସୋମ) [ହବିଷ୍ମ୍] ! ତୁମେ ଦିବ୍ୟ ଅନ୍ନ [ହବିଃ], ତୁମେ ବିରାଟ [ମହି], ଦିବ୍ୟ ଆବାସ [ଦୈବ୍ୟଂ ସଦ୍ମ]; ଆକାଶକୁ ବସନ ରୂପେ ଧାରଣ କରି [ନଭଃ ବସାନଃ] ତୁମେ ଯଜ୍ଞର ଯାତ୍ରାପଥକୁ ଘେରି ରହିଛ [ଅଧ୍ୱରଂ ପରି ୟାସି]। ଛାନ୍ଦୁଣିକୁ ରଥ ରୂପେ ଗ୍ରହଣ କରିଥିବା ଜଣେ ରାଜା ରୂପେ [ପବିତ୍ରରଥଃ ରାଜା] ତୁମେ ପ୍ରାଚୁର୍ଯ୍ୟ ମଧ୍ୟକୁ ଆରୋହଣ କରୁଛ [ବାଜମ୍ ଆରୁକ୍ଷଃ]; ତୁମର ସହସ୍ର ଜ୍ୱାଳାମୟ ଦୀପ୍ତିରେ [ସହସ୍ରଭୃଷ୍ଟିଃ] ତୁମେ ବିଶାଳ ଖ୍ୟାତିକୁ ଜୟ କରୁଛ [ବୃହତ୍ ଶ୍ରବଃ ଜୟସି]।

ଭାଷ୍ୟ

ବୈଦିକ ସୂକ୍ତଗୁଡ଼ିକର ଏକ ସାରତମ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଛି ଯେ ବୈଦିକ ଉପାସନା ମାର୍ଗ ଯଦିଓ "ଏକଦେବବାଦୀ" (monotheistic) ନୁହେଁ, ଶବ୍ଦଟିର ଅର୍ଥ ଆଧୁନିକ ଯୁଗରେ ଯାହା ବୁଝାଏ ଏହା ସେହି ଅର୍ଥରେ, ତଥାପି କେଉଁ କେଉଁ ଖୋଲାଖୋଲି ସରଳ ଭାଷାରେ ତ କେବେ କେବେ ଜଟିଳ ତଥା ଜଟିଳବୋଧ ରଚନାଶୈଳୀରେ ନିରବଚ୍ଛିନ୍ନ ଭାବେ ଏହା ଲକ୍ଷ୍ୟ କରିହୁଏ, ଏବଂ ସବୁକେଉଁ ଏହାର ଗଭୀରରେ ଏକ ବିଚାର ନିହିତ ଥାଏ ଯେ ସେମାନେ ଯେଉଁ ବହୁ ଦେବତାଙ୍କୁ ଆବାହନ କରୁଛନ୍ତି ସେମାନେ ପ୍ରକୃତରେ ଏକ 'ଦେବ'— ବହୁ ନାମଧାରୀ ସେ 'ଏକ', ବିବିଧ ଗୁଣ ନେଇ ସେ ବ୍ୟକ୍ତ ହୋଇଛନ୍ତି, ବହୁ ଦିବ୍ୟ ବ୍ୟକ୍ତିତ୍ୱର ଛନ୍ଦୁ ରୂପ ବହନ କରି ସେମାନେ ମନୁଷ୍ୟର ନିକଟବର୍ତ୍ତୀ ହେଉଛନ୍ତି। ପାଶ୍ଚାତ୍ୟ ବିଦ୍ୱାନ୍‌ମାନେ ଏହି ସାମ୍ପ୍ରଦାୟିକ ମନୋଭାବରେ ଉଦ୍‌ଭ୍ରାନ୍ତ ହୋଇ, କୌଣସିଟି ଭାରତୀୟ ମନ ପାଇଁ ଏହା ଆଦୌ ଜଟିଳ୍ୟ ସୃଷ୍ଟି କରୁ ନ ଥିଲେ ମଧ୍ୟ ଏହାକୁ ବୋଧଗମ୍ୟ କରାଇବା ନିମନ୍ତେ 'ବେଦିକ୍ ହେନୋଥେଇଜିମ୍' (Vedic henotheism) ନାମରେ ବିମର୍ଶ-ପଦ୍ଧାଟିଏ ଉଦ୍ଭାବନ କରିଛନ୍ତି। ସେମାନେ ଭାବିଛନ୍ତି ଯେ ଋଷିଗଣ ଥିଲେ ବହୁଦେବ-ମତବାଦୀ (Polytheists) କିନ୍ତୁ ଉପାସନା ଅବସରରେ ସେମାନେ ମୁଖ୍ୟ ଉପାସ୍ୟ ଦେବତାଙ୍କୁ ପ୍ରାଧାନ୍ୟ ଦେଇଛନ୍ତି ଏବଂ ଏପରିକି ଏକ ପ୍ରକାରେ ସେ ହିଁ ଏକମାତ୍ର ଦେବତା ରୂପେ ଗଣ୍ୟ କରିଛନ୍ତି। ଏହି 'ହେନୋଥେଇଜିମ୍'ର ଉଦ୍ଭାବନ ଥିଲା ଏକ ଅଜ୍ଞାତ ମାନସିକତାକୁ ବୁଝିବା ନିମନ୍ତେ ଏକ ଉଦ୍ୟମ ତଥା ଏକ ବିଚାର ବିମର୍ଶ ମାତ୍ର — 'ଏକକ ଭଗବତ୍ ଅସ୍ତିତ୍ୱ' ବିଷୟରେ ଭାରତୀୟ ଧାରଣାଟି ହେଉଛି 'ସେ' (ତତ୍) ନାନା ନାମ ଓ ରୂପରେ ଏଠାରେ ଅଭିବ୍ୟକ୍ତ ହୁଅନ୍ତି, ସେହି ନାମ ଓ ରୂପର ଉପାସକଙ୍କଠାରେ ସେହି ପ୍ରତ୍ୟେକ ଦେବତା ସେହି ଏକ ତଥା ପରମ 'ଦେବ'ଙ୍କ ସହ

ଏକ ଓ ଅଭିନ୍ନ। ଏହି ଯେଉଁ 'ଭଗବତ୍' ଧାରଣା, ଯାହା ପୌରାଣିକ ଧର୍ମବିଶ୍ୱାସର ମୌଳିକ ତତ୍ତ୍ୱ, ପୂର୍ବେ ଆମର ବୈଦିକ ପୂର୍ବପୁରୁଷଗଣ ଅଧିଗତ କରି ସାରିଥିଲେ।

ବୈଦାନ୍ତିକ 'ବ୍ରହ୍ମ' ଧାରଣାକୁ ବେଦ ବୀଜ ରୂପେ ନିଜ ମଧ୍ୟରେ ଆଗରୁ ବହନ କରୁଛି। ଏହା ଏମିତି କିଛିକୁ ସ୍ୱୀକାର କରେ ଯାହା ଅଜ୍ଞେୟ ତଥା କାଳାତୀତ, ପରମ, ଯେ ବର୍ତ୍ତମାନ ନୁହନ୍ତି କି ଭବିଷ୍ୟତ୍ ନୁହନ୍ତି, ସେ 'ଦେବ'ଗଣଙ୍କ ସଂଚାର ମଧ୍ୟରେ ଗତି କରୁଛନ୍ତି, କିନ୍ତୁ ମନ ତାହାକୁ ଅଧିଗତ କରିବାକୁ ଉଦ୍ୟମ କରିବା ବେଳେ ସେ ଅନ୍ତର୍ହିତ ହୋଇ ଯାଉଛନ୍ତି (ଋ. ୧/୧୭୦/୧)।[୧] ଏହାକୁ କ୍ଲୀବ ଲିଙ୍ଗରେ 'ତତ୍' ରୂପେ ଅଭିହିତ କରାଯାଇଛି ଏବଂ ବହୁ ସ୍ଥାନରେ 'ଅମୃତତ୍ୱ', ପରମ ତ୍ରିତତ୍ତ୍ୱ, ବିରାଟ 'ଆନନ୍ଦ' ପ୍ରଭୃତିର ସମରୂପ ବୋଲି ଦର୍ଶାଯାଇଛି; ଯାହାକୁ ପ୍ରାପ୍ତ ହେବାକୁ ମନୁଷ୍ୟ ଅଭୀପ୍ସା କରୁଥାଏ। ବ୍ରହ୍ମ ହେଉଛନ୍ତି 'ଅକ୍ଷର', ସର୍ବ 'ଦେବ'ଙ୍କର ଏକକ ସ୍ୱରୂପ। ସେହି ଅକ୍ଷର ପୁରୁଷ ଗୋ(ଅଦିତି)ଙ୍କ ପଦ ରୂପେ ଜ୍ଞାତ ହେଲେ,... ସେ ହେଉଛନ୍ତି ବିଶାଳ, 'ଦେବତା'ଙ୍କ ବଳବୀର୍ଯ୍ୟ, 'ଏକ'।'' (ଋ. ୩/୫୫/୧)[୨] ସେ ହେଉଛନ୍ତି 'ଏକଂ ସତ୍' ଯାହାଙ୍କୁ ଋଷିଗଣ 'ଇନ୍ଦ୍ର' 'ମାତରିଶ୍ୱା', 'ଅଗ୍ନି' ଆଦି ନାମ ଦେଇଛନ୍ତି। (ଋ. ୧/୧୬୪/୪୬)[୩]

ଏହି 'ବ୍ରହ୍ମ', ଏକଂ 'ସତ୍', ତାହାଙ୍କୁ ଏହି ଭାବେ ନୈର୍ବ୍ୟକ୍ତିକ ଭାବେ କ୍ଲୀବ ଲିଙ୍ଗରେ ବ୍ୟକ୍ତ କରାଯାଇଛି, ତାଙ୍କୁ 'ଦେବ' ପରମ 'ଦେବତା', ବସ୍ତୁଗୁଡ଼ିକର ପିତା ରୂପେ ମଧ୍ୟ ଧାରଣା କରାଯାଇଛି, ସେ ଜଣେ ମାନବ-ବ୍ୟକ୍ତିତ୍ୱ ମଧ୍ୟରେ ପୁତ୍ର ରୂପେ ଇହ ଲୋକରେ ଆବିର୍ଭୂତ ହୋଇଥା'ନ୍ତି। ସେ ହେଉଛନ୍ତି 'ଆନନ୍ଦମୟ', ଏହାଙ୍କ ଅଭିମୁଖେ ଦେବଗଣଙ୍କ ଉର୍ଦ୍ଧ୍ୱାରୋହଣର ଗତିବିଧି ପରିଚାଳିତ ହେଉଛି, ସେ ମଧ୍ୟ ସମକାଳରେ 'ପୁଂ' ଓ 'ସ୍ତ୍ରୀ', 'ବୃଷନ୍' ଓ 'ଧେନୁ' ଉଭୟ। 'ଦେବ'ଗଣଙ୍କ ମଧ୍ୟରୁ ପ୍ରତ୍ୟେକ ହେଉଛନ୍ତି ସେହି 'ଏକ ଦେବ'ଙ୍କର ଏକ ଏକ ଅଭିବ୍ୟକ୍ତି, ଗୁଣ, ବ୍ୟକ୍ତିତ୍ୱ। ତାଙ୍କୁ 'ଇନ୍ଦ୍ର'ଙ୍କ ମାଧ୍ୟମରେ ହେଉ, 'ଅଗ୍ନି'ଙ୍କ ମାଧ୍ୟମରେ ହେଉ, 'ସୋମ'ଙ୍କ ମାଧ୍ୟମରେ ହେଉ, ତାଙ୍କର ଯେକୌଣସି ଗୁଣ ଓ ନାମ ଦ୍ୱାରା ତାଙ୍କୁ ଉପଲବ୍ଧି କରାଯାଇ ପାରେ; କାରଣ ପ୍ରତ୍ୟେକ ଦେବ ନିଜ ମଧ୍ୟରେ ସେହି 'ଦେବ'ଙ୍କର ପୂର୍ଣ୍ଣ ସ୍ୱରୂପକୁ ଧାରଣ କରିଥାଏ ଏବଂ ଆମ ପ୍ରତି ତାଙ୍କର ଯେଉଁ ସାମ୍ମୁଖ୍ୟ ବା ଗୁଣ ପରିଲକ୍ଷିତ ହୁଏ ତାହା ପରସ୍ପର ଭିନ୍ନ ହେଲେ ବି ତାହାରି ମଧ୍ୟରେ ସର୍ବ ଦେବ ବିଦ୍ୟମାନ ଥା'ନ୍ତି।

---

୧ ନ ନୂନମସ୍ତି ନୋ ଶ୍ୱଃ କସ୍ତଦ୍ ବେଦ ଯଦଦ୍ଭୁତମ୍।
ଅନ୍ୟସ୍ୟ ଚିତ୍ତମଭି ସଞ୍ଚରେଣ୍ୟମୁତାଧୀତଂ ବି ନଶ୍ୟତି ॥

୨ ...ମହଦ୍ ବିଜ୍ଞେ ଅକ୍ଷରଂ ପଦେ ଗୋଃ।... ମହଦ୍ ଦେବାନାମସୁରତ୍ୱମେକମ୍

୩ ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି ଅଗ୍ନିଂ ୟମଂ ମାତରିଶ୍ୱାନମାହୁଃ।

ଏହି ଭାବେ ଅଗ୍ନିଙ୍କୁ ସର୍ବୋଚ୍ଚ ତଥା ବିଶ୍ୱାତ୍ମକ 'ଦେବ' ବୋଲି ସ୍ତୁତି କରାଯାଇଛି । ''ହେ ଅଗ୍ନି, ଜନ୍ମଗ୍ରହଣ କରିବା ବେଳେ ତୁମେ ବରୁଣ, ପୂର୍ଣ୍ଣ ରୂପେ ପ୍ରଜ୍ୱଳିତ ଥିବା ବେଳେ ତୁମେ ମିତ୍ର, ସକଳ 'ଦେବ' ତୁମ ମଧ୍ୟରେ, ହେ ଶକ୍ତିପୁତ୍ର, ଯଜ୍ଞଦାତା ମର୍ତ୍ୟଜନ ନିମନ୍ତେ ତୁମେ 'ଇନ୍ଦ୍ର' ।[୪] ତୁମେ 'କନ୍ୟା'ମାନଙ୍କ ଗୁହ୍ୟ ନାମ ଧାରଣ କରିବାବେଳେ ଅର୍ଯ୍ୟମନ୍ ହୋଇ ଥାଅ । ତୁମେ ଯେତେବେଳେ ଗୃହପତି ଓ ତାଙ୍କ ଗୃହିଣୀଙ୍କୁ ଏକ ମନର ସହ ରଚନା କର ସେତେବେଳେ ସେମାନେ ତୁମକୁ ସୁପ୍ରତିଷ୍ଠିତ 'ମିତ୍ର' ରୂପେ କିରଣରାଜି ଦ୍ୱାରା (ଗୋମାନଙ୍କ ଦ୍ୱାରା, ଗୋଭିଃ) ରଚନା କରନ୍ତି ।[୫] ହେ 'ରୁଦ୍ର', ତୁମର ଶ୍ରୀ ନିମନ୍ତେ 'ମରୁତ୍‌ଗଣ' ନିଜର ପ୍ରବଳ ଚାପ ଦ୍ୱାରା ଯେଉଁ ଶୁଚିଶୁଭ୍ର ହୋଇଛନ୍ତି ତାହା ହେଉଛି ତୁମର ତାରୁ ତଥା ବହୁବର୍ଣ୍ଣ ଭୂଷିତ ଜନ୍ମ । 'ବିଷ୍ଣୁ'ଙ୍କର ଯେଉଁ ପରମପଦ, ତାହାରି ଦ୍ୱାରା ତୁମେ କିରଣମାନଙ୍କ (ଗୋମାନଙ୍କର, ଗୋନାମ୍) ଗୁହ୍ୟ ନାମକୁ ସୁରକ୍ଷିତ କରୁଛ ।[୬] ହେ 'ଦେବ', ଦେବଗଣ ଯଥାର୍ଥ ଦୃଷ୍ଟି ଲାଭ କରନ୍ତି ଏବଂ (ବିଶାଳ ସୃଷ୍ଟିର) ସକଳ ଶ୍ରୀକୁ ନିଜ ମଧ୍ୟରେ ବହନପୂର୍ବକ 'ଅମୃତ'ର ଆସ୍ୱାଦନ କରନ୍ତି । ମନୁଷ୍ୟମାନେ ନିଜ ମଧ୍ୟରେ ଅଗ୍ନିଙ୍କୁ ହୋତା ରୂପେ ସ୍ଥାପନ କରିବା ବେଳେ (ଅମୃତର) ଅଭିଳାଷୀ ସ୍ୱୟଂ (ଦେବଗଣଙ୍କୁ) ଆତ୍ମସତ୍ତାର ସ୍ୱପ୍ରକାଶକୁ ବିତରଣ କରନ୍ତି... ।[୭] ତୁମେ ବିଦ୍ୱାନ୍ ହୋଇ ପିତାଙ୍କୁ ମୁକ୍ତି ପ୍ରଦାନ କର ଏବଂ ଆମ ମଧ୍ୟରେ ଜନ୍ମ ନେଇଥିବା (ପାପ ଓ ଅନ୍ଧକାରକୁ) ଅପନୀତ କର, ହେ ଶକ୍ତି ପୁତ୍ର !''[୮] ଋଷି ବାମଦେବ 'ଇନ୍ଦ୍ର'ଙ୍କୁ ଏହି ସମାନ ରୂପେ ସ୍ତୁତି କରିଛନ୍ତି ଏବଂ ନବମ ମଣ୍ଡଳର ଏହି ତ୍ରି-ଅଶୀତିତମ (୮୩) ସୂକ୍ତରେ ଅନ୍ୟ ଅନେକ ସୂକ୍ତ ଭଳି 'ସୋମ' ମଧ୍ୟ ନିଜର ବିଶେଷ କ୍ରିୟାବିଧି ମଧ୍ୟରୁ ସର୍ବୋଚ୍ଚ 'ଦେବ' ରୂପେ ଉଦ୍ଭୂତ ହେଇଛନ୍ତି ।

---

୪ ତ୍ୱାମଗ୍ନେ ବରୁଣୋ ଜାୟସେ ୟତ୍ତଂ ମିତ୍ରୋ ଭବସି ୟତ୍ ସମିଦ୍ଧଃ ।
ତ୍ୱେ ବିଶ୍ୱେ ସହସସ୍ପୁତ୍ର ଦେବାସ୍ତ୍ୱମିନ୍ଦ୍ରୋ ଦାଶୁଷେ ମର୍ତ୍ୟାୟ ॥୧॥

୫ ତ୍ୱମର୍ୟମା ଭବସି ୟତ୍କନୀନାଂ ନାମ ସ୍ୱଧାବନ୍ ଗୁହ୍ୟଂ ବିଭର୍ଷି ।
ଅଞ୍ଜନ୍ତି ମିତ୍ରଂ ସୁଧିତଂ ନ ଗୋଭିର୍ୟଦ୍ଦମ୍ପତୀ ସମନସା କୃଣୋଷି ॥୨॥

୬ ତବ ଶ୍ରିୟେ ମରୁତୋ ମର୍ଜୟନ୍ତ ରୁଦ୍ର ୟତ୍ତେ ଜନିମ ଚାରୁ ଚିତ୍ରମ୍ ।
ପଦଂ ୟଦ୍ୱିଷ୍ଣୋରୁପମଂ ନିଧାୟି ତେନ ପାସି ଗୁହ୍ୟଂ ନାମ ଗୋନାମ୍ ॥୩॥

୭ ତବ ଶ୍ରିୟା ସୁଦୃଶୋ ଦେବ ଦେବାଃ ପୁରୂ ଦଧାନା ଅମୃତଂ ସପନ୍ତ ।
ହୋତାରମଗ୍ନିଂ ମନୁଷୋ ନିଷେଦୁର୍ଦଶସ୍ୟନ୍ତ ଉଶିଜଃ ଶଂସମାୟୋଃ ॥୪॥

୮ ଅବ ସ୍ୱଧି ପିତରଂ ୟୋଧି ବିଦ୍ୱାନ୍ ପୁତ୍ରୋ ୟସ୍ତେ ସହସଃ ସୂନ ଊହେ ।

(ଋଗ୍‌ବେଦ, ୫/୩/୧-୪...୯)

ସୋମ ହେଉଛନ୍ତି ଆନନ୍ଦ-ସୁରାର, ଅମୃତ-ମଦ୍ୟର ଅଧିପତି ଦେବ । 'ଅଗ୍ନି'ଙ୍କ ଭଳି ସେ ମଧ୍ୟ ପୃଥିବୀପୃଷ୍ଠର ପାଦପମାନଙ୍କ ମଧ୍ୟରେ, ଭୂମିର ଉଦ୍ଭିଦ ଶ୍ରେଣୀରେ, ଆପଃ ମଧ୍ୟରେ ଲଭ୍ୟ ଅଟନ୍ତି । ବାହ୍ୟ ଯଜ୍ଞରେ ଯେଉଁ 'ସୋମ'ରସର ଉପଯୋଗ କରାଯାଏ ତାହା ହେଉଛି ସେହି ଆନନ୍ଦ-ସୁରାର ପ୍ରତୀକ । ପେଷା ପଥର ଦ୍ୱାରା (ଅଦ୍ରି, ଗ୍ରାବା ଦ୍ୱାରା) ଏହାକୁ ନିଷ୍ପୁଡିତ କରାଯାଏ । ଏହାର ଅତି ଘନିଷ୍ଠ ପ୍ରତୀକାତ୍ମକ ସମ୍ବନ୍ଧ ବଜ୍ରାସ୍ତ୍ର ସହିତ ରହିଛି, ଯାହା ଇନ୍ଦ୍ରଙ୍କ ବୈଦ୍ୟୁତିକ ଶକ୍ତିର ରୂପ ଧାରଣ କରିଛି, ଏହାକୁ ମଧ୍ୟ 'ଅଦ୍ରି' କୁହାଯାଇଛି । ବେଦସୂକ୍ତଗୁଡ଼ିକରେ ଋଷି ଇନ୍ଦ୍ରାୟୁଧର ଆଲୋକ ଓ ସ୍ତନିତର କଥା କହିବା ବେଳେ ଏହି ପ୍ରସ୍ତରର ଦୀପ୍ତିମୟ ବଜ୍ର ସ୍ୱରୂପର ବର୍ଣ୍ଣନା କରିଛନ୍ତି । ଅସ୍ତିତ୍ୱର ଆନନ୍ଦସ୍ୱରୂପ 'ସୋମ' ଥରେ ନିଷ୍ପୁଡିତ ହୋଇଯିବା ପରେ ତାହାକୁ ଛାଙ୍କୁଣି (ପବିତ୍ର) ଦ୍ୱାରା ବିଶୋଧିତ କରିବାକୁ ହୋଇଥାଏ, ଏବଂ ସେହି ଛାଙ୍କୁଣି ମଧ୍ୟ ଦେଇ ସେହି ପବିତ୍ର ସୋମରସ ପାନପାତ୍ରରେ (ଚମୁ) ଢଳା ହୋଇଥାଏ, ସେହି ପାନପାତ୍ର ଯଜ୍ଞସ୍ଥଳକୁ ଅଣାଯାଏ, ଅଥବା ଇନ୍ଦ୍ରଙ୍କ ପାନ ନିମନ୍ତେ ତାହାକୁ କଳସରେ ରଖାଯାଏ । ଅଥବା, ପାତ୍ର ବା କଳସର ପ୍ରତୀକକୁ ବେଳେ ବେଳେ ନ ରଖି 'ସୋମ'-ଆନନ୍ଦର ନଦୀରେ 'ଦେବ'ଗଣଙ୍କ ପଦ ଅଭିମୁଖେ, ଅମରତ୍ୱର ଧାମ ଦିଗରେ, କ୍ଷରିତ ହେଉଥିବାର କେବଳ ବର୍ଣ୍ଣନା ରହିଛି । 'ସୋମ ଦେବ'ଙ୍କ ଉଦ୍ଦେଶ୍ୟରେ ନିବେଦିତ ନବମ ମଣ୍ଡଳର ପ୍ରାୟ ସବୁ ସୂକ୍ତରେ ଏହି ସମସ୍ତ ପ୍ରତୀକ ଅତ୍ୟନ୍ତ ସ୍ପଷ୍ଟ । ଉଦାହରଣତଃ, ଏହି କ୍ଷେତ୍ରରେ ମାନବ ଅସ୍ତିତ୍ୱର ଦୈହିକ ସଂରଚନା 'ସୋମ' ମଦ୍ୟର କଳସ ରୂପେ ଚିତ୍ରିତ ହୋଇଛି ଏବଂ କୁହାଯାଇଛି ଯେ ଏହାକୁ ବିଶୋଧିତ କରୁଥିବା ଛାଙ୍କୁଣି 'ସ୍ୱର୍ଗ' ସ୍ଥାନରେ, **ଦିବସ୍ପଦେ**, ବ୍ୟାପ୍ତ ।

ଏହି ସୂକ୍ତଟି ଯେଉଁ ରୂପକଟି ସହ ଆରମ୍ଭ ହୋଇଛି ତାହା ଦୈହିକ କାର୍ଯ୍ୟାବଳୀ ସହ ଘନିଷ୍ଠ ଭାବେ ସମ୍ପର୍କିତ, ଅର୍ଥାତ୍ ସୋମରସକୁ ପରିଶୁଦ୍ଧ କରି କଳସରେ ଢଳାଯାଉଛି । ଛାଙ୍କୁଣି ବା ବିଶୋଧନକାରୀ ଉପକରଣଟି 'ସ୍ୱର୍ଗ' ସ୍ଥାନରେ ବ୍ୟାପ୍ତ ହୋଇ ଥିବାର ଯେଉଁ କଥା କୁହାଯାଇଛି ମନେହୁଏ ତାହା ଜ୍ଞାନ (ଚେତସ୍) ଦ୍ୱାରା ଆଲୋକିତ ମନ; ମାନବ ସଂରଚନାଟି ହେଉଛି କଳସ । **ପବିତ୍ରଂ ତେ ବିତତଂ ବ୍ରହ୍ମଣସ୍ପତେ**, ହେ ଆତ୍ମାର ଅଧିପତି ! ଏହି ଛାଙ୍କୁଣି ତୁମ ନିମନ୍ତେ ବିସ୍ତାରିତ ହୋଇଛି; **ପ୍ରଭୁର୍ଗାତ୍ରାଣି ପର୍ଯ୍ୟେଷି ବିଶ୍ୱତଃ**, ବ୍ୟକ୍ତ ରୂପ ଧାରଣ କରିଥିବା ତୁମେ ଏହି ଶରୀରାଙ୍ଗଗୁଡ଼ିକରେ ସର୍ବତ୍ର ପ୍ରବେଶ କରିଛ । ଏଠାରେ 'ସୋମ'ଙ୍କୁ 'ବ୍ରହଣସ୍ପତି' ବୋଲି ସମ୍ବୋଧନ କରାଯାଇଛି, ଏହି ଶବ୍ଦଟି ବେଳେ ବେଳେ ଅନ୍ୟ ଦେବତାଙ୍କ କ୍ଷେତ୍ରରେ ବି ବ୍ୟବହୃତ ହୋଇଛି, କିନ୍ତୁ ସୃଜନଶୀଳ 'ବାକ୍'ର ଅଧିଷ୍ଠିତ ଦେବ 'ବୃହସ୍ପତି'ଙ୍କ ପାଇଁ ଏହି ଶବ୍ଦଟି ସଂରକ୍ଷିତ । ବେଦରେ 'ବ୍ରହ୍ମନ୍'ର ଅର୍ଥ ଆତ୍ମା ଅଥବା ବସ୍ତୁଗୁଡ଼ିକର ହୃଦୟଗୁହାରୁ ପ୍ରକଟିତ ଆତ୍ମ-ଚେତନା, କିନ୍ତୁ ଅଧିକ ସମୟରେ ଏହା

ଅନ୍ତଃପ୍ରେରିତ, ସୃଜନଶୀଳ, ଗୂଢ଼ସତ୍ୟପୂର୍ଣ୍ଣ ଏକ ଚିନ୍ତା ଯାହା ସେହି ଚେତନାରୁ ଉଦିତ ହୋଇ ମାନସିକ ଚିନ୍ତାରେ ପରିଣତ ହୋଇଥାଏ, ମନୁ । ଯାହା ବି ହେଉ, ଏଠାରେ ଶବ୍ଦଟି ଆତ୍ମାକୁ ହିଁ ବୁଝାଉଛି । ଆନନ୍ଦର ଅଧିଷ୍ଠିତ ଦେବ 'ସୋମ' ହେଉଛନ୍ତି ଯଥାର୍ଥରେ ସ୍ରଷ୍ଟା ଯିଏ ବ୍ୟକ୍ତି-ଆତ୍ମାକୁ ଅଧିକାର କରି ସେଥି ମଧ୍ୟରୁ ଏକ ଦିବ୍ୟସୃଷ୍ଟିକୁ ପ୍ରକଟିତ କରିଥା'ନ୍ତି । ତାଙ୍କରି ନିମନ୍ତେ ଆଲୋକିତ ମନ ଓ ହୃଦୟ ହିଁ ବିଶୋଧକ ଉପକରଣ ହୋଇ ଯାଆନ୍ତି; ଏହାରି ଅନ୍ତର୍ଗତ ଚେତନା ସକଳ ସଂକୀର୍ଣ୍ଣତାରୁ ତଥା ଦ୍ୱୈଧତାରୁ ମୁକ୍ତ ହୋଇ ଇନ୍ଦ୍ରିୟଗତ ଜୀବନ ଓ ମନୋଗତ ଜୀବନର ପୂର୍ଣ୍ଣ ପ୍ରବାହକୁ ଗ୍ରହଣ କରିବା ନିମନ୍ତେ ପରିବ୍ୟାପ୍ତ ହୋଇ ଯାଇଛନ୍ତି ଏବଂ ଏହାକୁ ଯଥାର୍ଥ ଅସ୍ତିତ୍ୱର ଅର୍ଥାତ୍ ଦିବ୍ୟ ତଥା ଅମର ଆନନ୍ଦର ଶୁଦ୍ଧ ଆହ୍ଲାଦ ଦିଗରେ ବଦଳାଇ ଦେଇଥା'ନ୍ତି ।

ଜୀବନର ସୋମ-ମଦ୍ୟ ଏହି ଭଳି ପ୍ରାପ୍ତ, ପରିବର୍ତ୍ତିତ, ପରିଷ୍କୃତ ହୋଇ 'ଆନନ୍ଦ'ରେ ପରିଣତ ହୋଇଥାଏ ଏବଂ ଏକ କଳସରେ ଭରା ହେବା ପରି ମାନବ ଶାରୀର ବ୍ୟବସ୍ଥିତିର ସକଳ ଅଙ୍ଗକୁ ପୂର୍ଣ୍ଣ କରି କରି ଆସିଥାଏ, ଆହୁରି ମଧ୍ୟ ସେହି ସକଳର ସୂକ୍ଷ୍ମାତିସୂକ୍ଷ୍ମ ଅଂଶଗୁଡ଼ିକରେ ପୂର୍ଣ୍ଣ ରୂପେ ସର୍ବତ୍ର ପ୍ରବାହିତ ହୋଇଥାଏ । କୌଣସି ମାନବ ଶରୀର ଯେପରି ତୀବ୍ର ମଦ୍ୟର ସ୍ପର୍ଶ ଓ ମାଦକତାରେ ପୂରି ଉଠେ, ସେହିପରି ଏହି ଦିବ୍ୟ ଆନନ୍ଦର ସଂସ୍ପର୍ଶ ଓ ମାଦକତାରେ ସମସ୍ତ ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ ପୂର୍ଣ୍ଣ ହୋଇଉଠେ । ପ୍ରଭୁ ଓ ବିଭୁ ଶବ୍ଦଦ୍ୱୟର ଅର୍ଥ ପରେ ଯେପରି ''ଈଶ୍ୱର'' ରୂପେ ବ୍ୟବହୃତ ହୋଇଛି, ବେଦରେ ସେହି ଅର୍ଥରେ ନୁହେଁ; ପରନ୍ତୁ ଏହା ଭିତରେ ସେହି ପ୍ରକାର ସ୍ଥିର ମନସ୍ତାତ୍ତ୍ୱିକ ଅର୍ଥ ରହିଛି ଠିକ୍ ଯେପରି ପ୍ରଚେତସ୍ ଓ ବିଚେତସ୍ ବା ପ୍ରଜ୍ଞାନ ଓ ବିଜ୍ଞାନର ଅର୍ଥ ପରବର୍ତ୍ତୀ ଭାଷା ମଧ୍ୟରେ ଘଟିଛି । ''ବିଭୁ''ର ଅର୍ଥ 'ହେବା', ବିଂବା ବ୍ୟାପକ ରୂପରେ ଅସ୍ତିତ୍ୱ ମଧ୍ୟକୁ ପ୍ରବେଶ କରିବା; ''ପ୍ରଭୁ''ର ଅର୍ଥ 'ହେବା', ଚେତନାର ସମ୍ମୁଖ ଭାଗରେ କୌଣସି ଏକ ସ୍ଥଳରେ ଏକ ବିଶେଷ ଲକ୍ଷ୍ୟ ବା ଅନୁଭୂତି ରୂପେ ଅସ୍ତିତ୍ୱ ମଧ୍ୟକୁ ପ୍ରବେଶ କରିବା । ସୋମ ମଦ୍ୟରୂପେ ବିନ୍ଦୁ ବିନ୍ଦୁ ହୋଇ ଛାଙ୍କୁଣିରୁ ନିଷ୍ପାସିତ ହୁଏ ଓ ପରେ କଳସ ମଧ୍ୟରେ ବ୍ୟାପ୍ତ ହୋଇଯାଏ; ଏହା 'ପ୍ରଭୁ' ସ୍ୱରୂପରେ କୌଣସି ଏକ ବିଶେଷ ସ୍ଥଳକୁ ଲକ୍ଷ୍ୟରେ ରଖି ଚେତନା ମଧ୍ୟକୁ ଉଠି ଆସିଥାଏ, ଅଥବା କୌଣସି ଏକ ବିଶେଷ ଅନୁଭୂତି ରୂପେ ଏହା ଉଦିତ ହୋଇ ପରେ 'ବିଭୁ' ସଦୃଶ ସମଗ୍ର ସତ୍ତାକୁ 'ଆନନ୍ଦ' ରୂପେ ପରିବ୍ୟାପ୍ତ ହୋଇଯାଏ ।

କିନ୍ତୁ ଏହା ନୁହେଁ ଯେ ପ୍ରତ୍ୟେକ ମାନବ ଗାତ୍ର ସେହି ଦିବ୍ୟାନନ୍ଦର ଶକ୍ତିଶାଳୀ ତଥା ପ୍ରାୟଶଃ ପ୍ରଚଣ୍ଡ ଉଲ୍ଲାସକୁ ଧାରଣ, ପରିପୋଷଣ ତଥା ଉପଭୋଗ କରିପାରିବ । ଅତପ୍ତତନୁଃ ନ ତଦ୍ ଆମୋ ଅଶ୍ନୁତେ, ଯିଏ ଅପକ୍ୱ ଏବଂ ଯାହାର ତନୁ ଅତପ୍ତ ସେ

ତାହାର ଆସ୍ୱାଦନ ବା ଉପଭୋଗ କରି ନ ଥାଏ; **ଶ୍ରୁତାସ ଇଦ୍ ବହନ୍ତଃ ତତ୍ ସମାଶତ**, ସେହିମାନେ କେବଳ ତାହାର ଧାରଣ ତଥା ପୂର୍ଣ୍ଣ ଉପଭୋଗ କରିଥା'ନ୍ତି ଯେଉଁମାନେ ଅଗ୍ନିରେ ସିଦ୍ଧ ହୋଇଥା'ନ୍ତି । ଦିବ୍ୟ 'ଜୀବନ'ର ଯେଉଁ ସୁରା ମାନବ-ଶରୀରବ୍ୟବସ୍ଥିତି ମଧ୍ୟରେ ଅଜାଡ଼ି ହୋଇ ପଡ଼ିଥାଏ ତାହା ତୀବ୍ର, ଉଚ୍ଛୁଳା ତଥା ପ୍ରଚଣ୍ଡ ଦିବ୍ୟାନନ୍ଦ; ଦେହବ୍ୟବସ୍ଥା ମଧ୍ୟରେ ଏହାକୁ ଧାରଣ କରିବା ଜଣକ ଦ୍ୱାରା ସମ୍ଭବ ନୁହେଁ ଯଦି ସେ ଜୀବନର ବଡ଼ ବଡ଼ ଅଗ୍ନି ପରୀକ୍ଷାରେ ଥିବା ଦୃଢ଼ ସହନଶୀଳତାରେ, ଦୁଃଖକଷ୍ଟରେ ତଥା ଅନୁଭୂତିରେ ନିଜକୁ ପ୍ରସ୍ତୁତ କରି ନାହିଁ । କଞ୍ଚା ମାଟିର ଏକ ପାତ୍ର ଯଦି ନିଆଁ ଭାଟିରେ ପୋଡ଼ା ହୋଇ ଠିକ୍ ଭାବେ ସିଦ୍ଧ ହୋଇ ନ ଥାଏ ତେବେ 'ସୋମ'-ମଦ୍ୟକୁ ଧରିରଖି ପାରିବ ନାହିଁ; ତାହା ଭାଙ୍ଗି ପଡ଼ିବ ଏବଂ ସେହି ଅମୂଲ୍ୟ ରସକୁ ବ୍ୟର୍ଥରେ ବୁହାଇ ଦେବ । ତେଣୁ ଏହି 'ଆନନ୍ଦ' ରୂପକ ତୀବ୍ର ମଦ୍ୟର ସେବନକାରୀ ମନୁଷ୍ୟର ଶାରୀରବ୍ୟବସ୍ଥା ଦୁଃଖପୀଡ଼ାଦି ଦ୍ୱାରା ତଥା ଜୀବନର ସକଳ ଯନ୍ତ୍ରଣାଦାୟକ ଦୁଃଖତାପକୁ ଜୟ କରିବା ଦ୍ୱାରା ସେହି 'ସୋମ'ର ଗୂଢ଼ ତଥା ଆଗ୍ନେୟ ତାପ ସହନ ନିମନ୍ତେ ପ୍ରସ୍ତୁତ ହୋଇଥିବା ଦରକାର; ଅନ୍ୟଥା ଏହି ସଚେତନ ଅସ୍ତିତ୍ୱଟି ତାହାକୁ ଧାରଣ କରିବାକୁ ସମର୍ଥ ହେବ ନାହିଁ; ଏହା ଆସ୍ୱାଦିତ ହେବା ମାତ୍ରେ ବା ଏପରିକି ଆସ୍ୱାଦିତ ହେବା ପୂର୍ବରୁ ଆଧାରଟି ଏହାକୁ ବ୍ୟର୍ଥରେ ବୁହାଇ ଦେବ ଅଥବା ଏହାର ସ୍ପର୍ଶ ଦ୍ୱାରା ନିଜେ ମାନସିକ ଓ ଶାରୀରିକ ଭାବେ ଭାଙ୍ଗି ପଡ଼ିବ । (ମନ୍ତ୍ର - ୧)

ଏହି ବଳବାନ୍ ତଥା ତେଜୀୟାନ୍ ମଦ୍ୟର ବିଶୋଧନ ହେବାକୁ ଅଛି ଏବଂ ସେହି ବିଶୋଧକ ଛାଙ୍କୁଣିଟି ଏହାକୁ ଗ୍ରହଣ କରିବାକୁ 'ସ୍ୱର୍ଗ' ସ୍ଥାନରେ ବିସ୍ତୃତ ରୂପେ ପରିବ୍ୟାପ୍ତ ହୋଇ ରହିଛି, **ତପୋଷ୍ପବିତ୍ରଂ ବିତତମ୍ ଦିବସ୍ପଦେ**; ଏହାର ତନ୍ତୁ ବା ବଳାସୂତାଗୁଡ଼ିକ ବିଶୁଦ୍ଧ ଆଲୋକରେ ନିର୍ମିତ ଏବଂ ତାହା କିରଣରାଜି ଭଳି ସ୍ପଷ୍ଟ ଦୃଶ୍ୟମାନ, **ଶୋଚନ୍ତୋ ଅସ୍ୟ ତନ୍ତବୋ ବ୍ୟସ୍ଥିରନ୍** । ଏହିସବୁ ସୂତ୍ର ମଧ୍ୟ ଦେଇ ଏହି ମଦିରାକୁ କ୍ଷରିତ ହେବାର ଅଛି । ଏହି ରୂପକଟି ନିଶ୍ଚିତ ରୂପେ ବିଶୋଧିତ ମାନସିକ ତଥା ଭାବଗତ ଚେତନାର ଅର୍ଥାତ୍ ସଚେତନ ହୃଦୟର, **ଚେତସ୍**, ଯାହାର ଚିନ୍ତା ଓ ଭାବାବେଗଗୁଡ଼ିକ ହେଉଛନ୍ତି ସେହି ସୂତା ବା ବଳାସୂତା । **ଦ୍ୟୌଃ** ବା 'ସ୍ୱର୍' ହେଉଛି ଏଭଳି ଏକ ମାନସିକ ତତ୍ତ୍ୱ ଯାହା ପ୍ରାଣିକ ଓ ଶାରୀରିକ ପ୍ରତିକ୍ରିୟାଗୁଡ଼ିକର ଅଧୀନ ନୁହେଁ । ସ୍ୱର୍ଗ ପଦରେ — ପ୍ରାଣିକ ଓ ଦୈହିକ ଚେତନାଠାରୁ ପୃଥକ୍ ବିଶୁଦ୍ଧ ମାନସିକ ସତ୍ତାରେ,— ଚିନ୍ତା ଓ ଭାବାବେଗଗୁଡ଼ିକ ସତ୍ୟ ଜ୍ଞାନ ତଥା ଶୁଭ ଦୈହିକ ସ୍ପନ୍ଦନ ରୂପକ କିରଣରାଜିରେ ବଦଳି ଯାଆନ୍ତି ଯେଉଁଥିରେ ଆମେ ଏବେ ଧାରଣ କରୁଥିବା ଅସ୍ଥିର ତଥା ଭ୍ରାନ୍ତିଯୁକ୍ତ ମାନସିକ, ଆବେଗଗତ ଓ ଇନ୍ଦ୍ରିୟଗତ ପ୍ରତିକ୍ରିୟା ଆଦୌ ନ ଥାଏ । ସେଗୁଡ଼ିକ ସଙ୍କୁଚିତ ତଥା ପ୍ରକମ୍ପିତ ବିଷୟ

ହେବା ପରିବର୍ତ୍ତେ ପୀଡ଼ା ତଥା ଅଜ୍ଞତାର ଅତିମାତ୍ରିକ ଆଘାତ ମଧ୍ୟରେ ଅପ୍ରତିହତ ହୋଇ ମୁକ୍ତ, ସଶକ୍ତ ଓ ପ୍ରୋଜ୍ଜ୍ୱଳ ରୂପରେ ପ୍ରକାଶିତ ହୁଅନ୍ତି; ବିଶ୍ୱ-ଅସ୍ତିତ୍ୱର ସମ୍ଭାବ୍ୟ ସକଳ ସ୍ପର୍ଶକୁ ଗ୍ରହଣ କରିନେବା ନିମନ୍ତେ ଆନନ୍ଦରେ ନିଜକୁ ଖୋଲି ଦିଅନ୍ତି ଏବଂ ସେଗୁଡ଼ିକୁ ଦିବ୍ୟାନନ୍ଦରେ ରୂପାନ୍ତରିତ କରି ଦିଅନ୍ତି । ତେଣୁ ଏହାକୁ କୁହାଯାଇଛି ବିକଳ୍ପତେ, ଅର୍ଥାତ୍ 'ସୋମ'କୁ ଗ୍ରହଣ କରି ନେବାକୁ 'ସୋମ'-ଛାଙ୍କୁଣି 'ସ୍ୱର୍ଗ' ସ୍ଥାନରେ ବ୍ୟାପ୍ତ ହୋଇ ରହିଛି ।

ଏହି ଭାବେ ଗୃହୀତ ଓ ବିଶୋଧିତ ହୋଇ ଏହି ମାଦକତାରା ତଥା ତୀବ୍ର ରସଗୁଡ଼ିକ, କ୍ଷିପ୍ର ତଥା ଉନ୍ମାଦକ 'ମଦ'-ଶକ୍ତିଗୁଡ଼ିକ, ଆଉ ମନକୁ ବିଚଳିତ କରନ୍ତି ନାହିଁ ଜିହ୍ୱା ଦେହକୁ ଆଘାତ ଦିଅନ୍ତି ନାହିଁ, ସେଗୁଡ଼ିକ ଢାଳିହୋଇ ଯାଆନ୍ତି ନାହିଁ କି ବ୍ୟର୍ଥରେ ନଷ୍ଟ ହୋଇ ଯାଆନ୍ତି ନାହିଁ କିନ୍ତୁ ତାଙ୍କ ପବିତାଙ୍କର ମନ ଓ ଦେହର ପୋଷଣ ଓ ବର୍ଦ୍ଧନ କରିଥା'ନ୍ତି, **ଅବନ୍ତି; ପବନ୍ତ୍ୟସ୍ୟ ପବୀତାରମ୍ ଆଶବୋ** । ଏହି ରୂପେ ସେଗୁଡ଼ିକ ସେହି ପବିତାଙ୍କୁ ନିଜର ସମଗ୍ର ଆନନ୍ଦରେ ମାନସିକ, ଆବେଗଗତ, ଇନ୍ଦ୍ରିୟଗତ ତଥା ଶାରୀରିକ ସତ୍ତାରେ ଅଭିବୃଦ୍ଧି ଘଟାଇ ବିଶୋଧିତ ଓ ଶାନ୍ତ ହୃଦୟ ମାଧ୍ୟମରେ ତାଙ୍କ ସହିତ ଉଚ୍ଚତମ ପଦକୁ ବା ଦିବଃପୃଷ୍ଠକୁ ଅର୍ଥାତ୍ 'ସ୍ୱର୍'ର ଦୀପ୍ତିମୟ ଜଗତକୁ ଉନ୍ନୀତ ହୁଅନ୍ତି, ଯେଉଁ ସ୍ତରରେ କି ମନ ଅନ୍ତର୍ଜ୍ଞାନ, ଅନ୍ତଃପ୍ରେରଣା, ଆନ୍ତର ସତ୍ୟର ଅଭିବ୍ୟକ୍ତି ନିମନ୍ତେ ସମର୍ଥ ହୋଇ 'ସତ୍ୟ' (ଋତମ୍)ର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟରେ ସ୍ନାନ କରିଥାଏ, 'ବିଶାଳତା' (ବୃହତ୍)ର ଆନନ୍ତ୍ୟ ମଧ୍ୟରେ ବିମୁକ୍ତ ହୋଇ ଯାଇଥାଏ । **ଦିବସ୍ପୃଷ୍ଠମ୍ ଅଧି ତିଷ୍ଠନ୍ତି ଚେତସା** । (ମନ୍ତ୍ର - ୨)

ଏହି ଋଷି ଏପର୍ଯ୍ୟନ୍ତ 'ସୋମ'କୁ ଅପୌରୁଷେୟ ଅଭିବ୍ୟକ୍ତି ରୂପେ, ମାନବସତ୍ତାର ସଚେତନ ଅନୁଭୂତି ମଧ୍ୟରେ ଦିବ୍ୟାନୁଭୂତିର 'ଆନନ୍ଦ' ବା ଆହ୍ଲାଦ ରୂପେ ପ୍ରକାଶ କରିଛନ୍ତି । ଏବେ, ବୈଦିକ ଋଷିଙ୍କର ଯେପରି ଅଭ୍ୟାସ, ସେ ଦିବ୍ୟ ଅଭିବ୍ୟକ୍ତିରୁ ଦିବ୍ୟ 'ବ୍ୟକ୍ତି' (Person) ଦିଗରେ ମୁଖ ଫେରାଉଛନ୍ତି ଏବଂ ସେହି ଅନୁସାରେ 'ସୋମ' ପରମ 'ବ୍ୟକ୍ତିତ୍ୱ' ରୂପେ, ଉଚ୍ଚପଦସ୍ଥ ବିଶ୍ୱାତ୍ମକ 'ଦେବ' ରୂପେ ଆବିର୍ଭୂତ ହେଇଛନ୍ତି । **ଅରୁରୁଚଦ୍ ଉଷସଃ ପୃଷ୍ନିଃ ଅଗ୍ରିୟଃ;** ସେହି 'ଏକ' ଛାବୁଲା ବୃଷଭ ସ୍ୱରୂପ ଅଟନ୍ତି, ସେ ଉଷାମାନଙ୍କୁ ପ୍ରକାଶକୁ ଆଣୁଛନ୍ତି : **ଉଷା ବିଭର୍ତି ଭୁବନାନି ବାଜ୍ୟୟଃ;** 'ବୃଷଭ' ରୂପୀ ସେ ପ୍ରାଚୁର୍ଯ୍ୟ ବାଞ୍ଛା କରି ଭୁବନଗୁଡ଼ିକୁ ଧାରଣ କରୁଛନ୍ତି । 'ପୃଷ୍ନି' ଅର୍ଥ ଛାବୁଛାବୁକା ରୂପ, ଉକ୍ତ ଶବ୍ଦଟି 'ଋଷଭ', ପରମ 'ପୁଂସ' ଏବଂ 'ଗୌ', ସ୍ତ୍ରୀ-'ଶକ୍ତି' ଉଭୟଙ୍କ କ୍ଷେତ୍ରରେ ପ୍ରଯୁକ୍ତ ହୋଇଛି; ବେଦରେ ରଙ୍ଗବୋଧକ ସମସ୍ତ ଶବ୍ଦ, ଯଥା – ଶ୍ୱେତ, ଶୁକ୍ର, ହରି, ହରିତ୍, କୃଷ୍ଣ, ହିରଣ୍ୟ ପ୍ରଭୃତି ହେଉଛନ୍ତି ପ୍ରତୀକାତ୍ମକ; ରଙ୍ଗ, ବର୍ଣ୍ଣ, ସବୁବେଳେ ରହସ୍ୟବାଦୀମାନଙ୍କ ଭାଷାରେ ଗୁଣ, ବ୍ୟକ୍ତିଗତ ସ୍ୱଭାବ ପ୍ରଭୃତିକୁ ସୂଚାଇଥାଏ । ଉକ୍ତ ଛାବୁଛାବୁକା 'ଋଷଭ'

ହେଉଛନ୍ତି ବିବିଧ ଅଭିବ୍ୟକ୍ତି ରୂପକ ବହୁରଙ୍ଗ ବିଶିଷ୍ଟ 'ଦେବ' । 'ସୋମ' ସେହି ସର୍ବୋଚ୍ଚ ଛାବୁଲା 'ବୃଷଭ'; ସମ୍ଭୂତିର ଭୁବନଗୁଡ଼ିକର ସେ ଜନକ, କାରଣ 'ଆନନ୍ଦ' ମଧ୍ୟରୁ, ସେହି ସର୍ବ ଆହ୍ଲାଦମୟ 'ଏକ'ଙ୍କଠାରୁ, ସେଗୁଡ଼ିକର ଗତି ଆରମ୍ଭ ହୋଇଛି; ସମସ୍ତ ଅସ୍ତିତ୍ୱଗତ ବିବିଧତାର ପିତା ହେଉଛି ଆନନ୍ଦ । ବୃଷଭ ଅର୍ଥବୋଧକ 'ଉକ୍ଷନ୍' ଶବ୍ଦଟିର ପର୍ଯ୍ୟାୟବାଚୀ ଶବ୍ଦ 'ବୃଷନ୍' ବର୍ଷଣଶୀଳ, ଉତ୍ପାଦକ, ବୀର୍ଯ୍ୟସେଚକ ପ୍ରଭୃତି ଅର୍ଥବୋଧକ, ପ୍ରାଚୁର୍ଯ୍ୟର ସେ ପିତା, 'ବୃଷଭ', 'ପୁରୁଷ'; ଏ ହେଉଛନ୍ତି ସେହି ପୁରୁଷ ଯିଏ ଚିତ୍ ଶକ୍ତିକୁ 'ପ୍ରକୃତି' ବା 'ଗୌ'କୁ ଗର୍ଭିଣୀ କରାଇଥା'ନ୍ତି, ଉତ୍ପନ୍ନ କରାଇଥା'ନ୍ତି ଏବଂ ପ୍ରାଚୁର୍ଯ୍ୟର ଧାରା ମଧ୍ୟରେ ଭୁବନଗୁଡ଼ିକୁ ଧାରଣ କରୁଥା'ନ୍ତି । ଉଷାଗୁଡ଼ିକୁ ସେ ପ୍ରଭାଯୁକ୍ତ କରାଇଥା'ନ୍ତି — ଅର୍ଥାତ୍ ଜ୍ଯୋତିର ଉଷାଗୁଡ଼ିକୁ, 'ସୂର୍ଯ୍ୟ'ଙ୍କ କିରଣମୟ ଗୋ-ଯୂଥର ଜନନୀମାନଙ୍କୁ ପ୍ରଭାମୟ କରାଇଥା'ନ୍ତି; ସେ ପ୍ରାଚୁର୍ଯ୍ୟର ବାଞ୍ଛା କରନ୍ତି, ଏହାର ଅର୍ଥ ସତ୍ତା, ଶକ୍ତି ଓ ଚେତନାର ପରିପୂର୍ଣ୍ଣତା, ପରିପୂର୍ଣ୍ଣ ଦେବତ୍ୱ ହେଉଛି ଦିବ୍ୟ ଆନନ୍ଦର ଅବସ୍ଥା । ଅନ୍ୟ ପ୍ରକାରେ କହିଲେ ଏ ହେଉଛନ୍ତି 'ଆନନ୍ଦ'ର ଅଧିଷ୍ଠିତ ଦେବତା, ଯିଏ ଆମକୁ ଦେଇଥା'ନ୍ତି ସତ୍ୟର ବର୍ଣ୍ଣବୈଭବ, 'ମହତ୍'ର ପ୍ରାଚୁର୍ଯ୍ୟ, ଯଦ୍ଦ୍ୱାରା ଆମେ 'ଅମୃତତ୍ୱ'ରେ ଉପନୀତ ହୋଇପାରିବୁ ।

ସତ୍ୟାବିଷ୍କାରକ ପିତୃଗଣ ତାଙ୍କର (ସୋମଙ୍କର) ରଚନାତ୍ମକ ଜ୍ଞାନକୁ, ତାଙ୍କ 'ମାୟା'କୁ ଲାଭ କଲେ, ସର୍ବୋଚ୍ଚ 'ଦେବତା'ଙ୍କର ସେହି ଆଦର୍ଶତତ୍ତ୍ୱ ଓ ପରିକଳ୍ପକ ଚେତନା ଦ୍ୱାରା ସେମାନେ ମାନବ ମଧ୍ୟରେ ଏକ ରୂପକଳ୍ପର ରଚନା କଲେ, ସେମାନେ ମାନବଜାତି ମଧ୍ୟରେ ଅଜ୍ଞାତ ଶିଶୁ ରୂପେ 'ତାଙ୍କୁ' ପ୍ରତିଷ୍ଠିତ କଲେ, ଅର୍ଥାତ୍ ସେ ହେଉଛନ୍ତି ମାନବ ମଧ୍ୟରେ ବପନ କରାଯାଇଥିବା ଏକ ବୀଜ, ତାହା ହେବ ଏପରି ଏକ 'ଜନ୍ମ' ଯାହା ଆବରଣ ସ୍ୱରୂପ ମାନବ ଚେତନା ମଧ୍ୟରୁ ପ୍ରସୂତ ହେବ । **ମାୟାବିନୋ ମମିରେ ଅସ୍ୟ ମାୟୟା, ନୃଚକ୍ଷସଃ ପିତରୋ ଗର୍ଭମ୍ ଆ ଦଧୁଃ** । ପିତୃଗଣ ହେଲେ ସେହି ବୈଦିକ ଋଷିଗଣ ଯେଉଁମାନେ ବୈଦିକ ରହସ୍ୟବାଦୀଙ୍କ ପଥ ଆବିଷ୍କାର କରିଛନ୍ତି ଏବଂ ଆଶା କରାଯାଏ ଯେ ମାନବଜାତିର ଭବିତବ୍ୟ ଉପରେ ନିର୍ଣ୍ଣାୟକ ଭୂମିକାରେ ରହି ସେମାନେ ଏବେ ବି ଆଧ୍ୟାତ୍ମିକ ଭାବେ ଏଠାରେ ଉପସ୍ଥିତ, ଦେବଗଣଙ୍କ ପରି ମାନବର 'ଅମୃତତ୍ୱ' ଲାଭ ନିମନ୍ତେ ସେମାନେ ତା' ମଧ୍ୟରେ କାର୍ଯ୍ୟରତ । ସେମାନେ ହେଉଛନ୍ତି ଶକ୍ତିଶାଳୀ 'ଦିବ୍ୟ'-ଦୃଷ୍ଟିକୁ ବା 'ସତ୍ୟ'ଦୃଷ୍ଟିକୁ ଲାଭ କରିଥିବା, **ନୃଚକ୍ଷସଃ**, ମୁନିଗଣ, ସେହି ଦୃଷ୍ଟି ଦ୍ୱାରା ସେମାନେ ଦେଖି ପାରିବେ 'ପଣି'ମାନଙ୍କ ଦ୍ୱାରା ଲୁଚାଇ ରଖିଥିବା 'ଗୋ'ମାନଙ୍କୁ ଏବଂ ସେମାନେ ମାନସିକ ଓ ଦୈହିକ ଚେତନା ସ୍ୱରୂପ 'ରୋଦସି' (ଭୂମି ଓ ସ୍ୱର୍ଗ)ର ସୀମାବଦ୍ଧକୁ ଅତିକ୍ରମ କରି ଅତିଚେତନା, 'ବୃହତ୍ ସତ୍ୟ' ଏବଂ 'ଆନନ୍ଦ'

ମଧକୁ ଉପନୀତ ହେବେ। (ଋ. ୧/୩୬/୭, ୪/୧/୧୩-୧୮, ୪/୨/୧୫-୧୮ ଇତ୍ୟାଦି)। (ମନ୍ତ୍ର - ୩)

'ସୋମ' ଜଣେ ଗନ୍ଧର୍ବ, ଆନନ୍ଦ ସେନାର ଅଧିପତି, ଏବଂ 'ଦେବ'ଙ୍କ ଯଥାର୍ଥ ଆସନ ସ୍ୱରୂପ ଆନନ୍ଦର ପଦ ବା ସ୍ତରକୁ ସେ ରକ୍ଷା କରନ୍ତି, ଗନ୍ଧର୍ବ ଇତ୍ଥା ପଦମ୍ ଅସ୍ୟ ରକ୍ଷତି। ସେ ହେଉଛନ୍ତି ପରମ ସ୍ୱାମୀ, ସେ ଅନ୍ୟ ସମସ୍ତ ସତ୍ତାର ତାହାରେ ଓ ଊର୍ଦ୍ଧ୍ୱରେ ବିଦ୍ୟମାନ, ସେମାନଙ୍କଠାରୁ ସେ ପୃଥକ୍ ଓ ବିସ୍ମୟକର, ଅଦ୍ଭୁତ, ଆହୁରି ମଧ୍ୟ ଯେହେତୁ ସେ ପରମ ଓ ବିଶ୍ୱାତୀତ ତେଣୁ ସେ ଭୁବନଗୁଡ଼ିକ ମଧ୍ୟରେ ଉପସ୍ଥିତ ରହି ଏବଂ ସେଗୁଡ଼ିକୁ ଅତିକ୍ରମ କରି ସେହି ସକଳ ଭୁବନରେ ଦେବତାମାନଙ୍କ ନାନା ଜନ୍ମରୁ ସୁରକ୍ଷା ପ୍ରଦାନ କରୁଛନ୍ତି, ପାତି ଦେବାନାଂ ଜନିମାନି ଅଦ୍ଭୁତଃ। ବେଦରେ "ଦେବଗଣଙ୍କ ଜନ୍ମ" ଉକ୍ତିଟି ବହୁ ପ୍ରଚଳିତ, ଏହାର ଅର୍ଥ ଏହି ଯେ ଏହି ବିଶ୍ୱ ଭୁବନରେ ଦିବ୍ୟତତ୍ତ୍ୱଗୁଡ଼ିକର ଅଭିବ୍ୟକ୍ତି, ବିଶେଷତଃ ମାନବ ସତ୍ତା ମଧ୍ୟରେ ବହୁବିଧ ରୂପ ସହ ଦେବତାର ରୂପାୟନ। ପୂର୍ବ ଋଚାରେ ଏହି 'ଋଷି' ଏହି 'ଦେବ'ଙ୍କ ବିଷୟରେ କହିଛନ୍ତି ଯେ, ସେ ଏକ ଦିବ୍ୟ ଶିଶୁ, ସେ ଭୁବନ ମଧ୍ୟରେ ତଥା ମାନବ ଚେତନା ମଧ୍ୟରେ ନିହିତ, ସେ ଜନ୍ମଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଠାରେ ଋଷି ତାଙ୍କ ବିଷୟରେ କହୁଛନ୍ତି ଯେ, ସେ ବିଶ୍ୱାତୀତ — ସେ ମାନବ ମଧ୍ୟରେ ନିର୍ମିତ 'ଆନନ୍ଦ'କୁ ସୁରକ୍ଷା ପ୍ରଦାନ କରୁଛନ୍ତି ଏବଂ ଦିବ୍ୟଜ୍ଞାନ ଦ୍ୱାରା ତା' ମଧ୍ୟରେ ଜନ୍ମ ଗ୍ରହଣ କରିଥିବା ଦେବତାର ଆକୃତିକୁ ଶତ୍ରୁମାନଙ୍କ ଆକ୍ରମଣରୁ, ବିଭାଜିକା ଶକ୍ତିଗଣଙ୍କ, ଅରତି-ଶକ୍ତିଗଣଙ୍କ (ଦ୍ୱିଷଃ, ଅରାତିଃ) ଆକ୍ରମଣରୁ, ଯେତେ ଅଦିବ୍ୟ ସେନା ତାମସ ଓ ମିଥ୍ୟାପୂର୍ଣ୍ଣ ସୃଜନଶୀଳ ଜ୍ଞାନରୁ ସୃଷ୍ଟ ତା'ର ସକଳ ରଚନାର ଯାହା ଅଦିବ୍ୟ, ମାୟା (ଅଦେବୀଃ, ମାୟାଃ), ସେହି ସମସ୍ତ ଆକ୍ରମଣରୁ ରକ୍ଷା କରୁଛନ୍ତି।

କାରଣ ଏହି ସକଳ ଆକ୍ରାନ୍ତା ଶତ୍ରୁମାନଙ୍କୁ ସେ ଅନ୍ତଶ୍ଚେତନାର ଜାଲରେ କବଳିତ କରି ନିଅନ୍ତି; ଇନ୍ଦ୍ରିୟଗଣ ଦ୍ୱାରା ଅଗଭୀର ମନ ଦ୍ୱାରା ରଚିତ ବସ୍ତୁଗୁଡ଼ିକ ଅପେକ୍ଷା ବିଶ୍ୱସତ୍ୟ ଓ ବିଶ୍ୱାନୁଭୂତିର ଗଭୀରତର ଓ ସତ୍ୟତର କର୍ମାନୁବନ୍ଧର ସେ ପ୍ରଭୁ। ଏହି ଆନ୍ତର କର୍ମାନୁବନ୍ଧ ଦ୍ୱାରା ସେ ମିଥ୍ୟା, ତାମସ ଓ ବିଭାଜିକା ଶକ୍ତିଗୁଡ଼ିକୁ କରଗତ କରି ସତ୍ୟ, ଜ୍ୟୋତି ଓ ଏକତ୍ୱର ଅଧୀନସ୍ଥ କରନ୍ତି; ଗୃଭ୍ଣାତି ରିପୁଂ ନିଧୟା ନିଧାପତିଃ। ସେହି କାରଣରୁ ମାନବଗଣ ଏହି ଆନ୍ତର ପ୍ରକୃତିର ପରିଚାଳକ ଏହି ଆନନ୍ଦାଧିଷ୍ଠିତ ଦେବଙ୍କ ଦ୍ୱାରା ସୁରକ୍ଷା ପ୍ରାପ୍ତ ହୋଇ ନିଜର ଚିନ୍ତା ଓ କର୍ମକୁ ଏହି ଆନ୍ତର ସତ୍ୟ ଓ ଆଲୋକର ଅନୁବର୍ତ୍ତୀ କରାଇ ପାରନ୍ତି ଏବଂ ସେମାନେ ଆଉ ବାହ୍ୟ କୁଟିଳତାର ଶକ୍ତିଗୁଡ଼ିକ ଦ୍ୱାରା ପଥଚ୍ୟୁତ ହୁଅନ୍ତି ନାହିଁ; ସେମାନେ ଋଜୁ ପନ୍ଥାରେ ଚାଲୁଥା'ନ୍ତି, ସେମାନେ ନିଜ ନିଜ କର୍ମରେ ପୂର୍ଣ୍ଣ ରୂପେ

ଦକ୍ଷ ହୋଇଥା'ନ୍ତି ଏବଂ ଏହି ଆନ୍ତର କ୍ରିୟା ଓ ବାହ୍ୟ କର୍ମର ସତ୍ୟ ଦ୍ୱାରା ସେମାନେ ଅସ୍ତିତ୍ୱର ସମଗ୍ର ମାଧୁର୍ଯ୍ୟକୁ, ଆତ୍ମାର ଖାଦ୍ୟ ସ୍ୱରୂପ ମଧୁ ବା ଆହ୍ଲାଦକୁ ଆସ୍ୱାଦନ କରିବାକୁ ସମର୍ଥ ହୋଇଥା'ନ୍ତି; **ସୁକୃତମା ମଧୁନୋ ଭକ୍ଷମ୍ ଆଶତ** । (ମନ୍ତ୍ର - ୪)

ସୋମ ଇହଲୋକରେ ହବନୀୟ ଦ୍ରବ୍ୟ ରୂପେ, ଦିବ୍ୟ ଭକ୍ଷ୍ୟ, ଆନନ୍ଦ ଓ ଅମୃତତ୍ୱର ମଦ୍ୟ ରୂପେ, ହବିଃ ରୂପେ, ଅଭିବ୍ୟକ୍ତ ହୁଅନ୍ତି, ଏବଂ ଉର୍ଦ୍ଧ୍ୱରେ ସେ ହେଉଛନ୍ତି 'ଦେବ', ସେହି ଦିବ୍ୟ ହବ୍ୟର ଅଧିକାରୀ ସ୍ୱାମୀ (**ହବିଷ୍କୃତଃ**), ବିରାଟ ତଥା ଦିବ୍ୟ ଧାମ, ଅତିଚେତନ ଆନନ୍ଦ ଓ ସତ୍ୟ, **ବୃହତ୍**, ସେହି ସ୍ଥାନରୁ ସୋମମଦ୍ୟ ଆମ ଦିଗରେ ଅବତରି ଆସେ । ଆନନ୍ଦ-ମଦ୍ୟ ରୂପେ ସେ ପରିପାର୍ଶ୍ୱରେ ପରିପ୍ଲାବିତ ହୋଇ ଅଧ୍ୱର ଯଜ୍ଞ ମଧ୍ୟକୁ ପ୍ରବେଶ କରନ୍ତି – ଏହି ଯଜ୍ଞ ହେଉଛି ଜଡ଼ସ୍ତରରୁ ଅତିଚେତନା ପର୍ଯ୍ୟନ୍ତ ମାନବର ବିକାଶ । ସେ ଏହି ଯଜ୍ଞ ମଧ୍ୟକୁ ପ୍ରବେଶ କରି ସ୍ୱର୍ଗୀୟ ଧୂମ୍ର ଆକାଶ (ନଭଃ) ରୂପକ ବସନ ଧାରଣପୂର୍ବକ ଏହାକୁ ଆବେଷ୍ଟନ କରି ରହନ୍ତି । **ହବିଃ ହବିଷ୍କୃ। ମହି ସଦ୍ମ, ନଭୋ ବସାନଃ ପରିୟାସି ଅଧ୍ୱରମ୍** । ମାନସିକ ଅନୁଭୂତି ରୂପକ ଭାସ୍ୱର-ଧୂମ୍ର ଆବରଣକୁ ପରିଧାନ କରି ଦିବ୍ୟ ଆନନ୍ଦ ଆମ ନିକଟକୁ ଆସନ୍ତି ।

ସେହି ଯାତ୍ରା ବା ଯଜ୍ଞୀୟ ଉତ୍ତରଣ ମଧ୍ୟରେ ସେହି ସର୍ବାନନ୍ଦମୟ 'ଦେବ' ହୋଇଯାଆନ୍ତି ଆମ ସକଳ କାର୍ଯ୍ୟକଳାପର ରାଜା, ଆମ ଦିବ୍ୟୀକୃତ ପ୍ରକୃତିର ତଥା ଏହାର ଶକ୍ତିର ଅଧିକାରୀ, ଜ୍ଞାନଦୀପ୍ତ ସଚେତନ ହୃଦୟ ରୂପକ ରଥରେ ଅଧିଷ୍ଠିତ ହୋଇ ସେ ଆରୋହଣ କରନ୍ତି ଅନନ୍ତ ଓ ଅମୃତ ସ୍ତରର ପ୍ରାଚୁର୍ଯ୍ୟ ମଧ୍ୟକୁ । 'ସୂର୍ଯ୍ୟ' ଓ 'ଅଗ୍ନି'ଙ୍କ ପରି ସେ ସହସ୍ରଗୁଣ ପ୍ରୋଜ୍ଜ୍ୱଳ ଶକ୍ତିରେ ଆବେଷ୍ଟିତ ହୋଇ ଅନ୍ତଃପ୍ରେରିତ ସତ୍ୟର, ଅତିଚେତନ ଜ୍ଞାନର ଆୟତନକୁ ଜୟ କରିଥା'ନ୍ତି; **ରାଜା ପବିତ୍ରରଥୋ ବାଜମ୍ ଆରୋହଃ, ସହସ୍ରଭୃଷ୍ଟିଃ ଜୟସି ଶ୍ରବୋ ବୃହତ୍** । ଏଠାରେ ପ୍ରଦତ୍ତ ରୂପକଟି ଏହି ଯେ, ସୌରୋପମ ଶକ୍ତି ଓ ମହିମାସମ୍ପନ୍ନ ଜଣେ ବିଜୟଶ୍ରୀମଣ୍ଡିତ ରାଜା ଏକ ବିଶାଳ ରାଜ୍ୟକୁ ଜୟ କରୁଛନ୍ତି । ବିଶାଳ ସତ୍ୟ-ଚେତନା (ଶ୍ରବସ୍), ଯାହାକୁ ଆଧାର କରି ଅମୃତତ୍ୱର ଅବସ୍ଥା ପ୍ରତିଷ୍ଠିତ, ତାହାରି ମଧ୍ୟରେ ସେ ମନୁଷ୍ୟ ନିମନ୍ତେ ଅମୃତତ୍ୱକୁ ଜୟ କରିଥା'ନ୍ତି । ମନୁଷ୍ୟ ମଧ୍ୟରେ ଗୂଢ଼ ରୂପେ ବିଦ୍ୟମାନ ଏହି 'ଦେବ' ପ୍ରଥମେ ଅନ୍ଧ-ତିମିର ଓ ତା'ପରେ ସନ୍ଧ୍ୟା ଓ ତା'ପରେ 'ଉଷା'ର ମହିମୋଜ୍ଜ୍ୱଳତା ମଧ୍ୟ ଦେଇ ଉର୍ଦ୍ଧ୍ୱକୁ ଆରୋହଣପୂର୍ବକ ସୌରଲୋକସ୍ଥ ସମୃଦ୍ଧିକୁ ପ୍ରବେଶ କରି ସେ ନିଜର ଯଥାର୍ଥ ଆସନକୁ, **ଇତ୍‌ଥା ପଦମ୍ ଅସ୍ୟ**, ଜୟ କରି ନିଅନ୍ତି ।

*

ଏହି ସୂକ୍ତଟି ସହିତ ଋଗ୍‌ବେଦର ନିର୍ବାଚିତ ସୂକ୍ତାବଳି କ୍ରମଣିକାଟିକୁ ମୁଁ ସମାପ୍ତ କରୁଛି । ଏଥିରେ ମୋର ଲକ୍ଷ୍ୟ ଥିଲା ସଂକ୍ଷେପରେ ଯେତେଦୂର ସମ୍ଭବ ଏହା ଦେଖାଇବା ଯେ ବୈଦିକ ଦେବଗଣଙ୍କର ପ୍ରକୃତ କାର୍ଯ୍ୟଧାରା କ'ଣ, ସେମାନଙ୍କ ସତ୍ୟପଥରୁ ବ୍ୟୁତ୍ପନ୍ନ କରୁଥିବା ପ୍ରତୀକଗୁଡ଼ିକର ଅର୍ଥ କ'ଣ, ଯଜ୍ଞର ସ୍ୱଭାବ ଓ ଲକ୍ଷ୍ୟ କ'ଣ, ପ୍ରକୃତ ଉଦାହରଣ ସହିତ ବେଦରହସ୍ୟକୁ ସ୍ପଷ୍ଟ କରିବା । ଉଦ୍ଦେଶ୍ୟମୂଳକ ଭାବେ ମୁଁ ଅଳ୍ପ କିଛି ସଂକ୍ଷିପ୍ତ ତଥା ସରଳ ସୂକ୍ତକୁ ବାଛିଥିଲି — ଯେଉଁ ସୂକ୍ତଗୁଡ଼ିକ ଦୃଷ୍ଟି-ଆକର୍ଷକ ଗାମ୍ଭୀର୍ଯ୍ୟରେ ତଥା ସୂକ୍ଷ୍ମତାରେ ଭରା ଏବଂ ଚିନ୍ତା ଓ ରୂପକଳ୍ପରେ ଜଟିଳ ସେଗୁଡ଼ିକୁ ମୁଁ ଏଠାରେ ଗ୍ରହଣ କରି ନାହିଁ,— ସେହିପରି ଯେଉଁ ସୂକ୍ତଗୁଡ଼ିକ ମନସ୍ତାତ୍ତ୍ୱିକ ଅର୍ଥକୁ ସରଳ ଓ ପୂର୍ଣ୍ଣଭାବେ ଉପରି ଭାଗରେ ରଖିଛନ୍ତି ଏବଂ ଯେଉଁଗୁଡ଼ିକ ନିଜର ଏକାନ୍ତ ଚମତ୍କାରିତା ତଥା ଗମ୍ଭୀରତା ଦ୍ୱାରା ରହସ୍ୟବାଦୀ ତଥା ପୁଣ୍ୟପ୍ରଦ କବିତାଗୁଡ଼ିକର ବାସ୍ତବିକ ସ୍ୱଭାବକୁ ଫୁଟାଇଛନ୍ତି ସେଗୁଡ଼ିକୁ ମୁଁ ଏଠାରେ ଆଣି ନାହିଁ । ଆଶା କରାଯାଉଛି ଯେ ଯେଉଁ ପାଠକମାନେ ଆମର ଏହି ପ୍ରାଚୀନତମ ତଥା ସର୍ବମହାନ୍ କବିତାର ଯଥାର୍ଥ ଅର୍ଥକୁ ଜାଣିବା ପାଇଁ ଏକ ମୁକ୍ତ ମାନସିକତା ସହ ଅଧ୍ୟୟନ କରିବାକୁ ଚାହାନ୍ତି ସେମାନଙ୍କ ନିମନ୍ତେ ଏହି ଉଦାହରଣଗୁଡ଼ିକ ପର୍ଯ୍ୟାପ୍ତ ହେବ । ଏହା ପରେ ସାମାନ୍ୟ ସ୍ୱଭାବର ଅନ୍ୟ ସୂକ୍ତଗୁଡ଼ିକର ଅନୁବାଦ ଆମକୁ ଦେଖାଇ ଦେବ ଯେ ଏହି ସମସ୍ତ ବିଚାର ଋଗ୍‌ବେଦର କେତେ ଜଣ ଋଷିଙ୍କ ସର୍ବୋଚ୍ଚ ବିଚାର କେବଳ ନୁହେଁ ପରନ୍ତୁ ଏଥିରେ ରହିଛି ଋଗ୍‌ବେଦର ବ୍ୟାପକ ଅର୍ଥ ଓ ଶିକ୍ଷା ।

(ଦ୍ୱିତୀୟ ଭାଗ ସମାପ୍ତ)